ବ୍ୟୁରୋ

ଉଚ୍ଚ ମାଧ୍ୟମିକ

# ଭାରତ ଇତିହାସ

**ଦ୍ୱାଦଶ ଶ୍ରେଣୀ**

(ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଦ୍ୱାରା ନିର୍ଦ୍ଧାରିତ)


ଲେଖକ ମଣ୍ଡଳୀ

**ପ୍ରଫେସର ପ୍ରୀତୀଶ ଆଚାର୍ଯ୍ୟ**
ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ
ଭୁବନେଶ୍ୱର

**ଡକ୍ଟର ଫଣିନ୍ଦ୍ରମ୍ ଦେଓ**
ଅବସରପ୍ରାପ୍ତ ଅଧ୍ୟକ୍ଷ
ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ନୂଆପଡ଼ା

**ଡକ୍ଟର ଲକ୍ଷ୍ମୀକାନ୍ତ ମିଶ୍ର**
ସହଯୋଗୀ ପ୍ରଫେସର
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

**ଡକ୍ଟର (ଶ୍ରୀମତୀ) ସସ୍ମିତା ତ୍ରିପାଠୀ**
ସହଯୋଗୀ ପ୍ରଫେସର
ରାଜଧାନୀ ମହାବିଦ୍ୟାଳୟ, ଭୁବନେଶ୍ୱର

**ପ୍ରଫେସର ଅଶୋକ କୁମାର ପଟ୍ଟନାୟକ**
ଅବସରପ୍ରାପ୍ତ ପ୍ରଫେସର
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର



ପ୍ରକାଶକ

**ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା**

ପୁସ୍ତକ ଭବନ, ଭୁବନେଶ୍ୱର

# Bureau's

## Uchamadhyamika - Bharat Itihasa

**(Prescribed by the Council of Higher Secondary Education, Odisha)**

Published under the scheme of production of books and literature in Regional Language at the University level sponsored by the Commission for Scientific and Technical Terminology, Ministry of Human Resource Development (Department of Higher Education) Govt. of India, New Delhi.

First Edition : 2017

Publication No. : 581

ISBN : 978-81-8005-392-4

*Published by :*
**The Odisha State Bureau of Textbook Preparation and Production**
Pustak Bhavan, Bhubaneswar, Odisha, India
© All rights reserved by the publisher.

*DTP :*
Print-Tech Offset Pvt. Ltd., Bhubaneswar

*Printing :*
Jagannath Process Pvt. Ltd., Cuttack

**Price : ₹ 110/-**

# ଅଗ୍ରଲେଖ

ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର +୨ ଶ୍ରେଣୀର ପାଠ୍ୟସୂଚୀ ଅନୁଯାୟୀ ପରୀକ୍ଷାର୍ଥୀମାନଙ୍କ ପାଇଁ ଇତିହାସ (କଳା ବିଭାଗ) ଏକ ବିଷୟ। ସେହି ଶିକ୍ଷାର୍ଥୀମାନଙ୍କର ସୁବିଧା ପାଇଁ ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା ତରଫରୁ ଏହି ପୁସ୍ତକ ପ୍ରକାଶ କରାଯାଇଛି। ଉକ୍ତ ପୁସ୍ତକର ପ୍ରତ୍ୟେକ ଅଧ୍ୟାୟ ରାଜ୍ୟର ଅଭିଜ୍ଞ ତଥା ବିଶିଷ୍ଟ ଇତିହାସ ଅଧ୍ୟାପକମଣ୍ଡଳୀଙ୍କ ଦ୍ୱାରା ଲିଖିତ। ସେହି ଅଧ୍ୟାପକମାନଙ୍କର କଷ୍ଟଲବ୍ଧ, ଗବେଷଣାତ୍ମକ ତଥ୍ୟ ଦ୍ୱାରା ପୁସ୍ତକର ପ୍ରତ୍ୟେକ ଅଧ୍ୟାୟ ପରିପୁଷ୍ଟ। ଏହା ସରଳ ଭାଷା ଓ ସାବଲୀଳ ଭଙ୍ଗୀରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଲେଖାଯାଇଛି। ପ୍ରତ୍ୟେକ ଅଧ୍ୟାୟରେ ମଧ୍ୟ ଆଦର୍ଶ ପ୍ରଶ୍ନାବଳୀ ସଂଯୋଜିତ କରାଯାଇଛି। ଏହାଦ୍ୱାରା ଛାତ୍ରଛାତ୍ରୀମାନଙ୍କ ଜ୍ଞାନକୁ ପରୀକ୍ଷା କରାଯାଇ ପାରିବ।

ଏହି ଅବସରରେ ମୁଁ ଏହି ବହିର ଲେଖକ ପ୍ରଫେସର ଅଶୋକ କୁମାର ପଟ୍ଟନାୟକ (ଏକାଦଶ ଓ ତ୍ରୟୋଦଶ ଅଧ୍ୟାୟ), ପ୍ରଫେସର ପ୍ରୀତୀଶ ଆଚାର୍ଯ୍ୟ (ଦ୍ୱାଦଶ, ଚର୍ତୁଦଶ, ପଞ୍ଚଦଶ, ଷୋଡ଼ଶ ଓ ସପ୍ତଦଶ ଅଧ୍ୟାୟ), ଡକ୍ଟର ଫଣିନ୍ଦମ ଦେଓ (ସପ୍ତମ, ଅଷ୍ଟମ, ନବମ ଓ ଦଶମ ଅଧ୍ୟାୟ), ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ (ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଅଧ୍ୟାୟ) ଓ ଡକ୍ଟର ସସ୍ମିତା ତ୍ରିପାଠୀ (ଚତୁର୍ଥ, ପଞ୍ଚମ ଓ ଷଷ୍ଠ ଅଧ୍ୟାୟ)ଙ୍କ ମହନୀୟ ଉଦ୍ୟମ ନିମନ୍ତେ ସାଧୁବାଦ ଜଣାଉଛି। ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା ସେମାନଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି।

ଆଶା କରାଯାଏ ଏହି ପୁସ୍ତକ ରାଜ୍ୟର ଛାତ୍ରଛାତ୍ରୀ ତଥା ଅଧ୍ୟାପକ ଅଧ୍ୟାପିକାମାନଙ୍କର ଆବଶ୍ୟକତାକୁ ପୂରଣ କରିବ। ପୁସ୍ତକ ଉପରେ ନାନା ପ୍ରକାର ପରାମର୍ଶ ଏବଂ ମତାମତ ପାଠକପାଠିକାମାନଙ୍କଠାରୁ ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଏବଂ ପ୍ରକାଶନ ସଂସ୍ଥା ଆନନ୍ଦର ସହିତ ଗ୍ରହଣ କରିବ।

**ଶ୍ରୀ ଉମାକାନ୍ତ ତ୍ରିପାଠୀ**
ନିର୍ଦ୍ଦେଶକ
ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା,
ଭୁବନେଶ୍ୱର

# ମୁଖଶାଳା

ଭାରତ ଇତିହାସ ପୃଥିବୀ ଇତିହାସର ଅଂଶବିଶେଷ। ବିଭିନ୍ନ ତଥ୍ୟାବଳୀ ଉପରେ ଆଧାରିତ ଭାରତର ଇତିହାସ ବିଭିନ୍ନ ଐତିହାସିକଙ୍କର କଷ୍ଟଲବ୍ଧ ଜ୍ଞାନଦ୍ୱାରା ପରିପୁଷ୍ଟ। ପୂର୍ବରୁ ଐତିହାସିକମାନେ ଅତୀତର ଇତିହାସ ଉନ୍ମୋଚନ ପାଇଁ କେବଳ ଉପାଦାନ ବା ତଥ୍ୟାବଳୀର ସଂଯୋଗ କରୁଥିଲେ। କିନ୍ତୁ ବର୍ତ୍ତମାନ ଐତିହାସିକମାନେ ଅତୀତ ସମ୍ପର୍କୀୟ ତଥ୍ୟଗୁଡ଼ିକର ବିଭିନ୍ନ ବ୍ୟାଖ୍ୟା ଓ ବିଚାର ପରେ ଅତୀତର ପ୍ରକୃତ ଚିତ୍ର ଆଲୋକକୁ ଆଣିପାରୁଛନ୍ତି। ତଥ୍ୟମାନଙ୍କର ସଂଗ୍ରହ ଏବଂ ବିଭିନ୍ନ ବିଶ୍ଳେଷଣାତ୍ମକ ପଦ୍ଧତି ବଳରେ ଅତୀତର ପୁନର୍ଗଠନ ହୋଇପାରିଛି। ପ୍ରତ୍ନତାତ୍ତ୍ୱିକ ଭୂଖନନ ବଳରେ ଭାରତର ସର୍ବପ୍ରାଚୀନ ସଭ୍ୟତା ଆଲୋକକୁ ଆସିପାରିଛି। ଐତିହାସିକ, ଗବେଷକ, ପ୍ରତ୍ନତତ୍ତ୍ୱବିଦ୍ ଏବଂ ଲିପିତତ୍ତ୍ୱବିତ୍‌ମାନଙ୍କ ଉଦ୍ୟମ ଯୋଗୁଁ ଭାରତ ଇତିହାସର ଅନେକ ଶୂନ୍ୟସ୍ଥାନ ପୂରଣ ହୋଇଗଲାଣି। ତଥାପି ଆହୁରି ଅନେକ ସମସ୍ୟା ସମାଧାନ ପାଇଁ ଉଦ୍ୟମ ଚାଲୁ ରହିଛି।

ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା ତରଫରୁ ଉଚ୍ଚ ମାଧ୍ୟମିକ ଶିକ୍ଷାବୋର୍ଡ଼ର କଳା ଛାତ୍ରଛାତ୍ରୀମାନଙ୍କ ପାଇଁ 'ଭାରତ ଇତିହାସ' ପ୍ରଣୟନ କରିବା ଆମ୍ଭମାନଙ୍କ ପକ୍ଷରେ ଏକ ଗୌରବର କଥା। ଏହି ପାଠ୍ୟପୁସ୍ତକକୁ ସମ୍ପୂର୍ଣ୍ଣ, ସଂକ୍ଷିପ୍ତ, ବିଶ୍ଳେଷଣାତ୍ମକ ତଥା ବୋଧଗମ୍ୟ କରିବା ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ଭାରତ ଇତିହାସ (ଏଥିରେ ଓଡ଼ିଶା ଇତିହାସର କିଛି ଅଂଶ ମଧ୍ୟ ସନ୍ନିବେଶିତ) ଉପରେ ମୌଳିକ ଧାରଣା +୨ ଛାତ୍ରଛାତ୍ରୀମାନଙ୍କୁ ଯୋଗାଇଦେବା ଏହି ପୁସ୍ତକ ରଚନାର ମୂଳ ଉଦ୍ଦେଶ୍ୟ। ଏହାର ପଠନ ଦ୍ୱାରା ସେମାନେ ଅତୀତ ଭାରତର ଗୌରବମୟ ସଂସ୍କୃତି ଦ୍ୱାରା ଅନୁପ୍ରାଣିତ ହେବେ। ପ୍ରତ୍ୟେକ ଅଧ୍ୟାୟର ସରଳ ବିଶ୍ଳେଷଣ କରାଯିବା ସହିତ ଅନାବଶ୍ୟକ ପ୍ରସଙ୍ଗକୁ ବାଦ୍ ଦିଆଯାଇଛି। ପ୍ରତ୍ୟେକ ବିଷୟ ଉପରେ ଆଦର୍ଶ ପ୍ରଶ୍ନମାନ ଶେଷରେ ଦିଆଯାଇଛି। ଆଶା କରାଯାଏ ଛାତ୍ରଛାତ୍ରୀ ଏହାଦ୍ୱାରା ଉପକୃତ ହେବେ।

ଏହି ପୁସ୍ତକ ପ୍ରଣୟନ ନିମନ୍ତେ ଲେଖକମଣ୍ଡଳୀ ବହୁ ପ୍ରାମାଣିକ ତଥ୍ୟ ଏବଂ ଭାରତ ଇତିହାସ ସମ୍ପର୍କିତ ଗ୍ରନ୍ଥଗୁଡ଼ିକର ସହଯୋଗ ନେଇଛନ୍ତି। ତେଣୁ ସେହି ଗ୍ରନ୍ଥଗୁଡ଼ିକର ଲେଖକଲେଖିକାଙ୍କ ନିକଟରେ ଆମେ କୃତଜ୍ଞ। ପୁସ୍ତକ ରଚନା କରିବା ପାଇଁ ସୁଯୋଗ ଦେଇଥିବାରୁ ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥାର ନିର୍ଦ୍ଦେଶକ ଏବଂ ଅନ୍ୟାନ୍ୟ ଅଧିକାରୀମାନଙ୍କ ନିକଟରେ ଲେଖକମଣ୍ଡଳୀ କୃତଜ୍ଞ। ଏହି ସଂସ୍ଥାର କର୍ମଚାରୀ ଓ ଅଧିକାରୀମାନଙ୍କ ସହଯୋଗ ପାଇଁ ଲେଖକମଣ୍ଡଳୀ ସେମାନଙ୍କୁ ସାଧୁବାଦ ଜଣାଉଛି। ପୁସ୍ତକରେ କେତେକ ମୁଦ୍ରଣଜନିତ ତ୍ରୁଟି ରହିଥାଇପାରେ, ସେ ନିମନ୍ତେ ପାଠକପାଠିକାମାନଙ୍କଠାରୁ କ୍ଷମା ଆଶା କରୁଛୁ। ପୁସ୍ତକ ଉପରେ ଗଠନାତ୍ମକ ସମାଲୋଚନା ଲେଖକମଣ୍ଡଳୀ ଆବଶ୍ୟକ କରେ। ଛାତ୍ରଛାତ୍ରୀ ତଥା ଅଧ୍ୟାପକ ଅଧ୍ୟାପିକାମାନେ ଏହି ପୁସ୍ତକକୁ ବ୍ୟବହାର କରି ଉପକୃତ ହେଲେ ଲେଖକମଣ୍ଡଳୀଙ୍କର ଶ୍ରମ ସାର୍ଥକ ହେବ।

*- ଲେଖକ ମଣ୍ଡଳୀ*

# HISTORY OF INDIA

## (Class - XII)

### UNIT - I

1. Sources of Indian History : Archaeological, Literary , Foreign Accounts, Archival
2. Foundation of Indian Culture :
   (a) Harappan Culture : Geographical Extent, Town Planning, Structures, Agriculture, Domestication of Animals, Technology and Craft, Trade, Contact with distant lands, Scripts, Weights, Measurement, Religious beliefs, Seals.
   (b) Rig Vedic and Later Vedic Age : Socio-economic life, Political Organisation and Religious Beliefs, Position of Women
3. The Earliest States: Sixteen Mahajanapadas.

### UNIT - II

1. Religious Movements of Sixth Century B.C.- Jainism and Buddhism: A critical evaluation of the Teachings, Contributions to Indian Culture.
2. Kalinga War - Causes and Effect; Mauryan Administration
3. Cultural Attainment of the Gupta Age.

### UNIT - III

1. Perceptions of society through the eyes of the Travellers ($10^{th}$ to $17^{th}$ centuries)
   (a) Al-Biruni
   (b) Ibn Battuta
   (c) Francois Bernier
2. Delhi Sultanate : Nature of State, Social Structure, Position of Women.
3. Culture of the Mughal Age : Social Structure, Position of Women, Art and Architecture, Paintings, Din-I-Ilahi
4. Sufi and Bhakti Movements : Tenets, Impact on Indian Society

**UNIT - IV**

1. British Economic Policies in India (1757-1857) : Commercial Policy, Drain of Wealth, Development of Means of Transport and Communication, Revenue Policy.

2. Revolts against British Colonialism - Sanyasi Rebellian, Khurda Rebellion of 1817, Santal Rebellion (1855-56), The Great Indian Revolt of 1857 : Nature, Causes and Consequences.

3. Mahatma Gandhi and National Struggle for Independence :
   - (a) Non-Co-operation Movement and its response in Odisha.
   - (b) Civil-Disobedience Movement and its response in Odisha.
   - (c) Quit India Movement and its response in Odisha.

**UNIT - V**

1. Colonial Cities - Urbanisation, Planning and Architecture:
   - (a) Towns and Cities in Pre-colonial times.
   - (b) Changes in 18th century.
   - (c) Trends of changes in the 19th century
   - (d) Ports, Forts and Centres for Services
   - (e) A new urban milieu
   - (f) The First Hill Stations
   - (g) Social life in new cities
   - (h) Colonial Architecture in Calcutta (Kolkata), Bombay (Mumbai) and Madras (Chennai)

2. Formation of the Province of Odisha
   - (a) Movement of Linguistic Identity
   - (b) Events leading to the formation of the Province

3. Contributions of (a) Madhusudan Das, Gopabandhu Das, Krushna Chandra Gajapati, (b) Sarala Devi, Rama Devi and Malati Devi

4. Framing the Indian Constitution
   - (a) Making of the Constituent Assembly
   - (b) Vision of the Constitution
   - (c) Salient features

# ବିଷୟ ସୂଚୀ


| ଅଧ୍ୟାୟ | ବିଷୟ | ପୃଷ୍ଠା |
|---|---|---|
| ପ୍ରଥମ ଅଧ୍ୟାୟ : | ଭାରତ ଇତିହାସର ଉପାଦାନ: ପ୍ରତ୍ନତାତ୍ତ୍ୱିକ, ସାହିତ୍ୟିକ, ବୈଦେଶିକ ବିବରଣୀ ଓ ଅଭିଲେଖାଗାରୀୟ ତଥ୍ୟ | ୧ - ୧୨ |
| ଦ୍ୱିତୀୟ ଅଧ୍ୟାୟ : | (କ) ଭାରତୀୟ ସଂସ୍କୃତିର ମୂଳଭିତ୍ତି<br>(ଖ) ଋକ୍ ବୈଦିକ ଓ ପରବର୍ତ୍ତୀ ବୈଦିକ ଯୁଗ: ସାମାଜିକ, ଅର୍ଥନୈତିକ ଜୀବନ, ରାଜନୈତିକ ସଙ୍ଗଠନ, ଧର୍ମୀୟ ବିଶ୍ୱାସ ଓ ନାରୀର ସ୍ଥିତି | ୧୩ - ୪୪ |
| ତୃତୀୟ ଅଧ୍ୟାୟ : | ପ୍ରାଚୀନ ରାଜ୍ୟ ଗଠନ ଓ ଷୋଡ଼ଶ ମହାଜନପଦ | ୪୫ - ୫୨ |
| ଚତୁର୍ଥ ଅଧ୍ୟାୟ : | ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀର ଧର୍ମ ସଂସ୍କାର ଆନ୍ଦୋଳନ: ଜୈନ ଧର୍ମ ଓ ବୌଦ୍ଧ ଧର୍ମ | ୫୩ - ୬୭ |
| ପଞ୍ଚମ ଅଧ୍ୟାୟ : | କଳିଙ୍ଗ ଯୁଦ୍ଧ - କାରଣ ଓ ପରିଣାମ, ମୌର୍ଯ୍ୟ ଶାସନ | ୬୮ - ୭୬ |
| ଷଷ୍ଠ ଅଧ୍ୟାୟ : | ଗୁପ୍ତ ଯୁଗର ସାଂସ୍କୃତିକ ଉପଲବ୍ଧି | ୭୭ - ୮୬ |
| ସପ୍ତମ ଅଧ୍ୟାୟ : | ପରିବ୍ରାଜକଙ୍କ ଦୃଷ୍ଟିରେ ଭାରତୀୟ ସମାଜ | ୮୭ - ୯୮ |
| ଅଷ୍ଟମ ଅଧ୍ୟାୟ : | ଦିଲ୍ଲୀରେ ସୁଲତାନୀ ଶାସନ: ରାଷ୍ଟ୍ରର ସ୍ୱରୂପ, ସାମାଜିକ ବ୍ୟବସ୍ଥା ଓ ନାରୀର ସ୍ଥିତି | ୯୯ - ୧୦୮ |
| ନବମ ଅଧ୍ୟାୟ : | ମୋଗଲ ଯୁଗର ସଂସ୍କୃତି : ସାମାଜିକ ବ୍ୟବସ୍ଥା, ନାରୀର ସ୍ଥାନ, କଳା ଓ ସ୍ଥାପତ୍ୟ, ଚିତ୍ରକଳା, ଦିନ୍-ଇ-ଇଲାହୀ | ୧୦୯ - ୧୨୦ |

| ଅଧ୍ୟାୟ | ବିଷୟ | ପୃଷ୍ଠା |
|---|---|---|
| **ଦଶମ ଅଧ୍ୟାୟ :** | ସୁଫି ଓ ଭକ୍ତି ଆନ୍ଦୋଳନ: ମତବାଦ, ଭାରତୀୟ ସମାଜ ଉପରେ ଏହାର ପ୍ରଭାବ | **୧୨୧ - ୧୩୧** |
| **ଏକାଦଶ ଅଧ୍ୟାୟ :** | ଭାରତରେ ଇଂରେଜ ଆର୍ଥିକ ନୀତି (୧୭୫୭ରୁ ୧୮୫୭) | **୧୩୨ - ୧୫୨** |
| **ଦ୍ୱାଦଶ ଅଧ୍ୟାୟ :** | ଇଂରେଜ ଉପନିବେଶବାଦ ବିରୁଦ୍ଧରେ ବିଦ୍ରୋହ | **୧୫୩ - ୧୬୯** |
| **ତ୍ରୟୋଦଶ ଅଧ୍ୟାୟ :** | ମହାତ୍ମା ଗାନ୍ଧୀ ଓ ସ୍ୱାଧୀନତା ସଂଗ୍ରାମ | **୧୭୦ - ୨୦୩** |
| **ଚତୁର୍ଦ୍ଦଶ ଅଧ୍ୟାୟ :** | ଔପନିବେଶିକ ନଗର, ନଗରୀକରଣ, ଯୋଜନା ଓ ସ୍ଥାପତ୍ୟ | **୨୦୪ - ୨୧୯** |
| **ପଞ୍ଚଦଶ ଅଧ୍ୟାୟ :** | ଓଡ଼ିଶା ପ୍ରଦେଶ ଗଠନ | **୨୨୦ - ୨୩୬** |
| **ଷୋଡ଼ଶ ଅଧ୍ୟାୟ :** | ଆଧୁନିକ ଓଡ଼ିଶା: ବ୍ୟକ୍ତି ଓ ବିଚାର | **୨୩୭ - ୨୫୩** |
| **ସପ୍ତଦଶ ଅଧ୍ୟାୟ :** | ଭାରତୀୟ ସମ୍ବିଧାନର ପ୍ରଣୟନ | **୨୫୪ - ୨୬୮** |


❑●❑

ପ୍ରଥମ ଅଧ୍ୟାୟ :

# ଭାରତ ଇତିହାସର ଉପାଦାନ : ପ୍ରତ୍ନତାତ୍ତ୍ୱିକ, ସାହିତ୍ୟିକ, ବୈଦେଶିକ ବିବରଣୀ ଓ ଅଭିଲେଖାଗାରୀୟ

## (Sources of Indian History : Archaeological, Literary, Foreign Accounts and Archival)

---

ଇତିହାସ ଅତୀତର ସତ୍ୟ ଘଟଣା ଉପରେ ପର୍ଯ୍ୟବେସିତ। ଏହାର ରଚନା ଓ ଅଧ୍ୟୟନ ପାଇଁ ମୌଳିକ ଉପାଦାନ ବା ମୂଳ ଉତ୍ସର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଉପାଦାନ ବିନା ଇତିହାସ ଲିଖନ ଅସମ୍ଭବ। ଉପାଦାନ ହିଁ ସତ୍ୟ ଘଟଣାର ଅନାବରଣ କରିଥାଏ। ଗ୍ରୀସ୍ ଓ ରୋମ୍ ଭଳି ପ୍ରାଚୀନ ଭାରତରେ ବିଧିବଦ୍ଧ ଭାବରେ ଇତିହାସ ଲେଖାଯାଇନଥିଲା। ହେରୋଡଟସ୍ ଗ୍ରୀସ୍‌ରେ ଇତିହାସ ରଚନାର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ସେ 'ଇତିହାସର ଜନକ' ନାମରେ ପରିଚିତ। ତାଙ୍କ ପରେ ଥୁସିଡାଇଡିସ୍ ଇତିହାସ ରଚନାର ଧାରାକୁ ତଥ୍ୟନିଷ୍ଠ କରି ତୋଳିଥିଲେ। ରୋମ ପ୍ରାଚୀନ ଇତିହାସ ରଚନାରେ ଲିଭି ଓ ଟାସିଟସ୍ ପ୍ରମୁଖ ସ୍ଥାନ ଅଧିକାର କରିଛନ୍ତି। ମାତ୍ର ପ୍ରାଚୀନ ଭାରତରେ ସେଭଳି କୌଣସି ଐତିହାସିକ ଦୃଷ୍ଟିଗୋଚର ହୁଅନ୍ତି ନାହିଁ, କାରଣ ପ୍ରାଚୀନ ଭାରତରେ ଇତିହାସ ରଚନାକୁ ସେଭଳି ଗୁରୁତ୍ୱ ଦିଆଯାଇନଥିଲା। ପଦ୍ୟଧାରାରେ ଇତିହାସର ଘଟଣାବଳୀଗୁଡ଼ିକୁ ଲେଖାଯାଉଥିଲା। ତେବେ ଭାରତ ଇତିହାସ ରଚନା କରିବା ପାଇଁ ଆବଶ୍ୟକ କେତେକ ନିର୍ଭରଯୋଗ୍ୟ ଉପାଦାନ ଉପଲବ୍ଧ ହୁଏ। ଏହି ଉପାଦାନଗୁଡ଼ିକ ବିଭିନ୍ନ ପ୍ରକାରର ଓ ବିଭିନ୍ନ ସ୍ଥାନରୁ ମିଳିଥାଏ। ପ୍ରାଚୀନ ଯୁଗ, ମଧ୍ୟଯୁଗ ଓ ଆଧୁନିକ ଯୁଗର ଇତିହାସ ଅଧ୍ୟୟନ ପାଇଁ ଏହି ଉପାଦାନଗୁଡ଼ିକର ଆବଶ୍ୟକତା ରହିଛି। ଏହି ଉପାଦାନଗୁଡ଼ିକୁ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରାଯାଇପାରେ। ସେଗୁଡ଼ିକ ହେଲା- ପ୍ରତ୍ନତାତ୍ତ୍ୱିକ ଉପାଦାନ, ସାହିତ୍ୟିକ ଉପାଦାନ ଓ ଅଭିଲେଖାଗାରୀୟ ଉପାଦାନ।

### ପ୍ରତ୍ନତାତ୍ତ୍ୱିକ ଉପାଦାନ (Archaeological Source) :

ଆକ୍ଷରିକ ଅର୍ଥରେ ଏହା ପୁରାତାତ୍ତ୍ୱିକ ଅବଶେଷର ଅଧ୍ୟୟନକୁ ବୁଝାଇଥାଏ, ଯାହା ମାଟି ଉପରେ ଓ ମାଟିତଳେ ଦୃଷ୍ଟିଗୋଚର ହୋଇଥାଏ। ସର୍ବେକ୍ଷଣ ଓ ଖନନ ପ୍ରକ୍ରିୟା ଦ୍ୱାରା ଏହା ଲୋକଲୋଚନକୁ ଆସିଥାଏ।

ଏଗୁଡ଼ିକର ଉପଯୁକ୍ତ ବିଶ୍ଳେଷଣ ଦ୍ୱାରା ଆବଶ୍ୟକ ତଥ୍ୟ ଐତିହାସିକଙ୍କୁ ମିଳିଥାଏ। ଏହାକୁ ପ୍ରତ୍ନତାତ୍ତ୍ୱିକ ଉପାଦାନ କୁହାଯାଏ। ୧୭୮୪ ମସିହାରେ ବଙ୍ଗରେ 'ଏସିଆଟିକ ସୋସାଇଟି' ପ୍ରତିଷ୍ଠା ହେବା ଫଳରେ ପ୍ରତ୍ନତାତ୍ତ୍ୱିକ କ୍ଷେତ୍ରରେ ଅନେକ ଗବେଷଣା କରାଯାଇଥିଲା। ପ୍ରତ୍ନତାତ୍ତ୍ୱିକ ଉପାଦାନକୁ ବିଭିନ୍ନ ଭାଗରେ ବିଭକ୍ତ କରାଯାଇଥାଏ। ଯଥା- (୧) ଅଭିଲେଖ, (୨) ମୁଦ୍ରା, (୩) କୀର୍ତ୍ତିସ୍ତମ୍ଭ, (୪) କଳା ଓ ସ୍ଥାପତ୍ୟ, (୫) ପ୍ରତ୍ନତାତ୍ତ୍ୱିକ ଖନନ।

**ଅଭିଲେଖ :** ଅଭିଲେଖ କହିଲେ, ପ୍ରସ୍ତର, ସ୍ତମ୍ଭ, ମନ୍ଦିର କାନ୍ଥ, ଗୁମ୍ଫା ବା ତାମ୍ର ଫଳକରେ ବିଭିନ୍ନ ପ୍ରାଚୀନ ଲିପିରେ ଲେଖାଯାଇଥିବା ବିଷୟକୁ ବୁଝାଇଥାଏ। ଏହାର ଅଧ୍ୟୟନକୁ ପୁରାଲେଖ ତତ୍ତ୍ୱ (Epigraphy) କୁହାଯାଇଥାଏ। ଅଭିଲେଖରେ ଅତୀତର ଘଟଣାମାନ ପ୍ରତିଫଳିତ ହୋଇଥାଏ। ରାଜାମାନଙ୍କର ବଂଶାବଳୀ ଓ ପରିଚୟ ତଥା ଶାସନକାଳ, ରାଜ୍ୟଜୟ, ଶାସନ ବ୍ୟବସ୍ଥା, ଧର୍ମନୀତି, ତଥା ସମସାମୟିକ ସାମାଜିକ ଓ ଅର୍ଥନୈତିକ ଅବସ୍ଥା ଉପରେ ଅଭିଲେଖମାନ ଆଲୋକପାତ କରିଥାଆନ୍ତି। ଅଭିଲେଖକୁ ଉପାଦାନ ଭାବରେ ଗ୍ରହଣ କରିବା ସମୟରେ ସାଧାରଣତଃ ତିନିଗୋଟି ଦିଗ ଉପରେ ଦୃଷ୍ଟି ଦିଆଯାଇଥାଏ। ସେଗୁଡ଼ିକ ହେଲା- ମିଳିଥିବା ସ୍ଥାନ, ଉଲ୍ଲିଖିତ ତଥ୍ୟର ଅଧ୍ୟୟନ ଓ ଏହାର ବ୍ୟାଖ୍ୟା । ବିଭିନ୍ନ ସମୟରେ ଅଭିଲେଖଗୁଡ଼ିକ ବିଭିନ୍ନ ଭାଷାରେ ଲେଖାଯାଇଥିବା ଜଣାଯାଏ। ଅଶୋକଙ୍କ ସମୟର ଅଭିଲେଖଗୁଡ଼ିକ ମୁଖ୍ୟତଃ ବ୍ରାହ୍ମି ଲିପିରେ ଲେଖାଯାଇଥିଲେହେଁ କେତେକ ଅଭିଲେଖରେ 'ଖରୋଷ୍ଠି' ଲିପି ଓ 'ଗ୍ରୀକ୍' ଓ 'ଆରବୀୟ' ଲିପିର ବ୍ୟବହାର ମଧ୍ୟ ଦେଖିବାକୁ ମିଳେ। ଏଗୁଡ଼ିକରେ ପ୍ରାକୃତ ଭାଷା ବ୍ୟବହାର କରାଯାଇଥିଲା। ଦ୍ୱିତୀୟ ଶତାବ୍ଦୀଠାରୁ ଅଭିଲେଖଗୁଡ଼ିକରେ ସଂସ୍କୃତ ଭାଷାର ବ୍ୟବହାର ଦେଖିବାକୁ ମିଳେ। ହରପ୍ପା ସଭ୍ୟତାରୁ ମିଳିଥିବା ମୋହରମାନଙ୍କରେ କିଛି ଲେଖା ଦୃଷ୍ଟିଗୋଚର ହୁଏ, ଯାହା ଏପର୍ଯ୍ୟନ୍ତ ସଠିକ୍ ରୂପେ ପାଠ କରାଯାଇପାରିନାହିଁ। ପ୍ରାଚୀନ ଭାରତର ଇତିହାସ ଅଧ୍ୟୟନ ପାଇଁ ଅଭିଲେଖ ବର୍ଣ୍ଣିତ ତଥ୍ୟ ଗୁରୁତ୍ୱପୂର୍ଣ୍ଣ।

ଅଭିଲେଖଗୁଡ଼ିକରେ ଥିବା ପ୍ରଶସ୍ତିମାନଙ୍କରେ ରାଜାମାନଙ୍କର ଗୁଣଗାନ କରାଯାଇଛି। ଏହି ଗୁଣଗାନ ସହିତ ରାଜାଙ୍କର ବଂଶ ପରିଚୟ, ଶାସନ ଓ ରାଜ୍ୟଜୟ ବିଷୟରେ ମଧ୍ୟ ଏଥିରୁ ସୂଚନା ମିଳିଥାଏ। ଏହାର ମୁଖ୍ୟ ଉଦାହରଣ ହେଉଛି ପ୍ରୟାଗ ପ୍ରଶସ୍ତି। ଏହା ସମୁଦ୍ରଗୁପ୍ତଙ୍କ ଯୁଦ୍ଧ ଓ ଶାନ୍ତି ବ୍ୟାପାର ମନ୍ତ୍ରୀ (ସନ୍ଧିବିଗ୍ରହିକ) ହରିସେନଙ୍କ ପୃଷ୍ଠପୋଷକତାରେ ଲେଖାଯାଇଥିଲା। ଏଥିରେ ସମୁଦ୍ରଗୁପ୍ତଙ୍କ ସିଂହାସନ ଆରୋହଣ, ରାଜ୍ୟଜୟ ଓ ଧର୍ମନୀତି ବିଷୟରେ ଅନେକ ତଥ୍ୟ ରହିଛି। ନାସିକ୍ ଅଭିଲେଖ, ହାତୀଗୁମ୍ଫା ଅଭିଲେଖ ଓ ଐହୋଲ୍ ଅଭିଲେଖ ମଧ୍ୟ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ। ଅନେକ ଅଭିଲେଖରେ ଧର୍ମ ବିଷୟରେ ବର୍ଣ୍ଣନା କରାଯାଇଛି। ଅଶୋକଙ୍କର ଅନେକ ଅଭିଲେଖ ତାଙ୍କ ପ୍ରଣୀତ ଧମ୍ମ ଉପରେ ଆଧାରିତ ଏବଂ ଅନ୍ୟ କେତେକ ଅଭିଲେଖରେ ଶାସନ ବ୍ୟବସ୍ଥା ବିଷୟରେ ବର୍ଣ୍ଣନା କରାଯାଇଛି। ଭୁବନେଶ୍ୱର ନିକଟସ୍ଥ ଧଉଳି ଓ ଗଞ୍ଜାମ ଜିଲ୍ଲାର ଜଉଗଡ଼ ଅଭିଲେଖ ଅଶୋକଙ୍କ ଶାସନ ନୀତି ବିଷୟରେ ସୂଚନା ଦେଇଥାଏ। ପ୍ରାଚୀନ ଭାରତର ଅଭିଲେଖ ମଧ୍ୟରୁ ତାମ୍ର ଫଳକମାନଙ୍କରେ ଭୂମିଦାନ ବିଷୟରେ କୁହାଯାଇଛି। ଭୂମିଦାନ ଅଭିଲେଖରେ ଭୂମିର ପରିମାଣ, ରାଜାଙ୍କର ନାମ ଓ ସମୟ ରହିଥାଏ ଓ ଏଥିରେ ଅର୍ଥନୈତିକ ଅବସ୍ଥା ପ୍ରତିଫଳିତ ହୋଇଥାଏ। ଓଡ଼ିଶାରେ ଏହି ପ୍ରକାର ଅଭିଲେଖ ବହୁଳ ଭାବରେ ଦେଖିବାକୁ ମିଳେ। ଶୈଳୋଦ୍ଭବ, ଭୌମକର, ସୋମବଂଶୀ, ଗଙ୍ଗ ଓ ସୂର୍ଯ୍ୟ ବଂଶର ରାଜାମାନଙ୍କ ଇତିହାସ ମୁଖ୍ୟତଃ

ଭୂମିଦାନ ଅଭିଲେଖରୁ ହିଁ ମିଳିଥାଏ । କେତେକ ଅଭିଲେଖରେ ରାଜାଙ୍କର ଆଦେଶ ବର୍ଣ୍ଣନା କରଯାଇଛି । ହର୍ଷବର୍ଦ୍ଧନଙ୍କ ସମୟର ବଂଶଖେରା ଓ ମଧୁବନୀ ଅଭିଲେଖ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ । ଅନ୍ୟ କେତେକ ଅଭିଲେଖକୁ ଉତ୍ସର୍ଗୀକୃତ ଅଭିଲେଖ ଭାବରେ ନାମିତ କରାଯାଇଥାଏ । ଏଥିରେ କିଛି ନିର୍ଦ୍ଦିଷ୍ଟ ନିର୍ମାଣ ଯଥା, ମନ୍ଦିର ତିଆରି ଓ ସେବା-ପୂଜା ସମ୍ବନ୍ଧୀୟ ବ୍ୟବସ୍ଥା ବିଷୟରେ ସୂଚନା ମିଳେ । ଯଥାର୍ଥରେ କହିବାକୁ ଗଲେ ଅଭିଲେଖ ଇତିହାସ ଲିଖନରେ ମୁଖ୍ୟ ସହାୟକ ହୋଇଥାଏ ।

**ମୁଦ୍ରା :** ପ୍ରାଚୀନ ଭାରତର ଇତିହାସ ଜାଣିବା ପାଇଁ ମୁଦ୍ରାର ଅଧ୍ୟୟନ ଜରୁରୀ । ଏହା ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଅବସ୍ଥା ଉପରେ ଆଲୋକପାତ କରିଥାଏ । ବିଭିନ୍ନ ସମୟରେ ରାଜାମାନେ ନାନାପ୍ରକାର ମୁଦ୍ରାର ପ୍ରଚଳନ କରିଥିଲେ । ଛାପାଯୁକ୍ତ ମୁଦ୍ରା (Punch Marked Coin) ହେଉଛି ଭାରତର ପ୍ରାଚୀନତମ ମୁଦ୍ରା । ଏଥିରେ କେତେକ ଚିତ୍ର ଓ ଚିହ୍ନ ଦେଖିବାକୁ ମିଳେ । ଖ୍ରୀ.ପୂ.ଚତୁର୍ଥ ଶତକରେ ଏହି ମୁଦ୍ରାର ପ୍ରଚଳନ ଥିଲା । କାଳକ୍ରମେ ଇଣ୍ଡୋ-ଗ୍ରୀକ୍ ଶାସନର ଅଧ୍ୟୟନ ପାଇଁ, କେବଳ ମୁଦ୍ରାକୁ ପ୍ରମୁଖ ଉପାଦାନ ଭାବରେ ଗ୍ରହଣ କରାଯାଇଥାଏ । ଭାରତରୁ ଅନେକ ରୋମୀୟ ମୁଦ୍ରା ମିଳିଛି, ଯାହାକି ଭାରତ ଓ ରୋମ୍ ମଧ୍ୟରେ ଥିବା ବ୍ୟବସାୟ ବାଣିଜ୍ୟର ସୂଚନା ଦେଇଥାଏ । ଗୁପ୍ତ ଯୁଗର ନାନା ପ୍ରକାର ମୁଦ୍ରା ଇତିହାସର ଅନେକ ଦିଗ ଉନ୍ମୋଚନ କରିଥାଏ । ପ୍ରଥମ ଚନ୍ଦ୍ରଗୁପ୍ତଙ୍କ ସମୟରେ ରାଜା-ରାଣୀ ମୁଦ୍ରା ପ୍ରଚଳିତ ଥିଲା । ଏଥିରେ ରାଜା ପ୍ରଥମ ଚନ୍ଦ୍ରଗୁପ୍ତ ଓ ତାଙ୍କ ରାଣୀ କୁମାରଦେବୀଙ୍କ ଛବି ରହିଛି । ସମୁଦ୍ରଗୁପ୍ତଙ୍କ ମୁଦ୍ରାରେ ବୀଣା ବାଦନର ଚିତ୍ର, ଅଶ୍ୱମେଧ ଯଜ୍ଞ ଓ ବ୍ୟାଘ୍ରକୁ ପରାଭୂତ କରିବା ଛବି ରହିଛି । ଏହାଛଡା କେତେକ ବ୍ୟବସାୟୀ ସଙ୍ଗଠନ ଦ୍ୱାରା ମଧ୍ୟ କିଛି ମୁଦ୍ରା ବିଭିନ୍ନ ସମୟରେ ପ୍ରଚଳିତ ହୋଇଥିଲା ।

ଅର୍ଥନୈତିକ ସମୃଦ୍ଧି ବିଷୟରେ ଜାଣିବା ପାଇଁ ମୁଦ୍ରାର ଅଧ୍ୟୟନ ଏକାନ୍ତ ଆବଶ୍ୟକ । ମୁଦ୍ରାରେ ଥିବା ସ୍ୱର୍ଣ୍ଣର ପରିମାଣ ସେ ସମୟର ଅର୍ଥନୈତିକ ଅବସ୍ଥା ଉପରେ ଆଲୋକପାତ କରିଥାଏ । ମୁଦ୍ରା ମିଳିଥିବା ସ୍ଥାନଦ୍ୱାରା ରାଜାଙ୍କର ସାମ୍ରାଜ୍ୟ ବିସ୍ତାର ଜଣାପଡେ । ମୁଦ୍ରା ଦ୍ୱାରା ମଧ୍ୟ ତତ୍କାଳୀନ ସମୟର ଧର୍ମ, ପୋଷାକ ଓ ଲିପି ବିଷୟରେ ଜଣାଯାଇଥାଏ । ଇତିହାସ ଲିଖନରେ ମୁଦ୍ରା ଏକ ନିର୍ଭରଯୋଗ୍ୟ ଉପାଦାନ ।

**କୀର୍ତ୍ତିସ୍ତମ୍ଭ :** ବିଭିନ୍ନ ବଂଶର ରାଜାମାନେ ସେମାନଙ୍କର ଐତିହାସିକ କୀର୍ତ୍ତିସ୍ତମ୍ଭମାନ ସ୍ଥାପନ କରିଯାଇଛନ୍ତି । ଅଶୋକଙ୍କ ସମୟର କୀର୍ତ୍ତିସ୍ତମ୍ଭମାନଙ୍କ ମଧ୍ୟରୁ ସାରନାଥ କୀର୍ତ୍ତିସ୍ତମ୍ଭର ଶୀର୍ଷଭାଗ ଆମର ଜାତୀୟ ଚିହ୍ନ । ମଧ୍ୟଯୁଗୀୟ କୀର୍ତ୍ତିସ୍ତମ୍ଭଗୁଡ଼ିକ ମଧ୍ୟରୁ ଚିତୋରର କୀର୍ତ୍ତିସ୍ତମ୍ଭ, ଦିଲ୍ଲୀର କୁତବ୍‌ମୀନାର, ଦେବଗିରିର ଚାନ୍ଦମୀନାର ପ୍ରଭୃତି ଉଲ୍ଲେଖଯୋଗ୍ୟ । ଏହି କୀର୍ତ୍ତିସ୍ତମ୍ଭ ଦ୍ୱାରା ପ୍ରାଚୀନ ଧର୍ମ, ସାମାଜିକ ଜୀବନ ଓ ସ୍ଥାପତ୍ୟ ବିଷୟରେ ଜଣାଯାଏ ।

**କଳା ଓ ସ୍ଥାପତ୍ୟ :** ଇତିହାସ ସହିତ କଳା ଓ ସ୍ଥାପତ୍ୟ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ହରପ୍ପା ସଭ୍ୟତାର ନଗର ଗଠନ ପ୍ରଣାଳୀ, ସେମାନଙ୍କ ଗୃହ ନିର୍ମାଣଶୈଳୀ, ମହେଞ୍ଜୋଦାରୋର 'ବୃହତ ସ୍ନାନାଗାର' ଇତ୍ୟାଦି ଦ୍ୱାରା ସେମାନଙ୍କର ସାମାଜିକ ଜୀବନର ଅଧ୍ୟୟନ ସମ୍ଭବ ହୋଇଛି । ସ୍ତୂପ, ବିହାର ଓ ଚୈତ୍ୟଗୃହ ବୌଦ୍ଧଧର୍ମର ବିକାଶର ସୂଚନା ଦିଏ । ଏଗୁଡ଼ିକ ମଧ୍ୟ ବୌଦ୍ଧ ସ୍ଥାପତ୍ୟର ନିଦର୍ଶନ । ମଧ୍ୟପ୍ରଦେଶର ସାଞ୍ଚିଠାରେ ଥିବା ସ୍ତୂପ ଏକ ପ୍ରଧାନ କୀର୍ତ୍ତିସ୍ତମ୍ଭ । ସେହିପରି ପ୍ରାଚୀନ ଭାରତରେ ଅନେକ ସ୍ଥାନରେ ମନ୍ଦିରମାନ ଗଢ଼ିଉଠିଥିଲା ।

ଏମାନଙ୍କ ମଧ୍ୟରେ ତିଗୱାର ବିଷ୍ଣୁମନ୍ଦିର, ଦେଓଗଡ଼ର ଦଶାବତାର ମନ୍ଦିର ଓ ନାଚନା କୁଥାରର ଶିବ ମନ୍ଦିର ଅନ୍ତର୍ଭୁକ୍ତ । ଜାଭା ଓ କାମ୍ବୋଡ଼ିଆର ପ୍ରକାଣ୍ଡ ମନ୍ଦିରମାନ ଭାରତର ସଂସ୍କୃତି ଉପରେ ମଧ୍ୟ ଆଲୋକପାତ କରିଥାନ୍ତି ।

ପ୍ରାଗ୍ ଐତିହାସିକ ଯୁଗର ଗୁମ୍ଫା କାନ୍ଥରେ ବିଭିନ୍ନ ପ୍ରକାରର ଚିତ୍ରକଳା ଦେଖିବାକୁ ମିଳେ । ମଧ୍ୟ ପ୍ରଦେଶର ଭିମ୍‌ବେଟ୍‌କାଠାରେ ଏକ ଉଲ୍ଲେଖନୀୟ ଗୁମ୍ଫାକଳା ପରିଲିକ୍ଷିତ ହୁଏ । ହରପ୍ପା ସଭ୍ୟତାର ବିଭିନ୍ନ ବସ୍ତୁରେ କଳାର ପ୍ରତିଫଳନ ହୋଇଛି । ସାଞ୍ଚି, ସାରନାଥ, ଲଳିତଗିରି, ରତ୍ନଗିରି ଓ ଉଦୟଗିରିଠାରେ ବୌଦ୍ଧକଳା ଓ ସ୍ଥାପତ୍ୟର ନିଦର୍ଶନ ଦେଖିବାକୁ ମିଳେ । ଭୁବନେଶ୍ୱର ନିକଟସ୍ଥ ଖଣ୍ଡଗିରି, ଉଦୟଗିରି, କର୍ଣ୍ଣାଟକର ଶ୍ରବଣ ବେଲଗୋଲା, ମହାରାଷ୍ଟ୍ରର ଏଲୋରା ଓ ରାଜସ୍ଥାନର ଦିଲୱାରା ପ୍ରଭୃତି ସ୍ଥାନରେ ଜୈନ କଳାତ୍ମକ କୃତି ଦେଖିବାକୁ ମିଳେ । ଏତଦ୍‌ବ୍ୟତୀତ ମନ୍ଦିର ନିର୍ମାଣରେ ମୁଖ୍ୟତଃ ଉତ୍ତର ଭାରତୀୟ, ମଧ୍ୟ ଭାରତୀୟ, ଦକ୍ଷିଣ ଭାରତୀୟ ଓ କଳିଙ୍ଗ ଶୈଳୀ ପରିଲକ୍ଷିତ ହୋଇଥାଏ । ମନ୍ଦିରର ମୁଖ୍ୟ ଦେବାଦେବୀ, ମନ୍ଦିର କାନ୍ଥରେ ଥିବା ବିଭିନ୍ନ ମୂର୍ତ୍ତି, ସେମାନଙ୍କ ପରିଧାନ ଓ ପରିପାଟୀ ଭାରତୀୟ କଳାର ଏକ ନିଖୁଣ ପରିପ୍ରକାଶ । ତେଣୁ କଳା ଓ ସ୍ଥାପତ୍ୟ ନିରବରେ କୀର୍ତ୍ତିରାଜିର ଗାଥାକୁ ବର୍ଣ୍ଣନା କରିଥାଏ ।

**ପ୍ରତ୍ନତାତ୍ତ୍ୱିକ ଖନନ :** ଅନେକ ସ୍ଥାନରେ ଖନନ ପ୍ରକ୍ରିୟା ଦ୍ୱାରା ମାଟିତଳୁ ବିଭିନ୍ନ ପ୍ରାଚୀନ ଦ୍ରବ୍ୟମାନ ଆବିଷ୍କାର କରାଯାଇଛି । ଏହି ଦ୍ରବ୍ୟଗୁଡ଼ିକର ଅଧ୍ୟୟନ ଦ୍ୱାରା ଅନେକ ଐତିହାସିକ ତଥ୍ୟ ମିଳିପାରିଛି । କେବଳ ପ୍ରତ୍ନତାତ୍ତ୍ୱିକ ଖନନ ଦ୍ୱାରା ହରପ୍ପା ସଭ୍ୟତାର କେତେକ ସହରର ଆବିଷ୍କାର ସମ୍ଭବ ହୋଇଛି । ଭୁବନେଶ୍ୱର ନିକଟସ୍ଥ ଶିଶୁପାଳଗଡ଼ର ପ୍ରତ୍ନତାତ୍ତ୍ୱିକ ଖନନ ପ୍ରାଚୀନ ଓଡ଼ିଶାର ଅନେକ ଐତିହାସିକ ତଥ୍ୟ ପ୍ରଦାନ କରିଥାଏ । ଖନନ ଦ୍ୱାରା ସହରର ଧ୍ୱଂସାବଶେଷ, ମୃତ୍‌ପାତ୍ର, ମୁଦ୍ରା, ଅଳଙ୍କାର, ମୋହର ଓ ନାନାପ୍ରକାର ମୂର୍ତ୍ତି ମିଳିଥାଏ । ଏଗୁଡ଼ିକ ଇତିହାସର ନାନା ଦିଗ ଉପରେ ଆଲୋକପାତ କରିଥାଆନ୍ତି ।

## ସାହିତ୍ୟିକ ଉପାଦାନ (Literary Source) :

ଭାରତ ଇତିହାସର ଅଧ୍ୟୟନ ପାଇଁ ଅନେକ ଉପାଦେୟ ସାହିତ୍ୟିକ ରଚନାମାନ ରହିଛି । ଏଗୁଡ଼ିକ ଭାରତର ବିଭିନ୍ନ ସମୟର ରାଜନୈତିକ, ସାମାଜିକ, ଧାର୍ମିକ ଓ ସାଂସ୍କୃତିକ ଅବସ୍ଥାର ଚିତ୍ର ପ୍ରଦାନ କରିଥାଆନ୍ତି । ଏତଦ୍‌ବ୍ୟତୀତ ଅନେକ ପରିବ୍ରାଜକଙ୍କ ବିବରଣୀ ଇତିହାସ ଲିଖନର ପଥକୁ ସୁଗମ କରିଛି । ବୈଦେଶିକ ବିବରଣୀରେ କିଛି ନିର୍ଦ୍ଦିଷ୍ଟ ସମୟର ବିଭିନ୍ନ ଅବସ୍ଥାର ପ୍ରତିଫଳନ ଦେଖିବାକୁ ମିଳେ । ପ୍ରତ୍ନତାତ୍ତ୍ୱିକ ଭଳି ସାହିତ୍ୟିକ ଉପାଦାନକୁ ମଧ୍ୟ କେତେକ ଭାଗରେ ବିଭକ୍ତ କରାଯାଇପାରେ ।

**ଧର୍ମ ସାହିତ୍ୟ :** ଧର୍ମ ସାହିତ୍ୟରେ ବେଦର ସ୍ଥାନ ଅତ୍ୟନ୍ତ ଉଚ୍ଚରେ । ଋକ୍‌ବେଦ,ସାମବେଦ,ଯର୍ଜୁବେଦ ଓ ଅର୍ଥବ ବେଦ ନାମରେ ଚାରିଗୋଟି ବେଦ ରହିଛି । ଋକ୍‌ବେଦ ଏମାନଙ୍କ ମଧ୍ୟରେ ପ୍ରାଚୀନତମ । ଋକ୍‌ବେଦରେ ଅନେକ ସ୍ତୋତ୍ର ରହିଛି । ବିଭିନ୍ନ ବେଦ ଧର୍ମ, ସମାଜ ବ୍ୟବସ୍ଥା, ଶାସନ ବ୍ୟବସ୍ଥା ପ୍ରଭୃତି ଇତିହାସର ଅନେକ ଦିଗ ଉପରେ ସୂଚନା ପ୍ରଦାନ କରିଥାଆନ୍ତି । ଆର୍ଯ୍ୟମାନଙ୍କର ବସତି ସ୍ଥାପନ, ସେମାନଙ୍କର ଉଦ୍ଭବ ଓ ଜାତି ସମ୍ପର୍କର ଭୂମିକା, ସମାଜରେ ନାରୀର ସ୍ଥାନ, ଖାଦ୍ୟ-ପେୟ, ବର୍ଣ୍ଣ-ବ୍ୟବସ୍ଥା, କୃଷି-କର୍ମ, ପୂଜା-ପଦ୍ଧତି ଓ ସଭା-ସମିତି

ବିଷୟରେ ଏଥିରେ ବିଶଦ ଭାବରେ ଉଲ୍ଲେଖ ରହିଛି । ଛଅଟି ବେଦାଙ୍ଗରେ ଶିକ୍ଷା, କଳ୍ପ,ନିରୁକ୍ତ, ଛନ୍ଦ, ବ୍ୟାକରଣ ଓ ଜ୍ୟୋତିଷ ଉପରେ ବିଶ୍ଳେଷଣ କରାଯାଇଛି । ଉପନିଷଦରୁ ଅନେକ ଦାର୍ଶନିକ ଓ ଆଧ୍ୟାତ୍ମିକ ତଥ୍ୟ ମିଳିଥାଏ । ବୈଦିକ ସାହିତ୍ୟରେ ମଧ୍ୟ ତିନିଗୋଟି ସୂତ୍ର ରହିଛି । ସେଗୁଡ଼ିକ ହେଉଛି କଳ୍ପସୂତ୍ର, ଗୃହସୂତ୍ର ଓ ଧର୍ମସୂତ୍ର ।

ଦୁଇଟି ମହାକାବ୍ୟ ଯଥା- ରାମାୟଣ ଓ ମହାଭାରତ ଇତିହାସକୁ ସମୃଦ୍ଧ କରିଛନ୍ତି । ରାମାୟଣର ରଚୟିତା ହେଉଛନ୍ତି ମହର୍ଷି ବାଲ୍ମୀକି । ସେ ଶ୍ଳୋକ ମାଧ୍ୟମରେ ତତ୍‌କାଳୀନ ସମାଜର ନୈତିକ ଚିନ୍ତାଧାରା, ସାମାଜିକ ବ୍ୟବସ୍ଥା ଓ ରାଜନୈତିକ ଅବସ୍ଥା ବିଷୟରେ ଆଲୋକପାତ କରିଛନ୍ତି । ରାମଚନ୍ଦ୍ରଙ୍କର ବନବାସ, ରାମ-ରାବଣ ସଂଘର୍ଷ ଓ ରାମଙ୍କ ବିଜୟ ଉପରେ ରାମାୟଣର କଥାବସ୍ତୁ ପର୍ଯ୍ୟବେସିତ । ବ୍ୟାସଦେବ ମହାଭାରତର ରଚୟିତା । କୌରବ ଓ ପାଣ୍ଡବଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧ ବିଷୟକୁ ନେଇ ଏହା ଲେଖାଯାଇଛି । କୂଟନୀତି, ସାମାଜିକ, ରାଜନୈତିକ ଓ ଧାର୍ମିକ ଅବସ୍ଥା ତଥା ଆଧ୍ୟାତ୍ମିକ ଜ୍ଞାନ ଉପରେ ଏହା ସୂଚନା ଦେଇଥାଏ ।

ଅଷ୍ଟାଦଶ ପୁରାଣରେ ଅନେକ ଐତିହାସିକ ତଥ୍ୟ ରହିଛି । ଏଥିମଧ୍ୟରୁ ବିଷ୍ଣୁପୁରାଣ, ମତ୍ସ୍ୟ ପୁରାଣ ଓ ବାୟୁ ପୁରାଣରେ ବିଭିନ୍ନ ବଂଶର ଇତିହାସ ଓ ବଂଶଲତା ବିଷୟରେ ଉଲ୍ଲେଖ ରହିଛି । ଏଥିରେ ଅନେକ ସ୍ଥାନର ନାମ ରହିଛି, ଯାହାକି ପ୍ରାଚୀନ ଭୌଗୋଳିକ ଅବସ୍ଥାର ସୂଚନା ଦିଏ ।

ବୌଦ୍ଧ ଧର୍ମଗ୍ରନ୍ଥ ଦ୍ୱାରା ଇତିହାସର ଅନେକ ତଥ୍ୟ ଉନ୍ମୋଚିତ ହୋଇଛି । ସୁତ୍ତପିଟକ, ବିନୟପିଟକ ଓ ଅଭିଧମ୍ମ ପିଟକରେ ଯଥାକ୍ରମେ ବୌଦ୍ଧଧର୍ମର ନିୟମ, ସଂଘ ଜୀବନ ଓ ବୌଦ୍ଧ ଦର୍ଶନ ବିଷୟରେ ଉଲ୍ଲେଖ ଅଛି । ଅଙ୍ଗୁତ୍ତର ନିକାୟ ଖ୍ରୀ.ପୂ.ଷଷ୍ଠ ଶତାବ୍ଦୀବେଳକୁ ଗଢ଼ିଉଠିଥିବା ମହାଜନ ପଦଗୁଡ଼ିକ ଉପରେ ଆଲୋକପାତ କରିଥାଏ । ବୌଦ୍ଧ ଜାତକର କଥାବସ୍ତୁରେ ଧର୍ମୀୟ,ସାମାଜିକ ଓ ରାଜନୈତିକ ଅବସ୍ଥାର ପ୍ରତିଫଳନ ଦେଖିବାକୁ ମିଳେ । ସେହିପରି ଦୀପ ବଂଶ, ମହାବଂଶ, ଦିବ୍ୟାବଦାନ ଓ ମିଳିନ୍ଦପହ୍ନ ପ୍ରଭୃତି ବୌଦ୍ଧଗ୍ରନ୍ଥରୁ ଐତିହାସିକ ତଥ୍ୟ ମିଳିଥାଏ । ଜୈନ ଆଚରଙ୍ଗ ସୂତ୍ର, କଳ୍ପସୂତ୍ର, ଅଙ୍ଗ ଉପାଙ୍ଗ ଓ ହେମଚନ୍ଦ୍ରଙ୍କ ଦ୍ୱାରା ଲିଖିତ ପରିଶିଷ୍ଟ ପର୍ବଣରେ ଜୈନ ଧର୍ମ ସହିତ ସାମାଜିକ ଅବସ୍ଥାର ଚିତ୍ର ରହିଛି ।

**ଜୀବନ ଚରିତ :** ଜୀବନ ଚରିତ ଦ୍ୱାରା କେତେକ ରାଜାଙ୍କର ଆଦ୍ୟ ଜୀବନ, ସିଂହାସନ ଆରୋହଣ, ରାଜ୍ୟଜୟ, ଶାସନ ଓ ଧର୍ମନୀତି ବିଷୟରେ ଜଣାପଡେ । ଏହାଛଡା ସମସାମୟିକ ସାମାଜିକ ଅବସ୍ଥାର ଧାରଣା ଏଥିରୁ ମିଳିଥାଏ । ବାଣଭଟ୍ଟଙ୍କ 'ହର୍ଷ ଚରିତ' ଏକ ପ୍ରମୁଖ ଜୀବନୀ ଗ୍ରନ୍ଥ । ବିଲ୍‌ହଣଙ୍କ ଦ୍ୱାରା ରଚିତ 'ବିକ୍ରମାଙ୍କଦେବ ଚରିତ' ଜୟସିଂହଙ୍କ 'କୁମାରପାଳ ଚରିତ' ସନ୍ଧ୍ୟାକର ନନ୍ଦୀଙ୍କ 'ରାମ ଚରିତ' ଓ ଚାନ୍ଦ ବରଦାଇଙ୍କ 'ପୃଥ୍ୱିରାଜ ରାସୋ' ଇତିହାସର ଉପାଦେୟ ଜୀବନୀ ପୁସ୍ତକ ଭାବରେ ପରିଗଣିତ । ବିଶାଖାଦତ୍ତଙ୍କ 'ମୁଦ୍ରା ରାକ୍ଷସ' , ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ବିଷୟରେ ସୂଚନା ଦିଏ । ତାଙ୍କ ଦ୍ୱାରା ଲିଖିତ 'ଦେବୀ ଚନ୍ଦ୍ରଗୁପ୍ତମ୍' ରେ ଗୁପ୍ତବଂଶର ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ଇତିହାସର ତଥ୍ୟ ରହିଛି । ଭାକ୍‌ପତିଙ୍କ 'ଗୌଡ଼ାଭହୋ' ରେ ଯଶୋବର୍ମନଙ୍କ ବିଷୟରେ ଉଲ୍ଲେଖ ରହିଛି ।

**ରାଜନୀତି ଶାସ୍ତ୍ର:** ରାଜନୀତି ସମ୍ପର୍କୀୟ ଗ୍ରନ୍ଥମାନଙ୍କ ମଧ୍ୟରେ କୌଟିଲ୍ୟଙ୍କ 'ଅର୍ଥଶାସ୍ତ୍ର' ପ୍ରଧାନ ସ୍ଥାନ ଅଧିକାର କରିଛି । ଏହାର ପନ୍ଦରଗୋଟି ଅଧିକରଣ ରହିଛି । ରାଜ୍ୟର ଶାସନ ବ୍ୟବସ୍ଥା, ପଡ଼ୋଶୀ ରାଜ୍ୟମାନଙ୍କ

ସହ ସମ୍ପର୍କ , ଯୁଦ୍ଧ ଓ ନାନା ପ୍ରକାର ଆଇନ୍ ବିଷୟରେ ଏଥିରେ ଆଲୋଚନା ରହିଛି। ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କର ଶାସନ ପଦ୍ଧତି ଓ ଅର୍ଥନୈତିକ ଅବସ୍ଥା ଉପରେ ଏହା ଆଲୋକପାତ କରିଥାଏ। 'ମନୁ ସ୍ମୃତି' , 'ନାରଦ ସ୍ମୃତି', କମଣ୍ଡକଙ୍କ 'ନୀତିସାର', ପାଣିନିଙ୍କ 'ଅଷ୍ଟାଧ୍ୟାୟୀ' ଓ ପାତଞ୍ଜଳିଙ୍କ 'ମହାଭାଷ୍ୟ' ରେ ଶାସନର ବିଭିନ୍ନ ଦିଗର ବିବରଣୀ ମିଳେ।


**ଇତିବୃତ୍ତ :** 'ରାଜ ତରଙ୍ଗିଣୀ' ଏକ ମୁଖ୍ୟ ଇତିବୃତ୍ତ। ଏହା କାଶ୍ମୀର ନିବାସୀ କହ୍ଲଣଙ୍କ ଦ୍ୱାରା ଦ୍ୱାଦଶ ଶତାବ୍ଦୀରେ ରଚିତ। ଏଥିରୁ କାଶ୍ମୀର ଇତିହାସର ତଥ୍ୟ ମିଳିଥାଏ। 'କୀର୍ତ୍ତି କୁମୁଦିନୀ' ନେପାଳ ଇତିହାସ ଉପରେ ଆଲୋକପାତ କରିଥାଏ। 'ଚାଚନାମା'ରେ ମୁସଲମାନମାନଙ୍କର ସିନ୍ଧୁ ପ୍ରଦେଶ ଅଧିକାରର ସୂଚନା ରହିଛି। 'ରାସମଲ୍ଲ' ଗୁଜୁରାଟ ଅଞ୍ଚଳର ଇତିହାସ ଲେଖିବାରେ ସହାୟକ ହୋଇଥାଏ। 'ମାଦଳା ପାଞ୍ଜି' ରେ ଓଡିଶାର ବିଭିନ୍ନ ବଂଶର ରାଜାମାନଙ୍କର ନାମ ଉଲ୍ଲେଖ ରହିଛି।

**ସଂସ୍କୃତ ସାହିତ୍ୟ :** କାଳିଦାସଙ୍କ ରଚନାମାନ ସଂସ୍କୃତ ସାହିତ୍ୟକୁ ସମୃଦ୍ଧ କରିଛି। ତାଙ୍କର ଅନବଦ୍ୟ ଗ୍ରନ୍ଥଗୁଡ଼ିକ ହେଉଛି- 'ରଘୁବଂଶମ୍' , 'ମାଳବିକାଗ୍ନି ମିତ୍ରମ୍ ', 'କୁମାର ସମ୍ଭବମ୍ ', 'ଅଭିଜ୍ଞାନ ଶାକୁନ୍ତଳମ', 'ବିକ୍ରମୋର୍ବଶୀୟମ୍' ଓ 'ଋତୁ ସଂହାର'। ଏଗୁଡ଼ିକରେ ତତ୍କାଳୀନ ସାମାଜିକ ଅବସ୍ଥାର ଚିତ୍ର ରହିଛି। ବରାହମିହିରଙ୍କ 'ବୃହତ ସଂହିତା' ରୁ ଜ୍ୟୋତିଷ ଶାସ୍ତ୍ର ବିଷୟରେ ଜାଣି ହୁଏ। ଦଣ୍ଡୀଙ୍କର ' ଦଶକୁମାର ଚରିତ' , ଅମର ସିଂହଙ୍କ ' ଅମର କୋଷ' ଓ ବିଷ୍ଣୁ ଶର୍ମାଙ୍କ 'ପଞ୍ଚତନ୍ତ୍ର' ସଂସ୍କୃତ ସାହିତ୍ୟର ଅମୂଲ୍ୟ ଗ୍ରନ୍ଥ। ବୈଜ୍ଞାନିକ ଦୃଷ୍ଟିକୋଣରୁ ଆର୍ଯ୍ୟଭଟ୍ଟଙ୍କ 'ସୂର୍ଯ୍ୟ ସିଦ୍ଧାନ୍ତ' ଓ 'ଆର୍ଯ୍ୟଭଟ୍ଟୀୟମ୍', ଚରକଙ୍କ ' ଚରକ ସଂହିତା' ଓ ଶୁଶ୍ରୁତଙ୍କର 'ଶୁଶ୍ରୁତ ସଂହିତା' ପ୍ରସିଦ୍ଧି ଲାଭ କରିଛି।

**ବୈଦେଶିକ ବିବରଣୀ :** ଭାରତକୁ ବିଭିନ୍ନ ପରିବ୍ରାଜକ ବିଭିନ୍ନ ସମୟରେ ଆସିଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ଭାରତରେ କିଛିଦିନ ଅବସ୍ଥାନ କରି ଭାରତର ଧର୍ମ, ରାଜନୀତି ଓ ସମାଜକୁ ଲକ୍ଷ୍ୟ କରିଛନ୍ତି। ଗ୍ରୀସ୍, ଚୀନ ଓ ଆରବରୁ ଆସିଥିବା ପରିବ୍ରାଜକମାନଙ୍କର ବିବରଣୀ ଭାରତ ଇତିହାସ ରଚନାରେ ସହାୟକ ହୋଇଥାଏ।

ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ସମୟରେ ଗ୍ରୀକ୍ ପରିବ୍ରାଜକ ମେଗାସ୍ଥିନିସ୍ ଭାରତକୁ ଆସିଥିଲେ। ସେ ସେଲ୍ୟୁକସ୍ ନିକାଟୋରଙ୍କ ରାଷ୍ଟ୍ରଦୂତ ଥିଲେ। ସେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଦରବାରରେ ଖ୍ରୀ.ପୂ. ୩୦୪ରୁ ଖ୍ରୀ.ପୂ. ୨୯୯ ପର୍ଯ୍ୟନ୍ତ ପାଞ୍ଚବର୍ଷ ଅବସ୍ଥାନ କରିଥିଲେ। ସେ ସମୟର ପ୍ରତ୍ୟକ୍ଷଦର୍ଶୀ ବିବରଣୀ ତାଙ୍କ ଲେଖାରୁ ମିଳିଥାଏ। ତାଙ୍କ ଲିଖିତ ଗ୍ରନ୍ଥ 'ଇଣ୍ଡିକା' ତତ୍କାଳୀନ ସମୟର ଏକ ନିଚ୍ଛକ ଚିତ୍ର କହିଲେ ଅତ୍ୟୁକ୍ତି ହେବନାହିଁ। ଏଥିରେ ସାମାଜିକ ଶ୍ରେଣୀ ବ୍ୟବସ୍ଥା ପାଟଳୀପୁତ୍ରର ବର୍ଣ୍ଣନା, ଶାସନ ପଦ୍ଧତି, କୃଷିକର୍ମ ଓ ବିଭିନ୍ନ କର୍ମଚାରୀମାନଙ୍କ ବିଷୟରେ ବର୍ଣ୍ଣନା ରହିଛି।

ଏକ ଅଜଣା ବ୍ୟକ୍ତିଙ୍କ ଦ୍ୱାରା ଲିଖିତ 'ପେରିପ୍ଲସ ଅଫ୍ ଦି ଏରିଥ୍ରିଆନ୍ ସି' (The Periplus of the Erythrean Sea) ବିଭିନ୍ନ ବନ୍ଦର ଓ ବାଣିଜ୍ୟ ଉପରେ ଆଲୋକପାତ କରିଥାଏ। 'ଟଲେମିଙ୍କ ଭୂଗୋଳ' (Ptolemy's Geography) ମଧ୍ୟ ସାମୁଦ୍ରିକ ବ୍ୟବସାୟର ସୂଚନା ଦିଏ।


ଫାହିଆନ୍

ଚୀନ ପରିବ୍ରାଜକ ଫାହିୟାନ ଗୁପ୍ତଯୁଗର ସମ୍ରାଟ ଚନ୍ଦ୍ରଗୁପ୍ତ ବିକ୍ରମାଦିତ୍ୟ (ଦ୍ୱିତୀୟ ଚନ୍ଦ୍ରଗୁପ୍ତ)ଙ୍କ ସମୟରେ ଭାରତକୁ ଆସିଥିଲେ ଓ ପାଟଳୀପୁତ୍ରରେ ରହିଥିଲେ। ସେ ମୁଖ୍ୟତଃ ବୌଦ୍ଧଧର୍ମର ଅବସ୍ଥା ବିଷୟରେ ଆଲୋଚନା କରିଛନ୍ତି। ତାଙ୍କ ବିବରଣୀରେ ସାମାଜିକ ଓ ଅର୍ଥନୈତିକ ଅବସ୍ଥାର ସୂଚନା ମିଳେ।

ଭାରତକୁ ଆସିଥିବା ପରିବ୍ରାଜକମାନଙ୍କ ମଧ୍ୟରେ ହୁଏନ୍‌ସାଂଙ୍କ ବିବରଣୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ଚୀନରୁ ଭାରତକୁ ହର୍ଷବର୍ଦ୍ଧନଙ୍କ ସମୟରେ ଆସିଥିଲେ। ସେ ଭାରତରେ ପ୍ରାୟ ଖ୍ରୀଷ୍ଟାବ୍ଦ ୬୨୬ ରୁ ଖ୍ରୀଷ୍ଟାବ୍ଦ ୬୪୪ ପର୍ଯ୍ୟନ୍ତ ରହିଥିଲେ। ଏହି ସମୟ ମଧ୍ୟରେ ସେ ଭାରତର ଅନେକ ସ୍ଥାନ ଭ୍ରମଣ କରିଥିଲେ। ସେ ମଧ୍ୟ ଖ୍ରୀଷ୍ଟାବ୍ଦ ୬୩୯ରେ ଓଡ଼ିଶା ପରିଭ୍ରମଣ କରିଥିଲେ। ସେ ଓଡ଼ିଶାର ବିଭିନ୍ନ ଭାଗ ଯଥା- ଓଡ୍ର, କଙ୍ଗୋଦ ଓ କଳିଙ୍ଗର ଭୌଗୋଳିକ ଅବସ୍ଥା ଓ ଧାର୍ମିକ ବିକାଶର ବର୍ଣ୍ଣନା କରିଛନ୍ତି। ତାଙ୍କ ଲିଖିତ 'ସି-ୟୁ-କି' ଏକ ଅମୂଲ୍ୟ ଗ୍ରନ୍ଥ। ଏଥିରୁ ହର୍ଷବର୍ଦ୍ଧନଙ୍କ ରାଜତ୍ୱ, ଧର୍ମସଭା, ସାମାଜିକ ଅବସ୍ଥା ଓ ବୌଦ୍ଧଧର୍ମ ବିଷୟରେ ସୂଚନା ମିଳିଥାଏ। ତତ୍‌ପରେ ଚୀନରୁ ଆସିଥିବା ଅନ୍ୟ ଏକ ପରିବ୍ରାଜକ ଇତ୍ ସିଂ ସପ୍ତମ ଶତାବ୍ଦୀରେ ଭାରତରେ ବୌଦ୍ଧଧର୍ମର ଅବସ୍ଥା ବିଷୟରେ ବର୍ଣ୍ଣନା କରିଛନ୍ତି।


ହୁଏନ୍‌ସାଂ

ଖ୍ରୀଷ୍ଟାବ୍ଦ ୭୧୨ରେ ଆରବମାନେ ସିନ୍ଧୁ ପ୍ରଦେଶ ଆକ୍ରମଣ କରିଥିଲେ ଓ ତା' ପରଠାରୁ ଭାରତ ଇତିହାସର ଅନେକ ତଥ୍ୟ ଆରବୀୟମାନଙ୍କ ଲେଖାରୁ ମିଳିଥାଏ। ଗଜନୀର ମାମୁଦଙ୍କ ସହ ଆଲ୍‌ବେରୁଣୀ ଭାରତକୁ ଆସିଥିଲେ। ସେ ସଂସ୍କୃତ ଭାଷାରେ ପାରଦର୍ଶିତା ଲାଭ କରିଥିଲେ। ତାଙ୍କ ଲିଖିତ ପୁସ୍ତକ 'ତାହିକ-ଇ-ହିନ୍ଦ୍' ରେ ଭାରତର ସମାଜ ଓ ଅର୍ଥନୀତି ବିଷୟରେ ବର୍ଣ୍ଣନା କରାଯାଇଛି। ମାର୍କୋପୋଲୋ ତ୍ରୟୋଦଶ ଶତାବ୍ଦୀରେ ଭାରତ ଆସିଥିଲେ ଓ ତାଙ୍କ ବିବରଣୀରୁ ଭାରତର ବିଭିନ୍ନ ଅଞ୍ଚଳର ସୂଚନା ମିଳେ। ମହମ୍ମଦ ବିନ୍ ତୁଗଲୋକଙ୍କ ସମୟରେ ଇବନ୍ ବତୁତା ଭାରତ ପରିଭ୍ରମଣରେ ଆସିଥିଲେ। ସେ କିତାବ-ଉଲ୍-ରହଲାହର ରଚୟିତା। ତାଙ୍କର ବିବରଣୀ ମଧ୍ୟଯୁଗୀୟ ଇତିହାସ ଅଧ୍ୟୟନରେ ସହାୟକ ହୋଇଥାଏ। ସେହିପରି ଅବଦୁର୍ ରଜକ୍ ତାଙ୍କ ବିବରଣୀରେ ବିଜୟନଗର ସାମ୍ରାଜ୍ୟର ଅବସ୍ଥା ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। କୋଣ୍ଟି ଷୋଡଶ ଶତାବ୍ଦୀରେ ଇଟାଲୀରୁ ଭାରତକୁ ଆସିଥିଲେ। ଜାହାଙ୍ଗୀରଙ୍କ ସମୟରେ କ୍ୟାପ୍‌ଟେନ୍ ହକିନସ୍ ଓ ସାର ଟମାସ୍ ରୋ ଭାରତ ଆସିଥିଲେ। ସେମାନଙ୍କର ବିବରଣୀରୁ ମୋଗଲ ଇତିହାସର ତଥ୍ୟ ମିଳିଥାଏ।

**ମଧ୍ୟଯୁଗୀୟ ସାହିତ୍ୟ :** ମଧ୍ୟଯୁଗର ଇତିହାସ ଲିଖନ ପାଇଁ ସାହିତ୍ୟିକ ଉପାଦାନ ବହୁଳ ଭାବରେ ମିଳିଥାଏ । ଏହି ସମୟରେ ଅନେକ ଇତିବୃତ୍ତ ରଚନା ହୋଇଥିଲା । ତବାକତ-ଇ-ନଶିରିର ରଚୟିତା ଥିଲେ ମିନହାଜ-ଅସ୍-ସିରାଜ । ଏଥିରେ ମହମ୍ମଦ ଘୋରୀଙ୍କ ଭାରତ ଆକ୍ରମଣର ବର୍ଣ୍ଣନା ରହିଛି । ଜିଆଉଦ୍ଦିନ ବରାନୀଙ୍କ ଦ୍ୱାରା ଲିଖିତ ତାରିଖ୍-ଇ-ଫିରୋଜଶାହି ଏକ ପ୍ରମୁଖ ଗ୍ରନ୍ଥ । ଏଥିରେ ବଲବନ୍, ଖିଲଜୀ ବଂଶ, ମହମ୍ମଦ-ବିନ୍-ତୁଗୋଲକ ଓ ଫିରୋଜ ତୁଗୋଲକଙ୍କ ଶାସନ ବିଷୟରେ ଉଲ୍ଲେଖ ଅଛି । ଅମୀର ଖୁସ୍ରୁଙ୍କ ଖାଜାଇନ୍-ଉଲ୍-ଫୁତୁରେ ଖିଲ୍‌ଜୀ ଶାସନର ସୂଚନା ମିଳିଛି । ବାବରଙ୍କ ଆତ୍ମଜୀବନୀ ତୁଜୁକ-ଇ-ବାବ୍‌ରୀ ତତ୍‌କାଳୀନ ସମୟର ଏକ ଅମୂଲ୍ୟ ପୁସ୍ତକ । ଆବୁଲ ଫାଜଲ୍‌ଙ୍କ ଆକବର ନାମା ଓ ଆଇନ-ଇ-ଆକବରୀରେ ଆକବରଙ୍କ ସମୟର ପ୍ରାମାଣିକ ଇତିହାସ ରହିଛି । ଜାହାଙ୍ଗୀରଙ୍କ ଆତ୍ମଜୀବନୀ ତୁଜୁକ୍-ଇ-ଜାହାଙ୍ଗୀରିରେ ତାଙ୍କ ସମୟର କାର୍ଯ୍ୟକଳାପ ଲିପିବଦ୍ଧ ହୋଇଛି । ଅବଦୁଲ ହମିଦ ଲାହୋରିଙ୍କ ଦ୍ୱାରା ରଚିତ ପାଦଶାହା-ନାମା ମଧ୍ୟ ଏକ ପ୍ରାମାଣିକ ଗ୍ରନ୍ଥ । ଆଲମଗିରିନାମାରୁ ଆଉରଙ୍ଗଜେବଙ୍କ ଇତିହାସ ବିଷୟ ଜଣାପଡ଼େ । ଯଥାର୍ଥରେ ମଧ୍ୟଯୁଗୀୟ ସାହିତ୍ୟରୁ ଅନେକ ଐତିହାସିକ ତଥ୍ୟ ମିଳିଥାଏ ।

## ଅଭିଲେଖାଗାରୀୟ ଉପାଦାନ (Archival Source) :

ଆଧୁନିକ ଭାରତ ଇତିହାସ ଅଧ୍ୟୟନ ନିମନ୍ତେ ଅଭିଲେଖାଗାରୀୟ ଉପାଦାନ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ପ୍ରଧାନତଃ ବ୍ରିଟିଶ ଯୁଗର ବିଭିନ୍ନ ଦଲିଲ ଅଭିଲେଖାଗାର (Archives) ମାନଙ୍କରେ ମିଳିଥାଏ । ଅଭିଲେଖାଗାରରେ ସରକାରୀ ଦଲିଲ୍, ଚିଠିପତ୍ର, ବୈଦେଶିକ ରାଜିନାମାର ନକଲ, କେତେକ ବ୍ୟକ୍ତିଗତ ଚିଠି ଓ ସମ୍ବାଦପତ୍ର ସୁରକ୍ଷିତ ଅବସ୍ଥାରେ ଥାଏ । ଭାରତର ଜାତୀୟ ଅଭିଲେଖାଗାର (National Archives) ନୂଆଦିଲ୍ଲୀଠାରେ ଅଛି । ତା'ଛଡ଼ା ପ୍ରତି ପ୍ରଦେଶରେ ମଧ୍ୟ ରାଜ୍ୟ ଅଭିଲେଖାଗାରମାନ (State Archives) ରହିଛି । ଏଗୁଡ଼ିକ ଐତିହାସିକ ଗବେଷଣାର ପ୍ରାଣକେନ୍ଦ୍ର । ଅଭିଲେଖାଗାରୀୟ ଉପାଦାନକୁ ଚାରିଭାଗରେ ବିଭକ୍ତ କରାଯାଇପାରେ, ଯଥା- (୧) ସରକାରୀ ଦସ୍ତାବିଜ୍ (୨) ବିଭିନ୍ନ ସଂସ୍ଥାର ଦଲିଲ୍ (୩) ନିର୍ଦ୍ଦିଷ୍ଟ ବ୍ୟକ୍ତିମାନଙ୍କର ବିବରଣୀ, (୪) ସମ୍ବାଦପତ୍ର ।

**ସରକାରୀ ଦସ୍ତାବିଜ୍ :** ସରକାରୀ କାର୍ଯ୍ୟର ରୂପାୟନ ସମୟରେ, ନଥିଗୁଡ଼ିକ ଅନେକ ସ୍ତର ଦେଇ ଯାଇଥାଏ । ଏଥିରେ ଅନେକ ଟୀକା ଓ ଟିପ୍‌ପଣୀ ରହିଥାଏ । ପୂର୍ଣ୍ଣାଙ୍ଗ ଅବସ୍ଥାରେ ଏଥିରେ ବିଭିନ୍ନ ଦିଗର ବିବରଣୀ ଲିଖିତ ହୋଇଥାଏ । ବ୍ରିଟିଶ ଶାସନ ସମୟରେ ସ୍ୱାକ୍ଷର ହୋଇଥିବା ରାଜିନାମାମାନ ଅଭିଲେଖାଗାରରେ ସଂରକ୍ଷିତ ଅଛି । ଗବେଷକମାନେ ଏହାକୁ ପାଠକରି, ଏହାର ପୃଷ୍ଠଭୂମି ଓ ପ୍ରଭାବ ଉପରେ ଆଲୋକପାତ କରିଛନ୍ତି । ସ୍ୱାଧିନତା ସଂଗ୍ରାମକୁ ବିଭିନ୍ନ ଚୁକ୍ତିମାନ କିପରି ପ୍ରଭାବିତ କରିଥିଲା, ତାହା ଏଗୁଡ଼ିକର ଅଧ୍ୟୟନ ଦ୍ୱାରା ଜଣାଯାଇଥାଏ । ଆମ ଦେଶର ଅନ୍ୟ ଦେଶ ସହ ଥିବା ସମ୍ପର୍କର ନଥିମାନ ମଧ୍ୟ ବିଭିନ୍ନ ବିଚାରାଳୟ ଦସ୍ତାବିଜରୁ ମିଳିଥାଏ । ଏଥିରେ ଆଇନର ବ୍ୟାଖ୍ୟା ରହିଛି । ବିଭିନ୍ନ ସମୟରେ କରାଯାଇଥିବା ଜନଗଣନାର ବିବରଣୀ ମଧ୍ୟ ଅଭିଲେଖାଗାରରୁ ମିଳିଥାଏ । ରାଜକୋଷ, ଜମାଖର୍ଚ୍ଚର ହିସାବ ଓ ଟିକସ ପ୍ରଣାଳୀର ସୂଚନା ଅର୍ଥନୈତିକ ଦଲିଲ୍‌ରେ ଥାଏ । ସରକାରୀ ଦସ୍ତାବିଜରେ ସରକାରଙ୍କ ଚିନ୍ତାଧାରା ପ୍ରତିଫଳିତ ହୋଇଥାଏ ।

**ବିଭିନ୍ନ ସଂସ୍ଥାର ଦଲିଲ :** ସରକାରଙ୍କ ଅଧୀନରେ ଅନେକ ସଂସ୍ଥା କାମ କରିଥାଏ । ଏହି ସଂସ୍ଥାଗୁଡ଼ିକର ବିଭିନ୍ନ କାର୍ଯ୍ୟର ବିବରଣୀ ମଧ୍ୟ ଅଭିଲେଖାଗାରରୁ ମିଳିଥାଏ । ଏକ ନିର୍ଦ୍ଦିଷ୍ଟ ସମୟର ଶିକ୍ଷା ବିଭାଗର ପାଠ୍ୟକ୍ରମ, ଶିକ୍ଷାର୍ଥୀମାନଙ୍କର ପରିସଂଖ୍ୟାନ ତଥ୍ୟ ଓ ଶିକ୍ଷାର ବିକାଶ ବିଷୟ, ଶିକ୍ଷା ବିଭାଗର ଦଲିଲ୍‌ରୁ ମିଳିଥାଏ । କୌଣସି ସରକାରୀ ଅର୍ଥନୈତିକ ପ୍ରତିଷ୍ଠାନର ହିସାବ ଏହାର ସମୀକ୍ଷା ନଥିରୁ ପ୍ରାପ୍ତ ହୋଇଥାଏ । ମଠ, ମନ୍ଦିର ଓ ଧର୍ମାନୁଷ୍ଠାନର ବିବରଣୀରୁ ଧାର୍ମିକ ଅବସ୍ଥାର ସୂଚନା ମିଳେ । ପାର୍ଲାମେଣ୍ଟ, ବିଧାନସଭା ଓ ବିଧାନ ପରିଷଦର ଆଲୋଚନାମାନ ଲିପିବଦ୍ଧ ହୋଇ ରହିଥାଏ । ଏଗୁଡ଼ିକରୁ ବିଭିନ୍ନ ପ୍ରତିନିଧିମାନଙ୍କର ମତାମତ, ସରକାରୀ ସଦସ୍ୟମାନଙ୍କ ଦୃଷ୍ଟିଭଙ୍ଗୀ, ବିଭିନ୍ନ ବିଲ୍ ଉପରେ ହୋଇଥିବା ଭୋଟ ଓ ବିଭିନ୍ନ ସମିତିର ବିବୃତିମାନ ଜଣାଯାଇଥାଏ ।

**ନିର୍ଦ୍ଦିଷ୍ଟ ବ୍ୟକ୍ତିମାନଙ୍କର ବିବରଣୀ :** ଭାରତର ସ୍ୱାଧୀନତା ସଂଗ୍ରାମ ସମୟରେ ଅନେକ ସଂଗ୍ରାମୀ ବ୍ରିଟିଶ ଶାସନ ଉପରେ ବିଭିନ୍ନ ଭାବରେ ସେମାନଙ୍କର ମତାମତ ପ୍ରଦାନ କରିଛନ୍ତି । ଏଗୁଡ଼ିକ ଦିନଲିପି (Diary), ଆତ୍ମଚରିତ ଓ ଅନେକ ପୁସ୍ତକରେ ସନ୍ନିବେଶିତ ହୋଇଛି । ଦିନଲିପି ଓ ଆତ୍ମଚରିତ ନିଜସ୍ୱ ଭାବଧାରାରେ ଲେଖାଯାଇଥିଲେ ମଧ୍ୟ ସ୍ୱାଧୀନତା ସଂଗ୍ରାମୀମାନେ ଏଥିରେ ତତ୍କାଳୀନ ସମାଜ ଓ ରାଜନୀତି ବିଷୟରେ ଉଲ୍ଲେଖ କରିଛନ୍ତି । ଏଥିରେ ମଧ୍ୟ ବିଭିନ୍ନ ଘଟଣାର ଧାରାବାହିକ ବିବରଣୀ ରହିଛି । କିଛି ନେତାମାନଙ୍କର ଏକ ନିର୍ଦ୍ଦିଷ୍ଟ ସମୟର ବକ୍ତବ୍ୟକୁ ବି ତଥ୍ୟ ଭାବରେ ଗ୍ରହଣ କରାଯାଏ । ମନ୍ଦିରର ପୁରୋହିତମାନଙ୍କ ବିବୃତିରୁ ଧାର୍ମିକ ସୂଚନା ଓ କେତେକ ବ୍ୟକ୍ତିଗତ ଚିଠିରୁ ରାଜନୈତିକ ଇତିହାସ ସମ୍ପର୍କରେ ତଥ୍ୟ ମିଳିଥାଏ । ବଡ଼ଲାଟ୍‌ମାନଙ୍କର ବିଭିନ୍ନ ଚିଠି ସେମାନଙ୍କ ଦୃଷ୍ଟିଭଙ୍ଗୀ ଓ ଶାସନନୀତି ଉପରେ ଆଲୋକପାତ କରିଥାଏ ।

**ସମ୍ବାଦପତ୍ର :** ଆଧୁନିକ ଭାରତ ଇତିହାସ ରଚନା ପାଇଁ ସମ୍ବାଦପତ୍ରର ଆବଶ୍ୟକତା ଅତି ଜରୁରୀ । ଦୈନିକ ଘଟଣାର ପ୍ରତିଫଳନ ଏଥିରେ ଦେଖିବାକୁ ମିଳେ । ଘଟଣାଗୁଡ଼ିକର ପୁଙ୍ଖାନୁପୁଙ୍ଖ ଆଲୋଚନା ବିଭିନ୍ନ ସମ୍ବାଦପତ୍ରରେ କରାଯାଇଥାଏ । ତେଣୁ ଅତୀତର କୌଣସି ଏକ ଘଟଣାର ବିସ୍ତୃତ ଇତିହାସ ଜାଣିବାକୁ ହେଲେ ସେ ସମୟର ସମ୍ବାଦପତ୍ର ଅଧ୍ୟୟନର ଯଥେଷ୍ଟ ଆବଶ୍ୟକତା ରହିଛି । ସ୍ୱାଧୀନତା ପୂର୍ବରୁ ସମ୍ବାଦପତ୍ର ଯଥା - 'ଅମୃତବଜାର ପତ୍ରିକା', 'ହିନ୍ଦୁ ପାଟ୍ରିଅଟ୍' ଓ 'ଯୁଗାନ୍ତର' ଇତ୍ୟାଦି ଇତିହାସର ବହୁ ତଥ୍ୟ ବହନ କରିଛନ୍ତି । ଅନେକ ସମୟରେ ସମ୍ବାଦପତ୍ରଗୁଡ଼ିକର ସମ୍ପାଦକୀୟରେ ସେ ସମୟର ପ୍ରମୁଖ ସମସ୍ୟାର ବିଶ୍ଳେଷଣ କରାଯାଇଛି । ସମ୍ବାଦପତ୍ର ବ୍ୟତୀତ ପତ୍ରପତ୍ରିକାରେ ମଧ୍ୟ ଐତିହାସିକ ତଥ୍ୟ ରହିଛି । 'ଏସିଆଟିକ୍ ରିସର୍ଚ୍ଚେସ୍', 'ଜର୍ଣ୍ଣାଲ୍ ଅଫ ଦି ରୟାଲ ଏସିଆଟିକ୍ ସୋସାଇଟି', 'ଏସିଆଟିକ୍ କ୍ୱାଟରଲି ରିଭ୍ୟୁ' ଓ 'ଜର୍ଣ୍ଣାଲ ଅଫ ଦି ଏସିଆଟିକ୍ ସୋସାଇଟି ଅଫ ବେଙ୍ଗଲ' ଇତ୍ୟାଦିରେ ଇତିହାସ ସମ୍ବନ୍ଧୀୟ ଗବେଷଣାତ୍ମକ ଆଲୋଚନା ରହିଛି । ଏତଦ୍‌ବ୍ୟତୀତ ଅନେକ ଘଟଣାର ଛବି ଓ ମାନଚିତ୍ର ମଧ୍ୟ ଇତିହାସର ସ୍ୱାକ୍ଷର ବହନ କରିଥାଏ ଓ ଇତିହାସ ରଚନାରେ ବ୍ୟବହୃତ ହୋଇଥାଏ ।

ନିଃସନ୍ଦେହରେ କୁହାଯାଇପାରେ ଯେ, ଭାରତ ଇତିହାସ ଲିଖନ ପାଇଁ ବହୁତ ତଥ୍ୟ ରହିଛି । ପ୍ରାଚୀନ ଯୁଗର ଅନେକ ତଥ୍ୟ ଏବେ ମଧ୍ୟ ଲୋକଲୋଚନକୁ ଆସୁଛି । କେତେକ ପ୍ରାଚୀନ ବସ୍ତୁର ବୈଜ୍ଞାନିକ ବିଶ୍ଳେଷଣ ବି କରାଯାଉଛି । କମ୍ପ୍ୟୁଟର ମାଧ୍ୟମରେ ପ୍ରାଚୀନ ଲିପିର ଅଧ୍ୟୟନ ପାଇଁ ଚେଷ୍ଟା ଚାଲିଛି । ମଧ୍ୟଯୁଗର ଇତିହାସ ଅଧ୍ୟୟନ ପାଇଁ ଐତିହାସିକଙ୍କୁ ଅନେକ ପରିମାଣରେ ତଥ୍ୟ ମିଳିଥାଏ । ଆଧୁନିକ ଯୁଗର ଇତିହାସ ପାଇଁ

ଅଭିଲେଖାଗାରୀୟ ଉପାଦାନର ଭୂମିକା ଗୁରୁତ୍ୱପୂର୍ଣ୍ଣ । ମାତ୍ର ଯେକୌଣସି ତଥ୍ୟକୁ ବ୍ୟବହାର କରିବାବେଳେ, ଐତିହାସିକକୁ ସାବଧାନତା ଅବଲମ୍ୱନ କରିବାକୁ ପଡ଼ିବ । ଏହାର ସତ୍ୟତା ଓ ପ୍ରାମାଣିକତା (authenticity) କୁ ବିଚାରକୁ ନେବା ଐତିହାସିକର ପ୍ରଧାନ କର୍ତ୍ତବ୍ୟ ।

## ସାରାଂଶ

ଭାରତର ଅତୀତର ଇତିହାସ ଲିଖନରେ ବିଭିନ୍ନ ପ୍ରକାର ଉପାଦାନରେ ମିଳୁଥିବା ତଥ୍ୟର ଅନୁଶୀଳନ ଓ ବିଶ୍ଳେଷଣ ସମ୍ପୂର୍ଣ୍ଣଭାବରେ ନିର୍ଭରଶୀଳ । ଏହି ଉପାଦାନଗୁଡ଼ିକୁ ତିନୋଟି ଭାଗରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା- ପ୍ରତ୍ନତାତ୍ତ୍ୱିକ ଉପାଦାନ, ସାହିତ୍ୟିକ ଉପାଦାନ ଓ ଅଭିଲେଖାଗାରୀୟ ଉପାଦାନ । ପ୍ରାଚୀନ ଭାରତର ଇତିହାସ ରଚନା ପାଇଁ ଐତିହାସିକମାନେ ମୁଖ୍ୟତଃ ପ୍ରତ୍ନତାତ୍ତ୍ୱିକ ଉପାଦାନ ଓ ସାହିତ୍ୟିକ ଉପାଦାନ ଉପରେ ନିର୍ଭର କରିଥାଆନ୍ତି । ପ୍ରତ୍ନତାତ୍ତ୍ୱିକ ଉପାଦାନଗୁଡ଼ିକୁ ବିଭିନ୍ନ ଭାଗରେ ବିଭକ୍ତ କରାଯାଇଥାଏ । ସେଗୁଡ଼ିକ ହେଲା- (୧) ଅଭିଲେଖ, (୨) ମୁଦ୍ରା, (୩) କୀର୍ତ୍ତିସ୍ତମ୍ଭ, (୪) କଳା ଓ ସ୍ଥାପତ୍ୟ, (୫) ପ୍ରତ୍ନତାତ୍ତ୍ୱିକ ଅନ୍ୱେଷଣ ଓ ଖନନ । ସାହିତ୍ୟିକ ଉପାଦାନ ମଧ୍ୟରେ ଧର୍ମସାହିତ୍ୟ, ଜୀବନଚରିତ, ରାଜନୀତି ଶାସ୍ତ୍ର, ଇତିବୃତ୍ତ, ବୈଦେଶିକ ବିବରଣୀ ଓ ସଂସ୍କୃତ ସାହିତ୍ୟ ଅନ୍ୟତମ ।

ମଧ୍ୟଯୁଗୀୟ ଇତିହାସ ଲିଖନ ପାଇଁ ଆବଶ୍ୟକୀୟ ତଥ୍ୟ ମୁଖ୍ୟତଃ ସାହିତ୍ୟିକ ଉପାଦାନରୁ ମିଳିଥାଏ । ଏହି ସମୟରେ ଲିଖିତ ଇତିବୃତ୍ତ ଓ ଆତ୍ମଜୀବନୀ ଗୁଡ଼ିକରୁ ମିଳିଥିବା ତଥ୍ୟରୁ ଇତିହାସ ଲିଖନ କରାଯାଇଥାଏ ।

ଆଧୁନିକ ଭାରତର ଇତିହାସ ରଚନା ପାଇଁ ଅଭିଲେଖାଗାରୀୟ ଉପାଦାନଗୁଡ଼ିକ ଉପରେ ଐତିହାସିକମାନେ ମୁଖ୍ୟତଃ ନିର୍ଭରଶୀଳ । ସେଗୁଡ଼ିକୁ ଚାରିଭାଗରେ ବିଭକ୍ତ କରାଯାଇଥାଏ । ଯଥା- (୧) ସରକାରୀ ଦସ୍ତାବିଜ୍, (୨) ବିଭିନ୍ନ ସଂସ୍ଥାର ଦଲିଲ, (୩) ନିର୍ଦ୍ଦିଷ୍ଟ ବ୍ୟକ୍ତିମାନଙ୍କର ବିବରଣୀ, (୪) ସମ୍ବାଦପତ୍ର ଇତ୍ୟାଦି । ତେବେ ଉପାଦାନଗୁଡ଼ିକରେ ଥିବା ତଥ୍ୟଗୁଡ଼ିକର ସତ୍ୟତା ଓ ପ୍ରାମାଣିକତାକୁ ବିଚାରକୁ ନେଇ ଐତିହାସିକମାନେ ଇତିହାସ ସଂରଚନା କରିଥାଆନ୍ତି ।

## ଆଦର୍ଶ ପ୍ରଶ୍ନାବଳୀ

### 'କ' ବିଭାଗ

### (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର)

**୧. ପ୍ରତ୍ୟେକ ପ୍ରଶ୍ନସହ ଚାରିଟି ସମ୍ଭାବିତ ଉତ୍ତର ଦିଆଯାଇଛି । ସଠିକ୍ ଉତ୍ତରଟିକୁ ବାଛ ଓ ଲେଖ ।**

(କ) ପ୍ରୟାଗ ପ୍ରଶସ୍ତିରେ କେଉଁ ରାଜାଙ୍କ କାର୍ଯ୍ୟକଳାପ ବର୍ଣ୍ଣନା କରାଯାଇଛି ?
(i) ଖାରବେଳ, (ii) ସମୁଦ୍ରଗୁପ୍ତ, (iii) ହର୍ଷବର୍ଦ୍ଧନ, (iv) ବାବର

(ଖ) ପ୍ରାଚୀନତମ ବେଦର ନାମ କଣ ?
(i) ଋକ୍‌ବେଦ, (ii) ସାମବେଦ, (iii) ଯର୍ଜୁବେଦ, (iv) ଅଥର୍ବବେଦ

(ଗ) 'ହର୍ଷଚରିତ'ର ରଚୟିତା କିଏ ?
(i) କାଳିଦାସ, (ii) ପାଣିନି, (iii) ବାଣଭଟ୍ଟ, (iv) ବିଲହଣ

(ଘ) ମେଗାସ୍ଥିନିସ୍ କେଉଁ ରାଜାଙ୍କ ସମୟରେ ଭାରତକୁ ଆସିଥିଲେ ?
(i) ଚନ୍ଦ୍ରଗୁପ୍ତ ମୌର୍ଯ୍ୟ, (ii) ଅଶୋକ, (iii) ଖାରବେଳ, (iv) ସମୁଦ୍ରଗୁପ୍ତ

(ଙ) ହୁଏନ୍‌ସାଂଙ୍କ 'ସି-ୟୁ-କୀ' ଇତିହାସର କେଉଁ ଉପାଦାନ ଅନ୍ତର୍ଭୁକ୍ତ ?
(i) ପ୍ରତ୍ନତାତ୍ତ୍ୱିକ, (ii) ଲୋକସାହିତ୍ୟ, (iii) ବୈଦେଶିକ ବିବରଣୀ, (iv) ଅଭିଲେଖାଗାରୀୟ

(ଚ) କଲହଣ କେଉଁ ରାଜ୍ୟର ରାଜବଂଶର ଇତିହାସ 'ରାଜତରଙ୍ଗିଣୀ'ରେ ବର୍ଣ୍ଣନା କରିଛନ୍ତି ?
(i) ଗୁଜୁରାଟ, (ii) ପଞ୍ଜାବ, (iii) ବିହାର, (iv) କାଶ୍ମୀର

**୨. ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଗୋଟିଏ ଶବ୍ଦରେ ଦିଅ ।**

(କ) ଭାରତର ପ୍ରାଚୀନତମ ମୁଦ୍ରାର ନାମ କ'ଣ ?
(ଖ) ବଙ୍ଗର 'ଏସିଆଟିକ୍ ସୋସାଇଟି' କେବେ ପ୍ରତିଷ୍ଠା କରାଯାଇଥିଲା ?
(ଗ) ଅଶୋକଙ୍କର ବିଭିନ୍ନ ଅଭିଲେଖରେ କେଉଁ ଭାଷା ବ୍ୟବହାର କରାଯାଇଥିଲା ?
(ଘ) ବଂଶଖେରା ଓ ମଧୁବନ ଅଭିଲେଖ କେଉଁ ଶାସକଙ୍କ ସମୟର ?
(ଙ) ଭିମ୍‌ବେଟ୍‌କାର ଉଲ୍ଲେଖନୀୟ ଗୁମ୍ଫାକଳା କେଉଁ ରାଜ୍ୟରେ ଅବସ୍ଥିତ ?
(ଚ) କେଉଁ ଶାସକଙ୍କ ସମୟରେ ଗ୍ରୀକ୍ ପରିବ୍ରାଜକ ମେଗାସ୍ଥିନିସ୍ ଭାରତ ଭ୍ରମଣରେ ଆସିଥିଲେ ?

**୩. ଭୁଲ ଥିଲେ ସଂଶୋଧନ କର ।**

(କ) ଚୀନ୍ ପରିବ୍ରାଜକ ଫାହିୟାନ୍ ଗୁପ୍ତ ସମ୍ରାଟ ସମୁଦ୍ରଗୁପ୍ତଙ୍କ ସମୟରେ ଭାରତକୁ ଆସିଥିଲେ ।
(ଗ) ମହମ୍ମଦ ଘୋରୀଙ୍କ ସହିତ ଆଲ୍‌ବେରୁଣୀ ଭାରତକୁ ଆସିଥିଲେ ।
(ଘ) ଜିଆଉଦ୍ଦିନ୍ ବରାନୀଙ୍କ ଦ୍ୱାରା ଲିଖିତ 'ଫତାହିକ୍-ଇ-ହିନ୍ଦ୍' ଏକ ପ୍ରମୁଖ ଗ୍ରନ୍ଥ ।
(ଙ) ହୁଏନ୍‌ସାଂଙ୍କ ରଚିତ ପୁସ୍ତକ 'ସି-ୟୁ-କି' ଚନ୍ଦ୍ରଗୁପ୍ତଙ୍କ ଶାସନ ସମ୍ପର୍କରେ ବିବରଣୀ ପ୍ରଦାନ କରିଥାଏ ।

୪. **ଶୂନ୍ୟସ୍ଥାନ ପୂରଣ କର ।**
(କ) 'ତବାକତ-ଇ-ନଶିରି' ପୁସ୍ତକ ________ ରଚନା କରିଥିଲେ ।
(ଖ) ଭାରତର ଜାତୀୟ ଅଭିଲେଖାଗାର ________ ଠାରେ ଅବସ୍ଥିତ ।
(ଗ) ହୁଏନସାଂ ________ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ଭ୍ରମଣ କରିଥିଲେ ।
(ଘ) 'ପୃଥ୍ୱିରାଜ ରାସୋ' ________ ରଚନା କରିଥିଲେ ।
(ଙ) ବୌଦ୍ଧ ଧର୍ମର ସଂଘ ଜୀବନ ସମ୍ପର୍କରେ ________ ପିଟକରେ ଉଲ୍ଲେଖ ଅଛି ।

## 'ଖ' ବିଭାଗ

୫. **ଦୁଇ ବା ତିନୋଟି ବାକ୍ୟରେ ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର)**
(କ) 'ରାଜତରଙ୍ଗିଣୀ'ର ଲେଖକ କିଏ ଓ ଏଥିରେ କେଉଁ ଅଞ୍ଚଳର ଐତିହାସିକ ତଥ୍ୟ ମିଳେ ?
(ଖ) ପୁରାଲେଖ ତତ୍ତ୍ୱ (Epigraphy) କହିଲେ କ'ଣ ବୁଝାଏ ?
(ଗ) ଅଭିଲେଖ କହିଲେ କ'ଣ ବୁଝ ?
(ଘ) ଭୂମିଦାନ ଅଭିଲେଖ କ'ଣ ?
(ଙ) ଛାପାଯୁକ୍ତ ମୁଦ୍ରା (Punch marked coin) କାହାକୁ କୁହାଯାଏ ?

୬. **୫ଟି ବା ୬ଟି ବାକ୍ୟରେ ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର)**
(କ) ଇତିହାସ ଅଧ୍ୟୟନରେ ମୁଦ୍ରାର ଭୂମିକା ।
(ଖ) ଆଧୁନିକ ଇତିହାସ ରଚନା କ୍ଷେତ୍ରରେ ସମ୍ବାଦପତ୍ରର ଭୂମିକା ।
(ଗ) ଇତିହାସ ରଚନାରେ 'ଜୀବନ ଚରିତ'ର ଗୁରୁତ୍ୱ ।
(ଘ) କୌଟିଲ୍ୟଙ୍କର ଅର୍ଥଶାସ୍ତ୍ର ।
(ଙ) ସରକାରୀ ଦସ୍ତାବିଜ୍ ।

## 'ଗ' ବିଭାଗ

### (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର)

୭. ଇତିହାସ ରଚନାରେ ବିଭିନ୍ନ ଉପାଦାନଗୁଡ଼ିକର ଭୂମିକା ଆଲୋଚନା କର ।

୮. ଭାରତ ଇତିହାସ ରଚନା କ୍ଷେତ୍ରରେ ପ୍ରତ୍ନତାତ୍ତ୍ୱିକ ଓ ସାହିତ୍ୟିକ ଉପାଦାନର ଯଥେଷ୍ଟ ଗୁରୁତ୍ୱ ରହିଛି- ଆଲୋଚନା କର ।

୯. ବୈଦେଶିକ ବିବରଣୀ ଓ ଅଭିଲେଖାଗାରୀୟ ଉପାଦାନ ଭାରତୀୟ ଇତିହାସ ରଚନାକୁ ସମୃଦ୍ଧ କରିଛି- ଆଲୋକପାତ କର ।

❑●❑

## ଦ୍ୱିତୀୟ ଅଧ୍ୟାୟ (କ) :

# ଭାରତୀୟ ସଂସ୍କୃତିର ମୂଳଭିତ୍ତି
# Foundation of Indian Culture

---

a) **Harappan culture:** Discovery, Geographical Extent, Town planning, structure, Agriculture, Domestication of Animals, Technology and Craft, Trade, Contact with Distant Lands, Scripts, Weights, Measurement, Religious beliefs, Seals.

**ହରପ୍ପା ସଂସ୍କୃତି :** ଆବିଷ୍କାର, ଭୌଗୋଳିକ ବିସ୍ତୃତି, ନଗର ପରିକଳ୍ପନା ଓ ଗଠନ ପ୍ରଣାଳୀ, କୃଷି ଓ ପଶୁପାଳନ, ବୈଷୟିକ ଜ୍ଞାନକୌଶଳ ଓ ଶିଳ୍ପ ବା କାରିଗରୀ ବିଦ୍ୟା, ବାଣିଜ୍ୟ ଓ ବହିର୍ଦେଶ ସହ ସମ୍ପର୍କ, ଲିପି, ମାପ-ଓଜନ, ଧର୍ମବିଶ୍ୱାସ, ମୋହର।

ପୃଥିବୀପୃଷ୍ଠରେ ମାନବସଭ୍ୟତାର ବିବର୍ତ୍ତନରେ 'ହରପ୍ପା' ସଂସ୍କୃତି ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ବସ୍ତୁତଃ 'ହରପ୍ପା' ସଂସ୍କୃତି ଭାରତକୁ ପୃଥିବୀର ସାଂସ୍କୃତିକ ଇତିହାସରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ୧୯୨୧-୨୨ ମସିହାର ପ୍ରତ୍ନତାତ୍ତ୍ୱିକ ଖନନ ଏବଂ ସିନ୍ଧୁନଦୀକୂଳରେ ହରପ୍ପା-ମହେଞ୍ଜୋଦାରୋ ସଂସ୍କୃତିର ଆବିଷ୍କାର ପୂର୍ବରୁ ପ୍ରାୟ ଏକ ଶହ ବର୍ଷ ଧରି ପଞ୍ଜାବ ପ୍ରଦେଶରେ ସାହିୱାଲ ଜିଲ୍ଲାର 'ହରପ୍ପା' ଗ୍ରାମରେ ଅନେକ ବ୍ରିଟିଶ ଅଧିକାରୀମାନଙ୍କର ପାଦ ପଡ଼ିଥିଲେ ମଧ୍ୟ ଏଠାରେ ଯେ ଏତେବଡ଼ ସଭ୍ୟତାର ଅବଶେଷ ରହିଛି ସେ ସମ୍ପର୍କରେ ତିଳେମାତ୍ର ସୂଚନା କେହି ଦେଇପାରି ନ ଥିଲେ। ୧୮୨୬ ଖ୍ରୀଷ୍ଟାବ୍ଦରେ ପ୍ରାକ୍ତନ ଚାର୍ଲସ୍ ମାସନ୍ ନାମକ ଜଣେ ଇଷ୍ଟଇଣ୍ଡିଆ କମ୍ପାନୀର ପ୍ରାକ୍ତନ ସେନାଧିକାରୀ ହରପ୍ପାର କୁଦ ଉପରେ ଠିଆ ହୋଇ ଭାବିଥିଲେ ଯେ ଏହା ହେଉଛି ସେହି ସ୍ଥାନ ଯେଉଁଠାରେ ଗ୍ରୀକ୍‌ବୀର ଆଲୋକଜାଣ୍ଡର ହୁଏତ ରାଜାପୁରୁଙ୍କୁ ଯୁଦ୍ଧରେ ପରାସ୍ତ କରିଥିବେ। ତାର କିଛିବର୍ଷ ପରେ ଆଲେକଜାଣ୍ଡର ବର୍ଣ୍ଣସ୍ ନାମକ ଜଣେ ପରିବ୍ରାଜକ ହରପ୍ପା ଗସ୍ତକରିଥିଲେ କିନ୍ତୁ ସେ କୌଣସି ଉପସଂହାରରେ ପହଞ୍ଚି ପାରିନଥିଲେ। ତାପରେ ଆଲେକଜାଣ୍ଡାର କୁନିଙ୍ଗହାମ୍ ନାମକ ଜଣେ ସେନା ଇଞ୍ଜିନିୟର ଯେ ପ୍ରତ୍ନତତ୍ତ୍ୱରେ ବିଶେଷ ରୁଚି ରଖୁଥିଲେ ୧୮୫୦ ଦଶକରେ ହରପ୍ପା ଯାଇ ଗୋଟିଏ ଛୋଟ ଧରଣର ଖନନ କରିଥିଲେ। କିନ୍ତୁ କୌଣସି ବିଶେଷ ସୂଚନା ପାଇପାରି ନଥିଲେ। ପରେ ୧୮୭୨ ମସିହାରେ ଆଲେକଜାଣ୍ଡର କୁନିଙ୍ଗହାମ୍ ହରପ୍ପା ଗ୍ରାମକୁ ପୁଣି ପରିଦର୍ଶନରେ ଯାଇଥିଲେ। ସେତେବେଳେ ସେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ASI)ର ଡାଇରେକ୍ଟର ଜେନେରାଲ ବା ମହାନିର୍ଦ୍ଦେଶକ ଥିଲେ। ସେଠାରେ

ପହଞ୍ଚି ସେ ଦେଖିଥିଲେ ଯେ ରେଳଲାଇନ୍ ପ୍ରସାରଣରେ ନିୟୋଜିତ କିଛି କଣ୍ଟ୍ରାକ୍ଟର ହରପ୍ପାର କୁଦକୁ ଖୋଳି ଅନେକ କ୍ଷତି କରିଦେଇଛନ୍ତି । ଏହା ତାଙ୍କୁ ବିଶେଷ ଭାବରେ ବ୍ୟଥିତ କରିଥିଲା । କିନ୍ତୁ ସେ କିଛି ପ୍ରସ୍ତର ନିର୍ମିତ ଉପକରଣ, ମାଟିଖପରା ଏବଂ ଗୋଟିଏ ସିଲ୍ ପାଇଥିଲେ । ସିଲ୍ ବା ମୋହରରେ କିଛି ଲେଖା ଏବଂ ବୃଷଭର ଚିତ୍ର ଦେଖିବାକୁ ପାଇଥିଲେ । କିନ୍ତୁ ବୃଷଭର କୁଜ (hump) ନ ଥିଲା । ତେଣୁ ସେ ଭାବିଥିଲେ ଯେ ଏହି ସିଲ୍‌ଟି କୌଣସି ବିଦେଶୀ ଦେଶର ହୋଇଥାଇପାରେ । ସେ ଯଦି ଅଧିକ ଅନୁଧ୍ୟାନ କରିବାକୁ ଚେଷ୍ଟା କରିଥାନ୍ତେ ତାହେଲେ ହରପ୍ପା ସଭ୍ୟତାର ଆବିଷ୍କାରର ଶ୍ରେୟ ତାଙ୍କ ପାଖକୁ ଯାଇଥାଆନ୍ତା ।

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ଅଧିକାରୀମାନେ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଏହି ଅଞ୍ଚଳରେ ପ୍ରଥମେ ସର୍ବେକ୍ଷଣ କରିଥିଲେ । କିନ୍ତୁ ସେମାନେ ବିଶେଷ ମତାମତ ରଖିପାରି ନଥିଲେ । ଏପରିକି ଐତିହାସିକ ଡଃ.ଆର. ଭଣ୍ଡାରକର କହିଥିଲେ ଯେ ଏହି 'ଅବଶେଷର' ସମୟକାଳ ଦୁଇଶହ ପଚାଶ ବର୍ଷରୁ ଅଧିକ ହୋଇ ନପାରେ । ତେବେ ୧୯୨୦ ମସିହାରେ ଦୟାରାମ ସାହାଣୀ ହରପ୍ପା ଠାରେ ଏବଂ ରାଖାଲଦାସ ବାନାର୍ଜୀ ୧୯୨୧ ମସିହାରେ ମହେଞ୍ଜୋଦାରୋଠାରେ ପ୍ରତ୍ନତାତ୍ତ୍ୱିକ ଖନନ ଆରମ୍ଭ କରିଥିଲେ ଏବଂ ତତ୍‌କାଳୀନ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ଡାଇରେକ୍ଟର ଜେନେରାଲ ସାର୍ ଜନ୍ ମାର୍ଶାଲ ୧୯୨୪ ମସିହାରେ ହରପ୍ପା ସଂସ୍କୃତିର ଆବିଷ୍କାର ସମ୍ପର୍କରେ ଔପଚାରିକ ଭାବରେ ସୂଚନା ଦେଇଥିଲେ । ମାର୍ଶାଲଙ୍କର ସୂଚନା ଭାରତୀୟ ସଂସ୍କୃତିର ଐତିହାସିକ ସମୟକାଳକୁ ଖ୍ରୀ.ପୂ. ୨୫୦୦କୁ ନେଇଯାଇଥିଲା, ଯାହା ପ୍ରାୟ ମେସୋପୋଟାମିଆ ଏବଂ ଇଜିପ୍ଟ ସଭ୍ୟତାର ସମସାମୟିକ ଥିଲା ।

## ଭୌଗୋଳିକ ବିସ୍ତୃତି ଓ ଜନସଂଖ୍ୟା :

ହରପ୍ପା ସଭ୍ୟତାକୁ ପ୍ରଥମେ ସାର୍‌ଜନ୍ ମାର୍ଶାଲ 'ସିନ୍ଧୁସଭ୍ୟତା' ଭାବରେ ନାମିତ କରିଥିଲେ । ଭାରତର ସ୍ୱାଧୀନତା ପରେ ଏହି ସଭ୍ୟତା ହରପ୍ପା ସଭ୍ୟତା ଭାବରେ ପରିଚିତି ଲାଭ କରିଥିଲା । ହରପ୍ପା ସଭ୍ୟତାର ଭୌଗୋଳିକ ବିସ୍ତୃତି ପାକିସ୍ତାନର ସମତଳଭୂମି, ବେଲୁଚିସ୍ତାନର କିଛି ଅଞ୍ଚଳ, ଭାରତର ପଞ୍ଜାବ, ହରିୟାଣା, ଉତ୍ତର ପଶ୍ଚିମ ଉତ୍ତର ପ୍ରଦେଶ, ଉତ୍ତର ରାଜସ୍ଥାନ, ଗୁଜୁରାଟ ପ୍ରଭୃତି ପ୍ରଦେଶ ମାନଙ୍କରେ ପରିବ୍ୟାପ୍ତ ଥିଲା । ଭାରତ ସ୍ୱାଧୀନ ହେବା ବେଳକୁ ହରପ୍ପା ସଭ୍ୟତାର ଅବଶେଷ ପ୍ରାୟ ୪୦ଟି ସ୍ଥାନରେ ମିଳିଥିବାବେଳେ ବର୍ତ୍ତମାନ ପ୍ରାୟ ୧୪୦୦ଟି ସ୍ଥାନରୁ ଅବଶେଷ ମିଳିସାରିଛି । ଅବଶ୍ୟ ପ୍ରତ୍ୟେକ ସ୍ଥାନରେ ସମୃଦ୍ଧ ନଗରସଭ୍ୟତାର ସୂଚନା ମିଳେ ନାହିଁ । ପଶ୍ଚିମରେ ବେଲୁଚିସ୍ତାନର ସୁତ୍‌କାଜେଣ୍ଡୋର ଠାରୁ ଆରମ୍ଭ କରି ପୂର୍ବରେ ଉତ୍ତରପ୍ରଦେଶର ମିରଟ୍ ଜିଲ୍ଲାରେ ଅବସ୍ଥିତ ଆଲମ୍‌ଗିରପୁର ଏବଂ ଦକ୍ଷିଣରେ ମହାରାଷ୍ଟ୍ରର ଅହମ୍ମଦନଗର ଜିଲ୍ଲାର ଦାଇମାବାଦ୍‌ରୁ ଆରମ୍ଭ କରି ଉତ୍ତରରେ ଜାମୁ ଓ କାଶ୍ମୀର ପ୍ରଦେଶରେ ଅଖନୁର ଜିଲ୍ଲାରେ ଅବସ୍ଥିତ ମଣ୍ଡା ପର୍ଯ୍ୟନ୍ତ ଏହା ବିସ୍ତୃତିଲାଭ କରିଥିଲା । ପୂର୍ବ-ପଶ୍ଚିମର ଦୈର୍ଘ୍ୟ ପ୍ରାୟ ୧୬୦୦ କି.ମି. ଏବଂ ଉତ୍ତର-ଦକ୍ଷିଣର ବିସ୍ତୃତି ପ୍ରାୟ ୧୪୦୦ କି.ମି. । ଭୌଗୋଳିକ ଦୃଷ୍ଟିକୋଣରୁ ଏହା ପ୍ରାୟ ୧୨,୫୦,୦୦୦ ବର୍ଗ କି.ମି. ଅଞ୍ଚଳରେ ପରିବ୍ୟାପ୍ତ ଥିଲା । ଏହି ୧୪୦୦ ସ୍ଥାନମାନଙ୍କ ମଧ୍ୟରୁ କେବଳ ଅଳ୍ପ କେତୋଟି ସ୍ଥାନରେ ବିଶାଳ ନଗର ଗଢ଼ି ଉଠିଥିବାବେଳେ ଅନ୍ୟସବୁ ଜାଗାମାନଙ୍କରେ ଛୋଟ ଛୋଟ ସହର ଥିଲା । ଏ ପର୍ଯ୍ୟନ୍ତ କରାଯାଇଥିବା ପ୍ରତ୍ନତାତ୍ତ୍ୱିକ ଖନନ ସ୍ଥାନମାନଙ୍କ ମଧ୍ୟରେ

ପାକିସ୍ଥାନର ସିନ୍ଧୁ ପ୍ରଦେଶ, ଲାରକାନା ଜିଲ୍ଲାରେ ଅବସ୍ଥିତ ମହେଞ୍ଜୋଦାରୋ, ହରପ୍ପା, ପଞ୍ଜାବର ରୋପାର, ରାଜସ୍ଥାନର କାଲିବଙ୍ଗାନ, ଗୁଜୁରାଟର ଲୋଥାଲ, ସୁର୍କୋଟାଡ଼ା, ଧୋଲାଭିରା, ପାକିସ୍ଥାନରେ ଅବସ୍ଥିତ ଚାହ୍ନୁଦାରୋ, ଉତ୍ତରପ୍ରଦେଶରେ ଅବସ୍ଥିତ ଆଲମଗିରିପୁର ଇତ୍ୟାଦିର ହରପ୍ପା ସଭ୍ୟତା ସମ୍ପର୍କରେ ଏକ ସ୍ୱଷ୍ଟ ଚିତ୍ର ମିଳିସାରିଛି ।

ହରପ୍ପା ଓ ମହେଞ୍ଜୋଦାରୋରୁ ମିଳିଥିବା ଅବଶେଷରୁ ସିନ୍ଧୁସଭ୍ୟତା ସମ୍ପର୍କରେ କେତେକ ସାଂସ୍କୃତିକ ଚିହ୍ନକୁ ପ୍ରତ୍ନତତ୍ତ୍ୱବିତ୍‌ମାନେ ଖୋଜି ବାହାର କରିଛନ୍ତି, ଯାହା ଦ୍ୱାରା ଏହି ସଭ୍ୟତାର ଅନ୍ୟାନ୍ୟ ସ୍ଥାନମାନଙ୍କରୁ ମିଳିଥିବା ସଂସ୍କୃତିର ବୈଶିଷ୍ଟ୍ୟକୁ ବୁଝିବା ସହଜସାଧ ହୋଇପାରିଛି । ସେହି ସାଧାରଣ ବୈଶିଷ୍ଟ୍ୟଗୁଡ଼ିକ ହେଲା-

୧. ଚକ ତିଆରି ମୃଣ୍ମୟପାତ୍ର
୨. ସିଲ ବା ମୋହର
୩. ପୋଡ଼ା ଇଟାର ବ୍ୟବହାର
୪. ଓଜନମାପ ବ୍ୟବସ୍ଥା
୫. ସୁପରିକଳ୍ପିତ ରାସ୍ତା ଓ ନର୍ଦ୍ଦମା ନିଷ୍କାସନ ବ୍ୟବସ୍ଥା
୬. ସହରର ଗୋଟିଏ ପ୍ରାନ୍ତରେ ଦୁର୍ଗ ନିର୍ମାଣ (citadel)
୭. କୂଅ ଓ ସ୍ନାନାଗାର ନିର୍ମାଣ
୮. ସହର ବାହାରେ କବରସ୍ଥାନ

ବିଭିନ୍ନ ଦୃଷ୍ଟିକୋଣରୁ ବିଚାରକରି ପ୍ରତ୍ନତତ୍ତ୍ୱବିତ୍‌ମାନେ ଅନୁମାନ କରିଛନ୍ତି ଯେ ମହେଞ୍ଜୋଦାରୋର ଜନସଂଖ୍ୟା ପ୍ରାୟ ୮୫୦୦୦ ଥିବାବେଳେ ହରପ୍ପାର ଜନସଂଖ୍ୟା ପ୍ରାୟ ୬୫୦୦୦ ଥିଲା । ତେବେ ହରପ୍ପା ସଭ୍ୟତାର ସବୁ ସହରମାନଙ୍କର ଜନସଂଖ୍ୟା ୨,୫୦,୦୦୦ରୁ ଅଧିକ ହେବ ।

## ହରପ୍ପା ସଭ୍ୟତାର ସମୟକାଳ :

ପ୍ରଥମେ ସାରଜନମାର୍ଶାଲ ମେସୋପୋଟାମିଆର ସମୟକାଳକୁ ଦୃଷ୍ଟିରେ ରଖି ମତ ଦେଇଥିଲେ ଯେ ଏହି ସଭ୍ୟତା ଖ୍ରୀ.ପୂ. ୩୨୫୦ ରୁ ଖ୍ରୀ.ପୂ. ୨୭୫୦ ମଧ୍ୟରେ ଗଢ଼ିଉଠିଥିଲା । ମୋର୍ଟିମର ହ୍ୱିଲରଙ୍କ ମତରେ ଏହାର ସମୟକାଳ ଖ୍ରୀ.ପୂ. ୨୫୦୦ରୁ ଖ୍ରୀ.ପୂ. ୧୫୦୦ ମଧ୍ୟରେ ସୀମିତ ଥିଲା । ସାଧାରଣ ଭାବରେ ଏହାର ସମୟକାଳକୁ ଖ୍ରୀ.ପୂ. ୨୭୫୦ରୁ ଖ୍ରୀ.ପୂ. ୧୭୫୦ ମଧ୍ୟରେ ଆବଦ୍ଧ କରାଯାଇଛି । ତେବେ ରେଡ଼ିଓ କାର୍ବନ ଡେଟିଙ୍ଗର ଉଦ୍ଭାବନ ପରେ ଏହାର ସମୟକାଳକୁ ନିମ୍ନଲିଖିତ ଭାବରେ ସ୍ଥିରିକୃତ କରାଯାଇଛି ।

୧. ପ୍ରାକ୍ ହରପ୍ପା ସମୟ - ଖ୍ରୀ.ପୂ. ୩୫୦୦ - ଖ୍ରୀ.ପୂ. ୨୬୦୦
୨. ହରପ୍ପାର ଉତ୍କର୍ଷ ସମୟ - ଖ୍ରୀ.ପୂ. ୨୬୦୦ - ଖ୍ରୀ.ପୂ. ୧୯୦୦
୩. ବିଳମ୍ବିତ ବା ହରପ୍ପାରେ ଶେଷ ପର୍ଯ୍ୟାୟ - ଖ୍ରୀ.ପୂ. ୧୯୦୦ - ଖ୍ରୀ.ପୂ. ୧୩୦୦

ଏହି ସମୟକାଳ ମଧ୍ୟରେ ଭାରତର ଅନ୍ୟାନ୍ୟ ସ୍ଥାନମାନଙ୍କରେ ମଧ୍ୟ ବ୍ରୋଞ୍ଜଯୁଗୀୟ ସଂସ୍କୃତିର ବିକାଶ ଘଟିଥିଲା । ସିନ୍ଧୁ ସଭ୍ୟତାର ଭୌଗୋଳିକ ପରିସୀମା ମଧ୍ୟରେ ନଗର ସଭ୍ୟତା ବ୍ୟତୀତ ଅନେକ ଗ୍ରାମୀୟ ଅବସ୍ଥାନ

ଥିଲା ଏବଂ ଏହାର ବାହାରେ କେଉଁଠି ମେସୋଲିଥିକ୍ ସଂସ୍କୃତି ତ କେଉଁଠି ନବପ୍ରସ୍ତର ଯୁଗର ଲୋକମାନେ ରହୁଥିଲେ ।

**ନଗର ପରିକଳ୍ପନା ଓ ଗଠନ ପ୍ରଣାଳୀ :**

ମହେଞ୍ଜୋଦାରୋ ଏବଂ ହରପ୍ପା ନଗର ଦ୍ୱୟର ଆୟତନ ଯଥାକ୍ରମେ ୨୦୦ ହେକ୍ଟର ଓ ୧୫୦ ହେକ୍ଟର ଅଟେ । ମହେଞ୍ଜୋଦାରୋ ସର୍ବବୃହତମ ଏବଂ ଏକ ସୁପରିକଳ୍ପିତ ଯୋଜନା ଉପରେ ଏହାକୁ ନିର୍ମାଣ କରାଯାଇଥିଲା । ନଗର ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ । ସେଗୁଡ଼ିକ ହେଲା ଦୁର୍ଗ ଏବଂ ନିମ୍ନ ସହର । 'ଦୁର୍ଗ ଅଞ୍ଚଳ' ପ୍ରାୟ ୧୦ ମିଟର ଉଚ୍ଚର ସୁଉଚ୍ଚ ମଞ୍ଚ ଉପରେ ନିର୍ମିତ । ଏଭଳି ମଞ୍ଚ ନଗରକୁ ବନ୍ୟା ବିପ୍ଳାତରୁ ରକ୍ଷା କରିବାପାଇଁ ନିର୍ମାଣ କରାଯାଇଥିଲା । ଧାଡ଼ି ଧାଡ଼ି ହୋଇ ତିଆରି ହୋଇଥିବା ଗୃହଗୁଡ଼ିକର ମଧ୍ୟଭାଗରେ ୬ ମିଟର ଓସାରର ରାସ୍ତା ରହୁଥିଲା । ପ୍ରଥମେ ରାସ୍ତାର ନକ୍ସା ତିଆରି କରାଯାଇ ପରେ ଗୃହ ନିର୍ମାଣ କରାଯାଇଥିଲା । ରାସ୍ତାଗୁଡ଼ିକ ଉଭୟ ଉଭୟଙ୍କୁ ସମକୋଣରେ ଛେଦ କରୁଥିଲେ । 'ନିମ୍ନ ସହର' ମୁଖ୍ୟତଃ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ଏହାର ମୁଖ୍ୟ ରାସ୍ତାର ଓସାର ୧୦ ମିଟରରୁ ଅଧିକ ଥିଲା । ଏହାର ଉଦ୍ଦେଶ୍ୟ ଥିଲା ଯେ ରାସ୍ତା ଉପରେ ଅନ୍ତତଃ ଦୁଇଟି ଶଗଡ଼ଗାଡ଼ି ନିର୍ବିଘ୍ନରେ ଯାତାୟତ କରିପାରିବ । ରାସ୍ତା ନିର୍ମାଣ ପରେ ଗୃହନିର୍ମାଣ କରାଯାଇଥିଲା ।

ଗୃହଗୁଡ଼ିକ ମୁଖ୍ୟତଃ ଆୟତାକାର । ଗୃହର ମଧ୍ୟଭାଗରେ ଏକ ବିସ୍ତୃତ ଅଗଣା ଏବଂ ଅଗଣାର ଚତୁଃପାର୍ଶ୍ୱରେ କୋଠରିଗୁଡ଼ିକ ନିର୍ମିତ । ଗୃହ ନିର୍ମାଣ ପାଇଁ ଉଭୟ ପୋଡ଼ା ଇଟା ଏବଂ କଞ୍ଚା ଇଟା ବ୍ୟବହାର କରାଯାଇଥିଲା । ପ୍ରତ୍ୟେକ ଗୃହରେ ଗୋଟିଏ ମାତ୍ର ପ୍ରବେଶ ପଥ ଥିଲା । ପ୍ରତ୍ୟେକ ଗୃହପାଇଁ ସ୍ୱତନ୍ତ୍ର ନର୍ଦ୍ଦମା ନିଷ୍କାସନ ପ୍ରଣାଳୀ ଥିଲା । ଘର ଭିତରର ମଇଳା ପାଣି ନିଷ୍କାସନ ପାଇଁ ଟେରାକୋଟା ପାଇପଗୁଡ଼ିକ ସଂଯୋଗକରି ଘର ବାହାରେ ରାସ୍ତାର ପାର୍ଶ୍ୱରେ ଥିବା ମୁଖ୍ୟ ନର୍ଦ୍ଦମା ସହ ସଂଯୋଗ କରାଯାଇଥିଲା । ମୁଖ୍ୟ ନର୍ଦ୍ଦମା ପୋଡ଼ା ଇଟାରେ ନିର୍ମିତ ଏବଂ ପଥର ଦ୍ୱାରା ଆବଦ୍ଧ କରାଯାଉଥିଲା । ଗଳି ଓ ଉପଗଳିରେ ଥିବା ନାଳଗୁଡ଼ିକ ସହରର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ମୁଖ୍ୟ ନାଳକୁ ସଂଯୋଗ କରୁଥିଲା । ନିର୍ଦ୍ଦିଷ୍ଟ ବ୍ୟବଧାନରେ ମଇଳାକୁଣ୍ଡ (Soak pit) ସବୁ ନିର୍ମାଣ କରାଯାଇଥିଲା । ନର୍ଦ୍ଦମାର ଗଭୀରତା ପ୍ରାୟ ୬ ଫୁଟ ରହୁଥିଲା ।

**ବାସଗୃହ :**

ଅଧିକାଂଶ ଗୃହଗୁଡ଼ିକ ଦୁଇମହଲା ବିଶିଷ୍ଟ ଥିଲା । ଉପର ମହଲାକୁ ଯିବାପାଇଁ ସିଡ଼ିର ବ୍ୟବସ୍ଥା ଥିଲା । ସାଧାରଣ ଭାବରେ ସ୍ନାନାଗାର, ଅଗଣା, ଘରୁ ନିଷ୍କାସିତ ଜଳକୁ ନାଳୀ ସହ ସଂଯୋଗ କରାଯାଇ ରାସ୍ତା ପାର୍ଶ୍ୱରେ ଥିବା ନର୍ଦ୍ଦମା ପର୍ଯ୍ୟନ୍ତ ନିଆଯାଇ ନିଷ୍କାସନର ବ୍ୟବସ୍ଥା କରାଯାଇଥିଲା । ଗୃହର ପ୍ରବେଶ ପଥରେ କାଠର ଦ୍ୱାର ଲଗାଯାଉଥିଲା । କୋଠରୀମାନଙ୍କରେ ଛୋଟବଡ଼ ଝରକାର ବ୍ୟବସ୍ଥା ଥିଲା । କିନ୍ତୁ ଘରର ଅଗଣା ମୁଖ୍ୟ ରାସ୍ତାକୁ ଦେଖା ନ ଯିବାପାଇଁ ଗୃହର ସମ୍ମୁଖ ଭାଗରେ କୌଣସି ଝରକାର ବ୍ୟବସ୍ଥା ନ ଥିଲା । ଦୁଇଟି ଗୃହର ମଧ୍ୟଭାଗରେ କିଛି ଖୋଲା ଜାଗା ରହୁଥିଲା, ଯାହା ଉପରେ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିର ଅଧିକାର ରହୁ ନ ଥିଲା । ପ୍ରାୟ ପ୍ରତ୍ୟେକ

ଘରେ ଗୋଟିଏ କୂଅ ରହିଥିଲା । ମହେଞ୍ଜୋଦାରୋ ସହରରେ ପ୍ରାୟ ୩୦୦୦ ବାସଗୃହ ଥିଲା ଏବଂ ପ୍ରାୟ ୭୦୦ କୂଅ ଥିବାର ସୂଚନା ମିଳେ । ମହେଞ୍ଜୋଦାରୋରୁ ମିଳିଥିବା ଅବଶେଷରୁ ବହୁକୋଠରୀ ବିଶିଷ୍ଟ ଘର ଥିବାର ସୂଚନା ମିଳେ । ଗୋଟିଏ ଗୃହ ୩୦୦ ବର୍ଗମିଟର ଅଞ୍ଚଳ ଉପରେ ନିର୍ମିତ ଏବଂ ଅଗଣାର ଚତୁଃପାର୍ଶ୍ୱରେ ପ୍ରାୟ ୨୦ଟି କୋଠରୀ ଥିବାର ଦେଖିବାକୁ ମିଳେ । ଏହା ବ୍ୟତୀତ ଦୁଇଟି କୋଠରୀ ଥିବା ୧୬ଟି ବାସଗୃହର ସନ୍ଧାନ ମିଳିଛି । ଘରର କୋଠରୀ ଗୁଡ଼ିକର ଆକାର ୬ x ୩.୬ ମିଟର ଅଟେ । ଏହି ଘରଗୁଡ଼ିକ ବୋଧହୁଏ କୁଲି ଏବଂ ଭୃତ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ସହରରେ ଉଭୟ ଧନୀକ, ମଧ୍ୟବିତ୍ତ ଓ ନିମ୍ନଶ୍ରେଣୀର ଲୋକମାନେ ରହୁଥିବାର ପ୍ରମାଣ ସେମାନଙ୍କର ବାସଗୃହ ନିର୍ମାଣ ପ୍ରଣାଳୀରୁ ଜଣାପଡ଼େ ।

ଏହି ସମସ୍ତ ବ୍ୟବସ୍ଥା ଯଥା ପ୍ରଶସ୍ତ ରାସ୍ତା, ସମକୋଣରେ ରାସ୍ତାଗୁଡ଼ିକର ସଂଯୋଗ, ଗଳି ଓ ଉପଗଳିର ସ୍ଥିତି, ନିଷ୍କାସନ କୁଣ୍ଡ ଏବଂ ଶୋଷକ ଗର୍ତ୍ତର ବ୍ୟବସ୍ଥା ସର୍ବୋପରି ପରିଷ୍କାର ଓ ପରିଚ୍ଛନ୍ନତା ବ୍ୟବସ୍ଥା ଏକ ଦକ୍ଷ ନଗର ପ୍ରଶାସନର ସୂଚନା ପ୍ରଦାନ କରେ ।

## ସର୍ବସାଧାରଣ ଗୃହ ଓ ଅନୁଷ୍ଠାନ :

ମହେଞ୍ଜୋଦାରୋ 'ଦୁର୍ଗ' ସ୍ଥାନରେ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଏକ ବୃହତ୍ ସ୍ନାନାଗାର ଆବିଷ୍କାର କରାଯାଇଛି । ଏହି ସ୍ନାନାଗାରଟି ୧୮୦ ଫୁଟ ଲମ୍ବା (୫୫ ମିଟର) ଏବଂ ୧୦୮ ଫୁଟ (୩୩ ମିଟର) ପ୍ରସ୍ଥ ବିଶିଷ୍ଟ ଏକ ବିଶାଳ ଗୃହ ମଧ୍ୟରେ ଅବସ୍ଥିତ । ପ୍ରବେଶ କରିବା ପାଇଁ ଏଥିରେ ୬ଟି ପ୍ରବେଶ ଦ୍ୱାର ଅଛି । ସ୍ନାନାଗାରଟି ଆୟତାକାର ଆକୃତିର । ଏହାର ଲମ୍ବ ୧୨ ମିଟର (୩୩ ଫୁଟ), ପ୍ରସ୍ଥ ୭ ମିଟର ( ୨୩ ଫୁଟ) । ସ୍ନାନାଗାରର ଭିତରକୁ ପ୍ରବେଶ କରିବାପାଇଁ ପରସ୍ପର ବିପରୀତ ଦିଗରୁ ଦୁଇଟି ପାବଚ୍ଛ ଶ୍ରେଣୀ ଅଛି । ଏହାର ଚତୁଃପାର୍ଶ୍ୱରେ ଇଟାରେ ନିର୍ମିତ ଦର୍ଶକ ମଞ୍ଚ ଅଛି । ସ୍ନାନାଗାରର ଉତ୍ତର ଓ ପୂର୍ବଦିଗରେ ଅନେକଗୁଡ଼ିଏ କୋଠରୀ ରହିଛି । ପୂର୍ବଦିଗରେ ଥିବା ଗୋଟିଏ କୋଠରୀ ମଧ୍ୟରେ ଏକ ବିଶାଳ କୂଅ ଅଛି । ଏହି କୂଅର ସ୍ନାନାଗାର ମଧ୍ୟକୁ ଜଳଯୋଗାଣ କରାଯାଇଥାଏ । ସ୍ନାନାଗାରର ଜଳକୁ ନିୟମିତ ଭାବରେ ପରିବର୍ତ୍ତନ କରିବାର ବ୍ୟବସ୍ଥା ଥିଲା । ସ୍ନାନାଗାରର ଦକ୍ଷିଣ ପାର୍ଶ୍ୱରେ ଜଳ ନିଷ୍କାସନ ପାଇଁ ଏକ ନିର୍ଗମ ପଥ ରହିଛି । ଏହି ସ୍ନାନାଗାରକୁ ଅତି ଉଚ୍ଚ ଶ୍ରେଣୀର ଧନୀ ଓ ପ୍ରଭାବଶାଳୀ ବ୍ୟକ୍ତିବିଶେଷ ବ୍ୟବହାର କରୁଥିବାର ଗବେଷକମାନେ ମତ ରଖନ୍ତି ।

ସ୍ନାନାଗାରର ପଶ୍ଚିମରେ ଇଟାରେ ନିର୍ମିତ ଏକ ବିଶାଳ ମଞ୍ଚ ରହିଛି । ଏହି ମଞ୍ଚର ଆୟତନ ୧୩୫୦ ବର୍ଗମିଟର ଅଟେ । ଏହାର ତିନିପାର୍ଶ୍ୱରେ ୯ଟି ଲେଖାଏଁ ତିନୋଟି ଧାଡ଼ିରେ ସମୁଦାୟ ୨୭ଟି କୋଠରୀ ରହିଛି । ଏହା ଏକ ଶସ୍ୟାଗାର ଅଟେ । ଏଭଳି ଶସ୍ୟାଗାର ହରପ୍ପାଠାରେ ମଧ୍ୟ ଦେଖିବାକୁ ମିଳେ ।

ଦୁର୍ଗର ଦକ୍ଷିଣ ପାର୍ଶ୍ୱରେ ଏକ ବିଶାଳ ଓ ପ୍ରଶସ୍ତ ଗୃହ ରହିଛି । ଗୃହ ମଧ୍ୟରେ ୪ଟି ଧାଡ଼ିରେ ୫ଟି ଲେଖାଏଁ ୨୦ଟି ସ୍ତମ୍ଭ ରହିଛି । ଗୃହର ଆୟତନ ପ୍ରାୟ ୭୫୦ ବର୍ଗମିଟର ଅଟେ । ଏହି ଗୃହର ଛାତ ସମ୍ପର୍କରେ କୌଣସି ସୂଚନା ନାହିଁ । ବୋଧହୁଏ ଧର୍ମ ଏବଂ ଉତ୍ସବ ପାଳନ କରିବାପାଇଁ ସଭାସମିତି ଆୟୋଜନ କରିବା ଉଦ୍ଦେଶ୍ୟରେ ଏହା ବ୍ୟବହାର କରାଯାଉଥିଲା ।

ନିମ୍ନ ସହରରେ ଏକ ବିଶାଳ ଗୃହର ଅବଶେଷ ମିଳିଛି । ଏହାର ଆୟତନ ୩୦୦ ବର୍ଗମିଟର ଅଟେ । ଅଗଣାର ଚତୁଃପାର୍ଶ୍ୱରେ ୨୦ଟି କୋଠରୀ ରହିଛି । ବୋଧହୁଏ ଏହା କୌଣସି ଜଣେ ଧନୀ ଓ ପ୍ରଭାବଶାଳୀ ବ୍ୟକ୍ତିବିଶେଷଙ୍କର ବାସଗୃହ ଥିଲା ।

ଏହାବ୍ୟତୀତ ଆଉ ଏକ ଦୁଇମହଲା ବିଶିଷ୍ଟ ବିଶାଳ ଗୃହ ମଧ୍ୟରୁ ଅନେକ ଶ୍ୱେତ ମର୍ମର ପ୍ରସ୍ତର ନିର୍ମିତ ପାତ୍ର (alabaster vessel) ପୋର୍ସେଲିନ୍ ନିର୍ମିତ ବସ୍ତୁ ହାତୀଦାନ୍ତ ନିର୍ମିତ ବସ୍ତୁ ଏବଂ ୧୫ଟି ସିଲ ଆବିଷ୍କୃତ ହୋଇଛି । ସିଲଗୁଡ଼ିକରେ ଚୂଳବିହୀନ ବୃଷଭ (unicorn)ର ଚିତ୍ର ଅଙ୍କିତ ହୋଇଛି । ଗୃହଟି ଏକ ମନ୍ଦିର ବୋଲି ଗବେଷକମାନେ ମତ ରଖନ୍ତି ।

'ହରପ୍ପା'ର ଗଠନ ପ୍ରଣାଳୀ ମହେଞ୍ଜୋଦାରୋ ସହ ଅନେକ ସାମଞ୍ଜସ୍ୟ ରହିଛି । ହରପ୍ପାର ଦୁର୍ଗସ୍ଥାନର ଚାରିପଟେ ୧୦.୭ ମିଟର ଉଚ୍ଚର ଏକ ବିଶାଳ ପ୍ରାଚୀର ଅଛି । ଏହା ପୋଡ଼ା ଇଟାରେ ନିର୍ମିତ । ଦୁର୍ଗର ଉତ୍ତର ଓ ପଶ୍ଚିମ ଦିଗରେ ଦୁଇଟି ପ୍ରବେଶ ଦ୍ୱାର ରହିଛି । ପଶ୍ଚିମ ପାର୍ଶ୍ୱରେ ଥିବା ପ୍ରବେଶ ଦ୍ୱାରକୁ ପରବର୍ତ୍ତୀ ସମୟରେ ବନ୍ଦ କରି ଦିଆଯାଇଥିବାର ସୂଚନା ମିଳେ । ବୋଧହୁଏ ଦୁର୍ଗର ସୁରକ୍ଷା ନିମନ୍ତେ ଏଭଳି ବ୍ୟବସ୍ଥା କରାଯାଇଥିବାର ଅନୁମାନ କରାଯାଏ । ଦୁର୍ଗସ୍ଥାନର ଉତ୍ତର ଦିଗରେ ଧାଡ଼ିଧାଡ଼ି ହୋଇ ଅନେକଗୁଡ଼ିଏ ଛୋଟ ଛୋଟ ବାସଗୃହ ଅଛି । ଏଗୁଡ଼ିକୁ କୁଲି ଲାଇନସ୍ କୁହାଯାଇପାରେ ।

'ହରପ୍ପା'ର ନିମ୍ନ ସହର ଅଞ୍ଚଳର ଚାରିପଟେ ୬ ମିଟରରୁ ୭ ମିଟର ଉଚ୍ଚର କାଦୁଆ ଇଟାରେ ନିର୍ମିତ ପାଚେରୀ ରହିଛି । ସହରର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ 'କାରିଗର ଶାଳ'ମାନ ଥିବାର ସୂଚନା ମିଳେ । ଏହି ନିର୍ଦ୍ଦିଷ୍ଟ ସ୍ଥାନମାନଙ୍କରୁ ଅଧାତିଆରି କାରିଗରୀ ବସ୍ତୁ ଏବଂ କାରିଗରୀ ବର୍ଜ୍ୟବସ୍ତୁମାନ ମିଳିଛି ।

ଅନ୍ୟାନ୍ୟ ହରପ୍ପା ସହର ମଧ୍ୟରେ କଚ୍ଛ ଦ୍ୱୀପରେ ଅବସ୍ଥିତ 'ଧୋଲାବିରା' ନଗର ଏକ ବିଶାଳ ନଗରୀ ଅଟେ । ଏହାର ଦୁର୍ଗ ଅଞ୍ଚଳ ଅତ୍ୟନ୍ତ ଆକର୍ଷଣୀୟ ଅଟେ ଏବଂ ଏହାର ଆୟତନ ପ୍ରାୟ ୬୦ ହେକ୍ଟର ଅଟେ । ଏହାର ଗୃହଗୁଡ଼ିକ କଞ୍ଚାଇଟାରେ ଗଠିତ । ପୋଡ଼ାଇଟା ବଦଳରେ ମାର୍ଜନ ପ୍ରସ୍ତର ବ୍ୟବହାର କରାଯାଇଛି । ଧୋଲାବିରାରେ ଜଳଯୋଗାଣ ପାଇଁ ବିଶେଷ ଧ୍ୟାନ ଦିଆଯାଇଥିଲା । ଧୋଲାବିରାର ବିଶେଷତ୍ୱ ହେଉଛି ଏହାର ଦୁର୍ଗସ୍ଥାନରେ ଗୋଟିଏ ପୁଷ୍କରିଣୀ ଅଛି । ପୁଷ୍କରିଣୀରେ ପଥରଗୁଡ଼ିକ ଚୂନଦ୍ୱାରା ଯୋଡ଼ାଯାଇଛି । ପୁଷ୍କରିଣୀ ଜଳ ବର୍ଷାପାଣି ଉପରେ ନିର୍ଭର କରୁଥିଲା । ସିନ୍ଧୁସଭ୍ୟତାର ସର୍ବବୃହତ୍ତମ ଅଭିଲେଖ ଧୋଲାବିରାରୁ ହିଁ ମିଳିଛି ଯାହାକୁ ଦୁର୍ଗର ପ୍ରବେଶଦ୍ୱାରରେ ଲଗାଯାଇଥିଲା ।

ଏହା ବ୍ୟତୀତ ସିନ୍ଧୁ ସଭ୍ୟତାର ଅବଶେଷ ଉତ୍ତର ରାଜସ୍ଥାନର 'କାଳିବଙ୍ଗାନ୍' ସହରରେ ମିଳିଛି । ମହେଞ୍ଜୋଦାରୋ ନିକଟବର୍ତ୍ତୀ 'ଚାହ୍ନୁଦାରୋ' ସହର ଏକ କ୍ଷୁଦ୍ର ସହର । ଏହି ସହରରୁ ଏକ 'କଣ୍ଠିମାଳ' କାରଖାନା ମିଳିଛି । 'କଣ୍ଠିମାଳ' ଗୁଡ଼ିକ ଖଡ଼ିମାଟିରେ ତିଆରି କରାଯାଉଥିଲା ।

ଗୁଜୁରାଟର କାମ୍ବେ ନିକଟରେ ଅବସ୍ଥିତ ଲୋଥାଲ ସହରରୁ ଏକ ପୋତାଶ୍ରୟ ମିଳିଛି । ଏହି ପୋତାଶ୍ରୟର ଦୈର୍ଘ୍ୟ ୨୧୨-୨୧୫ ମିଟର ଏବଂ ଓସାର ୩୫-୩୭ ମିଟର ଅଟେ । ଏହାର ପାର୍ଶ୍ୱଗୁଡ଼ିକ ପୋଡ଼ାଇଟାରେ

ତିଆରି। ଏହି ପୋତାଶ୍ରୟ ସମ୍ପର୍କରେ ଭିନ୍ନ ମତ ମିଳିଥାଏ। କେତେକ ଗବେଷକଙ୍କ ମତରେ ଏହା ମଧ୍ୟକୁ ସମୁଦ୍ରପାଣି ପ୍ରବେଶ କରୁଥିଲା। ପ୍ରତ୍ନତତ୍ତ୍ୱବିତ୍ ଏସ୍.ଆର.ରାଓଙ୍କ ମତରେ ଏହା ମଧ୍ୟକୁ ଛୋଟ ଛୋଟ ନୌକା ପ୍ରବେଶ କରୁଥିଲା। କାରଣ ଏହାର ପ୍ରବେଶ ପଥ ଅଗଭୀର ଅଟେ। ଲୋଥାଲ ଅବଶେଷରୁ ପ୍ରାୟ ୬୫ଟି ଟେରାକୋଟା ସିଲ୍ ବା ମୋହର ମିଳିଛି। ପୁଷ୍କରିଣୀ ନିକଟରୁ ଏକ ପଣ୍ୟାଗାର ମିଳିଛି। ଏହା ସେଠାରେ ଏକ ପୋତାଶ୍ରୟ ଥିବାର ସୂଚନା ଦିଏ। 'ଶାମୁକା' ଶିଳ୍ପ ଓ 'କଣ୍ଠିମାଳ' ଶିଳ୍ପ ଏଠାରେ ଥିବାର ପ୍ରମାଣ ଅବଶେଷରୁ ମିଳେ।

## କୃଷି :

ମହେଞ୍ଜୋଦାରୋ ଓ ହରପ୍ପା ପୃଥିବୀର ଯେ ସର୍ବପୁରାତନ ଦୁଇଟି ନଗର ଥିଲା ଏଥିରେ ଦ୍ୱିମତ ହେବାର ଅବକାଶ ନାହିଁ। ସାଧାରଣରେ ଆମେ ବୁଝିବା ଯେ ସହରମାନଙ୍କର ହାରାହାରି ଜନସଂଖ୍ୟା ଗ୍ରାମମାନଙ୍କର ଜନସଂଖ୍ୟା ଅପେକ୍ଷା ଅଧିକ। ଗ୍ରାମବାସୀମାନଙ୍କର ଜୀବିକା ମୁଖ୍ୟତଃ କୃଷିକାର୍ଯ୍ୟ ରହିଥିବାବେଳେ ସହରରେ ବସବାସ କରୁଥିବା ଲୋକମାନଙ୍କର ଜୀବିକା ଶିଳ୍ପକାର୍ଯ୍ୟ ଉପରେ ପର୍ଯ୍ୟବେସିତ। ସହରବାସୀ ସବୁବେଳେ ଖାଦ୍ୟପାଇଁ ନିକଟବର୍ତ୍ତୀ ଗ୍ରାମର କୃଷି ଉତ୍ପାଦନ ଉପରେ ନିର୍ଭରଶୀଳ। ଗ୍ରାମବାସୀମାନେ ନିଜର ଆବଶ୍ୟକତାଠାରୁ ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ କରିଥାନ୍ତି। ନୂତନ ପ୍ରସ୍ତର ଯୁଗର ଆରମ୍ଭଠାରୁ ପୃଥିବୀପୃଷ୍ଠରେ ବିଭିନ୍ନ ପ୍ରକାର ଶସ୍ୟ ଉତ୍ପାଦନର ପ୍ରଣାଳୀ ଉଦ୍ଭାବନ ହେଲା। ଖାଦ୍ୟଶସ୍ୟ ବ୍ୟତୀତ ଚାଷୀମାନେ ଶିଳ୍ପପାଇଁ ଉଦ୍ଦିଷ୍ଟ ଶସ୍ୟ ମଧ୍ୟ ଉତ୍ପାଦନ କଲେ। ଷଣ୍ଢମାନଙ୍କୁ ଖାସୁ କରି ହଳରେ ଯୋଚିବା ଓ ଶଗଡ଼ ଟାଣିବାରେ ବ୍ୟବହାର କରିବା ବାଇଓ-ଇଞ୍ଜିନିୟରିଂ ଇତିହାସର ପ୍ରଥମ ଉଦାହରଣ ଅଟେ। ବଳଦମାନଙ୍କର କାମ କରିବାର ଶକ୍ତି ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ କମ୍ ସମୟ ମଧ୍ୟରେ ଅଧିକ ଜମି ଚାଷ କରାଯାଇ ପାରିଲା। ଏହା ବ୍ୟତୀତ ଅନେକଗୁଡ଼ିଏ କୃଷି ଓ ଅନ୍ୟାନ୍ୟ ଶିଳ୍ପ ପାଇଁ ଉପକରଣମାନ ପ୍ରସ୍ତୁତ ହେଲା। ସେଗୁଡ଼ିକ ମଧ୍ୟରେ ଟାକୁଡ଼ି, ତନ୍ତ, କୁମ୍ଭାର ଚକି, ତମ୍ବା ତରଳାଇବା ଶାଳ, ଧନୁଚାଳନା, ଶଗଡ଼ ଚକ, ଏବଂ ପୋଡ଼ା ଇଟା ଅନ୍ୟତମ ଅଟେ। ଏସବୁର ଉଦ୍ଭାବନ ଫଳରେ ଶିଳ୍ପର ଅଗ୍ରଗତି ହେଲା ଏବଂ କୃଷକର ଦକ୍ଷତା ବୃଦ୍ଧି ପାଇଲା ଯାହାର ଫଳସ୍ୱରୂପ ସହରର ବାଣିଜ୍ୟକାରବାର ଓ ଗ୍ରାମମାନଙ୍କରେ କୃଷି ଉତ୍ପାଦନ ଯଥେଷ୍ଟ ଭାବରେ ପ୍ରସାରଲାଭ କଲା।

ସିନ୍ଧୁସଭ୍ୟତାର ବିଭିନ୍ନ ସହର ଓ ଗ୍ରାମର ପ୍ରତ୍ନତାତ୍ତ୍ୱିକ ଅବଶେଷରୁ ବିଭିନ୍ନ ପ୍ରକାର କୃଷିଉପକରଣ ଓ ଖାଦ୍ୟଶସ୍ୟର ପ୍ରମାଣ ମିଳିଛି। କାଲିବଙ୍ଗାନ୍ ସହରରୁ ହଳକରାଯାଇଥିବା ଏକ ଜମିକୁ ଚିହ୍ନଟ କରାଯାଇଛି। ବନୱାଲି ଓ ବାହାୱଲପୁରରୁ ଟେରାକୋଟାରେ ନିର୍ମିତ ହଳର ନମୁନା ମିଳିଛି। ପଥରବ୍ଲେଡ୍ ବ୍ୟତୀତ ତମ୍ବା ନିର୍ମିତ ଦାଆ ବ୍ୟବହାରର ସୂଚନା ମଧ୍ୟ ମିଳେ। ସିନ୍ଧୁ ସଭ୍ୟତା ହେଉଛି ପ୍ରଥମ ମାନବସଭ୍ୟତା ଯେଉଁଠାରେ ଲୋକମାନଙ୍କୁ ଭୂତଳଜଳ ସମ୍ପର୍କରେ ଧାରଣା ଥିଲା। ତେଣୁ ଗ୍ରାମମାନଙ୍କରୁ ମାଟିକୂଅର ସନ୍ଧାନ ମିଳିଛି। କିନ୍ତୁ କୂଅରୁ ପାଣି ଉଠାଇବା ପାଇଁ ପୁଲି ବ୍ୟବହାରର ସୂଚନା ମିଳେ ନାହିଁ। ତେବେ ନଦୀ ଓ ନାଳ ମାନଙ୍କରୁ ପାଣି ନେବାପାଇଁ ଟେଣ୍ଡା ବ୍ୟବହାରରୁ ମହେଞ୍ଜୋଦାରୋରୁ ମିଳିଥିବା ସିଲ୍ ବା ମୋହରର ଚିତ୍ରରୁ ଜଣାପଡ଼େ।

ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା କୃଷିକାର୍ଯ୍ୟ ବହୁଳ ଭାବରେ କରାଯାଉଥିଲା । ଉଭୟ ରବି ଓ ଖରିଫ ଚାଷ ହେଉଥିଲା ଏବଂ ବିଭିନ୍ନ ପ୍ରକାରର ଖାଦ୍ୟଶସ୍ୟ ଉତ୍ପାଦନ ହେଉଥିଲା । ଋତୁ ଅନୁସାରେ ଶସ୍ୟ ଉତ୍ପାଦନର ସୂଚନା ନିମ୍ନପ୍ରଦତ୍ତ ଟେବୁଲରେ ଦିଆଯାଇଛି ।

| ରବି | ଖରିଫ୍ |
|---|---|
| ଗହମ, ବାର୍ଲି, ବିରି ଓ ମୁଗଜାତୀୟ ଶସ୍ୟ, ମସୁର ଡାଲି, ପେଶ୍ତ୍ର, ସୋରିଷ ଇତ୍ୟାଦି | ବାଜରା, ଯବଧାନ, ରାଶି, କପାତୁଳା ଇତ୍ୟାଦି |

ଯଦିଓ ଗୁଜୁରାଟର ଲୋଥାଲ ଓ ରଙ୍ଗପୁରରୁ ଧାନର ବୀଜ ବା ଶସ୍ୟକଣା ମିଳିଛି ତେବେ ମିଳିଥିବା ପ୍ରମାଣରୁ ଧାନ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ଉପସଂହାରରେ ପହଞ୍ଚିବା କଷ୍ଟକର । ଏସବୁ ଖାଦ୍ୟଶସ୍ୟ ବ୍ୟତୀତ ଖଜୁରୀ, ଅଙ୍ଗୁର ଓ କାକୁଡ଼ି ଜାତୀୟ ଫଳର ବୀଜ ମିଳିଛି ।

## ଗୃହପାଳିତ ପଶୁ :

ବିଭିନ୍ନ ଜୀବଜନ୍ତୁ ମାନଙ୍କର ହାଡ଼ ବିଭିନ୍ନ ସ୍ଥାନରୁ ମିଳିଛି । ଗାଈ, ବଳଦ, ଷଣ୍ଢ, ଛେଳି ଓ ମେଣ୍ଢା ମାନଙ୍କର ହାଡ଼ ପ୍ରଚୁର ପରିମାଣରେ ମିଳିଛି । ଏସବୁ ପ୍ରାଣୀମାନଙ୍କୁ ଲୋକମାନେ କୃଷିକାର୍ଯ୍ୟ, ପରିବହନ ଓ ଖାଦ୍ୟ ପାଇଁ ଗୃହପାଳିତ ପଶୁଭାବରେ ରଖୁଥିଲେ । ଜଳ ମଇଁଷିର ଚିତ୍ର ହରପ୍ପା ସିଲ୍‌ମାନଙ୍କରେ ଦେଖିବାକୁ ମିଳେ । ବୋଧହୁଏ ଛେଳି ଓ ମେଣ୍ଢା ମାଂସ ବ୍ୟତୀତ ଅଧିବାସୀମାନେ ଜଳମଇଁଷିକୁ ଶିକାର କରୁଥିଲେ । ମାଛ ମଧ୍ୟ ସେମାନଙ୍କର ପ୍ରିୟ ଖାଦ୍ୟ ଥିଲା ।

## ବୈଷୟିକ ଜ୍ଞାନକୌଶଳ ଓ ଶିଳ୍ପ ବା କାରିଗରୀ ବିଦ୍ୟା :

ସିନ୍ଧୁ ସଭ୍ୟତା ବା ହରପ୍ପା ସଭ୍ୟତା ବସ୍ତୁତଃ ଏକ ତାମ୍ରପ୍ରସ୍ତର ଯୁଗର ସଭ୍ୟତା ଥିଲା । ଯଦିଓ ପଥର ତିଆରି ଉପକରଣର ବ୍ୟବହାର ଯଥେଷ୍ଟ ଭାବରେ ପ୍ରଚଳିତ ଥିଲା, ତେବେ ବ୍ରୋଞ୍ଜ ଧାତୁରେ ନିର୍ମିତ ଉପକରଣର ବ୍ୟବହାର ସମ୍ପର୍କରେ ସୂଚନା ପ୍ରତ୍ନତାତ୍ତ୍ୱିକ ଅବଶେଷରୁ ମିଳିଥାଏ । ସିନ୍ଧୁସଭ୍ୟତାର ଲୋକମାନେ ତମ୍ବାକୁ ତରଳାଇ ସେଥିରେ ଟିଣ ମିଶାଇ ବ୍ରୋଞ୍ଜ ଧାତୁ ପ୍ରସ୍ତୁତ କରୁଥିଲେ । ତେଣୁ ବ୍ରୋଞ୍ଜ ଏକ ମିଶ୍ରିତ ଧାତୁ ଅଟେ । ଏହା ଟାଣ ଓ ନମନୀୟ ରହୁଥିଲା । ତେଣୁ କୁରାଢ଼ୀ, ଛୁରୀ ଓ ବଟାଳୀ ବା ନିହାଣ ବା ଛେଣି ତିଆରି କରିବା ସହଜ ହେଲା । ମହେଞ୍ଜୋଦାରୋ ଓ ହରପ୍ପାରୁ ମିଳିଥିବା ବିଭିନ୍ନ ତମ୍ବା ଉପକରଣରେ ୧% ଟିଣ ରହିଥିବାବେଳେ ପ୍ରାୟ ୩୦% ଉପକରଣରେ ଟିଣର ପରିମାଣ ୮%ରୁ ୧୦% ଅଟେ । ଏହି ବ୍ରୋଞ୍ଜ ଧାତୁରେ ନିକେଲ, ଆର୍ସେନିକ୍ ଓ ଲିଡ୍ (ସିସା) ମଧ୍ୟ ମିଶାଯାଉଥିଲା । ତମ୍ବାକୁ ତରଳାଇବା ପାଇଁ ପୋଡ଼ା ଇଟାରେ ଶାଳମାନ ତିଆରି କରାଯାଉଥିଲା । ବ୍ରୋଞ୍ଜରେ ତିଆରି ବିଭିନ୍ନ ଉପକରଣ ମଧ୍ୟରେ କ୍ଷୁର, ଛୁରୀ, କୁରାଢ଼ୀ, ଆଙ୍କୁଡ଼ି ବା ଅଗବଙ୍କା କଣ୍ଟା, ଦାଆ, କରତ, ବଟାଳି ବା ନିହାଣ ଇତ୍ୟାଦି ଅଟେ । ତମ୍ବା ଓ ବ୍ରୋଞ୍ଜରେ ନିର୍ମିତ ବାସନକୁସନ ଓ ବ୍ରୋଞ୍ଜ ନିର୍ମିତ ଦର୍ପଣ ମଧ୍ୟ ଖନନରୁ ମିଳିଛି ।

ବ୍ରୋଞ୍ଜ ବ୍ୟତୀତ ପଥରରେ ନିର୍ମିତ ବ୍ଲେଡ୍ ଓ ବ୍ଲେଡ୍‌କୋର ବ୍ରୋଞ୍ଜ ନିର୍ମିତ ଅସ୍ତ୍ର ଦ୍ୱାରା ତିଆରି କରାଯାଉଥିଲା । ଉତ୍ତର ସିନ୍ଧୁ ଉପତ୍ୟକାରେ ଅବସ୍ଥିତ ରୋହରୀ ଠାରେ ଗୋଟିଏ 'ପଥର ବ୍ଲେଡ୍ କାରଖାନା' ଥିବାର ସୂଚନା ମିଳିଛି । ଚାହ୍ନୁଦାରୋ ଠାରୁ ଏକ 'କଣ୍ଠିମାଳା' କାରଖାନାର ଅବଶେଷ ମିଳିଛି । କର୍ଣ୍ଣେଲିଆନ୍ ଏବଂ ଏଗେଟ୍ ପଥର ମାଳିରେ କଣା କରିବା ଲାଗି ପଥରରେ ନିର୍ମିତ ଭଅଁର କରିବା ଯନ୍ତ୍ର ମେସିନ୍ ବ୍ୟବହାର କରାଯାଉଥିଲା ।

ବ୍ରୋଞ୍ଜ ଓ ପଥର ବ୍ୟତୀତ ବଢ଼େଇମାନେ କାଠକାରିଗରୀରେ ମଧ୍ୟ ନିପୁଣ ଥିଲେ । ବ୍ରୋଞ୍ଜ ଉପକରଣ ଯଥା ବାରସୀ, ଦାଆ ଏବଂ କୁରାଢ଼ୀରେ କାଠରେ ପ୍ରସ୍ତୁତ ବେଣ୍ଟ ଲଗା ଯାଉଥିଲା । ଯଦିଓ କାଠ ନିର୍ମିତ କୌଣସି କଣ୍ଢେଇ ଆମକୁ ମିଳି ନାହିଁ, ତେବେ ମାଟିରେ ତିଆରି କଣ୍ଢେଇ ଦେଖିଲେ ଏହା ଅନୁମାନ କରିହେବ ଯେ ବଢ଼େଇମାନେ ବିଭିନ୍ନ ପ୍ରକାର କଣ୍ଢେଇ କାଠରେ ନିର୍ମାଣ କରିଥିଲେ । କିନ୍ତୁ ଟେରାକୋଟା ବା ମାଟି ଏବଂ ବ୍ରୋଞ୍ଜ ନିର୍ମିତ କଣ୍ଢେଇ ବିଭିନ୍ନ ସ୍ଥାନରୁ ମିଳିଛି ।

ହରପ୍ପା ସଭ୍ୟତାର ବିଭିନ୍ନ ସ୍ଥାନମାନଙ୍କରୁ ମିଳିଥିବା ମାଟି ଓ ବ୍ରୋଞ୍ଜ କଣ୍ଢେଇ ଗୁଡ଼ିକୁ ଅନୁଧ୍ୟାନ କରି ଗବେଷକମାନେ ମତ ରଖନ୍ତି ଯେ ଲୋକମାନେ ତିନି ପ୍ରକାରର ଯାନ ବ୍ୟବହାର କରୁଥିଲେ । ସେଗୁଡ଼ିକ ହେଲା-

୧. ଦୁଇଚକିଆ ଶଗଡ଼ ଗାଡ଼ି ଯାହା ସହ ଏକ ବଡ଼ ଫ୍ରେମ୍ ସଂଯୁକ୍ତ କରାଯାଉଥିଲା ।

୨. ଚାରିଚକିଆ ଶଗଡ଼ଗାଡ଼ି ଯେଉଁଥିରେ ଶଗଡ଼ିଆ ବସିବା ପାଇଁ ଚାମଚ ସଦୃଶ କାଠର ଫ୍ରେମ୍ ଲଗାଯାଇଥିଲା ।

୩. ହାଲ୍‌କା ଶଗଡ଼ ଗାଡ଼ି ବା ରଥ ଯାହାର ବ୍ରୋଞ୍ଜ ପ୍ରତିକୃତି ହରପ୍ପା ଓ ଚାହ୍ନୁଦାରୋରୁ ମିଳିଛି ।

ଏହି ଗାଡ଼ିଗୁଡ଼ିକର ଚକ ଗୁଡ଼ିକରେ ସ୍ପୋକ୍ ଲାଗିଥିବାର ପ୍ରମାଣ ନାହିଁ । ଚକ ଗୁଡ଼ିକ ମୁଖ୍ୟତଃ ତିନୋଟି କାଠକୁ ସଂଯୋଗ କରି ନିର୍ମାଣ କରାଯାଉଥିଲା ।

ଆଶ୍ଚର୍ଯ୍ୟଭାବରେ ହରପ୍ପା ସଭ୍ୟତାର କୌଣସି ସ୍ଥାନରୁ ନୌକାର ପ୍ରତିକୃତି ମିଳିନାହିଁ । ଗୋଟିଏ ମୃଣ୍ମୟ ଖପରାରୁ ତରି ଲାଗିଥିବା ନୌକାର ଚିତ୍ର ମିଳିଅଛି । ଏଥିରୁ ଅନୁମାନ କରାଯାଇପାରେ ଯେ ନଦୀମାନଙ୍କର ମାଲ ପରିବହନ ପାଇଁ ଛୋଟ ଛୋଟ ନୌକା ବ୍ୟବହାର କରାଯାଉଥିଲା ।

ମୃଣ୍ମୟପାତ୍ରର ତିଆରି ଓ ବ୍ୟବହାର ସିନ୍ଧୁସଭ୍ୟତାର ଅନ୍ୟ ଏକ ବିଶେଷତ୍ୱ । ମୃଣ୍ମୟ ପାତ୍ରଗୁଡ଼ିକ କୁମ୍ଭାର ଚକରେ ନିର୍ମାଣ କରାଯାଉଥିଲା । ପ୍ରାୟତଃ ଏଗୁଡ଼ିକ ମୋଟା ଏବଂ ଭାଟିରେ ପୋଡ଼ା ଯାଉଥିଲା । ଏହାର ରଙ୍ଗ ଲାଲ ଥିଲା । ସାଧାରଣ ଭାବରେ ଲୋକମାନେ ଏହାକୁ ଦୈନନ୍ଦିନ ଜୀବନରେ ବ୍ୟବହାର କରୁଥିଲେ । ଯେହେତୁ ମାଟିର ପାତ୍ର ସବୁଶ୍ରେଣୀର ଲୋକମାନେ ବ୍ୟବହାର କରୁଥିଲେ, ତେଣୁ ଯେଉଁ ଯେଉଁ ଜାଗାରୁ ହରପ୍ପା ସଭ୍ୟତାର ଅବଶେଷ ମିଳିଛି, ସେସବୁ ଜାଗାରୁ ସେହି ଏକ ପ୍ରକାରର ପାତ୍ର ମିଳେ । ମାଟିର ପାତ୍ରଗୁଡ଼ିକ ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିଲା । ତନ୍ମଧ୍ୟରୁ ମାଟିକପ୍, ଜାର, ବାସନକୁସନ, ଗିନା, କଳସ, ଆଧାରସ୍ଥିତ ପାତ୍ର, ବିଭିନ୍ନ ଜିନିଷପତ୍ର, ଖାଦ୍ୟଶସ୍ୟ, ତେଲ ରଖିବା ପାଇଁ ସଂରକ୍ଷଣ ପାତ୍ର, ତେଲ ଏବଂ ଅନ୍ୟାନ୍ୟ ତରଳ ପଦାର୍ଥ ଛାଣିବା

ପାଇଁ ଛଣା ଇତ୍ୟାଦି ଅନ୍ୟତମ। କପ୍, ଗିନା ଏବଂ କଳସଗୁଡ଼ିକ ବିଭିନ୍ନ ଆକୃତି ଓ ପ୍ରକାରର ଥିଲା। ଛଣାଗୁଡ଼ିକର ଆକୃତି ମୁଖ୍ୟତଃ ଗିନା ଏବଂ ପାତ୍ରଭଳି। ସେଥିରେ ଛୋଟ ଛୋଟ କଣା ରହୁଥିଲା। ଏହା ତିଆରି କରିବା ପାଇଁ କୁମ୍ଭାରମାନଙ୍କୁ ବିଭିନ୍ନ କୌଶଳ ପ୍ରୟୋଗ କରିବାକୁ ପଡୁଥିଲା। ବଡ଼ ବଡ଼ ପାତ୍ରର ମୋଟେଇ ଅଧିକ ରହୁଥିଲା ଏବଂ ବାହାର ପାର୍ଶ୍ୱକୁ ଚିତ୍ରିତ କରାଯାଉଥିଲା।

ମାଟିର ପାତ୍ର ବ୍ୟତୀତ ଛୋଟ ଛୋଟ ଟେରାକୋଟା କଣ୍ଢେଇ ମିଳିଛି। ତା ବ୍ୟତୀତ ଅନେକ ଟାବ୍‌ଲେଟ୍ ମଧ୍ୟ ମିଳିଛି। ଏଗୁଡ଼ିକରେ ପୁରୁଷ, ସ୍ତ୍ରୀ, ବିଭିନ୍ନ ଜୀବଜନ୍ତୁ, ଶଗଡ଼ଗାଡ଼ି ଏବଂ ଅନ୍ୟ ପଦାର୍ଥର ଚିତ୍ର ଦେଖିବାକୁ ମିଳେ। ମାଟିର ଟାବ୍‌ଲେଟ୍ ଗୁଡ଼ିକରେ ବର୍ଣ୍ଣନାତ୍ମକ ଚିତ୍ରସବୁ ଦେଖିବାକୁ ମିଳେ। ପଥରରେ ତିଆରି ଖଡ୍ଗ ବା ଚୁଡ଼ି ମଧ୍ୟ ମିଳେ। ମାଟିରେ ତିଆରି ପାତ୍ରଗୁଡ଼ିକର ରଙ୍ଗ ମୁଖ୍ୟତଃ ଧୂସର କଳା ରଙ୍ଗର ଅଟେ।

ଆଉ ଏକ ଶିଳ୍ପ ବା କାରିଗରୀ ବିଦ୍ୟା ହେଉଛି ତୁଳାଭିଣା ଓ କପଡ଼ା ତିଆରି କରିବା। ଟେରାକୋଟାରେ ନିର୍ମିତ ଭିଣାଯନ୍ତ୍ର ସିନ୍ଧୁସଭ୍ୟତାରୁ ମିଳିଛି। କାଠରେ ତିଆରି ତୁଳାଭିଣା ଯନ୍ତ୍ର କେଉଁ ଯାଗାରୁ ମିଳି ନାହିଁ। ତେବେ ମହେଞ୍ଜୋଦାରୋରୁ ତନ୍ତବୁଣା ଲୁଗାର (କପଡ଼ା)ର ଅବଶେଷ ମିଳିଛି। ଏହା ପ୍ରାୟ ୩୦୦୦ ଖ୍ରୀ.ପୂ. ସମୟର। ଜୋର୍ଡ଼ାନ୍ ପରେ ମହେଞ୍ଜୋଦାରୋ ହେଉଛି ଦ୍ୱିତୀୟ ସ୍ଥାନ ଯେଉଁଠାରୁ କପଡ଼ାର ଅବଶେଷ ମିଳିଛି। କେତେକ କପଡ଼ାରେ ତମ୍ବା ଛୁଞ୍ଚିରେ ସୁନ୍ଦର ସୂଚୀକାମ କରାଯାଇଥିବାର ସୂଚନା ମିଳେ। ଗୃହନିର୍ମାଣ ଏକ ମୁଖ୍ୟ ଶିଳ୍ପ ଥିଲା। ହରପ୍ପାର ଅର୍ଥନୀତିରେ ଏହାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଘର ଏବଂ ନର୍ଦ୍ଦମା ତିଆରି କରିବାରେ ମୁଖ୍ୟତଃ ପୋଡ଼ାଇଟା ବ୍ୟବହାର କରାଯାଉଥିଲା। ଇଟା ଗୁଡ଼ିକର ଆକାର ଏବଂ ବ୍ୟବହାର ମଧ୍ୟ କାରିଗରୀ ବିଦ୍ୟାର ଏକ ମହତ୍ୱପୂର୍ଣ୍ଣ ଦିଗ। ଇଟାଗୁଡ଼ିକର ଆକାର ପ୍ରାୟ ୭ x ୧୫/୩୧ ସେଣ୍ଟିମିଟର ରହୁଥିଲା। ଏହାର ହାରାହାରି ଅନୁପାତ ଥିଲା ୧:୨:୪। ଯୋଡ଼େଇ ପାଇଁ କାଦୁଅ ବ୍ୟବହାର କରାଯାଉଥିଲା। ଜିପ୍‌ସମ୍‌ର ବ୍ୟବହାର ମଧ୍ୟ ଦେଖିବାକୁ ମିଳେ। ଜିପ୍‌ସମ୍ ହେଉଛି ଚୂନଭଳି ଏକ ଜିନିଷ ଯେଉଁଥିରୁ ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ପ୍ରସ୍ତୁତ କରାଯାଏ। ମହେଞ୍ଜୋଦାରୋର ବୃହତ୍ ସ୍ନାନାଗାରରେ ପିଚୁଭଳି ଏକ ତରଳ ଖଣିଜ ପଦାର୍ଥ ବ୍ୟବହାର କରାଯାଇଥିଲା। କୂଅ ଗୁଡ଼ିକରେ ବକ୍ରାକାର ଇଟା ବ୍ୟବହାର କରି ଏହାକୁ ଗୋଲାକାର ଆକୃତି ଦିଆଯାଉଥିଲା। ଦ୍ୱାର ବନ୍ଧ ଉପରେ ଏବଂ ନର୍ଦ୍ଦମା ନାଳଉପରେ ଘୋଡ଼ଣି (corbelled roofing)ର ବ୍ୟବସ୍ଥା ଥିଲା। ଚଟାଣ ଏବଂ କାନ୍ଥଗୁଡ଼ିକରେ ଶୃଙ୍ଖଳା ଇଟାର ବ୍ୟବହାର ହେଉଥିଲା।

ଏହାବ୍ୟତୀତ ହରପ୍ପା ଅଧିବାସୀମାନେ ବହୁତ ମୂଲ୍ୟବାନ ଅଳଙ୍କାର ଓ ଅନ୍ୟାନ୍ୟ ଜିନିଷ ମଧ୍ୟ ବ୍ୟବହାର କରୁଥିଲେ। ସୁନାର କଣ୍ଠି ଓ ଛୋଟ ଛୋଟ ଅଳଙ୍କାର ବ୍ୟବହାର ଏକ ସଉକ ଥିଲା। ସୁନାରେ ରୂପା ମିଶାଇ ଏକ ମିଶ୍ରିତ ଧାତୁ ତିଆରିକରି ସେଥିରେ ଅଳଙ୍କାର ତିଆରି କରାଯାଉଥିଲା।

ସିଲିକନ୍, ମାଗ୍ନେସିଅମ୍ ଏବଂ ଅନ୍ୟକିଛି ଧାତୁକୁ ମାଟିରେ ମିଶାଇ ପୋର୍ସେଲିନ୍ (porcelin) ପ୍ରସ୍ତୁତ କରାଯାଉଥିଲା। ଏହା ଏକପ୍ରକାର ଚକ୍‌ଚକିଆ ଓ ଶୋଭେନ ପୋଡ଼ାମାଟିର ବସ୍ତୁ (faience)। ଏଥିରେ କଣ୍ଠି, ଖଡୁ, ବୋତାମ, ମୋହର, ରକ୍ଷା କବଚ (amulet) ଏବଂ ଛୋଟ ଛୋଟ ମୂର୍ତ୍ତିମାନ ନିର୍ମାଣ କରାଯାଉଥିଲା। ଏ ଜିନିଷର ମୁଖ୍ୟତଃ ବଡ଼ ବଡ଼ ନଗରମାନଙ୍କରେ ଦେଖିବାକୁ ମିଳେ। ଆଂଶିକ ମୂଲ୍ୟବାନ ପଥର, ସବୁଜ ନୀଳ

ରଙ୍ଗର ମଣିପଥର (jade), ମୂଲ୍ୟବାନ୍ ନୀଳ ରଙ୍ଗର ରତ୍ନପଥର (lapis lazuli), କର୍ଣ୍ଣେଲିଆନ୍ (cornellian) ଏବଂ ଗୋମେଦ (agate) ପ୍ରଭୃତି ପଥରକୁ କାଟି ଏବଂ ଖୋଦେଇ କରି କଣ୍ଠି ଏବଂ ଅନ୍ୟାନ୍ୟ ଅଳଙ୍କାର ତିଆରି କରାଯାଉଥିଲା । ଏ ପ୍ରକାରର ଖୋଦେଇ କାର୍ଯ୍ୟକୁ ମଣିକାରୀ ପଥରଖୋଦେଇ କାର୍ଯ୍ୟ (lapidary) କୁହାଯାଏ । ଏସବୁ ପଥରଗୁଡ଼ିକ ଗୁଜୁରାଟରୁ ନିଆଯାଉଥିଲା ।

ଏକ ପ୍ରକାର ଟାଲକ ବା ଖଡ଼ିମାଟି ବା ସୋପଷ୍ଟୋନ୍ (Steatite)ରେ ସିନ୍ଧୁ ସଭ୍ୟତାରୁ ମିଳିଥିବା ସିଲ୍ ବା ମୋହର ଗୁଡ଼ିକ ତିଆରି କରାଯାଉଥିଲା । ସିଲ୍ ଗୁଡ଼ିକର ଆକାର କ୍ଷୁଦ୍ର ଏବଂ ବର୍ଗାକାର ଅଟେ । ଏହାର ପାର୍ଶ୍ୱଗୁଡ଼ିକର ଦୈର୍ଘ୍ୟ ୧.୯ ସେ.ମି.ରୁ ୩.୨ ସେ.ମି. ମଧ୍ୟରେ । ଏହାର ପଛପଟେ ଏକ ହୁକ ଲାଗୁଥିଲା ଯାହାଦ୍ୱାରା ଏହାକୁ ସୂତାରେ ବନ୍ଧା ଯାଇପାରୁଥିଲା । ସିଲରେ ବିଭିନ୍ନ ପଶୁମାନଙ୍କର ଚିତ୍ରସହ ଲିପି ମଧ୍ୟ ରହିଛି । ମହେଞ୍ଜୋଦାରୋରୁ ପ୍ରାୟ ୧୨୦୦ ସିଲ୍ ମିଳିଛି । ସିନ୍ଧୁ ସଭ୍ୟତାର ଲିଖନପ୍ରଣାଳୀ ସମ୍ପର୍କରେ ସୂଚନା ମୁଖ୍ୟତଃ ସିଲ୍‌ମାନଙ୍କରୁ ମିଳିଥାଏ । କିଛି ସିଲ୍‌ର ଆକାର ଗୋଲାକାର ଅଟେ । ଆଉ କିଛି ସିଲ୍ ସିଲିଣ୍ଡର ଆକୃତିର ଅଟେ । ଏହି ସିଲିଣ୍ଡର ଆକୃତିର ସିଲ୍ ମୁଖ୍ୟତଃ ମେସୋପୋଟାମିଆରେ ମିଳେ । ରୁପା, ମାର୍ବଲ, ହାଡ଼, ଚୂନପଥର ଏବଂ ଟେରାକୋଟାରେ ନିର୍ମିତ ସିଲ୍ ମଧ୍ୟ ଆବିଷ୍କାର କରାଯାଇଛି । ସିଲ୍‌ଗୁଡ଼ିକ ମୁଖ୍ୟତଃ ବାଣିଜ୍ୟ କାରବାର ପାଇଁ ବ୍ୟବହାର କରାଯାଉଥିଲା । ଏହା ବ୍ୟକ୍ତିବିଶେଷଙ୍କର ପ୍ରାଚୁର୍ଯ୍ୟ ଓ ସମାଜରେ ପ୍ରାଧାନ୍ୟ ସମ୍ପର୍କରେ ସୂଚନା ଦେଇଥାଏ ।

ମହେଞ୍ଜୋଦାରୋ ଓ ହରପ୍ପା ସହରରୁ ଅନେକଗୁଡ଼ିଏ ଚକମକି ପଥରରେ ତିଆରି ଘନାକୃତି ବସ୍ତୁ ମିଳିଛି । ଏଗୁଡ଼ିକ ଓଜନମପା ବଟକରା ବୋଲି ଗବେଷକମାନେ ମତ ଦିଅନ୍ତି । ବଟକରା ଗୁଡ଼ିକର ସର୍ବନିମ୍ନ ଓଜନ ଥିଲା ୧୩.୬୩ ଗ୍ରାମ୍ । ୧୩.୬୩ ଗ୍ରାମ୍ ସର୍ବନିମ୍ନ ଏକକ ଧରାଗଲେ ଆନୁପାତିକ ଭାବରେ ଏହାର ଏକକ ଗୁଡ଼ିକ ହେଲା ୧, ୨, ୪, ୧୦, ୨୦, ୪୦, ୧୦୦, ୨୦୦, ୪୦୦, ୫୦୦ ଓ ୮୦୦ । ସର୍ବନିମ୍ନ ଏକକର ତଳକୁ ଥିବା ଭଗ୍ନାଂଶ ଗୁଡ଼ିକ ହେଲା ୧/୧୬, ୧/୮, ୧/୪ ଓ ୧/୨ । ସବୁଠାରୁ ଓଜନିଆ ବଟକରାର ଓଜନ ଥିଲା ୧୦.୯ କିଲୋଗ୍ରାମ୍ ଏବଂ ସର୍ବନିମ୍ନ ଓଜନ ଥିଲା ୮୫.୧ ସେଣ୍ଟିଗ୍ରାମ୍ ।

ରୈଖିକ ମାପ ପାଇଁ କ୍ରମାଙ୍କିତ ମାପଦଣ୍ଡ ବ୍ୟବହାର କରାଯାଉଥିଲା । ମହେଞ୍ଜୋଦାରୋରୁ ଶାମୁକା ନିର୍ମିତ, ହରପ୍ପାରୁ ବ୍ରୋଞ୍ଜ ନିର୍ମିତ ଓ ଲୋଥାଲ୍‌ରୁ ହାତୀଦାନ୍ତ ନିର୍ମିତ ମାପଦଣ୍ଡ ମିଳିଛି । କିନ୍ତୁ ସେଗୁଡ଼ିକର ମାନରେ ତାଳମେଳ ନାହିଁ । ତେବେ ମାପଦଣ୍ଡରେ ଅଙ୍କବିନ୍ୟାସ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଅଟେ ।

ଯଦିଓ ହାତୀର ଚିତ୍ର ସିଲ୍‌ମାନଙ୍କରୁ ମିଳିଥାଏ କିନ୍ତୁ ହାତୀଦାନ୍ତରେ ସୂକ୍ଷ୍ମ କାରୁକାର୍ଯ୍ୟର ନମୁନା ବିପୁଳ ପରିମାଣରେ ମିଳି ନାହିଁ । ମହେଞ୍ଜୋଦାରୋଠାରୁ ଅଳ୍ପକିଛି ହାତୀଦାନ୍ତର କାରୁକାର୍ଯ୍ୟ ମିଳିଛି । ତେବେ ସାମୁଦ୍ରିକ ଶାମୁକା ଓ ଶଙ୍ଖ ନିର୍ମିତ ଚୁଡ଼ି, ବଳା, କଣ୍ଠି, ଚକି, ସୌଖୀନ୍ ପାତ୍ର, ଖଚିତ କରିବାର ଉପକରଣ ବା ଖଚିତ କାର୍ଯ୍ୟ ଇତ୍ୟାଦି ଗୁଜୁରାଟର ଉପକୂଳରେ ଅବସ୍ଥିତ ବାଲାକୋଟ, ଧୋଲାବିରା ଓ ନାଗେଶ୍ୱର ଇତ୍ୟାଦି ସ୍ଥାନ ମାନଙ୍କରୁ ମିଳିଛି ।

ଏସବୁ ଜିନିଷ ହରପ୍ପା ସଭ୍ୟତାର ଅଧିବାସୀମାନଙ୍କର ବୈଷୟିକ ଜ୍ଞାନକୌଶଳ ଓ କାରିଗରୀ ଜ୍ଞାନ ସମ୍ପର୍କରେ ସୂଚନା ଦେଇଥାଏ ।

**ବାଣିଜ୍ୟ ଓ ବହିର୍ଦେଶ ସହ ସମ୍ପର୍କ :**

ହରପ୍ପା ସଭ୍ୟତାର ବାଣିଜ୍ୟ କାରବାରକୁ ଆମେ ତିନୋଟି ସ୍ତରରେ ଆଲୋଚନା କରିପାରିବା । (୧) ଗ୍ରାମ ଓ ସହର ମଧ୍ୟରେ ବାଣିଜ୍ୟ ସମ୍ପର୍କ, (୨) ବିଭିନ୍ନ ସହର ମାନଙ୍କ ମଧ୍ୟରେ ବାଣିଜ୍ୟିକ ସମ୍ପର୍କ (୩) ସହରର ବାହାରେ ଥିବା ଅନ୍ୟ ଦୂରଦୂରାନ୍ତ ଅଞ୍ଚଳ ସହ ବାଣିଜ୍ୟ ସମ୍ପର୍କ ।

ମହେଞ୍ଜୋଦାରୋ ଓ ହରପ୍ପା ଠାରେ ଥିବା ଦୁଇଟି ବିଶାଳ ଗୃହକୁ ଶସ୍ୟାଗାର ବୋଲି ପ୍ରତ୍ନତତ୍ତ୍ୱବିତ୍‌ମାନେ ମତ ଦିଅନ୍ତି । ଏଠାରେ ରହୁଥିବା ଶସ୍ୟଗୁଡ଼ିକ ସହର ନିକଟରେ ବସବାସ କରୁଥିବା ଗ୍ରାମବାସୀମାନଙ୍କଠାରୁ 'କର' ଆକାରରେ ଆଦାୟ କରାଯାଉଥିଲା ଏବଂ ଦୁର୍ଗ ଅଞ୍ଚଳରେ ବସବାସ କରୁଥିବା ବ୍ୟକ୍ତିବିଶେଷଙ୍କ ବ୍ୟବହାର ନିମନ୍ତେ ଉଦ୍ଦିଷ୍ଟ । ନିମ୍ନ ସହରର ଲୋକମାନଙ୍କ ପାଇଁ ବ୍ୟବସାୟୀମାନେ ଶଗଡ଼ଗାଡ଼ି ଓ ନୌକାରେ ଦୂରଦୂରାନ୍ତରୁ ଖାଦ୍ୟଶସ୍ୟ ପରିବହନ କରି ଆଣୁଥିଲେ ।

ସହରରେ ଥିବା କାରିଗରୀ ଶିଳ୍ପଗୁଡ଼ିକ ପାଇଁ କଞ୍ଚାମାଲ ଯୋଗାଣ ଥିଲା ଅନ୍ୟ ଏକ ବାଣିଜ୍ୟ କାରବାରର ମୁଖ୍ୟ ଦିଗ । ବାଲାକୋଟ, ଧୋଲାବିରା, ନାଗେଶ୍ୱର ଏବଂ ଲୋଥାଲରେ ଥିବା ସାମୁଦ୍ରିକ ଶାମୁକା ଶିଳ୍ପ ପାଇଁ ନିକଟବର୍ତ୍ତୀ ସମୁଦ୍ର ଉପକୂଳରୁ ଶାମୁକା ଓ ଶଙ୍ଖ ଆମଦାନୀ କରାଯାଉଥିଲା । ନର୍ମଦା ନଦୀର ଦକ୍ଷିଣ ଅବବାହିକାରେ ଥିବା ରତନପୁର ଖଣିରୁ ବିଭିନ୍ନ ପ୍ରକାର ମୂଲ୍ୟବାନ୍ ମଣି ପଥର ମଧ୍ୟ ଅଣାଯାଉଥିଲା ।

ଦୂରଦୂରାନ୍ତ ଅଞ୍ଚଳ ସହିତ ବାଣିଜ୍ୟ କାରବାରରେ ନୌପରିବହନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିଲା । ବାଣିଜ୍ୟ କାରବାରର ପରିଚାଳନା ପାଇଁ ଓଜନ ଓ ମାପ ବ୍ୟବସ୍ଥା ଏବଂ ମୁଦ୍ରା ବଦଳରେ ସିଲ୍‌ର ବ୍ୟବହାର ହରପ୍ପା ସଭ୍ୟତାରୁ ସୂଚନା ମିଳିଥାଏ । ହରପ୍ପା ସଭ୍ୟତାର 'ଆନ୍ତର୍ଜାତୀୟ ବାଣିଜ୍ୟ' ସମ୍ପର୍କରେ ଅନେକ ପ୍ରମାଣ ମିଳିଛି । ଆନ୍ତର୍ଜାତୀୟ ବାଣିଜ୍ୟରେ ରାଜସ୍ଥାନ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ରାଜସ୍ଥାନର ମେୱାର ଅଞ୍ଚଳରୁ ତମ୍ବା ଉତ୍ତୋଳନ କରାଯାଉଥିଲା ଏବଂ ବିଭିନ୍ନ ଅଞ୍ଚଳକୁ ପ୍ରେରଣ କରାଯାଉଥିଲା ।

ସିନ୍ଧୁ ସଭ୍ୟତାର ମେସୋପୋଟାମିଆ ସଭ୍ୟତା ସହିତ ସମ୍ପର୍କ ଆନ୍ତର୍ଜାତୀୟ ସମ୍ପର୍କରେ ସୂଚନା ଦିଏ । ସିନ୍ଧୁ ସଭ୍ୟତାର ଅବଶେଷ ବେଲୁଚିସ୍ତାନର ମକ୍‌ରାନ୍ ଉପକୂଳରେ ଥିବା ସୋଟକକୋ ଏବଂ ପାକିସ୍ତାନ-ଇରାନ୍ ସୀମାରେ ଅବସ୍ଥିତ ସୁଟ୍‌କାଜେଣ୍ଡୋର ଠାରୁ ମିଳିଛି । ସମୁଦ୍ର କୂଳରେ ଏ ସହରର ଉପସ୍ଥିତି ସୂଚନା ଦିଏ ଯେ ବଣିକମାନେ ସମୁଦ୍ର ଉପକୂଳରେ ଜାହାଜ ନେଇ 'ଓମାନ୍' ଏବଂ 'ଇରାକ୍' ପ୍ରଭୃତି ଅଞ୍ଚଳକୁ ଯାଉଥିଲେ ।

ହରପ୍ପା ଅଞ୍ଚଳରେ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ଯଥା ମାଟିପାତ୍ର, ବ୍ରୋଞ୍ଜ ଉପକରଣ, ହାତୀଦାନ୍ତର କାରୁକାର୍ଯ୍ୟ 'ଓମାନ୍' ବା 'ମଗନ' ଅଞ୍ଚଳରୁ ମିଳିଛି । 'ଓମାନ୍'କୁ ସିନ୍ଧୁପ୍ରଦେଶ ଅଞ୍ଚଳରୁ ଯାଉଥିବା ନୌକାଗୁଡ଼ିକ ଉତ୍ତର ପଶ୍ଚିମ ଦିଗରେ ଗତିକରି ପାରସ୍ୟ ଉପସାଗର ଦେଇ ଡିଲ୍‌ମୁନ୍ ଅଞ୍ଚଳରେ ପହଞ୍ଚୁଥିଲା । ଡିଲ୍‌ମୁନ୍ ବର୍ତ୍ତମାନର 'ବାହାରିନ୍' ଏବଂ 'କୁଏତ୍' ଅଞ୍ଚଳକୁ ବୁଝାଏ । ଇରାକ୍‌କୁ ପ୍ରବେଶ କରିବାପାଇଁ 'ଡିଲ୍‌ମୁନ୍' ଥିଲା ପ୍ରବେଶ ପଥ । ବର୍ତ୍ତମାନର ଇରାକ୍‌ରେ ପ୍ରାଚୀନ 'ମେସୋପୋଟାମିଆ' ସଭ୍ୟତା ଗଢ଼ି ଉଠିଥିଲା । ମେସୋମୋଟାମିଆର

ଅଧିବାସୀମାନ ହରପ୍ପା ସଭ୍ୟତାକୁ ମେଲୁହ ନାମରେ ଜାଣିଥିଲେ । ଆକ୍କଡ଼ର ରାଜା (୨୩୩୪-୨୨୭୯)ରେ ଉଲ୍ଲେଖ କରିଛନ୍ତି ଯେ ମେଲୁହରୁ ଜାହାଜମାନ ଟାଇଗ୍ରୀସ୍ ନଦୀ ଦେଇ ତାଙ୍କ ରାଜଧାନୀ ପର୍ଯ୍ୟନ୍ତ ଆସୁଥିଲା । ବିଭିନ୍ନ ପ୍ରକାର ସିନ୍ଧୁ ସଭ୍ୟତାର ସାମଗ୍ରୀ ମଧ୍ୟରେ ହରପ୍ପା ସିଲ, ମୂଲ୍ୟବାନ୍ ପଥର ତିଆରି ଉପକରଣ, ହାତୀଦାନ୍ତ କାର୍ଯ୍ୟ, ମାଟିପାତ୍ର, ସୁନା ଅଳଙ୍କାର ଏବଂ ଟାଣ ଓ ମଜବୁତ୍ କାଠ ମେସୋପୋଟାମିଆରୁ ମିଳିଛି । କେତେକ ସିନ୍ଧୁବାସୀ ମେସୋପୋଟାମିଆରେ ବସତି ସ୍ଥାପନ କରିଥିବାର ସୂଚନା ମଧ୍ୟ ମିଳେ । କିନ୍ତୁ ମେସୋପଟାମିଆରୁ ଆମଦାନୀ ହେଉଥିବା ଜିନିଷ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ପ୍ରମାଣ ନାହିଁ । ତେବେ ମେସୋପୋଟାମିଆର ପ୍ରଚଳିତ କବର ବ୍ୟବସ୍ଥା ଅନୁଯାୟୀ ଏକ ସୁମେରୀୟ କବର ହରପ୍ପାରୁ ମିଳିଛି । ଏହି କବରରେ ଜଣେ ନାରୀର ମୃତଦେହକୁ ମଶିଣାରେ ଗୁଡ଼ାଇ କଫିନ୍ ଭିତରେ ରଖି କବର ଦିଆଯାଇଥିଲା । ଏହା ଏକ ସୁମେରୀୟ ପଦ୍ଧତି । ଏହା ମେସୋପୋଟାମିଆ ସହ ହରପ୍ପାର ସାଂସ୍କୃତିକ ସମ୍ପର୍କରେ ସୂଚନା ଦିଏ ।

## ଲିପି ଓ ଧର୍ମବିଶ୍ୱାସ :

ହରପ୍ପା ସଭ୍ୟତାର ଏକ ବିଶେଷ ଅବଦାନ ହେଉଛି ଏହାର ଲିପି । ଏହି ଲିପି ପ୍ରାୟ ୨୫୦୦ ଖ୍ରୀ.ପୂ.ରେ ଆରମ୍ଭ ହୋଇଥିଲା ଏବଂ ଖ୍ରୀ.ପୂ. ୨୦୦୦ ବେଳକୁ ସଭ୍ୟତାର ବିଲୟ ସହ ଲିପିର ବ୍ୟବହାର ବନ୍ଦ ହୋଇଯାଇଥିଲା । ପୃଥିବୀପୃଷ୍ଠରେ ବିଭିନ୍ନ ସଭ୍ୟତାରୁ ମିଳିଥିବା ୪ଟି ପ୍ରାଚୀନତମ ଲିପି ମଧ୍ୟରୁ ଏହା ଅନ୍ୟତମ ଅଟେ । ଅନ୍ୟ ଲିପିଗୁଡ଼ିକ ଇଜିପଟ୍, ମେସୋପୋଟାମିଆ ଓ ଚିନ୍‌ରୁ ମିଳିଛି । ତେବେ ହରପ୍ପାର ଲିପି କିଭଳି ଭାବରେ ଉଦ୍ଭାବନ ହୋଇଥିଲା ସେ ସମ୍ପର୍କରେ କୌଣସି ସୂଚନା ନାହିଁ । ଏହାର କାରଣ ହେଉଛି ହରପ୍ପା ସଂସ୍କୃତିର ପୂର୍ବବର୍ତ୍ତୀ ସମୟର କୌଣସି ମାଟିପାତ୍ର ବା ମାଟିର ଟାବ୍‌ଲେଟ୍‌ରୁ ବା ପଥରରେ ଖୋଦିତ ଗ୍ରାଫ୍‌ଟି ଚିହ୍ନ ମିଳି ନାହିଁ । ହରପ୍ପା ସିଲ୍‌ରୁ ମିଳିଥିବା ଅଭିଲେଖ ଗୁଡ଼ିକ ଆକାରରେ ଅତ୍ୟନ୍ତ କ୍ଷୁଦ୍ର ଅଟେ । ଏଗୁଡ଼ିକର ସଂଖ୍ୟା ପ୍ରାୟ ୪୦୦୦ ଅଟେ । ଲେଖାଗୁଡ଼ିକ ଡାହାଣରୁ ବାମକୁ ଏବଂ ବାମର ଡାହାଣ କ୍ରମରେ ଲେଖାଯାଇଛି । ପ୍ରତ୍ୟେକ ଲିପିରେ ୪ ବା ୫ଟି ଲେଖାଏଁ ଚିହ୍ନ ରହିଛି । ତେବେ ଏ ପର୍ଯ୍ୟନ୍ତ ଏହି ଲିପିକୁ ପଢ଼ିବା ପାଇଁ ଗବେଷକମାନେ ସମର୍ଥ ହୋଇ ନାହାନ୍ତି । ବୋଧହୁଏ ସିନ୍ଧୁସଭ୍ୟତାର ଶାସକଗୋଷ୍ଠୀର ବ୍ୟକ୍ତିମାନେ ଶାସନ ସମ୍ବନ୍ଧୀୟ ବିଷୟବସ୍ତୁ ଲେଖୁଥିଲେ । ଏହି ଲିପିଗୁଡ଼ିକରେ 'ମାଛ'ର ଚିହ୍ନ ରହିଛି । ଏହା ବ୍ୟତୀତ ବେଲୁଚିସ୍ଥାନର ଉତ୍ତର ପଶ୍ଚିମ ଅଞ୍ଚଳରେ ଲୋକମାନେ ବ୍ରାହୁଇ ନାମକ ଏକ ଭାଷା ବ୍ୟବହାର କରିଥାଆନ୍ତି । ଏସବୁକୁ ବିଚାରକୁ ନେଇ ଗବେଷକମାନେ ମତ ଦିଅନ୍ତି ଯେ ଏହା ଏକ ଦ୍ରାବିଡ଼ ଶ୍ରେଣୀର ଭାଷା । ତେବେ 'ଲିପି'କୁ ପଢ଼ାଯିବାପରେ ହରପ୍ପା ସଭ୍ୟତାର ଅନେକ ଐତିହାସିକ ତଥ୍ୟ ଲୋକଲୋଚନକୁ ଆସିପାରିବ ।

ସିନ୍ଧୁ ସଭ୍ୟତାର ବିଭିନ୍ନ ସ୍ଥାନରୁ ମିଳିଥିବା ମୂର୍ତ୍ତିମାନଙ୍କରୁ ସେମାନଙ୍କର 'ଧର୍ମ' ସମ୍ପର୍କରେ ଐତିହାସିକମାନେ ଧାରଣା ଦେଇଛନ୍ତି । ବିଭିନ୍ନ ପ୍ରକାରର ମୂର୍ତ୍ତି ଓ ଚିତ୍ର ଧର୍ମଭାବନାର ସୂରାକ ଦେଇଥାଏ । ସେଗୁଡ଼ିକ ହେଲା- ୧. ମାତୃଶକ୍ତି ପୂଜା, ୨. ପଶୁପତି ଶିବପୂଜା, ୩. ପଶୁପୂଜା, ୪. ବୃକ୍ଷପୂଜା, ୫. ଲିଙ୍ଗ ଓ ଯୋନି ପୂଜା, ୬. ଧୂପଦାନୀ, ୭. କବଚ ଧାରଣ, ୮. ଯୋଗଶିକ୍ଷା ।

ଟେରାକୋଟାରେ ନିର୍ମିତ ଅନେକ 'ନାରୀ ଦେବୀ' ମୂର୍ତ୍ତି ବିଭିନ୍ନ ସ୍ଥାନରୁ ମିଳିଛି । ତାହା ମାତୃଶକ୍ତି ପୂଜାର ସୂଚନା ଦିଏ । ହରପ୍ପା ସହରରୁ ମଧ୍ୟ ଏଭଳି ମୂର୍ତ୍ତି ମିଳିଛି । ମହେଞ୍ଜୋଦାରୋରୁ ଏକ 'ଶିବ'ଙ୍କ ଭଳି ଦେଖାଯାଉଥିବା ଏକ ମୂର୍ତ୍ତିର ଚିତ୍ର ଏକ ସିଲ୍‌ରେ ଅଙ୍କିତ ହୋଇଛି । ଏହି ମୂର୍ତ୍ତି ଯୋଗମୁଦ୍ରାରେ ଅଛି । ମୂର୍ତ୍ତିର ଉଭୟ ପାର୍ଶ୍ୱରେ ହାତୀ, ବାଘ, ଗଣ୍ଡା ଏବଂ ମଇଁଷିର ଚିତ୍ର ରହିଛି । ଦୁଇଟି ହରିଣର ଚିତ୍ର ମଧ୍ୟ ଅଙ୍କିତ ହୋଇଛି । ଏହି ମୂର୍ତ୍ତି ପଶୁପତି ଶିବଙ୍କର ବୋଲି ଐତିହାସିକମାନେ ମତ ଦିଅନ୍ତି । କାଲିବଙ୍ଗାନରୁ ଲିଙ୍ଗ ଏବଂ ଯୋନିର ଯୋଡ଼ାମୂର୍ତ୍ତି ମିଳିଛି । ଏହି ଯୁଗଳ ମୂର୍ତ୍ତି ଯେ ଶିବ ଓ ଶକ୍ତିର ପ୍ରତୀକ ତାହା କହିବା ଏକ ବିତର୍କର ବିଷୟ । ମହେଞ୍ଜୋଦାରୋରୁ ଏକ ସିଲ୍‌ରୁ ଗୋଟିଏ ଅଶ୍ୱତ୍ଥ ବୃକ୍ଷର ଦୁଇଟି ଶାଖାର ତଳେ ଗୋଟିଏ ମୂର୍ତ୍ତି ଦଣ୍ଡାୟମାନ ଅବସ୍ଥାରେ ଥିବାର ଚିତ୍ର ମିଳିଛି । ମୂର୍ତ୍ତିଟିକୁ ୭ ଜଣ ବ୍ୟକ୍ତି ଗୋଟିଏ ଧାଡ଼ିରେ ଠିଆ ହୋଇ ପୂଜା କରୁଥିବାର ଦେଖିବାକୁ ମିଳେ । ସେଥିରୁ ଅନୁମାନ କରାଯାଏ ଯେ ବୃକ୍ଷ ଉପାସନା ଏକ ପରମ୍ପରା ଥିଲା । ଏହା ବ୍ୟତୀତ ଗୁଜୁରାଟ, ହରିୟାଣା ଓ ରାଜସ୍ଥାନର ବିଭିନ୍ନ ହରପ୍ପା ସହର ଯଥା କାଲିବଙ୍ଗାନ୍, ଲୋଥାଲ ଏବଂ ବନଓ୍ୱାଲିରୁ 'ଯୁପବେଦୀ'ର ସନ୍ଧାନ ମିଳିଛି । ଏଥିରୁ ପୂଜା ବ୍ୟବସ୍ଥା ସମ୍ପର୍କରେ ସୂଚନା ମିଳେ ।

ମୋଟାମୋଟି ଭାବରେ ହରପ୍ପା ସଭ୍ୟତା ସମସାମୟିକ ମାନବସଭ୍ୟତା ଗୁଡ଼ିକ ତୁଳନାରେ ଅତ୍ୟନ୍ତ ଉନ୍ନତ ଥିଲା ଏବଂ ଏହି ସଭ୍ୟତାର ଆବିଷ୍କାର ପରେ ଭାରତ ଉପମହାସାଗରୀୟ ଅଞ୍ଚଳ ପୃଥିବୀ ଇତିହାସରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲା ।

## ହରପ୍ପା ସଭ୍ୟତାର ବିଲୟ :

ସାର ଜନ୍ ମାର୍ଶାଲ ଏବଂ ଅନ୍ୟ ପ୍ରତ୍ନତତ୍ତ୍ୱବିତ୍‌ମାନେ ମତ ରଖନ୍ତି ଯେ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ହରପ୍ପା ସଭ୍ୟତା ବିଲୟର ପ୍ରଧାନ କାରଣ ଅଟେ । ଅଧିକ ପରିମାଣରେ ଜଙ୍ଗଲକ୍ଷୟ ଜମିର ଉର୍ବରତା ହ୍ରାସ ପାଇଁ ମୁଖ୍ୟତଃ ଦାୟୀ । ଇଟା ପୋଡ଼ିବା ଏବଂ ବିଭିନ୍ନ ଗୃହୋପକରଣ ପାଇଁ କାଠର ଆବଶ୍ୟକତା ଜଙ୍ଗଲ କ୍ଷୟର ମୁଖ୍ୟ କାରଣ । ଏହା ଫଳରେ ବନ୍ୟା, ସ୍ୱଳ୍ପ ବୃଷ୍ଟିପାତ ଏବଂ ଦୁର୍ଭିକ୍ଷ ହରପ୍ପା ଅଧିବାସୀଙ୍କର ଜୀବନକୁ ବିପର୍ଯ୍ୟସ୍ତ କରିଦେଇଥିଲା । ହ୍ୱିଲରଙ୍କ ମତରେ ବୈଦିକ ଆର୍ଯ୍ୟମାନଙ୍କର ଆକ୍ରମଣ ଯୋଗୁଁ ସଭ୍ୟତାର ବିଲୟ ଘଟିଥିଲା । ନଦୀଗୁଡ଼ିକର ଗତିପଥ ପରିବର୍ତ୍ତନ ମଧ୍ୟ ଆଉ ଏକ କାରଣ ହୋଇପାରେ । ବନ୍ୟାବିପତ୍ତି ମଧ୍ୟ ଏକ ମୁଖ୍ୟ କାରଣ ହୋଇପାରେ । ତେବେ ଅଧିବାସୀମାନଙ୍କର ଅର୍ଥନୈତିକ ସ୍ୱଚ୍ଛଳତା ମୁଖ୍ୟତଃ କୃଷି ଉପରେ ନିର୍ଭର କରୁଥିଲା । ଜଳବାୟୁ ପରିବର୍ତ୍ତନ, ନଦୀଗୁଡ଼ିକର ଗତିପଥ ପରିବର୍ତ୍ତନ କୃଷିକାର୍ଯ୍ୟକୁ ବାଧାପ୍ରାପ୍ତ କରିଥିଲା, ଯାହାଫଳରେ ବାଣିଜ୍ୟ କାରବାର, ପ୍ରଶାସନିକ ବ୍ୟବସ୍ଥା, ନଗର ପରିଚାଳନା ପ୍ରଭାବିତ ହେଲା ଏବଂ ଧୀରେ ଧୀରେ ଲୋକମାନେ ନଗରଗୁଡ଼ିକୁ ପରିତ୍ୟାଗ କରି ଅନ୍ୟସ୍ଥାନକୁ ଚାଲିଯାଇଥିଲେ । ଏହିଭଳି ହରପ୍ପା ସଭ୍ୟତା ପ୍ରାୟ ଖ୍ରୀ.ପୂ. ୧୩୦୦ ବେଳକୁ ସମ୍ପୂର୍ଣ୍ଣ ଭାବରେ ବିଲୟ ଘଟିଥିଲା ।

## ସାରାଂଶ

ହରପ୍ପା ସଂସ୍କୃତି ଭାରତକୁ ସାଂସ୍କୃତିକ ଇତିହାସରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି । ୧୯୨୧-୨୨ ମସିହା ପୂର୍ବରୁ ପୃଥିବୀବାସୀ ଜାଣି ନ ଥିଲେ ଯେ ଭାରତଭୂମିରେ ଏକ ମହାନ୍ ପ୍ରାଚୀନ ସଭ୍ୟତା ଲୁକ୍‌କାୟିତ ହୋଇ ରହିଛି । ଭାରତର ଦୁଇଜଣ ମହାନ୍ ପ୍ରତ୍ନତତ୍ତ୍ୱବିତ୍ ଦୟାରାମ ସାହାଣୀ ଏବଂ ରାଖାଲ ଦାସ ବାନାର୍ଜୀ ଯଥାକ୍ରମେ ହରପ୍ପା ଓ ମହେଞ୍ଜୋଦାରୋଠାରେ ପ୍ରତ୍ନତାତ୍ତ୍ୱିକ ଖନନ ଆରମ୍ଭ କରିଥିଲେ । ତତ୍‌କାଳୀନ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ଡାଇରେକ୍ଟର ଜେନେରାଲ ସାର୍ ଜନ୍ ମାର୍ଶାଲ୍ ୧୯୨୪ ମସିହାରେ ହରପ୍ପା ସଂସ୍କୃତିର ଆବିଷ୍କାର ସମ୍ପର୍କରେ ଔପଚାରିକ ଭାବରେ ସୂଚନା ଦେଇଥିଲେ । ଏହି ସଭ୍ୟତାର ସମୟକାଳ ଖ୍ରୀ.ପୂ. ୨୫୦୦୦ ଏବଂ ଏହା ମେସୋପଟାମିଆ ଓ ମିଶର ସଭ୍ୟତାର ସମସାମୟିକ ବୋଲି ଗ୍ରହଣ କରାଯାଇଥିଲା । ଏହି ସଭ୍ୟତାକୁ ପ୍ରଥମେ ସାରଜନ୍ ମାର୍ଶାଲ 'ସିନ୍ଧୁସଭ୍ୟତା' ଭାବରେ ନାମିତ କରିଥିଲେ । ସ୍ୱାଧୀନ ଭାରତରେ ଏହି ସଭ୍ୟତା ହରପ୍ପା ସଭ୍ୟତା ନାମରେ ପରିଚିତ ହେଲା । ହରପ୍ପା ସଭ୍ୟତାର ଭୌଗୋଳିକ ବିସ୍ତୃତି ପାକିସ୍ଥାନର ସମତଳଭୂମି, ବେଲୁଚିସ୍ଥାନର କିଛି ଅଞ୍ଚଳ, ଭାରତର ପଞ୍ଜାବ, ହରିୟାଣା, ଉତ୍ତର ପଶ୍ଚିମ ଉତ୍ତରପ୍ରଦେଶ, ଉତ୍ତର ରାଜସ୍ଥାନ, ଗୁଜୁରାଟ ପ୍ରଭୃତି ପ୍ରଦେଶ ମାନଙ୍କରେ ପରିବ୍ୟାପ୍ତ ଥିଲା ।

ହରପ୍ପା ଓ ମହେଞ୍ଜୋଦାରୋରୁ ମିଳିଥିବା ଅବଶେଷରୁ ସିନ୍ଧୁ ସଭ୍ୟତା ସମ୍ପର୍କରେ କେତେକ ସାଂସ୍କୃତିକ ଚିହ୍ନକୁ ପ୍ରତ୍ନତତ୍ତ୍ୱବିତ୍‌ମାନେ ଖୋଜି ବାହାର କରିଛନ୍ତି ଯାହା ଦ୍ୱାରା ଏହି ସଭ୍ୟତାର ଅନ୍ୟାନ୍ୟ ସ୍ଥାନମାନଙ୍କରୁ ମିଳିଥିବା ସଂସ୍କୃତିର ବୈଶିଷ୍ଟ୍ୟକୁ ବୁଝିବା ସହଜସାଧ୍ୟ ହୋଇପାରିଛି । ସେହିସବୁ ସାଧାରଣ ବୈଶିଷ୍ଟ୍ୟଗୁଡ଼ିକ ହେଲା-

(୧) ଚକ ତିଆରି ମୃଣ୍ମୟପାତ୍ର, (୨) ସିଲ୍ ବା ମୋହର (୩) ପୋଡ଼ାଇଟାର ବ୍ୟବହାର (୪) ଓଜନ ମାପ ବ୍ୟବସ୍ଥା (୫) ସୁପରିକଳ୍ପିତ ରାସ୍ତା ଓ ନର୍ଦ୍ଦମା ଜଳ ନିଷ୍କାସନ ବ୍ୟବସ୍ଥା (୬) ସହରର ଗୋଟିଏ ପାର୍ଶ୍ୱରେ ଦୁର୍ଗ ନିର୍ମାଣ (୭) କୂଅ ଓ ସ୍ନାନାଗାର ନିର୍ମାଣ (୮) ସହର ବାହାରେ କବର ବ୍ୟବସ୍ଥା ।

ହରପ୍ପା ସଭ୍ୟତାର ସମୟକାଳ ଖ୍ରୀ.ପୂ. ୩୫୦୦ରୁ ଖ୍ରୀ.ପୂ. ୧୩୦୦ ମଧ୍ୟରେ ବୋଲି ଐତିହାସିକମାନେ ଗ୍ରହଣ କରିଛନ୍ତି । ଏହି ସଭ୍ୟତାର ନଗର ପରିକଳ୍ପନା ଓ ଗଠନ ପ୍ରଣାଳୀ ଏକ ସୁପରିକଳ୍ପିତ ଯୋଜନା ଦ୍ୱାରା ନିର୍ମାଣ କରାଯାଇଛି । ବାସଗୃହଗୁଡ଼ିକ ଦୁଇମହଲା ବିଶିଷ୍ଟ ଥିଲା ଓ ପ୍ରତ୍ୟେକ ଗୃହରେ ଚଳପ୍ରଚଳ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା । କୃଷି ଥିଲା ଏମାନଙ୍କର ମୁଖ୍ୟ ଜୀବିକା । ଡାକ୍ତରି, ତନ୍ତ, କୁମ୍ଭାର ଚକି, ତମ୍ବା ତରଳାଇବା ଶାଳ, ଧନୁଚାଳନା ଇତ୍ୟାଦି ବିଷୟରେ ଗଭୀର ଜ୍ଞାନ ଥିଲା । ପଶୁପାଳନ ଓ ବିଭିନ୍ନ ଶିଳ୍ପ କାରିଗରୀ ବିଦ୍ୟାରେ ହରପ୍ପା ସଭ୍ୟତାର ଲୋକମାନେ ପାରଙ୍ଗମ ଥିଲେ । ବ୍ରୋଞ୍ଜ ନିର୍ମିତ ବିଭିନ୍ନ ଅସ୍ତ୍ରଶସ୍ତ୍ର ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ର ନିର୍ମାଣ କରାଯାଉଥିଲା । ମାଟିରେ ସୁନ୍ଦର ସୁନ୍ଦର ପାତ୍ର ନିର୍ମାଣ କରିବା ଏମାନଙ୍କ ପାଇଁ ଅତ୍ୟନ୍ତ ସହଜ ଥିଲା । ସୁନା, ରୁପା, ତମ୍ବା, ପୋର୍ସେଲିନ୍ (ସିଲିକନ୍, ମାଗ୍ନେସିଅମ ଓ ଅନ୍ୟ କେତେକ ଧାତୁର ମିଶ୍ରଣରେ ସୃଷ୍ଟି) ଆଦି ଧାତୁରେ ବିଭିନ୍ନ ଅଳଙ୍କାର ତଥା ଅନ୍ୟାନ୍ୟ ଜିନିଷପତ୍ର ତିଆରି କରାଯାଉଥିଲା । ମାପ ଓ ଓଜନ ସମ୍ପର୍କରେ ହରପ୍ପା ଅଧିବାସୀଙ୍କର ଜ୍ଞାନ ଥିଲା । ଅନ୍ତର୍ବାଣିଜ୍ୟ ଓ ବହିଃବାଣିଜ୍ୟରେ ନିୟୋଜିତ ହୋଇ ଏମାନେ ନିଜର ଆର୍ଥିକ ସ୍ଥିତିକୁ ମଜଭୁତ କରିପାରିଥିଲେ । ହରପ୍ପା ସଂସ୍କୃତିର ଲିପିକୁ ପଢ଼ିବା ଏପର୍ଯ୍ୟନ୍ତ ଗବେଷକମାନଙ୍କ ଦ୍ୱାରା ସମ୍ଭବ ହୋଇପାରି ନାହିଁ । ଏହା ସମ୍ଭବ ହେଲେ ହରପ୍ପା ସଭ୍ୟତା ସମ୍ପର୍କରେ ଅନେକ ତଥ୍ୟ ଲୋକଲୋଚନକୁ ଆସିପାରିବ । ଖ୍ରୀ.ପୂ. ୧୩୦୦ ବେଳକୁ ଏହି ମହାନ୍ ସଭ୍ୟତାର ବିଲୟ ଘଟିଥିଲା ।

## ଆଦର୍ଶ ପ୍ରଶ୍ନାବଳୀ

### 'କ' ବିଭାଗ

**୧. ପ୍ରତ୍ୟେକ ପ୍ରଶ୍ନ ସହ ୪ଟି ସମ୍ଭାବିତ ଉତ୍ତର ଦିଆଯାଇଛି । ସଠିକ୍ ଉତ୍ତରଟିକୁ ବାଛି ଲେଖ । (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର)**

(କ) କେଉଁ ନଦୀର ଉପତ୍ୟକାରେ ହରପ୍ପା ଅବସ୍ଥିତ ?

(i) ସିନ୍ଧୁ (ii) ଗଙ୍ଗା

(iii) ଝେଲମ୍ (iv) ରାବୀ

(ଖ) ମହେଞ୍ଜୋଦାରୋ କେଉଁଠାରେ ଅବସ୍ଥିତ ?

(i) ସିନ୍ଧୁ ପ୍ରଦେଶର ଲାରକାନା ଜିଲ୍ଲା (ii) ପଶ୍ଚିମ ପଞ୍ଜାବର ମଣ୍ଟଗୋମାରୀ ଜିଲ୍ଲା

(iii) ରାଜସ୍ଥାନ (iv) ଗୁଜୁରାଟ

(ଗ) ବୃହତ୍ ସ୍ନାନାଗାର କେଉଁଠାରେ ଅବସ୍ଥିତ ?

(i) ହରପ୍ପା (ii) ମହେଞ୍ଜୋଦାରୋ

(iii) କାଲିବଙ୍ଗାନ୍ (iv) ଲୋଥାଲ

(ଘ) ଭାରତର କେଉଁ ରାଜ୍ୟରେ ଲୋଥାଲ ଅବସ୍ଥିତ ?

(i) ଗୁଜୁରାଟ (ii) ରାଜସ୍ଥାନ

(iii) ଉତ୍ତର ପ୍ରଦେଶ (iv) ପଞ୍ଜାବ

(ଙ) କିଏ ଭାରତର ସଂସ୍କାରର ଜନକ ଥିଲେ ?

(i) ମର୍ଟିମର ହୁଇଲର (ii) ଆଲେକ୍‌ଜାଣ୍ଡର କୁନିଙ୍ଗହାମ୍

(iii) ଉଇଲିଅମ୍ ଜୋନସ୍ (iv) ଜୟରାମ ସାହାଣୀ

**୨. ଗୋଟିଏ ଶବ୍ଦରେ ଉତ୍ତର ଲେଖ ।**

(କ) ମହେଞ୍ଜୋଦାରୋ ଶବ୍ଦର ଅର୍ଥ କ'ଣ ?

(ଖ) କାଲିବଙ୍ଗାନ୍ କେଉଁ ରାଜ୍ୟରେ ଅବସ୍ଥିତ ?

(ଗ) ହରପ୍ପା ସଭ୍ୟତାର ନାଳଗୁଡ଼ିକ କେଉଁଥିରେ ନିର୍ମିତ ହୋଇଥିଲା ?

(ଘ) ହରପ୍ପା ସଭ୍ୟତାର ଲୋକମାନେ କେଉଁ ଧାତୁର ବ୍ୟବହାର ଜାଣି ନ ଥିଲେ ?

(ଙ) ହରପ୍ପା ସଭ୍ୟତା ଅନ୍ୟ କେଉଁ ସଭ୍ୟତାର ସମସାମୟିକ ଥିଲା ?

୩. ଭୁଲ ଥିଲେ ସଂଶୋଧନ କର।

(କ) ରାଖାଲ ଦାସ ବାନାର୍ଜୀ ୧୯୨୧ ଖ୍ରୀଷ୍ଟାବ୍ଦରେ ହରପ୍ପାଠାରେ ଖନନ କାର୍ଯ୍ୟ ଆରମ୍ଭ କରିଥିଲେ।

(ଖ) ହରପ୍ପା ସଭ୍ୟତାକୁ ପ୍ରଥମେ ଆଲେକ୍‌ଜାଣ୍ଡର କୁନିଙ୍ଗହାମ୍ 'ସିନ୍ଧୁସଭ୍ୟତା' ନାମରେ ନାମିତ କରିଥିଲେ।

(ଗ) ହରପ୍ପାବାସୀଙ୍କ କବରସ୍ଥାନ ସହର ଭିତରେ ଥିଲା।

(ଘ) ହରପ୍ପାର ରାସ୍ତାଗୁଡ଼ିକ ପରସ୍ପରକୁ ସୂକ୍ଷ୍ମକୋଣରେ ଛେଦ କରୁଥିଲେ।

(ଙ) ହରପ୍ପାର ଅଧିକାଂଶ ଗୃହ ଚାରିମହଲା ବିଶିଷ୍ଟ ଥିଲା।

୪. ଶୂନ୍ୟସ୍ଥାନ ପୂରଣ କର।

(କ) ________ ମସିହାରେ ଆଲୋକ୍‌ଜାଣ୍ଡର କୁନିଙ୍ଗହାମ୍ ହରପ୍ପା ଗ୍ରାମକୁ ପରିଦର୍ଶନରେ ଯାଇଥିଲେ।

(ଖ) ଦୟାରାମ ସାହାଣୀ ________ ମସିହାରେ ହରପ୍ପାଠାରେ ଖନନ କାର୍ଯ୍ୟ ଆରମ୍ଭ କରିଥିଲେ।

(ଗ) ସିନ୍ଧୁ ପ୍ରଦେଶର ________ ଜିଲ୍ଲାରେ ମହେଞ୍ଜୋଦାରୋ ଅବସ୍ଥିତ।

(ଘ) ମହେଞ୍ଜୋଦାରୋଠାରେ ଆବିଷ୍କୃତ ବୃହତ୍ ସ୍ନାନାଗାରର ଦୈର୍ଘ୍ୟ ________ ଫୁଟ।

(ଙ) ଗୁଜୁରାଟର କାମ୍ବେ ନିକଟବର୍ତ୍ତୀ ________ ସହରରୁ ଏକ ପୋତାଶ୍ରୟ ଆବିଷ୍କୃତ ହୋଇଛି।

## 'ଖ' ବିଭାଗ

୫. ଦୁଇ ବା ତିନୋଟି ବାକ୍ୟରେ ନିମ୍ନ ପ୍ରଶ୍ନର ଉତ୍ତର ଦିଅ। (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର)

(କ) କେବେ ଏବଂ କେଉଁ ଦୁଇଜଣ ପ୍ରତ୍ନତତ୍ତ୍ୱବିତ୍‌ଙ୍କ ଦ୍ୱାରା ହରପ୍ପା ଓ ମହୋଞ୍ଜୋଦାରୋଠାରେ ଖନନ କରାଯାଇଥିଲା ?

(ଖ) ହରପ୍ପା ସଭ୍ୟତା କେଉଁଠାରୁ କେଉଁ ପର୍ଯ୍ୟନ୍ତ ବିସ୍ତୃତ ଥିଲା ?

(ଗ) ସିନ୍ଧୁ ସଭ୍ୟତାର ଶସ୍ୟାଗାର ସମ୍ପର୍କରେ ଆଲୋକପାତ କର।

(ଘ) ସିନ୍ଧୁସଭ୍ୟତାର ଲୋକମାନଙ୍କର ଖାଦ୍ୟପଦାର୍ଥ ସମ୍ପର୍କରେ ଉଲ୍ଲେଖ କର।

(ଙ) ହରପ୍ପା ସଭ୍ୟତାର ନର୍ଦ୍ଦମାଜଳ ନିଷ୍କାସନ ସମ୍ପର୍କରେ ଲେଖ।

**୬. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପାଞ୍ଚ / ଛଅଟି ବାକ୍ୟରେ ପ୍ରଦାନ କର। (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର)**

(କ) ମହେଞ୍ଜୋଦାରୋର ବୃହତ୍ ସ୍ନାନାଗାର।

(ଖ) ହରପ୍ପା ସଭ୍ୟତାର ଧାର୍ମିକ ଜୀବନ।

(ଗ) ହରପ୍ପା ସଭ୍ୟତାର ବିଲୟର କାରଣ।

(ଘ) ହରପ୍ପା ସଭ୍ୟତାର ସମୟକାଳ।

(ଙ) ହରପ୍ପା ସଭ୍ୟତାର ନଗର ପରିକଳ୍ପନା।

## 'ଗ' ବିଭାଗ

## (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର)

୭. ହରପ୍ପା ସଭ୍ୟତାର ଭୌଗୋଳିକ ବିସ୍ତୃତି ଓ ନଗର ଜୀବନ ସମ୍ପର୍କରେ ଏକ ବିବରଣୀ ପ୍ରଦାନ କର।

୮. ହରପ୍ପା ସଭ୍ୟତାର ସାମାଜିକ, ଅର୍ଥନୈତିକ ଓ ଧାର୍ମିକ ଜୀବନ ସମ୍ପର୍କରେ ଆଲୋଚନା କର।

୯. ହରପ୍ପା ସଭ୍ୟତାର କୃଷି ଓ ବୈଷୟିକ ଜ୍ଞାନକୌଶଳ ତଥା ଶିଳ୍ପ, କାରିଗରୀ ବିଦ୍ୟା ବିଷୟରେ ବିବରଣୀ ପ୍ରଦାନ କର।

❑●❑

ଦ୍ୱିତୀୟ ଅଧ୍ୟାୟ (ଖ) :

# ଋକ୍ ବୈଦିକ ଓ ପରବର୍ତ୍ତୀ ବୈଦିକ ଯୁଗ: ସାମାଜିକ, ଅର୍ଥନୈତିକ ଜୀବନ, ରାଜନୈତିକ ସଙ୍ଗଠନ, ଧର୍ମୀୟ ବିଶ୍ୱାସ ଏବଂ ନାରୀର ସ୍ଥିତି

## Rig Vedic and later Vedic Age: Socio-economic life, Political Organisation, Religious beliefs and Position of women

---

ସିନ୍ଧୁସଭ୍ୟତା ବା ହରପ୍ପା ସଭ୍ୟତାର ବିଲୟ ପରେ ଭାରତଭୂମିରେ ଯେଉଁ ମହାନ୍ ସଭ୍ୟତା ଗଢ଼ି ଉଠିଥିଲା, ତାହା ଥିଲା ବୈଦିକ ସଭ୍ୟତା। ଏହି ସଭ୍ୟତାର ନିର୍ମାତା ଥିଲେ ଆର୍ଯ୍ୟମାନେ। ଆର୍ଯ୍ୟମାନେ ଭାରତର ମୂଳ ବାସିନ୍ଦା କି ନୁହେଁ, ସେମାନେ କେଉଁ ଅଞ୍ଚଳରୁ ଭାରତଭୂମିକୁ ଆସିଲେ ବା ସେମାନଙ୍କର ମୂଳ ବାସସ୍ଥାନ କେଉଁଠାରେ ଥିଲା– ଏ ନେଇ ଐତିହାସିକମାନେ ଭିନ୍ନ ଭିନ୍ନ ମତପୋଷଣ କରିଥାନ୍ତି। କିନ୍ତୁ ଅନେକଙ୍କ ମତରେ ବର୍ତ୍ତମାନ ଯାହାକୁ ଅଷ୍ଟ୍ରିଆ, ହଙ୍ଗେରୀ ବା ବୋହେମିଆ ବୋଲି କୁହାଯାଉଛି, ଇଉରୋପର ଏହି ଅଞ୍ଚଳରେ ଆର୍ଯ୍ୟମାନେ ପ୍ରଥମେ ବସବାସ କରୁଥିଲେ।

ଆର୍ଯ୍ୟମାନେ କେବେ ଭାରତରେ ପ୍ରବେଶ କଲେ ତାହାର ସଠିକତା ବିଷୟରେ ଏବେ ମଧ୍ୟ ଭିନ୍ନମତ ମିଳିଥାଏ। ଖ୍ରୀଷ୍ଟ ଜନ୍ମର ପ୍ରାୟ ପାଞ୍ଚହଜାର ବର୍ଷ ପୂର୍ବରୁ ଋକ୍‌ବେଦ ରଚନା କରାଯାଇଥିଲା ବୋଲି ବାଳ ଗଙ୍ଗାଧର ତିଳକଙ୍କ ପରି କେତେକ ଐତିହାସିକ ମତବ୍ୟକ୍ତ କରନ୍ତି। ଯଦି ସେମାନଙ୍କର ଏହି ମତ ସତ ହୋଇଥାଏ, ତେବେ ଏହାର ବହୁବର୍ଷ ପୂର୍ବରୁ ନିଶ୍ଚିତରୂପେ ଆର୍ଯ୍ୟମାନେ ଭାରତକୁ ଆଗମନ କରିଥିବେ। କିନ୍ତୁ ପାଶ୍ଚାତ୍ୟ ଗବେଷକ ଏଚ୍.ଟି. କୋଲବ୍ରୁକ୍‌ଙ୍କ ମତରେ ଖ୍ରୀ.ପୂ. ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ ସମ୍ଭବତଃ ସମସ୍ତ ବେଦ ରଚିତ ହୋଇସାରିଥିଲା। ଯଦି ଏପରି ହୋଇଥାଏ, ତେବେ ଏହାର ଅନେକ ବର୍ଷ ପୂର୍ବରୁ ଆର୍ଯ୍ୟମାନେ ନିଶ୍ଚିତରୂପେ ପଞ୍ଜାବର ସପ୍ତସିନ୍ଧୁ (ସିନ୍ଧୁ, ବିତସ୍ତା, ଚନ୍ଦ୍ରଭାଗା, ଇରାବତୀ, ବିପାସା, ଶତଦ୍ରୁ ଓ ସରସ୍ୱତୀ) ଅଞ୍ଚଳରେ ବସବାସ କରିସାରିଥିବେ। ଅନେକ ଐତିହାସିକ ଋକ୍‌ବେଦର ରଚନାକାଳକୁ ଖ୍ରୀ.ପୂ. ୧୨୦୦ରୁ ଖ୍ରୀ.ପୂ. ୧୦୦୦ ମଧ୍ୟରେ କିମ୍ବା ଖ୍ରୀ.ପୂ. ୧୫୦୦ ରୁ ଖ୍ରୀ.ପୂ. ୧୦୦୦ ମଧ୍ୟରେ ବୋଲି ଅନୁମାନ କରିଥାନ୍ତି। କିନ୍ତୁ ହ୍ୱିଟନୀଙ୍କ ପରି ପାଶ୍ଚାତ୍ୟ ପଣ୍ଡିତମାନେ

ମତ ଦିଅନ୍ତି ଯେ ଖ୍ରୀ.ପୂ. ୨୦୦୦ ରୁ ଖ୍ରୀ.ପୂ. ୧୫୦୦ ମଧ୍ୟରେ ଋକ୍‌ବେଦର ଅନେକ ଶ୍ଳୋକ ରଚନା କରାଯାଇଛି । ଯାହାହେଉନା କାହିଁକି ଖ୍ରୀ.ପୂ. ୧୫୦୦ ରୁ ଖ୍ରୀ.ପୂ. ୧୦୦୦କୁ ଆଦିବୈଦିକ ବା ଋକ୍ ବୈଦିକ ଯୁଗ ଏବଂ ଖ୍ରୀ.ପୂ. ୧୦୦୦ରୁ ଖ୍ରୀ.ପୂ. ୬୦୦କୁ ପରବର୍ତ୍ତୀ ବୈଦିକ ଯୁଗ ବୋଲି ମୋଟାମୋଟି ଭାବରେ ଗ୍ରହଣ କରି ନିଆଯାଇଛି ।

## ଋକ୍ ବୈଦିକ ଯୁଗ

ଋକ୍ ବୈଦିକ ଯୁଗଠାରୁ ଆମେ ଭାରତର ଇତିହାସ ଜଗତକୁ ପ୍ରବେଶ କରିଥାଉ ବୋଲି କୁହାଯାଏ । କେବଳ ଋକ୍‌ବେଦ କାହିଁକି ଅନ୍ୟ ତିନୋଟି ବେଦ ସାମ, ଯଜୁଃ ଓ ଅଥର୍ବ ରଚନା ସମୟରେ ଲିପିବଦ୍ଧ ହୋଇ ରଖାଯାଇ ନ ଥିଲା । ବ୍ରାହ୍ମଣ ବା ପୁରୋହିତ ଗୋଷ୍ଠୀର ଲୋକମାନେ ସମାଜରେ ନିଜର ପ୍ରାଧାନ୍ୟ ପାଇଁ ଏହିସବୁ ବେଦକୁ ଶୁଣି ଶୁଣି ବଂଶାନୁକ୍ରମିକ ମନେ ରଖୁଥିଲେ । ସେଥିପାଇଁ ବେଦକୁ ମଧ୍ୟ 'ଶ୍ରୁତି' କୁହାଯାଏ । ବେଦ ଥିଲା ଆର୍ଯ୍ୟମାନଙ୍କର ଜ୍ଞାନର ଭଣ୍ଡାର । ଆର୍ଯ୍ୟମାନେ ଥିଲେ ବୈଦିକ ସମାଜର ସ୍ରଷ୍ଟା । 'ଆର୍ଯ୍ୟ' ଶବ୍ଦର ଅର୍ଥ ହେଉଛି 'ଉତ୍ତମ ଚରିତ୍ରର ମଣିଷ' ବା 'ମୁକ୍ତ ମନୁଷ୍ୟ' । ବେଦର ଅର୍ଥ ଜ୍ଞାନ । ପ୍ରତ୍ୟେକ ବେଦର ଚାରୋଟି ଅଂଶ ରହିଛି । ସେଗୁଡ଼ିକ ଯଥାକ୍ରମେ- ସଂହିତା (ସ୍ତୋତ୍ର ବା ପ୍ରାର୍ଥନା), ବ୍ରାହ୍ମଣ (ସ୍ତୋତ୍ରର ଅର୍ଥ ଓ କ୍ରିୟା ପଦ୍ଧତିର ବର୍ଣ୍ଣନା), ଆରଣ୍ୟକ (ଅରଣ୍ୟରେ ପଠିତ ବୈଦିକ ସ୍ତୋତ୍ରର ଗୂଢ଼ ଅର୍ଥ ଓ କ୍ରିୟା ପଦ୍ଧତିର ସାଙ୍କେତିକ ଅର୍ଥ), ଏବଂ ଉପନିଷଦ (ବ୍ରହ୍ମ, ଆତ୍ମା ଓ ସୃଷ୍ଟି ସମ୍ପର୍କିତ ଦାର୍ଶନିକ ଆଲୋଚନା)

**ସାମାଜିକ ଓ ଅର୍ଥନୈତିକ ଜୀବନ :** ୧୦ଟି ଭାଗ ବା ମଣ୍ଡଳରେ ବିଭକ୍ତ ହୋଇଥିବା ଋକ୍‌ବେଦରେ ୧୦୧୭ଟି ଶ୍ଳୋକ ରହିଛି । ଯାହା ଜଣାଯାଏ ଏଥିରେ ପ୍ରାୟ ଏକଲକ୍ଷ ପଚାଶ ହଜାରରୁ ଅଧିକ ଶବ୍ଦ ବ୍ୟବହୃତ ହୋଇଛି । ଋକ୍ ବେଦରୁ ଆର୍ଯ୍ୟମାନଙ୍କର ସାମାଜିକ-ଅର୍ଥନୈତିକ ଜୀବନ, ରାଜନୈତିକ ସଙ୍ଗଠନ, ଧର୍ମୀୟ ଭାବନା ତଥା ସମାଜରେ ନାରୀମାନଙ୍କର ସ୍ଥିତି ସମ୍ପର୍କରେ ବିଭିନ୍ନ ସୂଚନା ମିଳିଥାଏ । ଭାରତୀୟ ସଂସ୍କୃତିର ଉତ୍କର୍ଷତା ପ୍ରତିପାଦିତ ହେଉଥିଲା ବୈଦିକ ଯୁଗରେ ।

**ବୈଦିକ ସମାଜ :** ପରିବାର ଥିଲା ବୈଦିକ ସମାଜର ପ୍ରାଣକେନ୍ଦ୍ର । ପିତୃକୈନ୍ଦ୍ରିକ ପରିବାର ବା କୁଳର ମୁଖ୍ୟଙ୍କୁ କୁଳପ, କୁଳପତି ବା ଗୃହପତି କୁହାଯାଉଥିଲା । ଆଦର୍ଶ ପାରିବାରିକ ଜୀବନକୁ ଗୁରୁତ୍ୱ ଦିଆଯାଉଥିଲା । ପିତା, ମାତା, ସନ୍ତାନସନ୍ତତିଙ୍କୁ ନେଇ ଯୌଥ ପରିବାର ଗଠିତ ହୋଇଥିଲା । ପରିବାରରେ ଶାନ୍ତିଶୃଙ୍ଖଳା ବିରାଜମାନ କରୁଥିଲା । କୁଳପତି ତଥା ବୟୋଜ୍ୟେଷ୍ଠ ସଦସ୍ୟମାନଙ୍କୁ ସମ୍ମାନ ପ୍ରଦର୍ଶନ କରାଯାଉଥିଲା । ଗୃହକର୍ତ୍ତା ପରିବାରର ସମସ୍ତ ସଭ୍ୟଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ । ସମସ୍ତଙ୍କର ଭଲ ମନ୍ଦ, ସୁରକ୍ଷା ତଥା ଶିକ୍ଷାଦୀକ୍ଷାର ଦାୟିତ୍ୱ ଥିଲା କୁଳପତିଙ୍କ ଉପରେ । ପରିବାରର ସମସ୍ତଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ଥିଲା । ନୈତିକତା ଓ ମୂଲ୍ୟବୋଧ ଥିଲା ଆର୍ଯ୍ୟ ଜୀବନର ଆଧାର । ଦୟା, କ୍ଷମା, ଉଦାରତା ଭଳି ମାନବୀୟ ଗୁଣରେ ପରିପୂର୍ଣ୍ଣ ହେବା ଥିଲା ସମସ୍ତଙ୍କ କାମ୍ୟ । ଗୃହକର୍ତ୍ତାଙ୍କ ଆଦେଶକୁ ଅମାନ୍ୟ କଲେ ଦଣ୍ଡିତ ହେବାକୁ ପଡୁଥିଲା । ଆର୍ଯ୍ୟମାନେ ସରଳ ତଥା ଉନ୍ନତ ଜୀବନଯାପନ କରୁଥିଲେ । ସରଳ ଜୀବନ ଓ ଉନ୍ନତ ଚିନ୍ତନ ଥିଲା ସେମାନଙ୍କର ଆଦର୍ଶ ।

**ବାସଗୃହ :** ଆର୍ଯ୍ୟମାନଙ୍କ ଜୀବନ ଥିଲା ଗ୍ରାମ୍ୟ ଜୀବନ । ପ୍ରାକୃତିକ ପରିବେଶ ମଧ୍ୟରେ ଆର୍ଯ୍ୟମାନଙ୍କର ଗ୍ରାମଗୁଡ଼ିକ ଗଢ଼ିଉଠିଥିଲା । ସେମାନେ କାଠ, ବାଉଁଶ, ନଡ଼ା ଓ ମାଟିରେ ଘର ତିଆରି କରୁଥିଲେ । ପ୍ରତ୍ୟେକ ଗୃହରେ ଏକ ଅଗ୍ନିଶାଳା, ବୈଠକ ସ୍ଥାନ ଓ ନାରୀମାନଙ୍କ ପାଇଁ ସ୍ୱତନ୍ତ୍ର କୋଠରୀ ନିର୍ମାଣ କରାଯାଉଥିଲା । ଗ୍ରାମ ବା ଗୃହର ସୁରକ୍ଷା ପାଇଁ ଆର୍ଯ୍ୟମାନେ ଗୃହ ଓ ଗ୍ରାମ ଚତୁଃପାଖରେ ପ୍ରାଚୀର ବା ଗଛଲତାର ବାଡ଼ ତିଆରି କରୁଥିଲେ । ଋକ୍ ବେଦରେ ନଗର ଶବ୍ଦର ଉଲ୍ଲେଖ ନ ଥିଲେ ବି କେତେକ ସ୍ଥାନରେ ପୁର ଶବ୍ଦର ବ୍ୟବହାର କରାଯାଇଛି । ମାଟିରେ ନିର୍ମିତ ଦୁର୍ଗକୁ ସେମାନେ ପୁର କହୁଥିବାର ଅନୁମାନ କରାଯାଏ । ପ୍ରତ୍ନତାତ୍ତ୍ୱିକ ଖନନ ଯୋଗୁଁ ହରିଆନାର ଭଗବାନପୁରଠାରେ ୧୩ କୋଠରୀ ବିଶିଷ୍ଟ ଏକ ପ୍ରାଚୀନ ଗୃହର ଧ୍ୱଂସାବଶେଷ ଆବିଷ୍କୃତ ହୋଇଛି । ଅନୁମାନ କରାଯାଉଛି ଏହି ବୃହତ୍ ଗୃହଟି ଏକ ବଡ଼ ଯୌଥ ପରିବାର କିମ୍ବା ଆର୍ଯ୍ୟ ଜନଗୋଷ୍ଠୀର ଏକ କେନ୍ଦ୍ର ଥିଲା ।

**ଖାଦ୍ୟ :** ଆର୍ଯ୍ୟମାନେ ପ୍ରଧାନତଃ ନିରାମିଷାଶୀ ଥିଲେ । ଗହମ, ଯବ, ବାର୍ଲି, ଡାଲି ଓ ଦୁଗ୍ଧଜାତ ଦ୍ରବ୍ୟ ଥିଲା ସେମାନଙ୍କର ମୁଖ୍ୟ ଖାଦ୍ୟ । ଆମିଷ ଭକ୍ଷଣକୁ ବାରଣ କରାଯାଇ ନ ଥିଲା । ମେଣ୍ଢା, ଛେଳି ଆଦି ଗୃହପାଳିତ ପଶୁ ତଥା ବିଭିନ୍ନ ପକ୍ଷୀମାନଙ୍କର ମାଂସ ଭକ୍ଷଣ ମଧ୍ୟ କରୁଥିଲେ । ଋକ୍ ବେଦରେ ଗୋରୁ ହତ୍ୟାକୁ ବାରଣ କରାଯାଇଥିଲା । ବିଭିନ୍ନ ଉତ୍ସବ ଓ ଯଜ୍ଞ ଆଦି ପର୍ବପର୍ବାଣୀରେ ସେମାନେ 'ସୋମ' ନାମକ ଏକ ବୃକ୍ଷର ରସକୁ ଦେବତାଙ୍କୁ ଅର୍ପଣ ପରେ ପାନକରୁଥିଲେ ।

**ପୋଷାକ ପରିଚ୍ଛଦ :** ବୈଦିକ ଯୁଗରେ ଲୋକମାନେ ତୁଳା, ପଶମ ଓ ଚର୍ମରେ ନିର୍ମିତ ପୋଷାକ ପିନ୍ଧିବାକୁ ପସନ୍ଦ କରୁଥିଲେ । ପୋଷାକଗୁଡ଼ିକୁ ବିଭିନ୍ନ ରଙ୍ଗରେ ରଙ୍ଗିନ କରାଯାଉଥିଲା । ଆର୍ଯ୍ୟମାନଙ୍କର ବସ୍ତ୍ରକୁ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରାଯାଇଥିଲା । ଅଣ୍ଟା ବା କଟି ତଳି ପର୍ଯ୍ୟନ୍ତ ପରିହିତ ବସ୍ତ୍ରକୁ ନିବୀ, କଟି ଉପରକୁ ପରିଧାନ କରାଯାଉଥିବା ବସ୍ତ୍ରକୁ ବାସ ଏବଂ ବାସ ଉପରେ ପିନ୍ଧୁଥିବା ବସ୍ତ୍ରକୁ ଅଧିବାସ କୁହାଯାଉଥିଲା । ଏହା ସହିତ ଅନ୍ତବସ୍ତ୍ର ମଧ୍ୟ ବ୍ୟବହାର କରାଯାଉଥିଲା । ମୁନିଋଷିମାନେ ମୃଗ ଚର୍ମ ପରିଧାନ କରୁଥିଲେ । ପୁରୁଷମାନେ ମୁଣ୍ଡରେ ପଗଡ଼ି ପିନ୍ଧିବାକୁ ଭଲ ପାଉଥିଲେ । ନାରୀମାନେ ଶାଢ଼ୀ ପିନ୍ଧୁଥିବାବେଳେ ପୁରୁଷମାନେ ଧୋତି ପିନ୍ଧିବାକୁ ପସନ୍ଦ କରୁଥିଲେ । ଉଭୟ ନାରୀ ଓ ପୁରୁଷ ବିଭିନ୍ନ ପଥରର ଅଳଙ୍କାର ବ୍ୟବହାର କରୁଥିଲେ । ସୁନା, ରୁପା ଓ ବିଭିନ୍ନ ପଥରର ଅଳଙ୍କାର ବ୍ୟବହୃତ ହେଉଥିଲା । ନାରୀମାନେ କେଶବିନ୍ୟାସ କରିବାକୁ ଭଲ ପାଉଥିଲେ । ବିଭିନ୍ନ ଚମଡ଼ାର ଯୋତା ମଧ୍ୟ ଆର୍ଯ୍ୟମାନେ ବ୍ୟବହାର କରୁଥିଲେ ।

**ଆମୋଦ ପ୍ରମୋଦ :** ନାଚ, ଗୀତ, ପଶାଖେଳ, ଶିକାର କରିବା ଆଦି ଥିଲା ଆର୍ଯ୍ୟମାନଙ୍କର ମୁଖ୍ୟ ବିନୋଦନ । ନାଚ, ଗୀତରେ ବଂଶୀ, ଢୋଲ, ଝାଞ୍ଜ ଆଦି ବିଭିନ୍ନ ବାଦ୍ୟଯନ୍ତ୍ରର ବ୍ୟବହାର କରାଯାଉଥିଲା । ରଥ-ଦୌଡ଼, ମଲ୍ଲଯୁଦ୍ଧ ପ୍ରତି ସେମାନେ ଆକୃଷ୍ଟ ଥିଲେ । ନାରୀମାନେ ମୁଖ୍ୟତଃ ନାଚ, ଗୀତ ପ୍ରତି ଆକର୍ଷିତ ହେଉଥିଲେ ।

**ଶିକ୍ଷା :** ଋକ୍ ବୈଦିକ ଯୁଗରେ ଶିକ୍ଷା ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଉଥିଲା । ଉପନୟନ ପରେ ପିଲାମାନଙ୍କୁ ଶିକ୍ଷାଦେବା ଆରମ୍ଭ ହେଉଥିଲା । ଗୁରୁକୁଳାଶ୍ରମରେ ବାଳକମାନେ ଶିକ୍ଷାଗ୍ରହଣ କରୁଥିଲେ । ସେତେବେଳେ ମୌଖିକ ଶିକ୍ଷାବ୍ୟବସ୍ଥା ପ୍ରଚଳିତ ଥିଲା । ଗୁରୁଗୃହରେ ବ୍ରହ୍ମଚର୍ଯ୍ୟ ପାଳନ ସହିତ ଶିକ୍ଷାଗ୍ରହଣ ଓ ଚରିତ୍ର ଗଠନକୁ ଗୁରୁତ୍ୱ ଦିଆଯାଉଥିଲା ।

**ଜାତିପ୍ରଥା :** ଆଦି ବୈଦିକ ଯୁଗ ସମାଜରେ ଜାତିପ୍ରଥା ପ୍ରଚଳିତ ନ ଥିଲା। ସାମାଜିକ ସମତା ଥିଲା ସମାଜର ବୈଶିଷ୍ଟ୍ୟ। ଋକ୍‌ବେଦରେ ବର୍ଣ୍ଣ ଶବ୍ଦ ଜାତି ଅର୍ଥରେ ନୁହେଁ ମଣିଷର ବର୍ଣ୍ଣକୁ ବୁଝାଉଥିଲା। ଆର୍ଯ୍ୟମାନେ ନିଜ ଇଚ୍ଛାନୁସାରେ ଯେକୌଣସି ବୃତ୍ତିକୁ ଗ୍ରହଣ କରିପାରୁଥିଲେ। ବୃତ୍ତି ବା ଜୀବିକା ବଂଶାନୁକ୍ରମିକ ନଥିଲା। ପ୍ରତ୍ୟେକ ଆର୍ଯ୍ୟ ବେଦ ଶିକ୍ଷା କରିବା ସଙ୍ଗେ ସଙ୍ଗେ ସୈନିକ ରୂପେ ଯୁଦ୍ଧ କରିପାରୁଥିଲେ ବା କୃଷକ ରୂପେ କୃଷିକାର୍ଯ୍ୟ ମଧ୍ୟ କରିପାରୁଥିଲେ। ସମାଜରେ କୌଣସି ଭେଦଭାବ ବା ଅସ୍ପୃଶ୍ୟତା ନ ଥିଲା। କିନ୍ତୁ ଯୁଦ୍ଧରେ ପରାଜିତ ଲୋକମାନଙ୍କୁ ଦାସରୂପେ ବିବେଚିତ କରାଯାଉଥିଲା ଓ ସେମାନଙ୍କ ସ୍ଥାନ ଅନ୍ୟମାନଙ୍କ ତୁଳନାରେ ନିମ୍ନରେ ଥିଲା।

**ସମାଜରେ ନାରୀର ସ୍ଥିତି :** ବୈଦିକ ଯୁଗରେ ନାରୀମାନଙ୍କର ସ୍ଥାନ ଅତ୍ୟନ୍ତ ଉଚ୍ଚରେ ଥିଲା। ଉଭୟ ପରିବାର ଓ ସମାଜରେ ସେମାନଙ୍କୁ ବେଶ୍ ଗୁରୁତ୍ୱ ଦିଆଯାଉଥିଲା। ବିଭିନ୍ନ ସାମାଜିକ, ଧର୍ମୀୟ ଓ ପର୍ବପର୍ବାଣୀ ମାନଙ୍କରେ ପୁରୁଷମାନଙ୍କ ସହିତ ନାରୀମାନେ ଅଂଶ ଗ୍ରହଣ କରିପାରୁଥିଲେ। ବିବାହ ପୂର୍ବରୁ ଝିଅମାନେ ପିତାଗୃହରେ ଶିକ୍ଷାଲାଭ କରୁଥିଲେ। ବୈଦିକ ସମାଜରେ ବାଲ୍ୟବିବାହ, ପରଦାପ୍ରଥା, ସତୀ ବା ଯୌତୁକ ପରି ଘୃଣ୍ୟ ପ୍ରଥା ପ୍ରଚଳିତ ନ ଥିଲା। ବୈଦିକ ଯୁଗର ନାରୀମାନେ ଖୁବ୍ ଉଚ୍ଚଶିକ୍ଷିତା ହୋଇପାରିଥିଲେ। ଋକ୍ ବେଦରେ ବିଶ୍ୱବାରା, ଘୋଷା, ଲୋପାମୁଦ୍ରା, ଅପାଲା ପରି ନାରୀମାନେ ବୈଦିକ ସ୍ତୋତ୍ର ରଚନା କରିଥିବାର ପ୍ରମାଣ ମିଳେ।

ବିବାହଯୋଗ୍ୟା ହେଲାପରେ ଝିଅମାନଙ୍କୁ ବିବାହ ଦିଆଯାଉଥିଲା। ବିବାହ ସମ୍ପର୍କରେ କନ୍ୟାମାନଙ୍କର ନିଜସ୍ୱ ମତକୁ ଗୁରୁତ୍ୱ ଦିଆଯାଉଥିଲା। ସମାଜରେ ଏକପତ୍ନୀ ପ୍ରଥାକୁ ଗ୍ରହଣ କରାଯାଉଥିଲା। କିନ୍ତୁ ସ୍ଥଳବିଶେଷରେ ରାଜପରିବାରର ପୁରୁଷମାନେ ବହୁପତ୍ନୀ ଗ୍ରହଣ କରୁଥିଲେ। ବୈଦିକ ସମାଜରେ ବିବାହକୁ ଏକ ପବିତ୍ର କର୍ତ୍ତବ୍ୟରୂପେ ବିବେଚନା କରାଯାଉଥିଲା।

## ଅର୍ଥନୈତିକ ଜୀବନ :

**କୃଷି ଓ ପଶୁପାଳନ :** ଆର୍ଯ୍ୟମାନଙ୍କର ମୁଖ୍ୟ ଜୀବିକା ଥିଲା କୃଷି। ବଳଦ ଓ କାଠ ଲଙ୍ଗଳରେ ସେମାନେ ଜମି ଚାଷ କରୁଥିବାର ପ୍ରମାଣ ଋକ୍‌ବେଦରୁ ମିଳେ। ଗ୍ରାମର ଚାରିପାର୍ଶ୍ୱରେ କୃଷିକ୍ଷେତ୍ର ଓ ଚାରଣଭୂମି ପର୍ଯ୍ୟାପ୍ତ ପରିମାଣରେ ଥିଲା। ଚାଷ ଉପଯୋଗୀ ଜମିକୁ 'କ୍ଷେତ୍ର' କୁହାଯାଉଥିଲା। କୂପ, ପୁଷ୍କରିଣୀ, ବୃଷ୍ଟିଜଳ ଓ ହ୍ରଦରୁ ଜଳସେଚନ ଦ୍ୱାରା ଜମିରେ ପାଣି ମଡ଼ାଉଥିଲେ। ଧାନ, ଯବ, ଗହମ, ବାର୍ଲି, ଅଧିକ ପରିମାଣରେ ଉତ୍ପାଦିତ ହେଉଥିଲା। କପା ଓ ତୈଳବୀଜ ମଧ୍ୟ ଚାଷ କରାଯାଉଥିଲା। କୃଷି କ୍ଷେତ୍ରକୁ ଉର୍ବର କରିବାପାଇଁ ଖତ ଜୈବ ସାରର ପ୍ରୟୋଗ କରାଯାଉଥିଲା। ପ୍ରଚୁର ପରିମାଣରେ ଖାଦ୍ୟଶସ୍ୟ ଉତ୍ପାଦିତ ହେଉଥିବାରୁ ଖାଦ୍ୟର ଅଭାବ ନ ଥିଲା।

**ପଶୁପାଳନ:** କୃଷି ସହିତ ପଶୁପାଳନକୁ ମଧ୍ୟ ଗୁରୁତ୍ୱ ଦିଆଯାଉଥିଲା। ଗୋ-ସମ୍ପଦ ଧନ ଓ ଉନ୍ନତିର ଲକ୍ଷଣ ଥିଲା। ଗାଈଗୋରୁ, ଛେଳି-ମେଣ୍ଢା, ଘୋଡ଼ା ଓ ଗଧ ପ୍ରଭୃତି ଗୃହପାଳିତ ପଶୁମାନଙ୍କୁ ଯତ୍ନର ସହିତ ପାଳନ

କରାଯାଉଥିଲା । ଗାଈ-ଗୋରୁଙ୍କୁ ଉନ୍ନତ ଧନର ମାନ୍ୟତା ଦିଆଯାଉଥିଲା ଓ ଏହାର ଅଧିକାରୀ ହେବାପାଇଁ ଆର୍ଯ୍ୟମାନେ ପରସ୍ପର ମଧ୍ୟରେ ଯୁଦ୍ଧ ମଧ୍ୟ କରୁଥିଲେ । ଗାଈମାନଙ୍କ ସଂଖ୍ୟାରୁ କିଏ ଧନୀ ବା ଦରିଦ୍ର ବିବେଚିତ ହେଉଥିଲେ ।

**କୁଟୀର ଶିଳ୍ପ :** କୃଷି ଓ ପଶୁପାଳନ ପରେ କୁଟୀର ଶିଳ୍ପକୁ ଅର୍ଥନୈତିକ କ୍ଷେତ୍ରରେ ବିଶେଷ ଗୁରୁତ୍ୱ ଦିଆଯାଉଥିଲା । ଶିଳ୍ପରୁ ଆର୍ଯ୍ୟମାନେ ପ୍ରଭୂତ ଲାଭବାନ ହେଉଥିଲେ । ମାଟିପାତ୍ର ନିର୍ମାଣ, ଲୁଗାବୁଣା, କାଠକାମ, ନୌକା ଓ ରଥ ନିର୍ମାଣ, ଲୌହ ନିର୍ମିତ ବିଭିନ୍ନ ଦ୍ରବ୍ୟ ତିଆରି ତଥା ଚମଡ଼ା ତିଆରି ଜିନିଷ ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଉଥିଲା । ଶଗଡ଼ ଓ ରଥ ଦ୍ୱାରା ସେମାନେ ଜିନିଷପତ୍ର ପରିବହନ କରୁଥିଲେ । ବାଣିଜ୍ୟ ବ୍ୟବସାୟ ଦ୍ୱାରା ସେମାନେ ବିଶେଷ ଲାଭବାନ ହେଉଥିଲେ । ସମାଜରେ ବୁଣାକାର, ସ୍ୱର୍ଣ୍ଣକାର, କମାର, ବଢ଼େଇ ଆଦି ବିଭିନ୍ନ ସମ୍ପ୍ରଦାୟ ଏସବୁ କାର୍ଯ୍ୟକରି ଜୀବିକା ନିର୍ବାହ କରୁଥିଲେ । ଅଳଙ୍କାର, କୃଷି ଉପକରଣ, ବାସନକୁସନ, ବିଭିନ୍ନ ଅସ୍ତ୍ର ଓ ରଥ ନିର୍ମାଣକୁ ମଧ୍ୟ ଗୁରୁତ୍ୱ ଦିଆଯାଉଥିଲା । ମୋଟଉପରେ ବୈଦିକ ଯୁଗର ଆର୍ଯ୍ୟମାନଙ୍କର ଅର୍ଥନୈତିକ ଜୀବନ ବେଶ୍ ସ୍ୱଚ୍ଛଳ ଥିଲା ।

## ରାଜନୈତିକ ସଙ୍ଗଠନ :

ଆର୍ଯ୍ୟମାନଙ୍କର ରାଜନୈତିକ ଜୀବନ ଅତ୍ୟନ୍ତ ସଙ୍ଗଠିତ ଓ ସୁଦୃଢ଼ ଥିଲା । ପରିବାରଠାରୁ ଆରମ୍ଭ କରି ବୃହତ୍ ରାଷ୍ଟ୍ର ପର୍ଯ୍ୟନ୍ତ ସବୁ ସ୍ତରରେ ସମାଜକୁ ସୁସଙ୍ଗଠିତ କରାଯାଇଥିଲା । ଆର୍ଯ୍ୟ ଜନଗୋଷ୍ଠୀର ମୁଖ୍ୟଙ୍କୁ ରାଜନ୍ କୁହାଯାଉଥିଲା । ବଂଶ ଓ ପରମ୍ପରା ଅନୁସାରେ ରାଜାମାନେ ଏହି ପଦବୀ ଅଳଙ୍କୃତ କରୁଥିଲେ ମଧ୍ୟ କେତେକ କ୍ଷେତ୍ରରେ ରାଜାମାନଙ୍କୁ ନିର୍ବାଚିତ କରାଯାଉଥିଲା । ରାଜ୍ୟର ସୁରକ୍ଷା ତଥା ଜନସାଧାରଣଙ୍କର ନିରାପତ୍ତା ଓ ମଙ୍ଗଳ କାମନା ରାଜନ୍‌ଙ୍କର ପ୍ରଧାନ କର୍ତ୍ତବ୍ୟ ଥିଲା ।

କେତେକ ପରିବାରକୁ ନେଇ ଗ୍ରାମର ସୃଷ୍ଟି ହୋଇଥିଲା । ଗ୍ରାମର ମୁଖ୍ୟଙ୍କୁ 'ଗ୍ରାମଣୀ' ବୋଲି କୁହାଯାଉଥିଲା । କେତେକ ଗ୍ରାମକୁ ନେଇ ସୃଷ୍ଟି ହୋଇଥିଲା 'ବିଶ୍' ଏବଂ ଏହାର ମୁଖ୍ୟ 'ବିଶ୍‌ପତି' ଭାବରେ ପରିଚିତ ଥିଲେ । ଏକାଧିକ ବିଶ୍‌କୁ ନେଇ ଗଠିତ ହୋଇଥିଲା 'ଜନ' । ଏହାର ମୁଖ୍ୟଙ୍କୁ 'ରାଜନ୍' କୁହାଗଲା । ଯେତେବେଳେ 'ଜନ' ଗୁଡ଼ିକ ଅଧିକ ବଡ଼ଆକାର ଧାରଣ କଲା ଜନର ଆକାର ରାଷ୍ଟ୍ରର ରୂପ ନେଲା, ସେତେବେଳେ ରାଜନ୍, ସମ୍ରାଟ ରୂପରେ ପରିଚିତ ହେଲେ ।

ବୈଦିକ ଯୁଗରେ ରାଜାମାନେ ଆଦୌ ସ୍ୱେଚ୍ଛାଚାରୀ ନ ଥିଲେ । ରାଜାଙ୍କ କାର୍ଯ୍ୟାବଳୀର ସମୀକ୍ଷା କରିବାପାଇଁ ଦୁଇଟି ଲୋକପ୍ରିୟ ରାଜନୈତିକ ଅନୁଷ୍ଠାନ ରହିଥିଲା । ଗୋଟିଏ ଥିଲା 'ସଭା' ଓ ଅନ୍ୟଟି ଥିଲା 'ସମିତି' । ସମାଜର ବିଜ୍ଞ ତଥା ବୟସ୍କ ଲୋକମାନଙ୍କୁ ନେଇ ଗଠିତ ସଭା, ରାଜାଙ୍କୁ ଆବଶ୍ୟକବେଳେ ଉଚିତ୍ ପରାମର୍ଶ ଦେଉଥିଲା । ସାଧାରଣ ଜନତା ଓ ମହିଳାମାନେ ସଭାସମିତିରେ ଉପସ୍ଥିତ ରହି ନିଜ ନିଜର ମତ ରଖିପାରୁଥିଲେ । କେତେକ ସ୍ଥାନରେ ଗଣତାନ୍ତ୍ରିକ ପଦ୍ଧତିରେ ଶାସନ ଚାଲୁଥିବାର ପ୍ରମାଣ ମିଳିଥାଏ । 'ଗଣ' ଓ 'ଗଣପତି' ପରି ଶବ୍ଦରୁ ଏପରି ଧାରଣା କରାଯାଇଥାଏ ।

ରାଜାଙ୍କୁ ଶାସନ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ କେତେକ ପଦବୀ ସୃଷ୍ଟି କରାଯାଇଥିଲା । ଏମାନଙ୍କ ମଧ୍ୟରେ ପୁରୋହିତ ଥିଲେ ସର୍ବପ୍ରଧାନ । ସେମାନେ ରାଜାଙ୍କର ପଥପ୍ରଦର୍ଶକ ଥିଲେ । ଧର୍ମ କାର୍ଯ୍ୟ ସହିତ ପ୍ରଶାସନିକ କାର୍ଯ୍ୟରେ ରାଜାଙ୍କୁ ସହଯୋଗ କରୁଥିଲେ । ଋକ୍ ବୈଦିକ ଯୁଗରେ ବଶିଷ୍ଠ ଓ ବିଶ୍ୱାମିତ୍ରଙ୍କ ପରି ଋଷିମାନେ ଏହି ପଦବୀ ଅଳଙ୍କୃତ କରିଥିଲେ । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ଥିଲା 'ସେନାନୀ' । ଖଣ୍ଡାବର୍ଚ୍ଛା ଓ ଅସୀ ଚାଳନାରେ ସେ ନିପୁଣ ଥିଲେ ଏବଂ ଯୁଦ୍ଧ ସମୟରେ ସେ ସୈନ୍ୟ ପରିଚାଳନା କରୁଥିଲେ । ମୋଟ ଉପରେ କହିବାକୁ ଗଲେ ବୈଦିକ ଯୁଗର ରାଜନୈତିକ ଅନୁଷ୍ଠାନମାନ ସ୍ଥିର, ଶୃଙ୍ଖଳିତ ତଥା ନୈତିକତା ଓ ମୂଲ୍ୟବୋଧର ସୁଦୃଢ଼ ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ଥିଲା ।

**ଧର୍ମୀୟ ଭାବନା :**

ଆର୍ଯ୍ୟମାନଙ୍କର ଧର୍ମୀୟଭାବନା ଅତୀବ ସରଳ ଥିଲା । ସେମାନେ ଥିଲେ ଅତ୍ୟନ୍ତ ଧର୍ମପରାୟଣ । ଆର୍ଯ୍ୟମାନେ ଥିଲେ ପ୍ରକୃତିର ଉପାସକ । ପ୍ରକୃତିର ବିଭିନ୍ନ ରୂପକୁ ସେମାନେ ଈଶ୍ୱରଙ୍କର ପରିକଳ୍ପନା ବୋଲି ଧରିନେଇଥିଲେ । ତେଣୁ ଆକାଶ, ପୃଥିବୀ, ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି, ବାୟୁ, ବରୁଣ, ଉଷା, ମରୁତ ଆଦି ଦେବାଦେବୀଙ୍କୁ ସେମାନେ ଭକ୍ତି କରୁଥିଲେ । ସେତେବେଳେ ଦେବାଦେବୀଙ୍କ ପାଇଁ ମନ୍ଦିର ନ ଥିଲା ବା ପିତୁଳା ବା ମୂର୍ତ୍ତିପୂଜା ପ୍ରଚଳିତ ନ ଥିଲା । ସମସ୍ତ ବିଶ୍ୱବ୍ରହ୍ମାଣ୍ଡର ସ୍ରଷ୍ଟା ପରମେଶ୍ୱର ବୋଲି ଆର୍ଯ୍ୟମାନେ ଅନୁଭବ କରିଥିଲେ । ଦେବା-ଦେବୀଙ୍କ ମଧ୍ୟରେ ଇନ୍ଦ୍ର ବା ପୁରନ୍ଦର ଥିଲେ ଅତ୍ୟନ୍ତ ଶକ୍ତିଶାଳୀ । ସେ ଥିଲେ ଯୁଦ୍ଧ ଓ ବର୍ଷାର ଦେବତା । ତାଙ୍କୁ ସନ୍ତୁଷ୍ଟ କରିବାପାଇଁ ଋକ୍‌ବେଦରେ ୨୫୦ଟି ସୂକ୍ତ ରଚନା କରାଯାଇଛି । ଦେବୀମାନଙ୍କ ମଧ୍ୟରେ ପ୍ରଭାତର ଦେବୀ ଉଷା, ଆକାଶର ଜ୍ୟୋତି ଅଦିତି, ନଦୀର ଦେବୀ ସରସ୍ୱତୀ ଥିଲେ ପ୍ରଧାନ । କିନ୍ତୁ ପରବର୍ତ୍ତୀ ସମୟରେ ସରସ୍ୱତୀଙ୍କୁ ଜ୍ଞାନର ଦେବୀରୂପେ ଗ୍ରହଣ କରାଯାଇଥିଲା ।

ଦେବାଦେବୀଙ୍କୁ ସନ୍ତୁଷ୍ଟ କରିବାପାଇଁ ଆର୍ଯ୍ୟମାନେ ସ୍ତୁତିପାଠ ସହିତ ଶସ୍ୟ, ଦୁଗ୍ଧ ଓ ଘୃତ ଆଦି ଅଗ୍ନିରେ ନିକ୍ଷେପ କରୁଥିଲେ । ଆର୍ଯ୍ୟମାନେ ଥିଲେ ଅତ୍ୟନ୍ତ ଦୟାଶୀଳ, ସତ୍ୟନିଷ୍ଠ ଓ ଦାନଶୀଳ । ଗୃହପତି ନିଜର ସାମର୍ଥ୍ୟ ଅନୁଯାୟୀ ନିଜ ଗୃହରେ ଦେବତାମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ସ୍ତୋତ୍ର ପାଠ କରୁଥିଲେ । ଧନୀ ବ୍ୟକ୍ତିମାନେ ଦେବତାମାନଙ୍କୁ ପୂଜାର୍ଚ୍ଚନା ଦ୍ୱାରା ସନ୍ତୁଷ୍ଟ କରିବା ପାଇଁ ବ୍ରାହ୍ମଣ ବା ପୁରୋହିତମାନଙ୍କର ସହାୟତା ଲୋଡୁଥିଲେ । ସାଧାରଣତଃ ଗୋରୁଗାଈ, ଖାଦ୍ୟ ଓ ସ୍ୱାସ୍ଥ୍ୟଲାଭ ନିମିତ୍ତ ଦେବାଦେବୀଙ୍କୁ ଆରାଧନା କରାଯାଉଥିଲା ।

## ପରବର୍ତ୍ତୀ ବୈଦିକ ଯୁଗ

ପରବର୍ତ୍ତୀ ବୈଦିକ ଯୁଗରେ ଆର୍ଯ୍ୟମାନଙ୍କର ସଭ୍ୟତା ପରିବ୍ୟାପ୍ତ ହେବାରେ ଲାଗିଲା । ଉତ୍ତରରେ ଗଙ୍ଗା-ଯମୁନାଠାରୁ ଆରମ୍ଭ କରି ପୂର୍ବ ଓ ଦକ୍ଷିଣ ଭାରତର ବିଭିନ୍ନ ଅଞ୍ଚଳରେ ସେମାନଙ୍କର ଆଧିପତ୍ୟ ବିସ୍ତାରିତ ହେଲା । ପ୍ରତ୍ନତାତ୍ତ୍ୱିକ ଧ୍ୱଂସାବଶେଷରୁ ଖ୍ରୀ.ପୂ. ୧୦୦୦ ରୁ ଖ୍ରୀ.ପୂ. ୬୦୦ ସମୟର ଧୂସର ରଙ୍ଗର ଚିତ୍ରିତ ମାଟିପାତ୍ର ବିଭିନ୍ନ ସ୍ଥାନରୁ ଆବିଷ୍କୃତ ହୋଇଛି । ଋକ୍‌ବେଦ ପରେ ଅନ୍ୟ ତିନୋଟି ବେଦ ସାମ, ଯର୍ଜୁ ଓ ଅଥର୍ବ ବେଦ ତଥା ସଂହିତା, ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦ ଏବଂ ରାମାୟଣ, ମହାଭାରତ ପରି ମହାକାବ୍ୟ ସବୁ

ରଚିତ ହୋଇଥିଲା । ପରବର୍ତ୍ତୀ ବୈଦିକ ଯୁଗରେ ଆର୍ଯ୍ୟମାନଙ୍କର ସାମାଜିକ, ଅର୍ଥନୈତିକ, ରାଜନୈତିକ ଓ ଧର୍ମ ଆଦି କ୍ଷେତ୍ରରେ ଅନେକ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା । ନୂତନ ରୂପେ ଅଧିକୃତ ଅଞ୍ଚଳର ମୂଳ ଅଧିବାସୀଙ୍କ ସହିତ ଆର୍ଯ୍ୟମାନଙ୍କର ସମ୍ପର୍କ କ୍ରମେ ନିକଟତର ହୋଇଥିଲା, ଫଳସ୍ୱରୂପ ଆର୍ଯ୍ୟମାନଙ୍କ ସାମାଜିକ କାର୍ଯ୍ୟକଳାପରେ ନୂତନତା ପରିଦୃଷ୍ଟ ହୋଇଥିଲା ।

**ସାମାଜିକ ଜୀବନ :**

**ଜାତିପ୍ରଥା :** ପ୍ରଥମକରି ଆର୍ଯ୍ୟ ସମାଜରେ କର୍ମକୁ ଭିତ୍ତିକରି ଜାତିପ୍ରଥା ସୃଷ୍ଟି ହେଲା । ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର- ନାମକ ଚାରିବର୍ଣ୍ଣ ବା ଜାତି ସମାଜରେ ଶ୍ରେଣୀ ବିଭାଗ ସୃଷ୍ଟି କଲା । ଦେବ-ଦେବୀଙ୍କ ପୂଜା, ଯାଗଯଜ୍ଞ ଓ ଶିକ୍ଷାଦାନ କରୁଥିବା ଗୋଷ୍ଠୀ ବ୍ରାହ୍ମଣ ନାମରେ ପରିଚିତ ହେଲେ । ଯେଉଁମାନେ ଯୁଦ୍ଧବିଦ୍ୟାରେ ପାରଙ୍ଗମ ହେଲେ ବା ରାଜନୈତିକ କ୍ଷେତ୍ରରେ ଅଂଶଗ୍ରହଣ କଲେ ସେମାନଙ୍କୁ କ୍ଷତ୍ରିୟ କୁହାଗଲା । କୃଷିକର୍ମ, ଶିଳ୍ପ ଓ ବାଣିଜ୍ୟ-ବ୍ୟବସାୟରେ ଜୀବିକା ନିର୍ବାହ କରୁଥିବା ଲୋକମାନଙ୍କୁ ବୈଶ୍ୟରୂପରେ ସମାଜ ଜାଣିଲା । ଉପରୋକ୍ତ ତିନିଶ୍ରେଣୀର ଲୋକମାନଙ୍କୁ ବିଭିନ୍ନ କର୍ମରେ ଯେଉଁମାନେ ସହାୟତା କଲେ ବା ସେମାନଙ୍କ ସେବାରେ ନିଜକୁ ନିୟୋଜିତ କଲେ ସେମାନଙ୍କୁ ଶୂଦ୍ର ବୋଲି କୁହାଗଲା ।

କାଳକ୍ରମେ ଏହି ଜାତିପ୍ରଥା ଏପରି ଅବସ୍ଥାରେ ପହଞ୍ଚିଲା ଯେ ନିଜର ଗୁଣ ବା ଦକ୍ଷତା ଅନୁସାରେ ବୃତ୍ତି ପରିବର୍ତ୍ତନ କରିବା ଆଉ ସହଜ ହେଲା ନାହିଁ ଏବଂ ଏହା କ୍ରମେ ବଂଶାନୁକ୍ରମିକ ହୋଇଗଲା । ଜଣେ କ୍ଷତ୍ରିୟର ସନ୍ତାନ ଯେତେ ଜ୍ଞାନୀ, ଗୁଣୀ, ପଣ୍ଡିତ ହେଲେ ମଧ୍ୟ ବ୍ରାହ୍ମଣ ହୋଇପାରିଲା ନାହିଁ । ବ୍ରାହ୍ମଣ ଓ କ୍ଷତ୍ରିୟମାନେ ନିଜକୁ ଉଚ୍ଚ ବର୍ଗର ଅଧିକାରୀ ବୋଲି ଦାବିକରି ସମାଜର ସମସ୍ତ ସୁଖସୁବିଧା ଭୋଗ କରିବାକୁ ଲାଗିଲେ । ଶୂଦ୍ରମାନେ ଉଚ୍ଚ ଜାତିର ସମସ୍ତ ସେବାକଲେ ମଧ୍ୟ ସେମାନଙ୍କୁ ସମାଜର ଅନେକ ସୁବିଧାରୁ ବଂଚିତ କରି ରଖାଗଲା । ସମୟକ୍ରମେ ବିଭିନ୍ନ ବୃତ୍ତି ଅବଲମ୍ବନରେ ବର୍ଣ୍ଣଗୁଡ଼ିକ ବିଭାଜିତ ହୋଇ କମାର, ବଢ଼େଇ, ବଣିଆ, ଧୀବର ଓ ମୋଚି ଆଦି ଜାତିରେ ରୂପାନ୍ତରିତ ହେଲା । ସମାନ ବର୍ଣ୍ଣ ମଧ୍ୟରେ ବିବାହ ଉପରେ ଗୁରୁତ୍ୱ ଦିଆଗଲା ।

ସମାଜର ତଳସ୍ତରରେ ରହିଲେ ଶୂଦ୍ରମାନେ । ସେମାନେ କାଳକ୍ରମେ ଅଛୁଆଁ ରୂପେ ବିବେଚିତ ହେଲେ । ଧର୍ମ କାର୍ଯ୍ୟରେ ସେମାନଙ୍କର କୌଣସି ଅଧିକାର ରହିଲା ନାହିଁ । ବିଭିନ୍ନ ସାମାଜିକ ସୁଖସୁବିଧାରୁ ବଂଚିତ ଶୂଦ୍ରମାନଙ୍କର ଜୀବନ ଦୁର୍ବିସହ ହୋଇପଡ଼ିଲା ।

**ଚତୁରାଶ୍ରମ ବା ବର୍ଣ୍ଣାଶ୍ରମ ବ୍ୟବସ୍ଥା :** ବ୍ୟକ୍ତିର ସାମାଜିକ ଜୀବନକୁ ଶୃଙ୍ଖଳିତ କରିବାକୁ ଚତୁରାଶ୍ରମ ବା ବର୍ଣ୍ଣାଶ୍ରମ ବ୍ୟବସ୍ଥାର ସୃଷ୍ଟି ହୋଇଥିଲା । ମଣିଷ ଜୀବନର ସମଗ୍ର ବୟସକୁ ଚାରୋଟି ଆଶ୍ରମରେ ବିଭକ୍ତ କରାଯାଇଥିଲା । ସେଗୁଡ଼ିକ ଯଥାକ୍ରମେ ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ସନ୍ନ୍ୟାସ । ବ୍ରତୋପନୟନ ପରେ ଗୁରୁକୁଳାଶ୍ରମରେ ବିଦ୍ୟା ଅଧ୍ୟୟନ କରାଯାଉଥିଲା । ଏହି ସମୟରେ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରିବାକୁ ପଡୁଥିଲା । ସଂଯମତା ଆଚରଣ କରି ବିଦ୍ୟାଲାଭ କରିବା ଥିଲା ଶିଷ୍ୟର ମୁଖ୍ୟ କର୍ତ୍ତବ୍ୟ । ତାହା ଥିଲା ପ୍ରଥମ ଆଶ୍ରମ ବ୍ରହ୍ମଚର୍ଯ୍ୟ । ଗୁରୁଗୃହରେ ସଫଳତାର ସହିତ ଶିକ୍ଷାଲାଭ କରିବା ପରେ ଜଣେ ଆର୍ଯ୍ୟ ସନ୍ତାନର ଗାର୍ହସ୍ଥ୍ୟ ଜୀବନ ଆରମ୍ଭ

ହେଉଥିଲା । ବିବାହ କରିବା ପରେ ଆଦର୍ଶ ପାରିବାରିକ ଜୀବନ କଟାଇବା ଥିଲା ଗାର୍ହସ୍ଥ୍ୟ ଆଶ୍ରମର ମୂଳ ଲକ୍ଷ୍ୟ । ପାରିବାରିକ ଜୀବନ ସଫଳତାର ସହିତ ଅତିବାହିତ କଲାପରେ ଜୀବନର ଦ୍ୱିତୀୟାର୍ଦ୍ଧରେ ଆରମ୍ଭ ହୁଏ ବାନପ୍ରସ୍ଥ ଆଶ୍ରମ । ଏହି ସମୟ ମଧ୍ୟରେ ଜଣେ ବ୍ୟକ୍ତି ଗୃହ ବା ସାଂସାରିକ ବନ୍ଧନରୁ ଦୂରେଇ ରହିବାକୁ ଚେଷ୍ଟା କରିଥାଏ । ଅର୍ଥାତ୍ ଏ ସମୟ ହେଉଛି ସାଂସାରିକ କର୍ମରୁ ଅବସର ନେବା ସମୟ । ଜୀବନର ଶେଷ ଭାଗରେ ସଂସାରର ସମସ୍ତ ମାୟାମୋହ ତ୍ୟାଗ କରି ତପସ୍ୟା କରିବାକୁ ସନ୍ନ୍ୟାସ ଆଶ୍ରମ କୁହାଯାଏ । ଆର୍ଯ୍ୟମାନଙ୍କର ଜୀବନକୁ ନୀତିନିୟମ ଓ ଆଦର୍ଶ କରିବାକୁ ଏ ପ୍ରକାର ବର୍ଣ୍ଣାଶ୍ରମ ବା ଚତୁରାଶ୍ରମ ବ୍ୟବସ୍ଥା କରାଯାଇଥିଲା ।

**ଶିକ୍ଷାବ୍ୟବସ୍ଥା :** ପରବର୍ତ୍ତୀ ବୈଦିକ ଯୁଗରେ ଶିକ୍ଷା ବ୍ୟବସ୍ଥା ଅଧିକ ଶୃଙ୍ଖଳିତ ଓ ବ୍ୟବସ୍ଥିତ ଥିଲା । ଉପନୟନ ପରେ ଛାତ୍ରମାନେ ଗୁରୁକୁଳାଶ୍ରମରେ ରହି ବେଦ, ଉପନିଷଦ, ବ୍ୟାକରଣ, ସାହିତ୍ୟ, ଦର୍ଶନ, ଇତିହାସ, ଗଣିତ ଓ ତର୍କଶାସ୍ତ୍ର ଆଦି ବିଷୟରେ ଅଧ୍ୟୟନ କରୁଥିଲେ । କ୍ଷତ୍ରିୟ ସନ୍ତାନମାନଙ୍କୁ ଯୁଦ୍ଧବିଦ୍ୟା ଶିକ୍ଷା ଓ ରାଜ୍ୟ ଶାସନ ସମ୍ପର୍କିତ ଶିକ୍ଷା ପ୍ରଦାନ କରାଯାଉଥିଲା । ଗୁରୁକୁଳାଶ୍ରମରେ ଛାତ୍ରମାନେ କୃଷି, ଗୋପାଳନ ଆଦି କାର୍ଯ୍ୟ ଶିକ୍ଷାଲାଭ କରୁଥିଲେ । ଶାସ୍ତ୍ରଜ୍ଞାନ ସହିତ ଛାତ୍ରମାନଙ୍କୁ ଶାରିରୀକ ଓ ନୈତିକ ଶିକ୍ଷା ଦିଆଯାଉଥିଲା । ଶିକ୍ଷା ସମାପ୍ତ ପରେ ଗୁରୁଙ୍କୁ ଦକ୍ଷିଣା ଦେବାର ବ୍ୟବସ୍ଥା ଥିଲା ।

## ନାରୀର ସ୍ଥିତି :

ପରବର୍ତ୍ତୀ ବୈଦିକ ଯୁଗରେ ନାରୀମାନେ ସେମାନଙ୍କର ପୂର୍ବର ସ୍ୱାଧୀନତା ହରାଇଥିଲେ । ପୈତୃକ ସମ୍ପତ୍ତିରେ ନାରୀର ଅଧିକାର ଆଉ ରହିଲା ନାହିଁ । ସମାଜରେ ଏକାଧିକ ପତ୍ନୀ ଗ୍ରହଣ ପ୍ରଥା ଏକ ସାମାଜିକ କଳଙ୍କରେ ପରିଣତ ହେଲା । ଧନୀ ବ୍ୟକ୍ତି ଓ ଉଚ୍ଚ ଜାତିର ଲୋକମାନେ ବହୁପତ୍ନୀ ଗ୍ରହଣକୁ ଏକ ସାମାଜିକ ରୀତିରେ ପରିଣତ କରିଦେଲେ । ବୈଦିକ ଯୁଗ ପରି ନାରୀମାନେ ଆଉ ପୁରୁଷମାନଙ୍କ ପରି ସମସ୍ତ ସାମାଜିକ କାର୍ଯ୍ୟକଳାପରେ ହସ୍ତକ୍ଷେପ କରିପାରିଲେ ନାହିଁ । ସଭା-ସମିତିରେ ନାରୀମାନେ ଆଉ ମୁକ୍ତ ଭାବରେ ଅଂଶଗ୍ରହଣ କରିପାରିଲେ ନାହିଁ । ଏକାଧିକ ପତ୍ନୀ ଗ୍ରହଣ, ସତୀପ୍ରଥା, ବାଲ୍ୟବିବାହ, ଯୌତୁକ ଆଦି ପ୍ରଥା ପ୍ରବେଶ କରିବାରୁ ନାରୀର ଜୀବନ ଶୋଚନୀୟ ହୋଇପଡ଼ିଲା । ପର୍ଦ୍ଦା ପ୍ରଥାର ପ୍ରଚଳନ ଥିଲେ ବି ନାରୀମାନେ ଶିକ୍ଷାଲାଭ କରିପାରୁଥିଲେ । ଉଚ୍ଚ ଓ ନୀଚ ଜାତି ମଧ୍ୟରେ ବୈବାହିକ ସମ୍ପର୍କକୁ ବାରଣ କରାଗଲା । ଏ ଯୁଗରେ ଗାର୍ଗୀ, ମୈତ୍ରେୟୀଙ୍କ ପରି ଜ୍ଞାନୀଗୁଣୀ ନାରୀମାନେ ବେଦ ଅଧ୍ୟୟନ ଓ ଚର୍ଚ୍ଚାରେ ମୁନି, ଋଷିଙ୍କ ସମକକ୍ଷ ଥିଲେ ।

## ଅର୍ଥନୈତିକ ଜୀବନ :

ପରବର୍ତ୍ତୀ ବୈଦିକ ଯୁଗରେ ଲୋକମାନଙ୍କର ଅର୍ଥନୈତିକ ଜୀବନ ଅଧିକ ବ୍ୟାପକ ଓ ସୁଦୃଢ଼ ହୋଇଥିଲା । ଜନସଂଖ୍ୟା ବୃଦ୍ଧି ତଥା ଆବଶ୍ୟକତା ବଢ଼ିବାରୁ ନୂଆ ନୂଆ ଜୀବିକା ଅର୍ଜନର ମାର୍ଗ ଦେଖାଦେଲା । କୃଷି ମୁଖ୍ୟ ଜୀବିକା ଥିଲା । ନିର୍ଦ୍ଦିଷ୍ଟ କ୍ଷେତ୍ରରୁ ଅଧିକରୁ ଅଧିକ ଉତ୍ପାଦନ ନିମନ୍ତେ ଉଦ୍ୟମ କରାଗଲା । ୬ ରୁ ୨୪ଟି ଯାଏ ବଳଦକୁ ନିୟୋଜିତ କରି କ୍ଷେତ କର୍ଷଣ କରାଯିବା କଥା ବେଦରେ ବର୍ଣ୍ଣିତ ଅଛି । ଲୁହାର ବ୍ୟବହାର ବହୁଳ ହେବାରୁ କୃଷି କାର୍ଯ୍ୟଠାରୁ ଆରମ୍ଭ କରି ଶିକାର କରିବା ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ଲୁହାର ବ୍ୟବହାର କରାଗଲା ।

ପରବର୍ତ୍ତି ବୈଦିକ ଯୁଗରେ ବୈଷୟିକ ଜ୍ଞାନର ମାନ ଓ ମାନ୍ୟତା ବୃଦ୍ଧି ପାଇଥିଲା । ହସ୍ତଶିଳ୍ପର ପ୍ରଭୂତ ଉନ୍ନତି ସାଧିତ ହୋଇଥିଲା । ବୟନ ଶିଳ୍ପ ବିଶେଷ ପ୍ରସାରଲାଭ କରିଥିଲା । ସୂତା କାଟିବା ଓ ଲୁଗା ବୁଣିବା ଦୁଇଟି ପ୍ରମୁଖ ହସ୍ତଶିଳ୍ପ ରୂପେ ପରିଗଣିତ ହୋଇଥିଲା । ଅଳଙ୍କାର ନିର୍ମାଣ, ଲୌହ କର୍ମ, କାଠକାମ ଆଦି କାର୍ଯ୍ୟରେ ନିଜକୁ ମଗ୍ନ ରଖୁଥିଲେ । ଏ ଯୁଗରେ ତମ୍ବାର ବ୍ୟବହାର ଜାଣିଥିବାରୁ ତମ୍ବାରେ ଗୃହ ଉପକରଣ, ଅଳଙ୍କାର ଓ ଅସ୍ତ୍ରଶସ୍ତ୍ର ମଧ୍ୟ ତିଆରି କରାଯାଉଥିଲା । ପ୍ରତ୍ନତାତ୍ତ୍ୱିକ ଖନନରୁ ୧୦୦୦ ଖ୍ରୀଷ୍ଟ ପୂର୍ବ ପରବର୍ତ୍ତୀ ସମୟରେ ଲୌହ ଧାତୁରେ ନିର୍ମିତ ଉପକରଣ ମଧ୍ୟ ଆବିଷ୍କୃତ ହୋଇଛି । ତମ୍ବା ଓ ଲୁହା ବ୍ୟତୀତ ସୁନା, ରୂପା, ଟିଣ ଓ ସୀସାର ବ୍ୟବହାର ଏ ସମୟରେ ପ୍ରଚଳିତ ଥିଲା । ଏହି ସମୟରେ ନିର୍ମିତ କଳା, ନାଲି ଓ ଧୂସର ରଙ୍ଗର ମାଟିପାତ୍ର ଅଧିକ ପରିମାଣରେ ପଶ୍ଚିମ ଉତ୍ତରପ୍ରଦେଶ ଓ ବିହାର ଅଞ୍ଚଳରୁ ଆବିଷ୍କୃତ ହୋଇଛି । ଏହା ମଧ୍ୟରୁ ଧୂସର ରଙ୍ଗର ଚିତ୍ରିତ ମାଟିପାତ୍ରର ବହୁଳ ବ୍ୟବହାର ଉଲ୍ଲେଖଯୋଗ୍ୟ ।

ପରବର୍ତ୍ତୀ ବୈଦିକ ଯୁଗରେ ବାଣିଜ୍ୟ ଓ ବ୍ୟବସାୟରେ ପ୍ରଭୂତ ଉନ୍ନତି ହୋଇଥିଲା । ବ୍ୟବସାୟ ବାଣିଜ୍ୟରେ ନିୟୋଜିତ ଲୋକମାନଙ୍କୁ ବଣିକ ବୋଲି କୁହାଗଲା । ଗମନାଗମନର ସୁବିଧା, ରାସ୍ତାଘାଟର ଉନ୍ନତି ଓ ନୌକାର ବ୍ୟବହାର ବାଣିଜ୍ୟ-ବ୍ୟବସାୟକୁ ଅଧିକ ଗତିଶୀଳ କରିପାରିଥିଲା । ସ୍ଥଳପଥରେ ହାତୀ, ଘୋଡ଼ା, ରଥ ଓ ଶଗଡ଼ ବ୍ୟବହାର ଅଧିକ ଥିଲା । ପରବର୍ତ୍ତୀ ବୈଦିକ ଯୁଗରେ ଜାତି ପରି ବୃତ୍ତି ମଧ୍ୟ ବଂଶାନୁକ୍ରମିକ ଥିଲା । ଅନ୍ତଃ ବାଣିଜ୍ୟ ସାଙ୍ଗକୁ ବହିର୍ବାଣିଜ୍ୟ ମଧ୍ୟ ପ୍ରସାରଲାଭ କରିଥିଲା ।

## ଧର୍ମୀୟ ଭାବନା :

ପରବର୍ତ୍ତୀ ବୈଦିକ ଯୁଗରେ ଧର୍ମରେ ଅନେକ ଜଟିଳତା ପ୍ରବେଶ କଲା । ବୈଦିକ ଯୁଗର ସରଳତା କ୍ରମେ ହ୍ରାସ ପାଇଲା । ନାନା ପ୍ରକାର ଜଟିଳ ପୂଜାପଦ୍ଧତି ସାଙ୍ଗକୁ ବିଭିନ୍ନ କୁସଂସ୍କାର ଓ ଅନ୍ଧବିଶ୍ୱାସ ଧର୍ମରେ ପ୍ରବେଶ କରି ଲୋକଙ୍କ ଧର୍ମୀୟ ଭାବନାକୁ କ୍ଷତିଗ୍ରସ୍ତ କଲା । ଭୂତ, ପ୍ରେତ, ଡାଆଣୀ, ଗୁଣି, ଗାରେଡ଼ିରେ ଲୋକମାନେ ବିଶ୍ୱାସ କରିବାକୁ ଲାଗିଲେ । ଇନ୍ଦ୍ର, ବରୁଣ, ଅଗ୍ନି ଦେବତାମାନଙ୍କ ଗୁରୁତ୍ୱ ହ୍ରାସ ପାଇଲା ଓ ପ୍ରଜାପତି, ବିଷ୍ଣୁ ଓ ରୁଦ୍ରଙ୍କର ଲୋକପ୍ରିୟତା ବୃଦ୍ଧି ପାଇଲା । ସୃଷ୍ଟିକର୍ତ୍ତା ରୂପେ ପ୍ରଜାପତି ପ୍ରତିଷ୍ଠାଲାଭ କଲେ । ଋକ୍‌ବେଦର ରୁଦ୍ର ଶିବ ରୂପେ ପରିଗଣିତ ହେଲେ । ଗନ୍ଧର୍ବ, ଅପ୍‌ସରା, ନାଗମାନେ ଅର୍ଦ୍ଧ ଦେବ-ଦେବୀ ରୂପେ ପୂଜା ପାଇଲେ ।

ପୂଜାପଦ୍ଧତିରେ ଯଜ୍ଞର ଭୂମିକା ଗୁରୁତ୍ୱପୂର୍ଣ୍ଣ ମନେହେଲା । ବିଭିନ୍ନ ମନ୍ତ୍ର ପାଠକରି ଯଜ୍ଞକଲେ ଦେବତାମାନେ ସନ୍ତୁଷ୍ଟ ହୋଇ ଯଜ୍ଞସ୍ଥଳକୁ ଆସିବେ ବୋଲି ପୁରୋହିତ ଓ ବ୍ରାହ୍ମଣମାନେ ଘୋଷଣା କଲେ । ଯଜ୍ଞରେ ପଶୁବଳିକୁ ଗୁରୁତ୍ୱ ଦିଆଗଲା । କର୍ମବାଦକୁ ବ୍ରାହ୍ମଣମାନେ ପ୍ରସାରିତ କଲେ । ମାୟା, ମୋହ, ମୁକ୍ତି, ଜନ୍ମାନ୍ତରବାଦ ଓ ଆତ୍ମାର ପୁନର୍ଜନ୍ମ ଇତ୍ୟାଦି ଧାରଣା ଆର୍ଯ୍ୟମାନଙ୍କ ମନରେ ଗଭୀର ରେଖାପାତ କଲା । ଜୀବ ଓ ବ୍ରହ୍ମ ଏକ ଓ ଅଭିନ୍ନ । ଜୀବନର ସର୍ବଶ୍ରେଷ୍ଠ ଲକ୍ଷ୍ୟ ମୋକ୍ଷ ବା ବ୍ରହ୍ମପ୍ରାପ୍ତି- ଏହିସବୁ ଭାବନା ଆର୍ଯ୍ୟମାନଙ୍କ ମନରେ ସୁଦୃଢ଼ ହେଲା । ପରବର୍ତ୍ତୀ ବୈଦିକ ଯୁଗୀୟ ସମାଜରେ ବ୍ରାହ୍ମଣମାନଙ୍କର ପ୍ରାଧାନ୍ୟ ବହୁଗୁଣରେ ବଢ଼ିଯାଇଥିଲା ।

## ରାଜନୈତିକ ବ୍ୟବସ୍ଥା :

ପରବର୍ତ୍ତୀ ବୈଦିକ ଯୁଗରେ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟମାନଙ୍କର ମିଶ୍ରଣ ଫଳରେ ବା ନୂତନ ରାଜ୍ୟ ଅଧିକାର ଫଳରେ ବୃହତ୍ ରାଜ୍ୟଗୁଡ଼ିକର ସୃଷ୍ଟି ହେଲା । କୁରୁ, ପାଞ୍ଚାଳ, କାଶୀ, କୋଶଳ ଓ ବିଦେହ ପରି ରାଜ୍ୟଗୁଡ଼ିକ ପ୍ରାଧାନ୍ୟ ଲାଭ କଲା । ରାଜାମାନଙ୍କ କ୍ଷମତା ଓ ପ୍ରତିପତି ବହୁଗୁଣରେ ବୃଦ୍ଧି ପାଇଲା । କ୍ଷମତାଶାଳୀ ରାଜାମାନେ ସମ୍ରାଟ ବା ଏକରାଟ୍, ରାଜାଧିରାଜ, ସାର୍ବଭୌମ ଆଦି ବିଭିନ୍ନ ଉପାଧି ଧାରଣ କଲେ । ନିଜ ନିଜର ପ୍ରଭୁତ୍ୱ ଓ କ୍ଷମତା ବିସ୍ତାର ପାଇଁ ସେମାନେ ବ୍ୟୟବହୁଳ ଅଶ୍ୱମେଧ, ରାଜସୂୟ, ବାଜପେୟ ପରି ଯଜ୍ଞ କରିବାକୁ ଲାଗିଲେ । କ୍ରମେ ରାଜ୍ୟ ଶାସନ ଉତ୍ତରାଧିକାରୀ ସୂତ୍ରରେ ବଂଶଭିତ୍ତିକ ହେଲା ଓ ରାଜାଙ୍କ ମୃତ୍ୟୁପରେ ତାଙ୍କର ଜ୍ୟେଷ୍ଠପୁତ୍ର ସିଂହାସନ ଅଧିକାର କରିବାର ପରମ୍ପରା ପ୍ରଚଳିତ ହେଲା । ରାଜାଙ୍କର କ୍ଷମତା ଉପରେ ଅଙ୍କୁଶ ଲଗାଉଥିବା ପ୍ରାଚୀନ ଅନୁଷ୍ଠାନ ସଭା ଓ ସମିତିର ଗୁରୁତ୍ୱ କ୍ରମେ ହ୍ରାସ ପାଇବାକୁ ଲାଗିଲା । ସାଧାରଣ ଲୋକଙ୍କ ପରିବର୍ତ୍ତେ ଧନୀ ଓ ସମ୍ଭ୍ରାନ୍ତ ଶ୍ରେଣୀର ଲୋକମାନେ ଶାସନ କ୍ଷେତ୍ରରେ ବହୁ ସ୍ଥାନ ଅଧିକାର କଲେ ।

ରାଜାଙ୍କୁ ଶାସନ କ୍ଷେତ୍ରରେ ସାହାଯ୍ୟ କରିବା ପାଇଁ ବିଭିନ୍ନ ପ୍ରକାର ପଦବୀ ସୃଷ୍ଟି ହୋଇଥିଲା । ପୁରୋହିତ ଓ ସେନାନୀ ଶାସନର ମୁଖ୍ୟ ଅଂଶ ଗ୍ରହଣ କରିଥିଲେ ମଧ୍ୟ ସଂଗ୍ରହିତ୍ରୀ (କୋଷାଧ୍ୟକ୍ଷ), ସୂତ (ସାରଥୀ), ଭାଗଦୁଘ (କର ଆଦାୟକାରୀ), କ୍ଷତ୍ରୀ (ଉତ୍ସବ ମୁଖ୍ୟ), ଆକାଶଭାପ (ପଶାଖେଳ ପରିଚାଳକ), ଗୋଭିକର୍ତ୍ତନ (ଶିକାର ପରିଚାଳକ) ପ୍ରଭୃତି ନୂତନ ପଦବୀରେ ରାଜକର୍ମଚାରୀମାନେ ନିଯୁକ୍ତ ହେଲେ । ରାଜାମାନେ ସମସ୍ତ କ୍ଷମତା ଉପଭୋଗ କରୁଥିଲେ ମଧ୍ୟ ସ୍ୱେଚ୍ଛାଚାରୀ ନ ଥିଲେ । ପାରମ୍ପରିକ ନୀତିନିୟମ ଓ ସତ୍‌ଚରିତ୍ର ଉପରେ ଗୁରୁତ୍ୱ ଆରୋପ କରାଯାଉଥିଲା ।

## ରାମାୟଣ ଓ ମହାଭାରତ :

ପରବର୍ତ୍ତୀ ବୈଦିକ ଯୁଗରେ ରଚିତ ଦୁଇଟି ମହାକାବ୍ୟ ହେଉଛି ରାମାୟଣ ଓ ମହାଭାରତ । ରାମାୟଣ ପ୍ରଣେତା ମହାମୁନି ବାଲ୍ମିକୀ ଓ ମହାଭାରତ ରଚୟିତା ବ୍ୟାସଦେବ ଏହି ଦୁଇଟି ଗ୍ରନ୍ଥ ରଚନା କରି ଭାରତୀୟମାନଙ୍କ ନିକଟରେ ଚିରସ୍ମରଣୀୟ ହୋଇ ରହିଛନ୍ତି । କେତେକ ଗବେଷକ ମତ ଦିଅନ୍ତି ଯେ ଉଭୟ କାବ୍ୟର ବର୍ତ୍ତମାନର ସଂସ୍କରଣରେ ମୂଳ ଲେଖାର ସମ୍ପୂର୍ଣ୍ଣ ଚିତ୍ର ଦେଖିବାକୁ ମିଳେ ନାହିଁ । ଏଥିରେ କେତେକ ନୂତନ ତଥ୍ୟର ପରିବେଷଣ ସାଙ୍ଗକୁ କେତେକ ସ୍ଥଳରେ ଅତିରଞ୍ଜିତ ହୋଇଥିବାର ମଧ୍ୟ ପରିଲକ୍ଷିତ ହୋଇଥାଏ । ଏହି ଦୁଇ କାବ୍ୟର ରଚନାକାଳ ସମ୍ପର୍କରେ ସଠିକତା ଜଣା ନ ପଡ଼ିଲେ ମଧ୍ୟ ଏହା ଯେ ପରବର୍ତ୍ତୀ ବୈଦିକ ଯୁଗରେ ରଚିତ ହୋଇଛି, ଏଥିରେ ସନ୍ଦେହ ନାହିଁ । ଅନେକ ଏହାର ବିଷୟବସ୍ତୁ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥାନ୍ତି । ଏଥିରେ ବାସ୍ତବତା ଓ ରୂପକଳ୍ପର ସମ୍ମିଶ୍ରଣ ଦେଖିବାକୁ ମିଳେ । ରାମାୟଣର ରୂପରେଖ ଆର୍ଯ୍ୟମାନଙ୍କର ଦକ୍ଷିଣ ଭାରତ ଅନୁପ୍ରବେଶ ସମ୍ପର୍କରେ ସୂଚିତ କରୁଥିବା ବେଳେ ମହାଭାରତରେ ଗୋଷ୍ଠୀ ବିବାଦ କିପରି ବିରାଟ ସଂଘର୍ଷରେ ପରିଣତ ହୋଇପାରେ ବର୍ଣ୍ଣିତ ହୋଇଛି ।

## ରାମାୟଣର କଥାବସ୍ତୁ :

ରଘୁବଂଶର ରାଜା ଦଶରଥ ଅଯୋଧ୍ୟାରେ ଶାସନ କରୁଥିଲେ। ତାଙ୍କର ତିନି ରାଣୀଙ୍କ ମଧ୍ୟରୁ ପାଟରାଣୀ କୌଶଲ୍ୟାଙ୍କ ପୁତ୍ର ରାମ, କୈକେୟୀଙ୍କ ପୁତ୍ର ଭରତ ଓ ସୁମିତ୍ରାଙ୍କ ଦୁଇପୁତ୍ର ଲକ୍ଷ୍ମଣ ଓ ଶତ୍ରୁଘ୍ନ। ଦଶରଥଙ୍କ ବାର୍ଦ୍ଧକ୍ୟ ଉପନୀତ ହେବାରୁ ଜ୍ୟେଷ୍ଠ ପୁତ୍ର ରାମଚନ୍ଦ୍ରଙ୍କୁ ଉତ୍ତରାଧିକାରୀ ରୂପେ ମନୋନୀତ କଲେ। ଏହି ସମୟରେ ମନ୍ଥରା ନାମ୍ନୀ ଏକ କୁଚକ୍ରୀ ପରିଚାରିକାର କୁମନ୍ତ୍ରଣାରେ ପ୍ରଭାବିତ ହୋଇ ରାଣୀ କୈକେୟୀ ଦଶରଥଙ୍କୁ ପୂର୍ବ ପ୍ରତିଶ୍ରୁତିକୁ ମନେପକାଇ ଏକ ବର ମାଗିଲେ। ଏହି ବରରେ ରାମଚନ୍ଦ୍ର ୧୪ ବର୍ଷ ପାଇଁ ବନ ଗମନ କରିବେ ଓ ତାଙ୍କ ପୁତ୍ର ଭରତ ଅଯୋଧ୍ୟାର ରାଜା ହେବେ। ସତ୍ୟନିଷ୍ଠ ରାମଚନ୍ଦ୍ର ପିତାଙ୍କ ଅନିଚ୍ଛା ସତ୍ତ୍ୱେ ବନବାସ ପାଇଁ ବାହାରି ପଡ଼ନ୍ତି। ତାଙ୍କ ସହିତ ତାଙ୍କର ପତ୍ନୀ ସୀତା ଓ ଭାଇ ଲକ୍ଷ୍ମଣ ମଧ୍ୟ ବନଗମନ କରନ୍ତି। ଭ୍ରାତୃଭକ୍ତ ଭରତ ଅଯୋଧ୍ୟାର ରାଜା ହେବାପାଇଁ ଅନିଚ୍ଛା କରି, ରାମଙ୍କର ପାଦୁକା ନେଇ ଅଯୋଧ୍ୟା ନିକଟବର୍ତ୍ତୀ ନନ୍ଦୀଗ୍ରାମରେ ବନବାସୀଙ୍କ ପରି ବକଳ ପରିଧାନ ପୂର୍ବକ ରାଜକାର୍ଯ୍ୟ ପରିଚାଳନା କରନ୍ତି।

ରାମ, ଲକ୍ଷ୍ମଣ ଓ ସୀତା ପଞ୍ଚବଟୀ ବନରେ ବାସ କରୁଥିବା ସମୟରେ ଲଙ୍କାପତି ରାବଣ ଛଦ୍ମବେଶରେ ସେଠାରେ ପହଞ୍ଚି ସୀତାଙ୍କୁ ହରଣ କରିନିଅନ୍ତି ଲଙ୍କାକୁ। ରାମଚନ୍ଦ୍ର ବାନର ସୈନ୍ୟଙ୍କ ସହଯୋଗରେ ସମୁଦ୍ରରେ ସେତୁବାନ୍ଧି ଲଙ୍କାର ରାଜା ରାବଣ ସହିତ ଯୁଦ୍ଧ କରନ୍ତି। ଯୁଦ୍ଧରେ ରାବଣର ମୃତ୍ୟୁ ହୁଏ। ସୀତାଙ୍କୁ ଉଦ୍ଧାର କରି ରାମଚନ୍ଦ୍ର ଫେରନ୍ତି ଅଯୋଧ୍ୟାକୁ। ୧୪ ବର୍ଷ ପରେ ସେ ହୁଅନ୍ତି ଅଯୋଧ୍ୟାର ରାଜା। ଏକ ପ୍ରଜାର କଥାରେ ପତ୍ନୀ ସୀତାଙ୍କ ଚରିତ୍ରକୁ ସନ୍ଦେହ କରି ରାମଚନ୍ଦ୍ର ଗର୍ଭବତୀ ପତ୍ନୀଙ୍କୁ ଦିଅନ୍ତି ନିର୍ବାସନ ଦଣ୍ଡ। ସୀତା ଋଷି ବାଲ୍ମିକୀଙ୍କ ଆଶ୍ରମରେ ଜନ୍ମ ଦିଅନ୍ତି ଦୁଇ ପୁତ୍ର ଲବ-କୁଶଙ୍କୁ। ପରବର୍ତ୍ତୀ ସମୟରେ ରାମଚନ୍ଦ୍ରଙ୍କ ଦରବାରରେ ଲବକୁଶ ବାଲ୍ମିକୀଙ୍କଠାରୁ ଶିକ୍ଷା କରିଥିବା ରାମାୟଣ ଗାନ କରନ୍ତି। ପରେ ପିତା ପୁତ୍ରଙ୍କ ମିଳନ ହୁଏ ଓ ରାମଙ୍କ ପରେ ଏମାନେ ଅଯୋଧ୍ୟାରେ ରାଜତ୍ୱ କରନ୍ତି।

## ମହାଭାରତର କଥାବସ୍ତୁ :

ମହର୍ଷି ବେଦବ୍ୟାସଙ୍କ ରଚିତ ମହାଭାରତ ହେଉଛି ସଂସ୍କୃତ ଭାଷାର ଏକ ମହାକାବ୍ୟ। ଦୁଇଟି ରାଜବଂଶ କୌରବ ଓ ପାଣ୍ଡବମାନଙ୍କର ରାଜ୍ୟପାଇଁ ବିବାଦ ପରବର୍ତ୍ତୀ ସମୟରେ ମହାଭାରତ ଯୁଦ୍ଧର ରୂପ ନେଇଛି। ପରବର୍ତ୍ତୀ ବୈଦିକ ଯୁଗର ଶେଷ ଭାଗରେ ଲିଖିତ ଏହି ମହାକାବ୍ୟକୁ ଐତିହାସିକ ମାନ୍ୟତା ପ୍ରଦାନ କରାଯାଇଛି। ଲକ୍ଷାଧିକ ଶ୍ଳୋକରେ ବର୍ଣ୍ଣିତ ମହାଭାରତ ଅନେକ ଐତିହାସିକ ତଥ୍ୟ ବହନ କରିଥାଏ। ଧୃତରାଷ୍ଟ୍ରଙ୍କ ଶହେ ପୁତ୍ର ମଧ୍ୟରେ ଦୁର୍ଯ୍ୟୋଧନ ଥିଲେ ଜ୍ୟେଷ୍ଠ ପୁତ୍ର, ଯିଏକି ଅତ୍ୟନ୍ତ ଅନ୍ୟାୟୀ ଏବଂ ଅଧର୍ମୀ। ହସ୍ତିନାପୁରରେ ଏକଚ୍ଛତ୍ରବାଦୀ ଶାସନ ନିମନ୍ତେ ସେ ପାଣ୍ଡବମାନଙ୍କ ଉପରେ ବିଭିନ୍ନ ଅତ୍ୟାଚାର କରିଛନ୍ତି। ସେମାନଙ୍କୁ ପାଞ୍ଚଟି ପଡ଼ା ବା ଗ୍ରାମ ଦେବାପାଇଁ ମଧ୍ୟ ସେ ଅନିଚ୍ଛୁକ ଅଛନ୍ତି। ଏପରିକି 'ବିନା ଯୁଦ୍ଧେ ଶୁଚ୍ୟଗ୍ରେ ମେଦିନୀ' ପାଣ୍ଡବଙ୍କୁ ଦେବେ ନାହିଁ ବୋଲି କହିଛନ୍ତି ଦୁର୍ଯ୍ୟୋଧନ। ପାଣ୍ଡବଙ୍କର ଘନିଷ୍ଠ ବନ୍ଧୁ ଶ୍ରୀକୃଷ୍ଣ ମଧ୍ୟ ଚାହିଁଛନ୍ତି ବିନା ଯୁଦ୍ଧରେ ସମସ୍ୟାର ସମାଧାନ ହୋଇଯାଉ। କିନ୍ତୁ ତାଙ୍କର ସମସ୍ତ ଉଦ୍ୟମ ବ୍ୟର୍ଥ ହୋଇଛି। ଶେଷରେ ସୃଷ୍ଟି ହୋଇଛି ମହାଭାରତ ଯୁଦ୍ଧ।

ଯୁଦ୍ଧରେ ଭୀଷ୍ମ, ଦ୍ରୋଣ, କର୍ଣ୍ଣ, ଦୁର୍ଯ୍ୟୋଧନଙ୍କ ସମେତ କୌରବଙ୍କ ଅନେଶତ ଭାଇ ପ୍ରାଣ ହରାଇଛନ୍ତି। ତତ୍କାଳୀନ ଭାରତବର୍ଷର ଅନେକ ରାଜା ଏହି ଯୁଦ୍ଧରେ ଯୋଗଦେଇ ପ୍ରାଣ ହରାଇଛନ୍ତି। ଶେଷରେ ଧର୍ମର ଜୟ ହୋଇଛି। ପାଣ୍ଡବମାନେ ଧର୍ମପଥରେ ଚାଲୁଥିବାରୁ କୌରବମାନଙ୍କୁ ପରାସ୍ତ କରି ହସ୍ତିନା ସିଂହାସନ ଲାଭ କରିଛନ୍ତି ଓ ପାଣ୍ଡବଙ୍କର ଜ୍ୟେଷ୍ଠଭ୍ରାତା ଯୁଧିଷ୍ଠିର ସିଂହାସନ ଆରୋହଣ ସହିତ ରାଜଚକ୍ରବର୍ତ୍ତୀ ଉପାଧି ଧାରଣ କରିଛନ୍ତି।

ମହାଭାରତ ଯୁଦ୍ଧରେ ଅର୍ଜୁନ ଯୁଦ୍ଧ କରିବାକୁ ଅରାଜି ହେବାରୁ ସାରଥୀ କୃଷ୍ଣ ଅର୍ଜୁନଙ୍କୁ ଉପଦେଶ ଦେବା ଛଳରେ 'ଶ୍ରୀମଦ୍‌ଭଗବତ୍ ଗୀତା' ସୃଷ୍ଟି କରିଛନ୍ତି। ସମଗ୍ର ମହାଭାରତ ୧୮ଟି ସର୍ଗରେ ବିଭକ୍ତ ହୋଇଛି। ସେହିସବୁ ପର୍ବଗୁଡ଼ିକ ହେଉଛି- ଆଦିପର୍ବ, ସଭାପର୍ବ, ବନପର୍ବ, ଭୀଷ୍ମପର୍ବ, ଦ୍ରୋଣପର୍ବ, ବିରାଟ ପର୍ବ, ଉଦ୍ୟୋଗ ପର୍ବ, କର୍ଣ୍ଣ ପର୍ବ, ଶଲ୍ୟ ପର୍ବ, ସୌପ୍ତିକ ପର୍ବ, ସ୍ତ୍ରୀ ପର୍ବ, ଶାନ୍ତି ପର୍ବ, ଅନୁଶାସନ ପର୍ବ, ଅଶ୍ୱମେଧିକା ପର୍ବ, ମୂଷଳ ପର୍ବ ଓ ମହା ପ୍ରସ୍ଥାନିକ ପର୍ବ, ସ୍ୱର୍ଗାରୋହଣ ପର୍ବ ଇତ୍ୟାଦି।

## ସାରାଂଶ

ବୈଦିକ ସଭ୍ୟତା ଭାରତୀୟ ସଭ୍ୟତାକୁ ପରିପୁଷ୍ଟ କରିଛି। ଋକ୍‌ବେଦ ଓ ପରବର୍ତ୍ତୀ ସାମ, ଯଜୁଃ ଓ ଅଥର୍ବ ବେଦମାନଙ୍କରେ ଭରତୀୟ ସଭ୍ୟତାର ସାମାଜିକ, ଧାର୍ମିକ, ଅର୍ଥନୈତିକ ଓ ରାଜନୈତିକ ଜୀବନର ବିଭିନ୍ନ ଧାରା ଓ ଦୃଷ୍ଟିଭଙ୍ଗୀ ବର୍ଣ୍ଣିତ ହୋଇଛି। ସିନ୍ଧୁ, ବିତସ୍ତା, ଚନ୍ଦ୍ରଭାଗା, ଇରାବତୀ (ରାଭୀ), ବିପାଶା, ଶତଦ୍ରୁ ଓ ସରସ୍ୱତୀ ଆଦି ସପ୍ତସିନ୍ଧୁ ଅଞ୍ଚଳରେ ବସବାସ କରୁଥିବା ଆର୍ଯ୍ୟମାନେ ପରବର୍ତ୍ତୀ ସମୟରେ ଭାରତରେ ବିଭିନ୍ନ ଦିଗକୁ ପ୍ରବେଶ କରିଥିଲେ। ଆର୍ଯ୍ୟମାନଙ୍କର ଆଦ୍ୟ ତଥା ସର୍ବପ୍ରାଚୀନ ଗ୍ରନ୍ଥ ହେଉଛି ବେଦ। ବେଦର ଶ୍ଳୋକଗୁଡ଼ିକୁ ମୁନିଋଷିମାନେ ଶୁଣି ଶୁଣି ମନେ ରଖୁଥିବାରୁ ଏହାକୁ ଶ୍ରୁତି ମଧ୍ୟ କୁହାଯାଏ। ଆର୍ଯ୍ୟମାନଙ୍କର ସାମାଜିକ ଜୀବନର ଆଧାର ଥିଲା ପରିବାର। ପରିବାର ଥିଲା ପିତୃକୈନ୍ଦ୍ରିକ। ଆର୍ଯ୍ୟମାନଙ୍କର ସମାଜ ପରିବାର, ଖାଦ୍ୟ, ପୋଷାକପତ୍ର, ଶିକ୍ଷା, ରାଜନୈତିକ ସଙ୍ଗଠନ, ଆର୍ଥିକ ଅବସ୍ଥା, ଧର୍ମ, ବର୍ଣ୍ଣାଶ୍ରମ ଧର୍ମ, ସମାଜରେ ନାରୀର ସ୍ଥାନ, ନୈତିକତା ଓ କର୍ତ୍ତବ୍ୟ ଆଦି ସମ୍ପର୍କରେ ବିଶଦ ବିବରଣୀ ବେଦ ଓ ଅନ୍ୟାନ୍ୟ ବୈଦିକ ସାହିତ୍ୟରୁ ମିଳିଥାଏ।

ଆର୍ଯ୍ୟମାନଙ୍କର ମୁଖ୍ୟ ଜୀବିକା ଥିଲା କୃଷି। ଏହାଛଡ଼ା ବ୍ୟବସାୟ ବାଣିଜ୍ୟ, ପଶୁପାଳନ ଓ ବିଭିନ୍ନ ଶିଳ୍ପକୁ ମଧ୍ୟ ଜୀବିକା ରୂପେ ଗ୍ରହଣ କରିଥିବାର ଜଣାଯାଏ। ଆଦି ବୈଦିକ ଯୁଗରେ ଜାତିପ୍ରଥା ପ୍ରଚଳିତ ନ ଥିଲେ ମଧ୍ୟ ପରବର୍ତ୍ତୀ ବୈଦିକ ଯୁଗରେ ଏହାର ତୀବ୍ରତା ଅନୁଭୂତ ହୋଇଥିଲା। ଆର୍ଯ୍ୟମାନଙ୍କର ଜୀବନ ଚାରିଟି ଆଶ୍ରମ ଯଥା- ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ସନ୍ନ୍ୟାସ ଦେଇ ଗତି କରୁଥିଲା। ଆଦି ବୈଦିକ ଯୁଗ ଅପେକ୍ଷା ପରବର୍ତ୍ତୀ ବୈଦିକ ଯୁଗରେ ସମାଜରେ ନାରୀମାନଙ୍କର ସ୍ଥାନ ଗୌଣ ହୋଇଯାଇଥିଲା। ଧର୍ମ କ୍ଷେତ୍ରରେ ବିଭିନ୍ନ ପୂଜାପଦ୍ଧତି ତଥା ଅନ୍ଧବିଶ୍ୱାସ ପ୍ରବେଶ କଲା। କିନ୍ତୁ ନୈତିକତା ଓ ମାନବିକ ମୂଲ୍ୟବୋଧର ପ୍ରତିଫଳନ ଘଟିଥିଲା ବୈଦିକ ଯୁଗରେ। ପରବର୍ତ୍ତୀ ବୈଦିକ ଯୁଗରେ ଭାରତର ଦୁଇଟି ମହାକାବ୍ୟ ରାମାୟଣ ଓ ମହାଭାରତ ରଚିତ ହୋଇଥିଲା। ରାମାୟଣ ରଚୟିତା ମହର୍ଷି ବାଲ୍ମିକୀ ଓ ମହାଭାରତ ପ୍ରଣେତା ବ୍ୟାସଦେବଙ୍କ ବର୍ଣ୍ଣନାରେ ଭାରତୀୟ ଜୀନଜୀବନର ଅନେକ ପ୍ରତିଫଳନ ଦେଖିବାକୁ ମିଳିଥାଏ।

## ଆଦର୍ଶ ପ୍ରଶ୍ନାବଳୀ

### 'କ' ବିଭାଗ

### (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର)

**୧. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ୪ଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତରଟି ବାଛି ଲେଖ।**

(କ) ଆର୍ଯ୍ୟ ସଭ୍ୟତାର ଆରମ୍ଭ କେଉଁ ଶତାବ୍ଦୀରେ ହୋଇଥିଲା ବୋଲି ଐତିହାସିକମାନେ ମତ ଦିଅନ୍ତି ?

(i) ଖ୍ରୀ.ପୂ. ୧୮୦୦ (ii) ଖ୍ରୀ.ପୂ. ୧୫୦୦ (iii) ଖ୍ରୀ.ପୂ. ୨୦୦୦ (iv) ଖ୍ରୀ.ପୂ. ୧୦୦୦

(ଖ) 'ବେଦ' ଶବ୍ଦର ଅର୍ଥ କ'ଣ ?

(i) ବ୍ୟବହାର (ii) ଜ୍ଞାନ (iii) ନିୟମ (iv) ଆଇନ୍

(ଗ) ଆର୍ଯ୍ୟ ସଭ୍ୟତାର ସମୟକୁ କେଉଁ ଦୁଇଟି ଭାଗରେ ବିଭକ୍ତ କରାଯାଇଛି ?

(i) ଋକ୍ ବୈଦିକ ଓ ପ୍ରାଥମିକ ବୈଦିକ (ii) ଋକ୍ ବୈଦିକ ଓ ପରବର୍ତ୍ତୀ ବୈଦିକ ଯୁଗ
(iii) ଦ୍ରାବିଡ଼ ଯୁଗ ଓ ପରବର୍ତ୍ତୀ ବୈଦିକ ଯୁଗ (iv) ଆର୍ଯ୍ୟଯୁଗ ଓ ପରବର୍ତ୍ତୀ ଯୁଗ

(ଘ) ବୈଦିକ ପରିବାରର ମୁଖ୍ୟଙ୍କୁ କ'ଣ କୁହାଯାଉଥିଲା ?

(i) କୁଳପ (ii) ଆଚାର୍ଯ୍ୟ (iii) ଗୁରୁ (iv) ବ୍ରାହ୍ମଣ

(ଙ) ଜାତି ଓ ବର୍ଣ୍ଣ ବ୍ୟବସ୍ଥା ଆର୍ଯ୍ୟ ସଭ୍ୟତାର କେଉଁ ସମୟରେ ଉତ୍କଟ ରୂପ ଧରିଥିଲା ?

(i) ଋକ୍ ବୈଦିକ ଯୁଗ (ii) ପରବର୍ତ୍ତୀ ବୈଦିକ ଯୁଗ (iii) ପୁରାଣ ଯୁଗ (iv) ପ୍ରାରମ୍ଭିକ ଯୁଗ

(ଚ) ବର୍ଣ୍ଣ ବ୍ୟବସ୍ଥାର ସର୍ବୋଚ୍ଚ ସ୍ଥାନରେ କିଏ ଥିଲେ ?

(i) କ୍ଷତ୍ରିୟ (ii) ବ୍ରାହ୍ମଣ (iii) ବୈଶ୍ୟ (iv) ଶୂଦ୍ର

**୨. ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଗୋଟିଏ ଶବ୍ଦରେ ଦିଅ।**

(କ) ଆଦି ବୈଦିକ ଯୁଗର ଶ୍ରେଷ୍ଠ ଦେବତା କିଏ ଥିଲେ ?

(ଖ) ଋକ୍ ବୈଦିକ ଯୁଗର ଜଣେ ବିଦୁଷୀଙ୍କ ନାମ ଲେଖ।

(ଗ) ଆଦି ବୈଦିକ ଯୁଗରେ ରାଜାଙ୍କୁ ସାହାଯ୍ୟ କରିବାପାଇଁ ପ୍ରଧାନ କର୍ମଚାରୀ କିଏ ଥିଲେ ?

(ଘ) ବୈଦିକ ଯୁଗର ଗ୍ରାମର ମୁଖ୍ୟଙ୍କୁ କ'ଣ କୁହାଯାଉଥିଲା ?

(ଙ) ପରବର୍ତ୍ତୀ ବୈଦିକ ଯୁଗରେ କର ଆଦାୟକାରୀଙ୍କୁ କ'ଣ କୁହାଯାଉଥିଲା ?

(ଚ) ପରବର୍ତ୍ତୀ ବୈଦିକ ଯୁଗରେ ଆୟୋଜିତ କରାଯାଉଥିବା ଏକ ଯଜ୍ଞର ନାମ ଲେଖ।

(ଛ) ବୈଦିକ ପରିବାରର ମୁଖ୍ୟଙ୍କୁ କ'ଣ କୁହାଯାଉଥିଲା ?

(ଜ) ପରବର୍ତ୍ତୀ ବୈଦିକ ଯୁଗରେ କୋଷାଧ୍ୟକ୍ଷଙ୍କୁ କ'ଣ କୁହାଯାଉଥିଲା ?

**୩. ଭୁଲ ଥିଲେ ସଂଶୋଧନ କର।**

(କ) 'ଆର୍ଯ୍ୟ' ମାନଙ୍କର ସମାଜ ଥିଲା ମାତୃକୈନ୍ଦ୍ରିକ।

(ଖ) ଋକ୍ ବୈଦିକ ଯୁଗରେ ସମାଜରେ ଜାତିପ୍ରଥା ଥିଲା।

(ଗ) ଅଥର୍ବ ବେଦ ବୈଦିକ ଯୁଗରେ ରଚିତ ହୋଇଥିଲା ।
(ଘ) ଋକ୍‌ବୈଦିକ ଯୁଗରେ ଇନ୍ଦ୍ରଙ୍କୁ ବାୟୁ ଓ ଝଡ଼ର ଦେବତା ବୋଲି କୁହାଯାଉଥିଲା ।
(ଙ) ରାମାୟଣ ଓ ମହାଭାରତ ବୈଦିକ ଯୁଗରେ ରଚିତ ହୋଇଥିଲା ।

୪. **ଶୂନ୍ୟସ୍ଥାନ ପୂରଣ କର ।**
(କ) ଋକ୍ ବେଦରେ __________ ଟି ମଣ୍ଡଳ ବା ଭାଗ ରହିଛି ।
(ଖ) ଆର୍ଯ୍ୟମାନଙ୍କର ଜୀବନ __________ ଟି ଆଶ୍ରମ ଦେଇ ଗତି କରୁଥିଲା ।
(ଗ) ଋକ୍ ବେଦରେ ଶୁଦ୍ର __________ ରୂପରେ ପରିଗଣିତ ହେଲେ ।
(ଘ) ରାଜାଙ୍କ ମୃତ୍ୟୁ ପରେ __________ ସିଂହାସନ ଅଧିକାର କରିବାର ପରମ୍ପରା ପ୍ରଚଳିତ ଥିଲା ।

## 'ଖ' ବିଭାଗ

୫. **ଦୁଇଟି/ତିନୋଟି ବାକ୍ୟରେ ନିମ୍ନ ପ୍ରଶ୍ନ ଗୁଡ଼ିକର ଉତ୍ତର ଦିଅ । (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର)**
(କ) ବୈଦିକ ଯୁଗରେ ଲୋକମାନେ କି ପ୍ରକାର ପୋଷାକ ପରିଧାନ କରୁଥିଲେ ?
(ଖ) ଆର୍ଯ୍ୟମାନଙ୍କର ମୁଖ୍ୟ ଖାଦ୍ୟ କ'ଣ ଥିଲା ?
(ଗ) ଆର୍ଯ୍ୟମାନେ କେଉଁ ଧାତୁର ବହୁଳ ବ୍ୟବହାର କରୁଥିଲେ ?
(ଘ) ପରବର୍ତ୍ତୀ ବୈଦିକ ଯୁଗର ଶିକ୍ଷା ବ୍ୟବସ୍ଥା କିପରି ଥିଲା ?

୬. **ପାଞ୍ଚ ବା ଛଅଟି ବାକ୍ୟରେ ନିମ୍ନ ପ୍ରଶ୍ନ ଗୁଡ଼ିକର ଉତ୍ତର ଦିଅ । (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର)**
(କ) ଋକ୍ ବୈଦିକ ସମାଜ ।
(ଖ) ପରବର୍ତ୍ତୀ ବୈଦିକ ଯୁଗର ଆର୍ଥିକ ଜୀବନ ।
(ଗ) ଆଦି ବୈଦିକ ଯୁଗର ଧର୍ମ ।
(ଘ) ବୈଦିକ ଯୁଗରେ ନାରୀର ସ୍ଥାନ ।
(ଙ) ପରବର୍ତ୍ତୀ ବୈଦିକ ଯୁଗର ରାଜନୈତିକ ସଙ୍ଗଠନ

## 'ଗ' ବିଭାଗ

## (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭ ୧/୨ ନମ୍ବର)

୭. ଆଦି ବୈଦିକ ଯୁଗର ରାଜନୈତିକ ବ୍ୟବସ୍ଥା ଓ ଧର୍ମଧାରଣା ସମ୍ପର୍କରେ ଆଲୋଚନା କର ।
୮. ଋକ୍ ବୈଦିକ ଯୁଗର ସାମାଜିକ ଓ ଅର୍ଥନୈତିକ ଅବସ୍ଥା ସମ୍ପର୍କରେ ଆଲୋକପାତ କର ।
୯. ପରବର୍ତ୍ତୀ ବୈଦିକ ଯୁଗର ସାମାଜିକ ଓ ରାଜନୈତିକ ସଙ୍ଗଠନ ଉପରେ ଆଲୋକପାତ କର ।
୧୦. ରାମାୟଣ ଓ ମହାଭାରତ ବିଷୟବସ୍ତୁ ଉପରେ ସଂକ୍ଷିପ୍ତ ପରିଚୟ ପ୍ରଦାନ କର ।

❑●❑

ତୃତୀୟ ଅଧ୍ୟାୟ :

# ପ୍ରାଚୀନ ରାଜ୍ୟ ଗଠନ ଓ ଷୋଡ଼ଶ ମହାଜନ ପଦ

## Earliest States: Sixteen Mahajanapadas

ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀରେ ବୌଦ୍ଧଧର୍ମ ଓ ଜୈନ ଧର୍ମର ଆବିର୍ଭାବ ଓ ବିକାଶ ସହ ଉତ୍ତର ଭାରତରେ ରାଜନୈତିକ ପରିବର୍ତ୍ତନ ଦେଖାଦେଇଥିଲା । ବୌଦ୍ଧ ଧର୍ମ ସମାଜରେ ବିପ୍ଳବ ଆଣିଥିଲା ଏବଂ ଏକ ନୂତନ ଯୁଗର ଆରମ୍ଭ ହୋଇଥିଲା । ଏହି ଯୁଗକୁ 'ସ୍ୱେଚ୍ଛାତନ୍ତ୍ରବାଦୀ ବା ବୃହତ୍ତ୍ୱବାଦୀ ଯୁଗ' (Age of Absolutism) ଭାବରେ ମଧ୍ୟ ବର୍ଣ୍ଣନା କରାଯାଇପାରେ । 'ଜନପଦ'ର ଆବିର୍ଭାବ ଓ ନିର୍ଦ୍ଦିଷ୍ଟ ଭୌଗୋଳିକ ଚଉହଦି ଭିତରେ ବିଭିନ୍ନ ଜନପଦର ସମ୍ମିଶ୍ରଣରେ 'ମହାଜନପଦ'ର ଉତ୍ପତ୍ତି ଓ ଦେଶ ତଥା ସାମ୍ରାଜ୍ୟ ଗଠନର ପ୍ରକ୍ରିୟା ଆରମ୍ଭ ହୋଇଥିବାର ପ୍ରମାଣ ବୌଦ୍ଧ ଧର୍ମଗ୍ରନ୍ଥ ମାନଙ୍କରୁ ମିଳିଥାଏ । ବୈଦିକ ସାହିତ୍ୟରେ 'ଜନପଦ' ସମ୍ପର୍କରେ କୌଣସି ସୂଚନା ନଥିବା ବେଳେ ବୌଦ୍ଧ ଧର୍ମଗ୍ରନ୍ଥ 'ଅଙ୍ଗୁତ୍ତରନିକାୟ', 'ଦିଘନିକାୟ', 'ଜନବାସଭସୁତ୍ତ ଏବଂ ଜୈନ ଧର୍ମଗ୍ରନ୍ଥ 'ଭଗବତି ସୂତ୍ର'ରେ 'ଜନପଦ' ଏକ ନିର୍ଦ୍ଦିଷ୍ଟ ଆଞ୍ଚଳିକ କ୍ଷେତ୍ର ଭାବରେ ବର୍ଣ୍ଣନା କରାଯାଇଛି ।

ବୌଦ୍ଧ ଧର୍ମ ଗ୍ରନ୍ଥରୁ ମିଳିଥିବା ସୂଚନା ଅନୁସାରେ ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀରେ ସମୁଦାୟ ଷୋହଳଟି ମହାଜନପଦ ଥିଲା । ଏହାକୁ 'ଷୋଡ଼ଶ ମହାଜନପଦ' କୁହାଯାଉଥିଲା । ଅଧିକାଂଶ ମହାଜନପଦ ଉତ୍ତର ଭାରତ ଓ ଉତ୍ତର-ପଶ୍ଚିମ ଭାରତରେ ଅବସ୍ଥିତ ଥିଲା । ଦକ୍ଷିଣ ଭରତ, ସିନ୍ଧୁ ଦେଶ, ବଙ୍ଗପ୍ରଦେଶ, ଆସାମ ଓ ଓଡ଼ିଶାରେ କୌଣସି ଗୋଟିଏ ହେଲେ 'ମହାଜନପଦ' ଥିବାର ସୂଚନା ଏହି ପାଲି ସାହିତ୍ୟରୁ ମିଳେ ନାହିଁ ।

'ଅଙ୍ଗୁତ୍ତରନିକାୟ' ଯାହା ବୌଦ୍ଧ 'ସୁତ ପିଟକ'ର ଏକ ଅଂଶବିଶେଷ ଅଟେ ସେଥିରୁ 'ଷୋଡ଼ଶ ମହାଜନପଦ' ସମ୍ପର୍କରେ ସୂଚନା ମିଳେ । ସେଗୁଡ଼ିକ ହେଲା- ୧) କାଶୀ ୨) ଚେଦି ୩) ଅଙ୍ଗ ୪) ମଗଧ ୫) ଭଜ୍ଜି ୬) ମଲ୍ଲ ୭) ଚେଦି ୮) ଭତ୍ସ ୯) କୁରୁ ୧୦) ପାଞ୍ଚାଳ ୧୧) ମତ୍ସ୍ୟ ୧୨) ସୁରସେନ ୧୩) ଅସକ ୧୪) ଅବନ୍ତୀ ୧୫) ଗାନ୍ଧାର ୧୬) କାମ୍ବୋଜ ।

ବୌଦ୍ଧ ସାହିତ୍ୟ 'ମହାବସ୍ତୁ' ମିଳିଥିବା ତାଲିକାରେ 'ଗାନ୍ଧାର' ଓ କାମ୍ବୋଜ' ବଦଳରେ ପଞ୍ଜାବରେ 'ସିବି' ଏବଂ ମଧ୍ୟଭାରତରେ 'ଦସନ୍ନ' ମହାଜନପଦ ବିଷୟରେ ଉଲ୍ଲେଖ ରହିଛି । ଜୈନଗ୍ରନ୍ଥ 'ଭଗବତୀ ସୂତ୍ର'ର

ତାଲିକାରେ ସାମାନ୍ୟ ବ୍ୟତିକ୍ରମ ଦେଖାଯାଏ । ଏଥିରେ 'ବଙ୍ଗ' ଏବଂ ମାଳୟକୁ ଦୁଇଟି ମହାଜନପଦ ହିସାବରେ ବର୍ଣ୍ଣିତ ହୋଇଛି । ସ୍ଥାନ ନିରୂପଣର ଏହି ବ୍ୟତିକ୍ରମର ମୁଖ୍ୟ କାରଣ ହେଉଛି ଉଭୟ ମହାବୀର ଜୈନ ଏବଂ ଗୌତମବୁଦ୍ଧ ଯେଉଁ ଯେଉଁ ସ୍ଥାନକୁ ପରିଭ୍ରମଣରେ ଯାଇଛନ୍ତି ଏବଂ ଯେଉଁ ଜନପଦର ରାଜାମାନଙ୍କର ପୃଷ୍ଠପୋଷକତା ଗ୍ରହଣ କରିଛନ୍ତି ସେସବୁ ସ୍ଥାନର ଗୁରୁତ୍ୱ ସମ୍ପର୍କରେ ଧର୍ମଗ୍ରନ୍ଥ ମାନଙ୍କରେ ଆଲୋଚନା କରାଯାଇଛି । ତେବେ ଉଭୟ ଧର୍ମର ଧର୍ମଗ୍ରନ୍ଥରେ '୧୬' ସଂଖ୍ୟାକୁ ପାରମ୍ପରିକ ଭାବରେ ବ୍ୟବହାର କରାଯାଇଛି ।

ତେବେ ଷୋଡ଼ଶ ମହାଜନର ଇତିହାସ ଏବଂ ଐତିହାସିକ ଭୂଗୋଳ ନିମ୍ନରେ ପ୍ରଦତ୍ତ କରାଯାଇଛି ।

**୧. କାଶୀ :** ସମସ୍ତ ମହାଜନପଦ ମାନଙ୍କ ମଧ୍ୟରୁ 'କାଶୀ' ପ୍ରଥମେ ଅତ୍ୟନ୍ତ ଶକ୍ତିଶାଳୀ ଥିଲା । ବର୍ତ୍ତମାନର ବାରଣାସୀ ଜିଲ୍ଲାରେ ଏହା ଅବସ୍ଥିତ ଥିଲା । ବର୍ତ୍ତମାନର ବନାରସ୍ ସହର ବା ବାରଣାସୀ ଏହାର ରାଜଧାନୀ ଥିଲା । ଗଙ୍ଗା ଓ ଗୋମତୀ ନଦୀର ସଙ୍ଗମ ସ୍ଥଳରେ ଏହା ଗଢ଼ି ଉଠିଥିଲା । ରାଜଘାଟର ପ୍ରତ୍ନତାତ୍ତ୍ୱିକ ଅବଶେଷରୁ ଜଣାଯାଏ ଯେ ବାରଣାସୀ ଏକ ସମୃଦ୍ଧ ସହର ଥିଲା । ଗୌତମବୁଦ୍ଧଙ୍କ ସମୟରେ ଏହା 'କପଡ଼ା' ଉତ୍ପାଦନ କେନ୍ଦ୍ର ଭାବରେ ପ୍ରସିଦ୍ଧିଲାଭ କରିଥିଲା । 'ଦଶରଥ ଜାତକ'ରେ ରାମଙ୍କୁ କାଶୀର ରାଜା ହିସାବରେ ବର୍ଣ୍ଣନା କରାଯାଇଛି । ଜୈନଧର୍ମର ୨୩ତମ ତୀର୍ଥଙ୍କର ପାର୍ଶ୍ୱନାଥଙ୍କର ପିତା ଏଠାରେ ଶାସନ କରିଥିବାର ସୂଚନା ମିଳେ । ବନାରସ୍ ନିକଟରେ ଥିବା 'ସାରନାଥ' ଠାରେ ଗୌତମବୁଦ୍ଧ ତାଙ୍କର ପ୍ରଥମ ଧର୍ମ ପ୍ରବର୍ତ୍ତନ କରିଥିଲେ । ତେବେ ଗୌତମବୁଦ୍ଧଙ୍କର ସମୟରେ ଏହା 'କୋଶଳ' ମହାଜନପଦ ଦ୍ୱାରା ଅଧିକୃତ ହୋଇଥିଲା । ଯାହାଫଳରେ ମଗଧ ଓ କୋଶଳ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା ।

**୨. କୋଶଳ :** କୋଶଳ ରାଜ୍ୟ ବର୍ତ୍ତମାନର ଉତ୍ତରପ୍ରଦେଶର ଫଇଜାବାଦ, ଗଣ୍ଡା ଏବଂ ବାହାରାଇଚ୍ ଅଞ୍ଚଳରେ ବିସ୍ତୃତି ଲାଭ କରିଥିଲା । ସରାୟୁ ନଦୀ ଦ୍ୱାରା ଏହା ଦୁଇ ଭାଗରେ ବିଭକ୍ତ । ଉତ୍ତର କୋଶଳର ରାଜଧାନୀ ଶ୍ରାବସ୍ତି ଏବଂ ଦକ୍ଷିଣ କୋଶଳର ରାଜଧାନୀ କୁଶବତୀ ଠାରେ ଥିଲା । କପିଳବସ୍ତୁର ଶାକ୍ୟ ସମ୍ପ୍ରଦାୟର ଲୋକମାନେ କୋଶଳର ଶାସନାଧିନ ଥିଲେ । କୋଶଳରେ ଥିବା ସହରଗୁଡ଼ିକ ହେଲା ଅଯୋଧ୍ୟା, ସାକେତ, କପିଳବସ୍ତୁ ଏବଂ ଶ୍ରାବସ୍ତି । ଗୌତମବୁଦ୍ଧଙ୍କ ସମୟରେ ପ୍ରସେନଜିତ୍ କୋଶଳର ରାଜା ଥିଲେ । ପରବର୍ତ୍ତୀ ସମୟରେ କୋଶଳ ରାଜ୍ୟ ମଗଧ ରାଜ୍ୟର ଶତ୍ରୁଭାବରେ ଆବିର୍ଭାବ ହୋଇଥିଲା ।

**୩. ଅଙ୍ଗ :** ବିହାରର ଭାଗଲପୁର ଏବଂ ମୁଙ୍ଗେର ଜିଲ୍ଲାରେ ଏହା ଅବସ୍ଥିତ ଥିଲା । ଉତ୍ତରରେ କୋଶି ନଦୀ ପର୍ଯ୍ୟନ୍ତ ଏହା ବିସ୍ତୃତ ଏବଂ ପୂର୍ଣ୍ଣିଆ ଜିଲ୍ଲାର କିଛି ଅଞ୍ଚଳ ଏହାର ଅଧିନରେ ଥିଲା । 'ମଗଧ' ରାଜ୍ୟର ପୂର୍ବ ଏବଂ ରାଜମହଲ ପର୍ବତମାଳାର ପଶ୍ଚିମରେ ଏହା ବିସ୍ତୃତିଲାଭ କରିଥିଲା । ଗଙ୍ଗା ଓ ଚମ୍ପା ନଦୀର ସଙ୍ଗମ ସ୍ଥଳରେ ଅବସ୍ଥିତ 'ଚମ୍ପା' ସହର ଏହାର ରାଜଧାନୀ ଥିଲା । ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀରେ ଥିବା ୬ଟି ମୁଖ୍ୟ ସହରମାନଙ୍କ ମଧ୍ୟରେ ଚମ୍ପା ନଗରୀ ଅନ୍ୟତମ ଥିଲା । ସେହି ସମୟରେ ଏହା ମଗଧ ଦ୍ୱାରା ଅଧିକୃତ ହୋଇଥିଲା ।

**୪. ମଗଧ :** ବର୍ତ୍ତମାନର ବିହାର ରାଜ୍ୟର ପାଟଣା ଏବଂ ଗୟା ଅଞ୍ଚଳରେ ଏହା ଅବସ୍ଥିତ ଥିଲା । ଦକ୍ଷିଣରେ ଛୋଟନାଗପୁର ଉପତ୍ୟକା ପର୍ଯ୍ୟନ୍ତ ଏହା ବିସ୍ତାରଲାଭ କରିଥିଲା । ଉତ୍ତରରେ 'ସୋନ୍‌ନଦୀ' ଏବଂ

ପଶ୍ଚିମରେ ଗଙ୍ଗା ନଦୀ ଦ୍ୱାରା ଏହା ସୁରକ୍ଷିତ ଥିଲା। ପୂର୍ବଦିଗରେ ଚମ୍ପାନଦୀ 'ଅଙ୍ଗ' ରାଜ୍ୟଠାରୁ ଏହାକୁ ପୃଥକ୍ କରି ଦେଇଥିଲା। ପ୍ରଥମେ ଏହାର ରାଜଧାନୀ 'ରାଜଗୃହ' ବା ଗିରିବ୍ରଜ ଥିଲା। ରାଜଗୃହ ସହରର ଚାରିପଟେ ଥିବା ୫ଟି ପର୍ବତମାଳା ଏହାକୁ ଆବଦ୍ଧ କରି ରଖିଥିଲା। ପରବର୍ତ୍ତୀ ସମୟରେ ଖ୍ରୀ.ପୂ. ପଞ୍ଚମ ଶତାବ୍ଦୀରେ ରାଜଧାନୀକୁ ପାଟଳୀପୁତ୍ର ସହରକୁ ଉଠାଇ ଅଣାଯାଇଥିଲା। ବ୍ରାହ୍ମଣ ଧର୍ମଗ୍ରନ୍ଥ ଗୁଡ଼ିକରେ ମଗଧବାସୀଙ୍କୁ ମିଶ୍ରିତ ଜାତିର ବୋଲି ବର୍ଣ୍ଣନା କରାଯାଇଛି ଏବଂ ଏହି ଦେଶରେ 'ବର୍ଣ୍ଣ' ବ୍ୟବସ୍ଥା ଠିକ୍ ଭାବରେ ପରିଚାଳିତ ହେଉ ନଥିବାର ଲିଖିତ ଅଛି। କିନ୍ତୁ ବୌଦ୍ଧ ଧର୍ମଗ୍ରନ୍ଥଗୁଡ଼ିକରେ ମଗଧକୁ ବହୁତ ପ୍ରାଧାନ୍ୟ ଦିଆଯାଇଛି। ଏହି ଅଞ୍ଚଳରେ ଗୌତମବୁଦ୍ଧ ଜ୍ଞାନଲାଭ କରିଥିଲେ। ଗୌତମବୁଦ୍ଧ ଅନେକଥର ରାଜଗୃହକୁ ଆସିଥିବାର ସୂଚନା ମିଳେ। ମଗଧ ସମ୍ରାଟ ବିମ୍ବିସାର ଓ ଅଜାତଶତ୍ରୁଙ୍କ ସହ ଗୌତମବୁଦ୍ଧଙ୍କର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଥିଲା। ଏହାର ଚାଷ ଜମିଗୁଡ଼ିକ ଉର୍ବର ଥିଲା ଏବଂ ଦକ୍ଷିଣ ବିହାର ଲୁହା ପଥର ଖଣିରେ ଭରପୂର ଥିଲା। ଗଙ୍ଗାନଦୀ, ଗଣ୍ଡକ ଓ ସୋନନଦୀରେ ନୌପରିବହନ ପାଇଁ ଯଥେଷ୍ଟ ସୁବିଧା ହେଉଥିଲା। ମଗଧ ସମ୍ରାଟ ବିମ୍ବିସାର ୮୦,୦୦୦ ଗ୍ରାମର ଗ୍ରାମିଣୀ ମାନଙ୍କର ଏକ ସଭା ଆୟୋଜନ କରିଥିବାର ସୂଚନା ଅଛି। ଗ୍ରାମମାନଙ୍କର ସଂଖ୍ୟା ହୁଏତ ଅତିରଞ୍ଜିତ ହୋଇଥାଇପାରେ କିନ୍ତୁ ଗ୍ରାମଗୁଡ଼ିକ ଯେ ଶାସନ ବ୍ୟବସ୍ଥାର ଏକ ମୌଳିକ ଅଙ୍ଗ ଥିଲା, ତାହା ନିଃସନ୍ଦେହରେ କୁହାଯାଇପାରେ। ବୈଶାଳୀର ଭଜ୍ଜୀ ସମ୍ପ୍ରଦାୟର ଲୋକମାନଙ୍କ ଉପରେ ମଗଧର ପ୍ରାଧାନ୍ୟ ରହିଥିଲା। ଖ୍ରୀ.ପୂ. ୪ର୍ଥ ଶତାବ୍ଦୀରେ ମଗଧ ଏକ ବିଶାଳ ସାମ୍ରାଜ୍ୟ ଭାବରେ ଉଭା ହୋଇଥିଲା।

**୫. ଭଜ୍ଜୀ :** ଭଜ୍ଜୀ ଗଣସଂଘ ବିହାରର ବୈଶାଳୀ ଜିଲ୍ଲାରେ ଅବସ୍ଥିତ। ଗଙ୍ଗାନଦୀର ଉତ୍ତର ଅବବାହିକାରେ ଏମାନଙ୍କର ଉପସ୍ଥିତି ଥିଲା। ଏହା ଉତ୍ତରରେ ନେପାଳ ପର୍ଯ୍ୟନ୍ତ ବିସ୍ତୃତ। ଗଣ୍ଡକ ନଦୀ ଏହାକୁ କୋଶଳ ରାଜ୍ୟଠାରୁ ପୃଥକ୍ କରିଥିଲା। ଅନ୍ୟ ମହାଜନପଦର ରାଜନୈତିକ ସଙ୍ଗଠନ ଠାରୁ ଏହାର ରାଜନୈତିକ ବ୍ୟବସ୍ଥା ଭିନ୍ନ ଥିଲା। ସାମ୍ପ୍ରତିକ ଗ୍ରନ୍ଥରୁ ଏଭଳି ବ୍ୟବସ୍ଥାକୁ ଗଣସଂଘ ବୋଲି ବର୍ଣ୍ଣନା କରାଯାଇଥାଏ। ସେ ସମୟରେ ଏଭଳି ରାଜ୍ୟଗୁଡ଼ିକ କୌଣସି ଜଣେ ରାଜାଙ୍କ ଦ୍ୱାରା ଶାସିତ ହେଉ ନ ଥିଲା। କ୍ଷତ୍ରୀୟ ମୁଖ୍ୟମାନଙ୍କର ଏକ ଗୋଷ୍ଠୀଗତ ଶାସନ ବ୍ୟବସ୍ଥା ଦ୍ୱାରା ଏଗୁଡ଼ିକ ଶାସିତ ହେଉଥିଲା।

ଭଜ୍ଜୀ ଗଣସଂଘରେ ୮ଟି ବିଭିନ୍ନ ସମ୍ପ୍ରଦାୟର ଲୋକ ବସବାସ କରୁଥିଲେ। ସେମାନଙ୍କ ମଧ୍ୟରେ ମୁଖ୍ୟ ଥିଲେ ବିଦେହ, ଲିଚ୍ଛବି ଏବଂ ଜ୍ଞାତ୍ରିକ ଇତ୍ୟାଦି। ସେମାନଙ୍କର ଜୀବିକା ଥିଲା ଗୋପାଳନ ଏବଂ ସେମାନେ ଯାଯାବର ଜୀବନଯାପନ କରୁଥିଲେ। ବିଦେହର ରାଜଧାନୀ ମିଥିଳାରେ ଥିଲା। ଏହାକୁ ନେପାଳରେ ଅବସ୍ଥିତ ଜନକପୁର ସହ ଚିହ୍ନଟ କରାଯାଇଛି। ଲିଚ୍ଛବି ମାନଙ୍କର ରାଜଧାନୀ ବୈଶାଳୀରେ ଥିଲା। ବୈଶାଳୀ ଏକ ସମୃଦ୍ଧ ସହର ଥିଲା। ବୈଶାଳୀର ନିକଟବର୍ତ୍ତୀ ଅଞ୍ଚଳରେ ଜ୍ଞାତ୍ରିକମାନେ ବସବାସ କରୁଥିଲେ। ମହାବୀର ଜୈନ ଏହି ସମ୍ପ୍ରଦାୟର ବ୍ୟକ୍ତି ଥିଲେ। ଏହା ବ୍ୟତୀତ ଅନ୍ୟ ସମ୍ପ୍ରଦାୟ ଗୁଡ଼ିକ ହେଲା ଉଗ୍ର, ଭୋଗ, କୌରବ ଏବଂ ଐକ୍ଷଭକୁ। ଏ ସବୁ ସମ୍ପ୍ରଦାୟ ଗୁଡ଼ିକ ମିଶିକରି ଏକ ଗଣସଂଘ ଗଠନ କରିଥିଲେ। ସେମାନଙ୍କର ଶାସନ ଏକ ସଭା ଦ୍ୱାରା ପରିଚାଳିତ ହେଉଥିଲା। ସମଗ୍ର ଭଜ୍ଜୀ ଗଣସଂଘର ରାଜଧାନୀ ବୈଶାଳୀଠାରେ ଥିଲା। ମଗଧ ସମ୍ରାଟ ଅଜାତଶତ୍ରୁ ଏହି ଗଣସଂଘକୁ ଧ୍ୱଂସ କରିଦେଇଥିଲେ।

**୬. ମଲ୍ଲ :** ମଲ୍ଲ ଅନ୍ୟ ଏକ ଗଣସଂଘ ଅଟେ । ଏହାର ଅଧିବାସୀମାନେ ମୁଖ୍ୟତଃ କ୍ଷତ୍ରୀୟ ବର୍ଣ୍ଣର । ଏହାର ଦୁଇଟି ରାଜଧାନୀ ଥିଲା ଯଥା- ପାଭା ଏବଂ କୁଶିନଗର । କୁଶିନଗରକୁ ଉତ୍ତରପ୍ରଦେଶର ଗୋରଖପୁର ଜିଲ୍ଲାର କାଶିଆ ନାମକ ସ୍ଥାନ ସହ ଚିହ୍ନଟ କରାଯାଇଛି । କିନ୍ତୁ ପାଭାର ପ୍ରକୃତ ଅବସ୍ଥିତି ସମ୍ପର୍କରେ ଗବେଷକ ମାନେ ଭିନ୍ନ ମତପୋଷଣ କରନ୍ତି । ମଲ୍ଲରାଜ୍ୟ ୫୦୦ ସଭ୍ୟବିଶିଷ୍ଟ ଏକ ସଭା ଦ୍ୱାରା ଶାସିତ ହୋଇଥିଲା । ଗୌତମବୁଦ୍ଧଙ୍କର ମୃତ୍ୟୁପରେ ମଲ୍ଲବାସୀମାନେ ତାଙ୍କର ଶେଷକୃତ୍ୟ କୁଶିନଗରଠାରେ ସମ୍ପନ୍ନ କରିଥିଲେ ।

**୭. ଚେଦି :** ଚେଦି ରାଜ୍ୟ ମାଲୱା ଉପତ୍ୟକାର ବୁନ୍ଦେଲଖଣ୍ଡ ଅଞ୍ଚଳରେ ଅବସ୍ଥିତ ଥିଲା । ମହାଭାରତରୁ ଜଣାଯାଏ ଯେ ଶ୍ରୀକୃଷ୍ଣଙ୍କର ଶତ୍ରୁ ଶିଶୁପାଳ ଚେଦି ଦେଶର ରାଜା ଥିଲେ । ଏହି ମହାକାବ୍ୟରୁ ଜଣାଯାଇଛି ଯେ ମତ୍ସ୍ୟ ଓ କାଶୀ ଦେଶର ରାଜାଙ୍କ ସହ ଚେଦି ରାଜାଙ୍କର ସୁସମ୍ପର୍କ ଥିଲା । ମଧ୍ୟପ୍ରଦେଶର 'ବଣ୍ଡା' ଜିଲ୍ଲାରେ ଅବସ୍ଥିତ ସୁକ୍ତିମତି ସହର ଚେଦିମାନଙ୍କର ରାଜଧାନୀ ଥିଲା । ଚେଦି ରାଷ୍ଟ୍ରର ଅନ୍ୟ ସହର ଗୁଡ଼ିକ ହେଲା ସହଜାତି ଏବଂ ତ୍ରିପୁରୀ ।

**୮. ଭତ୍ସ :** ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀର ଅନ୍ୟ ଏକ ପ୍ରଭାବଶାଳୀ ମହାଜନପଦ ହେଲା ଭତ୍ସ । ଏହାର ରାଜଧାନୀର ନାମ ଥିଲା କୌଶାମ୍ବୀ । କୌଶାମ୍ବୀ ବର୍ତ୍ତମାନ ଆଲହାବାଦ ସହରର ପ୍ରାଚୀନ ନାମ ଅଟେ । ପୁରାଣର ବିବରଣୀ ଅନୁସାରେ ହସ୍ତିନାପୁର ଗୋଟିଏ ବନ୍ୟାରେ ଧୋଇଯିବା ପରେ ପାଣ୍ଡବ ବଂଶଜ ନିଚକ୍ଷୁ ରାଜଧାନୀକୁ କୌଶାମ୍ବୀକୁ ଉଠାଇ ଆଣିଥିଲେ । ନାଟ୍ୟକାର ଭାସ ତାଙ୍କର ନାଟକ 'ସ୍ୱପ୍ନବାସବଦତ୍ତା'ରେ ଭତ୍ସ ରାଜା ଉଦୟନ ଓ ଅବନ୍ତୀ ରାଜକୁମାରୀ ବାସବଦତ୍ତାଙ୍କ ପ୍ରେମକାହାଣୀ ସମ୍ପର୍କରେ ଆଲୋକପାତ କରିଛନ୍ତି । ମଗଧ, ଭତ୍ସ ଏବଂ ଅବନ୍ତୀ ମହାଜନପଦ ମଧ୍ୟରେ ଘଟିଥିବା ସଂଘର୍ଷ ସମ୍ପର୍କରେ ମଧ୍ୟ ଏଥିରୁ ଆଭାସ ମିଳେ ।

**୯. କୁରୁ :** ମହାଭାରତରେ ବର୍ଣ୍ଣିତ 'କୁରୁ' ରାଷ୍ଟ୍ର ସହ ଏହି 'କୁରୁ' ମହାଜନପଦକୁ ଚିହ୍ନଟ କରାଯାଇପାରେ । ଏଠାରେ ସ୍ୱେଚ୍ଛାଚାରୀ ରାଜତନ୍ତ୍ର ଥିବାର ପ୍ରମାଣ ଐତିହାସିକ ତଥ୍ୟରୁ ମିଳେ ନାହିଁ । 'କୁରୁ' ରାଜ୍ୟରେ ଅନେକ ରାଜଧାନୀ ଥିବାର ସୂଚନା ମିଳେ । ସେଗୁଡ଼ିକ ହେଲା ହସ୍ତିନାପୁର, ଇନ୍ଦ୍ରପ୍ରସ୍ଥ, ଇସୁକର ଇତ୍ୟାଦି । ଏହି କୁରୁ ରାଜ୍ୟର ଅବସ୍ଥିତି ଦିଲ୍ଲୀ- ମିରଟ ଅଞ୍ଚଳରେ ଥିଲା । 'ମହାଭାରତ' ମହାକାବ୍ୟରେ ଦିଆଯାଇଥିବା 'ମହାଭାରତ' ଯୁଦ୍ଧର ବିବରଣୀ ଅତ୍ୟନ୍ତ ରୋମାଞ୍ଚକର ଓ ପ୍ରଭାବଶାଳୀ ଅଟେ । ସମଗ୍ର ଭାରତବର୍ଷରେ ବ୍ରାହ୍ମଣ୍ୟଧର୍ମର ପ୍ରସାରରେ ମହାଭାରତର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ।

**୧୦. ପାଞ୍ଚାଳ :** ପାଞ୍ଚାଳ ମହାଜନପଦ ରୋହିଲାଖଣ୍ଡ ଓ କେନ୍ଦ୍ରୀୟ ଦୋଆବ ଅଞ୍ଚଳରେ ଅବସ୍ଥିତ ଥିଲା । ବର୍ତ୍ତମାନର ବରେଲୀ, ପିଲିଭିଟ୍, ବାଦାଉନ୍, ବୁଲନ୍ଦସର ଓ ଆଲିଗଡ଼ ଇତ୍ୟାଦି ସହର ପାଞ୍ଚାଳ ମହାଜନପଦ ଅଞ୍ଚଳର ସୀମା ଭିତରେ ଅବସ୍ଥିତ । 'ପାଞ୍ଚାଳ' ରାଜ୍ୟ ଭାଗୀରଥି ନଦୀ ଯୋଗୁଁ ଦୁଇ ଭାଗରେ ବିଭକ୍ତ ଯଥା ଉତ୍ତର ପାଞ୍ଚାଳ ଓ ଦକ୍ଷିଣ ପାଞ୍ଚାଳ । ଉତ୍ତର ପାଞ୍ଚାଳର ରାଜଧାନୀ ଅହିଚ୍ଛତ୍ରରେ ଥିଲା ଯାହା ବର୍ତ୍ତମାନର ବରେଲୀ ସହର ଅଟେ ଏବଂ ଦକ୍ଷିଣ ପାଞ୍ଚାଳର ରାଜଧାନୀ କାମ୍ପିଲ୍ୟ ଠାରେ ଥିଲା । ମହାଭାରତର ବର୍ଣ୍ଣନା ଅନୁସାରେ ପାଞ୍ଚାଳ ରାଜ୍ୟ ସହ କୁରୁରାଜ୍ୟର ସମ୍ପର୍କ ରହିଥିଲା । ତେବେ ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀବେଳକୁ ଏହାର କୌଣସି ରାଜନୈତିକ ଗୁରୁତ୍ୱ ନ ଥିଲା । ପାଞ୍ଚାଳରେ ଏକ 'ଗଣସଂଘ' ଥିବାର ଗବେଷକମାନେ ମତ ଦିଅନ୍ତି ।

**୧୧. ମତ୍ସ୍ୟ :** ମତ୍ସ୍ୟ ମହାଜନପଦ ରାଜସ୍ଥାନର ଜୟପୁର-ଭାରତପୁର-ଆଲୱାର ଅଞ୍ଚଳରେ ଅବସ୍ଥିତ ଥିଲା । ଏହାର ରାଜଧାନୀ 'ମହାଭାରତ'ରେ ବର୍ଣ୍ଣିତ 'ବିରାଟ ନଗର'ରେ ଥିଲା । କୃଷି ମତ୍ସ୍ୟଦେଶର ଲୋକମାନଙ୍କର ମୁଖ୍ୟ ଜୀବିକା ଥିଲା । 'ଜୟପୁର' ଜିଲ୍ଲାରେ ଅବସ୍ଥିତ 'ବୈରାଟ' ନାମକ ସ୍ଥାନରୁ ଅଶୋକଙ୍କର ଶିଳାଲିପି ମିଳିଛି । ଏହାକୁ ବିରାଟ ନଗରୀ ବୋଲି ଚିହ୍ନଟ କରାଯାଇପାରେ ।

**୧୨. ସୁରସେନ :** ଏହା ଯମୁନା ନଦୀକୂଳରେ ମଥୁରା ଅଞ୍ଚଳରେ ଅବସ୍ଥିତ ଥିଲା । ଏହାର ରାଜଧାନୀ 'ମଥୁରା' ନଗରୀ ଅଟେ । ମହାଭାରତ ଓ ପୁରାଣର ବର୍ଣ୍ଣନା ଅନୁସାରେ ମଥୁରାର ରାଜବଂଶକୁ ଯଦୁବଂଶୀ ବୋଲି କୁହଯାଇଥାଏ । ଭୌଗୋଳିକ ଦୃଷ୍ଟିକୋଣରୁ ଏହାର ଅବସ୍ଥିତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ପ୍ରାଚୀନ ଭାରତରେ ବାଣିଜ୍ୟପଥରେ ଉତ୍ତରାପଥ ଓ ଦକ୍ଷିଣ ପଥର ସଂଗମସ୍ଥଳରେ ଏହା ଅବସ୍ଥିତ । ଏଠାରେ ଏକ 'ଗଣସଂଘ' ଥିବାର ସୂଚନା ମିଳେ ।

**୧୩. ଅସକ :** ମହାରାଷ୍ଟ୍ରରେ ଗୋଦାବରୀ ନଦୀକୂଳରେ ଅବସ୍ଥିତ 'ପଇଠନ୍' ଅଞ୍ଚଳରେ ଅସକ ଅଧିବାସୀମାନେ ବସବାସ କରୁଥିଲେ । ସେମାନଙ୍କର ରାଜଧାନୀ 'ପ୍ରତିଷ୍ଠାନ' ବା 'ପଇଠନ୍'ରେ ଥିଲା । ଉତ୍ତରଭାରତ ଓ ଦକ୍ଷିଣ ଭାରତର ବାଣିଜ୍ୟପଥ ଏହି ସହର ଦେଇ ଅତିକ୍ରମ କରୁଥିଲା । ଏହାର ଆଉ ଅନ୍ୟ କିଛି ବିଶେଷତ୍ୱ ନାହିଁ ।

**୧୪. ଅବନ୍ତୀ :** ଖ୍ରୀ.ପୂ. ୬ଷ୍ଠ ଶତାବ୍ଦୀରେ ଏହା ଏକ ପ୍ରଭାବଶାଳୀ ମହାଜନପଦ ଥିଲା । ମଧ୍ୟପ୍ରଦେଶର 'ଉଜ୍ଜୟିନୀ' ସହରରେ ଏହାର ରାଜଧାନୀ ଥିଲା । 'ମହିସ୍ମତି' ଅବନ୍ତୀର ଅନ୍ୟ ଏକ ମୁଖ୍ୟ ସହର ଥିଲା । 'ପୁରାଣ'ର ବିବରଣୀ ଅନୁସାରେ 'ଅବନ୍ତୀ' ରାଜ୍ୟରେ ଯଦୁବଂଶୀୟ ରାଜାମାନେ ଶାସନ କରୁଥିଲେ । ଖ୍ରୀ.ପୂ. ୬ଷ୍ଠ ଶତାବ୍ଦୀରେ 'ପ୍ରଦ୍ୟୋତ' ନାମକ ଜଣେ ଶକ୍ତିଶାଳୀ ରାଜା ଶାସନ କରୁଥିଲେ । ସେ 'ବତ୍ସ' ରାଜ୍ୟକୁ ଦଖଲ କରିନେଇଥିଲେ । ଏପରିକି ମଗଧର ରାଜା 'ଅଜାତଶତ୍ରୁ' ତାଙ୍କୁ ଭୟ କରୁଥିବାର ସୂଚନା ମିଳେ ।

**୧୫. ଗାନ୍ଧାର :** ଆଫଗାନିସ୍ତାନର କାବୁଲ ଓ ପାକିସ୍ତାନର 'ରାୱଲପିଣ୍ଡି'ର ମଧ୍ୟବର୍ତ୍ତୀ ଅଞ୍ଚଳରେ ଏହା ଅବସ୍ଥିତ ଥିଲା । ଏହାର ରାଜଧାନୀ 'ତକ୍ଷଶୀଳା'ରେ ଥିଲା । ତକ୍ଷଶୀଳାରେ ଏକ ବିଶ୍ୱବିଦ୍ୟାଳୟ ଥିବାର ସୂଚନା ମିଳେ । ପୁକ୍କୁସତି ନାମକ ଜଣେ ରାଜା ଖ୍ରୀ.ପୂ. ୬ଷ୍ଠ ଶତାବ୍ଦୀରେ ଏଠାରେ ଶାସନ କରୁଥିଲେ । ମଗଧ ରାଜା 'ବିମ୍ବିସାରଙ୍କ' ସହ ତାଙ୍କର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଥିଲା ।

**୧୬. କାମ୍ବୋଜ :** ଏହା 'ଗାନ୍ଧାର' ଦେଶର ପଡ଼ୋଶୀ ରାଜ୍ୟ ଥିଲା । ଆଫଗାନିସ୍ତାନର କାବୁଲ ଉପତ୍ୟକା ଓ କାଶ୍ମୀରର ପୁଞ୍ଚ ଅଞ୍ଚଳରେ ଏହାର ଅବସ୍ଥିତି । ବ୍ରାହ୍ମଣ ସାହିତ୍ୟରୁ ଜଣାଯାଏ ଯେ ଏଠାର ଲୋକମାନେ ସଂସ୍କୃତିସମ୍ପନ୍ନ ନ ଥିଲେ । କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରେ କାମ୍ବୋଜର ଅଧିବାସୀମାନେ କୃଷିକାର୍ଯ୍ୟ, ଗୋପାଳନ ଓ ବାଣିଜ୍ୟ କାରବାର କରି ଜୀବିକାର୍ଜନ କରୁଥିବାର ଉଲ୍ଲେଖ କରାଯାଇଛି ।

ଏହି 'ମହାଜନପଦ' ଗୁଡ଼ିକରେ ଦୁଇ ପ୍ରକାରର ରାଜନୈତିକ ବ୍ୟବସ୍ଥା ଦେଖାଯାଏ । ଅଧିକାଂଶରେ ରାଜତନ୍ତ୍ର ପ୍ରଚଳିତ ଥିବାବେଳେ କିଛି ମହାଜନପଦରେ 'ଗଣସଂଘ' ବ୍ୟବସ୍ଥା ଥିଲା । 'ଗଣସଂଘ' ବ୍ୟବସ୍ଥା ଥିବା ରାଜ୍ୟଗୁଡ଼ିକ ହେଲା- (୧) କୁଶିନାରାର ମଲ୍ଲ ସମ୍ପ୍ରଦାୟ (୨) ପାଭାର ମଲ୍ଲା ସମ୍ପ୍ରଦାୟ (୩) କପିଳବସ୍ତୁର ଶାକ୍ୟ

(୪) ରାମଗ୍ରାମରେ 'କୋଲିୟ' (୫) ପିପ୍ପଳୀବନର 'ମୋରିୟ' ସମ୍ପ୍ରଦାୟ (୬) ଅଳକପ୍ପର 'ବୁଲ୍ଲି' ସମ୍ପ୍ରଦାୟ (୭) କେଶପୁତର 'କଲମ' (୮) ଶୁଂଶୁମାରଗିରୀର 'ଭାଗଗ'ମାନେ (୯) ବୈଶାଳୀର 'ଲିଚ୍ଛବୀ' ସମ୍ପ୍ରଦାୟ।

ବୌଦ୍ଧ ଧର୍ମ ଗ୍ରନ୍ଥରେ ଉଲ୍ଲେଖ ରହିଛି ଯେ 'ମଲ୍ଲ' ମହାଜନପଦରେ ୯ଟି ଗଣସଂଘ ଏବଂ କାଶୀ ମହାଜନପଦରେ ୯ଟି ଗଣସଂଘ ଥିଲା। ଏହି ଗଣସଂଘଗୁଡ଼ିକ ମିଳିତଭାବରେ 'ଭଜ୍ଜୀ' ମହାଜନପଦକୁ ମଗଧର ସାମ୍ରାଜ୍ୟବାଦୀ ଆକ୍ରମଣକୁ ପ୍ରତିହତ କରିବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ 'ଭଜ୍ଜୀ' ଗଣସଂଘ ପରାସ୍ତ ହୋଇଥିଲା ଏବଂ ମଗଧ ସାମ୍ରାଜ୍ୟ ସହିତ ମିଶି ଯାଇଥିଲା। ମହାଜନପଦମାନଙ୍କ ମଧ୍ୟରୁ ମଗଧ, କୋଶଳ, କାଶୀ ଏବଂ ଭତ୍ସର ରାଜାମାନେ ଗୌତମବୁଦ୍ଧଙ୍କୁ ପୃଷ୍ଠପୋଷକତା ପ୍ରଦାନ କରିଥିଲେ।

ସଂସ୍କୃତ ସାହିତ୍ୟ ପୁସ୍ତକଗୁଡ଼ିକରେ ରାଜାମାନଙ୍କୁ ସ୍ୱେଚ୍ଛାଚାରୀ ବୋଲି ବର୍ଣ୍ଣନା କରାଯାଇଛି ଏବଂ ରାଜାମାନଙ୍କର ଉତ୍ପତ୍ତି ଦେବତା ମାନଙ୍କଠାରୁ ହୋଇଛି ବୋଲି ଲିପିବଦ୍ଧ ଅଛି। ରାଜାମାନଙ୍କୁ ବ୍ରାହ୍ମଣ ଋଷିମାନେ ସୃଷ୍ଟି କରିଥିବାର ବର୍ଣ୍ଣନା ମଧ୍ୟ ଅଛି। ପାଲି ପୁସ୍ତକ ଗୁଡ଼ିକରେ 'ରାଜପଦ' ଏକ ସାମାଜିକ ଚୁକ୍ତିରୁ ସୃଷ୍ଟି ବୋଲି ଲିଖିତ ରହିଛି। ତେବେ ରାଜାମାନେ ଏକ ଶୃଙ୍ଖଳିତ ସାଙ୍ଗଠନିକ ପ୍ରଶାସନ ସୃଷ୍ଟି କରିଥିବାର 'ପାଣିନୀ'ଙ୍କର 'ବ୍ୟାକରଣ' ଏବଂ ଚାଣକ୍ୟଙ୍କ 'ଅର୍ଥଶାସ୍ତ୍ର'ରୁ ସୂଚନା ମିଳେ। ପ୍ରଶାସନିକ ବ୍ୟବସ୍ଥା ରାଜାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହେଉଥିଲା।

'ମହାଜନପଦ' ଗୁଡ଼ିକ କେବଳ ଯେ ରାଜନୈତିକ ସଙ୍ଗଠନର ଏକକ ଥିଲା ତାହା ନୁହେଁ। ଏଗୁଡ଼ିକ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଗୁଡ଼ିକୁ ସଂଗଠିତ କରିବାରେ ସାହାଯ୍ୟ କରିଥିଲା। 'ମହାଜନପଦ'ଗୁଡ଼ିକର ବିଶାଳ ଭୌଗୋଳିକ ପରସୀମା ଭିତରେ ବର୍ଣ୍ଣ, ଗ୍ରାମ, ନିଗମ ଏବଂ ସହର ଗୁଡ଼ିକୁ ଏକତ୍ରିତ କରିବାରେ ସହାୟକ ହୋଇଥିଲା।

## ସାରାଂଶ

ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀରେ 'ମହାଜନପଦ' ଗୁଡ଼ିକର ଉତ୍ଥାନ ଓ ବିକାଶ ଫଳରେ ଉତ୍ତର ଭାରତରେ ଗାଙ୍ଗେୟ ସମତଳଭୂମି ଏବଂ ନିକଟବର୍ତ୍ତୀ ଅଞ୍ଚଳମାନଙ୍କରେ ନୂତନ ରାଜନୈତିକ ସମୀକରଣର ଉଦ୍ଭବ ହେଲା ଏବଂ ସମାଜରେ ମଧ୍ୟ ଅନେକ ପରିବର୍ତ୍ତନ ଆସିଲା। ଅଙ୍ଗ, ମଗଧ, ଭଜ୍ଜୀ, ମଲ୍ଲ, କାଶୀ, କୋଶଳ ଏବଂ ଭତ୍ସ ଭଳି ୭ଟି ମହାଜନପଦ ମଧ୍ୟ ଗାଙ୍ଗେୟ ଉପତ୍ୟକାରେ ଅବସ୍ଥିତ ଥିଲା ଏବଂ ଏସବୁ ଅଞ୍ଚଳରେ ଧାନଚାଷ ହେଉଥିଲା। ଗଙ୍ଗା ନଦୀର ଉପର ଅବବାହିକା ଅଞ୍ଚଳରେ ଗହମ ଚାଷ ହେଉଥିଲା। ଧାନ ଉତ୍ପାଦନ ହେଉଥିବା ଅଞ୍ଚଳର ଜନ ସଂଖ୍ୟାର ଘନତ୍ୱ ଭାରତବର୍ଷରେ ସବୁଠାରୁ ଅଧିକ। ଏହା ବ୍ୟତୀତ ମଗଧ ରାଜ୍ୟର ଦକ୍ଷିଣ ଭାଗରେ ପ୍ରଚୁର ଲୁହାପଥର ଖଣି ରହିଥିଲା। ଏସବୁ କାରଣ ଦୃଷ୍ଟିରୁ ମଧ୍ୟଗାଙ୍ଗେୟ ସମତଳଭୂମି ଅଞ୍ଚଳରେ ଥିବା ମହାଜନପଦ ଗୁଡ଼ିକ ଅତ୍ୟନ୍ତ ଶକ୍ତିଶାଳୀ ଥିଲେ। ତେବେ ମଗଧ ରାଜ୍ୟର ଭୌଗୋଳିକ ଅବସ୍ଥିତି, କୃଷି ଉତ୍ପାଦନ ଏବଂ ଖଣିଜ ସମ୍ପଦ ଏହାକୁ ଏକ ବିଶାଳ ସାମ୍ରାଜ୍ୟରେ ପରବର୍ତ୍ତୀ ସମୟରେ ଗଢ଼ିତୋଳିବାରେ ସମର୍ଥ ହୋଇଥିଲା।

## ଆଦର୍ଶ ପ୍ରଶ୍ନାବଳୀ

### 'କ' ବିଭାଗ

### (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର)

**୧. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ୪ଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତରଟି ବାଛି ଲେଖ।**

(କ) କେଉଁ ଶତାବ୍ଦୀରେ ଭାରତରେ ବୌଦ୍ଧଧର୍ମ ଓ ଜୈନ ଧର୍ମର ବିକାଶ ଘଟିଥିଲା ?
(i) ଖ୍ରୀ.ପୂ. ପଞ୍ଚମ (ii) ଖ୍ରୀ.ପୂ. ସପ୍ତମ (iii) ଖ୍ରୀ.ପୂ. ଚତୁର୍ଥ (iv) ଖ୍ରୀ.ପୂ. ଷଷ୍ଠ

(ଖ) ବୌଦ୍ଧ ଧର୍ମଗ୍ରନ୍ଥର ସୂଚନା ଅନୁସାରେ ଖ୍ରୀ.ପୂ. ୬ଷ୍ଠ ଶତାବ୍ଦୀରେ କେତୋଟି ଜନପଦ ଥିଲା ?
(i) ୧୮ଟି (ii) ୧୬ଟି (iii) ୧୫ଟି (iv) ୧୨ଟି

(ଗ) 'ଅଙ୍ଗୁତର ନିକାୟ' କେଉଁ ବୌଦ୍ଧ ଧର୍ମଗ୍ରନ୍ଥର ଏକ ଅଂଶବିଶେଷ ?
(i) ଅଭିଧମ୍ମ ପିଟକ (ii) ବିନୟ ପିଟକ (iii) ସୂତ୍ତ ପିଟକ (iv) ମହାବସ୍ତୁ

(ଘ) କାଶୀ ମହାଜନପଦ କେଉଁ ଦୁଇଟି ନଦୀର ସଙ୍ଗମ ସ୍ଥଳରେ ଗଢ଼ିଉଠିଥିଲା ?
(i) ଗଙ୍ଗା ଓ ଗୋମତୀ (ii) ଗଙ୍ଗା ଓ ଯମୁନା
(iii) ଯମୁନା ଓ ସରସ୍ୱତୀ (iv) ଶତଦ୍ରୁ ଓ ଗୋମତୀ

(ଙ) ଜୈନ ଧର୍ମର ୨୩ତମ ତୀର୍ଥଙ୍କର ନାମ କ'ଣ ?
(i) ମହାବୀର (ii) ପାର୍ଶ୍ୱନାଥ (iii) ଋଷଭନାଥ (iv) ନେମିନାଥ

**୨. ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଗୋଟିଏ ବାକ୍ୟରେ ଦିଅ।**

(କ) ପ୍ରାଚୀନ କାଶୀ ଜନପଦର ନାମ କ'ଣ ଥିଲା ?
(ଖ) ଗୌତମବୁଦ୍ଧଙ୍କ ସମୟରେ କୋଶଳର ରାଜା କିଏ ଥିଲେ ?
(ଗ) କେବେ ମଗଧର ରାଜଧାନୀକୁ ରାଜଗୃହରୁ ପାଟଳୀପୁତ୍ରକୁ ସ୍ଥାନାନ୍ତରିତ କରାଯାଇଥିଲା ?
(ଘ) କେଉଁ ମଗଧ ସମ୍ରାଟ ୮୦ ହଜାର ଗ୍ରାମୀଣଙ୍କୁ ନେଇ ଏକ ସଭା ଆୟୋଜନ କରିଥିଲେ ?
(ଙ) ଭଜ୍ଜୀ ଗଣତନ୍ତ୍ରରେ କେତୋଟି ସମ୍ପ୍ରଦାୟର ଲୋକ ବସବାସ କରୁଥିଲେ ?

**୩. ଭୁଲ ଥିଲେ ସଂଶୋଧନ କର।**

(କ) କୁଶୀନଗରଠାରେ ବୁଦ୍ଧ ତାଙ୍କର ପ୍ରଥମ ଧର୍ମ ପ୍ରବର୍ତ୍ତନ କରିଥିଲେ।
(ଖ) ବୌଦ୍ଧ ଧର୍ମଗ୍ରନ୍ଥ ଗୁଡ଼ିକରେ ମଗଧବାସୀଙ୍କୁ ମିଶ୍ରିତ ଜାତିର ବୋଲି ବର୍ଣ୍ଣନା କରାଯାଇଛି।
(ଗ) ଭସ ମହାଜନପଦର ପାଭା ଓ କୁଶୀନଗର ନାମରେ ଦୁଇଟି ରାଜଧାନୀ ଥିଲା।
(ଘ) ପାଞ୍ଚାଳ ରାଜ୍ୟ ଗଙ୍ଗୋତ୍ରୀ ନଦୀ ଯୋଗୁଁ ଉତ୍ତର ପାଞ୍ଚାଳ ଓ ଦକ୍ଷିଣ ପାଞ୍ଚାଳ ଦୁଇ ଭାଗରେ ବିଭକ୍ତ ହୋଇଛି।
(ଙ) 'ମଥୁରା' ନଗରୀ 'ଅବନ୍ତୀ' ମହାଜନପଦର ରାଜଧାନୀ ଥିଲା।

୪. **ଶୂନ୍ୟସ୍ଥାନ ପୂରଣ କର ।**

(କ) ଅର୍ଥଶାସ୍ତ୍ର __________ ରଚନା କରିଥିଲେ ।

(ଖ) ବୌଦ୍ଧ ଧର୍ମ ଅନୁସାରେ 'ମଲ୍ଲ' ମହାଜନପଦରେ __________ ଟି ଗଣସଂଘ ଥିଲା ।

(ଗ) ଗୋଦାବରୀ ନଦୀକୂଳରେ __________ ଅଞ୍ଚଳରେ ଅସକ ଅଧିବାସୀମାନେ ବସବାସ କରୁଥିଲେ ।

(ଘ) ମଧ୍ୟପ୍ରଦେଶର __________ ସହରରେ ଅବନ୍ତୀର ରାଜଧାନୀ ଥିଲା ।

(ଙ) କାମ୍ବୋଜ __________ ଦେଶର (ରାଜ୍ୟର) ଏକ ପଡୋଶୀ ରାଜ୍ୟ ଥିଲା ।

## 'ଖ' ବିଭାଗ

୫. **ଦୁଇଟି / ତିନୋଟି ବାକ୍ୟରେ ନିମ୍ନ ପ୍ରଶ୍ନ ଗୁଡ଼ିକର ଉତ୍ତର ଦିଅ । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର**

(କ) ବୌଦ୍ଧଧର୍ମଗ୍ରନ୍ଥ ଅଙ୍ଗୁତ୍ତର ନିକାୟ କାହା ସମ୍ପର୍କରେ ବିବରଣୀ ପ୍ରଦାନ କରେ ?

(ଖ) କାଶୀର ରାଜଧାନୀ ବାରଣାସୀ କେଉଁଥିପାଇଁ ପ୍ରସିଦ୍ଧିଲାଭ କରିଥିଲା ?

(ଗ) ବୌଦ୍ଧ ଧର୍ମଗ୍ରନ୍ଥରେ ମଗଧକୁ କାହିଁକି ବିଶେଷ ପ୍ରାଧାନ୍ୟ ଦିଆଯାଇଛି ?

(ଘ) ମଗଧ ସମ୍ରାଟ ବିମ୍ବିସାର ଓ ଅଜାତଶତ୍ରୁଙ୍କ ଗୌତମବୁଦ୍ଧଙ୍କ ସହିତ କିପରି ସମ୍ପର୍କ ଥିଲା ?

(ଙ) ବୈଶାଳୀ ନିକଟରେ ବସବାସ କରୁଥିବା କେଉଁସବୁ ସମ୍ପ୍ରଦାୟ ମିଶି ଏକ ଗଣସଂଘ ଗଠନ କରିଥିଲେ ?

୬. **ପାଞ୍ଚ ବା ଛଅଟି ବାକ୍ୟରେ ନିମ୍ନ ପ୍ରଶ୍ନ ଗୁଡ଼ିକର ଉତ୍ତର ଦିଅ । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର ।**

(କ) ଗଣ ସଂଘ

(ଖ) ତ୍ରିପିଟକ

(ଗ) ଭାସଙ୍କ ସ୍ୱପ୍ନ ବାସବଦତ୍ତା

(ଘ) ମହାଭାରତ କାବ୍ୟ

(ଙ) ବିରାଟ ନଗରୀ

## 'ଗ' ବିଭାଗ

## (ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୭¹/₂ ନମ୍ବର)

୭. ଖ୍ରୀ.ପୂ. ୬ଷ୍ଠ ଶତାବ୍ଦୀର ମହାଜନପଦଗୁଡ଼ିକ ସମ୍ପର୍କରେ ଏକ ବିବରଣୀ ପ୍ରଦାନ କର ।

୮. ଗଣସଂଘ ବ୍ୟବସ୍ଥା ପ୍ରଚଳିତ ଥିବା ମହାଜନପଦଗୁଡ଼ିକ ସମ୍ପର୍କରେ ଆଲୋଚନା କର ।

୯. ଖ୍ରୀ.ପୂ. ୬ଷ୍ଠ ଶତାବ୍ଦୀର ଉତ୍ତର ଭାରତରେ ଦେଖାଦେଇଥିବା ରାଜନୈତିକ ପରିବର୍ତ୍ତନ ସମ୍ପର୍କରେ ବର୍ଣ୍ଣନା କର ।

❑●❑

ଚତୁର୍ଥ ଅଧ୍ୟାୟ :

# ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀର ଧର୍ମ ସଂସ୍କାର ଆନ୍ଦୋଳନ: ଜୈନ ଧର୍ମ, ବୌଦ୍ଧ ଧର୍ମ

## (Religious Movements of Sixth Century B.C.: Jainism and Buddhism : A critical Evaluation of the Teaching, Contributions to Indian Culture)

---

ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀ ପୁରାତନ ଧର୍ମ ବ୍ୟବସ୍ଥା ବିରୋଧରେ ପ୍ରତିକ୍ରିୟା ସୃଷ୍ଟି କରିଥିଲା । ଏହି ସମୟରେ ଗ୍ରୀସ ଭୂଖଣ୍ଡରେ ହେରାକ୍ଲିଟସ୍, ଇରାନ୍‌ରେ ଜୋରେଷ୍ଟର, ଚୀନ୍‌ରେ କନ୍‌ଫୁସିଅସ୍ ଓ ଲାଓ-ସେ ପ୍ରଭୃତି ମହାପୁରୁଷଗଣ ଧର୍ମକ୍ଷେତ୍ରରେ ନୂତନ ଦିଗ୍‌ଦର୍ଶନ ଆଣିଥିଲେ ଓ ନିଜସ୍ୱ ଧର୍ମ ବିଚାରର ପ୍ରଚାର କରିଥିଲେ । ଏହି ସମୟରେ ଭାରତରେ ମହାବୀର ଜୈନ ଓ ଗୌତମବୁଦ୍ଧ ଯଥାକ୍ରମେ ଜୈନ ଓ ବୌଦ୍ଧଧର୍ମ ପ୍ରଚାର କରିଥିଲେ ।

ଭାରତରେ ଏହି ସମୟରେ ବ୍ୟୟବହୁଳ ଯଜ୍ଞ, ପଶୁବଳି ଓ ଜଟିଳ ପୂଜା ପଦ୍ଧତି ପ୍ରଚଳନ ଫଳରେ ବୈଦିକ ଧର୍ମ ଲୋକପ୍ରିୟତା ହରାଇଥିଲା ।

ଏକ ସରଳ ଧାର୍ମିକ ଜୀବନଯାପନ ପାଇଁ ସାଧାରଣ ଲୋକ ବ୍ୟାକୁଳ ହେଉଥିଲେ । ଅନ୍ୟପକ୍ଷରେ ପରବର୍ତ୍ତୀ ବୈଦିକଯୁଗରେ ସୃଷ୍ଟି ହୋଇଥିବା କଠୋର ଜାତିପ୍ରଥା, ଜାତି-ଜାତି ମଧ୍ୟରେ ଉତ୍ତେଜନା ଓ ତିକ୍ତତା ସୃଷ୍ଟି କରୁଥିଲା । ଶୂଦ୍ର ବର୍ଗର ଲୋକମାନେ ଅତ୍ୟନ୍ତ ଦୟନୀୟ ଜୀବନଯାପନ କରୁଥିଲେ । ଶାସକ ରୂପେ ପ୍ରତିଷ୍ଠିତ କ୍ଷତ୍ରୀୟ ଗୋଷ୍ଠୀ ସମାଜରେ ବ୍ରାହ୍ମଣମାନଙ୍କ ଆଧିପତ୍ୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ଉଭୟ ମହାବୀର ଓ ଗୌତମବୁଦ୍ଧ କ୍ଷତ୍ରୀୟ ବଂଶଜ ଥିଲେ ଓ ଏହି ଧର୍ମ ବିରୋଧୀ ଆନ୍ଦୋଳନର ପୁରୋଧା ହୋଇଥିଲେ । ସେମାନଙ୍କୁ ବିଶେଷକରି ବୈଶ୍ୟ ଓ ଶୂଦ୍ରମାନେ ସମର୍ଥନ କରିଥିଲେ ।

ଏହା ବ୍ୟତୀତ ଏହି ସମୟରେ କୃଷି ଓ ବାଣିଜ୍ୟଭିତ୍ତିକ ସମ୍ପଦର ଅଭିବୃଦ୍ଧି ହେତୁ ସମାଜରେ ବୈଶ୍ୟଜାତିର ଗୁରୁତ୍ୱ ବୃଦ୍ଧି ହୋଇଥିଲା । କିନ୍ତୁ ବ୍ରାହ୍ମଣ ଓ କ୍ଷତ୍ରୀୟମାନେ ଯଥାକ୍ରମେ ସମାଜରେ ପ୍ରଥମ ଓ ଦ୍ୱିତୀୟଶ୍ରେଣୀର ମାନ୍ୟତା ପାଉଥିବାବେଳେ ବୈଶ୍ୟମାନେ ତୃତୀୟ ଶ୍ରେଣୀଭୁକ୍ତ ହୋଇଥିଲେ । ସମାଜରେ ସେମାନଙ୍କର ମାନ୍ୟତା

ବୃଦ୍ଧି ପାଇଁ ବୈଦିକ ଧର୍ମ ବିରୁଦ୍ଧରେ ହୋଇଥିବା ଧର୍ମ ସଂସ୍କାର ଆନ୍ଦୋଳନକୁ ବୈଶ୍ୟମାନେ ଦୃଢ଼ ସମର୍ଥନ କରିଥିଲେ । ଏହି ସାମାଜିକ ଓ ଧାର୍ମିକ ପୃଷ୍ଠଭୂମିରେ ଜୈନ ଓ ବୌଦ୍ଧଧର୍ମର ପ୍ରଚାର ଓ ପ୍ରସାର ହୋଇଥିଲା ।

## ଜୈନଧର୍ମ

ଜୈନମାନେ ବିଶ୍ୱାସ କରନ୍ତିଯେ ଋଷଭନାଥ ଜୈନଧର୍ମର ଆଦି ପ୍ରଚାରକ ଥିଲେ । ତାଙ୍କ ପରେ ୨୨ଜଣ ତୀର୍ଥଙ୍କର ମାନଙ୍କର ବିଭିନ୍ନ ସମୟରେ ଆବିର୍ଭାବ ହୋଇଥିଲା । ସେମାନେ ଭିନ୍ନ ଭିନ୍ନ ସମୟରେ ଜୈନଧର୍ମ ପ୍ରଚାର କରିଥିଲେ । ଏମାନଙ୍କ ମଧ୍ୟରୁ କେବଳ ତ୍ରୟୋବିଂଶ ତୀର୍ଥଙ୍କର ପାର୍ଶ୍ୱନାଥ ଐତିହାସିକ ବ୍ୟକ୍ତି ଥିଲେ । ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ବର୍ଦ୍ଧମାନ ମହାବୀର ଚତୁର୍ବିଂଶ ତୀର୍ଥଙ୍କର ରୂପେ ଧରାପୃଷ୍ଠରେ ଜନ୍ମଗ୍ରହଣ କରିଥିଲେ । ସେ ଜୈନଧର୍ମର ପ୍ରଚାର ଓ ପ୍ରସାର ଘଟାଇଥିଲେ ।

ମହାବୀର ୫୪୦ଖ୍ରୀ.ପୂ.ରେ ବୈଶାଳୀ ନିକଟବର୍ତ୍ତୀ କୁଣ୍ଡଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ସିଦ୍ଧାର୍ଥ ଜ୍ଞାତ୍ରିକ ସମ୍ପ୍ରଦାୟର ମୁଖ୍ୟ ଥିଲେ ଏବଂ ମାତା ତ୍ରିଶଳା ପ୍ରସିଦ୍ଧ ଲିଚ୍ଛାବି କ୍ଷତ୍ରୀୟ ଗୋଷ୍ଠୀର ମୁଖ୍ୟ ଓ ବୈଶାଳୀର ଶାସକ ଚେତକଙ୍କ ଭଗ୍ନୀ ଥିଲେ । ମହାବୀର ଯଶୋଦାଙ୍କୁ ବିବାହ କରିଥିଲେ ଓ ପ୍ରିୟଦର୍ଶିନୀ ନାମକ କନ୍ୟା ସନ୍ତାନର ଜନକ ହୋଇଥିଲେ । ତିରିଶବର୍ଷ ବୟସରେ ପିତା-ମାତାଙ୍କ ବିୟୋଗପରେ ସେ ସଂସାର ତ୍ୟାଗକରି ସନ୍ନ୍ୟାସ ବ୍ରତ ଗ୍ରହଣ କରିଥିଲେ । ଦୀର୍ଘ ୧୨ବର୍ଷ କଠୋର ସାଧନା କରି ସେ କ୍ଷୁଧା, ତୃଷ୍ଣା, ଉତ୍ତାପ ଓ ଶୀତଜନିତ ସମସ୍ତ ଦୈହିକ ଯନ୍ତ୍ରଣାରୁ ମୁକ୍ତିଲାଭ କରିଥିଲେ । ଏହାଦ୍ୱାରା ସେ ଉଭୟ ଦୁଃଖ ଓ ସୁଖ ଉପରେ ବିଜୟଲାଭ କରି ମହାବୀର (ଜୀନ) ନାମରେ ପରିଚିତ ହୋଇଥିଲେ । ୪୨ବର୍ଷ ବୟସରେ ସେ ଦିବ୍ୟଜ୍ଞାନ ପ୍ରାପ୍ତ ହୋଇଥିଲେ ।

ଏହାପରେ ସେ ପଦବ୍ରଜରେ ଉତ୍ତର ଓ ପୂର୍ବ ଭାରତର ବିଭିନ୍ନ ସ୍ଥାନ ଭ୍ରମଣ କରି ଜୈନଧର୍ମ ପ୍ରଚାର କରିଥିଲେ । ତାଙ୍କର ଅନୁଗାମୀମାନଙ୍କୁ ଜୈନ କୁହାଗଲା । ଦୀର୍ଘ ୩୦ବର୍ଷ ଧର୍ମପ୍ରଚାର କରି ୭୨ ବର୍ଷ ବୟସରେ ରାଜଗୃହ ନିକଟବର୍ତ୍ତୀ ପାବାପୁରୀଠାରେ ୪୬୮ ଖ୍ରୀ.ପୂ.ରେ ମହାବୀର ଦେହତ୍ୟାଗ କରିଥିଲେ ।

**ନୀତିବାଣୀ :**

ଜୈନମାନେ ବିଶ୍ୱ ବ୍ରହ୍ମାଣ୍ଡରେ ଜୀବ ଓ ଅଜୀବ ବୋଲି କେବଳ ଦୁଇଟି ସତ୍ତାକୁ ସ୍ୱୀକାର କରନ୍ତି । ଜୀବ ହେଲା ସଚେତନ ଆତ୍ମା ଓ ଅଜୀବ ହେଲା ଅଚେତନ ଜଡ଼ବସ୍ତୁ । ଆତ୍ମା ମୂଳତଃ ଶୁଦ୍ଧ ଓ ଶାଶ୍ୱତ । ଏହା ଅନନ୍ତ ଜ୍ଞାନ, ଅନନ୍ତ ଶକ୍ତି ଓ ଅନନ୍ତ ଶାନ୍ତିର ଅଧିକାରୀ । କିନ୍ତୁ କ୍ରୋଧ, ଲୋଭ, ମାନ ଓ ମାୟାଜନିତ ଜନ୍ମଜନ୍ମର ପୁଞ୍ଜିଭୂତ କର୍ମ ପ୍ରଭାବରେ ଆତ୍ମା ଏହି ଗୁଣ ହରାଇଥାଏ । ଏହାକୁ ବନ୍ଧନ କୁହାଯାଏ । ତେଣୁ ସତ୍ ବିଶ୍ୱାସ, ସତ୍‌ଜ୍ଞାନ ଓ ସତ୍ କର୍ମ (ସତ୍ ଚରିତ୍ର) ରେ ଲିପ୍ତ ରହିଲେ ବନ୍ଧନ ଛିନ୍ନ ହୋଇ ମୁକ୍ତି ଲାଭ ହୋଇଥାଏ । ଜୈନଧର୍ମରେ ଏହାକୁ ତ୍ରିରତ୍ନ କୁହାଯାଏ ।

**ପଞ୍ଚ ମହାବ୍ରତ :** ମୋକ୍ଷପ୍ରାପ୍ତି ପାଇଁ ପଞ୍ଚ ମହାବ୍ରତ ପାଳନ ଆବଶ୍ୟକ । ଏହା ହେଲା ଅହିଂସା , ସତ୍ୟ, ଆସ୍ତେୟ (ଚୋରି ନକରିବା), ଅପରିଗ୍ରହ (ପାର୍ଥିବ ପଦାର୍ଥ ପ୍ରତି ଅନାସକ୍ତ ଭାବ) ଓ ବ୍ରହ୍ମଚର୍ଯ୍ୟ । ଏହାକୁ ପଞ୍ଚ

ପ୍ରତିଜ୍ଞା ମଧ୍ୟ କୁହାଯାଏ । ବିଶ୍ୱାସ କରାଯାଏ ଯେ ପ୍ରଥମ ଚାରି ପ୍ରତିଜ୍ଞା ପୂର୍ବରୁ ଜୈନ ତୀର୍ଥଙ୍କର ପାର୍ଶ୍ୱନାଥଙ୍କ ଦ୍ୱାରା ଚର୍ତୁଯାମ ରୂପେ ପ୍ରଚାରିତ ହୋଇଥିଲା । ମହାବୀର କେବଳ ପଞ୍ଚମ ପ୍ରତିଜ୍ଞା ଅର୍ଥାତ ବ୍ରହ୍ମଚର୍ଯ୍ୟ ବ୍ରତ ଏଥିରେ ଯୋଗ କରିଥିଲେ ।

**ଅହିଂସା :** ଜୈନମାନେ ଅହିଂସା ନୀତି ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି । ଚିନ୍ତା, କଥା ଓ କର୍ମରେ ହିଂସା ଆଚରଣ ନ କରିବା ହେଲା ଅହିଂସା ବ୍ରତ । ମନୁଷ୍ୟ, ପଶୁ-ପକ୍ଷୀ, କୀଟ-ପତଙ୍ଗ, ବୃକ୍ଷ-ଲତାମାନଙ୍କର ଜୀବନ ଅଛି । ଏପରିକି ଧାତୁ ଓ ପଥର ପରି ଜଡ଼ବସ୍ତୁମାନଙ୍କ ମଧ୍ୟରେ ଜୀବନ ସତ୍ତା ଅଛି ବୋଲି ଜୈନମାନେ ବିଶ୍ୱାସ କରନ୍ତି । ଅତଏବ ଏମାନଙ୍କୁ ଆଘାତ ନକରିବା ପାଇଁ ସେମାନେ କଠୋର ନିୟମ ପାଳନ କରନ୍ତି । କୀଟ-ପତଙ୍ଗର ଜୀବନହାନି ଆଶଙ୍କାରେ ସେମାନେ ରାତିରେ ଆଲୋକ ଜାଳନ୍ତି ନାହିଁ । ଜଳକୁ ଛାଣି ପିଅନ୍ତି ଓ ଖୋଲାପାଟିରେ କ୍ଷୁଦ୍ର ଜୀବାଣୁ ପଶି ମରିଯିବାର ସମ୍ଭାବନା ଥିବାରୁ ପାଟିକୁ କପଡ଼ାରେ ଆବୃତ ରଖନ୍ତି । ସମ୍ଭବତଃ ଏଥିପାଇଁ ଜୈନଧର୍ମରେ ଯୁଦ୍ଧ ଓ କୃଷି କର୍ମରୁ ନିବୃତ୍ତ ରହିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । କାରଣ ଏହା ଦ୍ୱାରା ଜୀବ ହତ୍ୟା ହୋଇଥାଏ ।

**କର୍ମତତ୍ତ୍ୱ :** ମହାବୀର କର୍ମ ଓ ପୁନର୍ଜନ୍ମ ଉପରେ ଗୁରୁତ୍ୱ ଆରୋପ କରୁଥିଲେ । ଉତ୍ତମ ଓ ମନ୍ଦକର୍ମ ଅନୁସାରେ ମନୁଷ୍ୟ ଉଚ୍ଚ ବା ନୀଚ କୁଳରେ ଜନ୍ମଗ୍ରହଣ କରେ । ମନ୍ଦକର୍ମ କଲେ ସେ ଜନ୍ମଜନ୍ମାନ୍ତର ଦୁଃଖ ପାଇ ଘୁରିବୁଲେ ଓ ଯନ୍ତ୍ରଣା ଭୋଗ କରେ । ଉତ୍ତମ କର୍ମ ଦ୍ୱାରା ସେ ପୁନର୍ଜନ୍ମରୁ ମୁକ୍ତହୋଇ ମୋକ୍ଷପ୍ରାପ୍ତ ହୁଏ । ଅର୍ଥାତ ସେ ଅନନ୍ତ ଶାନ୍ତି ଅବସ୍ଥା ଲାଭ କରେ । ଜୈନଧର୍ମ ଗ୍ରନ୍ଥରେ ଏହି ଅବସ୍ଥାର ନାମ ସିଦ୍ଧଶୀଳ ବୋଲି ବର୍ଣ୍ଣିତ ହୋଇଛି ।

**ଈଶ୍ୱର ତତ୍ତ୍ୱ :** ବିଶ୍ୱ ବ୍ରହ୍ମାଣ୍ଡ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟି ହୋଇଛି ବୋଲି ମହାବୀର ଅସ୍ୱୀକାର କରୁଥିଲେ । ଆତ୍ମା ସମସ୍ତ ଶକ୍ତିର ଉତ୍ସ ବୋଲି ସେ କହୁଥିଲେ । ଆତ୍ମଶୁଦ୍ଧି ଦ୍ୱାରା ଏହି ଶକ୍ତିର ବିକାଶ ହୁଏ ଓ ମନୁଷ୍ୟ ଈଶ୍ୱର ପଦବାଚ୍ୟ ହୋଇପାରେ । ତେଣୁ ଜୈନମାନେ ଈଶ୍ୱର ପରିବର୍ତ୍ତେ ତୀର୍ଥଙ୍କରମାନଙ୍କର ଉପାସନା କରୁଥିଲେ ।

**ଧର୍ମ ଓ ସମାଜ ସଂସ୍କାର ନୀତି :** ବେଦ ସତ୍ୟ ଓ ସମସ୍ତ ଜ୍ଞାନର ଉତ୍ସ ବୋଲି ମହାବୀର ଅସ୍ୱୀକାର କରୁଥିଲେ । ବୈଦିକ ବିଧି-ବିଧାନର ଫଳ ପ୍ରଦାନ ଶକ୍ତି ଉପରେ ଅନାସ୍ଥାଭାବ ପୋଷଣ କରୁଥିଲେ । ଧର୍ମକ୍ଷେତ୍ରରେ ବ୍ରାହ୍ମଣମାନଙ୍କ ଆଧିପତ୍ୟକୁ ବିରୋଧ କରୁଥିଲେ । ଅହିଂସା ନୀତି ପ୍ରଚାର କରି ପଶୁବଳି ପ୍ରଥା ବିରୋଧରେ ଜନସଚେତନତା ଜାଗ୍ରତ କରିଥିଲେ । କଠୋର ଜାତିପ୍ରଥା ବିରୁଦ୍ଧରେ ମଧ୍ୟ ସେ ମତ ପ୍ରଦାନ କରିଥିଲେ । ପବିତ୍ର ଓ ଉତ୍ତମ କର୍ମ କଲେ ନୀଚ ଜାତିର ଲୋକମାନେ ମଧ୍ୟ ମୋକ୍ଷପ୍ରାପ୍ତି ହୋଇପାରିବେ ବୋଲି ସେ କହୁଥିଲେ ।

ମହାବୀରଙ୍କ ପୂର୍ବାଧିକାରୀ ପାର୍ଶ୍ୱନାଥ ତାଙ୍କ ଅନୁଗାମୀମାନଙ୍କୁ ଶୁକ୍ଳବସ୍ତ୍ର ଦ୍ୱାରା ଶରୀର ଆବୃତ ରଖିବା ପାଇଁ କହୁଥିଲେ । କିନ୍ତୁ ମହାବୀର ଅଧିକ କଠୋର ନୀତି ଗ୍ରହଣ କରି ଶିଷ୍ୟମାନଙ୍କୁ ବସ୍ତ୍ର ପରିତ୍ୟାଗ କରି ଉଲଗ୍ନ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ତାଙ୍କ ଦେହାବସାନ ପରେ ଜୈନମାନେ ଦୁଇ ସମ୍ପ୍ରଦାୟରେ ବିଭକ୍ତ ହୋଇଥିଲେ । ବସ୍ତ୍ରଧାରଣ କରୁଥିବା ଗୋଷ୍ଠୀ ଶ୍ୱେତାମ୍ବର ଓ ବସ୍ତ୍ର ପରିତ୍ୟାଗ କରିଥିବା ଜୈନମାନେ ଦିଗମ୍ବର ନାମରେ ପରିଚିତ ହୋଇଥିଲେ ।

**ପ୍ରଭାବ :**

ଜୈନଧର୍ମର ଅହିଂସା ନୀତି, ସରଳତା ଓ ନୈତିକ ଜୀବନଯାପନ ଆଦର୍ଶ ସାଧାରଣ ଲୋକଙ୍କୁ ପ୍ରଭାବିତ କରିଥିଲା । ସଂସ୍କୃତ ପରିବର୍ତ୍ତେ ଲୋକଙ୍କ ଭାଷାରେ ଧର୍ମର ପ୍ରଚାର ମଧ୍ୟ ଏହାର ଲୋକପ୍ରିୟତା ବୃଦ୍ଧିରେ ସହାୟକ ହୋଇଥିଲା । କ୍ରମେ ପୂର୍ବ, ଦକ୍ଷିଣ ଓ ପଶ୍ଚିମ ଭାରତର କେତେକ ସ୍ଥାନରେ ଏହାର ପ୍ରସାର ହୋଇଥିଲା । ଉଲ୍ଲେଖଯୋଗ୍ୟ ଯେ ବୌଦ୍ଧଧର୍ମ ପରି ସମଗ୍ର ଭାରତ ଓ ଭାରତ ବାହାରେ ଏହାର ପ୍ରସାର ହୋଇ ନଥିଲା । କିନ୍ତୁ ଅନ୍ୟ ଧର୍ମ ପ୍ରତି ସହନଶୀଳ ନୀତି ଗ୍ରହଣ କରି ଜୈନଧର୍ମ ଆଜି ପର୍ଯ୍ୟନ୍ତ ପଶ୍ଚିମ ଭାରତରେ ତିଷ୍ଠି ରହିଛି ।

ଜୈନଧର୍ମ ଅଳ୍ପ ସଂଖ୍ୟକ ଲୋକଙ୍କ ଧର୍ମ ହେଲେ ମଧ୍ୟ ଭାରତୀୟ ସଂସ୍କୃତିକୁ ଏହା ବିଶେଷ ରୂପେ ପ୍ରଭାବିତ କରିଛି । ବିଶେଷକରି ସାହିତ୍ୟ, କଳା ଓ ସ୍ଥାପତ୍ୟ କ୍ଷେତ୍ରରେ ଏହାର ପ୍ରଭାବ ଉଲ୍ଲେଖଯୋଗ୍ୟ ଅଟେ ।

**ଭାଷା ଓ ସାହିତ୍ୟ :** ପ୍ରଚାର ଓ ଧର୍ମଗ୍ରନ୍ଥ ରଚନା ପାଇଁ ବ୍ରାହ୍ମଣମାନେ ସଂସ୍କୃତଭାଷା ଓ ବୌଦ୍ଧମାନେ ପାଲିଭାଷା ବ୍ୟବହାର କରିଥିଲେ । କିନ୍ତୁ ଜୈନମାନେ ପ୍ରାୟ ପ୍ରାକୃତଭାଷା ବ୍ୟବହାର କରିଥିଲେ । ବହୁ ପରିମାଣର ଜୈନ ଧର୍ମଗ୍ରନ୍ଥ ପ୍ରାକୃତଭାଷାରେ ରଚିତ ହୋଇଥିଲା । ମହାବୀର ଅର୍ଦ୍ଧମାଗଧି ଭାଷାରେ ଧର୍ମ ପ୍ରଚାର କରୁଥିଲେ । ଏହି ଭାଷାରେ ଲିଖିତ ତାଙ୍କର ଧର୍ମବାଣୀ ୧୨ଟି ଗ୍ରନ୍ଥରେ ସଙ୍କଳିତ ହୋଇଛି । ଏହାକୁ ଶ୍ରୁତାଙ୍ଗ କୁହାଯାଏ । ହିନ୍ଦୀ, ଗୁଜୁରାଟୀ ଓ ମରାଠୀଭାଷାର ଅପଭ୍ରଂଶରେ ମଧ୍ୟ ଜୈନ ଧର୍ମଗ୍ରନ୍ଥ ରଚିତ ହୋଇଥିଲା । ଜୈନମାନେ ଏହି ଭାଷାର ବ୍ୟାକରଣ ରଚନା କରିଥିଲେ । ଦକ୍ଷିଣ ଭାରତରେ କନ୍ନଡ଼ ଭାଷା ଉପରେ ମଧ୍ୟ ଜୈନଧର୍ମର ପ୍ରଭାବ ପଡ଼ିଥିଲା । ପରବର୍ତ୍ତୀ କାଳରେ ସଂସ୍କୃତଭାଷାରେ ମଧ୍ୟ ଏହି ଧର୍ମର ଗ୍ରନ୍ଥ ରଚିତ ହୋଇଥିଲା ।

**କଳା ଓ ଭାସ୍କର୍ଯ୍ୟ :** ପ୍ରାଥମିକ ଅବସ୍ଥାରେ ଜୈନଧର୍ମ ଓ ବୌଦ୍ଧଧର୍ମରେ ମୂର୍ତ୍ତି ଉପାସନା ନିଷେଧ ଥିଲା । କିନ୍ତୁ ପରବର୍ତ୍ତୀ କାଳରେ ଉଭୟ ଧର୍ମରେ ମୂର୍ତ୍ତିପୂଜା ପ୍ରବର୍ତ୍ତନ ହୋଇଥିଲା । ଜୈନମାନେ ତୀର୍ଥଙ୍କର ଓ ଶାସନଦେବୀମାନଙ୍କର ମୂର୍ତ୍ତି ପୂଜା କରୁଥିଲେ । ଏଥିପାଇଁ କମନୀୟ ମୂର୍ତ୍ତି ଓ କାରୁକାର୍ଯ୍ୟପୂର୍ଣ୍ଣ ପ୍ରବେଶ ଦ୍ୱାର ଓ ସ୍ତମ୍ଭ ସଂଯୁକ୍ତ ବିଶାଳ ଗୁମ୍ଫାଗୃହ ନିର୍ମିତ ହେଲା । ଚାତୁର୍ମାସ୍ୟା ବ୍ରତ ପାଳନ ସମୟରେ ଜୈନ ସାଧୁମାନଙ୍କ ରହିବା ପାଇଁ ଗୁମ୍ଫା ଖୋଦିତ ହେଲା ।

କର୍ଣ୍ଣାଟକର ଶ୍ରବଣ ବେଲଗୋଲାରେ ଏକ ପର୍ବତର ଶୀର୍ଷ ଦେଶରେ ବିଦ୍ୟମାନ ବାହୁବଳୀଙ୍କ ମୂର୍ତ୍ତି ଗୋମତେଶ୍ୱର ନାମରେ ପରିଚିତ । ମୁଗୁନି ପଥରରେ ନିର୍ମିତ ଏହି ପ୍ରକାଣ୍ଡ ମୂର୍ତ୍ତିର ଉଚ୍ଚତା ୨୧ମିଟର । ଏହା ଗଙ୍ଗବଂଶ ରାଜା ରଚମଲ୍ଲଙ୍କ ମନ୍ତ୍ରୀ ଚାମୁଣ୍ଡା ରାୟଙ୍କ ଦ୍ୱାରା ୯୮୪ ଖ୍ରୀ.ଅ.ରେ ନିର୍ମିତ ହୋଇଥିଲା । ଓଡ଼ିଶାର ଖଣ୍ଡଗିରି, ଉଦୟଗିରି ଓ ମହାରାଷ୍ଟ୍ରର ଏଲୋରାରେ ଖୋଦନ କରାଯାଇଥିବା କାରୁକାର୍ଯ୍ୟପୂର୍ଣ୍ଣ ଗୁମ୍ଫା ଜୈନ କୀର୍ତ୍ତିରାଜିର ଅନ୍ୟ ଉଦାହରଣ ରୂପେ ଉଲ୍ଲେଖଯୋଗ୍ୟ ।

ମହାରାଜା ଖାରବେଳଙ୍କ ଦ୍ୱାରା ଓଡ଼ିଶାର ଭୁବନେଶ୍ୱର ନିକଟବର୍ତ୍ତୀ ଉଦୟଗିରିରେ ଖ୍ରୀଷ୍ଟ ପୂର୍ବ ପ୍ରଥମ ଶତାବ୍ଦୀରେ ଖୋଦିତ ହୋଇଥିବା ହାତୀଗୁମ୍ଫା ଓ ରାଣୀଗୁମ୍ଫା ସମେତ ୧୧୭ଟି ଗୁମ୍ଫା ପ୍ରାଚୀନତମ ଜୈନକୀର୍ତ୍ତି ରୂପେ ପରିଗଣିତ ହୁଏ । ଏହି ପର୍ବତ ନିକଟରେ ଅବସ୍ଥିତ ଖଣ୍ଡଗିରି ପାହାଡ଼ରେ ଜୈନ ତୀର୍ଥଙ୍କର ଓ ଶାସନ

ଦେବୀଙ୍କ ମୂର୍ତ୍ତିସମୂହ ଦର୍ଶନୀୟ ଅଟେ। ଏହା ବ୍ୟତୀତ ଗୋରଖପୁର ନିକଟସ୍ଥ ପାବାପୁରୀ, ବିହାରର ରାଜଗିରି ଓ ପାର୍ଶ୍ୱନାଥ ପର୍ବତ, ଉତ୍ତରପ୍ରଦେଶର ମଥୁରା, ଗୁଜୁରାଟର କାଥିଆୱାଡା, ରାଜସ୍ଥାନର ଚିତ୍ତୋର ଓ ମାଉଣ୍ଟଆବୁ ପ୍ରଭୃତି ସ୍ଥାନରେ ଜୈନକୀର୍ତ୍ତି ପରିଦୃଷ୍ଟ ହୁଏ।

## ବୌଦ୍ଧଧର୍ମ

ଗୌତମ ବୁଦ୍ଧ ବୌଦ୍ଧଧର୍ମର ପ୍ରତିଷ୍ଠାତା ଥିଲେ। ସେ ୫୬୬/୫୬୩ ଖ୍ରୀଷ୍ଟପୂର୍ବରେ ନେପାଳର କପିଳବାସ୍ତୁ ନିକଟ ଲୁମ୍ବିନୀ ଉଦ୍ୟାନରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଶୁଦ୍ଧୋଦନ ଶାକ୍ୟ କ୍ଷତ୍ରୀୟ ବଂଶର ମୁଖ୍ୟ ଓ କପିଳବାସ୍ତୁର ଶାସକ ଥିଲେ। ଉଲ୍ଲେଖଯୋଗ୍ୟ ଯେ ସେ ସମୟରେ ଶାକ୍ୟମାନେ କପିଳବାସ୍ତୁରେ ଏକ ସାଧାରଣତନ୍ତ୍ର ପ୍ରତିଷ୍ଠା କରିଥିଲେ। ମାତା ମାୟାଦେବୀ ମଧ କ୍ଷତ୍ରୀୟ ବଂଶଜ ଥିଲେ ଓ ପୁତ୍ର ସନ୍ତାନ ଜନ୍ମ ପରେ ସେ ମୃତ୍ୟୁବରଣ କରିଥିଲେ। ଏଣୁ ବିମାତା ମହାପ୍ରଜାପତି ଗୌତମୀ ଶିଶୁଟିର ଲାଳନପାଳନ କରିଥିଲେ। ସେଥିପାଇଁ ଶିଶୁର ଶ୍ରଦ୍ଧାନାମ ସିଦ୍ଧାର୍ଥ ଥିଲେ ହେଁ ସେ ସାଧାରଣରେ ଗୌତମ ରୂପେ ପରିଚିତ ହୋଇଥିଲେ।

ବାଲ୍ୟକାଳରୁ ସିଦ୍ଧାର୍ଥ ସର୍ବଦା ଚିନ୍ତାଶୀଳ ହୋଇ ରହୁଥିଲେ। ରାଜକୀୟ ଭୋଗ ବିଳାସ ପ୍ରତି ସେ ଥିଲେ ବୀତସ୍ପୃହ। ୧୬ ବର୍ଷ ବୟସରେ ଶାକ୍ୟବଂଶୀୟ ଦଣ୍ଡପାଣିଙ୍କ କନ୍ୟା ଯଶୋଧାରାଙ୍କ ସହିତ ତାଙ୍କର ବିବାହ ହୋଇଥିଲା। ସେ ରାହୁଳ ବୋଲି ଏକ ପୁତ୍ର ସନ୍ତାନର ଜନକ ହୋଇଥିଲେ। କିନ୍ତୁ ସଂସାର ପ୍ରତି ତାଙ୍କର ଆକର୍ଷଣ ବୃଦ୍ଧି ପାଇବା ପରିବର୍ତ୍ତେ ଦିନକୁ ଦିନ ବିତୃଷ୍ଣା ଓ ବୈରାଗ୍ୟ ବୃଦ୍ଧି ପାଇଥିଲା। ଏହି ସମୟରେ ନଗର ପରିଭ୍ରମଣ କ୍ରମରେ ସେ ଜନୈକ ଅଥର୍ବ ବୃଦ୍ଧ, ଏକ ବ୍ୟାଧିଗ୍ରସ୍ତ ସଙ୍କଟାପନ୍ନ ରୋଗୀ ବ୍ୟକ୍ତି, ଗୋଟିଏ ଶ୍ମଶାନମୁଖୀ ମୃତ ଶରୀର ଓ ଭିକ୍ଷାରତ ସନ୍ନ୍ୟାସୀଙ୍କୁ ଦେଖି ସାଂସାରିକ ସୁଖର ଅସାରତା ସମ୍ପର୍କରେ ସଚେତନ ହୋଇଥିଲେ ଓ ୨୯ବର୍ଷ ବୟସରେ ସତ୍ୟ ସନ୍ଧାନ ଲକ୍ଷ୍ୟରେ ଗୃହତ୍ୟାଗ କରିଥିଲେ। ୬ବର୍ଷ ପରେ ନିରଞ୍ଜନା ନଦୀ ସନ୍ନିକଟ ଉରବେଳ (ବୁଦ୍ଧଗୟା) ଠାରେ ତପସ୍ୟାରେ ମଗ୍ନଥିବା ଅବସ୍ଥାରେ ସେ ଦିବ୍ୟଜ୍ଞାନ ବା ବୋଧିଲାଭ କରିଥିଲେ ଅର୍ଥାତ ସତ୍ୟର ସନ୍ଧାନ ପାଇଥିଲେ। ବୁଦ୍ଧତ୍ୱ ଲାଭ କରିଥିବାରୁ ସେ ବୁଦ୍ଧ ରୂପେ ପରିଚିତ ହେଲେ ଓ ଗୌତମବୁଦ୍ଧ ରୂପେ ଖ୍ୟାତ ହେଲେ। ଏହି ସତ୍ୟ ସେ ପ୍ରଥମେ ସାରନାଥରେ ପାଞ୍ଚଜଣ ବ୍ୟକ୍ତିଙ୍କ ଆଗରେ ବର୍ଣ୍ଣନା କରିଥିଲେ। ସେମାନେ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରି ବୌଦ୍ଧଧର୍ମରେ ଦୀକ୍ଷିତ ହୋଇଥିଲେ। ଏହି ନୂତନ ଆଧ୍ୟାତ୍ମିକ ସତ୍ୟର ପ୍ରଚାରକୁ ଧର୍ମଚକ୍ର ପ୍ରବର୍ତ୍ତନ କୁହାଯାଏ। ଏହା ପରେ ବୁଦ୍ଧ ଦୀର୍ଘ ୪୫ବର୍ଷ ପଦବ୍ରଜରେ ଭ୍ରମଣ କରି ଅଯୋଧ୍ୟା, ମଗଧ, କୋଶଳ, କୌଶାମ୍ବୀ, କପିଳବାସ୍ତୁ, କାଶୀ, ରାଜଗୃହ, ଗୟା ଓ ନାଳନ୍ଦା ପ୍ରଭୃତି ସ୍ଥାନରେ ବୌଦ୍ଧଧର୍ମ ପ୍ରଚାର କରିଥିଲେ। ଧର୍ମ ପ୍ରଚାର କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ ଓ ଶୃଙ୍ଖଳିତ କରିବା ପାଇଁ ସେ ସଂଘ ପ୍ରତିଷ୍ଠା କରିଥିଲେ। ଏହି ସମୟରେ ବୌଦ୍ଧଧର୍ମ ଗ୍ରହଣ କରିଥିବା ରାଜାମାନଙ୍କ ମଧ୍ୟରୁ ମଗଧର ରାଜା ବିମ୍ବିସାର ଓ ତାଙ୍କ ପୁତ୍ର ଅଜାତଶତ୍ରୁ, କୋଶଳର ରାଜା ପ୍ରସେନଜିତ ଓ କୌଶାମ୍ବୀର ରାଜା ଉଦୟନଙ୍କ ନାମ ଉଲ୍ଲେଖଯୋଗ୍ୟ। ୪୮୬ ଖ୍ରୀ.ପୂ.ରେ ଉତ୍ତରପ୍ରଦେଶର କୁଶୀନାରା ବା କୁଶୀନଗର ନାମକ ସ୍ଥାନରେ ସେ ଇହଧାମ ତ୍ୟାଗ କରିଥିଲେ। ଏହାକୁ 'ମହାପରିନିର୍ବାଣ' କୁହାଯାଏ।

## ନୀତିବାଣୀ :

ବୌଦ୍ଧ ଧର୍ମଗ୍ରନ୍ଥ ତ୍ରିପିଟକର ଦ୍ୱିତୀୟଖଣ୍ଡ 'ସୂତ୍ତପିଟକ' ରେ ବୁଦ୍ଧଙ୍କ ନୀତିବାଣି ଲିପିବଦ୍ଧ ହୋଇଛି। ଏହା ପ୍ରମାଣିତ କରେଯେ ଗୌତମବୁଦ୍ଧ ଦାର୍ଶନିକ ନଥିଲେ। ସେ ଥିଲେ ଜଣେ ଧର୍ମ ସଂସ୍କାରକ ଅଥବା ନୀତିବାଣୀର ପ୍ରଚାରକ। ଆତ୍ମା, ବ୍ରହ୍ମ, ଈଶ୍ୱର ସମ୍ପର୍କିତ ଆଲୋଚନାରୁ ସେ ନିବୃତ୍ତ ରହୁଥିଲେ। ଏହା ନିରର୍ଥକ ଓ ଅନାବଶ୍ୟକ ବୋଲି ସେ ମତପୋଷଣ କରିଥିଲେ। ଏହା ପରିବର୍ତ୍ତେ ମଣିଷ ଭୋଗ କରୁଥିବା ଦୁଃଖର କାରଣ ଓ ନିରାକରଣର ସୂତ୍ର ଓ ମାର୍ଗ ଅତି ନିପୁଣ ତଥା ସରଳ ଭାବରେ ସେ ନିର୍ଣ୍ଣୟ କରିଥିଲେ।

## ଚାରି ଆର୍ଯ୍ୟସତ୍ୟ (ଚତ୍ୱାରି ଆର୍ଯ୍ୟସତ୍ୟାନି) :

ଚାରି ଆର୍ଯ୍ୟସତ୍ୟ ମାଧ୍ୟମରେ ମଣିଷ ଜୀବନ ଏହି ମୌଳିକ ସମସ୍ୟା ସମାଧାନ ହୋଇପାରିବ ବୋଲି ସେ ଘୋଷଣା କରିଥିଲେ। ସେହି ଚାରୋଟି ଆର୍ଯ୍ୟସତ୍ୟ ହେଲା–

**ପ୍ରଥମ ସତ୍ୟ :** ଦୁଃଖ। ମଣିଷ ଜୀବନ ଦୁଃଖପୂର୍ଣ୍ଣ, କାରଣ ମଣିଷ ଜୀବନ ଜରା, ବ୍ୟାଧି ଓ ମୃତ୍ୟୁ କବଳିତ ଅଟେ।

**ଦ୍ୱିତୀୟ ସତ୍ୟ :** ଦୁଃଖର କାରଣ। କାମନା ବା ତୃଷ୍ଣା ଦୁଃଖର କାରଣ ଅଟେ। ଅବିଦ୍ୟା ଅର୍ଥାତ୍ ଜ୍ଞାନଶୂନ୍ୟ ହୋଇଥିବା ହେତୁ ମଣିଷ କାମନାର ବଶବର୍ତ୍ତୀ ହୋଇଥାଏ।

**ତୃତୀୟ ସତ୍ୟ:** ଦୁଃଖ ନିରୋଧ। କାମନାର ବିନାଶରେ ଦୁଃଖର ବିନାଶ ହୁଏ। ପ୍ରକୃତ ଜ୍ଞାନଲାଭ ଦ୍ୱାରା କାମନାର ବିନାଶ ହୋଇଥାଏ।

**ଚତୁର୍ଥ ସତ୍ୟ:** ଦୁଃଖ ନିରୋଧ ମାର୍ଗ। ଆର୍ଯ୍ୟ ଅଷ୍ଟାଙ୍ଗ ମାର୍ଗ ଦ୍ୱାରା ପ୍ରକୃତ ଜ୍ଞାନଲାଭ ହୁଏ ଓ ଦୁଃଖର ସ୍ଥାୟୀ ନିରାକରଣ ସମ୍ଭବ ହୁଏ।

## ଆର୍ଯ୍ୟ ଅଷ୍ଟାଙ୍ଗ ମାର୍ଗ :

୧। ସମ୍ୟକ୍ ଦର୍ଶନ (ସତ୍ ଦର୍ଶନ)
ଅର୍ଥ : ଚାରି ଆର୍ଯ୍ୟ ସତ୍ୟ ସମ୍ବନ୍ଧରେ ଜ୍ଞାନ।

୨। ସମ୍ୟକ୍ ସଂକଳ୍ପ (ସତ୍ ସଂକଳ୍ପ)
ଅର୍ଥ : ବୁଦ୍ଧଙ୍କ ଦ୍ୱାରା ପ୍ରଦର୍ଶିତ ମାର୍ଗ ଅନୁସରଣ ପାଇଁ ସଂକଳ୍ପ।

୩। ସମ୍ୟକ୍ ବାକ୍ (ସତ୍ ବାକ୍ୟ)
ଅର୍ଥ : ମିଥ୍ୟା, କୁତ୍ସା, ଅପ୍ରିୟ କଥା ଓ ନିରର୍ଥକ କଥାରୁ ନିବୃତ୍ତ ରହିବା।

୪। ସମ୍ୟକ୍ କର୍ମ (ସତ୍ କର୍ମ)
ଅର୍ଥ : ହତ୍ୟା କରିବା, ଚୋରି କରିବା, ମିଥ୍ୟା କହିବା, ଇନ୍ଦ୍ରିୟାସକ୍ତ ହେବା, ମାଦକ ଦ୍ରବ୍ୟ ସେବନ କରିବାରୁ ନିବୃତ୍ତ ରହିବା।

୫। ସମ୍ୟକ୍ ଜୀବନ (ସତ୍ ଜୀବନ)
ଅର୍ଥ : ସାଧୁ ଉପାୟରେ ଜୀବିକା ଅର୍ଜନ କରିବା।

୬। ସମ୍ୟକ୍ ଆୟାସ (ସତ୍ ଉଦ୍ୟମ)
ଅର୍ଥ : ମନରୁ ଅଶୁଭ ଚିନ୍ତା ପରିହାର କରିବା ଓ ଶୁଭ ଚିନ୍ତା ଧାରଣ କରିବା।

୭। ସମ୍ୟକ୍ ସ୍ମୃତି (ସତ୍ ସ୍ମୃତି)
ଅର୍ଥ : ଜାଗତିକ ପଦାର୍ଥର ଭଙ୍ଗୁରଶୀଳତା ସମ୍ପର୍କରେ ସର୍ବଦା ସଚେତନ ରହିବା।

୮। ସମ୍ୟକ୍ ସମାଧି (ସତ୍ ସମାଧି)
ଅର୍ଥ : ଦିବ୍ୟଜ୍ଞାନ ଲାଭ ପାଇଁ ତପସ୍ୟା କରିବା।

କଠୋର ସାଧନା ଓ ଭୋଗବିଳାସ ପରି ଦୁଇ ଚରମ ମାର୍ଗ ପରିତ୍ୟାଗ କରି ଗୌତମ ବୁଦ୍ଧ ଏକ ମଧ୍ୟମ ପନ୍ଥା ରୂପେ ଆର୍ଯ୍ୟ ଅଷ୍ଟାଙ୍ଗ ମାର୍ଗ (ଅଷ୍ଟାଙ୍ଗିକ ମାର୍ଗ) ପ୍ରବର୍ତ୍ତନ କରିଥିଲେ। ଯେକୌଣସି ବ୍ୟକ୍ତି ଏହି ମାର୍ଗ ଅନୁସରଣ କଲେ ନିର୍ବାଣ ପ୍ରାପ୍ତ ହେବ ବୋଲି ସେ ଘୋଷଣା କରିଥିଲେ।

**ନିର୍ବାଣ :** ନିର୍ବାଣ ଏକ ଶାଶ୍ୱତ ଓ ଶାନ୍ତିପ୍ରଦ ମାନସିକ ସ୍ଥିତି, ଯାହା ଅବର୍ଣ୍ଣନୀୟ। କେବଳ ନିର୍ବାଣ ପ୍ରାପ୍ତ ହୋଇଥିବା ବ୍ୟକ୍ତି ଏହାକୁ ଅନୁଭବ କରିପାରେ। ନିର୍ବାଣ ଦ୍ୱାରା ଅସ୍ତିତ୍ୱର ବିଲୋପ ସାଧନ ହୁଏ ନାହିଁ। କିନ୍ତୁ କାମନାର ବିନାଶ ହୁଏ ଓ ଜନ୍ମ-ମୃତ୍ୟୁ ଚକ୍ରରୁ ମୁକ୍ତିଲାଭ ମିଳେ।



ଗୌତମବୁଦ୍ଧ

**ପୁନର୍ଜନ୍ମ ଓ କର୍ମଫଳ :** ଗୌତମବୁଦ୍ଧ ପୁନର୍ଜନ୍ମ ଓ କର୍ମଫଳ ଉପରେ ଗୁରୁତ୍ୱ ଦେଉଥିଲେ। କାମନାର ବିନାଶ ନ ହେବା ପର୍ଯ୍ୟନ୍ତ ମନୁଷ୍ୟ ବାରମ୍ବାର ଜନ୍ମଲାଭ କରେ ଓ ଜରା, ବ୍ୟାଧି ଓ ମୃତ୍ୟୁ ଜନିତ ଦୁଃଖ ଭୋଗ କରେ। ତାଙ୍କ ମତରେ - ଉତ୍ତମ କର୍ମ ଉତ୍ତମ ଫଳ ଓ ନୀଚ କର୍ମ ମନ୍ଦ ଫଳ ପ୍ରଦାନ କରିଥାଏ। ଅତଏବ ମଣିଷର ବର୍ତ୍ତମାନ ଅବସ୍ଥା ତା'ର ଅତୀତ କର୍ମର ପରିଣତି ଓ ତା'ର ଭବିଷ୍ୟତ ବର୍ତ୍ତମାନ ସେ କରୁଥିବା କର୍ମ ଉପରେ ନିର୍ଭରଶୀଳ। ସାଧାରଣ ମଣିଷ, ପୂଜକ, ଶାସକ ଏବଂ ଦେବତାମାନେ ମଧ୍ୟ କର୍ମଫଳର ଅଧୀନସ୍ଥ ଓ ଏହାର ପ୍ରଭାବକୁ କେହି ଏଡ଼ାଇ ପାରିବେନାହିଁ।

**ଅହିଂସା :** ଗୌତମବୁଦ୍ଧଙ୍କ ନୀତିବାଣୀର ଅଧିକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା - ଅହିଂସା ନୀତି । ଅହିଂସା ପରମ ଧର୍ମ ବୋଲି ସେ ଘୋଷଣା କରିଥିଲେ । ମନୁଷ୍ୟ କିମ୍ବା ପଶୁମାନଙ୍କୁ ହତ୍ୟା ବା ଆଘାତ କରିବାରୁ ନିବୃତ୍ତ ରହିବାକୁ ସେ ଆହ୍ୱାନ ଦେଇଥିଲେ । ବଳିପ୍ରଥାକୁ ସେ ଘୋର ବିରୋଧ କରିଥିଲେ ।

ବୌଦ୍ଧଧର୍ମ ପ୍ରଥମେ ଏକ ଆଞ୍ଚଳିକ ଧର୍ମ ସଂପ୍ରଦାୟ ରୂପେ ଉଦ୍ଭବ ହୋଇଥିଲା । କିନ୍ତୁ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ଏହି ଧର୍ମ ମୌର୍ଯ୍ୟ ସମ୍ରାଟ ଅଶୋକଙ୍କ ପୃଷ୍ଠପୋଷକତା ଲାଭ କଲା । ତାଙ୍କରି ସମୟରେ ଏହା ଏକ ସର୍ବଭାରତୀୟ ଧର୍ମରେ ପରିଣତ ହୋଇଥିଲା ଏବଂ ଭାରତ ସୀମା ଅତିକ୍ରମ କରି ମଧ୍ୟ, ଦକ୍ଷିଣ-ପୂର୍ବ ଓ ଦକ୍ଷିଣ ଏସିଆର ବିଭିନ୍ନ ଦେଶରେ ପ୍ରସାରିତ ହୋଇଥିଲା ।ପରବର୍ତ୍ତୀ କାଳରେ କୁଶାଣ ସମ୍ରାଟ କନିଷ୍କ ଓ ପୁଷ୍ୟଭୂତି ବଂଶୀୟ ସମ୍ରାଟ ହର୍ଷବର୍ଦ୍ଧନ ମଧ୍ୟ ବୌଦ୍ଧଧର୍ମର ପୃଷ୍ଠପୋଷକତା କରିଥିଲେ ।ଏହି ଧର୍ମର ପ୍ରସାର ଓ ଗୌରବ ବୃଦ୍ଧି ଫଳରେ ପ୍ରତିଷ୍ଠାତା ଗୌତମ ବୁଦ୍ଧ 'ଏସିଆର ଆଲୋକ' ରୂପେ ପରିଗଣିତ ହେଲେ । କିନ୍ତୁ ସେତେବେଳକୁ ବୌଦ୍ଧଧର୍ମ ହୀନଯାନ ଓ ମହାଯାନ ବୋଲି ଦୁଇ ପ୍ରମୁଖ ଗୋଷ୍ଠୀରେ ପରିଣତ ହୋଇଯାଇଥିଲା । ଯେଉଁମାନେ ବୁଦ୍ଧଙ୍କ ମୁଖ ନିଃସୃତ ବାଣୀ ଅନୁସରଣ କଲେ ସେମାନେ ହୀନଯାନ ଏବଂ ଯେଉଁମାନେ ବୁଦ୍ଧଙ୍କ ଈଶ୍ୱରତ୍ୱରେ ବିଶ୍ୱାସୀ ହୋଇ ମୂର୍ତ୍ତିପୂଜା ଗ୍ରହଣ କଲେ ସେମାନେ ମହାଯାନ ନାମରେ ପରିଚିତ ହେଲେ ।

**ପ୍ରଭାବ :**

ବିଭିନ୍ନ କାରଣରୁ ବୌଦ୍ଧଧର୍ମ ଭାରତଭୂମିରୁ ଲୋପ ପାଇଥିଲେହେଁ ଭାରତୀୟ ସମାଜ ଓ ସଂସ୍କୃତିକୁ ବିଶେଷ ରୂପେ ପ୍ରଭାବିତ କରିବା ସହିତ ଏହି ଧର୍ମ ସମଗ୍ର ମାନବ ସମାଜର ଧାର୍ମିକ ବିକାଶରେ ସହାୟକ ହୋଇଥିଲା ।

**ସମାଜ ସଂସ୍କାର :** ଗୌତମବୁଦ୍ଧ ବେଦ ଓ ବ୍ରାହ୍ମଣଙ୍କ ପ୍ରାଧାନ୍ୟକୁ ପ୍ରତ୍ୟାଖ୍ୟାନ କରିଥିଲେ । ସେ ଯଜ୍ଞ, ମନ୍ତ୍ର ଓ ବୈଦିକ କର୍ମକାଣ୍ଡ ମୂଲ୍ୟହୀନ ବୋଲି ଘୋଷଣା କରିଥିଲେ । ଜଟିଳ ଓ ବ୍ୟୟବହୁଳ ବ୍ରାହ୍ମଣ୍ୟ ଧର୍ମର ଏକ ବିକଳ୍ପ ଧର୍ମ ରୂପେ ବୌଦ୍ଧଧର୍ମ ସାଧାରଣ ଲୋକଙ୍କ ଆଦର ଲାଭ କରିଥିଲା । ଉଚ୍ଚ-ନୀଚ, ନାରୀ-ପୁରୁଷ, ଜାତି-ଅଜାତି ସମସ୍ତଙ୍କ ପାଇଁ ବୌଦ୍ଧଧର୍ମର ଦ୍ୱାର ଉନ୍ମୁକ୍ତ ଥିଲା । ଏହି ନୀତି ପ୍ରଚଳିତ ଜାତିପ୍ରଥାର ମୂଳଭିତ୍ତି ଉପରେ ଏକ ପ୍ରଚଣ୍ଡ ଆଘାତ ସଦୃଶ ଥିଲା । ବହୁ ସଂଖ୍ୟକ ବ୍ରାହ୍ମଣେତର ବର୍ଗର ଲୋକ ଓ ଅଣବୈଦିକ ଗୋଷ୍ଠୀ ଏହି ଧର୍ମ ଗ୍ରହଣ କରିଥିଲେ । ବିଶେଷ ରୂପେ ନାରୀ ଓ ଶୂଦ୍ରମାନେ ବୌଦ୍ଧଧର୍ମ ଗ୍ରହଣ କରିବା ଦୃଷ୍ଟାନ୍ତ ବୌଦ୍ଧ ସାହିତ୍ୟରୁ ମିଳିଥାଏ । ସାମାଜିକ ସମତା ରକ୍ଷା କରିବାରେ ବୌଦ୍ଧଧର୍ମ ସହାୟକ ହୋଇଥିଲା ।

**ଅହିଂସା ନୀତିର ପ୍ରଭାବ :** ସେ ସମୟରେ ଆର୍ଯ୍ୟମାନେ ଯଜ୍ଞ ପାଇଁ ଓ ଅଣ ଆର୍ଯ୍ୟମାନେ ଖାଦ୍ୟ ପାଇଁ ପଶୁହତ୍ୟା କରୁଥିଲେ । ଗୌତମବୁଦ୍ଧ ଅହିଂସା ନୀତି ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ । ଦୟା, ପ୍ରେମ ଓ ଦାନଶୀଳ ହେବା ପାଇଁ ସେ ପରାମର୍ଶ ଦେଇଥିଲେ । ପଶୁମାନଙ୍କୁ ହତ୍ୟା ନକରି ସୁରକ୍ଷା ପ୍ରଦାନ କରିବା ପାଇଁ ସେ ନିବେଦନ କରିଥିଲେ । ଏହି ନୀତି ବ୍ରାହ୍ମଣ୍ୟଧର୍ମକୁ ମଧ୍ୟ ପ୍ରଭାବିତ କରିଥିଲା ଓ ପଶୁ ସମ୍ପଦ ବୃଦ୍ଧିରେ ସହାୟକ ହୋଇଥିଲା ।

**ଶିକ୍ଷା, ଭାଷା, ସାହିତ୍ୟ ଓ ଦର୍ଶନ :** ଶିକ୍ଷା ଓ ସାହିତ୍ୟ କ୍ଷେତ୍ରରେ ବୌଦ୍ଧଧର୍ମର ପ୍ରଭାବ ବିଶେଷ ରୂପେ ପରିଲିକ୍ଷିତ ହୁଏ । ବୌଦ୍ଧ ବିହାର ଶିକ୍ଷାକେନ୍ଦ୍ର ରୂପେ କାର୍ଯ୍ୟ କରୁଥିଲା । ତକ୍ଷଶୀଳା, ନାଳନ୍ଦା, ବିକ୍ରମଶୀଳା ପରି ବିଶ୍ୱବିଦ୍ୟାଳୟରେ ଭାରତ ଓ ଭାରତ ବାହାରୁ ଛାତ୍ର ଓ ଶିକ୍ଷକ ଆସି ଅଧ୍ୟୟନ ଓ ଗବେଷଣାରେ ବ୍ରତୀ ଥିଲେ ।

ବୌଦ୍ଧମାନଙ୍କର ଧର୍ମଗ୍ରନ୍ଥକୁ ତ୍ରିପିଟକ କୁହାଯାଏ । ଏହା ବିନୟ ପିଟକ, ସୂତ୍ର ପିଟକ ଓ ଅଭିଧର୍ମ ପିଟକ ଏହିପରି ତିନି ଭାଗରେ ବିଭକ୍ତ । ଏହା ପାଲି ଭାଷାରେ ଲିଖିତ । ଏହା ବ୍ୟତୀତ ଜାତକ ଗଳ୍ପ ଓ ଅନ୍ୟ ବୌଦ୍ଧଗ୍ରନ୍ଥ ମଧ୍ୟ ପାଲି ଭାଷାରେ ରଚନା କରାଯାଇଥିଲା । ଅତଏବ ବୌଦ୍ଧଧର୍ମ ପ୍ରଭାବରେ ପାଲିଭାଷା ଏକ ସମୃଦ୍ଧ ଭାଷାରେ ପରିଣତ ହୋଇଥିଲା । ଗୌତମବୁଦ୍ଧ ଲୋକଙ୍କ କଥିତ ମାଗଧି ଭାଷାରେ ଧର୍ମ ପ୍ରଚାର କରୁଥିଲେ । ଏହି ନୀତି କଥିତ ଭାଷାର ଉନ୍ନତି ପାଇଁ ସହାୟକ ହୋଇଥିଲା ବୌଦ୍ଧ ବିହାରମାନଙ୍କରେ ପ୍ରାକୃତ ଭାଷାର ବହୁଳ ବ୍ୟବହାର ହେତୁ ପ୍ରାକୃତ ଭାଷାର ଅଭିବୃଦ୍ଧି ହୋଇଥିଲା । ପରବର୍ତ୍ତୀ କାଳରେ ସଂସ୍କୃତ ଭାଷାରେ ମଧ୍ୟ ବୌଦ୍ଧ ଧର୍ମଗ୍ରନ୍ଥମାନ ରଚିତ ହୋଇଥିଲା ।

ଧର୍ମଗ୍ରନ୍ଥ ବ୍ୟତୀତ ବୌଦ୍ଧଧର୍ମ ପ୍ରଭାବରେ ସାଧାରଣ ସାହିତ୍ୟ ମଧ୍ୟ ରଚନା କରାଯାଇଥିଲା । ଲଳିତବିସ୍ତର, ବୁଦ୍ଧ ଚରିତ, ମିଳିନ୍ଦପନ୍ହ, ମଞ୍ଜୁଶ୍ରୀ ମୂଳକଳ୍ପ ପ୍ରଭୃତି ବୌଦ୍ଧ ସାହିତ୍ୟ କୃତି ଭାରତୀୟ ସାହିତ୍ୟ ଭଣ୍ଡାରର ଅମୂଲ୍ୟ ସମ୍ପଦ ରୂପେ ସ୍ୱୀକୃତ ।

**କଳାଓ ସ୍ଥାପତ୍ୟ :** ଭାରତୀୟ କଳା ଓ ସ୍ଥାପତ୍ୟ କ୍ଷେତ୍ରରେ ବୌଦ୍ଧଧର୍ମର ପ୍ରଭାବ ଉଲ୍ଲେଖଯୋଗ୍ୟ । ସାଞ୍ଚି, ଭାରୁତ, ଅମରାବତୀ ଓ ନାଳନ୍ଦାରେ ନିର୍ମିତ ସ୍ତୂପ ବୌଦ୍ଧ କୀର୍ତ୍ତିରାଜିର ଉଜ୍ଜ୍ୱଳ ଦୃଷ୍ଟାନ୍ତ ରୂପେ ଦଣ୍ଡାୟମାନ । ସାଞ୍ଚି ସ୍ତୂପର କାରୁକାର୍ଯ୍ୟପୂର୍ଣ୍ଣ ପ୍ରବେଶ ଦ୍ୱାର ଓ ପ୍ରଦକ୍ଷିଣ ପଥ ପୃଥିବୀ ପ୍ରସିଦ୍ଧ । ଓଡ଼ିଶାର ରତ୍ନଗିରି, ଉଦୟଗିରି ଓ ଲଳିତଗିରିରେ ଗୁପ୍ତ ଓ ପରବର୍ତ୍ତୀ ଗୁପ୍ତଯୁଗୀୟ କୀର୍ତ୍ତି ଦୃଷ୍ଟିଗୋଚର ହୁଏ । ଭାରତ ଓ ଭାରତ ବାହାରେ ଥିବା ଅଶୋକସ୍ତମ୍ଭ, ମହାରାଷ୍ଟ୍ରର କହ୍ନେରି, କୋଣ୍ଡାନେ, କାର୍ଲେ ଓ ନାସିକ୍‌ରେ ଖୋଦିତ ହୋଇଥିବା ଗୁମ୍ଫା ବୌଦ୍ଧ ଗୁମ୍ଫା ସ୍ଥାପତ୍ୟର ଅନବଦ୍ୟ ସୃଷ୍ଟି ରୂପେ ସ୍ୱୀକୃତ । ବୌଦ୍ଧଧର୍ମ ପ୍ରଭାବରେ ଭାରତୀୟ ଓ ଗ୍ରୀକ୍ କଳାଶୈଳୀର ମିଶ୍ରଣ ହୋଇ ଗାନ୍ଧାର କଳାଶୈଳୀର ଉଦ୍ଭବ ହୋଇଥିଲା ।

ବୌଦ୍ଧଧର୍ମର ପ୍ରଭାବରେ ଅନେକ ଗୁମ୍ଫା ମନ୍ଦିର ନିର୍ମାଣ କରାଯାଇଥିଲା । ପ୍ରସିଦ୍ଧ ଦୃଷ୍ଟାନ୍ତ ରୂପେ ଅଜନ୍ତା, ଏଲୋରା ଓ ବାଘ ଗୁମ୍ଫା ଉଲ୍ଲେଖଯୋଗ୍ୟ । ଏହି ଗୁମ୍ଫାଗୁଡ଼ିକର କାନ୍ଥ ଓ ଗୁମ୍ଫାଗୃହ ସମ୍ମୁଖଭାଗରେ ବୌଦ୍ଧଧର୍ମ ସମ୍ପର୍କିତ କାହାଣୀ, ମନୁଷ୍ୟ, ପଶୁ, ବୃକ୍ଷଲତା,ଫୁଲଫଳ ପ୍ରଭୃତିର ଚିତ୍ର ଖୋଦିତ କରାଯାଇଛି । ସେହିପରି ଅଜନ୍ତାର କେତେକ ଗୁମ୍ଫାରେ ଶୋଭିତ ହୋଇଥିବା ଚିତ୍ରକଳା ବିଶ୍ୱ ବିଖ୍ୟାତ ।

**ରାଜନୀତି :** କେତେକ ଭାରତୀୟ ଶାସକମାନଙ୍କ ନୀତି ବୌଦ୍ଧଧର୍ମ ଦ୍ୱାରା ପ୍ରଭାବିତ ହୋଇଥିଲା । ଅଶୋକ ବୌଦ୍ଧଧର୍ମ ଗ୍ରହଣ କରିଥିଲେ ଓ ଏହାଦ୍ୱାରା ପ୍ରଭାବିତ ହୋଇ ଯୁଦ୍ଧ ପରିହାର କରିଥିଲେ । ରାଜ୍ୟଜୟ ପରିବର୍ତ୍ତେ ଜନମଙ୍ଗଳ କାର୍ଯ୍ୟକରି ଲୋକଙ୍କ ହୃଦୟ ଜୟ କରିବାକୁ ଉଦ୍ୟମ କରିଥିଲେ । ଫଳତଃ ମୌର୍ଯ୍ୟ ସେନାବାହିନୀର ଶକ୍ତି ହ୍ରାସ ପାଇଥିଲା ଓ କାଳକ୍ରମେ ମୌର୍ଯ୍ୟ ସାମ୍ରାଜ୍ୟର ବିଲୟ ଘଟିଥିଲା । ଏହି ପରିସ୍ଥିତିରେ ବିଦେଶୀ ଶାସକମାନଙ୍କ ପାଇଁ ଭାରତ ଉତ୍ତର-ପଶ୍ଚିମାଞ୍ଚଳ ଆକ୍ରମଣ କରିବା ସହଜସାଧ୍ୟ ହୋଇଥିଲା ।

**ଭାରତୀୟ ସଂସ୍କୃତି ସଂପ୍ରସାରଣ :** ବୌଦ୍ଧଧର୍ମ ବାହାର ଦେଶମାନଙ୍କରେ ଭାରତୀୟ ସଂସ୍କୃତି ସଂପ୍ରସାରଣ କରିବାରେ ସହାୟକ ହୋଇଥିଲା । ବୌଦ୍ଧ ସନ୍ନ୍ୟାସୀମାନେ ଶ୍ରୀଲଙ୍କା, ବର୍ମା, କାମ୍ବୋଡ଼ିଆ (କାମ୍ପୁଚିଆ) ଜାଭା, ସୁମାତ୍ରା, ଚୀନ, ତିବ୍ବତ ଓ ମଧ୍ୟ ଏସିଆରେ ଧର୍ମ ପ୍ରଚାର କରିଥିଲେ । ଏହାଦ୍ୱାରା ଭାରତୀୟ ସଂସ୍କୃତି ପ୍ରସାର ହେବା ସହିତ ବର୍ହିବାଣିଜ୍ୟ ମଧ୍ୟ ବୃଦ୍ଧି ପାଇଥିଲା ।

ପାଲି,ପ୍ରାକୃତ ଓ ସଂସ୍କୃତ ଭାଷାରେ ରଚିତ ବିପୁଳ ପରିମାଣର ବୌଦ୍ଧ ଧର୍ମଗ୍ରନ୍ଥ ଓ ସାହିତ୍ୟ ଐତିହାସିକ ଉପାଦାନରେ ପରିପୂର୍ଣ୍ଣ । ଐତିହାସିକମାନେ ଏହି ତଥ୍ୟ ବ୍ୟବହାର କରି ଭାରତର ପ୍ରାଚୀନ ଇତିହାସ ରଚନା କରିଥାନ୍ତି ।ଗୌତମବୁଦ୍ଧଙ୍କ ସମୟ ଷଷ୍ଠ ଶତାବ୍ଦୀଠାରୁ ଇତିହାସ ରଚନା ସୁଗମ ହୋଇଥିବା ପରିଦୃଷ୍ଟ ହୁଏ ।

## ଜୈନଧର୍ମ ଓ ବୌଦ୍ଧଧର୍ମର ଭାରତୀୟ ସଂସ୍କୃତିକୁ ଅବଦାନ

### ଜୈନଧର୍ମର ଭାରତୀୟ ସଂସ୍କୃତିକୁ ଅବଦାନ :

**ଜୈନ ସାହିତ୍ୟ ଏବଂ ଆଞ୍ଚଳିକ ଭାଷାର ବିକାଶ :** ଜୈନଧର୍ମ ପୂର୍ବରୁ ପୁସ୍ତକଗୁଡ଼ିକ ସଂସ୍କୃତ ଅଥବା ପାଲି ଭାଷାରେ ଲେଖାଯାଉଥିଲା । ଜୈନଧର୍ମର ପ୍ରଚାରକମାନେ ବିଭିନ୍ନ ଅଞ୍ଚଳରେ ବ୍ୟବହୃତ ହେଉଥିବା ଭାଷାରେ ସେମାନଙ୍କର ଧର୍ମ ଗ୍ରନ୍ଥ ଗୁଡ଼ିକୁ ଲେଖିବା ଫଳରେ ଏବଂ ମହାବୀର ନିଜେ ଅର୍ଦ୍ଧ-ମାଗଧି ଭାଷାରେ ଯାହାକି ମାଗଧି ଓ ସୌରସେନୀ ଭାଷାର ମିଶ୍ରଣ ଥିଲା ନିଜ ଧର୍ମର ପ୍ରଚାର କରିବା ଯୋଗୁଁ ଆଞ୍ଚଳିକ ଭାଷାଗୁଡ଼ିକର ବିକାଶରେ ସହାୟକ ହେଲା । ପରବର୍ତ୍ତୀକାଳରେ ଜୈନମାନେ 'ଅପଭ୍ରଂଶ' ନାମକ ଏକ ନୂତନ ଭାଷାର ପ୍ରଚଳନ କଲେ ଯାହା ସଂସ୍କୃତ ଏବଂ ପ୍ରାକୃତ ଭଳି ପ୍ରାଚୀନ ଭାଷା ଓ ଆଧୁନିକ ଆଞ୍ଚଳିକ ଭାଷା ମଧ୍ୟରେ ସେତୁ ସଦୃଶ କାମକଲା । ଜୈନମାନେ ଧାର୍ମିକ ସାହିତ୍ୟ ବ୍ୟତିରେକ ବ୍ୟାକରଣ, କାବ୍ୟାଳଙ୍କାର ଶବ୍ଦକୋଷପ୍ରଣୟନ ଏବଂ ଗଣିତ ଭଳି ବୈଷୟିକ ଶିକ୍ଷା ଉପରେ ମଧ୍ୟ ଉଚ୍ଚତର ସାହିତ୍ୟ ସର୍ଜନା କରିଥିଲେ ।

**ଜୈନମାନଙ୍କର ନୈତିକ ଆଦର୍ଶବାଦ :** ନୈତିକ ଜୀବନ ଏବଂ ସଦାଚାର ଗୁଣବତ୍ତାକୁ ଶକ୍ତିଶାଳୀ କରିବାରେ ଜୈନଧର୍ମର ଯଥେଷ୍ଟ ଅବଦାନ ରହିଛି । ମନ୍ଦକର୍ମର ଅନୁପ୍ରବାହକୁ ରୋକିବା ନିମନ୍ତେ ଜୈନମାନେ ଉଭୟ ବାହ୍ୟ ଓ ଆଭ୍ୟନ୍ତର କଠୋର ସଂଯମତା ଉପରେ ଗୁରୁତ୍ୱ ଦିଅନ୍ତି । ଜୈନମାନଙ୍କପାଇଁ ଭିକ୍ଷା, ଉପବାସ, ଖାଦ୍ୟର ପରିମାଣ ପର୍ଯ୍ୟାୟକ୍ରମେ କମେଇବା, ଦୁଗ୍ଧ, ଘୃତ, ଦହି, ମିଠା ପ୍ରଭୃତି ଗୁଡ଼ିକର ଭୋଜନ ବର୍ଜନ ବାହ୍ୟ ସଂଯମତା ଭିତରେ ପରିଗଣିତ ହେଉଥିବା ବେଳେ ନମ୍ରତା, ସେବା, ଅଧ୍ୟୟନ, ଧ୍ୟାନମଗ୍ନ, ପାପ ପ୍ରକ୍ଷାଳନ ନିମନ୍ତେ କୃଚ୍ଛ ସାଧନା ଆଭ୍ୟନ୍ତର ସଂଯମତାର ଅନ୍ତର୍ଗତ । ଜଣେ ବ୍ୟକ୍ତିର ଆଧାତ୍ମିକ ଉତ୍ତରଣ ସକାଶେ ତିନୋଟି ସାଧନର ଆବଶ୍ୟକ ହୋଇଥାଏ ଏବଂ ସେଗୁଡ଼ିକୁ ମିଶାଇ 'ତ୍ରିରତ୍ନ' ବୋଲି କୁହାଯାଏ । ତାହା ହେଲା ତୀର୍ଥଙ୍କରମାନଙ୍କ ଉପରେ ଦୃଢ଼ ବିଶ୍ୱାସ, ଜୈନ ସିଦ୍ଧାନ୍ତର ଅବଗତ ଏବଂ ସଦାଚରଣ । ଜୈନ ଧର୍ମରେ ଅହିଂସା ଏକ ବିଶିଷ୍ଟ ମାନ୍ୟତା ପାଇଥାଏ । ଜୈନମାନେ କାୟିକ, ବାଚନିକ ଏବଂ ମାନସିକ ଅହିଂସାରେ ବିଶ୍ୱାସ ରଖନ୍ତି । ଏପରିକି କ୍ଷୁଦ୍ରାତିକ୍ଷୁଦ୍ର କୀଟ, ପତଙ୍ଗମାନଙ୍କ ପ୍ରତି ମଧ୍ୟ ଏମାନେ ଅହିଂସା ଆଚରଣ କରନ୍ତି ।

**ଜୈନଧର୍ମରେ ସୃଷ୍ଟି ଓ ନିର୍ବାଣ ତତ୍ତ୍ୱ :** ଜୈନମାନେ ଐଶ୍ୱରିକ ଶକ୍ତିରେ ବିଶ୍ୱାସ କରନ୍ତି ନାହିଁ। ସେମାନଙ୍କ ଦର୍ଶନତତ୍ତ୍ୱ ଅନୁଯାୟୀ ଚେତନ ଓ ଜଡ଼ପଦାର୍ଥ ଯେତେବେଳେ ପରସ୍ପର ସହିତ ଗାଢ଼ ସମ୍ପର୍କ ସ୍ଥାପନ କରନ୍ତି ସେତେବେଳେ କେତେକ ଶକ୍ତିର ଉତ୍ପନ୍ନ ହୁଏ ଯଦ୍ୱାରା ଜନ୍ମ, ମୃତ୍ୟୁ ଏବଂ ଜୀବନର ଅନେକ ବିବିଧ ଅନୁଭୂତି ସଂଘଟିତ ହୁଏ। ଏହି ଜନ୍ମ-ମୃତ୍ୟୁର ନିରନ୍ତର ଚକ୍ରକୁ କେତେକ କଠୋର ନୈତିକ ଆଚରଣବିଧିଦ୍ୱାରା ଅନ୍ତ କରାଯାଇପାରିବ ଏବଂ ଆତ୍ମାର ନିର୍ବାଣ ପ୍ରାପ୍ତି ହୋଇପାରିବ। କୌଣସି ଅଦୃଷ୍ଟଶକ୍ତି ଏ ସଂସାରକୁ ସୃଷ୍ଟି କରିଛନ୍ତି କିମ୍ବା ତାଙ୍କର ଦୟାଯୋଗୁଁ ମୁକ୍ତି ମିଳେ, ଏକଥାରେ ଜୈନମାନେ ବିଶ୍ୱାସ କରନ୍ତି ନାହିଁ। ସେମାନଙ୍କ ଦର୍ଶନ ଅନୁସାରେ ଈଶ୍ୱର ହେଉଛନ୍ତି ସମସ୍ତ ସଦ୍‌ଗୁଣର ସମାହାର ମାତ୍ର। ମନୁଷ୍ୟ ସ୍ୱଚେଷ୍ଟା ବଳରେ ଏବଂ ସଦାଚରଣ ମାଧ୍ୟମରେ ଈଶ୍ୱରଙ୍କ ସ୍ତରକୁ ଉନ୍ନୀତ ହୋଇପାରିବ।

**ଜୈନ କଳା, ଭାସ୍କର୍ଯ୍ୟ ଏବଂ ସ୍ଥାପତ୍ୟ :** କଳା ଭାସ୍କର୍ଯ୍ୟ, ସ୍ଥାପତ୍ୟ ଓ ଚିତ୍ରକଳା କ୍ଷେତ୍ରରେ ଜୈନମାନଙ୍କର ସ୍ୱତନ୍ତ୍ର ଅବଦାନ ରହିଅଛି। ମଥୁରାରୁ ବହୁ ସଂଖ୍ୟାରେ ପ୍ରାପ୍ତ ଖ୍ରୀଷ୍ଟପୂର୍ବ ପ୍ରଥମ-ଦ୍ୱିତୀୟ ଶତାବ୍ଦୀ ସମୟର ପଥର-ବାଡ଼, ସୁସଜ୍ଜିତ ପ୍ରବେଶଦ୍ୱାର, ପ୍ରସ୍ତର-ଛତ୍ର, ବିସ୍ତୃତ ଖୋଦିତ ସ୍ତମ୍ଭମାନ ଓ ଅନେକ ତାଣ୍ଡାର ମୂର୍ତ୍ତି ଜୈନ ସ୍ତୂପକଳାର ନିଦର୍ଶନ। ଜୈନମାନଙ୍କ ମଧ୍ୟରେ ମୂର୍ତ୍ତି-ପୂଜାର ପରମ୍ପରା ପ୍ରାକ୍-ମୌର୍ଯ୍ୟ ସମୟରୁ ପ୍ରଚଳିତ ଥିଲା ବୋଲି ଶିଳା, ମୁଦ୍ରା ଓ ଧାତୁ ଫଳକ ଉପରେ ଉତ୍କୀର୍ଣ୍ଣ ଲିପିରୁ ପ୍ରମାଣ ମିଳୁଅଛି। କଳିଙ୍ଗ ସମ୍ରାଟ ଖାରବେଳଙ୍କ ସମୟରୁ ଅଧୁନା ଭୁବନେଶ୍ୱରର ଉପକଣ୍ଠରେ ସ୍ଥିତ ଖଣ୍ଡଗିରି ଓ ଉଦୟଗିରିରେ ପ୍ରସ୍ତର ଗାତ୍ରରେ ଖୋଦିତ ଜୈନମୂର୍ତ୍ତିଗୁଡ଼ିକ ଜୈନସ୍ଥାପତ୍ୟର ଜ୍ୱଳନ୍ତ ପ୍ରତିଫଳନ। ସେହିପରି ମଥୁରା, ପୂର୍ବବଙ୍ଗ, ମଧ୍ୟପ୍ରଦେଶ, ରାଜସ୍ଥାନ, କର୍ଣ୍ଣାଟକ, ପ୍ରଭୃତି ଅଞ୍ଚଳରୁ ମିଳିଥିବା ଜୈନତୀର୍ଥମାନଙ୍କର ମୂର୍ତ୍ତି, ଅଷ୍ଟମଙ୍ଗଳ ଚିହ୍ନ, ଦିକ୍‌ପାଳକ, ନବଗ୍ରହ, ଚୌଷଠି ଯୋଗିନୀ, କ୍ଷେତ୍ରପାଳ, ଲକ୍ଷ୍ମୀ, ଯକ୍ଷ-ଯକ୍ଷିଣୀ ଓ ଅନ୍ୟାନ୍ୟ ଦେବ ଦେବୀମାନଙ୍କର ବିଭିନ୍ନ ଭଙ୍ଗୀର ତଥା ସୁସଜ୍ଜିତ ତୋରଣ ଓ ବୃକ୍ଷଲତା ମଧ୍ୟରେ ସୁଶୋଭିତ ମୂର୍ତ୍ତିଗୁଡ଼ିକ ଜୈନସ୍ଥାପତ୍ୟର ଉତ୍କର୍ଷତାର ପରିଚୟ ପ୍ରଦାନ କରେ।

ଶିଳା-ଖୋଦନ ଭାସ୍କର୍ଯ୍ୟ ନିମନ୍ତେ ମଧ୍ୟପ୍ରଦେଶର ବିଦିଶା ନିକଟବର୍ତ୍ତୀ ଉଦୟଗିରି, ମହାରାଷ୍ଟ୍ରର ଏଲୋରା, ଓଡ଼ିଶାର-ଉଦୟଗିରିସ୍ଥିତ ହାତୀଗୁମ୍ଫା ତଥା ଓସମାନାବାଦର ଗୁମ୍ଫା-ଭାସ୍କର୍ଯ୍ୟ ଅନ୍ୟତମ।

ମନ୍ଦିର-ଭାସ୍କର୍ଯ୍ୟରେ ମଧ୍ୟ ଜୈନମାନେ ବହୁ ଉଚ୍ଚକୋଟୀର ଅକ୍ଷୟ କୀର୍ତ୍ତିମାନ ସ୍ଥାପନ କରି ଉତ୍କର୍ଷତା ପ୍ରତିପାଦିତ କରିଛନ୍ତି। ଜୈନମାନଙ୍କର ବହୁ ପବିତ୍ର ତୀର୍ଥସ୍ଥଳ, ଯଥା ବିହାରର ପାର୍ଶ୍ୱନାଥ-ପର୍ବତ, ପାବାପୁରୀ ଓ ରାଜଗିରି, ଗୁଜୁରାଟର ଗିରନାର୍ ଓ ପାଲିଠଣା ଠାରେ ଅନେକ 'ଅମର-ସ୍ମାରକୀ'ର ସନ୍ଧାନ ମିଳେ। ଏତଦ୍‌ବ୍ୟତୀତ ମଧ୍ୟପ୍ରଦେଶର ସୋନାଗଡ଼, କୁଣ୍ଡଳପୁର, ବଡ୍‌ୱାନି, ଆନ୍ଧ୍ରପ୍ରଦେଶର ମୁକ୍ତାଗିରି, ରାଜସ୍ଥାନର ରଣକ୍‌ପୁର ଓ ମାଉଣ୍ଟଆବୁ ପ୍ରଭୃତିରେ ଥିବା ଜୈନସ୍ମାରକୀ ଗୁଡ଼ିକ ଉତ୍କୃଷ୍ଟ ମନ୍ଦିର-ଭାସ୍କର୍ଯ୍ୟର ଜ୍ୱଳନ୍ତ-ନମୁନା। ଧର୍ମଶାଳା ତଥା ଅତିଥି-ବିଶ୍ରାମାଗାର ନିର୍ମାଣରେ ମଧ୍ୟ ଜୈନମାନଙ୍କ ଅବଦାନ ଅତୁଳନୀୟ। ଚିତ୍ରକଳାରେ ଜୈନମାନେ ସୁନେଲି ଏବଂ ଉଜ୍ଜ୍ୱଳ ରଙ୍ଗର ବହୁଳ ବ୍ୟବହାର କରିଥିବାର ପ୍ରମାଣ ରହିଛି। ସେମାନେ ତାଙ୍କର ଧର୍ମଗ୍ରନ୍ଥଗୁଡ଼ିକୁ ବିଶେଷ ଭାବରେ ନାନା ଆକର୍ଷଣକାରୀ ଚିତ୍ର ମାଧ୍ୟମରେ ପ୍ରଦର୍ଶିତ କରିଅଛନ୍ତି।

**ଭାରତୀୟ ସଂସ୍କୃତିକୁ ବୌଦ୍ଧଧର୍ମର ଅବଦାନ :** ବୌଦ୍ଧଧର୍ମର ବିକାଶ ଭାରତର ସାଂସ୍କୃତିକ, ସାମାଜିକ, ଧାର୍ମିକ ଓ ରାଜନୈତିକ ଜୀବନକୁ ବହୁ ପରିମାଣରେ ପ୍ରଭାବିତ କରିଥିଲା ।

**ସରଳ, ବୋଧଗମ୍ୟ ଓ ଲୋକପ୍ରିୟ ଧର୍ମ :** ବୌଦ୍ଧଧର୍ମର ସରଳତା, ବୋଧଗମ୍ୟତା, ସାମାଜିକ ସମତା ଏହାକୁ ଏକ ଜଟିଳ, ବ୍ୟୟବହୁଳ ବ୍ରାହ୍ମଣ୍ୟଧର୍ମର ବିକଳ୍ପରୂପେ ସାଧାରଣବର୍ଗର ଜନତାଙ୍କୁ ଆକୃଷ୍ଟ କରିପାରିଥିଲା । ପ୍ରଚଳିତ ଜାତିପ୍ରଥାର ଭିତ୍ତିଭୂମିକୁ ଧ୍ୱଂସ କରି ଆଞ୍ଚଳିକ ଭାଷାରେ ଲୋକପ୍ରିୟ ଗାଥା ମାଧ୍ୟମରେ ଅତି ସରଳ ଓ ସାବଲୀଳ ଉପାସନା ଓ ପ୍ରାର୍ଥନା ପଦ୍ଧତିକୁ ଜନସାଧାରଣଙ୍କ ନିକଟରେ ଉପସ୍ଥାପନା କରି ବୌଦ୍ଧଧର୍ମ ନିଜର ପ୍ରାଧାନ୍ୟ ପ୍ରତିପାଦିତ କରିପାରିଥିଲା ।

କେତେକ ଆଦର୍ଶ ନୈତିକ ନିୟମାବଳୀ ଯଥା ବଦାନ୍ୟତା, ଶୁଦ୍ଧତା, ଆତ୍ମୋତ୍ସର୍ଗତା, ସତ୍ୟବାଦିତା, ଦୟା, ସ୍ନେହ, କରୁଣା, ଅହିଂସା ଓ ଇନ୍ଦ୍ରିୟ-ସଂଯମତାକୁ ଗୁରୁତ୍ୱ ଦେଇ ବୌଦ୍ଧଧର୍ମ ମାନବିକ ନୈତିକ ମୂଲ୍ୟବୋଧର ଉତ୍ତରଣରେ ସହାୟକ ହୋଇଥିଲା । ବୌଦ୍ଧଧର୍ମର ଅହିଂସା ନୀତି, ସାର୍ବଜନୀନ ସ୍ନେହ, ପରହିତୈଷୀଭାବନା ବ୍ରାହ୍ମଣ୍ୟଧର୍ମକୁ ବହୁମାତ୍ରାରେ ପ୍ରଭାବିତ କରିଥିଲା ଯାହାର ନିର୍ଭୁଲ ପ୍ରମାଣ ପରବର୍ତ୍ତୀକାଳୀନ ହିନ୍ଦୁ ଶାସ୍ତ୍ରମାନଙ୍କର ଲେଖାରେ ପ୍ରତିଫଳିତ ହୋଇଅଛି । ଭାଗବତପୁରାଣ ରଚନା ଏହାର ଜ୍ୱଳନ୍ତ ଉଦାହରଣ । ନାଗାର୍ଜୁନ, ଦିଂନ୍ନାଗ, ଧର୍ମକୀର୍ତ୍ତି ପ୍ରଭାକର, ଉଦୟନ ପ୍ରଭୃତି ବିଦ୍ୱାନ ବୌଦ୍ଧମାନେ ତର୍କ କ୍ଷେତ୍ରରେ ଏକ ନୂତନ ଦିଗ ସୃଷ୍ଟି କରିଥିଲେ ଯାହା ପରବର୍ତ୍ତୀ ଜାତୀୟ ବୌଦ୍ଧିକ ଜୀବନକୁ ରସାଳ କରିପାରିଥିଲା ।

ସଂସାରର ଅସାରତାକୁ ପ୍ରତିପାଦିତ କରିବାକୁ ଯାଇ ଗୌତମବୁଦ୍ଧ ସଂସାର ପରିତ୍ୟାଗ କରିବା ନିମନ୍ତେ ଯେଉଁ ଆହ୍ୱାନ ଦେଇଥିଲେ ତାହା ପଳାୟନବାଦକୁ ପ୍ରୋତ୍ସାହନ ଦେଇଥିଲା । ବୌଦ୍ଧ ସନ୍ନ୍ୟାସୀମାନଙ୍କ ନିମନ୍ତେ ଏକତ୍ର ରହଣି ଏବଂ ସମ୍ମିଳିତ ଧାର୍ମିକ ଜୀବନ ଯାପନ ପାଇଁ ପରିକଳ୍ପିତ ହୋଇଥିବା ବୌଦ୍ଧବିହାର ହିନ୍ଦୁଧର୍ମର ପରବର୍ତ୍ତୀକାଳୀନ ମଠ ସଂସ୍କୃତିର ଅଗ୍ରଦୂତ ।

ଶିକ୍ଷା, ଭାଷା, ସାହିତ୍ୟ ଓ ଦର୍ଶନ କ୍ଷେତ୍ରରେ ମଧ୍ୟ ବୌଦ୍ଧଧର୍ମ ବୈପ୍ଳବିକ ସଂସ୍କାର ଆଣିଥିଲା । ତକ୍ଷଶିଳା, ନାଳନ୍ଦା, ବିକ୍ରମଶୀଳା ପରି ବୌଦ୍ଧିକ ଶିକ୍ଷା କେନ୍ଦ୍ରଗୁଡ଼ିକ ଶିକ୍ଷାର ଗୁଣାତ୍ମକମାନ ନିମନ୍ତେ ବିଶ୍ୱପ୍ରସିଦ୍ଧ ଲାଭ କରିଥିଲା । ବୌଦ୍ଧଧର୍ମ ଗ୍ରନ୍ଥଗୁଡ଼ିକ ପାଲିଭାଷାରେ ଲେଖାଯାଇଥିଲେ ମଧ୍ୟ କଥିତ ପ୍ରାକୃତ ଓ ମାଗଧି ଭାଷା ମାଧ୍ୟମରେ ବୁଦ୍ଧଙ୍କ ନୀତିବାଣୀକୁ ପ୍ରଚାର କରାଯିବା ଫଳରେ ଆଞ୍ଚଳିକ ଭାଷାଗୁଡ଼ିକର ଉନ୍ନୟନରେ ତାହା ସହାୟକ ହୋଇଥିଲା । ଏତଦ୍‌ବ୍ୟତୀତ ଲଳିତବିସ୍ତର, ବୁଦ୍ଧଚରିତ, ମିଳିନ୍ଦପନ୍ନ, ମଞ୍ଜୁଶ୍ରୀ ମୂଳକଳ୍ପ ପ୍ରଭୃତି ସାଧାରଣ ବୌଦ୍ଧ ସାହିତ୍ୟ କୃତି ଭାରତୀୟ ସାହିତ୍ୟ ଭଣ୍ଡାରର ଅମୂଲ୍ୟ ସଂପଦ ରୂପେ ସ୍ୱୀକୃତ ।

**କଳା, ଭାସ୍କର୍ଯ୍ୟ ଓ ସ୍ଥାପତ୍ୟ :** ଭାରତୀୟ କଳା, ଭାସ୍କର୍ଯ୍ୟ ଓ ଚିତ୍ରକଳା କ୍ଷେତ୍ରରେ ବୌଦ୍ଧଧର୍ମର ପ୍ରଭାବ ଉଲ୍ଲେଖଯୋଗ୍ୟ । ସାଞ୍ଚି, ଭାରୁତ୍, ଅମରାବତୀ ଓ ନାଳନ୍ଦାରେ ନିର୍ମିତ ସ୍ତୂପ ବୌଦ୍ଧକୀର୍ତ୍ତିରାଜିର ଉଜ୍ଜ୍ୱଳ ଦୃଷ୍ଟାନ୍ତ । ସାଞ୍ଚି ସ୍ତୂପର କାରୁକାର୍ଯ୍ୟପୂର୍ଣ୍ଣ ପ୍ରବେଶଦ୍ୱାର ଓ ପ୍ରଦକ୍ଷିଣ ପଥ ବିଶ୍ୱବିଖ୍ୟାତ । ଓଡ଼ିଶାର ରତ୍ନଗିରି, ଉଦୟଗିରି ଓ ଲଳିତଗିରିର ବୌଦ୍ଧକୀର୍ତ୍ତି ଅନନ୍ୟ । ଅଶୋକସ୍ତମ୍ଭ, କହ୍ନେରି, କାର୍ଲେ ଓ ନାସିକ୍‌ର ଖୋଦିତ ଗୁମ୍ଫା ବୌଦ୍ଧ ଗୁମ୍ଫା

ସ୍ଥାପତ୍ୟର ଅନବଦ୍ୟ ନମୂନା । ବୌଦ୍ଧଧର୍ମ ପ୍ରଭାବରେ ଭାରତୀୟ ଓ ଗ୍ରୀକ୍ କଳାଶୈଳୀର ସମ୍ମିଶ୍ରଣରେ ଗାନ୍ଧାର କଳାଶୈଳୀର ଉଦ୍ଭବ ହୋଇଥିଲା । ବୌଦ୍ଧଧର୍ମର ପ୍ରଭାବରେ ଅନେକ ଗୁମ୍ଫା ମନ୍ଦିର ନିର୍ମାଣ କରାଯାଇଥିଲା । ଅଜନ୍ତା, ଏଲୋରା ଓ ବାଘଗୁମ୍ଫା ତନ୍ମଧ୍ୟରେ ପ୍ରସିଦ୍ଧ । ଏହି ଗୁମ୍ଫା ଗୁଡ଼ିକର କାନ୍ଥ ଓ ଗୁମ୍ଫା ଗୃହ ସମ୍ମୁଖ ଭାଗରେ ବୌଦ୍ଧଧର୍ମ ସମ୍ପର୍କିତ କାହାଣୀ, ମନୁଷ୍ୟ, ପଶୁ, ବୃକ୍ଷଲତା, ଫୁଲଫଳ ପ୍ରଭୃତିର ଖୋଦିତ ଚିତ୍ରକଳା ବିଶ୍ୱବିଦିତ ।

ରାଜନୀତି କ୍ଷେତ୍ରରେ ମଧ୍ୟ ବୌଦ୍ଧଧର୍ମର ପ୍ରଭାବ ସୁଦୂରପ୍ରସାରୀ ଥିଲା । କେତେକ ଭାରତୀୟ ଶାସକମାନଙ୍କର ନୀତି ବୌଦ୍ଧଧର୍ମ ଦ୍ୱାରା ପ୍ରଭାବିତ ହୋଇଥିଲା । ମୌର୍ଯ୍ୟ ସମ୍ରାଟ ଅଶୋକ ବୌଦ୍ଧଧର୍ମର ପ୍ରଭାବରେ ଆସି ଯୁଦ୍ଧ ପରିହାର କରି ରାଜ୍ୟଜୟ ପରିବର୍ତ୍ତେ ଜନମଙ୍ଗଳ କାର୍ଯ୍ୟକରି ଲୋକଙ୍କ ହୃଦୟ ଜୟ କରିବାକୁ ସଂକଳ୍ପବଦ୍ଧ ହୋଇଥିଲେ । ଫଳତଃ ମୌର୍ଯ୍ୟ ସେନା ବାହିନୀର ଶକ୍ତି ହ୍ରାସ ପାଇଥିଲା ଓ କାଳକ୍ରମେ ମୌର୍ଯ୍ୟ ସାମ୍ରାଜ୍ୟର ବିଲୟ ଘଟି ଭାରତର ଉତ୍ତର-ପଶ୍ଚିମାଞ୍ଚଳ ବିଦେଶୀ ଶାସକମାନଙ୍କଦ୍ୱାରା କବଳିତ ହେବା ସହଜସାଧ୍ୟ ହୋଇଥିଲା । ବୌଦ୍ଧ ସନ୍ନ୍ୟାସୀମାନେ ଶ୍ରୀଲଙ୍କା, ବର୍ମା, କମ୍ବୋଡ଼ିଆ, ଜାଭା, ସୁମାତ୍ରା, ଚୀନ, ତିବ୍ବତ ଆଦି ମଧ୍ୟ ଏସିଆରେ ଧର୍ମ ପ୍ରଚାର କରି ଭାରତୀୟ ସଂସ୍କୃତିର ସମ୍ପ୍ରସାରଣ ପ୍ରକ୍ରିୟାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ ।

## ସାରାଂଶ

ଖ୍ରୀଷ୍ଟ ଷଷ୍ଠ ଶତାବ୍ଦୀରେ ଭାରତରେ ଦୁଇଟି ଧର୍ମ ସଂସ୍କାର ଆନ୍ଦୋଳନ ଦେଖାଯାଇଥିଲା । ଜୈନ ଧର୍ମ ଓ ବୌଦ୍ଧ ଧର୍ମ ହିନ୍ଦୁ ଧର୍ମରେ ପ୍ରଚଳିତ ବ୍ୟୟବହୁଳ ପୂଜାପଦ୍ଧତି, ବ୍ରାହ୍ମଣମାନଙ୍କର ପ୍ରାଧାନ୍ୟ, ଅନ୍ଧ ବିଶ୍ୱାସ ଓ କୁସଂସ୍କାରପୂର୍ଣ୍ଣ ପ୍ରଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ଜୈନଧର୍ମରେ ୨୪ ଜଣ ତୀର୍ଥଙ୍କର ଥିବାର ବିଶ୍ୱାସ କରାଯାଏ । ମହାବୀର ଜୀନ ଥିଲେ ୨୪ତମ ତୀର୍ଥଙ୍କର । ସେ ତାଙ୍କର ନୀତି ମଧ୍ୟରୁ ତ୍ରିରତ୍ନ, ପଞ୍ଚ ମହାବ୍ରତ, ଅହିଂସା, କର୍ମତତ୍ତ୍ୱ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ । ଧର୍ମ ବ୍ୟତୀତ ଭାଷା, ସାହିତ୍ୟ, କଳା, ସ୍ଥାପତ୍ୟ, ସମାଜ ଆଦି କ୍ଷେତ୍ରରେ ଏହାର ଅବଦାନ ଉଲ୍ଲେଖଯୋଗ୍ୟ । ସେହିପରି ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧ ସାଂସାରିକ ମୋହମାୟା ତ୍ୟାଗକରି କଠୋର ତପସ୍ୟା ମାଧ୍ୟମରେ ବୁଦ୍ଧତ୍ୱ ପ୍ରାପ୍ତ ହୋଇଥିଲେ । ସେ ଚାରି ଆର୍ଯ୍ୟ ସତ୍ୟ, ଆର୍ଯ୍ୟ ଅଷ୍ଟାଙ୍ଗ ମାର୍ଗ, ଅହିଂସା, ନିର୍ବାଣ, କର୍ମବାଦ ଆଦି ବାଣୀ ପ୍ରଚାର କରିଥିଲେ । ଏହାର ସରଳ ନୀତି ଜନସାଧାରଣଙ୍କୁ ଆକୃଷ୍ଟ କରିପାରିଥିଲା । ଆଧ୍ୟାତ୍ମିକ କ୍ଷେତ୍ର ବ୍ୟତୀତ ଭାଷା, ସାହିତ୍ୟ, ଦର୍ଶନ, କଳାସ୍ଥାପତ୍ୟ, ଭାସ୍କର୍ଯ୍ୟ ଆଦି କ୍ଷେତ୍ରରେ ଏହା ଭାରତୀୟ ସଂସ୍କୃତିକୁ ଅଧିକ ଋଦ୍ଧିମନ୍ତ କରିପାରିଥିଲା । କାଳକ୍ରମେ ଏହି ଦୁଇ ଧର୍ମର ବିଭାଜନ ଦ୍ୱାରା ଏହାର ପ୍ରାଧାନ୍ୟ କମିଯାଇଥିଲା ।

## ଆଦର୍ଶ ପ୍ରଶ୍ନାବଳୀ

### 'କ' ବିଭାଗ

### (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର)

**୧. ପ୍ରତ୍ୟେକ ପ୍ରଶ୍ନ ସହିତ ଦିଆଯାଇଥିବା ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତର ବାଛି ଲେଖ।**

(କ) ମହାବୀର କେଉଁ ସ୍ଥାନରେ ଜନ୍ମଗ୍ରହଣ କରିଥିଲେ ?

(i) କୁଣ୍ଡଗ୍ରାମ (ii) କପିଳବାସ୍ତୁ

(iii) ରାଜଗୃହ (iv) ପାବାପୁରୀ

(ଖ) କିଏ ଜୈନଧର୍ମର ଆଦି ପ୍ରଚାରକ ଥିଲେ ?

(i) ମହାବୀର (ii) ପାର୍ଶ୍ୱନାଥ

(iii) ଋଷଭନାଥ (iv) ନେମିନାଥ

(ଗ) 'ଏସିଆର ଆଲୋକ' କାହାକୁ କୁହାଯାଏ ?

(i) ଗୌତମବୁଦ୍ଧ (ii) ମହାବୀର

(iii) ଚନ୍ଦ୍ରଗୁପ୍ତ ମୌର୍ଯ୍ୟ (iv) କବୀର

(ଘ) ଗୌତମବୁଦ୍ଧ କେଉଁ କ୍ଷତ୍ରୀୟ ବଂଶର ଲୋକ ଥିଲେ ?

(i) ଜ୍ଞାତ୍ରିକ (ii) ଶାକ୍ୟ

(iii) ମୌର୍ଯ୍ୟ (iv) ମଲ୍ଲ

(ଙ) କେଉଁ ସ୍ଥାନରେ ଗୌତମବୁଦ୍ଧ ଦେହତ୍ୟାଗ କରିଥିଲେ ?

(i) କପିଳାବାସ୍ତୁ (ii) ରାଜଗୃହ

(iii) ସାରନାଥ (iv) କୁଶୀନଗର

**୨. ଶୂନ୍ୟସ୍ଥାନ ପୂରଣ କର।**

(କ) ଚର୍ତୁଯାମ ସହ ମହାବୀର ________ ଯୋଗ କରିଥିଲେ।

(ଖ) ମହାବୀର ________ ସ୍ଥାନରେ ଦେହତ୍ୟାଗ କରିଥିଲେ।

(ଗ) ଗୌତମବୁଦ୍ଧ ________ ସ୍ଥାନରେ ଦିବ୍ୟଜ୍ଞାନ ଲାଭ କରିଥିଲେ।

(ଘ) ବାହୁବଳୀଙ୍କ ମୂର୍ତ୍ତି ________ ସ୍ଥାନରେ ଅଛି।

(ଙ) ଗୌତମବୁଦ୍ଧ ________ ସ୍ଥାନରେ ପ୍ରଥମେ ଧର୍ମପ୍ରଚାର କରିଥିଲେ।

## 'ଖ' ବିଭାଗ

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇଟି ବାକ୍ୟରେ ଲେଖ। (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର)**

(କ) ପଞ୍ଚମହାବ୍ରତ କ'ଣ ?

(ଖ) ଧର୍ମଚକ୍ର ପ୍ରବର୍ତ୍ତନ କ'ଣ ?

(ଗ) ତ୍ରିପିଟକ କ'ଣ ?

(ଘ) ନିର୍ବାଣ କହିଲେ କ'ଣ ବୁଝାଯାଏ ?

(ଙ) ହୀନଯାନ ଓ ମହାଯାନମାନଙ୍କ ମଧ୍ୟରେ ମୁଖ୍ୟ ପାର୍ଥକ୍ୟ କ'ଣ ?

**୪. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପାଞ୍ଚ ବା ଛଅଟି ବାକ୍ୟରେ ଲେଖ। (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର)**

(କ) ଜୈନଧର୍ମର ଅହିଂସା ନୀତିର ଗୁରୁତ୍ୱ ବର୍ଣ୍ଣନା କର।

(ଖ) ଜୈନଧର୍ମର ନୀତିରେ ଥିବା କର୍ମତତ୍ତ୍ୱ ବିଷୟରେ ଆଲୋଚନା କର।

(ଗ) ଚାରି ଆର୍ଯ୍ୟସତ୍ୟ କଣ ?

(ଘ) ଆର୍ଯ୍ୟ ଅଷ୍ଟାଙ୍ଗ ମାର୍ଗ କଣ ?

(ଙ) କଳା ଓ ସ୍ଥାପତ୍ୟ କ୍ଷେତ୍ରରେ ବୌଦ୍ଧଧର୍ମର ପ୍ରଭାବ ସଂକ୍ଷେପରେ ଆଲୋଚନା କର।

## 'ଗ' ବିଭାଗ

**(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର)**

୫. ଜୈନଧର୍ମର ନୀତି ଆଲୋଚନା କର।

୬. ଗୌତମବୁଦ୍ଧଙ୍କ ବାଣୀ ଆଲୋଚନା କର।

୭. ଭାରତୀୟ ସଂସ୍କୃତିକୁ ଜୈନଧର୍ମ ଓ ବୌଦ୍ଧଧର୍ମର ଅବଦାନ ବିଷୟରେ ଆଲୋକପାତ କର।

**ପଞ୍ଚମ ଅଧ୍ୟାୟ :**

# କଳିଙ୍ଗ ଯୁଦ୍ଧ, କାରଣ ଓ ପରିଣାମ, ମୌର୍ଯ୍ୟ ଶାସନ
## Kalinga War- Causes and Effect; Mauryan Administration

---

ପ୍ରାଚୀନ ଭାରତ ଇତିହାସରେ କଳିଙ୍ଗଯୁଦ୍ଧ ଏକ ପ୍ରଭାବଶାଳୀ ଯୁଦ୍ଧ ଭାବରେ ପରିଗଣିତ। ଏହି ଯୁଦ୍ଧ ଖ୍ରୀ.ପୂ. ୨୬୧ରେ ମୌର୍ଯ୍ୟ ସମ୍ରାଟ ଅଶୋକଙ୍କ ଦ୍ୱାରା କଳିଙ୍ଗ ବିରୁଦ୍ଧରେ ସଂଘଟିତ ହୋଇଥିଲା। ରାଜା ବିମ୍ବିସାରଙ୍କର ଅଙ୍ଗ ବିଜୟରୁ ଆରମ୍ଭ ହୋଇ ମୌର୍ଯ୍ୟ ସାମ୍ରାଜ୍ୟବାଦ କଳିଙ୍ଗଯୁଦ୍ଧ ସହିତ ସମାପ୍ତ ହୋଇଥିଲା। ହର୍ଯ୍ୟଙ୍କ ବଂଶର ରାଜା ବିମ୍ବିସାର ଓ ଅଜାତଶତ୍ରୁ ମଗଧର ସାମ୍ରାଜ୍ୟବାଦନୀତିର ଆରମ୍ଭ କରିଥିଲେ। ଏହାପରେ ନନ୍ଦବଂଶର ରାଜତ୍ୱ ପ୍ରତିଷ୍ଠା ହୋଇଥିଲା। ନନ୍ଦବଂଶର ଶେଷରାଜା ଥିଲେ ଧନନନ୍ଦ। ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ନନ୍ଦବଂଶକୁ ଧ୍ୱଂସକରି ମଗଧରେ ମୌର୍ଯ୍ୟ ବଂଶର ପ୍ରତିଷ୍ଠା କରିଥିଲେ। ଜଣେ ପରାକ୍ରମଶାଳୀ ରାଜା ଭାବରେ ସେ ଭାରତର ବହୁ ରାଜ୍ୟ ଜୟ କରିଥିଲେ ମଧ୍ୟ କଳିଙ୍ଗ ରାଜ୍ୟ ଜୟ କରି ନ ଥିଲେ। ଚନ୍ଦ୍ରଗୁପ୍ତଙ୍କ ପରେ ତାଙ୍କ ପୁତ୍ର ବିନ୍ଦୁସାର ଓ ତତ୍‌ପରେ ଅଶୋକ ମଗଧ ସିଂହାସନ ଆରୋହଣ କରିଥିଲେ। ବୌଦ୍ଧଗ୍ରନ୍ଥ ଦୀପବଂଶ ଅନୁସାରେ ଅଶୋକ ତାଙ୍କର ୯୯ ଜଣ ଭାଇଙ୍କୁ ହତ୍ୟା କରି ଖ୍ରୀ.ପୂ. ୨୭୩ରେ ମଗଧ ସିଂହାସନ ଆରୋହଣ କରିଥିଲେ। ଏହି ନୃଶଂସତା ପାଇଁ ସେ ଚଣ୍ଡାଶୋକ ଭାବରେ ପରିଚିତ ଥିଲେ। ଭ୍ରାତୃ ବିବାଦ ପାଇଁ ତାଙ୍କର ଅଭିଷେକ ଉତ୍ସବ ଚାରିବର୍ଷ ପରେ ଖ୍ରୀ.ପୂ. ୨୬୯ରେ ହୋଇଥିଲା। କଳିଙ୍ଗଯୁଦ୍ଧ ତାଙ୍କର ଅଭିଷେକର ଅଷ୍ଟମ ବର୍ଷରେ ଖ୍ରୀ.ପୂ. ୨୬୧ରେ ସଂଘଟିତ ହୋଇଥିଲା। ଏହାର କାରଣ ଗୁଡ଼ିକ ନିମ୍ନରେ ପ୍ରଦତ୍ତ ହେଲା।

**କାରଣ :**

କଳିଙ୍ଗ ଯୁଦ୍ଧର ଅନେକ ଗୁଡ଼ିଏ କାରଣ ରହିଛି ଯଥା, ରାଜନୈତିକ, ଅର୍ଥନୈତିକ ଓ ବାଣିଜ୍ୟଗତ ଇତ୍ୟାଦି।

**ରାଜନୈତିକ କାରଣ :** ଅଶୋକଙ୍କର ସାମ୍ରାଜ୍ୟବାଦ ନୀତିର ପରିଣତି ଥିଲା କଳିଙ୍ଗଯୁଦ୍ଧ। ବିନ୍ଦୁସାରଙ୍କ ପରେ ଅଶୋକ ବିଶାଳ ମୌର୍ଯ୍ୟ ସାମ୍ରାଜ୍ୟର ସମ୍ରାଟ ହୋଇଥିଲେ। ଏହି ସମୟରେ କଳିଙ୍ଗ ଏକ ଅବିଜିତ ରାଷ୍ଟ୍ର ଭାବରେ ତା'ର ସ୍ୱାଧୀନତା ବଜାୟ ରଖିଥିଲା। ମଗଧର ସୀମା ସହିତ ସଂଲଗ୍ନ ଥିବାରୁ କଳିଙ୍ଗର ସ୍ୱାଧୀନତା ମଗଧ ପାଇଁ ବିପଦ ସଦୃଶ ଥିଲା। ସାମରିକ ଦୃଷ୍ଟିକୋଣରୁ କଳିଙ୍ଗ ଏକ ଶକ୍ତିଶାଳୀ ରାଜ୍ୟ ଥିଲା। ନିଜର ସାମ୍ରାଜ୍ୟ ବିସ୍ତାର

ଲିପ୍ସାକୁ ଚରିତାର୍ଥ କରିବା ପାଇଁ ତଥା ଅଖଣ୍ଡ ଭାରତର ଅଧିକାରୀ ହେବାପାଇଁ ଅଶୋକଙ୍କର କଳିଙ୍ଗ ଅଧିକାର ଅବଶ୍ୟମ୍ଭାବୀ ହୋଇପଡ଼ିଥିଲା । ସ୍ୱାଧୀନ କଳିଙ୍ଗର ଅବସ୍ଥିତି ତାଙ୍କ ପାଇଁ ଥିଲା ଅସହ୍ୟ । ତେଣୁ କଳିଙ୍ଗକୁ ଜୟକରି ନିଜ ସାମ୍ରାଜ୍ୟଭୁକ୍ତ କରିବା ପାଇଁ ଅଶୋକ ବଦ୍ଧପରିକର ଥିଲେ ।

**ଅର୍ଥନୈତିକ ଓ ବାଣିଜ୍ୟଗତ କାରଣ :** କଳିଙ୍ଗ ଥିଲା ଏକ ସମୃଦ୍ଧଶାଳୀ ରାଜ୍ୟ, ଯାହାକି ମଗଧ ସାମ୍ରାଜ୍ୟର ଚକ୍ଷୁଶୂଳ ହୋଇଥିଲା । କଳିଙ୍ଗର ଥିଲା ଅନେକ ବନ୍ଦର ଓ ସମୁଦ୍ରତଟବର୍ତ୍ତୀ ହୋଇଥିବାରୁ ଏହାର ବଣିକମାନେ ସୁଦୂର ବାଲି, ଜାଭା, ମାଳୟ ଆଦି ଦ୍ୱୀପଗୁଡ଼ିକ ସହିତ ନୌବାଣିଜ୍ୟ କରୁଥିଲେ । ସ୍ଥଳପଥରେ ମଧ୍ୟ ଉତ୍ତର ଭାରତ ଦକ୍ଷିଣ ଭାରତକୁ ଥିବା ବାଣିଜ୍ୟପଥ କଳିଙ୍ଗ ମଧ୍ୟ ଦେଇ ଯାଇଥିଲା । ମଗଧ ଏହି ଭୌଗୋଳିକ ଅବସ୍ଥିତିରୁ ବଞ୍ଚିତ ଥିଲା । ତେଣୁ ଅର୍ଥନୈତିକ ଦୃଷ୍ଟିକୋଣରୁ କଳିଙ୍ଗ ଭଳି ସମୃଦ୍ଧଶାଳୀ ରାଜ୍ୟକୁ ନିଜ ସାମ୍ରାଜ୍ୟଭୁକ୍ତ କରିବା ପାଇଁ ଅଶୋକଙ୍କ ନିମନ୍ତେ ଜରୁରୀ ହୋଇପଡ଼ିଲା ।

ତିବ୍ବତୀୟ ଲେଖକ ଲାମା ତାରାନାଥଙ୍କ ବର୍ଣ୍ଣନାରୁ ଜଣାଯାଏ ଯେ କଳିଙ୍ଗର ନାଗମାନେ ଅଶୋକଙ୍କର ଅଳଙ୍କାରମାନ ଲୁଟି ନେଇଥିଲେ । ସେମାନଙ୍କୁ ଉପଯୁକ୍ତ ଶିକ୍ଷା ଦେବା ପାଇଁ ଅଶୋକ କଳିଙ୍ଗ ଆକ୍ରମଣ କରିଥିଲେ । ସମ୍ଭବତଃ କଳିଙ୍ଗର ନାବିକମାନେ ମୌର୍ଯ୍ୟତରୀଗୁଡ଼ିକୁ ଆକ୍ରମଣ କରି ଲୁଣ୍ଠନ କରିଥାଇପାରନ୍ତି । କିନ୍ତୁ ଏହାର ଅନ୍ୟ କୌଣସି ଐତିହାସିକ ତଥ୍ୟ ଉପଲବ୍ଧ ନାହିଁ । ତେଣୁ ଏହାକୁ ଐତିହାସିକମାନେ ଗୁରୁତ୍ୱ ଦିଅନ୍ତି ନାହିଁ ।

ଅଶୋକଙ୍କର କଳିଙ୍ଗ ଆକ୍ରମଣ ପଛରେ ଏକ କିମ୍ବଦନ୍ତୀ ଅଛି ଯାହାକି ଓଡ଼ିଶାର ଉପକୂଳବର୍ତ୍ତୀ ଧୀବରମାନଙ୍କ ମଧ୍ୟରେ ବହୁଳଭାବେ ପ୍ରଚଳିତ । ଏହି କିମ୍ବଦନ୍ତୀ ଅନୁସାରେ ଅଶୋକ କଳିଙ୍ଗର କାରୁବାକୀ ନାମକ ଏକ ଧୀବର କନ୍ୟାଙ୍କ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ତାଙ୍କୁ ବିବାହ କରିବା ଉଦ୍ଦେଶ୍ୟରେ କଳିଙ୍ଗ ଆକ୍ରମଣ ଯୋଜନା କରିଥିଲେ । ଆହ୍ଲାବାଦରୁ ପ୍ରାପ୍ତ ରାଣୀ ସ୍ତମ୍ଭାଭିଲେଖରୁ ଜଣାପଡ଼େ ଯେ ଅଶୋକଙ୍କର କାରୁବାକୀ ନାମକ ଜଣେ ରାଣୀ ଥିଲେ, ଯାହାଙ୍କର ପୁତ୍ର ନାମ ଥିଲା ତିଭର ଦେବ । ତେଣୁ ଓଡ଼ିଶାର କିମ୍ବଦନ୍ତୀ ଅଶୋକଙ୍କର ସ୍ତମ୍ଭାଭିଲେଖରେ ବର୍ଣ୍ଣିତ ତଥ୍ୟ ସହ ମେଳ ଖାଉଥିବାରୁ ଏହାର ଐତିହାସିକତା ଗ୍ରହଣୀୟ ।

**କଳିଙ୍ଗଯୁଦ୍ଧ :** ଖ୍ରୀ.ପୂ. ୨୬୧ରେ ଭୁବନେଶ୍ୱର ନିକଟସ୍ଥ ଦୟାନଦୀ କୂଳରେ ଏହି ଯୁଦ୍ଧ ସଂଘଟିତ ହୋଇଥିଲା । ଅଶୋକଙ୍କର ତ୍ରୟୋଦଶ ଶିଳାନୁଶାସନ (Rock Edict XIII)ରୁ କଳିଙ୍ଗଯୁଦ୍ଧ ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ମିଳିଥାଏ । ଏହି ଯୁଦ୍ଧରେ କଳିଙ୍ଗର ଏକ ଲକ୍ଷ ଲୋକ ନିହତ ହୋଇଥିଲେ ଓ ଏକ ଲକ୍ଷ ପଚାଶ ହଜାର ଲୋକ ବନ୍ଦୀ ହୋଇଥିଲେ । ଏହି ଯୁଦ୍ଧରେ ଅଶୋକ ବିଜୟଲାଭ କରିଥିଲେ । ପୃଥିବୀ ଇତିହାସରେ ଏହା ଏକ ଭୟଙ୍କର ଯୁଦ୍ଧ କହିଲେ ଅତ୍ୟୁକ୍ତି ହେବ ନାହିଁ ।

**ପରିଣାମ :** କଳିଙ୍ଗ ଯୁଦ୍ଧର ଫଳାଫଳ ଥିଲା ଗୁରୁତ୍ୱପୂର୍ଣ୍ଣ ଓ ସୁଦୂରପ୍ରସାରୀ । କଳିଙ୍ଗ ଯୁଦ୍ଧରେ ଅଶୋକ ଯଦିଓ ବିଜୟୀ ହୋଇଥିଲେ, ଏହାର ବିଭୀଷିକା ଓ ରକ୍ତପାତ ତାଙ୍କ ମନରେ ଗଭୀର ରେଖାପାତ କରିଥିଲା ଓ ତାଙ୍କ ଜୀବନର ଗତିପଥକୁ ବଦଳାଇ ଦେଇଥିଲା । ଯୁଦ୍ଧର ଦାରୁଣ ଦୁଃଖ ତାଙ୍କ ହୃଦୟକୁ ଆନ୍ଦୋଳିତ କରିଥିଲା ।

**ଅଶୋକଙ୍କ ହୃଦୟ ପରିବର୍ତ୍ତନ :** ତ୍ରୟୋଦଶ ଅନୁଶାସନରେ ଅଶୋକ ନିଜର ଅନୁଶୋଚନା କଥା ଉଲ୍ଲେଖ କରିଛନ୍ତି । ସେ ଅନୁଭବ କରିଥିଲେ ହିଂସା ଓ ତରବାରୀର ଜୟ ପ୍ରକୃତ ଜୟ ନୁହେଁ ବରଂ ମନୁଷ୍ୟର ହୃଦୟକୁ ଜୟ କରିବା ହିଁ ପ୍ରକୃତ ଜୟ । ଭବିଷ୍ୟତରେ ଆଉ ଯୁଦ୍ଧ ନ କରିବାପାଇଁ ସେ ପ୍ରତିଜ୍ଞାବଦ୍ଧ ହୋଇଥିଲେ । କଳିଙ୍ଗ ଯୁଦ୍ଧ ହିଁ ଥିଲା ତାଙ୍କ ଜୀବନର ପ୍ରଥମ ଓ ଶେଷ ଯୁଦ୍ଧ ।

**ଅଶୋକଙ୍କର ବୌଦ୍ଧ ଧର୍ମ ଗ୍ରହଣ ଓ ପ୍ରସାର :** ଉପଗୁପ୍ତ ନାମକ ଜଣେ ବୌଦ୍ଧଭିକ୍ଷୁଙ୍କଠାରୁ ଅଶୋକ ବୌଦ୍ଧଧର୍ମ ଗ୍ରହଣ କରିଥିଲେ । ବୌଦ୍ଧଧର୍ମ ଗ୍ରହଣ କରି ସେ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିଲେ । ଭେରୀଘୋଷ ପରିବର୍ତ୍ତେ ଧର୍ମଘୋଷ ପାଇଁ ସେ ଆହ୍ୱାନ ଦେଇଥିଲେ । ପୂର୍ବର ବିହାର ଯାତ୍ରା ପରିବର୍ତ୍ତେ ସେ ଧର୍ମଯାତ୍ରାର ଆରମ୍ଭ କରିଥିଲେ । ବୁଦ୍ଧଙ୍କ ଜୀବନୀ ସହ ସଂଶ୍ଳିଷ୍ଟ ଥିବା ବିଭିନ୍ନ ସ୍ଥାନକୁ ସେ 'ଧର୍ମଯାତ୍ରା' ଉଦ୍ଦେଶ୍ୟରେ ଯାଇଥିଲେ । ବୌଦ୍ଧ ଧର୍ମର ପ୍ରସାର ଓ ପ୍ରଚାର ନିମନ୍ତେ ସେ ବିହିତ ପଦକ୍ଷେପମାନ ନେଇଥିଲେ । ସାଧାରଣ ଲୋକଙ୍କ ଅବଗତି ନିମନ୍ତେ ଧର୍ମସ୍ତମ୍ଭ ମାନଙ୍କରେ ବୌଦ୍ଧଧର୍ମର ନୀତି ବିଷୟରେ ଉଲ୍ଲେଖ କରାଯାଇଥିଲା । ଅଶୋକ ରାଜଧାନୀ ପାଟଳୀପୁତ୍ରଠାରେ ତୃତୀୟ ବୌଦ୍ଧ ସମ୍ମିଳନୀର ଆୟୋଜନ କରିଥିଲେ । ମୋଗଲିପୁତ୍ରତିସ୍‌ସା ଏହି ସମ୍ମିଳନୀରେ ସଭାପତିତ୍ୱ କରିଥିଲେ । ଅଶୋକ ନିଜର ପୁତ୍ର ମହେନ୍ଦ୍ର ଓ କନ୍ୟା ସଂଘମିତ୍ରାଙ୍କୁ ଧର୍ମପ୍ରଚାର ନିମନ୍ତେ ସିଂହଳ ପଠାଇଥିଲେ । 'ଧର୍ମ ମହାମାତ୍ର' ନାମରେ ନିଯୁକ୍ତ କର୍ମଚାରୀ ଲୋକମାନଙ୍କର ଆଧ୍ୟାତ୍ମିକ ଉନ୍ନତି ପାଇଁ ଜନସାଧାରଣଙ୍କୁ ଶିକ୍ଷା ଦେଉଥିଲେ । ଅଶୋକଙ୍କ ପ୍ରଚେଷ୍ଟାରେ ବୌଦ୍ଧଧର୍ମ ଏକ ବିଶ୍ୱଧର୍ମରେ ପରିଣତ ହୋଇପାରିଥିଲା ।

**ଜନହିତକାରୀ ଶାସନ ପ୍ରତିଷ୍ଠା :** କଳିଙ୍ଗ ମୌର୍ଯ୍ୟ ସାମ୍ରାଜ୍ୟର ଏକ ପ୍ରଦେଶ ଭାବରେ ରହିଥିଲା ଓ ତୋଷାଳୀ ଥିଲା ଏହାର ମୁଖ୍ୟ ଶାସନ କେନ୍ଦ୍ର । ଅଶୋକ ନିଜକୁ ପ୍ରଜାବତ୍ସଳ ଶାସକ ରୂପେ ପ୍ରତିପାଦିତ କରିପାରିଥିଲେ । ଭୁବନେଶ୍ୱର ନିକଟବର୍ତ୍ତୀ ଧଉଳି ଓ ଗଞ୍ଜାମ ଜିଲ୍ଲାର ଜଉଗଡ଼ଠାରେ ଅଶୋକଙ୍କର ଶିଳାନୁଶାସନ ରହିଛି । କଳିଙ୍ଗରେ ସୁଶାସନ ପ୍ରତିଷ୍ଠା ପାଇଁ ସେ ଅନେକ କର୍ମଚାରୀ ନିଯୁକ୍ତ କରିଥିଲେ । ସେ ନିଜ ଶିଳାନୁଶାସନରେ ଲେଖିଥିଲେ "ସମସ୍ତ ମନୁଷ୍ୟମାନେ ମୋର ସନ୍ତାନ ସଦୃଶ । ମୁଁ ମୋ ନିଜ ସନ୍ତାନ ସନ୍ତତିମାନଙ୍କ ପାଇଁ ଇହଲୋକ ଓ ପରଲୋକରେ ଯେପରି ସୁଖ କାମନା କରେ ତାହା ମୁଁ ସମସ୍ତ ମନୁଷ୍ୟମାନଙ୍କ ପାଇଁ କାମନା କରେ ।"

**କଳା ଓ ସ୍ଥାପତ୍ୟର ବିକାଶ :** କଳିଙ୍ଗ ଯୁଦ୍ଧ ପରେ ଅଶୋକ କଳା ଓ ସ୍ଥାପତ୍ୟର ବିକାଶ ପାଇଁ ଯତ୍ନବାନ ହୋଇଥିଲେ । ବିଭିନ୍ନ ସ୍ତମ୍ଭ, ସ୍ତୂପ ଓ ବିହାର ଆଦି ନିର୍ମିତ ହୋଇଥିଲା । ମଥୁରା, ସାରନାଥ, କୁଶୀନଗର, ତକ୍ଷଶିଳା ଆଦି ସ୍ଥାନରେ ଅଶୋକଙ୍କ ଦ୍ୱାରା ନିର୍ମିତ ସ୍ତୂପ ମୌର୍ଯ୍ୟକଳାର ଜ୍ୱଳନ୍ତ ନିଦର୍ଶନ । ଭାରତୀୟ କଳା ସ୍ଥାପତ୍ୟ କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ ହୋଇଥିଲା । ତାଙ୍କ ସ୍ତମ୍ଭାନୁଶାସନରେ ବ୍ୟବହୃତ ପାଲିଭାଷା ଭାରତରେ ସାଂସ୍କୃତିକ ଏକତା ସୃଷ୍ଟି କରିବାରେ ସହାୟକ ହୋଇଥିଲା ।

**ବିଶ୍ୱଭାତୃତ୍ୱ ପ୍ରତିଷ୍ଠା ପାଇଁ ଉଦ୍ୟମ :** ଧର୍ମାଶୋକରେ ପରିଣତ ହେବା ପରେ ଅଶୋକ ବିଶ୍ୱ ଭ୍ରାତୃତ୍ୱ ପ୍ରତିଷ୍ଠା ଦିଗରେ ଉଦ୍ୟମ କରିଥିଲେ । ସେ ସିରିଆର ଶାସକ ଦ୍ୱିତୀୟ ଆଣ୍ଟିଓକୋସ, ମିଶରର ଶାସକ ଦ୍ୱିତୀୟ

ଟଲେମି ଫିଲାଡେଲଫସ, ମାସିଡୋନିଆର ଶାସକ ଆଣ୍ଟିଗୋନାସ ଆଦି ରାଜାମାନଙ୍କ ସହ ସୁସମ୍ପର୍କ ସ୍ଥାପନ କରି ସମଗ୍ର ବିଶ୍ୱରେ ଅହିଂସାର ବାଣୀ ପ୍ରଚାର କରିଥିଲେ ।

ବାସ୍ତବିକ୍ କଳିଙ୍ଗ ଯୁଦ୍ଧ ଥିଲା ଭାରତ ଇତିହାସର ଏକ ପ୍ରମୁଖ ଘଟଣା । ଏହା ମଗଧର ସାମ୍ରାଜ୍ୟବାଦ ନୀତିକୁ ପୂରଣ କରିବା ସଙ୍ଗେ ସଙ୍ଗେ ମଗଧର ଅର୍ଥନୈତିକ ପ୍ରଗତି ପାଇଁ ମାର୍ଗ ପ୍ରସ୍ତୁତ କରିଥିଲା । ସର୍ବୋପରି ଅଶୋକଙ୍କର ହୃଦୟ ପରିବର୍ତ୍ତନ କରି ତାଙ୍କୁ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ କରିଥିଲା । ଫଳସ୍ୱରୂପ ବୌଦ୍ଧଧର୍ମ ଏକ ବିଶ୍ୱଧର୍ମର ମାନ୍ୟତା ପାଇପାରିଲା ।

## ମୌର୍ଯ୍ୟ ଶାସନ

ମୌର୍ଯ୍ୟ ସାମ୍ରାଜ୍ୟର ପ୍ରତିଷ୍ଠାତା ଥିଲେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ । ସେ ଏକ ବିଶାଳ ଓ ଶକ୍ତିଶାଳୀ ସାମ୍ରାଜ୍ୟର ଅଧିକାରୀ ଥିଲେ । ନିଜ ସାମ୍ରାଜ୍ୟର ସୁପରିଚାଳନା ପାଇଁ ସେ ସୁଦୃଢ଼ ଶାସନ ବ୍ୟବସ୍ଥାର ପ୍ରତିଷ୍ଠା କରିଥିଲେ । କୌଟିଲ୍ୟଙ୍କ ପ୍ରଣୀତ 'ଅର୍ଥଶାସ୍ତ୍ର'ର ନୀତି ଅନୁସାରେ ସେ ରାଜ୍ୟ ଶାସନ କରୁଥିଲେ । ଅଶୋକଙ୍କ ରାଜତ୍ୱ ସମୟରେ ଏହି ପ୍ରଚଳିତ ଶାସନ ବ୍ୟବସ୍ଥା ସହ କିଛି ନୂତନ ପଦକ୍ଷେପ ଗ୍ରହଣ କରାଯାଇଥିଲା । କୌଟିଲ୍ୟଙ୍କ 'ଅର୍ଥଶାସ୍ତ୍ର', ମେଗାସ୍ଥିନିସ୍‌ଙ୍କ 'ଇଣ୍ଡିକା' ଓ ଅଶୋକଙ୍କର ଶିଳାଲେଖ ମୌର୍ଯ୍ୟ ଶାସନ ପଦ୍ଧତି ଉପରେ ଆଲୋକପାତ କରିଥାଏ । ଶାସନ ବ୍ୟବସ୍ଥାର ଦୁଇଟି ସ୍ତର ଥିଲା ଯଥା କେନ୍ଦ୍ରଶାସନ ଓ ପ୍ରାଦେଶିକ ଶାସନ ।

**କେନ୍ଦ୍ରଶାସନ :** ରାଜା ଥିଲେ ଶାସନର କେନ୍ଦ୍ରବିନ୍ଦୁ । ସେ ପ୍ରଶାସନିକ, ବିଚାର ବିଭାଗ ଓ ସାମରିକ ବିଭାଗର ସର୍ବେସର୍ବା । ନିରଙ୍କୁଶ କ୍ଷମତାର ଅଧିକାରୀ ହୋଇ ମଧ୍ୟ ରାଜା ସ୍ୱେଚ୍ଛାଚାରୀ ନ ଥିଲେ । ଅର୍ଥଶାସ୍ତ୍ର ଅନୁସାରେ ରାଜା ମହତ୍ ଆଦର୍ଶ ଦ୍ୱାରା ଅନୁପ୍ରାଣୀତ ହୋଇ ସର୍ବଦା ପ୍ରଜାଙ୍କର ହିତ ପ୍ରତି ସଚେତନ ଥିଲେ । ଆଇନ୍ ପ୍ରଣୟନ କରିବା, ରାଜକର୍ମଚାରୀ ନିଯୁକ୍ତ କରିବା, ଦେଶରେ ଶାନ୍ତି ସ୍ଥାପନ କରିବା ଓ ବାହ୍ୟଶତ୍ରୁ ଆକ୍ରମଣରୁ ଦେଶକୁ ରକ୍ଷା କରିବା ତାଙ୍କର କର୍ତ୍ତବ୍ୟ ଥିଲା । ଏଥିପାଇଁ ସେ ନିଜର ମନ୍ତ୍ରୀପରିଷଦ ଓ ଅମାତ୍ୟଙ୍କର ପରାମର୍ଶ ନେଉଥିଲେ । କୌଟିଲ୍ୟ ଅର୍ଥଶାସ୍ତ୍ରରେ ଉଲ୍ଲେଖ କରିଛନ୍ତି ଯେ ଯେପରି ଗୋଟିଏ ଚକ ଦ୍ୱାରା ରଥ ଗତି କରିପାରେ ନାହିଁ, ଅନ୍ୟ ଏକ ଚକର ଆବଶ୍ୟକତା ରହିଛି, ସେହିପରି ରାଜା ଏକାକୀ ଶାସନ କାର୍ଯ୍ୟ ପରିଚାଳନା କରିପାରିବେ ନାହିଁ ।

ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କର ମନ୍ତ୍ରୀପରିଷଦ ଅଠରଜଣ ମନ୍ତ୍ରୀଙ୍କୁ ନେଇ ଗଠିତ ହୋଇଥିଲା । ଏହାକୁ ଅଷ୍ଟାଦଶ ତୀର୍ଥ କୁହାଯାଉଥିଲା । ଅବଶ୍ୟ ମନ୍ତ୍ରୀ ପରିଷଦର ପରାମର୍ଶ ବାଧ୍ୟତାମୂଳକ ନ ଥିଲା । ମନ୍ତ୍ରୀ ପରିଷଦର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥିବା ତୀର୍ଥମାନେ ହେଲେ ମହାମନ୍ତ୍ରୀ, ମୁଖ୍ୟ ପୁରୋହିତ, ସେନାପତି, ଯୁବରାଜ ଓ ଦୌବାରିକ ଇତ୍ୟାଦି । ମନ୍ତ୍ରୀମାନଙ୍କର ସାଧୁତା ଓ କାର୍ଯ୍ୟଦକ୍ଷତା ଗୁରୁତ୍ୱପୂର୍ଣ୍ଣ ଥିଲା । ଏମାନଙ୍କ ବ୍ୟତୀତ ଅନ୍ୟ ରାଜକର୍ମଚାରୀ ଥିଲେ ଦୁର୍ଗପାଳ, ଅନ୍ତପାଳ, ସମାହର୍ତ୍ତା, ସନ୍ନିଧାଭ, ଅର୍ନ୍ତବଂଶିକ, ପ୍ରଶସ୍ତ । କୌଟିଲ୍ୟଙ୍କର ବର୍ଣ୍ଣନା ଅନୁସାରେ ରାଜସ୍ୱ, ଖଣି, ମାପ ଓ ଓଜନ, ବନ, ଧାତୁ, ବୟନ ଆଦି ବାଇଶଗୋଟି ପ୍ରଶାସନିକ ବିଭାଗ ବିଭିନ୍ନ ଅଧକ୍ଷଙ୍କର ତତ୍ତ୍ୱାବଧାନରେ ରହିଥିଲା । କୋଷାଧକ୍ଷ ରାଜକୋଷର ଦାୟିତ୍ୱ ନିର୍ବାହ କରୁଥିଲେ । ସେହିପରି ସୂତ୍ରାଧକ୍ଷ ବୟନ

ବିଭାଗର ଓ ଶୁଳ୍କାଧ୍ୟକ୍ଷ ଟିକସ ଆଦି ସଂଗ୍ରହର ଦାୟିତ୍ୱ ନିର୍ବାହ କରୁଥିଲେ । ରାଜସ୍ୱ ଆଦାୟ କରିବାପାଇଁ ଗ୍ରାମିକ ରାଜକର୍ମଚାରୀମାନଙ୍କୁ ସାହାଯ୍ୟ କରୁଥିଲେ । ଗୋପ ପାଞ୍ଚରୁ ଦଶ ଜଣ ଗ୍ରାମିକଙ୍କର କାର୍ଯ୍ୟକୁ ତଦାରଖ କରୁଥିଲେ । ସ୍ଥାନିକମାନେ ଗୋଟିଏ ଗୋଟିଏ ଜନପଦର ଏକ ଚତୁର୍ଥାଂଶକୁ ତଦାରଖ କରୁଥିଲେ । ଗୋପ, ସ୍ଥାନିକ ଆଦି କର୍ମଚାରୀ ସମାହର୍ତ୍ତା ଓ ପ୍ରାଦେଷ୍ଟ୍ରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ କରୁଥିଲେ ।

**ପ୍ରାଦେଶିକ ଶାସନ :** ଶାସନର ସୁବିଧା ଦୃଷ୍ଟିରୁ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ତାଙ୍କ ସାମ୍ରାଜ୍ୟକୁ ଚାରିଗୋଟି ପ୍ରଦେଶରେ ବିଭକ୍ତ କରିଥିଲେ । ପ୍ରଦେଶଗୁଡ଼ିକ ହେଉଛି ଉତ୍ତରାପଥ, ଅବନ୍ତୀପଥ, ଦକ୍ଷିଣାପଥ ଓ ପ୍ରାଚ୍ୟ । ସେମାନଙ୍କର ରାଜଧାନୀ ଯଥାକ୍ରମେ ତକ୍ଷଶୀଳା, ଉଜ୍ଜୟିନୀ, ସୁବର୍ଣ୍ଣଗିରି ଓ ପାଟଳୀପୁତ୍ର ଥିଲା । ପ୍ରାଦେଶିକ ଶାସନ ପାଇଁ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ପ୍ରାଦେଶିକ ଶାସନକର୍ତ୍ତା ନିଯୁକ୍ତ କରିଥିଲେ । ସେମାନଙ୍କୁ କୁମାର କୁହାଯାଉଥିଲା । ପ୍ରାୟତଃ ସେମାନେ ରାଜବଂଶୀୟ ବ୍ୟକ୍ତି ଥିଲେ । ପ୍ରାଦେଶିକ ଶାସନକର୍ତ୍ତା କେନ୍ଦ୍ରର ଆଦେଶକୁ ପାଳନ କରୁଥିଲେ । ତାଙ୍କୁ ସାହାଯ୍ୟ କରିବା ପାଇଁ କର୍ମଚାରୀମାନେ ନିଯୁକ୍ତ ହୋଇଥିଲେ । ପ୍ରଦେଶଗୁଡ଼ିକ କେତେଗୁଡ଼ିଏ ବିଷୟରେ ବିଭକ୍ତ କରାଯାଇଥିଲା ଓ ଏହାର ମୁଖ୍ୟ ଥିଲେ ବିଷୟପତି ।

**ଗ୍ରାମ ଶାସନ :** ଶାସନ ବ୍ୟବସ୍ଥାର ସର୍ବନିମ୍ନସ୍ତରରେ ଥିଲା ଗ୍ରାମ ଶାସନ । ଏହାର ମୁଖ୍ୟ ଥିଲେ ଗ୍ରାମିକ, ସେ ବେତନପ୍ରାପ୍ତ କର୍ମଚାରୀ ଥିଲେ । ଗ୍ରାମର ଛୋଟ ଛୋଟ ସମସ୍ୟାର ସମାଧାନ କରିବା ଥିଲା ତାଙ୍କର ଦାୟିତ୍ୱ ।

**ନଗର ଶାସନ :** ମୌର୍ଯ୍ୟ ଶାସନ ବ୍ୟାବସ୍ଥାରେ ନଗର ଶାସନର ଏକ ପ୍ରମୁଖ ଭୂମିକା ଥିଲା । ନଗରର ମୁଖ୍ୟଙ୍କୁ ନଗରାଧ୍ୟକ୍ଷ କୁହାଯାଉଥିଲା । ତାଙ୍କ ଅଧୀନରେ ସ୍ଥାନିକ ରହୁଥିଲେ । ମେଗାସ୍ଥିନିସ୍‌ଙ୍କ ବିବରଣୀରୁ ପାଟଳୀପୁତ୍ରର ଶାସନ ବ୍ୟାବସ୍ଥା ବିଷୟରେ ସୂଚନା ମିଳେ । ଏଠାରେ ତିରିଶି ଜଣ ସଦସ୍ୟଙ୍କୁ ନେଇ ଏକ ପରିଷଦ ଗଠନ କରାଯାଇଥିଲା । ଏହି ପରିଷଦକୁ ଛଅଟି ଭାଗରେ ବିଭକ୍ତ କରାଯାଇଥିଲା । ପ୍ରତି ଭାଗରେ ପାଞ୍ଚଜଣ ଲେଖାଏଁ ସଦସ୍ୟ ରହିଥିଲେ । ସେମାନେ ବିଭିନ୍ନ ବିଭାଗ ଦାୟିତ୍ୱରେ ରହୁଥିଲେ । ପ୍ରଥମ ଭାଗ ଶିଳ୍ପ ଓ କାରିଗରୀ କାର୍ଯ୍ୟର ଦାୟିତ୍ୱ, ଦ୍ୱିତୀୟ ଭାଗ ବୈଦେଶିକମାନଙ୍କୁ ସାହାଯ୍ୟ ପ୍ରଦାନ, ତୃତୀୟଭାଗ ଜନ୍ମ ମୃତ୍ୟୁର ପଞ୍ଜିକରଣ, ଚତୁର୍ଥ ଭାଗ ବ୍ୟବସାୟ ବାଣିଜ୍ୟର ତତ୍ତ୍ୱାବଧାନ, ପଞ୍ଚମ ଭାଗ ଉତ୍ପନ୍ନ ଦ୍ରବ୍ୟର ତତ୍ତ୍ୱାବଧାନ ଓ ଷଷ୍ଠ ଭାଗ ବିକ୍ରୟ ହେଉଥିବା ଦ୍ରବ୍ୟ ଉପରୁ କର ଆଦାୟ ଆଦି କାର୍ଯ୍ୟ କରୁଥିଲେ ।

**ବିଚାର ବିଭାଗ :** ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ସମୟରେ ଏକ ସୁବ୍ୟବସ୍ଥିତ ବିଚାର ବିଭାଗ ଥିଲା । ରାଜା ଏହି ବିଭାଗର ମୁଖ୍ୟ ଥିଲେ । ଧର୍ମସ୍ଥୀୟ ଓ କଣ୍ଟକଶୋଧନ ନାମରେ ଦୁଇ ପ୍ରକାର ବିଚାରାଳୟ ଥିଲା । ଧର୍ମସ୍ଥୀୟ ବିଚାରଳୟ ଦେୱାନି ମାମଲାର ପରିଚାଳନା କରୁଥିବା ବେଳେ କଣ୍ଟକଶୋଧନ ବିଚାରାଳୟ ଫୌଜଦାରୀ ମାମଲାର ବିଚାର କରୁଥିଲା । ପ୍ରଥମ ବିଚାରଳୟରେ ଛଅ ଜଣ ବିଚାରପତି ଥିଲେ । ମୁଖ୍ୟତଃ ଜମିଜମା, ଘରଦ୍ୱାର, ବିବାହ ଓ ଛାଡ଼ପତ୍ର ଆଦି ସମସ୍ୟାର ବିଚାର ଏହି ବିଚରାଳୟରେ ହେଉଥିଲା । କଣ୍ଟକଶୋଧନ ବିଚାରଳୟର ପରିଚାଳନା ଦାୟିତ୍ୱରେ ତିନିଜଣ ଅମାତ୍ୟ ଥିଲେ । ଆଇନ ଅମାନ୍ୟ, ଚୋରି ଓ ହତ୍ୟା ଆଦିର ବିଚାର ଏହି ବିଚାରାଳୟରେ ହେଉଥିଲା । ଦଣ୍ଡବିଧି ଅତି କଠୋର ଥିଲା । ଅଙ୍ଗଚ୍ଛେଦନ, ମୃତ୍ୟୁଦଣ୍ଡ ଆଦି କଠୋର ଦଣ୍ଡ ବ୍ୟବସ୍ଥା ରହିଥିଲା ।

**ସାମରିକ ଶାସନ :** ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କର ଏକ ସୁସଙ୍ଗଠିତ ସୈନ୍ୟବାହିନୀ ଥିଲା । ଏଥିରେ ଛଅ ଲକ୍ଷ ପଦାତିକ, ତିରିଶ ହଜାର ଅଶ୍ୱାରୋହୀ, ନଅ ହଜାର ହସ୍ତୀ ଓ ଆଠ ହଜାର ରଥାରୋହୀ ଥିଲେ । ମେଗାସ୍ଥିନିସ୍‌ଙ୍କ ବିବରଣୀରୁ ଜଣାପଡ଼େ ଯେ ତିରିଶ ଜଣ ସଦସ୍ୟଙ୍କୁ ନେଇ ଏକ ସାମରିକ ପରିଷଦ ଗଠିତ ହୋଇଥିଲା । ଏହା ଛଅ ଭାଗରେ ବିଭକ୍ତ ହୋଇଥିଲା ଓ ପ୍ରତି ଭାଗରେ ୫ ଜଣ ସଦସ୍ୟ ରହିଥିଲେ । ଏହି ଛଅଟି ବିଭାଗ ଥିଲା ନୌସେନା, ସାମରିକ ପରିବହନ, ପଦାତିକ, ଅଶ୍ୱାରୋହୀ, ରଥାରୋହୀ ଓ ଗଜାରୋହୀ । ଅଶ୍ୱାରୋହୀ, ଗଜାରୋହୀ ଓ ରଥାରୋହୀଙ୍କର ମୁଖ୍ୟ ଥିଲେ ଯଥାକ୍ରମେ ଅଶ୍ୱାଧ୍ୟକ୍ଷ, ହସ୍ତ୍ୟାଧ୍ୟକ୍ଷ ଓ ରଥାଧ୍ୟକ୍ଷ । ଏହା ବ୍ୟତୀତ ଆହତ ସୈନ୍ୟମାନଙ୍କ ସେବା ନିମନ୍ତେ ଏକ ଉପଚାର ବିଭାଗ ମଧ୍ୟ ରହିଥିଲା । ଖଣ୍ଡା, ବର୍ଚ୍ଛା, ଧନୁଶର ଆଦି ଅସ୍ତ୍ରଶସ୍ତ୍ର ଦ୍ୱାରା ଏକ ସମୟରେ ଅନେକ ଶତ୍ରୁଙ୍କ ହତ୍ୟା ସମ୍ଭବପର ଥିଲା । ଏହିପରି ଭାବରେ ମୌର୍ଯ୍ୟ ସାମରିକ ଶାସନ ବ୍ୟବସ୍ଥା ଦ୍ୱାରା ଏକ ସୁଦୃଢ଼ ଓ ଶକ୍ତିଶାଳୀ ସୈନ୍ୟବାହିନୀ ଗଢ଼ି ଉଠିଥିଲା ।

**ରାଜସ୍ୱ ଶାସନ :** ରାଜ୍ୟର ମୁଖ୍ୟ ଆୟ ଥିଲା ଭୂରାଜସ୍ୱ, ଏହା ଦୁଇ ଭାଗରେ ବିଭକ୍ତ ଥିଲା । ରାଜକୀୟ ଜମିରୁ ଉପଲବ୍ଧ କର ସିତା ଓ ଅନ୍ୟ ଜମିର କର ଭାଗ ନାମରେ ପରିଚିତ ଥିଲା । ସାଧାରଣତଃ ଫସଲର ଏକ ଷଷ୍ଠାଂଶ ରାଜସ୍ୱ ଭାବରେ ଆଦାୟ ହେଉଥିଲା । ଫଳ ଓ ପରିବା ଉପରେ ସେତୁ ନାମକ କର ଆଦାୟ କରାଯାଉଥିଲା । ସୈନ୍ୟବାହିନୀ ଗ୍ରାମ ମଧ୍ୟ ଦେଇ ଗତି କରିବାବେଳେ ଗ୍ରାମବାସୀ ପିଣ୍ଡକର ଓ ସେନାଭକ୍ତମ ନାମକ କର ଦେଉଥିଲେ । ଏହା ବ୍ୟତୀତ ଜଙ୍ଗଲଜାତ ଦ୍ରବ୍ୟ, ବାଣିଜ୍ୟିକ ଦ୍ରବ୍ୟ ଓ ଖଣିଜ ଦ୍ରବ୍ୟରୁ ମଧ୍ୟ କର ଆଦାୟ କରାଯାଉଥିଲା । ଅବକାରୀ ଶୁଳ୍କ ମଧ୍ୟ ଆଦାୟ କରାଯାଉଥିଲା । ଆଦାୟ ହେଉଥିବା ରାଜସ୍ୱ ସେନାବାହିନୀ, ଜଳସେଚନ, ରାସ୍ତାଘାଟ ନିର୍ମାଣ ତଥା ଅନ୍ୟାନ୍ୟ ଜନହିତକର କାର୍ଯ୍ୟରେ ବିନିଯୋଗ ହେଉଥିଲା । ସାମ୍ରାଜ୍ୟର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ଥିଲା ।

**ଗୁପ୍ତଚର ବ୍ୟବସ୍ଥା :** ମୌର୍ଯ୍ୟ ଶାସନ ବ୍ୟବସ୍ଥାରେ ଏକ ଶକ୍ତିଶାଳୀ ଅଂଶ ଥିଲା ଗୁପ୍ତଚର ବ୍ୟବସ୍ଥା । ଗୁପ୍ତଚରମାନେ ସାମ୍ରାଜ୍ୟରେ ବିଚରଣ କରି ଗୁପ୍ତ ତଥ୍ୟ ସଂଗ୍ରହ କରୁଥିଲେ । ଅର୍ଥଶାସ୍ତ୍ର ଅନୁସାରେ ଦୁଇ ପ୍ରକାର ଗୁପ୍ତଚର କାର୍ଯ୍ୟ କରୁଥିଲେ । ସେମାନେ ହେଲେ ସଂସ୍ଥ ଓ ସଞ୍ଚାରକ । ସଂସ୍ଥମାନେ କୌଣସି ଗୋଟିଏ ସ୍ଥାନରେ ଅବସ୍ଥାନ କରୁଥିବାବେଳେ ସଞ୍ଚାରକମାନେ ବିଭିନ୍ନ ସ୍ଥାନରେ ନିୟୋଜିତ ହେଉଥିଲେ । ନାରୀମାନେ ମଧ୍ୟ ଗୁପ୍ତଚର ରୂପେ ନିଯୁକ୍ତ ହେଉଥିଲେ । ଗୁପ୍ତଚର ବ୍ୟାବସ୍ଥା ଦ୍ୱାରା ମୌର୍ଯ୍ୟ ଶାସନ ଦୃଢ଼ତର ହୋଇପାରିଥିଲା ।

ଅଶୋକ ଏହି ମୌର୍ଯ୍ୟ ଶାସନ ବ୍ୟବସ୍ଥାରେ କିଛି ନୂତନତ୍ୱ ଆଣିଥିଲେ । କଳିଙ୍ଗ ଜୟପରେ କଳିଙ୍ଗ ପଞ୍ଚମ ପ୍ରଦେଶ ଭାବରେ ରହିଲା । ଏହାର ରାଜଧାନୀ ତୋଷାଳୀ ଥିଲା । ସମପା ଏହାର ଦ୍ୱିତୀୟ ଶାସନ କେନ୍ଦ୍ର ଥିଲା । ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଶାସନ ପ୍ରଣାଳୀକୁ ଅଧିକ ବିକାଶଶୀଳ ଓ ସକ୍ରିୟ କରିବା ନିମିତ୍ତ ଅଶୋକ କେତେକ ନୂତନ କର୍ମଚାରୀଙ୍କୁ ନିଯୁକ୍ତ କରିଥିଲେ । ମହାମାତ୍ରମାନେ ସାମ୍ରାଜ୍ୟର ପ୍ରମୁଖ କର୍ମଚାରୀ ଥିଲେ । ଧର୍ମ ମହାମାତ୍ରମାନେ ପ୍ରଜାମାନଙ୍କର ଆଧାତ୍ମିକ ବିକାଶ ପାଇଁ ଚେଷ୍ଟିତ ଥିଲେ । ସ୍ତ୍ରୀ ଅଧ୍ୟକ୍ଷ ମହାମାତ୍ରମାନେ ନାରୀମାନଙ୍କ ଉନ୍ନତିପାଇଁ ଧ୍ୟାନ ଦେଉଥିଲେ । ଅନ୍ତ ମହାମାତ୍ରମାନେ ସୀମାନ୍ତର ସୁରକ୍ଷା ଦାୟିତ୍ୱରେ ରହିଥିଲେ । ପ୍ରାଦେଶିକମାନେ ରାଜସ୍ୱ ଆଦାୟ ଦାୟିତ୍ୱରେ ଥିଲେ । ରାଜୁକମାନେ ଜମି ମାପ କରିବା କାର୍ଯ୍ୟ ସହିତ କଲ୍ୟାଣମୂଳକ କାର୍ଯ୍ୟର ତଦାରଖ

କରୁଥିଲେ। ଯୁକ୍ତମାନେ ରାଜକୋଷ ଦାୟିତ୍ୱରେ ଥିଲେ। ନଗର ବ୍ୟବହାରିକ ସହରର କର୍ମଚାରୀ ଥିଲେ। ବ୍ରଜଭୂମିକମାନେ ଜନହିତକର କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ପ୍ରତିବେଦକମାନେ ସାମ୍ବାଦିକ ଥିଲେ। ଯେକୌଣସି ସମୟରେ ସେମାନେ ରାଜାଙ୍କୁ ଭେଟି ରାଜ୍ୟର ସମ୍ବାଦ ଅବଗତ କରାଉଥିଲେ। ଦୂତ, ପୁଲିସ, ଲିପିକାର, କରଣକ ଆଦି କର୍ମଚାରୀମାନେ ନିଯୁକ୍ତ ଥିଲେ। ବିଚାର ବିଭାଗରେ ଦଣ୍ଡସମତା ଓ ବ୍ୟବହାର ସମତା ନୀତି ପ୍ରଚଳିତ ଥିଲା। ଏକ ପ୍ରଜାବତ୍ସଳ ରାଜା ଭାବରେ ଅଶୋକ ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ।

ମୌର୍ଯ୍ୟ ଶାସକମାନେ ପ୍ରଜାପାଳନକୁ ଏକ ଧର୍ମ ଭାବରେ ଗ୍ରହଣ କରିଥିଲେ। ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ ସୁଦୃଢ଼ ଶାସନ ବ୍ୟବସ୍ଥା ଦ୍ୱାରା ବିଶାଳ ମୌର୍ଯ୍ୟ ସାମ୍ରାଜ୍ୟ ଦୀର୍ଘସ୍ଥାୟୀ ହୋଇପାରିଥିଲା।

## ସାରାଂଶ

ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଥିଲେ ମୌର୍ଯ୍ୟବଂଶର ପ୍ରତିଷ୍ଠାତା। ତାଙ୍କର ପୌତ୍ର ଅଶୋକ ଖ୍ରୀ.ପୂ. ୨୭୩ରେ ମଗଧ ସିଂହାସନ ଆରୋହଣ କରିଥିଲେ। ତାଙ୍କର ରାଜତ୍ୱର ମୁଖ୍ୟ ଘଟଣା ଥିଲା କଳିଙ୍ଗ ଯୁଦ୍ଧ। ଖ୍ରୀ.ପୂ. ୨୬୧ରେ ଅଶୋକ କଳିଙ୍ଗ ଆକ୍ରମଣ କରିଥିଲେ। ରାଜନୈତିକ, ଅର୍ଥନୈତିକ ଓ ବାଣିଜ୍ୟଗତ କାରଣ ଯୋଗୁଁ ଏହି ଯୁଦ୍ଧ ସଂଘଟିତ ହୋଇଥିଲା। ଇତିହାସପୃଷ୍ଠାରେ ଏହା ଏକ ଭୟଙ୍କର ଯୁଦ୍ଧ ଭାବରେ ବିଦିତ। ଏହି ଯୁଦ୍ଧରେ ଅଶୋକ ଜୟଲାଭ କରିଥିଲେ ମଧ୍ୟ ଯୁଦ୍ଧ ବିଭୀଷିକା ତାଙ୍କର ହୃଦୟ ପରିବର୍ତ୍ତନ କରିଥିଲା। ସେ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିଲେ। ବୌଦ୍ଧଧର୍ମ ଗ୍ରହଣ କରି ସେ ଏକ ପ୍ରଜାବତ୍ସଳ ରାଜା ରୂପେ ନିଜକୁ ପ୍ରତିପାଦିତ କରିପାରିଥିଲେ। ତାଙ୍କର ପ୍ରଚେଷ୍ଟାରୁ ବୌଦ୍ଧଧର୍ମ ଏକ ବିଶ୍ୱଧର୍ମରେ ପରିଣତ ହୋଇପାରିଥିଲା।

ମୌର୍ଯ୍ୟ ଶାସକମାନେ ଏକ ସୁଦୃଢ଼ ଶାସନ ବ୍ୟବସ୍ଥା ପ୍ରଚଳନ କରିଥିଲେ। ଏହା କେନ୍ଦ୍ରୀୟ ଶାସନ ଓ ପ୍ରାଦେଶିକ ଶାସନରେ ବିଭକ୍ତ ଥିଲା। ରାଜା ଶାସନର ସର୍ବେସର୍ବା ଥିଲେ ମଧ୍ୟ ମନ୍ତ୍ରୀପରିଷଦର ପରାମର୍ଶ ଗ୍ରହଣ କରି ରାଜ୍ୟ ଶାସନ କରୁଥିଲେ। ଗ୍ରାମ ଶାସନ, ନଗର ଶାସନ, ସାମରିକ ଶାସନ ଆଦି ଅତ୍ୟନ୍ତ ଉଚ୍ଚକୋଟୀର ଥିଲା। ଧର୍ମସ୍ଥୀୟ ଓ କଣ୍ଟକଶୋଧନ ନାମକ ବିଚାରାଳୟ ଦ୍ୱାରା ନ୍ୟାୟ ପ୍ରଦାନ କରାଯାଉଥିଲା। ଦଣ୍ଡବିଧି ଅତ୍ୟନ୍ତ କଠୋର ଥିଲା। ଭୂରାଜସ୍ୱ ତଥା ବନଜାତ ଦ୍ରବ୍ୟ, ଖଣିଜଦ୍ରବ୍ୟ, ବାଣିଜ୍ୟ ଆଦିରୁ ସଂଗୃହୀତ କର ରାଜକୋଷକୁ ସମୃଦ୍ଧ କରୁଥିଲା। ଅଶୋକ ମହାମାତ୍ର, ଧର୍ମମହାମାତ୍ର, ରାଜୁକ, ପ୍ରାଦେଶିକ, ଯୁକ୍ତ ଆଦି ରାଜକର୍ମଚାରୀମାନଙ୍କୁ ନିଯୁକ୍ତ କରିଥିଲେ। ବିଚାର ବିଭାଗରେ ଦଣ୍ଡ ସମତା ଓ ବ୍ୟବହାର ସମତା ନୀତି ପ୍ରଚଳିତ ଥିଲା। ଏହିପରି ଭାବରେ ମୌର୍ଯ୍ୟ ଶାସନ ବ୍ୟବସ୍ଥା ଏକ ସୁଦୃଢ଼ ଶାସନ ବ୍ୟବସ୍ଥାର ସୂଚନା ଦେଇଥାଏ।

## ଆଦର୍ଶ ପ୍ରଶ୍ନାବଳୀ

### 'କ' ବିଭାଗ

### (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର)

**୧. ପ୍ରତ୍ୟେକ ପ୍ରଶ୍ନ ସହିତ ଦିଆଯାଇଥିବା ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତର ବାଛି ଲେଖ।**

(କ) ମୌର୍ଯ୍ୟ ବଂଶର ପ୍ରତିଷ୍ଠାତା କିଏ ?

(i) ଅଶୋକ (ii) ବିନ୍ଦୁସାର

(iii) ଚନ୍ଦ୍ରଗୁପ୍ତ ମୌର୍ଯ୍ୟ (iv) ବିମ୍ବିସାର

(ଖ) ଅଶୋକଙ୍କ ପିତାଙ୍କ ନାମ କ'ଣ ?

(i) ଚନ୍ଦ୍ରଗୁପ୍ତ (ii) ବିମ୍ବିସାର

(iii) ବିନ୍ଦୁସାର (iv) ଅଜାତଶତ୍ରୁ

(ଗ) କଳିଙ୍ଗ ଯୁଦ୍ଧ କେବେ ହୋଇଥିଲା ?

(i) ଖ୍ରୀ.ପୂ ୨୬୧ (ii) ଖ୍ରୀ.ପୂ. ୨୬୯

(iii) ଖ୍ରୀ.ପୂ. ୨୭୩ (iv) ଖ୍ରୀଷ୍ଟାବ୍ଦ ୨୬୧

(ଘ) ଅଶୋକଙ୍କ ସମୟରେ କଳିଙ୍ଗର ମୁଖ୍ୟ ଶାସନ କେନ୍ଦ୍ର କେଉଁଠାରେ ଥିଲା ?

(i) କଳିଙ୍ଗ ନଗର (ii) ତୋଷାଳୀ

(iii) ସମପା (iv) ଜଉଗଡ଼

(ଙ) ମୌର୍ଯ୍ୟ ଶାସନରେ ନଗର ଶାସନର ମୁଖ୍ୟଙ୍କୁ କ'ଣ କୁହାଯାଉଥିଲା ?

(i) ସ୍ଥାନିକ (ii) ନଗରକ

(iii) ଗ୍ରାମିକ (iv) ପୁଲିସ

**୨. ଶୂନ୍ୟସ୍ଥାନ ପୂରଣ କର।**

(କ) ________ ଦେବାନାଂ ପ୍ରିୟ ପ୍ରିୟଦର୍ଶୀ ଭାବରେ ଇତିହାସରେ ପ୍ରସିଦ୍ଧ।

(ଖ) ________ ଶିଳାଲେଖରୁ କଳିଙ୍ଗ ଯୁଦ୍ଧର ସୂଚନା ମିଳେ।

(ଗ) ମୌର୍ଯ୍ୟଶାସନରେ ଗ୍ରାମର ମୁଖ୍ୟଙ୍କୁ ________ କୁହାଯାଉଥିଲା।

(ଘ) ମୌର୍ଯ୍ୟଶାସନରେ ଫୌଜଦାରୀ ମାମଲାର ବିଚାର ________ ବିଚାରାଳୟ କରୁଥିଲା।

(ଙ) ପ୍ରଜାମାନଙ୍କର ଆଧ୍ୟାତ୍ମିକ ବିକାଶ ପାଇଁ ________ ମାନେ ଚେଷ୍ଟିତ ଥିଲେ।

## 'ଖ' ବିଭାଗ

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇଟି ବା ତିନୋଟି ବାକ୍ୟରେ ଲେଖ। (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର)**

(କ) ଅଷ୍ଟାଦଶ ତୀର୍ଥର ଅର୍ଥ କ'ଣ ?

(ଖ) ପ୍ରତିବେଦକମାନେ କି ପ୍ରକାର ଦାୟିତ୍ୱ ନିର୍ବାହ କରୁଥିଲେ ?

(ଗ) ଅଶୋକଙ୍କର ତ୍ରୟୋଦଶ ଅନୁଶାସନରେ କଳିଙ୍ଗଯୁଦ୍ଧ ବିଷୟରେ କ'ଣ ଲେଖାଯାଇଛି ?

(ଘ) 'ଭେରୀଘୋଷ' ଓ 'ଧର୍ମଘୋଷ' କ'ଣ ?

(ଙ) ଶାସନର ସୁବିଧା ପାଇଁ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ତାଙ୍କ ସାମ୍ରାଜ୍ୟକୁ କେତୋଟି ପ୍ରଦେଶରେ ବିଭକ୍ତ କରିଥିଲେ ? ସେମାନଙ୍କ ନାମ ଲେଖ।

**୪. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପାଞ୍ଚ ବା ଛଅଟି ବାକ୍ୟରେ ଲେଖ। (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର)**

(କ) କଳିଙ୍ଗ ଯୁଦ୍ଧର ରାଜନୈତିକ କାରଣ ଲେଖ।

(ଖ) ଅଶୋକଙ୍କ କଳିଙ୍ଗ ଆକ୍ରମଣ ପଛରେ ଥିବା କିମ୍ବଦନ୍ତୀଟି କ'ଣ ?

(ଗ) କଳିଙ୍ଗ ଯୁଦ୍ଧର ଫଳାଫଳ ସଂକ୍ଷେପରେ ଲେଖ।

(ଘ) ମୌର୍ଯ୍ୟ ଶାସନ ବ୍ୟବସ୍ଥାରେ କେନ୍ଦ୍ରଶାସନ କିପରି ପରିଚାଳିତ ହେଉଥିଲା ?

(ଙ) ମୌର୍ଯ୍ୟ ଯୁଗର ସାମରିକ ଶାସନ ବ୍ୟବସ୍ଥା ବିଷୟରେ ଆଲୋକପାତ କର।

## 'ଗ' ବିଭାଗ

**(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର)**

୫. କଳିଙ୍ଗ ଯୁଦ୍ଧର କାରଣ ଓ ଫଳାଫଳ ବର୍ଣ୍ଣନା କର।

୬. କଳିଙ୍ଗଯୁଦ୍ଧ କିପରି ଅଶୋକଙ୍କର ଜୀବନରେ ପରିବର୍ତ୍ତନ ଆଣିଥିଲା ଉଲ୍ଲେଖ କର।

୭. ମୌର୍ଯ୍ୟ ଶାସନ ବ୍ୟବସ୍ଥାର ବିଭିନ୍ନ ଦିଗଗୁଡ଼ିକ ଆଲୋଚନା କର।

୮. ମୌର୍ଯ୍ୟ ଶାସନ ବ୍ୟବସ୍ଥା ଉପରେ ଆଲୋକପାତ କର। ଅଶୋକ ଏଥିରେ କିପରି ନୂତନତ୍ୱ ଆଣିଥିଲେ ତାହା ବର୍ଣ୍ଣନା କର।

❑●❑

ଷଷ୍ଠ ଅଧ୍ୟାୟ :

# ଗୁପ୍ତ ଯୁଗର ସାଂସ୍କୃତିକ ଉପଲବ୍ଧି

## Cultural Attainment of the Gupta Age

ପ୍ରାଚୀନ ଭାରତ ଇତିହାସରେ ଗୁପ୍ତ ଯୁଗର ସ୍ଥାନ ଅନନ୍ୟ। ତୃତୀୟ ଶତାବ୍ଦୀରୁ ଷଷ୍ଠ ଶତାବ୍ଦୀ ପର୍ଯ୍ୟନ୍ତ ଗୁପ୍ତ ରାଜବଂଶର ନରପତିମାନଙ୍କର ଶାସନକାଳ ଗୁପ୍ତଯୁଗ ଭାବରେ ଅଭିହିତ। ଏହା ଥିଲା ଏକ ସାଂସ୍କୃତିକ ନବଜାଗରଣର ଯୁଗ। ଧର୍ମ, ସାହିତ୍ୟ, ଦର୍ଶନ, ବିଜ୍ଞାନ, କଳା ଓ ସ୍ଥାପତ୍ୟ ଆଦି ଅନେକ କ୍ଷେତ୍ରରେ ଏହି ଯୁଗ ଉତ୍କର୍ଷତାର ଶୀର୍ଷ ସୋପାନରେ ପହଞ୍ଚି ପାରିଥିଲା। ତେଣୁ ଏହାକୁ ପ୍ରାଚୀନ ଭାରତ ଇତିହାସର ସୁବର୍ଣ୍ଣ ଯୁଗ ଓ ସାଂସ୍କୃତିକ ପ୍ରାଚୁର୍ଯ୍ୟର ଯୁଗ ଭାବରେ ଆଖ୍ୟାୟିତ କରାଯାଇଛି। ଏହି ଯୁଗ ପ୍ରାଚୀନ ଗ୍ରୀସ ଦେଶର ପେରିକ୍ଲିସଙ୍କ ଯୁଗ, ପ୍ରାଚୀନ ରୋମର ଅଗଷ୍ଟସଙ୍କ ଯୁଗ ଓ ମଧ୍ୟଯୁଗୀୟ ଇଂଲଣ୍ଡର ଏଲିଜାବେଥଙ୍କ ଯୁଗ ସହିତ ତୁଳନୀୟ।

ଗୁପ୍ତ ଯୁଗର ସାଂସ୍କୃତିକ ବିକାଶ ପଛରେ ନିହିତ ଥିବା କାରଣ ଗୁଡ଼ିକ ହେଲା ଶକ୍ତିଶାଳୀ ରାଜବଂଶର ରାଜତ୍ୱ ଦ୍ୱାରା ପ୍ରତିଷ୍ଠିତ ରାଜନୈତିକ ଏକତା, ଆଭ୍ୟନ୍ତରୀଣ ଶାନ୍ତି ଓ ନିରାପତ୍ତା, ସୁଦୃଢ଼ ଓ ଜନହିତକର ଶାସନ, ଆର୍ଥିକ ସମୃଦ୍ଧି ଓ ସାଂସ୍କୃତିକ ବିକାଶ ପାଇଁ ରାଜକୀୟ ପୃଷ୍ଠପୋଷକତା। ଗୁପ୍ତଯୁଗର ସାଂସ୍କୃତିକ ଉପଲବ୍ଧି ସମ୍ପର୍କରେ ବିସ୍ତୃତରେ ଆଲୋଚନା କରିବା।

### ସାହିତ୍ୟ :

ସାହିତ୍ୟ କ୍ଷେତ୍ରରେ ଗୁପ୍ତଯୁଗର ଅବଦାନ ଅତୁଳ୍ୟ। ବିଶେଷତଃ ସଂସ୍କୃତ ସାହିତ୍ୟ କ୍ଷେତ୍ରରେ ଏହି ଯୁଗର ଉପଲବ୍ଧି ଥିଲା ମହିମାମଣ୍ଡିତ। ଗୁପ୍ତ ନରପତିମାନଙ୍କର ପୃଷ୍ଠପୋଷକତାରେ ସଂସ୍କୃତ ଭାଷାର ପୁନରୁତ୍‌ଥାନ ହୋଇଥିଲା। କାବ୍ୟ, ନାଟକ, ଆଖ୍ୟାୟିକା, ବ୍ୟାକରଣ, ଅଭିଧାନ, ଲୋକଗଳ୍ପ, ପ୍ରବନ୍ଧ ଓ କାବ୍ୟତତ୍ତ୍ୱ ଆଦି ବିଭିନ୍ନ ବିଭାଗକୁ ନେଇ ସଂସ୍କୃତ ସାହିତ୍ୟ ହୋଇଥିଲା ବୃଦ୍ଧିମନ୍ତ। ପରାକ୍ରମୀ ଗୁପ୍ତ ସମ୍ରାଟ ସମୁଦ୍ରଗୁପ୍ତ ଥିଲେ ଜଣେ ବିଶିଷ୍ଟ କବି ଓ ସେ 'କବିରାଜ' ଉପାଧିରେ ଭୂଷିତ ହୋଇଥିଲେ। ତାଙ୍କର ମନ୍ତ୍ରୀ ହରିସେନ ରଚନା କରିଥିଲେ ଆହ୍ଲାବାଦ ପ୍ରଶସ୍ତି। ସଂସ୍କୃତ ସାହିତ୍ୟକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ ଯଥା ଧର୍ମୀୟ ସଂସ୍କୃତ ସାହିତ୍ୟ ଓ ସାଧାରଣ (ଲୌକିକ) ସଂସ୍କୃତ ସାହିତ୍ୟ।

**ଧର୍ମୀୟ ସଂସ୍କୃତ ସାହିତ୍ୟ :** ଗୁପ୍ତ ଯୁଗର ଧର୍ମୀୟ ସଂସ୍କୃତ ସାହିତ୍ୟର ଅନ୍ତର୍ଭୁକ୍ତ ଥିଲା ଅଷ୍ଟାଦଶ ପୁରାଣ ଓ ଉପପୁରାଣ । ହିନ୍ଦୁ ଧର୍ମର ପୁନରୁତ୍ଥାନ ସହିତ ସଂସ୍କୃତ ଭାଷାର ଅଭିବୃଦ୍ଧି ଘଟିଥିଲା । ନୂତନ ଦେବଦେବୀଙ୍କ ପାଇଁ ଅନେକ ପୁରାଣ ଓ ଉପପୁରାଣ ରଚିତ ହୋଇଥିଲା । ସେଥି ମଧ୍ୟରୁ ବିଷ୍ଣୁ ପୁରାଣ, ଶିବ ପୁରାଣ, ବ୍ରହ୍ମବୈବର୍ତ୍ତ ପୁରାଣ ଆଦି ଉଲ୍ଲେଖଯୋଗ୍ୟ ।

ଧର୍ମୀୟ ସାହିତ୍ୟର ଅନ୍ୟ ଏକ ବିଭାଗ ଥିଲା ସ୍ମୃତି ସାହିତ୍ୟ । ସାହିତ୍ୟକାରଙ୍କ ନାମ ଅନୁସାରେ ଏହା 'ଯାଜ୍ଞବଲ୍କ୍ୟ ସ୍ମୃତି', 'ନାରଦ ସ୍ମୃତି', 'କାତ୍ୟାୟନ ସ୍ମୃତି' ବା 'ବୃହସ୍ପତି ସ୍ମୃତି' ଭାବରେ ପରିଚିତ । ସେହିପରି ନୀତିଶାସ୍ତ୍ରରେ ରାଜ୍ୟ ଶାସନର ନୀତିନିୟମ ଆଦି ଉପଲବ୍ଧ ଥିଲା । କାମନ୍ଦକଙ୍କ 'ନୀତିସାର' ଏହି ଯୁଗର ଏକ ବିଶିଷ୍ଟ କୃତି । ଏହା ବ୍ୟତୀତ ରାମାୟଣ ଓ ମହାଭାରତ ମଧ୍ୟ ଏହି ଯୁଗରେ ନୂତନ ରୂପରେ ପ୍ରକାଶ ପାଇଥିଲା ।

**ସାଧାରଣ ସଂସ୍କୃତ ସାହିତ୍ୟ :** ଅନେକ କବି, ନାଟ୍ୟକାର ଓ ଲେଖକମାନଙ୍କର ଲେଖନୀ ଏହି ଯୁଗକୁ ମହୀୟାନ କରିବା ସହିତ ସଂସ୍କୃତ ଭାଷାକୁ ଗରିମାମୟ କରିଥିଲା । ଏହି ସମୟର ପ୍ରଖ୍ୟାତ ସାହିତ୍ୟ ସ୍ରଷ୍ଟାମାନେ ହେଲେ କାଳିଦାସ, ଭାସ, ଶୂଦ୍ରକ, ବିଶାଖାଦତ୍ତ, ଭାରବି, ଭଟ୍ଟି ଇତ୍ୟାଦି ।

ଗୁପ୍ତ ଯୁଗରେ ସୃଷ୍ଟି ହୋଇଥିଲା କାଳଜୟୀ ନାଟକ । ଏହି ନାଟକମାନଙ୍କ ମଧ୍ୟରେ କାଳିଦାସଙ୍କର 'ଅଭିଜ୍ଞାନ ଶାକୁନ୍ତଳମ୍', 'ମାଳବିକାଗ୍ନିମିତ୍ରମ୍', 'ବିକ୍ରମୋର୍ବଶୀୟମ୍' ଆଦି ଉଲ୍ଲେଖଯୋଗ୍ୟ । କାଳିଦାସ ଭାରତର ସେକ୍ସପିୟର ଭାବରେ ପରିଚିତ । ଭାସଙ୍କ ପ୍ରଣୀତ ନାଟକ 'ଉରୁଭଙ୍ଗ', 'ଅଭିଷେକ', 'ସ୍ୱପ୍ନବାସବଦତ୍ତମ୍' ଆଦି ଅନ୍ୟତମ । ବିଶାଖାଦତ୍ତଙ୍କ ରଚିତ 'ମୁଦ୍ରା ରାକ୍ଷସ', 'ଦେବୀ ଚନ୍ଦ୍ରଗୁପ୍ତମ୍' ଶୂଦ୍ରକଙ୍କ 'ମୃଚ୍ଛକଟିକମ୍' ନାଟକ ଥିଲା ବେଶ ଆଦୃତ । ନାଟକ ଗୁଡ଼ିକର ବର୍ଣ୍ଣନା, ଆଦର୍ଶ ଓ ଉପସ୍ଥାପନା ଥିଲା ବିଶେଷ ଭାବରେ ଆକର୍ଷଣୀୟ ।

କାଳିଦାସଙ୍କର ଲେଖନୀ ମୁନରୁ ସୃଷ୍ଟି ହୋଇଥିଲା 'ରଘୁବଂଶମ୍', 'କୁମାର ସମ୍ଭବମ୍' ପରି ମହାକାବ୍ୟ ଓ 'ଋତୁସଂହାର' ଓ 'ମେଘଦୂତମ୍' ପରି ଗୀତି କବିତା । ସେହିପରି ଭାରବିଙ୍କ 'କୀରତାର୍ଜ୍ଜୁନିୟମ୍' ଭଟ୍ଟିଙ୍କର 'ଭଟିକାବ୍ୟ', ଭୌମକଙ୍କର 'ରାବଣାର୍ଜ୍ଜୁନିୟମ୍', ମାଘଙ୍କର 'ଶିଶୁପାଳ ବଧମ୍', ଭର୍ତ୍ତୃହରିଙ୍କର 'ଶୃଙ୍ଗାର ଶତକ', 'ନୀତି ଶତକ' ଓ 'ବୈରାଗ୍ୟ ଶତକ' ତଥା ବୁଦ୍ଧଘୋଷଙ୍କର 'ପଦ୍ୟଚୂଡ଼ାମଣି' ଗୁପ୍ତଯୁଗର କାବ୍ୟ ସାହିତ୍ୟକୁ କରିଥିଲା ଅଧିକ ଋଦ୍ଧିମନ୍ତ ।

କଥାକାର ଦଣ୍ଡୀଙ୍କର 'ଦଶକୁମାର ଚରିତମ୍', ସୁବନ୍ଧୁଙ୍କର 'ବାସବଦତ୍ତା' ତଥା ବିଷ୍ଣୁ ଶର୍ମାଙ୍କର 'ପଞ୍ଚତନ୍ତ୍ର' ଥିଲା ଏହି ଯୁଗର ଅନବଦ୍ୟ ସୃଷ୍ଟି । କାହାଣୀ ମାଧ୍ୟମରେ ସମାଜକୁ ନୀତି ଉପଦେଶ ପ୍ରଦାନ ଥିଲା ଏହି ରଚନା ଗୁଡ଼ିକର ମୂଳ ଲକ୍ଷ୍ୟ । ବାତ୍ସାୟନଙ୍କର 'କାମସୂତ୍ର' ଥିଲା ଏହି ଯୁଗର ଅନ୍ୟ ଏକ କୃତି । କାବ୍ୟତତ୍ତ୍ୱ ଓ ଛନ୍ଦ ଉପରେ ରଚିତ ପୁସ୍ତକ ମଧ୍ୟରେ ଦଣ୍ଡୀଙ୍କର 'କାବ୍ୟାଦର୍ଶ' ଓ ଭାମିଙ୍କର 'କାବ୍ୟାଳଙ୍କାର' ପୁସ୍ତକ ଉଲ୍ଲେଖନୀୟ । ବରାହ ମିହିରଙ୍କର 'ବୃହତ ସଂହିତା'ରେ ପ୍ରାୟ ଷାଠିଏଟି ଛନ୍ଦର ବର୍ଣ୍ଣନା ଦେଖିବାକୁ ମିଳିଥାଏ ।

ବ୍ୟାକରଣ ଓ ଅଭିଧାନ କ୍ଷେତ୍ରରେ ମଧ୍ୟ ଅନେକ ଗ୍ରନ୍ଥ ରଚିତ ହୋଇଥିଲା । ଚନ୍ଦ୍ରଗୋମିନଙ୍କର 'ଚନ୍ଦ୍ର ବ୍ୟାକରଣ' ଓ ପାଣିନୀଙ୍କର 'ଅଷ୍ଟାଧ୍ୟାୟୀ' ଓ କାତ୍ୟାୟନଙ୍କର 'ବର୍ତ୍ତିକା'କୁ ସଂକ୍ଷିପ୍ତ କରି ଜୈନେନ୍ଦ୍ର ରଚନା

କରିଥିବା 'ବ୍ୟାକରଣ' ଏହି ଯୁଗର ସୃଷ୍ଟି । ଅମର ସିଂହଙ୍କର 'ଅମରକୋଷ' ଏହି ଯୁଗର ଏକ ଶ୍ରେଷ୍ଠ ଅଭିଧାନ । ଧନ୍ବନ୍ତରୀ, ବରରୁଚି, କାତ୍ୟାୟନ ଏବଂ ବାଚସ୍ପତି ଆଦି ଅନ୍ୟ ଅଭିଧାନକାରମାନେ ଅନେକ ଅଭିଧାନ ରଚନା କରିଥିଲେ ।

ଏହିପରି ଭାବରେ ସଂସ୍କୃତ ସାହିତ୍ୟ କ୍ଷେତ୍ରରେ ଦେଖାଯାଇଥିଲା ସାହିତ୍ୟିକ ସୃଷ୍ଟିର ଅପୂର୍ବ ସମ୍ଭାର । ସଂସ୍କୃତ ଭାଷା ବ୍ୟତୀତ ପାଲି ଓ ପ୍ରାକୃତ ଭାଷାରେ ମଧ୍ୟ ବିକାଶ ପରିଲକ୍ଷିତ ହୋଇଥିଲା । ବୌଦ୍ଧ ଧର୍ମ ଗ୍ରନ୍ଥର ଲେଖକମାନେ ପାଲିଭାଷା ଓ ଜୈନମାନେ ପ୍ରାକୃତ ଭାଷାର ବ୍ୟବହାର କରୁଥିଲେ ।

**ବିଜ୍ଞାନ ଓ ପ୍ରଯୁକ୍ତି :**

ସାହିତ୍ୟ ପରି ଗୁପ୍ତଯୁଗରେ ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ପ୍ରଭୂତ ଉନ୍ନତି ସାଧିତ ହୋଇଥିଲା । ଗଣିତବିଦ୍ୟା, ଜ୍ୟୋତିର୍ବିଜ୍ଞାନ, ଚିକିତ୍ସା ବିଜ୍ଞାନ ଓ ଧାତୁବିଦ୍ୟା ଆଦି କ୍ଷେତ୍ରରେ ଗୁପ୍ତଯୁଗର ବୈଜ୍ଞାନିକ ମାନେ ଦେଖାଇଥିଲେ ସେମାନଙ୍କର ଉତ୍କର୍ଷତା ।

ଆର୍ଯ୍ୟଭଟ୍ଟ ଥିଲେ ଏହି ଯୁଗର ପ୍ରସିଦ୍ଧ ଗଣିତଜ୍ଞ । ପ୍ରଥମ ନଅଟି ସଂଖ୍ୟାର ମୂଲ୍ୟ ନିର୍ଦ୍ଧାରଣ, ଶୂନ୍ୟର ବ୍ୟବହାର ଓ ଦଶମିକ ଗଣନା ପ୍ରଣାଳୀ ଥିଲା ତାଙ୍କର ମହତ୍ତ୍ୱପୂର୍ଣ୍ଣ ଅବଦାନ । ତାଙ୍କୁ ଭାରତର 'ନିଉଟନ୍' ଆଖ୍ୟା ଦିଆଯାଇଛି । ବର୍ଗମୂଳ ଓ ଘନମୂଳର ବ୍ୟବହାର ଆଦି ଗାଣିତିକ ତଥ୍ୟ ଗୁଡ଼ିକ ଏହି ସମୟରେ ସୃଷ୍ଟି ହୋଇଥିଲା । ଆର୍ଯ୍ୟଭଟ୍ଟଙ୍କର ପ୍ରସିଦ୍ଧ ଗ୍ରନ୍ଥ 'ଆର୍ଯ୍ୟଭଟ୍ଟୀୟମ୍'ରେ ସେ ପାଟିଗଣିତ, ବୀଜଗଣିତ, ଜ୍ୟାମିତି ଓ ତ୍ରିକୋଣମିତି ବିଷୟରେ ବହୁ ସିଦ୍ଧାନ୍ତ ଉଲ୍ଲେଖ କରିଛନ୍ତି । ଜ୍ୟାମିତି କ୍ଷେତ୍ରରେ ବୃତ୍ତର ଧର୍ମ, ତ୍ରିକୋଣମିତିରେ ସାଇନ୍‌ର ବୈଶିଷ୍ଟ୍ୟ ସେ ଆଲୋଚନା କରିଥିଲେ । 'ବୀଜଗଣିତ', 'ଆର୍ଯ୍ୟ ସିଦ୍ଧାନ୍ତ' ତାଙ୍କର ଅନ୍ୟ ଦୁଇଟି ଅମୂଲ୍ୟ ଗ୍ରନ୍ଥ । ଆର୍ଯ୍ୟଭଟ୍ଟ ଜ୍ୟୋତିର୍ବିଦ୍ୟାରେ ମଧ୍ୟ ପାରଦର୍ଶିତା ଲାଭ କରିଥିଲେ । ତାଙ୍କର ରଚିତ 'ସୂର୍ଯ୍ୟ ସିଦ୍ଧାନ୍ତ' ଓ 'ଦଶ ଗୀତିକା ସୂତ୍ର' ଗ୍ରନ୍ଥ ଦୁଇଟି ଜ୍ୟୋତିର୍ବିଦ୍ୟାର ଉପାଦେୟ ଗ୍ରନ୍ଥ । ସେ ସ୍ୱୀୟ ଗ୍ରନ୍ଥ 'ସୂର୍ଯ୍ୟସିଦ୍ଧାନ୍ତ'ରେ ପୃଥିବୀର ଆକାର ସମ୍ପର୍କରେ ସଠିକ୍ ସୂଚନା ଦେଇଥିଲେ । ପୃଥିବୀ କକ୍ଷପଥରେ ସୂର୍ଯ୍ୟ ଚାରିପଟେ ବୁଲିବା ସଙ୍ଗେ ସଙ୍ଗେ ନିଜ ଅକ୍ଷରେ ମଧ୍ୟ ଘୂରିଥାଏ । ସେ ଦର୍ଶାଇଥିଲେ ଯେ ସୂର୍ଯ୍ୟ ପରାଗ ଓ ଚନ୍ଦ୍ର ଗ୍ରହଣ ରାହୁ କେତୁ ଆଦି ଗ୍ରହଙ୍କର ଗ୍ରାସ ଦ୍ୱାରା ନ ହୋଇ ବରଂ ସୂର୍ଯ୍ୟ, ଚନ୍ଦ୍ର ଓ ପୃଥିବୀର ଏକ ନିର୍ଦ୍ଦିଷ୍ଟ ଅବସ୍ଥିତି ଦ୍ୱାରା ହୋଇଥାଏ ।

ବରାହ ମିହିର ଥିଲେ ଏହି ଯୁଗର ଅନ୍ୟ ଏକ ବିଶିଷ୍ଟ ବୈଜ୍ଞାନିକ । ତାଙ୍କ ପ୍ରଣୀତ 'ବୃହତ୍ ସଂହିତା'ରେ ସେ ଜ୍ୟୋତିର୍ବିଦ୍ୟା, ଉଦ୍ଭିଦ ବିଦ୍ୟା ଓ ଭୂଗୋଳ ବିଦ୍ୟା ବିଷୟରେ ଜ୍ଞାନ ସମ୍ବଳିତ ତଥ୍ୟମାନ ପ୍ରଦାନ କରିଥିଲେ । ତାଙ୍କ ରଚିତ ଅନ୍ୟ ଗ୍ରନ୍ଥ ଗୁଡ଼ିକ ହେଲା; 'ବୃହତ୍ ଜାତକ', 'ଲଘୁଜାତକ' ଓ 'ପଞ୍ଚ ସିଦ୍ଧାନ୍ତ' । ଗୁପ୍ତ ଯୁଗର ଅନ୍ୟାନ୍ୟ ସୁପ୍ରସିଦ୍ଧ ବୈଜ୍ଞାନିକମାନେ ଥିଲେ ବ୍ରହ୍ମଗୁପ୍ତ, ଲାଟଦେବ, ପ୍ରଦ୍ୟୁମ୍ନ ଓ ବିଜୟାନନ୍ଦିନ । ବ୍ରହ୍ମଗୁପ୍ତଙ୍କର 'ବ୍ରହ୍ମସିଦ୍ଧାନ୍ତ', 'ଖଣ୍ଡଖାଦ୍ୟକ୍ୟ', 'ଧ୍ୟାନାଗ୍ରହ' ଓ ଲାଟଦେବଙ୍କର 'ପୁଲିସ' ଓ 'ରୋମକ ସିଦ୍ଧାନ୍ତ' ଆଦି ଭାରତୀୟ ବିଜ୍ଞାନ ସାହିତ୍ୟର ଉପାଦେୟ ଗ୍ରନ୍ଥ । ନିଉଟନ୍‌ଙ୍କର ବହୁ ପୂର୍ବରୁ ବ୍ରହ୍ମଗୁପ୍ତ ଘୋଷଣା କରିଥିଲେ ଯେ ପ୍ରକୃତିର ନିୟମାନୁଯାୟୀ ସବୁ ପଦାର୍ଥ ପୃଥିବୀପୃଷ୍ଠରେ ପତିତ ହୋଇଥାଏ କାରଣ ପୃଥିବୀର ପ୍ରକୃତି ହେଉଛି ସବୁ ପଦାର୍ଥକୁ ଆକର୍ଷଣ କରିବା ଓ ଧାରଣ କରି ରଖିବା ।

ଗୁପ୍ତ ଯୁଗର ବୈଜ୍ଞାନିକମାନଙ୍କ ଦ୍ୱାରା ପ୍ରଦତ୍ତ ମୌଳିକ ଜ୍ଞାନ ବିଶ୍ୱ ସଭ୍ୟତାର ଅଭିବୃଦ୍ଧିରେ ସହାୟକ ହୋଇଥିଲା । ପରବର୍ତ୍ତୀ ସମୟରେ ଆରବମାନେ ଭାରତୀୟ ଗଣିତଶାସ୍ତ୍ର ଓ ଜ୍ୟୋତିର୍ବିଦ୍ୟାରୁ ଅନେକ ଜ୍ଞାନ ଆହରଣ କରିଥିଲେ ଓ ସେମାନଙ୍କଠାରୁ ଇଉରୋପୀୟମାନେ ଏହି ଜ୍ଞାନ ଗ୍ରହଣ କରିଥିଲେ ।

ଭେଷଜ ଓ ଶଲ୍ୟ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଚରକ, ସୁଶ୍ରୁତ ଓ ଭାଗବଟ୍ଟ ଏହି ସମୟରେ ପ୍ରସିଦ୍ଧିଲାଭ କରିଥିଲେ । ଭାଗବଟ୍ଟଙ୍କର ରଚିତ 'ଅଷ୍ଟାଙ୍ଗ ସଂଗ୍ରହ' 'ଅଷ୍ଟାଙ୍ଗ ହୃଦୟ ସଂହିତା' ଚରକଙ୍କର 'ଚରକ ସଂହିତା', ସୁଶ୍ରୁତଙ୍କର 'ସୁଶ୍ରୁତ ସଂହିତା' ଆଦି ଚିକିତ୍ସା ବିଜ୍ଞାନ ସମ୍ପର୍କୀୟ ଗ୍ରନ୍ଥ ଗୁଡ଼ିକ ଏହି ସମୟରେ ରଚିତ ହୋଇଥିଲା । ସୁଶ୍ରୁତଙ୍କୁ ଆଧୁନିକ ଶଲ୍ୟଚିକିତ୍ସାର ଜନକ ବୋଲି ଅଭିହିତ କରାଯାଇଥାଏ । ଫାହିୟାନଙ୍କର ବିବରଣୀରୁ ଜଣାଯାଏ ଯେ ଗୁପ୍ତ ରାଜଧାନୀ ପାଟଳୀପୁତ୍ର ଠାରେ ଏକ ସୁପରିଚାଳିତ ଚିକିତ୍ସା କେନ୍ଦ୍ର କାର୍ଯ୍ୟ କରୁଥିଲା । ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଚିକିତ୍ସା ବିଜ୍ଞାନ ଶିକ୍ଷା ମଧ୍ୟ ଦିଆଯାଉଥିଲା । ପଶୁଚିକିତ୍ସା କ୍ଷେତ୍ରରେ ପାଲକପ୍ୟଙ୍କର 'ହସ୍ତ୍ୟାୟୁର୍ବେଦ' ଓ ଶାଳିହୋତ୍ରଙ୍କର 'ଅଶ୍ୱଶାସ୍ତ୍ର' ଉଲ୍ଲେଖଯୋଗ୍ୟ ।

ଗୁପ୍ତଯୁଗର ଧାତୁବିଦ୍ୟା ଅତି ଉନ୍ନତମାନର ଥିଲା । ହୁଏନଂସା ଓ ତାରାନାଥଙ୍କର ବିବରଣୀରୁ ଜଣାଯାଏ ଯେ ବୌଦ୍ଧ ଦାର୍ଶନିକ ନାଗାର୍ଜ୍ଜୁନ ଏହି ବିଦ୍ୟାର ଛାତ୍ର ଥିଲେ । ଗୁପ୍ତ ସମ୍ରାଟଙ୍କ ଦ୍ୱାରା ପ୍ରଚଳିତ ସ୍ୱର୍ଣ୍ଣ, ରୌପ୍ୟ ଓ ତାମ୍ର ମୁଦ୍ରାଗୁଡ଼ିକ ଏହି ଯୁଗର ଧାତୁ ବିଦ୍ୟାର ପରିଚାୟକ । ଦିଲ୍ଲୀର କୁତବମିନାର ନିକଟସ୍ଥ ଲୌହସ୍ତମ୍ଭ ଗୁପ୍ତଯୁଗୀୟ ଧାତୁ ଶିଳ୍ପର ଏକ ଜ୍ୱଳନ୍ତ ଉଦାହରଣ । ଏହି ବିଶାଳକାୟ ଲୌହ ସ୍ତମ୍ଭର ଉଚ୍ଚତା ହେଉଛି ୨୪ ଫୁଟ ଓ ଓଜନ ୧୮୦ ମହଣ । ଏହାର ବିଶେଷତ୍ୱ ଏହିକି ଯେ ଶହ ଶହ ବର୍ଷ ଧରି ଖରାବର୍ଷାରେ ଦଣ୍ଡାୟମାନ ଥିବା ଏହି ଲୌହ ସ୍ତମ୍ଭରେ କଳଙ୍କି ଲାଗି ନାହିଁ । ଏଥିରୁ ଗୁପ୍ତ ଧାତୁ ବିଜ୍ଞାନୀଙ୍କର ଜ୍ଞାନକୌଶଳ ଅନୁମେୟ । ନାଳନ୍ଦାରୁ ପ୍ରାପ୍ତ ତାମ୍ରନିର୍ମିତ ବୁଦ୍ଧଙ୍କର ସୁବିଶାଳ ମୂର୍ତ୍ତି, ଅଳଙ୍କାର ତଥା ଗୃହୋପକରଣ ସାମଗ୍ରୀ ଏହି ଯୁଗର ଧାତୁଶିଳ୍ପ ସମ୍ପର୍କରେ ଧାରଣା ଦେଇଥାଏ ।

## କଳା ଓ ସ୍ଥାପତ୍ୟ :

କଳା ଓ ସ୍ଥାପତ୍ୟ ଥିଲା ଗୁପ୍ତଯୁଗର ଅନ୍ୟ ଏକ ବିଶେଷ ଉପଲବ୍ଧି । ଗୁପ୍ତଯୁଗର ଶିଳ୍ପୀମାନେ କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟରେ ଦେଖାଇଥିଲେ ସେମାନଙ୍କର ନୈପୁଣ୍ୟ ।

**ସ୍ଥାପତ୍ୟ :** ଭାରତୀୟ ମନ୍ଦିର ନିର୍ମାଣ ଶୈଳୀର ଅୟମାରମ୍ଭ ଗୁପ୍ତ ଯୁଗରେ ହୋଇଥିଲା । ବିଭିନ୍ନ ଦେବଦେବୀଙ୍କର ପୂଜା ପାଇଁ ନିର୍ମାଣ ହୋଇଥିଲା ମନ୍ଦିର । ପ୍ରଥମଥର ପାଇଁ ମନ୍ଦିରଗୁଡ଼ିକ ପ୍ରସ୍ତର ଓ ଇଟା ଆଦିରେ ନିର୍ମିତ ହୋଇଥିଲା । ଗୁପ୍ତ ଯୁଗର ମନ୍ଦିରଗୁଡ଼ିକ ତିନୋଟି ପର୍ଯ୍ୟାୟଭୁକ୍ତ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ (ଖ୍ରୀ ୩୯୧-ଖ୍ରୀ. ୫୦୧) ନିର୍ମିତ ହୋଇଥିବା ମନ୍ଦିର, ଗୁଡ଼ିକରେ ଗର୍ଭଗୃହ ଆବୃତ୍ତ ପ୍ରଦକ୍ଷିଣ ପଥ ଓ ସମତଳ ଛାତ ରହିଥିଲା । ତିଗୱାସ୍ଥିତ ଶିବ ମନ୍ଦିର ଓ ବିଷ୍ଣୁ ମନ୍ଦିର ସାଞ୍ଚିର ଶିବ ମନ୍ଦିର, ଏରଣରେ ଥିବା ନୃସିଂହ ମନ୍ଦିର, ବରାହ ମନ୍ଦିର ଓ ବିଷ୍ଣୁ ମନ୍ଦିର ଏହି ପର୍ଯ୍ୟାୟଭୁକ୍ତ । ଦ୍ୱିତୀୟ ପର୍ଯ୍ୟାୟରେ (ଖ୍ରୀ. ୫୦୨-ଖ୍ରୀ୬୦୫) ଗଢ଼ି ଉଠିଥିବା ମନ୍ଦିର ଗୁଡ଼ିକରେ ଗର୍ଭଗୃହ ସହ ପ୍ରଶସ୍ତ ପ୍ରଦକ୍ଷିଣ ପଥ ରହିଥିଲା । ଏହି ପର୍ଯ୍ୟାୟରେ ଗର୍ଭଗୃହ ଉପରେ ଶିଖର ମଧ୍ୟ ରହିଲା

ଯାହା ମନ୍ଦିର ନିର୍ମାଣ ଶୈଳୀର ଏକ ବୈଶିଷ୍ଟ୍ୟ । ନାଚନାକୁଠାରର ପାର୍ବତୀ ମନ୍ଦିର, ଲାଡ଼ଖାଁ ଗ୍ରାମର ଶିବ ମନ୍ଦିର ଏହି ପର୍ଯ୍ୟାୟର ଅନ୍ତର୍ଭୁକ୍ତ । ତୃତୀୟ ପର୍ଯ୍ୟାୟରେ (ଖ୍ରୀ. ୬୦୬-ଖ୍ରୀ ୭୦୦) ଗୁପ୍ତ ମନ୍ଦିର ନିର୍ମାଣ ଶୈଳୀରେ ପୂର୍ଣ୍ଣତା ପରିଲକ୍ଷିତ । ମନ୍ଦିର ଗୁଡ଼ିକର ଶିଖର ସହିତ ଗର୍ଭଗୃହର ଉଭୟ ପାର୍ଶ୍ୱରେ ବହିଃପ୍ରସୂତି ରହିଥିଲା ଓ ମନ୍ଦିରକୁ ବହୁବିଧ କାରୁକାର୍ଯ୍ୟ ଦ୍ୱାରା ଆଚ୍ଛାଦିତ କରାଯାଇଥିଲା । ଦେଓଗଡ଼ସ୍ଥିତ ଦଶାବତାର ମନ୍ଦିର, ଅହିଛତ୍ରର ଶିବ ମନ୍ଦିର ଆଦି ଏହାର ଉଦାହରଣ ।

ଗୁପ୍ତଯୁଗର ଅନ୍ୟ ଏକ ସ୍ଥାପତ୍ୟ ହେଲା ସ୍ତମ୍ଭ ସ୍ଥାପତ୍ୟ । ଏହା ମୁଖ୍ୟତଃ ତିନି ଭାଗରେ ବିଭକ୍ତ । ଯଥା- ପ୍ରଶସ୍ତି ସ୍ତମ୍ଭ, ଗରୁଡ଼ ସ୍ତମ୍ଭ ଓ ସ୍ମାରକୀ ସ୍ତମ୍ଭ । ସମୁଦ୍ରଗୁପ୍ତଙ୍କର ଆହ୍ଲାବାଦ ସ୍ତମ୍ଭ, ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କର ମେହେରୌଲୀ ଲୌହସ୍ତମ୍ଭ, ସ୍କନ୍ଦଗୁପ୍ତଙ୍କର ଭିତରି ସ୍ତମ୍ଭାଭିଲେଖ ଓ ଯଶୋଧର୍ମଙ୍କର ମନ୍ଦାସୋର ସ୍ତମ୍ଭାଭିଲେଖ ଗୁଡ଼ିକ ପ୍ରଶସ୍ତି ସ୍ତମ୍ଭ ରୂପେ ବିବେଚିତ । ଗୁପ୍ତ ନରପତିମାନେ ବିଷ୍ଣୁଙ୍କର ଉପାସକ ଥିବାରୁ ବିଷ୍ଣୁଙ୍କର ବାହନ ଗରୁଡ଼ ସ୍ତମ୍ଭ ନିର୍ମାଣ କରୁଥିଲେ । ଏରଣର ଗରୁଡ଼ ସ୍ତମ୍ଭ ଏହାର ଏକ ଉଦାହରଣ । କୁମାରଗୁପ୍ତଙ୍କର ବିଲସଡ଼ ସ୍ତମ୍ଭ ଓ ସ୍କନ୍ଦଗୁପ୍ତଙ୍କର ଏରଣ ସ୍ତମ୍ଭ ସ୍ମାରକୀ ସ୍ତମ୍ଭର ଉଦାହରଣ ।

ଗୁପ୍ତ ଯୁଗର ବୌଦ୍ଧ ସ୍ଥାପତ୍ୟ ମଧ୍ୟରେ ଚୈତ୍ୟ, ମନ୍ଦିର, ସ୍ତୂପ, ବିହାର ଆଦି ଉଲ୍ଲେଖନୀୟ । ନାଳନ୍ଦା, ସାରନାଥ, ମୋହରାପାତୁର ଭଗ୍ନ ବୌଦ୍ଧବିହାର, ବୋଧଗୟାର ମହାବୋଧି ମନ୍ଦିର, ଅଜନ୍ତା, ବାଘ, ଏଲୋରାର ବୌଦ୍ଧ ଗୁମ୍ଫା, ସାରନାଥର ବୌଦ୍ଧସ୍ତୂପ ଆଦି ବୌଦ୍ଧ ସ୍ଥାପତ୍ୟର ନିଦର୍ଶନ ।

ଭାସ୍କର୍ଯ୍ୟ କ୍ଷେତ୍ରରେ ଗୁପ୍ତଯୁଗର ଶିଳ୍ପୀମାନେ ସୃଷ୍ଟି କରିଥିଲେ ଅପୂର୍ବ ଭାସ୍କର୍ଯ୍ୟର ସମ୍ଭାର । ଶାରୀରିକ ସୌନ୍ଦର୍ଯ୍ୟର ପରିପ୍ରକାଶ ଦ୍ୱାରା ମୂର୍ତ୍ତିଗୁଡ଼ିକ ପ୍ରତୀତ ହେଉଥିଲେ ଜୀବନ୍ତ । ପ୍ରାଣୀଜଗତ ଓ ଉଦ୍ଭିଦଜଗତରୁ ଉପାଦାନ ଆଣି ମୂର୍ତ୍ତି ନିର୍ମାଣରେ ପ୍ରୟୋଗ କରାଯାଉଥିଲା, ଯେପରିକି ମୀନ ନୟନ, ବିମ୍ବୋଷ୍ଠ, ଶୁଆନାକ ଇତ୍ୟାଦି । ସାରନାଥର ବୁଦ୍ଧମୂର୍ତ୍ତି, ମଥୁରାର ଦଣ୍ଡାୟମାନ ବୁଦ୍ଧମୂର୍ତ୍ତି, ଉଦୟଗିରିର ବରାହ ମୂର୍ତ୍ତି, ଭୂମରାର ଶିବଙ୍କ ଆବକ୍ଷ ମୂର୍ତ୍ତି ଆଦି ଗୁପ୍ତ ଭାସ୍କର୍ଯ୍ୟର ଅପୂର୍ବ ନିଦର୍ଶନ ।

**ଚିତ୍ରକଳା :** ଗୁପ୍ତଯୁଗରେ ଚିତ୍ରକଳା ଥିଲା ବିଶେଷ ଆକର୍ଷଣୀୟ । ଗୁପ୍ତ ଚିତ୍ରକଳା ମଧ୍ୟରୁ ଅଜନ୍ତା, ଏଲୋରା ଓ ବାଘ ଗୁମ୍ଫାର ଚିତ୍ରକଳା ଥିଲା ଅନନ୍ୟ । ଚିତ୍ର କରିବା ପାଇଁ ଗୁପ୍ତ ଚିତ୍ରକରମାନେ ଗେରୁମାଟି, ଧାତୁରାଗ, କୁଙ୍କୁମ, କଜ୍ଜ୍ୱଳ ଆଦିର ବ୍ୟବହାର କରୁଥିଲେ । ସାଧାରଣତଃ ଚିତ୍ରଗୁଡ଼ିକର ବିଷୟବସ୍ତୁ ଧର୍ମ, ପ୍ରକୃତି ଓ ପ୍ରାଣୀଜଗତ ଉପରେ ଆଧାରିତ । ଏହି ଚିତ୍ରମାନଙ୍କରେ ମନୁଷ୍ୟର ଆଧ୍ୟାତ୍ମିକ ଭାବ, ଆନନ୍ଦ, ଦୁଃଖ, ଯନ୍ତ୍ରଣା, ଆବେଗ ଯେପରି ଜୀବନ୍ତ ରୂପେ ପ୍ରତିଫଳିତ ହୋଇଛି ତାହା ସମଗ୍ର ବିଶ୍ୱରେ ବିରଳ । ଅନେକ କଳାକୃତି କାଳର କରାଳ ଗତିରେ ନଷ୍ଟ ହୋଇଯାଇଥିଲେ ମଧ୍ୟ ଅବଶିଷ୍ଟ କଳାକୃତି ଗୁପ୍ତଯୁଗର ଉତ୍କର୍ଷତା ପ୍ରତିପାଦିତ କରିଥାଏ । ଅଜନ୍ତାର ଏକନମ୍ବର ଗୁମ୍ଫାର ପଦ୍ମପାଣି ଓ ଅବଲୋକିତେଶ୍ୱର ଚିତ୍ର, ଦୁଇ ନମ୍ବର ଗୁମ୍ଫାରେ ବୁଦ୍ଧଙ୍କ ଜନ୍ମ ସମ୍ବନ୍ଧୀୟ ଚିତ୍ର, ଷୋହଳ ନମ୍ବର ଗୁମ୍ଫାର ମୁମୂର୍ଷୁ ରାଜକୁମାରୀର ଚିତ୍ର, ସତର ନମ୍ବର ଗୁମ୍ଫାରେ ମାତା ଓ ପୁତ୍ରଙ୍କ ଚିତ୍ର, ଉଣେଇଶ ନମ୍ବର ଗୁମ୍ଫାରେ ବୁଦ୍ଧଙ୍କ କପିଳବସ୍ତୁ ପ୍ରତ୍ୟାବର୍ତ୍ତନର ଚିତ୍ର, ଚାରିନମ୍ବର ବାଘ ଗୁମ୍ଫାର ପଦ୍ମପାଣିଙ୍କ ସହିତ ରାଜା ମହାଜନଙ୍କ ସଂସାର ତ୍ୟାଗର ଚିତ୍ର ଅତ୍ୟନ୍ତ ଆକର୍ଷକ । ଏହିପରି ଭାବରେ ଲାଳିତ୍ୟ, ସୌନ୍ଦର୍ଯ୍ୟ ଓ ନୈସର୍ଗିକତାର ସମ୍ମିଶ୍ରଣ ଥିଲା ଗୁପ୍ତ ଚିତ୍ରକଳା ।

**ଅନ୍ୟାନ୍ୟ କଳା :** ଗୁପ୍ତ ଯୁଗର ମୃଣ୍ମୟକଳା ମଧ୍ୟ ପ୍ରସିଦ୍ଧିଲାଭ କରିଥିଲା । ଭିତର ଗାଁ, ପାହାଡ଼ପୁର, ଅହିଛତ୍ର ଆଦି ସ୍ଥାନରୁ ଅନେକ ମୃଣ୍ମୟ ମୂର୍ତ୍ତି ଭୂଖନନରୁ ମିଳିଛି । ସେଥି ମଧ୍ୟରୁ ବିଷ୍ଣୁ, ସୂର୍ଯ୍ୟ, ଦୁର୍ଗା, ଗଙ୍ଗା, ଯମୁନା ଆଦି ଦେବଦେବୀଙ୍କ ମୂର୍ତ୍ତି ଓ ବିଭିନ୍ନ ପଶୁ, ପକ୍ଷୀ, ଯମ, ନାଗ, ମାନବ ଆଦି ମୂର୍ତ୍ତି ଅନ୍ୟତମ । ଲଳିତକଳା ମଧ୍ୟ ଗୁପ୍ତଯୁଗରେ ବିଶେଷ ରୂପରେ ଆଦୃତ ଥିଲା । ସମୁଦ୍ରଗୁପ୍ତଙ୍କର ମୁଦ୍ରାରେ ବୀଣାବାଦନର ଦୃଶ୍ୟ, ସଙ୍ଗୀତକଳାର ସୂଚକ । ଗୁପ୍ତଯୁଗର ଭାସ୍କର୍ଯ୍ୟ ଓ ଚିତ୍ରକଳାରୁ ବିଭିନ୍ନ ନୃତ୍ୟ ଓ ସଙ୍ଗୀତ ସମ୍ପର୍କରେ ସୂଚନା ମିଳିଥାଏ ।

## ଧର୍ମ :

ଗୁପ୍ତଯୁଗରେ ବ୍ରାହ୍ମଣ୍ୟ ହିନ୍ଦୁଧର୍ମର ପୁନରୁତ୍‌ଥାନ ହୋଇଥିଲା । ଗୁପ୍ତ ସମ୍ରାଟମାନେ ଥିଲେ ଏହାର ପୃଷ୍ଠପୋଷକ । ହିନ୍ଦୁ ଧର୍ମର ବିଭିନ୍ନ ବିଭାଗ ଯଥା ବୈଷ୍ଣବ, ଶାକ୍ତ, ଶୈବ ଆଦି ଧର୍ମ ବିଶ୍ୱାସର ଉନ୍ନତି ପରିଲକ୍ଷିତ ହୋଇଥିଲା । ଗୁପ୍ତ ଶାସକମାନେ ଥିଲେ ମୁଖ୍ୟତଃ ବିଷ୍ଣୁଙ୍କର ଉପାସକ । ସେମାନେ 'ପରମ ଭାଗବତ', 'ପରମ ଭଟ୍ଟାରକ' ଆଦି ଉପାଧିରେ ଭୂଷିତ ହେଉଥିଲେ । ବିଷ୍ଣୁଙ୍କର ବାହନ ଗରୁଡ଼ ଥିଲା ଗୁପ୍ତଶାସନର ରାଜକୀୟ ପ୍ରତୀକ ।

ଜୈନ ଧର୍ମ ଓ ବୌଦ୍ଧ ଧର୍ମର ପ୍ରସାର ଫଳରେ ହିନ୍ଦୁ ଧର୍ମ ଧୀରେ ଧୀରେ ତାର ପ୍ରାଧାନ୍ୟ ହରାଇଥିଲା । କିନ୍ତୁ ଗୁପ୍ତ ଯୁଗରେ ରାଜପୃଷ୍ଠପୋଷକତା ଲାଭ କରିବା ଦ୍ୱାରା ହିନ୍ଦୁ ଧର୍ମ ଏହାର ପୂର୍ବ ଗୌରବ ଫେରି ପାଇଲା । କିନ୍ତୁ ଏହା ପ୍ରକାଶ ଲାଭ କରିଥିଲା ଏକ ନୂତନ ରୂପରେ । ଅବତାରବାଦ ଥିଲା ଏହି ଯୁଗର ବିଶେଷତ୍ୱ । ବିଷ୍ଣୁଙ୍କର ଦଶାବତାର ଉପାସନା ପ୍ରସିଦ୍ଧିଲାଭ କରିଥିଲା । ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ସୂର୍ଯ୍ୟ, ଇନ୍ଦ୍ର, ବରୁଣ, ଲକ୍ଷ୍ମୀ, ଦୁର୍ଗା, ପାର୍ବତୀ, କାର୍ତ୍ତିକେୟ ଓ ଗଣେଶ ଆଦି ନୂତନ ଦେବଦେବୀଙ୍କର ଉପାସନା ଆରମ୍ଭ ହୋଇଥିଲା । ବୈଦିକ ଯୁଗରେ ପ୍ରଚଳିତ ଥିବା ଯଜ୍ଞ ପଦ୍ଧତି ଯେପରିକି ଅଶ୍ୱମେଧ, ବାଜପେୟ ଓ ଅଗ୍ନିଷ୍ଟୋମ ଆଦି ଯଜ୍ଞର ପୁନଃ ପ୍ରଚଳନ ଘଟିଥିଲା । ଜନସାଧାରଣଙ୍କ ମନରେ ଧର୍ମ ପ୍ରତି ଗଭୀର ଆସ୍ଥା ସୃଷ୍ଟି ହେବା ଦ୍ୱାରା ହିନ୍ଦୁ ଧର୍ମ ଭାରତୀୟ ସମାଜରେ ନୂତନ ରୂପରେ ବିକଶିତ ହୋଇଥିଲା ।

ଗୁପ୍ତନରପତିମାନେ ବ୍ରାହ୍ମଣ୍ୟ ହିନ୍ଦୁଧର୍ମର ପୃଷ୍ଠପୋଷକ ଥିଲେ ମଧ୍ୟ ଅନ୍ୟ ଧର୍ମ ପ୍ରତି ଥିଲେ ସହନଶୀଳ । ସବୁ ଧର୍ମ ପ୍ରତି ସେମାନେ ଉଦାର ମନୋଭାବ ପୋଷଣ କରୁଥିଲେ । ଚୀନ୍ ପରିବ୍ରାଜକ ଫାହିୟାନଙ୍କ ବିବରଣୀରୁ ଜଣାପଡ଼େ ଯେ ଏହି ସମୟରେ ମହାଯାନ ଓ ତନ୍ତ୍ରଯାନ ବୌଦ୍ଧଧର୍ମର ପ୍ରଗତି ଘଟିଥିଲା । ସାରନାଥ, ସାଞ୍ଚି ପ୍ରଭୃତି ବୌଦ୍ଧପୀଠଗୁଡ଼ିକ ରାଜକୀୟ ପୃଷ୍ଠପୋଷକତା ଲାଭ କରିଥିଲା । ବୁଦ୍ଧଙ୍କର ମୂର୍ତ୍ତିପୂଜା ବିଶେଷ ଭାବରେ ବୃଦ୍ଧିଲାଭ କରିଥିଲା । କାଳକ୍ରମେ ହିନ୍ଦୁମାନେ ବୁଦ୍ଧଙ୍କୁ ବିଷ୍ଣୁଙ୍କର ଅବତାର ଭାବରେ ଗ୍ରହଣ କରିନେଲେ । ବୌଦ୍ଧଧର୍ମ ପରି ଜୈନ ଧର୍ମ ପ୍ରତି ଗୁପ୍ତ ନରପତିମାନେ ଉଦାରନୀତି ଅନୁସରଣ କରିଥିଲେ । ମଥୁରା, ବଲ୍ଲଭି, ଉଦୟଗିରି, ପଣ୍ଡ୍ରବର୍ଦ୍ଧନ (ବଙ୍ଗଦେଶ) ଓ କର୍ଣ୍ଣାଟକରେ ଜୈନଧର୍ମ ଲୋକପ୍ରିୟ ହୋଇପାରିଥିଲା । ଗୁପ୍ତରାଜା ସ୍କନ୍ଦଗୁପ୍ତଙ୍କର କାହୁମ ସ୍ତମ୍ଭ ଅଭିଲେଖରୁ ଜଣାପଡ଼େ ଯେ ସେ ପାଞ୍ଚଜଣ ଜୈନ ତୀର୍ଥଙ୍କରଙ୍କ ପ୍ରସ୍ତରମୂର୍ତ୍ତି ସଜ୍ଜିତ କରିବା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ୪୫୩ ଖ୍ରୀଷ୍ଟାବ୍ଦରେ ବଲ୍ଲଭିଠାରେ ଜୈନଧର୍ମର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇ ଜୈନ ଧର୍ମଗ୍ରନ୍ଥର ଶୁଦ୍ଧ ସଂସ୍କରଣ ପ୍ରସ୍ତୁତ ହୋଇଥିଲା ।

ଫାହିୟାନଙ୍କର ବିବରଣୀରୁ ଜଣାଯାଏ ଯେ ଜନସାଧାରଣ ସେ ସମୟରେ ଧର୍ମୀୟ ସ୍ୱାଧୀନତା ଉପଭୋଗ କରୁଥିଲେ । ଈଶ୍ୱର ଭକ୍ତି, ଆଧ୍ୟାତ୍ମିକ ଚେତନା ଓ ସାର୍ବଜନୀନ ଉଦାର ମନୋଭାବ ସମାଜକୁ ଅଧିକ ସୁନ୍ଦର କରି ଗଢ଼ି ତୋଳିଥିଲା ।

**ଦର୍ଶନ :**

ଗୁପ୍ତ ଯୁଗରେ ଭାରତୀୟ ଦର୍ଶନର ଘଟିଥିଲା ବିଶେଷ ଅଗ୍ରଗତି । ଏହି ଯୁଗର ପ୍ରାରମ୍ଭ କାଳରେ 'ମୀମାଂସା ସୂତ୍ର' ଉପରେ ସବର ସ୍ୱାମୀ ତାଙ୍କର ପ୍ରସିଦ୍ଧ ଭାଷ୍ୟ ଲେଖିଥିଲେ । ଈଶ୍ୱରକୃଷ୍ଣ ତାଙ୍କ ପ୍ରଣୀତ 'ସାଂଖ୍ୟ କାରିକା' ଗ୍ରନ୍ଥରେ ସାଂଖ୍ୟ ଦର୍ଶନକୁ ବ୍ୟାଖ୍ୟା କରିଥିଲେ । ପତଞ୍ଜଳି ବ୍ୟାସ ଭାଷ୍ୟ ପ୍ରଣୟନ କରି ସେଥିରେ ଯୋଗସୂତ୍ର ବର୍ଣ୍ଣନା କରିଥିଲେ । ବାତ୍ସାୟନ ତାଙ୍କ ପ୍ରସିଦ୍ଧ ଗ୍ରନ୍ଥ 'ନ୍ୟାୟ ଭାଷ୍ୟ'ରେ ନ୍ୟାୟ ଦାର୍ଶନିକ ପଦ୍ଧତି ପ୍ରତିପାଦନ କରିଥିଲେ । ମୀମାଂସା, ସାଂଖ୍ୟ, ନ୍ୟାୟ ଯୋଗ ଆଦି ଦାର୍ଶନିକ ଚିନ୍ତାଧାରା ଦ୍ୱାରା ଭାରତୀୟ ଦର୍ଶନ ଶାସ୍ତ୍ର ହୋଇଥିଲା ଅଧିକ ପରିପୁଷ୍ଟ । ଅନ୍ୟ ଦାର୍ଶନିକମାନଙ୍କ ମଧ୍ୟରେ ପ୍ରଭାକର, କୁମାରିଲ୍ଲ, ମୁରାରୀ ମିଶ୍ର, ଭର୍ତ୍ତୃହରି ଆଦି ଉଲ୍ଲେଖଯୋଗ୍ୟ । ବେଦାନ୍ତ ଦର୍ଶନର ପ୍ରବକ୍ତା ଓ ଶଙ୍କରାଚାର୍ଯ୍ୟଙ୍କ ଗୁରୁ ଗୌଡ଼ପଦ ମଧ୍ୟ ଏହି ସମୟରେ ଆବିର୍ଭୂତ ହୋଇଥିଲେ ।

ବୌଦ୍ଧ ଦାର୍ଶନିକ ଚିନ୍ତାଧାରାରେ ମଧ୍ୟ ଏହି ଯୁଗରେ ନୂତନତ୍ୱ ପରିଲକ୍ଷିତ ହୋଇଥିଲା । ହୀନଯାନ, ମହାଯାନ ଆଦି ମତବାଦ ସମ୍ପର୍କରେ ନୂତନ ବ୍ୟାଖ୍ୟାମାନ ରଚିତ ହୋଇଥିଲା । ବିଶିଷ୍ଟ ମହାଯାନ ଘଟଣା ପଞ୍ଜିକା 'ଆର୍ଯ୍ୟ ମଞ୍ଜୁଶ୍ରୀ-ମୂଳକଳ୍ପ' ଏହି ସମୟର ସୃଷ୍ଟି । ଏଥିରେ ଖ୍ରୀ.ପୂ. ୭୦୦ ରୁ ୭୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଭାରତ ଇତିହାସ ଲିପିବଦ୍ଧ । ବୁଦ୍ଧଘୋଷଙ୍କର 'ଅଠକଥା', ଅସଙ୍ଗଙ୍କ 'ମହାଯାନ ସୂତ୍ରାଲଙ୍କାର', 'ବୋଧିସତ୍ତ୍ୱଭୂମି', ବସୁବନ୍ଧୁଙ୍କର 'ଗାଥା ସଂଗ୍ରହ', 'ଅଭିଧର୍ମ କୋଷ', 'ପରମାର୍ଥ ସପ୍ତତି', ଦିଙ୍ନାଗଙ୍କର 'ନ୍ୟାୟ ପ୍ରବେଶ' ଓ 'ତର୍କ ଶାସ୍ତ୍ର' ବୌଦ୍ଧ ଦର୍ଶନର ଅମୂଲ୍ୟ ଗ୍ରନ୍ଥ ଭାବରେ ପରିଗଣିତ ।

ଜୈନ ଦର୍ଶନରେ ମଧ୍ୟ ଏକ ନୂତନ ଧାରା ପ୍ରଚଳିତ ହୋଇଥିଲା । ଜୈନ ଧର୍ମଶାସ୍ତ୍ରମାନଙ୍କ ଉପରେ ଭାଷ୍ୟମାନ ରଚିତ ହୋଇଥିଲା । ଦେବାର୍ଥୀ, ସିଦ୍ଧସେନ, ଦିବାକର ଆଦି ଜୈନ ଦାର୍ଶନିକମାନେ ପ୍ରସିଦ୍ଧିଲାଭ କରିଥିଲେ । 'ତତ୍ତ୍ୱ ଅର୍ଥାଧିଗମ୍ ସୂତ୍ର' ଓ 'ନ୍ୟାୟାବତାର' ଗ୍ରନ୍ଥ ଦୁଇଟିରେ ଜୈନ ଦର୍ଶନର ବିଶେଷ ବ୍ୟାଖ୍ୟା ଦେଖିବାକୁ ମିଳେ ।

**ଶିକ୍ଷା :**

ଗୁପ୍ତ ଯୁଗରେ ଶିକ୍ଷା କ୍ଷେତ୍ରରେ ମଧ୍ୟ ବିଶେଷ ଉନ୍ନତି ସାଧିତ ହୋଇଥିଲା । ନାଳନ୍ଦା, ମଥୁରା, ଅଯୋଧ୍ୟା, ବାରଣାସୀ ଆଦି ଶିକ୍ଷାର କେନ୍ଦ୍ରସ୍ଥଳ ଥିଲା । ଛାତ୍ରମାନେ ଗୁରୁକୁଳରେ ରହି ଆଚାର୍ଯ୍ୟଙ୍କଠାରୁ ଶିକ୍ଷାଲାଭ କରୁଥିଲେ । ପୁରାଣ, ଦର୍ଶନ, ବ୍ୟାକରଣ, ମୀମାଂସା ଆଦି ଶିକ୍ଷା ପ୍ରତି ଜନସାଧାରଣଙ୍କର ଆଗ୍ରହ ବୃଦ୍ଧି ପାଇଥିଲା । ନାଳନ୍ଦା ବିଶ୍ୱବିଦ୍ୟାଳୟ ଏକ ପ୍ରମୁଖ ଶିକ୍ଷାକେନ୍ଦ୍ର ଥିଲା । ଶିକ୍ଷା ସହିତ ଚରିତ୍ର ଗଠନ ଉପରେ ଗୁରୁତ୍ୱାରୋପ କରାଯାଉଥିଲା ।

ଫାହିୟାନଙ୍କର ବିବରଣୀରୁ ଜଣାଯାଏ ଯେ ବୌଦ୍ଧ ବିହାର ଗୁଡ଼ିକ ମଧ୍ୟ ଶିକ୍ଷାର ଅନ୍ୟତମ ପୀଠ ରୂପେ ବିବେଚିତ ହେଉଥିଲେ ।

ବାସ୍ତବିକ ଗୁପ୍ତଯୁଗର ସଂସ୍କୃତି ଭାରତୀୟ ସାଂସ୍କୃତିକ ଇତିହାସରେ ଏକ ମାଇଲଖୁଣ୍ଟ । କଳା, ସ୍ଥାପତ୍ୟ, ବିଜ୍ଞାନ, ଦର୍ଶନ, ସାହିତ୍ୟ ଆଦି ସମସ୍ତ କ୍ଷେତ୍ରରେ ଏକକାଳୀନ ଏପରି ଉତ୍କର୍ଷତା ସମ୍ଭବତଃ ଅନ୍ୟ କୌଣସି ଯୁଗରେ ଘଟି ନ ଥିଲା । ଏଥି ନିମନ୍ତେ ଗୁପ୍ତଯୁଗକୁ ପ୍ରାଚୀନ ଭାରତ ଇତିହାସର ସୁବର୍ଣ୍ଣ ଯୁଗ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

## ସାରାଂଶ

ଗୁପ୍ତଯୁଗ ଭାରତ ଇତିହାସର ଏକ ଗୌରବମୟ ଯୁଗ । ଏହି ଯୁଗରେ ଘଟିଥିବା ସାଂସ୍କୃତିକ ବିକାଶ ଭାରତୀୟ ସଂସ୍କୃତିକୁ କରିଛି ଅଧିକ ବୁଦ୍ଧିମନ୍ତ । ରାଜନୈତିକ ଏକତା, ଆଭ୍ୟନ୍ତରୀଣ ଶାନ୍ତି ଓ ନିରାପତ୍ତା, ସୁଦୃଢ଼ ଶାସନ ବ୍ୟବସ୍ଥା, ସମୃଦ୍ଧ ଅର୍ଥନୀତି ଓ ରାଜପୃଷ୍ଠପୋଷକତା ଯୋଗୁଁ ଏପରି ସାଂସ୍କୃତିକ ବିକାଶ ସମ୍ଭବପର ହୋଇପାରିଥିଲା ।

ସଂସ୍କୃତ ଭାଷାର ପୁନରୁତ୍‌ଥାନ ସହିତ ସଂସ୍କୃତ ସାହିତ୍ୟର ବିକାଶ ଘଟିଥିଲା । ପୁରାଣ, ସ୍ମୃତି ସାହିତ୍ୟ, ନୀତିଶାସ୍ତ୍ର, ନାଟକ, କାବ୍ୟକବିତା, ଆଖ୍ୟାୟିକା, ବ୍ୟାକରଣ ଆଦି ବିଭିନ୍ନ ବିଭାଗରେ ସୃଷ୍ଟି ହୋଇଥିଲା କାଳଜୟୀ ରଚନା । କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ଚିତ୍ରକଳା, ମୃଣ୍ମୟକଳା ଉତ୍କର୍ଷତାର ଶୀର୍ଷରେ ଉପନୀତ ହୋଇଥିଲା । ଗଣିତ ବିଦ୍ୟା, ଜ୍ୟୋତିର୍ବିଦ୍ୟା, ଚିକିତ୍ସା ବିଜ୍ଞାନ ଓ ଧାତୁବିଦ୍ୟା କ୍ଷେତ୍ରରେ ପ୍ରଭୂତ ଉନ୍ନତି ସାଧିତ ହୋଇଥିଲା । ହିନ୍ଦୁ ଧର୍ମର ପୁନରୁତ୍‌ଥାନ ହେବା ସହିତ ନୂତନ ଦେବଦେବୀଙ୍କର ଆବିର୍ଭାବ, ନୂତନ ରୀତିନୀତିର ପ୍ରଚଳନ ହିନ୍ଦୁଧର୍ମରେ ଆଣିଥିଲା ନୂତନତ୍ୱ । ଗୁପ୍ତ ସମ୍ରାଟମାନଙ୍କର ଧର୍ମୀୟ ଉଦାର ନୀତି ଯୋଗୁଁ ବୌଦ୍ଧଧର୍ମ ଓ ଜୈନଧର୍ମ ନିର୍ଦ୍ଦିଷ୍ଟ ସ୍ଥାନରେ ସେମାନଙ୍କର ଲୋକପ୍ରିୟତା ବଜାୟ ରଖିଥିଲେ । ହିନ୍ଦୁ ଦର୍ଶନ, ବୌଦ୍ଧ ଦର୍ଶନ ଓ ଜୈନ ଦର୍ଶନରେ ମଧ୍ୟ ବିକାଶ ପରିଲକ୍ଷିତ ହୋଇଥିଲା । ଗୁପ୍ତଯୁଗରେ ଗୁରୁକୁଳ ଶିକ୍ଷାବ୍ୟବସ୍ଥା ପ୍ରଚଳିତ ଥିଲା ଓ ଶିକ୍ଷାଲାଭ ସହିତ ଚରିତ୍ର ଗଠନକୁ ପ୍ରାଧାନ୍ୟ ଦିଆଯାଉଥିଲା । ବୌଦ୍ଧ ବିହାର ଗୁଡ଼ିକ ମଧ୍ୟ ଶିକ୍ଷାର କେନ୍ଦ୍ର ଥିଲେ ଓ ନାଳନ୍ଦା ବିଶ୍ୱବିଦ୍ୟାଳୟ ଏକ ଆଦର୍ଶ ବିଶ୍ୱବିଦ୍ୟାଳୟ ରୂପେ ପରିଗଣିତ ହେଉଥିଲା । ଏହିପରି ଭାବରେ ଗୁପ୍ତଯୁଗର ସାଂସ୍କୃତିକ ଉପଲବ୍ଧି ଥିଲା ଭାରତୀୟ ସଂସ୍କୃତିର ପରାକାଷ୍ଠା ।

## ଆଦର୍ଶ ପ୍ରଶ୍ନାବଳୀ

### 'କ' ବିଭାଗ

### (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର)

**୧. ପ୍ରତ୍ୟେକ ପ୍ରଶ୍ନ ପାଇଁ ଦିଆଯାଇଥିବା ଚାରୋଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତର ବାଛି ଲେଖ ।**

(କ) ଗୁପ୍ତଯୁଗରେ କେଉଁ ଭାଷାର ପୁନରୁତ୍‌ଥାନ ହୋଇଥିଲା ?
(i) ପାଲି (ii) ସଂସ୍କୃତ (iii) ହିନ୍ଦି (iv) ପ୍ରାକୃତ

(ଖ) ଗୁପ୍ତ ଯୁଗର କେଉଁ ରାଜା 'କବିରାଜ' ଉପାଧି ଧାରଣ କରିଥିଲେ ?
(i) ଶ୍ରୀଗୁପ୍ତ (ii) ସମୁଦ୍ରଗୁପ୍ତ (iii) ଦ୍ୱିତୀୟ ଚନ୍ଦ୍ରଗୁପ୍ତ (iv) କୁମାରଗୁପ୍ତ

(ଗ) କିଏ ଆହ୍ଲାବାଦ ପ୍ରଶସ୍ତି ରଚନା କରିଥିଲେ ?
(i) କାଳିଦାସ (ii) ଆର୍ଯ୍ୟଭଟ୍ଟ (iii) ହରିସେନ (iv) ବରାହ ମିହିର

(ଘ) ଗୁପ୍ତଯୁଗରେ କେତୋଟି ପୁରାଣ ରଚିତ ହୋଇଥିଲା ?
(i) ଦ୍ୱାଦଶ (ii) ପଞ୍ଚଦଶ (iii) ଷୋଡ଼ଶ (iv) ଅଷ୍ଟାଦଶ

(ଙ) 'ରଘୁବଂଶ'ର ରଚୟିତା କିଏ ଥିଲେ ?
(i) ଚରକ (ii) ଆର୍ଯ୍ୟଭଟ୍ଟ (iii) କାଳିଦାସ (iv) ସୁଶ୍ରୁତ

**୨. ଶୂନ୍ୟସ୍ଥାନ ପୂରଣ କର ।**

(କ) ____________ ଦେବୀଚନ୍ଦ୍ରଗୁପ୍ତମ୍‌ର ରଚୟିତା ।
(ଖ) ____________ ଗୁପ୍ତଯୁଗର ଜଣେ ପ୍ରସିଦ୍ଧ ଗଣିତଜ୍ଞ ଥିଲେ ।
(ଗ) ବରାହମିହିର ____________ ରଚନା କରିଥିଲେ ।
(ଘ) ଗୁପ୍ତଯୁଗର ଦଶାବତାର ମନ୍ଦିର ____________ ଠାରେ ଅବସ୍ଥିତ ।
(ଙ) ଗୁପ୍ତଯୁଗରେ ନିର୍ମିତ ଲୌହସ୍ତମ୍ଭ ____________ ଠାରେ ଅବସ୍ଥିତ ।

### 'ଖ' ବିଭାଗ

**୩. ପ୍ରତି ପ୍ରଶ୍ନର ଉତ୍ତର ଦୁଇ ବା ତିନୋଟି ବାକ୍ୟରେ ଲେଖ । (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର)**

(କ) କାଳିଦାସଙ୍କ ରଚିତ ପ୍ରଧାନ ଗ୍ରନ୍ଥ ଗୁଡ଼ିକର ନାମ ଲେଖ ।
(ଖ) ଗୁପ୍ତଯୁଗରେ କେତେ ପ୍ରକାର ସ୍ତମ୍ଭ ସ୍ଥାପତ୍ୟ ରହିଥିଲା ? ସେଗୁଡ଼ିକର ନାମ ଲେଖ ।
(ଗ) ଆର୍ଯ୍ୟଭଟ୍ଟ କିଏ ? ତାଙ୍କର ଦୁଇଟି ଶ୍ରେଷ୍ଠ କୃତିର ନାମ ଲେଖ ।
(ଘ) ଗୁପ୍ତଯୁଗରେ ପଶୁଚିକିତ୍ସା କ୍ଷେତ୍ରରେ ରଚିତ ହୋଇଥିବା ଦୁଇଟି ପ୍ରଧାନ ପୁସ୍ତକର ନାମ ଲେଖ ।

(ଙ) ଆର୍ଯ୍ୟ ମଞ୍ଜୁଶ୍ରୀ ମୂଳକଳ୍ପ କ'ଣ ? ଏଥିରେ କେଉଁ ସମୟରୁ କେଉଁ ସମୟ ପର୍ଯ୍ୟନ୍ତ ଇତିହାସ ବର୍ଣ୍ଣିତ ହୋଇଛି ?

(ଚ) ଗୁପ୍ତରାଜାମାନେ ମୁଖ୍ୟତଃ କେଉଁ ଦେବତାଙ୍କର ଉପାସକ ଥିଲେ ଓ ସେମାନେ କେଉଁ କେଉଁ ଉପାଧି ଧାରଣ କରିଥିଲେ ?

(ଛ) ଭେଷଜ ଓ ଶଲ୍ୟ ଚିକିତ୍ସା କ୍ଷେତ୍ରରେ ଗୁପ୍ତ ଯୁଗରେ କିପରି ଉନ୍ନତି ପରିଲକ୍ଷିତ ହୋଇଥିଲା ?

୪. **ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପାଞ୍ଚ ବା ଛଅଟି ବାକ୍ୟରେ ଲେଖ । (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର)**

(କ) ଗୁପ୍ତ ଯୁଗର ଧର୍ମୀୟ ସଂସ୍କୃତ ସାହିତ୍ୟ ଉପରେ ଟିପ୍ପଣୀ ଦିଅ ।

(ଖ) ଗୁପ୍ତ ଯୁଗରେ ବିଜ୍ଞାନର ବିକାଶ ଉପରେ ଆଲୋକପାତ କର ।

(ଗ) ଗୁପ୍ତ ଯୁଗର ସ୍ଥାପତ୍ୟର ବୈଶିଷ୍ଟ୍ୟ ପ୍ରତିପାଦନ କର ।

(ଘ) ଗୁପ୍ତ ଯୁଗର ଚିତ୍ରକଳାର ସୂଚନା ଦିଅ ।

(ଙ) ଗୁପ୍ତ ଯୁଗର ଭାସ୍କର୍ଯ୍ୟ ଉପରେ ଏକ ଟିପ୍ପଣୀ ଲେଖ ।

(ଚ) ଗୁପ୍ତ ଯୁଗର ଜ୍ୟୋତିର୍ବିଦ୍ୟାର ଉନ୍ନତି ବିଷୟରେ ଉଲ୍ଲେଖ କର ।

(ଛ) ଗୁପ୍ତ ଯୁଗର ଧର୍ମ ଉପରେ ଆଲୋକପାତ କର ।

(ଜ) ଗୁପ୍ତ ଯୁଗର ଦର୍ଶନ ବିଷୟରେ ସୂଚନା ଦିଅ ।

(ଝ) ଗୁପ୍ତ ଯୁଗର ଗଣିତ ବିଦ୍ୟାର ଉନ୍ନତି ବିଷୟରେ ଆଲୋଚନା କର ।

(ଞ) ଗୁପ୍ତ ଯୁଗରେ କିପରି ନାଟ୍ୟ ସାହିତ୍ୟର ଅଭିବୃଦ୍ଧି ଘଟିଥିଲା ?

୫. **ସଂକ୍ଷିପ୍ତ ଟିପ୍ପଣୀ ଦିଅ ।**

(କ) ଗୁପ୍ତ ଯୁଗର ସାଧାରଣ ସଂସ୍କୃତ ସାହିତ୍ୟ

(ଖ) ଗୁପ୍ତ ଯୁଗର ମନ୍ଦିର ସ୍ଥାପତ୍ୟ

(ଗ) ଗୁପ୍ତ ଯୁଗର ଭାସ୍କର୍ଯ୍ୟ

(ଘ) ଗୁପ୍ତ ଯୁଗର ବିଜ୍ଞାନ

(ଙ) ଗୁପ୍ତ ଯୁଗରେ ହିନ୍ଦୁ ଧର୍ମ

## 'ଗ' ବିଭାଗ

## (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର)

୬. ଗୁପ୍ତ ସଂସ୍କୃତିର ମୁଖ୍ୟ ବିଭବ ଗୁଡ଼ିକ ବର୍ଣ୍ଣନା କର ।

୭. ଗୁପ୍ତ ଯୁଗରେ ସଂସ୍କୃତ ସାହିତ୍ୟର ବିକାଶ ଉପରେ ଆଲୋକପାତ କର ।

୮. ଗୁପ୍ତ ଯୁଗର କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଉପରେ ଏକ ବିବରଣୀ ଦିଅ ।

୯. ଗୁପ୍ତଯୁଗର ସାଂସ୍କୃତିକ ଉପଲବ୍ଧି ଉପରେ ଆଲୋକପାତ କର ।

❑●❑

**ସପ୍ତମ ଅଧ୍ୟାୟ :**

# ପରିବ୍ରାଜକଙ୍କ ଦୃଷ୍ଟିରେ ଭାରତୀୟ ସମାଜ

## (ଦଶମରୁ ସପ୍ତଦଶ ଶତାବ୍ଦୀ)

# Perception of Society through the eyes of the Travellers

## (10th to 17th Centuries)

ମଣିଷ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାତ୍ରା, ଗସ୍ତ, ବିଦେଶ ଯାତ୍ରା ଓ ଭ୍ରମଣ କରିଥାଏ । ଏ ସମସ୍ତ ସ୍ଥାନାନ୍ତରର ଅନେକ କାରଣ ଅଛି । ତନ୍ମଧ୍ୟରୁ ଜଳବାୟୁ ପରିବର୍ତ୍ତନ, ସାମାଜିକ-ଆର୍ଥିକ-ରାଜନୈତିକ ତଥା ଧାର୍ମିକ କାରଣ ମୁଖ୍ୟ । ସାମାଜିକ, ଆର୍ଥିକ, ଧାର୍ମିକ, ରାଜନୈତିକ, ପ୍ରଶାସନିକ ଓ ପ୍ରାକୃତିକ ଇତ୍ୟାଦି କାରଣ ଯୋଗୁଁ ମଣିଷ ନିଜ ଦେଶ ମଧ୍ୟରେ ତଥା ଅନ୍ୟ ଦେଶକୁ ଯାତ୍ରା କରିଥାଏ । ଯାତ୍ରା କରୁଥିବା ଲୋକଙ୍କ ମଧ୍ୟରୁ କେତେଜଣ ସ୍ୱଚକ୍ଷୁରେ ଦେଖିଥିବା ନୂତନ ସ୍ଥାନର ପ୍ରାକୃତିକ ଦୃଶ୍ୟ, ପରିବେଶ, ମଣିଷ, ପଶୁପକ୍ଷୀ, ସାମାଜିକ ପ୍ରଥା, ଭାଷା, ବିଶ୍ୱାସ, ରାଜନୀତି, ଶାସନ ବ୍ୟବସ୍ଥା, କଳା ସ୍ଥାପତ୍ୟକୁ ଯତ୍ନର ସହ ନିଜ ନିଜର ପସନ୍ଦ ମୁତାବକ ସଂକ୍ଷିପ୍ତ ଟୀକା ଟିପ୍ପଣୀ ତଥା ବିଶଦ ବର୍ଣ୍ଣନା ଲିପିବଦ୍ଧ କରିଥାନ୍ତି । ବର୍ଣ୍ଣନା ବା ବିବରଣୀରେ ସେମାନେ ସେମାନଙ୍କର ଅସାଧାରଣ ଓ ଅସ୍ୱାଭାବିକ ଅନୁଭୂତିକୁ ଗୁରୁତ୍ୱ ଦେଇ ବିଶେଷ ଭାବରେ ସ୍ଥାନ ଦେଇଥାନ୍ତି ।

ବିଭିନ୍ନ ସମୟରେ ଭାରତକୁ ଅନେକ ବିଦେଶୀ ଯାତ୍ରୀ,ପରିବ୍ରାଜକ,ପର୍ଯ୍ୟଟକ ଆସିଛନ୍ତି ଓ ସେମାନଙ୍କ ମଧ୍ୟରୁ କେତେକଙ୍କ ଅନୁଭୂତିର ବିବରଣୀ ଉପଲବ୍ଧ । ସେମାନଙ୍କ ବିବରଣୀରେ ଭାରତୀୟ ସମାଜର ଚିତ୍ର,ଧର୍ମଧାରା,ସାହିତ୍ୟ,ରାଜ ଦରବାରର କାର୍ଯ୍ୟ କଳାପ, ଆଦିବାସୀଙ୍କ ସଂସ୍କୃତି, ତୀର୍ଥ ସ୍ଥାନ, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ଉଲ୍ଲେଖନୀୟ ଦିଗ, ଗ୍ରାମ-ସହର-ନଗରର ଦୃଶ୍ୟ ଇତ୍ୟାଦି ସ୍ଥାନ ପାଇଛି । ଅନେକ ବିବରଣୀରେ ତୁଳନାତ୍ମକ ବର୍ଣ୍ଣନା ମଧ୍ୟ ଦେଖିବାକୁ ମିଳେ ।

ସେମାନଙ୍କ ବିବରଣୀ, ଟିପ୍ପଣୀ ଆମର ଜ୍ଞାନ ପରିସରକୁ ବ୍ୟାପକ ଓ ସମୃଦ୍ଧ କରିଛି । ଦଶମ ଓ ସପ୍ତଦଶ ଶତାବ୍ଦୀ ମଧ୍ୟରେ ଭାରତକୁ ଅନେକ ବିଦେଶୀ ଆସିଥିଲେ । ସେମାନଙ୍କ ମଧ୍ୟରୁ ଉଜବେକିସ୍ଥାନରୁ ଆସିଥିବା ଅଲ୍ ବିରୁଣୀ, ଇଟାଲିର ମାର୍କୋପୋଲୋ, ମୋରୋକ୍କୋର ଇବନ ବତୁତା, ସମରକନ୍ଦର ଇସାକ୍ ଅଲ-

ସମରକନ୍ଦି, ଋଷିଆର ଆଫାନାସି ନିକିତିନି, ପର୍ତ୍ତୁଗାଲର ଦୁଆରତେ ବରବୋସା, ତୁର୍କିସ୍ଥାନର ସୈଦୀ ଅଲ୍ଲି ରେଇସ, ସ୍ପେନର ଏଣ୍ଟୋନିଓ ମନସେରାତେ, ଫ୍ରାନ୍ସର ଜାଁ ବାପ୍‌ଟିଷ୍ଟ ଟ୍ରାଭେନିୟର ଓ ଫ୍ରାନ୍‌କୋଇସ ବରନିୟରଙ୍କ ଭାରତ ଅନୁଭୂତିର ବର୍ଣ୍ଣନା ଆଜି ଉପଲବ୍ଧ।

ସେମାନଙ୍କ ମଧ୍ୟରୁ ଏକାଦଶ ଶତାବ୍ଦୀରେ ଆସିଥିବା ଅଲ-ବେରୁଣୀ, ଚତୁର୍ଦ୍ଦଶ ଶତାବ୍ଦୀରେ ଆସିଥିବା ଇବ୍‌ନବତୁତା ଏବଂ ସପ୍ତଦଶ ଶତାବ୍ଦୀରେ ଆସିଥିବା ଫ୍ରାଙ୍କଏସ୍ ବରନିୟରଙ୍କ ଭାରତ ବିବରଣୀ ଉପରେ ଆଲୋକପାତ କରିବା। ସେମାନେ ଏକ ଭିନ୍ନ ସାମାଜିକ, ସାଂସ୍କୃତିକ ପରିବେଶରୁ ଆସିଥିବାରୁ ଭାରତୀୟ ସମାଜ, ସଂସ୍କୃତିର ଦୈନନ୍ଦିନ କାର୍ଯ୍ୟ କଳାପ ତଥା ପ୍ରଥା ଓ ପରମ୍ପରା ଉପରେ ନିଜ ନିଜର ଦୃଷ୍ଟିକୋଣରୁ ନିଜ ନିଜର ଅଭିମତ ଉପସ୍ଥାପନ କରିଛନ୍ତି ତାଙ୍କ ଲେଖାରେ, ସାଧାରଣତଃ ଯାହାକୁ ସ୍ଥାନୀୟ ଭାରତୀୟ ଲେଖକମାନେ ନିଜର ଉପସ୍ଥାପନରେ ଗତାନୁଗତିକ ଘଟଣା ବୋଲି ସ୍ଥାନ ଦିଅନ୍ତି ନାହିଁ। ସେଥିପାଇଁ ବିଦେଶୀ ମାନଙ୍କ ଭ୍ରମଣ ବିବରଣୀରେ ସେମାନଙ୍କ ଦୃଷ୍ଟିଭଙ୍ଗୀ ଓ ନିରୀକ୍ଷଣ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ଜ୍ଞାନ ପରିସର ସମ୍ବନ୍ଧିରେ।

## (କ) ଆଲବେରୁଣୀ :

ଖ୍ୱାରିଜମ୍ ରାଜ୍ୟ ବା ବର୍ତ୍ତମାନର ଉଜ୍‌ବେକିସ୍ଥାନ ଦଶମ ଶତାବ୍ଦୀରେ ଜ୍ଞାନ ଆହରଣ ପାଇଁ ଏକ ପ୍ରସିଦ୍ଧ କେନ୍ଦ୍ର ଥିଲା। ଆଲ୍‌ବେରୁଣୀ ସେଠାକାର ଉପଲବ୍ଧ ସର୍ବୋତ୍ତମ ଶିକ୍ଷା ଲାଭ କରିଥିଲେ। ସେ ଆରବୀ, ପାର୍ଶୀ, ହିବ୍ରୁ ଓ ସିରିୟାନ ଭାଷାରେ ବିଦ୍ୱାନ ଥିଲେ। ଯଦିଓ ସେ ଗ୍ରୀକ୍‌ଭାଷା ଜାଣିନଥିଲେ ତଥାପି ସେ ଗ୍ରୀକ୍ ଦାର୍ଶନିକ ପ୍ଲାଟୋ ଓ ଅରିଷ୍ଟୋଟଲଙ୍କ ଲେଖାର ଆରବୀୟ ଅନୁବାଦ ପଢ଼ିଥିଲେ। ତାଙ୍କ ଜୀବନରେ ଏକ ବିରାଟ ପରିବର୍ତ୍ତନ ଆସିଲା ୧୦୧୭ ଖ୍ରୀଷ୍ଟାବ୍ଦରେ ଯେତେବେଳେ ଗଜନୀର ସୁଲତାନ ମହମ୍ମଦ ଖ୍ୱାରିଜମ୍ ରାଜ୍ୟ ଦଖଲ କରି ସେଠାକାର ବିଦ୍ୱାନ ବ୍ୟକ୍ତି ଓ କବି ମାନଙ୍କୁ ପଣବନ୍ଦୀ ଭାବରେ ନିଜ ରାଜଧାନୀ ଗଜନୀକୁ ନେଇଗଲେ । ସେ ପଣବନ୍ଦୀ ବିଦ୍ୱାନ ମାନଙ୍କ ମଧ୍ୟରେ ଆଲବେରୁଣୀ ମଧ୍ୟ ଜଣେ ଥିଲେ।

ସେ ଗଜନୀ ସହରରେ ପରାଧିନ ପଣବନ୍ଦୀ ଜୀବନ ଆରମ୍ଭ କଲେ ୧୦୧୭ ମସିହାରେ କିନ୍ତୁ ଧିରେ ଧିରେ ଗଜନୀ ସହରକୁ ଭଲ ପାଇବା ଆରମ୍ଭ କଲେ ଏବଂ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଗଜନୀକୁ କର୍ମଭୂମି କଲେ। ୧୦୪୩ ଖ୍ରୀଷ୍ଟାବ୍ଦରେ ୭୦ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହୋଇଥିଲା।

ଗଜନୀରେ ଅବସ୍ଥାନ କରୁଥିବା ସମୟରେ ସେ ଆରବୀୟ ଭାଷାରେ ଅନୁବାଦିତ ଭାରତୀୟ ଗଣିତ, ଜ୍ୟୋତିର୍ବିଜ୍ଞାନ ଓ ଚିକିତ୍ସା ଶାସ୍ତ୍ରର ସଂସ୍ପର୍ଶରେ ଆସିଲେ। ସେ ସମୟରେ ଭାରତର ପଞ୍ଜାବ ଅଞ୍ଚଳ ଗଜନୀ ରାଜ୍ୟର ଏକ ଅଂଶ ଥିଲା। ପଞ୍ଜାବ ଅଞ୍ଚଳର ବ୍ରାହ୍ମଣ ପୁରୋହିତ, ବିଜ୍ଞ ଓ ବିଦ୍ୱାନ ମାନଙ୍କ ସହିତ ଆଲ୍‌ବେରୁଣୀ କିଛି ସମୟ କଟାଇଲେ ଏବଂ ସଂସ୍କୃତ ଜ୍ଞାନ ଆହରଣ କରି ଭାରତୀୟ ଧର୍ମ ଓ ଦର୍ଶନ ଅଧ୍ୟୟନ କଲେ। ସେ ପଞ୍ଜାବ ଓ ଉତ୍ତର ଭାରତର ଅନେକ ଅଞ୍ଚଳ ଓ ପ୍ରସିଦ୍ଧ ସ୍ଥାନ ମାନ ଭ୍ରମଣ କରିଥିଲେ ଓ ନିଜର ଅନୁଭୂତି କୁ ଆରବୀୟ ଭାଷାରେ ଏକ ବୃହତ୍ ପୁସ୍ତକ କିତାବ-ଉଲ୍-ହିନ୍ଦରେ ଲେଖିଯାଇଥିଲେ। ଏକାଦଶ ଶତାବ୍ଦୀରେ ରଚିତ ଆଲ୍‌ବେରୁଣୀଙ୍କ ଭାରତଭ୍ରମଣ ବୃତ୍ତାନ୍ତ ଖ୍ରୀଷ୍ଟାବ୍ଦ ୧୫୦୦ ପର୍ଯ୍ୟନ୍ତ ଭାରତୀୟମାନେ ପଢ଼ିନଥିଲେ।

**କିତାବ-ଉଲ-ହିନ୍ଦ :** ଭାରତଭ୍ରମଣ ଅନୁଭୂତିକୁ ଆଲବେରୁଣୀ ସରଳ ଆରବୀୟ ଭାଷାରେ ସୁସ୍ପଷ୍ଟ ଭାବରେ ଲେଖିଛନ୍ତି । ଅଶୀ ଅଧ୍ୟାୟ ବିଶିଷ୍ଟ ଏହି ବୃହଦ୍‌କାୟ ପୁସ୍ତକରେ ଭାରତୀୟଧର୍ମ, ଦର୍ଶନ, ପର୍ବପର୍ବାଣୀ,ଜ୍ୟୋତିର୍ବିଜ୍ଞାନ,ରସାୟନଶାସ୍ତ୍ର, ଓଜନ ଓ ମାପ ପ୍ରଣାଳୀ, ସାମାଜିକ ଜୀବନ, ପ୍ରଥା, ପରମ୍ପରା, ବ୍ୟବହାର, ଚିତ୍ରବିଜ୍ଞାନ, ମୂର୍ତ୍ତିକଳା ନିୟମାବଳୀ ଓ ପାଣିପାଗ ଅଧ୍ୟୟନକଳା ସ୍ଥାନ ପାଇଛି ।

ତାଙ୍କର ପ୍ରତ୍ୟେକ ଅଧ୍ୟାୟର ଆରମ୍ଭ କରିଛନ୍ତି ପ୍ରଶ୍ନାବଳୀରୁ ଓ ପ୍ରଶ୍ନାବଳୀ ପରେ ବର୍ଣ୍ଣନା ଆରମ୍ଭ କରିଛନ୍ତି ସଂସ୍କୃତ ପରମ୍ପରାକୁ ଆଧାର କରି । ଶେଷରେ ଭାରତର ସଂସ୍କୃତିକୁ ଅନ୍ୟାନ୍ୟ ସଂସ୍କୃତି ସହିତ ତୁଳନା କରିଛନ୍ତି । ଆଧୁନିକ ବିଜ୍ଞମାନଙ୍କ ମତରେ ଆଲବେରୁଣୀଙ୍କ ଗଣିତ ଜ୍ଞାନ ଅଧ୍ୟାୟ ଗୁଡ଼ିକୁ ତର୍କପୂର୍ଣ୍ଣ କ୍ରମରେ ଉପସ୍ଥାପନ କରିବାରେ ସାହାଯ୍ୟ କରିଥିଲା । ଆଲବେରୁଣୀ ଭାରତୀୟ ଉପମହାଦେଶର ଉତ୍ତର-ପଶ୍ଚିମ ସୀମାରେ ବସବାସ କରୁଥିବା ଅଧିବାସୀଙ୍କ ଉଦ୍ଦେଶ୍ୟରେ ଆରବୀୟ ଭାଷାରେ ତାଙ୍କର ବୃତ୍ତାନ୍ତ ଲେଖିଥିଲେ । ସେ ଭାରତୀୟ ନୀତିଗଳ୍ପ, ଜ୍ୟୋତିର୍ବିଜ୍ଞାନ ଓ ଭେଷଜ ବିଦ୍ୟାର ସଂସ୍କୃତ, ପାଲି ଓ ପ୍ରାକୃତ ଶାସ୍ତ୍ରର ଆରବୀୟ ଭାଷାନ୍ତର ସହିତ ସୁପରିଚିତ ଥିଲେ ।

ଆଲବେରୁଣୀ ଲେଖିବା ସମୟରେ ନିଜର ଲେଖିବାର ସୀମା ଓ ପ୍ରତିବନ୍ଧକ ବିଷୟରେ ସଚେତନ ଥିଲେ । ସେ ତାଙ୍କର ଲେଖାରେ ଉଲ୍ଲେଖ କରିଛନ୍ତି ଯେ ଭାରତୀୟ ସମାଜ, ସଂସ୍କୃତି ଓ ପରମ୍ପରାକୁ ସଠିକ୍ ବୁଝିବା ପାଇଁ ତିନୋଟି ପ୍ରତିବନ୍ଧକ ରହିଛି । ପ୍ରଥମଟି ଭାଷା, ଦ୍ୱିତୀୟଟି ଧର୍ମବିଶ୍ୱାସ ଓ ପରମ୍ପରା । ତୃତୀୟଟି ହେଲା ଏକ ବିରାଟ ଦେଶର ପ୍ରତ୍ୟେକ ଅଞ୍ଚଳରେ ଲୋକଙ୍କ ନିଜ ଅଞ୍ଚଳ ପ୍ରତି ସଂପୂର୍ଣ୍ଣ ମନ ନିବେଶ ଜନିତ ଏକଦେଶଦର୍ଶିତାର ଉପଲବ୍ଧି । ଭାରତର ସଂସ୍କୃତ ଭାଷା ଆରବୀୟ ଓ ପାର୍ଶି ଭାଷା ଠାରୁ ଭିନ୍ନ, ସଂସ୍କୃତରେ ଲିଖିତ ମତ ଓ ଧାରଣାକୁ ସଠିକ୍ ରୂପେ ପାର୍ଶି କିମ୍ବା ଆରବୀୟ ଭାଷାରେ ଭାଷାନ୍ତର ବା ଅନୁବାଦ କରିବା ସହଜ ନୁହେଁ । ସେହିପରି ଭାରତୀୟ ଧର୍ମ, ବିଶ୍ୱାସ, ପରମ୍ପରା ଓ ଆଞ୍ଚଳିକ ମନୋଭାବକୁ ସଠିକ୍ ରୂପେ ବୁଝିବା ମଧ୍ୟ କଷ୍ଟ ସାଧ୍ୟ । ଆଲବେରୁଣୀ ବ୍ରାହ୍ମଣମାନଙ୍କ ସାହାଯ୍ୟ ନେଇଥିଲେ ଓ ତାଙ୍କର ବିବରଣୀରେ ସେ ବିଷଦ ଭାବରେ ବେଦ, ପୁରାଣ, ଭାଗବତ ଗୀତା, ପତଞ୍ଜଳିଙ୍କ ଲେଖା ତଥା ମନୁସ୍ମୃତିରୁ ଉଦ୍ଧୃତ କରି ଉପସ୍ଥାପନ କରିଛନ୍ତି । ତାଙ୍କର ସଂସ୍କୃତ ଭାଷା ଜ୍ଞାନ ତାଙ୍କୁ ଭାରତୀୟ ଶାସ୍ତ୍ର ଓ ସମାଜକୁ ଅଧ୍ୟୟନ କରିବା ଓ ବୁଝିବା ପାଇଁ ଅନେକାଂଶରେ ସାହାଯ୍ୟ କରିଥିଲା ।

**ଆଲବେରୁଣୀଙ୍କ ବର୍ଣ୍ଣନାରେ ଭାରତର ଜାତି ବ୍ୟବସ୍ଥା :** ଆଲବେରୁଣୀଙ୍କ ବର୍ଣ୍ଣନାରେ ପାରସ୍ୟ ଦେଶର ସାମାଜିକ ବ୍ୟବସ୍ଥା ଓ ଭାରତୀୟ ସାମାଜିକ ବ୍ୟବସ୍ଥାର ଏକ ତୁଳନାତ୍ମକ ଆଲୋଚନା ଦେଖିବାକୁ ମିଳେ । ତାଙ୍କର ମତରେ ପୁରାତନ ପାରସ୍ୟ ସମାଜରେ ଚାରି ବର୍ଗର ଲୋକଙ୍କୁ ସ୍ୱୀକୃତି ମିଳିଥିଲା । ସେମାନେ ହେଲେ ରାଜା, ରାଜକୁମାର ଏବଂ ନାଇଟ (ଯୋଦ୍ଧା, ମଲ୍ଲ); ଭିକ୍ଷୁ, ସନ୍ୟାସୀ, ଅଗ୍ନିଉପାସକ ପୁରୋହିତ ଏବଂ ରାଜନୀତିଜ୍ଞ, ଡାକ୍ତର, ଜ୍ୟୋତର୍ବିଜ୍ଞାନୀ, ଅନ୍ୟାନ୍ୟ ବୈଜ୍ଞାନିକ ଓ ଶେଷରେ ଚାଷୀ ଓ କାରିଗର । ସେ ଦର୍ଶାଇବାକୁ ପ୍ରଚେଷ୍ଟା କରିଛନ୍ତି ଯେ ଭାରତର ସାମାଜିକ ବିଭାଜନ ବ୍ୟବସ୍ଥା ଅନନ୍ୟ ନୁହେଁ ; ପାରସ୍ୟ ସମାଜରେ ମଧ୍ୟ ଥିଲା ।

ଆଲବେରୁଣୀଙ୍କ ଜାତିପ୍ରଥାର ବର୍ଣ୍ଣନା ମୁଖ୍ୟତଃ ସଂସ୍କୃତ ଶାସ୍ତ୍ର ଓ ବ୍ରାହ୍ମଣମାନଙ୍କ ମତ ଉପରେ ଆଧାରିତ କିନ୍ତୁ ସେ ବ୍ରାହ୍ମଣବାଦରେ ଥିବା ଚିର କଳୁଷିତ ବା ଚିରନ୍ତନ ଅସ୍ପୃଶ୍ୟତା ଚିନ୍ତାଧାରାକୁ ଅଗ୍ରାହ୍ୟ କରିଛନ୍ତି । ବ୍ରାହ୍ମଣବାଦର ଜାତିପ୍ରଥାରେ ଜଣେ ଅସ୍ପୃଶ୍ୟ ହୋଇ ଜନ୍ମ ନେଲେ କିମ୍ବା ଶୂଦ୍ର ହୋଇ ଜନ୍ମ ହେଲେ ସେ ମୃତ୍ୟୁ ପର୍ଯ୍ୟନ୍ତ କଳୁଷିତ

ଏବଂ ଏଥିରୁ ମୁକ୍ତ ହୋଇପାରିବ ନାହିଁ। ଏହି ଚିନ୍ତାଧାରାକୁ ସେ ପ୍ରକୃତିର ନିୟମ ବିରୁଦ୍ଧ ବୋଲି ଲେଖିଛନ୍ତି । ତାଙ୍କ ମତରେ ଜଣେ କୌଣସି ନା କୌଣସି କାରଣରୁ କଳୁଷିତ ହୁଏ ବା ଶୁଦ୍ଧତା ହରାଏ। ସେ ଚେଷ୍ଟା କରି ନିଜକୁ ଶୁଦ୍ଧ ଓ କଳୁଷ ମୁକ୍ତ କରିପାରେ ଯେମିତି ସୂର୍ଯ୍ୟ ବାୟୁମଣ୍ଡଳକୁ ଓ ସମୁଦ୍ରର ଲୁଣ ପାଣିକୁ ଦୂଷିତ ହେବାରୁ ମୁକ୍ତ କରନ୍ତି। ଏହା ଯଦି ସମ୍ଭବ ନହୁଅନ୍ତା ତାହାଲେ ପୃଥିବୀରେ ଜୀବନଯାତ୍ରା ଅସମ୍ଭବ ହୁଅନ୍ତା। ଏ ଦୃଷ୍ଟିରୁ ଜାତି ବ୍ୟବସ୍ଥା ଓ ଚିରଦିନ କଳୁଷିତ ହୋଇରହିବା ଚିନ୍ତାଧାରା ପ୍ରକୃତିର ନିୟମ ବିରୋଧି।

## (ଖ) ଇବନ ବତୁତା :

ଇବନ ବତୁତା ଚତୁର୍ଦ୍ଦଶ ଶତାବ୍ଦୀରେ ଆଫ୍ରିକା ମହାଦେଶର ମରକ୍କୋ ରୁ ଆସିଥିଲେ ଭାରତ ଉପମହାଦେଶର ଭ୍ରମଣ ପାଇଁ। ସେ ମରକ୍କୋର ଟେନ୍‌ଜିର ସହରର ପ୍ରତିଷ୍ଠାବାନ ଓ ଶିକ୍ଷିତ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପରିବାରକୁ ସେ ଅଞ୍ଚଳର ଜନସାଧାରଣ ଇସଲାମୀୟ ଧର୍ମଶାସ୍ତ୍ର ଓ ନୀତିଶାସ୍ତ୍ର ବିଶାରଦ ବୋଲି ସ୍ୱୀକୃତି ଦେଇଥିଲେ। ନିଜ ପରିବାରର ପରମ୍ପରାର ପ୍ରକୃତ ପ୍ରତିନିଧି ରୂପେ ଯୁବ ବୟସରେ ହିଁ ସେ ପାଣ୍ଡିତ୍ୟ ପୂର୍ଣ୍ଣ ଶିକ୍ଷା ଲାଭ କରିଥିଲେ। ସେ ଭ୍ରମଣ କରିବାକୁ ବହୁତ ପସନ୍ଦ କରୁଥିଲେ । ସେ ବିବେଚନା କରୁଥିଲେ ଯେ ଭ୍ରମଣ ଦ୍ୱାରା ଉପଲବଧ ଅନୁଭୂତି ପୁସ୍ତକଗତ ଉପଲବଧ ଜ୍ଞାନଠାରୁ ଉତ୍କୃଷ୍ଟ ଓ ମହତ୍ତ୍ୱପୂର୍ଣ୍ଣ। ସେ ତାଙ୍କର ଜ୍ଞାନର ପରିଧିକୁ ବିସ୍ତାର କରିବା ପାଇଁ ନୂତନ ବିଶ୍ୱ ଓ ମାନବ ସମାଜର ସନ୍ଧାନ, ସଂପର୍କ ଓ ସଂସ୍ପର୍ଶରେ ଆସିବାକୁ ଦୂରଯାତ୍ରା କରୁଥିଲେ। ସେ ସିରିଆ,ଇରାକ୍, ପାରସ୍ୟ,ସମୁଦ୍ର ଉପକୂଳର ୟେମେନ୍, ଓମାନ ଏବଂ ଆଫ୍ରିକାର କେତେକ ବାଣିଜ୍ୟିକ ବନ୍ଦରମାନ ଯାତ୍ରା କରିଥିଲେ। ୧୩୩୨-୧୩୩୩ ଖ୍ରୀଷ୍ଟାବ୍ଦରେ ଭାରତ ଭ୍ରମଣରେ ବାହାରିବା ପୂର୍ବରୁ ସେ ତୀର୍ଥଯାତ୍ରାରେ ମକ୍କା ଭ୍ରମଣ କରିଥିଲେ।

ସେ ସ୍ଥଳପଥରେ ମଧ୍ୟ ଏସିଆ ଦେଇ ୧୩୩୩ ଖ୍ରୀଷ୍ଟାବ୍ଦରେ ସିନ୍ଧୁ ପ୍ରଦେଶରେ ପହଞ୍ଚିଲେ। ସେ ଶୁଣିଲେ ଯେ ଭାରତର ସୁଲତାନ ମହମ୍ମଦ-ବିନ୍-ତୁଗଲକ କଳା ଓ ସାହିତ୍ୟର ପୃଷ୍ଠ ପୋଷକ ଭାବରେ ଖ୍ୟାତି ସମ୍ପନ୍ନ। ସେଥିରେ ଆକୃଷ୍ଟ ହୋଇ ସେ ଦିଲ୍ଲୀ ଯାତ୍ରା ପାଇଁ ମନସ୍ଥ କଲେ ଓ ମୁଲତାନ ଦେଇ ଦିଲ୍ଲୀରେ ପହଞ୍ଚିଲେ।

ଇବାନ ବତୁତାଙ୍କ ଜ୍ଞାନରେ ମହମ୍ମଦ-ବିନ-ତୁଗଲକ ପ୍ରଭାବିତ ହୋଇ ବତୁତାଙ୍କୁ ଦିଲ୍ଲୀର କାଜି ବା ବିଚାରକ ରୂପରେ ନିଯୁକ୍ତି ଦେଲେ। କେତେବର୍ଷ କାଜି ପଦବୀରେ ରହିବା ପରେ ଦୁହିଁଙ୍କ ମଧ୍ୟରେ ମତଭେଦ ହେବାରୁ ମହମ୍ମଦ-ବିନ୍-ତୁଗଲକ ଇବନ ବତୁତାଙ୍କୁ ପଦରୁ ବହିଷ୍କାର କରି ବନ୍ଦୀ କଲେ। କିଛି ଦିନ ପରେ ଦୁହିଁଙ୍କ ଭୁଲ ବୁଝାମଣା ଦୂର ହୋଇ ବତୁତାଙ୍କୁ ପୁନଃ ସ୍ଥାପନ କଲେ ଦିଲ୍ଲୀର କାଜି ରୂପେ। ଶେଷରେ ୧୩୪୨ ଖ୍ରୀଷ୍ଟାବ୍ଦରେ ତାଙ୍କୁ ସୁଲତାନଙ୍କ ଦୂତ ରୂପେ ଚୀନ ଦେଶର ମୋଙ୍ଗଲ ଶାସକଙ୍କ ଦରବାରକୁ ପ୍ରେରଣ କରାଗଲା।

ନୂତନ ଦାୟିତ୍ୱ ଗ୍ରହଣ ପୂର୍ବକ ଇବନ ବତୁତା ମଧ୍ୟ ଭାରତ ଦେଇ ମାଲାବାର ସମୁଦ୍ର ଉପକୂଳରେ ପହଞ୍ଚିଲେ ଓ ସେଠାରୁ ସେ ମାଳଦ୍ୱୀପ ପ୍ରସ୍ଥାନ କଲେ। ମାଳଦ୍ୱୀପରେ ୧୮ ମାସ କାଜି ରୂପେ ଅବସ୍ଥାପିତ ହୋଇ ଶ୍ରୀଲଙ୍କା ଯାତ୍ରା କଲେ। ମାଳଦ୍ୱୀପ ଓ ମାଲାବାର ସମୁଦ୍ରକୂଳରୁ ପ୍ରତ୍ୟାବର୍ତ୍ତନ କରି ଶେଷରେ ଆସାମ ଓ ବଙ୍ଗ ପ୍ରଦେଶ ଭ୍ରମଣ କରି ତାଙ୍କର ଲକ୍ଷ ପଥ ଚୀନ ଅଭିମୁଖରେ ଆଗେଇଲେ। ସେ ଗୋଟିଏ ଜାହାଜରେ ସୁମାତ୍ରା

ପହଞ୍ଚି ସେଠାରୁ ଅନ୍ୟ ଏକ ଜାହାଜରେ ଚୀନର ବନ୍ଦର ନଗରୀ କେଟୁନ ବର୍ତ୍ତମାନର କ୍ୱାନଝୋଉ ପହଞ୍ଚିଲେ। ସେ ଚୀନ ଦେଶ ବିସ୍ତୃତ ଭାବରେ ଭ୍ରମଣ କରି ବେଜିଙ୍ଗ ସହରରେ ପହଞ୍ଚିଲେ। ସେ ୧୩୪୭ ମସିହାରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ଯାତ୍ରା ଆରମ୍ଭ କଲେ।

ଇବନ ବତୁତା ତାଙ୍କର ଭ୍ରମଣ ବୃତ୍ତାନ୍ତରେ ଯତ୍ନର ସହ ଲିପିବଦ୍ଧ କରି ଉପସ୍ଥାପନ କରିଛନ୍ତି ନିଜର ନିରୀକ୍ଷଣ। ତାଙ୍କର ନିରୀକ୍ଷଣରେ ବାଦପଡିନାହିଁ ନୂତନ ସଂସ୍କୃତି, ବିଶ୍ୱାସ, ମୂଲ୍ୟବୋଧ ଓ ଜନମାନବ। ଚତୁର୍ଦ୍ଦଶ ଶତାବ୍ଦୀରେ ଗମନାଗମନ ଅନୁନ୍ନତ ଥିଲା, ବଣ ଜଙ୍ଗଲ ପାହାଡ ପର୍ବତ ଘେରା ଅଞ୍ଚଳରେ ଯାତ୍ରା କରିବା ଥିଲା ଦୁଃସାଧ୍ୟ ଓ ବିପଦପୂର୍ଣ୍ଣ। ଏହି ସମୟରେ ବତୁତା ଥିଲେ ବିଶ୍ୱ ଭ୍ରମଣକାରୀ।

ଇବନ ବତୁତାଙ୍କ ଭ୍ରମଣ ପୁସ୍ତକ ନାମ ରିହଲା। ସେ ଲେଖିଛନ୍ତି, "ମୁଁ ଏକାକୀ ମୋ ଜନ୍ମ ସ୍ଥାନ ଛାଡିଲି ଗୁରୁବାର ଦିନ......ସାଙ୍ଗରେ ନଥିଲେ ଭ୍ରମଣକାରୀ ଦଳ,କିନ୍ତୁ ଥିଲା ମୋ ମନଭିତରର ଆବେଗରେ ଆନ୍ଦୋଳିତ ହୋଇ ରହିଥିବା ବକ୍ଷ ସ୍ଥିତ ଅନେକ ଦିନର ଅଭିଳାଷ ଯେ ମୁଁ ଦିନେ ଏ ଗୌରବୋଜ୍ୱଳ ପବିତ୍ରତମ ସ୍ଥାନକୁ ଯାତ୍ରା କରିବି। ତେଣୁ ମୁଁ ମୋର ସଂକଳ୍ପ ଓ ସିଦ୍ଧାନ୍ତକୁ ଦୃଢତାର ସହ ମନସ୍ଥ କଲି ଓ ମୋର ଅତିପ୍ରିୟ ଆତ୍ମୀୟ ସ୍ତ୍ରୀ ଓ ପୁରୁଷ ଏବଂ ପ୍ରିୟ ପୈତୃକ ବାସସ୍ଥାନକୁ ପରିତ୍ୟାଗ କଲି ଯେପରି ଏକ ପକ୍ଷୀ ପରିତ୍ୟାଗ କରେ ନିଜ ନୀଡକୁ। ସେ ସମୟରେ ମୋ ବୟସ ଥିଲା ବାଇଶି"।

ବତୁତା ଦୀର୍ଘ ୨୧ ବର୍ଷ ବିଶ୍ୱ ଭ୍ରମଣ କରି ନିଜ ଜନ୍ମ ସ୍ଥାନକୁ ଫେରି ଆସିଥିଲେ ୧୩୫୪ ମସିହାରେ। ସେ ନିଜ ଦେଶକୁ ଫେରି ଆସିବା ପରେ ତାଙ୍କ ଦେଶର ରାଜା ଆଦେଶ ଦେଲେ ଯେ ଇବନ ବତୁତାଙ୍କ ଭ୍ରମଣ ଅନୁଭୂତିକୁ ଲିପିବଦ୍ଧ କରାଯାଉ। ସେ ଇବନ ଜୁଜାୟୀ ନାମକ ଏକ ବ୍ୟକ୍ତିଙ୍କୁ ନିୟୋଜିତ କଲେ ବତୁତା ଯାହା କହିବେ ବା ଡାକିବେ ତାକୁ ଲିପିବଦ୍ଧ କରିବା ପାଇଁ। ବତୁତା ତାଙ୍କ ଭ୍ରମଣ ସମ୍ବନ୍ଧରେ ସେହି ସମୟରେ ତାଙ୍କ ସ୍ମୃତିରେ ଥିବା ସ୍ଥାନ, ରାଜା, ରାଜାଙ୍କ ଦରବାର ଓ ଦରବାରୀ ଓ ସାଧୁଙ୍କ ବିଷୟରେ ଯାହା ବର୍ଣ୍ଣନା କଲେ ଇବନ ଜୁଜାୟୀ ତାହାକୁ ଲିପିବଦ୍ଧ କଲେ। ସେହି ଲେଖା ସମସ୍ତଙ୍କ ମନରେ ଅନ୍ୟ ଦେଶ ବିଷୟରେ ଜାଣିବାର ବଳବତୀ ଇଚ୍ଛା ଓ ଆଗ୍ରହ ସୃଷ୍ଟି କରିଥିଲା।

ଇବନ ବତୁତାଙ୍କ ବିବରଣୀରେ ଅପରିଚିତର ବର୍ଣ୍ଣନା ଆଗ୍ରହ ଉଦ୍ରେକକାରୀ ଥିଲା। ଭାରତର ନଡିଆ ଓ ପାନ ବିଶେଷ ସ୍ଥାନ ପାଇଥିଲା ତାଙ୍କ ବିବରଣୀରେ ଯାହା ତାଙ୍କ ଦେଶ ପାଇଁ ଥିଲା ଅପରିଚିତ। ତାଙ୍କ ଦେଶରେ ତାଳ ମିଳେ କିନ୍ତୁ ନଡିଆ ମିଳୁନଥିଲା। ସେ ତାଙ୍କ ବର୍ଣ୍ଣନାରେ ଲେଖିଛନ୍ତି ନଡିଆଗଛ ତାଳଗଛପରି। ତାଳଗଛରେ ତାଳ ଫଳେ କିନ୍ତୁ ନଡିଆ ଗଛରେ କଠିଣ ଆବରଣ ଯୁକ୍ତ ନଡିଆ ଫଳେ ଯାହା ମଣିଷ ମୁଣ୍ଡ ପରି ଦେଖାଯାଏ। ଦୁଇ ଆଖି ଥିବା ଗୋଟିଏ ମୁହ ପରି ଦୃଶ୍ୟ ହୁଏ ଏବଂ କଞ୍ଚା ଥିବା ସମୟରେ ତା ମଧ୍ୟରୁ ମସ୍ତିଷ୍କ ପରି ପଦାର୍ଥ ବାହାରେ। ଖୋଳପା ଉପର ତନ୍ତୁମୟ। ବାଳଗୁଚ୍ଛ ପରି ଦେଖାଯାଉଥିବା ଏହି ତନ୍ତୁରୁ ଭାରତୀୟମାନେ ଶକ୍ତ ଦଉଡ଼ି ତିଆରି କରି ନୌକା ଓ ଜାହାଜକୁ ବାନ୍ଧିବାରେ ବ୍ୟବହାର କରନ୍ତି।

ସେ ପାନ ବିଷୟରେ ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି ଯେମିତି ଅଙ୍ଗୁରଲତା ଚାଷ କରାଯାଏ ପାନ ମଧ୍ୟ ସେପରି ଚାଷ କରାଯାଏ। ଅଙ୍ଗୁରଲତାରେ ଅଙ୍ଗୁର ଫଳେ କିନ୍ତୁ ପାନଲତା କେବଳ ପତ୍ର ସଂଗ୍ରହ ପାଇଁ

ଉଦ୍ଦିଷ୍ଟ । ଗୁଆକୁ କାଟି ଛୋଟ ଛୋଟ କରି ପାନ ପତ୍ର ମଧ୍ୟରେ ଗୁଡାଇ ଚୋବାଇ ଚୋବାଇ ଖାଆନ୍ତି । ପାନପତ୍ରରେ ଚୂନ ଲଗାଇ କଟାଗୁଆ ଦେଇ ମଧ୍ୟ କେତେ ଲୋକ ଚୋବାଇ ଚୋବାଇ ଖାଆନ୍ତି ।

ଇବନ ବତୁତାଙ୍କ ବିବରଣୀରେ ଭାରତୀୟ ଉପମହାଦେଶର ସହରମାନଙ୍କ ବର୍ଣ୍ଣନା ସ୍ଥାନ ପାଇଛି । ସେ ଦିଲ୍ଲୀକୁ ବିଶାଳ ତଥା ସର୍ବବୃହତ ସହର, ଜନଗହଳିପୂର୍ଣ୍ଣ ବୋଲି ଆଖ୍ୟା ଦେବା ସଙ୍ଗେ ସଙ୍ଗେ ଦୌଲତାବାଦକୁ ଦିଲ୍ଲୀର ସମକକ୍ଷ ଏବଂ ଆୟତନରେ ଦିଲ୍ଲୀ ସହରର ପ୍ରତିଯୋଗୀ ବୋଲି ବର୍ଣ୍ଣନା କରିଛନ୍ତି । ସେ ଲେଖିଛନ୍ତି ଭାରତର ସହର ଓ ନଗର ମାନଙ୍କରେ ଅନେକ ଆଗ୍ରହଜାତକାରୀ ସୁବିଧା ସୁଯୋଗ ଉପଲବ୍ଧ । ଯେଉଁମାନଙ୍କ ପାଖରେ କିଛି କରି ଆଗକୁ ଯିବାର ଇଚ୍ଛା ଶକ୍ତି ଅଛି, ସମ୍ବଳ ଅଛି ଓ କାର୍ଯ୍ୟ କୁଶଳତା ଅଛି ସେମାନଙ୍କ ପାଇଁ ଭାରତର ସହର/ନଗର ସୁ-ଅବସର ପରିପୂର୍ଣ୍ଣ ।

ତାଙ୍କ ମତରେ ବଜାର କେବଳ ଅର୍ଥନୈତିକ ଆଦାନ ପ୍ରଦାନ ପାଇଁ ଉଦ୍ଦିଷ୍ଟ ନଥିଲା ବରଂ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକଳାପ ଆଦାନପ୍ରଦାନର ମୂଳ କେନ୍ଦ୍ର ଥିଲା । ପ୍ରାୟ ସମସ୍ତ ବଜାର ସ୍ଥଳରେ ମନ୍ଦିର ଓ ମସଜିଦ ଥିଲା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ନାଚ, ଗୀତ, ସଙ୍ଗୀତ ପରିବେଷଣ ଓ ଉପସ୍ଥାପନ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ନିରୂପଣ କରାଯାଇଥିଲା । ଇବନ ବତୁତା ଭାରତୀୟ ଚାଷ ଜମିକୁ ଉର୍ବର ଓ ଚାଷୀମାନେ ଦୁଇ ଫସଲ ଅମଳ କରୁଥିଲେ ବୋଲି ଲେଖିଛନ୍ତି ଓ ଭାରତୀୟ କୃଷିକୁ ବହୁତ ଉତ୍ପାଦନ କ୍ଷମ ବୋଲି ପ୍ରଶଂସା କରିଛନ୍ତି । ସେ ଲେଖିଛନ୍ତି ଭାରତ ଉପମହାଦେଶର ଏସିଆ ମହାଦେଶ ସହିତ ବାଣିଜ୍ୟ ବ୍ୟବସାୟ ପାଇଁ ସ୍ଥଳପଥ ସୁଗମ ଓ ବିସ୍ତାରିତ ଥିଲା । ଭାରତୀୟ ସାମଗ୍ରୀ ଓ ସାମଗ୍ରୀ ପ୍ରସ୍ତୁତକାରୀଙ୍କ ଚାହିଦା ପଶ୍ଚିମ ଓ ଦକ୍ଷିଣ ପୂର୍ବ ଏସିଆର ଦେଶମାନଙ୍କରେ ବହୁତ ଥିଲା । ଭାରତୀୟ ଉତ୍ପାଦନକାରୀ ବେପାରୀ ଓ କାରିଗର ପ୍ରଚୁର ଲାଭବାନ ହେଉଥିଲେ । ଭାରତର ସୂତାବସ୍ତ୍ର, ରେଶମ, ସୂକ୍ଷ୍ମ କାର୍ପାସ ବସ୍ତ୍ର, ସୁନା, ରୂପା ଓ ଜରି ଦ୍ୱାରା ବୁଣା ଲୁଗା ଏବଂ ସାଟିନ ବା ନରମ ମସୃଣ ରେଶମ କନା ବହୁ ପ୍ରତୀକ୍ଷିତ ଥିଲା ସାରା ଏସିଆରେ ଓ ବାହାରେ । କେତେକ ସୂକ୍ଷ୍ମ କାର୍ପାସ ବସ୍ତ୍ର ଏତେ ଦାମିକା ଥିଲା ଯେ କେବଳ ଧନୀ ଓ ସମ୍ଭ୍ରାନ୍ତ ମାନେ ହିଁ ବ୍ୟବହାର କରୁଥିଲେ ।

ଇବନ ବତୁତା ଭାରତର ଗମନାଗମନ ବ୍ୟବସ୍ଥା, ଚିଠିପତ୍ର ପ୍ରେରଣ ଓ ବିନିମୟ, ଯାତାୟତର ସୁବିଧାକୁ ଅନନ୍ୟ ବୋଲି ବର୍ଣ୍ଣନା କରିଛନ୍ତି । ସେ ଲେଖିଛନ୍ତି ଯେ ଯେତେବେଳେ ସିନ୍ଧୁ ପ୍ରଦେଶରୁ ଦିଲ୍ଲୀ ପହଞ୍ଚିବାକୁ ୩୦ ଦିନ ଲାଗୁଥିଲା, ସେତେବେଳେ ଭାରତୀୟ ଡାକ ବ୍ୟବସ୍ଥା ମାଧ୍ୟମରେ ଭାରତର ସୁଲତାନଙ୍କୁ ପାଞ୍ଚ ଦିନରେ ଚିଠି ହସ୍ତଗତ ହେଉଥିଲା । କେବଳ ସରକାରୀ କାର୍ଯ୍ୟ ପାଇଁ ନୁହେଁ, ବେପାରୀମାନଙ୍କ ପାଇଁ ଉଲୁଘ ଓ ଦାୱା ଡାକ ବ୍ୟବସ୍ଥା ଥିଲା ।

ଉଲୁଘ ବ୍ୟବସ୍ଥାରେ ଘୋଡା ପିଠିରେ ଓ ଦାୱା ବ୍ୟବସ୍ଥାରେ ଡାକବାହକ ମଣିଷ ଦୌଡି ଦୌଡି ଡାକ ପରିବହନ କରୁଥିଲେ । ପ୍ରତି ଚାରି ମାଇଲରେ ଗୋଟିଏ ଘୋଡା ପରିବହନ କରୁଥିଲା ଓ ଏକ ମାଇଲ ମଧ୍ୟରେ ତିନିଜଣ ବାହକ ଡାକ ପରିବହନ କରୁଥିଲେ । ନିଜର ସୂଚନା, ଚିଠିପତ୍ର ତଥା ଟଙ୍କା ପଇସାର ଦେଣନେଣ ଓ ଜିନିଷପତ୍ର ଦୂରସ୍ଥାନକୁ ସହଜରେ ଏବଂ ଅଳ୍ପ ସମୟ ମଧ୍ୟରେ ଡାକବାହକକୁ ସୂଚନା ଦେଇ ପ୍ରେରଣ କରିପାରୁଥିଲେ ।

ତାଙ୍କ ମତରେ ବେପାରୀମାନଙ୍କ ଆଗ୍ରହ ସୃଷ୍ଟି ପାଇଁ ବିଶେଷ ବ୍ୟବସ୍ଥା ଥିଲା ଭାରତରେ। ବେପାରୀଙ୍କ ସୁବିଧା ଓ ସୁରକ୍ଷା ପାଇଁ ରାସ୍ତାର ସ୍ଥାନେ ସ୍ଥାନେ ଧର୍ମଶାଳା ଓ ଅତିଥି ଆଶ୍ରୟସ୍ଥଳର ବ୍ୟବସ୍ଥା ଥିଲା।

ଇବନବତୁତା ଲେଖିଛନ୍ତି ଯେ ସେ ସିନ୍ଧରେ ପହଞ୍ଚି ବଜାରରୁ ଘୋଡ଼ା, ଓଟ ଓ କ୍ରୀତଦାସ କିଣିଲେ। ସେଠାରୁ ସେ ସୁଲତାନଙ୍କ ନିକଟରେ ପହଞ୍ଚି ରାଜ୍ୟପାଳଙ୍କୁ କ୍ରୀତଦାସ, ଘୋଡା, କିସ୍‌ମିସ୍ ଓ ବାଦାମ ଉପହାର ପ୍ରଦାନ କରିଥିଲେ। ତାଙ୍କ କୃତିରେ ସୂଚନା ମିଳେ ଯେ ଧର୍ମ ପ୍ରଚାରକ ନାସିରୁଦ୍ଦିନଙ୍କ ପ୍ରବଚନରେ ଖୁସି ହୋଇ ମହମ୍ମଦ-ବିନ-ତୁଗଲକ ଏକ ଲକ୍ଷ ଟଙ୍କା ଓ ଦୁଇଶହ ଦାସ ପ୍ରଦାନ କରିଥିଲେ। ମହିଳା ଦାସୀଙ୍କ ଭୂମିକା ବିଷୟରେ ମଧ୍ୟ ତାଙ୍କ ଲେଖାରୁ ସୂଚନା ମିଳେ। ଦାସୀମାନେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରୁଥିଲେ। ଦାସୀମାନେ ସୁଲତାନଙ୍କ ଗୁପ୍ତଚର ଓ ସମ୍ବାଦଦାତା ଭୂମିକା ଗ୍ରହଣ କରୁଥିଲେ। ସୁଲତାନ ସେମାନଙ୍କୁ ସମ୍ଭ୍ରାନ୍ତମାନଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ନିୟୋଜିତ କରୁଥିଲେ।

ଦାସଦାସୀ ମାନଙ୍କୁ ସାଧାରଣତଃ ଗୃହ କାମରେ ଲଗାଯାଉଥିଲା। ପାଲିଙ୍କି ଦୋଳା ବୋହିବା କାମ ଦାସ ମାନେ କରୁଥିଲେ। ଦାସମାନଙ୍କ ଅପେକ୍ଷା ଦାସୀମାନଙ୍କ କାମ କମ୍ ଥିଲା। ଅନେକ ପରିବାରରେ ଗୋଟିଏ ଦୁଇଟି ଦାସ ଦାସୀ କାମ କରୁଥିଲେ।

## (ଗ) ଫ୍ରାଙ୍କଏସ୍ ବରନିୟର :

ପର୍ତ୍ତୁଗୀଜ୍ ନାବିକ ଭାସ୍କୋଡାଗାମା ଭାରତକୁ ଜଳପଥ ଆବିଷ୍କାର କରି ୧୪୯୮ ଖ୍ରୀଷ୍ଟାବ୍ଦରେ କାଲିକଟରେ ପହଞ୍ଚିଲେ। ତାଙ୍କ ପରେ ଅନେକ ପର୍ତ୍ତୁଗୀଜ ନାଗରିକ ଭାରତ ଆସିଲେ। ସେମାନେ ଭାରତର ସାମାଜିକ ଓ ଧାର୍ମିକ ସାଧନ ଓ ପ୍ରଥାର ବିଶେଷ ବର୍ଣ୍ଣନା କରିଛନ୍ତି। ସେମାନଙ୍କ ମଧ୍ୟରେ କେତେକ ଭାରତୀୟ ଶାସ୍ତ୍ର ମାନଙ୍କର ୟୁରୋପୀୟ ଭାଷାରେ ଅନୁବାଦ କରିଯାଇଛନ୍ତି । ୧୬୦୦ ଖ୍ରୀଷ୍ଟାବ୍ଦ ବେଳକୁ ପର୍ତ୍ତୁଗାଲ ବ୍ୟତୀତ ଫ୍ରାନ୍ସ, ସ୍ପେନ, ଇଂରେଜ, ଇଟାଲୀୟ ପରିବ୍ରାଜକ ଭାରତ ଭ୍ରମଣରେ ଆସି ସେମାନଙ୍କ ଭ୍ରମଣ ବିବରଣୀ ଲେଖିଛନ୍ତି । ସେମାନଙ୍କ ମଧରେ ପର୍ତ୍ତୁଗାଲର ରୋବେରଟୋ ନୋବିଲି,ଦୁଆରତେ ବାରବୋସୋ, ଫ୍ରାନ୍ସର ଜାଁ-ବାପଟିଷ୍ଟ ଟ୍ରେଭେନିୟର, ଓ ଇଟାଲିର ମେକ୍ସିନି ଅନ୍ୟତମ।

ଭାରତରେ ମୋଗଲ ରାଜତ୍ୱ କାଳରେ ଅନେକ ବିଦେଶୀ ସୁବିଧା ସୁଯୋଗ ଅନ୍ୱେଷଣରେ ଭାରତକୁ ଆସିଥିଲେ। ତନ୍ମଧ୍ୟରୁ ଫ୍ରାଙ୍କଏସ୍ ବରନିୟର ଅନ୍ୟତମ। ସେ ଫ୍ରାନ୍ସ ଦେଶର ଜଣେ ନାଗରିକ । ସେ ଏକାଧାରରେ ଜଣେ ଡାକ୍ତର, ଐତିହାସିକ ତଥା ଦାର୍ଶନିକ । ସେ ୧୬୫୬ ଖ୍ରୀଷ୍ଟାବ୍ଦରେ ଭାରତରେ ପଦାର୍ପଣ କରି ୧୮୬୮ ପର୍ଯ୍ୟନ୍ତ ମୋଗଲ ଦରବାର ସହିତ ସହଯୋଗୀ ସଦସ୍ୟ ହୋଇ ମୋଗଲ ରାଜ କୁମାର ଦାରା ସୁଖୋଙ୍କ ଡାକ୍ତର ରୂପେ ଅବସ୍ଥାପିତ ହେଲେ। ପରବର୍ତ୍ତୀ କାଳରେ ମୋଗଲ ଦରବାରରେ ଅନ୍ୟତମ ଆରମେନିୟନ ସମ୍ଭ୍ରାନ୍ତ ପୁରୁଷ ଡେନିସମଣ୍ଡ ଖାନଙ୍କ ସହଯୋଗୀ ରୂପେ ରହିଲେ। ସେ ଭାରତର ଅନେକ ଅଞ୍ଚଳ ଭ୍ରମଣ କରି ଯାହା ଦେଖିଲେ ତାହା ୟୁରୋପୀୟ ସମାଜ ସହ ତୁଳନାକରି ଏକ ତୁଳନାତ୍ମକ ବିବରଣୀ ପ୍ରସ୍ତୁତ କରିଛନ୍ତି। ତାଙ୍କର ଲେଖାରେ

ଭାରତର ପ୍ରଗତି ୟୁରୋପୀୟ ପ୍ରଗତି ତୁଳନାରେ ନିରୁତ୍ସାହଜନକ ବୋଲି ଚିତ୍ରଣ କରିଛନ୍ତି। ଯଦିଓ ତାଙ୍କର ଆକଳନ ନିର୍ଭୁଲ ନଥିଲା ତଥାପି ତାଙ୍କର ଲେଖା ଲୋକପ୍ରିୟ ହୋଇଥିଲା।

ବରନିୟରଙ୍କ ଭ୍ରମଣ ବୃତ୍ତାନ୍ତ ୧୬୭୦ ମସିହାରେ ପ୍ରଥମେ ଫ୍ରାନ୍ସରେ ପ୍ରକାଶିତ ହେଲା। ଅଳ୍ପ ସମୟ ମଧ୍ୟରେ ଅତି ଲୋକପ୍ରିୟ ହେଇ ଆଦୃତ ହେଲା ଓ ୟୁରୋପର ଇଂରେଜୀ, ଡଚ୍, ଜର୍ମାନୀ ଓ ଇଟାଲିୟ ଭାଷାରେ ଅନୁବାଦିତ ହୋଇ ପ୍ରକାଶ ପାଇଲା। ୧୬୭୦ ରୁ ୧୭୨୫ ମଧ୍ୟରେ ବରନିୟରଙ୍କ ଭ୍ରମଣ ବୃତ୍ତାନ୍ତର ଫ୍ରାନ୍ସ ଭାଷାରେ ଆଠଥର ଓ ଇଂରେଜୀ ଭାଷାରେ ତିନିଥର ପୁନଃମୁଦ୍ରଣ ହୋଇଥିଲା।

ବରନିୟର ଭାବୁଥିଲେ ଯେ ତାଙ୍କର ଉପସ୍ଥାପନା ଫ୍ରାନ୍ସ ଓ ୟୁରୋପର ବୁଦ୍ଧିଜୀବି ଓ ନୀତି ନିର୍ଦ୍ଧାରକଙ୍କୁ ସଠିକ ବିଷୟ ବସ୍ତୁ ଉପରେ ନିର୍ଣ୍ଣୟ ନେବାରେ ସହାୟକ ହେବ। ଭାରତର ସମାଜ ଓ ଶାସନ ବ୍ୟବସ୍ଥାର ବର୍ଣ୍ଣନାଦେଖିବାକୁ ମିଳେ ତାଙ୍କର କୃତି ଟ୍ରାଭଲେସ୍ ଇନ୍ ମୁଗୋଲ ଏମ୍ପାୟାରରେ।

ତାଙ୍କର ଲେଖାରେ ସମସାମୟିକ ୟୁରୋପ ସହିତ ମୋଗଲ ଶାସନ କାଳର ଭାରତର ତୁଳନାତ୍ମକ ବିବରଣୀ ମିଳେ। ସେ ସଦାବେଳେ ୟୁରୋପୀୟ ବ୍ୟବସ୍ଥାର ଉତ୍କୃଷ୍ଟତା ପ୍ରତିପାଦନ କରିଛନ୍ତି। ତାଙ୍କର ତୁଳନାର ଢାଞ୍ଚା ଥିଲା ଭାରତ ପାଶ୍ଚାତ୍ୟ ତୁଳନାରେ ସମସ୍ତ ସ୍ତରରେ ବିପରୀତ ଓ ଭାରତର ସ୍ଥିତି ନିମ୍ନମାନର।

ବରନିୟରଙ୍କ ବର୍ଣ୍ଣନାରେ ଭାରତରେ ଜମିର ମାଲିକ ଅଟନ୍ତି ମୋଗଲ ସମ୍ରାଟ ଏବଂ ସେ ସମ୍ଭ୍ରାନ୍ତ ମାନଙ୍କୁ ଜମି ବାଣ୍ଟିଛନ୍ତି। ଫଳସ୍ୱରୂପ ଭାରତର ସମାଜ ଓ ଅର୍ଥନୀତିରେ ଦୁର୍ଭାଗ୍ୟପୂର୍ଣ୍ଣ କ୍ଷତି ଦେଖିବାକୁ ମିଳୁଛି। ୟୁରୋପରେ ଜମିର ବ୍ୟକ୍ତିଗତ ମାଲିକାନା ଅଛି। ଚାଷୀମାନେ ଜମିର ଉନ୍ନତ କରି ଉତ୍ପାଦନ ବଢାଇ ଧନୀକ ହୋଇଛନ୍ତି। ଭାରତରେ ତ୍ରୁଟିପୂର୍ଣ୍ଣ ଜମି ବ୍ୟବସ୍ଥା ଯୋଗୁ ଚାଷୀ ନିଜେ ଚାଷ କରୁଥିବା ଜମିକୁ ନିଜ ସନ୍ତାନଙ୍କୁ ହସ୍ତାନ୍ତର କରି ପାରୁ ନାହିଁ। ଫଳସ୍ୱରୂପ ଚାଷୀ ଜମିରେ ଉନ୍ନତ ଚାଷ କରି ଉତ୍ପାଦନ ବଢାଇ ଚାଷ ବିସ୍ତାର କରିବାର ଇଚ୍ଛା କରୁନାହାନ୍ତି ଓ ବଡ ଜମିମାଲିକ ଶ୍ରେଣୀ ସୃଷ୍ଟି ହଉନାହାନ୍ତି। ସାରା ଭାରତରେ ଏକା ଧରଣର କ୍ଷତି ହୋଇ ଚାଷୀ ଶୋଷଣର ଶୀକାର ହେଉଛି। ସେମାନଙ୍କ ଜୀବନଧାରଣରମାନ କମି ଯାଇଛି। ସମାଜରେ କେବଳ ସମ୍ଭ୍ରାନ୍ତ ଗୋଷ୍ଠୀ ସୁଖରେ ଅଛନ୍ତି। ସେମାନଙ୍କ ସଂଖ୍ୟା ଅତି ସ୍ୱଳ୍ପ। ଭାରତର ସମାଜରେ ଅଧିକ ସଂଖ୍ୟକ ଲୋକ ପ୍ରାୟ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀ ନାହାନ୍ତି। ବୋଧ ହୁଏ ବରନିୟର ସେ ସମୟରେ ୟୁରୋପରେ ଚାଲିଥିବା ବିତର୍କ "ଦେଶ ଓ ସରକାରର ସ୍ୱରୂପ ଓ ପ୍ରକୃତିକୁ" ଆଖି ଆଗରେ ରଖି – ଉପସ୍ଥାପନ କରିବାକୁ ଚାହୁଁଥିଲେ ଜମିର ଘରୋଇ ମାଲିକାନାରା ସୁଫଳ ଓ କୁଫଳ। ସେ ଘରୋଇ ମାଲିକାନାର ସପକ୍ଷରେ ଥିଲେ।

ବରନିୟରଙ୍କ ଦୃଷ୍ଟିରେ ମୋଗଲ ସାମ୍ରାଜ୍ୟରେ ରାଜା "ଭିକାରୀ ଓ ବର୍ବର ମାନଙ୍କ ରାଜା"। ସହର ଓ ନଗର ମାନ ଧ୍ୱଂସପ୍ରାୟ ଏବଂ ପବନ ଦୂଷିତ, ଜମିରେ ବୁଦାମାଡି ବନଭୂମି ପାଲଟି ମାରାତ୍ମକ ଓ ସନ୍ତସନ୍ତିଆ ହେଉଛି। ଉପରୋକ୍ତ ଅବସ୍ଥାର ଏକମାତ୍ର କାରଣ ସମ୍ରାଟଙ୍କ ରାଜ୍ୟର ଜମି ଉପରେ ଏକ ଚାଟିଆ ମାଲିକାନା।"

ବରନିୟରଙ୍କ ବିବରଣୀରେ ଜମି ଉପରେ ରାଜ୍ୟର ଏକ ଚାଟିଆ ମାଲିକାନା ଥିବାର ବର୍ଣ୍ଣନା ଅଛି କିନ୍ତୁ ଆଶ୍ଚର୍ଯ୍ୟ ଜନକ ଭାବରେ ମୋଗଲ କାଗଜପତ୍ରରେ ରାଜ୍ୟର ଏକ ଚାଟିଆ ମାଲିକାନା ଥିବାର କୌଣସି ସୂଚନା

ନାହିଁ । ମୋଗଲ ସମ୍ରାଟ ଆକବରଙ୍କ ସମୟରେ ଆବୁଲ ଫାଜଲ ଶାସକୀୟ ବିବରଣୀ ଲେଖୁଥିଲେ । ସେ ତାଙ୍କର ବିବରଣୀ ଓ ପଞ୍ଜୀକାରେ ଭୂରାଜସ୍ୱକୁ "ସର୍ବମୟ କର୍ତ୍ତୃତ୍ୱଙ୍କ ପୁରସ୍କାର" ବୋଲି ଅଭିହିତ କରିଛନ୍ତି; ଯେଉଁ ପୁରସ୍କାର ସର୍ବମୟ କର୍ତ୍ତୃତ୍ୱ ନିଜ ପ୍ରଜାଙ୍କ ଠାରୁ ସୁରକ୍ଷା ଯୋଗାଇ ଥିବାର ପ୍ରାପ୍ୟ ରୂପେ ନେଇଥାଏ । ଏଣୁ ରାଜସ୍ୱ ଭାରତରେ ଜମିର ଭଡା ନଥିଲା । ହୁଏତ ୟୁରୋପୀୟମାନଙ୍କୁ ଲାଗିଥାଇପାରେ ଏହା ଜମିର ଭଡା ଯେମିତି ତାଙ୍କ ଦେଶରେ ପ୍ରଚଳନ ଥିଲା । ଦ୍ୱିତୀୟତଃ ଅନେକ ସ୍ଥାନରେ ଭାରତରେ ରାଜାର ପ୍ରାପ୍ୟ ଅତ୍ୟାଧିକ ଥିଲା କିନ୍ତୁ ଜମି ଭଡା ନଥିଲା କିମ୍ବା ଜମି କର ନଥିଲା । କେବଳ ଉତ୍ପାଦିତ ଶସ୍ୟ ଉପରେ କର ଥିଲା ଯାହା ରାଜାର ପ୍ରାପ୍ୟ ରୂପେ ଗ୍ରହଣୀୟ ଥିଲା ।

ବରନିୟରଙ୍କ ବର୍ଣ୍ଣନା ପାଶ୍ଚାତ୍ୟ ତତ୍ତ୍ୱଦର୍ଶୀଙ୍କୁ ବିଶେଷ ଭାବରେ ପ୍ରଭାବିତ କରିଥିଲା । ଅଷ୍ଟାଦଶ ଶତାବ୍ଦୀରେ ଓ ତତ୍‌ପରେ ଫରାସୀ ଦାର୍ଶନିକ ମନଟେସକ୍ୟୁ ବରନିୟରଙ୍କ ଭ୍ରମଣ ବୃତ୍ତାନ୍ତକୁ ଅଧ୍ୟୟନ କରି ଧାରଣା ସୃଷ୍ଟି କଲେ "ପ୍ରାଚ୍ୟର ସ୍ୱେଚ୍ଛାଚାରିତା" । ଯେଉଁ ଧାରଣାରେ ଏସିଆର ରାଜାମାନେ ନିଜ ପ୍ରଜାଙ୍କ ଉପରେ ନିରଙ୍କୁଶ କ୍ଷମତା ଉପଭୋଗ କରନ୍ତି । ପ୍ରଜାମାନଙ୍କୁ ସେମାନେ ଚିରଦିନ ଗରିବ ଓ ବଶୀଭୂତ ସ୍ଥିତିରେ ରଖିଥାନ୍ତି । ଦେଶର ସମସ୍ତ ଜମି ରାଜାଙ୍କର ଓ ବ୍ୟକ୍ତିଗତ ଜମି ମାଲିକାନା ନାହିଁ । ଏହି ବ୍ୟବସ୍ଥାରେ କେବଳ ରାଜା ଓ ସମ୍ଭ୍ରାନ୍ତଙ୍କୁ ଛାଡିଦେଲେ ଅନ୍ୟ ସମସ୍ତେ ଦୀନହୀନ ହୋଇ କେବଳ ବଞ୍ଚିରହନ୍ତି । ଏପରି ଏକ ଚିନ୍ତାଧାରା ଊନବିଂଶ ଶତାବ୍ଦୀରେ କାର୍ଲମାକ୍ସଙ୍କୁ ପ୍ରଭାବିତ କରିଥିଲା । ସେ ଲେଖିଥିଲେ ଏସିଆଟିକ ମୋଡ ଅଫ ପ୍ରଡକସନ । ଯେଉଁଥିରେ ସେ ଦର୍ଶାଇଛନ୍ତି ଯେ ଭାରତ ଓ ଏସିଆରେ ୟୁରୋପର ଉପନିବେଶ ସ୍ଥାପନ ପୂର୍ବରୁ ରାଜ୍ୟ ଚାଷୀଙ୍କ ଠାରୁ ଚାଷର ସମସ୍ତ ବଳକା ଆତ୍ମସାତ କରୁଥିଲା । ଫଳସ୍ୱରୂପ ଭାରତରେ ଏକ ମାନ୍ଦା ପ୍ରବାହହୀନ ବ୍ୟବସ୍ଥା ସୃଷ୍ଟି ହୋଇଥିଲା ।

ପ୍ରକୃତରେ ଏପରି ସ୍ଥିତି ଭାରତରେ ନଥିଲା । ଭାରତର ଗ୍ରାମାଞ୍ଚଳରେ ସାମାଜିକ ଓ ଆର୍ଥିକ ବ୍ୟବସ୍ଥା ବହୁ ସ୍ତର ବିଶିଷ୍ଟ ଥିଲା ଷୋଡଶ ଓ ସପ୍ତଦଶ ଶତାବ୍ଦୀରେ । ସମାଜର ବଡ ବଡ ଜମିଦାରମାନେ ଜମି ଉପରେ ନିଜର ଅଧିକାର ଜାହିର କରୁଥିବା ସମୟରେ ସମାଜର ଅସ୍ପୃଶ୍ୟମାନେ ଜମିହୀନ ଥିଲେ । ଏଇ ଦୁଇଙ୍କ ମଧ୍ୟ ସ୍ଥଳରେ ବଡ ଚାଷୀ / କୃଷକ ଓ କୃଷି ଶ୍ରମିକ ବିନିଯୋଗ କରି ଫସଲ ଉତ୍ପାଦନ କରୁଥିଲା । କ୍ଷୁଦ୍ରାଚାଷୀ ନିଜର ସୀମିତ ସମ୍ବଳ ଭିତରେ ତୃଷ୍ଟ ରହିବା ପାଇଁ ଚାଷ କରୁଥିଲେ । ବରନିୟର ତାଙ୍କ ବିବରଣୀରେ ମୋଗଲ ରାଜ୍ୟକୁ ଏକ ଦମନମୂଳକ ଶାସନ ଭାବରେ ଚିତ୍ରଣ କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ତତ୍‌ସଙ୍ଗେ ସଙ୍ଗେ ସେ ସମୟର ଜଟିଳ ସାମାଜିକ ସତ୍ୟତା ଉପରେ ମଧ୍ୟ ଆଲୋକପାତ କରିଛନ୍ତି । ଯେପରିକି ସେ ଗୋଟିଏ ପଟେ ଦର୍ଶାଇଛନ୍ତି ଯେ ଭାରତରେ ଶିଳ୍ପ ଓ ଉତ୍ପାଦନକାରୀଙ୍କ ମାନ ହ୍ରାସ ପାଇ ଉତ୍ପାଦନକାରୀ କାରିଗର ହ୍ରାସ ପାଉଥିଲେ କିନ୍ତୁ ଅନ୍ୟପଟେ ଦର୍ଶାଇଛନ୍ତି ଯେ ଭାରତର ସାମଗ୍ରୀ ବଦଳରେ ବହୁ ମୂଲ୍ୟବାନ ଧାତୁ ଯଥା ସୁନା ଓ ରୂପାର ମୁଦ୍ରା ଆକାରରେ ଆସୁଥିଲା । ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ ଭାରତର ସମୃଦ୍ଧ ବଣିକ ଗୋଷ୍ଠୀ ଦୂର ଦେଶ ସହିତ ବାଣିଜ୍ୟ କାରବାରରେ ନିୟୋଜିତ ଥିଲେ । ଭାରତର ସାମଗ୍ରୀ ବଦଳରେ ସେମାନେ ସୁନାରୂପା ଆଣୁଥିଲେ । ବରନିୟର ମୋଗଲ ସାମ୍ରାଜ୍ୟର କାରଖାନାର ବର୍ଣ୍ଣନା କରିଛନ୍ତି ଯେଉଁଠାରେ କାରିଗରମାନେ ନିଜ ନିଜର ତତ୍ତ୍ୱାବଧାରକ ଅଧୀନରେ କାମ କରୁଥିଲେ । ସେମାନଙ୍କ ମଧ୍ୟରେ ଥିଲେ ଯେଉଁମାନେ ବସ୍ତ୍ର ପ୍ରଭୃତିରେ ଛୁଞ୍ଚିକାମ

କରୁଥିଲେ, କେଶବିନ୍ୟାସ ଦ୍ରବ୍ୟ ପ୍ରସ୍ତୁତି କାମ ଶିଖୁଥିଲେ । ଏହା ସହିତ ଥିଲେ ସ୍ୱର୍ଣ୍ଣକାର, ରଙ୍ଗଶିଳ୍ପୀ, ଦରଜି, ମୋଚି, ଲୋକର ଯନ୍ତ୍ର ଚଳାଇବା କାରିଗର, କାଠ କାରିଗର, ପଶମ, କାର୍ପାସ ଓ ଜରିକାମ କାରିଗର । ସେମାନେ ପ୍ରତିଦିନ କାରଖାନାରେ ନିୟୋଜିତ ହେଉଥିଲେ ।

ବରନିୟରଙ୍କ ବିବରଣୀରେ ସତୀ ପ୍ରଥାର ବିଶଦ ଆଲୋଚନା ରହିଛି । ସେ ଲେଖିଛନ୍ତି ଯେ ଯଦିଓ କେତେକ ମହିଳା ଆନନ୍ଦରେ ନିଜ ସ୍ୱାମୀଙ୍କ ଚିତାଭସ୍ମରେ ଝାସ ଦିଅନ୍ତି ଅନେକ ମହିଳା ବାଧ୍ୟ ହୋଇ ସମାଜର ଚାପରେ ସତୀ ହୋଇଥାନ୍ତି । ମହିଳାମାନଙ୍କ ଭୂମିକା କୃଷି ଓ ଅଣ କୃଷି ଉତ୍ପାଦନ ପ୍ରକ୍ରିୟାରେ ମହତ୍ତ୍ୱପୂର୍ଣ୍ଣ । ବଣିକ ପରିବାରର ମହିଳାମାନେ ବ୍ୟବସାୟ କାରବାରରେ ଅଂଶଗ୍ରହଣ କରୁଥିଲେ । ଏଥିରୁ ଜଣାପଡେ ଯେ ମହିଳାମାନେ କେବଳ ଘରର ଚାରି କାନ୍ଥରେ ସୀମାବଦ୍ଧ ନଥିଲେ ।

## ସାରାଂଶ

ଭାରତକୁ ଅନେକ ବିଦେଶୀ ଯାତ୍ରୀ, ପରିବ୍ରାଜକ, ପର୍ଯ୍ୟଟକ ଆସିଛନ୍ତି ସମୟ ସମୟରେ ଓ ସେମାନଙ୍କ ମଧ୍ୟରୁ କେତେକଙ୍କ ଅନୁଭୂତିର ବିବରଣୀ ଉପଲବ୍ଧ । ସେମାନଙ୍କ ବିବରଣୀରେ ଭାରତର ସମାଜର ଚିତ୍ର,ଧର୍ମଧାରା,ସାହିତ୍ୟ,ରାଜ ଦରବାରର କାର୍ଯ୍ୟ କଳାପ, ଆଦିବାସୀଙ୍କ ସଂସ୍କୃତି, ତୀର୍ଥ ସ୍ଥାନ, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ଉଲ୍ଲେଖନୀୟ ଦିଗ, ଗ୍ରାମ-ସହର-ନଗରର ଦୃଶ୍ୟ ଇତ୍ୟାଦି ସ୍ଥାନ ପାଇଛି । ଏକାଦଶ ଶତାବ୍ଦୀରେ ଆସିଥିବା ଅଲ-ବେରୁଣୀ, ଚତୁର୍ଦ୍ଦଶ ଶତାବ୍ଦୀରେ ଆସିଥିବା ଇବନବତୁତା ଏବଂ ସପ୍ତଦଶ ଶତାବ୍ଦୀରେ ଆସିଥିବା ଫ୍ରାଙ୍କଏସ୍ ବରନିୟରଙ୍କ ଭାରତ ବିବରଣୀରେ ସେମାନଙ୍କ ଦୃଷ୍ଟିଭଙ୍ଗୀ ଓ ନୀରିକ୍ଷଣ ଆମକୁ ସାହାଯ୍ୟ କରେ ଏକ ତୁଳନାତ୍ମକ ଅଧ୍ୟୟନ ପାଇଁ ଓ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ଜ୍ଞାନ ପରିସରକୁ ସମୃଦ୍ଧ କରିବା ପାଇଁ ।

## ଆଦର୍ଶ ପ୍ରଶ୍ନାବଳୀ

### 'କ' ବିଭାଗ

### (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର)

**୧. ପ୍ରତ୍ୟେକ ପ୍ରଶ୍ନ ପାଇଁ ଦିଆଯାଇଥିବା ଚାରୋଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତର ବାଛି ଲେଖ ।**

(କ) 'କିତାବ-ଉଲ୍-ହିନ୍ଦ୍' ପୁସ୍ତକର ଲେଖକ କିଏ ?

(i) ଆଲ୍-ବେରୁଣୀ (ii) ଇବନ୍ ବାତୁତା
(iii) ବର୍ଣ୍ଣିୟର (iv) ଫାହିୟାନ

(ଖ) ଇବନ-ବାତୁତା କେଉଁ ସୁଲତାନଙ୍କ ରାଜତ୍ୱ ସମୟରେ ଭାରତ ଆସିଥିଲେ ?

(i) ଇଲତୁତମିସ୍ (ii) ବଲବନ୍
(iii) ଆଲ୍ଲାଉଦ୍ଦିନ ଖିଲଜୀ (iv) ମହମ୍ମଦ-ବିନ୍-ତୁଗଲକ

(ଗ) ଫ୍ରାଙ୍କଏସ୍ ବର୍ଣ୍ଣିୟର କେଉଁ ଦେଶର ନାଗରିକ ଥିଲେ ?

(i) ଇଂଲଣ୍ଡ (ii) ଫ୍ରାନ୍ସ
(iii) ଆମେରିକା (iv) ପାରସ୍ୟ

(ଘ) ଇବ୍ ବାତୁତାଙ୍କ ଭ୍ରମଣ ପୁସ୍ତକର ନାମ କ'ଣ ?

(i) କିତାବ-ଉଲ୍-ହିନ୍ଦ୍ (ii) ରିହଲା
(iii) ଟ୍ରାଭେଲସ୍ ଇନ୍ ମୋଗଲ ଏମ୍ପାୟାର (iv) ତବାକତ୍-ଇ-ନାଶିରି

(ଙ) ବର୍ଣ୍ଣିୟର କେଉଁ ମୋଗଲ ରାଜକୁମାରଙ୍କର ଚିକିତ୍ସା କରୁଥିଲେ ?

(i) ସଲିମ୍ (ii) ଆଉରଙ୍ଗଜେବ
(iii) ଦାରା (iv) ସୁଜା

**୨. ଶୂନ୍ୟସ୍ଥାନ ପୂରଣ କର ।**

(କ) ଆଲ୍-ବେରୁଣୀ __________ ସ୍ଥାନରୁ ଭାରତକୁ ଆସିଥିଲେ ।

(ଖ) ମୋରକ୍କୋରୁ __________ ପରିବ୍ରାଜକ ଭାରତ ଆସିଥିଲେ ।

(ଗ) ମହମ୍ମଦ-ବିନ୍-ତୋଗଲକ ଇବନ୍ ବାତୁତାଙ୍କୁ __________ ପଦରେ ନିଯୁକ୍ତ କରିଥିଲେ ।

(ଘ) __________ ରାଜ୍ୟର ବର୍ତ୍ତମାନ ନାମ ଉଜବେକିସ୍ଥାନ ।

(ଙ) __________ ଇବନ୍ ବତୁତାଙ୍କର ଭ୍ରମଣ ଅନୁଭୂତିକୁ ଲିପିବଦ୍ଧ କରିଥିଲେ ।

## 'ଖ' ବିଭାଗ

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇ ବା ତିନୋଟି ବାକ୍ୟରେ ଲେଖ। (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର)**

(କ) ମୂଳ କିତାବ-ଉଲ-ହିନ୍ଦ ପୁସ୍ତକ କେଉଁ ଭାଷାରେ ଲେଖା ହୋଇଥିଲା ?

(ଖ) କିତାବ-ଉଲ-ହିନ୍ଦ ପୁସ୍ତକ କେଉଁ ବିଷୟରେ ଲେଖା ହୋଇଛି ?

(ଗ) କିତାବ-ଉଲ-ହିନ୍ଦ ପୁସ୍ତକରେ ଭାରତର ଜାତିପ୍ରଥା ବିଷୟରେ କ'ଣ ଉଲ୍ଲେଖ ଅଛି ?

(ଘ) ଇବନ୍‌ବତୁତା କେଉଁ ସହର, କେଉଁ ଦେଶ ଓ ମହାଦେଶରେ ଜନ୍ମଗ୍ରହଣ କରିଥିଲେ ?

(ଙ) ଇବନ୍‌ବତୁତା ଭାରତର କେଉଁ ପ୍ରଦେଶରେ ପ୍ରଥମେ ପହଞ୍ଚିଲେ ?

(ଚ) ଇବନ୍‌ବତୁତା ଭାରତ ପହଞ୍ଚିବା ସମୟରେ ଦିଲ୍ଲୀର ସୁଲତାନ କିଏ ଥିଲେ ?

(ଛ) ଇବନ୍‌ବତୁତା ଭାରତର ପାନ ଓ ନଡ଼ିଆ ବିଷୟରେ କ'ଣ ଲେଖିଛନ୍ତି ?

(ଜ) ଫ୍ରାଙ୍କୋଏସ୍ ବରନିୟର କେଉଁ ଖ୍ରୀଷ୍ଟାବ୍ଦରେ ଭାରତ ପହଞ୍ଚିଲେ ଓ ସେ ସମୟରେ ଭାରତର ସମ୍ରାଟ୍ କିଏ ଥିଲେ ?

(ଝ) ଫ୍ରାଙ୍କୋଏସ୍ ବରନିୟର ଭାରତର କେଉଁ ମୋଗଲ ରାଜକୁମାର ଓ କେଉଁ ସମ୍ଭ୍ରାନ୍ତଙ୍କ ଚିକିତ୍ସକ ରୂପେ କାମ କରିଥିଲେ ?

**୪. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପାଞ୍ଚ ବା ଛଅଟି ବାକ୍ୟରେ ଲେଖ। (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର)**

(କ) ଫ୍ରାଙ୍କୋଏସ୍ ବରନିୟରଙ୍କର ଭାରତର ରାଜସ୍ୱ ଓ ଜମିଜମା ମାଲିକାନା ଉପରେ ମତ କ'ଣ ଥିଲା ?

(ଖ) କିତାବ-ଉଲ-ହିନ୍ଦ ପୁସ୍ତକ ବିଷୟରେ ଏକ ସଂକ୍ଷିପ୍ତ ଟିପ୍ପଣୀ ଲେଖ।

(ଗ) ଇବନ୍‌ବତୁତା ଓ ବରନିୟରଙ୍କ ଭାରତ ବିବରଣୀର ଏକ ତୁଳନାତ୍ମକ ଉପସ୍ଥାପନା କର।

(ଘ) ବରନିୟରଙ୍କ ବିବରଣୀରେ ଭାରତର ସହର ବିଷୟରେ କ'ଣ କ'ଣ ଲେଖିଛନ୍ତି ?

(ଙ) ବରନିୟରଙ୍କ ବିବରଣୀରେ ଭାରତର ସତୀପ୍ରଥା ବିଷୟରେ କ'ଣ ଲେଖା ହୋଇଛି ?

## 'ଗ' ବିଭାଗ

**(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର)**

୫. ଆଲବେରୁଣୀଙ୍କ ଭାରତର ବିବରଣୀରୁ ତାଙ୍କର କେଉଁ ମନୋଭାବ ଓ ମତ ପ୍ରତିଫଳିତ ହୋଇଛି ?

୬. ଇବନ୍‌ବତୁତାଙ୍କ ଭାରତ ଭ୍ରମଣ ବିବରଣୀ ଉପରେ ଆଲୋକପାତ କର।

୭. ବରନିୟରଙ୍କ ଭାରତ ଭ୍ରମଣ ବିବରଣୀରୁ ସମସାମୟିକ ଭାରତୀୟ ସାମାଜିକ ଅବସ୍ଥା ବିଷୟରେ କେଉଁ କେଉଁ ତଥ୍ୟ ଉପଲବ୍ଧ ହୁଏ ବର୍ଣ୍ଣନା କର।

❑●❑

ଅଷ୍ଟମ ଅଧ୍ୟାୟ :

# ଦିଲ୍ଲୀରେ ସୁଲତାନୀ ଶାସନ : ରାଷ୍ଟ୍ରର ସ୍ୱରୂପ, ସାମାଜିକ ବ୍ୟବସ୍ଥା ଓ ନାରୀର ସ୍ଥିତି

## Delhi Sultanate : Nature of State, Social Structure Position of Women

ଆରବ ଦେଶର ସେନାଧ୍ୟକ୍ଷ ମହମ୍ମଦ-ବିନ୍-କାସିମ ଭାରତର ସିନ୍ଧୁ ପ୍ରଦେଶର ରାଜା ଦାହିରଙ୍କୁ ରାଓ୍ୱାର ଠାରେ ଯୁଦ୍ଧରେ ପରାସ୍ତ ଓ ନିହତ କଲେ ୭୧୨ ଖ୍ରୀଷ୍ଟାବ୍ଦରେ। ଏହାଥିଲା ଭାରତ ଉପମହାଦେଶ ଉପରେ ପ୍ରଥମ ବିଧିବଦ୍ଧ ମୁସଲମାନ ସାମରିକ ଆକ୍ରମଣ ଓ ଭାରତ ଇତିହାସର ଏକ ନୂତନ ଅବଧିର ପ୍ରାରମ୍ଭ। ପରବର୍ତ୍ତୀ କାଳରେ ଗୋଟିଏ ପରେ ଗୋଟିଏ ଆରବ, ତୁର୍କ, ଆଫଗାନ ଓ ମଙ୍ଗୋଲ ଆକ୍ରମଣର ଧାରା ସୃଷ୍ଟି ହେଲା। ଏ କ୍ରମରେ ଅଛନ୍ତି ଗଜନୀର ମାମୁଦଠାରୁ ଘୋର ରାଜ୍ୟର ସାହାବୁଦ୍ଦିନ ମହମ୍ମଦ ଘୋରୀ। ୧୧୯୨ ଖ୍ରୀଷ୍ଟାବ୍ଦରେ ଦ୍ୱିତୀୟ ତିରୋରୀ ଯୁଦ୍ଧରେ ଦିଲ୍ଲୀ ସମ୍ରାଟ ପୃଥ୍ୱୀରାଜଙ୍କୁ ଚୂଡାନ୍ତ ରୂପେ ପରାସ୍ତ କରି ମହମ୍ମଦ ଘୋରୀ ଦିଲ୍ଲୀ ଅକ୍ତିଆର କଲେ। ଉତ୍ତର ଭାରତକୁ ନିଜ ଅଧିନରେ ଆଣିଲେ। ମହମ୍ମଦ ଘୋରୀଙ୍କ ମୃତ୍ୟୁ ପରେ ଭାରତ ଦାୟୀତ୍ୱରେ ଥିବା ତାଙ୍କ ରାଜ ପ୍ରତିନିଧି ତଥା ସେନାଧ୍ୟକ୍ଷ କୁତ୍‌ବୁଦ୍ଦିନ ଆଇବାକ୍ ୧୨୦୬ ଖ୍ରୀଷ୍ଟାବ୍ଦରେ ଦିଲ୍ଲୀର ପ୍ରଥମ ସୁଲତାନ ହେଲେ। ଏ ସମସ୍ତ ଘଟଣା ଭାରତ ଇତିହାସରେ ଏକ ଉଲ୍ଲେଖନୀୟ ମୋଡ ନେଲା ଓ ଭାରତର ଭବିଷ୍ୟତ ରାଜନୈତିକ ଭାଗ୍ୟ ନିରୂପଣ କଲା। ୧୨୦୬ ଖ୍ରୀଷ୍ଟାବ୍ଦରୁ ୧୫୨୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ତିନିଶହ କୋଡିଏ ବର୍ଷ ତୁର୍କ, ଆଫଗାନ ମୁସଲମାନ ଶାସକ ବର୍ଗ ଯଥାକ୍ରମେ ଦାସ, ଖିଲଜୀ, ତୋଗଲକ, ସୟ୍ୟଦ୍ ଓ ଲୋଦୀ ବଂଶର ସୁଲତାନ ରାଜଧାନୀ ଦିଲ୍ଲୀକୁ ଶାସନ କଲେ। ତେଣୁ ଉପରୋକ୍ତ ସମୟକୁ ଦିଲ୍ଲୀ ସୁଲତାନୀ ଶାସନକାଳ ଓ ଦିଲ୍ଲୀ ସୁଲତାନ ରାଜତ୍ୱ ବୋଲି କୁହାଯାଏ।

### ଦିଲ୍ଲୀ ସୁଲତାନୀ ଶାସନ କାଳରେ ରାଷ୍ଟ୍ରର ସ୍ୱରୂପ :

ଦିଲ୍ଲୀରେ ସୁଲତାନ ଶାସନ ସ୍ଥାପନ ପରେ ମୁସଲମାନ ଶାସକମାନେ ନୂତନ ଅଞ୍ଚଳ ଜୟ କରି ନିଜ ସାମ୍ରାଜ୍ୟରେ ମିଶାଇବା ସଙ୍ଗେ ସଙ୍ଗେ ସାମ୍ରାଜ୍ୟକୁ ଦୃଢ଼ କରିବା ପ୍ରକ୍ରିୟା ଆରମ୍ଭ କଲେ। ଦୁଇଟି ପ୍ରତିଷ୍ଠିତ ସାଂସ୍କୃତିକ

ଗୋଷ୍ଠୀ ଯେତେବେଳେ ଦୈନନ୍ଦିନ ଜୀବନରେ ସମ୍ମୁଖୀନ ହେଲେ ଫଳ ସ୍ୱରୂପ ପରିଣାମ ଆଗ୍ରହ ଆକର୍ଷଣକାରୀ ଓ ସମୟ ସମୟରେ ଅପ୍ରତ୍ୟାଶିତ ଗମ୍ଭୀର ପରିବର୍ତ୍ତନ ସାମାଜିକ,ରାଜନୈତିକ, ଅର୍ଥନୈତିକ ଓ ସଂସ୍କୃତି କ୍ଷେତ୍ରରେ ଦେଖାଦେଲା । ଦୁଇ ସଂସ୍କୃତିର ଭେଟରେ ସମ୍ମୁଖ ଯୁଦ୍ଧ, ପ୍ରତିରୋଧ ଓ ସାମ୍ପ୍ରଦାୟିକତା ଦେଖାଦେଲା କିନ୍ତୁ ତତ୍ ସଙ୍ଗେ ସଙ୍ଗେ ସାମ୍ପ୍ରଦାୟିକ ସଦ୍‌ଭାବନା, ସମନ୍ୱୟ ଓ ମିଳନର ପରିବେଶ ପାଇଁ ଚିନ୍ତାଧାରା,ମତିଗତିର ମଧ୍ୟ ସଠିକ୍ ଅଗ୍ରଗତି ହେଲା । ସୁଲତାନମାନଙ୍କ ପାଇଁ ନୂତନ ଭାବେ ଜୟ କରିଥିବା ରାଜ୍ୟ ଓ ଅଞ୍ଚଳରେ ନିଜର ପ୍ରଭୁତ୍ୱ ଓ ପ୍ରଶାସନ ଦୃଢ଼ କରିବା ଓ ବାନ୍ଧି ରଖିବା ଏତେ ସହଜ ନଥିଲା । ସେମାନେ ବିଦେଶୀ ଥିଲେ ଓ ଭାରତର ଶାସନ ପ୍ରଣାଳୀ ଓ ପରମ୍ପରା ବିଷୟରେ ଅନଭିଜ୍ଞ ଥିଲେ । ସେଥିପାଇଁ ସେମାନେ ଜଟିଳ ସମସ୍ୟାର ସମ୍ମୁଖୀନ ହୋଇଥିଲେ ଓ ତାର ସମାଧାନ କରିବାକୁ ପଡିଥିଲା । ଏଭଳି ପରିସ୍ଥିତିର ଆମୂଳଚୂଳ ପରିବର୍ତ୍ତନ ସମ୍ଭବ ନଥିଲା । ସେଥିପାଇଁ ଭାରତର ପ୍ରଚଳିତ ଶାସନ କଳା ଓ ବ୍ୟବହାରିକ କାର୍ଯ୍ୟ ପ୍ରଣାଳୀରେ ବିଶେଷ ପରିବର୍ତ୍ତନ ଆଣିଥିଲେ ସେମାନଙ୍କ ଶାସନର ପ୍ରଥମ ପର୍ଯ୍ୟାୟରେ ଏବଂ ଇସଲାମ ଧର୍ମର ପ୍ରଚଳିତ ଅନୁଷ୍ଠାନଗୁଡିକର ଭାରତରେ ଉପସ୍ଥାପନା ଆରମ୍ଭ କରିଥିଲେ ।

ଭାରତର ସୁଲତାନମାନେ ମୁସଲମାନ ଥିଲେ । ତେଣୁ ଶାସନ ମୁଖ୍ୟ ରୂପେ ସେମାନଙ୍କର ଶାସନ ଇସଲାମ ଧର୍ମର ମୁଖ୍ୟ ଖଲିଫାଙ୍କ ସ୍ୱୀକୃତି ବିନା ବୈଧ ନ ଥିଲା । ସେଥିପାଇଁ ସୁଲତାନି ଶାସନର ପ୍ରାରମ୍ଭ କାଳରେ ସେମାନେ ଖଲିଫାଙ୍କ ଖୁତବା ପଢୁଥିଲେ ଓ ଖଲିଫା ସେମାନଙ୍କୁ ସୁଲତାନ ରୂପେ ସ୍ୱୀକାର କରୁଥିଲେ । ତା ସତ୍ତ୍ୱେ ଦିଲ୍ଲୀ ସୁଲତାନ ଶାସନ ବ୍ୟବସ୍ଥାର ମୌଳିକ ଚରିତ୍ର ସଂପୂର୍ଣ୍ଣ ଇସଲାମୀୟ ଧର୍ମତତ୍ତ୍ୱ ଉପରେ କେବେ ବି ଆଧାରିତ ନ ଥିବାର ପ୍ରମାଣ ମିଳେ । ସୁଲତାନ ଶାସନ ବ୍ୟବସ୍ଥାର ମେରୁଦଣ୍ଡ କେନ୍ଦ୍ରୀୟ ଓ ପ୍ରାଦେଶିକ ଶାସନର ରାଜସ୍ୱ ପ୍ରଣାଳୀ ଓ ତାର ମୁଖ୍ୟ ଅନୁଷ୍ଠାନ 'ଇକତା' ବ୍ୟବସ୍ଥାରେ । ଇସଲାମ ଧର୍ମ ଓ ରାଜ୍ୟର ପ୍ରତିଷ୍ଠାତା ପ୍ରଫେଟ ମହମ୍ମଦଙ୍କ ମୃତ୍ୟୁପରେ ୬୬୨ ଖ୍ରୀଷ୍ଟାବ୍ଦରେ ଖଲିଫା ପଦ ଓ ଅନୁଷ୍ଠାନ ଆରମ୍ଭ ହେଲା ଇସଲାମୀୟ ବ୍ୟବସ୍ଥାରେ । ଖଲିଫାଙ୍କୁ ଇସଲାମ ଧର୍ମର ଅଭିଭାବକ ଏବଂ ରାଜନୈତିକ ବ୍ୟବସ୍ଥାର ପାଳକ ଓ ବିଶ୍ୱର ସମସ୍ତ ମୁସଲମାନ ଗୋଷ୍ଠୀଙ୍କ ମୁଖ୍ୟ ବୋଲି ପରମ୍ପରା ସୃଷ୍ଟି ହୋଇ ମୁସଲମାନମାନଙ୍କ ମଧ୍ୟରେ ସ୍ୱୀକୃତ ହେଲା । ଆରମ୍ଭରୁ ଗୋଟିଏ କେନ୍ଦ୍ରୀୟ ଖଲିଫା ଥିଲେ । କିନ୍ତୁ ଅଷ୍ଟମ ଶତାବ୍ଦୀରେ ବିଭାଜିତ ହୋଇ ତିନୋଟି କେନ୍ଦ୍ର ଯଥା ଉମାୟିଦ ଖଲିଫା ସ୍ପେନ ଅଞ୍ଚଳରେ ଫାତିମିଡ ଖଲିଫା ମିଶର ଅଞ୍ଚଳରେ ଓ ତୃତୀୟ ଖଲିଫା ବାଗଦାଦ୍ ଅଞ୍ଚଳରେ । ଏମାନଙ୍କ ମଧ୍ୟରୁ ବାଗଦାଦର ଖଲିଫା ସର୍ବ ପୁରାତନ ଖଲିଫା ବ୍ୟବସ୍ଥାର ମୂଳ କେନ୍ଦ୍ର । ପ୍ରତ୍ୟେକ ଖଲିଫା ସ୍ୱତନ୍ତ୍ର ଭାବେ ମୁସଲମାନମାନେ ତାଙ୍କର ଅନୁଗତ ବୋଲି ଅଧିକାର ଦାବୀ କଲେ ।

ଇସଲାମ ଧର୍ମ ଓ ରାଜ୍ୟ ସ୍ଥାପନ ପ୍ରାରମ୍ଭ କାଳରେ ସ୍ୱାଧିନ ସୁଲତାନ ପଦବୀ ଇସଲାମୀୟ ଜଗତରେ ସ୍ୱୀକାର୍ଯ୍ୟ ନଥିଲା । ଖଲିଫା ବ୍ୟବସ୍ଥାର ବିଘଟନ ପରେ ଅନେକ ବଂଶର ମୁଖ୍ୟମାନେ ନିଜର ପ୍ରଭାବ ଥିବା ଅଞ୍ଚଳରେ ଛୋଟ ଛୋଟ ରାଜ୍ୟ ସ୍ଥାପନ କଲେ । ତନ୍ମଧ୍ୟରୁ ଗଜନୀ ରାଜ୍ୟ ଗୋଟିଏ । ସୈଦ୍ଧାନ୍ତିକ ରୂପେ କୌଣସି ମୁସଲମାନ ଖଲିଫାଙ୍କ ଅନୁମତି ଓ ସ୍ୱୀକୃତି ବିନା ନିଜର ସ୍ୱାଧିନ ରାଜ୍ୟ ସ୍ଥାପନ କରିପାରିବେ ନାହିଁ ବା ଖଲିଫାଙ୍କ

ସ୍ୱୀକୃତି ବିନା ସ୍ଥାପିତ ରାଜ୍ୟକୁ ଇସଲାମ ଧର୍ମର ଅନୁଗତମାନେ ବିଧି ସଂଗତ ବୋଲି ମାନିବେ ନାହିଁ । ଏ ସମସ୍ତ ସତ୍ତ୍ୱେ ଏହା ସତ୍ୟ ଯେ ଖଲିଫା ବ୍ୟବସ୍ଥାର ବିଘଟନ ପରେ ଖଲିଫାଙ୍କ ସ୍ୱୀକୃତି ଓ ଅନୁମତି କେବଳ ଔପଚାରିକ ଥିଲା ଓ ସହଜରେ ଅପ୍ରୋୟଜନ ବୋଲି ଘୋଷଣା କରି ହେଉଥିଲା ଓ ନିଜକୁ ସ୍ୱାଧିନ ବୋଲି ଘୋଷଣା କଲେ ମଧ୍ୟ ଖଲିଫା କୌଣସି ବିଶେଷ ଦଣ୍ଡର ବ୍ୟବସ୍ଥା କରିପାରୁନଥିଲେ ।

ସୁଲତାନୀ ଶାସନ ପୂର୍ବରୁ ଭାରତରେ ପ୍ରଚଳିତ ବହୁ କେନ୍ଦ୍ରୀୟ ରାଜତନ୍ତ୍ର ବ୍ୟବସ୍ଥାକୁ ପରିବର୍ତ୍ତନ କରି ଏକ-କେନ୍ଦ୍ରିକ ଶାସନ ବ୍ୟବସ୍ଥାର ପ୍ରାରମ୍ଭ ହେଲା ଯହିଁରେ ସୁଲତାନ ରାଜ୍ୟର ସମସ୍ତ କ୍ଷମତାର ଅଧିକାରୀ ଓ କେନ୍ଦ୍ର ହେଲେ । ଆଞ୍ଚଳିକ ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଆସିଲା । ପୂର୍ବ ବ୍ୟବସ୍ଥାରେ ଆଞ୍ଚଳିକ ରାଜ୍ୟର ମୁଖ୍ୟ ସାମନ୍ତ, ରାଣା, ରାଏ ଓ ଠାକୁରମାନଙ୍କ ଜମି ମାଲିକାନା ସ୍ଥାୟୀ ଥିଲା । କିନ୍ତୁ ନୂତନ ଆଞ୍ଚଳିକ ଇକତା ବା ପ୍ରାଦେଶିକ ରାଜସ୍ୱ ଆଦାୟ ଆକରେ ସୁଲତାନଙ୍କ ପ୍ରତିନିଧିରୂପେ ଜଣେ ମୁଫତି ବା ଇକତାଦାର ରହିଲେ । ତାଙ୍କର ଜମି ମାଲିକାନା ନଥିଲା ଓ ନିୟମିତ ବ୍ୟବସ୍ଥାରେ ଗୋଟିଏ ଇକତାରୁ ଅନ୍ୟ ଇକତାକୁ ବଦଳିର ବ୍ୟବସ୍ଥା ଥିଲା । ମୁଫତିମାନେ କେନ୍ଦ୍ର ଶାସନ ଉପରେ ନିର୍ଭର କରିବାକୁ ବାଧ୍ୟ ହେଲେ । ରାଜସ୍ୱ ଆଦାୟ ମଧ୍ୟ ସହଜ ହେଲା । ସ୍ଥାନୀୟ ରାଣା, ରାଏମାନଙ୍କୁ ପରାସ୍ତ କରି ଉତ୍ତର ଭାରତରେ ମୁସଲମାନମାନେ ରାଜ୍ୟ ସ୍ଥାପନ କରି ନୂତନ ଶାସକ ହେଲେ । ସେମାନେ ଯାହା ଉପରେ ଶାସନ କଲେ ସେ ସ୍ଥାନୀୟ ଲୋକଙ୍କ ଜନସଂଖ୍ୟା ତୁଳନାରେ ସଂଖ୍ୟାରେ ଅତି ନଗଣ୍ୟ ଥିଲେ ଓ ଦ୍ୱିତୀୟତଃ ନୂତନ ଶାସକଙ୍କ ପାଖରେ ପର୍ଯ୍ୟାପ୍ତ ସମ୍ବଳ ନଥିଲା । ତେଣୁ ଭାରତର ସଂପଦ ଉପରେ ନିଜର ନିୟନ୍ତ୍ରଣ ଜରୁରୀ ଓ ଅନିବାର୍ଯ୍ୟ ଥିଲା । ଉପରୋକ୍ତ ଦୁଇଟି କାରଣ ସୁଲତାନୀ ଶାସନ ବ୍ୟବସ୍ଥା ଓ ରାଜ୍ୟରେ ମୁଖ୍ୟ ପ୍ରଭାବ ପକାଇଲା ଓ ସାମଗ୍ରିକ ରୂପ ନେଲା ।

ସୈଦ୍ଧାନ୍ତିକ ଓ ଔପଚାରିକ ଦୃଷ୍ଟିରୁ ଦିଲ୍ଲୀର ସୁଲତାନ ମାନେ ସରିଅତ୍ ବା ଇସଲାମ ଧର୍ମର ନିୟମକୁ ପ୍ରାଧାନ୍ୟ ଦେଇଥିଲେ ଓ ପ୍ରଚେଷ୍ଟା କରିଥିଲେ ଯେମିତି ତାହାର ପ୍ରତ୍ୟକ୍ଷ ଅବମାନନା ନହୁଏ । କିନ୍ତୁ ତତ୍ ସଙ୍ଗେ ସଙ୍ଗେ ସେମାନେ ଜୱାବିତ ବା ଧର୍ମ ନିରପେକ୍ଷ ବିଧି ବ୍ୟବସ୍ଥା ପ୍ରଚଳନ କରିଥିଲେ । ତେଣୁ ସୁଲତାନୀ ରାଜତ୍ୱ ସଂପୂର୍ଣ୍ଣ ଧର୍ମ ତତ୍ତ୍ୱ ଉପରେ ପର୍ଯ୍ୟବସିତ ନହୋଇ ଗୋଟିଏ ନୂତନ ଯୁବ ରାଜ୍ୟ ସ୍ଥାନୀୟ ପ୍ରତ୍ୟକ୍ଷ ଆବଶ୍ୟକତା ବିଚାରରେ ପରିଚାଳିତ ଥିଲା ଯଦିଓ ସୁଲତାନ ଓ ତାଙ୍କ ମୁଖ୍ୟ ଶାସକ ବର୍ଗ ଇସଲାମ ଧର୍ମ ପାଳନ କରୁଥିଲେ । ନିମ୍ନରେ ଦିଆଯାଇଥିବା ଦୁଇଟି ଉଦାହରଣ ଏହା ଦର୍ଶାଏ । ପ୍ରଥମ ଉଦାହରଣ: ସୁଲତାନ ଇଲତୁତମିସଙ୍କୁ ଇସଲାମ ଧର୍ମର ଏକ ରକ୍ଷଣଶୀଳ ଗୋଷ୍ଠୀ ଚାପ ପକାଇଲେ ଇସଲାମ ଧର୍ମର ସମସ୍ତ ନୀତି ନିୟମ ସଂପୂର୍ଣ୍ଣ ରୂପେ ଲାଗୁ କରିବାକୁ । ସେତେବେଳେ ସୁଲତାନ ଉତ୍ତର ଦେଇଥିଲେ "ଏବେ ସମୟ ଆସିନାହିଁ । ମୁସଲମାନ ମାନେ ଭାରତ ପରିସ୍ଥିତିରେ ଖାଦ୍ୟରେ ଲୁଣର ପରିମାଣ ସଦୃଶ । "ତେଣୁ ସଂପୂର୍ଣ୍ଣ ଲାଗୁ କରିବା ସମ୍ଭବ ନୁହେଁ । ଦ୍ୱିତୀୟ ଉଦାହରଣ ସୁଲତାନ ଆଲ୍ଲାଉଦ୍ଦିନ ଖିଲଜୀଙ୍କୁ କାଜି ବା ଇସଲାମ ଧର୍ମର ବିଶେଷଜ୍ଞ ପ୍ରଶ୍ନ ଛଳରେ ଇସଲାମ ଧର୍ମର ନୀତି ନିୟମକୁ ପାଳନ କରିବାକୁ ନିର୍ଦ୍ଦେଶ ଦେଲେ । ସେତେବେଳେ ଆଲ୍ଲାଉଦ୍ଦିନ ଦୃଢତାର ସହ କହିଥିଲେ, "ରାଜ୍ୟର ଆବଶ୍ୟକତା ସର୍ବପ୍ରଧାନ ଓ ତଦନୁସାରେ ସେ ନିଷ୍ପତ୍ତି ନିଅନ୍ତି" ।

ସୁଲତାନୀ ଶାସନ କାଳରେ ସୁଲତାନ ବା ରାଜ୍ୟମୁଖ୍ୟଙ୍କ ଉତ୍ତରାଧିକାରୀ ସତ୍ତ୍ୱ ସ୍ପଷ୍ଟ ନଥିଲା କିମ୍ବା ସନ୍ତୋଷ ଜନକ ବିଧି ବିକଶିତ ହୋଇନଥିଲା । ପୁରୁଷାନୁକ୍ରମିକ ନିୟମ ପାଳନ କରାହେଉ ନ ଥିଲା ବା ଗ୍ରହଣୀୟ ନଥିଲା । ପ୍ରଥମ ପୁତ୍ର ସନ୍ତାନ ରାଜ ସିଂହାସନ ଆରୋହଣ କରିବା ପରମ୍ପରା ମଧ୍ୟ ନଥିଲା । ସୁଲତାନ ଇଲତୁତମିସଙ୍କ ମୃତ୍ୟୁ ପରେ ତାଙ୍କର ମନୋନୀତ ଝିଅ ରେଜିଆ ଭାରତର ସୁଲତାନ ହେଲେ । ଅନେକ ସୁଲତାନ କ୍ରୀତଦାସରୁ ମୁକ୍ତ ହୋଇ ନିଜ ନିଜର ଶକ୍ତି, ସାମର୍ଥ୍ୟ ଓ ଅସୀ ବଳରେ ସୁଲତାନ ଆସନ ଅକ୍ତିଆର କରିଛନ୍ତି । ଉତ୍ତରାଧିକାରୀ ନିୟମ ବିକଶିତ ହୋଇନଥିବାରୁ ପ୍ରଥମ ସୁଲତାନ କୁତବୁଦିନ ଆଇବାକଙ୍କ ମୃତ୍ୟୁରେ ତାଙ୍କର ପୁଅ ସୁଲତାନ ନହୋଇ ଦାସତ୍ୱରୁ ମୁକ୍ତ ହୋଇଥିବା ତାଙ୍କ ଜ୍ୱାଇଁ ଇଲତୁତମିସ ସୁଲତାନ ଆସନ ଅଧିକାର କରିଥିଲେ । ସେମିତି ପ୍ରତ୍ୟେକ ସୁଲତାନଙ୍କ ମୃତ୍ୟୁରେ ଗୁପ୍ତ ଷଡ଼ଯନ୍ତ୍ର ମୁଣ୍ଡ ଟେକୁଥିଲା ସିଂହାସନ ଓ କ୍ଷମତାକୁ ଅକ୍ତିଆର କରିବାକୁ ।

## ସୁଲତାନୀ ଶାସନ କାଳର ସମାଜ :

**ସୁଲତାନ :** ଖଲିଫା ବ୍ୟବସ୍ଥା ବିଘଟନ ପରେ ଶକ୍ତିଶାଳୀ ଆଞ୍ଚଳିକ ଶାସକମାନେ ନିଜ ଅଞ୍ଚଳର ସ୍ୱାଧୀନ ସାର୍ବଭୌମ ଶାସକ ମୁଖ୍ୟ ବା ସୁଲତାନ ଘୋଷଣା କଲେ । ଭାରତର ସୁଲତାନ ଜନମଙ୍ଗଳ ପାଇଁ ସାମାଜିକ ଓ ରାଜନୈତିକ ବିଧିବ୍ୟବସ୍ଥା କରୁଥିଲେ । ସୁଲତାନମାନେ ନିଜ ନାମ ପ୍ରଚଳିତ ମୁଦ୍ରାରେ ଖୋଦାଇଥିଲେ ଏବଂ ଖୁତବା ବା ଶୁକ୍ରବାର ଦିନ ଏକତ୍ରିତ ନମାଜ ପରେ ଯେଉଁ ଉପଦେଶ ପାଠ କରାଯାଏ ସେଥିରେ ସୁଲତାନଙ୍କୁ ସେମାନଙ୍କର ମୁଖ୍ୟ ବୋଲି ଘୋଷଣା କରୁଥିଲେ । ସୁଲତାନ ମାନେ ନିଜର କ୍ଷମତା ଓ ଶକ୍ତିକୁ ସ୍ଥାୟୀ ଓ ସୁଦୃଢ଼ କରିବା ପାଇଁ ରାଜ୍ୟର ଦୂର ଦୁରାନ୍ତରୁ ରାଜସ୍ୱ ଓ ସମ୍ବଳ ଆଦାୟ କରିବାରେ ସଫଳ ହୋଇଥିଲେ । ସୁଲତାନଙ୍କୁ ହିଁ ଲୋକେ ରାଜା ବୋଲି ବିଚାର କରୁଥିଲେ । ସେମାନେ ନିଜକୁ ରାଜନୈତିକ ଦୃଷ୍ଟିରୁ ସ୍ୱାଧୀନ ଯଦିଓ ସାଂସ୍କୃତିକ ଦୃଷ୍ଟିକୋଣରୁ ସେମାନେ ଇସଲାମ ଜଗତର ଏକ ଅଂଶ ବୋଲି ଭାବୁଥିଲେ । ସୁଲତାନମାନେ ବଡ ବଡ ରାଜ ପ୍ରାସାଦରେ ରହୁଥିଲେ ଓ ଭାରତୀୟ ପରମ୍ପରାକୁ ଅନୁସରଣ କରି ରାଜକୀୟ ଛତ୍ର ଓ ଦଣ୍ଡ ବ୍ୟବହାର କରୁଥିଲେ । ସୁଲତାନ ବ୍ୟତୀତ ଅନ୍ୟକେହି ଛତ୍ର ଓ ଦଣ୍ଡ ବ୍ୟବହାର କରିବା ପାଇଁ ସ୍ୱୀକୃତି ନ ଥିଲା ।

**ଉଲେମା :** ଇସଲାମ ଧର୍ମଶାସ୍ତ୍ରଜ୍ଞ ବା ଉଲେମାମାନଙ୍କ ସ୍ଥାନ ସୁଲତାନ ଶାସନ କାଳରେ ଗୁରୁତ୍ୱପୂର୍ଣ୍ଣ ଥିଲା । ଇମାମ ଓ ଖାଟିବ ବିଚାରକ ଓ ଆଇନ ସମ୍ବନ୍ଧୀୟ ପଦବୀରେ ନିଯୁକ୍ତ ହେଉଥିଲେ । ସେମାନଙ୍କ ମଧ୍ୟରୁ ସଦର-ଉସ-ସଦର, ଶେଖ-ଉଲ-ଇସଲାମ, କାଜି, ମୁଫତି, ମୁହତସିବ, ଉଲେମାମାନେ ସୁଲତାନୀ ଶାସନ ବ୍ୟବସ୍ଥାରେ ସଂଯୁକ୍ତ ଥିଲେ ଏବଂ ସୁଲତାନଙ୍କ ଠାରୁ ରାଜସ୍ୱ ଅନୁଦାନ ପାଉଥିଲେ । ରାଜନୈତିକ ଆଦର୍ଶ ଦୃଷ୍ଟିରୁ ଏମାନଙ୍କ ଭୂମିକା ମହତ୍ତ୍ୱପୂର୍ଣ୍ଣଥିଲା କାରଣ ଏମାନେ ସୁଲତାନ ଶାସକ ଶ୍ରେଣୀଙ୍କୁ ତଥା ସୁଲତାନୀ ଶାସନ ବ୍ୟବସ୍ଥାକୁ ବୈଧତା ପ୍ରଦାନ କରୁଥିଲେ । ତେଣୁ ଏମାନଙ୍କ କେବଳ ଧାର୍ମିକ ପ୍ରଭାବ ନଥିଲା । ସମୟ ସମୟରେ ଏମାନେ ରାଜନୀତିରେ ମଧ୍ୟ ପ୍ରଭାବ ପକାଉଥିଲେ ।

**ସମ୍ଭ୍ରାନ୍ତବର୍ଗ :** ମହମ୍ମଦ ଘୋରୀଙ୍କ ଆକ୍ରମଣ ସମୟରେ ଓ ସୁଲତାନୀ ଶାସନ କାଳ ବିକଶିତ ହେବା ପୂର୍ବରୁ ଉତ୍ତର ଭାରତରେ ଛୋଟ ଛୋଟ ରାଜ୍ୟରେ ସ୍ଥାନୀୟ ମୁଖ୍ୟ ରାଏ,ରାଣାମାନେ ଶାସନ କରୁଥିଲେ। ପ୍ରତ୍ୟେକ ରାଜ୍ୟର ଗ୍ରାମମାନଙ୍କରେ ଖୁଟ, ମୁକଦ୍ଦମ ବା ଗ୍ରାମମୁଖିଆ ଓ ଶହେଗ୍ରାମ ପାଇଁ ଏକ ଚୌଧୁରୀ ବା ମୁଖ୍ୟଥିଲେ। ଏମାନେ ଗ୍ରାମର ଜମି ଉପରେ ବିଶେଷ ସ୍ୱତ୍ୱ ଅଧିକାରରେ ଚାଷୀଙ୍କ ଠାରୁ ରାଜସ୍ୱ ଆଦାୟ କରୁଥିଲେ।

ତ୍ରୟୋଦଶ ଓ ଚତୁର୍ଦ୍ଦଶ ଶତାବ୍ଦୀରେ ସୁଲତାନୀ ଶାସନ କାଳରେ ଉତ୍ତର ଭାରତରୁ ଦକ୍ଷିଣ ଭାରତ ପର୍ଯ୍ୟନ୍ତ ନିଜ ରାଜନୈତିକ ଓ ସାମାଜିକ ରାଜ୍ୟ ପ୍ରତିଷ୍ଠାର ପ୍ରାରମ୍ଭ ହେଲା। ଅପରିଚିତ ଅଞ୍ଚଳକୁ ଶାସନ ତଥା ଶାସକ ଶ୍ରେଣୀକୁ ଶାନ୍ତ ଓ ସ୍ଥାପନ କରିବା ପାଇଁ ସୁଲତାନମାନେ ପଦକ୍ଷେପ ନେଲେ। ଯେଉଁ ଶାସକ ବର୍ଗ ତୁର୍କିରୁ ଆସିଥିଲେ ସେମାନେ ସୁଲତାନ ସହିତ ରାଜନୈତିକ ଓ ଆର୍ଥିକ କ୍ଷମତା ବାଣ୍ଟି ସକ୍ରିୟ ଭାଗନେଇଥିଲେ। ଦିଲ୍ଲୀଠାରୁ ଦୂରସ୍ଥାନକୁ ପ୍ରେରିତ ଅମିର ବା ସମ୍ଭ୍ରାନ୍ତ ଶ୍ରେଣୀ ରାଜ୍ୟପାଳ ରୂପେ ଜୟ କରିଥିବା ଅଞ୍ଚଳରେ କାର୍ଯ୍ୟତଃ ସ୍ୱାଧୀନ ରୂପେ କାମ କରୁଥିଲେ। ରାଜ୍ୟପାଳମାନଙ୍କୁ ମୁକ୍ତି ବା ୱାଲି ନାମ ଦିଆଗଲା ଓ ତାଙ୍କର ଅଧୀନରେ ଥିବା ଅଞ୍ଚଳକୁ ଇକତା ରୂପେ ନାମିତ କରାଗଲା। ପରବର୍ତ୍ତୀ କାଳରେ ମୁକ୍ତିମାନଙ୍କ ଗୋଟିଏ ଇକତାରୁ ଅନ୍ୟ ଇକତାକୁ ନିୟମିତ ବ୍ୟବଧାନରେ ବଦଳିର ବ୍ୟବସ୍ଥା କରାଗଲା। ଏମାନଙ୍କ ବ୍ୟତୀତ କେତେକ ଅଞ୍ଚଳ ପୁରୁଣା ରାଣା, ରାଏ ଓ ଠାକୁରମାନେ ସୁଲତାନଙ୍କୁ ବାର୍ଷିକ କର ବା ଭେଟିଦେଇ ନିଜ ଅଞ୍ଚଳର ରାଜସ୍ୱ ଆଦାୟ କଲେ।

ସୁଲତାନୀ ଶାସନର ପ୍ରାରମ୍ଭକାଳରେ ସମ୍ଭ୍ରାନ୍ତ ଶ୍ରେଣୀ ତୁର୍କ ଦାସ ପୃଷ୍ଠଭୂମିରୁ ଆସି ପରବର୍ତ୍ତୀ କାଳରେ ନିଜ ପ୍ରଭୁଙ୍କ ଦ୍ୱାରା ମୁକ୍ତ ଘୋଷଣା ହୋଇ ଶାସକୀୟ ପଦାଧିକାରୀ ହୋଇଥିଲେ। ସୁଲତାନ ଇଲତୁତ୍‌ମିସ, ସାମିମଲ୍ଲିକ ବା ଦାସମାନଙ୍କୁ ନେଇ ଏକ ବିଭାଗ ବା ଛୋଟ ସୈନ୍ୟ ଦଳ ତୁରକାନ-ଇ-ଚିହଲଗାନୀ ବା ଚାଳିଶ ବାହିନୀ ସୃଷ୍ଟି କରିଥିଲେ। ସେ ଏଥିରେ ସ୍ୱାଧୀନ ତୁର୍କମାନଙ୍କୁ ମଧ୍ୟ ସାମିଲ କରିଥିଲେ। ତେଣୁ ସମ୍ଭ୍ରାନ୍ତ ଶ୍ରେଣୀ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ବା ଶ୍ରେଣୀର ନ ଥିଲେ। ଏଥିରେ ତୁର୍କ, ଆଫଗାନ, ଭାରତୀୟ ଓ ଆବିସେନୀୟ ଗୋଷ୍ଠୀରୁ ଥିଲେ। କିନ୍ତୁ ଯେଉଁ ତୁର୍କ ସାମନ୍ତ ବର୍ଗ ମହମ୍ମଦ ଘୋରୀଙ୍କ ଆକ୍ରମଣ ସମୟରେ ଭାରତକୁ ଆସିଥିଲେ ସେମାନେ ମୁଖ୍ୟତଃ ମହତ୍ତ୍ୱପୂର୍ଣ୍ଣ ପଦପଦବୀରେ କେନ୍ଦ୍ରରେ ତଥା ପ୍ରାଦେଶିକ ସ୍ତରରେ ସ୍ଥାନ ଅଧିକୃତ କଲେ।

ସମ୍ଭ୍ରାନ୍ତମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠଙ୍କୁ ଖାନ୍ ପାହ୍ୟାର ଉପାଧି ପ୍ରଦାନ ମଞ୍ଜୁର କରୁଥିଲେ ସୁଲତାନ। ସମ୍ଭ୍ରାନ୍ତ ମାନଙ୍କ ମର୍ଯ୍ୟାଦାର ଦ୍ୱିତୀୟରେ ଥିଲେ 'ମାଲିକ' ଓ ତୃତୀୟ ପାହ୍ୟାରେ ଅମୀର ଥିଲେ। ପାହ୍ୟାର ନିମ୍ନରେ ଥିଲେ ସିପାହାଭଲା ଓ ସରଖେଲ। ସମ୍ଭ୍ରାନ୍ତ ଗୋଷ୍ଠୀ ହେଭେଲି ବା ବଡବଡ ପ୍ରାସାଦରେ ରହୁଥିଲେ। ସୁସଜ୍ଜିତ ହେଭେଲିରେ ଅନେକ କୋଠରୀ, ଗାଧୁଆ ଘର, ରାଜମହଲ, ପୁସ୍ତକାଳୟ ଓ ପ୍ରାଙ୍ଗଣ ଥିଲା। ହାରେମ ବା ଅନ୍ତପୁରରେ ରାଣୀ,ଦାସ ଦାସୀ ରହୁଥିଲେ। ନିଜ ନିଜର ଦୈନିନ୍ଦିନ ଦରକାରୀ ସାମଗ୍ରୀ ନିଜ ନିଜର ଘରୋଇ କାରଖାନାରେ ତିଆରି ହେବାର ବ୍ୟବସ୍ଥା ରହିଥିଲା। ସେମାନେ ରାଜ ଦରବାରରେ କାର୍ଯ୍ୟ ବ୍ୟତୀତ ଯୁଦ୍ଧ ସମୟରେ ଯୁଦ୍ଧ କରୁଥିଲେ। ଶାନ୍ତି ସମୟରେ ଶିକାର, ଭୋଜିଭାତ ନୃତ୍ୟ,ଗୀତ ଉପଭୋଗ କରୁଥିଲେ।

**କ୍ରୀତଦାସ ଓ ଭୃତ୍ୟ :** ସୁଲତାନୀ ଶାସନ କାଳରେ ପ୍ରଭୁ ଓ କ୍ରୀତଦାସ ସମ୍ପର୍କ ନିଆରା ଥିଲା। ସମ୍ଭ୍ରାନ୍ତ ଶ୍ରେଣୀ ନିଜକୁ ସୁଲତାନର କ୍ରୀତଦାସ ବୋଲି କହିବାକୁ ପସନ୍ଦ କରୁଥିଲେ। ଦାସ ଦୁଇ ପ୍ରକାରର ଥିଲେ। ପ୍ରଥମଟି ହେଲା ଖୋଲା ବଜାରରୁ କିଣିଥିବା କ୍ରୀତଦାସ ଓ ଦ୍ୱିତୀୟଟି ହେଲା ଯୁଦ୍ଧବନ୍ଦୀମାନଙ୍କୁ ଦାସ ରୂପେ ବ୍ୟବହାର। କ୍ରୀତଦାସଙ୍କର କାର୍ଯ୍ୟ କୁଶଳତା ଓ ଯୋଗ୍ୟତା ଅନୁସାରେ ଉଚିତ୍ ମୂଲ୍ୟ ଦେଇ ଗୃହ କାର୍ଯ୍ୟ କରିବାପାଇଁ ସେମାନଙ୍କୁ କ୍ରୟ କରି ସମ୍ଭ୍ରାନ୍ତ ପରିବାର ଓ ଧନୀକ ଗୋଷ୍ଠୀ ଆଣୁଥିଲେ। ସେମାନଙ୍କୁ ହସ୍ତଶିଳ୍ପ କାମରେ ଓ ଅଙ୍ଗରକ୍ଷକ ଭାବେ ନିୟୋଜିତ କରୁଥିଲେ। ବାଳକ କ୍ରୀତଦାସଙ୍କୁ ଖାସ୍‌କରି ସେମାନଙ୍କୁ ବିଶେଷ ପ୍ରଶିକ୍ଷଣ ଦିଆହେଉଥିଲା। ରାଣୀମହଲର ରକ୍ଷକ ଭାବରେ ସେମାନେ ଖ୍ୱାଜାସରା ରୂପେ ଜଣାଶୁଣା ଥିଲେ। ମହିଳା କ୍ରୀତଦାସୀମାନେ ଗୃହ କର୍ମରେ ଓ ନୃତ୍ୟ ଗୀତ ପରିବେଷଣ ପାଇଁ ବ୍ୟବହାର ହେଉଥିଲେ। ସମ୍ଭ୍ରାନ୍ତ ଧନୀକ ପରିବାରରେ ଦାସଦାସୀ ରଖିବା ଏକ ସାଧାରଣ ପ୍ରଥା ଥିଲା। ଦାସଦାସୀ ରଖିବା ବୈଭବଶାଳୀ ବା ଉନ୍ନତିର ଚିହ୍ନ ଥିଲା ଏବଂ ସମ୍ଭ୍ରାନ୍ତମାନେ ପ୍ରତିଯୋଗିତା କରୁଥିଲେ ଯେପରି କିଏ କେତେକ ଅଧିକ ଦାସଦାସୀ ରଖିବେ। କ୍ରୀତଦାସଙ୍କ ସ୍ଥିତି ଦାସଙ୍କ ସ୍ଥିତିଠାରୁ ସାମାନ୍ୟ ଉନ୍ନତ ଥିଲା କାରଣ କ୍ରୀତଦାସ ମାଲିକର ସୁଖ ଓ ସୁରକ୍ଷା ଦାୟିତ୍ୱରେ ଥିଲେ ଗୃହ ମଧ୍ୟରେ।

**ଚାଷୀ:** ଗ୍ରାମାଞ୍ଚଳରେ ଅଧିକାଂଶ 'ଖୋଟ' ବଡ଼ ଚାଷୀ, ମୁକଦ୍ଦମ ବା ମଧ୍ୟମ ଚାଷୀ ବାଲାହାର ବା ଛୋଟ ଚାଷୀ ଓ 'ରାୟତ' ବା ସାଧାରଣ ଚାଷୀ ଜମିହୀନ କୃଷି ଶ୍ରମିକ ବାସ କରିଥିଲେ। ସେମାନେ ନିଜର ହଳ ଲଙ୍ଗଳ ସାହାଯ୍ୟରେ ଚାଷ କରୁଥିଲେ। ସେମାନେ ବର୍ଷା ଜଳ ତଥା ସ୍ଥାନ ବିଶେଷରେ କୂଅରୁ ଉଠାଜଳସେଚନ ଉପରେ ନିର୍ଭର କରି ଖରିଫ ଋତୁରେ ଗୋଟିଏ ଚାଷ କରୁଥିଲେ। ତୋଗଲକ ସୁଲତାନମାନେ ପ୍ରଥମ କେନାଲ ଜଳସେଚନ ବ୍ୟବସ୍ଥା କଲେ। ଚାଷୀର ନିଜେ ଚାଷ କରିଥିବା ଜମି ଉପରେ ମାଲିକାନା ନଥିଲା। ଉତ୍ପାଦିତ ଶସ୍ୟ ଉପରେ ମଧ୍ୟ ସଂପୂର୍ଣ୍ଣ ଅଧିକାର ନଥିଲା। ସୁଲତାନ ଓ ଚାଷ ମଧ୍ୟରେ ଥିବା ମଧ୍ୟସ୍ଥି ଶ୍ରେଣୀ ଚାଷୀର ଉତ୍ପାଦିତ ଶସ୍ୟର ଭାଗ ସଂଗ୍ରହ କରୁଥିଲେ। ମଧ୍ୟସ୍ଥି ମାନଙ୍କ ମଧ୍ୟରେ ଚତୁର୍ଦ୍ଦଶ ଶତାବ୍ଦୀରେ ଚୌଧୁରୀ ମାନେ ଦେଖାଦେଲେ। ଗୋଟିଏ ଚୌଧୁରୀ ଅଧିନରେ ୮୪ରୁ ୧୦୦ ଖଣ୍ଡ ଗ୍ରାମ ରହୁଥିଲା। ତୋଗଲକ ସୁଲତାନମାନଙ୍କ ସମୟରେ ସମସ୍ତ ମଧ୍ୟସ୍ଥିଙ୍କ ସ୍ତର ସୃଷ୍ଟି ହେଲା। ଗ୍ରାମମାନଙ୍କରେ ରହିଲେ ରାୟତ, ଚୌଧୁରୀ, ମୁକଦ୍ଦମ, ଖୋଟ ଏବଂ ହିସାବ ରଖିବା ପାଇଁ ପଟୱାରୀ।

ଚାଷୀମାନେ ଝାଟିମାଟି ଘରେ ବସବାସ କରୁଥିଲେ। ତାଙ୍କ ପାଖରେ ନାମକୁ ମାତ୍ର ଗୃହର ସାଜ ସରଞ୍ଜାମ ଥିଲା। ପ୍ରାୟ ସମସ୍ତେ ଘର କୋଠରୀର ଚଟାଣ ଉପରେ ମସିଣା ପକାଇ ଶୋଉଥିଲେ, ସେମାନେ ମାଟିର ପାତ୍ର ବ୍ୟବହାର କରୁଥିଲେ। ଧନୀ ଚାଷୀମାନେ ଧାତୁର ପାତ୍ର ବ୍ୟବହାର କରୁଥିଲେ। ସ୍ନାନ ଶୌଚାଦୀ ପାଇଁ ସମସ୍ତେ ଖୋଲା ପଡ଼ିଆ, ପୋଖରୀ, ନଦୀନାଳକୁ ବ୍ୟବହାର କରୁଥିଲେ। ଧନୀ ଚାଷୀମାନଙ୍କ ଘରେ ଅଧିକ କୋଠରୀ ବାରଣ୍ଡା, ଅଗଣା ଓ ଚବୁତରା ବା ବେଦି ଥିଲା ଓ କେତେକଙ୍କ ଘରେ ଉପର ମହଲା ଥିଲା। ସାଧାରଣ ଚାଷୀ ପ୍ରାୟ ଖାଲିପାଦ ଓ ଅନାବୃତ ମୁଣ୍ଡ ରହୁଥିଲେ ଓ ଏକ ବସ୍ତ୍ର ପରିଧାନ କରୁଥିଲେ। ଦିନକୁ ଦୁଇଥର ରୋଟି କିମ୍ବା ଭାତ ଖାଉଥିଲେ। ଉନ୍ନତ ଚାଷୀମାନେ ଜୋତା,ପଗଡ଼ି ଓ ରୁମାଲ ବ୍ୟବହାର କରୁଥିଲେ।

**ବଣିକ ଓ ବେପାରୀ :** ସୁଲତାନୀ ଶାସନ କାଳରେ ଅନେକ ସହର ଓ ବନ୍ଦର ଗଢିଉଠିଲା ବାଣିଜ୍ୟ କେନ୍ଦ୍ର ରୂପେ । ଦିଲ୍ଲୀ ସେ ସମୟରେ ବୃହତ ସହର ମାନଙ୍କ ମଧ୍ୟରୁ ଅନ୍ୟତମ ଥିଲା । ଏଠାରେ ଭାରତୀୟ, ଇରାନୀ ତଥା ଆଫଗାନି ବଣିକ ଥିଲେ । ଏମାନଙ୍କ ମଧ୍ୟରୁ ଭାରତୀୟ ବଣିକ ବହିଃ ବାଣିଜ୍ୟ କରି ଧନୀକ ଶ୍ରେଣୀ ହୋଇଥିଲେ । ବଗିଚା ଓ ଫଳ ଉଦ୍ୟାନ ପରିବେଷ୍ଟିତ ବଡ଼ ବଡ଼ ଅଟ୍ଟାଳିକାରେ ବିଳାସପୂର୍ଣ୍ଣ ଜୀବନଯାପନ କରୁଥିଲେ । ଏମାନଙ୍କ ବ୍ୟତୀତ ସହରମାନଙ୍କରେ ସାହୁକାର ଓ ଦଲାଲ ବସବାସ କରୁଥିଲେ । ସାହୁକାରମାନେ ଅମୀର ଓ ମାଲିକମାନଙ୍କୁ କର ଦେଇ ଲାଭବାନ ହେଉଥିଲେ ଓ ଦଲାଲମାନେ ବଣିକ ଓ ଗ୍ରାହକମାନଙ୍କ ମଧ୍ୟରେ ସଂଯୋଗ ସ୍ଥାପନ କରି ବ୍ୟବସାୟ କରି ଲାଭବାନ ହେଉଥିଲେ । ସହର ଓ ବନ୍ଦର ମାନଙ୍କରେ କାରିଗର, ଦୋକାନୀ ଓ ବିକାଳୀ ମଧ୍ୟ ବସବାସ କରୁଥିଲେ ।

**ଜାତିପ୍ରଥା :** ଭାରତୀୟ ସମାଜରେ ସାମାଜିକ ପ୍ରଭେଦ ଓ ବିଭିନ୍ନତା ସୃଷ୍ଟିରେ ଜାତିପ୍ରଥାର ବଳିଷ୍ଠ ଭୂମିକା ଥିଲା । ଶାସ୍ତ୍ର ଚତୁଃ ବର୍ଣ୍ଣ ସାମାଜିକ ବ୍ୟବସ୍ଥାକୁ ସ୍ୱୀକୃତି ଦେଉଥିଲା ଏବଂ ପ୍ରକୃତରେ ଗ୍ରାମ ଓ ସହରମାନଙ୍କରେ ଜାତି ପ୍ରଥା ବଳବତ୍ତର ଥିଲା । ସୁଲତାନୀ ଶାସନ ସ୍ଥାପନ ହେଲା ପରେ ଭାରତର ପୁରାତନ ଶାସକ ଶ୍ରେଣୀ ଓ ସେମାନଙ୍କ ବଂଶଧର ରାଣା, ରାଏମାନେ ଗ୍ରାମୀଣ ସମ୍ଭ୍ରାନ୍ତ ଶ୍ରେଣୀ ହୋଇ ରହିଲେ । ଏମାନଙ୍କ ସହିତ ସୁଲତାନୀ ପ୍ରଶାସକଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ସଂପର୍କ ଓ ସହଯୋଗ ଥିଲା । ଶୁଦ୍ରମାନେ ପୂର୍ବ ପରି ଉଚ୍ଚ ଜାତିର ସେବା କର୍ମରେ ନିଯୁକ୍ତ ଥିଲେ ଓ ଏକ ପଂକ୍ତିରେ ବସି ଅନ୍ୟମାନଙ୍କ ସହ ଭୋଜନ କରିବାର ଅଧିକାର ନଥିଲା । ସେମାନେ ପୁରାଣ ଶୁଣିବା ଅଧିକାର ପାଇଲେ କିନ୍ତୁ ପାଠ କରିବା ଅଧିକାର ମିଳିନଥିଲା । ଚଣ୍ଡାଳ ଓ ଅନ୍ୟାନ୍ୟ ଅସ୍ପୃଶ୍ୟ ଜାତି ସମାଜର ସମସ୍ତ ସୁବିଧା ସୁଯୋଗରୁ ବଞ୍ଚିତ ଥିଲେ । ଏମାନେ ନିଜର ସାମାଜିକ ଓ ଆର୍ଥିକ ସୁଯୋଗକୁ ଉନ୍ନତ କରିବା ପାଇଁ ଇସଲାମ ଧର୍ମ ଗ୍ରହଣ କରିବା ଆରମ୍ଭ କଲେ ।

**ନାରୀର ସ୍ଥିତି :** ନାରୀମାନେ ପୁରୁଷମାନଙ୍କ ତୁଳନାରେ ଗୌଣ ପରିଗଣିତ ହେଉଥିଲେ । ସାମାଜିକ ମର୍ଯ୍ୟାଦାରେ ସେମାନେ ପୁରୁଷଙ୍କ ଅଧିନରେ ଥିଲେ । ସ୍ତ୍ରୀର କାମ ହେଲା କୁଳ ରକ୍ଷା ପାଇଁ ପୁଅଟିଏ ଜନ୍ମ ଦେବା । ଝିଅକୁ ଖୁସୀରେ ଗ୍ରହଣ କରୁନଥିଲେ । ମହିଳାମାନଙ୍କ ସ୍ଥାନ ଅନ୍ତପୁର ଓ ରନ୍ଧନଶାଳ ଥିଲା । ବାଲ୍ୟ ବିବାହ ପ୍ରଥା ପ୍ରଚଳନ ଥିଲା ଓ ବିଧବା ବିବାହ ନଥିଲା । ଉଚ୍ଚ ରାଜପୁତ ଜାତିରେ ସତୀଦାହ ପ୍ରଥା ଓ ଜୌହର ପ୍ରଥା ଥିଲା । ନାରୀ ଶିକ୍ଷା ସୀମିତ ଥିଲା । ସର୍ବସାଧାରଣ ମହିଳାଙ୍କ ଶିକ୍ଷାର ବ୍ୟବସ୍ଥା ନଥିଲା । ହିନ୍ଦୁ ତଥା ମୁସଲମାନ ନାରୀମାନେ ଶିକ୍ଷା କ୍ଷେତ୍ରରେ ସମାନ ସ୍ତରରେ ଥିଲେ । ଉଚ୍ଚ ଶ୍ରେଣୀର ମହିଳାମାନଙ୍କ ମଧ୍ୟରେ ରୂପମତୀ, ପଦ୍ମାବତୀ ଏବଂ ସୁଲତାନା ରେଜିଆ ଶିକ୍ଷା ଓ ତଥା ଯୋଗ୍ୟତା କ୍ଷେତ୍ରରେ ପୁରୁଷଙ୍କ ସମକକ୍ଷ ଥିଲେ । ନାରୀମାନଙ୍କର ପରିବାରର ସ୍ଥାବର ସମ୍ପତ୍ତି ଉପରେ ଅଧିକାର ନଥିଲା; କିନ୍ତୁ ପୁତ୍ର ନାବାଳକ ଥିଲେ ସମ୍ପତ୍ତିର ପରିଚାଳନା କରୁଥିଲେ ନାରୀମାନେ ।

ପରଦା ପ୍ରଥା ହିନ୍ଦୁ ତଥା ମୁସଲମାନ ମହିଳାଙ୍କ ମଧ୍ୟରେ ପ୍ରଚଳିତ ଥିଲା । ସୁଲତାନ ଶାସନ କାଳରେ ପରଦା ପ୍ରଥା ଆନୁଷ୍ଠାନିକ ହୋଇଗଲା । ମୁସଲମାନ ତଥା ହିନ୍ଦୁ ସମ୍ଭ୍ରାନ୍ତ ଶ୍ରେଣୀର ମହିଳାଙ୍କ ପାଇଁ ପରଦା ବିଶେଷ ସୁବିଧାର ରୂପ ନେଲା । ଅନ୍ତପୁର ଓ ହାରେମରେ ମହିଳାମାନେ ରହିଲେ । ବାହାରକୁ ଆସିଲେ ହିନ୍ଦୁ ମହିଳାମାନେ ଓଢଣୀ ଓ ମୁସଲମାନ ମହିଳାମାନେ ବୁରଖା ପିନ୍ଧିଲେ ।

## ସାରାଂଶ

୧୨୦୬ ଖ୍ରୀଷ୍ଟାବ୍ଦରୁ ୧୫୨୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ତିନିଶହ କୋଡିଏ ବର୍ଷ ତୁର୍କ, ଆଫଗାନ ମୁସଲମାନ ଶାସକବର୍ଗ ଯଥାକ୍ରମେ ଦାସ, ଖିଲଜୀ, ତୋଗଲକ,ସୟ୍ୟଦ୍ ଓ ଲୋଦୀ ବଂଶର ସୁଲତାନ ରାଜଧାନୀ ଦିଲ୍ଲୀକୁ ଶାସନ କଲେ। ତେଣୁ ଉପରୋକ୍ତ ସମୟକୁ ଦିଲ୍ଲୀ ସୁଲତାନୀ ଶାସନକାଳ ଓ ଦିଲ୍ଲୀ ସୁଲତାନ ରାଜତ୍ୱ ବୋଲି କୁହାଯାଏ। ଏହି ସମୟ ମଧ୍ୟରେ ଦୁଇଟି ପ୍ରତିଷ୍ଠିତ ସାଂସ୍କୃତିକ ଗୋଷ୍ଠୀ ଯେତେବେଳେ ଦୈନନ୍ଦିନ ଜୀବନରେ ସମ୍ମୁଖୀନ ହେଲେ ଫଳ ସ୍ୱରୂପ ଅପ୍ରତ୍ୟାଶିତ ଗମ୍ଭୀର ପରିବର୍ତ୍ତନ ସାମାଜିକ, ରାଜନୈତିକ, ଅର୍ଥନୈତିକ ଓ ସଂସ୍କୃତି କ୍ଷେତ୍ରରେ ଦେଖାଦେଲା। ଦୁଇ ସଂସ୍କୃତିର ଭେଟରେ ସମ୍ମୁଖ ଯୁଦ୍ଧ, ପ୍ରତିରୋଧ ଓ ସାମ୍ପ୍ରଦାୟିକତା ଦେଖାଦେଲା କିନ୍ତୁ ତତ୍ ସଙ୍ଗେ ସଙ୍ଗେ ସାମ୍ପ୍ରଦାୟିକ ସଦ୍‌ଭାବନା, ସମନ୍ୱୟ ଓ ମିଳନର ପରିବେଶ ପାଇଁ ଚିନ୍ତାଧାରା,ମତିଗତିର ମଧ୍ୟ ସଠିକ୍ ଅଗ୍ରଗତି ହେଲା।

## ଆଦର୍ଶ ପ୍ରଶ୍ନାବଳୀ

### 'କ' ବିଭାଗ

### (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର)

**୧. ପ୍ରତ୍ୟେକ ପ୍ରଶ୍ନ ପାଇଁ ଦିଆଯାଇଥିବା ଚାରୋଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତର ବାଛି ଲେଖ ।**

(କ) ଇସଲାମ ଧର୍ମ ଧାରଣାରେ ସମଗ୍ର ମୁସଲମାନ ଜଗତର ମୁଖ୍ୟ କିଏ ?

(i) ବାଦ୍‌ଶାହା (ii) ସୁଲତାନ

(iii) ଖଲିଫା (iv) ନବାବ

(ଖ) ସରିଅତ୍ ମାନେ କ'ଣ ?

(i) ଇସଲାମ ଧର୍ମର ନିୟମ (ii) ହିନ୍ଦୁ ଆଇନ୍

(iii) ଖ୍ରୀଷ୍ଟୟାନ୍ ଆଇନ୍ (iv) ଶିଖ ଧର୍ମର ନିୟମ

(ଗ) ଭାରତରେ ମୁସଲମାନ ଶାସନ କେବେଠାରୁ ଆରମ୍ଭ ହୋଇଥିଲା ?

(i) ୧୨୦୬ ଖ୍ରୀଷ୍ଟାବ୍ଦ (ii) ୧୨୨୫ ଖ୍ରୀଷ୍ଟାବ୍ଦ

(iii) ୧୫୨୬ ଖ୍ରୀଷ୍ଟାବ୍ଦ (iv) ୧୫୫୬ ଖ୍ରୀଷ୍ଟାବ୍ଦ

(ଘ) ସୁଲତାନୀ ଶାସନକାଳରେ ରାଜ୍ୟପାଳମାନଙ୍କୁ କ'ଣ କୁହାଯାଉଥିଲା ?

(i) ମୁଫତି (ii) ନବାବ

(iii) କାଜି (iv) ଉଲେମା

(ଙ) ସୁଲତାନ୍ ଇଲତୁତମିସ୍‌ଙ୍କ ମୃତ୍ୟୁପରେ କେଉଁ ମହିଳା ଦିଲ୍ଲୀ ସିଂହାସନ ଅଧିକାର କରିଥିଲେ ?

(i) ରେଜିଆ (ii) ପଦ୍ମାବତୀ

(iii) ଚାନ୍ଦ ବିବି (iv) ଦୁର୍ଗାବତୀ

**୨. ଶୂନ୍ୟସ୍ଥାନ ପୂରଣ କର ।**

(କ) ଦ୍ୱିତୀୟ ତିରୋରୀ ଯୁଦ୍ଧରେ ମହମ୍ମଦଘୋରୀ ___________ ଙ୍କୁ ପରାସ୍ତ କରିଥିଲେ ।

(ଖ) ମହମ୍ମଦ ଘୋରୀ ___________ ଙ୍କୁ ଦିଲ୍ଲୀର ଶାସନଭାର ଅର୍ପଣ କରିଥିଲେ ।

(ଗ) ___________ ଖ୍ରୀଷ୍ଟାବ୍ଦରେ ଖଲିଫା ପଦ ଓ ଅନୁଷ୍ଠାନ ଆରମ୍ଭ ହେଲା ।

(ଘ) ଇସଲାମ ଧର୍ମଶାସ୍ତ୍ରଜ୍ଞମାନେ ___________ ଭାବରେ ପରିଚିତ ଥିଲେ ।

(ଙ) ___________ ତୁରକାନ-ଇ-ଚିହଲଗାନୀ ସୃଷ୍ଟି କରିଥିଲେ ।

## 'ଖ' ବିଭାଗ

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇଟି ବା ତିନୋଟି ବାକ୍ୟରେ ଲେଖ। (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର)**

(କ) କେଉଁ ଖ୍ରୀଷ୍ଟାବ୍ଦରେ ମହମ୍ମଦ ଘୋରୀ ପୃଥ୍ୱୀରାଜ ଚୌହାନଙ୍କୁ କେଉଁ ଯୁଦ୍ଧରେ ହରାଇଥିଲେ ?

(ଖ) ମହମ୍ମଦ-ବିନ-କାସିମ୍ କେଉଁ ଦେଶରୁ ଆସିଥିଲେ ? ସେ କାହାକୁ ପରାସ୍ତ କରିଥିଲେ ?

(ଗ) ଦିଲ୍ଲୀରେ ସୁଲତାନୀ ଶାସନ କେଉଁ ଖ୍ରୀଷ୍ଟାବ୍ଦରେ ଆରମ୍ଭ ହୋଇଥିଲା ? ଏହାର ପ୍ରଥମ ଶାସକ କିଏ ଥିଲେ ?

(ଘ) ସୁଲତାନମାନେ ଇସଲାମ ଧର୍ମର କାହା ଠାରୁ ସ୍ୱୀକୃତି ପାଉଥିଲେ ?

(ଙ) ଖଲିଫା ବ୍ୟବସ୍ଥାର ମୂଳକେନ୍ଦ୍ର କେଉଁ ଅଞ୍ଚଳ ଥିଲା ?

(ଚ) ସୁଲତାନୀ ଶାସନ ପୂର୍ବରୁ ଭାରତରେ କି ପ୍ରକାର ରାଜତନ୍ତ୍ର ଥିଲା ?

(ଛ) ସୁଲତାନୀ ଶାସନ ସମୟରେ ଇକତା ର ମୁଖ୍ୟଙ୍କୁ କ'ଣ କହୁଥିଲେ ?

(ଜ) ସୈଦ୍ଧାନ୍ତିକ ଓ ଔପଚାରିକ ଦୃଷ୍ଟିରୁ ସୁଲତାନ ମାନେ କେଉଁ ଧର୍ମର ନିୟମକୁ ପ୍ରାଧାନ୍ୟ ଦେଉଥିଲେ ?

(ଝ) ସୁଲତାନୀ ଶାସନ ସମୟରେ ଉତ୍ତରାଧିକାରୀ ସତ୍ତ୍ୱ ପୁରୁଷାନୁକ୍ରମିକ ଥିଲା କି ?

(ଞ) କ୍ରୀତଦାସମାନେ ସୁଲତାନ ହୋଇପାରୁଥିଲେ କି ?

**୪. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପାଞ୍ଚ ବା ଛଅଟି ବାକ୍ୟରେ ଲେଖ। (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର)**

(କ) ତୁରକାନ-ଇ-ଚିହଲଗାନୀ ବ୍ୟବସ୍ଥା କିଏ ସୃଷ୍ଟି କରିଥିଲେ ଓ ଏମାନଙ୍କ କାମ କ'ଣ ଥିଲା ?

(ଖ) ସୁଲତାନୀ ଶାସନ ସମୟରେ ଉଲେମାଙ୍କ ଭୂମିକା ଲେଖ।

(ଗ) ସୁଲତାନୀ ଶାସନ ସମୟର ସାମନ୍ତବର୍ଗଙ୍କ ବିଷୟରେ ଲେଖ।

(ଘ) ସୁଲତାନୀ ଶାସନ ସମୟର କ୍ରୀତଦାସ ବ୍ୟବସ୍ଥା ବିଷୟରେ ଲେଖ।

(ଙ) ସୁଲତାନୀ ଶାସନ ସମୟରେ ଚାଷୀଙ୍କ ଅବସ୍ଥା ଲେଖ।

(ଚ) ସୁଲତାନୀ ଶାସନ ସମୟର ବାଣିଜ୍ୟ ବ୍ୟବସାୟ ବିଷୟରେ ଲେଖ।

## 'ଗ' ବିଭାଗ

### (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର)

୫. ସୁଲତାନୀ ଶାସନ ସମୟରେ ରାଷ୍ଟ୍ରର ସ୍ୱରୂପ ବର୍ଣ୍ଣନା କର।

୬. ସୁଲତାନୀ ଶାସନ ସମୟର ସମାଜ ଉପରେ ଆଲୋକପାତ କର।

❑●❑

ନବମ ଅଧ୍ୟାୟ :

# ମୋଗଲ ଯୁଗର ସଂସ୍କୃତି: ସାମାଜିକ ବ୍ୟବସ୍ଥା, ନାରୀର ସ୍ଥିତି, କଳା ଓ ସ୍ଥାପତ୍ୟ, ଚିତ୍ରକଳା, ଦିନ-ଇ-ଇଲାହୀ

# Culture of the Mughal Age: Social Structure, Position of Women, Art and Architecture, Paintings, Din-i-Ilahi

---

ଭାରତ ଉପମହାଦେଶରେ ମୋଗଲ ସାମ୍ରାଜ୍ୟର ପ୍ରତିଷ୍ଠାତା ଜହିରୁଦ୍ଦିନ୍ ମହମ୍ମଦ ବାବର ନିଜର ଜନ୍ମ ସ୍ଥାନ ଓ ରାଜ୍ୟ କେନ୍ଦ୍ରୀୟ ଏସିଆର ଫର୍ଗଣାରୁ ପଞ୍ଚଦଶ ଶତାବ୍ଦୀର ଶେଷଭାଗ ଓ ଷୋଡ଼ଶ ଶତାବ୍ଦୀର ପ୍ରଥମ କାଳରେ ଉଜବେଗୀ ଗୋଷ୍ଠୀଙ୍କ ଦ୍ୱାରା ବିତାଡିତ ହେଲେ, କିନ୍ତୁ ସୌଭାଗ୍ୟ ବଶତଃ ସେ କାବୁଲ ରାଜ୍ୟର ଶାସକ ପଦବୀରେ ଅବସ୍ଥାପିତ ହେଲେ। ସେ ନିଜ ଗୋଷ୍ଠୀ ଓ ଅନୁଚରଙ୍କ ଭରଣପୋଷଣ ପାଇ ନୂତନ ସମ୍ବଳର ଅନ୍ୱେଷଣରେ ଭାରତ ଉପମହାଦେଶରେ ପହଞ୍ଚିଲେ। ତତ୍କାଳୀନ ଭାରତର ରାଜନୈତିକ ଅବସ୍ଥାର ସୁଯୋଗ ନେଇ ସେ ଦିଲ୍ଲୀର ସୁଲତାନ ଇବ୍ରାହିମ ଲୋଦୀଙ୍କୁ ପାନିପଥ ଯୁଦ୍ଧରେ ୧୫୨୬ ଖ୍ରୀଷ୍ଟାବ୍ଦରେ ପରାସ୍ତ କରି ଦିଲ୍ଲୀ ଅଧିକାର କଲେ। ସେ ତାଙ୍କ ମାତାଙ୍କ ରକ୍ତ ସଂପର୍କରୁ ମଙ୍ଗୋଲ ଶାସକ ଚେଙ୍ଗିଜ ଖାନ ଓ ପିତାଙ୍କ ରକ୍ତ ସଂପର୍କରୁ ତୁର୍କୀ ଶାସକ ତୈମୁର ଲଙ୍ଗଙ୍କ ବଂଶଧର ଥିଲେ। ସେ ତୁର୍କୀ ଭାଷା କହୁଥିଲେ ଓ ଲେଖୁଥିଲେ ଓ ନିଜକୁ ଜଣେ ତୁର୍କି ଓ ତୈମୁରଙ୍କ ବଂଶଜ ବୋଲି ପରିଚିତ ହେବା ପସନ୍ଦ କରୁଥିଲେ ଓ ମଙ୍ଗୋଲମାନଙ୍କୁ ବର୍ବର ଯାଯାବର ବୋଲି କହୁଥିଲେ। ତଥାପି ଇଉରୋପୀୟମାନେ ବାବର ଓ ତାଙ୍କ ବଂଶଧରଙ୍କୁ ମୋଗଲ ଶାସକ ବୋଲି ଆଖ୍ୟା ଦେଲେ।

ବାବର ଓ ତାଙ୍କର ଉତ୍ତରାଧିକାରୀମାନେ ଭାରତ ଉପମହାଦେଶରେ ଆଞ୍ଚଳିକ ରାଜ୍ୟମାନଙ୍କୁ ଜୟ କରି ଓ ଆଞ୍ଚଳିକ ମୁଖ୍ୟଙ୍କ ସହିତ ସନ୍ଧି ଓ ସଂପର୍କ ସ୍ଥାପନ ସହ ସାମ୍ରାଜ୍ୟକୁ ବିସ୍ତାର ଓ ସମୃଦ୍ଧ କରି ଗୌରବ ଅର୍ଜନ କଲେ। ୧୫୨୬ ଖ୍ରୀଷ୍ଟାବ୍ଦରୁ ୧୭୫୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ୧୫୪୦ରୁ ୧୫୫୫ ବ୍ୟତୀତ ସେମାନଙ୍କ ଶାସନ ବଳବତ୍ତର ରହିଲା ଓ ମୋଗଲ ସାମ୍ରାଜ୍ୟ ରୂପେ ପରିଚୟ ଲାଭ କଲା।

## ସାମାଜିକ ବ୍ୟବସ୍ଥା :

ଷୋଡ଼ଶ ଓ ସପ୍ତଦଶ ଶତାବ୍ଦୀରେ ମୋଗଲ ଶାସକମାନେ ନିଜ ସାମ୍ରାଜ୍ୟର ଢାଞ୍ଚାକୁ ସୁଦୃଢ଼ କରିବା ପାଇଁ ଶକ୍ତିଶାଳୀ ଓ କାର୍ଯ୍ୟକ୍ଷମ ସରକାର ଓ କର ଧାର୍ଯ୍ୟ ପ୍ରଣାଳୀ ପ୍ରସ୍ତୁତ କରି ଅନୁଷ୍ଠାନ ଓ ସଙ୍ଗଠନ ସ୍ଥାପନ କଲେ। ମୋଗଲ ସାମ୍ରାଜ୍ୟର କେନ୍ଦ୍ର ବିନ୍ଦୁ ଥିଲା ମୋଗଲ ଦରବାର ଯେଉଁଠାରେ ରାଜନୈତିକ ସହଯୋଗ ପାଇଁ ରାଜିନାମା ଓ ସଂପର୍କ ସ୍ଥାପନ ହୋଇ ପ୍ରତ୍ୟେକ କର୍ମଚାରୀ ସହଯୋଗୀଙ୍କ ପଦମର୍ଯ୍ୟାଦା ମୋଗଲ ଶାସନ ବ୍ୟବସ୍ଥାର ସ୍ଥାନ ଓ ସ୍ତରର ରୂପରେଖ ସ୍ଥିରୀକୃତ ହେଉଥିଲା। ମୋଗଲ ସମ୍ରାଟମାନେ ନିଜର ସାମରିକ ଶକ୍ତି ସହିତ ଭାରତୀୟ ଆଞ୍ଚଳିକ ପରମ୍ପରା ଓ ଶାସନ ବ୍ୟବସ୍ଥା ପ୍ରତି ସଚେତନ ରହି ଓ ସମ୍ମାନ ଦେଇ ଏକ ସମ୍ମିଶ୍ରିତ ରାଜନୈତିକ ରୀତିନୀତି ସୃଷ୍ଟି କରିଥିଲେ।

## ମୋଗଲ ଯୁଗର ସମାଜ :

ସେତେବେଳେ ଶତକଡା ପଞ୍ଚାଅସୀରୁ ଅଧିକ ଲୋକ ଗ୍ରାମରେ ବାସ କରୁଥିଲେ। କୃଷି ଓ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ ଲୋକଙ୍କ ମୁଖ୍ୟ ଜୀବିକା ଥିଲା। ମୋଗଲ ଦଲିଲରେ ଚାଷୀଙ୍କୁ ରୟତ, ମୁଜାରୀ ଓ କିଷାନ ନାମରେ ବର୍ଣ୍ଣନା କରାହୋଇଛି। ଯେଉଁ ରୟତ ବା କିଷାନ ନିଜ ଗ୍ରାମରେ ଚାଷ କରୁଥିଲା ତାକୁ ଖୁଦକସ୍ତ ଓ ଅନ୍ୟଗ୍ରାମ ବା ସହରର ହୋଇଥିଲେ ପାହୀକସ୍ତ କୁହାଯାଉଥିଲା। ଚାଷ ଜମିର ଗୁଣବତ୍ତା ଅନୁସାରେ ଛଅ ଏକରରୁ ଅଧିକ ଜମି ଚାଷ କରୁଥିଲେ ଧନୀ ଚାଷୀ ରୂପେ ପରିଗଣିତ ହେଉଥିଲେ। ଯଦିଓ ଚାଷ ମୁଖ୍ୟତଃ ବର୍ଷାଜଳ ଉପରେ ନିର୍ଭର ଥିଲା କେତେକ ଅଞ୍ଚଳରେ ନହର ବା କେନାଲ ଓ ନାଳ ମାଧ୍ୟମରେ ଜଳସେଚନ ବ୍ୟବସ୍ଥା ଦ୍ୱାରା ଦୁଇଟି ଫସଲ ଅମଳ ହୋଇପାରୁଥିଲା। ଚାଷ ଜମିର ଅଭାବ ନଥିଲା। ଚାଷୀ ଖାଦ୍ୟ ଶସ୍ୟ ବ୍ୟତୀତ କପା ଓ ଆଖୁ ଚାଷ କରି ଲାଭବାନ ହେଉଥିଲେ। ପ୍ରତ୍ୟେକ ଗ୍ରାମରେ ଚାଷୀ ନିଜର ବ୍ୟକ୍ତିଗତ ମାଲିକାନାରେ ଚାଷ କରୁଥିଲା ଓ ଅଧିକାର ପାଇଥିଲା ଗ୍ରାମର ଚାଷୀଗୋଷ୍ଠୀର ସଦସ୍ୟ ରୂପେ। ଚାଷୀ, ଗ୍ରାମ ମୁଖିଆ (ମୁକଦ୍ଦମ ବା ମଣ୍ଡଳ) ଓ ଗ୍ରାମପଞ୍ଚଙ୍କ ମିଳନରେ ଗ୍ରାମର କୃଷି ଉତ୍ପାଦନ ପୂର୍ଣ୍ଣତା ଲାଭ କରୁଥିଲା। କିନ୍ତୁ ସମସ୍ତ ଚାଷୀ ଏକ ପ୍ରକାର ନଥିଲେ। କୃଷକ, ଶ୍ରମିକ ଓ କୃଷିଦାସ ସମାଜରେ ଥିଲେ। ନିର୍ଦ୍ଦିଷ୍ଟ କେତୋଟି ଜାତିର ଲୋକଙ୍କୁ ଜମି ମାଲିକାନା ମଞ୍ଜୁର ନଥିଲା। ସେମାନଙ୍କୁ କେବଳ କୃଷି ଶ୍ରମିକ ଓ ଭୃତ୍ୟ ରୂପେ ନିୟୋଜିତ କରାଯାଉଥିଲା। ଏମାନେ ସମାଜରେ ମର୍ଯ୍ୟାଦାର ସ୍ତରରେ ଶେଷରେ ଥିଲେ। ଯଦିଓ ଇସଲାମ ଧର୍ମରେ ସମସ୍ତେ ସମାନ, ତଥାପି ଗ୍ରାମମାନଙ୍କରେ ଜାତି ସହିତ ଧନୀ, ନିଃସ୍ୱ ଓ ସାମାଜିକ ପଦମର୍ଯ୍ୟାଦାର ପ୍ରତ୍ୟକ୍ଷ ସମ୍ବନ୍ଧଥିଲା।

## ଗ୍ରାମର ମୁଖିଆ ଓ ପଞ୍ଚ :

ଗ୍ରାମର ବୟୋଜ୍ୟେଷ୍ଠ ମାନଙ୍କୁ ନେଇ ଗଠିତ ସଭାକୁ ପଞ୍ଚ କୁହାଯାଉଥିଲା। ଏମାନେ ସାଧାରଣତଃ ଗ୍ରାମର ବିଶିଷ୍ଟ ଲୋକ। ଉତରାଧିକାରୀ ସ୍ୱତ୍ୱରେ ପଞ୍ଚରେ ସଦସ୍ୟ ଥିଲେ। ଯେଉଁ ଗ୍ରାମରେ ବହୁ ଜାତି ଓ ଗୋଷ୍ଠୀର ଲୋକ ବାସ କରୁଥିଲେ ସେଠାକାର ପଞ୍ଚ ବାରମିଶା ଥିଲା। କିନ୍ତୁ ସାଧାରଣତଃ ଭୃତ୍ୟ ଓ କୃଷିଶ୍ରମିକ ପଞ୍ଚରେ ସ୍ଥାନ

ପାଉନଥିଲେ । ପଞ୍ଚର ଜଣେ ମୁଖିଆ ରହୁଥିଲେ ଓ ସ୍ଥାନୀୟ ଜମିଦାର ତାଙ୍କୁ ମୁଖ୍ୟ ରୂପେ ସ୍ୱୀକୃତି ଦେଉଥିଲା । ପଞ୍ଚ ବା ପଞ୍ଚାୟତର ନିର୍ଣ୍ଣୟ ଗ୍ରାମର ସମସ୍ତଙ୍କ ପାଇଁ ପାଳନୀୟ ଥିଲା । ଗ୍ରାମର ପଞ୍ଚ ଓ ପଞ୍ଚାୟତ ବ୍ୟତୀତ ସମାଜରେ ପ୍ରତ୍ୟେକ ଜାତିରେ ନିଜ ନିଜର ଜାତି ପଞ୍ଚାୟତ ଥିଲା । ରାଜ୍ୟ ଶାସନ ଜାତି ପଞ୍ଚାୟତର ନିର୍ଣ୍ଣୟରେ ପ୍ରାୟତଃ ହସ୍ତକ୍ଷେପ କରୁନଥିଲେ ।

**କାରିଗର :**

ସମାଜରେ ଅନେକ ଶ୍ରେଣୀର କାରିଗର ଥିଲେ । ଚାଷୀ ଓ କାରିଗର ମଧ୍ୟରେ ସ୍ୱଳ୍ପ ତଫାତ ଥିଲା କାରଣ ଏ ଦୁଇଗୋଷ୍ଠୀ ପରସ୍ପରର କାର୍ଯ୍ୟ କରିପାରୁଥିଲେ । ଚାଷୀ ଓ ତାର ପରିବାର ସଦସ୍ୟ ମାନ୍ଦା କୃଷି କାର୍ଯ୍ୟ ଋତୁରେ ଲୁଗା ବୁଣିବା, ରଙ୍ଗ କରିବା, ଇଟା ଖପର ଗଢ଼ିବା ଓ ଚାଷ ଉପକରଣ ତିଆରି କରିବା ଆଦି କାମ କରୁଥିଲେ । ଅନ୍ୟପକ୍ଷରେ ଗ୍ରାମର କାରିଗର ଯଥା କୁମ୍ଭାର, କମାର, ବଢ଼େଇ କୃଷି ଋତୁରେ ଚାଷ କାମ କରୁଥିଲେ । ତା ବ୍ୟତୀତ ସେବା ବଦଳରେ ଶସ୍ୟ ବା ଦ୍ରବ୍ୟ ପାଉଥିଲେ । ଗ୍ରାମ ବିଶେଷରେ କାରିଗର ଗ୍ରାମ ତରଫରୁ କିଛି ଚାଷ ଜମି ଉତ୍ତରାଧିକାରୀ ସ୍ୱତ୍ୱରେ ଭୋଗ କରୁଥିଲେ । କେତେକ ଗ୍ରାମରେ କାରିଗର ଓ ଚାଷୀଙ୍କ ବ୍ୟକ୍ତିଗତ ବୁଝାମଣାରେ କାରିଗର ତାର ସେବା ବଦଳରେ ପାଉଣା ପାଉଥିଲା ।

**ଆଦିବାସୀ :**

ଭାରତ ଉପମହାଦେଶରେ ଅନେକ ଅଞ୍ଚଳରେ ଘନ ଜଙ୍ଗଲ ଓ ଛୋଟ ଜଙ୍ଗଲ ଥିଲା । ଜଙ୍ଗଲରେ ବସବାସ କରୁଥିବା ଲୋକେ ପଶୁ ଶିକାର, ମାଛଧରା, ଫଳମୂଳ ସଂଗ୍ରହ ସହିତ ପୋଡୁଚାଷ କରୁଥିଲେ । ସେ ମୋଗଲ ଶାସକଙ୍କୁ କୌଣସି କର ଦେଉ ନ ଥିଲେ କିନ୍ତୁ ରାଜ୍ୟକୁ ହାତୀ ଯୋଗାଉଥିଲେ ଓ ଶାସକ ବର୍ଗଙ୍କୁ ଶିକାର ଯାତ୍ରାରେ ଜଙ୍ଗଲକୁ ଗଲେ ସାହାଯ୍ୟ ଯୋଗାଉଥିଲେ । ଆଦିବାସୀମାନେ ସ୍ଥାନ ବିଶେଷରେ ନିଜ ଆଦିବାସୀ ମୁଖିଆ ନେତୃତ୍ୱରେ ଶକ୍ତିଶାଳୀ ସୈନ୍ୟଦଳ ତିଆରି କରୁଥିଲେ । ସେମାନଙ୍କୁ ମୋଗଲ ଶାସକ ଜମିଦାର ଓ ରାଜା ରୂପେ ସ୍ୱୀକୃତି ଦେଉଥିଲେ । ସିନ୍ଧ ଅଞ୍ଚଳରେ ଆଦିବାସୀ ମୁଖିଆ ଜମିଦାରଙ୍କ ପଦାତିକ, ଅଶ୍ୱାରୋହୀ ସୈନ୍ୟ ଦଳ ଥିଲେ । ଓଡ଼ିଶା, ବିହାର, ଆସାମରେ ଆଦିବାସୀ ଜମିଦାରଙ୍କ ସାମରିକ ଦଳ ଥିଲା ଯାହାକୁ ପାଇକ ଦଳ କୁହାଯାଉଥିଲା । ଧିରେ ଧିରେ ମୋଗଲ ଶାସନ ଜଙ୍ଗଲ ମଧ୍ୟରେ ପ୍ରବେଶ କରି ଶାସନ ଅକ୍ତିଆର କଲା ।

**ଜମିଦାର :**

ଜମିଦାର ଶ୍ରେଣୀ କୃଷି ଉତ୍ପାଦନ ଉପରେ ନିର୍ଭର ଥିଲେ କିନ୍ତୁ ନିଜେ ପ୍ରତ୍ୟକ୍ଷଭାବେ ଚାଷକାମ ଓ କୃଷି ଉତ୍ପାଦନ କରୁନଥିଲେ । ସେମାନେ ଜମି ସ୍ୱତ୍ୱାଧିକାରୀ ହୋଇ ନିଜ ନିଜ ଅଞ୍ଚଳର ଜ୍ଞାତି, କୂଳ, ବଂଶ କିମ୍ବା ଆଦିବାସୀ, ଚାଷୀ ଚାରଣଭୂମି ଅନେଷ୍ୱୀ ଗୋଷ୍ଠୀକୁ ମିଶାଇ ଗୋଟିଏ ସମଷ୍ଟି ଭୁକ୍ତ କରି ସଙ୍ଗଠିତ କରି ନିଜର ପରିଚୟ ସୃଷ୍ଟି କରିଥିଲେ । ସେମାନଙ୍କୁ ମୋଗଲ ପ୍ରଶାସନ ନିଜର ସ୍ୱାର୍ଥ ଦୃଷ୍ଟିରୁ ସ୍ୱୀକୃତି ଦେଇଥିଲେ । ଏମାନେ ନିଜ ନିଜ ଅଞ୍ଚଳର ଶାନ୍ତି ଶୃଙ୍ଖଳା ରକ୍ଷା ସହିତ ରାଜସ୍ୱ ଆଦାୟ କରି ମୋଗଲ ରାଜକୋଷରେ ଜମା ଦେଉଥିଲେ ।

ରାଜ୍ୟ ଓ ମୋଗଲ ଶାସନର ପ୍ରଭୁତ୍ୱ ସ୍ୱୀକାର ତଥା ସେବା ପାଇଁ ଜମିଦାରମାନେ ମିଲକିୟତ ବା ପର୍ଯ୍ୟାପ୍ତ ଜମି ଉପରେ ସଂପୂର୍ଣ୍ଣ ବ୍ୟକ୍ତିଗତ ଅଧିକାର ଉପଭୋଗ କରୁଥିଲେ । ଅଧିକାଂଶ ଜମିଦାର ରାଜପୁତ, ଅନ୍ୟାନ୍ୟ ଉଚ୍ଚଜାତି, ଆଦିବାସୀ ମୁଖିଆ ଓ କେତେକ ସ୍ଥାନରେ ମୁସଲମାନ ଥିଲେ । ସେମାନଙ୍କ ନିଜ ନିଜ ସୁରକ୍ଷା ଦଳ ଓ ଆତ୍ମରକ୍ଷା ପାଇଁ ବିରାଟ ଘର ବା ଦୁର୍ଗ ତିଆରି କରିଥିଲେ ।

ଜମିଦାରମାନେ ଚାଷୀମାନଙ୍କୁ ସ୍ଥାୟୀ ଚାଷ ପାଇଁ ବାଧ୍ୟ କରୁଥିଲେ ଓ ଚାଷ ଜମି ଉପରେ ନିଜର ଆଧିପତ୍ୟ ଜାହିର କରୁଥିଲେ । ଏହା ସତ୍ୟ ଯେ ଜମିଦାର ଶ୍ରେଣୀ ଚାଷୀଙ୍କୁ ଶୋଷଣ କରୁଥିଲେ କିନ୍ତୁ ଜମିଦାର ଓ ଚାଷୀଙ୍କ ମଧ୍ୟରେ ମୌଳିକ ଆଧାର ଥିଲା ପରସ୍ପର ନିର୍ଭରଶୀଳତା । ଏହାର ଅନେକ ଉଦାହରଣ ଅଛି ଯେଉଁ ସମୟରେ ଜମିଦାରମାନେ ଉପରସ୍ଥ ରାଜା କିମ୍ବା ପରବର୍ତ୍ତୀ କାଳରେ ଉପନିବେଶୀ ବିରୋଧରେ ବିଦ୍ରୋହ କଲେ ଚାଷୀମାନେ ଜମିଦାରଙ୍କୁ ସାହାଯ୍ୟ କରିଥିଲେ ।

### ମନସବଦାର :

ମୋଗଲ ଶାସନ କାଳରେ ସାମରିକ-ତଥା-ଅମଲାତାନ୍ତ୍ରିକ ବ୍ୟବସ୍ଥାରେ ଦେଶର ସାମାଜିକ ଓ ସାମରିକ କାର୍ଯ୍ୟ ପରିଚାଳନା କରୁଥିଲେ ମନସବଦାର ମାନେ । ସେମାନଙ୍କୁ ଭିନ୍ନ ଭିନ୍ନ ଜାତି ଓ ଧର୍ମରୁ ଚୟନ କରି ନିଯୁକ୍ତି ଦେଉଥିଲେ ମୋଗଲ ସମ୍ରାଟ । ମୋଗଲ ଶାସନ କାଳର ଏକ ଦୃଢ଼ ସ୍ତମ୍ଭ ମନସବଦାର ତୁର୍କ, ଆରବ, ଆଫଗାନ, ଋଷିଆ, ରାଜପୁତ, ମରହଟ୍ଟା, ଗୋଷ୍ଠୀରୁ ଥିଲେ । ସେମାନଙ୍କ କାର୍ଯ୍ୟ ଓ ସେବା ବଦଳରେ ନଗଦୀ ବା ମୁଦ୍ରା ଓ ଅଧିକାଂଶ ସ୍ଥଳରେ ଜାଗିର ବା ନିର୍ଦ୍ଦିଷ୍ଟ ଜମିର ଖଜଣା ଆଦାୟ ଓ ଉପଭୋଗର ଅଧିକାର ଦିଆଯାଉଥିଲା । ସମାଜରେ ଏମାନଙ୍କ ସ୍ଥାନ ଶୀର୍ଷରେ, କିନ୍ତୁ ସମ୍ରାଟଙ୍କ ତଳେ ଥିଲା ।

### ସମ୍ରାଟ :

ସାମ୍ରାଜ୍ୟରେ ସାର୍ବଭୌମ ଶାସନ ମୁଖ୍ୟ ଥିଲେ ସମ୍ରାଟ ବା ବାଦଶାହା ବା ଶାହାନଶାହା । ସେମାନେ ନିଜକୁ ଫର-ଇ-ଇଜାଦୀ ଦୈବୀ ଶକ୍ତି ବା ଇଶ୍ୱରଙ୍କ ବଂଶଧର ବା ଇଶ୍ୱରଙ୍କ ଆଲୋକ ଓ ଶାସକ ହେବା ପାଇଁ ପ୍ରେରିତ ବୋଲି ପରିବେଶ ସୃଷ୍ଟି କରିଥିଲେ । ସମ୍ରାଟ ପ୍ରଜାଙ୍କ ଜୀବନ, ଧନ, ସମ୍ମାନ ଓ ବିଶ୍ୱାସକୁ ସୁରକ୍ଷା ଦିଏ । ପ୍ରତି ବଦଳରେ ପାଇଥାଏ ବଶ୍ୟତା ଓ ଦେଶର ଜନ ସମାଜଙ୍କ ଠାରୁ ନିଜର ଭାଗ ।

### ନାରୀର ସ୍ଥିତି :

ଚାଷ କାର୍ଯ୍ୟରେ ପୁରୁଷ ଓ ମହିଳା କାନ୍ଧକୁ କାନ୍ଧ ମିଶାଇ କାମ କରୁଥିଲେ । ଜମିରେ ଲଙ୍ଗଳ ଚଳାଇ ବୀଜ ବୁଣିବା, ରୋପଣ, ଅନାବନା ଘାସ ବାଛିବା ଓ ଫସଲ ଅମଳ ସମୟରେ ପୁରୁଷ ଓ ମହିଳା ସମାନ ଭୂମିକା ଗ୍ରହଣ କରୁଥିଲେ । କିନ୍ତୁ ଧିରେ ଧିରେ ଲିଙ୍ଗ କେନ୍ଦ୍ରିକ କୃଷି ଉତ୍ପାଦନ ପ୍ରକ୍ରିୟାରେ ଗୃହ କାମ ପାଇଁ ମହିଳା ଓ ବାହାର କାମ ପାଇଁ ପୁରୁଷଙ୍କୁ ପ୍ରାଧାନ୍ୟ ଦିଆଗଲା । ଅର୍ଥଲାଭ ପାଇଁ ଉତ୍ପାଦନ ବଢେଇବା ପାଇଁ ମହିଳାଙ୍କ ଅଧିକ

ଦରକାର ହେଲା । ଚାଷୀ ପରିବାରରେ ମହିଳା ଘରକାମ, ଚାଷକାମ ସହିତ ଅନ୍ୟାନ୍ୟ ଉତ୍ପାଦନ କାମରେ ନିୟୋଜିତ ହେଲେ । କୃଷିଭିତ୍ତିକ ସମାଜରେ ମହିଳାମାନଙ୍କ ମହତ୍ତ୍ୱ ବଢ଼ିଲା କାରଣ ସେମାନେ ନିଜ ଶ୍ରମ ଦ୍ୱାରା ପରିବାରର ଉତ୍ପାଦନ ଓ ଆୟ ବଢ଼ାଇବା ସହିତ ଗର୍ଭଧାରଣ କରି ସନ୍ତାନ ଜାତ କରି ସନ୍ତାନ ଯତ୍ନ ନେଇ ପରିବାରକୁ ଆଗକୁ ନେଉଥିଲେ । କିନ୍ତୁ କାମବୋଝ ସହିତ ବାରମ୍ବାର ଗର୍ଭଧାରଣ ଓ ସନ୍ତାନ ଜନ୍ମ ଦ୍ୱାରା ପୁଷ୍ଟିହୀନତା ଓ ମାତୃ ମୃତ୍ୟୁହାର ବଢ଼ିଲା । ଫଳସ୍ୱରୂପ ପୁରୁଷଙ୍କ ଅନୁପାତରେ ମହିଳାଙ୍କ ଅନୁପାତ କମିଗଲା । ବୋଧ ହୁଏ ସେଥିପାଇଁ ଚାଷୀ ଓ କାରିଗର ପରିବାରରେ କନ୍ୟାମୂଲ୍ୟ ପ୍ରଥା ସୃଷ୍ଟି ହେଲା ଓ ବିଧବା ଓ ଛାଡପତ୍ର ପାଉଥିବା ମହିଳାଙ୍କ ପୁନଃ ବିବାହ ସ୍ୱୀକୃତ ହେଲା । ଅନ୍ୟ ପଟରେ ସମାଜର ଉଚ୍ଚ ବର୍ଗରେ ଯୌତୁକ ପ୍ରଥା ଥିଲା ଓ ବିଧବା ବିବାହ ନିଷିଦ୍ଧ ଥିଲା । ବିଧବା ମହିଳାଙ୍କୁ ସ୍ୱାମୀଙ୍କ ଚିତାଗ୍ନିରେ ଝାସ ଦେଇ ସତୀ ହେବାକୁ ପଡୁଥିଲା । ସମାଜ ପୁରୁଷ ପ୍ରଧାନ ଥିଲା । ପୁରୁଷ କିମ୍ବା ମହିଳା ବିବାହ ପରେ ବିଶ୍ୱାସଘାତ କଲେ ପୁରୁଷ ଓ ମହିଳାଙ୍କ ପରିବାର ପଞ୍ଚ ସାମନାରେ ବା ଜାତି ପଞ୍ଚାୟତରେ ନ୍ୟାୟ ପାଇଁ ଆବେଦନ କରିବାର ଅଧିକାର ଥିଲା କିନ୍ତୁ ବିଶ୍ୱାସଘାତକତା ପାଇଁ ପ୍ରାୟତଃ ମହିଳାଙ୍କୁ ହିଁ ଦାୟୀ କରାଯାଉଥିଲା । ପୁରୁଷ ପ୍ରଧାନ ସମାଜରେ ମହିଳାଙ୍କୁ ଗୁରୁତ୍ୱ ଦିଆଯାଉ ନ ଥିଲା । ତଥାପି କେତେକ ସ୍ଥାନରେ ସଂଭ୍ରାନ୍ତ ଶ୍ରେଣୀର ମହିଳା ପରିବାରରେ ସ୍ଥାବର ବ୍ୟବସାୟ, କିଣାବିକାରେ ସକ୍ରିୟ ଭାଗ ନେଉଥିଲେ । ଅନେକ ସ୍ଥାନରେ ମହିଳା ଜମିଦାର ହେବାର ମଧ ଉଦାହରଣ ଅଛି ଓ ମହିଳାମାନେ ନିଜ ନିଜର ପ୍ରତିଭା ଓ ବ୍ୟକ୍ତିତ୍ୱ ସ୍ୱାଧିନ ଭାବେ ଉପସ୍ଥାପନ କରିବାରେ ସକ୍ଷମ ହୋଇଛନ୍ତି ଯଥା- ଯୋଧାବାଈ, ନୁରଜାହାନ, ଜିଜାବାଈ, ଜାହାନାରା, ରୋସନାରା, ଦୁର୍ଗାବତୀ, କର୍ଣ୍ଣବତୀ, ତାରାବାଈ, ଗୁଲବଦନ ବେଗମ ।

ଜାହାଙ୍ଗୀରଙ୍କ ଶାସନ କାଳରେ ନୁରୁଜାହାନ୍ ସମସ୍ତ କାର୍ଯ୍ୟନିର୍ବାହ କରୁଥିଲେ, ଏପରିକି ସେ ଝରୋକାଦର୍ଶନରେ ଲୋକଙ୍କୁ ଦର୍ଶନ ଦେଉଥିଲେ ଓ ଆର୍ଥିକ ନିର୍ଣ୍ଣୟ ମଧ ସ୍ୱାଧିନ ଭାବେ ନେଉଥିଲେ । ଶାହାଜାହାନଙ୍କ ରାଜତ୍ୱ କାଳରେ ଜାହାଁନାରା ଓ ରୋଶନାରାଙ୍କୁ ମନସବଦାର ତୁଲ୍ୟ ମାନ୍ୟତା ଦିଆ ହେଉଥିଲା । ଜାହାଁନାରା ଚାନ୍ଦିନ ଚୌକର ରୂପରେଖ ତିଆରି କରିଥିଲେ । ବାବରଙ୍କ ଝିଅ ଗୁଲବଦନ ବେଗମ୍ ହୁମାୟୁନନାମା ପୁସ୍ତକ ଲେଖିଥିଲେ ।

**କଳା ଓ ସ୍ଥାପତ୍ୟ :**

ମୋଗଲ ଶାସକମାନଙ୍କ ସୌନ୍ଦର୍ଯ୍ୟ ବୋଧ ତୀକ୍ଷଣ ଓ ରୁଚି ସଂପନ୍ନ ଥିଲା । ତେଣୁ ସେମାନେ କଳା ଓ ସଂସ୍କୃତିର ପୃଷ୍ଠପୋଷକ ଭାବରେ କଳା ଓ ସ୍ଥାପତ୍ୟକୁ ଉନ୍ନତିର ଚରମ ସୀମା ସ୍ପର୍ଶ କରାଇ ଉତ୍କର୍ଷତାର ପରିଚୟ ଦେବାରେ ସହଯୋଗୀ ଥିଲେ । ମୋଗଲ ସମ୍ରାଟ ବାବର, ହୁମାୟୁନ ଓ ଆକବର ନିଜ ରାଜଧାନୀ ତଥା ରାଜ୍ୟର ଅନେକ ସ୍ଥାନରେ ସୌଧ ନିର୍ମାଣ ପାଇଁ ବିଦେଶରୁ ସ୍ଥପତିମାନଙ୍କୁ ଆଣିଥିଲେ । ଆଗ୍ରା, ପାନିପଥ, ଦିଲ୍ଲୀ, ତେଜପୁର, ସମ୍ଭଲ, ହିସାର ସହରମାନଙ୍କରେ ସ୍ଥପତିମାନଙ୍କ ସାହାଯ୍ୟରେ ସୌଧ ନିର୍ମାଣ କାମ ସଂପନ୍ନ କରିଥିଲେ । ଆଗ୍ରାଠାରେ ବାବରଙ୍କ ରାଜତ୍ୱ କାଳରେ ନିର୍ମିତ ରାମବାଗ ଓ ଯୋହରାବାଗ ନଗର ଉଦ୍ୟାନ ଦ୍ୱୟ ଚିତ୍ତାକର୍ଷକ ଶୈଳୀରେ ହୋଇଥିଲା । ହୁମାୟୁନଙ୍କ ସମାଧି ସୌଧ ମୋଗଲ ସ୍ଥାପତ୍ୟ କ୍ଷେତ୍ରରେ ନିପୁଣ କଳାର ପ୍ରତିନିଧି । ସ୍ଥପତିମାନେ

ବିଦେଶରୁ ଆସିଥିଲେ, କିନ୍ତୁ ମିସ୍ତ୍ରୀମାନେ ଭାରତର ଥିଲେ । ଫଳସ୍ୱରୂପ ସ୍ଥାନୀୟ ପ୍ରଚଳିତ ସ୍ଥାପତ୍ୟ ଗଠନ ପ୍ରଣାଳୀ ଓ କେନ୍ଦ୍ରିୟ ଏସିଆ ଅଞ୍ଚଳରୁ ଆସିଥିବା କାରିଗରି କୌଶଳର ସମନ୍ୱୟ ଓ ମିଶ୍ରଣ ପରିଲକ୍ଷିତ ହୁଏ । ହୁମାୟୁନଙ୍କ ସମାଧି ସୌଧ ଭାରତୀୟ ଓ ପାରସିକ ନିର୍ମାଣ ଶୈଳୀର ସମନ୍ୱୟର ଫଳ ଓ ସ୍ୱତନ୍ତ୍ର ମୋଗଲ ଶୈଳୀର ପ୍ରଥମ ଉଦାହରଣ କହିଲେ ଅତ୍ୟୁକ୍ତି ହେବନାହିଁ । ଏହା ହୁମାୟୁନଙ୍କ ପତ୍ନୀ ହମିଦାବାନୁ ବେଗମଙ୍କ ପୃଷ୍ଠପୋଷକତାରେ ପାରସୀୟ ନିର୍ମାତା ମିରଜା ଗିୟାସଙ୍କ ତତ୍ତ୍ୱାବଧାନରେ ସଂପନ୍ନ ହୋଇଥିଲା । ଏହାକୁ ପାରସିୟ ଅବବୋଧର ଭାରତୀୟ ପରିବେଶତାର ପ୍ରତିନିଧି କୁହାଯାଏ ।

ଆଗ୍ରା, ଫତେପୁର, ଆହ୍ଲାବାଦ ଓ ଲାହୋରଠାରେ ମୋଗଲ ସ୍ଥାପତ୍ୟର ଅନ୍ୟାନ୍ୟ ଉଦାହରଣ ଦେଖିବାକୁ ମିଳେ । ମୋଗଲ ସମ୍ରାଟ ଆକବର ନିଜର ରାଜଧାନୀ ଆଗ୍ରାକୁ ସୁସଜ୍ଜିତ କରିଥିଲେ । ଆଗ୍ରାର ବିଶାଳ ଲାଲ ଦୁର୍ଗ ତଥା ପ୍ରାସାଦ ଓ ତନ୍ମଧ୍ୟରେ ନିର୍ମିତ ବାସଗୃହ ଦରବାର, ଦିୱାନୀ-ଇ-ଆମ, ଦିୱାନୀ-ଇ-ଖାସ୍, ଆକବର ମହଲ ଇତ୍ୟାଦିରେ ପାରସିକ ସ୍ଥାପତ୍ୟ କଳାର ସ୍ତମ୍ଭ, କାନ୍ଥ ଓ ଛାତ ଓ ଭାରତୀୟ କଳାର ଖୋଦିତ ଓ ଚିତ୍ରଣ ଶୈଳୀ ତଥା ଖିଲାଣ, ତୋରଣ ଓ ଗମ୍ବୁଜ ଦେଖିବାକୁ ମିଳେ । ଭାରତୀୟ କାରିଗର, ମିସ୍ତ୍ରୀ ଓ ସ୍ଥପତିମାନଙ୍କ ସହିତ ପାରସିକ ସ୍ଥପତିଙ୍କ କଳାକୃତିର ରୂପ ହେଉଛି ଆଗ୍ରାର ଲାଲ ଦୁର୍ଗ । ଆକବରଙ୍କ ଶାସନ କାଳରେ ମୋଗଲ ସ୍ଥାପତ୍ୟ କଳା ବିସ୍ତୃତ ହେଲା । ଆଗ୍ରା ସହରର ପ୍ରାୟ ୪୦ କିଲୋମିଟର ପଶ୍ଚିମ ଦିଗରେ ଅବସ୍ଥିତ ଫତେପୁର ସିକ୍ରି ଉତ୍କୃଷ୍ଟ ମୋଗଲ ସ୍ଥାପତ୍ୟ କଳାର ଅନ୍ୟ ଏକ ବଳିଷ୍ଠ ଉଦାହରଣ । ଫତେପୁର ସିକ୍ରିର ଦକ୍ଷିଣ ପ୍ରବେଶ ଦ୍ୱାର ବୁଲନ୍ଦ ଦରୱାଜା ବା ବିଜୟ ଦ୍ୱାର ବୋଲି ନାମିତ ହୋଇଛି । ଏହା ଏକ ସୁବିଶାଳ ତୋରଣ । ଏହା ଲାଲ ଓ ହଳଦିଆ ମାଙ୍କଡା ପଥରରେ ତିଆରି ଓ ତନ୍ମଧ୍ୟରେ ଶଙ୍ଖମର୍ମର ପଥର ଖଚିତ ହୋଇଛି । ଅତିଉଚ୍ଚ ଅଳଙ୍କାର ପୂର୍ଣ୍ଣ ପ୍ରବେଶ ଦ୍ୱାରର ଗାମ୍ଭୀର୍ଯ୍ୟ ବଢାଇଛି ଏହାର ବାହାରୁ ଚଢିବାପାଇଁ ଥିବା ଉଚ୍ଚ ପାବଚ୍ଛ ଶ୍ରେଣୀ । ତୋରଣ ପ୍ରବେଶ ପରେ ପ୍ରଶସ୍ତ ପ୍ରାଙ୍ଗଣ, ଉପାସନା ସ୍ଥାନ, ଜାମା ମସଜିଦ୍, ଦିୱାନ-ଇ-ଆମ, ବାସଗୃହ ଓ ଅନ୍ୟାନ୍ୟ ସୁନିର୍ମିତ କୋଠାବାଡି ଯଥା ଯୋଧାବାଇ ମହଲ, ବୀରବଲ ମହଲ, ସୁଲତାନ ମହଲ, ମରିୟମ ମହଲ, ଇବାଦତ ଖାନା, ସଲିମ ଚିସ୍ତିଙ୍କ ମଜାର ଓ ପଞ୍ଚମହଲ । ଏଠାରେ ଥିବା ଲାଲ ରଙ୍ଗର ବାଲୁକା ପସ୍ତର ଓ ମର୍ମର ପଥରର ସୁସମନ୍ୱୟରେ ନିର୍ମିତ ସୌଧଗୁଡିକର କାରୁକାର୍ଯ୍ୟ ପ୍ରଂଶସନୀୟ । ଜାହାଙ୍ଗୀରଙ୍କ ଶାସନ କାଳରେ ସିକନ୍ଦରାଠାରେ ଆକବରଙ୍କ ସମାଧି ସୌଧ, ଲାହୋର ନିକଟସ୍ଥ ମୋତି ମସଜିଦ୍, ଇତ୍‌ମତଦୌଲାଙ୍କ ସମାଧି ସୌଧ ଇତ୍ୟାଦି ମୋଗଲ ସ୍ଥାପତ୍ୟ କଳାର ନିଦର୍ଶନ ।

ଶାହାଜାହାନଙ୍କ ଶାସନ କାଳରେ କଳା, ସ୍ଥାପତ୍ୟ, ଚିତ୍ରକଳା ଓ ସ୍ଥାପତ୍ୟର ଉତ୍କର୍ଷ ଦୃଷ୍ଟିଗୋଚର ହୁଏ । ଦିଲ୍ଲୀ, ଆଗ୍ରା, ଲାହୋର, ଅଜମେର, କାଶ୍ମୀର, ଅହମଦାବାଦ, କନ୍ଦାହାର ଇତ୍ୟାଦି ସହରରେ ଅନେକ ସୌଧ, ମସଜିଦ, ଅଟ୍ଟାଳିକା, ସମାଧି ଓ ଉଦ୍ୟାନ ନିର୍ମିତ ହୋଇଥିଲା । ତାଙ୍କ ଶାସନ କାଳରେ ପ୍ରାୟ ସମସ୍ତ ନିର୍ମାଣରେ ଲାଲ ପ୍ରସ୍ତର ସହିତ ମାର୍ବଲ ପ୍ରସ୍ତରର ବ୍ୟବହାର ଦେଖିବାକୁ ମିଳେ । ତାଙ୍କ ସମୟର ପ୍ରସିଦ୍ଧ ସ୍ଥାପତ୍ୟ କୀର୍ତ୍ତିମାନଙ୍କ ମଧ୍ୟରେ ଦିଲ୍ଲୀର ଲାଲ ଦୁର୍ଗ ଓ ପ୍ରାସାଦ, ଜୁମ୍ମା ମସଜିଦ ଅନ୍ୟତମ । ଲାଲଦୁର୍ଗ ମଧ୍ୟରେ ହୀରାମହଲ, ରଙ୍ଗମହଲ, ଦିୱାନ୍-ଇ-ଆମ, ଦିୱାନ-ଇ-ଖାସ ଓ ଦୁର୍ଗର ମଧ୍ୟ ଦେଶରେ ପ୍ରବହମାନ କୃତ୍ରିମ ଝରଣା ଯୁକ୍ତ ଉଦ୍ୟାନ ଚିତ୍ତାକର୍ଷକ

ଓ ଆକର୍ଷଣୀୟ । ଦିୱାନ-ଇ-ଖାସ ଅଳଙ୍କାର ମଣ୍ଡିତ ଥିଲା ଓ ମୂଲ୍ୟବାନ ପ୍ରସ୍ତର କାରୁକାର୍ଯ୍ୟ ପ୍ରାଚୁର୍ଯ୍ୟ ଭରା ଥିଲା । ଧଳା ମାର୍ବଲ ମଧ୍ୟରେ ନୀଳ, ହଳଦିଆ, ଲାଲ ଦାମିକା ପଥର କାମ ନୂତନତ୍ୱ ସୃଷ୍ଟି କଲା ଓ ନୀଳମଣି, କ୍ୱାର୍ଟଜପଥର ଓ ପୋଖରାଜ ପଥର ଖଚିତ କାମ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଥିଲା । ଲାଲଦୁର୍ଗର ସମ୍ମୁଖ ପଟରେ ଅଳ୍ପ ଦୂରରେ ଅବସ୍ଥିତ ଜୁମ୍ମାମସଜିଦ ବିଶାଳ ହେଲେ ମଧ୍ୟ ସୌନ୍ଦର୍ଯ୍ୟଭରା ଓ ଆକର୍ଷଣୀୟ ହୋଇଥିବାରୁ ସ୍ଥପତିମାନଙ୍କ ଉତ୍କର୍ଷତା ପ୍ରତିପାଦନ କରେ ।

ଶାହାଜାହାନଙ୍କ ଶାସନ କାଳରେ ଉତ୍କୃଷ୍ଟ କାରୁକାର୍ଯ୍ୟର ଅନ୍ୟ ଏକ ନିଦର୍ଶନ ବିଖ୍ୟାତ ଅନୁପମ ମୟୂର ସିଂହାସନ । ହୀରା, ନୀଳା, ମଣି, ମାଣିକ୍ୟ ପ୍ରଭୃତି ବହୁ ମୂଲ୍ୟବାନ ଧାତୁ ପଥର ଖଚିତ ବାରଗୋଟି ସ୍ତମ୍ଭ ଆଧାରିତ ୧୧ ଫୁଟ ଲମ୍ବ ୭ଫୁଟ୍ ଓସାର ଓ ୧୫ଫୁଟ୍ ଉଚ୍ଚତା ସିଂହାସନ ଉପରେ ଏକ ସ୍ୱର୍ଣ୍ଣ ଖଚିତ ଛତ୍ର ଥିଲା । ଏହା ବିଦେଶୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ।

ଶାହାଜାହାନଙ୍କ ଅନନ୍ୟ ସ୍ଥାପତ୍ୟ କୀର୍ତ୍ତିର ନିଦର୍ଶନ ନିଶ୍ଚିତ ରୂପେ ଆଗ୍ରା ନଗରୀ ଯମୁନା ନଦୀ କୂଳରେ ସ୍ଥିତ ଶଙ୍ଖ ମର୍ମର ପଥରରେ ନିର୍ମିତ ସୌନ୍ଦର୍ଯ୍ୟମୟୀ ସମାଧି ସୌଧ ତାଜମହଲ । ଏହାର ଗଠନ ଶୈଳୀ ମନମୁଗ୍ଧକର । ଏହା ଏକ ଅତିବୃହତ ସୌଧ ହେବା ସତ୍ତ୍ୱେ ଏହାର ଗଠନରେ ସମତା ଓ ମାଧୁର୍ଯ୍ୟ ସୌନ୍ଦର୍ଯ୍ୟକୁ ବୃଦ୍ଧି କରେ ଓ ସର୍ବୋପରି ସୌଧ ମଧ୍ୟରେ ସୂକ୍ଷ୍ମ ଚାରୁକଳା, ମର୍ମର ପଥରରେ ପରଦାକାମ ଅବିଶ୍ୱାସନୀୟ ହୋଇଥିବାରୁ ଏହାକୁ ଶଙ୍ଖ ମର୍ମର ପଥରର ସ୍ୱପ୍ନ (Dream in marble) ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି । ବାହ୍ୟ ସୌନ୍ଦର୍ଯ୍ୟ ତଥା ଆଭ୍ୟନ୍ତରୀଣ ସୂକ୍ଷ୍ମକଳାର ସମନ୍ୱୟ ତାଜମହଲ ସୌଧ ଅନନ୍ୟ ସ୍ଥାପତ୍ୟର ଗୌରବ ପ୍ରାପ୍ତ ।

ଆଉରଙ୍ଗଜେବଙ୍କ ଶାସନ କାଳରେ ଓ ତାଙ୍କ ପରେ ସ୍ଥାପତ୍ୟ କଳାକୁ ପ୍ରୋତ୍ସାହନ ପ୍ରାୟ ବନ୍ଦ ହୋଇଗଲା । ତଥାପି ଔରଙ୍ଗାବାଦ ଠାରେ ରାବିଆଙ୍କ ସମାଧି ସୌଧ, ଲାହୋରଠାରେ ବାଦଶାହି ମସଜିଦ ଓ ଦିଲ୍ଲୀ ଲାଲ ଦୁର୍ଗ ମଧ୍ୟରେ ମୋତି ମସଜିଦ ମୋଗଲ ସ୍ଥାପତ୍ୟ କଳାର ଉତକର୍ଷ ପ୍ରତିପାଦନ କରେ । ମୋଗଲ ଶାସନ କାଳର ଶେଷ ସ୍ଥାପତ୍ୟ ଦିଲ୍ଲୀଠାରେ ଅବସ୍ଥିତ ସଫଦରଜଙ୍ଗ ସମାଧି ସୌଧ । ଏହି ସମାଧିର ମୁଖ୍ୟ ସୌଧ ସମ୍ମୁଖରେ ତୋରଣ, ରାସ୍ତା ଓ ସୌଧର ଚାରି ପାଖରେ ଥିବା ଉଦ୍ୟାନ ସୌଧକୁ ମନୋମୁଗ୍ଧ କର ।

## ଚିତ୍ରକଳା :

ମୋଗଲ ଶାସନ କାଳରେ ଚିତ୍ରକଳା ଉନ୍ନତି ଲାଭ କରିଥିଲା । ମୋଗଲ ଶାସନ ପୂର୍ବରୁ ଭାରତରେ ଚିତ୍ରକଳାର ଏକ ଜୀବନ୍ତ ପରମ୍ପରା ଥିଲା ମୁଖ୍ୟତଃ ପାଣ୍ଡୁଲିପି ରଚନାରେ ଉଜ୍ଜ୍ୱଳ ରଙ୍ଗ ଚିତ୍ରର ବ୍ୟବହାର । ହୁମାୟୁନଙ୍କ ଶାସନ କାଳରେ ମୋଗଲ ଚିତ୍ରକଳାର ବୈଶିଷ୍ଟ୍ୟ ବିକଶିତ ହେଲା । ସେ ୪୨ ଫୁଟ୍ ବର୍ଗ କ୍ଷେତ୍ର କନାର କାନ୍‌ଭାସ "ତିମୁର ପରିବାରର ରାଜକୁମାର ଗଣ" ଉପରେ ଚିତ୍ରକଳା ପ୍ରସ୍ତୁତ କରିଥିଲେ ଯାହାର ବିଷୟବସ୍ତୁ ଥିଲା ପାଞ୍ଚଫୁଟ୍ ବର୍ଗକ୍ଷେତ୍ର ବିଶିଷ୍ଟ କପଡା କାନ୍‌ଭାସ ଦେହରେ ତୈଳଚିତ୍ର । ଚିତ୍ରକଳା ପ୍ରତି ଆକବରଙ୍କ ପ୍ରଭୂତ ଆଗ୍ରହ ଚିତ୍ରକଳାକୁ ପ୍ରୋତ୍ସାହନ ଦେଉଥିଲା । ସେ ରାଜାଶ୍ରିତ ଚିତ୍ରଶାଳା ତସବିରଖାନା ସ୍ଥାପନ କରି ଚିତ୍ରକରମାନଙ୍କୁ ନିଯୁକ୍ତି ଦେଇଥିଲେ । ଚିତ୍ରକଳା ପାଇଁ ଭାରତୀୟ କନାର ବ୍ୟବହାର ଓ ଚିତ୍ରକରଙ୍କ କନାର ପୃଷ୍ଠଦପଟ ଦୃଶ୍ୟରେ

ସମତୁଲ ବ୍ୟବଧାନରେ ଜୀବନ୍ତ ବାସ୍ତବ ବିଷୟବସ୍ତୁ ଉପସ୍ଥାପନ ଓ ପତ୍ର ପୁଷ୍ପ ଓ ପ୍ରସ୍ଫୁଟିତ ଫୁଲ ପେନ୍ଥାର ବହୁଳ ଚିତ୍ରଣ ମୋଗଲ ଚିତ୍ରକଳାରେ ଉଭୟ ଭାରତୀୟ ଓ ପାରସୀୟ ପରମ୍ପରାର ସମ୍ମେଳନ ପରିଲକ୍ଷିତ ହୁଏ । ଜାହାଙ୍ଗୀର ଶାସନ କାଳରେ ଚିତ୍ରକଳାରେ ମୃଗୟା ଦୃଶ୍ୟ, ପଶୁପକ୍ଷୀ ଓ ପୁଷ୍ପଲତାର ଚିତ୍ର ବହୁଳଭାବରେ ଦେଖିବାକୁ ମିଳେ । ତସବିରଖାନା ବ୍ୟତୀତ ଜାହାଙ୍ଗୀରଙ୍କ ବ୍ୟକ୍ତିଗତ ଚିତ୍ରକାର କର୍ମଶାଳା ଥିଲା ।

ଶାହାଜାହାନଙ୍କ ଶାସନ କାଳରେ ମୋଗଲ ଚିତ୍ରକଳାକୁ ଅଧିକ ରଙ୍ଗୀନ ସୁନ୍ଦର ଓ ସୁଶୋଭିତ କରିବା ପାଇଁ ସ୍ୱର୍ଣ୍ଣ ଓ ଉଜ୍ଜ୍ୱଳ ରଙ୍ଗର ବ୍ୟବହାର ହେଲା । ଶାହାଜାହାନଙ୍କ ପରବର୍ତ୍ତୀ ମୋଗଲ ଶାସକ ମାନେ ଚିତ୍ରକଳାକୁ ପ୍ରୋତ୍ସାହନ ଦେଇନଥିଲେ । କିନ୍ତୁ ଭାରତର ଦାକ୍ଷିଣାତ୍ୟରେ ଓ ରାଜସ୍ଥାନରେ ଚିତ୍ରକଳା ସ୍ୱକୀୟ ପରମ୍ପରା ଶୈଳୀ ସହିତ ନିଜ ନିଜର ପରିଚୟ ସୃଷ୍ଟି କରିଥିଲେ ।

### ଦିନ୍-ଇ-ଇଲାହୀ :

ମୋଗଲ ଶାସକମାନେ ପ୍ରାରମ୍ଭରୁ ଅନୁଭବ କଲେ ଯେ ଭାରତ ଉପମହାଦେଶରେ ଶାସନ କରିବା ପାଇଁ ଉଦାରବାଦୀ ତଥା ସମନ୍ୱୟକାରୀ ପରିବର୍ତ୍ତନକ୍ଷମ ଧର୍ମ ନୀତି ହିଁ ଉପଯୁକ୍ତ ଶାସନ କୌଶଳ । ସେମାନେ ନିଜକୁ ଓ ନିଜ ଶାସନକୁ ବୈଧ ଓ ନ୍ୟାୟ ସଂଗତ ଓ ଯଥାର୍ଥ ବୋଲି ପ୍ରମାଣିତ କରି ସର୍ବସାଧାରଣଙ୍କ ଗ୍ରହଣୀୟ ହେବାପାଇଁ ପ୍ରଚେଷ୍ଟା କରିଥିଲେ । ସେମାନେ ଅନୁଭବ କଲେ ଯେ ଭାରତ ମହାଦେଶରେ ଅଣ ମୁସଲମାନମାନଙ୍କ ସଂଖ୍ୟା ଅଧିକ, ତା ବ୍ୟତୀତ ତାଙ୍କ ସହିତ ସାମରିକ ଶାସନ ବଳରେ ତୁର୍କ, ଆଫଗାନ, ଆରବ, ରାଜପୁତ, ମରହଟ୍ଟା ଅଛନ୍ତି ଓ ଗ୍ରାମାଞ୍ଚଳରେ ଅଧିକାଂଶ ଜମିଦାର ଓ ରାଜା ହିନ୍ଦୁ ଅଟନ୍ତି । ସେଥିପାଇଁ ରକ୍ଷଣଶୀଳ ଉଲେମାମାନଙ୍କ ଧାର୍ମିକ ମୌଳବାଦ ନୀତି ପ୍ରଯୁଜ୍ୟ ନୁହେଁ । ସୌଭାଗ୍ୟବଶତଃ ପଞ୍ଚଦଶ ଓ ଷୋଡ଼ଶ ଶତାବ୍ଦୀରେ ଭାରତରେ ସୁଫି ଓ ଭକ୍ତି ପରମ୍ପରାର ଉଦାର ନୀତି ଗଣ ଆନ୍ଦୋଳନରେ ପରିଣତ ହେଲା । ସେଥିପାଇଁ କୁହାଯାଏ ମୋଗଲ ସମ୍ରାଟ ଆକବର କେବଳ ପଞ୍ଚଦଶ ଶତାବ୍ଦୀରେ ଜନ୍ମଗ୍ରହଣ କରି ନ ଥିଲେ ସେ ଥିଲେ ଶତାବ୍ଦୀର ପ୍ରକୃତ ପ୍ରତିନିଧି । ତାଙ୍କର ଶାସନ କାଳରେ ତାଙ୍କ ମାତା ପିତା ତଥା ରାଜପୁତ ରାଣା ତାଙ୍କୁ ସହଯୋଗ ଓ ସାହାଯ୍ୟ କରିଥିଲେ । ତେଣୁ ନିଜକୁ ଋଣି ବୋଲି ଅନୁଭବ କରୁଥିଲେ । ତାଙ୍କର ମାତା ହମିଦାବାନୁ ବେଗମ ଓ ଶିକ୍ଷକ ଅବଦୁଲ ଲତିଫ ତାଙ୍କୁ ସହନଶୀଳତା ଓ ଉଦାରତା ଶିକ୍ଷା ଦେଇଥିଲେ । ତାଙ୍କ ମନରେ ଏହା ଗଭୀର ପ୍ରଭାବ ପକାଇଥିଲା । ବୟସ୍କ ହେଲା ପରେ ନିଜ ଜ୍ଞାନ, ବୁଦ୍ଧି ଓ ଅନୁଭବରୁ ସିଦ୍ଧାନ୍ତରେ ପହଞ୍ଚିଲେ ଯେ ଭାରତରେ ବିଭିନ୍ନ ଧର୍ମ ଯଥା ହିନ୍ଦୁ, ଜୈନ, ବୌଦ୍ଧ, ଇସଲାମ, ଖ୍ରୀଷ୍ଟିଆନ, ଜୋରାଷ୍ଟୋରୀୟ ତଥା ବିଭିନ୍ନ ଧର୍ମାବଲମ୍ବୀ ଗୋଷ୍ଠୀ ବସବାସ କରୁଛନ୍ତି । ସେଥିପାଇଁ ଦେଶର ଶାନ୍ତି, ସୌହାର୍ଦ୍ଦ୍ୟ ଓ ସ୍ଥିରତା ପାଇଁ ଧର୍ମ, ସମ୍ପ୍ରଦାୟ ଓ ଗୋଷ୍ଠୀର ଊର୍ଦ୍ଧ୍ୱକୁ ଯାଇ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ଓ ସଂପର୍କ ସ୍ଥାପନ କରି ଶାନ୍ତି ଓ ନ୍ୟାୟ ପ୍ରଦାନ ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ସମ୍ରାଟର ପ୍ରଧାନ କର୍ତ୍ତବ୍ୟ ଓ ଲକ୍ଷ୍ୟ । ଏହା ରାଜନୈତିକ ଦୃଷ୍ଟିକୋଣରୁ ମଧ୍ୟ ଜରୁରୀ ଥିଲା । ତେଣୁ ସେ ଯେଉଁ ନୀତି ଗ୍ରହଣ କରିଥିଲେ ତାହାକୁ ଆବୁଲଫାଜଲ ନାମ ଦେଇଛନ୍ତି ସୁଲେହ-ଇ-କୁଲ ବା ସାର୍ବଜନୀନ ଉଦାରତା । ସୁଲେହ-ଇ-କୁଲ ନୀତିରେ ସମସ୍ତ ଧର୍ମ ଓ ବିଚାରଧାରାର ପ୍ରଚାର ଓ ପ୍ରକାଶର ସ୍ୱାଧୀନତା ସ୍ୱୀକାର୍ଯ୍ୟ ଯଦି ସେମାନେ ନିଜ ନିଜ ମଧ୍ୟରେ କଳହ ନ କରନ୍ତି ଓ ମୋଗଲ ସମ୍ରାଟଙ୍କ କ୍ଷମତାକୁ ସଂପୂର୍ଣ୍ଣ ରୂପେ ସ୍ୱୀକାର କରି ଗ୍ରହଣ କରନ୍ତି ।

ସୁଲେହ-ଇ-କୁଲ ନୀତି ଆଧାରରେ ଆକବର ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ମନସବଦାର ଓ ଜାଗିରଦାର ପରି ଉଚ୍ଚ ସାମରିକ ତଥା ବେସାମରିକ ପଦପଦବୀରେ ସ୍ଥାପନ କରି ପୁରସ୍କାର ଦେଉଥିଲେ ଯଦି ସେ ବିଶ୍ୱସ୍ତ ହୋଇଥିବ, ଯୋଗ୍ୟତା ଥିବ ଓ ମୋଗଲ ସାମ୍ରାଜ୍ୟକୁ ସେବା ପ୍ରଦାନ ପାଇଁ ପ୍ରତିଶ୍ରୁତିବଦ୍ଧ ହେବ। ସେ ଅନୁଭବ କଲେ ଯେ ଅଣମୁସଲମାନମାନଙ୍କ ଠାରୁ ଆଦାୟ ହଉଥିବା ତୀର୍ଥଯାତ୍ରୀ କର ଓ ଜିଜିଆ କର ପାତର ଅନ୍ତର ବିଚାର ଉପରେ ଆଧାରିତ। ସେ ତୀର୍ଥଯାତ୍ରୀ କରକୁ ୧୫୬୩ ଓ ଜିଜିଆ କରକୁ ୧୫୬୪ ଖ୍ରୀଷ୍ଟାବ୍ଦରେ ଉଚ୍ଛେଦ କରିଥିଲେ। ଦେଶର ଶାସନ କ୍ଷେତ୍ରରେ ସୁଲେହ-ଇ-କୁଲ ଆଚରଣ ବଧି ପାଳନ କରିବା ପାଇଁ ରାଜ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଭାରତୀୟ ରାଜପୁତମାନଙ୍କ ସହିତ ବୈବାହିକ ସମ୍ବନ୍ଧ, ରାଣା ମାନ ସିଂ, ରାଣା ବିହାରୀମଲଙ୍କ ମନସବଦାର ରୂପେ ସ୍ଥାପନ ନିଶ୍ଚିତ ରୂପେ ପ୍ରଭାବ ପକାଇଥିବ ଆକବରଙ୍କ ଚିନ୍ତାଧାରାରେ। ଆବୁଲଫାଜଲଙ୍କ ସୂଚନା ଅନୁସାରେ ହାରେମ ବା ପବିତ୍ର ରାଣୀ ମହଲରେ ଆତିସ ପରସ୍ତି ବା ସୂର୍ଯ୍ୟ ଓ ଅଗ୍ନି ପୂଜା ପାଇଁ ହୋମ ହେଉଥିଲା। ସନ୍ଧ୍ୟା ସମୟରେ ଆଲୋକବତୀ ଜଳିଲେ ସଭାସଦ୍‌ମାନେ ଛିଡା ହୋଇ ସମ୍ମାନ ଜଣାଉଥିଲେ। ଆକବରଙ୍କ ଦରବାରର ଆବୁଲଫାଜଲ, ଫୈଜି, ଟୋଡରମଲ ତଥା ବୀରବଲ ପରି ଜ୍ଞାନୀ ଓ ବିଜ୍ଞମାନଙ୍କ ଉଦାର ଚିନ୍ତାଧାରାର ପ୍ରଭାବ ନିଶ୍ଚିତ ଭାବେ ସମ୍ରାଟଙ୍କ ଉପରେ ପଡିଥିବ।

୧୫୭୫ ଖ୍ରୀଷ୍ଟାବ୍ଦରେ ଆକବର ଧାର୍ମିକ ଜ୍ଞାନ ଓ ଧର୍ମର ସାରମର୍ମ ଅନ୍ୱେଷଣ ପଥରେ ଆଗେଇବା ପାଇଁ ଫତେପୁର ସିକ୍ରିଠାରେ ଇବାଦତ୍ ଖାନାକୁ ବା ଉପାସନା ଗୃହକୁ ବିଭିନ୍ନ ଧର୍ମର ବିଶେଷଜ୍ଞ ମାନଙ୍କୁ ନିମନ୍ତ୍ରଣ ଦେଇ ସେମାନଙ୍କ ମଧ୍ୟରେ ମତର ଆଦାନ ପ୍ରଦାନ ଓ ତର୍କ ବିତର୍କ ପାଇଁ ପରିବେଶ ସୃଷ୍ଟି କରିଥିଲେ। ହିନ୍ଦୁ, ଖ୍ରୀଷ୍ଟିୟାନ, ଇସଲାମ, ବୌଦ୍ଧ, ଜୈନ, ଇହୁଦୀ, ଜୋରାଷ୍ଟରୀୟ ଜ୍ଞାନୀ ଗୁଣୀ ବିଶେଷଜ୍ଞ ମାନେ ଏକତ୍ରିତ ହୋଇ ନିଜ ନିଜର ଧର୍ମ ବିଶ୍ୱାସର ନୈତିକ ଉତ୍କର୍ଷତା ଉପସ୍ଥାପନ କରିଥିଲେ। ଆକବର ସେମାନଙ୍କଠାରୁ ପ୍ରଶ୍ନ ଉତ୍ତର ମାଧ୍ୟମରେ ଜ୍ଞାନ ଆହରଣ କଲେ ଓ ନିଜର ସୁଚିନ୍ତିତ ଧାର୍ମିକ ମତକୁ ପୂର୍ଣ୍ଣ ବିକଶିତ କଲେ। ସେ ପାରମ୍ପରିକ ଇସଲାମୀୟ ଧର୍ମବିଶ୍ୱାସରୁ ଦୂରେଇ ରହି ନିଜସ୍ୱ ସାରଗ୍ରାହୀ ଧର୍ମଧାରାର ନିର୍ଦ୍ଦିଷ୍ଟ ପଦ୍ଧତି ଓ ଶିଷ୍ଟାଚାର ପାଳନ କରିଥିଲେ। ସେ ଆନୁଷ୍ଠାନିକ ଭାବେ ନିଜକୁ ମୁଜାହିଦ ଓ ଇମାମ ଅଦିଲ ବୋଲି ଘୋଷଣା କଲେ, ଯଦ୍ୱାରା ବୈଧାନିକ ପ୍ରଶ୍ନ ବ୍ୟାଖ୍ୟା କରିବାରେ ଉଲେମାମାନଙ୍କ ମଧ୍ୟରେ ମତ ପାର୍ଥକ୍ୟ ଜନ୍ମିଲେ ସମ୍ରାଟ ଶେଷ ନିଷ୍ପତ୍ତି ନେବାର ଅଧିକାର ପାଇଲେ। ଏ ଘୋଷଣା ଫଳରେ ଆକବରଙ୍କୁ ପ୍ରତିବାଦ ଓ ବିଦ୍ରୋହର ସମ୍ମୁଖୀନ ହେବାକୁ ପଡିଥିଲା। ଶେଷରେ ଆକବର ସଫଳ ହେଲେ ପ୍ରତିବାଦକୁ ନିଷ୍କ୍ରିୟ କରିବାରେ ଓ ମୌଳବାଦୀ ଉଲେମାମାନଙ୍କ ଆଧିପତ୍ୟ ନିୟନ୍ତ୍ରଣ କରିବାରେ ।

ଆକବର ନିଜର ଆଧ୍ୟାତ୍ମିକ ଜ୍ଞାନ ମତକୁ ନିଜର ଅନୁରକ୍ତମାନଙ୍କ ମଧ୍ୟରେ ପ୍ରସାରଣ କଲେ। ତାହାର ନାମ ହେଲା ତାଉହିଦ-ଇ-ଇଲାହୀ। ଏହା ଏକ ନୂତନ ଧର୍ମ ନଥିଲା କିମ୍ବା ଏହାର କୌଣସି ତୀର୍ଥ ସ୍ଥାନ, ପୁରୋହିତ କିମ୍ବା ଧର୍ମଗ୍ରନ୍ଥ ନଥିଲା।

ଆକବରଙ୍କ ତାଉହିଦ୍-ଇ-ଇଲାହୀକୁ ପରବର୍ତ୍ତୀ କାଳରେ ଐତିହାସିକମାନେ ଭୁଲବଶତଃ ଦୀନ-ଇ-ଇଲାହୀ ବା ଏକେଶ୍ୱରବାଦ (Divine Monotheism) ବୋଲି ଆଖ୍ୟା ଦେଲେ। ସାମ୍ରାଜ୍ୟବାଦ ରାଜନୈତିକ, ସାମାଜିକ ଓ ଧାର୍ମିକ ସମଷ୍ଟିକୁ ଦୃଢ଼ ସମଷ୍ଟିଭୁକ୍ତ କରିବା ପାଇଁ ଆକବର ଧର୍ମର ସାହାଯ୍ୟ କିମ୍ବା ଭେଦଭାବ ନୀତି ଅବଲମ୍ବନ କରିନଥିଲେ ବରଂ ସେ କେବେ ବି ପଛଘୁଞ୍ଚା ଦେଉ ନ ଥିଲେ ଦୃଢ଼ ନିଷ୍ପତ୍ତି ନେଇ ପଦକ୍ଷେପ ନେବାରେ ଯଦି ତାଙ୍କର କ୍ଷମତା ଓ ପଦବୀ କିଏ ଆଘାତ କିମ୍ବା ପ୍ରତିରୋଧ କରେ। କୌଣସି ବିଶ୍ୱାସ ବା ଧର୍ମମତ ଯଦି ନିଜ ନିଜର ସାମାଜିକ ଓ ଆଦର୍ଶଗତ ମୂଲ୍ୟବୋଧର ସୀମା ଲଂଘନ କରେ ଯଦ୍ୱାରା ସମ୍ରାଟ କିମ୍ବା ସାମ୍ରାଜ୍ୟର କ୍ଷମତା ଓ ପଦବୀ ପ୍ରତି ଆଶଙ୍କା ସୃଷ୍ଟି କରେ ତା ହେଲେ ଆକବର ସେମାନଙ୍କ ବିରୁଦ୍ଧରେ ଦୃଢ଼ ଓ କଠିନ ପଦକ୍ଷେପ ନେବାକୁ ପଛଘୁଞ୍ଚା ଦେଉନଥିଲେ। ସେ ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ଏକତା ପାଇଁ ଏକ ଉଦାର ସହନଶୀଳ ଆଦର୍ଶ ପରିବେଶ ସୃଷ୍ଟି କରିବାକୁ ପ୍ରୟାସ କରିଥିଲେ। ଏହା ଏକ ନୂତନ ଧର୍ମର ପ୍ରତିଷ୍ଠା ନଥିଲା। ଆକବରଙ୍କ ମୃତ୍ୟୁ ପରେ ତାଙ୍କର ପ୍ରୟାସକୁ ଆଗକୁ ନେବା ପାଇଁ ତାଙ୍କର ଉତ୍ତରାଧିକାରୀମାନେ ପ୍ରୟାସ କରିନଥିଲେ।

## ସାରାଂଶ

ଜହିରୁଦ୍ଦିନ୍ ମହମ୍ମଦ ବାବର ଦିଲ୍ଲୀର ସୁଲତାନ ଇବ୍ରାହିମ ଲୋଦୀଙ୍କୁ ପାନିପଥ ଯୁଦ୍ଧରେ ୧୫୨୬ ଖ୍ରୀଷ୍ଟାବ୍ଦରେ ପରାସ୍ତ କରି ମୋଗଲ ସାମ୍ରାଜ୍ୟର ସ୍ଥାପନ କଲେ। ବାବର ଓ ତାଙ୍କର ଉତ୍ତରାଧିକାରୀମାନେ ଭାରତ ଉପମହାଦେଶରେ ଆଞ୍ଚଳିକ ରାଜ୍ୟମାନଙ୍କୁ ଜୟ କରି ଓ ଆଞ୍ଚଳିକ ମୁଖ୍ୟଙ୍କ ସହିତ ସନ୍ଧି ଓ ସଂପର୍କ ସ୍ଥାପନ ସହ ସାମ୍ରାଜ୍ୟକୁ ବିସ୍ତାର ଓ ସମୃଦ୍ଧ କରି ଗୌରବ ଅର୍ଜନ କଲେ। ୧୫୨୬ ଖ୍ରୀଷ୍ଟାବ୍ଦରୁ ୧୭୫୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ୧୫୪୦ରୁ ୧୫୫୫ ବ୍ୟତୀତ ସେମାନଙ୍କ ଶାସନ ବଳବତ୍ତର ରହିଲା ଓ ମୋଗଲ ସାମ୍ରାଜ୍ୟ ରୂପେ ପରିଚୟ ଲାଭ କଲା। ମୋଗଲ ଶାସନ କାଳରେ କଳା ଓ ସ୍ଥାପତ୍ୟର ଅଭୂତପୂର୍ବ ଉନ୍ନତି ହୋଇଥିଲା। ଆକବରଙ୍କ ଶାସନ କାଳରେ ସୁଲେହ-ଇ-କୁଲ ନୀତିରେ ସମସ୍ତ ଧର୍ମ ଓ ବିଚାରଧାରାର ପ୍ରଚାର ପ୍ରସାର ସ୍ୱାଧୀନତା ସ୍ୱୀକାର୍ଯ୍ୟ ଯଦି ସେମାନେ ନିଜ ନିଜ ମଧ୍ୟରେ କଳହ ନକରନ୍ତି ଓ ମୋଗଲ ସମ୍ରାଟଙ୍କ କ୍ଷମତାକୁ ସଂପୂର୍ଣ୍ଣ ରୂପେ ଗ୍ରହଣ କରି ସ୍ୱୀକାର କରନ୍ତି।

## ଆଦର୍ଶ ପ୍ରଶ୍ନାବଳୀ

### 'କ' ବିଭାଗ

### (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର)

୧. ପ୍ରତ୍ୟେକ ପ୍ରଶ୍ନ ପାଇଁ ଦିଆଯାଇଥିବା ଚାରୋଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତର ବାଛି ଲେଖ ।

(କ) ଭାରତରେ ମୋଗଲ ସାମ୍ରାଜ୍ୟର ପ୍ରତିଷ୍ଠାତା କିଏ ଥିଲେ ?

(i) ବାବର (ii) ଆକବର
(iii) ଜାହାଙ୍ଗୀର (iv) ଶାହାଜାହାନ

(ଖ) କେଉଁ ମୋଗଲ ରମଣୀ ଝରୋକାଦର୍ଶନ ଦେଉଥିଲେ ?

(i) ଜାହାଁନାରା ବେଗମ୍ (ii) ରୋଶନାରା ବେଗମ୍
(iii) ମମତାଜ ମହଲ (iv) ନୁରଜାହାଁନ୍

(ଗ) ବୁଲନ୍ଦ ଦରୱାଜା କେଉଁଠାରେ ଅବସ୍ଥିତ ?

(i) ଦିଲ୍ଲୀ (ii) ଆଗ୍ରା
(iii) ଫତେପୁର ସିକ୍ରି (iv) ଲାହୋର

(ଘ) କେଉଁ ମୋଗଲ ସମ୍ରାଟ ନିଜକୁ ଇମାମ ଅଦିଲ ବୋଲି ଘୋଷଣା କରିଥିଲେ ?

(i) ବାବର (ii) ହୁମାୟୁନ୍
(iii) ଆକବର (iv) ଆଉରଙ୍ଗଜେବ

(ଙ) ଆକବର ଜିଜିଆକରକୁ କେବେ ଉଚ୍ଛେଦ କରିଥିଲେ ?

(i) ଖ୍ରୀ. ୧୫୫୬ (ii) ଖ୍ରୀ ୧୫୬୩
(iii) ଖ୍ରୀ. ୧୫୬୪ (iv) ଖ୍ରୀ. ୧୫୭୫

୨. ଶୂନ୍ୟସ୍ଥାନ ପୂରଣ କର ।

(କ) ବାବର ମଙ୍ଗୋଲ ଶାସକ ____________ ଙ୍କର ବଂଶଧର ଥିଲେ ।

(ଖ) ନିଜ ଗ୍ରାମରେ ଚାଷ କରୁଥିବା ଚାଷୀଙ୍କୁ ____________ କୁହାଯାଉଥିଲା ।

(ଗ) ହୁମାୟୁନ୍ ନାମା ____________ ରଚନା କରିଥିଲେ ।

(ଘ) ____________ କୁ ଶଙ୍ଖମର୍ମର ପଥରର ସ୍ୱପ୍ନ କୁହାଯାଏ ।

(ଙ) ____________ ମୟୂର ସିଂହାସନ ନିର୍ମାଣ କରାଇଥିଲେ ।

## 'ଖ' ବିଭାଗ

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇ ବା ତିନୋଟି ବାକ୍ୟରେ ଲେଖ। (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର)**

(କ) ମୋଗଲ ସାମ୍ରାଜ୍ୟର ପ୍ରତିଷ୍ଠାତାଙ୍କ ଜନ୍ମ ସ୍ଥାନର ନାମ ଲେଖ। ସେ କାହାର ବଂଶଧର ଥିଲେ ?

(ଖ) ବାବର ଇବ୍ରାହିମ୍ ଲୋଦୀଙ୍କୁ ପାନିପଥ ଯୁଦ୍ଧରେ କେଉଁ ଖ୍ରୀଷ୍ଟାବ୍ଦରେ ପରାସ୍ତ କରିଥିଲେ ?

(ଗ) ମୋଗଲ ସାମ୍ରାଜ୍ୟ କେଉଁ ଖ୍ରୀଷ୍ଟାବ୍ଦରୁ କେଉଁ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା ?

(ଘ) ମୋଗଲ ଯୁଗରେ ଗ୍ରାମର ମୁଖିଆଙ୍କୁ କ'ଣ କୁହାଯାଉଥିଲା ?

(ଙ) ମୋଗଲ ଯୁଗରେ ଗ୍ରାମର ମୁଖିଆ କେଉଁ ସର୍ତ୍ତରେ ଚାଷ ଜମି ଭୋଗ କରୁଥିଲେ ?

(ଚ) ମୋଗଲ ଯୁଗରେ ଆଦିବାସୀମାନେ ଶାସକଙ୍କୁ କ'ଣ ଯୋଗାଉଥିଲେ ?

(ଛ) ମୋଗଲ ଯୁଗରେ ଜମିଦାର ଶ୍ରେଣୀ କାହା ଉପରେ ନିର୍ଭର କରି ଚଳୁଥିଲେ ?

(ଜ) ମୋଗଲ ଯୁଗର ସାମରିକ ତଥା ଅମଲାତାନ୍ତ୍ରିକ ବ୍ୟବସ୍ଥାରେ ଉଚ୍ଚ ପଦାଧିକାରୀଙ୍କୁ କେଉଁ ନାମରେ ନାମିତ କରାହୋଇଥିଲା ?

(ଝ) ଫର-ଇ-ଇଜାଦୀର ଅର୍ଥ କ'ଣ ?

(ଞ) ମୋଗଲ ଯୁଗରେ କେଉଁ କେଉଁ ମହିଳା ପ୍ରସିଦ୍ଧି ଲାଭ କରିଥିଲେ ?

**୪. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପାଞ୍ଚ ବା ଛଅଟି ବାକ୍ୟରେ ଲେଖ। (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର)**

(କ) ମୋଗଲ ଯୁଗରେ ସମାଜରେ ମହିଳାଙ୍କ ସ୍ଥାନ ବିଷୟରେ ଉଲ୍ଲେଖ କର।

(ଖ) ମୋଗଲ ଯୁଗର ମନସବଦାରୀ ବ୍ୟବସ୍ଥା କିପରି ଥିଲା ?

(ଗ) ମୋଗଲ ଶାସନ କାଳର ଚିତ୍ରକଳା ଉପରେ ଏକ ଟିପ୍ପଣୀ ଲେଖ।

(ଘ) ଆକବରଙ୍କ ରାଜତ୍ୱ କାଳର ସ୍ଥାପତ୍ୟ ଉପରେ ଆଲୋକପାତ କର।

(ଙ) ଶାହାଜାହାନଙ୍କ ରାଜତ୍ୱ କାଳର ସ୍ଥାପତ୍ୟ ଗୁଡ଼ିକ ଉଲ୍ଲେଖ କର।

(ଚ) ଜାହାଙ୍ଗୀରଙ୍କ ସମୟର ଚିତ୍ରକଳାର ସୂଚନା ଦିଅ।

## 'ଗ' ବିଭାଗ

**(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର)**

୫. ମୋଗଲ ଯୁଗର ସମାଜ ବ୍ୟବସ୍ଥା ଉପରେ ଏକ ଟିପ୍ପଣୀ ଦିଅ।

୬. ମୋଗଲ ଯୁଗର କଳା ଓ ସ୍ଥାପତ୍ୟ ବର୍ଣ୍ଣନା କର।

୭. ଆକବରଙ୍କ ଆଧ୍ୟାତ୍ମିକ ଜ୍ଞାନ ମତରୁ ବାହାରିଥିବା ତାଉହିଦ-ଇ-ଇଲାହୀ ବିଷୟରେ ବ୍ୟାଖ୍ୟା କର।

୮. ସୁଲେହ-ଇ-କୁଲ ଓ ଇବାଦତ୍‌ଖାନା ଉପରେ ଏକ ଟିପ୍ପଣୀ ଲେଖ।

❑●❑

ଦଶମ ଅଧ୍ୟାୟ :

# ସୁଫି ଓ ଭକ୍ତି ଆନ୍ଦୋଳନ: ମତବାଦ, ଭାରତୀୟ ସମାଜ ଉପରେ ପ୍ରଭାବ

## Sufi and Bhakti Movement : Tenets, Impact on Indian Society

ଭାରତରେ ଭକ୍ତି ପରମ୍ପରା ବହୁ ପ୍ରାଚୀନ। ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଯୋଗସୂତ୍ରର ମାଧ୍ୟମ ହିଁ ଭକ୍ତି। ଭକ୍ତ ତା'ର ଆରାଧ୍ୟଙ୍କ ପ୍ରତି ଅନୁରକ୍ତି ପରିପ୍ରକାଶ ପାଇଁ ଗଛମୂଳରେ,ପାହାଡ଼ ତଳେ, ରାସ୍ତା କଡରେ, ମନ୍ଦିର ଭିତରେ, ବାହାରେ କାଠ, ପଥର କିମ୍ବା ସାକାର ଦେବାଦେବୀଙ୍କ ମୂର୍ତ୍ତିପୂଜାଠାରୁ ଆରମ୍ଭ କରି ଅନୁରକ୍ତିର ପରମୋଲ୍ଲାସ ସ୍ତରକୁ ପହଞ୍ଚିବା ଏକ ଦୈନନ୍ଦିନ ଘଟଣା। ପ୍ରାର୍ଥନା ଓ ସ୍ତୁତି ଗାନ ଶାକ୍ତ, ଶୈବ ଓ ବୈଷ୍ଣବ ଉପାସନା ପ୍ରଣାଳୀର ଏକ ଅଙ୍ଗ।

ଦେବଦେବୀଙ୍କ ପ୍ରତି ଭକ୍ତି ଓ ଅନୁରକ୍ତି ପରିପ୍ରକାଶ ପାଇଁ ଭକ୍ତମାନଙ୍କ ମଧ୍ୟରେ ଦ୍ୱୈତ ପ୍ରକ୍ରିୟା ଦେଖିବାକୁ ମିଳେ। ପ୍ରଥମଟି ପୁରାଣ ଶାସ୍ତ୍ରକୁ ସରଳ ଭାଷାରେ ଲିପିବଦ୍ଧ କରି ସର୍ବସାଧାରଣଙ୍କ ପାଇଁ ସହଜ ଉପଲବ୍ଧ କରାଇବା। ଦ୍ୱିତୀୟ ପ୍ରକ୍ରିୟାରେ ସର୍ବସାଧାରଣଙ୍କ ପୂଜା ପଦ୍ଧତିକୁ ଶାସ୍ତ୍ର ଓ ପୁରାଣରେ ସ୍ଥାନ ଦେଇ ସାମିଲ କରିବା।

ଭକ୍ତି ପରମ୍ପରାର କ୍ରମବିକାଶର ପ୍ରଥମ ପର୍ଯ୍ୟାୟରେ ସମାଜରେ କେତେକ ସନ୍ଥକବିଙ୍କ ନେତୃତ୍ୱରେ ଭକ୍ତଗୋଷ୍ଠୀ ସୃଷ୍ଟିହେଲେ ଯଦିଓ ସମାଜରେ ବ୍ରାହ୍ମଣ ପୁରୋହିତମାନେ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଯୋଗସୂତ୍ରର ମୁଖ୍ୟ ନାୟକ ରହିଲେ। ଧିରେ ଧିରେ ସନ୍ଥକବିମାନେ ସମାଜରେ ସହଜରେ ଗ୍ରହଣୀୟ ହେଲେ କାରଣ ସେମାନେ ଭକ୍ତ ଓ ଭଗବାନଙ୍କ ଯୋଗସୂତ୍ର ଓ ମୁକ୍ତିପାଇଁ ବ୍ରାହ୍ମଣବାଦରେ ଅଯୋଗ୍ୟ ଥିବା ମହିଳା ଓ ଶୁଦ୍ରଙ୍କୁ ଯୋଗ୍ୟବୋଲି ବିଚାର କଲେ। ନୂତନ ଭକ୍ତି ପରମ୍ପରା ସର୍ବସାଧାରଣରେ ବ୍ୟାପକ ଓ ଗ୍ରହଣୀୟ ହୋଇ ଆନ୍ଦୋଳନରେ ପରିଣତ ହେଲା। ଯଦିଓ ଭକ୍ତି ପରମ୍ପରା ବହୁବିଧ ଥିଲା ତଥାପି ଏହାକୁ ମୁଖ୍ୟତଃ ଦୁଇଟି ଧାରାରେ ବିଭକ୍ତ କରାଯାଇପାରିବ ଯଥା ସଗୁଣ ଓ ନିର୍ଗୁଣ। ସଗୁଣ ଭକ୍ତି ଧାରାରେ ବିଶେଷ କରି ଶିବ, ବିଷ୍ଣୁ ଓ ତାଙ୍କର ଅବତାର ଓ ଅନେକ ଦେବଦେବୀଙ୍କୁ ମୂର୍ତ୍ତି ରୂପ ଦେଇ ପୂଜା ଓ ନିର୍ଗୁଣ ଭକ୍ତି ଧାରାରେ ସୃଷ୍ଟିକର୍ତ୍ତାଙ୍କୁ ନିରାକାର, ଅରୂପ ଓ ଶୂନ୍ୟ ରୂପେ ଆରାଧନା କରାଯାଏ।

ଦକ୍ଷିଣ ଭାରତରେ ଷଷ୍ଠ ଶତାବ୍ଦୀରେ ବିଷ୍ଣୁ ଭକ୍ତ ଅଲଭାର ଏବଂ ଶୈବ ଉପାସକ ଭକ୍ତ ନାୟନାର ମାନଙ୍କ ଭକ୍ତି ପରମ୍ପରା ଓ ଆନ୍ଦୋଳନ ଅଗ୍ରଗଣ୍ୟ । ସେମାନେ ତାମିଲ ଭାଷାରେ ସ୍ତୋତ୍ର ମାଧ୍ୟମରେ ଭଗବାନଙ୍କ ଗୁଣ ଗାନ କରି ଅନେକ ସ୍ଥାନ ଭ୍ରମଣ କଲେ । ଆଲଭାର ଓ ନୟନାରମାନେ ନିଜ ନିଜର ଶ୍ରେଷ୍ଠ ଦେବତାଙ୍କ ନିବାସ ସ୍ଥାନ ରୂପେ କେତେକ ଦେବାଳୟକୁ ବାଛିଲେ । ଫଳରେ ସେଠାରେ ବଡ ବଡ ମନ୍ଦିର ଓ ବାସସ୍ଥାନ ଗଢିଉଠିଲା । ସେ ସ୍ଥାନମାନ ତୀର୍ଥସ୍ଥାନର ରୂପ ନେଲା । ସନ୍ଥକବିଙ୍କ ଲେଖା ସ୍ତୋତ୍ର, ପ୍ରାର୍ଥନା ଦେବାଳୟର ଧାର୍ମିକ କର୍ମାନୁଷ୍ଠାନର ଏକ ଅଙ୍ଗ ହୋଇଗଲା ଏବଂ କେତେକ ସ୍ଥାନରେ ସନ୍ଥକବିଙ୍କ ମୂର୍ତ୍ତିପୂଜା ମଧ୍ୟ ସ୍ଥାନ ପାଇଲା ।

ଅଲଭାର ଓ ନାୟନାର ଭକ୍ତି ଆନ୍ଦୋଳନ ବ୍ରାହ୍ମଣମାନଙ୍କ ପୂଜାପଦ୍ଧତିରେ ଏକ ଚାଟିଆ ପ୍ରତିପତ୍ତି ଅସ୍ୱୀକାର କରି ସଂସ୍କାର ଆଣିବାପାଇଁ ଚେଷ୍ଟା କଲେ । ସେମାନେ ବ୍ରାହ୍ମଣମାନଙ୍କ କଥିତ ଓ ଘୋଷିତ ମୁକ୍ତି ପାଇଁ ଅଯୋଗ୍ୟ ଜାତିମାନଙ୍କୁ ମୁକ୍ତି ଯୋଗ୍ୟ ବୋଲି ଘୋଷଣା କରି ଭକ୍ତି ଆନ୍ଦୋଳନରେ ସାମିଲ କଲେ । ଏମାନଙ୍କ ଭକ୍ତମାନଙ୍କ ଭିତରେ ଥିବା, ବ୍ରାହ୍ମଣ, ଚାଷୀ, କାରିଗର ଏବଂ ଏପରିକି ତଥାକଥିତ ଅସ୍ପୃଶ୍ୟ ଜାତିର ବ୍ୟକ୍ତି ବିଶେଷ ରହିବା ଏହାର ପ୍ରମାଣ । ଅଲଭାର ଓ ନାୟନାର ସନ୍ଥ କବିମାନଙ୍କ ରଚିତ ପୁସ୍ତକକୁ ତାମିଲ ଭାଷାରେ ବେଦର ସ୍ଥାନ ଦିଆଯାଇଛି । ଏ ଭକ୍ତି ପରମ୍ପରାରେ ମହିଳାମାନଙ୍କ ସ୍ଥାନ ମଧ ଉଚ୍ଚରେ ଥିଲା । ଅନେକ ମହିଳା ଆନ୍ଦୋଳନରେ ପ୍ରତ୍ୟକ୍ଷ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରେ ଅଲଭାର ସାଧ୍ୱୀ ଆନ୍‌ଡାଲ୍‌ଙ୍କ ରଚନା ବିସ୍ତୃତ ଭାବେ ଗାନ କରାଯାଏ । ସେ ନିଜକୁ ବିଷ୍ଣୁପ୍ରିୟା ବୋଲି ବିଷ୍ଣୁଙ୍କ ପ୍ରେମରେ ଭକ୍ତି ଗାନ ରଚନା କରିଛନ୍ତି । ସାଧ୍ୱୀ କରାଇକାଲ ଅମାଇୟାର ଅନ୍ୟ ଏକ ଶିବ ଭକ୍ତ । ସେ କଠୋର ବ୍ରତପାଳନ କରିଥିଲେ ନିଜର ଲକ୍ଷ୍ୟ ହାସଲ ପାଇଁ । ତାଙ୍କର ରଚନା ନୟନାର ଭକ୍ତି ପରମ୍ପରାରେ ସ୍ଥାନ ପାଇଛି । ସାଧ୍ୱୀମାନେ ସନ୍ୟାସିନୀ ନଥିଲେ ମଧ୍ୟ ସାମାଜିକ ବନ୍ଧନ ତ୍ୟାଗ କରିଥିଲେ । ସେମାନଙ୍କ ଲେଖା ଓ କାର୍ଯ୍ୟକଳାପ ପୁରୁଷ ପ୍ରଧାନ ଆଦର୍ଶକୁ ଅସ୍ୱୀକାର କରି ପ୍ରତିଦ୍ୱନ୍ଦୀର ରୂପ ନେଇଥିଲା ।

ନୟନାର ଓ ଅଲଭାର ସନ୍ଥମାନଙ୍କୁ ଚାଷୀ, କାରିଗର ଜନସମାଜ ସମ୍ମାନ ପ୍ରଦାନ କରୁଥିଲେ । ନବମ ଶତାବ୍ଦୀରୁ ତ୍ରୟୋଦଶ ଶତାବ୍ଦୀ ମଧ୍ୟରେ ଦାକ୍ଷିଣାତ୍ୟର ଚୋଳ ରାଜାମାନେ ମଧ୍ୟ ଭକ୍ତି ପରମ୍ପରାକୁ ପ୍ରୋତ୍ସାହନ ଦେଇ ସନ୍ଥମାନଙ୍କ ଶୈବସ୍ତବକକୁ ଗାନ କରାଉଥିଲେ ମନ୍ଦିର ମାନଙ୍କରେ ଏବଂ କେତେକ ସନ୍ଥଙ୍କ ମୂର୍ତ୍ତି ମଧ୍ୟ ତିଆରି କରାଇଥିଲେ ।

ଦ୍ୱାଦଶ ଶତାବ୍ଦୀରେ କର୍ଣ୍ଣାଟକରେ ବାସଭ୍ନାନ ନାମକ ଜଣେ ବ୍ରାହ୍ମଣଙ୍କ ନେତୃତ୍ୱରେ ବୀରଶୈବ ବା ଲିଙ୍ଗାୟତ ପରମ୍ପରା ସୃଷ୍ଟିହେଲା । ସେମାନେ ବ୍ରାହ୍ମଣଙ୍କ ଅସ୍ପୃଶ୍ୟ ଭେଦଭାବକୁ ଅସ୍ୱୀକାର କଲେ । ଫଳସ୍ୱରୂପ ବ୍ରାହ୍ମଣଙ୍କ ଦ୍ୱାରା ସମାଜରେ ସର୍ବନିମ୍ନ ସ୍ତରକୁ ଠେଲି ହୋଇଥିବା ଜାତିର ଲୋକ ବୀରଶୈବ ଗୋଷ୍ଠୀରେ ସାମିଲ ହେଲେ ।

ଉତ୍ତର ଭାରତରେ ନବମରୁ ତ୍ରୟୋଦଶ ଶତାବ୍ଦୀ ମଧ୍ୟରେ ରାଜାମାନେ ଶିବ ଓ ବିଷ୍ଣୁଙ୍କ ମନ୍ଦିର ତିଆରି ପାଇଁ ପ୍ରୋତ୍ସାହନ ଦେଲେ । ରାଜପୁତ ରାଜାମାନେ ବ୍ରାହ୍ମଣଙ୍କ ସାହାଯ୍ୟରେ ମନ୍ଦିର ଓ ପୂଜା ପଦ୍ଧତିକୁ ସୁଦୃଢ କଲେ । ବ୍ରାହ୍ମଣମାନଙ୍କ ଆଧିପତ୍ୟକୁ ଅସ୍ୱୀକାର କରିବା ପାଇଁ ସନ୍ଥକବିମାନଙ୍କ ଆନ୍ଦୋଳନ ସେତେ ସୁଦୃଢ ନଥିଲା

ତଥାପି ବ୍ରାହ୍ମଣବାଦର ମୂଳ ଆଧାର ବାହାରେ ଚିନ୍ତା କରୁଥିବା ନାଥ, ଯୋଗୀ ଓ ସିଦ୍ଧ ପରମ୍ପରା ନିଜର କାୟା ବିସ୍ତାର ଆରମ୍ଭ କରିଥିଲା । ସେମାନେ ପ୍ରାୟ କାରିଗର ପୃଷ୍ଠଭୂମିରୁ ବାହାରିଥିଲେ । ସେମାନେ ଲୋକପ୍ରିୟ ଥିଲେ କିନ୍ତୁ ରାଜା ଓ ଶାସକ ଗୋଷ୍ଠୀଙ୍କ ସହଯୋଗ ପାଇଲେ ନାହିଁ ।

ତ୍ରୟୋଦଶ ଶତାବ୍ଦୀରେ ଉତ୍ତର ଭାରତରେ ନୂତନ ସହରମାନଙ୍କର ସଙ୍ଗଠିତ କାରିଗରୀ ଓ ଶିଳ୍ପବିଦ୍ୟା ମାଧ୍ୟମରେ ଉତ୍ପାଦନ ବୃଦ୍ଧି ହୋଇ ଦୂର ଦୂରାନ୍ତକୁ ବାଣିଜ୍ୟ ବ୍ୟବସାୟ ବୃଦ୍ଧି ହେଲା । କାରିଗର ଓ ଶିଳ୍ପୋଦ୍ୟୋଗୀମାନଙ୍କ ସମ୍ବଳ ଓ ଧନ ସମ୍ପତ୍ତି ବଢିଲା କିନ୍ତୁ ତତ୍ ଅନୁସାରେ ସମାଜରେ ସାମାଜିକ ସ୍ଥିତି ବଢିଲା ନାହିଁ । ସେମାନେ ବ୍ରାହ୍ମଣଙ୍କ ଠାରୁ ତଳେ ରହିଲେ । ଏମାନେ ପ୍ରଥମେ ବେଦ ଓ ବ୍ରାହ୍ମଣର ପ୍ରାଧାନ୍ୟକୁ ପ୍ରଶ୍ନ କଲେ ଓ ସଂସ୍କୃତ ବଦଳରେ ଆଞ୍ଚଳିକ ଭାଷା ବା ଲୋକଭାଷାରେ ନିଜ ନିଜ ମତ ରଖିଲେ । ତ୍ରୟୋଦଶ ଶତାବ୍ଦୀ ପରେ ଭାରତରେ ସୁଲତାନୀ ଶାସନର ସ୍ଥାପନ ପରେ ଏକ ନୂତନ ପରିବେଶ ସୃଷ୍ଟି ହେଲା ।

ସୁଲତାନୀ ଶାସନ ରାଜପୁତ ରାଜ୍ୟ ତଥା ବ୍ରାହ୍ମଣ ମାନଙ୍କ ଆଧିପତ୍ୟକୁ କୁଠାରାଘାତ କଲା । ସଂସ୍କୃତି ଓ ଧାର୍ମିକ ଚିନ୍ତା ଧାରାରେ ସ୍ପଷ୍ଟ ପରିବର୍ତ୍ତନ ଦେଖାଦେଲା । ଏହି ସମୟରେ ସୁଫିମାନଙ୍କ ଭାରତ ଆଗମନ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କଲା ସାଂସ୍କୃତିକ ଓ ଧାର୍ମିକ ଚିନ୍ତାଧାରାରେ ଉନ୍ନତି ସାଧନ ପାଇଁ ।

## ନୂତନ ଭକ୍ତି ଅନୁରକ୍ତିର ପଥ :

ନୂତନ ସାମାଜିକ ରାଜନୈତିକ ପରିସ୍ଥିତି, ଚିନ୍ତାଧାରା ଓ ଅନୁଷ୍ଠାନ କାରଣରୁ କେତେକ ଭାରତୀୟ ସନ୍ଥ କବି ଖୋଲାଖୋଲି ଭାବେ ଓ ଅନ୍ୟ କେତେକଙ୍କ ସହ ଉଭୟରେ ସଂପର୍କର ସେତୁ ସ୍ଥାପନ ଆରମ୍ଭ କରିଥିଲେ । ସେମାନେ ହେଲେ କବୀର ଓ ଗୁରୁନାନକ ।

**କବୀର :** କବୀରଙ୍କ ରଚନାବଳୀର ବଳିଷ୍ଠ ପଦ, ଦୋହାର ମହତ୍ତ୍ୱ ସଦାବେଳେ ଅଛି ଏବଂ ତାଙ୍କ ଜୀବନ କାଳରେ ତଥା ପରିବର୍ତ୍ତୀ କାଳରେ ପ୍ରେରଣା ଯୋଗାଇ ଆସୁଛି । ପ୍ରତିଷ୍ଠିତ ଧାର୍ମିକ, ସାମାଜିକ ଅନୁଷ୍ଠାନ, ଚିନ୍ତାଧାରା ଓ ପ୍ରଥାକୁ ସନ୍ଦେହ କରି ପ୍ରଶ୍ନ ଉତ୍ତର ମାଧ୍ୟମରେ ସମସ୍ୟା ସମାଧାନର ପଥ ଉନ୍ମୁକ୍ତ କରି ଅନ୍ତର୍ଦୃଷ୍ଟି ସାହାଯ୍ୟରେ ଐଶ୍ୱରୀୟ ସତ୍ତାର ସନ୍ଧାନରେ ପହଞ୍ଚିବାର ପଥ ଉନ୍ମୁକ୍ତ କରେ କବୀରଙ୍କ ରଚନା । ସନ୍ଥ କବୀରଙ୍କ ଚିନ୍ତାଧାରା ତତ୍‌କାଳୀନ ଉତ୍ତରଭାରତର ଅବଧ ଅଞ୍ଚଳର ଯୋଗୀମାନଙ୍କ ଓ ସୁଫି ସନ୍ଥମାନଙ୍କ ପ୍ରଥା ଓ ପରମ୍ପରା ସହିତ ସଂପର୍କ ଓ ପ୍ରଶ୍ନୋତ୍ତରର ଫଳସ୍ୱରୂପ ନିର୍ଦ୍ଦିଷ୍ଟ ରୂପ ନେଇ ତାଙ୍କ ଅନୁଗାମୀମାନଙ୍କ ମଧ୍ୟରେ ତିନୋଟି ବିବିଧ ପରମ୍ପରା ସୃଷ୍ଟି ହୋଇଛି, ଯଥା ବାରାଣସୀ ଓ ଉତ୍ତର ପ୍ରଦେଶରେ କବୀରଙ୍କ ବୀଜକ ରଚନାକୁ ନେଇ କବୀରପନ୍ଥୀ, ରାଜସ୍ଥାନ ଅଞ୍ଚଳରେ କବୀର ଗ୍ରନ୍ଥାବଳୀକୁ କେନ୍ଦ୍ର କରି ଦାଦୁପନ୍ଥୀ ଓ ପଞ୍ଜାବ ଅଞ୍ଚଳରେ ଗୁରୁଗ୍ରନ୍ଥ ସାହେବରେ ସ୍ଥାନ ପାଇଥିବା କବୀରଙ୍କ ରଚନା । ତା ବ୍ୟତୀତ କବୀରଙ୍କ ରଚନା ଭାରତର ଅନେକ ଭାଷା ଓ ଉପଭାଷାରେ ଅନୁବାଦିତ ହୋଇ ଆଜି ପର୍ଯ୍ୟନ୍ତ ବଞ୍ଚି ରହିଛି । ତାଙ୍କର ଅନେକ ରଚନା ଗୁଢ ଅର୍ଥ ବହନ କରେ । ନିର୍ଗୁଣ କବିଙ୍କ ରଚନାରେ ଗୁଢ ଅର୍ଥ ଥାଏ ତାହାକୁ ସନ୍ଥ ଭାଷା ମଧ୍ୟ କୁହାଯାଏ । ସନ୍ଥ ସାହିତ୍ୟରେ ଅନେକ ରଚନାରେ ଓଲଟ ରଚନା ଶୈଳୀ ପ୍ରୟୋଗ ହୁଏ ଯେଉଁଥିରେ ସର୍ବଜନ ବିଦିତ ଅର୍ଥ ଓ ରୂପକୁ ଓଲଟା ଉପସ୍ଥାପନ କରାଯାଏ । ଏ

ସମସ୍ତ ଉପସ୍ଥାପନର ମୂଳ ଲକ୍ଷ୍ୟ ଓ ଲୋକଙ୍କ ପାଖରେ ବାର୍ତ୍ତା ପହଞ୍ଚିବ ଯେ ଶେଷ ବା ଚରମ ବାସ୍ତବତା ଶରୀର ବା ଆତ୍ମା ବାହାରେ ଆଉକିଛି ନାହିଁ କିମ୍ବା ଥିବାର ସମ୍ଭାବନା ମଧ୍ୟ ନାହିଁ । ଏହା ସନ୍ଥ କବୀରଙ୍କ ଗୁଢତତ୍ତ୍ୱାତ୍ମକ ଅନୁଭୂତିର ନିଷ୍କର୍ଷ । ସନ୍ଥ କବୀରଙ୍କ ରଚନାରେ ଅନେକ ପରମ୍ପରାର ମିଳନ ଦେଖିବାକୁ ମିଳେ । ସେ ଭଗବାନଙ୍କୁ ବର୍ଣ୍ଣନା କରିବାକୁ ଯାଇ ଇସଲାମ ଧର୍ମର ପରମ୍ପରାରୁ ଆଲ୍ଲା, ଖୁଦା, ହଜରତ ଓ ପୀରର ବ୍ୟବହାର କରିଛନ୍ତି । ବେଦାନ୍ତରୁ ନିରାକାର, ଅଲେଖ ଶବ୍ଦବ୍ରହ୍ମ ଆତ୍ମା ଓ ଯୋଗୀମାନଙ୍କ ପରମ୍ପରାରୁ ଶୂନ୍ୟ ରୂପେ ଈଶ୍ୱରଙ୍କୁ ବର୍ଣ୍ଣନା କରିଛନ୍ତି ।

ତାଙ୍କ ରଚନାରେ ଅନେକ ସ୍ଥାନରେ ବହୁ ଦେବାଦେବୀ ଓ ମୂର୍ତ୍ତିପୂଜାକୁ ଭର୍ତ୍ସନା ଓ ପ୍ରତ୍ୟାଖ୍ୟାନ କରି ଈଶ୍ୱରବାଦ ଓ ମୂର୍ତ୍ତିପୂଜା ବିରୋଧି ମତ ପ୍ରତିଫଳିତ ହୁଏ । ସୃଷ୍ଟିକର୍ତ୍ତାଙ୍କନାମ ସ୍ମରଣା କରି ପ୍ରେମ ସହିତ ଆରାଧନା କରିବାକୁ ପ୍ରକୃତ ଉପାସନା ବୋଲି ସେ ମତ ଦେଇଛନ୍ତି ।

ସନ୍ଥ କବୀରଙ୍କ ମୃତ୍ୟୁର ଦୁଇଶହ ବର୍ଷ ପରେ ତାଙ୍କର ଜୀବନୀ ଓ ରଚନାର ସଂକଳନ ତାଙ୍କର ଅନୁଗାମୀମାନେ ପ୍ରସ୍ତୁତ କଲେ । ସେଥିରେ ମତ ପାର୍ଥକ୍ୟ ରହିଛି ସେ ନା ଥିଲେ ହିନ୍ଦୁ ନା ଥିଲେ ମୁସଲମାନ । ବୈଷ୍ଣବ ପରମ୍ପରା ମତରେ ସେ ଏକ ହିନ୍ଦୁ ପରିବାରରେ ଜନ୍ମ ଗ୍ରହଣ କରିଥିଲେ କିନ୍ତୁ ମୁସଲମାନ ତନ୍ତୀ ପରିବାରରେ ଲାଳନପାଳନରେ ଜୀବନ ବିତାଇଲେ । କେତେକଙ୍କ ମତରେ ସେ ଗୁରୁ ରାମାନନ୍ଦଙ୍କ ଦ୍ୱାରା ଭକ୍ତି ମାର୍ଗ ଗ୍ରହଣ କଲେ । କିନ୍ତୁ କବୀର ତାଙ୍କର ରଚନାରେ କେଉଁଠି ମଧ୍ୟ ଏ ବିଷୟରେ ଉଲ୍ଲେଖ କରିନାହାନ୍ତି ।

**ଗୁରୁନାନକ :** ପଞ୍ଜାବ ପ୍ରଦେଶର ରାବୀ ନଦୀତଟର ନାନକାନା ସାହେବ ନାମକ ଏକ ଗ୍ରାମରେ ୧୪୬୯ ଖ୍ରୀଷ୍ଟାବ୍ଦରେ ଗୁରୁନାନକ ଜନ୍ମ ହୋଇଥିଲେ । ସେ ଅନେକ ସ୍ଥାନ ଭ୍ରମଣ କରି ପାରସ୍ୟ ଭାଷାରେ ପାଠପଢି ଖାଜାଞ୍ଚି ବା ହିସାବ ରକ୍ଷକ ହେଲେ । ଯଦିଓ ସେ ବିବାହିତ ଥିଲେ ତାଙ୍କର ଅନେକ ସମୟ ସୁଫି ସନ୍ଥ ଓ ଭକ୍ତଙ୍କ ସହିତ କଟାଉଥିଲେ । ସେ ନିଜେ ନିରାକାର ଉପାସନାରେ ବିଶ୍ୱାସ କରୁଥିଲେ । ସେ ତାଙ୍କ ମତକୁ ନିର୍ଗୁଣ ଭଗବାନଙ୍କ ପ୍ରଶଂସା ସୂଚକ ପଦାବଳୀ ରୂପେ ରଚନା କଲେ । ତାହାକୁ ଗାନ କରି ନିଜର ବାର୍ତ୍ତା ସର୍ବସାଧାରଣରେ ପହଞ୍ଚାଇଲେ । ସେ ତାଙ୍କର ରଚନାରେ ଦୃଢ ଭାବରେ ହିନ୍ଦୁ ତଥା ମୁସଲମାନ ଧର୍ମରେ ପ୍ରଚଳିତ ବଳି, ଧାର୍ମିକ ସ୍ନାନ, ମୂର୍ତ୍ତିପୂଜା, ବାହ୍ୟ ଆଡମ୍ବର, କଠୋର ବ୍ରତ ଉପାସନା ଓ ଗ୍ରନ୍ଥ ପୁରାଣ ପ୍ରତ୍ୟାଖ୍ୟାନ କଲେ । ତାଙ୍କ ମତରେ ରବ ବା ଈଶ୍ୱର ବା ସୃଷ୍ଟିକର୍ତ୍ତାଙ୍କ କୌଣସି ଲିଙ୍ଗ ନାହିଁକି ରୂପ ନାହିଁ । ସେ ଏକ ସରଳ ନିରାଡମ୍ବର ମାର୍ଗ ଦେଖାଇଲେ । ଐଶ୍ୱରୀୟ ନାମକୁ ସ୍ମରଣ କରି ବାରମ୍ବାର ଉଚ୍ଚାରଣ କଲେ ଈଶ୍ୱର ପ୍ରାପ୍ତି ହୁଏ । ତାଙ୍କର ରଚିତ, ଈଶ୍ୱରଙ୍କ ପାଇଁ ସ୍ତୋତ୍ରକୁ ଆଞ୍ଚଳିକ ପଞ୍ଜାବୀ ଭାଷାରେ 'ସବଦ୍' କୁହାଯାଏ । ନିଜେ ନିଜ ରଚନାକୁ ବିଭିନ୍ନ ରାଗରେ ସ୍ୱର ଦେଇ ସୁନ୍ଦର ଭାବେ ଗାନ କରି ପାରୁଥିଲେ ଓ ତାଙ୍କର ଶିଷ୍ୟ ମରଦାନା ନାନକଙ୍କ ଗାନ ସହିତ ତାଳଦେଇ ବାଦ୍ୟଯନ୍ତ୍ର 'ରବବ' ବଜାଉଥିଲେ ।

ସେ ତାଙ୍କର ଅନୁଚର ଶିଷ୍ୟଙ୍କୁ ନେଇ ଏକ ଗୋଷ୍ଠୀ ତିଆରି କଲେ ଓ ସଙ୍ଗତ ବା ଏକତ୍ରିତ ହୋଇ ପୂଜାର ନୀତିନିୟମ ତିଆରି କଲେ । ସେ ଏକତ୍ରିତ ଦଳବଦ୍ଧ ଗାନ ଶୈଳୀ ନିର୍ଦ୍ଧାରଣ କଲେ । ସେ ତାଙ୍କର ଜଣେ ଶିଷ୍ୟ ଅଙ୍ଗଦକୁ ନିଜର ଉତ୍ତରାଧିକାରୀ ଗୁରୁ ରୂପରେ ବାଛିଲେ । ୧୫୩୯ ଖ୍ରୀଷ୍ଟାବ୍ଦରେ ଗୁରୁନାନକଙ୍କ ମୃତ୍ୟୁ ପରେ ୨୦୦ ବର୍ଷ ଧରି ଗୁରୁ ପରମ୍ପରା ଚାଲିଲା ।

ଗୁରୁନାନକ ଏକ ନୂତନ ଧର୍ମ ସ୍ଥାପନ ପାଇଁ ଇଚ୍ଛା କରୁନଥିଲେ କିନ୍ତୁ ତାଙ୍କର ମୃତ୍ୟୁରେ ତାଙ୍କର ଶିଷ୍ୟମାନେ ନିଜକୁ ସଙ୍ଗଠିତ କରି ଧାର୍ମିକ ପରମ୍ପରାକୁ ସୁଦୃଢ କରି ହିନ୍ଦୁ ଓ ମୁସଲମାନ ଧର୍ମଠାରୁ ଅଲଗା ପରିଚୟ ସୃଷ୍ଟି କଲେ । ସେମାନଙ୍କ ପଞ୍ଚମ ଗୁରୁ ଗୁରୁଅର୍ଜୁନ ଗୁରୁନାନକ ଓ ଚାରି ଉତ୍ତରାଧିକାରୀ ଗୁରୁଙ୍କ ରଚନାବଳୀ ଓ ସୁଫି ସନ୍ଥ କବି ବାବାଫରିଦ, ସନ୍ଥ ରବିଦାସ ଓ ସନ୍ଥ କବୀରଙ୍କ ରଚନାକୁ ସଂକଳନ କରି ଆଦିଗ୍ରନ୍ଥସାହେବ ସୃଷ୍ଟି କଲେ । ଆଦିଗ୍ରନ୍ଥସାହେବରେ ସଂକଳିତ ବିବିଧ ଭାଷାର ସମସ୍ତ ସ୍ତୋତ୍ରକୁ 'ଗୁରୁବାଣୀ' ବୋଲି ସମ୍ମାନ ଦିଆଯାଏ । ସପ୍ତଦଶ ଶତାବ୍ଦୀରେ ଦଶମ ଗୁରୁ ଗୁରୁଗୋବିନ୍ଦ ସିଂ, ନବମ ଗୁରୁ ଗୁରୁତେଗ୍‌ବାହାଦୁରଙ୍କ ରଚନାକୁ ସାମିଲ କଲେ ଏବଂ ଗ୍ରନ୍ଥ ନାମ ହେଲା ଗୁରୁଗ୍ରନ୍ଥସାହେବ । ସେ ପ୍ରଥମଥର ପାଇଁ ଖାଲସା ପନ୍ଥ ବା ପବିତ୍ର ସୈନ୍ୟଦଳ ସ୍ଥାପନ କଲେ । ତାଙ୍କ ନେତୃତ୍ୱରେ ଏକ ସାମାଜିକ -ଧାର୍ମିକ-ସାମରିକ ଗୋଷ୍ଠୀ ସୁଦୃଢ ହେଲା ଓ ସେମାନଙ୍କ ପାଞ୍ଚ ପ୍ରତୀକ ରୂପେ ବାଳ-ନିଶ-ଦାଢ଼ି ନକାଟିବା, ଗୋଟିଏ ଛୁରିକା, ଗୋଟିଏ ପାନିଆ, ଏକ ଲୌହ କଡା ଓ ଏକ ଯୋଡା ଆଣ୍ଠୁ ପର୍ଯ୍ୟନ୍ତ ପୋଷାକ ପ୍ରଚଳନ ହେଲା ।

## ସୁଫି ପରମ୍ପରା :

ଆରବ ଦେଶରେ ସପ୍ତମ ଶତାବ୍ଦୀରେ ଇସଲାମ ଧର୍ମ ଓ ଇସଲାମିୟ ରାଜନୈତିକ ରାଜ୍ୟ ସ୍ଥାପନ ହେଲା । ରାଜ୍ୟ ବିସ୍ତାର ସହ ଇସଲାମ ଧର୍ମର ପ୍ରଚାର ପ୍ରସାର କେନ୍ଦ୍ର ବିନ୍ଦୁ ହେଲା । ଇସଲାମ ଧର୍ମର ପ୍ରତିଷ୍ଠାତା ପ୍ରଫେଟ ମହମ୍ମଦଙ୍କ ମୃତ୍ୟୁ ପରେ ଇସଲାମ ଧର୍ମ ତଥା ରାଜ୍ୟର ମୁଖ୍ୟ ହେଲେ ଖଲିଫା ଓ ସେଠାକାର ଶାସନ ବ୍ୟବସ୍ଥାକୁ କୁହାଗଲା ଖଲିଫେଟ । ୭୧୧ ଖ୍ରୀଷ୍ଟାବ୍ଦରେ ଆରବ ଦେଶର ଜଣେ ସେନାନାୟକ ମହମ୍ମଦ-ବିନ-କାସିମ୍ ଭାରତ ଉପମହାଦେଶର ସିନ୍ଧୁଅଞ୍ଚଳ ଅଧିକାର କଲେ । ସିନ୍ଧୁ ଅଞ୍ଚଳ ଖଲିଫେଟ୍ ଶାସନାଧିନ ହେଲା । ସିନ୍ଧୁ ପ୍ରଦେଶରୁ ଧିରେ ଧିରେ ଖଲିଫେଟ୍ ଶାସନ ପ୍ରଭାବ ପଡିଲା ଉତ୍ତର ଭାରତରେ । ତ୍ରୟୋଦଶ ଶତାବ୍ଦୀରେ ଖଲିଫେଟ ଶାସନାଧିନ ଅଞ୍ଚଳରୁ ଆସିଥିବା ତୁର୍କ ଏବଂ ଆଫଗାନମାନେ ଭାରତ ଅଧିକାର କରି ଦିଲ୍ଲୀଠାରେ ଦିଲ୍ଲୀ ସୁଲତାନୀ ଶାସନ ବ୍ୟବସ୍ଥା ସ୍ଥାପନ କଲେ । ପରବର୍ତ୍ତୀ କାଳରେ ଦକ୍ଷିଣ,ପୂର୍ବ ଓ ପଶ୍ଚିମ ଓ ମଧ୍ୟ ଭାରତରେ ସେମାନଙ୍କ ଆଧିପତ୍ୟ ବିସ୍ତାର କଲେ । ଷୋଡଶ ଶତାବ୍ଦୀରେ ମୋଗଲମାନେ ସୁଲତାନୀ ଶାସନର ସମାପ୍ତ କରି ମୋଗଲ ସାମ୍ରାଜ୍ୟର ସ୍ଥାପନ କଲେ । ତ୍ରୟୋଦଶ ଶତାବ୍ଦୀରୁ ଅଷ୍ଟାଦଶ ଶତାବ୍ଦୀ ମଧ୍ୟରେ ଭାରତରେ ମୁଖ୍ୟ ଶାସକ ଇସଲାମ ଧର୍ମାବଲମ୍ବୀ ଥିଲେ ।

ଭାରତ ଉପମହାଦେଶରେ ସୁଲତାନ ଓ ମୋଗଲ ଶାସନ କାଳରେ ଇସଲାମ ଧର୍ମର ପ୍ରଚାର ପ୍ରସାର ହେଲା । ପ୍ରଥମେ ଏହା ଶାସକ ଓ ଶାସକ ଶ୍ରେଣୀ ମଧ୍ୟରେ ସୀମାବଦ୍ଧ ଥିଲା କିନ୍ତୁ ପରବର୍ତ୍ତୀ କାଳରେ ଏହା ବିଭିନ୍ନ ସାମାଜିକ ସ୍ତରରେ ପ୍ରବେଶ କଲା । କୃଷକ, କାରିଗର, ଯୋଦ୍ଧା, ବେପାରୀ ଓ ଅନ୍ୟାନ୍ୟ ଗୋଷ୍ଠୀ ଇସଲାମ ଧର୍ମ ଗ୍ରହଣ କଲେ । ସେମାନେ ଇସଲାମ ଧର୍ମର ପାଞ୍ଚୋଟି ବ୍ୟକ୍ତିଗତ ଆଚାରବିଧି ପାଳନ କଲେ କିନ୍ତୁ ତା ସହିତ ଭାରତର ସାମାଜିକ ପ୍ରଥା ଓ ପରମ୍ପରାର ପ୍ରଭାବ ଓ ଇସଲାମ ଧର୍ମ ମଧ୍ୟରେ ଥିବା ସିହା ଓ ସୁନ୍ନି ଧାର୍ମିକ ସମ୍ପ୍ରଦାୟରୁ ନିଷ୍ପନ୍ନ ବ୍ୟବହାରିକ କାର୍ଯ୍ୟର ପ୍ରଭାବ ଦ୍ୱାରା ବିବିଧତା ଦୃଶ୍ୟ ହେଲା । ଯଥା ସିହା ସମ୍ପ୍ରଦାୟର ଏକ ଗୋଷ୍ଠୀ ଖୋଜାଃ ଇସଲାମ ଧର୍ମଗ୍ରନ୍ଥ କୋରାନରୁ ଆନୀତ ଆଲ୍ଲାକୁ ଆରାଧନା ପାଇଁ ଦେଶୀୟ ସାହିତ୍ୟିକ ରୀତି

ଗିନାନ୍‌ରେ (ସଂସ୍କୃତ ଶବ୍ଦ ଜ୍ଞାନରୁ ଆନୀତ) ଆଧାତ୍ମିକ ପଦ୍ୟ ରଚନା କରି ଏକ ବିଶେଷ ରାଗରେ ପଞ୍ଜାବୀ, ମୁଲତାନୀ, ସିନ୍ଧି, ଗୁଜରାଟି ଓ ହିନ୍ଦୀ ଭାଷାରେ ଦୈନନ୍ଦିନ ପ୍ରାର୍ଥନା ସଭାରେ ଗାନ କରୁଥିଲେ । କେରଳର ମାଲାବାର ସମୁଦ୍ର ଉପକୂଳରେ ବସବାସ କରୁଥିବା ମୁସଲମାନ ସମ୍ପ୍ରଦାୟ କେବଳ ମାଲୟାଲୀ ଭାଷା ବ୍ୟବହାର କରୁନଥିଲେ ସେମାନେ ସେ ଅଞ୍ଚଳର ମାତୃକେନ୍ଦ୍ରିକ ସାମାଜିକ ପରମ୍ପରାକୁ ସ୍ଥାନ ଦେଇଥିଲେ ତାଙ୍କ ସଂସ୍କୃତିରେ । ମିଶ୍ରଣ ଓ ସମନ୍ୱୟର ପ୍ରଭାବ କଳା, ସ୍ଥାପତ୍ୟ, ସାହିତ୍ୟ, ଖାଦ୍ୟପେୟ, ବସ୍ତ୍ର ତଥା ସଂସ୍କୃତିରେ ଦେଖିବାକୁ ମିଳେ ।

ସେମାନେ ସଂପୂର୍ଣ୍ଣ ପୁରୁଷ ପ୍ରଫେଟ୍ ମହମ୍ମଦଙ୍କ ଦର୍ଶାଇଥିବା ଆଲ୍ଲାଙ୍କ ପ୍ରତି ଗଭୀର ଆବେଗମୟ ଅନୁରକ୍ତି ବା ବିଶ୍ୱସ୍ତଭାବେ ଏବଂ ସଂପୂର୍ଣ୍ଣ ଭକ୍ତିର ସହ ସମର୍ପଣ ହି ପ୍ରକୃତ ମାର୍ଗ ବୋଲି ନିଜ ନିଜର ସ୍ୱଉଦାହରଣ ସହ ଉପାସ୍ଥାପନ କଲେ । ନିଜର ନିଜର ଅନୁଭୂତିରୁ ଧର୍ମଗ୍ରନ୍ଥ କୋରାନକୁ ବ୍ୟାଖ୍ୟା କରି ମୁକ୍ତିର ମାର୍ଗ ଖୋଜିବା ଆରମ୍ଭ କଲେ ଏବଂ କ୍ରମେ ତସାଉଫ ଗୋଷ୍ଠୀ ରୂପେ ଇସଲାମ ଦୁନିଆରେ ସ୍ଥାନ ପାଇଲେ । ଧିରେ ଧିରେ ସେମାନଙ୍କ ସାହିତ୍ୟ, ସାଧନା ଓ ବ୍ୟବହାର ଜନସମର୍ଥନ ପାଇ ଆନ୍ଦୋଳନର ରୂପ ନେଇ ସୁଫି ଆନ୍ଦୋଳନର ନାମବହନ କଲା । ବିଜ୍ଞମାନଙ୍କ ମତରେ ସୁଫି ଶବ୍ଦ ସୁଫ ବା ପଶମ ଶବ୍ଦରୁ ଆନୀତ । କାରଣ ସୁଫି ସନ୍ଥ ଓ ଅନୁଗାମୀ ପଶମ ବସ୍ତ୍ର ପରିଧାନ କରୁଥିଲେ । ଅନ୍ୟ କେତେକ ମତରେ ସୁଫି ଶବ୍ଦ ସାଫା ବା ସଫା ବା ପବିତ୍ରତା ଶବ୍ଦରୁ ଆନୀତ । ଅନ୍ୟ ଏକ ମତ ଅନୁସାରେ ସୁଫା ବା ଚଉତରା ଶବ୍ଦରୁ ଆନୀତ । ସୁଫି ବା ଚଉତରା ପାଖରେ ସୁଫି ନେତୃବୃନ୍ଦ ନିଜ ଅନୁଗାମୀଙ୍କ ସହ ଏକତ୍ରିତ ହୋଇ ସୁଫି ଧର୍ମ ବିଶ୍ୱାସ ଆହରଣ କରନ୍ତି ।

ସୁଫି ଧର୍ମ ବିଶ୍ୱାସ ଓ ଅନୁଗାମୀ ବଢିବା ସହିତ ସଙ୍ଗଠନ ଗଢିଉଠିଲା ।ଅନୁଗାମୀ ମାନେ ନିଜ ନିଜର ଶେଖ୍, ପୀର୍, ମୁରସିଦ୍, ମାଲିକ ବା କର୍ତ୍ତା ମୁଖିଆ ଦ୍ୱାରା ପରିଚାଳିତ ହୋଇ ନିଜ ନିଜ ଗୋଷ୍ଠୀ ଦ୍ୱାରା ନିର୍ମିତ ଖନକା ବା ଯାତ୍ରୀ ନିବାସ କିମ୍ବା ଧର୍ମଶାଳା ତିଆରି କଲେ । କର୍ତ୍ତାଙ୍କ କାମ ହେଲା ମୁରିଦ୍ ବା ଶିଷ୍ୟ ଗ୍ରହଣ ଓ ନିଯୁକ୍ତି ସେମାନଙ୍କ ଆଧାତ୍ମିକ ଆଚରଣ ହେଲା ଶିଷ୍ୟମାନଙ୍କ ମଧ୍ୟରେ ପରସ୍ପର ଆଚରଣ ବିଧି, ଗୁରୁ ଶିଷ୍ୟ ସଂପର୍କ ଓ ଆଚରଣ ବିଧି ତଥା ସର୍ବସାଧାରଣଙ୍କ ସହିତ ସଂପର୍କ ଓ ଆଚରଣ ବିଧି ତିଆରି କରିବା ।

ଦ୍ୱାଦଶ ଶତାବ୍ଦୀ ବେଳକୁ ଶେଖ୍/ପୀର୍/ମୁରସିଦ୍ ଓ ସେମାନଙ୍କ ମୁରିଦ୍ ବା ଶିଷ୍ୟ ମଧ୍ୟରେ ଉତ୍ତରାଧିକାରୀଙ୍କ ଏକ ସିଲସିଲା ବା ଶୃଙ୍ଖଳିତ ଇସଲାମ ଧର୍ମ ସମାଜରେ ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ ରୂପ ନେଲା । ମୁରସିଦ୍(ଗୁରୁ) ଓ ମୁରିଦ(ଶିଷ୍ୟ)ଙ୍କ ମଧ୍ୟରେ ଆଧାତ୍ମିକ ସମ୍ବନ୍ଧର ଶୃଙ୍ଖଳ ପ୍ରଫେଟ ମହମ୍ମଦଙ୍କ ଠାରୁ ଆରମ୍ଭ କରି ଗୁରୁମାନଙ୍କର ନିରବଚ୍ଛିନ୍ନ ପରମ୍ପରା ଉପରେ ସୁଫି ମାନେ ବିଶ୍ୱାସ କରନ୍ତି । ସୁଫି ପରମ୍ପରାରେ ନୂତନ ଶିଷ୍ୟ ଦୀକ୍ଷା ସମୟରେ ମୁରିଦ୍ ମାନେ ସୁଫି ବିଶ୍ୱାସ ଓ ଗୁରୁଙ୍କ ପ୍ରତି ଆନୁଗତ୍ୟର ଶପଥ ପାଠ କରନ୍ତି, ପଶମ ପୋଷାକ ପରିଧାନ କରନ୍ତି ଓ ମୁଣ୍ଡନ ହୁଅନ୍ତି । ମୁରସିଦ୍ ବା ଗୁରୁଙ୍କ ମୃତ୍ୟୁରେ ତାଙ୍କର ଦରଘା ବା ସମାଧି ତିଆରି ହୁଏ । ଦରଘା ଗୁରୁଙ୍କ ପବିତ୍ର ସ୍ମୃତି ପୀଠ ହୁଏ । ଭକ୍ତମାନେ ଗୁରୁଙ୍କ ଦରଘା ଦର୍ଶନ ଓ ଉପାସନା ପାଇଁ ଜିୟାରତ ବା ତୀର୍ଥଯାତ୍ରାରେ ଯାଆନ୍ତି । ବିଶେଷ କରି ଗୁରୁଙ୍କ ଉର୍ସ ବା ବାର୍ଷିକ ପୁଣ୍ୟ ତିଥିରେ ତୀର୍ଥଯାତ୍ରାରେ ଯାଇ ଦରଘା ଦର୍ଶନ କରନ୍ତି । ସୁଫି ଭକ୍ତମାନେ ବିଶ୍ୱାସ କରନ୍ତି ଯେ ମୁରସିଦ ମୃତ୍ୟୁ ପରେ ଭଗବାନଙ୍କ ସହିତ ଏକ ହୋଇଗଲେ । ସେ ହୋଇଗଲେ ୱାଲି ବା ପବିତ୍ର ସନ୍ଥ ଓ ତାଙ୍କୁ ଉପାସନା କଲେ ତାଙ୍କର ଆଶୀର୍ବାଦରୁ ପାର୍ଥିବ ତଥା ଆଧାତ୍ମିକ ଫଳପ୍ରାପ୍ତି ହେବ ।

ଏପରି ଏକ ବିଶ୍ୱାସରୁ ସୁଫି ପରମ୍ପରା ଏକ ଧର୍ମଗତ ବା ସମ୍ପ୍ରଦାୟର ରୂପ ନେଲା। ସୁଫିମାନଙ୍କ ଖନକା ବ୍ୟବସ୍ଥା ପ୍ରତି ବିରକ୍ତ ହୋଇ କେତେଜଣ ସୁଫି ବ୍ରହ୍ମଚାରୀ ବ୍ରତଧାରୀ ଭିକ୍ଷାଜୀବି ଜୀବନ ଧାରଣ କଲେ। ସେମାନେ ସମସ୍ତ ଆନୁଷ୍ଠାନିକ ରୀତିନୀତି ପରିତ୍ୟାଗ କରି ସଂପୂର୍ଣ୍ଣ ଆତ୍ମତ୍ୟାଗୀ ସନ୍ଥ ହେଲେ। ସେମାନେ ବହୁ ନାମରେ ପରିଚିତ ଯଥା କଲନ୍ଦର, ମଦାରୀ, ମାଲଙ୍ଗ ଓ ହାଇଦରୀ। ସେମାନେ ସରିଅତ ବା ଇସଲାମ ଧର୍ମର ନୀତି ନିୟମକୁ ପ୍ରତ୍ୟାଖ୍ୟାନ କରିଥିବାରୁ ସେମାନଙ୍କୁ "ବେ-ସରିୟା" ବୋଲି ଆଖ୍ୟା ଦିଆଗଲା ଓ ଯେଉଁ ସୁଫିସନ୍ଥମାନେ ସରିୟାତର ନୀତିନିୟମାନୁସାରେ ଜୀବନଯାପନ କଲେ ସେମାନେ "ବା-ସରିୟା" ବୋଲି ବିଦିତ ହେଲେ।

ଉପରୋକ୍ତ ସୁଫି ଗୋଷ୍ଠୀଙ୍କ ମଧ୍ୟରୁ କେତେକ ଦ୍ୱାଦଶ ଶତାବ୍ଦୀର ଶେଷ ଭାଗରେ ଭାରତ ଉପମହାଦେଶରେ ପ୍ରବେଶ କଲେ। ଭାରତକୁ ଆସିଥିବା ସୁଫି ଗୋଷ୍ଠୀ ସ୍ଥାନୀୟ ପରିବେଶରେ ନିଜକୁ ଢାଳି ଭାରତୀୟ ଆଧ୍ୟାତ୍ମିକ ପରମ୍ପରାର ଅନେକ ଉଲ୍ଲେଖନୀୟ ବୈଶିଷ୍ଟ୍ୟ ନିଜର କରିନେଲେ।

ଖନକା ସୁଫି ସାମାଜିକ ଓ ଆଧ୍ୟାତ୍ମିକ ଜୀବନର କେନ୍ଦ୍ର ସ୍ଥଳ ଥିଲା। ଚତୁର୍ଦ୍ଦଶ ଶତାବ୍ଦୀରେ ଯମୁନା ନଦୀ ତଟର ଗିୟାସପୁରଠାରେ ସୁଫି ସନ୍ଥ ଶେଖ୍ ନିଜାମୁଦ୍ଦିନ ଚିସ୍ତି କେତୋଟି ଛୋଟ କୋଠରୀ ଓ ଗୋଟିଏ ହଲ ତିଆରି କରି ଏକ ଖନକା ସ୍ଥାପନ କଲେ। ସେଠାରେ ତାଙ୍କ ନିଜ ପରିବାରର ସଦସ୍ୟ, ଶିଷ୍ୟ ଓ ସେବକ ରହିଲେ।

ସେ ପ୍ରତ୍ୟେହ ସକାଳ ଓ ସନ୍ଧ୍ୟାରେ ହଲରେ ଆଗନ୍ତୁକଙ୍କୁ ଭେଟୁଥିଲେ। ପ୍ରତିଦିନ ହଜାର ହଜାର ଭକ୍ତ ଦର୍ଶନ କରିବାକୁ ଆସୁଥିଲେ। ସମସ୍ତଙ୍କ ପାଇଁ ଲଙ୍ଗର ବା ପାକଶାଳାର ବ୍ୟବସ୍ଥା ଥିଲା। ଭକ୍ତ ଓ ବିଶ୍ୱାସୀମାନେ ଶେଖଙ୍କ ସହିତ ପରାମର୍ଶ ପାଇଁ, ଆରୋଗ୍ୟ ଓ ସମସ୍ୟାର ସମାଧାନ ପାଇଁ, ତାବିଜ ପ୍ରାପ୍ତି ପାଇଁ ଏବଂ ଶିଷ୍ୟତ୍ୱ ଗ୍ରହଣ କରିବା ପାଇଁ ଆସୁଥିଲେ। ସେମାନଙ୍କ ମଧ୍ୟରେ ଥିଲେ ଧନୀ,ଗରିବ,ସୈନିକ, ଦାସଦାସୀ, ଯାତ୍ରୀ, ବେପାରୀ, ଯୋଗୀ, ମଦାରୀ ଓ କଲନ୍ଦର ଇତ୍ୟାଦି। ଖନକା ବିପତ୍ତି ସମୟରେ ଲୋକଙ୍କ ଆଶ୍ରୟସ୍ଥଳ ଥିଲା।

ଶେଖ ନିଜାମୁଦ୍ଦିନ ତାଙ୍କର ଶିଷ୍ୟମାନଙ୍କ ମଧ୍ୟରୁ ଅନେକଙ୍କୁ ନିଜର ଅଧ୍ୟାତ୍ମିକ ଉତ୍ତରାଧିକାରୀ ରୂପେ ନିଯୁକ୍ତି ଦେଇ ଭାରତ ଉପମହାଦେଶର ଅନେକ ସ୍ଥାନରେ ନୂତନ ଖନକା ସ୍ଥାପନ ପାଇଁ ପ୍ରେରଣ କରିଥିଲେ। ଫଳସ୍ୱରୂପ ଚିସ୍ତି ଓ ସୁଫି ମାନଙ୍କ ବାଣୀ, ପରମ୍ପରା ଓ ସଙ୍ଗଠନ ସୁଦୃଢ଼ ହୋଇ ଶେଖଙ୍କ ଖ୍ୟାତି ବଢ଼ିଲା। ଶେଖଙ୍କ ଦର୍ଶନ ପାଇଁ ବହୁ ସଂଖ୍ୟାରେ ଭକ୍ତ ଓ ଅନୁଗାମୀ ତୀର୍ଥଯାତ୍ରାରେ ଆସିଲେ।

ଚିସ୍ତି ସୁଫି ଶେଖମାନଙ୍କ ମଧ୍ୟରେ ଶେଖ ମୁଇନୁଦ୍ଦିନ୍ ଖ୍ୱାଜା, କୁତବୁଦ୍ଦିନ ବକ୍ତିୟାର କାକୀ, ଶେଖ ଫରୀଦ୍‌ଉଦ୍ଦିନ ଗଞ୍ଜି, ଶକ୍ଵର ଶେଖ ନିଜାମୁଦ୍ଦିନ ଆଓଲିଆ ଓ ଶେଖ ନାସିରୁଦ୍ଦିନ ଚିରାଗ-ଇ-ଦିଲ୍ଲୀ ପ୍ରସିଦ୍ଧ। ଶେଖ ମୁଇନୁଦ୍ଦିନଙ୍କ ମଜାର ଅଜମେର,ରାଜସ୍ଥାନ ଠାରେ ଶେଖ ଫରିଦ୍‌ଉଦ୍ଦିନ ଙ୍କ ମଜାର ଅଯୋଧାନ,ପାକିସ୍ଥାନ ଠାରେ ଓ ଅନ୍ୟ ତିନିଜଣଙ୍କ ଦିଲ୍ଲୀଠାରେ ଅଛି।

ସୁଫି ଭକ୍ତି ବିଶ୍ୱାସରେ ଶେଖ ବା ସୁଫି ସନ୍ଥଙ୍କ ମଜାର ସମାଧିପୀଠକୁ ତୀର୍ଥଯାତ୍ରାରେ ଯାଇ ଦର୍ଶନ କରି ଆଧ୍ୟାତ୍ମିକ କରୁଣା ପ୍ରାପ୍ତ କରିବା ପରମ୍ପରାରେ ପରିଣତ ହୋଇଛି। ଭାରତରେ ଚିସ୍ତି ସୁଫି ଶେଖମାନଙ୍କ ଦରଘା

ଦର୍ଶନ କରି କରୁଣା ଲାଭ ପାଇଁ ବିଭିନ୍ନ ସାମାଜିକ ଗୋଷ୍ଠୀ, ଶ୍ରେଣୀ ଏବଂ ବିଶ୍ୱାସର ଲୋକ ପ୍ରତିବର୍ଷ ଅଜମେର ଓ ଦିଲ୍ଲୀ ଯାଇଥାନ୍ତି । ସୁଲତାନ, ସମ୍ରାଟ ଠାରୁ ଆରମ୍ଭ କରି ସର୍ବସାଧାରଣ ନିଜ ନିଜ ମନସ୍କାମନା ପୂର୍ଣ୍ଣ ପାଇଁ ସୁଫିସନ୍ଥମାନଙ୍କ ଦରଘା ଦର୍ଶନ କରନ୍ତି ।

ସୁଫିମାନଙ୍କ ଦୈନନ୍ଦିନ କାର୍ଯ୍ୟସୂଚୀରେ ଭଗବାନଙ୍କୁ ସ୍ମରଣ କରି ଭଗବାନଙ୍କୁ ଜିକର ବା ଐଶ୍ୱରୀୟ ନାମ ଉଚ୍ଚାରଣ, ଆତ୍ମସମର୍ପଣ ଦ୍ୱାରା ଉପାସ୍ୟ ଦେବତାଙ୍କ ସହ ମିଳନ ପାଇଁ ସାଧନା,ସଙ୍ଗୀତଗାନ, ସମା ବା ପ୍ରଦୀପ ପ୍ରଜ୍ୱଳନ ଇତ୍ୟାଦି କାର୍ଯ୍ୟକ୍ରମ ସ୍ଥାନୀୟ ବା ଭାରତୀୟ ଆଧ୍ୟାତ୍ମିକ ପରମ୍ପରାର ପ୍ରଭାବ ବୋଲି ସୁସ୍ପଷ୍ଟ ହୁଏ ।

ସ୍ଥାନୀୟ ପରମ୍ପରାର ପ୍ରଭାବ କେବଳ ଜିକର ଓ ସମା କାର୍ଯ୍ୟକ୍ରମରେ ପ୍ରତିଫଳିତ ହେଉନଥିଲା ତାଙ୍କ କଥିତ ଭାଷାରେ ମଧ୍ୟ ଆଦୃତ ଥିଲା । ସୁଫି ଶେଖମାନେ ସ୍ଥାନୀୟ ଭାଷାର ମଧ୍ୟ ବ୍ୟବହାର କରିଥିଲେ । ଦିଲ୍ଲୀ ଚିସ୍ତିସୁଫିମାନେ ହିନ୍ଦି ଓ ସୁଫି ବାବାଫରିଦ୍ ଗୁରୁମୁଖୀ ଭାଷାର ବ୍ୟବହାର କରିଥିଲେ । ବାବା ଫରିଦଙ୍କ ରଚନା ଶିଖ ଧର୍ମଗ୍ରନ୍ଥ ଗୁରୁଗ୍ରନ୍ଥ ସାହେବରେ ସ୍ଥାନ ପାଇଛି । ଅନେକ ସୁଫି ସନ୍ଥଙ୍କ ରଚନାରେ ଆତ୍ମାର ଗତି ଓ ପରମାତ୍ମାରେ ବିଳୟର ଯାତ୍ରା ଦେଖିବାକୁ ମିଳେ । ଦକ୍ଷିଣ ଭାରତରେ ବିଶେଷ କରି କର୍ଣ୍ଣାଟକରେ ସ୍ଥାନୀୟ ଭାଷା ଓ ବଚନର ପ୍ରୟୋଗ କରିଛନ୍ତି ସୁଫି ସନ୍ଥମାନେ । ମହାରାଷ୍ଟ୍ରରେ ଅଭଙ୍ଗଭାଷାକୁ ସେମାନେ ବ୍ୟବହାର କରିଛନ୍ତି ।

ସୁଫି ସନ୍ଥ ପରମ୍ପରାରେ ପ୍ରମୁଖ ହେଲା ବୈରାଗ୍ୟ ଓ ସାଂସାରିକ ଅଧିକାରୀଠୁ ଦୂରେଇ ରହିବା, କିନ୍ତୁ ଏହା ସଂପୂର୍ଣ୍ଣ ନିଃସଙ୍ଗ ନଥିଲା । ସେମାନେ ରାଜନୈତିକ ବ୍ୟକ୍ତିଙ୍କଠାରୁ ଦାନ ଓ ଅନୁଦାନ ଗ୍ରହଣ କରିଥାନ୍ତି କିନ୍ତୁ ନିଜ ତରଫରୁ ପାଇବାର ଚେଷ୍ଟା କେବେ କରନ୍ତି ନାହିଁ । ସୁଫି ଧର୍ମଶାଳାକୁ ଇନାମରେ ଜମି ଓ ଅନ୍ୟାନ୍ୟ ଦାନ ସୁଲତାନ ଓ ମୋଗଲ ସମ୍ରାଟମାନେ ଦେଇଛନ୍ତି । ସେମାନେ ଦାନ ମୁଦ୍ରା ତଥା ଦ୍ରବ୍ୟ ବା ଜିନିଷ ରୂପରେ ଗ୍ରହଣ କରୁଥିଲେ ଓ ଏହାକୁ ତାଙ୍କର ଦୈନନ୍ଦିନ ଦରକାରୀ କାମରେ ଲଗାଉଥିଲେ କିନ୍ତୁ ଆସକ୍ତି ଦେଖାଉ ନ ଥିଲେ । ସେଥିପାଇଁ ସୁଫି ଶେଖମାନଙ୍କ ସାଧୁତା ଓ ସଦାଚାର ଲୋକଙ୍କ ହୃଦୟ ସ୍ପର୍ଶ କରୁଥିଲା । ସେମାନଙ୍କ ଧର୍ମପରାୟଣ କାର୍ଯ୍ୟ ଓ ବିଦ୍ୱତାରେ ଲୋକେ ଅନୁପ୍ରାଣିତ ହୋଇ ସୁଫି ଶେଖ ଆଲୌକିକ ଶକ୍ତି ସଂପନ୍ନ ବୋଲି ବିଶ୍ୱାସ କଲେ । ଫଳସ୍ୱରୂପ ସେମାନେ ଜନସାଧାରଣରେ ଲୋକପ୍ରିୟ ହେଲେ । ସୁଲତାନ, ରାଜା ଓ ଶାସକ ବର୍ଗ ସେମାନଙ୍କ ସାହାଯ୍ୟ ଓ ସହଚର୍ଯ୍ୟ ପାଇବାକୁ ଇଚ୍ଛା ପ୍ରକାଶ କରୁଥିଲେ । ଯେଉଁ ସମୟରେ ତୁର୍କ ଗୋଷ୍ଠୀ ଦିଲ୍ଲୀ ସୁଲତାନ ହେଲେ ସେତେବେଳେ ଉଲେମା ବା ମୁସଲମାନ ଧର୍ମଯାଜକ ଭାରତରେ ସରିୟାତ ନିୟମ ଲାଗୁ କରିବା ପାଇଁ ଜୋର ଦେଲେ । ସୁଲତାନ ଅନୁଭବ କଲେ ଯେ ଯଦି ସରିୟାତ ନିୟମ ଲଗାଯାଏ ତାହେଲେ ଜନସଂଖ୍ୟାରେ ସଂଖ୍ୟାଧିକ ଥିବା ଅଣମୁସଲମାନ ବିରୋଧ କରିପାରନ୍ତି । ସେଥିପାଇଁ ଭାରତର ସୁଲତାନ ସୁଫି ଶେଖମାନଙ୍କ ସାହାଯ୍ୟ ଲୋଡିଥିଲେ ନିଜର ପଦପଦବୀକୁ ବୈଧ କରିବା ପାଇଁ । ସେମାନେ ଉଲେମାମାନଙ୍କ ସରିୟାତ ନିୟମର ବ୍ୟାଖ୍ୟା ଉପରେ ନିର୍ଭର ନକରି ପ୍ରତ୍ୟକ୍ଷ ଆଲ୍ଲାଙ୍କୁ ଉପାସନା କରୁଥିବା ଓ ଲୋକପ୍ରିୟ ସୁଫି ସନ୍ଥଙ୍କ ସ୍ୱୀକୃତି ଚାହୁଁଥିଲେ । ତଥାପି ସୁଲତାନ ଓ ସୁଫିମାନଙ୍କ ମଧ୍ୟରେ କଳହ ଓ ବିବାଦର ଘଟଣା ଅଛି ।

## ଭାରତୀୟ ସମାଜ ଉପରେ ସୁଫି ଓ ଭକ୍ତି ମତବାଦର ପ୍ରଭାବ :

ଭାରତୀୟ ସମାଜ ଉପରେ ସୁଫି ଓ ଭକ୍ତି ମତବାଦର ପ୍ରଭାବରେ ହିନ୍ଦୁ ଓ ଇସଲାମ ସମ୍ପ୍ରଦାୟ ମଧ୍ୟରେ କିଛି ଅଂଶରେ ଧର୍ମାନ୍ଧତା ଗୌଣ ହୋଇ ସାମାଜିକ ତଥା ସାଂସ୍କୃତିକ ଆଦାନ ପ୍ରଦାନର ବାଟ ଫିଟିଲା । ଦୁଇ ସମ୍ପ୍ରଦାୟ ମଧ୍ୟରେ ସଦ୍‌ଭାବନା ପାଇଁ ପ୍ରୟାସ ହେଲା ।

ପୂଜା ପଦ୍ଧତି ସରଳ ହୋଇ ସମାଜର ସମସ୍ତ ବର୍ଗଙ୍କୁ ସାମିଲ କରିବାର ପ୍ରୟାସ ହେଲା ।ଜ୍ଞାନ ଓ କର୍ମମାର୍ଗ ଅପେକ୍ଷା ଭଜନ, ନାମକୀର୍ତ୍ତନ ବା ଭକ୍ତି ମାର୍ଗରେ ଜାତି,ଧର୍ମ,ବର୍ଣ୍ଣ,ଲିଙ୍ଗର ଭେଦାଭେଦ ଭାବ ନରଖି ଇଶ୍ୱରପ୍ରାପ୍ତିର ବାଟ ଫିଟିଲା । ପୀର୍ ଓ ସତ୍ୟନାରାୟଣ ପୂଜା ପଦ୍ଧତିରେ ସ୍ଥାନୀୟ ଲୋକ ପରମ୍ପରା ସ୍ଥାନ ପାଇଲା ।

ଆଞ୍ଚଳିକ ଭାଷା ଓ ସାହିତ୍ୟର ଉନ୍ନତି ହେଲା ତଥା ଉର୍ଦ୍ଦୁ ଭାଷାର ଜନ୍ମ ହେଲା । ହିନ୍ଦୀ, ଓଡିଆ, ବଙ୍ଗାଳୀ, ଗୁଜରାଟୀ, ମରାଠୀ ଇତ୍ୟାଦି ଭାଷାରେ ଭକ୍ତି ଗୀତ, ବେଦ ପୁରାଣ ଅନୁବାଦିତ ହେଲା ।

ରାଜସ୍ୱ ନୀତି ବଦଳିଲା ଓ କେନ୍ଦ୍ର ଶାସନ ପ୍ରଚଳିତ ହେଲା, ଯଦ୍ୱାରା ସମାଜର ଚାଷୀ, ଆଦିବାସୀ, କାରିଗର, ବଣିକ ବ୍ୟାପାରୀ ପ୍ରଭାବିତ ହେଲେ ।

### ସାରାଂଶ

ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଯୋଗସୂତ୍ରର ମାଧ୍ୟମ ହିଁ ଭକ୍ତି । ଭକ୍ତି ପରମ୍ପରା ଆନ୍ଦୋଳନରେ ପରିଣତ ହୋଇଥିଲା ଏକ ନିର୍ଦ୍ଦିଷ୍ଟ ପୃଷ୍ଠଭୂମିରେ । ସେଥିରେ ସନ୍ଥ କବୀର ଓ ଗୁରୁନାନକଙ୍କ ଭୂମିକା ଅତୁଳନୀୟ । ସୁଫି ପରମ୍ପରା ଆରବ ଦେଶରେ ଆରମ୍ଭ ହୋଇ ଦ୍ୱାଦଶ ଶତାବ୍ଦୀର ଶେଷ ଭାଗରେ ଭାରତ ଉପମହାଦେଶରେ ପ୍ରବେଶ କଲା । ଭାରତକୁ ଆସିଥିବା ସୁଫି ଗୋଷ୍ଠୀ ସ୍ଥାନୀୟ ପରିବେଶରେ ନିଜକୁ ଢାଳି ଭାରତୀୟ ଆଧାତ୍ମିକ ପରମ୍ପରାର ଅନେକ ଉଲ୍ଲେଖନୀୟ ବୈଶିଷ୍ଟ୍ୟ ନିଜର କରିନେଲେ । ଫଳସ୍ୱରୂପ ସମାଜରେ ସଦ୍‌ଭାବନା ପାଇଁ ପ୍ରୟାସ ହେଲା । ଭାରତର ଆଞ୍ଚଳିକ ଭାଷା ଓ ସାହିତ୍ୟର ଉନ୍ନତି ହେଲା । ଜ୍ଞାନ ଓ କର୍ମମାର୍ଗ ଅପେକ୍ଷା ଭକ୍ତି ମାର୍ଗରେ ଜାତି, ଧର୍ମ, ଲିଙ୍ଗର ଭେଦଭାବ ନରଖି ଇଶ୍ୱରପ୍ରାପ୍ତିର ବାଟ ଫିଟିଲା ।

## ଆଦର୍ଶ ପ୍ରଶ୍ନାବଳୀ

### 'କ' ବିଭାଗ

### (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର)

୧. ପ୍ରତ୍ୟେକ ପ୍ରଶ୍ନ ପାଇଁ ଦିଆଯାଇଥିବା ଚାରୋଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତର ବାଛି ଲେଖ।

(କ) ଗୁରୁ ନାନକ କେବେ ଜନ୍ମଗ୍ରହଣ କରିଥିଲେ ?

(i) ୧୪୩୫ ଖ୍ରୀ. (ii) ୧୪୬୯ ଖ୍ରୀ.
(iii) ୧୫୧୦ ଖ୍ରୀ. (iv) ୧୫୩୦ ଖ୍ରୀ.

(ଖ) କବୀରଙ୍କର ଶିଷ୍ୟମାନଙ୍କୁ କ'ଣ କୁହାଯାଏ ?

(i) ବୀଜକ (ii) କବୀର ପନ୍ଥୀ
(iii) ଦୋହା (iv) ଶିଖ୍

(ଗ) ଗୁରୁ ନାନକ କାହାକୁ ତାଙ୍କର ଉତ୍ତରାଧିକାରୀ ବାଛିଥିଲେ ?

(i) ଅଙ୍ଗଦ (ii) ଅର୍ଜୁନ
(iii) ଗୋବିନ୍ଦ ସିଂ (iv) ତେଗ୍‌ବାହାଦୁର

(ଘ) ଚିରାଗ-ଇ-ଦିଲ୍ଲୀ ଭାବରେ କେଉଁ ସୁଫି ସନ୍ଥ ପରିଚିତ ?

(i) ଶେଖ କୁତବୁଦ୍ଦିନ (ii) ଶେଖ ନାସିରୁଦ୍ଦିନ
(iii) ଶେଖ ମୁଇନୁଦ୍ଦିନ (iv) ଶେଖ ଫରିଉଦ୍ଦିନ୍

(ଙ) ସୁଫିବାଦ କେଉଁ ଧର୍ମର ଅଂଶବିଶେଷ ?

(i) ହିନ୍ଦୁ ଧର୍ମ (ii) ବୌଦ୍ଧ ଧର୍ମ
(iii) ଜୈନ ଧର୍ମ (iv) ଇସଲାମ ଧର୍ମ

୨. ଶୂନ୍ୟସ୍ଥାନ ପୂରଣ କର।

(କ) ଦକ୍ଷିଣ ଭାରତରେ ବିଷ୍ଣୁଭକ୍ତମାନେ __________ ଭାବରେ ପରିଚିତ ଥିଲେ।

(ଖ) କର୍ଣ୍ଣାଟକରେ __________ଙ୍କ ନେତୃତ୍ୱରେ ଲିଙ୍ଗାୟତ ପରମ୍ପରା ସୃଷ୍ଟି ହେଲା।

(ଗ) ଶିଖମାନଙ୍କର ଧର୍ମଗ୍ରନ୍ଥ __________ ଅଟେ।

(ଘ) ଯେଉଁ ସୁଫିସନ୍ଥମାନେ ସରିୟାତର ନୀତି ଅନୁସାରେ ଜୀବନଯାପନ କଲେ ସେମାନେ __________ ଭାବରେ ପରିଚିତ ହେଲେ।

(ଙ) ସୁଫି ପରମ୍ପରାରେ ଗୁରୁଙ୍କୁ __________ କୁହାଯାଏ।

## 'ଖ' ବିଭାଗ

୩. **ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇ ବା ତିନୋଟି ବାକ୍ୟରେ ଲେଖ। (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର)**

(କ) ଜ୍ଞାନ, କର୍ମ ଓ ଭକ୍ତି ମାର୍ଗ ମଧ୍ୟରୁ କେଉଁ ମାର୍ଗ ଲୋକପ୍ରିୟ ?

(ଖ) ଅଲଭାର ଭକ୍ତମାନେ କେଉଁ ଦେବତାଙ୍କୁ ପୂଜା କରୁଥିଲେ ?

(ଗ) ନାୟନାର ଭକ୍ତମାନେ କେଉଁ ଦେବତାଙ୍କୁ ପୂଜା କରୁଥିଲେ ?

(ଘ) କେଉଁ ଅଲଭାର ସାଧ୍ୱୀ କବିଙ୍କ ରଚନା ବିସ୍ତୃତ ଭାବରେ ଗାନ କରାଯାଏ ?

(ଙ) ବୀରଶୈବ ବା ଲିଙ୍ଗାୟତ ପରମ୍ପରା କ'ଣ ?

(ଚ) ସୁଲତାନୀ ଶାସନ କାହା ଉପରେ କୁଠାରାଘାତ କଲା ?

(ଛ) ସୁଫି ପରମ୍ପରା କେଉଁଠି ଆରମ୍ଭ ହୋଇଥିଲା ?

(ଜ) ସୁଫିର ଅର୍ଥ କ'ଣ ?

(ଝ) ଗିନାନ୍ ଶବ୍ଦ କେଉଁ ଭାଷାରୁ ଆନୀତ ?

(ଞ) ସୁଫିମାନେ ତାଙ୍କର ଗୁରୁଙ୍କୁ କ'ଣ କହନ୍ତି ?

(ଟ) ସୁଫିମାନେ ତାଙ୍କର ଶିଷ୍ୟଙ୍କୁ କ'ଣ କହନ୍ତି ?

୪. **ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପାଞ୍ଚ ବା ଛଅଟି ବାକ୍ୟରେ ଲେଖ। (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର)**

(କ) ସୁଫିଗୋଷ୍ଠୀ ଭାରତକୁ କେବେ ପ୍ରବେଶ କଲେ ଓ କିପରି ନିଜକୁ ଅବସ୍ଥାପିତ କଲେ ?

(ଖ) କେଉଁ ସୁଫି ସନ୍ଥ ପ୍ରଥମେ ଭାରତରେ ସୁଫି ବିଚାରର ପ୍ରଚାର କଲେ ?

(ଗ) ଶେଖ ଫରୀଦ୍‌ଉଦ୍ଦିନ ଗନ୍‌ଜି ଶକ୍କର ଭାରତର କେଉଁ ଅଞ୍ଚଳରେ ସୁଫି ବିଚାରର ପ୍ରଚାର କରିଥିଲେ ?

(ଘ) ଶେଖ ନାସିରୁଦ୍ଦିନ କେଉଁ ନାମରେ ଭାରତରେ ପ୍ରସିଦ୍ଧ ?

(ଙ) ଗୁରୁନାନକଙ୍କ ଚିନ୍ତାଧାରା ବିଷୟରେ ଲେଖ।

(ଚ) କବୀରଙ୍କ ଚିନ୍ତାଧାରା ବିଷୟରେ ଲେଖ।

## 'ଗ' ବିଭାଗ

### (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର)

୫. ଭକ୍ତି ପରମ୍ପରା ବିଷୟରେ ଏକ ଟିପ୍ପଣୀ ଲେଖ।

୬. ସୁଫି ପରମ୍ପରା ଉପରେ ଆଲୋକପାତ କର।

୭. ଭାରତ ସମାଜରେ ସୁଫିମତର ପ୍ରଭାବ ଆଲୋଚନା କର।

୮. ଭାରତୀୟ ସମାଜ ଉପରେ ଭକ୍ତି ମତବାଦର ପ୍ରଭାବ ବର୍ଣ୍ଣନା କର।

❑●❑

**ଏକାଦଶ ଅଧ୍ୟାୟ :**

# ଭାରତରେ ଇଂରେଜ ଆର୍ଥିକ ନୀତି

## (୧୭୫୭ରୁ ୧୮୫୭ ମସିହା)

## British Economic Policies in India (1757 to 1857)

---

ଭାରତ ବହୁ ପ୍ରାଚୀନକାଳରୁ ଏକ ବିତ୍ତଶାଳୀ ଦେଶ ରୂପେ ଖ୍ୟାତି ଅର୍ଜନ କରିଥିଲା । ଏହାର କୃଷି, ଶିଳ୍ପ, ବାଣିଜ୍ୟ-ବ୍ୟବସାୟ ଉନ୍ନତମାନର ନ ଥିଲେ ମଧ୍ୟ ସୁ-ବ୍ୟବସ୍ଥିତ ଓ ଆତ୍ମନିର୍ଭରଶୀଳ ଥିଲା । ଭାରତୀୟମାନେ ସ୍ୱଭାବତଃ ମିତବ୍ୟୟୀ ଓ ଉପଭୋକ୍ତାବାଦ ବିରୋଧି ଥିବା ହେତୁ ସେମାନଙ୍କର ଆବଶ୍ୟକତା ଯଥେଷ୍ଟ ସୀମିତ ଥିଲା । ଯାହାଫଳରେ ସେମାନେ ବିଦେଶରୁ ଖୁବ୍ କମ୍ ପଦାର୍ଥ ଆମଦାନୀ କରୁଥିଲେ ଓ ନିଜ ଦେଶରେ ଉତ୍ପାଦିତ ଓ ବ୍ୟବହାର ପରେ ଉଦ୍‌ବୃତ୍ତ ସାମଗ୍ରୀମାନଙ୍କୁ ଅଧିକ ପରିମାଣରେ ବିଦେଶକୁ ରପ୍ତାନୀ କରି ଲାଭବାନ ହେଉଥିଲେ । କାଳକ୍ରମେ ବହୁ ବିଦେଶୀ ବଣିକ ଅର୍ଥଲୋଭରେ ଭାରତ ସହ ବାଣିଜ୍ୟ କାରବାର କରିବାକୁ ଆସିଥିଲେ । ତନ୍ମଧ୍ୟରୁ ଇଂଲଣ୍ଡରେ ୧୬୦୦ ମସିହାରେ ଗଢ଼ା ହୋଇ ବ୍ରିଟେନର ରାଣୀ ପ୍ରଥମ ଏଲିଜାବେଥଙ୍କଠାରୁ ସନନ୍ଦ ପ୍ରାପ୍ତ ହୋଇଥିବା ଇଂଲଣ୍ଡର ଇଷ୍ଟ ଇଣ୍ଡିଆ କମ୍ପାନୀ ଅନ୍ୟତମ । ଏହା ଭାରତରେ ମୋଗଲ ଶାସନ କାଳରେ ବାଣିଜ୍ୟ କରିବାକୁ ଆସି ମୋଗଲ ସମ୍ରାଟ ଜାହାଙ୍ଗୀରଠାରୁ ଅଧିକାର ପ୍ରାପ୍ତ ହୋଇ ଭାରତରେ ବାଣିଜ୍ୟକୋଠିମାନ ସ୍ଥାପନ କଲା ଓ ବ୍ୟବସାୟ କରିବାକୁ ଆରମ୍ଭ କଲା । ସମ୍ରାଟ ଆଉରଙ୍ଗଜେବ୍‌ଙ୍କ ମୃତ୍ୟୁପରେ ପରବର୍ତ୍ତୀ ଶାସକମାନେ ଦୁର୍ବଳ ଥିଲେ ଓ ସେମାନଙ୍କର ଦୁର୍ବଳତାର ସୁଯୋଗ ନେଇ ପ୍ରାଦେଶିକ ଶାସନକର୍ତ୍ତାମାନେ ସ୍ୱାଧୀନତା ଘୋଷଣା କରିଥିଲେ । ଏହି ଦୁର୍ବଳତାର ସୁଯୋଗ ନେଇ ଇଂରେଜମାନେ ଭାରତରେ ରାଜନୈତିକ ଶକ୍ତିରୂପେ ପ୍ରତିଷ୍ଠିତ ହେବାକୁ ଚାହିଁଥିଲେ । ସ୍ଥାନୀୟ ଶାସକମାନଙ୍କର ଦୁର୍ବଳତା ଓ ଅଭ୍ୟନ୍ତରୀଣ ବିବାଦରୁ ଲାଭ ଉଠେଇବା ପାଇଁ ଦାକ୍ଷିଣାତ୍ୟ ଓ ବଙ୍ଗଳାରେ ଚେଷ୍ଟା କରି ସଫଳ ହୋଇଥିଲେ । ୧୭୫୭ ମସିହାର ପଲାସୀ ଯୁଦ୍ଧକୁ ଭାରତରେ ଇଂରେଜ ଶକ୍ତି ପ୍ରତିଷ୍ଠାର ବର୍ଷ ବୋଲି ଗଣାଯାଏ । ଏହି ବର୍ଷ ପଲାସୀ ଯୁଦ୍ଧରେ ବଙ୍ଗ, ବିହାର, ଓଡ଼ିଶାର ନବାବ ସିରାଜଉଦ୍ଦୌଲ୍ଲାଙ୍କୁ ପରାସ୍ତ କରି ଭାରତରେ ଇଂରେଜ ଶାସନର ମୂଳଦୁଆ କ୍ଲାଇବ ପକାଇଥିଲେ । ଏହାପରେ ୧୭୬୪ ମସିହାରେ ବକ୍‌ସାର ଯୁଦ୍ଧରେ ବଙ୍ଗଳାର ନବାବ ମୀରକାସିମ୍, ଅଯୋଧ୍ୟାର ନବାବ ସୁଜାଉଦ୍ଦୌଲ୍ଲା ଓ ମୋଗଲ ଶାସକ ଶାହା ଆଲାମ ଦ୍ୱିତୀୟଙ୍କୁ ପରାସ୍ତ କରି ୧୭୬୫ ମସିହାର ଆଲ୍ଲାହାବାଦ ଚୁକ୍ତିବଳରେ ବ୍ରିଟିଶ

ବଙ୍ଗ, ବିହାର ଓ ଓଡ଼ିଶାର ଦେୱାନୀ ଅର୍ଥାତ୍ କର ଆଦାୟ କରିବାର କ୍ଷମତା ପାଇଥିଲେ। ୧୭୫୭ରୁ ୧୮୫୭ ମସିହା ମଧ୍ୟରେ ଇଂରେଜମାନେ ଭାରତର ପ୍ରଶାସନିକ ବ୍ୟବସ୍ଥାରେ ବାରମ୍ବାର ପରିବର୍ତ୍ତନ କରିଥିଲେ ମଧ୍ୟ ସେମାନଙ୍କର ଉଦ୍ଦେଶ୍ୟ ଅପରିବର୍ତ୍ତିତ ଥିଲା। ଦୀର୍ଘ ୧୦୦ ବର୍ଷର ଏହି ଶାସନ କାଳରେ କମ୍ପାନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଯେକୌଣସି ପ୍ରକାରେ କମ୍ପାନୀର ଲାଭାଂଶରେ ବୃଦ୍ଧି କରିବା ପାଇଁ ଏକଚାଟିଆ ବାଣିଜ୍ୟିକ ଅଧିକାର ପ୍ରାପ୍ତ କରିବା, ଭୂ-ରାଜସ୍ୱ ଆଦାୟର ପରିମାଣ ବୃଦ୍ଧି କରିବା, ଭରତରେ ନୂଆ ନୂଆ ଅଞ୍ଚଳ ଅଧିକାର କରି କମ୍ପାନୀର ଆୟ ବଢ଼ାଇବା ଓ ଭାରତରେ ଧିରେ ଧିରେ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରି ସେମାନଙ୍କର ଶାସନକୁ ଦୃଢ଼ରୁ ଦୃଢ଼ତର କରିବା। ନିର୍ବିବାଦରେ ଭାରତରେ ବାଣିଜ୍ୟ ଓ ତାହାଦ୍ୱାରା ଆର୍ଥିକ ଶୋଷଣ ଚଳାଇ ରଖିବା ପାଇଁ ଆଇନ୍ ଶୃଙ୍ଖଳା ତଥା ସାରା ଦେଶରେ ପ୍ରଶାସନିକ ବ୍ୟବସ୍ଥାର ଭିତ୍ତି ନିର୍ମାଣ ଓ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। କୌଣସି ବିରୋଧ ବିନା କମ୍ପାନୀର ଆର୍ଥିକ ଶୋଷଣ ଓ ବାଣିଜ୍ୟିକ ଲାଭ ହେବା ସମ୍ଭବ ନ ଥିଲା।

## ବାଣିଜ୍ୟ ନୀତି :

ଭାସ୍କୋଡାଗାମାଙ୍କ ଦ୍ୱାରା ଭାରତକୁ ଜଳପଥ ଆବିଷ୍କାର ହେବାଠାରୁ ପର୍ତ୍ତୁଗୀଜ, ଓଲନ୍ଦାଜ, ଫରାସୀ ଓ ଇଂରେଜ ବଣିକମାନେ ଏଠାକୁ ବାଣିଜ୍ୟ ବ୍ୟବସାୟ କରିବାକୁ ଆସିଥିଲେ। କାଳକ୍ରମେ ବ୍ରିଟିଶ୍ ଇଷ୍ଟ ଇଣ୍ଡିଆ କମ୍ପାନୀ କହେବଳେ କୌଶଳେ ଅନ୍ୟ ୟୁରୋପୀୟ କମ୍ପାନୀମାନଙ୍କୁ ହରେଇ ଭାରତୀୟ ବାଣିଜ୍ୟ ବଜାରରେ ନିଜର ଆଧିପତ୍ୟ ବିସ୍ତାର କଲା। ବାଣିଜ୍ୟ କାରବାରକୁ ନିର୍ବିଘ୍ନରେ ଚଳେଇ ରଖିବା ପାଇଁ ଭାରତର ସମସ୍ତ ଅଞ୍ଚଳକୁ ଧିରେ ଧିରେ ବଳପୂର୍ବକ ଦଖଲ କରି ନିଜର ପ୍ରାଧାନ୍ୟ ବୃଦ୍ଧି କଲେ। ୧୬୦୦ ମସିହା ଠାରୁ ୧୭୫୭ ମସିହା ପର୍ଯ୍ୟନ୍ତ ଏହା ଏକ ବାଣିଜ୍ୟ ସଙ୍ଗଠନ ରୂପେ କାମ କରୁଥିଲା। ଭାରତରେ ଅନୁପଲବ୍ଧ ବିଭିନ୍ନ ବସ୍ତୁ ଓ ମୂଲ୍ୟବାନ ବିଳାସ ସାମଗ୍ରୀମାନ ଆଣି ତା ବଦଳରେ କମ୍ପାନୀ ତନ୍ତରେ ପ୍ରସ୍ତୁତ ଲୁଗାପଟା, ମସଲା, ଚମଡ଼ା, ନୀଳ, ଘର ସାଜସଜ୍ଜା ସରଞ୍ଜାମ ଯଥା ପଶୁମାନଙ୍କର ଶିଙ୍ଗ ଆଦି କିଣୁଥିଲା ଓ ତାକୁ ବିଦେଶରେ ଅଧିକ ଦାମରେ ବିକ୍ରି କରୁଥିଲା। ଭାରତରୁ କିଣିବା ବେଳେ ଶସ୍ତାରେ କିଣି ବିଦେଶରେ ବେଶୀ ଦାମ୍‌ରେ ବିକ୍ରି କରିବା ସହ ବିଦେଶରୁ ସାମଗ୍ରୀମାନ କମ୍ ଦାମରେ କିଣି ଭାରତରେ ଆଭିଜାତ୍ୟ ସମ୍ପନ୍ନ ସାମନ୍ତ, ଜମିଦାର, ରାଜା, ମହାରାଜା, ନବାବମାନଙ୍କୁ ଅଧିକ ଦାମରେ ବିକ୍ରି କରି ପ୍ରଚୁର ଲାଭବାନ ହେଉଥିଲା। ସେତେବେଳେ କମ୍ପାନୀ ଭାରତରୁ ଆମଦାନୀ କରିଥିବା ସାମଗ୍ରୀମାନ ପାଇଁ ୟୁରୋପରେ ବଜାର ଖୋଜୁଥିଲା। ତେଣୁ ଭାରତର ତନ୍ତ ଉତ୍ପାଦିତ ବସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀର ରପ୍ତାନୀ ବୃଦ୍ଧି ହେଲା ଓ ଏହାର ଉତ୍ପାଦନକୁ ପ୍ରୋତ୍ସାହନ ମିଳୁଥିଲା। ଭାରତର ସ୍ଥାନୀୟ ଶାସକମାନେ ଇଂରେଜମାନଙ୍କୁ ସେମାନଙ୍କର ବାଣିଜ୍ୟ କେନ୍ଦ୍ର ସ୍ଥାପନ କରିବାକୁ ଅନୁମତି ଦେଲେ ଓ ଉତ୍ସାହିତ ମଧ୍ୟ କଲେ।

ଏହି ସମୟରେ ବ୍ରିଟେନରେ ଭାରତୀୟ ବସ୍ତ୍ରର ଆଦୃତି ଅଧିକ ଥିଲା ଯାହା ସେଠାକାର ଶିଳ୍ପପତିମାନଙ୍କୁ ଈର୍ଷାନ୍ୱିତ କରିଥିଲା। ବ୍ରିଟେନ୍ ଲୋକମାନେ ମୋଟା ପଶମ ବସ୍ତ୍ର ବଦଳରେ ହାଲୁକା ସୂତା ବସ୍ତ୍ରକୁ ପସନ୍ଦ କରିବାକୁ ଆରମ୍ଭ କଲେ। ବ୍ରିଟେନରେ ଭାରତୀୟ ସାମଗ୍ରୀର ବିକ୍ରି କମ କରିବାକୁ ସେଠାକାର ନିର୍ମାତାମାନେ ସରକାରଙ୍କ ଉପରେ ଚାପ ପ୍ରୟୋଗ କରିବା ଆରମ୍ଭ କଲେ। ୧୭୨୦ ମସିହା ବେଳକୁ ରଙ୍ଗୀନ ତଥା ଛାପା ସୂତାବସ୍ତ୍ର

ବ୍ୟବହାର ଉପରେ ନିଷେଧାଜ୍ଞା ଜାରି ହେଲା । ସାଧା ବସ୍ତ୍ରର ଆମଦାନୀ ଉପରେ ଭାରି ମାହାସୁଲ ଆଦାୟ କରାଗଲା । ୧୭୬୦ ମସିହାରେ ଜଣେ ମହିଳାଙ୍କୁ ବିଦେଶୀ ରୁମାଲ ରଖିବା ଅଭିଯୋଗରେ ବ୍ରିଟେନ୍‌ରେ ୨୦୦ ପାଉଣ୍ଡ ଜୋରିମାନା କରାଯାଇଥିଲା । କେବଳ ହଲାଣ୍ଡକୁ ବାଦଦେଲେ ଅନ୍ୟ ୟୁରୋପୀୟ ଦେଶମାନଙ୍କରେ ଭାରତୀୟ ବସ୍ତ୍ରର ଆମଦାନୀ ଉପରେ ନିଷେଧାଜ୍ଞା ଜାରି ହେଲା ବା ଭାରୀ ଆମଦାନୀ ଶୁଳ୍କ ଲାଗୁ କରାଯାଉଥିଲା । ଏହାର ଉଦ୍ଦେଶ୍ୟ ଥିଲା ଭାରତରୁ ଲୁଗା ଆମଦାନୀ ଯଥେଷ୍ଟ ପରିମାଣରେ ହ୍ରାସ କରି ସେମାନଙ୍କ ଦେଶର ବସ୍ତ୍ରଶିଳ୍ପକୁ ପ୍ରୋତ୍ସାହନ ଦେବା । ଏହା ସତ୍ତ୍ୱେ ଅଷ୍ଟାଦଶ ଶତାବ୍ଦୀର ମଧ୍ୟ ପର୍ଯ୍ୟନ୍ତ ଭାରତରେ ତିଆରି ସୂତା ଓ ରେଶମ ବସ୍ତ୍ରର ଚାହିଦା ବିଦେଶରେ ଯଥେଷ୍ଟ ଥିଲା ଓ ସେଠାକାର ଉତ୍ପାଦିତ ବସ୍ତ୍ରମାନ ଭାରତରେ ଉତ୍ପାଦିତ ବସ୍ତ୍ରଠାରୁ ଗୁଣାତ୍ମକ ଭାବରେ ନିଶ୍ଚିତଭାବର ନିମ୍ନ ସ୍ତରର ଥିଲା । ସେଥିପାଇଁ ସେମାନେ ୟୁରୋପୀୟ ବଜାରରେ ଭରତର ଉତ୍ପାଦିତ ବସ୍ତ୍ରଗୁଡ଼ିକୁର ଚାହିଦାକୁ କୃତ୍ରିମ ଭାବରେ ବଜାରର ଆବଶ୍ୟକତାଠାରୁ ଦୂରେଇ ରଖିବାକୁ ଚେଷ୍ଟା କରୁଥିଲେ । କିନ୍ତୁ ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ଇଂଲଣ୍ଡରେ ଔଦ୍ୟୋଗିକ ବିପ୍ଳବର ପ୍ରଭାବରେ ନୂଆ ବସ୍ତ୍ରଶିଳ୍ପ ଜନ୍ମ ନେଇଥିଲା ଓ ଏହାର ବିକାଶ ଭାରତର ବସ୍ତ୍ରଶିଳ୍ପକୁ ବହୁତ ପଛରେ ପକାଇ, ଅଧିକ ପରିମାଣରେ ତଥା ଯଥେଷ୍ଟ କମ୍ ଦାମରେ, ଲୁଗା କଳରେ ଉତ୍ପାଦିତ ସାମଗ୍ରୀ ଭାରତର ସାଧାରଣ ଜନସାଧାରଣଙ୍କ ପାଖରେ ପହଞ୍ଚାଇଥିଲା, ଯାହା ଭାରତରେ ମନୁଷ୍ୟର ଶ୍ରମଦ୍ୱାରା ଚାଲୁଥିବା ହସ୍ତତନ୍ତର ଉତ୍ପାଦିତ ସାମଗ୍ରୀର ବଜାର ଉପରେ ଗଭୀର ପ୍ରଭାବ ପକାଇଥିଲା ।

୧୭୫୭ ପଲାସୀ ଯୁଦ୍ଧ ଓ ତାପର ୧୭୬୪ ମସିହାର ବକ୍‌ସାର ଯୁଦ୍ଧପରେ ଭାରତର ରାଜନୈତିକ ତଥା ଅର୍ଥନୈତିକ କ୍ଷେତ୍ରରେ ଇଂରେଜମାନଙ୍କର ଏକଚାଟିଆ ଅଧିକାର ସାବ୍ୟସ୍ତ ଥିଲା । କମ୍ପାନୀ ତା'ର ବାଣିଜ୍ୟକୁ ବୃଦ୍ଧି କରିବା ପାଇଁ ତା'ର ରାଜନୈତିକ କ୍ଷମତାକୁ ବ୍ୟବହାର କଲା । ଭାରତୀୟ ସମାଗ୍ରୀ ରପ୍ତାନି ପାଇଁ ଆବଶ୍ୟକ ପୁଞ୍ଜି ବଙ୍ଗରେ ଆଦାୟ ହୋଉଥିବା ରାଜସ୍ୱରୁ ବିନିଯୋଗ କଲା । ୧୭୫୦-୫୧ରେ ଭାରତରୁ ଇଂଲଣ୍ଡକୁ ରପ୍ତାନୀର ମୋଟ ମୂଲ୍ୟ ଥିଲା ୧୫ ଲକ୍ଷ ପାଉଣ୍ଡ, ଯାହା ୧୭୯୭-୯୮ରେ ବୃଦ୍ଧିପାଇ ହେଲା ୫୮୦ ଲକ୍ଷ ପାଉଣ୍ଡ, କିନ୍ତୁ ଏହି ବୃଦ୍ଧି ଭାରତୀୟ ବୁଣାକାର ବା ଅନ୍ୟ ଉତ୍ପାଦକମାନଙ୍କ ପାଇଁ କିଛି ଲାଭଦାୟକ ହେଲା ନାହିଁ । ରାଜନୈତିକ କ୍ଷମତାର ଅପବ୍ୟବହାର କରି ଭାରତୀୟ ବୁଣାକାରମାନଙ୍କୁ ଶସ୍ତାରେ ବା ତାଙ୍କ ସର୍ତ୍ତ ମାନି ବିକ୍ରି କରିବାକୁ ବାଧ୍ୟ କଲେ । ସେମାନଙ୍କ ଉତ୍ପାଦିତ ସାମଗ୍ରୀ କେବଳ କମ୍ପାନୀକୁ ବିକିବାକୁ ସେମାନଙ୍କୁ ବାଧ୍ୟ କରାଗଲା । ଅନେକ ସ୍ଥାନରେ ସେମାନଙ୍କୁ କମ୍ ମଜୁରୀରେ କାମ କରିବାକୁ ବାଧ୍ୟ କରାଗଲା । କଞ୍ଚାମାଲ ରୂପେ ବ୍ୟବହାର ହେଉଥିବା ତୁଳା ଉପରେ ବ୍ରିଟିଶମାନେ ଏକଚାଟିଆ ଅଧିକାର ସାବ୍ୟସ୍ତ କଲେ । ତେଣୁ ବୁଣାକାରମାନେ ତୁଳା କିଣିବା ବେଳେ ବ୍ରିଟିଶମାନଙ୍କୁ ମନଇଚ୍ଛା ଦାମ ଦେବାଦ୍ୱାରା କ୍ଷତିଗ୍ରସ୍ତ ହେଲେ । ଭାରତରୁ ଆମଦାନୀ ଲୁଗା ଉପରେ ଇଂଲଣ୍ଡରେ ଚଢ଼ା ଦରରେ ଆମଦାନୀ ଶୁଳ୍କ ଦେବାକୁ ପଡ଼ିଲା । ନିଜର ବର୍ଦ୍ଧିଷ୍ଣୁ ମେସିନ୍ ଶିଳ୍ପ ତଥା ସେଥିରୁ ଉତ୍ପାଦିତ ହେଉଥିବା ସାମଗ୍ରୀର ବିକ୍ରିକୁ ସୁରକ୍ଷା ଦେବାପାଇଁ, ଭାରତରୁ ଇଂଲଣ୍ଡକୁ ରପ୍ତାନୀ ଦ୍ରବ୍ୟମାନଙ୍କର ପ୍ରତିଯୋଗୀତା ନ ହେବା ପାଇଁ ଏପରି ପଦକ୍ଷେପମାନ ନେଇଥିଲେ । ଶସ୍ତାରେ ମିଳୁଥିବା ଉଚ୍ଚମାନର ଭାରତୀୟ ସାମଗ୍ରୀ ସହ ବ୍ରିଟେନରେ ମେସିନ୍‌ରେ ଉତ୍ପାଦିତ ସାମଗ୍ରୀ ପ୍ରତିଯୋଗିତା କରିପାରିବେ ନାହିଁ । ଏହା ବ୍ରିଟିଶ ସରକାର ଜାଣିଥିଲେ । ସରକାରଙ୍କ ଏଭଳି ବୈମାତୃକ ଭାବ ସତ୍ତ୍ୱେ ଭାରତୀୟ ସାମଗ୍ରୀର ଇଂଲଣ୍ଡ ବଜାରରେ ଚାହିଦା କମି

ନ ଥିଲା, କିନ୍ତୁ ୧୮୧୩ ମସିହା ପରେ ଭାରତୀୟ ହସ୍ତଶିଳ୍ପକୁ ପ୍ରଚଣ୍ଡ ଧକ୍କା ମିଳିଥିଲା ଯେତେବେଳେ ଏହା ବିଦେଶୀ ଓ ଭାରତୀୟ ବଜାର ହାତଛଡ଼ା କଲା ।

ଇଂଲଣ୍ଡର ଶିଳ୍ପ ବିପ୍ଳବର ଅଭିବୃଦ୍ଧି ଯୋଗୁ ଏହାର ଅର୍ଥ ବ୍ୟବସ୍ଥା ଓ ଭାରତ ସହ ତାହାର ଆର୍ଥିକ ସମ୍ବନ୍ଧର ଆମୂଳଚୂଳ ପରିବର୍ତ୍ତନ ଦେଖାଯାଇଥିଲା । ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ତଥା ଊନବିଂଶ ଶତାବ୍ଦୀର ପ୍ରଥମ କିଛି ଦଶନ୍ଧି ମଧ୍ୟରେ ବ୍ରିଟେନ୍‌ରେ ଆର୍ଥିକ ଓ ସାମାଜିକ ପରିବର୍ତ୍ତନମାନ ଘଟିଥିଲା । ଏହି ସମୟ ମଧ୍ୟରେ ବ୍ରିଟିଶ ଶିଳ୍ପ ଆଧୁନିକ ଯନ୍ତ୍ରର ବ୍ୟବହାର, କାରଖାନା ବ୍ୟବସ୍ଥାରେ ଉନ୍ନତି ଓ ପୁଞ୍ଜିବାଦ ଆଧାରରେ ଦୃଢ଼ ବିକାଶ ଓ ବିସ୍ତାରଲାଭ କଲା । ଅନ୍ୟ କେତେକ କାରଣମାନ ମଧ୍ୟ ଏହି ବିକାଶ ପ୍ରକ୍ରିୟାରେ ସହାୟତା କରିଥିଲା ।

ପ୍ରଥମତଃ, ସପ୍ତଦଶ ଶତାବ୍ଦୀରୁ ଇଂଲଣ୍ଡର ବହିର୍ବାଣିଜ୍ୟ ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଥିଲା । ଯୁଦ୍ଧ ଓ ଉପନିବେଶ ସ୍ଥାପନ ଦ୍ୱାରା ବ୍ରିଟେନ୍ ଅନେକ ବୈଦେଶିକ ବଜାର ଉପରେ ନିୟନ୍ତ୍ରଣ ରଖିଥିଲା ଓ ଅନେକ ବଜାରରେ ତାର ଏକଚାଟିଆ ଅଧିକାର ସାବ୍ୟସ୍ତ କରିଥିଲା । ଆଧୁନିକ ବୈଷୟିକ ଜ୍ଞାନ, କୌଶଳ ପ୍ରୟୋଗ କରି ତା'ର ରପ୍ତାନୀ ଯୋଗ୍ୟ ସାମଗ୍ରୀର ଉତ୍ପାଦନ ବୃଦ୍ଧି କଲା । ରପ୍ତାନି ବଜାର ଉପରେ ତାହାର ଦଖଲ ଏହାପାଇଁ ସହାୟକ ହୋଇଥିଲା । ଆଫ୍ରିକା, ଲାଟିନ୍ ଆମେରିକା, କାନାଡ଼ା, ୱେଷ୍ଟଇଣ୍ଡିଜ୍, ଅଷ୍ଟ୍ରେଲିଆ, ଚୀନ୍ ଓ ଭାରତ ଆଦି ଦେଶରେ ରପ୍ତାନୀର ଅସୀମ ସୁବିଧା ଇଂଲଣ୍ଡ ପାଖରେ ଥିଲା । ଶିଳ୍ପବିପ୍ଳବ ଏଥିପାଇଁ ଇଂଲଣ୍ଡର ବିଶେଷ ସହାୟକ ହୋଇଥିଲା ।

ଦ୍ୱିତୀୟତଃ, ନୂଆ ନୂଆ କାରଖାନା ପ୍ରତିଷ୍ଠା ପାଇଁ ବ୍ରିଟେନ୍ ପାଖରେ ଯଥେଷ୍ଟ ପୁଞ୍ଜି ଥିଲା । ଏହି ପୁଞ୍ଜି ସାମନ୍ତବାଦୀଙ୍କ ପାଖରେ ନ ଥାଇ ଶିଳ୍ପପତି ଓ ବ୍ୟବସାୟୀ ଗୋଷ୍ଠୀଙ୍କ ହାତରେ ଗଚ୍ଛିତ ଥିଲା, ଯାହା ସେମାନେ ନୂତନ ଶିଳ୍ପ ପ୍ରତିଷ୍ଠାରେ ନିବେଶ କଲେ । ଔପନିବେଶ ଶୋଷଣ ଏହି ପୁଞ୍ଜି ସୃଷ୍ଟି କରିଥିଲା, ବିଶେଷ ଭାବରେ ପଲାସୀ ଯୁଦ୍ଧ ପରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଓ ତାହାର କର୍ମଚାରୀମାନେ ଭାରତରୁ ବିପୁଳ ଧନସମ୍ପତ୍ତି ଲୁଣ୍ଠନ କରି ନେଇଥିଲେ, ଯାହା ପୁଞ୍ଜି ସୃଷ୍ଟି କରିବାରେ ସହାୟକ ହୋଇଥିଲା ।

ତୃତୀୟତଃ, ଦ୍ରୁତ ଶିଳ୍ପ ବିକାଶ ପାଇଁ ଅଧିକ ସଂଖ୍ୟାରେ ଓ କମ୍ ପାରିଶ୍ରମିକରେ ଶ୍ରମିକ ଉପଲବ୍ଧ ହେବା ଆବଶ୍ୟକ । ବ୍ରିଟେନର ଦ୍ରୁତ ଜନସଂଖ୍ୟା ବୃଦ୍ଧି ଏହି ଆବଶ୍ୟକତାକୁ ପୂରଣ କଲା । ୧୭୪୦ ମସିହା ପରେ ଇଂଲଣ୍ଡର ଜନସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇଲା । ମାତ୍ର ପଚାଶ ବର୍ଷରେ ୧୭୮୦ ବେଳକୁ ଏହା ଦ୍ୱିଗୁଣିତ ହେଲା ।

ଚତୁର୍ଥରେ, ବ୍ରିଟେନରେ ସେତେବେଳେ ଏମିତି ଏକ ସରକାର ଶାସନରେ ଥିଲା, ଯାହା ବ୍ୟବସାୟୀ ଓ ଶିଳ୍ପପତିମାନଙ୍କ ଦ୍ୱାରା ବହୁମାତ୍ରାରେ ପ୍ରଭାବିତ ଥିଲା । ତେଣୁ ବଜାର ଏବଂ ଉପନିବେଶ ଲାଭ କରିବା ପାଇଁ ଏହି ସରକାର ଅନ୍ୟ ଦେଶଗୁଡ଼ିକ ସହ ଯୁଦ୍ଧ କରିବାକୁ ଆଗଭର ହେଉଥିଲା ।

ପଞ୍ଚମରେ, ଯେତେବେଳେ ଉତ୍ପାଦନର ଚାହିଦା ବୃଦ୍ଧି ଘଟିଲା, ତାକୁ ପୂରଣ କରିବା ପାଇଁ ବୈଷୟିକ ଜ୍ଞାନର ବିକାଶ ଘଟିଥିଲା । ଫଳରେ ଅନେକ ନୂତନ ଉଦ୍ଭାବକମାନେ ନୂଆ ନୂଆ ଉଦ୍ଭାବନମାନ ଏହି ସମୟରେ କରିଥିଲେ । ହାରଗ୍ରିଭସ୍, ଜେମସ୍ ୱାଟ୍, କାର୍ଟରାଇଟ୍ ଓ ଆହୁରି ଅନେକ ଉଦ୍‌ଭାବକମାନେ ଶିଳ୍ପ ବିପ୍ଳବର

ଅଭିବୃଦ୍ଧିରେ ସହାୟକ ହୋଇଥିଲେ। ବାଷ୍ପୀୟ ଶକ୍ତିର ପୂର୍ଣ୍ଣ ଉପଯୋଗ ଦ୍ୱାରା ଅଧିକ କାରଖାନାମାନ ଉତ୍ପାଦନ ଆରମ୍ଭ କଲେ। ନୂତନ ଉଦ୍ଭାବନ ପାଇଁ ପ୍ରୋତ୍ସାହନ ଦିଆଗଲା। ଶିଳ୍ପ କ୍ଷେତ୍ରରେ ନୂଆ ସମ୍ଭାବନା ଆରମ୍ଭ ହେଲା। ଶିଳ୍ପ ବିପ୍ଳବର କେବେ ପରିସମାପ୍ତି ଘଟି ନାହିଁ। ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରୁ ଏହା ଆରମ୍ଭ ହେଲା ଏବଂ ଗୋଟିଏ ପର୍ଯ୍ୟାୟରୁ ଆଉ ଗୋଟିଏ ପର୍ଯ୍ୟାୟକୁ ଏହା ନିରନ୍ତର ଉନ୍ନୀତ ହେବାକୁ ଲାଗିଲା।

୧୮୧୩ ମସିହା ପରେ ଭାରତ ଔଦ୍ୟୋଗିକ ଇଂଲଣ୍ଡର ଆର୍ଥିକ ଉପନିବେଶରେ ପରିଣତ ହେଲା, ବ୍ରିଟେନ୍‌ର ଅଧିକରୁ ଅଧିକ ଶିଳ୍ପ ପାଇଁ ଭାରତ କଞ୍ଚାମାଲ ଯୋଗାଉଥିଲା। ଶ୍ରମିକ ସଂଖ୍ୟା ବୃଦ୍ଧି ପାଇବାରୁ ଇଂଲଣ୍ଡର ଗ୍ରାମାଞ୍ଚଳରେ କୃଷିଜାତ ଦ୍ରବ୍ୟର ଉତ୍ପାଦନ କମ୍ ହେଲା, ତେଣୁ ଭାରତରୁ ଖାଦ୍ୟଶସ୍ୟ ମଧ୍ୟ ଇଂଲଣ୍ଡର ଶ୍ରମିକଶ୍ରେଣୀ ପାଇଁ ଭାରତରୁ ନିଆ ଯାଉଥିଲା। ଏହା ସହ ଭାରତ ଇଂଲଣ୍ଡର ଉତ୍ପାଦିତ ସାମଗ୍ରୀ ପାଇଁ ବିସ୍ତୃତ ବଜାର ରୂପେ ବ୍ୟବହୃତ ହେଲା। ଅନ୍ୟ ପକ୍ଷରେ ଭାରତୀୟ ସାମଗ୍ରୀ ଉପରେ ଅଧିକ ଆମଦାନୀ ଶୁଳ୍କ ଲାଗୁକରି ତା'ର ଦାମ ଏତେ ବୃଦ୍ଧି କଲେ ଯେ ଏହା ଇଂଲଣ୍ଡରେ ତାର ବଜାର ହରାଇ ବସିଲା। ଉଦାହରଣ ସ୍ୱରୂପ, ୧୮୨୪ରେ ଭାରତର ମୋଟା ସୂତା କପଡ଼ା ଉପରେ ଆମଦାନୀ ଶୁଳ୍କ ଥିଲା ୬୭.୫ ପ୍ରତିଶତ ଓ ମଲମଲ କପଡ଼ା ଉପରେ ଏହା ଥିଲା ୩୭.୫ ପ୍ରତିଶତ। ଭାରତୀୟ ଚିନି ଉପରେ ବ୍ରିଟେନ୍ ଏହାର ଉତ୍ପାଦନ ମୂଲ୍ୟର ତିନିଗୁଣରୁ ଅଧିକ ଉତ୍ପାଦନ ଶୁଳ୍କ ଲାଗୁ କରିଥିଲା। ଏହାର ଉଦ୍ଦେଶ୍ୟ ଥିଲା, ଭାରତୀୟ ଉତ୍ପାଦିତ ସାମଗ୍ରୀ ଇଂଲଣ୍ଡ ବା ୟୁରୋପୀୟ ବଜାରରେ ପ୍ରବେଶ ନ କରୁ। ଭାରତରୁ ମୁଖ୍ୟତଃ କପା, ଝୋଟ, ତୈଳବୀଜ, ଗହମ, ଚମଡ଼ା, ନୀଳ ଓ ଚା ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ରପ୍ତାନୀ ହେଉଥିଲା। ବସ୍ତ୍ର ରପ୍ତାନୀ କମିବାକୁ ଲାଗିଥିଲା ଓ ଭାରତରେ ବ୍ରିଟେନରେ ମିଲମାନଙ୍କରେ ଉତ୍ପାଦିତ ହେଉଥିବା ଲୁଗା ବଜାରରେ ପ୍ରସାରିତ ହୋଇ ଏହାକୁ ଦଖଲ କରିଥିଲା।

ଏହିଭଳି ଭାବରେ ୧୮୧୩ ପରବର୍ତ୍ତୀ କାଳରେ ଇଷ୍ଟ ଇଣ୍ଡିଆ କମ୍ପାନୀର ବାଣିଜ୍ୟ ନୀତି ବ୍ରିଟିଶ ଶିଳ୍ପର ଚାହିଦାକୁ ଦୃଷ୍ଟିରେ ରଖି ନିର୍ଦ୍ଧାରିତ ହୋଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଭାରତ ବ୍ରିଟିଶ ଶିଳ୍ପର କ୍ରମବର୍ଦ୍ଧିଷ୍ଣୁ କଞ୍ଚାମାଲ ଯୋଗାଣକାରୀ ଉପନିବେଶ ହେବ ଓ ବ୍ରିଟିଶ କାରଖାନା ପ୍ରସ୍ତୁତ ସାମଗ୍ରୀର ଏକ ଗ୍ରାହକ-ପୁଷ୍ଟ ବଜାର ଭାବରେ ରୂପାନ୍ତରିତ ହେବ।

## କୃଷିର ବ୍ୟବସାୟୀକରଣ :

ବାଣିଜ୍ୟ ନୀତିର ଅନ୍ୟ ଏକ ପ୍ରଭାବ ଥିଲା କୃଷିର ବ୍ୟବସାୟୀକରଣ। ଶିଳ୍ପଜାତ ସାମଗ୍ରୀ ଉତ୍ପାଦନ ନିମନ୍ତେ କଞ୍ଚାମାଲ ନିହାତି ଦରକାର। କୃଷିଜାତ ଫସଲ ମଧ୍ୟରେ ବ୍ରିଟିଶ୍ ସରକାର ଅର୍ଥକାରୀ ଫସଲ ଉପରେ ଅଧିକ ଗୁରୁତ୍ୱ ଦେଲେ, କାରଣ ଉକ୍ତ ଫସଲର ବିକ୍ରିଲବ୍ଧ ଅର୍ଥରୁ ଅଧିକ ପରିମାଣରେ ଲାଭ ମିଳୁଥିଲା। ତେଣୁ ବ୍ରିଟିଶ ଭାରତୀୟ କୃଷକମାନଙ୍କୁ ଏହି ଫସଲ ଚାଷ କରିବା ପାଇଁ ଚାପ ପ୍ରୟୋଗ କରୁଥିଲା ବା ବାଧ୍ୟ କରୁଥିଲା। ଏହି ଅର୍ଥକାରୀ ଫସଲ (cash crop) ଥିଲା ଉନ୍ନତମାନର କପା, ଧୂଆଁପତ୍ର, ଅଫିମ, କଫି, ଚାହା, ଝୋଟ, ନୀଳ, ଚିନାବାଦାମ ପ୍ରଭୃତି। ଏପରିକି ଅଫିମକୁ ବିକ୍ରି କରିବା ପାଇଁ ବ୍ରିଟେନ୍ ଚୀନ୍ ସହ ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ଦୁଇଥର ଯୁଦ୍ଧ କରିଥିଲା, ଯାହାକୁ ପ୍ରଥମ ଅଫିମ ଯୁଦ୍ଧ ଓ ଦ୍ୱିତୀୟ ଅଫିମ ଯୁଦ୍ଧ କୁହାଯାଏ। ପ୍ରଥମଟି

୧୮୪୦-୪୨ ମସିହା ଓ ଦ୍ୱିତୀୟଟି ୧୮୫୬ ରୁ ୧୮୫୮ ମଧ୍ୟରେ ସଙ୍ଘଠିତ ହୋଇଥିଲା । ଏହି କୃଷିର ବ୍ୟବସାୟୀକରଣ ଦ୍ୱାରା ମରୁଡ଼ି ସମୟରେ ଧାନ, ଗହମ, ଯବ, ବାଜରା, ମାଣ୍ଡିଆ, କୋଳଥ ଆଦି ଖାଦ୍ୟଶସ୍ୟର ଉତ୍ପାଦନ ନ ଥିବାରୁ ଦରିଦ୍ର ଶ୍ରେଣୀର କୃଷକମାନେ ଖାଦ୍ୟ ଅଭାବରେ ବହୁ ସଂଖ୍ୟାରେ ମୃତ୍ୟୁମୁଖରେ ପଡୁଥିଲେ । ଅନାହାର ମୃତ୍ୟୁରୁ ଲୋକମାନଙ୍କୁ ରକ୍ଷା କରିବାପାଇଁ ସରକାରଙ୍କ କୌଣସି ଯୋଜନା ନଥିଲା । ଅର୍ଥକାରୀ ଫସଲକୁ ଭାରତୀୟ ଚାଷୀମାନଙ୍କ ଦ୍ୱାରା ସ୍ୱଳ୍ପ ଖର୍ଚ୍ଚରେ ଉତ୍ପନ୍ନ କରି ୟୁରୋପ ଓ ଆମେରିକା ବଜାରରେ ଚଢ଼ା ଦାମରେ ବିକ୍ରି କରି ଇଂରେଜ ବଣିକମାନେ ପ୍ରଚୁର ଲାଭବାନ ହେଉଥିଲେ, କିନ୍ତୁ ଭାରତୀୟ କୃଷକର ଅବସ୍ଥାରେ କୌଣସି ସୁଧାର ଆସୁ ନ ଥିଲା । କୃଷକମାନେ ନିଜର ଆବଶ୍ୟକ ଖାଦ୍ୟଶସ୍ୟ ଉତ୍ପାଦନ କରିପାରୁ ନ ଥିଲେ, ତେଣୁ ପ୍ରାକୃତିକ ବିପର୍ଯ୍ୟୟ ବେଳେ ବହୁ ସଂଖ୍ୟାରେ ସାଧାରଣ କୃଷକମାନେ ମୃତ୍ୟୁମୁଖରେ ପଡୁଥିଲେ ବା ଋଣଯନ୍ତାରେ ମହାଜନମାନଙ୍କ ଦ୍ୱାରା କବଳିତ ହେଉଥିଲେ ।

ବ୍ରିଟେନର ବାଣିଜ୍ୟନୀତି ଭାରତର କୃଷିର ଅନଗ୍ରସରତା, କୃଷକର ଉତ୍କଟ ଦାରିଦ୍ର୍ୟ, ଶିଳ୍ପୀ ଓ କାରିଗର ଶ୍ରେଣୀର ବିନାଶ, ବିଦେଶୀ ଦ୍ରବ୍ୟର ଅହେତୁକ ଚାହିଦା ବୃଦ୍ଧି ଓ ଦେଶୀୟ ହସ୍ତଶିଳ୍ପର ଅବନତି, ଗ୍ରାମୀଣ ସଭ୍ୟତାର ବିଲୟ ଓ ସହରୀ ସଭ୍ୟତାର ଅଭ୍ୟୁଦୟ, ଭୟଙ୍କର ଦୁର୍ଭିକ୍ଷର ପ୍ରଭାବ ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବା ପାଇଁ ସରକାରଙ୍କ ଯୋଜନାକୃତ ଉଦ୍ୟମର ଅଭାବ, ବୟନ ଶିଳ୍ପ, ମୃଣ୍ମୟ ଶିଳ୍ପ, ତୈଳ ଶିଳ୍ପ, ଚମଡ଼ା ଶିଳ୍ପ, କାଂସ୍ୟ ଓ ଲୌହ ଶିଳ୍ପ ପ୍ରଭୃତିର ପତନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ସମଗ୍ର ଭାରତବର୍ଷ ବ୍ରିଟିଶ ସାମ୍ରାଜ୍ୟବାଦର ବଜାର ଓ କଞ୍ଚାମାଲ ପ୍ରସ୍ତୁତକାରୀ ଉପନିବେଶରେ ପରିଣତ ହୋଇଥିଲା ଓ ଅଣ-ଉଦ୍ୟୋଗୀକରଣ (de-industrialisation) ପାଇଁ ପଥ ପରିଷ୍କାର କରିଥିଲା । ଯେହେତୁ ବ୍ରିଟେନ୍ ତା'ର କାରଖାନା ପ୍ରସ୍ତୁତ ସାମଗ୍ରୀ ସହ ଭାରତର ହସ୍ତତନ୍ତର ବା ଅନ୍ୟାନ୍ୟ ହାତ ତିଆରି ସାମଗ୍ରୀର ପ୍ରତିଯୋଗୀତା ତାହୁଁ ନ ଥିଲା, ତେଣୁ ଭାରତର ଯାହା କିଛି ଉଦ୍ୟୋଗ ଥିଲା, ସେ ସବୁର ବିନାଶ ଘଟିଲା ବା ପ୍ରତିଯୋଗୀତାରେ ନିଜ ପ୍ରସ୍ତୁତ ମୂଲ୍ୟ ନ ପାଇ ଉତ୍ପାଦନ ବନ୍ଦ କରି କୃଷି ଶ୍ରମିକ ବା ଅନ୍ୟ ଜୀବିକାକୁ ଆପଣାଇ ନେଲେ ।

## ବିତ୍ତ ନିଷ୍କାସନ ବା ସମ୍ପଦର ପ୍ରବାହ :

ଭାରତରୁ ଇଂଲଣ୍ଡକୁ ଅବିରତ ବିତ୍ତ ପ୍ରବାହ ଫଳରେ ଭାରତ ଯେଉଁ ବିପୁଳ ପରିମାଣର ଆର୍ଥିକ, ବାଣିଜ୍ୟିକ ଓ ବୈଷୟିକ ଲାଭରୁ ବଞ୍ଚିତ ହେଲା ସେହି ପ୍ରକ୍ରିୟାକୁ ଭାରତର ଜାତୀୟ ନେତୃବୃନ୍ଦ ଓ ଅର୍ଥନୈତିଜ୍ଞମାନେ ଭାରତରୁ 'ବିତ୍ତ ନିଷ୍କାସନ' ବୋଲି ବର୍ଣ୍ଣନା କରିଛନ୍ତି । ବାଣିଜ୍ୟ ନୀତି ଅନୁସାରେ ଗୋଟିଏ ଦେଶରୁ ଅନ୍ୟ ଦେଶକୁ 'ବିତ୍ତ ନିଷ୍କାସନ' ହେଲା ବୋଲି ସେତେବେଳେ କୁହାଯିବ, ଯେତେବେଳେ ସେ ଦେଶର ବାଣିଜ୍ୟ ବ୍ୟବସାୟର ମୂଲ୍ୟ ବିନିମୟରେ ଦିଆଯାଉଥିବା ସୁନା ଓ ରୂପାର ମୂଲ୍ୟ ବହୁଗୁଣରେ ଅଧିକ ହୋଇଥିବ । ଏହି ନ୍ୟାୟରେ ଇଂଲଣ୍ଡ ସହ ଭାରତର ବାଣିଜ୍ୟିକ କାରବାର ଖୁବ୍ ସୀମିତ ଥିଲେ ମଧ୍ୟ ଭାରତକୁ ଏଥିପାଇଁ ବହୁ ମୂଲ୍ୟ ଦେବାକୁ ପଡୁଥିଲା । ଏହି ନୀତି ଅନୁସାରେ ବ୍ରିଟେନ୍ ଭାରତରୁ ନେଉଥିବା ସାମଗ୍ରୀର ପ୍ରତିବଦଳରେ ଭାରତକୁ କୌଣସି ଆର୍ଥିକ ବା ଭୌତିକ ପାଉଣା ଦେଉ ନ ଥିଲା । ଅନେକ ଅନୈତିକ ଉପାୟରେ ଇଂଲଣ୍ଡ ଭାରତକୁ ଆର୍ଥିକ ଶୋଷଣ

କରୁଥିଲା । ଏହି ଆର୍ଥିକ ନିଷ୍କାସନ ଓ ଫଳସ୍ୱରୂପ ଭାରତର ଅର୍ଥନୈତିକ ଦୁରବସ୍ଥା ଭାରତରେ ଇଂରେଜ ଶାସନର ଏକ ବଡ଼ ବିଶେଷତ୍ୱ । ଇଂରେଜମାନେ ଆସିବା ପୂର୍ବରୁ ଭାରତର ଶାସକମାନେ ଲୋକମାନଙ୍କଠାରୁ ଅସୁଲ କରୁଥିବା ରାଜସ୍ୱକୁ ଦେଶ ଭିତରେ ହିଁ ଖର୍ଚ୍ଚ କରୁଥିଲେ । ସେମାନେ ଜଳସେଚନ ପାଇଁ କେନାଲମାନ ଓ ଗମନାଗମନ ପାଇଁ ରାସ୍ତାମାନ ନିର୍ମାଣ କରୁଥିଲେ । ରାଜପ୍ରସାଦ, ମନ୍ଦିର- ମସ୍‌ଜିଦ୍ ନିର୍ମାଣ ବା ଯୁଦ୍ଧ ଅଭିଯାନରେ ହେଉଥିବା ବ୍ୟୟ ଓ ସେମାନଙ୍କର ବ୍ୟକ୍ତିଗତ ଜୀବନ ଓ ବିଳାସ ବ୍ୟସନରେ ହେଉଥିବା ବ୍ୟୟ ଅନ୍ତତଃ ଭାରତର ଶିଳ୍ପ, ବାଣିଜ୍ୟ, କାରିଗରୀ କଳା ନୈପୁଣ୍ୟକୁ ସହାୟତା କରୁଥିଲା ଓ ତାହା ସହିତ ଭାରତର ଦେଶୀୟ ଲୋକମାନଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି କରୁଥିଲା । ସେ ଶାସକମାନେ ଯୁଦ୍ଧରେ ବିଜୟୀ ହୋଇ ଭାରତର ସ୍ଥାୟୀ ବାସିନ୍ଦା ହୋଇ ରହିଯାଇଥିଲେ ଓ ଭାରତକୁ ଆପଣାର ଘର କରି ନେଇଥିଲେ । ଉଦାହରଣ ସ୍ୱରୂପ ମୋଗଲମାନଙ୍କର ସ୍ଥାୟୀ ଠିକଣା ଭାରତ ଥିଲା ଓ ସେମାନେ ଏଠାରେ ସ୍ଥାୟୀ ବାସିନ୍ଦା ଥିଲେ । କିନ୍ତୁ ଇଂରେଜମାନେ ଭାରତ ଆସିବାଠାରୁ ଛାଡ଼ିବା ପର୍ଯ୍ୟନ୍ତ ବିଦେଶୀ ହୋଇ ରହିଥିଲେ । ସେମାନେ ପ୍ରାୟତଃ ବ୍ରିଟେନ୍ ଫେରିଯିବାକୁ ଯୋଜନା କରୁଥିଲେ ।

ଦ୍ୱିତୀୟତଃ, ଭାରତ ସରକାର ୧୭୫୭ ଠାରୁ ୧୮୫୮ ମସିହା ପର୍ଯ୍ୟନ୍ତ ଏକ କମ୍ପାନୀ ହାତରେ ଥିଲା ଓ ତାହାପରେ ଇଂଲଣ୍ଡ ସରକାର ଏହାର ପରିଚାଳନା ସ୍ୱରୂପ ଭାରତର ଜନସାଧାରଣଙ୍କଠାରୁ ଆଦାୟ ହେଉଥିବା ବିଭିନ୍ନ ଟିକସମାନ ଓ ଆୟ ଭାରତରେ ଖର୍ଚ୍ଚ ନ କରି ତାଙ୍କ ଦେଶରେ ଖର୍ଚ୍ଚ କଲେ । ଯାହାବି କଞ୍ଚାମାଲ ଓ ଖାଦ୍ୟ ଶସ୍ୟ ଭାରତରୁ ସେହି ଆୟରୁ କିଣୁଥିଲେ, ତାହା ଖୁବ୍ କମ୍ ଦାମରେ ହେଉଥିଲା, ଯାହାଦ୍ୱାରା ଆମ କୃଷକ ଓ କାରିଗରମାନଙ୍କର ଆର୍ଥିକ ଅବସ୍ଥାର ଉନ୍ନତିରେ ସହାୟକ ହେଉ ନ ଥିଲା ।

୧୭୫୭ ମସିହାରୁ ପଲାସୀ ଯୁଦ୍ଧ ପରେ ବଙ୍ଗଳାରୁ ହିଁ ଏହି ଆର୍ଥିକ ଦୋହନ ପ୍ରକ୍ରିୟା ଆରମ୍ଭ ହେଲା ଓ ବକ୍‌ସାର ଯୁଦ୍ଧର ୧୭୬୪ରେ ବିଜୟ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କଲା । ୧୭୫୮ରୁ ୧୭୬୫ ମସିହା ମଧ୍ୟରେ ଇଂରେଜମାନେ ଭାରତରୁ ପ୍ରାୟ ୬୦ ଲକ୍ଷ ପାଉଣ୍ଡର ସମ୍ପତ୍ତି ତାଙ୍କ ଦେଶକୁ ବୋହି ନେଇଥିଲେ । ଏହା ବଙ୍ଗଳାର ନବାବ ୧୭୬୫ ମସିହାରେ ଆଦାୟ କରିଥିବା ମୋଟ ଜମି ଖଜଣାର ପ୍ରାୟ ଚାରିଗୁଣ । ୧୭୬୫ରେ କମ୍ପାନୀ ବଙ୍ଗ, ବିହାର ଓ ଓଡ଼ିଶାର ଦ୍ୱିୱାନୀ ମୋଗଲ ସମ୍ରାଟଙ୍କଠାରୁ ଆହ୍ଲାବାଦ ଚୁକ୍ତି ଅନୁସାରେ ପାଇଥିଲା । ଏହା ବ୍ୟତୀତ କମ୍ପାନୀର ବ୍ୟବସାୟିକ ଲାଭ ଥିଲା ଓ ଅନେକ ଅନୈତିକ ଉପାୟରେ ଜୋର ଜବରଦସ୍ତ ଭାବେ ଆର୍ଥିକ ଶୋଷଣ କରୁଥିଲା । ଏହି ଅର୍ଥ ଭାରତର ବଜାରରୁ ଶସ୍ତା ଦାମରେ ପ୍ରଚୁର ସାମଗ୍ରୀ କିଣିବାରେ ବ୍ୟବହାର ହେଉଥିଲା ଓ ଏହି ସାମଗ୍ରୀମାନ ବ୍ରିଟେନ୍‌କୁ ରପ୍ତାନି କରାଯାଉଥିଲା । ଏହି ପ୍ରକ୍ରିୟାକୁ 'ପୁଞ୍ଜି ନିବେଶ' କୁହାଯାଉଥିଲା । ଏହି ଉପାୟରେ ୧୭୬୫ରୁ ୧୭୭୦ ମସିହା ମଧ୍ୟରେ କମ୍ପାନୀ ପ୍ରାୟ ୪୦ ଲକ୍ଷ ପାଉଣ୍ଡ ମୂଲ୍ୟର ସାମଗ୍ରୀ ବା ବଙ୍ଗଳାର ପ୍ରାୟ ୩୩ ପ୍ରତିଶତ ଆୟ ଇଂଲଣ୍ଡକୁ ନିଷ୍କାସନ କରିନେବାରେ ସକ୍ଷମ ହୋଇଥିଲେ । ଅଷ୍ଟାଦଶ ଶତାବ୍ଦୀର ଶେଷବେଳକୁ ଭାରତୀୟ ରାଷ୍ଟ୍ରୀୟ ଆୟର ଦୁଇ ପ୍ରତିଶତ ଏହି ପ୍ରକ୍ରିୟାରେ ଭାରତରୁ ନିଷ୍କାସିତ ହୋଇ ଇଂଲଣ୍ଡ ଚାଲିଯାଉଥିଲା । ମାତ୍ର ପ୍ରକୃତ କ୍ଷେତ୍ରରେ ଏହି ନିଷ୍କାସନର ପରିମାଣ ଏହାଠାରୁ ଅଧିକ ଥିଲା, ଯେହେତୁ ତହିଁରେ ଭାରତରେ ବ୍ରିଟିଶ ଅଧିକାରୀମାନଙ୍କ ଦରମା, ପେନ୍‌ସନ୍ ଓ ଅନ୍ୟ ଉପାର୍ଜନ ତଥା ଇଂରେଜ ବଣିକମାନଙ୍କର ମୋଟ ଲାଭ, କମ୍ପାନୀରେ ଅର୍ଥଲଗାଣକାରୀ ବ୍ୟକ୍ତି ବା ସଂସ୍ଥାର ବାର୍ଷିକ ଲାଭାଂଶାଦି ମଧ୍ୟ ସାମିଲ ରହିଥିଲା ।

ବିତ୍ତ ନିଷ୍କାସନରେ ଅନ୍ୟ ଏକ ସ୍ୱରୂପ ଥିଲା ଆମଦାନୀ ତୁଳନାରେ କ୍ରମବର୍ଦ୍ଧିଷ୍ଣୁ ରପ୍ତାନି, ଯାହାର ପ୍ରତିଦାନରେ ଭାରତକୁ କିଛି ମିଳୁ ନ ଥିଲା। ଏହି ନିଷ୍କାସନର ପରିମାଣ ବିଷୟରେ ଐତିହାସିକମାନଙ୍କ ମଧ୍ୟରେ ମତାନ୍ତର ରହିଛି। କିନ୍ତୁ ୧୭୫୭ରୁ ୧୮୫୭ ମଧ୍ୟରେ ଏହି ପରିମାଣ ଯେ ଅଧିକ ମାତ୍ରାରେ ହୋଇଛି ତାହା ଐତିହାସିକ ଓ ବ୍ରିଟିଶ୍ ଅଧିକାରୀମାନେ ମତ ଦେଇଥାଆନ୍ତି। ୧୮୪୦ ମସିହାରେ ଲର୍ଡ୍ ଏଲେନ୍‌ବରୋ, 'ହାଉସ୍ ଅଫ୍ ଲର୍ଡସ' ଦ୍ୱାରା ସ୍ଥାପିତ ମନୋନୟନ ସମିତିର ଅଧ୍ୟକ୍ଷ ଥିଲେ, ସେ ମଧ୍ୟ ପରେ ଭାରତର ବଡ଼ଲାଟ ହୋଇଥିଲେ। ତାଙ୍କ ମତରେ ଭାରତ "ବାର୍ଷିକ ୨୦ରୁ ୩୦ ଲକ୍ଷ ପାଉଣ୍ଡ ଷ୍ଟର୍ଲିଂ ଏହି ଦେଶକୁ (ବ୍ରିଟେନ୍‌କୁ) ଦେଇଥାଏ, ଯାହାର ପ୍ରତିଦାନରେ ତାକୁ କିଛି ସାମରିକ ସାମଗ୍ରୀ ବ୍ୟତୀତ ଆଉ କିଛି ମିଳେ ନାହିଁ।"

୧୮୫୮ ମସିହା ପରେ ଏହି ନିଷ୍କାସନର ପରିମାଣ ବୃଦ୍ଧି ପାଇଥିଲା। ଉନବିଂଶ ଶତାବ୍ଦୀର ଶେଷବେଳକୁ ଭାରତର ରାଷ୍ଟ୍ରୀୟ ଆୟର ଛଅ ପ୍ରତିଶତ ଓ ରାଷ୍ଟ୍ରୀୟ ଜମାର ପ୍ରାୟ ଏକ ତୃତୀୟାଂଶ ଇଂଲଣ୍ଡକୁ ଏହି ନିଷ୍କାସନ ପ୍ରକ୍ରିୟାରେ ଭାରତରୁ ଚାଲିଗଲା। ଏହି ପ୍ରକ୍ରିୟାକୁ ଲକ୍ଷ୍ୟ କଲେ ଦେଖାଯାଏ କିପରି ଭାବରେ ଏହା ଘଟୁଥିଲା। ପ୍ରଥମତଃ, ଭାରତରେ ପ୍ରଚୁର ପରିମାଣରେ ଉତ୍ପାଦିତ ହେଉଥିବା କପା, ଆଖୁ, ତୈଳବୀଜ, ଝୋଟ, ଲୁହାପଥର, ନୀଳ ପ୍ରଭୃତି କଞ୍ଚାମାଲମାନ ଖୁବ୍ କମ୍ ଦାମରେ କିଣାଯାଇ, ବ୍ରିଟିଶ ଜଳଜାହାଜମାନଙ୍କରେ ସ୍ୱଳ୍ପ ପରିବହନ ଖର୍ଚ୍ଚରେ ଇଂଲଣ୍ଡର ଶିଳ୍ପୋନ୍ନତ ସହରମାନଙ୍କୁ ଯୋଗାଇ ଦେଇ ସେଠାରେ ଥିବା ଉନ୍ନତ କଳକାରଖାନାମାନଙ୍କରେ ପୂର୍ଣ୍ଣାଙ୍ଗ ସାମଗ୍ରୀରେ ପରିଣତ କରି ଭାରତୀୟ ବଜାରରେ ଚଢ଼ା ଦରରେ ବିକ୍ରି କରିବା। ଦ୍ୱିତୀୟତଃ, ଭାରତରେ ଇଂରେଜ ଶାସନର ବ୍ୟୟବହୁଳ ଖର୍ଚ୍ଚର ଅଧିକାଂଶ ଭାଗ ସ୍ଥାନୀୟ ଭାରତୀୟ ତହବିଲରୁ ଭରଣା କରିବା। ତୃତୀୟତଃ, ଇଷ୍ଟଇଣ୍ଡିଆ କମ୍ପାନୀ ଧାର କରିଥିବା ଅଜସ୍ର ଅର୍ଥର ସୁଧ ଓ ମୂଳ ବାବଦ ଦେୟ ଭାରତବାସୀଙ୍କଠାରୁ ଭରଣା କରିବା। ଚତୁର୍ଥରେ ନିଜର ସୁବିଧା ପାଇଁ ପ୍ରତିରକ୍ଷା, ପୋଲିସ୍, ଗମନାଗମନ, ବିସ୍ତୃତ ଅମଲାତନ୍ତ୍ର ଓ ବାଣିଜ୍ୟ ଆଦି କ୍ଷେତ୍ରରେ ଭାରତର ଶାସକମାନେ ବ୍ୟୟ କରୁଥିବା ଅମାପ ଅର୍ଥର ଭାର ଭାରତୀୟମାନଙ୍କ ଉପରେ ଲଦିଦେବା। ପଞ୍ଚମତଃ, କମ୍ପାନୀରେ ଅଂଶଧନ ଥିବା ବ୍ୟକ୍ତି ବା ସଂସ୍ଥାକୁ ପ୍ରଦାନ କରାଯାଉଥିବା ଲାଭାଂଶ, 'କୋର୍ଟ ଅଫ୍ ଡାଇରେକ୍ଟର' ଓ 'ବୋର୍ଡ୍ ଅଫ୍ ରେଭିନ୍ୟୁ'ର ସମସ୍ତ ଖର୍ଚ୍ଚ, ଭାରତରୁ ଇଂଲଣ୍ଡ ଫେରିଯାଉଥିବା ପ୍ରଶାସନିକ, ନ୍ୟାୟିକ ଓ ସାମରିକ ଅଧିକାରୀମାନଙ୍କର ଦରମା, ସଂଚୟ ଓ ପେନ୍‌ସନ ଦେୟ ଆଦି ପାଉଣ୍ଡ-ଷ୍ଟର୍ଲିଂରେ ଇଂଲଣ୍ଡରେ ପ୍ରଦାନ କରିବା। ଏହା ଫଳରେ ଭାରତରୁ ବିତ୍ତ ନିଷ୍କାସନ ବହୁଗୁଣିତ ହୋଇ ଭାରତର ଅର୍ଥନୀତିରେ ସ୍ଥାଣୁ ଅବସ୍ଥା ସୃଷ୍ଟି କରିଥିଲା।

## ବିତ୍ତ ନିଷ୍କାସନର ଆର୍ଥିକ ପ୍ରଭାବ :

ଭାରତୀୟ ତୁଙ୍ଗ ନେତାମାନେ ଏହି ପ୍ରକ୍ରିୟାର ଫଳାଫଳ ଭଲରୂପେ ବୁଝିଥିଲେ। ଦାଦାଭାଇ ନାରୋଜୀ, ଗୋପାଳକୃଷ୍ଣ ଗୋଖଲେ ଓ ରମେଶ ଚନ୍ଦ୍ର ଦତ୍ତ ଆଦି ଅନେକ ଜାତୀୟବାଦୀ ନେତା ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ। ଦାଦାଭାଇ ନାରୋଜୀ ଏହା ଉପରେ ଏକ ପୁସ୍ତକ 'ଦାରିଦ୍ର୍ୟ ଓ ଭାରତରେ ଅଣବ୍ରିଟିଶ୍ ଶାସନ' (Poverty and un-British Rule in India), ରମେଶ ଚନ୍ଦ୍ର ଦତ୍ତ, ଦୁଇଟି ଭାଗରେ 'ଭାରତର ଅର୍ଥନୈତିକ ଇତିହାସ' (Economic History of India) ରଚନା କରି ଲୋକମାନଙ୍କୁ ବ୍ରିଟିଶ ବିତ୍ତ ନିଷ୍କାସନ

ଓ ଆର୍ଥିକ ଶୋଷଣ ସମ୍ବନ୍ଧରେ ସଚେତନ କରାଇଥିଲେ। ଗୋପାଳ କୃଷ୍ଣ ଗୋଖଲେ ରାଜକୀୟ ଆଇନ୍ ପ୍ରଣୟନ ପରିଷଦରେ ଏହା ଉପରେ ଆଲୋଚନା କରିଥିଲେ। ଦାଦାଭାଇ ନାରୋଜୀ ବିତ୍ତ ନିଷ୍କାସନକୁ 'ମନ୍ଦ କର୍ମର ମନ୍ଦ' ଓ ଭାରତର ଦାରିଦ୍ର୍ୟତାର ମୁଖ୍ୟ କାରଣ ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଥିଲେ ଯେ ବ୍ରିଟେନ୍ ଭାରତର ରକ୍ତ ଶୋଷଣ କରି ତାକୁ ଶୋଥା ବା ରକ୍ତହୀନ କରି ଦେଇଛି। ଅନ୍ୟ ବିଦେଶୀ ଐତିହାସିକଙ୍କ ମତରେ ଭାରତରୁ ଆଦାୟ ହେଉଥିବା ଅର୍ଥ ଭାରତୀୟଙ୍କ ଉନ୍ନତି ନିମନ୍ତେ ଖର୍ଚ୍ଚ ନ ହୋଇ ଇଂଲଣ୍ଡର ନାଗରିକମାନଙ୍କ ସୁଖସ୍ୱାଚ୍ଛନ୍ଦ୍ୟ ଓ ସ୍ୱାର୍ଥପୂରଣରେ ଖର୍ଚ୍ଚ ହେଉଛି।

ଭାରତରୁ ନିଷ୍କାସିତ ଅର୍ଥ ବ୍ରିଟେନରେ ପୁଞ୍ଜିବାଦୀ ବିକାଶର ପୁଞ୍ଜିରୂପେ କାମ କଲା। ଅଷ୍ଟାଦଶ ଶତାବ୍ଦୀ ଓ ଊନବିଂଶ ଶତାବ୍ଦୀର ପ୍ରାରମ୍ଭ କାଳ ଥିଲା ବ୍ରିଟେନ୍ ଶିଳ୍ପାୟନର ପ୍ରାରମ୍ଭ କାଳ ଓ ଏହି ସମୟରେ ଏହି ପୁଞ୍ଜି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କଲା। ଅନୁମାନ କରାଯାଏ, ଏହି ନିଷ୍କାସନର ପରିମାଣ ଥିଲା ବ୍ରିଟେନ୍ ଆୟର ଦୁଇ ପ୍ରତିଶତ। ସେ ସମୟରେ ବ୍ରିଟେନ୍ ଆୟର ମାତ୍ର ସାତ ପ୍ରତିଶତ ଶିଳ୍ପ ଓ କୃଷି ପାଇଁ ବିନିଯୋଗ କରୁଥିଲା। ତେଣୁ ଏହି ନିଷ୍କାସନର ମହତ୍ୱ କେତେ ତାହା ସହଜରେ ଅନୁମାନ କରିହେବ। କେବଳ ଭାରତ ନୁହେଁ ବ୍ରିଟେନର ଥିବା ଅନେକ ଉପନିବେଶମାନଙ୍କରୁ ଏହିପରି ପ୍ରଚୁର ନିଷ୍କାସନ ଆସି ବ୍ରିଟେନ୍‌ରେ ଠୁଳ ହେଉଥିଲା। ଯାହାଫଳରେ ବ୍ରିଟେନରେ ଦ୍ରୁତ ଶିଳ୍ପାୟନ ଓ କୃଷିର ଯାନ୍ତ୍ରିକକରଣ ସମ୍ଭବ ହୋଇପାରିଥିଲା।

ଏହି ବିତ୍ତ ନିଷ୍କାସନ ପ୍ରକାରାନ୍ତରେ ଭାରତୀୟମାନଙ୍କୁ ଉଚ୍ଚ ତଥା ଦାୟିତ୍ୱସମ୍ପନ୍ନ ପଦପଦବୀରୁ ବଞ୍ଚିତ କରି ସେମାନଙ୍କର ନୈତିକ ଅଧଃପତନର ପ୍ରମୁଖ କାରଣ ହୋଇଥିଲା। ବ୍ରିଟେନରୁ ଆସୁଥିବା ଅଧିକାରୀମାନେ ଉଚ୍ଚ ପଦବୀରେ ଅଧିଷ୍ଠିତ ହେଉଥିବାବେଳେ ଭାରତୀୟମାନଙ୍କୁ ଖୁବ୍ କମ୍ ଦରମାରେ ନିମ୍ନ ସ୍ଥାନରେ ନିଯୁକ୍ତି ଦିଆଯାଉଥିଲା। ପ୍ରଥମ ବିଶ୍ୱଯୁଦ୍ଧ ପର୍ଯ୍ୟନ୍ତ କୌଣସି ଭାରତୀୟ ସେନବାହିନୀରେ ସୁବେଦାରଠାରୁ ଉପର ପଦବୀ ପାଇପାରୁ ନ ଥିଲେ। ସେଥିପାଇଁ, ଜାତୀୟ ସଂଗ୍ରାମ ବେଳେ ସ୍ୱାଧୀନତା ସଂଗ୍ରାମୀ ତଥା ଜାତୀୟ କଂଗ୍ରେସ ଏହି ବିତ୍ତ ନିଷ୍କାସନ ଓ ବ୍ରିଟିଶ ରାଜତ୍ୱର ଶୋଷଣ ନୀତିକୁ ଲୋକଲୋଚନକୁ ଆଣି ସେମାନଙ୍କୁ ସଚେତନ କରାଇଥିଲେ, ଯାହାଫଳରେ ରାଜନୈତିକ କାରଣ ସହ ଆର୍ଥିକ ଶୋଷଣ କଥା ମଧ୍ୟ ସ୍ୱାଧୀନତା ସଂଗ୍ରାମର କାର୍ଯ୍ୟକ୍ରମରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସ୍ଥାନ ପାଇଥିଲା।

## ପରିବହନ ଓ ଯୋଗାଯୋଗ ବା ସଞ୍ଚାର ବ୍ୟବସ୍ଥାର ବିକାଶ :

ଇଂରେଜମାନଙ୍କର ଆଗମନ ପୂର୍ବରୁ ଭାରତର ପରିବହନ ବ୍ୟବସ୍ଥା ଅତି ଅନୁନ୍ନତ ଅବସ୍ଥାରେ ଥିଲା। ଅତି ବଡ଼ ବଡ଼ ସହରକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକ ମଧ୍ୟ ଉନ୍ନତମାନର ନ ଥିଲା। ସହରର ଉପାନ୍ତରେ ବା ଅନତି ଦୂରରେ ଅବସ୍ଥିତ ଗ୍ରାମଗୁଡ଼ିକରେ ସଡ଼କ ପଥରେ ବଳଦଗାଡ଼ି, ଘୋଡ଼ା, ଓଟ ଓ ଗଧ ଆଦିକୁ ଯାନବାହାନର ମାଧ୍ୟମ ରୂପେ ଲୋକେ ବ୍ୟବହାର କରୁଥିଲେ। ଏହା ଯାତାୟତ ଓ ମାଲ ପରିବହନର ମାଧ୍ୟମ ଥିଲା। ଅଭ୍ୟନ୍ତରୀଣ ବାଣିଜ୍ୟ ବ୍ୟବସାୟ ପାଇଁ ତତ୍କାଳୀନ ରାସ୍ତାଘାଟ ସେତେ ପରିମାଣରେ ବାଧକ ନ ଥିଲା। ଜଳପଥରେ ନୌକା ଓ ଭେଳା ସାହାଯ୍ୟରେ ପଣ୍ୟଦ୍ରବ୍ୟଗୁଡ଼ିକ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନିଆଯାଉଥିଲା।

ବ୍ୟବସାୟର ପ୍ରାରମ୍ଭିକ ସ୍ତରରେ ଗମନାଗମନର ଉନ୍ନତି ନିମନ୍ତେ ଇଷ୍ଟଇଣ୍ଡିଆ କମ୍ପାନୀ ଗୁରୁତ୍ୱ ଦେଇ ନ ଥିଲା। କାଳକ୍ରମେ କମ୍ପାନୀର ବାଣିଜ୍ୟ କାରବାର ବୃଦ୍ଧି ଘଟିଲା ଓ ବ୍ରିଟିଶ ସରକାର ଅନୁଭବ କଲେ, ବହୁ ପରିମାଣରେ ବିଦେଶୀ ବସ୍ତୁ ଭାରତରେ ସମସ୍ତ ଅଞ୍ଚଳରେ ପହଞ୍ଚାଇବା ପାଇଁ ଓ ବ୍ରିଟିଶ ଶିଳ୍ପ କାରଖାନା ପାଇଁ ପର୍ଯ୍ୟାପ୍ତ କଞ୍ଚାମାଲ ସଂଗ୍ରହ କରି ବନ୍ଦର ସହରମାନ ଦେଇ ରପ୍ତାନୀ କରିବା ପାଇଁ ଶସ୍ତା ଓ ସହଜ ଯାତାୟତ ବ୍ୟବସ୍ଥାର ବିକାଶ ଏକ ବଡ଼ ଆବଶ୍ୟକତା। ନଦୀରେ ଷ୍ଟିମରକୁ ଯାତାୟତ ପାଇଁ ଇଂରେଜମାନେ ଉପଯୋଗ କଲେ। ଲର୍ଡ଼ ଉଇଲିୟମ୍ ବେଣ୍ଟିକଙ୍କ ଶାସନ କାଳରେ ଯଦିଓ ଏଥିପ୍ରତି ବିଚାର କରାଯାଇଥିଲା, ତଥାପି ସେଭଳି ଆଖିଦୃଷ୍ଟିଆ ଉନ୍ନତି ପରିଲକ୍ଷିତ ହୋଇ ନ ଥିଲା। ୧୮୩୯ ମସିହାରେ କଲିକତା ଓ ଦିଲ୍ଲୀ ମଧ୍ୟରେ ଥିବା ଗ୍ରାଣ୍ଡ ଟ୍ରଙ୍କ୍ ରୋଡ଼ର ମରାମତି ଆରମ୍ଭ ହୋଇ ୧୮୫୦ରେ ଏହା ଶେଷ ହେଲା। ଦେଶର ପ୍ରମୁଖ ସହର, ବନ୍ଦର ଓ ବଜାରଗୁଡ଼ିକ ମଧ୍ୟରେ ସ୍ଥଳପଥର ଯାତାୟତ ସୁବିଧା ପାଇଁ ବିଶେଷ ଉଦ୍ୟମ ଆରମ୍ଭ ହେଲା। ଏହାପରେ ରେଳପଥର ବିକାଶ ହେଲା, ଯାହାକୁ ଗମନାଗମନ ଦିଗରେ ପ୍ରକୃତ ବିକାଶ ବୋଲି ଅଭିହିତ କରିହେବ। ଲର୍ଡ଼ ଡେଲହାଉସୀଙ୍କ ସଂସ୍କାରଧର୍ମୀ ପଦକ୍ଷେପ ମଧ୍ୟରେ ଗମନାଗମନ ବ୍ୟବସ୍ଥାର ଉନ୍ନତି ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ସେ ସେଥିପାଇଁ ଏକ ନୀତି ପ୍ରଣୟନ କରିଥିଲେ ଏବଂ ଭାରତରେ ଉନ୍ନତ ଯୋଗାଯୋଗ ବ୍ୟବସ୍ଥାର ମୂଳଦୁଆ ସ୍ଥାପନ କରିଥିଲେ। ତାଙ୍କ ସମୟରେ ରେଳ, ଡାକ ଓ ଟେଲିଗ୍ରାମ କ୍ଷେତ୍ରରେ ପ୍ରଭୂତ ଉନ୍ନତି ସାଧିତ ହୋଇଥିଲା। ନୂତନ ରାସ୍ତା ନିର୍ମାଣ ଓ ପୁରାତନ ରାସ୍ତାର ପୁନରୁଦ୍ଧାର ନିମନ୍ତେ କେନ୍ଦ୍ରୀୟ ପୂର୍ତ୍ତ ବିଭାଗ ଗଠନ କରାଗଲା। ବୈଦେଶିକ ବାଣିଜ୍ୟ କଲିକତା, ମାନ୍ଦ୍ରାଜ ଓ ବମ୍ବେ ବନ୍ଦର ଜରିଆରେ ସମ୍ପାଦିତ ହେଉଥିଲା। ଦେଶ ଭିତରର ଆଭ୍ୟନ୍ତରୀଣ ବାଣିଜ୍ୟ ପାଇଁ ଗଙ୍ଗା, ବ୍ରହ୍ମପୁତ୍ର, ମହାନଦୀ, ଗୋଦାବରୀ, କ୍ରିଷ୍ଣା, କାବେରୀ ପ୍ରଭୃତି ନଦୀପଥରେ ବାଷ୍ପଚାଳିତ ନୌକା ଦ୍ୱାରା ବାଣିଜ୍ୟ ସାମଗ୍ରୀମାନ ନେବା ଆଣିବା କରାଯାଉଥିଲା।

## ରେଳପଥର ବିକାଶ :

୧୮୧୪ ମସିହାରେ ଜର୍ଜ ଷ୍ଟିଫେନ୍‌ସନ୍ ଇଂଲଣ୍ଡରେ ରେଳ ଇଞ୍ଜିନକୁ ପ୍ରଥମେ ବ୍ୟବହାର କରିଥିଲେ। ୧୮୩୦ ଓ ୧୮୪୦ ଦଶକରେ ସେଠାରେ ଦ୍ରୁତଗତିରେ ରେଳପଥର ବିକାଶ ଘଟିଲା ଓ ଭାରତରେ ଏହାର ନିର୍ମାଣ କରାଯାଉ ବୋଲି ଚାପ ପଡ଼ିଲା। ରେଳପଥର ବିକାଶ ଦ୍ୱାରା ଭାରତରେ ବ୍ରିଟିଶ ଉତ୍ପାଦନ ପାଇଁ ଏକ ବିସ୍ତୃତ ବଜାର ମିଳିବାର ଆଶା ସୃଷ୍ଟି ହେଲା। ଭାରତରୁ ରପ୍ତାନୀ ସାମଗ୍ରୀ ମଧ୍ୟ ସହଜରେ ବ୍ରିଟେନ୍‌ରେ ଉପଲବ୍ଧ ହେବା ଦେଖାଗଲା। ଭାରତରେ ଇଂରେଜ ପୁଞ୍ଜିପତିଙ୍କ ଉଦ୍ୟମରେ ରେଳପଥ ପ୍ରବର୍ତ୍ତନ ଏକ ଯୁଗାନ୍ତକାରୀ ପଦକ୍ଷେପ। ରେଳ ଚଳାଚଳ ଏକ ବ୍ୟୟସାପେକ୍ଷ ଯୋଜନା। ଏହାକୁ କାର୍ଯ୍ୟକାରୀ କରିବାକୁ ହେଲେ ଅତ୍ୟଧିକ ପୁଞ୍ଜିର ବିନିଯୋଗ ଆବଶ୍ୟକ। ତଥାପି ଏହାର ପ୍ରବର୍ତ୍ତନ ନିମନ୍ତେ ଭାରତର ଇଂରେଜ ଶାସକମାନେ ଲଣ୍ଡନରେ ନ୍ୟାୟସଙ୍ଗତ ଯୁକ୍ତି ଉପସ୍ଥାପିତ କରିଥିଲେ। ପ୍ରଥମ କାରଣଟି ଥିଲା ବାଣିଜ୍ୟିକ। ଭାରତର ମୁଖ୍ୟ ସହର ବା ବ୍ୟବସାୟ କେନ୍ଦ୍ରପାଖରୁ ବନ୍ଦର ପାଖକୁ କଞ୍ଚାମାଲ ଓ ଖାଦ୍ୟଶସ୍ୟର ଅପେକ୍ଷାକୃତ କମ୍ ସମୟରେ ପହଞ୍ଚାଇ ହେବ ଓ ଇଂଲଣ୍ଡରୁ ରପ୍ତାନୀ ହେଉଥିବା ଶିଳ୍ପଜାତ ଦ୍ରବ୍ୟଗୁଡ଼ିକୁ ବନ୍ଦରମାନଙ୍କ ପାଖରୁ ବିଶିଷ୍ଟ ସହରମାନଙ୍କରେ କମ୍ ସମୟରେ ଓ ସୁରକ୍ଷିତ ଭାବରେ ପହଞ୍ଚାଇ ହେବ। ଦ୍ୱିତୀୟ କାରଣ ତାଙ୍କ ନିରାପତ୍ତା ସହ ସଂଶ୍ଳିଷ୍ଟ ଓ ତାହା ଥିଲା ସାମରିକ, ବ୍ରିଟିଶ

ସାମ୍ରାଜ୍ୟର ପରିସୀମା ବୃଦ୍ଧି ସହ ରାଜା ମହାରାଜ କିମ୍ବା ଅସନ୍ତୁଷ୍ଟ ଆଦିବାସୀ, ଚାଷୀ ତଥା ସାଧାରଣ ଲୋକଙ୍କର ବିଦ୍ରୋହାତ୍ମକ କାର୍ଯ୍ୟକଳାପର ମଧ୍ୟ ବୃଦ୍ଧି ଘଟିଥିଲା। ତେଣୁ ବିଦ୍ରୋହର ଦମନ ପାଇଁ ଆଶୁ ସୈନ୍ୟବାହିନୀ ପ୍ରେରଣ ଆବଶ୍ୟକ। ସରକାର ଆହୁରି ମଧ୍ୟ ଅନୁଭବ କଲେ ଯେ ରେଳପଥର ବିକାଶ ପ୍ରଶାସନ ପାଇଁ ସୁବିଧାଜନକ ହେବ। ଇଂଲଣ୍ଡର ଷ୍ଟିଲ ନିର୍ମାତାମାନେ ରେଳପଥର ବିକାଶ ଭାରତରେ ତାଙ୍କର ବ୍ୟବସାୟ ପାଇଁ ପ୍ରକୃଷ୍ଟ କ୍ଷେତ୍ର ବୋଲି ବିଚାର କରୁଥିଲେ। ରେଳ, ଇଞ୍ଜିନ୍, ୱାଗନ୍ ତଥା ଅନ୍ୟାନ୍ୟ ଯନ୍ତ୍ରପାତି ଓ କାରଖାନା ଉପକରଣ ନିମିତ୍ତ ଇସ୍ପାତ, ଲୁହାର ଚାହିଦା ବୃଦ୍ଧିର ଆଶା ଓ ତହିଁରୁ ପ୍ରଚୁର ଲାଭ ଇଂଲଣ୍ଡର ପୁଞ୍ଜିପତିମାନଙ୍କୁ ଆକୃଷ୍ଟ କରିଥିଲା। ଏ ସମସ୍ତ ଯୁକ୍ତି ତଥା ପୁଞ୍ଜିପତିମାନଙ୍କ ଚାପ ଇଂଲଣ୍ଡର ସରକାର ଗ୍ରହଣ କରି ଭାରତରେ ରେଳପଥର ସମ୍ପ୍ରସାରଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ଅନୁମତି ପ୍ରଦାନ କଲେ।

ସର୍ବପ୍ରଥମେ ୧୮୩୧ ମସିହାରେ ମାନ୍ଦ୍ରାଜରେ ରେଳପଥ ନିର୍ମାଣ ପାଇଁ ପ୍ରସ୍ତାବ ଆସିଲା। ତାହା ଅନୁଯାୟୀ ରେଳର ଡବାଗୁଡ଼ିକୁ ଘୋଡ଼ାମାନଙ୍କ ଦ୍ୱାରା ଟଣା ହେବ। ଏହା କାର୍ଯ୍ୟକାରୀ ହୋଇନଥିଲା। ୧୮୩୪ ମସିହାରେ ଭାରତ ପାଇଁ ବାଷ୍ପଚାଳିତ ରେଳ ପ୍ରସ୍ତାବ ପ୍ରଥମେ ଆସିଲା। ଇଂଲଣ୍ଡର ରେଳପଥ ନିର୍ମାଣ ପାଇଁ ପୁଞ୍ଜି ଖଟାଉଥିବା ବ୍ୟକ୍ତି ବା କମ୍ପାନୀମାନେ, ବିତ୍ତପତି ଓ ଭାରତ ସହ ବାଣିଜ୍ୟ କରୁଥିବା ଉଦ୍ୟୋଗପତି ଓ ବସ୍ତ୍ର ଶିଳ୍ପର ମାଲିକମାନେ ଏହି ପ୍ରସ୍ତାବକୁ ରାଜନୈତିକ ସମର୍ଥନ ଜଣାଇଲେ। ନିଷ୍ପତ୍ତି ଅନୁଯାୟୀ ଭାରତରେ ଘରୋଇ କମ୍ପାନୀମାନେ ରେଳପଥ ନିର୍ମାଣ କରିବାକୁ ସ୍ଥିର ହେଲା। ସରକାର ସେମାନଙ୍କ ପୁଞ୍ଜି ଉପରେ ଅନ୍ୟୂନ ପାଞ୍ଚ ପ୍ରତିଶତ ଲାଭ ପ୍ରଦାନ କରିବେ। ପ୍ରଥମ ରେଳ ଇଞ୍ଜିନ ବମ୍ବେ ଏବଂ ଥାନେ ମଧ୍ୟରେ ପ୍ରଥମ ଥର ପାଇଁ ଚାଲିଥିଲା। ୧୮୪୯ ମସିହାରେ ଭାରତକୁ ବଡ଼ଲାଟ ହୋଇ ଆସିଥିବା ଲର୍ଡ଼ ଡେଲହାଉସୀ ରେଳପଥ ବିକାଶ ପାଇଁ ଏକ ଯୋଜନା ପ୍ରଣୟନ କଲେ। ଏହି ଯୋଜନାରେ ଚାରିଗୋଟି ମୁଖ୍ୟ ରେଳପଥ ପାଇଁ ପ୍ରସ୍ତାବ ଥିଲା। ରେଳପଥଗୁଡ଼ିକ ଦେଶର ଆଭ୍ୟନ୍ତରୀଣ ଅଞ୍ଚଳକୁ ବଡ଼ ବଡ଼ ବନ୍ଦର ସହିତ ଯୋଡ଼ିବେ ତଥା ବିଭିନ୍ନ କ୍ଷେତ୍ରଗୁଡ଼ିକ ମଧ୍ୟରେ ଯୋଗାଯୋଗ ସ୍ଥାପନ କରିବାର ପ୍ରସ୍ତାବ ଥିଲା।

୧୮୬୯ ମସିହାର ଶେଷ ବେଳକୁ ସ୍ୱୀକୃତିପ୍ରାପ୍ତ କମ୍ପାନୀଗୁଡ଼ିକ ଭାରତରେ ମୋଟ ୬୦୦୦ କିଲୋମିଟରରୁ ଊର୍ଦ୍ଧ୍ୱ ରେଳପଥ ନିର୍ମାଣ କରିଥିଲେ। ମାତ୍ର ଏହି ନିର୍ମାଣ କାର୍ଯ୍ୟ ବ୍ୟୟବହୁଳ ଓ ମନ୍ଥର ପ୍ରମାଣିତ ହେବାରୁ ୧୮୬୯ରେ ଭାରତ ସରକାର ଏହାକୁ ସରକାରୀ ଉଦ୍ୟମ ରୂପେ ଆରମ୍ଭ କରିବାକୁ ସ୍ଥିର କଲେ। ୧୮୮୦ ମସିହା ପରେ ଘରୋଇ କମ୍ପାନୀ ଓ ସରକାର ଉଭୟ ମିଶି ଭାରତରେ ରେଳପଥ ନିର୍ମାଣ କଲେ। ଏହାର ପରିମାଣ ସ୍ୱରୂପ ୧୯୦୫ ମସିହା ବେଳକୁ ଭାରତରେ ପ୍ରାୟ ୪୫,୦୦୦ କିଲୋମିଟରର ରେଳପଥ ବିସ୍ତାରିତ ହୋଇପାରିଥିଲା, ରେଳପଥ ନିର୍ମାଣର ତିନିଗୋଟି ମୁଖ୍ୟ ଦିଗ ଥିଲା। ପ୍ରଥମତଃ, ରେଳପଥ ନିର୍ମାଣରେ ପ୍ରାୟ ୩୫୦ କୋଟିରୁ ଅଧିକ ପୁଞ୍ଜି ନିବେଶ ହୋଇଥିଲା। ଏହାର ସିଂହ ଭାଗ ଥିଲା ବ୍ରିଟିଶ ପୁଞ୍ଜିନିବେଶକମାନଙ୍କର। ଭାରତୀୟ ପୁଞ୍ଜିର ଏଥିରେ ନଗଣ୍ୟ ଅଂଶ ଥିଲା। ଦ୍ୱିତୀୟତଃ, ପ୍ରଥମ ୫୦ ବର୍ଷରେ ଏହା ଏତେ ମାତ୍ରାରେ ଆର୍ଥିକ କ୍ଷତିର ସମ୍ମୁଖୀନ ହେଲା ଯେ ସରକାର ମୂଳ ପୁଞ୍ଜି ଉପରେ ସୁଧ ପର୍ଯ୍ୟନ୍ତ ବି ଦେଇ ପାରିଲେ ନାହିଁ। ଘରୋଇ କମ୍ପାନୀ ଦ୍ୱାରା ରେଳପଥ ନିର୍ମାଣ କରାଯାଇଥିଲା। ସରକାର ଆଗରୁ ଜମାନତ ଦେଇ ଥିବାରୁ ତାଙ୍କ କ୍ଷତି ଭରଣା

କଲେ । ୧୮୫୦ ମସିହାରେ ଇଂଲଣ୍ଡରେ ସୁଧର ହାର ଥିଲା ପ୍ରାୟ ତିନି ପ୍ରତିଶତ, ସେହି ଦୃଷ୍ଟିରୁ ଭାରତ ସରକାର ଦେଉଥିବା ୫ ପ୍ରତିଶତ ସୁଧ ପୁଞ୍ଜି ଆକର୍ଷଣ କଲା । ତୃତୀୟତଃ, ରେଳପଥ ପାଇଁ ଯୋଜନା, ନିର୍ମାଣ କିମ୍ବା ତାର ସଞ୍ଚାଳନ ପାଇଁ ଯୋଜନା ପ୍ରସ୍ତୁତି ବେଳେ ଭାରତ ଓ ଭାରତୀୟ ଜନତାର ଆର୍ଥିକ ଓ ରାଜନୈତିକ ବିକାଶ ପ୍ରତି ଗୁରୁତ୍ୱ ଦିଆଯାଇ ନ ଥିଲା । ବରଂ ବ୍ରିଟିଶ ସାମ୍ରାଜ୍ୟବାଦର ଆର୍ଥିକ, ରାଜନୈତିକ ଓ ସାମରିକ ସ୍ୱାର୍ଥରକ୍ଷା ହିଁ ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ରେଳପଥ ବିକାଶର ସମସ୍ତ ଖର୍ଚ୍ଚ ଭାରତବାସୀମାନଙ୍କ ଉପରେ ତାଙ୍କଠାରୁ କୌଣସି ପରାମର୍ଶ ବା ପ୍ରସ୍ତାବ ନ ନେଇ ଲଦି ଦିଆଯାଇଥିଲା । କିନ୍ତୁ କାଳକ୍ରମେ ଭାରତୀୟମାନଙ୍କ ପାଇଁ ବିଶେଷ ଫଳପ୍ରଦ ସାବ୍ୟସ୍ତ ହୋଇଥିଲା । ଜାତୀୟତାବାଦର ବିକାଶରେ ଏହା ସହାୟକ ହୋଇଥିଲା ଓ ସ୍ୱାଧୀନୋତ୍ତର ଭାରତରେ ଜାତୀୟ ସଂହତି ସ୍ଥାପନ କ୍ଷେତ୍ରରେ ଏହା ଏକ ବିଶେଷ ଭୂମିକା ଗ୍ରହଣ କରିଥିଲା ।

### ଟେଲିଗ୍ରାଫ୍ :

ଭାରତରେ ଇଲେକ୍ଟ୍ରିକ୍ ଟେଲିଗ୍ରାଫ୍ ପ୍ରଚଳନ ମଧ୍ୟ ଏକ ଯୁଗାନ୍ତକାରୀ ପଦକ୍ଷେପ । ବିଦେଶରେ ଏହାର ଉପଯୋଗୀତା ଉପଲବ୍ଧ କରି ଲର୍ଡ଼ ଡାଲହାଉସୀ ଭାରତରେ ଏହାର ପ୍ରଚଳନ ନିମନ୍ତେ ପଦକ୍ଷେପ ନେଇଥିଲେ । ଏହା ଫଳରେ ଭାରତର ପ୍ରାନ୍ତୀୟ ଅଞ୍ଚଳଗୁଡ଼ିକ ସଦରମହକୁମା ଓ ଅନ୍ୟାନ୍ୟ ବିଶିଷ୍ଟ ବାଣିଜ୍ୟକେନ୍ଦ୍ରମାନଙ୍କ ସହ ସଂଯୁକ୍ତ ହୋଇପାରିଥିଲେ । ଏହା ମାଧ୍ୟମରେ ଖୁବ୍ କମ୍ ସମୟ ମଧ୍ୟରେ ସମ୍ବାଦ ସରବରାହ ସମ୍ପାଦିତ ହୋଇପାରିଥିଲା । ୧୮୫୩ ମସିହାରେ ପ୍ରଥମେ କଲିକତା ଓ ଆଗ୍ରା ମଧ୍ୟରେ ଟେଲିଗ୍ରାଫ୍‌କୁ ଆରମ୍ଭ କରାଗଲା । ଅବଶ୍ୟ ଏହି ବ୍ୟବସ୍ଥା ବିଶେଷ ଭାବରେ ଇଂରେଜ ଶାସକମାନଙ୍କ ପାଇଁ ସୁବିଧାପୂର୍ଣ୍ଣ ଥିଲା । ସମୟ ଓ ଦୂରତ୍ୱକୁ ଜୟ କରିବା ପାଇଁ ଟେଲିଗ୍ରାଫ୍ ଉତ୍କୃଷ୍ଟ ମାଧ୍ୟମ ଥିଲା ଓ ଭାରତ ଭଳି ବିଶାଳ ଦେଶରେ ଏହାର ଉପାଦେୟତା ଅପରିହାର୍ଯ୍ୟ ଥିଲା । ଡେଲହାଉସୀ ନୂଆକରି ଡାକଟିକଟ ପ୍ରଚଳନ କଲେ । ଏହା ପୂର୍ବରୁ ଡାକରେ ଆସୁଥିବା ପତ୍ରର ଗ୍ରାହକଙ୍କୁ ଦେୟ ଦେବାକୁ ପଡୁଥିବା ବେଳେ, ଏବେ ପ୍ରେରକ ଡାକ ମାହାସୁଲ ଦେଇ ଡାକଟିକଟ ଲଗାଇ ପତ୍ର ପ୍ରେରଣ କଲା । ଡେଲହାଉସୀ ମଧ୍ୟ ଡାକ ମହାସୁଲକୁ ହ୍ରାସ କଲେ ଓ ସମଗ୍ର ଦେଶରେ ଡାକ ମାହାସୁଲର ଦର ସମାନ ରଖିଲେ । ପତ୍ର ପ୍ରେରଣ ପାଇଁ ଅଧ-ଅଣା ବା ଦୁଇ ପଇସା ଦର ଧାର୍ଯ୍ୟ ହେଲା । ପୂର୍ବରୁ ଏହି ଦର ଚିଠିର ଗନ୍ତବ୍ୟ ସ୍ଥଳର ଦୂରତା ଅନୁଯାୟୀ ଧାର୍ଯ୍ୟ ହେଉଥିଲା । ଅନେକ ସମୟରେ ଗୋଟିଏ ଚିଠିର ଡାକଖର୍ଚ୍ଚ ଏତେ ଅଧିକ ଥିଲା ଯେ ତାହା ଚାରିଜଣ କୁଶଳୀ ଶ୍ରମିକର ଦିନକର ମଜୁରୀ ସହ ସମାନ ଥିଲା । ଡେଲହାଉସୀଙ୍କ ସଂସ୍କାର ଫଳରେ ଭାରତରେ ଡାକସେବା ବିସ୍ତାରିତ ହେଲା ଓ ଅଧିକରୁ ଅଧିକ ଲୋକ ଧୀରେ ଧୀରେ ଏହାର ସୁବିଧା ନେବାକୁ ଲାଗିଲେ । ଡାକ ବିଭାଗକୁ ସୁବ୍ୟବସ୍ଥିତ କରିବା ପାଇଁ ପ୍ରତ୍ୟେକ ପ୍ରଦେଶରେ ଜଣେ ଜଣେ ଡାକ ଡାଇରେକ୍ଟର ଜେନେରାଲ ନିଯୁକ୍ତି ହେଲେ ଓ ଡାକ ପ୍ରେରଣ କ୍ଷେତ୍ରରେ ସରକାର ଆଗରୁ ଖର୍ଚ୍ଚ କରୁଥିବା ଅଜସ୍ର ଅର୍ଥକୁ ହ୍ରାସ କରିପାରିଥିଲା । ଏ ସଂସ୍କାର କମ୍ପାନୀ ତଥା ଭାରତୀୟ ଜନସାଧାରଣଙ୍କର ମଙ୍ଗଳସାଧନ କଲା ।

ତେଣୁ ଗମନାଗମନ ତଥା ଟେଲିଗ୍ରାଫ୍ ପ୍ରଚଳନ ଭାରତରେ ବ୍ରିଟିଶମାନଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ ଓ ଏହା ପରବର୍ତ୍ତୀ ସମୟରେ ଭାରତରେ ଜାତୀୟତା ବିକାଶ ଓ ସଙ୍ଗଠନରେ ଏକ ବୈପ୍ଳବିକ ପରିବର୍ତ୍ତନର ଆଭାସ ଦେଇଥିଲା ।

## ଭୂ-ରାଜସ୍ୱ ନୀତି :

ଭରତ ଏକ କୃଷିପ୍ରଧାନ ଦେଶ ହୋଇଥିବାରୁ ଦେଶର ଆୟର ଅଧିକାଂଶ ଭାଗ ଭୂ-ରାଜସ୍ୱରୁ ହିଁ ମିଳୁଥିଲା । ୧୭୬୫ ମସିହାରେ ବଙ୍ଗ-ବିହାର-ଓଡ଼ିଶାର ଦେୱାନୀ ଅର୍ଥାତ୍ କର ଆଦାୟ କରିବାର କ୍ଷମତା କମ୍ପାନୀ ପାଇବା ପରେ ଏହାର ଗଭର୍ଣ୍ଣରମାନେ ଭୂ-ରାଜସ୍ୱ ଆଦାୟ ନୀତିକୁ ସୁବ୍ୟବସ୍ଥିତ କରିବା ପାଇଁ ପ୍ରଚେଷ୍ଟା କରିଥିଲେ ମଧ୍ୟ ଆଦ୍ୟ ଅବସ୍ଥାରେ ସେଭଳି କିଛି ସଫଳତା ହାସଲ କରିପାରି ନ ଥିଲେ । ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ଜମିଦାରମାନେ ଭୂ-ରାଜସ୍ୱ ଆଦାୟ କରି ବ୍ରିଟିଶ ରାଜକୋଷରେ ଦାଖଲ କରୁଥିଲେ । କିନ୍ତୁ ରାଜସ୍ୱ ନୀତି ବହୁ ତ୍ରୁଟିପୂର୍ଣ୍ଣ ଥିଲା । ଜମିଦାରମାନଙ୍କ ଅଧୀନରେ ଜମିଥିଲେ ମଧ୍ୟ ସେମାନେ ସେସବୁର ମାଲିକାନା ସତ୍ତ୍ୱ ପାଇ ନ ଥିଲେ । ଭୂମିକରର ପରିମାଣ ବିଭିନ୍ନ ଅଞ୍ଚଳରେ ଭିନ୍ନ ଥିବାରୁ କୃଷକମାନେ ଶୋଷିତ ହେଉଥିଲେ । ବାର୍ଷିକ, ତ୍ରୟୋବାର୍ଷିକ ବା ପଞ୍ଚବାର୍ଷିକ ଜମିଜମା ବନ୍ଦୋବସ୍ତ ହେଉଥିବାରୁ ଜମିଦାର ବା କୃଷକ କେହିହେଲେ ଜମିର ଉନ୍ନତି ନିମନ୍ତେ ଧ୍ୟାନ ଦେଉ ନ ଥିଲେ । ଜଳସେଚନର ଉପଯୁକ୍ତ ବ୍ୟବସ୍ଥାର ଅଭାବ ଓ ବର୍ଷା ଉପରେ ନିର୍ଭରତା କୃଷି ଉତ୍ପାଦନ ହ୍ରାସ କରୁଥିଲା । ଅନାବୃଷ୍ଟି, ବନ୍ୟା, ବାତ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ଚାଷୀ ତଥା କୃଷିଜୀବି ଶ୍ରେଣୀର ମେରୁଦଣ୍ଡ ଭାଙ୍ଗି ଦେଉଥିଲା । କମ୍ପାନୀ ସରକାର ଏସବୁ ପ୍ରତି ଧ୍ୟାନ ନ ଦେଇ କରବୃଦ୍ଧି କରିଚାଲୁଥିଲେ । ଏହାର ଫଳସ୍ୱରୂପ ଅନେକ କୃଷକ ଆନ୍ଦୋଳନ ସେ ସମୟରେ ଘଟିଥିଲା । ପ୍ରଥମ ବଡ଼ଲାଟ ବା ଗଭର୍ଣ୍ଣର ଜେନେରାଲ ୱାରେନ୍ ହେଷ୍ଟିଙ୍ଗସ୍‌ଙ୍କ ଭୂ-ରାଜସ୍ୱ ସଂସ୍କାର ଫଳପ୍ରଦ ହୋଇ ନ ଥିଲା । ଏଥିରେ ବହୁ ତ୍ରୁଟି ପରିଲକ୍ଷିତ ହୋଇଥିଲା ।

ବ୍ରିଟିଶ ଶାସନ ସ୍ଥାପନ ଓ ବିସ୍ତାର ପାଇଁ କମ୍ପାନୀର ଖର୍ଚ୍ଚର ଅଭିବୃଦ୍ଧି ଘଟିଲା ଓ ମାତ୍ରାଧିକ ରାଜସ୍ୱ ଅସୁଲି ବିଶେଷ ଆବଶ୍ୟକ ହୋଇପଡ଼ିଲା । କମ୍ପାନୀ ଆଗରେ ଲକ୍ଷ୍ୟ ଥିଲା- ସମଗ୍ର ଭାରତବର୍ଷକୁ ଦଖଲ କରିବା; ଶାସନ ବ୍ୟବସ୍ଥାର ବିସ୍ତାର ଓ ଦୃଢ଼ୀକରଣ କରିବା; ଅଧିକ ଦରମାରେ ଉଚ୍ଚ ପ୍ରଶାସନିକ, ନ୍ୟାୟିକ ଓ ସାମରିକ ପଦବୀରେ ବହୁ ସଂଖ୍ୟାରେ ଇଂରେଜମାନଙ୍କୁ ନିଯୁକ୍ତି ଦେବା; ଭାରତର ଆଭ୍ୟନ୍ତରୀଣ କ୍ଷେତ୍ରରେ ତଥା ସ୍ୱାଧୀନ ଥିବା ଅଞ୍ଚଳମାନଙ୍କରେ ଉପନିବେଶବାଦର ପୂର୍ଣ୍ଣ ଅନୁପ୍ରବେଶ ପାଇଁ ଯୁଦ୍ଧ ବା ଅନ୍ୟ ଉପାୟରେ ଦଖଲ ପାଇଁ ଆର୍ଥିକ ଓ ପ୍ରଶାସନିକ ଖର୍ଚ୍ଚ ଭରଣା କରିବା । ଏସବୁ କାର୍ଯ୍ୟ ପାଇଁ ହେଉଥିବା ଖର୍ଚ୍ଚକୁ ଭାରତରୁ ଆଦାୟ ହେଉଥିବା ରାଜସ୍ୱରୁ ପୂର୍ତ୍ତି କରିବା । ଏହାଫଳରେ ଭାରତର ଗରିବ ପ୍ରଜାମାନଙ୍କ ଉପରେ ଖଜଣା ଟିକସର ହାର ଅତ୍ୟଧିକ ଭାବେ କ୍ରମାଗତ ବୃଦ୍ଧି କରାଗଲା । ଭାରତରେ ଆଦାୟ ହେଉଥିବା ଅତ୍ୟଧିକ କର ଆଦାୟ ବିନା ଇଂରେଜମାନେ ସମ୍ପୂର୍ଣ୍ଣ ଭାରତକୁ ଦଖଲ କରିପାରି ନ ଥାଆନ୍ତେ ।

ଆରମ୍ଭରୁ ଭାରତର ଶାସକମାନେ କୃଷକଙ୍କ କୃଷି ଉତ୍ପାଦନର ଏକ ଭାଗ ଖଜଣା ଭାବେ କୃଷକମାନଙ୍କଠାରୁ ଅସୁଲ କରୁଥିଲେ । ପ୍ରତକ୍ଷ ଭାବେ ନିଜ କର୍ମଚାରୀମାନଙ୍କ ଦ୍ୱାରା ଓ ଅପ୍ରତ୍ୟକ୍ଷ ଭାବେ ମଧ୍ୟସ୍ଥି ଜରିଆରେ ରାଜସ୍ୱ ଆଦାୟ କରୁଥିଲେ । ଏଥିପାଇଁ ଜମିଦାର, ଠିକାଚାଷୀ ପରି ମଧ୍ୟସ୍ଥିମାନେ ରହିଥିଲେ । ସେମାନେ ଆଦାୟ କରୁଥିବା ରାଜସ୍ୱର ଏକ ଅଂଶ ନିଜ କମିଶନ କାଟି ବାକି ଖଜଣାକୁ ସରକାରୀ ରାଜକୋଷରେ ଜମା ଦେଉଥିଲେ । ଏମାନେ ଆଦାୟ କରୁଥିବା କ୍ଷେତ୍ରରେ କିଛି ଜମିର ମାଲିକାନା ମଧ୍ୟ ହାସଲ କରିଥିଲେ ।

## ଚିରସ୍ଥାୟୀ ବନ୍ଦୋବସ୍ତ :

୧୭୬୫ ମସିହାରେ ଇଷ୍ଟ ଇଣ୍ଡିଆ କମ୍ପାନୀ ବଙ୍ଗ, ବିହାର ଓ ଓଡ଼ିଶାର ରାଜସ୍ୱ ଆଦାୟର କ୍ଷମତା ଲାଭକଲା । ଆରମ୍ଭରେ କମ୍ପାନୀ ରାଜସ୍ୱ ଆଦାୟ ପାଇଁ ପୁରୁଣା ବ୍ୟବସ୍ଥା ପ୍ରଚଳନ କରିଥିଲା । ଏହାଦ୍ୱାରା ମୋଟ ରାଜସ୍ୱ ଆଦାୟର ପରିମାଣ ବୃଦ୍ଧି ପାଇଲା । ୧୭୨୨ ମସିହାରେ ଏହା ଥିଲା ୧୪,୨୯୦,୦୦୦ ଟଙ୍କା ଯାହା ୧୭୬୪ରେ ହେଲା ୧୮,୧୮୦,୦୦୦ ଟଙ୍କା ଏବଂ ୧୭୭୧ରେ ଏହା ବୃଦ୍ଧି ପାଇ ହେଲା ୨୩,୪୦୦,୦୦୦ ଟଙ୍କା । ୧୭୭୩ ମସିହାରେ କମ୍ପାନୀ ପ୍ରଥମ କରି ନିଜେ ରାଜସ୍ୱ ବ୍ୟବସ୍ଥା ବୁଝିବାକୁ ସ୍ଥିର କଲା । ୱାରେନ୍ ହେଷ୍ଟିଙ୍ଗସ୍ ଏହି ରାଜସ୍ୱ ଆଦାୟକୁ ନିଲାମ ଡାକି ବିକ୍ରି କଲେ, ମାତ୍ର ଏହା ସଫଳ ହୋଇ ନ ଥିଲା । ନିଲାମରେ ଅଧିକ ଟଙ୍କା ଦେଇ ବଡ଼ ଜମିଦାରମାନେ ଯାହା କିଣିଥିଲେ ତହିଁରୁ ପ୍ରକୃତ ଆଦାୟ ନିଶ୍ଚିତ ହୋଇପାରି ନଥିଲା । କେବେ ଅଧିକ ଆଦାୟ ହେଲା ତ କେବେ ହ୍ରାସ ପାଇଲା । ଅର୍ଥାତ୍ ରାଜସ୍ୱ ଆଦାୟ କମ୍ପାନୀର ଆଶାନୁରୂପ ହୋଇପାରିଲା ନାହିଁ । ଏହାଫଳରେ କମ୍ପାନୀ ରାଜସ୍ୱର ଅସ୍ଥିରତା ସୃଷ୍ଟି ହେଲା । କମ୍ପାନୀ ଭାରତରେ ତା'ର ସାମ୍ରାଜ୍ୟ ବିସ୍ତାର, ସୁଦୃଢ଼ୀକରଣ ଓ ପ୍ରଶାସନିକ ବ୍ୟବସ୍ଥାର ବିକାଶ ପାଇଁ ବିପୁଳ ଅର୍ଥର ଆବଶ୍ୟକତା ଥିଲା । ଏହି ବ୍ୟବସ୍ଥାରେ କୃଷିର ଉନ୍ନତି ପାଇଁ ରୟତ ବା ଜମିଦାର କେହି ଧ୍ୟାନ ଦେଲେ ନାହିଁ । କାରଣ ପରବର୍ଷ ନିଲାମରେ କିଏ ଭୂ-ରାଜସ୍ୱ ଆଦାୟର ଭାର ପାଇବ ତାହା ଅନିଶ୍ଚିତ ଥିଲା ।

ଏପରି ଏକ ପରିସ୍ଥିତିରେ ରାଜସ୍ୱ ପରିମାଣକୁ ସ୍ଥାୟୀ କରିବା କଥା ସରକାରଙ୍କ ଦୃଷ୍ଟି ଆକର୍ଷଣ କଲା । ୧୭୮୬ ମସିହାରେ ଭାରତକୁ ବଡ଼ଲାଟ ହୋଇ ଆସିଲେ ଲର୍ଡ଼ କର୍ଣ୍ଣୱାଲିସ ଓ ସେ ଭୂ-ରାଜସ୍ୱ ନୀତିରେ ଆଣିଥିବା ପରିବର୍ତ୍ତନକୁ ଚିରସ୍ଥାୟୀ ବନ୍ଦୋବସ୍ତ ବୋଲି କୁହାଯାଏ । ଏହା ବଙ୍ଗ ଓ ବିହାରରେ ପ୍ରଚଳନ କରାଗଲା । ଏହାର ଦୁଇଟି ସ୍ୱତନ୍ତ୍ର ଦିଗ ଥିଲା, ପ୍ରଥମରେ, ଜମିଦାର ଓ ଖଜଣା ଆଦାୟକାରୀମାନେ ଭୂ-ସ୍ୱାମୀରେ ପରିଣତ ହେଲେ । ଏହ ନୂତନ ଭାବରେ ସୃଷ୍ଟ ଜମିଦାର ଗୋଷ୍ଠୀ କେବଳ ଖଜଣା ଆଦାୟକାରୀ ହୋଇ ରହିଲେ ନାହିଁ, ସେହି ଜମିଦାରୀରେ ଥିବା ମୋଟ ଜମିର ମାଲିକ ମଧ୍ୟ ହେଲେ । ସେମାନଙ୍କର ମାଲିକାନାକୁ ବଂଶଗତ ତଥା ହସ୍ତାନ୍ତରିୟ କରାଗଲା । ଅନ୍ୟପକ୍ଷରେ ପ୍ରଜାମାନଙ୍କର ସାମାଜିକ ପ୍ରତିପତ୍ତି ଊଣା ହେଲା, ସେମାନେ ଚାଷୀ ନ ହୋଇ ଭାଗଚାଷୀ ହୋଇ ରହିଲେ କାରଣ ସମସ୍ତ ଜମିର ମାଲିକ ଜମିଦାରମାନେ ଥିଲେ । ଚାଷୀମାନେ କେବଳ ମାତ୍ର ତାଙ୍କ ଜମି ଉପରେ ଥିବା ପୁରୁଣା ଓ ପାରମ୍ପରିକ ଅଧିକାରରୁ ବଞ୍ଚିତ ହେଲେ ନାହିଁ, ସେମାନେ ମଧ୍ୟ ଜମି, ଜଙ୍ଗଲ, କେନାଲ, ଗଡ଼ିଆ, ପୋଖରୀ ତଥା ଘର ଅଗଣାର ଜମି ଉପରେ ସମସ୍ତ ଅଧିକାର ଏହି ଆଇନ୍ ଦ୍ୱାରା ହରାଇଦେଲେ । ଏହାର ଉଦ୍ଦେଶ୍ୟ ଥିଲା ଜମିଦାରମାନେ ବର୍ଦ୍ଧିତ ହାରରେ ରାଜସ୍ୱ ଆଦାୟ କରି କମ୍ପାନୀ ତହବିଲ୍‌ରେ ଅନାୟାସରେ ଜମା କରିପାରିବେ । ଭୂ-ରାଜସ୍ୱର ପରିମାଣ ୧୭୬୫ ମସିହାରେ ଆଦାୟ ହେଉଥିବା ପରିମାଣର ଦୁଇଗୁଣ ରଖାଗଲା । ନିର୍ଦ୍ଧାରିତ ସମୟ ମଧ୍ୟରେ ଦେୟ ପୈଠ କରି ନ ପାରିଲେ ଜମିଦାରୀଙ୍କ ଅଧିନରେ ଥିବା ଜମିର କିୟଦଂଶ ବିକ୍ରୀ କରାଇ ରାଜସ୍ୱ ଭରଣା କରାଯିବ ବୋଲି ସର୍ତ୍ତ ରହିଲା । ଜମିଦାରମାନେ ଜମିର ଓ ଜମି କରର ପରିମାଣ ଉଲ୍ଲେଖ ଥାଇ ପଟ୍ଟା ଦେବାର ବ୍ୟବସ୍ଥା ରହିଲା ଯାହାକୁ ଖିଲାପ କଲେ ରୟତମାନେ ଜମିଦାରଙ୍କ ବିରୁଦ୍ଧରେ ନ୍ୟାୟାଳୟରେ ଆଶ୍ରୟ ନେଇ ପାରିବେ ଓ ସର୍ବଶେଷ ସର୍ତ୍ତାନୁଯାୟୀ ଜମିଦାରମାନଙ୍କଠାରୁ ପୂର୍ବରୁ ଉପଭୋଗ କରୁଥିବା ପୋଲିସ ଓ ବିଚାର କ୍ଷମତା କାଢ଼ି ନିଆଗଲା ।

**ସୁଫଳ :** ଜମିଦାର ରାଜସ୍ୱର ଏଗାର ଭାଗରୁ ଦଶଭାଗ କମ୍ପାନୀକୁ ଦେଇ ନିଜ ପାଖରେ କମିଶନ ବାବଦକୁ ଏକ ଭାଗ ରଖିବେ ବୋଲି ବନ୍ଦୋବସ୍ତରେ ବ୍ୟବସ୍ଥା ଥିଲା । ମାତ୍ର ଯେଉଁ ମୋଟ ରକମ ସେ କମ୍ପାନୀକୁ ଦେବେ ସ୍ଥିରୀକୃତ ହୋଇ ରହିଲା, ଏହା ଇଂରେଜ ସରକାରଙ୍କୁ ତାଙ୍କ ବାର୍ଷିକ ଯୋଜନା ଅଟକଳ କରିବାର ସୁଯୋଗ ମିଳିଲା । ଭୂ-ରାଜସ୍ୱ ପାଇଁ ଯେଉଁ କର୍ମଚାରୀମାନେ ନିୟୋଜିତ ହୋଇଥିଲେ, ସେମାନଙ୍କୁ ସେଥିରୁ ଅବ୍ୟାହତି ଦିଆଯାଇ, ସେମାନଙ୍କୁ ଅନ୍ୟାନ୍ୟ ପ୍ରଶାସନିକ ସଂସ୍କାର କାର୍ଯ୍ୟରେ ବିନିଯୋଗ କରାଗଲା ।

ଜମିଦାରମାନେ ଏହି ବନ୍ଦୋବସ୍ତ ଦ୍ୱାରା କେତେକାଂଶରେ ଉପକୃତ ହୋଇଥିଲେ । ସେମାନେ ସବୁଦିନ ପାଇଁ ଜମିର ମାଲିକାନା ସତ୍ତ୍ୱ ପାଇବା ଫଳରେ, ସେମାନଙ୍କର ଜୀବିକା ନିର୍ବାହର ଏକ ନିଶ୍ଚିତ ଉତ୍ସ ପ୍ରାପ୍ତ ହେଲେ । ସେମାନେ ବ୍ରିଟିଶ ଶାସନ ପ୍ରତି ଅନୁରକ୍ତ ରହିବାରୁ କୌଣସି ଅଭାବନୀୟ ପରିସ୍ଥିତିର ସମ୍ମୁଖୀନ ହେଲେ ବ୍ରିଟିଶ ଶାସନ ତାଙ୍କୁ ସୁରକ୍ଷା ଦେଉଥିଲା । ସାମୟିକ ଜନଆନ୍ଦୋଳନକୁ ଦବେଇଦେବା ପାଇଁ ବ୍ରିଟିଶ ଜମିଦାରମାନଙ୍କ ସହାୟତା ନେଉଥିଲେ । ଜନ ଆନ୍ଦୋଳନ ଓ ବ୍ରିଟିଶ ସାମ୍ରାଜ୍ୟବାଦୀଙ୍କ ମଧ୍ୟରେ ସେମାନେ ରକ୍ଷାକବଚ ହୋଇ ସରକାରଙ୍କ ଉପରେ ଆଞ୍ଚ ଆସିବାକୁ ଦେଉ ନ ଥିଲେ ।

ଯଦିଓ ଭୂ-ରାଜସ୍ୱ ପରିମାଣ ଦ୍ୱିଗୁଣିତ ହେଲା ତଥାପି ପଟ୍ଟା ପାଇବା ଫଳରେ କୃଷକ ନିଜକୁ ସୁରକ୍ଷିତ ମନେକଲା । ପୋଲିସ ଓ ବିଚାର କ୍ଷମତା ଜମିଦାରଙ୍କଠାରୁ ପ୍ରତ୍ୟାହାର ଫଳରେ ଅଧିକାଂଶ କୃଷକ ଅତ୍ୟାଚାରୀ ଜମିଦାରମାନଙ୍କ କବଳରୁ ମୁକ୍ତ ହେଲେ । ବନ୍ଦୋବସ୍ତର ସ୍ଥାୟିତ୍ୱ ଫଳରେ ଉଭୟ ଜମିଦାର ଓ ଚାଷୀ ଅଧିକ ପରିଶ୍ରମ କରି କୃଷି ଉତ୍ପାଦନ ବୃଦ୍ଧି କରି ଲାଭବାନ ହୋଇପାରିଥିଲେ ।

**କୁଫଳ :** ଆରମ୍ଭରେ ଭୂ-ରାଜସ୍ୱର ପରିମାଣ ମନଇଚ୍ଛା ଧାର୍ଯ୍ୟ କରାଗଲା । ଜମିଦାରମାନଙ୍କ ସହ ଏ ନେଇ କୌଣସି ପରାମର୍ଶ ବି କରାଯାଇ ନଥିଲା । ସରକାରଙ୍କ ଲକ୍ଷ୍ୟ ଥିଲା ଯେ କୌଣସି ପ୍ରକାରେ ଅଧିକ ଅର୍ଥ ଆଦାୟ କରିବା । ଜନ ସୋର ଥିଲେ ଚିରସ୍ଥାୟୀ ବନ୍ଦୋବସ୍ତର ପ୍ରଣେତା ଓ ବଡ଼ଲାଟ ପଦରେ କର୍ଣ୍ଣୱାଲିସଙ୍କ ଉତ୍ତରାଧିକାରୀ । ତାଙ୍କ ହିସାବ ଅନୁଯାୟୀ, ଯଦି ବଙ୍ଗର ମୋଟ କୃଷି ଉତ୍ପାଦନ ୧୦୦ ହୁଏ, ତାହା ମଧ୍ୟରୁ ସରକାର ନେବେ ୪୫, ଜମିଦାର ଓ ଅନ୍ୟ ମଧ୍ୟସ୍ଥିମାନେ ନେବେ ୧୫ ଏବଂ ପ୍ରକୃତ ଚାଷୀ ପାଖରେ ରହିବ ମାତ୍ର ୪୦ । ଏହି ପ୍ରକାର ଚଡ଼ା ଓ ଅମାନୁଷିକ ରାଜସ୍ୱ ଆଦାୟର ଏକ ତିକ୍ତ ପରିଣାମ ହେଲା ୧୭୯୪ ରୁ ୧୮୦୭ ମସିହା ମଧ୍ୟରେ ଅର୍ଦ୍ଧେକ ଜମିଦାରୀ ବିକ୍ରି ହୋଇଯାଇଥିଲା ।

ବନ୍ଦୋବସ୍ତର ଚୁକ୍ତିପତ୍ରରେ ଦର୍ଶାଯାଇଥିବା କେତେକ ନିର୍ଦ୍ଦିଷ୍ଟ ଧାରାର ବିଷୟବସ୍ତୁର ଅସ୍ପଷ୍ଟତା ଯୋଗୁଁ ଏହାର କାର୍ଯ୍ୟକାରିତା ସମୟରେ ନାନା ବିଭ୍ରାଟ ସୃଷ୍ଟି ହୋଇଥିଲା । କେତେକ ସ୍ଥଳରେ ପ୍ରକୃତ ଭୂମି ମାଲିକମାନଙ୍କ ସହ ଚୁକ୍ତି ସ୍ୱାକ୍ଷର ହୋଇ ନ ଥିବାରୁ ଅନେକ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କର ପ୍ରଭୂତ କ୍ଷତିସାଧନ ହୋଇଥିଲା ଏବଂ ବହୁ ସଂଖ୍ୟାରେ ମାଲିମୋକଦ୍ଦମା ହୋଇଥିଲା । ସେହିଭଳି କେତେକ ନ୍ୟସ୍ତସ୍ୱାର୍ଥ ଜମିଦାର ପଟ୍ଟା ପ୍ରଦାନରେ ଅସାଧୁତା ଓ ଅହେତୁକ ବିଳମ୍ବ ପ୍ରଦର୍ଶନ କରି ଚାଷୀମାନଙ୍କର ରୋଷର ଶୀକର ହୋଇଥିଲେ ସତ, କିନ୍ତୁ ଜମିଦାରମାନଙ୍କର ଆର୍ଥିକ ସ୍ୱଚ୍ଛଳତା ଓ ପ୍ରଭାବ ଯୋଗୁଁ ସେମାନେ ନ୍ୟାୟାଳୟରୁ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥିଲେ ।

କେତେକ ଦାୟିତ୍ୱହୀନ ଓ ଭୋଗ-ବିଳାସୀ ଜମିଦାରମାନେ ଗ୍ରାମାଞ୍ଚଳରେ ନିଜର ଏଜେଣ୍ଟମାନଙ୍କୁ ନିଜ ଦାୟିତ୍ୱ ଅର୍ପଣ କରି ସୁଦୂର ସହରରେ ବସବାସ କରି ମଉଜ ମଜଲିସ୍‌ରେ ଜୀବନଯାପନ କଲେ। ଏମାନଙ୍କୁ ଅନୁପସ୍ଥିତ ଜମିମାଲିକ (Absentee Landlords) ବୋଲି କୁହାଯାଏ। ଏହା ଫଳରେ କୃଷକମାନଙ୍କର ଭଲମନ୍ଦ ବୁଝିବା ପାଇଁ କେହି ରହିଲେ ନାହିଁ। ଜମିଦାରଙ୍କ ଅନୁପସ୍ଥିତିରେ ଏହି ଏଜେଣ୍ଟମାନେ ଅସ୍ୱାଭାବିକ ପରିସ୍ଥିତିବେଳେ କୌଣସି ଫଳପ୍ରଦ ନିଷ୍ପତ୍ତି ନେଇପାରୁ ନଥିଲେ। ସେମାନେ ମଧ୍ୟ ନାନା ପ୍ରକାର ଅବୈଧ କର ଆଦାୟ କରି ଚାଷୀମାନଙ୍କୁ ଶୋଷଣ କରୁଥିଲେ। ଅପରିହାର୍ଯ୍ୟ କାରଣବଶତଃ ନିର୍ଦ୍ଧାରିତ ଭୂ-ରାଜସ୍ୱ ଯଦି କୌଣସି ଜମିଦାର ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପଇଠ କରିପାରୁ ନଥିଲେ ଶେଷ ଦିନର ସୂର୍ଯ୍ୟାସ୍ତ ପରେ ସୂର୍ଯ୍ୟାସ୍ତ ଆଇନ୍ ବଳରେ (Sun set law) ଜମିଦାରୀ ନିଲାମ କରିଦିଆଯାଉଥିଲା, ଯଦ୍ୱାରା ସେମାନେ ଏକ ଅନିଶ୍ଚିତ ଭବିଷ୍ୟତର ସମ୍ମୁଖୀନ ହେଉଥିଲେ। ଏହି ବନ୍ଦୋବସ୍ତ ଦ୍ୱାରା ଭବିଷ୍ୟତ କୃଷି ଉତ୍ପାଦନର ଅଭିବୃଦ୍ଧିରେ କମ୍ପାନୀ ଭାଗୀଦାର ହୋଇପାରୁ ନଥିଲା।

ଜମିଦାରମାନଙ୍କୁ ଜମିମାଲିକ ରୂପେ ସ୍ୱୀକୃତି ଦେବା ପଛରେ ମୂଳତଃ ରାଜନୈତିକ, ଆର୍ଥିକ ତଥା ପ୍ରଶାସନିକ ଆବଶ୍ୟକତା ରହିଥିଲା। ଏହାର ତିନୋଟି ମୁଖ୍ୟ କାରଣ ରହିଥିଲା। ପ୍ରଥମତଃ, ବ୍ରିଟିଶ ସରକାରଙ୍କର ରାଜନୈତିକ ଚତୁରତା ଓ ପ୍ରଶାସନିକ ସୁବିଧା ପାଇଁ ରାଜନୈତିକ ସହଯୋଗୀର ଆବଶ୍ୟକତା। ଯେହେତୁ ସେମାନେ ବିଦେଶୀ ଓ ଶାସନର ସ୍ଥାୟିତ୍ୱ ମିଳି ନାହିଁ, ତେଣୁ ସେମାନେ ଏକ ସହଯୋଗୀ ଗୋଷ୍ଠୀର ସାହାଯ୍ୟ ଚାହୁଁଥିଲେ। ଏହି ଗୋଷ୍ଠୀ ଭାରତର ଶାସକବର୍ଗ ଓ ସାଧାରଣ ଜନତା ମଧ୍ୟରେ ମଧ୍ୟସ୍ଥିର ଭୂମିକା ନିର୍ବାହ କରିବ। ଅଷ୍ଟାଦଶ ଶତାବ୍ଦୀର ଶେଷ ଆଡ଼କୁ ବଙ୍ଗଳାରେ ଅନେକ ଜନ ବିଦ୍ରୋହ ସଂଘଟିତ ହୋଇଥିଲା। ଏଣୁ ଜମିଦାର ନାମକ ଏକ ଧନୀ ଓ କ୍ଷମତାପ୍ରାପ୍ତ ବର୍ଗର ପ୍ରତିଷ୍ଠା କଲେ, ଯେଉଁମାନେ ନିଜର ସ୍ୱାର୍ଥ ପାଇଁ ବ୍ରିଟିଶ୍ ସରକାର ପାଖରେ ଅନୁଗୃହୀତ ରହିବେ ଓ ବିଦେଶୀ ସରକାରଙ୍କୁ ସମର୍ଥନ କରିବେ। ଏହି ଆଶା ପୂରଣ ହୋଇଥିଲା ଯେତେବେଳେ ସ୍ୱାଧୀନତା ସଂଗ୍ରାମକାଳରେ ଏହି ଜମିଦାରଗୋଷ୍ଠୀ ଭାରତୀୟ ସଂଗ୍ରାମକୁ ବିରୋଧ କରି ଇଂରେଜମାନଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଇଲା। ଦ୍ୱିତୀୟ ଓ ଗୁରୁତ୍ୱପୂର୍ଣ୍ଣ କାରଣ ଥିଲା, ଆର୍ଥିକ ସୁରକ୍ଷା। ୧୭୯୩ ପୂର୍ବରୁ ରାଜସ୍ୱର ମୂଳସ୍ରୋତ ଭୂ-ରାଜସ୍ୱରେ କୌଣସି ସ୍ଥିରତା ରହୁ ନ ଥିଲା। ବଙ୍ଗର ରାଜସ୍ୱରୁ କମ୍ପାନୀ ଯୁଦ୍ଧ ଖର୍ଚ୍ଚ ଚଳାଉଥିଲା ଓ ସାମ୍ରାଜ୍ୟ ବିସ୍ତାର ପାଇଁ ସେହି ଯୁଦ୍ଧମାନ ଅନିବାର୍ଯ୍ୟ ଥିଲା। ପୁଣି ବଙ୍ଗ, ମାନ୍ଦ୍ରାଜ ଓ ବମ୍ବେର ପ୍ରଶାସନିକ ଖର୍ଚ୍ଚ ଓ ରପ୍ତାନୀ ପାଇଁ ସାମଗ୍ରୀ କ୍ରୟ ପାଇଁ ସରକାର ଏହି ରାଜସ୍ୱ ଉପରେ ନିର୍ଭରଶୀଳ ଥିଲେ। ଚିରସ୍ଥାୟୀ ବନ୍ଦୋବସ୍ତ ଏହି ରାଜସ୍ୱର ଅନିଶ୍ଚିତତାକୁ ଦୂର କଲା।

ଚିରସ୍ଥାୟୀ ବନ୍ଦୋବସ୍ତ (ଏହାକୁ ଐତିହାସିକମାନେ ମଧ୍ୟ ଚିରସ୍ଥାୟୀ ଜମିଦାରୀ ବନ୍ଦୋବସ୍ତ ବୋଲି କହିଥାଆନ୍ତି) ବ୍ୟବସ୍ଥାକୁ ପରେ ଓଡ଼ିଶା ତଥା ମାନ୍ଦ୍ରାଜର ଉତ୍ତରବର୍ତ୍ତୀ ଜିଲ୍ଲା ଏବଂ ବାରଣାସୀରେ ମଧ୍ୟ ପ୍ରଚଳନ କରାଗଲା।

ମଧ୍ୟ ଭାରତର କେତେକ ଅଞ୍ଚଳରେ ତଥା ଅଯୋଧ୍ୟାରେ ସରକାର ଅସ୍ଥାୟୀ ଜମିଦାରୀ ବନ୍ଦୋବସ୍ତ ବ୍ୟବସ୍ଥା ଲାଗୁକଲେ।

## ରୟତୱାରୀ ବନ୍ଦୋବସ୍ତ :

ଭାରତର ଦକ୍ଷିଣ ଓ ଦକ୍ଷିଣ-ପଶ୍ଚିମ ପ୍ରାନ୍ତଗୁଡ଼ିକରେ ଇଂରେଜ ଶାସନ ପ୍ରତିଷ୍ଠା ହେବାପରେ ବନ୍ଦୋବସ୍ତକୁ ନେଇ ସରକାର ଏକ ନୂଆ ସମସ୍ୟାର ସମ୍ମୁଖୀନ ହେଲେ। ଏହି ଅଞ୍ଚଳରେ ପୂର୍ବରୁ କୌଣସି ଜମିଦାର ବର୍ଗ ନ ଥିଲେ। ଏହି ବର୍ଗଟିଏ ସୃଷ୍ଟି କରି ଚିରସ୍ଥାୟୀ ବନ୍ଦୋବସ୍ତ ଲାଗୁ କଲେ ସାମାଜିକ ସମସ୍ୟା ସୃଷ୍ଟି ହେବ ବୋଲି ଅନୁମାନ କରିଥିଲେ। ଚିରସ୍ଥାୟୀ ବନ୍ଦୋବସ୍ତରେ ଭୂ-ରାଜସ୍ୱର ଏକ ଭାଗ ଜମିଦାରମାନେ ନେଉଥିଲେ, ଆର୍ଥିକ ଦୃଷ୍ଟିରୁ ସରକାର କ୍ଷତିଗ୍ରସ୍ତ ହେଉଥିଲେ। ରୟତମାନେ ଜମିଦାରମାନଙ୍କ ଅନୁଗ୍ରହରେ ବଞ୍ଚୁଥିବାରୁ ଅନେକ ଅତ୍ୟାଚାରର ସମ୍ମୁଖୀନ ହେଉଥିଲେ। ତେଣୁ ବଙ୍ଗଳା ପ୍ରେସିଡେନ୍‌ସୀରେ ପ୍ରବର୍ତ୍ତିତ ହୋଇଥିବା ଚିରସ୍ଥାୟୀ ବନ୍ଦୋବସ୍ତର ଦୋଷତ୍ରୁଟିଗୁଡ଼ିକର ତର୍ଜମା କରି ମାଦ୍ରାଜ ପ୍ରେସିଡେନ୍‌ସିର ଗଭର୍ଣ୍ଣର ସାର୍ ଥୋମାସ୍ ମୁନରୋ ସେଠାରେ ୧୮୨୦ ମସିହାରେ ଯେଉଁ ନୂତନ ଭୂ-ରାଜସ୍ୱ ନୀତି ପ୍ରବର୍ତ୍ତନର ନିଷ୍ପତ୍ତି ନେଲେ ତାହା ହେଲା ରୟତୱାରୀ ବନ୍ଦୋବସ୍ତ। ଏହାଦ୍ୱାରା ରୟତମାନଙ୍କ ସହ ପ୍ରତ୍ୟକ୍ଷ ଭାବରେ ଜମିଜମାର ବନ୍ଦୋବସ୍ତ କରାଗଲା। ଏହା ମଧ୍ୟ ବମ୍ବେ ପ୍ରେସିଡେନ୍‌ସର କିଛି ଅଞ୍ଚଳରେ ପ୍ରଚଳନ କରାଗଲା। ପ୍ରଜାମାନେ ହେଲେ ସରକାରଙ୍କ ଭାଗଚାଷୀ। ଭୂ-ରାଜସ୍ୱ ଯଦି ନିୟମିତ ଭାବେ ପୈଠ କରନ୍ତି, ତେବେ ଜମିର ପ୍ରଜାସତ୍ୱ ଅଧିକାର ଅକ୍ଷୁର୍ଣ୍ଣ ରହିବ, ଅନ୍ୟଥା ଖଜଣା ନ ଦେଲେ ରୟତ ତା'ର ଜମିର ମାଲିକାନା ହରାଇବ। ଏହି ବ୍ୟବସ୍ଥା ଚିରସ୍ଥାୟୀ ନ କରି ବା ଅତି କମ୍ ସମୟ ପାଇଁ ନ କରି ୩୦ ବର୍ଷ ପାଇଁ ଚୁକ୍ତିବଦ୍ଧ କରାଗଲା। ଉତ୍ପାଦିତ ଫସଲର ଅର୍ଦ୍ଧେକ କମ୍ପାନୀ ରାଜସ୍ୱ ଆକାରରେ ପାଇବା ପାଇଁ ସ୍ଥିର ହେଲା।

ଏ ପ୍ରକାର ବନ୍ଦୋବସ୍ତ ମଧ୍ୟ ତ୍ରୁଟିବିଚ୍ୟୁତିରୁ ମୁକ୍ତ ନ ଥିଲା। କମ୍ପାନୀ ଏଥିରୁ ବିଶେଷ ଲାଭବାନ ହେଉଥିବା ବେଳେ ରୟତମାନଙ୍କର ଆର୍ଥିକ ଅବସ୍ଥାରେ କୌଣସି ଉନ୍ନତି ହୋଇପାରି ନ ଥିଲା। ଉତ୍ପାଦିତ ଫସଲ ମୂଲ୍ୟର ଅର୍ଦ୍ଧେକ କର ଆକାରରେ ଦେବାପରେ ବାକି ଅର୍ଦ୍ଧେକରେ ନିଜର ଗୁଜୁରାଣ ମେଣ୍ଟାଇବା ସେମାନଙ୍କ ପାଇଁ କଷ୍ଟସାଧ ହେଉଥିଲା। କର ପୈଠ ଓ ସାମାଜିକ ରୀତିନୀତିର ପାଳନ ନିମନ୍ତେ ସେମାନଙ୍କୁ ଋଣଗ୍ରସ୍ତ ହେବାକୁ ପଡୁଥିଲା ଓ ଗାଁ ମହାଜନମାନେ ସେମାନଙ୍କର ଆର୍ଥିକ ଦୁର୍ଗତିରୁ ଫାଇଦା ଉଠାଇ ସେମାନଙ୍କୁ ହଇରାଣ ହରକତ କରୁଥିଲେ। ନିଜ ଇଚ୍ଛାରେ ଜମି ଚାଷ କରିବାର ବ୍ୟବସ୍ଥା ଥିଲେ ମଧ୍ୟ ବାସ୍ତବରେ ତାହା ସମ୍ଭବ ହୋଇପାରୁ ନ ଥିଲା। ସରକାରୀ କର୍ମଚାରୀମାନେ ଅନୁର୍ବର ଓ ଅନାବାଦୀ ଜମିକୁ ଚାଷ କରିବାକୁ କେତେକ ଚାଷୀମାନଙ୍କୁ ବାଧ କରୁଥିଲେ ଓ ଅବଜ୍ଞା କଲେ ନାନା ନିର୍ଯ୍ୟାତନା ଦେଉଥିଲେ। କଷ୍ଟ ସ୍ୱୀକାର କରି ଅଧିକ ଫସଲ ଉତ୍ପନ୍ନ କଲେ ମଧ୍ୟ ସରକାର ସେଥିରୁ ଅର୍ଦ୍ଧେକ ନେଇଯାଉଥିଲେ। ତେଣୁ ଅଧିକ ଫସଲ ଉତ୍ପାଦନ ପାଇଁ ଚାଷୀମାନଙ୍କର ଆଗ୍ରହ ରହୁ ନ ଥିଲା। ରୟତର ମାଲିକାନାକୁ ଅନ୍ୟ ତିନି ଦିଗରୁ ବିପଦ ଥିଲା। ପ୍ରଥମତଃ, ଯେଉଁ ବର୍ଷ ଉତ୍ତମ ଚାଷ ହେଲା, ସେ ବର୍ଷ ମଧ୍ୟ କର ପଇଠ ପରେ ଚାଷୀର ସର୍ବନିମ୍ନ ଆବଶ୍ୟକତା ପୂରଣ ପାଇଁ ବିଶେଷ କିଛି ରହୁ ନ ଥିଲା। ଉଦାହରଣ ସ୍ୱରୂପ ମାଦ୍ରାଜରେ ଚାଷୀ ମୋଟ ଉତ୍ପାଦନର ୪୫ ରୁ ୫୫ ଭାଗ ଭୂ-ରାଜସ୍ୱ ଜମା କରୁଥିଲା। ଦ୍ୱିତୀୟତଃ, ଜମିର କର ବୃଦ୍ଧି କ୍ଷମତା ସରକାରଙ୍କ ପାଖରେ ରହୁଥିଲା। ତୃତୀୟତଃ, ମରୁଡ଼ି ବା ବନ୍ୟାରେ ଫସଲ ଆଂଶିକ ବା ସମ୍ପୂର୍ଣ୍ଣଭାବେ ନଷ୍ଟ ହେଲେ ସୁଦ୍ଧା ରୟତମାନଙ୍କୁ ଖଜଣା ଦେୟରେ କୌଣସି ଛାଡ଼ ମିଳୁ ନଥିଲା।

**ମହଲୱାରୀ ବନ୍ଦୋବସ୍ତ :**

ଗାଙ୍ଗେୟ ଉପତ୍ୟକା, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶର କେତେକାଂଶ ଏବଂ ପଞ୍ଜାବରେ ଜମିଦାରୀ ବନ୍ଦୋବସ୍ତର ଏକ ସଂଶୋଧିତ ରୂପକୁ ପ୍ରଚଳନ କରାଯାଇଥିଲା । ଏହାକୁ ମହଲୱାରୀ ବନ୍ଦୋବସ୍ତ କୁହାଗଲା । ସେ ସମୟରେ ଉପରୋକ୍ତ ଅଞ୍ଚଳଗୁଡ଼ିକରେ କେତେକ ଗାଁର ସମଷ୍ଟିକୁ 'ମହଲ' ବୋଲି କୁହାଯାଉଥିଲା । ଏଥିରେ ଗ୍ରାମ ମୁଖିଆ ତଥା କ୍ଷୁଦ୍ର ଜମିଦାରମାନଙ୍କର ପ୍ରାଧାନ୍ୟ ଥିଲା । ତେଣୁ ସେମାନଙ୍କ ଜରିଆରେ ଭୂ-ରାଜସ୍ୱ ଆଦାୟରେ ସୁବିଧା ହେବ ବୋଲି ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯାଇ ବନ୍ଦୋବସ୍ତ କରାଗଲା । ଏହାକୁ 'ମହଲୱାରୀ ବନ୍ଦୋବସ୍ତ' ବ୍ୟବସ୍ଥା କୁହାଗଲା । ସେଠାକାର ଜମିଦାର ବା ପରିବାରର ମୁଖ୍ୟ ବୋଲାଉଥିବା ସାମୁହିକ ଭାବରେ ଗ୍ରାମ ବା ମହଲ ପକ୍ଷରୁ ବନ୍ଦୋବସ୍ତ କରୁଥିଲେ । ସରକାର ଖଜଣା ବନ୍ଦୋବସ୍ତ ଗ୍ରାମ ବା ମହଲ ସାଙ୍ଗରେ କରୁଥିଲେ । ପଞ୍ଜାବରେ ମହଲୱାରୀ ବ୍ୟବସ୍ଥାର ଏକ ସଂଶୋଧିତ ରୂପକୁ ପ୍ରଚଳନ କରାଗଲା । ତାହାକୁ 'ଗ୍ରାମ ବ୍ୟବସ୍ଥା' ବୋଲି କୁହାଯାଉଥିଲା । ଏ ବ୍ୟବସ୍ଥା ମଧ୍ୟ ମହଲୱାରୀ ବ୍ୟବସ୍ଥା ଭଳି ଗରିବ କୃଷକର ଆର୍ଥିକ ଅବସ୍ଥାର ଉନ୍ନତି ଆଣିବାରେ ସହାୟକ ହୋଇନଥିଲା । ଗ୍ରାମ ମୁଖିଆଙ୍କ ଦୌରାତ୍ମ୍ୟ, ମହାଜନମାନଙ୍କର ଶୋଷଣ ତଥା ସରକାରୀ କର୍ମଚାରୀମାନଙ୍କର ଉତ୍ପୀଡ଼ନର ଶିକାର ପ୍ରତ୍ୟେକ ପ୍ରକାର ଭୂ-ବନ୍ଦୋବସ୍ତରେ କୁପରିଣାମ ଏକ ଅବିଚ୍ଛେଦ ଅଙ୍ଗ ବୋଲି କୃଷକମାନଙ୍କର ଅବବୋଧ ହେଲା ।

ରୟତୱାରୀ ଓ ମହଲୱାରୀ ବନ୍ଦୋବସ୍ତ ବ୍ୟବସ୍ଥା ଦେଶର ପାରମ୍ପରିକ ଭୂ-ରାଜସ୍ୱ ବନ୍ଦୋବସ୍ତ ବ୍ୟବସ୍ଥାରୁ ମୌଳିକ ଭାବେ ପୃଥକ୍ ଥିଲେ । ଇଂରେଜମାନେ ଭୂବ୍ୟବସ୍ଥାରେ ଏପରି ଏକ ଘରୋଇ ବ୍ୟବସ୍ଥା ସୃଷ୍ଟି କଲେ ଯେ ତହିଁରୁ ପ୍ରଜାକୁ କୌଣସି ଲାଭ ମିଳିପାରିବ ନାହିଁ । ଜମି ଏକ ପଣ୍ୟସାମଗ୍ରୀ ଭଳି ବିକ୍ରୀ କରାଯାଇପାରିବ, ବନ୍ଧକ ରଖାଯାଇ ପାରିବ ବା ହସ୍ତାନ୍ତରିତ କରାଯାଇ ପାରିବ । ଏହାର ଉଦ୍ଦେଶ୍ୟ ଥିଲା ସରକାରଙ୍କ ରାଜସ୍ୱ ମୁଖ୍ୟତଃ ସୁରକ୍ଷିତ ରଖିବା । ଜମି ଯଦି ହସ୍ତାନ୍ତରିତ ନ ହୁଏ, ବିକ୍ରୀ ନ ହୁଏ ସରକାରଙ୍କ ପକ୍ଷରୁ ରାଜସ୍ୱ ଆଦାୟ କାଠିକର ପାଠ ହେବ । ରାଜସ୍ୱ ପଇଠ ପାଇଁ ଚାଷୀ ଜମି ବନ୍ଧକ ରଖିପାରିବ ବା କିଛି ଅଂଶ ତହିଁରୁ ବିକ୍ରୀ କରିପାରିବ । ଯଦି ସେ ତାହା ନ କରେ ସରକାର ତାହାର ଜମି ନିଲାମ କରିପାରିବେ । ଅନେକ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ମଧ୍ୟ କରାଗଲା । ସରକାରଙ୍କ ଆଉ ଏକ ଉଦ୍ଦେଶ୍ୟ ଥିଲା ଯେ ଜମି ବ୍ୟକ୍ତିଗତ ସମ୍ପତ୍ତି ହୋଇଥିଲେ ଜମିଦାର ବା ରୟତ ତାହାର ବିକାଶ ପାଇଁ ଯଥୋଚିତ ଧ୍ୟାନ ଦେବେ ।

ବଜାରରେ ଜମିକୁ ବିକ୍ରୀ ଓ କ୍ରୟଯୋଗ୍ୟ ସାମଗ୍ରୀ କରି ଭାରତର ପ୍ରଚଳିତ ଭୂମି ବ୍ୟବସ୍ଥାରେ ଏକ ମୌଳିକ ପରିବର୍ତ୍ତନ ଆସିଲା । କୃଷି କ୍ଷେତ୍ରରେ ପୁଞ୍ଜିବାଦୀ ବ୍ୟବସ୍ଥାର ଆରମ୍ଭ ହେଲା । ସମଗ୍ର ଗ୍ରାମୀଣ ସମାଜ ବ୍ୟବସ୍ଥା ଏହାପରେ ଭାଙ୍ଗିବାକୁ ଲାଗିଲା ।

## ସାରାଂଶ

ଇଂରେଜମାନେ ଭାରତକୁ ବାଣିଜ୍ୟ କରିବାକୁ ଆସିଥିଲେ କିନ୍ତୁ ଏକଚାଟିଆ ବାଣିଜ୍ୟ, ବ୍ୟବସାୟ ପାଇଁ ରାଜନୈତିକ କ୍ଷମତା ହାସଲ କରିବା ପାଇଁ ଉଦ୍ୟମ କଲେ ଓ ଫଳବତୀ ମଧ୍ୟ ହେଲେ। ୧୭୫୭ ମସିହାର ପଲାସୀ ଯୁଦ୍ଧ ଓ ୧୭୬୪ର ବକ୍‌ସାର ଯୁଦ୍ଧ ଇଂରେଜଙ୍କୁ ଏ ଦେଶରେ ଶାସନ କ୍ଷମତା ଦଖଲର ଅବସର ଦେଲା ଓ ବଙ୍ଗ, ବିହାର ଓ ଓଡ଼ିଶାର ଦେଓ୍ୱାନୀ ବା ଭୂ-ରାଜସ୍ୱ ଆଦାୟର କ୍ଷମତା ପ୍ରଦାନ କରିଥିଲା। ଭୂରାଜସ୍ୱର ପରିମାଣ ବିଭିନ୍ନ ଭାବରେ ବୃଦ୍ଧି କରି ତାଙ୍କର କୋଷାଗାର ପରିପୂର୍ଣ୍ଣ କଲାବେଳେ ସାଧାରଣ କୃଷକର ଆର୍ଥିକ ଦୁର୍ଗତିର ଅଭିବୃଦ୍ଧି ଘଟୁଥିଲା। ୧୭୯୩ ମସିହାରେ ଲର୍ଡ୍ କର୍ଣ୍ଣୱାଲିସଙ୍କ 'ଚିରସ୍ଥାୟୀ ବନ୍ଦୋବସ୍ତ' 'ଚିରସ୍ଥାୟୀ ଜମିଦାରୀ ବନ୍ଦୋବସ୍ତ'ରେ ପରିଣତ ହେଲା। କୃଷକମାନେ ଚିରସ୍ଥାୟୀ ବନ୍ଦୋବସ୍ତ ଦ୍ୱାରା ଚିରସ୍ଥାୟୀ ହେଲେ ନାହିଁ। ଏହା ଜମିଦାରମାନଙ୍କୁ ଚିରସ୍ଥାୟୀ କଲା।

ବାଣିଜ୍ୟ ନୀତି ଇଂରେଜଙ୍କ ସପକ୍ଷରେ ଥିଲା। ଭାରତ ଏକ କୃଷି ଓ ଖଣିଜ କଞ୍ଚାମାଲ ରପ୍ତାନିକାରୀ ରାଷ୍ଟ୍ରରେ ପରିଣତ ହେଲା ଓ ତାହା ସହିତ ଶିଳ୍ପ ସମୃଦ୍ଧ ଇଂଲଣ୍ଡର ବଜାରରେ ପରିଣତ ହେଲା। ଭାରତର ଉନ୍ନତ ହସ୍ତତନ୍ତ ଜାତ କାର୍ପାସ ବସ୍ତ୍ରର ଉତ୍ପାଦନ ହ୍ରାସ ପାଇଲା ଓ ସେ ବ୍ରିଟେନର କଳ ପ୍ରସ୍ତୁତ ବସ୍ତ୍ରର ନିଶ୍ଚିତ ବଜାରରେ ପରିଣତ ହେଲା। ଏହା ମଧ୍ୟ ଭାରତରେ କୃଷିର ବ୍ୟବସାୟୀକରଣର ମୂଳଦୁଆ ସ୍ଥାପନ କଲା। ଖାଦ୍ୟଶସ୍ୟର ଉତ୍ପାଦନ ବଦଳରେ ଇଂଲଣ୍ଡ ତଥା ୟୁରୋପର ଆବଶ୍ୟକୀୟ ଅର୍ଥକାରୀ କୃଷିଜାତ ଫସଲ ଉତ୍ପାଦନ କଲେ। ଅନେକ ସମୟରେ ବାଧ୍ୟବାଧକତାରେ ଚାଷୀ ଏହି ଫସଲ ଉତ୍ପନ୍ନ କରୁଥିଲା। ଉନ୍ନତମାନର କପା, ଧୂଆଁପତ୍ର, ଚାହା, କଫି, ଅଫିମ, ଝୋଟ, ନୀଳ, ଚିନାବାଦାମ ଚାଷ କରୁଥିଲେ। କିନ୍ତୁ ନିଜର ଖାଦ୍ୟ ଉପଯୋଗୀ ଧାନ, ଗହମ, ବାଜରା, ଯଅ, ମାଣ୍ଡିଆ, କୋଳଥ ପ୍ରଭୃତି ଚାଷ କରୁ ନ ଥିଲେ। ଦୁର୍ଭିକ୍ଷ, ଅନାବୃଷ୍ଟି ସମୟରେ ଖାଦ୍ୟ ଅଭାବରେ ହଜାର ହଜାର ସାଧାରଣ ଲୋକମାନେ ମୃତ୍ୟୁମୁଖରେ ପଡୁଥିଲେ।

ବ୍ରିଟିଶମାନେ ଭାରତରୁ ବିତ୍ତନିଷ୍କାସନ ପ୍ରକ୍ରିୟା ଦ୍ୱାରା ଭାରତରୁ ବ୍ରିଟେନକୁ ଅର୍ଥ ପ୍ରବାହ କରୁଥିଲେ। ବିଭିନ୍ନ ଉପାୟରେ ଭାରତର ଅର୍ଥ ବ୍ରିଟେନର ପୁଞ୍ଜିରେ ପରିବର୍ତ୍ତିତ ହୋଇ ସେ ଦେଶର ଆର୍ଥିକ ଅଗ୍ରଗତିରେ ସହାୟକ ହୋଇଥିଲା। କିନ୍ତୁ ଭାରତ ଦରିଦ୍ରରୁ ଦରିଦ୍ରତର ଦେଶରେ ପରିଣତ ହେଲା। ପୁଞ୍ଜି ଲଗାଣ ଫଳରେ ବ୍ରିଟେନ୍‌ରେ ଶିଳ୍ପ ବିପ୍ଳବର ଅଭିବୃଦ୍ଧି ଘଟିଲା ଓ ପୁଞ୍ଜିର ଅଭାବରୁ ଭାରତର କୃଷି ଓ ଶିଳ୍ପର ଅବନତି ଘଟିଲା। ଦାଦାଭାଇ ନାରୋଜୀ, ରମେଶ ଚନ୍ଦ୍ର ଦତ୍ତ, ମହାଦେବ ଗୋବିନ୍ଦ ରାନାଡେଙ୍କ ପରି ଜାତୀୟବାଦୀ ନେତାମାନେ ଏହି ବିତ୍ତ ପ୍ରବାହ ପ୍ରକ୍ରିୟାକୁ ଅନୁଧ୍ୟାନ କରି ଦେଶର ଲୋକମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ଭାରତର ଅଣଉଦ୍ୟୋଗୀକରଣ ପାଇଁ ଇଂରେଜ ସାମ୍ରାଜ୍ୟବାଦକୁ ଦାୟୀ କରାଯାଏ।

ପରିବହନ ଓ ଯୋଗାଯୋଗର ବିକାଶ ଇଂରେଜ ସାମ୍ରାଜ୍ୟବାଦକୁ ଭାରତର ଅର୍ଥନୈତିକ ଲୁଣ୍ଠନରେ ସହାୟକ ହୋଇଥିଲା। ରେଳପଥ ଓ ଟେଲିଗ୍ରାଫର ବିକାଶ ବ୍ରିଟିଶ ସାମ୍ରାଜ୍ୟବାଦକୁ ବ୍ରିଟେନ୍-ବନ୍ଦର-ସହର- ଭାରତର ଆଭ୍ୟନ୍ତରୀଣ ଅଞ୍ଚଳର ସଂଯୋଗ କରିବାରେ ସହାୟକ ହେଲା। ଭାରତର ଆଭ୍ୟନ୍ତରୀଣ ଅଞ୍ଚଳମାନଙ୍କରୁ ରପ୍ତାନୀଯୋଗ୍ୟ କଞ୍ଚାମାଲ ଆଣିବା ଓ ବନ୍ଦର ସହରମାନଙ୍କରୁ ଭାରତର ଅଭ୍ୟନ୍ତରୀଣ ଅଞ୍ଚଳମାନଙ୍କୁ ବ୍ରିଟେନ୍‌ରେ ଉତ୍ପାଦିତ ହେଉଥିବା ଶିଳ୍ପଜାତ ଦ୍ରବ୍ୟର ପରିବହନ କରିବା ପାଇଁ ଏହି ବ୍ୟବସ୍ଥା ସହାୟକ ହୋଇଥିଲା। କିନ୍ତୁ ଏହି ଯୋଗାଯୋଗ, ପରିବହନ, ଡାକ ବ୍ୟବସ୍ଥା ଭାରତର ଜାତୀୟତାର ଉଦ୍ରେକ ଓ ପ୍ରସାରରେ ସହାୟକ ହୋଇଥିଲା।

## ଆଦର୍ଶ ପ୍ରଶ୍ନାବଳୀ

### 'କ' ବିଭାଗ

### (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର)

**୧. ପ୍ରତ୍ୟେକ ପ୍ରଶ୍ନ ସହ ଚାରିଟି ସମ୍ଭାବିତ ଉତ୍ତର ଦିଆଯାଇଛି । ସଠିକ୍ ଉତ୍ତରଟିକୁ ବାଛ ଓ ଲେଖ ।**

(କ) ଇଷ୍ଟଇଣ୍ଡିଆ କମ୍ପାନୀ କେବେ ଗଢ଼ା ଯାଇଥିଲା ?

(i) ୧୬୦୦ ଖ୍ରୀଷ୍ଟାବ୍ଦ (ii) ୧୬୦୬ ଖ୍ରୀଷ୍ଟାବ୍ଦ

(iii) ୧୬୦୮ ଖ୍ରୀଷ୍ଟାବ୍ଦ (iv) ୧୬୬୦ ଖ୍ରୀଷ୍ଟାବ୍ଦ

(ଖ) କେଉଁ ବ୍ରିଟିଶ୍ ବଡ଼ଲାଟ ଚିରସ୍ଥାୟୀ ବନ୍ଦୋବସ୍ତ ପ୍ରବର୍ତ୍ତନ କରିଥିଲେ ?

(i) କ୍ଲାଇବ୍ (ii) ଲର୍ଡ୍ ୱେଲେସ୍‌ଲି

(iii) ଲର୍ଡ୍ କର୍ଣ୍ଣୱାଲିସ୍ (iv) ଲର୍ଡ୍ କର୍ଜନ

(ଗ) କାହାଦ୍ୱାରା ଭାରତକୁ ଜଳପଥ ଆବିଷ୍କାର ହୋଇଥିଲା ?

(i) କଲମ୍ବସ୍ (ii) ଭାସ୍କୋଡ଼ାଗାମା

(iii) ବାର୍ଥୋଲୋମି ଡିଆଏଜ୍ (iv) ମାଗେଲାନ୍

(ଘ) କେଉଁ ଠାରୁ କେଉଁ ଯାଗାକୁ ବ୍ରିଟିଶ୍ ସରକାର ସର୍ବପ୍ରଥମେ ରେଳଦ୍ୱାରା ସଂଯୋଗ କରିଥିଲେ ?

(i) ବମ୍ବେରୁ କଲିକତା (ii) ବମ୍ବେରୁ କାମ୍ବେ

(iii) ମାଡ୍ରାସ୍‌ରୁ ବାଙ୍ଗାଲୋର୍ (iv) ବମ୍ବେଠାରୁ ଥାନେ

**୨. ଗୋଟିଏ ଶବ୍ଦରେ ଉତ୍ତର ଲେଖ ।**

(କ) ମାଡ୍ରାସ ପ୍ରେସିଡ଼େନ୍‌ସୀର ଗଭର୍ଣ୍ଣର ସାର ଥୋମାସ୍ ମୁନ୍‌ରୋ ପ୍ରବର୍ତ୍ତନ କରାଇଥିବା ଭୂ-ରାଜସ୍ୱ ନୀତିର ନାଁ କ'ଣ ଥିଲା ?

(ଖ) ବ୍ରିଟିଶ୍ ସରକାରଙ୍କ ନୂତନ ଡାକପ୍ରଥା ପ୍ରଚଳନ ପରେ ଚିଠିର ନିର୍ଦ୍ଧାରିତ ଡ଼ାକ ମାହାସୁଲ ଡାକ ଟିକଟ ଆକାରରେ ପତ୍ର ପ୍ରାପ୍ତକ ନାଁ ପତ୍ର ପ୍ରେରକଙ୍କୁ ଦେବାକୁ ପଡୁଥିଲା ?

(ଗ) କେଉଁ ମସିହାରେ ବିହାର-ବଙ୍ଗ-ଓଡ଼ିଶାର ଦେଓ୍ୱାନୀ କ୍ଷମତା ବ୍ରିଟିଶ୍ ହାତକୁ ଆସିଥିଲା ?

(ଘ) ମାନ୍ଦ୍ରାଜ ପେସିଡେନ୍‌ସୀରେ କେଉଁ ବନ୍ଦୋବସ୍ତ ବ୍ୟବସ୍ଥା ବ୍ରିଟିଶ୍ ପ୍ରଚଳନ କରିଥିଲେ ।

## 'ଖ' ବିଭାଗ

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇଟି ବାକ୍ୟରେ ଲେଖ। (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର)**

(କ) ବିତ୍ତ-ନିଷ୍କାସନ ବା ଅର୍ଥର ବହିଃ ନିର୍ଗମନ (Drain of Wealth) ପ୍ରକ୍ରିୟା କ'ଣ ?

(ଖ) ଏକଚାଟିଆ ବାଣିଜ୍ୟ କାହାକୁ କୁହାଯାଏ ?

(ଗ) ଅର୍ଥକାରୀ ଫସଲ କହିଲେ କ'ଣ ବୁଝାଯାଏ ?

(ଘ) ଇଂରେଜ ବଣିକମାନେ ଭାରତରେ ଅଧିକ ପୁଞ୍ଜି ନିବେଶ ପାଇଁ କାହିଁକି ମନ ବଳେଇଲେ ?

**୪. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପାଞ୍ଚ ବା ଛଅଟି ବାକ୍ୟରେ ଲେଖ। (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର)**

(କ) ଇଂରେଜ ଶାସନ ପ୍ରତିଷ୍ଠା ପୂର୍ବରୁ ଭାରତୀୟ ଅର୍ଥନୀତି କିପରି ଥିଲା ?

(ଖ) ବ୍ରିଟିଶ୍ ଶାସନ ସମୟରେ କେତେ ପ୍ରକାରର ଜମିଜମା ବନ୍ଦୋବସ୍ତ ନିର୍ଦ୍ଧାରିତ ହୋଇଥିଲା ?

(ଗ) ଭାରତର ଅଣ-ଉଦ୍ୟୋଗୀକରଣ (de-industrialisation) ପାଇଁ ଇଂରେଜ ସାମ୍ରାଜ୍ୟବାଦ କାହିଁକି ଦାୟୀ ?

(ଘ) ପରିବହନ ଓ ଯୋଗାଯୋଗ ସାଧନର ବିକାଶର ସୁଫଳଗୁଡ଼ିକ ଦର୍ଶାଅ।

## 'ଗ' ବିଭାଗ

**(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର)**

୫. ବ୍ରିଟିଶ୍ ଶାସନ ସମୟରେ ଭାରତରେ ଲାଗୁ ହୋଇଥିବା କୃଷି ଓ ବାଣିଜ୍ୟ ନୀତି ଉପରେ ଏକ ସନ୍ଦର୍ଭ ଲେଖ।

୬. ଭାରତରେ ବ୍ରିଟିଶ୍ ସାମ୍ରାଜ୍ୟର ଭୂ-ରାଜସ୍ୱ ନୀତି ସମ୍ପର୍କରେ ଆଲୋଚନା କର।

୭. ଇଂରେଜ ପ୍ରବର୍ତ୍ତିତ ଅର୍ଥ ବ୍ୟବସ୍ଥା ଭାରତୀୟ ଅର୍ଥନୀତିକୁ କିଭଳି ପ୍ରଭାବିତ କରିଥିଲା ଦର୍ଶାଅ।

❑●❑

**ଦ୍ୱାଦଶ ଅଧ୍ୟାୟ :**

# ଇଂରେଜ ଉପନିବେଶବାଦ ବିରୁଦ୍ଧରେ ବିଦ୍ରୋହ

## Revolts Against British Colonialism

---

(କ) ସନ୍ନ୍ୟାସୀ ବିଦ୍ରୋହ, ୧୭୬୩-୧୮୦୦

(ଖ) ଖୋର୍ଦ୍ଧା ବିଦ୍ରୋହ, ୧୮୧୭

(ଗ) ସାନ୍ତାଳ ବିଦ୍ରୋହ, ୧୮୫୫-୫୬

(ଘ) ମହାସଂଗ୍ରାମ, ୧୮୫୭

ଅଷ୍ଟାଦଶରୁ ବିଂଶ ଶତାବ୍ଦୀ ମଧ୍ୟରେ କେତେକ ୟୁରୋପୀୟ ଦେଶ ୟୁରୋପ ମହାଦେଶ ବାହାରେ ରାଜ୍ୟ ବିସ୍ତାର କରି ନିଜ ନିଜର ସାମ୍ରାଜ୍ୟ ସ୍ଥାପନ କଲେ । ସେମାନଙ୍କ ବିଜିତ ଅଞ୍ଚଳକୁ ଉପନିବେଶ (କଲୋନୀ) ଏବଂ ରାଜ୍ୟ ବିସ୍ତାର ବ୍ୟବସ୍ଥାକୁ ଉପନିବେଶବାଦ ବା ସାମ୍ରାଜ୍ୟବାଦ କୁହାଯାଏ । ସାମ୍ରାଜ୍ୟ ବା ଔପନିବେଶିକ ଶକ୍ତି (Metropolis)ର ସାମାଜିକ ଓ ଆର୍ଥିକ ବିକାଶ ନିମନ୍ତେ ଉପନିବେଶର ନିରନ୍ତର ଆର୍ଥିକ ଓ ସାମାଜିକ ଶୋଷଣ କରାଯାଉଥିଲା । ଉପନିବେଶରେ ଯେହେତୁ ଔପନିବେଶିକ ଶକ୍ତିର ରାଜନୈତିକ କର୍ତ୍ତୃତ୍ୱ ରହିଥିଲା, ତା'ର ଉପଯୋଗ କରି ଉପନିବେଶର ସ୍ୱାର୍ଥକୁ ଉପେକ୍ଷା କରାଯାଉଥିଲା । ଅର୍ଥାତ୍ ଉପନିବେଶବାଦର ଏକ ବୈଶିଷ୍ଟ୍ୟ ହେଲା ଯେ ଏଥିରେ ଏକା ସମୟରେ ସାମ୍ରାଜ୍ୟବାଦୀ ଦେଶଗୁଡ଼ିକର କ୍ରମବିକାଶ ଓ ଉପନିବେଶଗୁଡ଼ିକର କ୍ରମ ବିନାଶ ଦେଖିବାକୁ ମିଳିଥିଲା । ଉପନିବେଶବାଦୀ ଶକ୍ତିମାନେ ନାନା ଉପାୟରେ ଉପନିବେଶର ଶୋଷଣ ପାଇଁ ଯୋଜନାମାନ କଲେ । ଉପନିବେଶ ସମାଜରେ ପ୍ରଚଳିତ ରୀତିନୀତି, ପରମ୍ପରାକୁ ଭଙ୍ଗ କଲେ । ଫଳରେ ଉପନିବେଶ ସମାଜ ଘୋର ଦୁର୍ଦ୍ଦିନର ଶିକାର ହେଲା । ଏହାର ବିରୁଦ୍ଧରେ ଉପନିବେଶର ଅଧିବାସୀ ନିରନ୍ତର ପ୍ରତିବାଦ ଓ ପ୍ରତିରୋଧ କଲେ, ଯାହା ବିଦ୍ରୋହର ରୂପ ନେଲା । ଅନ୍ୟପକ୍ଷରେ, ଉପନିବେଶବାଦୀ ଶକ୍ତିମାନେ ନାନା ଉପାୟରେ ବିଦ୍ରୋହ ଗୁଡ଼ିକୁ ଦମନ କରିବାକୁ ଲାଗିଲେ । ଏଥିପାଇଁ ସେମାନେ ଆଧୁନିକ ଅସ୍ତ୍ରଶସ୍ତ୍ର ବ୍ୟବହାର କଲେ । ମୋଟ କଥା ହେଲା ଉପନିବେଶବାଦୀ ବିସ୍ତାର, ଉପନିବେଶର ବିଦ୍ରୋହ ଓ ଉପନିବେଶବାଦୀମାନଙ୍କର ଦୃଢ଼ ଦମନ ନୀତି ହେଲା ଆଧୁନିକ ବିଶ୍ୱ ଇତିହାସର ଏକ ପ୍ରମୁଖ ବୈଶିଷ୍ଟ୍ୟ ।

ଊନବିଂଶ ଶତାବ୍ଦୀରେ ଇଂଲଣ୍ଡ ଥିଲା ସବୁଠାରୁ ବଡ଼ ଉପନିବେଶବାଦୀ ଶକ୍ତି ଏବଂ ଭାରତ ହେଲା ସେତେବେଳର ଏକ ଅଧିକ ଆୟତନ ବିଶିଷ୍ଟ ଉପନିବେଶ। ଇଂରେଜ ଇଷ୍ଟ ଇଣ୍ଡିଆ 'କମ୍ପାନୀ' ମାଧ୍ୟମରେ ଇଂଲଣ୍ଡ ଭାରତରେ ରାଜ୍ୟ ଜୟ କରି ସେଗୁଡ଼ିକୁ ଉପନିବେଶରେ ପରିଣତ କରୁଥିଲା। ୧୭୫୭ର ପଲାସୀ ଯୁଦ୍ଧ ଉତ୍ତାରୁ ଭାରତରେ ଇଂରେଜ ଉପନିବେଶବାଦର ପ୍ରତିଷ୍ଠା ହୋଇଥଲା। ଶହେ ବର୍ଷ ମଧ୍ୟରେ (୧୭୫୭ ରୁ ୧୮୫୭) କମ୍ପାନୀ ଭାରତର ସମଗ୍ର ଅଞ୍ଚଳକୁ ନିଜ ଅଧିକାରଭୁକ୍ତ କରିଥିଲା। ଏଥିପାଇଁ କମ୍ପାନୀକୁ ଅନେକ ଯୁଦ୍ଧ କରିବାକୁ ପଡ଼ିଥିଲା। ସମଗ୍ର ଭାରତକୁ ଜୟ କଲାପରେ ତଥା ଭାରତରେ ଉପନିବେଶବାଦୀ ନୀତିକୁ ପ୍ରଚଳନ କଲାପରେ 'କମ୍ପାନୀ' ହାତରୁ ଭାରତର ପ୍ରଶାସନିକ କ୍ଷମତା ଇଂରେଜ ସରକାର ହାତକୁ ହସ୍ତାନ୍ତରିତ ହେଲା। ତେଣିକି ଇଂରେଜ ସରକାର ପ୍ରତ୍ୟକ୍ଷ ଭାବେ ୧୯୪୭ ପର୍ଯ୍ୟନ୍ତ ଭାରତରେ ଉପନିବେଶବାଦର କର୍ତ୍ତା ରୂପରେ ଶାସନ କଲେ।

କମ୍ପାନୀ ଶାସନ ଆରମ୍ଭରୁ ଭାରତରେ ଉପନିବେଶବାଦ ବିରୁଦ୍ଧରେ ନିରନ୍ତର ବିଦ୍ରୋହ ଲାଗି ରହିଥିଲା। ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରୁ ଏହା ଆଧୁନିକ ବୁଦ୍ଧିଜୀବୀ ବର୍ଗର ନେତୃତ୍ୱରେ ପରିଚାଳିତ ହେଲା, ଯାହାକୁ ଜାତୀୟତା ଆନ୍ଦୋଳନ ରୂପରେ ଅଭିହିତ କରାଯାଏ। ଆଦ୍ୟକାଳୀନ ବିଦ୍ରୋହଗୁଡ଼ିକ ହିଂସାତ୍ମକ ରୂପ ନେଉଥିଲା, କାରଣ ସେତେବେଳେ ଲୋକ ଉପନିବେଶବାଦର ଶକ୍ତି ଓ ଜଟିଳତାକୁ ଭଲଭାବେ ବୁଝିପାରି ନ ଥିଲେ। ଇଂରେଜ ଶାସନ ଯୋଗୁଁ ଜନଜୀବନ ଦୁର୍ବିସହ ହେଉଥିଲା। ତା' ବିରୁଦ୍ଧରେ ସ୍ୱତଃସ୍ଫୂର୍ତ୍ତ ଭାବେ ଲୋକ ପାରମ୍ପରିକ ଅସ୍ତ୍ରଶସ୍ତ୍ର ନେଇ ସଂଗ୍ରାମ କରୁଥିଲେ। ଇଂରେଜ ପାଖରେ ଆଧୁନିକ ଅସ୍ତ୍ରଶସ୍ତ୍ର ଗଚ୍ଛିତ ଥିଲା ଏବଂ ଶିଳ୍ପ ବିପ୍ଳବରୁ ଉପଲବ୍ଧ ଅନ୍ୟାନ୍ୟ ଶକ୍ତି ରହିଥିଲା, ଉଦାହରଣ ସ୍ୱରୂପ ଯୋଗାଯୋଗର ନୂଆ ସାଧନ। ତେଣୁ ଅତି ସହଜରେ ଇଂରେଜମାନେ ବିଦ୍ରୋହଗୁଡ଼ିକୁ ଦମନ କରିଦେଉଥିଲେ। ସମୟକ୍ରମେ ବିଦ୍ରୋହୀମାନେ ମଧ୍ୟ ଏକଜୁଟ ହେବାକୁ ଲାଗିଲେ। ସ୍ଥାନୀୟ ସ୍ତରରେ ବିଦ୍ରୋହ କଲେ ପରିଣାମ ବିଦ୍ରୋହୀଙ୍କ ପାଇଁ ଆଶାନୁରୂପ ହେବ ନାହିଁ ବୋଲି ବୁଝିପାରିଲେ। ୧୮୫୭ର ମହାସଂଗ୍ରାମ ବା ଗଣସଂଗ୍ରାମ ଥିଲା ସେମାନଙ୍କ ଏକତାର ନିଦର୍ଶନ। ଉତ୍ତର ଭାରତରୁ ସେମାନେ ଇଂରେଜ ଶାସନକୁ ସାମୟିକଭାବେ ପ୍ରାୟ ତଡ଼ି ଦେଇଥିଲେ। ତେଣୁ, ୧୮୫୭ର ମହାସଂଗ୍ରାମକୁ ୧୭୫୭ ରୁ ୧୮୫୭ ମଧ୍ୟରେ ସଂଘଟିତ ହୋଇଥିବା ସମସ୍ତ ଆଦ୍ୟକାଳୀନ ବିଦ୍ରୋହର 'ଚରମ ଉତ୍କର୍ଷ' ରୂପେ ଚିହ୍ନିତ କରାଯାଏ। ଅର୍ଥାତ୍ ୧୮୫୭ ମସିହା ପୂର୍ବରୁ ଶହ ଶହ ସଂଖ୍ୟାରେ ସ୍ଥାନୀୟ ବିଦ୍ରୋହ ସଂଘଟିତ ହୋଇଥିଲା। ଦମନ ସତ୍ତ୍ୱେ ଏହି ବିଦ୍ରୋହ ଗୁଡ଼ିକର ନେତୃବର୍ଗ ଅସୀମ ତ୍ୟାଗ ଓ ସାହସ ପ୍ରଦର୍ଶନ କରିଥିଲେ। ଯାହା ପରବର୍ତ୍ତୀ ସମୟରେ ଲୋକଙ୍କୁ ସ୍ୱାଧୀନତା ସଂଗ୍ରାମରେ ଝାସଦେବା ପାଇଁ ପ୍ରେରଣା ଯୋଗାଇଥିଲା।

୧୭୫୭ର ପଲାସୀ ଯୁଦ୍ଧରେ ଇଂରେଜମାନେ ବଙ୍ଗ ଅଧିକାର କଲେ। ସେଠାରେ ଉପନିବେଶବାଦର ପ୍ରବର୍ତ୍ତନ ହେଲା। ସ୍ଥାନୀୟ ରାଜନ୍ୟ ଓ ଅଭିଜାତ ବର୍ଗର କର୍ତ୍ତୃତ୍ୱ ଲୋପ ପାଇଲା। ତାଙ୍କ ଉପରେ ଆଶ୍ରିତ ପ୍ରଶାସନିକ ବର୍ଗ ଓ ସେନା ମଧ୍ୟ ଜୀବିକା ହରାଇଥିଲେ। ରାଜସ୍ୱ ବୃଦ୍ଧି ହେବାରୁ ପ୍ରଜାବର୍ଗର ଦାରିଦ୍ର୍ୟ ବଢ଼ିଲା। 'ସୂର୍ଯ୍ୟାସ୍ତ ଆଇନ୍' ବଳରେ ଖଜଣା ଜମା ପାଇଁ ନିଶ୍ଚିତ ଦିନ ଧାର୍ଯ୍ୟ ହେବାରୁ ଏବଂ ତହିଁରେ ରିହାତି ନ ମିଳିବାରୁ ନିର୍ଦ୍ଧାରିତ ଦିନ ରାଜସ୍ୱ ପଇଠ ପାଇଁ ଜମାକାରୀ ପ୍ରଜା ଓ ଜମିଦାର ଅଧିକ ସୁଧରେ ସାହୁକାର ଓ ମହାଜନମାନଙ୍କ ପାଖରୁ ଋଣ

ନେବାକୁ ବାଧ୍ୟ ହେଲେ । ତା'ସତ୍ତ୍ୱେ ନିର୍ଦ୍ଧାରିତ ସମୟରେ ଖଜଣା ଜମା କରି ନ ପାରିବା ଯୋଗୁଁ ଅନେକଙ୍କ ଜମି ବ୍ୟାଜ୍ୟାପ୍ତ ହେଲା ଏବଂ ନିଲାମୀରେ ନୂଆ ଜମିଦାର ହାତକୁ ଗଲା । ଜଙ୍ଗଲ ଉପରେ ଆଶ୍ରିତ ଆଦିବାସୀ ବର୍ଗ ମଧ୍ୟ ଦୁର୍ଦ୍ଦିନର ସମ୍ମୁଖୀନ ହେଲେ, କାରଣ ଉପନିବେଶବାଦୀ ଇଂରେଜ ସରକାର ଜଙ୍ଗଲ ଉପରେ ନିଜର ଏକାଧିକାର ସାବ୍ୟସ୍ତ କଲେ । ଏହି ସବୁ କାରଣରୁ ପ୍ରଥମେ ବଙ୍ଗ ଏବଂ ତଦ୍‌ଦ୍ୱାରା ଭାରତର ଅନ୍ୟ ଯେଉଁ କ୍ଷେତ୍ରକୁ ଇଂରେଜ ଶାସନ ବିସ୍ତାରିତ ହେଲା, ସେଠାରେ ବିଦ୍ରୋହ ଦେଖିବାକୁ ମିଳିଲା । ଅର୍ଥାତ୍ ଯେଉଁ କ୍ଷେତ୍ରକୁ ଆଗ ଇଂରେଜ ଶାସନ ଗଲା, ସେଠାରେ ଆଗ ବିଦ୍ରୋହ ଆରମ୍ଭ ହେଲା । ଆଦ୍ୟକାଳୀନ ବିଦ୍ରୋହରେ ପଦଚ୍ୟୁତ ରାଜା, ଜମିଦାର, ସେମାନଙ୍କ ମନ୍ତ୍ରୀ, ଦେୱାନ୍ ଓ ସେନା ତଥା ପ୍ରଜା ଓ ଆଦିବାସୀମାନେ ପ୍ରମୁଖ ଭୂମିକା ନେଇଥିଲେ । ଅଧିକାଂଶ ବିଦ୍ରୋହ ଥିଲା ସ୍ଥାନୀୟ, ଯଦିଓ ସେଗୁଡ଼ିକର କାରଣ ଓ ନେତୃତ୍ୱ ମଧ୍ୟରେ ଅନେକ ସମାନତା ରହିଥିଲା । ଆଧୁନିକ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ଓ ପ୍ରଶିକ୍ଷିତ ଇଂରେଜ ସେନା ପାଇଁ ଏହି ବିଦ୍ରୋହଗୁଡ଼ିକର ଦମନ କାଠିକର ହୋଇନଥିଲା । ଅତର୍କିତ ଭାବେ ବିଦ୍ରୋହ ହେଉଥିବାରୁ ସାମୟିକ ଭାବରେ ସ୍ଥାନୀୟ ଇଂରେଜ ପ୍ରଶାସନ ଅନେକ ଥର ପରାଜୟ ମଧ୍ୟ ବରଣ କରୁଥିଲା । ମାତ୍ର ପରବର୍ତ୍ତୀ ସମୟରେ ଦୃଢ଼ଭାବରେ ବିଦ୍ରୋହର ଦମନ କରାଯାଉଥିଲା ଓ ସ୍ଥାନୀୟ ସ୍ତରରେ ଭୟ ସଂଚାର କରିବା ଲାଗି ବିଦ୍ରୋହୀମାନଙ୍କୁ ପ୍ରଦର୍ଶନୀୟ ଭାବେ ଦଣ୍ଡ ଦିଆଯାଉଥିଲା । ଏହିସବୁ ବିଦ୍ରୋହକୁ ସେଗୁଡ଼ିକର ଆରମ୍ଭ ସମୟ ଓ ବିସ୍ତୃତି ଆଧାରରେ ଊଣା ବା ଅଧିକ ମହତ୍ତ୍ୱ ଦିଆଯିବା କଥା ନୁହେଁ । ବରଂ ପ୍ରତ୍ୟେକ ଆଦ୍ୟ ବିଦ୍ରୋହର ବୈଶିଷ୍ଟ୍ୟ ଏବଂ ସମକାଳୀନ ଅନ୍ୟ ଉପନିବେଶବାଦ ବିରୋଧୀ ବିଦ୍ରୋହ ସହ ଥିବା ସମାନତାକୁ ନେଇ ବିଶଦ ଚର୍ଚ୍ଚା ହେବା କଥା ।

ଏଠାରେ କେବଳ ଚାରିଗୋଟି ଆଦ୍ୟ ବିଦ୍ରୋହ ସମ୍ବନ୍ଧରେ ଚର୍ଚ୍ଚା କରାଯାଇଛି । ବିଦ୍ରୋହଗୁଡ଼ିକ ହେଲା: ସନ୍ୟାସୀ ବିଦ୍ରୋହ, ୧୭୬୩-୧୮୦୦, ଖୋର୍ଦ୍ଧା ବିଦ୍ରୋହ ୧୮୧୭, ସାନ୍ତାଳ ବିଦ୍ରୋହ, ୧୮୫୫-୫୬ ଏବଂ ୧୮୫୭ର ମହାସଂଗ୍ରାମ । ଏହି ବିଦ୍ରୋହଗୁଡ଼ିକୁ ସ୍ୱତନ୍ତ୍ର ଭାବରେ ଦେଖିହେବ । ପୁଣି, ସେଗୁଡ଼ିକ ମଧ୍ୟରେ ଥିବା ଅନ୍ତର୍ସମ୍ବନ୍ଧକୁ ମଧ୍ୟ ଅନୁଶୀଳନ କରିହେବ । ଏହା ଉପନିବେଶବାଦ ବିରୁଦ୍ଧରେ ବିଦ୍ରୋହ ପ୍ରସଙ୍ଗକୁ ବୁଝିବାରେ ସାହାଯ୍ୟ କରିବ ।

## (କ) ସନ୍ୟାସୀ ବିଦ୍ରୋହ (୧୭୬୩-୧୮୦୦) :

୧୭୫୭ ମସିହାରେ ବଙ୍ଗ ଅଧିକାର ଉତ୍ତାରୁ ୧୭୬୦ ଦଶକରେ କମ୍ପାନୀ ହାତକୁ ଦିୱାନୀ ବା ଖଜଣା ଅସୁଲି ଅଧିକାର ଚାଲିଗଲା । ଏହା ଅନ୍ୟମାନଙ୍କ ସହିତ ସନ୍ୟାସୀମାନଙ୍କର ଜୀବନଚର୍ଯ୍ୟାକୁ ମଧ୍ୟ ପ୍ରଭାବିତ କଲା । ତେଣୁ, ସନ୍ୟାସୀମାନେ ବଙ୍ଗର ମୁର୍ଶିଦାବାଦ, ଜଳପାଇଗୁଡ଼ି, ବୀରଭୂମ, ମିଦନାପୁର ଓ ତା'ର ଆଖପାଖ ଅଞ୍ଚଳରେ ବିଦ୍ରୋହ କଲେ, ଯାହାର ପୃଷ୍ଠଭୂମିରେ ବିସ୍ଥାପିତ ଜମିଦାର ଓ ପ୍ରଜାବର୍ଗର ପ୍ରଚ୍ଛନ୍ନ ସମର୍ଥନ ରହିଥିଲା । ଏହା ସନ୍ନ୍ୟାସୀ ବିଦ୍ରୋହ ନାମରେ ଖ୍ୟାତ । ପ୍ରାୟ ୩୭ ବର୍ଷ କାଳ (୧୭୬୩ ରୁ ୧୮୦୦) ଏହା ବିଭିନ୍ନ ସ୍ଥାନରେ ଜାଁ ଭାଁ ଲାଗି ରହିଥିଲା । ଇଂରେଜ ରାଜତ୍ୱ ବିରୁଦ୍ଧରେ ସନ୍ୟାସୀ ବିଦ୍ରୋହକୁ ଆଦ୍ୟତମ ସାମାଜିକ ବିଦ୍ରୋହ (Civil Revolt) ବୋଲି ମନେକରାଯାଏ ।

ହିନ୍ଦୁ ସମାଜରେ ସାଧୁସନ୍ଥଙ୍କୁ ସନ୍ନ୍ୟାସୀ କୁହାଯାଏ; ମୁସଲିମମାନେ ସେମାନଙ୍କୁ ଫକୀର ବୋଲି କହିଥାନ୍ତି। ସନ୍ନ୍ୟାସୀ ବିଦ୍ରୋହରେ କିଛି ସଂଖ୍ୟାରେ 'ଫକୀର' ମଧ୍ୟ ପ୍ରତ୍ୟକ୍ଷ ସମ୍ପୃକ୍ତି ରଖିଥିଲେ। ମାତ୍ର ପ୍ରମୁଖ ଭୂମିକା ରହିଥିଲା ଦଶନାମୀ ନାଗା ସନ୍ନ୍ୟାସୀ ଗୋଷ୍ଠୀର।

**ପୃଷ୍ଠଭୂମି :** ପାରମ୍ପରିକ ଭାବରେ ନାଗା ସନ୍ନ୍ୟାସୀମାନେ ଗୋଷ୍ଠୀବଦ୍ଧ ହୋଇ ଗୋଟାଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାତ୍ରା କରିଥାଆନ୍ତି। ସେହିଭଳି ମୁସଲିମ୍ ସୁଫି ସମ୍ପ୍ରଦାୟର ଫକୀରମାନେ ମଧ୍ୟ ସୁଫି ପୀରଙ୍କର 'ମଜାର' ପୀଠକୁ ଗୋଷ୍ଠୀବଦ୍ଧ ହୋଇ ଯାତ୍ରା କରନ୍ତି। ସେମାନଙ୍କର ଗୋଷ୍ଠୀବଦ୍ଧତାକୁ ଇଂରେଜମାନେ ସନ୍ଦେହ ଦୃଷ୍ଟିରେ ଦେଖୁଥିଲେ କାରଣ ଗୋଷ୍ଠୀବଦ୍ଧତାର ସୁଯୋଗ ନେଇ ସନ୍ନ୍ୟାସୀ ଓ ଫକୀରମାନେ ଗ୍ରାମୀଣ କ୍ଷେତ୍ରରେ ଲୁଟତରାଜ କରି ପାରନ୍ତି ବୋଲି ଆଶଙ୍କା ରହୁଥିଲା। କେତେକ କ୍ଷେତ୍ରରେ ଏଭଳି ସନ୍ଦେହର ଦୃଢ଼ ଆଧାର ମଧ୍ୟ ରହିଥିଲା। ନାଗା ସନ୍ନ୍ୟାସୀମାନେ ଯାତ୍ରା କାଳରେ ଭୋଜନ ପାଇଁ ଗ୍ରାମୀଣ ଜମିଦାର ଓ ଧନାଢ୍ୟ ବର୍ଗ ଉପରେ ନିର୍ଭରଶୀଳ ଥିଲେ। ଅନେକ ସମୟରେ ଧର୍ମ ଆଳରେ ଦାନ ଦକ୍ଷିଣା ଦେବାକୁ ସେମାନେ ଲୋକଙ୍କୁ ବାଧ୍ୟ କରୁଥିଲେ। ସାଧାରଣତଃ ଜମିଦାର ଓ ଅନ୍ୟ ସମ୍ଭ୍ରାନ୍ତ ବର୍ଗ ନିଜ ନିଜର ସାମର୍ଥ୍ୟମତେ ସନ୍ନ୍ୟାସୀମାନଙ୍କୁ ଆପ୍ୟାୟିତ କରିବାରେ ସନ୍ତୁଷ୍ଟି ଅନୁଭବ କରୁଥିଲେ। ଅନ୍ୟପକ୍ଷରେ ପ୍ରାପ୍ତ ଦାନକୁ କେତେକ ନାଗା ସନ୍ନ୍ୟାସୀ ମୋଟା ସୁଧରେ ଋଣ ରୂପରେ ନିବେଶ କରିବାର ମଧ୍ୟ ଅଭିଯୋଗ ହେଉଥିଲା। ଅର୍ଥାତ୍ କେତେକ ନାଗା ସନ୍ନ୍ୟାସୀ ସାହୁକାରର ମଧ୍ୟ କାମ କରୁଥିଲେ।

କମ୍ପାନୀ ହାତକୁ ବଙ୍ଗର କ୍ଷମତା ହସ୍ତାନ୍ତରିତ ହେଲାପରେ ସାମାଜିକ ସ୍ଥିତିରେ ଅନେକ ପରିବର୍ତ୍ତନ ପରିଲକ୍ଷିତ ହେଲା। ୧୭୬୫ ମସିହାରେ କମ୍ପାନୀ ନିଜ ହାତକୁ ରାଜ୍ୟର ଦିୱାନୀ ବା ରାଜସ୍ୱ ଅସୁଲି ଅଧିକାର ମଧ୍ୟ ନେଲେ। ଫଳରେ, ଜମିଦାରମାନଙ୍କ ଆର୍ଥିକ ସମ୍ପନ୍ନତା ଲୋପ ପାଇଲା। ସେମାନେ ନାଗା ସନ୍ନ୍ୟାସୀମାନଙ୍କୁ ଦାନ ଦେବାପାଇଁ ଅସାମର୍ଥ୍ୟ ପ୍ରକାଶ କଲେ। କେତେକ ଦେବାଳିଆ ଜମିଦାର ଗିରଫ ହେବା ଭୟରେ ନାଗା ସନ୍ନ୍ୟାସୀମାନଙ୍କ ଗୋଷ୍ଠୀରେ ଆଶ୍ରୟ ନେଲେ। ପୁଣି, ଦୁର୍ଭିକ୍ଷ ଚାପରେ ଅନେକ ପ୍ରଜା ନିଜର ପୁତ୍ର ସନ୍ତାନମାନଙ୍କୁ ସନ୍ନ୍ୟାସୀ ଗୋଷ୍ଠୀ ହାତରେ ସମର୍ପଣ କଲେ। ଉଦ୍ଦେଶ୍ୟ କ୍ଷୁଧା ଦାଉରୁ ପିଲାକୁ ସଂରକ୍ଷଣ ଦେବା। ଅର୍ଥାତ୍ କମ୍ପାନୀ ରାଜୁତିରେ ନାଗା ସନ୍ନ୍ୟାସୀମାନଙ୍କର ସଂଖ୍ୟା ବୃଦ୍ଧି ପାଇଲା, ମାତ୍ର ସେମାନଙ୍କ ଜୀବିକାର ସ୍ରୋତ ହ୍ରାସ ପାଇଲା। ପୁଣି ସେମାନେ ସରକାରଙ୍କ ସନ୍ଦେହ ଚକ୍ଷୁରେ ରହିଲେ। ଏଥିରୁ କଳହର ସ୍ଥିତି ଉପୁଜିଲା।

ସନ୍ନ୍ୟାସୀମାନଙ୍କର କମ୍ପାନୀ ପ୍ରଶାସନ ସହ କଳହ ପ୍ରତ୍ୟକ୍ଷ ହେବା ପଛରେ ଆଉ ଏକ କାରଣ ହେଲା ଯେ ଅଧିକାଂଶ ଆଧୁନିକ ଶିକ୍ଷିତ ଇଂରେଜ ପ୍ରଶାସକଙ୍କ ଦୃଷ୍ଟିରେ ସନ୍ନ୍ୟାସୀମାନେ ହେଲେ ଏକ ଶ୍ରମକୁଣ୍ଠ ଗୋଷ୍ଠୀ, ଯିଏ ପରଜୀବୀ ଭଳି ସମାଜ ଉପରେ ଆଶ୍ରିତ ରହନ୍ତି। ଫକୀରମାନଙ୍କ ବିରୁଦ୍ଧରେ ମଧ୍ୟ ସମାନ ଅଭିଯୋଗ ରହିଥିଲା। ସନ୍ନ୍ୟାସୀ ଓ ଫକୀରମାନଙ୍କର ବିଚିତ୍ର ବେଶଭୂଷା ଓ ଚାଲିଚଳଣିକୁ ମଧ୍ୟ ଇଂରେଜ ଶିକ୍ଷିତବର୍ଗ ପସନ୍ଦ କରୁନଥିଲେ। ଅନ୍ୟପକ୍ଷରେ ସନ୍ନ୍ୟାସୀମାନେ ସେମାନଙ୍କ ଗତିବିଧିରେ ପ୍ରଶାସନିକ ହସ୍ତକ୍ଷେପକୁ ସହ୍ୟ କରିପାରୁ ନଥିଲେ। ଫଳରେ ୧୭୬୩ ରୁ ପୋଲିସ ଓ ସନ୍ନ୍ୟାସୀଙ୍କ ମଧ୍ୟରେ ସ୍ଥାନେ ସ୍ଥାନେ ଖଣ୍ଡଯୁଦ୍ଧ ଦେଖିବାକୁ ମିଳିଥିଲା। କମ୍ପାନୀ ପୋଲିସର ଶକ୍ତି ଥିଲା ତା'ର ଆଧୁନିକ ଅସ୍ତ୍ରଶସ୍ତ୍ର। ଅନ୍ୟପକ୍ଷରେ, ସନ୍ନ୍ୟାସୀମାନେ ବଣଜଙ୍ଗଲର ରାସ୍ତା

ସହିତ ପରିଚିତ ଥିଲେ ଏବଂ ଗୋଷ୍ଠୀବଦ୍ଧ ହୋଇ ବିଚରଣ କରୁଥିଲେ । ଅତର୍କିତ ଭାବରେ ସେମାନେ ସରକାରୀ ଦଳ ଓ କଳ ଉପରେ ଆକ୍ରମଣ କରିପାରୁଥିଲେ । ଏହି କାରଣରୁ ପୋଲିସର ମଧ୍ୟ ସେମାନଙ୍କ ପ୍ରତି ଭୟ ରହୁଥିଲା ।

୧୭୭୧ ମସିହାରେ କମ୍ପାନୀ ସରକାର ଅତିଷ୍ଠ ହୋଇ ବିଭିନ୍ନ ସ୍ଥାନରେ ପ୍ରାୟ ୧୫୦ ଜଣ ସନ୍ନ୍ୟାସୀଙ୍କୁ ଫାଶୀ ଦେଲେ ଏବଂ ଲୋକଙ୍କ ମନରେ ସରକାରଙ୍କ ପ୍ରତି ଭୟ ସଂଚାର କରିବା ଲାଗି ଫାଶୀ କାଠରେ ସନ୍ନ୍ୟାସୀମାନଙ୍କର ଶବକୁ ଦିନ ଦିନ ଧରି ଝୁଲାଇ ରଖିଲେ । ଏହାପରେ ୧୭୭୩ରେ ସନ୍ନ୍ୟାସୀମାନେ ଅଧିକ ଉଗ୍ର ହେଲେ ଏବଂ ଗ୍ରାମୀଣ ସମାଜ ମଧ୍ୟ ସନ୍ନ୍ୟାସୀମାନଙ୍କ ବିଦ୍ରୋହ ପ୍ରତି ଅଧିକ ସହାନୁଭୂତିଶୀଳ ହେଲେ, ଯଦିଓ ସରକାର ପ୍ରତି ଭୟ ମଧ୍ୟ ଲାଗି ରହିଲା । ସନ୍ନ୍ୟାସୀମାନଙ୍କ ପ୍ରତି ସରକାରର ଯେତିକି ଶତ୍ରୁଭାବ ବୃଦ୍ଧି ପାଇଲା, ଲୋକଙ୍କର ସେତିକି ସହୃଦୟତା ବଢ଼ିଲା, କାରଣ ଲୋକ ମଧ୍ୟ ସରକାରଙ୍କ ଲୋକବିରୋଧୀ କାର୍ଯ୍ୟ ଯୋଗୁଁ ଅତିଷ୍ଠ ଥିଲେ । ଏକଦା ଜୋର କରି ଦାନ-ଦକ୍ଷିଣା ସଂଗ୍ରହ କରୁଥିବା ତଥା କଡ଼ା ସୁଧରେ ଋଣ ଦେଉଥିବା ସନ୍ନ୍ୟାସୀର ଉଗ୍ର ସ୍ୱଭାବକୁ ଭୁଲିଯାଇ ଲୋକ ସେମାନଙ୍କୁ ଧର୍ମର ରକ୍ଷକ ମନେ କଲେ । ସନ୍ନ୍ୟାସୀ ବିଦ୍ରୋହରେ ସମ୍ଭବତଃ ଅନେକ ନେତା ରହିଥିଲେ । କେତେକ ଦଲିଲରେ ମୋହନ ଗିରି ଓ ଫକୀର ମାନଙ୍କର ନେତା ମୁଷା ଶାହଙ୍କ ନାମର ଉଲ୍ଲେଖ ଦେଖିବାକୁ ମିଳିଥାଏ ।

ସନ୍ନ୍ୟାସୀ ବିଦ୍ରୋହର ପ୍ରାୟ ଶହେ ବର୍ଷ ପରେ ବଙ୍କିମଚନ୍ଦ୍ର ବଙ୍ଗଳା ଭାଷାରେ ୧୮୭୬ ମସିହାରେ 'ଆନନ୍ଦମଠ' ଉପନ୍ୟାସ ରଚନା କରିଥିଲେ । ଉପନ୍ୟାସର ମୁଖ୍ୟ ଆଧାର ଥିଲା ସନ୍ନ୍ୟାସୀମାନଙ୍କର ବିଦ୍ରୋହ । ସନ୍ନ୍ୟାସୀମାନେ ନିଜ ବିଦ୍ରୋହ ସମ୍ପର୍କରେ ବିଶେଷ କିଛି ତଥ୍ୟ ଛାଡ଼ି ଯାଇନଥିଲେ । କେବଳ ଇଂରେଜ ଦଲିଲକୁ ଆଶ୍ରା କରି ଉକ୍ତ ବିଦ୍ରୋହ ସମ୍ପର୍କରେ ଜାଣିହୁଏ । ଏଭଳି ସ୍ଥିତିରେ 'ଆନନ୍ଦ ମଠ' ଉପନ୍ୟାସ ଖୁବ୍ ଉପଯୋଗୀ ସିଦ୍ଧ ହୋଇଥାଏ । ବିଦ୍ରୋହର ପ୍ରେରଣାଦାୟୀ ଦିଗକୁ ଅନୁଭବ କରି ହୁଏତ ଔପନ୍ୟାସିକ ପୁସ୍ତକଟିକୁ ରଚନା କରିଥିଲେ । ତତ୍କାଳୀନ କମ୍ପାନୀ ପ୍ରଶାସକମାନେ ସନ୍ନ୍ୟାସୀମାନଙ୍କୁ 'ଆଇନ୍ ପାଳନ କରୁ ନଥିବା ଏକ ଡକାୟତ ଦଳ' (A set of lawless banditti) 'ବ୍ୟାପାରୀ ତୀର୍ଥଯାତ୍ରୀ' (Trading pilgrims) ଏବଂ 'ବିଶୃଙ୍ଖଳ ଭିକ୍ଷାକାରୀ' (lawless mendicants) ଆଦି ନାମରେ ଅଭିହିତ କରିଛନ୍ତି । ଏହାର ବିପରୀତ, 'ଆନନ୍ଦ ମଠ' ଉପନ୍ୟାସରେ ସେମାନଙ୍କୁ ବଙ୍କିମଚନ୍ଦ୍ର ତ୍ୟାଗ ଓ ସାହସର ପ୍ରତୀକ ରୂପେ ପରିଚିତ କରାଇଛନ୍ତି । ଏହା ଉପନିବେଶବାଦୀ ଦୃଷ୍ଟି ଏବଂ ଉପନିବେଶବାଦ ବିରୋଧୀ ଦୃଷ୍ଟି ମଧ୍ୟରେ ରହିଥିବା ବୈଚାରିକ ପାର୍ଥକ୍ୟକୁ ଚିହ୍ନିତ କରିଥାଏ ।

## (ଖ) ଖୋର୍ଦ୍ଧା ବିଦ୍ରୋହ (୧୮୧୭) :

୧୮୧୭ ମସିହାରେ ଓଡ଼ିଶାର ଖୋର୍ଦ୍ଧା ଓ ତା'ର ଆଖପାଖ ଅଞ୍ଚଳରେ ପାଇକମାନଙ୍କ ନେତୃତ୍ୱରେ ଏକ ବଡ଼ଧରଣର ବିଦ୍ରୋହ ସଂଘଟିତ ହୋଇଥିଲା । ଇତିହାସରେ ଏହା ପାଇକ ବିଦ୍ରୋହ ବା ଖୋର୍ଦ୍ଧା ବିଦ୍ରୋହ ନାମରେ ପରିଚିତ । ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାୟ ଥିଲେ ଏହାର ପ୍ରମୁଖ ନାୟକ । ସେ ଖୋର୍ଦ୍ଧା ରାଜାଙ୍କ ପାଇକ ସେନାରେ 'ବକ୍ସି' ବା ସେନା ଅଧିନାୟକ ପଦରେ କାର୍ଯ୍ୟ କରୁଥିଲେ । ୧୮୦୩ ମସିହାରେ କମ୍ପାନୀ ଖୋର୍ଦ୍ଧା ସମେତ ଓଡ଼ିଶାର ଅଧିକାଂଶ ଅଞ୍ଚଳକୁ ମରାଠାମାନଙ୍କୁ ପରାଜିତ କରି ଅଧିକାର

କରିନେଲେ । ଏହାର କିଛି ମାସ ଭିତରୁ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ସେଠାରେ ପାଇକମାନେ ବିଦ୍ରୋହ କଲେ । ଏହାର ସୁଯୋଗ ନେଇ ୧୮୦୫ରେ କମ୍ପାନୀ ସରକାର ଖୋର୍ଦ୍ଧା ରାଜା ଦ୍ୱିତୀୟ ମୁକୁନ୍ଦ ଦେବଙ୍କୁ ଗାଦିଚ୍ୟୁତ କରି ଖୋର୍ଦ୍ଧାକୁ ଇଂରେଜ ସାମ୍ରାଜ୍ୟରେ ମିଶାଇ ଦେଲେ । ଫଳରେ ପ୍ରଶାସନିକ କାର୍ଯ୍ୟରେ ନିଯୁକ୍ତ ଅଧିକାରୀ ଓ ପାଇକମାନେ ନିଜର ପଦପଦବୀ ହରାଇଲେ । ପୁଣି, କମ୍ପାନୀ ଶାସନରେ ସେମାନଙ୍କୁ ନୂଆ କରି ବର୍ଦ୍ଧିତ ହାରରେ ଖଜଣା ମଧ୍ୟ ଦେବାକୁ ପଡ଼ିଲା । ନିଷ୍କର ଜମି ଭୋଗ କରିବାର ବ୍ୟବସ୍ଥା ଉଚ୍ଛେଦ ହେଲା । ଏହିସବୁ କାରଣରୁ, ଗୋଟାଏ ପକ୍ଷରେ ୧୮୦୪ର ବିଦ୍ରୋହ ଦମନ ହେଲା, ପ୍ରମୁଖ ନେତା ଜୟୀ ରାଜଗୁରୁଙ୍କୁ ଫାଶୀ ଦିଆଗଲା, ଅଥଚ ଲୋକଙ୍କ ଅସନ୍ତୋଷ ଭଣା ହେଲା ନାହିଁ । ୧୮୧୭ରେ ତାହା ପୁଣିଥରେ ଉଗ୍ର ବିଦ୍ରୋହର ରୂପ ନେଲା ।

ବକ୍ସି ଜଗବନ୍ଧୁଙ୍କ ସମ୍ପତ୍ତିବାଡ଼ି ରୋଡଙ୍ଗଗଡ଼ରେ ଥିଲା । ପୂର୍ବରୁ ସେ ନିଷ୍କର ଜମି ଭୋଗ କରୁଥିଲେ । ମାତ୍ର କମ୍ପାନୀ ଶାସନରେ ଖଜଣା ଦେବାକୁ ବାଧ୍ୟ ହୋଇଥିଲେ । କୃଷ୍ଣଚନ୍ଦ୍ର ରାୟ ନାମକ ଜଣେ କମ୍ପାନୀ କର୍ମଚାରୀ ବକ୍ସିଙ୍କ ଜମିଦାରୀକୁ ହାସଲ କରିବା ଉଦ୍ଦେଶ୍ୟରେ ବକ୍ସି ଦେଉଥିବା ଖଜଣାକୁ ସରକାରୀ ତହବିଲରେ ଜମା ନ କରି ନିଜେ ଆତ୍ମସାତ କରିନେଲେ । ଫଳରେ ଖଜଣା ଖିଲାପି ଅଭିଯୋଗରେ ବକ୍ସିଙ୍କ ଜମିଦାରୀ ବାଜ୍ୟାପ୍ତ ହେଲା । କଚେରୀର ଦ୍ୱାରସ୍ଥ ହୋଇ ସୁଦ୍ଧା ବକ୍ସି ନ୍ୟାୟ ପାଇପାରିଲେ ନାହିଁ, ଯାହା ଇଂରେଜ ନ୍ୟାୟ ବ୍ୟବସ୍ଥାର ଜଟିଳତାକୁ ଚିହ୍ନିତ କଲା । ଜଟିଳତା ଯୋଗୁଁ ନ୍ୟାୟର ହକଦାର ବ୍ୟକ୍ତି ନ୍ୟାୟ ପାଇବାରୁ ବଞ୍ଚିତ ହେବାର ଏହା ପ୍ରମାଣ ଦେଲା । ଏହିସବୁ ବ୍ୟକ୍ତିଗତ କାରଣରୁ ବକ୍ସି ଇଂରେଜ ବିରୁଦ୍ଧରେ ଅସ୍ତ୍ର ଧାରଣ କରିବାକୁ ବାଧ୍ୟ ହେଲେ ।

୧୮୧୭ ମସିହା ମାର୍ଚ୍ଚ ମାସରେ ଘୁମୁସରର କନ୍ଧ ଓ ଖୋର୍ଦ୍ଧାର ପାଇକମାନଙ୍କୁ ନେଇ ବକ୍ସି ବାଣପୁରର ସରକାରୀ କାର୍ଯ୍ୟାଳୟ ଓ କୋଷାଗାର ଉପରେ ଆକ୍ରମଣ କଲେ । ସେମାନଙ୍କ ଅତର୍କିତ ଆକ୍ରମଣରେ ମୁକାବିଲା ପାଇଁ ବାଣପୁରରେ ଅବସ୍ଥାପିତ କମ୍ପାନୀ କର୍ମଚାରୀ ପ୍ରସ୍ତୁତ ନ ଥିଲେ । ଖୁବ୍‌ଶୀଘ୍ର ବାଣପୁର ବିଦ୍ରୋହୀମାନଙ୍କ ନିୟନ୍ତ୍ରଣକୁ ଆସିଲା । ବାଣପୁରର ଏହି ସଫଳତା ପରେ ଖଜଣା ସଂଗ୍ରହକାରୀ ସର୍ବରାକାର ଏବଂ ଅନ୍ୟ ପାରମ୍ପାରିକ ନେତୃବର୍ଗ ଯେମିତି ଦଳବେହେରା, ବିଷୋୟୀ ଓ ଜମିଦାରମାନେ, ମଧ୍ୟ ବିଦ୍ରୋହରେ ଯୋଗ ଦେଲେ । ବାଣପୁରରେ ବିଦ୍ରୋହୀମାନେ କମ୍ପାନୀ କୋଷାଗାରରୁ ୧୫୦୦୦ ଟଙ୍କା ଲୁଟ କରିନେଇଥିଲେ ଏବଂ ପ୍ରାୟ ୧୦୦ ଜଣ ଇଂରେଜ ସମର୍ଥକଙ୍କୁ ହତ୍ୟା କରିଥିଲେ । ସେମାନଙ୍କ ଆକ୍ରମଣରୁ ଲୁଣ ଏଜେଣ୍ଟ ମିଷ୍ଟର ବେଚର ଅଳ୍ପକେ ରକ୍ଷା ପାଇଲେ । ବଣ ନିଆଁ ଭଳି ବିଦ୍ରୋହ ଖୋର୍ଦ୍ଧା, ଲେମ୍ବାଇ ଏବଂ କୋଠଦେଶ ପ୍ରଗଣାକୁ ବ୍ୟାପିଗଲା । ବିଦ୍ରୋହୀଙ୍କ ସଂଖ୍ୟା ବଢ଼ିଲାରୁ ବକ୍ସି ପୁରୀ ଉପରେ ମଧ୍ୟ ଆକ୍ରମଣ କଲେ । ସେତେବେଳେ ଖୋର୍ଦ୍ଧା ରାଜା ଦ୍ୱିତୀୟ ମୁକୁନ୍ଦଦେବ କମ୍ପାନୀଠାରୁ ପେନସନ ଲାଭକରି ପୁରୀଠାରେ ଅବସ୍ଥାପିତ ଥିଲେ । ବକ୍ସି ତାଙ୍କୁ ବିଦ୍ରୋହର ନେତୃତ୍ୱ ନେବାକୁ ଆହ୍ୱାନ କଲେ । 'ଗଜପତି' ଭାବରେ ଖୋର୍ଦ୍ଧା ରାଜାଙ୍କର ଜନସ୍ୱୀକୃତି ରହିଥିଲା । ସେ ବିଦ୍ରୋହର ନେତୃତ୍ୱ ନେଲେ ସମଗ୍ର ଓଡ଼ିଶାରୁ କମ୍ପାନୀ ଶାସନକୁ ଉଚ୍ଛେଦ କରାଯାଇ ପାରିବ ବୋଲି ତାଙ୍କର ଆଶା ରହିଥିଲା । ବିଦ୍ରୋହୀମାନେ ୧୨ ଏପ୍ରିଲ ୧୮୧୭ରେ ପୁରୀର କଚେରୀ ଓ ଅନ୍ୟାନ୍ୟ ସରକାରୀ କୋଠାଘରକୁ ପୋଡ଼ିଦେଲେ ଏବଂ ସହରରେ ଅବସ୍ଥାପିତ ୟୁରୋପୀୟମାନଙ୍କୁ ପୁରୀ ଛାଡ଼ି ଚାଲିଯିବାକୁ ବାଧ୍ୟ କଲେ । ଅଳ୍ପଦିନ ପାଇଁ ପୁରୀରୁ କମ୍ପାନୀ ଶାସନର ଉଚ୍ଛେଦ ଦେଖିବାକୁ ମିଳିଲା ।

ବିଦ୍ରୋହ ଅଣାୟତ୍ତ ହେବାରୁ ସରକାର ଏପ୍ରିଲ ୧୮୧୭ରେ ପୁରୀ, ବାଣପୁର, ଖୋର୍ଦ୍ଧା, ଲେଂବାଇ, ପିପିଲି ଓ କୋଠଦେଶରେ ସାମରିକ ଆଇନ୍ ଲାଗୁ କଲେ। ପୁରୀରେ ରାଜାଙ୍କ ଉପସ୍ଥିତି ଯୋଗୁଁ ବିଦ୍ରୋହୀମାନେ ବଳ ପାଉଛନ୍ତି ମନେକରି ଏକ ଆଦେଶ ବଳରେ ରାଜାଙ୍କୁ ବନ୍ଦିକରି କଟକ ସ୍ଥାନାନ୍ତରିତ କରାଗଲା। ବାଟରେ ପ୍ରାୟ ୨୫୦୦ ଲୋକ ରାଜାଙ୍କୁ କମ୍ପାନୀ ସେନା ଓ ପୋଲିସ କବଳରୁ ମୁକ୍ତ କରିବା ଲାଗି ଉଦ୍ୟମ କରିଥିଲେ। ମାତ୍ର ପୋଲିସର ଆଧୁନିକ ଅସ୍ତ୍ର ସମ୍ମୁଖରେ ସେମାନଙ୍କ ପାରମ୍ପରିକ ଅସ୍ତ୍ର, ଯଥା ଟାଙ୍ଗିଆ, ବର୍ଚ୍ଛା, ବାଡ଼ି, ଠେଙ୍ଗା ଆଦି ଉପଯୋଗୀ ସିଦ୍ଧ ହେଲା ନାହିଁ। ପୁରୀରେ ପୋଲିସ ଗୁଳିରେ ୧୨ ଜଣ ବିଦ୍ରୋହୀଙ୍କ ପ୍ରାଣହାନି ଘଟିଲା। ୧୮୧୭ ମେ' ମାସ ବେଳକୁ ବିଦ୍ରୋହ ପ୍ରାୟ ଅବଦମିତ ହୋଇ ସାରିଥିଲା, ଯଦିଓ କାଁଭାଁ କାହିଁ କେଉଁଠି ବିଦ୍ରୋହ ମଧ୍ୟ ଦେଖିବାକୁ ମିଳୁଥିଲା। ଏପ୍ରିଲ ୧୯୧୮ ଯାଏଁ ସାମରିକ ଆଇନ୍ ଅବ୍ୟାହତ ରହିଲା, ଯାହାର ଅର୍ଥ ହେଲା, ପ୍ରାୟ ବର୍ଷେକାଳ ବିଦ୍ରୋହୀ ପାଇକମାନେ ଖୋର୍ଦ୍ଧାରେ ସରକାରଙ୍କ ପାଇଁ ଭୟ ହୋଇ ରହିଥିଲେ।

ଏକଥା ଅନସ୍ୱୀକାର୍ଯ୍ୟ ଯେ ଖୋର୍ଦ୍ଧା ଥିଲା ପାଇକ ବିଦ୍ରୋହର ମୁଖ୍ୟ କେନ୍ଦ୍ର। ମାତ୍ର ଖୋର୍ଦ୍ଧା ବାହାରେ କୁଜଙ୍ଗ, କନିକା, ଘୁମୁସର, ନୟାଗଡ଼ ଓ ରଣପୁରରେ ମଧ୍ୟ ବିଦ୍ରୋହର କିଛି କିଛି ପ୍ରଭାବ ରହିଥିଲା। କମ୍ପାନୀ ସେନା ସେପ୍ଟେମ୍ବର ୧୮୧୭ରେ କୁଜଙ୍ଗ ଯାଇ ସେଠାକାର ବିଦ୍ରୋହୀ ନେତା ନାରାୟଣ ପରମଗୁରୁ ଏବଂ ବାମଦେବ ପାଟଯୋଷୀଙ୍କୁ ଜବତ କରିବାକୁ ଉଦ୍ୟମ କରିଥିଲେ। ଖୋର୍ଦ୍ଧାରେ ବକ୍ସିଙ୍କ ବ୍ୟତୀତ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ, ଗୋପାଳ ଛୋଟରାୟ ଏବଂ ପିଣ୍ଡିକୀ ବାହୁବଳେନ୍ଦ୍ର ଆଦି ବିଦ୍ରୋହର ପ୍ରମୁଖ ନେତା ଥିଲେ। ବିଦ୍ରୋହ ଦମନ ହେଲାପରେ ବି ପ୍ରବଳ ଜନସମର୍ଥନ ଯୋଗୁଁ ସେମାନଙ୍କୁ ଅନେକ ଦିନ ଯାଏଁ ଗିରଫ କରାଯାଇ ପାରି ନ ଥିଲା। ଶେଷରେ ୧୮୨୫ରେ ସରକାରଙ୍କ ପ୍ରସ୍ତାବରେ ବକ୍ସି ଆତ୍ମସମର୍ପଣ କଲେ ଏବଂ ମାସିକ ୧୫୦ ଟଙ୍କା ପେନ୍‌ସନ୍ ପାଇ ୧୮୨୯ରେ ମୃତ୍ୟୁ ପର୍ଯ୍ୟନ୍ତ କଟକରେ ଅବସ୍ଥାନ କଲେ। ତାଙ୍କର ଘନିଷ୍ଠ ସହଯୋଗୀ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ ମଧ୍ୟ ବକ୍ସିଙ୍କ ସାଙ୍ଗରେ ଆତ୍ମସମର୍ପଣ କଲେ ଏବଂ ସରକାରଙ୍କ ଆଦେଶରେ କଟକରେ ନଜରବନ୍ଦି ହୋଇ ରହିଲେ। ଅନ୍ୟ ପ୍ରମୁଖ ବିଦ୍ରୋହୀଙ୍କର ୧୮୧୭ ମସିହା ମେ ମାସରେ ସାମରିକ ଅଦାଲତରେ ବିଚାର ହେଲା। ମୋଟ ୧୬୮ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଗୋପାଳ ଛୋଟରାଏ, ବିଷ୍ଣୁ ପାଇକରାୟ, ରାମ ସିଂହ, ନରସିଂହ, ନାଥ ପ୍ରଧାନ, ପରଶୁରାମ ପଟ୍ଟନାୟକ ଏବଂ ସଚ୍ଚିଦାନନ୍ଦ ପଟ୍ଟନାୟକଙ୍କୁ ମୃତ୍ୟୁଦଣ୍ଡ ଦିଆଗଲା ଏବଂ ଅନ୍ୟ ୧୦୩ ଜଣଙ୍କୁ ଦୀପାନ୍ତର ଦଣ୍ଡ ଦିଆଗଲା। ମୋଟ ୫୫ ଜଣ ବିଦ୍ରୋହୀଙ୍କୁ ସଶ୍ରମ ଜେଲ ଦଣ୍ଡରେ ଦଣ୍ଡିତ କରାଗଲା।

ଖୋର୍ଦ୍ଧା ବିଦ୍ରୋହର କାରଣ ଖୋଜିବା ଲାଗି ୱାଲଟର ଇୱର (Walter Ewer) ନାମକ ଜଣେ ବରିଷ୍ଠ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠିତ ହୋଇଥିଲା। 'ଇୱର ରିପୋର୍ଟ' ନାମରେ ପରଚିତ ଏହି କମିଟିର ରିପୋର୍ଟ ମେ' ୧୮୧୮ରେ ଉପସ୍ଥାପିତ ହୋଇଥିଲା। ରିପୋର୍ଟରେ ବିଦ୍ରୋହ ପାଇଁ କମ୍ପାନୀର ପ୍ରଶାସନିକ ଅବ୍ୟବସ୍ଥା, କ୍ଷମତାର ଦୁରୁପଯୋଗ ଏବଂ ଅମଲାତନ୍ତ୍ରରେ ବ୍ୟାପିଥିବା ଦୁର୍ନୀତିକୁ ଦାୟୀ କରାଯାଇଥିଲା। ଏଥିରେ କମ୍ପାନୀର ରାଜସ୍ୱ ନୀତି, କଉଡ଼ି ମୁଦ୍ରାର ବିମୁଦ୍ରିକରଣ ଏବଂ କଉଡ଼ି ସ୍ଥାନରେ ଟଙ୍କାର ପ୍ରଚଳନ ତଥା ସ୍ଥାନୀୟ ଲବଣ ଶିଳ୍ପର ପତନ ଆଦିକୁ ମଧ୍ୟ ପ୍ରମୁଖ କାରଣ ରୂପେ ଚିହ୍ନିତ କରାଯାଇଥିଲା। କଉଡ଼ି ମୁଦ୍ରାକୁ ସରକାର ବନ୍ଦ କରିବା ଯୋଗୁଁ ଲୋକଙ୍କ ପାଖରେ ଗଚ୍ଛିତ ଥିବା କଉଡ଼ିର ମୂଲ୍ୟ ହ୍ରାସ ପାଇଲା। ଦେଶୀ ଲବଣ ଶିଳ୍ପ ଯୋଗୁଁ ହଜାର

ହଜାର ସ୍ଥାନୀୟ ଲୋକ ରୋଜଗାର ପାଉଥିଲେ । ବିଦେଶରୁ ଲୁଣ ଆମଦାନି ହେବାରୁ ଦେଶୀଲୁଣର କାରବାର ବନ୍ଦ ହେଲା ଏବଂ ସେମାନେ ରୋଜଗାରଶୂନ୍ୟ ହେଲେ । ଅର୍ଥାତ୍, କମ୍ପାନୀ ଶାସନରେ ସବୁ ବର୍ଗର ଲୋକ ଅତିଷ୍ଠ ଅନୁଭବ କରୁଥିଲେ । ପାଇକମାନେ ବିଦ୍ରୋହ କରିବାରୁ ସେମାନେ ସମସ୍ତେ ପାଇକମାନଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ସମର୍ଥନ ଜଣାଇଲେ । ସେହି ଦୃଷ୍ଟିରୁ ବିଚାର କଲେ ଖୋର୍ଦ୍ଧା ବିଦ୍ରୋହର ଛାମୁଆ ବାହିନୀ ଥିଲେ ପାଇକମାନେ ଏବଂ ସମ୍ପୃକ୍ତି ରହିଥିଲା ଆଉ ଅନେକ ସାମାଜିକ ବର୍ଗର ।

ଭାରତର ଔପନିବେଶିକ କାଳଖଣ୍ଡରେ ଖୋର୍ଦ୍ଧା ବିଦ୍ରୋହ ହେଲା ଏକ ମହତ୍ତ୍ୱପୂର୍ଣ୍ଣ ଅଧ୍ୟାୟ । ଇଂରେଜମାନେ ଓଡ଼ିଶା ଅଧିକାର କଲାପରେ ଓଡ଼ିଶାର ଲୋକ ମଧ୍ୟ ଉପନିବେଶବାଦର ତୀବ୍ର ବିରୋଧ କରିଥିଲେ; କମ୍ପାନୀର ଜନବିରୋଧୀ ନୀତିକୁ ସହ୍ୟ କରି ନ ଥିଲେ । ତେଣୁ, ବିଦ୍ରୋହର କ୍ରୁର ଦମନ ସତ୍ତ୍ୱେ ବିଦ୍ରୋହ ଏକ ମହାନ୍ ପରମ୍ପରାକୁ ଜୀବିତ ରଖିଲା । ପରବର୍ତ୍ତୀ ସମୟରେ ଏହା ଲୋକଙ୍କ ପାଇଁ ପ୍ରେରଣା ମଧ୍ୟ ଯୋଗାଇଥିଲା । ଏହି କାରଣରୁ ଜାତୀୟତା ଆନ୍ଦୋଳନ ସମୟରେ ମଧ୍ୟ ଖୋର୍ଦ୍ଧାର ଭୂମିକା ଖୁବ୍ ମହତ୍ତ୍ୱପୂର୍ଣ୍ଣ ଥିଲା ।

## (ଗ) ସାନ୍ତାଳ ବିଦ୍ରୋହ (୧୮୫୫-୫୬) :

ଦୀର୍ଘ ଶହେ ବର୍ଷର କମ୍ପାନୀ ଶାସନର ଅନ୍ତିମ ଚରଣରେ ଏବଂ ୧୮୫୭ ମହାସଂଗ୍ରାମର ଅବ୍ୟବହିତ ପୂର୍ବରୁ ବର୍ତ୍ତମାନର ଝାଡ଼ଖଣ୍ଡରେ ଏକ ବଡ଼ଧରଣର ଆଦିବାସୀ ବିଦ୍ରୋହ ସଂଘଟିତ ହୋଇଥିଲା । ଏହାକୁ ସାନ୍ତାଳ ବିଦ୍ରୋହ ବୋଲି କୁହାଯାଏ । ବିଦ୍ରୋହର କେନ୍ଦ୍ର ଥିଲା ସାନ୍ତାଳ ପ୍ରଗଣା ନାମରେ ପରିଚିତ ମାନଭୂମ୍, ବଡ଼ଭୂମ୍, ଛୋଟନାଗପୁର, ପାଲାମୁ ଏବଂ ବୀରଭୂମ ଅଞ୍ଚଳ । ଏହାର ପ୍ରମୁଖ ନେତା ଥିଲେ ସିଧୁ, କାହ୍ନୁ, ଚାନ୍ଦ ଏବଂ ଭୈରବ ନାମକ ଚାରିଜଣ ଭାଇ । ୧୮୫୫ ମସିହା ଜୁନ୍ ୩୦ ତାରିଖରେ ସିଧୁଙ୍କ ନେତୃତ୍ୱରେ ପ୍ରାୟ ଦଶ ହଜାର ସାନ୍ତାଳ ଆଦିବାସୀ ସମାନ୍ତରାଳ ସରକାରର ସ୍ଥାପନା କରି ବିଦ୍ରୋହର ଶୁଭାରମ୍ଭ କରିଥିଲେ । ୧୮୫୬ ମସିହା ଜାନୁୟାରୀ ମାସ ପର୍ଯ୍ୟନ୍ତ ବିଦ୍ରୋହ ଅବ୍ୟାହତ ରହିଥିଲା ଏବଂ ବିଦ୍ରୋହକୁ ଦମନ କରିବା ପାଇଁ ସରକାର ଉକ୍ତ ଅଞ୍ଚଳରେ ସାମରିକ ଆଇନ୍ ଲାଗୁ କରିଥିଲେ । ଅନ୍ୟ ବିଦ୍ରୋହୀମାନଙ୍କ ଭଳି ଏଥିରେ ମଧ୍ୟ ସାନ୍ତାଳମାନେ ପାରମ୍ପରିକ ଧନୁତୀର ଧରି ଆଧୁନିକ ଅସ୍ତ୍ରଶସ୍ତ୍ରଧାରୀ ଇଂରେଜ ପୋଲିସ ଓ ସେନାର ମୁକାବିଲା କରିଥିଲେ ଏବଂ କ୍ରୁର ଦମନର ଶିକାର ହୋଇଥିଲେ । ଏକ ଆକଳନ ଅନୁଯାୟୀ ବିଦ୍ରୋହରେ ସମ୍ପୃକ୍ତ ମୋଟ ୬୦,୦୦୦ ସାନ୍ତାଳଙ୍କ ମଧ୍ୟରୁ ଅନ୍ୟୁନ ୧୫୦୦୦ ସାନ୍ତାଳଙ୍କର ପ୍ରାଣହାନି ଘଟିଥିଲା । ଶହ ଶହ ଆଦିବାସୀ ଘର ଓ ଗାଁକୁ ଧ୍ୱଂସ ମଧ୍ୟ କରାଯାଇଥିଲା ।

**ପୃଷ୍ଠଭୂମି :** ପାରମ୍ପରିକ ଭାବେ ସାନ୍ତାଳମାନେ ଛୋଟନାଗପୁର ଗିରି ପର୍ବତ କ୍ଷେତ୍ରରେ ବାସ କରିଆସିଛନ୍ତି । କୃଷି ଓ ଜଙ୍ଗଲଜାତ ସାମଗ୍ରୀ ଥିଲା ସେମାନଙ୍କ ଜୀବିକାର ପ୍ରମୁଖ ସାଧନ । ଅଷ୍ଟାଦଶ ଓ ଉନବିଂଶ ଶତାବ୍ଦୀରେ ଗିରିପର୍ବତର ପାଦଦେଶରେ ଯାଇ ଅଣ-ଆଦିବାସୀ ଜମିଦାର, ସାହୁକାର ଓ ମହାଜନମାନେ କର୍ତ୍ତୃତ୍ୱ ବିସ୍ତାର କଲେ । ଅନେକ ଆଦିବାସୀଙ୍କୁ ସେମାନେ ଗୋତିଶ୍ରମିକ ଭାବରେ ମଧ୍ୟ ବ୍ୟବହାର କରିବାକୁ ଲାଗିଲେ । ଇଂରେଜ ରାଜସ୍ୱ ନୀତି ଯୋଗୁଁ ଖଜଣା ପଇଠ କରି ନ ପାରି ଆଦିବାସୀମାନେ ଜମିହରା ହେଲେ । ସେମାନଙ୍କ ଜମି ସାହୁକାର-ମହାଜନଙ୍କ ପାଖକୁ ହସ୍ତାନ୍ତରିତ ହେଲା । ଆଦିବାସୀଙ୍କ ପାଇଁ ସ୍ଥିତି ଅଧିକ ଦୁଃସହ ହେଲା, ଯେତେବେଳେ

୧୮୩୨ରେ ପାହାଡ଼ିଆ ନାମରେ ପରିଚିତ ସାନ୍ତାଳ କ୍ଷେତ୍ରକୁ ସମତଳବାସୀଙ୍କ କ୍ଷେତ୍ରରୁ ପୃଥକ୍ କରାଗଲା। ଏଥିପାଇଁ ସ୍ଥାନେ ସ୍ଥାନେ ଖମ୍ଭ ବି ପୋତା ହେଲା।

ପାହାଡ଼ିଆ କ୍ଷେତ୍ର ଏବଂ ସମତଳବାସୀ କ୍ଷେତ୍ର ମଧ୍ୟରେ ଏକ ବିସ୍ତୃତ ବନାଞ୍ଚଳ ରହିଥିଲା। ଏହି ଅନାବାଦୀ କ୍ଷେତ୍ରକୁ 'ଡୋମିନିକୋ' ବୋଲି କୁହାଯାଉଥିଲା। ସେଠାରେ କୃଷିର ସମ୍ଭାବନାକୁ ଅନୁମାନ କରି ଆରମ୍ଭରେ ସାନ୍ତାଳମାନଙ୍କୁ ବସତି ପାଇଁ ସରକାର ପ୍ରୋତ୍ସାହନ ଦେଲେ। ବିଶେଷକରି ଯେଉଁ ସାନ୍ତାଳମାନେ ସମତଳବାସୀଙ୍କ ବ୍ୟାପାର ଉଦ୍ୟୋଗରେ ତଥା ରାସ୍ତାଘାଟ ନିର୍ମାଣରେ ଶ୍ରମିକଭାବେ କାର୍ଯ୍ୟ କରୁଥିଲେ, ସେମାନେ ସ୍ୱତନ୍ତ୍ର ଜୀବିକାର ଆଶାରେ 'ଡୋମିନିକୋ' ଅଞ୍ଚଳରେ ଯାଇ ବସବାସ କରିବାକୁ ଆଗ୍ରହୀ ହେଲେ। ଜଙ୍ଗଲ ସଫାକରି ସେମାନେ ଚାଷ ଜମି ପ୍ରସ୍ତୁତ କଲେ। ମାତ୍ର ସେମାନଙ୍କ ଉତ୍ପାଦନକୁ ଖୁବ୍ ଅଳ୍ପ ମୂଲ୍ୟରେ ସାହୁକାର-ମହାଜନମାନେ କିଣିନେଲେ। ପରିଶ୍ରମ ଓ ଉତ୍ପାଦନ ସତ୍ତ୍ୱେ ସାନ୍ତାଳର ଦାରିଦ୍ର୍ୟ ଊଣା ହେଲା ନାହିଁ। ୧୮୪୦-୫୦ ଦଶକରେ ରେଳପଥ ନିର୍ମାଣ ଆରମ୍ଭ ହେଲା। ଡୋମିନିକୋ କ୍ଷେତ୍ରକୁ ଅନେକ ନୂଆ ଅଧିକାରୀ ଆସି ସାନ୍ତାଳ ମହିଳାମାନଙ୍କ ଉପରେ ଦୁର୍ବ୍ୟବହାର କରିବା ଆରମ୍ଭ କଲେ, ଯାହା ସାନ୍ତାଳମାନଙ୍କ ସ୍ୱାଭିମାନକୁ ଗଭୀର ଭାବେ ଆହତ କଲା। ଆରମ୍ଭରେ (୧୮୩୦ ଦଶକରେ) ଡୋମିନିକୋରେ କୃଷିକାର୍ଯ୍ୟ କରୁଥିବା ସାନ୍ତାଳକୁ ଖଜଣା ଦେବାକୁ ପଡୁ ନ ଥିଲା। ମାତ୍ର ୧୮୫୪-୫୫ ବେଳକୁ ଉକ୍ତ ଅଞ୍ଚଳରୁ ମୋଟ ୫୮,୦୦୦ ଟଙ୍କା ରାଜସ୍ୱ ଅସୁଲି ପାଇଁ ସରକାର ଯୋଜନା କଲେ। ୧୮୩୮ରେ ଡୋମିନିକୋ କ୍ଷେତ୍ରରେ ମାତ୍ର ୩୦୦୦ ଲୋକ ରହୁଥିଲେ। ୧୮୫୧ ବେଳକୁ ଏହି ସଂଖ୍ୟା ଯାଇ ପହଞ୍ଚିଲା ୮୦,୦୦୦ରେ। ଉପରୋକ୍ତ ଅବଧିରେ ସାନ୍ତାଳ ଗ୍ରାମ ସଂଖ୍ୟା ୪୦ରୁ ବୃଦ୍ଧି ପାଇଁ ୧୪୭୩ରେ ଯାଇ ପହଞ୍ଚିଥିଲା। ଅର୍ଥାତ୍, ସାନ୍ତାଳମାନେ ଜଙ୍ଗଲ ସଫା କରି ନୂଆ ଗାଁ ବସାଉଥିଲେ ଏବଂ ପରିଶ୍ରମ କରି କୃଷିଜମି ପ୍ରସ୍ତୁତ କରୁଥିଲେ। ଯଦିଓ ତା'ର ଲାଭ 'ଦିକୁ' ନାମରେ ପରିଚିତ ଅଣ-ଆଦିବାସୀ ଜମିଦାର, ମହାଜନ ଓ ସାହୁକାର ମାନଙ୍କ ହାତକୁ ଚାଲି ଯାଉଥିଲା। ଫଳରେ ଉଭୟ 'ଦିକୁ' ଏବଂ କମ୍ପାନୀ ସରକାର ସାନ୍ତାଳମାନଙ୍କ ଦୃଷ୍ଟିରେ ଶତ୍ରୁ ବିବେଚିତ ହେଲେ।

**ବିଦ୍ରୋହର କେନ୍ଦ୍ର :** ସିଧୁ ଓ କାହ୍ନୁଙ୍କର ପୈତୃକ ଗାଁ ଭୋଗନାଡ଼ିହିର ଅନତି ଦୂରରେ ଥିବା ବୁରହାଇତ ଗାଁ ଥିଲା ସାନ୍ତାଳମାନଙ୍କର କେନ୍ଦ୍ରଭୂମି। ୧୮୫୫ ଜୁନ୍ ୩୦ ତାରିଖରେ ସିଧୁ ଓ କାହ୍ନୁ ନିଜ ଗାଁ ଭୋଗନାଡିହିରେ ପ୍ରାୟ ୧୦,୦୦୦ ସାନ୍ତାଳଙ୍କ ଏକ ସମାବେଶରେ ଇଂରେଜ ସରକାରକୁ ଅବଜ୍ଞା କରି ନିଜର ସାନ୍ତାଳ ସରକାର ଗଢ଼ିଲେ ଏବଂ ଡୋମିନିକୋ ସାନ୍ତାଳ କ୍ଷେତ୍ରରେ ନିଜେ କର ସଂଗ୍ରହ କରିବାକୁ ନିଷ୍ପତ୍ତି ନେଲେ। ସେମାନେ ମହାଜନ ଓ ସାହୁକାରମାନଙ୍କୁ ଡୋମିନିକୋ ଅଞ୍ଚଳରୁ ଚାଲିଯିବାକୁ ନିର୍ଦ୍ଦେଶ ଦେଲେ। ସେମାନଙ୍କ ସାନ୍ତାଳ ସରକାର ଜମିର ଖଜଣା ତଥା ଋଣ ଉପରେ ସୁଧର ହାର ନାମମାତ୍ର କରିବାକୁ ମଧ୍ୟ ନିଷ୍ପତ୍ତି ନେଲେ। ଅନ୍ୟ ଶବ୍ଦରେ କହିଲେ, ସିଧୁଙ୍କର ନେତୃତ୍ୱରେ ଏହା ଥିଲା ସ୍ୱାଧୀନ ଓ ଆଦର୍ଶ ସାନ୍ତାଳ ସରକାର। ବିଦ୍ରୋହ ସମୟରେ ସାନ୍ତାଳମାନେ ଅନେକ 'ଦିକୁ'ଙ୍କ ଉପରେ ମଧ୍ୟ ଆକ୍ରମଣ କଲେ ଏବଂ ସେମାନଙ୍କୁ ପ୍ରାଣଦଣ୍ଡ ଦେଲେ।

**ବିଦ୍ରୋହର ଦମନ :** ସାନ୍ତାଳ ସରକାର ଗଠିତ ହେବାର ସାତଦିନ ପରେ ଜଣେ ଦାରୋଗା କେତେଜଣ ସିପାହୀଙ୍କୁ ସାଙ୍ଗରେ ନେଇ ସିଧୁଙ୍କୁ ଗିରଫ କରିବାକୁ ପ୍ରୟାସ କଲେ ଏବଂ ସାନ୍ତାଳ ମାନଙ୍କ ପ୍ରତିଆକ୍ରମଣର

ଶିକାର ହୋଇ ପ୍ରାଣ ହରାଇଲେ। ଅନ୍ୟ ସିପାହୀ ଓ କେତେଜଣ 'ଦିକୁ' ମଧ୍ୟ ବିଦ୍ରୋହୀଙ୍କ ଆକ୍ରମଣରେ ପ୍ରାଣ ହରାଇଲେ। ଏହାପରେ ସିଧୁ ଓ କାହ୍ନୁଙ୍କୁ ଧରାଇ ଦେବାପାଇଁ ସରକାରଙ୍କ ପକ୍ଷରୁ ୧୦,୦୦୦ ଟଙ୍କା ପୁରସ୍କାର ଘୋଷଣା କରାଗଲା। ୧୮୫୫ ଜୁଲାଇ ଓ ୧୮୫୬ ଜାନୁୟାରୀ ମାସ ମଧ୍ୟରେ କହଲଗାଁ, ସୁରୀ, ରଘୁନାଥପୁର ଏବଂ ମୁନକଟୋରା ଆଦି ଗାଁରେ ସାନ୍ତାଳ ଓ କମ୍ପାନୀ ସେନା ମଧ୍ୟରେ ଅନେକ ଥର ଖଣ୍ଡଯୁଦ୍ଧ ହେଲା। ପ୍ରାୟ ପ୍ରତ୍ୟେକ ଅବସରରେ ସାନ୍ତାଳମାନେ ବହୁ ସଂଖ୍ୟାରେ ହତାହତ ହେଲେ। ସେମାନଙ୍କ ବିରୁଦ୍ଧରେ ମୁର୍ସିଦାବାଦର ନବାବ ଏବଂ କେତେକ ସ୍ଥାନୀୟ ଜମିଦାର ମଧ୍ୟ ସରକାରଙ୍କୁ ପ୍ରତ୍ୟକ୍ଷ ସହଯୋଗ ଦେଇଥିଲେ। ଅନେକ ଆଦିବାସୀ ଗାଁକୁ ହାତୀ ମଡ଼ାଇ ଧ୍ୱଂସ କରିଦିଆଗଲା ଏବଂ ସାନ୍ତାଳମାନଙ୍କୁ ଗୁଳି କରି ହତ୍ୟା କରାଗଲା। ବିଦ୍ରୋହରେ ସିଧୁ ଓ କାହ୍ନୁ ମଧ୍ୟ ନିହତ ହେଲେ।

ସାନ୍ତାଳ ବିଦ୍ରୋହର ଦମନ କାର୍ଯ୍ୟରେ ନିୟୋଜିତ ଇଂରେଜ ସେନାଧିକାରୀ ମେଜର ଜେରଭିସ୍‌ଙ୍କ ମନ୍ତବ୍ୟ ଏଠାରେ ପ୍ରଣିଧାନଯୋଗ୍ୟ।

"ଏହାକୁ ଯୁଦ୍ଧ କୁହାଯାଇ ନ ପାରେ। ସେମାନେ (ସାନ୍ତାଳମାନେ) ଆତ୍ମସମର୍ପଣ କ'ଣ ବୁଝି ନ ଥିଲେ। ନାଗରା ବାଜିବା ମାତ୍ରକେ ସମସ୍ତେ ଠିଆ ହୋଇପଡୁଥିଲେ ଏବଂ ଗୁଳିର ଶିକାର ହେବା ପାଇଁ ପ୍ରସ୍ତୁତ ରହୁଥିଲେ। ସେମାନଙ୍କ ତୀର ବାଜିଲେ ଆମ ଲୋକ ମଧ୍ୟ ନିହତ ହେଉଥିଲେ। ତେଣୁ, ସେମାନେ ଠିଆହେବା ମାତ୍ରେ ଆମେ ଗୁଳି ଚାଳନା କରୁଥିଲୁ। ସେମାନଙ୍କ ନାଗରା ଶବ୍ଦ ବନ୍ଦ ହେଲେ, ସେମାନେ ପ୍ରାୟ ଏକ ଚତୁର୍ଥାଂଶ ମାଇଲ ଆଗକୁ ମାଡ଼ି ଯାଉଥିଲେ। ନାଗରା ବାଜିବା କ୍ଷଣି ପୁଣି ସ୍ଥିର ହୋଇ ଠିଆ ହେଉଥିଲେ ଏବଂ ଆମେ ସେମାନଙ୍କ ଉପରକୁ ଗୁଳି ନିକ୍ଷେପ କରୁଥିଲୁ। ଯୁଦ୍ଧରେ ନିୟୋଜିତ ଆମର ପ୍ରତ୍ୟେକ ସିପାହୀ ସେମାନଙ୍କୁ ହତାହତ କରି ଆତ୍ମଗ୍ଲାନିରେ ଲଜ୍ଜିତ ଅନୁଭବ କରୁଥିଲେ।"

ଏହି ଉକ୍ତିରୁ ଜଣାପଡ଼େ ଯେ ଇଂରେଜଙ୍କ ପାଇଁ ସାନ୍ତାଳ ବିଦ୍ରୋହର ଦମନ କେତେ ସହଜ ଥିଲା ଏବଂ ଯୁଦ୍ଧ କେତେ ମାତ୍ରାରେ ଏକପାଖିଆ ଥିଲା। ଆଧୁନିକ ଅସ୍ତ୍ର ଆଗରେ ସାନ୍ତାଳମାନଙ୍କ ଧନୁତୀର ବିଶେଷ ପ୍ରଭାବ ପକାଇ ପାରିନଥିଲା। ସାନ୍ତାଳମାନେ ପୋକମାଛିଭଳି ପୋଲିସ ଓ ସେନାର ଗୁଳିର ମୃତ୍ୟୁବରଣ କଲେ। ଏହା ଇଂରେଜ ସରକାରର କ୍ରୁର ଦମନ ନୀତିକୁ ମଧ୍ୟ ଚିହ୍ନିତ କଲା।

## (ଘ) ମହାସଂଗ୍ରାମ, ୧୮୫୭ :

ଇଂରେଜ ବିରୁଦ୍ଧରେ ସଂଘଟିତ ଶହ ଶହ ସାମାଜିକ ବିଦ୍ରୋହ ମଧ୍ୟରେ ୧୮୫୭ ମସିହାର ମହାସଂଗ୍ରାମ ଖୁବ୍ ଅଧିକ ତାତ୍ପର୍ଯ୍ୟ ରଖେ, କାରଣ ଏହା ଉତ୍ତରଭାରତର ଅଧିକାଂଶ ଅଞ୍ଚଳକୁ ବ୍ୟାପିଥିଲା ଏବଂ ଇଂରେଜ ସରକାରଙ୍କୁ ଅନେକ ସ୍ଥାନରୁ ସ୍ୱଳ୍ପ ଅବଧି ପାଇଁ ହେଉ ପଛେ ଉଚ୍ଛେଦ କରିଦେଇଥିଲା। ମହାସଂଗ୍ରାମର ଛାମୁଆ ବାହିନୀ ଥିଲେ ସିପାହୀମାନେ। ସରକାରର କାର୍ଯ୍ୟକଳାପ ପ୍ରତି ସେମାନଙ୍କ ଅସନ୍ତୋଷ ଏତେ ମାତ୍ରାରେ ବୃଦ୍ଧି ପାଇଥିଲା ଯେ ସେମାନେ ସୁରକ୍ଷିତ 'କମ୍ପାନୀ' ଚାକିରିକୁ ତ୍ୟାଗ କରି କମ୍ପାନୀ ସରକାର ବିରୁଦ୍ଧରେ ଅସ୍ତ୍ର ଉତ୍ତୋଳନ

କରିଥିଲେ । ସିପାହୀମାନଙ୍କୁ ବାଦ ଦେଲେ, ଗାଦିଚ୍ୟୁତ ରାଜା-ଜମିଦାର ବର୍ଗ ଓ ଖଜଣା ଭାରରେ ଅତିଷ୍ଠ ଗ୍ରାମୀଣ କୃଷିଜୀବୀ ବର୍ଗ ଏବଂ ପାଶ୍ଚାତ୍ୟରେ ଶିଳ୍ପ ବିପ୍ଳବ ଯୋଗୁଁ ଅଧୋପତନର ଶିକାର ହୋଇଥିବା ଭାରତର ପାରମ୍ପରିକ କାରିଗର ଓ ବୁଣାକାର ବର୍ଗ ବିଦ୍ରୋହରେ ପ୍ରତ୍ୟକ୍ଷ ଭାବେ ସଂଶ୍ଳିଷ୍ଟ ରହିଥିଲେ । ପ୍ରାୟ ସମସ୍ତ ବର୍ଗର ସମ୍ପୃକ୍ତି ଯୋଗୁଁ ଏହି ମହାସଂଗ୍ରାମକୁ 'ସିପାହୀ ବିଦ୍ରୋହ' ନାମରେ କେବଳ ପରିଚୟ ଦେବା ଅଯଥାର୍ଥ ନିଶ୍ଚୟ । ସେହିଭଳି, ଏହା ପୂର୍ବରୁ ଶହ ଶହ ସ୍ଥାନୀୟ ବିଦ୍ରୋହ ଘଟିଥିବା ସ୍ଥଳେ ୧୮୫୭ର ସଂଗ୍ରାମକୁ 'ପ୍ରଥମ ସ୍ୱାଧୀନତା ସଂଗ୍ରାମ' ବୋଲି କହିବା ବି ଠିକ୍ ମନେହୁଏ ନାହିଁ । ୧୮୫୭ର ଗଣସଂଗ୍ରାମ ଅଥବା ମହାସଂଗ୍ରାମ ହିଁ ଏହାର ଉପଯୁକ୍ତ ନାମ । କମ୍ପାନୀ ଶାସନର ଆରମ୍ଭରୁ ଘଟିଥିବା ସମସ୍ତ ସାନ-ବଡ଼ ସାମାଜିକ ବିଦ୍ରୋହର 'ଚରମ ଉତ୍କର୍ଷ' ରୂପରେ ଏହାକୁ ଅନୁଶୀଳନ କଲେ, ଏହାରି ମାଧ୍ୟମ ସମସ୍ତ ଆଦ୍ୟ ବିଦ୍ରୋହର ନେତୃତ୍ୱ ଏବଂ ଚରିତ୍ରକୁ ବୁଝିବା ସହଜ ହୋଇଥାଏ ।

**ମହାସଂଗ୍ରାମର ବ୍ୟାପ୍ତି :** ମେ' ୧୦ ତାରିଖରେ ମିରଟର ସେନାଛାଉଣୀରେ ସିପାହୀମାନେ ଚର୍ବିଯୁକ୍ତ ଗୁଳିର ବ୍ୟବହାର କରିବାକୁ ମନା କରିବାରୁ ମହାସଂଗ୍ରାମର ସୂତ୍ରପାତ ହୋଇଥିଲା । ମିରଟକୁ ସିପାହୀମାନେ ଅଧିକାର କଲା ଉତ୍ତାରୁ ପ୍ରାୟ ୬୦ କି.ମି. ଦୂରରେ ସ୍ଥିତ ଦିଲ୍ଲୀ ଅଭିମୁଖେ ଯାତ୍ରା କଲେ, କାରଣ ଦିଲ୍ଲୀରେ ଥିବା ଗାଦିଚ୍ୟୁତ ମୋଗଲ ବାଦଶାହ ବାହାଦୁର ଶାହ ଜାଫରଙ୍କ ହାତରେ ସେମାନେ ବିଦ୍ରୋହର ନେତୃତ୍ୱ ଦେବାକୁ ଚାହୁଁଥିଲେ । ସ୍ୱତଃସ୍ଫୂର୍ତ୍ତ ଭାବେ ଆରମ୍ଭ ହୋଇଥିବା ସଂଗ୍ରାମ ପାଇଁ ଏକ ବଳିଷ୍ଠ ନେତୃତ୍ୱର ଲୋଡ଼ା ଥିଲା । ହିନ୍ଦୁ-ମୁସଲିମ୍ ସମସ୍ତେ ମୋଗଲ ସମ୍ରାଟଙ୍କୁ ନେତା ଭାବେ ସ୍ୱୀକାର କରୁଥିଲେ । ସେତେବେଳକୁ ମୋଗଲ ବାଦଶାହ ପରିଣତ ବୟସରେ । ପୁଣି କମ୍ପାନୀର ସେ ଜଣେ ପେନ୍‌ସନ୍ ଭୋଗୀ ମାତ୍ର । ହେଲେ, ବିଦ୍ରୋହକୁ ତାଙ୍କର ସମର୍ଥନ ଯୋଗୁଁ ମହାସଂଗ୍ରାମ ଲୌକିକ ମର୍ଯ୍ୟାଦା ଲାଭ କଲା । ଖୁବ୍ ଶୀଘ୍ର ଦିଲ୍ଲୀ ବିଦ୍ରୋହୀ ସିପାହୀଙ୍କ ଅଧିକାରଭୁକ୍ତ ହେଲା ଏବଂ ୟୁରୋପୀୟମାନେ ଉଚ୍ଛେଦ ଓ ଆକ୍ରମଣର ଶିକାର ହେଲେ ।

ଦିଲ୍ଲୀ ପରେ ବିଦ୍ରୋହ କାନପୁର, ଲକ୍ଷ୍ନୌ, ବନାରସ, ଝାଂସୀ, ଆହ୍ଲାବାଦ, ବରେଲି, ବିହାରର ଜଗଦୀଶପୁର ଏବଂ ଉତ୍ତର ଭାରତର ଅନ୍ୟାନ୍ୟ ସ୍ଥାନକୁ ବ୍ୟାପିଗଲା । ସବୁଠାରେ ସିପାହୀଙ୍କ ସାଙ୍ଗରେ ସାଧାରଣ ଲୋକ ଏବଂ ଗାଦିଚ୍ୟୁତ ରାଜା-ଜମିଦାରମାନେ ବିଦ୍ରୋହରେ ଯୋଗ ଦେଲେ । ହିନ୍ଦୁ ଓ ମୁସଲିମ୍ ଏକତାବଦ୍ଧ ହୋଇ ଇଂରେଜମାନଙ୍କ ଉପରେ ଆକ୍ରମଣ କଲେ । କାନପୁରରେ ଶେଷ ପେଶବା ନାନା ସାହେବ, ଲକ୍ଷ୍ନୌରେ ବେଗମ ହଜରତ ମହଲ, ଝାଂସୀରେ ରାଣୀ ଲକ୍ଷ୍ମୀବାଈ, ବରେଲିରେ ରୋହିଲାଖଣ୍ଡ ରାଜାଙ୍କ ଜଣେ ବଂଶଜ ଖାନ ବାହାଦୁର ଏବଂ ଜଗଦୀଶପୁରରେ ଜମିଦାର କୁଅଁର ସିଂହ ବିଦ୍ରୋହର ନେତୃତ୍ୱ ନେଇଥିଲେ ।

## ଓଡ଼ିଶାରେ ମହାସଂଗ୍ରାମର ଗୁଞ୍ଜରଣ :

ବିଦ୍ରୋହ କେବଳ କେତୋଟି ସହର ଯାଏଁ ସୀମିତ ରହିଲା ନାହିଁ । ଏହା ଗ୍ରାମାଞ୍ଚଳକୁ ଏବଂ ନୂଆ ନୂଆ ଅଞ୍ଚଳକୁ ମଧ୍ୟ ପରିବ୍ୟାପ୍ତ ହେଲା । ବିଦ୍ରୋହର ଖବର ଶୁଣି ଲୋକ ସ୍ୱତଃସ୍ଫୂର୍ତ୍ତଭାବେ ନିଜ ନିଜ ଅଞ୍ଚଳରେ ଇଂରେଜ ବିରୁଦ୍ଧରେ ସଂଗ୍ରାମ ଆରମ୍ଭ କଲେ । ଏହାର ଏକ ସ୍ପଷ୍ଟ ଉଦାହରଣ ହେଲା ଓଡ଼ିଶାର ସମ୍ବଲପୁରରେ ସଂଘଟିତ ସୁରେନ୍ଦ୍ର ସାଏଙ୍କ ବିଦ୍ରୋହ ।

୧୮୧୭ରେ ଔପଚାରିକ ଭାବେ ସମ୍ବଲପୁର କମ୍ପାନୀ ସାମ୍ରାଜ୍ୟର ଅଧିକାରଭୁକ୍ତ ହେଲା। ଏହାର ମାତ୍ର ଦଶ ବର୍ଷ ନ ଯାଉଣୁ ୧୮୨୭ରୁ ସେଠାରେ ଜନଅସନ୍ତୋଷ ଦେଖିବାକୁ ମିଳିଲା। ଅସନ୍ତୋଷର ନେତୃତ୍ୱ ନେଲେ ରାଜବଂଶଜ ସୁରେନ୍ଦ୍ର ସାଏ ଓ ତାଙ୍କ ଭାଇମାନେ। ସେମାନେ ସମ୍ବଲପୁରର ରାଜସିଂହାସନ ଦାବି କଲେ, କାରଣ କମ୍ପାନୀ ସରକାର ସ୍ଥାନୀୟ ରାଜାଙ୍କୁ କଣ୍ଢେଇ ଭଳି ବ୍ୟବହାର କରୁଥିଲେ। ଏହା ସ୍ଥାନୀୟ ଲୋକଙ୍କ ଆତ୍ମସମ୍ମାନକୁ ଆହତ କରୁଥିଲା। ସୁରେନ୍ଦ୍ର ସାଏ ରାଜା ହେଲେ କମ୍ପାନୀର ଅଯଥା ହସ୍ତକ୍ଷେପ ବନ୍ଦ ହେବ ବୋଲି ଲୋକ ଆଶା କରୁଥିଲେ। ୧୮୪୦ରେ ସୁରେନ୍ଦ୍ର ସାଏ ଏବଂ ତାଙ୍କ ଭାଇମାନେ କମ୍ପାନୀ ଓ ତାଙ୍କ ସହଯୋଗୀ ସମ୍ବଲପୁରର ନାମମାତ୍ର ରାଜାଙ୍କ ଜଣେ ସମର୍ଥକଙ୍କୁ ହତ୍ୟା କରିବା ଅପରାଧରେ ହଜାରିବାଗ ଜେଲରେ ବନ୍ଦୀ ହୋଇ ରହିଲେ। ୧୮୫୭ରେ ଯେତେବେଳେ ମହାସଂଗ୍ରାମ ଆରମ୍ଭ ହେଲା ଏବଂ ତା'ର ପ୍ରଭାବରେ ସିପାହୀମାନେ ହଜାରିବାଗ ଜେଲର ଫାଟକ ଖୋଲିଦେଲେ, ସୁରେନ୍ଦ୍ର ଓ ତାଙ୍କ ସାଥୀମାନେ ଜେଲରୁ ମୁକ୍ତି ପାଇଲେ। ସେମାନେ ସମ୍ବଲପୁରକୁ ଫେରି ସେଠାରେ ବିଦ୍ରୋହର ଡାକରା ଦେଲେ। ୧୮୫୭ ମହାସଂଗ୍ରାମର ନାୟକମାନଙ୍କ ସହ ସୁରେନ୍ଦ୍ରଙ୍କର କୌଣସି ସଂଯୋଗର ସୂତ୍ର ନ ଥିଲା। ଦୀର୍ଘ ୧୭ ବର୍ଷ (୧୮୪୦ ରୁ ୧୮୫୭) ଜେଲ ଜୀବନ ଭରାରୁ ସେ କମ୍ପାନୀ ଆଗରେ ହାର ମାନିଯିବା କଥା। ମାତ୍ର ୧୮୫୭ ମହାସଂଗ୍ରାମ ତାଙ୍କୁ ଉତ୍ସାହ ଯୋଗାଇଲା ଏବଂ ପୁଣି ଥରେ ଇଂରେଜ ବିରୁଦ୍ଧରେ ଲଢ଼ିବା ପାଇଁ ସେ ସଂକଳ୍ପବଦ୍ଧ ହେଲେ। ସେହିଭଳି, ସମ୍ବଲପୁରରେ ତାଙ୍କ ପୁରୁଣା ସହଯୋଗୀମାନେ ମଧ୍ୟ ୧୮୫୭ର ଖବର ପାଇ ଉତ୍ସାହିତ ହୋଇ ପୁନର୍ବାର ଲଢ଼େଇ ପାଇଁ ଅଣ୍ଟା ଭିଡ଼ିଲେ। ଏହା ୧୮୫୭ ମହାସଂଗ୍ରାମର ବ୍ୟାପକ ପ୍ରଭାବକୁ ଦର୍ଶାଏ। ଲୋକ ସର୍ବତ୍ର କମ୍ପାନୀ ସରକାର ବିରୁଦ୍ଧରେ ଅତିଷ୍ଠ ହୋଇପଡ଼ିଥିଲେ, ତାହା ଏହି ଉଦାହରଣରୁ ସ୍ପଷ୍ଟ ଜଣାପଡ଼େ। ୧୮୫୭-୫୮ରେ ସମ୍ବଲପୁର ଓ ଆଖପାଖ ଅଞ୍ଚଳରେ ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ବିଦ୍ରୋହ ଚେଳି ଉଠିଲା। ବିଦ୍ରୋହୀଙ୍କ ଆକ୍ରମଣରେ ଅନେକ ଇଂରେଜ ଅଫିସର ଓ ସିପାହୀ ତଥା ସେମାନଙ୍କ ସମର୍ଥକ ପ୍ରାଣ ହରାଇଲେ। ଦୃଢ଼ ଦମନ ନୀତି ଯୋଗୁଁ ସୁରେନ୍ଦ୍ର ସାଏଙ୍କ ସହଯୋଗୀମାନେ ମଧ୍ୟ ଫାଶୀ ଦଣ୍ଡ ପାଇଲେ; ଦୀପାନ୍ତରୀ ହେଲେ। ଶେଷରେ ୧୮୬୪ରେ ସୁରେନ୍ଦ୍ର ସାଏଙ୍କୁ ବନ୍ଦୀ କରାଗଲା ଏବଂ ୧୮୮୪ରେ ମୃତ୍ୟୁ ପର୍ଯ୍ୟନ୍ତ ନାଗପୁରର ଅସୀରଗଡ଼ ଜେଲରେ ରଖାଗଲା। ଇଂରେଜ ବିରୁଦ୍ଧରେ ବିଦ୍ରୋହ କରି ଦୀର୍ଘ ୩୭ ବର୍ଷରୁ ଉର୍ଦ୍ଧ୍ୱକାଳ ଜେଲରେ ବନ୍ଦୀ ଜୀବନ ବ୍ୟତୀତ କରିଥିବା ସୁରେନ୍ଦ୍ର ସାଏ ଇଂରେଜବିରୋଧୀ ସୂଚୀରେ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥିଲେ।

**ପୃଷ୍ଠଭୂମି :** ଚର୍ବିଯୁକ୍ତ ଗୁଳିର ବ୍ୟବହାର ଥିଲା ୧୮୫୭ ମହାସଂଗ୍ରାମର ତାତ୍କାଳିକ କାରଣ। ସିପାହୀମାନେ ଧର୍ମନଷ୍ଟ ହେବା ଭୟରେ ଏହି ଗୁଳିକୁ ବ୍ୟବହାର କରିବାକୁ ଚାହୁଁ ନ ଥିଲେ କାରଣ ଗାଈ ଓ ଘୁଷୁରୀ ଚର୍ବିର ଲେପ ଗୁଳିରେ ରହିଥିବାର ଅଭିଯୋଗ ରହିଥିଲା। ମାତ୍ର ଅନ୍ୟ ସାମାଜିକ ଓ ଆର୍ଥିକ କାରଣଗୁଡ଼ିକର ମହତ୍ତ୍ୱ ମଧ୍ୟ ଊଣା ନ ଥିଲା। ଉଦାହରଣ ସ୍ୱରୂପ, ଖଜଣା ବୃଦ୍ଧି ଯୋଗୁଁ କୃଷକମାନେ ଅତିଷ୍ଠ ହୋଇପଡ଼ିଥିଲେ। ଫସଲ ଅମଳରେ ବିଳମ୍ବ ହେଲେ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଫସଲ ହାନି ହେଲେ ଆଗଭଳି ଆଉ ଖଜଣା ରିହାତି ମିଳୁ ନ ଥିଲା। ସିପାହୀମାନେ ସାଧାରଣ କୃଷକ ପରିବାରରୁ ଆସିଥିବାରୁ ଜନଅସନ୍ତୋଷ ସେନା ଛାଉଣୀକୁ ସଂକ୍ରମିତ ହେଲା। ସିପାହୀମାନେ ପ୍ରାୟ ୧୪,୦୦୦ ନିବେଦନ ପତ୍ର ସରକାରଙ୍କୁ ପ୍ରେରଣ କରିଥିଲେ। ତାଙ୍କ

ନିବେଦନରେ କମ୍ପାନୀର ଖଜଣା ନୀତି ଯୋଗୁଁ କୃଷିଜୀବୀଙ୍କୁ ହେଉଥିବା ଅସୁବିଧା ସବୁକୁ ଦର୍ଶାଯାଇଥିଲା । ଅଧିକାଂଶ ସିପାହୀ ତଥାକଥିତ 'ଉଚ୍ଚ' ଜାତିର ଥିଲେ । ସେମାନଙ୍କ ମନରେ ଆଶଙ୍କା ହେଲା ଯେ ଇଂରେଜ ସରକାର ସେମାନଙ୍କ ଧର୍ମନଷ୍ଟ କରିବାକୁ ବଦ୍ଧପରିକର, କାରଣ ତା'ଦ୍ୱାରା ଦେଶରେ ଖ୍ରୀଷ୍ଟିଆନ ସଂଖ୍ୟା ବୃଦ୍ଧି ପାଇବ । ଧର୍ମ ଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗ କମ୍ପାନୀ ସରକାର ସହ ଯୋଡ଼ି ହେବାରୁ ବିଦ୍ରୋହ ଅବଶ୍ୟମ୍ଭାବୀ ହୋଇପଡ଼ିଲା । ଏମିତିରେ ସିପାହୀମାନେ ଭାରତର ରାଜ୍ୟଗୁଡ଼ିକୁ ଜୟକରି କମ୍ପାନୀର ସାମ୍ରାଜ୍ୟ ବିସ୍ତାରରେ ପ୍ରତ୍ୟକ୍ଷ ଭବେ ସହଯୋଗ କରୁଥିଲେ । ଏବେ ସେହି ସିପାହୀ ପୁଣି କମ୍ପାନୀ ବିରୁଦ୍ଧରେ ଅସ୍ତ୍ର ଧାରଣ କଲେ ।

୧୮୪୮ରେ ସରକାର 'ରାଜ୍ୟ ସତ୍ତ୍ୱ ଲୋପ ନୀତି' (Doctrine of Lapse) ଲାଗୁ କଲେ । ଏହି ନୀତି ଅନୁଯାୟୀ ରାଜାମାନଙ୍କ ପୋଷ୍ୟପୁତ୍ରକୁ ରାଜ ଅଧିକାରରୁ ବଞ୍ଚିତ କରାଗଲା । ବିନା ଯୁଦ୍ଧରେ ସାମ୍ରାଜ୍ୟ ବିସ୍ତାର ପାଇଁ ଇଂରେଜମାନେ ଉକ୍ତ ନୀତିକୁ ପ୍ରଚଳନ କରିଥିଲେ । ଏହା ନାନା ସାହେବ, ଝାଂସୀ ରାଣୀ ଲକ୍ଷ୍ମୀବାଈ ଆଦି ଅନେକଙ୍କୁ ଇଂରେଜ ବିରୋଧୀ କଲା । ସେମାନେ ବିଦ୍ରୋହର ନେତୃତ୍ୱ ନେବାକୁ ଆଗେଇ ଆସିଲେ । ମୋଟ କଥା ହେଲା ଯେ, ଅନ୍ୟ ଆଦ୍ୟ-ବିଦ୍ରୋହଗୁଡ଼ିକ ଭଳି ୧୮୫୭ ଏକ ବ୍ୟାପକ ସାମାଜିକ ବିଦ୍ରୋହ ଥିଲା, ଯଦିଓ ତା'ର ବିସ୍ତୃତି କ୍ଷେତ୍ର ପୂର୍ବ ତୁଳନାରେ ଖୁବ୍ ବ୍ୟାପକ ରହିଥିଲା । ୧୮୧୭ର ଖୋର୍ଦ୍ଧା ବିଦ୍ରୋହରେ ପାଇକମାନେ ନେତୃତ୍ୱ ନେଲା ଭଳି, ୧୮୫୭ରେ ସିପାହୀମାନେ ଛାମୁଆଁ ବାହିନୀ ସାଜିଲେ କାରଣ ହାତରେ ଅସ୍ତ୍ରଶସ୍ତ୍ର ଥିବାରୁ ସେମାନେ ଇଂରେଜର ମୁକାବିଲା କରିବାକୁ ନିଜକୁ ସମର୍ଥ ମଣୁଥିଲେ ।

**ମହାସଂଗ୍ରାମର ଦମନ :** ପ୍ରଥମେ ବିଦ୍ରୋହୀମାନଙ୍କ ଅତର୍କିତ ଆକ୍ରମଣରେ ଇଂରେଜମାନେ ଖୁବ୍ ଭୟଭୀତ ହୋଇପଡ଼ିଥିଲେ । ଲୋକଙ୍କ ସଂପୃକ୍ତି ଓ ସିପାହୀମାନଙ୍କ ନେତୃତ୍ୱ ଯୋଗୁଁ ଅନେକ ଇଂରେଜ ମୃତାହତ ମଧ୍ୟ ହେଲେ । ମାତ୍ର ପରେ ଇଂରେଜ ସେନା ଅଧିକାରୀମାନେ ଭୟଙ୍କର ଦମନ ନୀତି ଆପଣାଇଲେ ଏବଂ ମହାସଂଗ୍ରାମକୁ ଧ୍ୱଂସ କରିଦେଲେ । ୧୮୫୭ର ସେପ୍ଟେମ୍ବର ୨୦ ତାରିଖ ଦିନ ବିଦ୍ରୋହୀମାନଙ୍କ ହାତରୁ ଦିଲ୍ଲୀ ଅଧିକୃତ ହେଲା । ୧୮୫୮ର ଜୁନ୍ ୧୭ ତାରିଖରେ ରାଣୀ ଲକ୍ଷ୍ମୀବାଈ ଯୁଦ୍ଧ କ୍ଷେତ୍ରରେ ପ୍ରାଣ ହରାଇଲେ । ତେଣିକି ଝାଂସୀ ଇଂରେଜ କବଳକୁ ଆସିଲା । କାନପୁର ମଧ୍ୟ ଗଲା, କାରଣ ନାନା ସାହେବ ପରାସ୍ତ ହୋଇ ନେପାଳକୁ ପଳାୟନ କଲେ । ସଂଗ୍ରାମର ଅନ୍ୟତମ ପ୍ରମୁଖ ସେନାପତି ତାନ୍ତିଆ ଟୋପ ଏପ୍ରିଲ ୧୮୫୯ରେ ଇଂରେଜ ହାତରେ ଧରାପଡ଼ି ମୃତ୍ୟୁଦଣ୍ଡରେ ଦଣ୍ଡିତ ହେଲେ । ଲୋକଙ୍କ ମନରେ ସରକାର ପ୍ରତି ଭୀତି ସଂଚାର କରିବା ପାଇଁ ଗାଁକୁ ଗାଁ ଜାଳି ଦିଆଗଲା ଏବଂ ବିଦ୍ରୋହୀମାନଙ୍କୁ ସର୍ବସମକ୍ଷରେ ଫାଶୀରେ ଝୁଲାଇ ଦିଆଗଲା । ଏକ ଆକଳନ ଅନୁଯାୟୀ କେବଳ ଦିଲ୍ଲୀ ସହରରେ ପ୍ରାୟ ୩୦୦୦ ଲୋକଙ୍କୁ ଫାଶୀ ଦିଆଯାଇଥିଲା । ବିଦ୍ରୋହୀମାନଙ୍କ ପ୍ରତି କଠୋର ଦମନ ନୀତି ପ୍ରୟୋଗ କରି ୧୮୫୮ ବେଳକୁ ଇଂରେଜମାନେ ଭାରତରେ ନିଜକୁ ପୁର୍ନସ୍ଥାପିତ କଲେ । ୧୮୫୭ ମହାସଂଗ୍ରାମର ଦମନ ଉତ୍ତାରୁ ଭାରତରେ କମ୍ପାନୀ ଶାସନର ଉଚ୍ଛେଦ ହେଲା; ବ୍ରିଟେନ୍‌ର ରାଣୀ ପ୍ରତ୍ୟକ୍ଷଭାବେ ଶାସନଭାର ନେଲେ । ଅନ୍ୟପକ୍ଷରେ, ଏଣୁ ଏଣିକି ହିଂସାତ୍ମକ ପନ୍ଥାରେ ଇଂରେଜମାନଙ୍କୁ ଭାରତରୁ ବିତାଡ଼ିତ କରାଯାଇ ପାରିବ ନାହିଁ ବୋଲି ଦେଶୀୟ ଲୋକ ଅନୁଭବ କଲେ । ସେଥିପାଇଁ ଊନବିଂଶ ଶତାବ୍ଦୀର

ଦ୍ୱିତୀୟାର୍ଦ୍ଧରୁ ଉପନିବେଶବାଦ ବିରୋଧୀ ସଂଗ୍ରାମର ମୁଖ୍ୟ ସ୍ୱର ଆଉ ହିଂସାତ୍ମକ ହୋଇ ରହିଲା ନାହିଁ । ମଧ୍ୟବର୍ଗର ଆଧୁନିକ ଶିକ୍ଷିତ ଗୋଷ୍ଠୀ ଏଣିକି ସଂଗ୍ରାମର ନେତୃତ୍ୱ ନେଲେ ଏବଂ ରାଜା-ଜମିଦାର ଭଳି ସାମନ୍ତବର୍ଗ ଉପନିବେଶବାଦ ବିରୋଧୀ ସଂଗ୍ରାମରୁ ଅପସରି ଗଲେ । ଏହା ଜାତୀୟତା ଆନ୍ଦୋଳନକୁ ଏକ ଆଧୁନିକ ସଂସ୍କାରବାଦୀ ଦୃଷ୍ଟି ଦେଲା ।

## ସାରାଂଶ

ଅଷ୍ଟାଦଶରୁ ବିଂଶ ଶତାବ୍ଦୀର ବିଶ୍ୱ ଇତିହାସରେ ଉପନିବେଶବାଦର ଉତ୍‌ଥାନ ହେଉଛି ଏକ ମହତ୍ୱପୂର୍ଣ୍ଣ ଅଧ୍ୟାୟ । ଏହାଦ୍ୱାରା ୟୁରୋପର କେତୋଟି ଦେଶ ପ୍ରଭୂତ ପ୍ରଗତି ସାଧନ କଲେ ଏବଂ ଏସିଆ ଓ ଆଫ୍ରିକାର ପ୍ରାୟ ସମସ୍ତ ଦେଶ ଆର୍ଥିକ ଓ ସାମାଜିକ ଶୋଷଣର ଶିକାର ହେଲେ । ପ୍ରଗତିଲାଭ କରିଥିବା ଦେଶଗୁଡ଼ିକ ମଧ୍ୟରେ ଇଂଲଣ୍ଡ ଏବଂ ଉପନିବେଶବାଦର ଶିକାର ହୋଇଥିବା ଦେଶଗୁଡ଼ିକ ମଧ୍ୟରେ ଭାରତ ସବା ଆଗରେ ରହିଥିଲା । ୧୭୫୭ ମସିହାର ପଲାସୀ ଯୁଦ୍ଧ ପରେ ଭାରତରେ ଇଂରେଜ ଉପନିବେଶବାଦ ବିକାଶଲାଭ କଲା । ଉପନିବେଶବାଦୀ ନୀତିର ପ୍ରଚଳନ ଭାରତର ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଲା ଏବଂ ଦେଶର ସାମାଜିକ ପ୍ରଗତିକୁ ପ୍ରତିହତ କଲା । ଏହାର ବିରୁଦ୍ଧରେ ଆରମ୍ଭରୁ ଭାରତରେ ଶହ ଶହ ସଂଖ୍ୟାରେ ସାମାଜିକ ବିଦ୍ରୋହ ସଂଘଟିତ ହେଲା । ଭାରତର ଯେଉଁ ଅଞ୍ଚଳରେ ପ୍ରଥମେ ଉପନିବେଶବାଦୀ ବିସ୍ତାର ଚାଲିଲା, ସେହି ଅଞ୍ଚଳରେ ସେତେ ଆଗରୁ ଏବଂ ସେତିକି ଅଧିକ ଥର ବିଦ୍ରୋହ ହେଲା । ଇଂରେଜ ଶକ୍ତି ପାଖରେ ଆଧୁନିକ ଅସ୍ତ୍ରଶସ୍ତ୍ର ଗଚ୍ଛିତ ଥିବାରୁ ବିଦ୍ରୋହଗୁଡ଼ିକୁ ସହଜରେ ଦମନ କରାଯାଇପାରୁଥିଲା । ମାତ୍ର ତାହା ସମସ୍ୟାର ଆଦୌ ସମାଧାନ ଦେଲା ନାହିଁ ।

ଏହି ମର୍ମରେ ଅନୁଶୀଳନ କଲେ ବଙ୍ଗର 'ସନ୍ନ୍ୟାସୀ ବିଦ୍ରୋହ' ହେବ ଆଦ୍ୟତମ ଉପନିବେଶବାଦ ବିରୋଧୀ ବିଦ୍ରୋହ । ଏହା ୧୭୬୩ରୁ ଆରମ୍ଭ ହୋଇ ୧୮୦୦ ମସିହା ପର୍ଯ୍ୟନ୍ତ ଲାଗି ରହିଥିଲା । ଦଶନାମୀ ନାଗା ସନ୍ୟାସୀମାନେ ଥିଲେ ବିଦ୍ରୋହର ପ୍ରମୁଖ କର୍ତ୍ତା । ସେମାନଙ୍କୁ ଜମିଦାର ଓ କୃଷିଜୀବୀ ବର୍ଗର ସମର୍ଥନ ମିଳିଥିଲା, କାରଣ ସନ୍ନ୍ୟାସୀମାନଙ୍କୁ ଧର୍ମର ସଂରକ୍ଷଣ କର୍ତ୍ତା ମନେ କରାଯାଉଥିଲା ଏବଂ ସେମାନଙ୍କ ପ୍ରତି ଦମନକୁ ଲୋକ ସହ୍ୟ କରିପାରି ନ ଥିଲେ । କିଛି ସଂଖ୍ୟାରେ ମୁସଲମାନ ଫକୀର ମଧ୍ୟ ବିଦ୍ରୋହରେ ସାମିଲ ଥିଲେ ।

ସେହିଭଳି, ୧୮୦୩ରେ ଓଡ଼ିଶା ଇଂରେଜମାନଙ୍କର ଅଧିକାରଭୁକ୍ତ ହେଲା ଏବଂ ତା'ର ଅଳ୍ପ କେତେ ମାସ ଉତ୍ତାରୁ ୧୮୦୪ରେ ଖୋର୍ଦ୍ଧାରେ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ପାଇକ ବିଦ୍ରୋହ ଆରମ୍ଭ ହେଲା । ୧୮୧୭ରେ ଖୋର୍ଦ୍ଧା ପାଇକ ବିଦ୍ରୋହ ତୀବ୍ରରୂପ ନେଲା । ଖୋର୍ଦ୍ଧା ଓ ତା'ର ଆଖପାଖ ଅଞ୍ଚଳରେ ଅଳ୍ପ ଦିନଲାଗି ବିଦ୍ରୋହୀମାନେ ଇଂରେଜ ଶାସନକୁ ମଧ୍ୟ ଉଚ୍ଛେଦ କରିଥିଲେ । ବକ୍ସି ଜଗବନ୍ଧୁ ବିଦ୍ୟାଧର

ଥିଲେ ବିଦ୍ରୋହର ପ୍ରମୁଖ ନାୟକ। ୧୮୨୫ରେ ବକ୍ସିଙ୍କୁ ସରକାର ମାସିକ ପେନ୍‌ସନ୍ ଦେଇ କଟକରେ ଅବସ୍ଥାପିତ କରିବାକୁ ବାଧ ହୋଇଥିଲେ।

୧୮୫୫-୫୬ର 'ସାନ୍ତାଳ ବିଦ୍ରୋହ' ବର୍ତ୍ତମାନର ଝାଡ଼ଖଣ୍ଡର ଡୋମିନିକୋ ନାମରେ ପରିଚିତ ସାନ୍ତାଳ ପ୍ରଗଣା ରାଜମହଲ ଓ ଭାଗଲପୁର କ୍ଷେତ୍ରରେ ଦେଖିବାକୁ ମିଳିଥିଲା। ସିଧୁ ଓ କାହ୍ନୁ ଥିଲେ ବିଦ୍ରୋହର ପ୍ରମୁଖ ନାୟକ। ସେମାନେ ଇଂରେଜ ସରକାରକୁ ଅସ୍ୱୀକାର କରି ତା' ସ୍ଥାନରେ ସାନ୍ତାଳ ଆଦିବାସୀ ସରକାର ଗଠନ କରିଥିଲେ। ଇଂରେଜର ଆଳରେ ଅଣଆଦିବାସୀ ଜମିଦାର, ମହାଜନ ଓ ସାହୁକାରମାନେ ସେଠାରେ ଆଦିବାସୀଙ୍କର ନିରନ୍ତର ସାମାଜିକ ଓ ଆର୍ଥିକ ଶୋଷଣ କରୁଥିଲେ। ସାନ୍ତାଳମାନେ ଏହି ଦେଶୀ ଶୋଷକ ବର୍ଗକୁ 'ଦିକୁ' ବୋଲି କହୁଥିଲେ ଏବଂ ଇଂରେଜ ସାଙ୍ଗରେ ଦିକୁମାନଙ୍କର ଉଚ୍ଛେଦ କାମନା କରୁଥିଲେ। ସାନ୍ତାଳ ବିଦ୍ରୋହରେ ପ୍ରାୟ ୧୫୦୦୦ ହଜାର ସାନ୍ତାଳଙ୍କର ପ୍ରାଣହାନି ଘଟିଥିଲା ଏବଂ ଅନେକ ଆଦିବାସୀ ଗାଁ ଧ୍ୱଂସର ଶିକାର ହୋଇଥିଲା। କମ୍ପାନୀ ଶାସନର ଅନ୍ତିମ ପର୍ଯ୍ୟାୟରେ ସଂଘଟିତ ଏହି ବିଦ୍ରୋହ ଯଥୋଚିତ ଦୃଷ୍ଟି ଆକର୍ଷଣ କରିପାରେ ନାହିଁ, କାରଣ ତା'ର କିଛି ମାସ ଉତ୍ତାରୁ ୧୮୫୭ର ମହାସଂଗ୍ରାମର ସୂତ୍ରପାତ ହୋଇଥିଲା।

୧୮୫୭ର ମହାସଂଗ୍ରାମ ଥିଲା ସମସ୍ତ ଆଦ୍ୟ ବିଦ୍ରୋହର 'ଚରମ ଉତ୍କର୍ଷ'। ଉତ୍ତର ଭାରତର ଅଧିକାଂଶ ଅଞ୍ଚଳକୁ ଏହା ବ୍ୟାପି ଥିଲା ଏବଂ ଇଂରେଜ ଶାସନକୁ ସେଠାରୁ ସାମୟିକ ଭାବେ ଉଚ୍ଛେଦ ମଧ୍ୟ କରିଦେଇଥିଲା। କମ୍ପାନୀ ସେନାରେ ନିଯୁକ୍ତ ଭାରତୀୟ ସିପାହୀମାନେ ଥିଲେ ବିଦ୍ରୋହର ମହାନାୟକ। ଗାଦିଚ୍ୟୁତ ରାଜା-ଜମିଦାର ଖଜଣା ଭାରରେ ଅତିଷ୍ଠ ପ୍ରଜା ଏବଂ ୟୁରୋପରୁ ଶିଳ୍ପଜାତ ସାମଗ୍ରୀର ଆମଦାନି ଯୋଗୁ ପେଶା ହରାଇଥିବା ପାରମ୍ପରିକ ବୁଣାକାର ଓ କାରିଗର ବର୍ଗ ମଧ୍ୟ ବିଦ୍ରୋହରେ ପ୍ରତ୍ୟକ୍ଷ ଭାବେ ଭାଗ ନେଇଥିଲେ। ଏହି ସମସ୍ତ ବିଦ୍ରୋହକୁ ଉପନିବେଶବାଦୀ କମ୍ପାନୀ ସରକାର ଦୃଢ଼ ହସ୍ତରେ ଦମନ କରିଥିଲେ। ମାତ୍ର ବିଦ୍ରୋହୀ ମାନଙ୍କର ତ୍ୟାଗ ଓ ସାହସ ପରବର୍ତ୍ତୀ ପୀଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥିଲା।

## ଆଦର୍ଶ ପ୍ରଶ୍ନାବଳୀ

### 'କ' ବିଭାଗ

### (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର)

୧. ପ୍ରତ୍ୟେକ ପ୍ରଶ୍ନ ପାଇଁ ଥିବା ଚାରିଗୋଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତରଟିକୁ ବାଛି ଲେଖ ।

(କ) ଊନବିଂଶ ଶତାବ୍ଦୀରେ କେଉଁ ଦେଶର ସବୁଠାରୁ ଅଧିକ ଉପନିବେଶ ରହିଥିଲା ?
(i) ଇଂଲଣ୍ଡ (ii) ଫ୍ରାନ୍ସ
(iii) ଭାରତ (iv) ରୁଷ୍

(ଖ) ଊନବିଂଶ ଶତାବ୍ଦୀରେ ସବୁଠାରୁ ବଡ଼ ଉପନିବେଶ ମଧ୍ୟରେ ନିମ୍ନୋକ୍ତ କେଉଁ ଦେଶ ରହିଥିଲା ?
(i) ଭାରତ (ii) ଯୁକ୍ତରାଷ୍ଟ୍ର ଆମେରିକା
(iii) ରୁଷ (iv) ଇଂଲଣ୍ଡ

(ଗ) କେଉଁ ଯୁଦ୍ଧ ପରେ ଭାରତରେ କମ୍ପାନୀ ଶାସନର ଆରମ୍ଭ ହେଲା ।
(i) ପଲାସୀ ଯୁଦ୍ଧ (ii) ବକ୍‌ସାର ଯୁଦ୍ଧ
(iii) ପାନିପଥ ଯୁଦ୍ଧ (iv) କଳିଙ୍ଗ ଯୁଦ୍ଧ

(ଘ) ପଲାସୀ ଯୁଦ୍ଧ ପରେ କମ୍ପାନୀ କେଉଁ ଅଞ୍ଚଳ ଉପରେ ରାଜୁତି କଲା ?
(i) ଓଡ଼ିଶା (ii) ମାଡ୍ରାସ
(iii) ବଙ୍ଗ (iv) ଦିଲ୍ଲୀ

(ଙ) କେଉଁ ଆଇନ୍ ଅନୁଯାୟୀ ଖଜଣା ପଇଠ ପାଇଁ ନିଶ୍ଚିତ ଦିନ ଧାର୍ଯ୍ୟ କରାଗଲା ?
(i) ରାଜ୍ୟସତ୍ତ୍ୱ ଲୋପନୀତି (ii) ସୂର୍ଯ୍ୟାସ୍ତ ଆଇନ୍
(iii) ରେଗୁଲେଟିଂ ଏକ୍ଟ (iv) ଭାରତ ସରକାର ଆଇନ୍, ୧୭୭୨

(ଚ) ସନ୍ନ୍ୟାସୀ ବିଦ୍ରୋହର ସମୟାବଧି କ'ଣ ଥିଲା ?
(i) ୧୭୬୩ରୁ ୧୮୦୦ (ii) ୧୯୦୪
(iii) ୧୮୧୭ (iv) ୧୮୫୫-୫୬

(ଛ) ସନ୍ନ୍ୟାସୀ ବିଦ୍ରୋହ ନିମ୍ନୋକ୍ତ କେଉଁଠି ଦେଖିବାକୁ ମିଳିଥିଲା ?
(i) ଜଳପାଇଗୁଡ଼ି (ii) ରାଜମହଲ
(iii) ଖୋର୍ଦ୍ଧା (iv) ମିରଟ

(ଜ) ସିଧୁଂଙ୍କୁ କେଉଁ ବିଦ୍ରୋହର ମହାନାୟକ କୁହାଯାଏ ?
(i) ଖୋର୍ଦ୍ଧା ବିଦ୍ରୋହ (ii) ସନ୍ନ୍ୟାସୀ ବିଦ୍ରୋହ
(iii) ସାନ୍ତାଳ ବିଦ୍ରୋହ (iv) ୧୮୫୭ର ମହାସଂଗ୍ରାମ

(ଝ) ବକ୍ସି ଜଗବନ୍ଧୁ କେଉଁ ବିଦ୍ରୋହର ନେତୃତ୍ୱ ନେଇଥିଲେ ?

(i) ସନ୍ନ୍ୟାସୀ ବିଦ୍ରୋହ (ii) ସାନ୍ତାଳ ବିଦ୍ରୋହ

(iii) ଖୋର୍ଦ୍ଧା ବିଦ୍ରୋହ (iv) ନୀଳବିଦ୍ରୋହ

(ଞ) ଜୟୀ ରାଜଗୁରୁ କେବେ ବିଦ୍ରୋହ କରିଥିଲେ ?

(i) ୧୮୦୪ (ii) ୧୮୧୭

(iii) ୧୮୨୭ (iv) ୧୮୫୫

## 'ଖ' ବିଭାଗ

**୨. ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଦିଅ । (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର)**

(କ) ଉପନିବେଶବାଦ କାହାକୁ କୁହାଯାଏ ?

(ଖ) ଉପନିବେଶ ଓ ଔପନିବେଶିକ ଶକ୍ତି ମଧ୍ୟରେ ପାର୍ଥକ୍ୟ କ'ଣ ?

(ଗ) ସନ୍ନ୍ୟାସୀ ବିଦ୍ରୋହର ପ୍ରମୁଖ କାରଣ କ'ଣ ?

(ଘ) ସନ୍ନ୍ୟାସୀମାନେ କାହିଁକି ଇଂରେଜର ସନ୍ଦେହ ଚକ୍ଷୁରେ ରହିଲେ ?

(ଙ) ଖୋର୍ଦ୍ଧା ବିଦ୍ରୋହରେ କାହିଁକି ପାଇକମାନେ ସକ୍ରିୟଭାବେ ଅଂଶଗ୍ରହଣ କରିଥିଲେ ?

(ଚ) କାହାକୁ ସାନ୍ତାଳମାନେ 'ଦିକୁ' ବୋଲି କହୁଥିଲେ ?

(ଛ) ସାନ୍ତାଳ ବିଦ୍ରୋହ ପ୍ରତି ସାହୁକାର ଓ ମହାଜନମାନଙ୍କର କ'ଣ ମନୋଭାବ ରହିଥିଲା ?

(ଜ) 'ଡୋମିନିକୋ' କେଉଁ ଅଞ୍ଚଳକୁ କୁହାଯାଉଥିଲା ?

(ଝ) ୧୮୫୭ର ମହାସଂଗ୍ରାମ ସହିତ ସୁରେନ୍ଦ୍ର ସାଏ କେଉଁ ଆଧାରରେ ସମ୍ପୃକ୍ତ ଥିଲେ ?

(ଞ) ସୁରେନ୍ଦ୍ର ସାଏଙ୍କ ବିଦ୍ରୋହ କାହିଁକି ଆଜି ସ୍ମରଣଯୋଗ୍ୟ ?

**୩. ପ୍ରତି ପ୍ରଶ୍ନର ଉତ୍ତର ପାଞ୍ଚ ବା ଛଅଟି ବାକ୍ୟରେ ଲେଖ । (ମୂଲ୍ୟ ୩ ନମ୍ବର)**

(କ) ସନ୍ନ୍ୟାସୀ ଓ ଫକୀରମାନଙ୍କୁ କାହିଁକି କମ୍ପାନୀ ସରକାର ସନ୍ଦେହ ଦୃଷ୍ଟିରେ ଦେଖୁଥିଲେ ।

(ଖ) ଜୟୀରାଜଗୁରୁଙ୍କ ବିଦ୍ରୋହର ପର୍ଯ୍ୟାଲୋଚନା କର ।

(ଗ) ସାନ୍ତାଳ ଓ 'ଦିକୁ' ମଧ୍ୟରେ ସୃଷ୍ଟି ହୋଇଥିବା ସମ୍ପର୍କ ସମ୍ବନ୍ଧରେ ଲେଖ ।

(ଘ) ୧୮୫୭ ମହାସଂଗ୍ରାମ କିଭଳି ନୂଆଁ ଅଞ୍ଚଳକୁ ବ୍ୟାପିଥିଲା, ତା'ର ବର୍ଣ୍ଣନା କର ।

(ଙ) ଉପନିବେଶବାଦୀ ଶୋଷଣର ବ୍ୟାଖ୍ୟା କର ।

## 'ଗ' ବିଭାଗ

**(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର)**

୪. ସାନ୍ତାଳ ବିଦ୍ରୋହର ପୃଷ୍ଠଭୂମି ଓ ଖୋର୍ଦ୍ଧା ବିଦ୍ରୋହର ପୃଷ୍ଠଭୂମି ମଧ୍ୟରେ ଏକ ତୁଳନାତ୍ମକ ଚର୍ଚ୍ଚା କର ।

୫. ୧୮୫୭ର ମହାସଂଗ୍ରାମକୁ କେଉଁ ଆଧାରରେ ସମସ୍ତ ଆଦ୍ୟ ବିଦ୍ରୋହର 'ଚରମ ଉତ୍କର୍ଷ' କୁହାଯାଏ ?

❑●❑

ତ୍ରୟୋଦଶ ଅଧ୍ୟାୟ :

# ମହାତ୍ମା ଗାନ୍ଧୀ ଓ ସ୍ୱାଧୀନତା ସଂଗ୍ରାମ
## Mahatma Gandhi and National Struggle for Independence

ସମଗ୍ର ବିଶ୍ୱରେ ଭାରତର ସ୍ୱାଧୀନତା ସଂଗ୍ରାମ ଏକ ଅବିସ୍ମରଣୀୟ ଘଟଣା । ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରୁ ବିଂଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ପ୍ରାୟ ଦୁଇଶହ ବର୍ଷ ଧରି ଭାରତବର୍ଷ ପରାଧୀନତାର ଶିକାର ହୋଇଥିଲା । ବ୍ରିଟିଶ ଶାସନରୁ ମୁକ୍ତ ହେବା ପାଇଁ ଏକ ଦୀର୍ଘଦିନର ସଂଗ୍ରାମ କରିବାକୁ ପଡ଼ିଥିଲା । ସମଗ୍ର ଭାରତବର୍ଷ ଏକ ଶାସନାଧୀନରେ ରହିବା ଫଳରେ ଏକ ଭାବଗତ ଏକତା ସୁଦୃଢ଼ ହୋଇପାରିଥିଲା । ସାରା ଦେଶରେ ଏକ ପ୍ରକାର ଅର୍ଥନୈତିକ, ନ୍ୟାୟିକ ଓ ରାଜନୈତିକ ଅବସ୍ଥାର ପ୍ରଚଳନ ଦେଶରେ ଐକ୍ୟ ପ୍ରତିଷ୍ଠାରେ ସହାୟକ ହୋଇଥିଲା, ଅର୍ଥନୈତିକ ଶୋଷଣ-କଷଣ ମଧ୍ୟରୁ ଦେଶବାସୀଙ୍କ ମନରେ ଔପନିବେଶିକତା ବିରୋଧି ଭାବର ଉଦ୍ରେକ ହୋଇଥିଲା । ଏହି ମହାନ ସ୍ୱାଧୀନତା ସଂଗ୍ରାମରେ ଝାସଦେବା ପୂର୍ବରୁ ଏକ ଅଭୂତପୂର୍ବ ଜାତୀୟତା ଏବଂ ବଳିଷ୍ଠ ଦେଶପ୍ରେମ ଭାରତୀୟମାନଙ୍କ ହୃଦୟରେ ଜାଗ୍ରତ ହୋଇପାରିଥିଲା । 'ବିଭିନ୍ନତାରେ ଏକତା' ରେ ବିଶ୍ୱାସ ରଖୁଥିବା ଭାରତୀୟ ଚେତନାରେ ଏକ ଉଗ୍ର ଜାତୀୟତାର ଉନ୍ମେଷ ସମଗ୍ର ଦେଶକୁ ବ୍ରିଟିଶ ଅଧୀନରୁ ମୁକ୍ତ କରିବାର ସ୍ୱପ୍ନ ସୃଷ୍ଟି କରିପାରିଥିଲା ।

ଭାରତୀୟମାନଙ୍କ ହୃଦୟରେ ଜାତୀୟତା ଭାବର ସୃଷ୍ଟି ପାଇଁ ଅନେକ ଉପାଦାନ ଦାୟୀ । ସେମାନଙ୍କ ମଧ୍ୟରେ ଅତୀତ ଭାରତର ରାଜନୈତିକ ଐକ୍ୟ ଏକ ମହାନ କାରଣ । ଭାରତ ଇତିହାସର ଚନ୍ଦ୍ରଗୁପ୍ତ ମୌର୍ଯ୍ୟ, ଅଶୋକ, ସମୁଦ୍ରଗୁପ୍ତ ଏବଂ ଆକବରଙ୍କ ପରି ମହାନ ସମ୍ରାଟମାନଙ୍କର ସଫଳ ରାଜତ୍ୱ ସମଗ୍ର ଭାରତରେ ଏକ ବିରାଟ ସାମ୍ରାଜ୍ୟ ପ୍ରତିଷ୍ଠା କରିବା ସହିତ ଜାତୀୟ ସଂହତି ସୃଷ୍ଟି କରିବାରେ ସହାୟକ ହୋଇଥିଲା । ବିଭିନ୍ନ ଜାତି, ଭାଷା, ଧର୍ମ ଏବଂ ସଂସ୍କୃତିର ବିଭିନ୍ନତା ମଧ୍ୟରେ ଜାତୀୟତାର ମହାନ ଭାବ ଭାରତୀୟ ଚେତନା ଜାଗ୍ରତ କରିପାରିଥିଲା । ଏହା ବ୍ୟତୀତ ଇଂରାଜୀ ଭାଷାର ପ୍ରଚଳନ, ରେଳ ଚଳାଚଳ ଏବଂ ଟେଲିଗ୍ରାଫ୍‌ର ପ୍ରଚଳନ, ପାଶ୍ଚାତ୍ୟ ରାଜନୀତି ଓ ଦର୍ଶନ ଶିକ୍ଷାର ପ୍ରଭାବ, ଐତିହାସିକ ଗବେଷଣା ଏବଂ ଧାର୍ମିକ ଓ ସାଂସ୍କୃତିକ ଅଭ୍ୟୁତ୍‌ଥାନ ଜାତୀୟତାର ଉନ୍ମେଷ କରିବାରେ ସହାୟକ ହୋଇଥିଲା । ବର୍ତ୍ତମାନ ପ୍ରଶ୍ନଉଠେ ଯଦି ବ୍ରିଟିଶମାନେ ଇଂରାଜୀ ଭାଷା ପ୍ରଚଳନ ନକରି ସଂସ୍କୃତ ଭାଷା ଶିକ୍ଷାର ମାଧ୍ୟମ କରିଥାନ୍ତେ ତା'ହେଲେ ଭାରତରେ ଜାତୀୟତାର ଉନ୍ମେଷ ଘଟିବାରେ

ଅନ୍ତରାୟ ହୋଇଥାଆନ୍ତାକି ? ବୋଧହୁଏ ନୁହେଁ, କାରଣ ଜାତୀୟତା ଏକ ମହାନଭାବ, ବିଶ୍ୱରେ ଯେଉଁଠି ଜାତୀୟତାର ବିକାଶ ଘଟିଛି, ସେଠାରେ ଯେ ଇଂରାଜୀଭାଷା ପ୍ରଚଳନ ଥିଲା କହିବା ଯୁକ୍ତିଯୁକ୍ତ ହେବନାହିଁ। ଏହିସବୁ କାରଣ ବ୍ୟତୀତ ଭାରତରେ ସମ୍ବାଦପତ୍ରର ବିକାଶ, ଆଞ୍ଚଳିକ ସାହିତ୍ୟର ପ୍ରସାର, ଅର୍ଥନୈତିକ ଅସନ୍ତୋଷ, ବର୍ଣ୍ଣଗତ ବୈଷମ୍ୟ, ଜାତୀୟ ସ୍ୱାର୍ଥ ବିରୋଧୀ ଆନ୍ଦୋଳନ ସର୍ବୋପରି ବୈଦେଶିକ ମୁକ୍ତି ସଂଗ୍ରାମ ଏବଂ ୧୮୫୭ର ମହାନ ବିପ୍ଳବ ଭାରତରେ ଜାତୀୟତାର ଉନ୍ମେଷ ଘଟାଇବାରେ ସହାୟକ ହୋଇଥିଲା। ଏ ସମସ୍ତ କାରଣ ମଧ୍ୟରୁ କେଉଁଟି ସବୁଠାରୁ ବେଶୀ ସହାୟକ ନିର୍ଣ୍ଣୟ କରିବା କଷ୍ଟକର। ତଥାପି ଜାତୀୟତାର ଉନ୍ମେଷ ଏକ ସମଷ୍ଟିଗତ କାରଣଜନିତ ପ୍ରଭାବରୁ ସୃଷ୍ଟ, ଏହା ନିଃସନ୍ଦେହରେ କୁହାଯାଇପାରେ।

ଉନ୍ନବିଂଶ ଶତାବ୍ଦୀର ସାମାଜିକ ଏବଂ ଧର୍ମ ସଂସ୍କାର ଆନ୍ଦୋଳନର ପ୍ରବକ୍ତାମାନେ ଯଥା ରାଜା ରାମମୋହନ ରାୟ, ଦୟାନନ୍ଦ ସରସ୍ୱତୀ, ରାମକୃଷ୍ଣ ପରମହଂସ, ବିବେକାନନ୍ଦ ଆଦି ମହାନ ସଂସ୍କାରବାଦୀମାନେ ପ୍ରଚଳିତ ଭାରତୀୟ ସାମାଜିକ ଭାବଧାରାରେ ନୂତନତ୍ୱ ଭରି ଦେଇଥିଲେ। ଅନ୍ଧବିଶ୍ୱାସରୁ ଭାରତୀୟମାନଙ୍କୁ ମୁକ୍ତ କରିବାପାଇଁ ସଙ୍କଳ୍ପ ନେଇଥିଲେ। ସେମାନଙ୍କ ଦ୍ୱାରା ପ୍ରତିଷ୍ଠିତ ବ୍ରାହ୍ମ ସମାଜ, ଆର୍ଯ୍ୟ ସମାଜ ଏବଂ ରାମକୃଷ୍ଣ ମିଶନ 'ନୂତନ ଭାବଧାରାରେ ଆହତ' ଭାରତୀୟମାନଙ୍କ ହୃଦୟରେ 'ଭାରତୀୟ ଦର୍ଶନର ଉଚ୍ଚ ସ୍ୱଭାବ'ର ଚିନ୍ତାଧାରା ଆଣିଦେଇଥିଲା। ଉଇଣ୍ଟରନିଜ୍, ମ୍ୟାକସ୍‌ମୁଲାର ଆଦି ପାଶ୍ଚାତ୍ୟ ଦର୍ଶନବିତ୍ ଭାରତୀୟ ସଂସ୍କୃତିର ଯେଉଁ ମହାନ ପରାକାଷ୍ଠା ସମଗ୍ର ବିଶ୍ୱରେ ପ୍ରତିଷ୍ଠା କରାଇଥିଲେ ପରୋକ୍ଷରେ ତାହା ଭାରତୀୟମାନଙ୍କ ମଧ୍ୟରେ ସର୍ବଭାରତୀୟ ଚେତନା ଜାଗ୍ରତ କରାଇବାରେ ସହାୟକ ହୋଇଥିଲା।

ଗୋରା-କଳା ମନୋଭାବର ବର୍ଣ୍ଣଗତ ବୈଷମ୍ୟ, ଆଞ୍ଚଳିକ ସମ୍ବାଦପତ୍ର ଆଇନ ୧୮୭୯, ଅସ୍ତ୍ରଶସ୍ତ୍ର ଆଇନ, ବିବାଦୀୟ ଇଲବର୍ଟ ବିଲ୍ ଏବଂ ସର୍ବୋପରି ବଙ୍ଗ ବିଭାଜନ ଆଇନ ୧୯୦୫ ପରୋକ୍ଷରେ ଭାରତୀୟମାନଙ୍କୁ ସଂଗଠିତ କରିବାରେ ପ୍ରେରଣା ଯୋଗାଇଥିଲା। ଭାରତୀୟମାନେ ବିଚାର କରିଥିଲେ ଯେ ଦଳଗତ ପ୍ରଚେଷ୍ଟା ନକଲେ ସେମାନଙ୍କର ସ୍ୱାର୍ଥ ସୁରକ୍ଷିତ କରାଯାଇପାରିବ ନାହିଁ।

ଭାରତୀୟ ବିଚାରପତି ଏବଂ ଗୋରା ବିଚାରପତିମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟଗତ ତ୍ରୁଟିକୁ ସୁଧାରିବା ପାଇଁ ସରକାରଙ୍କ ତତ୍କାଳୀନ ଆଇନ ସଦସ୍ୟ ଇଲବର୍ଟ ଯେଉଁ ଚିଠା ପ୍ରସ୍ତୁତି କରିଥିଲେ ତାହାକୁ ସମସ୍ତ ଇଉରୋପୀୟ ଗୋଷ୍ଠୀ ଏକଜୁଟ ହୋଇ ବିରୋଧ କଲେ। ଫଳତଃ ଚିଠା ଆଇନର ମୂଳଲକ୍ଷ୍ୟ ସାଧିତ ହୋଇନଥିଲା। ଭାରତୀୟ ବିଚାରପତିମାନେ 'ଜୁରୀ'ଙ୍କ ମତାମତ ଅନୁସାରେ ଇଉରୋପୀୟ ଆସାମୀମାନଙ୍କର ବିଚାର କରିପାରିବେ ବୋଲି ସ୍ଥିର କରାଯାଇଥିଲା। ଏହି 'ଜୁରୀ'ମାନଙ୍କ ଅର୍ଦ୍ଧେକ ଇଉରୋପୀୟ ରହିବେ। ଏହି ପରିବର୍ତ୍ତନ ଫଳରେ ଭାରତୀୟମାନଙ୍କ ମନରେ ପ୍ରବଳ ତିକ୍ତତା ସୃଷ୍ଟି ହୋଇଥିଲା। ସମାନ ଆଇନ ମାନଦଣ୍ଡରେ ବିଶ୍ୱାସ କରୁଥିବା ଇଂରେଜମାନେ ଏଭଳି ଏକ ପାତରଅନ୍ତର ବିଚାର ବ୍ୟବସ୍ଥା ସୃଷ୍ଟି କରିବେ, ତାହା ଭାରତୀୟମାନଙ୍କ ମନରେ ବିଦେଶୀ ଶାସନ ପ୍ରତି ଏକ ତିକ୍ତଭାବ ସୃଷ୍ଟି କରିଥିଲା।

## ଭାରତୀୟ ଜାତୀୟ କଂଗ୍ରେସର ଜନ୍ମ (୧୮୮୫) :

ଭାରତରେ ସ୍ୱାଧୀନତା ସଂଗ୍ରାମ ଏକ ସର୍ବଭାରତୀୟ ଅନୁଷ୍ଠାନର ସାହାଯ୍ୟ ବିନା ସମ୍ଭବ ହୋଇନପାରେ । ଭାରତୀୟ ଜାତୀୟ କଂଗ୍ରେସ ପ୍ରତିଷ୍ଠା ଦେଶ ସ୍ୱାଧୀନ ସଂଗ୍ରାମ ଆଣିବାରେ ଏକ ମହାନ ଭୂମିକା ନେଇଥିଲା । ଏହା ପୂର୍ବରୁ ଅନେକଗୁଡ଼ିଏ ସଂଗଠନ ଏବଂ ସମ୍ମିଳନୀ ଗଢ଼ି ଉଠିଥିଲା । ଏହି ସଂଗଠନଗୁଡ଼ିକର ଲକ୍ଷ୍ୟ ଭିନ୍ନ ଥିଲା । କିନ୍ତୁ ଭାରତୀୟ ଚେତନାରେ ଏମାନେ ବିଶ୍ୱାସ ରଖିଥିଲେ । ଏହି ସଂଗଠନଗୁଡ଼ିକ ମଧ୍ୟରେ ୧୮୪୩ରେ ପ୍ରତିଷ୍ଠିତ 'ବ୍ରିଟିଶ ଇଣ୍ଡିଆ ସୋସାଇଟି', ୧୮୫୧ରେ 'ବ୍ରିଟିଶ ଇଣ୍ଡିଆ ଏସୋସିଏସନ', ୧୮୭୫ର 'ଇଣ୍ଡିଆ ଲିଗ', ୧୮୭୬ର ସୁରେନ୍ଦ୍ରନାଥ ବାନାର୍ଜୀଙ୍କ 'ଇଣ୍ଡିଆନ ଏସୋସିଏସନ' ପ୍ରଧାନ ଥିଲା । ମହାଦେବ ଗୋବିନ୍ଦ ରାନାଡ଼େଙ୍କ 'ପୁନା ସାର୍ବଜନୀକ ସଭା', ୧୮୮୧ର 'ମାଦ୍ରାଜ ମହାଜନ ସଭା', ୧୮୮୫ର 'ବମ୍ବେ ପ୍ରସିଡ଼େନ୍‌ସି ସଂଘ' ଓ ୧୮୪୩ର 'ଅଲ ଇଣ୍ଡିଆ ନ୍ୟାସନାଲ କନଫରେନ୍‌ସ' ଆଦି ପଶ୍ଚିମ ଭାରତର ସଂଗଠନ ଅନେକ ସଂସ୍କାରମୁଖୀ ଜାତୀୟତାବାଦୀ ଚିନ୍ତାଧାରା ନେଇ ପ୍ରତିଷ୍ଠା କରାଯାଇଥିଲା ।

ଉକ୍ତ ଜାତୀୟ ସଂଗଠନଗୁଡ଼ିକର ଉଦ୍ଦେଶ୍ୟ ଥିଲା ସାଂଗଠନିକ ବିସ୍ତାର ଏବଂ ପ୍ରସାର । ସେମାନେ ବ୍ରିଟିଶ ଶକ୍ତିକୁ ଅଡୁଆରେ ପକାଇବା ପାଇଁ ଚାହୁଁନଥିଲେ । ଏକ ସମୟରେ ଇଂରେଜମାନେ ଭାରତୀୟମାନଙ୍କୁ ସର୍ବୋଚ୍ଚ ପ୍ରଶାସନରେ ପ୍ରବେଶ କରିବା ପାଇଁ ସୁଯୋଗ ସଂକୋଚିତ କରିବା ଉଦ୍ଦେଶ୍ୟରେ ଚାକିରୀରେ ପ୍ରବେଶ କରିବାର ସର୍ବୋଚ୍ଚ ବୟସ ସୀମା ୨୧ରୁ ୧୯ ବର୍ଷକୁ ହ୍ରାସ କରିଥିଲେ । ଏଥିପାଇଁ ପ୍ରତିରୋଧ ଭାରତୀୟମାନଙ୍କ ପକ୍ଷରୁ କରାଯାଇଥିଲା । ଫଳରେ ଇଂରେଜ ସରକାର ପୁନର୍ବାର ବୟସ ସୀମା ୧୯ରୁ ୨୧କୁ ବୃଦ୍ଧି କରିଥିଲେ । ଇଲବର୍ଟ ଆଇନ ଦ୍ୱନ୍ଦ୍ୱବେଳେ ମଧ୍ୟ ଭାରତୀୟମାନେ ଆଇନର ପକ୍ଷପାତ ନୀତି ବିରୋଧରେ ମତ ଦେଇଥିଲେ ।

ଏହିଭଳି ପରିସ୍ଥିତିରେ କିଛି ବ୍ରିଟିଶ ନାଗରିକ ଭାରତୀୟମାନଙ୍କ ପ୍ରତି ସହାନୁଭୂତିଶୀଳ ହୋଇପଡ଼ିଥିଲେ, ସେମାନଙ୍କ ମଧ୍ୟରେ ଆଇ.ସି.ଏସ୍. ଅଫିସର ଆଲାନ୍ ଅକ୍‌ଟାଭିଆନ୍ ହ୍ୟୁମ, ସାର୍ ଉଇଲିୟମ ଓ୍ୱେଦରବର୍ଣ୍ଣ ଓ ସାର୍ ହେନେରୀ କଟନ ଅନ୍ୟତମ । ଏମାନଙ୍କ ମଧ୍ୟରୁ ହ୍ୟୁମଙ୍କର ଅବଦାନ ଯଥେଷ୍ଟ ବେଶୀ । ଇଂରେଜମାନଙ୍କ ବିରୋଧରେ ଭାରତୀୟମାନଙ୍କର ଅସନ୍ତୋଷ କ୍ରମଶଃ ବଢ଼ି ଚାଲିଥାଏ । ସେମାନଙ୍କର ପୁଞ୍ଜିଭୂତ ଅସନ୍ତୋଷକୁ ନିୟନ୍ତ୍ରଣ କରିବା ଲକ୍ଷ୍ୟରେ ଓ ଉଭୟ ଭାରତ ଓ ବ୍ରିଟେନ୍‌ର ସ୍ୱାର୍ଥ ରକ୍ଷା ପାଇଁ ହ୍ୟୁମ୍ ଏକ ସମାଧାନର ସୂତ୍ର ଚିନ୍ତାକଲେ । ସେ ଜାଣିଥିଲେ ଯେ ଭାରତୀୟମାନଙ୍କର ଜନ ଅସନ୍ତୋଷ ବ୍ରିଟିଶ ଶାସନର ବିଲୋପ ଘଟାଇପାରେ । ତେଣୁ ଏକ ସର୍ବ ଭାରତୀୟ ଅନୁଷ୍ଠାନର ଆବଶ୍ୟକତା ଅନୁଭବ କରି ଏହା ମାଧ୍ୟମରେ ଜନ ଅସନ୍ତୋଷର ସୀମା ନିର୍ଣ୍ଣୟ କରିବା ଏବଂ ପ୍ରଶମନ କରିବାର ଉପାୟ ବାହାର କରିବା ପାଇଁ ସେ ଚିନ୍ତା କଲେ । ଏହି ସଂଗଠନକୁ ଏକ ସେଫ୍‌ଟି ଭଲବ୍ ବା ବାଷ୍ପ-ନିଃସରଣ ଦ୍ୱାର ବା ନିରାପଦ ଦ୍ୱାର ଭାବରେ ବ୍ୟବହାର କରିବା ପାଇଁ ଏବଂ ଏକ ଶକ୍ତିଶାଳୀ ବିରୋଧୀ ଦଳ ଭାବେ ଠିଆ କରେଇବା ପାଇଁ ମନସ୍ଥ କଲେ । ୧୮୮୩ ମସିହା ମାର୍ଚ୍ଚ ୧ ତାରିଖରେ ହ୍ୟୁମ କଲିକତା ବିଶ୍ୱବିଦ୍ୟାଳୟର ସ୍ନାତକମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ଉକ୍ତ ସର୍ବ ଭାରତୀୟ ଅନୁଷ୍ଠାନ ପାଇଁ ନିଃସ୍ୱାର୍ଥପର, ସାହସୀ, ଆତ୍ମସଂଯମୀ, ସକ୍ରିୟ ଓ ପରୋପକାରୀ ୫୦ ଜଣ ସହକର୍ମୀ ଆବଶ୍ୟକ ବୋଲି କହିଥିଲେ । ହ୍ୟୁମ ବଡ଼ଲାଟ ଲର୍ଡ ଡଫରିନ୍‌ଙ୍କୁ ୧୮୮୫ ମସିହା ଆରମ୍ଭରେ ସିମ୍‌ଲାଠାରେ ସାକ୍ଷାତ କରି ଏକ ସର୍ବ ଭାରତୀୟ

ସଂଗଠନ ସ୍ଥାପନ କରିବା ବିଷୟରେ ଅବଗତ କରାଇଥିଲେ । କେତୋଟି ସର୍ତ୍ତ ସହିତ ଡଫରିନ୍ ଏହି ଅନୁଷ୍ଠାନଟିକୁ ସମର୍ଥନ ଜଣାଇଥିଲେ । ତାହା ଥିଲା ଜନସାଧାରଣମାନଙ୍କର ଅଭାବ, ଅସୁବିଧା, ଅସନ୍ତୋଷ ଜାଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ଆସନ୍ନ ଜନ ବିଦ୍ରୋହରୁ ସରକାରକୁ ରକ୍ଷା କରି ବ୍ରିଟିଶ ଶକ୍ତିକୁ ଶକ୍ତିଶାଳୀ ଏବଂ ଦୃଢ଼ଭାବେ ପ୍ରତିଷ୍ଠା ।ବଡ଼ଦିନ ଅବସରରେ ପୁନାଠାରେ ଏହି ସଂଗଠନରେ ପ୍ରଥମ ଅଧିବେଶନ କରାଯିବାର ସ୍ଥିର କରାଯାଇଥିଲା । କିନ୍ତୁ ସେଠାରେ ହଇଜା ଲାଗିବାରୁ ଏହା ବମ୍ବେକୁ ନିଆଯାଇଥିଲା । ୧୮୮୫ ମସିହା ଡିସେମ୍ବର ୨୮, ୨୯ ଓ ୩୦ ତାରିଖ ଦିନ ବମ୍ବେ ନଗରୀର ଗୋକୁଳ ଦାସ ତେଜପାଲ ସଂସ୍କୃତ ମହାବିଦ୍ୟାଳୟ ପରିସର ମଧ୍ୟରେ ଏହାର ପ୍ରଥମ ଅଧିବେଶନ ଆହୂତ ହୋଇଥିଲା । ଦାଦାଭାଇ ନାରୋଜୀଙ୍କ ପ୍ରସ୍ତାବକ୍ରମେ ଏହାର ନାମ ଭାରତୀୟ ଜାତୀୟ କଂଗ୍ରେସ ରଖାଯାଇଥିଲା । ଉମେଶ ଚନ୍ଦ୍ର ବାନାର୍ଜୀ ଏହାର ପ୍ରଥମ ସଭାପତି ହୋଇଥିଲେ । ସମଗ୍ର ଭାରତର ବିଭିନ୍ନ ଭାଗରୁ ୭୨ ଜଣ ପ୍ରତିନିଧି ଯୋଗ ଦେଇଥିଲେ । ଏମାନଙ୍କ ମଧ୍ୟରେ ଥିଲେ ଦାଦାଭାଇ ନାରୋଜୀ, ଫିରୋଜଶାହା ମେହେଟ୍ଟା, ମହାଦେବ ଗୋବିନ୍ଦ ରାନାଡେ, ଦିନ ସ ଓ୍ୱାଚା, ସୁବ୍ରମଣ୍ୟମ୍ ଆୟାର ଏବଂ କେ.ଡି. ତେଲାଙ୍ଗ ଇତ୍ୟାଦି । ଦ୍ୱିତୀୟ ଅଧିବେଶନ କଲିକତାଠାରେ ଅନୁଷ୍ଠିତ ହେବା ଅବସରରେ ଡଫରିନ୍ କଂଗ୍ରେସର ସଦସ୍ୟମାନଙ୍କୁ ଏକ ଉଦ୍ୟାନ ଭୋଜିରେ ଆପ୍ୟାୟିତ କରିଥିଲେ । ଏହା ଏକ ଭାଗ୍ୟର ବିଡ଼ମ୍ବନା ଯେ ଯେଉଁ ଅନୁଷ୍ଠାନ ସୃଷ୍ଟି କରିବାରେ ବ୍ରିଟିଶମାନଙ୍କର ସହାୟତା ଥିଲା, ସେହି ମୁଷ୍ଟିମେୟ ଲୋକଙ୍କର ସଂଗଠନ ପରବର୍ତ୍ତୀ ସମୟରେ ଏକ ପ୍ରବଳ ମେରୁରେ ପରିଣତ ହୋଇ ଇଂରେଜ ଶକ୍ତିକୁ ଏ ଦେଶରୁ ତଡ଼ିବାକୁ ସକ୍ଷମ ହୋଇପାରିଥିଲା । ଏହାର ଦ୍ୱିତୀୟ ଅଧିବେଶନ କଲିକତା ସହରରେ୧୮୮୬ ମସିହାରେ ଅନୁଷ୍ଠିତ ହୋଇଥିଲା । ଏହାର ସଭାପତି ଥିଲେ ଦାଦାଭାଇ ନାରୋଜୀ । ତୃତୀୟ ଅଧିବେଶନ ୧୮୮୭ ମସିହାରେ ମାନ୍ଦ୍ରାଜ ସହରରେ ଅନୁଷ୍ଠିତ ହୋଇଥିଲା । ଏହାର ସଭାପତି ଥିଲେ ବଦ୍‌ରୁଦ୍ଦିନ୍ ତୟାବଜୀ । କଂଗ୍ରେସର ପ୍ରଥମ ତିନିଜଣ ସଭାପତି ତିନୋଟି ଧର୍ମର ଲୋକ ଥିଲେ । କଂଗ୍ରେସ ପ୍ରଥମରୁ ସମସ୍ତ ଧର୍ମ, ଜାତି, ବର୍ଣ୍ଣ, ଅଞ୍ଚଳ, ଭାଷାଭାଷୀ ଲୋକମାନଙ୍କ ପାଇଁ ତା'ର ଦ୍ୱାର ଉନ୍ମୁକ୍ତ ରଖିଥିଲା । ଧାର୍ମିକ ସଂକୀର୍ଣ୍ଣତାଠାରୁ ଏହା ବହୁ ଊର୍ଦ୍ଧ୍ୱରେ ଥିଲା ।

୧୮୮୫ ମସିହାର ଏହି କ୍ଷୁଦ୍ର ଅନୁଷ୍ଠାନ ପରବର୍ତ୍ତୀ କାଳରେ ସମଗ୍ର ଭାରତର ଆଶା ଏବଂ ଆକାଂକ୍ଷାର ପ୍ରତିନିଧିତ୍ୱ କରିଥିଲା । ଭାରତୀୟ ଜାତୀୟ କଂଗ୍ରେସ ବିଭିନ୍ନ ସ୍ତରରେ ପର୍ଯ୍ୟାୟକ୍ରମେ ଏକ ଦୃଢ଼ ସଂଗଠନର ମର୍ଯ୍ୟାଦା ଲାଭ କରିଥିଲା । ୧୮୮୫ ମସିହାରୁ ୧୯୦୫ ମସିହା ପର୍ଯ୍ୟନ୍ତ ସମୟକୁ କଂଗ୍ରେସର ନରମପନ୍ଥୀ ଯୁଗ କୁହାଯାଏ । ଏମାନଙ୍କର ବ୍ରିଟିଶ ସରକାରଙ୍କ ପ୍ରତି କିଛି ଅନୁରକ୍ତି ଥିଲା । ଏମାନଙ୍କର ମାଧ୍ୟମ ଥିଲା ଆବେଦନ, ପ୍ରାର୍ଥନା ଏବଂ ଆପତ୍ତି (Appeal, Prayer, Petition) । ଏହାରି ମାଧ୍ୟମରେ ସେମାନଙ୍କର ଦାବିଗୁଡ଼ିକ ଆଲୋଚନା ସଭା, ଆବେଦନ ପତ୍ର ଏବଂ ବ୍ୟକ୍ତିଗତ ସମ୍ପର୍କ ଏବଂ ସମ୍ବାଦପତ୍ର ଜରିଆରେ ଇଂରେଜ ସରକାରଙ୍କ ନିକଟରେ ପହଞ୍ଚାଇ ପାରିଥିଲେ । ବ୍ରିଟିଶ ସାମ୍ରାଜ୍ୟର ଲୌହ ଶୃଙ୍ଖଳ ମଧ୍ୟରେ ସେମାନେ କେତେକ ଶାସନଗତ ସୁବିଧା ହାସଲ କରିପାରିଥିଲେ । ଏହି ଯୁଗର ନେତୃତ୍ୱ ନେଇଥିଲେ ସୁରେନ୍ଦ୍ର ନାଥ ବାନାର୍ଜୀ, ଗୋପାଳକୃଷ୍ଣ ଗୋଖଲେ, ପଣ୍ଡିତ ମଦନମୋହନ ମାଳବ୍ୟ, ଦାଦାଭାଇ ନାରୋଜୀ, ଫିରୋଜଶାହା ମେହେଟ୍ଟା ଏବଂ ମହାଦେବ ଗୋବିନ୍ଦ ରାନାଡେ । କେତେକ ଇଂରେଜ ଲୋକ ମଧ୍ୟ କଂଗ୍ରେସର ସଭାପତି ହୋଇଥିଲେ ।

୧୯୦୬ ମସିହାରୁ ୧୯୧୮ ମସିହା ପର୍ଯ୍ୟନ୍ତ ସମୟକୁ କଂଗ୍ରେସରେ ଚରମପନ୍ଥୀ ଯୁଗ ବୋଲି କୁହାଯାଏ । ବଙ୍ଗ ବିଭାଜନ ପରେ ଜାତୀୟ କଂଗ୍ରେସ ଏକ ନୂତନ ପରିସ୍ଥିତିର ସମ୍ମୁଖୀନ ହୋଇଥିଲା । ଅତୀତ ୨୦ ବର୍ଷ (୧୮୮୫-୧୯୦୫)ର ଅଭିଜ୍ଞତାରୁ ଭାରତୀୟ ଜାତୀୟ କଂଗ୍ରେସ ଦେଶର ବିଭିନ୍ନ ସମସ୍ୟା ଅନୁଶୀଳନ କରିବାର ସୁଯୋଗ ହାସଲ କରିଥିଲା । ଭାରତୀୟମାନଙ୍କ ସ୍ୱାର୍ଥରକ୍ଷା କରିବା ପାଇଁ ଇଂରେଜ ସରକାରଙ୍କ ନିକଟରେ ଦାବୀ ଉପସ୍ଥାପନା କରିଥିଲେ । ଏହା ଥିଲା ଏକ ସାମ୍ବିଧାନିକ ଆନ୍ଦୋଳନର ପ୍ରୟାସ ମାତ୍ର । କିନ୍ତୁ ହାସଲ କରିଥିବା ଦାବି ଥିଲା ନଗଣ୍ୟ । ଯେଉଁକି ପରିମାଣରେ ଭାରତୀୟମାନେ ଏକ ପ୍ରତିନିଧିତ୍ୱ ଯୁଗର ସ୍ୱପ୍ନ ଦେଖିଥିଲେ ଏବଂ ସମସ୍ୟା ସମାଧାନ କରିବାର ଉପାୟ ଖୋଜିଥିଲେ, ପର୍ଯ୍ୟାଲୋଚନା କଲେ ଜଣାଯାଏ ଏହାର ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ବିଫଳ ହୋଇନଥିଲା । ଲାଜପତ ରାଏଙ୍କ ଭାଷାରେ ଦୀର୍ଘ ୨୦ ବର୍ଷରେ ଭାରତୀୟମାନଙ୍କ ଦୁଃଖ ଲାଘବ ପାଇଁ ଦାବି କରିଥିବା ରୋଟି ବଦଳରେ ପଥର ହିଁ ପାଇଥିଲେ । କଂଗ୍ରେସର ଉଦାରପନ୍ଥୀ ନେତାମାନଙ୍କ ଉପରୁ ମଧ୍ୟବିତ୍ତ ଶ୍ରେଣୀରୁ ଆସିଥିବା ଯୁବକମାନଙ୍କ ଭରସା ତୁଟି ଯାଇଥିଲା । ୧୮୯୬-୯୭ ଏବଂ ୧୮୯୯-୧୯୦୦ ମସିହାର ଭୟଙ୍କର ମରୁଡ଼ି ଭାରତୀୟମାନଙ୍କ ଆର୍ଥିକ ଅବସ୍ଥାକୁ ଦୋହଲାଇ ଦେଇଥିଲା । ଦୁର୍ଭିକ୍ଷ, ମରୁଡ଼ି ଏବଂ ମହାମାରୀ ଆକ୍ରାନ୍ତ ଭାରତୀୟମାନେ ଇଂରେଜ ସରକାରଙ୍କଠାରୁ ସାହାଯ୍ୟ ପାଇବା ପରିବର୍ତ୍ତେ ଅବହେଳାର ଶୀକାର ହୋଇଥିଲେ । ମହାରାଣୀ ଭିକ୍ଟୋରିଆଙ୍କ ସିଂହାସନ ଆରୋହଣର ରୌପ୍ୟ ଜୁବୁଲି ଉତ୍ସବର ଆଡ଼ମ୍ବର ଭାରତୀୟ ଲୋକଙ୍କ ଦୁର୍ଦ୍ଦଶା ପ୍ରତି ଉପହାସ ମାତ୍ର ଥିଲା ।

ଏହିଭଳି ପରିସ୍ଥିତିରେ ବହୁ ଶିକ୍ଷିତ ଭାରତୀୟ ଚରମପନ୍ଥୀମାନଙ୍କ ସହିତ ଯୋଗ ଦେଇଥିଲେ । ଭାରତୀୟ ଯୁବକମାନଙ୍କ ପ୍ରତି ବୈମାତୃକ ମନୋଭାବ, କଲିକତା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଲର୍ଡ କର୍ଜନଙ୍କର ଭାରତୀୟମାନଙ୍କ ଚରିତ୍ରକୁ ସମାଲୋଚନା, ବଙ୍ଗ ବିଭାଜନ ଏବଂ ଇଂରେଜ ସରକାରଙ୍କର କେତେକ ଦମନ ମୂଳକ ଆଇନ ଭାରତୀୟ ଯୁବକମାନଙ୍କୁ ଉଗ୍ର ଜାତୀୟତାବାଦ ଆଡ଼କୁ ନେଇଯାଇଥିଲା । ଏଇ ଦମନମୂଳକ ଆଇନ୍ ମଧ୍ୟରେ ଥିଲା ଲର୍ଡ କର୍ଜନ୍‌ଙ୍କର ସରକାରୀ ଗୋପନୀୟତା ଆଇନ, କଲିକତା କର୍ପୋରେସନ୍ ଆଇନ୍ ଏବଂ ଭାରତୀୟ ବିଶ୍ୱ ବିଦ୍ୟାଳୟ ଆଇନ୍ । ଏହି ଉଗ୍ର ଜାତୀୟବାଦୀମାନଙ୍କର ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଥିଲା ଏବଂ ସେମାନଙ୍କର କାର୍ଯ୍ୟଧାରା ସେ ସମୟରେ ଅନେକ ଯୁବକଙ୍କୁ ଆକୃଷ୍ଟ କରିଥିଲା । ଏହି ନେତାମାନେ ଥିଲେ ବଙ୍ଗଳାର ରାଜନାରାୟଣ ବୋଷ, ଅଶ୍ୱିନୀ କୁମାର ଦତ୍ତ ଓ ବିପିନ ଚନ୍ଦ୍ର ପାଲ, ମହାରାଷ୍ଟ୍ରର ବାଳ ଗଙ୍ଗାଧର ତିଳକ ଏବଂ ପଞ୍ଜାବର ଲାଲା ଲଜପତ ରାଏ । ଏହି ଆନ୍ଦୋଳନର ଅଗ୍ରଭାଗରେ ଥିଲେ ଲାଲା ଲଜପତ ରାଏ, ବାଲ ଗଙ୍ଗାଧର ତିଳକ ଓ ବିପିନ ଚନ୍ଦ୍ର ପାଲ । ଏହି ଯୁଗ ଥିଲା 'ଲାଲ୍-ବାଲ୍-ପାଲଙ୍କ ଯୁଗ' । ଚରମପନ୍ଥୀ ନେତାମାନଙ୍କ ଆନ୍ଦୋଳନ ମୁକାବିଲା ପାଇଁ ଇଂରେଜ ସରକାର ଦମନମୂଳକ ବ୍ୟବସ୍ଥା, ବିଭାଜନ ବ୍ୟବସ୍ଥା ଏବଂ ଶାସନ ସଂସ୍କାର ବ୍ୟବସ୍ଥା ପ୍ରୟୋଗ କରିଥିଲେ ।

ବ୍ରିଟିଶ୍ ସରକାର ଦମନମୂଳକ ବ୍ୟବସ୍ଥା ପ୍ରୟୋଗ କରି ବାଲ ଗଙ୍ଗାଧର ତିଳକଙ୍କୁ 'କେଶରୀ' ଏବଂ 'ମରହଟ୍ଟା' ରେ ପ୍ରକାଶିତ କେତେକ ଲେଖାକୁ ଭିତ୍ତିକରି ୧୯୦୮ ମସିହାରେ ୬ ବର୍ଷ ଲାଗି ସୁଦୂର ମାଣ୍ଡାଲେ ଜେଲ୍‌କୁ ପଠାଇ ଦେଇଥିଲେ । ବିଭାଜନ ବ୍ୟବସ୍ଥାରେ 'ବଙ୍ଗ ଭଙ୍ଗ' ଏବଂ 'ସନ୍ତୁଷ୍ଟିକରଣ' ନୀତିର ପ୍ରୟୋଗ

କରିଥିଲେ । ତଥାକଥିତ ନରମପନ୍ଥୀ କଂଗ୍ରେସ ସଭ୍ୟମାନଙ୍କୁ ଖୁସି କରିବା ପାଇଁ ୧୯୦୯ରେ ମର୍ଲେ-ମିଣ୍ଟୋ ଶାସନ ସଂସ୍କାର ପ୍ରଚଳନ କରିଥିଲେ । ଏହି ଉଗ୍ର ଜାତୀୟବାଦୀ ଏବଂ ଚରମପନ୍ଥୀମାନଙ୍କ କାର୍ଯ୍ୟକଳାପ ଯେ ବ୍ରିଟିଶ ଶକ୍ତିକୁ ଚିନ୍ତିତ କରିଥିଲା ଏକଥା ସ୍ୱୀକାର କରାଯାଇପାରେ ।

## ସ୍ୱଦେଶୀ ଆନ୍ଦୋଳନ ଏବଂ ଜାତୀୟତାବାଦୀ ଆନ୍ଦୋଳନ :

ଲର୍ଡ କର୍ଜନଙ୍କ ଶାସନକାଳର ମୁଖ୍ୟ ଘଟଣା ହେଉଛି ବଙ୍ଗ ବିଭାଜନ । ଏହା ପୂର୍ବରୁ ତାଙ୍କର ଦମନମୂଳକ ପ୍ରତିକ୍ରିୟାଶୀଳ ଆଇନ ପ୍ରଣୟନ ଭାରତୀୟ ଜନମତକୁ ଉତକ୍ଷିପ୍ତ କରିବାରେ ସାହାଯ୍ୟ କରିଥିଲା । ୧୯୦୫ ମସିହାର ବଙ୍ଗ ବିଭାଜନ ଆଇନ ପୂର୍ବବଙ୍ଗ ଓ ଆସାମକୁ ପଶ୍ଚିମବଙ୍ଗର ହିନ୍ଦୁବହୁଳ ଅଞ୍ଚଳରୁ ଅଲଗାକରି ମୁସଲମାନ ସାମ୍ପ୍ରଦାୟିକତା ଓ ବିଭେଦ ସୃଷ୍ଟି କରିବା ପାଇଁ ଉଦିଷ୍ଟ ଥିଲା । ଏହା ଥିଲା ସାମ୍ପ୍ରଦାୟିକ ତୁଷ୍ଟୀକରଣ ଏବଂ 'ବିଭାଜନ ଏବଂ ଶାସନ' ନୀତିର ଏକ ନମୁନା ଓ ଭାରତୀୟ ଜାତୀୟତାବାଦୀ ଚିନ୍ତାଧାରାକୁ ଆଘାତ କରିବାର ଏକ ପ୍ରଚେଷ୍ଟା । ସମସ୍ତ ବଙ୍ଗଳାରେ ଏହା ବିରୁଦ୍ଧରେ ପ୍ରବଳ ଆନ୍ଦୋଳନ ଜାଗିଉଠିଲା । ଯେଉଁ ଅକ୍ଟୋବର ୧୬ ତାରିଖ ଦିନ ଏହି ବିଭାଜନ କାର୍ଯ୍ୟକାରୀ ହୋଇଥିଲା, ସେହି ଦିନଟିକୁ ସମଗ୍ର ଭାରତବର୍ଷରେ ଜାତୀୟ ଶୋକ ଦିବସ ରୂପେ ପାଳନ କରାଯାଇଥିଲା । ଓଡ଼ିଶାରେ ମଧ୍ୟ ଏହାର ପ୍ରଭାବ ପଡ଼ିଥିଲା । ୧୯୦୫ ମସିହାରେ ବଙ୍ଗ ବିଭାଜନ ଆନ୍ଦୋଳନର ନେତୃତ୍ୱ ନେଇ ତିଳକ ସମଗ୍ର ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ । ଫଳରେ ତାଙ୍କ ନେତୃତ୍ୱ ପଛରେ ଭାରତର ଅଗଣିତ ନିମ୍ନଶ୍ରେଣୀର ଜନତା ସମବେତ ହୋଇପାରିଥିଲେ । ବଙ୍ଗ-ବିଭାଜନ ଆନ୍ଦୋଳନରେ ବଳିଷ୍ଠ ନେତୃତ୍ୱ ନେଇ ବିପିନ ଚନ୍ଦ୍ର ପାଲ ସମଗ୍ର ଭାରତରେ ଜଣେ ବିପ୍ଳବୀ ନେତା ରୂପେ ଖ୍ୟାତି ଅର୍ଜନ କରିଥିଲେ । 'ଲାଲ୍-ବାଲ୍-ପାଲ୍' ଜାତୀୟତାବାଦୀ ଚିନ୍ତାଧାରାରେ ବିଶ୍ୱାସ ରଖୁଥିଲେ । ସ୍ୱଦେଶୀ ଆନ୍ଦୋଳନ, ବୟକଟ ଆନ୍ଦୋଳନ ଓ ଜାତୀୟ ଶିକ୍ଷା ପ୍ରଚଳନ ସମ୍ବନ୍ଧୀୟ ପ୍ରସ୍ତାବ ୧୯୦୬ ମସିହାର କଲିକତା କଂଗ୍ରେସ ଅଧିବେଶନରେ ଗୃହୀତ ହୋଇଥିଲା । ଏହି କଂଗ୍ରେସ ଅଧିବେଶନର ସଭାପତି ଦାଦାଭାଇ ନାରୋଜୀ ମଧ୍ୟ କଂଗ୍ରେସ ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ 'ସ୍ୱଦେଶୀ' ଓ 'ବିଦେଶୀ ପଦାର୍ଥ ବର୍ଜନ' ଉପରେ ଗୁରୁତ୍ୱ ଆରୋପ କରିଥିଲେ । 'ସ୍ୱଦେଶୀ' ଓ 'ବୟକଟ' ବା ବିଦେଶୀ ଦ୍ରବ୍ୟ ବର୍ଜନ ଥିଲା ପରସ୍ପରର ପରିପୂରକ । ୧୯୦୫ ମସିହାରେ ବଙ୍ଗ ବିଭାଜନ ପରେ ଏହି ଦୁଇଗୋଟି ବିଷୟରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଏହା ଜାତୀୟବାଦୀ ନେତାଙ୍କ ପାଇଁ ନୂଆ ନଥିଲା । ତିଳକ ଓ ଅରବିନ୍ଦଙ୍କ ମତାନୁସାରେ ଏକ ସମ୍ପୂର୍ଣ୍ଣ 'ବୟକଟ'ର ଉଦ୍ଦେଶ୍ୟ ଥିଲା ବହୁମୁଖୀ । ଇଂଲଣ୍ଡର ଶିଳ୍ପନଗରୀ ମାଞ୍ଚେଷ୍ଟର ଉପରେ ଏକ ଅର୍ଥନୈତିକ ଚାପ, ପରୋକ୍ଷଭାବରେ ଇଂରେଜ ସାମ୍ରାଜ୍ୟବାଦ ବିରୁଦ୍ଧରେ ଲଢେଇ ଏବଂ ସ୍ୱରାଜ ପାଇଁ ସ୍ୱାବଲମ୍ବନଶୀଳତା ଏହାର ଲକ୍ଷ୍ୟ ଥିଲା ।

୧୯୦୫ ମସିହା ଅଗଷ୍ଟ ୭ ତାରିଖ ଦିନ କଲିକତା ଟାଉନହଲରେ ହୋଇଥିବା ସଭାରେ ବ୍ରିଟିଶଦ୍ରବ୍ୟ କ୍ରୟ ନକରିବା ପାଇଁ ସିଦ୍ଧାନ୍ତ ନିଆଯାଇଥିଲା । ଅବିଳମ୍ବେ ଏହି ଆନ୍ଦୋଳନ ସମଗ୍ର ଭାରତବର୍ଷରେ ପରିବ୍ୟାପ୍ତ ହେଲା । ଛାତ୍ରଛାତ୍ରୀମାନଙ୍କୁ ଇଂରେଜ ଶିକ୍ଷାନୁଷ୍ଠାନ ପରିତ୍ୟାଗ କରିବା ପାଇଁ ନିର୍ଦ୍ଦେଶ ଦିଆଗଲା । ହଜାର ହଜାର ସଂଖ୍ୟାରେ ସାଧାରଣ ସଭାମାନ ଆହୂତ ହେଲା । ବଙ୍ଗଳା ସମେତ ଅନ୍ୟାନ୍ୟ ପ୍ରଦେଶରେ ଲୋକଙ୍କୁ ବିଦେଶୀ

ଦ୍ରବ୍ୟ ବର୍ଜନ ଓ ସ୍ୱଦେଶୀ ଦ୍ରବ୍ୟ ଗ୍ରହଣ କରିବା ଲାଗି ଅନୁରୋଧ କରାଗଲା । ଲାଲା ଲାଜପତ ରାଏ ଏ ଦିଗରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ବିଦେଶୀ ଦ୍ରବ୍ୟଗୁଡ଼ିକୁ ସର୍ବସାଧାରଣରେ ପୋଡ଼ି ନଷ୍ଟ କରିଦିଆଯିବା ସଙ୍ଗେ ସଙ୍ଗେ ବିଦେଶୀ ଦ୍ରବ୍ୟ ବିକ୍ରୟ ହେଉଥିବା ଦୋକାନ ଆଗରେ ଧାରଣା ଦିଆଯାଇଥିଲା ଏବଂ ଲୋକଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ଦେଶ ମଧ୍ୟରେ ବିଭିନ୍ନ ଦ୍ରବ୍ୟ ଉତ୍ପାଦନ କରିବା ସଙ୍ଗେ ସଙ୍ଗେ ବଣ୍ଟନ କରିବାର ବ୍ୟାପକ ବ୍ୟବସ୍ଥା କରାଗଲା । ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ତାଙ୍କର ବିଖ୍ୟାତ 'ବେଙ୍ଗଲ କେମିକାଲ' କାରଖାନା କଲିକତାରେ ସ୍ଥାପନ କରିଥିଲେ । ସ୍ୱଦେଶୀ ଷ୍ଟୋର ବା ଦୋକାନ ଖୋଲାଗଲା । ବଙ୍କିମଚନ୍ଦ୍ରଙ୍କ 'ବନ୍ଦେ ମାତରମ୍' ସମଗ୍ର ଭାରତବାସୀଙ୍କୁ ଜାତୀୟ ଚେତନାରେ ଉଦ୍‌ବୁଦ୍ଧ କରିଥିଲା । ତିଳକଙ୍କ ମତରେ 'ସ୍ୱଦେଶୀ' ଓ 'ବିଦେଶୀ ବର୍ଜନ' ଆନ୍ଦୋଳନର ମୌଳିକ ଲକ୍ଷ୍ୟ ଥିଲା 'ସ୍ୱରାଜ' ହାସଲ । ସେ କହୁଥିଲେ "ସ୍ୱରାଜ ହେଉଛି ମୋର ଜନ୍ମଗତ ଅଧିକାର ଏବଂ ମୁଁ ଏହାକୁ ହାସଲ କରିବି ହିଁ କରିବି ।"

ଜାତୀୟତାବାଦୀମାନଙ୍କର ଅନ୍ୟ ଏକ ବିଚାର ଥିଲା ଜାତୀୟ ଶିକ୍ଷା । ଜାତୀୟ ନେତାମାନେ ଜାତୀୟ ବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟ ସ୍ଥାପନ କରିବା ଦିଗରେ ସଯତ୍ନ ହେଲେ । ସେମାନଙ୍କର ପ୍ରଚେଷ୍ଟାରେ ଜାତୀୟତା ଭାବ ଓ ସ୍ୱାଧୀନତାର ବାର୍ତ୍ତା ଖୁବ୍ ଶୀଘ୍ର ଦେଶର ଦରିଦ୍ର କୃଷକମାନଙ୍କ ପାଖରେ ପହଞ୍ଚିଗଲା । ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗ ନିର୍ବିଶେଷରେ ଦେଶର ସାଧାରଣ ଜନତା ଏହି ଆନ୍ଦୋଳନ ପ୍ରତି ଆକୃଷ୍ଟ ହୋଇଥିଲେ । ଦୁର୍ଭିକ୍ଷ, ମହାମାରୀ ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେମାନେ ଲୋକମାନଙ୍କୁ ସହାୟତା କରୁଥିଲେ । ଏହି ଆନ୍ଦୋଳନର କୃଷକ ଓ ଶ୍ରମଜୀବିମାନଙ୍କ ଭୂମିକା ମଧ୍ୟ ଉଲ୍ଲେଖଯୋଗ୍ୟ ଥିଲା ।

ଭାରତରୁ ବଳପୂର୍ବକ ଇଂରେଜମାନଙ୍କୁ ବିତାଡ଼ିତ କରିବା ପାଇଁ ଉଗ୍ର ଜାତୀୟତାବାଦୀମାନଙ୍କର (ଜାତୀୟ ବିପ୍ଳବୀମାନଙ୍କର) ମହାନ ଲକ୍ଷ୍ୟ ଥିଲା । ବ୍ରିଟିଶ ସରକାରଙ୍କ ବଙ୍ଗ ଭଙ୍ଗ ଆଇନକୁ ଉଚ୍ଛେଦ ନକରିବା ଏବଂ ଦମନଲୀଳା ଏହି ଆନ୍ଦୋଳନକୁ ଆଗେଇବାରେ ସହାୟକ ହୋଇଥିଲା । ମାନସିକ ସ୍ତରରେ ସେମାନେ ଏକ ସଶସ୍ତ୍ର ଆନ୍ଦୋଳନ ପାଇଁ ପ୍ରସ୍ତୁତ ଥିଲେ । ସେମାନେ ବିଦେଶୀ ସରକାର, ବିଦେଶୀ ସଭ୍ୟତା ଓ ବିଦେଶୀ ଭାଷାକୁ ଘୃଣା ଚକ୍ଷୁରେ ଦେଖୁଥିଲେ । ଅତ୍ୟାଚାରୀ ଇଂରେଜ କର୍ମଚାରୀମାନଙ୍କୁ ଉଚିତ ଶାସ୍ତି ଦେବାପାଇଁ ହତ୍ୟା କରିବାର ପ୍ରୟାସ ଜାରି ରଖିଥିଲେ । ସେହି ଉଗ୍ର ଜାତୀୟତାବାଦୀ ନେତାମାନଙ୍କ ମଧ୍ୟରେ ମଦନଲାଲ ଧିଙ୍ଗ୍ରା, ବାରୀନ୍ଦ୍ର କୁମାର ଘୋଷ, ଭୂପିନ୍ଦ୍ରନାଥ ଦତ୍ତ, ପ୍ରଫୁଲ୍ଲ ଚାକୀ, କ୍ଷୁଦିରାମ ବୋଷ, ସୂର୍ଯ୍ୟ ସେନ୍, ଭଗତ ସିଂହ, ସୁଖଦେବ ଏବଂ ରାଜଗୁରୁ ଇତ୍ୟାଦି ପ୍ରଖ୍ୟାତ ଥିଲେ । ପଞ୍ଜାବ ଏବଂ ବଙ୍ଗରେ ଏହି ଆନ୍ଦୋଳନ ବ୍ୟାପି ଯାଇଥିଲା । ଭାରତ ବାହାରେ ମଧ୍ୟ ଅନେକ ବିପ୍ଳବୀ ସଂଗଠନ କାର୍ଯ୍ୟ କରୁଥିଲା । ଏହିଭଳି ବିକ୍ଷିପ୍ତ ଭାବରେ ଉଗ୍ର ଜାତୀୟତାବାଦୀ ସଂଗଠନ ଗଢ଼ି ଉଠିଥିଲେ ମଧ୍ୟ ଦେଶବ୍ୟାପୀ ବିପ୍ଳବ ସୃଷ୍ଟି କରିବାରେ ଏମାନେ ସଫଳ ହୋଇପାରିନଥିଲେ । ସବୁଠାରୁ ବଡ଼କଥା ହେଉଛି ସେମାନେ ନିଜର ଆତ୍ମୋତ୍ସର୍ଗ ପାଇଁ ଦେଶ ଭିତରୁ ଏବଂ ବାହାରୁ ଜନ ସମର୍ଥନ ପାଉଥିଲେ । ସେମାନେ ପ୍ରଥମଥର ପାଇଁ ଭାରତର ସ୍ୱାଧୀନତା ଦାବି କରିଥିଲେ ଓ ଦେଶ ଭିତରେ ଓ ବିଦେଶରେ ସେମାନେ ଭାରତର ସ୍ୱାଧୀନତାକୁ ଏକ ଆଲୋଚନାର ବିଷୟବସ୍ତୁରେ ପରିଣତ କରିବାରେ ସମର୍ଥ ହୋଇଥିଲେ ।

## ମହାତ୍ମାଗାନ୍ଧୀଙ୍କ ଅଭ୍ୟୁଦୟ :

ଭାରତୀୟ ରାଜନୀତିରେ ମହାତ୍ମାଗାନ୍ଧୀଙ୍କ ଅଭ୍ୟୁଦୟ ବିଂଶ ଶତାବ୍ଦୀର ଏକ ମହାନ୍ ଘଟଣା କହିଲେ ଅତ୍ୟୁକ୍ତି ହେବନାହିଁ। ଯେଉଁ ବିରାଟ ପରିବର୍ତ୍ତନ ବିଂଶ ଶତାବ୍ଦୀରେ ଆସିଥିଲା ବୋଧହୁଏ ଅନ୍ୟ କୌଣସି ସମୟରେ ନଥିଲା। ଏକ ସୁ-ସଂହତ ଭାବରେ ପ୍ରତିଷ୍ଠିତ ଭାରତର ଇଂରେଜ ସାମ୍ରାଜ୍ୟ ୧୮୫୭ର ମହାନ ବିପ୍ଳବ ପରେ ଆହୁରି ସୁଦୃଢ଼ ହୋଇଉଠିଲା। ଭାରତୀୟ ସଂଗ୍ରାମର ପରାହତ ପରବର୍ତ୍ତୀ ଶିକ୍ଷିତ ବଂଶଧରମାନଙ୍କ ମଧ୍ୟରେ ଜାତୀୟତାର ଚେତନା ସୃଷ୍ଟି କରିଥିଲା। ବିଶ୍ୱ ଇତିହାସରେ କୌଣସି ପରାଧୀନତାର ଶୃଙ୍ଖଳ ଆପେ ଆପେ ହଟିଯାଏ ନାହିଁ କିମ୍ବା କେହି ସ୍ୱଇଚ୍ଛାରେ ପରିତ୍ୟାଗ କରି ଚାଲିଯାଏ ନାହିଁ। ସେଥିପାଇଁ ଦରକାର ପଡ଼େ ଏକ ବଳିଷ୍ଠ ସଂଗ୍ରାମ, ଦୃଢ଼ ସଂଗଠନ ଓ ସର୍ବୋପରି ଆତ୍ମପ୍ରତ୍ୟୟ ଏବଂ ଆତ୍ମ ଚେତନାର ଦିଗ୍‌ଦର୍ଶନ। ଗାନ୍ଧିଜୀଙ୍କର ଜୀବନ ଏକ କଠୋର ଆତ୍ମଶୃଙ୍ଖଳା ଏବଂ ନିୟମରେ ଥିଲା ସୀମାବଦ୍ଧ। ସେ ଆମ ପାଇଁ ବଞ୍ଚିଥିଲେ, ଅଶେଷ କଷ୍ଟ ସ୍ୱୀକାର କଲେ ଏବଂ ଶେଷରେ ପ୍ରାଣପାତ କଲେ। ଯଥାର୍ଥରେ ସେ ଥିଲେ 'ଜାତିର ଜନକ'। ଗାନ୍ଧିଜୀଙ୍କର ମହନୀୟତାର ଏକ ବଳିଷ୍ଠ କାରଣ ଥିଲା ତାଙ୍କର ଦେଶପ୍ରେମ ଏବଂ ରାଜନୈତିକ ସଂଗ୍ରାମରେ ସାର୍ଥକ ନେତୃତ୍ୱ। ଗାନ୍ଧିଜୀ ଯାହା ହାସଲ କରିଥିଲେ, ଦିନେ ହୁଏତ ତାହାର ଚିହ୍ନ ବର୍ତ୍ତି ନରହିପାରେ, ଆସ୍ତ ପାଇଁ ଏକ ସ୍ମୃତି ହୋଇ ରହିପାରେ। କିନ୍ତୁ ଏହା ଧ୍ରୁବ ସତ୍ୟ ଯେ ସେ ସବୁ ଯୁଗ ପାଇଁ ଏକ ଆଧାର ହୋଇ ରହିବେ। ଗାନ୍ଧିଜୀ ଜଣେ ରାଜନୀତିଜ୍ଞ ଥିଲେ ନା ଜଣେ ସାଧୁ ସନ୍ଥ ଥିଲେ କିମ୍ବା ଉଭୟ ଥିଲେ ତାହା ଆମର ବିଚାର ଏବଂ ଆଲୋଚନା ଉପରେ ନିର୍ଭର କରେ। ସତ୍ୟ ପାଇଁ ଶାଶ୍ୱତ ଅନୁସନ୍ଧାନ ଥିଲା ତାଙ୍କ ଜୀବନର ଏକ ମହାନ ଲକ୍ଷ୍ୟ।

କାଥିଆବାଡ଼ର ପୋରବନ୍ଦରଠାରେ (ଅଧୁନା ଗୁଜରାଟର ଅନ୍ତର୍ଭୁକ୍ତ) ଗଡ଼ଜାତର ମୋହନଦାସ କରମଚାନ୍ଦ ଗାନ୍ଧୀ ଅକ୍ଟୋବର ୨ ତାରିଖ ୧୮୬୯ ମସିହାରେ ଜନ୍ମଗ୍ରହଣ କରିଥିଲେ। ବର୍ତ୍ତମାନ ଏହା ଗୁଜୁରାଟର ସୌରାଷ୍ଟ୍ର ନାମରେ ପରିଚିତ। ତାଙ୍କ ପିତାଙ୍କ ନାମ ଥିଲା କରମଚାନ୍ଦ ଗାନ୍ଧୀ ଓ ମାତାଙ୍କ ନାମ ଥିଲା ପୁତୁଳୀ ବାଈ। ପିତା ପୋରବନ୍ଦରର ରାଜ୍ୟର ଦେୱାନ ଥିଲେ। ମାତା ଜଣେ ଧର୍ମ ପରାୟଣା ମହିଳା ଥିଲେ। ବାଲ୍ୟକାଳରୁ କଠୋର ଅନୁଶାସନ ମଧ୍ୟରେ ତାଙ୍କର ଜୀବନ କଟିଥିଲା। ଉଭୟ ପିତା-ମାତାଙ୍କର ପ୍ରଭାବ ଗାନ୍ଧିଜୀଙ୍କ ଜୀବନରେ ପ୍ରତିଫଳିତ ହୋଇଥିଲା। ମାତ୍ର ୧୩ ବର୍ଷ ବୟସରେ ଯେତେବେଳେ ମୋହନଦାସ ସ୍କୁଲରେ ପାଠ ପଢୁଥିଲେ, ସେତେବେଳେ ତାଙ୍କର କସ୍ତୁରବାଙ୍କ ସହିତ ବିବାହ ହୋଇଥିଲା। ମୋହନଦାସ ଅପେକ୍ଷାକୃତ ଦୁର୍ବଳ ଶରୀରଧାରୀ ଥିଲେ।

ମାଂସ ଖାଇଲେ ସେ ସବଳ ହୋଇପାରିବେ ଏବଂ ବ୍ରିଟିଶମାନଙ୍କୁ ତଡ଼ିପାରିବେ ଏହି ବିଚାର ନେଇ ତାଙ୍କର ବଡ଼ଭାଇର ସାଙ୍ଗ ଶେକ ମହତାବଙ୍କ ପ୍ରରୋଚନାରେ ସେ ମାଂସ ଖାଇଥିଲେ। ପରେ ଅନୁଭବ କଲେ ସତେ ଯେପରି ସେହି ଜିଅନ୍ତା ଛେଳିଟି ମେଁ ମେଁ କରି ବୋବାଉଛି। ଏହାପରେ ସେ ମାଂସ ଭକ୍ଷଣ ତ୍ୟାଗ କରିଥିଲେ। ପିଲାଦିନରେ ସେ ଏକ ଚୋରି କରିଥିଲେ ଏବଂ ସେଥିପାଇଁ ଅନୁତାପ କରିଥିଲେ। ଗାନ୍ଧୀ ଯେ ଏକ ସାଧାରଣ ମନୁଷ୍ୟ ଥିଲେ ଏକଥା ଏସବୁ ଘଟଣାରୁ ଜଣାପଡେ।

୧୮୮୫ ମସିହାରେ ମୋହନଙ୍କ ପିତାଙ୍କର ମୃତ୍ୟୁ ହେଲା। ଦୁଇବର୍ଷ ପରେ ସେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନିକଟବର୍ତ୍ତୀ ଭାବନଗର ମହାବିଦ୍ୟାଳୟରେ ଯୋଗଦେଲେ। ପାଠପଢ଼ା ତାଙ୍କ ପାଇଁ ବଡ଼ ବିରକ୍ତିକର

ଥିଲା । ପରେ ଜଣେ ପରିବାରର ବନ୍ଧୁଙ୍କର ସୂଚନା ଅନୁଯାୟୀ ବିଲାତ ଯାଇ ବାରିଷ୍ଟର ପଢ଼ିବାକୁ ସ୍ଥିର କଲେ । ୧୮୮୮ ମସିହା ସେପ୍ଟେମ୍ବର ୪ ତାରିଖ ଦିନ ସେ ସାଉଥମ୍ପଟନକୁ ନୌ-ଯାତ୍ରା ଆରମ୍ଭ କଲେ । ସେତେବେଳେ ସେ ୧୮ ବର୍ଷର ଏବଂ ସନ୍ତାନର ପିତା ହୋଇସାରିଥିଲେ । ଲଣ୍ଡନରେ ମାଂସ ଏବଂ ମଦ ଆଦୌ ଛୁଇଁ ନଥିଲେ । ସେ ସମ୍ପୂର୍ଣ୍ଣ ନିରାମିଷାସୀ ଥିଲେ । ତିନିବର୍ଷ ସେଠାରେ ଅତିବାହିତ କରି ଆଇନ ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହେବାପରେ ୧୮୯୧ ଜୁନ ୧୧ ତାରିଖରେ ଉଚ୍ଚ ନ୍ୟାୟାଳୟରେ ଓକିଲାତି କରିବାକୁ ଯୋଗ୍ୟ ହୋଇଥିଲେ । ଭାରତକୁ ଫେରିଆସି ବମ୍ବେରେ ଆଇନ ବ୍ୟବସାୟ ଆରମ୍ଭ କରିଥିଲେ ।

କାଥିଆବାଡ଼ର ଗୋଟିଏ ମୁସଲମାନ ବ୍ୟବସାୟ ସଂସ୍ଥାର ଦକ୍ଷିଣ-ଆଫ୍ରିକାରେ ବିପୁଳ ବାଣିଜ୍ୟ ବ୍ୟବସାୟ ଥିଲା । ଗୋଟିଏ ବଡ଼ ମକଦ୍ଦମାରେ ଦକ୍ଷିଣ-ଆଫ୍ରିକାର ସମ୍ପୃକ୍ତ ଓକିଲଙ୍କୁ ସାହାଯ୍ୟ ଓ ପରାମର୍ଶ ଦେବାକୁ ଉକ୍ତ ସଂସ୍ଥା ଗାନ୍ଧିଜୀଙ୍କୁ ନିଯୁକ୍ତ କରି ଦକ୍ଷିଣ-ଆଫ୍ରିକା ପଠାଇବାକୁ ପ୍ରସ୍ତାବ ଦେଲେ । ୧୮୯୩ ମସିହା ଅପ୍ରେଲରେ ଗାନ୍ଧିଜୀ ଉକ୍ତ ନିଯୁକ୍ତିକୁ ଗ୍ରହଣ କରି ଦକ୍ଷିଣ-ଆଫ୍ରିକାର ଡର୍ବାନକୁ ଯାତ୍ରା ଆରମ୍ଭ କରିଥିଲେ । ସେ ବର୍ଷକ ପାଇଁ ଯାଇଥିଲେ । ପରିସ୍ଥିତିର ଚକ୍ରରେ ସେ ସେଠାରେ ପ୍ରାୟ ୨୦ ବର୍ଷ କଟାଇଥିଲେ । ଆଇନ ବ୍ୟବସାୟ ସହିତ ଦକ୍ଷିଣ-ଆଫ୍ରିକାର କଳା-ଗୋରାର ସମ୍ପର୍କ ତାଙ୍କୁ ବିରୋଧ କରିବାକୁ ବାଧ କରିଥିଲା । ସେ ନିଜେ ମଧ୍ୟ ଶ୍ୱେତ ଇଉରୋପୀୟମାନଙ୍କ ଘୃଣାର ଶିକାର ହୋଇଥିଲେ । ପ୍ରିଟୋରିଆରେ ପହଞ୍ଚି ଗାନ୍ଧିଜୀ ଦକ୍ଷିଣ-ଆଫ୍ରିକା ପରି କଳାମହାଦେଶରେ ଭାରତୀୟମାନଙ୍କ ଦୟନୀୟ ଅବସ୍ଥା ଦେଖି ମର୍ମାହତ ହୋଇଥିଲେ । ଏଇଠି ହୋଇଥିଲା ଗାନ୍ଧିଜୀଙ୍କର ରାଜନୈତିକ ଜୀବନର ପ୍ରଥମ ପରୀକ୍ଷା । ସେଠାରେ ସେ ବର୍ଣ୍ଣ-ବୈଷମ୍ୟ ନୀତିଜନିତ କଳା ଆଇନକୁ ଦୃଢ଼ ବିରୋଧ କରି କେତେକାଂଶରେ ସଫଳ ହୋଇଥିଲେ । ସବୁଠାରୁ ବଡ଼କଥା ହେଲା ଗାନ୍ଧିଜୀ ବିରୋଧ କରିବାର ଯେଉଁ ବାଟ ବାଛିଥିଲେ ତାହା ଥିଲା ନୂତନ ଏବଂ ଅସାଧାରଣ । ଏହା ଥିଲା ଗାନ୍ଧିଜୀଙ୍କର ଶାଶ୍ୱତ ଚିନ୍ତାଧାରାର ଏକ ସଫଳ ସୃଷ୍ଟି । ଏହି ଆନ୍ଦୋଳନ ସତ୍ୟ, ଅହିଂସା ଏବଂ ଅସହଯୋଗ ଉପରେ ପର୍ଯ୍ୟବେସିତ ଥିଲା । ସରକାରଙ୍କର ଅନ୍ୟାୟ ଏବଂ ଅତ୍ୟାଚାର ବିରୋଧରେ ଏହି ଅମୋଘ ଅସ୍ତ୍ରକୁ ସତ୍ୟାଗ୍ରହ କୁହାଗଲା । ଏହା ଦୁର୍ବଳଲୋକର ଅସ୍ତ୍ର ନଥିଲା ବରଂ ଥିଲା ଏକ ସବଳତମ ମାନସିକ ଆଧାରର ଅସ୍ତ୍ର । ଏହି ବିରୋଧ ଥିଲା ଅଭିନବ ଏବଂ ଏହାର ଉପାୟ ଥିଲା ସରଳ । ଭାରତୀୟମାନଙ୍କ ରାଜନୈତିକ ଅଧିକାରକୁ ସଙ୍କୁଚିତ କରିବା ପାଇଁ ପ୍ରଣୟନ କରାଯାଇଥିବା ଆଇନଗୁଡ଼ିକୁ ଦୃଢ଼ ବିରୋଧ କରାଯାଇଥିଲା । ଆଇନ ଅମାନ୍ୟ ଫଳରେ ଗାନ୍ଧିଜୀଙ୍କ ସମେତ ଅନେକଙ୍କୁ କାରାବରଣ କରିବାକୁ ପଡ଼ିଥିଲା । ପରିଶେଷରେ ଗାନ୍ଧିଜୀଙ୍କର ସତ୍ୟାଗ୍ରହର ବିଜୟ ଘଟିଥିଲା ।

ଦକ୍ଷିଣ-ଆଫ୍ରିକାରେ ଗାନ୍ଧିଜୀଙ୍କର ଅବଦାନ ଭାରତୀୟମାନଙ୍କୁ ଆକର୍ଷିତ କରିଥିଲା । ୧୯୧୫ ମସିହା ଜାନୁଆରୀରେ ସେ ଭାରତକୁ ଫେରିଥିଲେ । ଗୋପାଳକୃଷ୍ଣ ଗୋଖେଲଙ୍କର ରାଜନୈତିକ ଚିନ୍ତାଧାରାରେ ସେ ବିଶ୍ୱାସ ରଖି ଗୋଖେଲଙ୍କୁ 'ରାଜନୈତିକ ଗୁରୁ' ରୂପେ ସ୍ୱୀକାର କରିଥିଲେ । ବମ୍ବେରେ ପହଞ୍ଚିବା ପରେ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା । ସେ ଗୋଟିଏ ବର୍ଷ ଭାରତବର୍ଷର ଅବସ୍ଥା ଅନୁଧ୍ୟାନ କରିବା ପରେ ରାଜନୈତିକ ସଂଗ୍ରାମରେ ଝାସ ଦେବାପାଇଁ ସ୍ଥିର କରିଥିଲେ । ସେ ରବିନ୍ଦ୍ରନାଥଙ୍କର ଶାନ୍ତିନିକେତନକୁ ଯାଇ କବିଗୁରୁଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ । ଅହମ୍ମଦାବାଦର ସାବରମତୀ ନଦୀ କୂଳରେ ସେ 'ସତ୍ୟାଗ୍ରହ ଆଶ୍ରମ' ପ୍ରତିଷ୍ଠା କରିଥିଲେ

ଓ ସହକର୍ମୀମାନଙ୍କୁ ସତ୍ୟାଗ୍ରହର ତାଲିମ ଦେଇଥିଲେ । ଅହିଂସା ଆନ୍ଦୋଳନ ଦ୍ୱାରା ଇଂରେଜ ଶକ୍ତିକୁ ତଡ଼ିବା ପାଇଁ ପ୍ରତିଜ୍ଞା କରିଥିଲେ । ଅହିଂସା ଆନ୍ଦୋଳନର ରୂପରେଖ, ସତ୍ୟାଗ୍ରହ ଏବଂ ବିଦେଶୀ ଇଂରେଜମାନଙ୍କର ଶୋଷଣ ନୀତି ବିରୋଧରେ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଜାତୀୟ କଂଗ୍ରେସର ଅଧିବେଶନ ମାଧ୍ୟମରେ ଗାନ୍ଧିଜୀ ତାଙ୍କ ନୀତି ଓ ଆଦର୍ଶ ସମ୍ବନ୍ଧରେ ଆଲୋଚନା କରିଥିଲେ ଏବଂ ଭବିଷ୍ୟତ ଆନ୍ଦୋଳନ ପାଇଁ ଅଭୂତପୂର୍ବ ସମର୍ଥନ ପାଇଥିଲେ ।

ସତ୍ୟାଗ୍ରହର ପ୍ରଥମ ପ୍ରୟୋଗ ୧୯୧୭ ମସିହାରେ ବିହାରର ଚମ୍ପାରନଠାରେ ହୋଇଥିଲା । ଏଠାରେ ସେ ଇଉରୋପୀୟମାନଙ୍କ ଦ୍ୱାରା ଶୋଷିତ ନୀଳଚାଷୀମାନଙ୍କୁ ନ୍ୟାୟ ଦେବାକୁ ସକ୍ଷମ ହୋଇଥିଲେ । ଏହି ଆନ୍ଦୋଳନରୁ ରାଜେନ୍ଦ୍ର ପ୍ରସାଦ ଗାନ୍ଧୀଜୀଙ୍କର ଘନିଷ୍ଠ ଅନୁଗାମୀରେ ପରିଣତ ହୋଇଥିଲେ । ୧୯୧୮ ମସିହାରେ ଗୁଜୁରାଟର ଖେଦାରେ ଖଜଣା ବୃଦ୍ଧି ବିରୋଧରେ ଏକ କୃଷକ ଆନ୍ଦୋଳନର ସୂତ୍ରପାତ ହୋଇଥିଲା । ଗାନ୍ଧିଜୀ ଏହାର ନେତୃତ୍ୱ ନେଇ ଚାଷୀମାନଙ୍କୁ ନ୍ୟାୟ ଦେବାରେ ସମର୍ଥ ହୋଇଥିଲେ । ଏହି ଆନ୍ଦୋଳନରୁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଗାନ୍ଧୀଙ୍କର ଅନ୍ତରଙ୍ଗ ଅନୁଗାମୀ ଭାବେ ପରିଗଣିତ ହେଲେ । ୧୯୧୮ ମସିହାରେ ଅହମ୍ମଦାବାଦ ସୂତାକଳରେ ଆନ୍ଦୋଳନ କରି ଶ୍ରମିକମାନଙ୍କ ମଜୁରୀ ବଢ଼ାଇବାକୁ ସମର୍ଥ ହୋଇଥିଲେ । ୧୯୧୮ ମସିହାରେ ରାଓଲାଟ୍ ଆଇନ ବିରୋଧରେ ଦେଶବ୍ୟାପି ହରତାଳ ପାଳନ କରିବା ପାଇଁ ଆହ୍ୱାନ ଦେଇଥିଲେ ଓ ଏପ୍ରିଲ ୬ ତାରିଖରେ ଏହି ହରତାଳ ପାଳନ କରାଯାଇଥିଲା । ଗାନ୍ଧିଜୀଙ୍କୁ ଗିରଫ କରାଯାଇ ମୁକ୍ତ କରାଯାଇଥିଲା । ଏଠାରେ ଉପବାସ ଏବଂ ପ୍ରାର୍ଥନା ମାଧ୍ୟମରେ ପ୍ରତିବାଦ କରାଯାଇଥିଲା ।

## ଜାଲିଆନୱାଲାବାଗ୍ ଘଟଣା :

ରାଓଲାଟ୍ ଆଇନ ବିରୋଧରେ ଦେଶସାରା ଅସନ୍ତୋଷ ଏବଂ ପ୍ରତିବାଦର ସଭା ଚାଲିଲା । ୧୯୧୯ ଏପ୍ରିଲ ୧୩ ତାରିଖ ବୈଶାଖୀ ପର୍ବ ପାଳନ ଅବସରରେ ହଜାର ହଜାର ଜନସାଧାରଣ ଜାଲିଆନୱାଲାବାଗ ପଡ଼ିଆରେ ଏକତ୍ରିତ ହୋଇଥିଲେ । ପଞ୍ଜାବର ଲୋକପ୍ରିୟ ନେତା ସଇଫଉଦ୍ଦିନ କିଚଲୁ ଓ ଡାକ୍ତର ସତ୍ୟପାଲଙ୍କ ଗିରଫଦାରୀ ବିରୋଧରେ ଉକ୍ତ ସଭାର ଆୟୋଜନ କରାଯାଇଥିଲା । ବ୍ରିଟିଶ ସରକାର ଉକ୍ତ ସଭାକୁ ନିଷେଧ କରିଥିଲେ । କିନ୍ତୁ ସାଧାରଣଲୋକ ଏକଥା ଜାଣିନଥିଲେ । ସନ୍ଧ୍ୟା ପୂର୍ବରୁ ଜେନେରାଲ ଡାୟାରଙ୍କ ନେତୃତ୍ୱରେ ସୈନ୍ୟମାନେ ପହଞ୍ଚି ନିରସ୍ତ୍ର ଲୋକମାନଙ୍କ ଉପରେ ଗୁଳି ବର୍ଷଣ କରିଥିଲେ । ଜାଲିଆନାୱାଲାବାଗ୍‌ର ପଡ଼ିଆ ମଣିଷ ରକ୍ତରେ ରଞ୍ଜିତ ହୋଇପଡ଼ିଲା । ସରକାରୀ ସ୍ତରରେ ୩୭୯ ଜଣଙ୍କର ମୃତ୍ୟୁ ଘଟିଥିଲା । କିନ୍ତୁ ବେସରକାରୀ ଭାବରେ ପ୍ରାୟ ୧୨୦୦ ଲୋକ ଏହି ଗୁଳିକାଣ୍ଡରେ ମରିଥିଲେ ଓ ୩,୬୦୦ ଲୋକ ଆହତ ହୋଇଥିଲେ । ଏହାର ପ୍ରତିବାଦରେ ରବୀନ୍ଦ୍ରନାଥ 'ନାଇଟ' ପଦବୀ ପରିତ୍ୟାଗ କରିଥିଲେ । ସାର ଶଙ୍କରନ ନାୟାର ଭାଇସରାଏଙ୍କର ପ୍ରଶାସନିକ ପରିଷଦର ସଭ୍ୟ ପଦରୁ ଇସ୍ତଫା ଦେଲେ । ଇଂରେଜ ସରକାରଙ୍କର ବର୍ବରୋଚିତ କାର୍ଯ୍ୟର ସମଗ୍ର ଦେଶବାସୀ ଘୋର ନିନ୍ଦା କରିଥିଲେ । ଜେନେରାଲ ଡାୟାର ତାଙ୍କର ପଦବୀ ତ୍ୟାଗ କରିଥିଲେ । ଗାନ୍ଧିଜୀ

କାଇଜର-ଇ-ହିନ୍ଦ୍ ଉପାଧି ପ୍ରତିବାଦ ସ୍ୱରୂପ ତ୍ୟାଗ କରିଥିଲେ । ଗାନ୍ଧିଜୀ ଯଥାର୍ଥରେ କହିଥିଲେ ନିର୍ଭୟ ହେବା ସ୍ୱରାଜର ଆତ୍ମା ସ୍ୱରୂପ । ବୋଧହୁଏ ଜାଲିଆନୱାଲବାଗର ଶହୀଦମାନେ ଏତେ ପରିମାଣ ନିର୍ଭୀକ ଥିଲେ, କେବଳ ବ୍ରିଟିଶମାନଙ୍କର କାପୁରୁଷତାର ପ୍ରମାଣ ଦେବାଲାଗି ଏହା ଥିଲା ଏକ କଳଙ୍କମୟ ଅଧ୍ୟାୟ ।

୧୯୧୯ ମସିହାର ଭାରତ ଶାସନ ଆଇନ ବା ମଣ୍ଟେଗ୍‌-ଚେମସ୍‌ଫୋର୍ଡ ଶାସନ ସଂସ୍କାରରେ ବ୍ୟବସ୍ଥାପକ ପରିଷଦଗୁଡ଼ିକର ସମ୍ପ୍ରସାରଣ ଏବଂ ଦ୍ୱୈତ ପ୍ରାଦେଶିକ ଶାସନର ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ତାହା ଭାରତୀୟ ଜନଅସନ୍ତୋଷକୁ ଲାଘବ କରିପାରିନଥିଲା । ଲୋକମାନେ ଆହୁରି କିଛି ଆଶା ରଖିଥିଲେ ।

ପ୍ରଥମ ବିଶ୍ୱଯୁଦ୍ଧ ପରେ ଇଂରେଜମାନେ ଯେପରି ଭାବରେ ତୁର୍କୀକୁ ଭାଗ ଭାଗ କରି ସୁଲତାନଙ୍କ ଖଲିଫା ଉପାଧି ଉଚ୍ଛେଦ କରିଥିଲେ ତାହା ବିରୋଧରେ ଭାରତରେ ମୁସଲମାନ୍ ନେତା ମହମ୍ମଦ ଅଲ୍ଲି, ସୌକତ ଅଲ୍ଲିଙ୍କ ନେତୃତ୍ୱରେ ବିରୋଧ କରାଯାଇଥିଲା । ମହାତ୍ମାଗାନ୍ଧୀ ମୁସଲମାନଙ୍କ ପ୍ରତି ସହାନୁଭୂତି ପ୍ରକାଶ କରି ଆନ୍ଦୋଳନ କରିଥିଲେ । ଏହା ଥିଲା ଖିଲାଫତ୍ ଆନ୍ଦୋଳନ । ହିନ୍ଦୁ ଏବଂ ମୁସଲମାନମାନଙ୍କୁ ଇଂରେଜ ବିରୋଧରେ ଏକତ୍ରିତ କରିବାରେ ଏହା ସହାୟକ ହୋଇଥିଲା । ୧୯୧୯ ନଭେମ୍ବର ୨୩ ତାରିଖରେ ସର୍ବ ଭାରତୀୟ ଖିଲାଫତ୍ ସଭା ଗାନ୍ଧିଜୀଙ୍କ ସଭାପତିତ୍ୱରେ ଦିଲ୍ଲୀଠାରେ ଆହୂତ ହୋଇଥିଲା । ଏ.କ୍ୟୁ.ଆନ୍‌ସାରିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭାଇସରାଏଙ୍କୁ ସାକ୍ଷାତ କରି ବ୍ରିଟିଶ ସରକାରଙ୍କ ଅତୀତ ପ୍ରତିଶ୍ରୁତି ବିଷୟରେ ମନେ ପକାଇଥିଲେ । ଗାନ୍ଧି ଜାଣିଥିଲେ ଖିଲାଫତ୍ ପ୍ରଶ୍ନର ସମାଧାନ ପାଇଁ ଭାରତୀୟ ଜାତୀୟ କଂଗ୍ରେସର ସମର୍ଥନ ଓ ସହଯୋଗ ଏକାନ୍ତ ଆବଶ୍ୟକ । ଏଥିପାଇଁ ଉଦ୍ୟମ ଆରମ୍ଭ କରାଯାଇଥିଲା ।

## ଅସହଯୋଗ ଆନ୍ଦୋଳନ (୧୯୨୦-୨୨) :

ଗାନ୍ଧିଜୀ ଭାରତୀୟମାନଙ୍କ ହୃଦୟରେ ଜାଗ୍ରତ ବ୍ରିଟିଶ ବିରୋଧି ମନୋଭାବକୁ ଭଲ ଭାବରେ ଜାଣିଥିଲେ । ରାଓଲାଟ୍ ଆଇନ, ଜାଲିଆନୱାଲାବାଗ୍ ଘଟଣା ଏବଂ ଖିଲାଫତ୍ ଆନ୍ଦୋଳନ ଆଦି ଘଟଣା ଗାନ୍ଧିଜୀଙ୍କୁ ଅସହଯୋଗ ଆନ୍ଦୋଳନ କରିବା ପାଇଁ ପ୍ରବର୍ତ୍ତାଇଥିଲା । କାରଣ ବ୍ରିଟିଶ୍ ସରକାର ଏସବୁ ଆଇନ ଏବଂ ଘଟଣାରେ କୌଣସି ଅନୁଶୋଚନା ପ୍ରକାଶ କରିନଥିଲେ । ୧୯୨୦ ମସିହା ଜୁନ୍ ୨୦ ତାରିଖରେ ଏଲ୍ଲାବାଦଠାରେ ଏକ ସର୍ବଦଳୀୟ ବୈଠକରେ ଅସହଯୋଗ ଆନ୍ଦୋଳନ ପାଇଁ ଡାକରା ଦିଆଯାଇଥିଲା । ସେହିବର୍ଷ ସେପ୍ଟେମ୍ବର ମାସରେ ଗାନ୍ଧିଙ୍କ ପ୍ରେରଣାରେ ଜାତୀୟ କଂଗ୍ରେସର ଏକ ସ୍ୱତନ୍ତ୍ର ଅଧିବେଶନ କଲିକତାଠାରେ ଡକାଯାଇଥିଲା । ବାଳ ଗଙ୍ଗାଧର ତିଳକଙ୍କ ମୃତ୍ୟୁ ପରେ ଗାନ୍ଧୀଙ୍କ ଉପରେ କଂଗ୍ରେସର ଦାୟିତ୍ୱ ପଡ଼ିଥିଲା । ତାହାପରେ ୧୯୨୦ ଡିସେମ୍ବର ମାସରେ ନାଗପୁର କଂଗ୍ରେସ ଅଧିବେଶନରେ ଅସହଯୋଗ ଆନ୍ଦୋଳନର ପ୍ରସ୍ତାବ ଗୃହୀତ ହୋଇଥିଲା । ଆଗାମୀ କାଲିପାଇଁ ଗାନ୍ଧିଜୀଙ୍କର ନେତୃତ୍ୱରେ ଭାରତୀୟ ଜାତୀୟ କଂଗ୍ରେସରେ ଏକ ନୂତନ ପରିକଳ୍ପନା ସୃଷ୍ଟି ହୋଇଥିଲା । ଅସହଯୋଗ ଆନ୍ଦୋଳନର ପ୍ରସ୍ତାବ ଅନୁସାରେ ସରକାରୀ ଶିକ୍ଷାନୁଷ୍ଠାନ ପରିତ୍ୟାଗ କରିବା, ସରକାରୀ କୋର୍ଟ ବର୍ଜନ କରିବା, ବିଦେଶୀ ଲୁଗା ବ୍ୟବହାର ନକରିବା, ସରକାରୀ ସମ୍ମାନ ତ୍ୟାଗ କରିବା, ସରକାରୀ ଚାକିରୀରୁ ଇସ୍ତଫାଦେବା ଆଦି କାର୍ଯ୍ୟକ୍ରମ ଘୋଷଣା କରାଯାଇଥିଲା । ଏହା ନକରାତ୍ମକ କାର୍ଯ୍ୟକ୍ରମ ଥିଲା । ମୁଖ୍ୟତଃ ଏହାର

ଦୁଇଗୋଟି କାର୍ଯ୍ୟକ୍ରମ ଥିଲା । ଉପରଲିଖିତ କାର୍ଯ୍ୟକ୍ରମ ୧ମ ପର୍ଯ୍ୟାୟଭୁକ୍ତ ଥିଲା । ୨ୟ ପର୍ଯ୍ୟାୟରେ ଥିଲା ରଚନାତ୍ମକ ବା ଗଠନମୂଳକ କାର୍ଯ୍ୟକଳାପ । ଏଥିରେ ଥିଲା ଖଦିର ପ୍ରସାର, ହିନ୍ଦୁ-ମୁସଲମାନ ଏକତା ବୃଦ୍ଧି, ଅସ୍ପୃଶ୍ୟତା ନିରାକରଣ, ନିଶା ନିବାରଣ ଏବଂ ଜାତୀୟଶିକ୍ଷାର ପ୍ରଚଳନ ପ୍ରଭୃତି କାର୍ଯ୍ୟକ୍ରମ । ଏହା ସକାରାତ୍ମକ କାର୍ଯ୍ୟକ୍ରମ ଥିଲା । କଂଗ୍ରେସ ତିନୋଟି ଲକ୍ଷ୍ୟ ଘୋଷଣା କରିଥିଲା- "ଯେତେଦିନ ଯାଏ ପଞ୍ଜାବ ଓ ଖିଲାଫତ୍ ଭୁଲର କ୍ଷତିପୂରଣ ନ ହୋଇଛି ଏବଂ ଦେଶରେ ସ୍ୱରାଜ୍ୟ ସ୍ଥାପିତ ନ ହୋଇଛି, ... ଅଧିକ ବ୍ୟାପକ ଢଙ୍ଗରେ ଅହିଂସା ମାର୍ଗରେ ଅସହଯୋଗ ଆନ୍ଦୋଳନ ଜାରି ରହିବ ।"

ଯେଉଁ ଲୋକମାନେ ଶତାବ୍ଦୀ ଶତାବ୍ଦୀ ଧରି ଶୋଇ ରହିଥିଲେ ସେମାନେ ମାନବିକ ମୂଲ୍ୟବୋଧର ଚେତନାରେ ଜାଗ୍ରତ ହୋଇଉଠିଲେ । ସାହସ, ତ୍ୟାଗ ଏବଂ ନିଷ୍ଠାରେ ଉଦ୍ଭାସିତ ଜନସାଧାରଣ ସତ୍ୟାଗ୍ରହର ଅପୂର୍ବ ଆହ୍ୱାନରେ ସମଗ୍ର ଭାରତରେ ମାତିଗଲେ । ବିଦେଶୀ ବସ୍ତ୍ର ପରିତ୍ୟାଗ କରାଗଲା ଓ ସେଗୁଡ଼ିକୁ ସାଧାରଣ ସ୍ଥାନରେ ଜଳାଇ ଦିଆଗଲା । ଅନେକ ଗୃହମାନଙ୍କରେ ଅରଟର ଶବ୍ଦ ଶୁଣାଗଲା । ଚାରିକାନ୍ଥରେ ଆବଦ୍ଧ ଭାରତୀୟ ମହିଳା, ଯୁଗଯୁଗର ବନ୍ଧନକୁ ଏଡ଼ାଇ ରାଜରାସ୍ତାକୁ ଚାଲିଆସିଲେ । ପୁରୁଷମାନଙ୍କ ସାଙ୍ଗରେ ପାଦ ରଖି ସେମାନେ ଚାଲିଲେ, ସ୍ୱରାଜର ବାର୍ତ୍ତା ଗୋଟିଏ ବର୍ଷରେ ସମଗ୍ର ଭାରତବର୍ଷକୁ ବ୍ୟାପିଗଲା । କଂଗ୍ରେସ ପ୍ରଥମଥର ପାଇଁ ଲୋକମାନଙ୍କ ମଧ୍ୟରେ ଏକ ନୂତନ ଜାଗରଣ ସୃଷ୍ଟି କରିବାରେ ସକ୍ଷମ ହୋଇପାରିଥିଲା । ତିଳକ ସ୍ୱରାଜ ପାଣ୍ଠିରେ କୋଟି କୋଟି ଟଙ୍କା ଜମା ହୋଇଗଲା । ସରକାରଙ୍କ ସହିତ ଅସହଯୋଗ ବ୍ରିଟିଶ ସାମ୍ରାଜ୍ୟର ମୂଳଦୁଆକୁ ଆଘାତ କଲା । ୧୯୨୧ ମସିହା ଡିସେମ୍ବର ୨୮ ତାରିଖରେ ଗାନ୍ଧିଜୀ ଅହମ୍ମଦାବାଦ କଂଗ୍ରେସରେ କହିଲେ- "ମୁଁ ଶାନ୍ତିର ଲୋକ, ଶାନ୍ତିରେ ବିଶ୍ୱାସ କରେ । କିନ୍ତୁ ଏହାର ଅର୍ଥ ନୁହେଁ ଯେ, ମୁଁ ଯେକୌଣସି ପ୍ରକାରର ଶାନ୍ତି ଚାହେଁ, ଅର୍ଥାତ୍ ମୁଁ ପଥରର ଶାନ୍ତି ଚାହେଁ ନାହିଁ, ଚାହେଁନା ଶ୍ମଶାନର ଶାନ୍ତି ।" ଭାରତୀୟମାନେ ସ୍ୱାଧୀନତା ପାଇଁ ପ୍ରକୃତ ମୂଲ୍ୟଦେବା ପାଇଁ ପ୍ରସ୍ତୁତ ହୋଇଗଲେଣି । ଆନ୍ଦୋଳନ ସମଗ୍ର ଭାରତରେ ପ୍ରଭାବ ପକାଇ ସାରିଲାଣି । ଠିକ୍ ସେତିକିବେଳେ ଗାନ୍ଧିଜୀ ଆନ୍ଦୋଳନକୁ ହଠାତ୍ ସ୍ଥଗିତ କରିଦେଲେ । କାରଣ ୧୯୨୨ ମସିହା ଫେବୃଆରୀରେ ଉତ୍ତର-ପ୍ରଦେଶର ଗୋରଖପୁର ନିକଟରେ ଚୌରୀଚୌରା ନାମକ ସ୍ଥାନରେ ଉତ୍ୟକ୍ତ ଜନତା ଗୋଟିଏ ପୋଲିସଥାନା ପୋଡ଼ିଦେବା ସଙ୍ଗେ ସଙ୍ଗେ ବାଇଶଜଣ ପୋଲିସ୍ କର୍ମଚାରୀଙ୍କୁ ହତ୍ୟା କରିଥିଲେ । ଗାନ୍ଧିଜୀ ଯେଉଁ ଆନ୍ଦୋଳନର କଥା କହିଥିଲେ ଏବଂ ଏହାର ସଫଳତା ମଧ୍ୟ ଆଶା କରୁଥିଲେ ଏହି ଘଟଣା ଯୋଗୁଁ ସବୁ ଏପାଖ ସେପାଖ ହୋଇଗଲା । ଗାନ୍ଧିଜୀ ଗଭୀର ଭାବରେ ମର୍ମାହତ ହେଲେ । ଅନେକ ସମାଲୋଚନା, ପ୍ରତିବାଦ, ଆପତ୍ତି ସତ୍ତ୍ୱେ ଗାନ୍ଧିଜୀ ତାଙ୍କ ନିଷ୍ପତ୍ତିରେ ଅଟଳ ରହିଥିଲେ । ଦୃଢ଼ ଭାବରେ ଆରମ୍ଭ ହୋଇଥିବା ଆକ୍ରମଣାତ୍ମକ କାର୍ଯ୍ୟକ୍ରମକୁ ହଠାତ୍ ବନ୍ଦ କରିଦେଇଥିବାରୁ ଏହା ରାଜନୈତିକ ଦୃଷ୍ଟିକୋଣରୁ ଅସଙ୍ଗତ ବା ଅସମୀଚୀନ ହୋଇପାରେ, କିନ୍ତୁ ଗାନ୍ଧିଜୀଙ୍କ ଦୃଷ୍ଟିକୋଣରୁ ଏହା ଠିକ୍ ଥିଲା ବୋଲି ମନେହୁଏ । ଏହି ନିଷ୍ପତ୍ତି ଧାର୍ମିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ବିଜ୍ଞ ଏବଂ ପରିପକ୍ୱ । ଗାନ୍ଧିଜୀ କହିଥିଲେ- "ଏହି ପରାଭବ ଏବଂ ଭୁଲ ସ୍ୱୀକାର ଯୋଗୁ ମୁଁ ସନ୍ଦେହକାରୀମାନଙ୍କୁ ପ୍ରତିଶ୍ରୁତି ଦେଇପାରେ ଯେ ଏହା ଦ୍ୱାରା ଦେଶର ନିଶ୍ଚିତ କଲ୍ୟାଣ ହିଁ ହେବ ।" ୧୯୨୨ ମସିହା ଫେବୃଆରୀ ୧୨ ତାରିଖ ଦିନ କଂଗ୍ରେସ କାର୍ଯ୍ୟକାରୀ କମିଟିର ଏକ ବୈଠକରେ ଅସହଯୋଗ ଆନ୍ଦୋଳନ ସ୍ଥଗିତ ରଖିବା ପାଇଁ ପ୍ରସ୍ତାବ ଅନୁମୋଦିତ ହୋଇଥିଲା ।

## ଅସହଯୋଗ ଆନ୍ଦୋଳନରେ ଓଡ଼ିଶାର ଭୂମିକା :

ଅସହଯୋଗ ଆନ୍ଦୋଳନବେଳେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହୋଇନଥିଲା । ସେଥିପାଇଁ ଏକ ଆନ୍ଦୋଳନ ଚାଲିଥାଏ । ଭାରତୀୟ ଜାତୀୟ କଂଗ୍ରେସର ବାର୍ଷିକ ଅଧିବେଶନ ୧୯୨୦ ମସିହା ଡିସେମ୍ବର ମାସରେ ନାଗପୁରଠାରେ ବସିଥିଲା, ଯେଉଁ ଅଧିବେଶନରେ ଅସହଯୋଗ ଆନ୍ଦୋଳନର ପ୍ରସ୍ତାବ ଗୃହୀତ ହୋଇଥିଲା । ଓଡ଼ିଶାରୁ ସମୁଦାୟ ଯେଉଁ ୨୭ ଜଣ ପ୍ରତିନିଧି ଯୋଗ ଦେଇଥିଲେ ସେମାନଙ୍କ ମଧ୍ୟରୁ ମୁଖ୍ୟ ଥିଲେ ପଣ୍ଡିତ ଗୋପବନ୍ଧୁ ଦାସ, ନିରଞ୍ଜନ ପଟ୍ଟନାୟକ, ମୁକୁନ୍ଦ ପ୍ରସାଦ ଦାସ, ଯଦୁମଣି ମଙ୍ଗରାଜ, ଭାଗିରଥୀ ମହାପାତ୍ର ଏବଂ ହରେକୃଷ୍ଣ ମହତାବ । ଭାଷା ଭିତ୍ତିରେ ପ୍ରାଦେଶିକ କଂଗ୍ରେସ କମିଟି ଗଠନ ନାଗପୁର କଂଗ୍ରେସ ଅଧିବେଶନରେ ନିଷ୍ପତ୍ତି ହୋଇଥିଲା । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇନଥିଲେବି ଭାଷାଭିତ୍ତିରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ଗଠିତ ହୋଇଥିଲା । ଏଥିରେ ସଭାପତି ଥିଲେ ପଣ୍ଡିତ ଗୋପବନ୍ଧୁ ଦାସ ଏବଂ ଉପ-ସଭାପତି ଥିଲେ ଡକ୍ଟର ଏକ୍ରାମ ରସୁଲ, ସଂପାଦକ ଥିଲେ ଭାଗିରଥୀ ମହାପାତ୍ର ଏବଂ ସଂଯୁକ୍ତ ସଂପାଦକ ଥିଲେ ବ୍ରଜସୁନ୍ଦର ଦାସ । ଏଥିରେ ପାଞ୍ଚ ଜଣ ସଭ୍ୟ ମଧ୍ୟ ଥିଲେ । ବିଭିନ୍ନ ଜିଲ୍ଲାରେ କଂଗ୍ରେସ କମିଟି ଗଢ଼ାଗଲା । କଟକ ସଦର ଦାୟିତ୍ୱରେ ଭାଗିରଥୀ ମହାପାତ୍ର, ପୁରୀଜିଲ୍ଲା ଦାୟିତ୍ୱରେ ଜଗବନ୍ଧୁ ସିଂହ ଏବଂ କୃପାସିନ୍ଧୁ ମିଶ୍ର, ବାଲେଶ୍ୱର ଜିଲ୍ଲାର ଦାୟିତ୍ୱରେ ଡଃ ହରେକୃଷ୍ଣ ମହତାବ, ସମ୍ବଲପୁର ଜିଲ୍ଲା ଦାୟିତ୍ୱରେ ପଣ୍ଡିତ ନୀଳକଣ୍ଠ ଦାସ, ଗଞ୍ଜାମ ଜିଲ୍ଲା ଦାୟିତ୍ୱରେ ନିରଞ୍ଜନ ପଟ୍ଟନାୟକ, କେନ୍ଦ୍ରାପଡ଼ା ଦାୟିତ୍ୱରେ ଯଦୁମଣି ମଙ୍ଗରାଜ, ଯାଜପୁର ଦାୟିତ୍ୱରେ ରହିଲେ ରାଜକୃଷ୍ଣ ବୋଷ । ଜିଲ୍ଲାଠାରୁ ଅଞ୍ଚଳଭିତ୍ତିରେ କଂଗ୍ରେସ ସଂଗଠନର ମୂଳଭିତ୍ତି ପକାଯାଇଥିଲା ।

ଚକ୍ରଧରପୁରରୁ ପ୍ରତ୍ୟାବର୍ତ୍ତନ ପରେ ଗୋପବନ୍ଧୁ ଦାସ କଟକଠାରେ ୧୯୨୧ ମସିହା ଜାନୁୟାରୀ ୨୪ ତାରିଖରେ ଏକ ସାଧାରଣ ସଭାରେ ଯୋଗଦେଇ ଜନସାଧାରଣମାନଙ୍କୁ ଅସହଯୋଗ ଆନ୍ଦୋଳନରେ ଯୋଗ ଦେବାପାଇଁ ଆହ୍ୱାନ ଦେଇଥିଲେ । ଗାନ୍ଧିଜୀଙ୍କ ଆଶ୍ରମରେ ଥିବା ଓଡ଼ିଆକର୍ମୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ଓଡ଼ିଶାକୁ ଫେରି ଅସହଯୋଗ ଆନ୍ଦୋଳନର ମାର୍ଗ ତିଆରି କରିଥିଲେ । ୧୯୨୧ ମସିହା ମାର୍ଚ୍ଚ ମାସ ୨୩ ତାରିଖରେ ଗାନ୍ଧିଜୀ ତାଙ୍କ ସ୍ତ୍ରୀ କସ୍ତୁରବା ସହିତ ଆସି କଟକରେ ପହଞ୍ଚିଲେ । କଟକ ରେଲୱେ ଷ୍ଟେସନଠାରୁ ସ୍ୱରାଜ୍ୟ ଆଶ୍ରମକୁ ତାଙ୍କୁ ଏକ ବିରାଟ ପଟୁଆରରେ ନିଆଯାଇଥିଲା । ସେଦିନ ସେ ବିନୋଦବିହାରୀଠାରେ ନାରୀମାନଙ୍କୁ ଏକ ସଭାରେ ଉଦ୍‌ବୋଧନ ଦେଇଥିଲେ ଏବଂ ସନ୍ଧ୍ୟାବେଳେ ଗାନ୍ଧିଜୀ କାଠଯୋଡ଼ି ନଦୀ ଶଯ୍ୟାରେ ଏକ ବିରାଟ ଜନସାଧାରଣଙ୍କୁ ଅସହଯୋଗ ବିଷୟରେ ଆହ୍ୱାନ ଦେଇଥିଲେ । ତିଳକ ସ୍ୱରାଜ ପାଣ୍ଠିକୁ ମୁକ୍ତ ହସ୍ତରେ ଦାନ ମିଳିଥିଲା । ଅନେକ ନାରୀ ସେମାନଙ୍କର ଅଳଙ୍କାର ଦାନ କରିଥିଲେ । ମାର୍ଚ୍ଚ ୨୫ ତାରିଖରେ ସେ ଭଦ୍ରକ ଆସିଥିଲେ । ତା'ପରେ ସେ ପୁରୀ ଯାଇଥିଲେ । ପୁରୀ ଯିବା ବାଟରେ ୨୬ ମାର୍ଚ୍ଚରେ ସେ ସତ୍ୟବାଦୀ ବିଦ୍ୟାଳୟକୁ ଯାଇଥିଲେ । ସତ୍ୟବାଦୀ ବନବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ଏବଂ ଛାତ୍ରମାନଙ୍କର ସରଳ ଜୀବନ ଗାନ୍ଧିଜୀଙ୍କୁ ବିସ୍ମିତ କରିଥିଲା । ୨୭ ମାର୍ଚ୍ଚରେ ପୁରୀର ଶରଧାବାଲିରେ ଏକ ଜନସଭାରେ ଭାଷଣ ଦେଇଥିଲେ । ପୁରୀରୁ ବ୍ରହ୍ମପୁର ଦେଇ ସେ କଂଗ୍ରେସ ଅଧିବେଶନରେ ଯୋଗ ଦେବାପାଇଁ ବେଜୱାଡ଼ା ଯାଇଥିଲେ ।

ସଭାମାନଙ୍କରେ ଭାଷଣ ଦେଇ ସେ ଲୋକମାନଙ୍କୁ ସାମ୍ରାଜ୍ୟବାଦୀ ଇଂରେଜ ସରକାର ବିରୋଧରେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେବାପାଇଁ ଆହ୍ୱାନ ଦେଇଥିଲେ। ସ୍ୱରାଜ ପ୍ରାପ୍ତି, ହିନ୍ଦୁ ମୁସଲିମ୍ ଏକତା, ବିଦେଶୀ ବସ୍ତ୍ର ବର୍ଜନ, ଚରଖା ଦ୍ୱାରା ସୂତା କାଟି ଲୁଗା ବୁଣିବା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବିଷୟରେ ବିଶଦ ଆଲୋଚନା କରିଥିଲେ। ତିଳକ ସ୍ୱରାଜ୍ୟ ପାଣ୍ଠି ପାଇଁ ଗାନ୍ଧିଜୀ ପ୍ରାୟ ତିନିଲକ୍ଷ ଟଙ୍କା ଦାନ ହିସାବରେ ଗ୍ରହଣ କରିଥିଲେ। ପ୍ରଥମଥର ପାଇଁ ଓଡ଼ିଶାର ବହୁ ସଂଖ୍ୟାରେ ନାରୀମାନେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ମୁଖ୍ୟ ଥିଲେ ରମାଦେବୀ ଏବଂ ସରଳାଦେବୀ।

**ଅସହଯୋଗ ଆନ୍ଦୋଳନର ପ୍ରଭାବ :**

ଓଡ଼ିଶାର ଅନେକ ଯୁବକ ସ୍କୁଲ, କଲେଜ, ସରକାରୀ ଚାକିରୀ ଓ ଓକିଲାତି ଛାଡ଼ି ଅସହଯୋଗ ଆନ୍ଦୋଳନରେ ଝାସ ଦେଇଥିଲେ। ସମ୍ବଲପୁର ଜିଲ୍ଲା ସ୍କୁଲର କିଛି ଛାତ୍ର ସ୍କୁଲ ପରିତ୍ୟାଗ କଲେ। ରେଭେନ୍ସା କଲେଜର ପ୍ରାୟ ଷାଠିଏ ଜଣ ଛାତ୍ର କଲେଜ ଛାଡ଼ିଥିଲେ। ସେମାନଙ୍କ ମଧ୍ୟରେ ମୁଖ୍ୟ ଥିଲେ ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ନନ୍ଦକିଶୋର ଦାସ, ନିତ୍ୟାନନ୍ଦ କାନୁନ୍‌ଗୋ, ରାଧାକୃଷ୍ଣ ବିଶ୍ୱାସରାଏ ଇତ୍ୟାଦି। ରାଜକୃଷ୍ଣ ବୋଷ ମେଡ଼ିକାଲ ସ୍କୁଲ ମଧ୍ୟ ଛାଡ଼ିଥିଲେ। ୧୯୨୧ ମସିହାରେ ସତ୍ୟବାଦୀ ବିଦ୍ୟାଳୟକୁ ଜାତୀୟ ବିଦ୍ୟାଳୟରେ ପରିବର୍ତ୍ତନ କରାଗଲା। ଏହା ବ୍ୟତୀତ ଜାତୀୟ ବିଦ୍ୟାଳୟ, ସମ୍ବଲପୁର, ଜଗତ୍‌ସିଂହପୁର, ଭଦ୍ରକ, ବାଲେଶ୍ୱର ଏବଂ ସୋରଠାରେ ପ୍ରତିଷ୍ଠା କରାଯାଇଥିଲା। ଗୋଦାବରୀଶ ମିଶ୍ର ଚକ୍ରଧରପୁର ଜାତୀୟ ବିଦ୍ୟାଳୟ ଏବଂ ନୀଳକଣ୍ଠ ଦାସ ସମ୍ବଲପୁର ଜାତୀୟ ବିଦ୍ୟାଳୟର ନେତୃତ୍ୱ ନେଲେ। ଉତ୍କଳ ସ୍ୱରାଜ୍ୟ ଶିକ୍ଷା ପରିଷଦ ଗଠିତ ହୋଇଥିଲା। ଗୋପବନ୍ଧୁ ଦାସ ଏହାର ସଭାପତି ଏବଂ ନନ୍ଦ କିଶୋର ଦାସ ଏହାର ସଂପାଦକ ହୋଇଥିଲେ। ଏହାର ଦାୟିତ୍ୱ ଥିଲା ଜାତୀୟ ବିଦ୍ୟାଳୟର ପରିଦର୍ଶନ ଏବଂ ପରୀକ୍ଷା ପରିଚାଳନା କରିବା।

ଅନେକ ଓକିଲ ମଧ୍ୟ ବ୍ରିଟିଶ କୋର୍ଟରୁ ସେମାନଙ୍କର ସମ୍ପର୍କ ତୁଟାଇ ଦେଇଥିଲେ। ପୁରୀ, କଟକ ଓ ସମ୍ବଲପୁରରୁ ଜଗବନ୍ଧୁ ସିଂହ, ଭାଗିରଥୀ ମହାପାତ୍ର, ରାମ ନାରାୟଣ ମିଶ୍ର ଓ ବ୍ରହ୍ମପୁରରୁ ବିଶ୍ୱନାଥ ଦାସ ଏବଂ ନଟବର ବଡ଼ତିଆ ସେମାନଙ୍କର ଆଇନ ବ୍ୟବସାୟ ତ୍ୟାଗ କରିଥିଲେ। ଏହା ବ୍ୟତୀତ ଅନେକ ଓଡ଼ିଆ ଯୁବକ ସରକାରୀ ଚାକିରୀରୁ ଇସ୍ତଫା ଦେଇଥିଲେ। ସେମାନଙ୍କ ମଧ୍ୟରେ ମୁଖ୍ୟ ଥିଲେ- ଡେପୁଟି ମାଜିଷ୍ଟ୍ରେଟ୍ ଗୋପବନ୍ଧୁ ଚୌଧୁରୀ ଏବଂ ମୁକୁନ୍ଦ ପ୍ରସାଦ ଦାସ, ପୋଲିସ ସବ-ଇନସ୍‌ପେକ୍ଟର ସୁରେନ୍ଦ୍ରନାଥ ଦାସ, ଅବକାରୀ ଇନସ୍‌ପେକ୍ଟର ମହମ୍ମଦ ହନିଫ୍ ଇତ୍ୟାଦି। ନୀଳକଣ୍ଠ ଦାସ କଲିକତା ବିଶ୍ୱ ବିଦ୍ୟାଳୟର ଅଧ୍ୟାପକ ପଦବୀ ତ୍ୟାଗ କରିଥିଲେ। ନନ୍ଦ କିଶୋର ଦାସ ଏବଂ ଗୋଦାବରୀଶ ମିଶ୍ରଙ୍କ ଭଳି ଉଚ୍ଚଶିକ୍ଷିତ ବ୍ୟକ୍ତି କୌଣସି ସରକାରୀ ଚାକିରୀ ଗ୍ରହଣ କରିନଥିଲେ।

ସାଧାରଣ ଲୋକମାନଙ୍କୁ ନ୍ୟାୟ ଦେବାପାଇଁ ଏକ ପଞ୍ଚାୟତ ସ୍ତରରେ ବିଚାର ବ୍ୟବସ୍ଥା ଚଳେଇବା ପାଇଁ ଚେଷ୍ଟା କରାଗଲା। ଲୋକମାନଙ୍କୁ କୁହାଗଲା ଏଥିପାଇଁ ଜମିଦାର ପାଖକୁ ନଯିବା ପାଇଁ। ଭଦ୍ରକରେ ଜାତୀୟ ଭାବଧାରାରେ ପ୍ରଭାବିତ କବି ବାଞ୍ଛାନିଧି ମହାନ୍ତି କେତେକ ପଞ୍ଚାୟତ କୋର୍ଟ ପ୍ରତିଷ୍ଠା କରି ଲୋକମାନଙ୍କର ବିଚାର କରୁଥିଲେ। କଟକ ଜିଲ୍ଲାରେ ଏହା ମଧ୍ୟରେ କେତେକ ଓକିଲ ଉପରକୋର୍ଟ ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ

ନେଇଥିଲେ । ସତ୍ୟାଗ୍ରହୀମାନେ ବ୍ରିଟିଶ ସରକାରଙ୍କର କୋର୍ଟ ବର୍ଜନ କରିଥିଲେ ଓ ଏହି ପଞ୍ଚାୟତ କୋର୍ଟ ବିଚାରର ମାଧ୍ୟମ ଥିଲା । ଭଦ୍ରକରେ ଏହାର ପ୍ରଭାବ ଏତେ ଥିଲା ଯେ କେହି ତାଙ୍କର ବିଚାର ନେଇ ଜମିଦାର ପାଖକୁ ଯାଉନଥିଲେ । ପୁରୀରେ ବିଦେଶୀ ବସ୍ତ୍ର ପୋଡ଼ାଯାଇଥିଲା । କଟକ, ବାଲେଶ୍ୱର ଏବଂ ଜଳେଶ୍ୱରରେ ଏଥିପାଇଁ ଆନ୍ଦୋଳନ ହୋଇଥିଲା । ବ୍ୟବସାୟୀମାନେ ସତ୍ୟାଗ୍ରହୀମାନଙ୍କର ଦାବି ମାନିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ । ମହାତ୍ମା ଗାନ୍ଧୀ ପୁରୀରେ ଗଜପତି ଏବଂ ପୁରୋହିତମାନଙ୍କୁ ଜଗନ୍ନାଥଙ୍କ ପାଇଁ ଖଦଡ଼ ବସ୍ତ୍ର ବ୍ୟବସ୍ଥା କରିବା ପାଇଁ ଅନୁରୋଧ କରିଥିଲେ ।

ଅସହଯୋଗର ସବୁଠାରୁ ବଡ ପ୍ରୟୋଗ ହେଲା ଆଶ୍ରମ ପ୍ରତିଷ୍ଠା । କଟକର ସ୍ୱରାଜ ଆଶ୍ରମ ଭଳି ଭଳି ଅନ୍ୟାନ୍ୟ ସ୍ଥାନରେ ଆଶ୍ରମମାନ ପ୍ରତିଷ୍ଠା କରାଯାଇଥିଲା । କଂଗ୍ରେସ କର୍ମୀମାନଙ୍କୁ ଏଥିରେ ତାଲିମ ଦିଆଯାଉଥିଲା । ଏଭଳି ଆଶ୍ରମ କଟକ, ବାଲେଶ୍ୱର, ଭଦ୍ରକ, ସୋରୋ, ଜଗତ୍‌ସିଂହପୁର ଏବଂ ସାକ୍ଷୀଗୋପାଳରେ ପ୍ରତିଷ୍ଠା କରାଯାଇଥିଲା । ବାଲେଶ୍ୱରରେ ସ୍ୱରାଜ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା । ଏହାର ନେତୃତ୍ୱ ନେଇଥିଲେ ହରେକୃଷ୍ଣ ମହତାବ ଏବଂ କରୁଣାକର ପାଣିଗ୍ରାହୀ । ଜଗତ୍‌ସିଂହପୁରରେ ଅଳକା ଆଶ୍ରମ ପ୍ରତିଷ୍ଠା କରାଯାଇଥିଲା । ଅସହଯୋଗ ଆନ୍ଦୋଳନର ମୂଳମନ୍ତ୍ରରେ କର୍ମୀମାନଙ୍କୁ ଦୀକ୍ଷା ଦିଆଯାଉଥିଲା ।

ପଣ୍ଡିତ ଗୋପବନ୍ଧୁ ଦାସଙ୍କ ନେତୃତ୍ୱରେ ଓଡ଼ିଶାର ଅସହଯୋଗ ଆନ୍ଦୋଳନ ତଳ ସ୍ତରକୁ ବ୍ୟାପି ଯାଇଥିଲା । ତାଙ୍କ ଦ୍ୱାରା ପ୍ରକାଶିତ ସାପ୍ତାହିକ 'ସମାଜ' ଜାତୀୟ ଭାବଧାରା ସୃଷ୍ଟି କରିବାରେ ଏବଂ ଅସହଯୋଗ ଆନ୍ଦୋଳନର ମୂଳମନ୍ତ୍ର ପ୍ରଚାର କରିବାରେ ନେତୃତ୍ୱ ନେଇଥିଲା । ଓଡ଼ିଶାର ଜନସାଧାରଣଙ୍କ ସମ୍ମୁଖରେ ଗାନ୍ଧିଙ୍କ ପରେ ଗୋପବନ୍ଧୁଙ୍କ ନାମ ଆପେ ଆପେ ଆସିଯାଇଥିଲା । କର୍ମୀମାନେ ଏହି ଆନ୍ଦୋଳନକୁ ଏକ ଚିରସ୍ଥାୟୀ ଆନ୍ଦୋଳନ କରିବାରେ ଲକ୍ଷ୍ୟ ରଖିଥିଲେ ବୋଲି ଅନୁମାନ କରାଯାଉଥିଲା ।

ପରାଧୀନ ଭାରତୀୟମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରି ଏହି ଆନ୍ଦୋଳନକୁ ଦବାଇଦେବାକୁ ବ୍ରିଟିଶ ସରକାର ଉଦ୍ୟମ କରିଥିଲେ । ସଭା, ସମିତି, ଶୋଭାଯାତ୍ରା ପ୍ରଭୃତି ବେଆଇନ ଘୋଷିତ ହେଲା । ହଜାର ହଜାର ଜନତା ଲାଠିମାଡ଼ର ଶୀକାର ହେଲେ ଏବଂ ଇଂରେଜ ସରକାରଙ୍କର ଜେଲରେ କାରାବରଣ କରି ଯନ୍ତ୍ରଣା ବରଦାସ୍ତ କଲେ । ପଣ୍ଡିତ ଗୋପବନ୍ଧୁଙ୍କୁ ଗିରଫ କରାଯାଇ ହଜାରିବାଗ ଜେଲକୁ ପଠାଇ ଦିଆଯାଇଥିଲା । ବାଲେଶ୍ୱରରୁ ହରେକୃଷ୍ଣ ମହତାବଙ୍କୁ ମଧ୍ୟ ଗିରଫ କରାଯାଇଥିଲା ।

ଏହି ସମସ୍ତ ଘଟଣାକୁ ଅନୁଧ୍ୟାନ କଲେ ଜଣାଯାଏ ଓଡ଼ିଶାବାସୀମାନଙ୍କର ଅସହଯୋଗ ଆନ୍ଦୋଳନ ପ୍ରତି ଦୃଢ଼ ସମର୍ଥନ ଥିଲା ।

ଚୌରୀଚୌରା ଘଟଣା ପରେ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନ ସ୍ଥଗିତ ଏକତରଫା ନିଷ୍ପତ୍ତି କର୍ମୀମାନଙ୍କ ମଧ୍ୟରେ କେତେକ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା । ୧୯୨୨ରେ ଏହା ସ୍ଥଗିତ ହେଲା । କଂଗ୍ରେସରେ ଏକ ଆଦର୍ଶଗତ ବିଭେଦ ହେଲା । କେତେକ କଂଗ୍ରେସ କର୍ମୀ ୧୯୧୯ ମସିହାର ଭାରତ ଶାସନ ଆଇନ ଅନୁସାରେ ବିଧାନସଭାକୁ ନିର୍ବାଚିତ ହେବାର ଆଶା ରଖିଲେ । ସେମାନେ ବିଧାନସଭା ଭିତ୍ତିରେ ସରକାରଙ୍କୁ

ବୈଧାନିକ ଉପାୟରେ ବିରୋଧ କରିବେ । ସେମାନଙ୍କୁ ପରିବର୍ତ୍ତନ ଦାବୀଦାର କୁହାଗଲା । ଆଉ କେତେକ ବିଧାନସଭା ବର୍ଜନ କରି ଗାନ୍ଧିଜୀଙ୍କ ରଚନାତ୍ମକ କାର୍ଯ୍ୟକ୍ରମରେ ଯୋଗଦେଲେ । ସେମାନଙ୍କୁ ପରିବର୍ତ୍ତନ-ବିରୋଧୀ କୁହାଗଲା । ସେମାନେ କଂଗ୍ରେସ ସ୍ୱରାଜ୍ୟ ଦଳ ଗଠନ କରି ୧୯୨୩ ଓ ୧୯୨୬ ନିର୍ବାଚନରେ ଅଂଶ ଗ୍ରହଣ କରିଥିଲେ । ୧୯୨୪ ମସିହା ଜୁନ୍ ୨୬ ତାରିଖରେ ଗୋପବନ୍ଧୁ ଦାସ ହଜାରିବାଗ ଜେଲ୍‌ରୁ ଖଲାସ ହୋଇଥିଲେ । ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ତାଙ୍କୁ ଉତ୍କଳମଣି ବୋଲି ବର୍ଣ୍ଣନା କରିଥିଲେ ।

## ଆଇନ ଅମାନ୍ୟ ଆନ୍ଦୋଳନ :

ଅସହଯୋଗ ଆନ୍ଦୋଳନର ସମାପ୍ତିର କେତେବର୍ଷ ପରେ ଭାରତର ଶାସନ ଆଇନ ୧୯୧୯ର କାର୍ଯ୍ୟକାରିତା ବିଷୟରେ ଅନୁଧାନ କରିବା ପାଇଁ ୧୯୨୮ ମସିହାରେ ସାଇମନ କମିଶନ ଭାରତକୁ ଆସିଲେ । ଏହି ସାତଜଣିଆ ପ୍ରତିନିଧିରେ ଜନ୍ ସାଇମନ ଏହାର ସଭାପତି ଥିଲେ । ଏଥିରେ କୌଣସି ଭାରତୀୟ ନଥିଲେ । ଇଂଲଣ୍ଡର ବିଭିନ୍ନ ରାଜନୈତିକ ଦଳରୁ ବଛା ଯାଇଥିବା ସଭ୍ୟ ଭାରତୀୟମାନଙ୍କ ଚିନ୍ତାଧାରାକୁ କିପରି ଗ୍ରହଣ କରିବେ ଏହା ମୂଳରୁ ଥିଲା ସନ୍ଦେହାତ୍ମକ । ଭାରତର ସବୁଦଳ ଏହାର ବିରୋଧ କରିଥିଲେ ଓ ସବୁଠାରେ ଏହାର ବିରୋଧ କରାଯାଇଥିଲା । କଳାପତାକା, ହରତାଳ ଏବଂ ସାଇମନ କମିଶନ ପରିତ୍ୟାଗ ପନ୍ଥା ଗ୍ରହଣ କରାଯାଇଥିଲା । 'ସାଇମନ, ଫେରିଯାଅ' ଥିଲା ସତ୍ୟାଗ୍ରହୀଙ୍କର ସ୍ଲୋଗାନ । ଏପରି ବିରୋଧ ସତ୍ତ୍ୱେ କମିଶନ ତାଙ୍କର କାର୍ଯ୍ୟକ୍ରମ ଗ୍ରହଣ କରିଥିଲେ । କେନ୍ଦ୍ର ଏବଂ ପ୍ରାଦେଶିକ ସରକାର ଗଠନ ବିଷୟରେ ପ୍ରସ୍ତାବ ଦେଇ ୧୯୩୦ ମସିହାରେ ରିପୋର୍ଟ ପ୍ରଦାନ କରିଥିଲେ । ଏହି ରିପୋର୍ଟରେ ପ୍ରଦେଶଗୁଡ଼ିକରୁ ଦ୍ୱୈତ ଶାସନ ବିଲୋପ କରାଯାଇଥିଲା । ସଂଖ୍ୟାଗରିଷ୍ଠ ଦଳରୁ ମନ୍ତ୍ରୀମାନଙ୍କର ନିଯୁକ୍ତି ବ୍ୟବସ୍ଥା ଏବଂ ପ୍ରାଦେଶିକ ସରକାରଙ୍କୁ ପ୍ରାଶାସନିକ ଏବଂ ଆଇନଗତ ସ୍ତରରେ ଅଧିକ ସ୍ୱାଧୀନତା ଦିଆଯାଇଥିଲା । ସବୁଠାରୁ ବଡ଼ ସୁପାରିଶ ଥିଲା ଭାରତକୁ ଏକ ରାଷ୍ଟ୍ରସଂଘରେ ପରିଣତ କରିବା ।

'ସାଇମନ ଫେରିଯାଅ' ସ୍ଲୋଗାନ ଏବଂ କମିଶନ ବିରୋଧୀ ପନ୍ଥା ଭାରତୀୟମାନଙ୍କ ହୃଦୟରେ ଏକ ଆନ୍ଦୋଳନାତ୍ମକ ଚିନ୍ତାଧାରା ସୃଷ୍ଟି କରିଥିଲା । ୧୯୨୯ ବେଳକୁ କଂଗ୍ରେସର ସବୁ ଗୋଷ୍ଠୀ ଏକତ୍ର ହୋଇ ଗାନ୍ଧିଜୀଙ୍କ ନେତୃତ୍ୱ ଆଡ଼କୁ ଦୃଢ଼ ଆଶାରେ ଚାହିଁ ରହିଥିଲେ । ୧୯୨୯ ମସିହା ଡିସେମ୍ବର ୨୯ ତାରିଖରେ ଭାରତୀୟ ଜାତୀୟ କଂଗ୍ରେସର ଲାହୋର ଅଧିବେଶନରେ ପଣ୍ଡିତ ଜବାହରଲାଲ ନେହେରୁ ସଭାପତିତ୍ୱ କରିଥିଲେ । ଡିସେମ୍ବର ୩୧ ତାରିଖ ୧୯୨୯ ମସିହାରେ ଯେତେବେଳେ 'ପୂର୍ଣ୍ଣ ସ୍ୱରାଜ' ପ୍ରସ୍ତାବ ଗାନ୍ଧିଜୀଙ୍କ ଦ୍ୱାରା ଆଗତ କରାଯାଇ ଗ୍ରହଣ କରାଗଲା ଏହା ଥିଲା ଏକ ବଳିଷ୍ଠ ଘଟଣା । ପ୍ରଥମ ତ୍ରିରଙ୍ଗା ପତାକା ନେହେରୁଙ୍କ ଦ୍ୱାରା ଉତ୍ତୋଳନ କରାଗଲା । 'ପୂର୍ଣ୍ଣ ସ୍ୱରାଜ' ବା ସମ୍ପୂର୍ଣ୍ଣ ସ୍ୱାଧୀନତାର ଶପଥ ଚିଠା ପ୍ରସ୍ତୁତ ହୋଇଥିଲା । ୧୯୩୦ ମସିହା ଜାନୁୟାରୀ ୨୬ ତାରିଖକୁ ପ୍ରଥମ ସ୍ୱାଧୀନତା ଦିବସ ରୂପେ ପାଳନ କରାଗଲା । ନିୟୁତ ନିୟୁତ ଲୋକ ସେହିଦିନ ଶପଥ ଚିଠା ପାଠ କରିଥିଲେ । ଏହି ଦିବସକୁ ଅବିସ୍ମରଣୀୟ କରିବା ପାଇଁ ୧୯୫୦ ମସିହା ଜାନୁୟାରୀ ୨୬ ତାରିଖ ସାଧାରଣତନ୍ତ୍ର ଦିବସ ରୂପେ ପାଳନ କରାଯାଇଥିଲା ଓ ପ୍ରତିବର୍ଷ ଏହା ଉକ୍ତ ତାରିଖରେ ଓ ମାସରେ ପାଳନ କରାଯାଉଅଛି ।

ସାବରମତିର ସେହି ସନ୍ ୧୯୩୦ ମାର୍ଚ୍ଚ ୧୨ ତାରିଖରେ ତାଙ୍କ ଆଶ୍ରମର ଅଠସ୍ତରୀ ଜଣ ପୁରୁଷ ଏବଂ ସ୍ତ୍ରୀ ଅନ୍ତେବାସୀଙ୍କୁ ନେଇ ଦୀର୍ଘ ୨୪୧ ମାଇଲ ଦୂର ଯାତ୍ରାକରି ଏପ୍ରିଲ ୬ ତାରିଖରେ ଗୁଜୁରାଟର ସମୁଦ୍ରକୂଳରେ ଦାଣ୍ଡୀ ନାମକ ସ୍ଥାନରେ ପହଞ୍ଚି ସେଠାରେ ଲବଣ ଆଇନ ଭଙ୍ଗ କରିଥିଲେ । ଜଣେ ସାଧାରଣ ଲୋକ ତା'ର ନିଜ ବ୍ୟବସ୍ଥା ପାଇଁ ଲୁଣ ମାରିପାରିବ ନାହିଁ ବୋଲି ହୋଇଥିବା ଆଇନ କଟକଣାର ସେ ବିରୋଧ କରିଥିଲେ । ସେ ବଡ଼ଲାଟ୍‌ଙ୍କୁ ଆଗୁଆ ଜଣାଇ ଦେଇଥିଲେ । ବଡ଼ଲାଟ ସମେତ ଅନେକ ଇଂରେଜ ବିଶ୍ୱାସ କରିଥିବେ ଏହା ଏକ ଅଭିନୟାତ୍ମକ ଏବଂ ବିରୋଧ ନାମରେ ଏକ ନିର୍ବୋଧ କାର୍ଯ୍ୟକ୍ରମ । ଏହି ଅଧାଲଙ୍ଗଳା ଫକୀରର ଆଇନ ଅମାନ୍ୟ ଆନ୍ଦୋଳନରେ ଯୋଗ ଦେବାପାଇଁ ହଜାର ହଜାର ନରନାରୀ ଆସିଥିଲେ । ତାଙ୍କୁ ଦେଖିବାକୁ ବହୁସଂଖ୍ୟକ ଲୋକ ରାସ୍ତାକଡ଼ରେ ଆଣ୍ଠୁମାଡି ବସିଥିଲେ । ଯାତ୍ରା ଶେଷବେଳକୁ ଭାରତର ସବୁଭାଗକୁ ଏହି ବିରାଟ ଆନ୍ଦୋଳନ ବ୍ୟାପି ଯାଇଥିଲା । ଏହି ୭୮ ଜଣ ସହଯୋଗୀ ମଧ୍ୟରେ ଓଡ଼ିଶାର ବାଲେଶ୍ୱରରୁ ମୋତିବାସ ଦାସ ଜଣେ ଥିଲେ । ସେ ଗାନ୍ଧୀ ସେବାଶ୍ରମର ଛାତ୍ର ଥିଲେ । ଆବହମାନ କାଳରୁ ଭାରତୀୟମାନେ ସମୁଦ୍ରରୁ ଲୁଣ ମାରି ଚଳୁଥିବାବେଳେ ଇଂରେଜମାନଙ୍କର ପକ୍ଷପାତ ଆଇନ ତାକୁ ନିଷିଦ୍ଧ କରିଥିଲା । ଅପ୍ରେଲ ୬ ତାରିଖ ସକାଳ ପ୍ରାର୍ଥନା ପରେ ଗାନ୍ଧିଜୀ ଲବଣ ଆଇନ ଅମାନ୍ୟ କରିଥିଲେ । ଲହଡ଼ି ଫେରିଯାଇଥିବା ସ୍ଥାନରୁ ଲୁଣ ଗୋଟାଇ ଆଣିଲେ । ଗାନ୍ଧିଜୀ ଆଶ୍ରମ ଛାଡ଼ିବାବେଳେ କହିଥିଲେ, ଲବଣ ଆଇନ ଅମାନ୍ୟ କରିବି ଅଥବା ମୋର ଶରୀର ସମୁଦ୍ରରେ ଭାସୁଥିବ । ଏହି ପ୍ରତୀକାତ୍ମକ ଛୋଟ କାମଟି ଜାତୀୟ ସ୍ତରରେ ଆଇନ ଅମାନ୍ୟ ଆନ୍ଦୋଳନର ଆହ୍ୱାନ ହୋଇଥିଲା ।

ଆଇନ ଅମାନ୍ୟ ଆନ୍ଦୋଳନର କାର୍ଯ୍ୟପନ୍ଥା ବିଷୟରେ ଗାନ୍ଧିଜୀ ସୂଚନା ଦେଇ କହିଥିଲେ- "ପ୍ରତ୍ୟେକ ଗ୍ରାମ ନିଷିଦ୍ଧ ଲବଣ ତିଆରି କରିବେ । ଭଉଣୀମାନେ ମଦ ଦୋକାନ, ଅଫିମ ବିକ୍ରୟ ସ୍ଥାନ ଓ ବିଦେଶୀ ଲୁଗା ବ୍ୟବସାୟୀଙ୍କ ଦୋକାନ ଆଗରେ ସତ୍ୟାଗ୍ରହ କରିବେ । ଯୁବକ ତଥା ବୃଦ୍ଧ ସମସ୍ତେ ସୂତା କାଟିବେ, ବିଦେଶୀ କପଡ଼ାରେ ଅଗ୍ନି ସଂଯୋଗ କରାଯିବ । ହିନ୍ଦୁମାନେ ଅସ୍ପୃଶ୍ୟତା ବର୍ଜନ କରିବେ । ଛାତ୍ରମାନେ ସରକାରୀ ସ୍କୁଲ, କଲେଜ ପରିତ୍ୟାଗ କରିବେ । ସରକାରୀ କର୍ମଚାରୀମାନେ ଚାକିରୀରୁ ଇସ୍ତଫା ଦେବେ ଏବଂ ଆମେ ଅବିଳମ୍ବେ ଦେଖିପାରିବା, ପୂର୍ଣ୍ଣ ସ୍ୱରାଜ ଆମ ଦ୍ୱାର ଦେଶରେ ଧ୍ୱନି ଦେଉଛି ।" ଗାନ୍ଧିଜୀଙ୍କର କାର୍ଯ୍ୟ ଏବଂ ଆହ୍ୱାନ ସମଗ୍ର ଭାରତୀୟମାନଙ୍କ ହୃଦୟରେ ବ୍ରିଟିଶ ଶକ୍ତି ବିରୋଧରେ ଦୃଢ଼ ଭାବରେ ଦଣ୍ଡାୟମାନ ହେବାର ସାହସ ସୃଷ୍ଟି କଲା । ସମଗ୍ର ଦେଶରେ ଆଇନ ଅମାନ୍ୟ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ଜଙ୍ଗଲ ଆଇନ ଅମାନ୍ୟ ଏବଂ ଚୌକିଦାରୀକର ଅସ୍ୱୀକାର ସଙ୍ଗେ ସଙ୍ଗେ ବିଭିନ୍ନ ସ୍ଥାନରେ ହରତାଳ, ବିଦେଶୀ ଲୁଗା ଏବଂ ବିଦେଶୀ ଜିନିଷ ବର୍ଜନ ଜୋରସୋରରେ ଚାଲିଲା । ବହୁ ସଂଖ୍ୟାରେ ମହିଳାମାନେ ଯୋଗଦାନ କରିଥିଲେ । ଖାଁ ଅବଦୁଲ ଗଫୁର ଖାଁଙ୍କ ନେତୃତ୍ୱରେ 'ଖୁଦାଇ ଖିଦମତଗର' ସମିତି ଗଠନ କରାଯାଇ ଉତ୍ତର-ପଶ୍ଚିମ ସୀମାନ୍ତ ଅଞ୍ଚଳରେ ଲୋକମାନେ ଗାନ୍ଧିଜୀଙ୍କ ଅହିଂସା ଆନ୍ଦୋଳନରେ ଯୋଗଦେଲେ । ପେଶୱାରରେ ଏହାର ପ୍ରଭାବ ପଡ଼ିଲା ।

ଆଇନ ଅମାନ୍ୟ ଆନ୍ଦୋଳନ ଫଳରେ ବ୍ରିଟିଶ ସରକାରଙ୍କର ଶାସନକଳ ସ୍ଥାଣୁ ହୋଇଯାଇଥିଲା । ତା'ପରେ ଚାଲିଲା ଦମନଲୀଳା । ଗାନ୍ଧୀ, ନେହେରୁ ଓ ଅନ୍ୟାନ୍ୟ ନେତାମାନେ ଗିରଫ ହେଲେ । ପୁରୁଷ, ସ୍ତ୍ରୀ, ଯୁବକ, ବୃଦ୍ଧ, ଗ୍ରାମବାସୀ ଏବଂ ସହରବାସୀ ସମସ୍ତେ ହଜାର ହଜାର ସଂଖ୍ୟାରେ ଗିରଫ ହେଲେ । ଲାଠିମାଡ

ଖାଇଲେ, ଏପରିକି ଗୁଳିମାଡ଼ର ଶୀକାର ହେଲେ। ଗାନ୍ଧିଜୀ ମଇ ୪ ତାରିଖ ଦିନ ମଧ୍ୟରାତ୍ରି ପରେ ଗିରଫ ହେଲେ। ପ୍ରାୟ ଏକଲକ୍ଷ ଲୋକ ହେଲେ କାରାରୁଦ୍ଧ। ଭାରତୀୟ ଜାତୀୟ କଂଗ୍ରେସକୁ ବେଆଇନ କରାଗଲା। ବ୍ରିଟିଶ ସରକାର ସମାଧାନ ପାଇଁ ୧୯୩୦ରେ ପ୍ରଥମ ଗୋଲ ଟେବୁଲ ବୈଠକ ଡକାଇଲେ। କଂଗ୍ରେସ ଏଥିରେ ଯୋଗ ଦେଲାନାହିଁ। ଗାନ୍ଧୀ ଇରଉଇନଙ୍କ ଚୁକ୍ତି ୧୯୩୧ ମସିହାରେ କରାଗଲା। ଗାନ୍ଧୀ ଏବଂ କଂଗ୍ରେସର ସହଯୋଗ ବିନା ସମାଧାନ ଅସମ୍ଭବ ବୋଲି ବ୍ରିଟିଶ ସରକାର ଜାଣିଲେ। ଏହି ଚୁକ୍ତି ଫଳରେ ବ୍ରିଟିଶ ସରକାର ସବୁ ରାଜନୈତିକ ବନ୍ଦୀମାନଙ୍କୁ ଜେଲରୁ ମୁକ୍ତି ଦେଲେ। ଲୁଣମରା ଅଧିକାର ଦିଆଗଲା। କଂଗ୍ରେସ ଆଇନ ଅମାନ୍ୟ ଆନ୍ଦୋଳନ ସ୍ଥଗିତ ରଖିଲା ଏବଂ ଗୋଲ ଟେବୁଲ ବୈଠକରେ ଅଂଶଗ୍ରହଣ କରିବା ପାଇଁ ରାଜି ହେଲା।

ଦ୍ୱିତୀୟ ଗୋଲ ଟେବୁଲ ବୈଠକରେ ମହାତ୍ମାଗାନ୍ଧୀ ଯୋଗ ଦେବାପାଇଁ ୧୯୩୧ ମସିହାରେ କଂଗ୍ରେସର ପ୍ରତିନିଧି ରୂପେ ଲଣ୍ଡନ ଯାଇଥିଲେ। ଗାନ୍ଧୀ ଭାରତୀୟମାନଙ୍କ ସମ୍ପର୍କରେ ଯୁକ୍ତି ବାଢ଼ି ଇଂରେଜ ସରକାରଙ୍କଠାରୁ ସୁବିଧା ହାସଲ କରିବା ସପକ୍ଷରେ ଥିଲେ। କିନ୍ତୁ ବ୍ରିଟିଶ ସରକାର ତାଙ୍କର କୌଣସି ଯୁକ୍ତି ଗ୍ରହଣ କରିନଥିଲେ। ଟୋରିଦଳର ନେତା ଚର୍ଚ୍ଚିଲ ଗାନ୍ଧିଜୀଙ୍କୁ 'ରାଜଦ୍ରୋହୀ ଓ ଅର୍ଦ୍ଧ ଉଲଗ୍ନ ଫକୀର' ବୋଲି କହିଥିଲେ। ଏହାପରେ ଆସିଲା ବ୍ରିଟିଶମାନଙ୍କର ସାମ୍ରାଜ୍ୟବାଦୀ ପ୍ରକ୍ରିୟାର ଏକ ଅଙ୍ଗ, 'ବିଭାଜନ ଏବଂ ଶାସନ'। ୧୯୩୧ ମସିହାରେ ବ୍ରିଟିଶ ପ୍ରଧାନମନ୍ତ୍ରୀ ରାମସେ ମ୍ୟାକଡ଼ୋନାଲଡ ହିନ୍ଦୁ ଜାତିରେ ବିଭେଦ ସୃଷ୍ଟି କରିବା ପାଇଁ ଅଛୁଆଁ ଲୋକମାନଙ୍କୁ ପୃଥକ ଭୋଟଦେବା ଅଧିକାର ଦେଇ ଅଲଗା କରିବା ନୀତି ଗ୍ରହଣ କଲେ। ଆଗରୁ ହିନ୍ଦୁ ମୁସଲମାନମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରି ଆନ୍ଦୋଳନକୁ ଦୁର୍ବଳ କରିବାକୁ ଚେଷ୍ଟା କରିଥିଲେ। ଗାନ୍ଧିଜୀ ଏହାର ପ୍ରତିବାଦ ସ୍ୱରୂପ ଜେଲରେ ଆମରଣ ଅନଶନ ଆରମ୍ଭ କଲେ। ପରିଶେଷରେ ବ୍ରିଟିଶ ସରକାର ତାଙ୍କର ନୀତି ପ୍ରତ୍ୟାହାର କରିଥିଲେ। ଗାନ୍ଧୀ ଅନଶନ ତ୍ୟାଗ କରିଥିଲେ। କଂଗ୍ରେସ ୧୯୩୨ ମସିହାରେ ଆହୂତ ତୃତୀୟ ଏବଂ ଶେଷ ଗୋଲଟେବୁଲ ବୈଠକରେ ଯୋଗ ଦେଇନଥିଲା। ତଥାପି ସାଇମନ କମିଶନ ପ୍ରଦତ୍ତ ପ୍ରସ୍ତାବ ଆଧାର ଭିତ୍ତିରେ ଏବଂ ଗୋଲ ଟେବୁଲର ଆଲୋଚନାର ଫଳ ସ୍ୱରୂପ ବ୍ରିଟିଶ ସରକାର ଏକ ନୂତନ ଶାସନ ବ୍ୟବସ୍ଥା ପ୍ରସ୍ତୁତ କଲେ। ତାହା ୧୯୩୫ ମସିହା ଆଇନ ନାମରେ ଜଣା। କଂଗ୍ରେସ ନେତାମାନଙ୍କୁ ଗିରଫ କରାଯାଇଥିଲା ଏବଂ ସରକାରଙ୍କର ଦମନମୂଳକ ପଦକ୍ଷେପ ମଧ୍ୟ ଚାଲିଥିଲା। ପରିଶେଷରେ ଗାନ୍ଧିଜୀ ୧୯୩୪ ମସିହାରେ ଆଇନ ଅମାନ୍ୟ ଆନ୍ଦୋଳନରୁ ଓହରି ଯାଇଥିଲେ।

## ଓଡ଼ିଶାରେ ଆଇନ ଅମାନ୍ୟ ଆନ୍ଦୋଳନ :

ଭାରତୀୟ ଜାତୀୟ କଂଗ୍ରେସର ଆହ୍ୱାନକୁ ଓଡ଼ିଶାର କଂଗ୍ରେସ କର୍ମୀମାନେ ଦୃଢ଼ ଭାବରେ ଗ୍ରହଣ କରିଥିଲେ। ଉତ୍କଳ ପ୍ରଦେଶ କମିଟି ନେତୃତ୍ୱରେ ସାଇମନ କମିଶନ ପରିତ୍ୟାଗ ଆନ୍ଦୋଳନ କରାଯାଇଥିଲା। ଗୋପବନ୍ଧୁ ଚୌଧୁରୀ ଏବଂ ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଚାଲିଥିଲା। ଲାହୋର କଂଗ୍ରେସ ଅଧିବେଶନରେ ଯେଉଁ ପୂର୍ଣ୍ଣ ସ୍ୱରାଜ ପ୍ରସ୍ତାବ ପାରିତ ହୋଇଥିଲା, ଫଳ ସ୍ୱରୂପ ୧୯୩୦ ମସିହା ଜାନୁୟାରୀ ୨୬ ତାରିଖକୁ ସ୍ୱାଧୀନତା ଦିବସ ରୂପେ ପାଳନ କରାଗଲା।

୧୯୩୦ ମସିହା ମାର୍ଚ୍ଚ ମାସରେ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ବାଲେଶ୍ୱର ଜିଲ୍ଲା ଇଞ୍ଚୁଡ଼ି ଗ୍ରାମରେ ଲବଣ ସତ୍ୟାଗ୍ରହ ଆରମ୍ଭ କରିବାର ସିଦ୍ଧାନ୍ତ ନିଆଗଲା । ଇଞ୍ଚୁଡ଼ି ବାଲେଶ୍ୱରଠାରୁ ଷୋହଳ କି.ମି. ଦୂରରେ ଅବସ୍ଥିତ । ଇଞ୍ଚୁଡ଼ିକୁ କେତୋଟି କାରଣ ଯୋଗୁ ବଛାଯାଇ ପାରିଥାଏ । ମରାଯାଇଥିବା ଲୁଣକୁ ବାଲେଶ୍ୱର ସହରରେ ବିକ୍ରି କରାଯାଇପାରିବ । ଦ୍ୱିତୀୟରେ ଇଞ୍ଚୁଡ଼ିକୁ ଯାଇଥିବା ରାସ୍ତା ପୋଲିସ ଏବଂ ବ୍ରିଟିଶ ସୈନ୍ୟବାହିନୀ ଯିବା ପାଇଁ କଷ୍ଟକର, ବିଶେଷତଃ ବର୍ଷାଋତୁରେ । ଏହି ଲବଣ ସତ୍ୟାଗ୍ରହର ନେତୃତ୍ୱ ଗୋପବନ୍ଧୁ ଚୌଧୁରୀଙ୍କ ଉପରେ ଦିଆଯାଇଥିଲା । ଉତ୍କଳ କଂଗ୍ରେସ କମିଟିର ସଭାପତି ହରେକୃଷ୍ଣ ମହତାବ ଏବଂ ବାଲେଶ୍ୱର ସ୍ଥାନୀୟ କଂଗ୍ରେସ ନେତା ସୁରେନ୍ଦ୍ରନାଥ ଦାସ ଲୋକ ସଂଗଠନର ଦାୟିତ୍ୱ ନେଇଥିଲେ । ଗୋପବନ୍ଧୁ ଦାସଙ୍କ ମୃତ୍ୟୁ ପରେ ହରେକୃଷ୍ଣ ମହତାବଙ୍କ ଉପରେ କଂଗ୍ରେସର ଦାୟିତ୍ୱ ନ୍ୟସ୍ତ ଥିଲା । ଏହି ଆନ୍ଦୋଳନରେ ସୁରେନ୍ଦ୍ରନାଥ ଦାସଙ୍କର ଭୂମିକାକୁ ମଧ୍ୟ ନ୍ୟୂନ କରାଯାଇ ପାରିବନାହିଁ । ଲୋକେ ତାଙ୍କୁ ଶ୍ରଦ୍ଧାରେ 'ସର୍ଦ୍ଦାର' ବୋଲି ଡାକୁଥିଲେ ।

ଯେଉଁ ଏପ୍ରିଲ ୬ ତାରିଖ ୧୯୩୦ ମସିହାରେ ଗାନ୍ଧିଜୀ ଆଇନ ଅମାନ୍ୟ ଆନ୍ଦୋଳନ କରି ଲବଣ ଆଇନକୁ ଅସ୍ୱୀକାର କରିଥିଲେ ଠିକ୍ ସେହିଦିନ ଆଚାର୍ଯ୍ୟ ହରିହର ଦାଶଙ୍କ ନେତୃତ୍ୱରେ ଏକୋଇଶ ଜଣ ସତ୍ୟାଗ୍ରହୀ କଟକର ସ୍ୱରାଜ୍ୟ ଆଶ୍ରମଠାରୁ ଇଞ୍ଚୁଡ଼ି ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ । ରାସ୍ତାରେ ତାନ୍ଦୋଳଠାରେ ଏପ୍ରିଲ ୮ ତାରିଖରେ ଗୋପବନ୍ଧୁ ଚୌଧୁରୀଙ୍କୁ ଗିରଫ କରାଯାଇଥିଲା । କାରଣ ଚୌଧୁରୀ ନିଷେଧାଜ୍ଞା ଭାଙ୍ଗି ୧୯୩୦ ମାର୍ଚ୍ଚ ୨୩ ତାରିଖରେ କଟକଠାରେ ଭାଷଣ ଦେଇଥିଲେ । ଏହାପରେ ଆଚାର୍ଯ୍ୟ ହରିହର ଦାଶଙ୍କ ନେତୃତ୍ୱରେ ସତ୍ୟାଗ୍ରହୀମାନେ ଇଞ୍ଚୁଡ଼ିରେ ପହଞ୍ଚି ସଂଖ୍ୟାଧିକ ଲୋକଙ୍କ ସହଯୋଗରେ ଲବଣ ଆଇନ ଭାଙ୍ଗିଥିଲେ । ଓଡ଼ିଶାର ବିଭିନ୍ନ ଭାଗର ସତ୍ୟାଗ୍ରହୀମାନେ ଇଞ୍ଚୁଡ଼ିରେ ଯୋଗ ଦେଇଥିଲେ । ପୁରୀରୁ ପତିତପାବନ ବାହିନୀ, ସମ୍ବଲପୁର ବାହିନୀ ଏବଂ ଗୁଜୁରାଟୀ ବାହିନୀ ଇଞ୍ଚୁଡ଼ିରେ ଏପ୍ରିଲ ୧୨ ତାରିଖରେ ପହଞ୍ଚିଲେ । ଏହି ଆନ୍ଦୋଳନରେ ବହୁ ସଂଖ୍ୟାରେ ମହିଳା ସତ୍ୟାଗ୍ରହୀ ଯୋଗ ଦେଇଥିଲେ । ସିନ୍ଦୂର ଏବଂ ଚନ୍ଦନର ମିଶ୍ରଣରେ ପ୍ରସ୍ତୁତ ପବିତ୍ର ଟୀକାକୁ ସତ୍ୟାଗ୍ରହୀମାନଙ୍କ ମସ୍ତକରେ ନାରୀ ସତ୍ୟାଗ୍ରହୀମାନେ ପ୍ରଦାନ କରିଥିଲେ । ସେମାନେ ପୁଷ୍ପ ବର୍ଷଣ କରିବା ସହିତ ଶଙ୍ଖ ଧ୍ୱନିରେ ଆନ୍ଦୋଳନକାରୀମାନଙ୍କୁ ଉତ୍ସାହିତ କରିଥିଲେ । ସେମାନଙ୍କ ମଧ୍ୟରେ ମୁଖ୍ୟ ଥିଲେ ରମାଦେବୀ, ମାଳତୀ ଦେବୀ, କୋକିଳ ଦେବୀ, ଜାହ୍ନବୀ ଦେବୀ ଏବଂ ସୁଭଦ୍ରା ମହତାବ । ଏହା ବ୍ୟତୀତ ପାଖ ଗ୍ରାମରୁ ବହୁ ପୁରୁଷ ଏବଂ ମହିଳା ଯୋଗ ଦେଇଥିଲେ । ଲୁଣ ପ୍ରସ୍ତୁତ କରିବାରେ ଉଭୟ ପୁରୁଷ ଏବଂ ସ୍ତ୍ରୀମାନଙ୍କ ଭୂମିକା ଥିଲା । ବାଲେଶ୍ୱରରେ ସତ୍ୟାଗ୍ରହୀମାନେ ଏପ୍ରିଲ ୧୨ ତାରିଖ ସକାଳ ପ୍ରାର୍ଥନା ପରେ ଆଚାର୍ଯ୍ୟ ହରିହରଙ୍କ ସହ ବଛା ହୋଇଥିବା ବାରଜଣ ସତ୍ୟାଗ୍ରହୀ ଇଞ୍ଚୁଡ଼ିକୁ ଯାତ୍ରା କରିଥିଲେ । ଏପ୍ରିଲ ୧୩ ତାରିଖରେ ଆଚାର୍ଯ୍ୟ ହରିହର ସର୍ବପ୍ରଥମେ ସମୁଦ୍ରରୁ ଲୁଣମାଟି ଆଣିଥିଲେ । ତାଙ୍କ ସହିତ ଛଅଜଣଙ୍କୁ ଗିରଫ କରାଗଲା । କିନ୍ତୁ ଏହା ସତ୍ୟାଗ୍ରହୀମାନଙ୍କର ମନୋବଳ ଭାଙ୍ଗିବା ପରିବର୍ତ୍ତେ ଦ୍ୱିଗୁଣିତ ହୋଇଥିଲା । ଆଚାର୍ଯ୍ୟ ହରିହରଙ୍କ ପଥ ଅନୁସରଣ କରି ପ୍ରାଣକୃଷ୍ଣ ପଡ଼ିହାରୀ, ମଦନମୋହନ ପଟ୍ଟନାୟକ ଏବଂ ବିଶ୍ୱନାଥ ହୋତା ଲବଣ ଆଇନ ଅମାନ୍ୟ କରି ଗିରଫ ହେଲେ । ଅନେକ ସ୍ୱେଚ୍ଛାସେବୀ କଟକ, ପୁରୀ, ଗଞ୍ଜାମ, ସମ୍ବଲପୁର, ସିଂହଭୂମ ଏବଂ ପଡ଼ୋଶୀ ମୟୂରଭଞ୍ଜରୁ ଉକ୍ତ ଆନ୍ଦୋଳନରେ ଯୋଗ ଦେଇଥିଲେ । ୧୪ ଏପ୍ରିଲରେ ବିନୋଦ ଚୌଧୁରୀଙ୍କ ଭଳି ବୃଦ୍ଧ ବ୍ୟକ୍ତିଙ୍କ ନେତୃତ୍ୱରେ

ସ୍ୱେଚ୍ଛାସେବୀ ଲବଣ ଆଇନ ଭାଙ୍ଗିଥିଲେ। ଏଠାରେ ପୋଲିସର ଅତ୍ୟାଚାରର ସୀମା ଟପି ଯାଇଥିଲା ଏବଂ ଏପ୍ରିଲ ୧୫ରୁ ୧୯ ପର୍ଯ୍ୟନ୍ତ ଲୁଣ ମରାଗଲା। ଯେତେବେଳେ ସତ୍ୟାଗ୍ରହୀମାନେ ପ୍ରସ୍ତୁତ ଲୁଣକୁ ବିକ୍ରୀ କରିବା ପାଇଁ ବାଲେଶ୍ୱର ଯାତ୍ରା କଲେ ଏପ୍ରିଲ ୧୭ ତାରିଖ ଦିନ ସୁନ୍ଦରି ଛକଠାରେ ପୋଲିସ ବାହିନୀ ସେମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରିଥିଲେ। ଅନେକ ଅଚେତ ହୋଇ ମାଟିରେ ପଡ଼ିଯାଇଥିଲେ। ପାଖ ଗ୍ରାମର ସ୍ତ୍ରୀଲୋକମାନେ ସେମାନଙ୍କର ସେବାଶୁଶ୍ରୁଷା କରିଥିଲେ।

ଓଡ଼ିଶାର ଅନ୍ୟାନ୍ୟ ବହୁତ ସ୍ଥାନରେ ଲବଣ ସତ୍ୟାଗ୍ରହର ଧାରା ଚାଲିଲା। ଏଗୁଡ଼ିକ ମଧ୍ୟରୁ କଟକ ଜିଲ୍ଲାର କୁଜଙ୍ଗ, ବାଲେଶ୍ୱର ଜିଲ୍ଲାର ସାର୍ଥା, ପୁରୀ ଜିଲ୍ଲାର କୁହୁଡ଼ି, ସିଂହେଶ୍ୱରୀ ଏବଂ ଲଟରା ଏବଂ ଗଞ୍ଜାମ ଜିଲ୍ଲାର ହୁମା ଉଲ୍ଲେଖଯୋଗ୍ୟ। କୁଜଙ୍ଗରେ ନାରାୟଣ ବୀରବର ସାମନ୍ତଙ୍କ ନେତୃତ୍ୱରେ ସତ୍ୟାଗ୍ରହୀମାନେ ମେ ୮ ତାରିଖରେ ଲବଣ ଆଇନ ଅମାନ୍ୟ କରିଥିଲେ। ତାଙ୍କୁ ଏ କାର୍ଯ୍ୟରେ ରମାଦେବୀ, ମାଳତୀ ଦେବୀ, ଡକ୍ଟର ବ୍ରଜନାଥ ମିଶ୍ର, ବିଶ୍ୱନାଥ ହୋତାଙ୍କ ସ୍ତ୍ରୀ ପ୍ରଫୁଲ କୁମାରୀ ହୋତା ଏବଂ କିଛି ବାନରସେନା ସାହାଯ୍ୟ କରିଥିଲେ। କୁଜଙ୍ଗର ରାଣୀ ଭାଗ୍ୟବତୀ ପାଟ୍ଟମହାଦେଈ ମଧ୍ୟ ଏଥିରେ ଯୋଗ ଦେଇଥିଲେ। ରାଣୀଙ୍କର ଯୋଗଦାନ ସତ୍ୟାଗ୍ରହୀମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଥିଲା। ବହୁ ସଂଖ୍ୟାରେ ମହିଳା କର୍ମୀ ଏଥିରେ ଯୋଗ ଦେଇଥିଲେ। କୁଜଙ୍ଗ ବ୍ୟତୀତ କଟକ ଜିଲ୍ଲାର ବିଭିନ୍ନ ସ୍ଥାନରେ ଲବଣ ଆଇନ ଭଙ୍ଗା ଯାଇଥିଲା। ପୁରୀ ଜିଲ୍ଲାର ଅସ୍ତରଙ୍ଗ, ଚିଲିକା, କୁହୁଡି ଆଦି ସ୍ଥାନରେ ଲବଣ ଆଇନ ଅମାନ୍ୟ ଚାଲିଲା। ଏହାର ନେତୃତ୍ୱ ନେଇଥିଲେ ପଣ୍ଡିତ ନୀଳକଣ୍ଠ ଦାସ ଏବଂ ଜଗନ୍ନାଥ ରଥ। ଗଞ୍ଜାମର ବିଭିନ୍ନ ସ୍ଥାନରେ ଏହି ଆନ୍ଦୋଳନ ଚାଲିଥିଲା ଓ ଏହାର ନେତୃତ୍ୱ ନେଇଥିଲେ ବିଶ୍ୱନାଥ ଦାଶ, ନିରଞ୍ଜନ ପଟ୍ଟନାୟକ, ସରଳା ଦେବୀ, ମାଳତୀ ଦେବୀ, ଶଶୀଭୂଷଣ ରଥ, ନରସିଂହ ସାହୁ ଏବଂ ଦିବାକର ପଟ୍ଟନାୟକ। ଗଞ୍ଜାମ ଜିଲ୍ଲାର ହୁମା, ଲକ୍ଷ୍ମୀପୁର, ପଲ୍ଲୀବନ୍ଧ ଏବଂ ଜୟନ୍ତୀଗଡ଼ ଏହି ଆନ୍ଦୋଳନର କେନ୍ଦ୍ର ଥିଲା। କୋରାପୁଟର ସତ୍ୟାଗ୍ରହୀ ରାଧାକୃଷ୍ଣ ବିଶ୍ୱାସରାଏଙ୍କ ନେତୃତ୍ୱରେ କର୍ମୀମାନେ ଗଞ୍ଜାମ ଜିଲ୍ଲାର ଲବଣ ସତ୍ୟାଗ୍ରହରେ ଯୋଗ ଦେଇଥିଲେ।

ପ୍ରାରମ୍ଭରୁ ଇଂରେଜ ସରକାର ଦମନମୂଳକ ବ୍ୟବସ୍ଥା ଗ୍ରହଣ କରିଥିଲେ। କିନ୍ତୁ ଏହା କୌଣସି ରୂପେ ଆନ୍ଦୋଳନକୁ ପ୍ରଭାବିତ କରିପାରି ନଥିଲା। ୧୯୩୦ ମସିହା ଏପ୍ରିଲ ୨୬ ତାରିଖରେ ଉତ୍କଳ କଂଗ୍ରେସ କମିଟିର ସଭାପତି ହରେକୃଷ୍ଣ ମହତାବ ଓ ସଂପାଦକ ଗୋପବନ୍ଧୁ ଚୌଧୁରୀଙ୍କୁ ଦେଢ଼ବର୍ଷ କାରାଦଣ୍ଡ ଦିଆଯାଇଥିଲା। ଏହା ବ୍ୟତୀତ ବିଭିନ୍ନ ସ୍ଥାନରେ ନେତୃତ୍ୱ ନେଇଥିବା ସତ୍ୟାଗ୍ରହୀମାନଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ନନ୍ଦ କିଶୋର ଦାସ, ନୀଳକଣ୍ଠ ଦାସ, ଲିଙ୍ଗରାଜ ମିଶ୍ର, ଯଦୁମଣି ମଙ୍ଗରାଜ, ରାଜକୃଷ୍ଣ ବୋଷ, କୃପାସିନ୍ଧୁ ହୋତା, ରମାଦେବୀ, ସରଳା ଦେବୀ, ମାଳତୀ ଚୌଧୁରୀ ଆଦି କର୍ମୀମାନଙ୍କ ସହିତ ବହୁ ଲୋକଙ୍କୁ ଗିରଫ କରାଯାଇଥିଲା ଏବଂ କାରାଦଣ୍ଡ ଦିଆଯାଇଥିଲା।

ଗାନ୍ଧୀ ଏବଂ ଇରଉଇନ ଚୁକ୍ତି ୧୯୩୧ ମାର୍ଚ୍ଚ ମାସ ୫ ତାରିଖ ଦିନ ସ୍ୱାକ୍ଷରିତ ହୋଇଥିଲା। ଗାନ୍ଧୀ ଆଇନ୍ ଅମାନ୍ୟ ଆନ୍ଦୋଳନକୁ ସାମୟିକଭାବେ ସ୍ଥଗିତ ରଖିଥିଲେ। ଗାନ୍ଧୀ ଦ୍ୱିତୀୟ ଗୋଲଟେବୁଲ ବୈଠକରେ ଯୋଗ ଦେଇଥିଲେ। ଚୁକ୍ତି ଅନୁଯାୟୀ ଓଡ଼ିଶାର କଂଗ୍ରେସ ନେତା ଏବଂ କର୍ମୀମାନେ ମୁକ୍ତି ପାଇଥିଲେ। ୨୩ ମାର୍ଚ୍ଚ

୧୯୩୧ ମସିହାର କରାଚୀ କଂଗ୍ରେସ ଅଧିବେଶନରେ ଗୋପବନ୍ଧୁ ଚୌଧୁରୀ ଏବଂ ନୀଳକଣ୍ଠ ଦାସଙ୍କ ନେତୃତ୍ୱରେ ଓଡ଼ିଶାର କର୍ମୀମାନେ ଯୋଗ ଦେଇଥିଲେ । ଆଚାର୍ଯ୍ୟ ହରିହର ଦାଶ ଉତ୍କଳ ପ୍ରଦେଶ କମିଟିର ସଭାପତି ହୋଇଥିଲେ ।

୧୯୩୧ ମସିହା ଡିସେମ୍ବର ଶେଷ ଆଡ଼କୁ ଗାନ୍ଧିଜୀ ଗୋଲଟେବୁଲ ବୈଠକରୁ ଶୂନ୍ୟ ହସ୍ତରେ ଫେରିଥିଲେ । ଇଂରେଜମାନଙ୍କର ଦମନମୂଳକ ପଦକ୍ଷେପର ସୀମା ବଢ଼ିଯାଇଥିଲା । ଗାନ୍ଧିଜୀ ୧୯୩୪ ମସିହାରେ ଏହି ଆନ୍ଦୋଳନରୁ ଓହରି ଯାଇଥିଲେ ।

ଆଇନ ଅମାନ୍ୟ ଆନ୍ଦୋଳନରେ ଲବଣ ଆଇନ ଭାଙ୍ଗିବା କେବଳ ମାତ୍ର ପଦକ୍ଷେପ ନଥିଲା । ଏହା ବ୍ୟତୀତ ଅନ୍ୟାନ୍ୟ ପଦକ୍ଷେପ ମଧ୍ୟ ନିଆଯାଇଥିଲା । ଇଂରେଜ ପୋଲିସବାହିନୀକୁ ସାମାଜିକ ବହିଷ୍କାର, ଚୌକିଦାରୀ କର ନଦେବା, ନିଶା ନିବାରଣ ଏବଂ ହରିଜନ ଆନ୍ଦୋଳନ ଆଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ବାନରସେନା (୧୭ ବର୍ଷରୁ କମ୍) ବାଳକମାନେ ମଧ୍ୟ ଏଥିରେ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରୁ କେତେଜଣଙ୍କ ନାମ ଏଠାରେ ଉଲ୍ଲେଖ କରାଯାଇପାରେ । ସେମାନେ ହେଲେ ଲୋକନାଥ ନାୟକ, ଭୋଳାନାଥ ମହାନ୍ତି, ପୁରୁଷୋତ୍ତମ ସିଂହ, ଶ୍ରୀହର୍ଷ ମିଶ୍ର ଏବଂ ସଚ୍ଚିଦାନନ୍ଦ ମହାନ୍ତି । କଟକଠାରେ ୫୭ ଜଣ ବାଳକଙ୍କୁ ବେତମାଡ଼ ଦିଆଯାଇଥିଲା ଏବଂ କେତେକଙ୍କୁ ଜେଲଦଣ୍ଡ ମଧ୍ୟ ମିଳିଥିଲା । ସେମାନେ ଖଦଡ଼ ଲୁଗା ବୁଣୁଥିଲେ, କଂଗ୍ରେସର ଚିଠି ବାଣ୍ଟୁଥିଲେ, ଆନ୍ଦୋଳନକାରୀଙ୍କ ପାଇଁ ଖାଦ୍ୟ ରାନ୍ଧୁଥିଲେ ଏବଂ ପୋଷ୍ଟର ମାରୁଥିଲେ । ସେମାନେ ମଦ ଦୋକାନ ଏବଂ ବିଦେଶୀ ବସ୍ତ୍ର ଦୋକାନ ଆଗରେ ବିକ୍ଷୋଭ ପ୍ରଦର୍ଶନ ଭଳି ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ ।

ହରିଜନ ଆନ୍ଦୋଳନରେ ଓଡ଼ିଶାର ଭୂମିକା ଅତୁଳନୀୟ । ଗାନ୍ଧିଜୀଙ୍କର ଅନଶନ ଏହି ଅବହେଳିତମାନଙ୍କୁ ମୁଖ୍ୟ ଧାରାକୁ ଆଣିବାରେ ସହାୟକ ହୋଇଥିଲା । ସେ ଥିଲେ ଅସ୍ପୃଶ୍ୟତାର ଘୋର ବିରୋଧୀ । ଜି.ଡି. ବିରଳାଙ୍କ ସଭାପତିତ୍ୱ ଏବଂ ଏ.ଭି.ଠକରଙ୍କ ସମ୍ପାଦକତ୍ୱରେ ସର୍ବ ଭାରତୀୟ 'ହରିଜନ ସେବକ ସଂଘ' ଗଠିତ ହୋଇଥିଲା । କଟକ ଶାଖାର ସଭାପତି ଦାୟିତ୍ୱ ନେଇଥିଲେ ପ୍ରସିଦ୍ଧ କବିରାଜ ବାଲୁକେଶ୍ୱର ଆଚାର୍ଯ୍ୟ, ରମାଦେବୀ, ଲକ୍ଷ୍ମୀ ନାରାୟଣ ମିଶ୍ର ଏବଂ ସତ୍ୟ ନାରାୟଣ ସେନଗୁପ୍ତ ଏହାର ସମ୍ପାଦକ ଥିଲେ । ଆଚାର୍ଯ୍ୟ ହରିହର ଦାଶ, ହରେକୃଷ୍ଣ ମହତାବ, ବିଚିତ୍ରାନନ୍ଦ ଦାସ, ରାଧାନାଥ ରଥ ଏବଂ ଗୁଣନିଧି ମହାନ୍ତି ଏହାର ସଭ୍ୟ ଥିଲେ । ମୁକୁନ୍ଦ ପ୍ରସାଦ ଦାସ ଏବଂ ଭାଗବତ ମହାପାତ୍ର ବାଲେଶ୍ୱର ଏବଂ ଭଦ୍ରକରେ ହରିଜନ କଲ୍ୟାଣ ଆନ୍ଦୋଳନର ପୁରୋଧା ଥିଲେ । ପଣ୍ଡିତ ନୀଳକଣ୍ଠ ଦାସ ଏବଂ ଲୋକନାଥ ମିଶ୍ର ପୁରୀରେ ଏହି ଦାୟିତ୍ୱ ବହନ କରିଥିଲେ । ସମ୍ବଲପୁରରେ ନୃସିଂହ ପ୍ରସାଦ ଗୁରୁ, ଯାଜପୁରରେ ଜଗନ୍ନାଥ ଦାସ, ଫନିନ୍ଦ୍ରନାଥ ସାମଲ ଏବଂ ନାରାୟଣ ଚନ୍ଦ୍ର ଘୋଷ ହରିଜନମାନଙ୍କର ବିଭିନ୍ନ କଲ୍ୟାଣ କାର୍ଯ୍ୟକ୍ରମ ହାତକୁ ନେଇଥିଲେ । ଏହା ଥିଲା ଆଇନ ଅମାନ୍ୟ ଆନ୍ଦୋଳନର ସବୁଠାରୁ ବଡ଼ ଗଠନମୂଳକ ପଦକ୍ଷେପ ।

୧୯୩୦ ମସିହାର ଆଇନ ଅମାନ୍ୟ ଆନ୍ଦୋଳନର ଲବଣ ଆଇନ ଭଙ୍ଗ ଏକ ପ୍ରତିକାତ୍ମକ ଆନ୍ଦୋଳନ । ଇଂରେଜ ସରକାର ଏହାକୁ ଏକ ଛଳନୀୟ ଏବଂ ହାସ୍ୟାସ୍ପଦ କାର୍ଯ୍ୟକ୍ରମ ବୋଲି ଭାବିଥିଲେ । କିନ୍ତୁ ଏହି ଆନ୍ଦୋଳନର ବ୍ୟାପକତା ତାକୁ ଭୁଲ ପ୍ରମାଣିତ କରିଥିଲା । ଏହି ଆନ୍ଦୋଳନ ଫଳରେ ସାଧାରଣ ଲୋକ ଲୁଣ ମାରିବାର ଅଧିକାର ପାଇଲେ । ବହୁ ସଂଖ୍ୟାରେ ସାଧାରଣ ଲୋକ ଏବଂ ଶହ ଶହ ଗ୍ରାମ୍ୟ ମହିଳାମାନେ ଏହି ସତ୍ୟାଗ୍ରହରେ ଭାଗ

ନେଇଥିଲେ । ରମାଦେବୀ, ମାଳତୀ ଦେବୀ ଓ ସରଳା ଦେବୀଙ୍କ ଭଳି ନାରୀ ନେତ୍ରୀମାନେ ଏହି ଆନ୍ଦୋଳନରେ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଥିଲେ । ଓଡ଼ିଶାର ସାମାଜିକ ଇତିହାସରେ ଏହା ଥିଲା ଏକ ନୂତନ ଅଧ୍ୟାୟ । ଗଡ଼ଜାତ ଅଞ୍ଚଳରେ ଏହି ଆନ୍ଦୋଳନର ପ୍ରଭାବ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଜା ଆନ୍ଦୋଳନର ମୂଳଦୁଆ ପକାଇଥିଲା । ହରିଜନ ଆନ୍ଦୋଳନ ଫଳରେ ଅସ୍ପୃଶ୍ୟତା ଭଳି ସାମାଜିକ ଅଭିଶାପ ଉପରେ ବିରାଟ କୁଠାରାଘାତ କରାଯାଇଥିଲା ।

ଭାରତୀୟ ମୁକ୍ତି ସଂଗ୍ରାମ ସହିତ ଅନେକ ଆନ୍ତର୍ଜାତୀୟ ଘଟଣାବଳୀ ସମ୍ପୃକ୍ତ । ତାହା ମଧ୍ୟରେ ଥିଲା ୧୯୩୯ ମସିହା ଦ୍ୱିତୀୟ ବିଶ୍ୱଯୁଦ୍ଧ । ପ୍ରଥମ ବିଶ୍ୱଯୁଦ୍ଧବେଳେ ଗାନ୍ଧିଜୀଙ୍କର ବ୍ରିଟିଶ ଶାସନ ପ୍ରତି ଆନୁଗତ୍ୟ ଥିଲା । କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧର ଘଟଣା ଥିଲା ସଂପୂର୍ଣ୍ଣ ଅଲଗା । ଭାରତୀୟମାନଙ୍କର ସ୍ୱାଧୀନତା ପାଇବାର ଆକାଂକ୍ଷା ପ୍ରବଳତର ଥିଲା । ୧୯୪୨ ମସିହାବେଳକୁ ସମଗ୍ର ଇଉରୋପ ମହାଦେଶ ହିଟଲରଙ୍କ ଦ୍ୱାରା ଥରହର ହେଉଥିଲା । ଇଉରୋପରେ ଚାଲିଥିବା ନାଜି ଗଣହତ୍ୟା ଯୋଗୁଁ ଗାନ୍ଧି ମନସ୍ତାପ ମଧ୍ୟରେ ଥାଆନ୍ତି । ଫ୍ରାନସ୍ ପରାଜୟର ଦ୍ୱାର ଦେଶରେ ଥାଏ । ଗଣତନ୍ତ୍ରର ସୁରକ୍ଷା ପାଇଁ ବ୍ରିଟିଶ ଶକ୍ତିକୁ ସମର୍ଥନ ଏବଂ ଭାରତରେ ଚାଲିଥିବା ଶାସନ ପ୍ରକ୍ରିୟାରେ ଗଣତନ୍ତ୍ରର ଉଲଂଘନ ଏହିଭଳି ଭିନ୍ନ ମତବାଦ ମଧ୍ୟରେ କଂଗ୍ରେସ ଗତି କରୁଥାଏ ।

ଇଂଲଣ୍ଡର ଏହି ଘଡ଼ିସନ୍ଧି ବେଳରେ ବ୍ରିଟିଶ ସରକାର ଭାରତର ସାହାଯ୍ୟ ପାଇଁ ବ୍ୟଗ୍ର ହୋଇଉଠିଲେ । ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲଙ୍କ ଉପରେ ଆମେରିକା, ଚୀନ ଆଦି ମିତ୍ରଶକ୍ତି ଭାରତର ସହଯୋଗ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଲେ । ଗାନ୍ଧିଜୀ କୌଣସି ସର୍ତ୍ତମୂଳକ ସ୍ୱାଧୀନତା ଚାହୁଁନଥିଲେ । ଭାରତକୁ ବିନା ସର୍ତ୍ତରେ ସ୍ୱାୟତ୍ତ ଶାସନ ଅଧିକାର ଦିଆଗଲେ ମିତ୍ରଶକ୍ତିମାନଙ୍କ ସପକ୍ଷରେ ଯୁଦ୍ଧ କରିବାକୁ ଦେଶବାସୀ ଗ୍ରହଣ କରିନେବା ପାଇଁ ଗାନ୍ଧିଜୀ ପ୍ରସ୍ତାବ ଦେଇଥିଲେ । ତେଣୁ ଚର୍ଚ୍ଚିଲ ସାରଷ୍ଟାରଫୋର୍ଡ କ୍ରିପସ୍‌କୁ ଭାରତର ସମସ୍ୟା ଅନୁଧ୍ୟାନ କରିବା ପାଇଁ ପ୍ରେରଣ କରିଥିଲେ । କ୍ରିପସ୍ ବ୍ୟକ୍ତିଗତ ଭାବରେ ଗାନ୍ଧିଜୀ ଏବଂ ଅନ୍ୟ ଭାରତୀୟ ନେତାମାନଙ୍କୁ ଜାଣିଥିଲେ ।

ତାଙ୍କର ଘୋଷଣାପତ୍ରରେ କୁହାଗଲା ଯେ-

୧ । ଯୁଦ୍ଧପରେ ଭାରତକୁ ଔପନିବେଶିକ ସ୍ୱାୟତ୍ତ ଶାସନ ପ୍ରଦାନ କରାଯିବ ।

୨ । ଗୋଟିଏ ନୂଆ ସମ୍ବିଧାନ ପାଇଁ ଲୋକପ୍ରିୟ ପ୍ରତିନିଧିମାନଙ୍କୁ ନେଇ ଏକ ସାମ୍ବିଧାନିକ ସଭା ଗଠନ କରାଯିବ ।

୩ । କୌଣସି ପ୍ରଦେଶ ସମ୍ବିଧାନକୁ ସ୍ୱୀକୃତି ନଦେଲେ, ସେ ପୃଥକ ସମ୍ବିଧାନ ତିଆରି କରିପାରିବ ।

୪ । ଦେଶୀୟ ରାଜ୍ୟମାନଙ୍କୁ ଲୋକସଂଖ୍ୟା ଆଧାରରେ ସଭ୍ୟ ମନୋୟନ କରିବାର ସୁବିଧା ଦିଆଯିବ ।

୫ । ପ୍ରତିରକ୍ଷା ବ୍ୟବସ୍ଥା ପାଇଁ ବ୍ରିଟିଶ ସରକାରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ ହେବ ଏବଂ ଯୁଦ୍ଧସ୍ଥିତ ଅବସ୍ଥାରେ ୧୯୩୫ ମସିହାର ଭାରତ ଶାସନ ଆଇନ୍‌ର କୌଣସି ପରିବର୍ତ୍ତନ କରାଯିବ ନାହିଁ ।

ଏହିଭଳି ପ୍ରସ୍ତାବ ଭାରତୀୟମାନଙ୍କ ପାଇଁ ଥିଲା ଅବାସ୍ତବ ଏବଂ ଏକ ବନ୍ଧୁତାପୂର୍ଣ୍ଣ ଛଳନା। ଗାନ୍ଧିଜୀଙ୍କ ଭାଷାରେ ଏହା " ଏକ ଆକସ୍ମିକ ପତନ ପ୍ରାପ୍ତ ବ୍ୟାଙ୍କର ସମୟ ଅତିକ୍ରାନ୍ତ ହୋଇଥିବା ଚେକ୍" (A post dated cheque of a crashing bank) । ଭାରତର ସବୁ ସଂଗଠନ ଯଥା ଜାତୀୟ କଂଗ୍ରେସ, ମୁସଲିମ୍ ଲିଗ୍, ହିନ୍ଦୁ ମହାସଭା ଏବଂ ଅନ୍ୟ ରାଜନୈତିକ ଦଳ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ। ଗାନ୍ଧୀ କ୍ରିପ୍‌ସଙ୍କ ସହିତ ଥରେମାତ୍ର ସାକ୍ଷାତ କଲାପରେ ତାଙ୍କୁ ପରବର୍ତ୍ତୀ ଉଡ଼ାଜାହାଜରେ ତୁରନ୍ତ ତାଙ୍କ ଦେଶକୁ ଫେରିଯିବା ପାଇଁ ପରାମର୍ଶ ଦେଇଥିଲେ।

କ୍ରିପ୍‌ସ ପ୍ରସ୍ତାବର ବିଫଳତା ଗାନ୍ଧିଜୀଙ୍କ ହୃଦୟରେ ଇଂରେଜମାନଙ୍କୁ ଭାରତ ଛାଡ଼ିବାର ଚିନ୍ତା ସୃଷ୍ଟି କରିଥିଲା। ଏହି ଚେତନା ଗାନ୍ଧିଜୀଙ୍କୁ ଏତେ ପରିମାଣରେ ଗ୍ରାସ କରିଥିଲା ଯେ ଇଂରେଜମାନଙ୍କୁ ଭାରତରେ ଆଉ ବେଶିଦିନ ରହିବାକୁ ଦିଆଯିବା ଅର୍ଥ ଆସନ୍ନ ବିପଦକୁ ନିମନ୍ତ୍ରଣ କରିବା ସଦୃଶ ହିଁ ହେବ ବୋଲି ସେ ଉପଲବ୍ଧି କରିଥିଲେ। ଇଂରେଜ ସରକାରଙ୍କ ପ୍ରକୃତ ଉଦ୍ଦେଶ୍ୟ ଏବଂ ସାମ୍ରାଜ୍ୟବାଦ ନୀତିର ପରାକାଷ୍ଠା ପରିଷ୍କାର ଭାବରେ ଦୃଷ୍ଟ ହେଉଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ଯୋଗୁ ଦେଶରେ ସୃଷ୍ଟି ହୋଇଥିବା ନୈରାଶ୍ୟ, ଅଶାନ୍ତି ଓ ଦାରିଦ୍ର୍ୟ, ଜାପାନୀମାନଙ୍କ ସମ୍ଭାବ୍ୟ ଆକ୍ରମଣ, ମୁସଲିମ ଲିଗ୍‌ର କଂଗ୍ରେସ ଓ ହିନ୍ଦୁମାନଙ୍କ ବିରୁଦ୍ଧରେ ପ୍ରଚାର ଏକ ଅନିଶ୍ଚିତତାର ବାତାବରଣ ସୃଷ୍ଟି କରିଥିଲା। ଗାନ୍ଧିଜୀ ଇଂରେଜମାନଙ୍କୁ କହିଲେ, "ଭଗବାନଙ୍କୁ ଦ୍ୱାହି ଦେଇ କହୁଛି ଆପଣମାନେ ଭାରତକୁ ଏକା ରହିବାକୁ ଛାଡ଼ି ଦିଅନ୍ତୁ। ଆମେ ସ୍ୱାଧୀନତାର ନିଶ୍ୱାସ ପ୍ରଶ୍ୱାସ ନେଉ, ତାହା ଦ୍ୱାରା ମୁକ୍ତିପ୍ରାପ୍ତ ଦାସମାନଙ୍କ ପରି ଆମର ଅସୁବିଧା ବା କଷ୍ଟ ହୋଇପାରେ, କିନ୍ତୁ ଅତି ଶୀଘ୍ର ଏ ଛଳନାମୟ ଅବସ୍ଥାର ଅବସାନ ଘଟୁ।" ଗାନ୍ଧିଜୀ ଇଂରେଜମାନଙ୍କ ବିଭାଜନ ରାଜନୀତିକୁ ଅସ୍ୱୀକାର କରି କହିଥିଲେ "ମୁଁ କହୁନି ବ୍ରିଟିଶ, କଂଗ୍ରେସ ବା ହିନ୍ଦୁମାନଙ୍କୁ ଭାରତକୁ ହସ୍ତାନ୍ତର କରିଦେବାକୁ। ସେମାନେ ଏହାକୁ ଭଗବାନଙ୍କ ଦାୟିତ୍ୱରେ ଛାଡ଼ିଦିଅନ୍ତୁ।" ଗାନ୍ଧିଜୀ ଜାଣିଥିଲେ ଆଗାମୀ ଅରାଜକତାରୁ ନୂତନ ଆଶାର ସୃଷ୍ଟି ହେବ। ବିଶୃଙ୍ଖଳାରୁ ଅହିଂସାର ଉଦ୍‌ଭବ ହେବ।

## 'ଭାରତ ଛାଡ଼' ଆନ୍ଦୋଳନ :

ଏହିଭଳି ଏକ ଅଶାନ୍ତ ବାତାବରଣ ମଧ୍ୟରେ ୧୯୪୨ ମେ ଓ ଜୁନ ମାସରେ ଗାନ୍ଧୀ ଓ କଂଗ୍ରେସ ଇଂରେଜମାନେ ଭାରତ ଛାଡ଼ି ଚାଲିଯିବା ପାଇଁ ଦାବୀ କଲେ। ଚର୍ଚ୍ଚିଲ ସରକାର ଏଥିପ୍ରତି ତିଳେମାତ୍ର ଭ୍ରୂକ୍ଷେପ କରିନଥିଲେ। ସେ ଆଗରୁ ଗର୍ବର ସହିତ କହିଥିଲେ, "ବିଲାତର ରାଜାଙ୍କର ଆଦୌ ପ୍ରଥମ ମନ୍ତ୍ରୀ ହେବେ ନାହିଁ, ଯାହାଙ୍କ ଅମଳରେ ବ୍ରିଟିଶ ସାମ୍ରାଜ୍ୟ ପତନ ହେବ"। ଭାରତୀୟ ଜାତୀୟ କଂଗ୍ରେସ ଦ୍ୱାରା ଗୋଟିଏ ବିରାଟ ଆନ୍ଦୋଳନର ଖସଡ଼ା ପ୍ରସ୍ତୁତ ହେଲା। ୱାର୍ଦ୍ଧାଠାରେ ଜୁଲାଇ ମାସ ୬ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ କଂଗ୍ରେସ କାର୍ଯ୍ୟକାରୀ କମିଟିର ବୈଠକରେ ଭାରତରେ ବ୍ରିଟିଶ ଶାସନ ଅବସାନ ଘଟିବା ଉଚିତ ବୋଲି ଚରମ ନିଷ୍ପତ୍ତି ନିଆଗଲା।

ଏହିପରି ଭାବରେ ୧୯୪୨ ଅଗଷ୍ଟ ମାସ ସାତ ତାରିଖ ଦିନ ନିଖିଳ ଭାରତ କଂଗ୍ରେସ ଅଧିବେଶନରେ ମୌଲାନା ଆବୁଲ କାଲାମ ଆଜାଦଙ୍କ ସଭାପତିତ୍ୱରେ 'ଭାରତଛାଡ଼' ଦାବୀ ଉପରେ ଆଲୋକପାତ କରାଗଲା।

ଗାନ୍ଧିଜୀ ଶାନ୍ତିପୂର୍ଣ୍ଣ ଓ ଅହିଂସା ଉପାୟରେ ଆଗାମୀ ବିପ୍ଳବ କରିବା ପାଇଁ ଆହ୍ୱାନ ଜଣାଇଲେ । ଜବାହାରଲାଲ ନେହେରୁ ପ୍ରସ୍ତାବ ଆଗତ କଲେ ଏବଂ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସମର୍ଥନ ଜଣାଇଲେ । ଗାନ୍ଧିଜୀ କହିଥିଲେ "ଲୋକେ ବ୍ରିଟିଶ ସାମ୍ରାଜ୍ୟବାଦ ଓ ବ୍ରିଟିଶ ଲୋକଙ୍କ ଭିତରେ କୌଣସି ପାର୍ଥକ୍ୟ ଦେଖୁନାହାନ୍ତି" । ନିଖିଳ ଭାରତ କଂଗ୍ରେସ କମିଟି ଅଗଷ୍ଟ ୮ ତାରିଖ ଦିନ ସନ୍ଧ୍ୟାରେ ଭାରତଛାଡ଼ ଆନ୍ଦୋଳନ ପ୍ରସ୍ତାବକୁ ଅନୁମୋଦନ କଲା । ଗାନ୍ଧିଙ୍କ 'କର ବା ମର' ଧ୍ୱନି ସମଗ୍ର ଦେଶରେ ଏକ ନୂତନ ଚେତନା ସୃଷ୍ଟି କଲା । ଗାନ୍ଧି କହିଥିଲେ ବ୍ରିଟିଶ ଲୋକଙ୍କ ସହିତ କୌଣସି ବିବାଦ ନାହିଁ ଏହା ଥିଲା ବ୍ରିଟିଶ ସାମ୍ରାଜ୍ୟବାଦ ବିରୋଧରେ ଅନ୍ତିମ ସଂଗ୍ରାମ ।

ଭାରତଛାଡ଼ ଆନ୍ଦୋଳନ କଂଗ୍ରେସ ଦ୍ୱାରା ଗୃହୀତ ହେବାର ମାତ୍ର କେତେଘଣ୍ଟା ପରେ ଅର୍ଥାତ ଅଗଷ୍ଟ ୯ ତାରିଖ ୧୯୪୨ ମସିହାରେ ଗାନ୍ଧିଜୀଙ୍କ ସମେତ କାର୍ଯ୍ୟକାରୀ କମିଟିର ସଦସ୍ୟମାନଙ୍କୁ ପୋଲିସ ଗିରଫ କରିନେଲେ । ପୁନାଠାରେ ଥିବା ଆଗା ଖାଁ ପ୍ରାସାଦ ମଧ୍ୟରେ ଗାନ୍ଧିଙ୍କୁ ଅଟକ ରଖାଗଲା ଏବଂ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଦସ୍ୟମାନଙ୍କୁ ଅହମ୍ମଦନଗର ଦୁର୍ଗ ବନ୍ଦୀଶାଳାକୁ ପଠାଇ ଦିଆଗଲା । ସାରା ଭାରତରେ କଂଗ୍ରେସ ନେତା ଓ କର୍ମୀମାନଙ୍କୁ ଗିରଫ କରାଗଲା । କଂଗ୍ରେସକୁ ଏକ ବେଆଇନ ସଂଗଠନ ବୋଲି ଘୋଷଣା କରାଗଲା । ଏ ସମସ୍ତ ଘଟଣା ଅତର୍କିତ ଏବଂ ଅପ୍ରତ୍ୟାଶିତ ଭାବରେ ଘଟିଲା । ଦେଶ ମୁହୂର୍ତ୍ତକ ପାଇଁ ହେଲା ସ୍ତମ୍ଭୀଭୂତ । ପ୍ରବଳ ହତାଶାରୁ କ୍ରୋଧ ଜନ୍ମ ନେଲା । ସର୍ବ ଭାରତୀୟ ନେତାମାନଙ୍କଠାରୁ ଆରମ୍ଭକରି ଗ୍ରାମୀଣ ସ୍ତର ପର୍ଯ୍ୟନ୍ତ ନେତାମାନେ ଗିରଫରୁ ବଞ୍ଚିନଥିଲେ । କିନ୍ତୁ କର୍ମୀମାନଙ୍କର ଅଭାବ ରହିଲା ନାହିଁ । ବିପ୍ଳବ ଥମିବା ପରିବର୍ତ୍ତେ ଉଗ୍ର ରୂପ ଧାରଣ କଲା । ଗାନ୍ଧିଜୀଙ୍କ ନେତୃତ୍ୱବିହୀନ ସଂଗ୍ରାମ କେମିତି ଅସଂଗଠିତ ଏବଂ କ୍ରୋଧପ୍ରବଣ ହୋଇଉଠେ ଅଗଷ୍ଟ ବିପ୍ଳବ ତାହାର ଏକ ଉଦାହରଣ । ଯୁଦ୍ଧଖୋର ବ୍ରିଟିଶ ଶାସନ ବିପ୍ଳବଜନିତ ହିଂସାକୁ ଦମନ କରିବା ପାଇଁ ତୀବ୍ରତର ହିଂସାର ଆଶ୍ରୟ ନେଲେ । ଲୋକେ ରେଳପଥ, ଟେଲିଗ୍ରାଫ ଲାଇନ୍, ଡାକସେବା , ସାଧାରଣ ଯୋଗାଯୋଗ ବ୍ୟବସ୍ଥା ଆଦି ଛିନ୍ନ କରିଦେଲେ । ସରକାରୀ ଅଫିସ୍ ଥାନା, ରେଳଷ୍ଟେସନ ମଧ୍ୟ ବିପ୍ଳବୀମାନଙ୍କ ଆକ୍ରମଣରୁ ବର୍ତ୍ତିପାରିଲା ନାହିଁ ।

ବ୍ରିଟିଶ ସରକାରଙ୍କର ଦମନଲୀଳା କେବଳ ଗିରଫ, ଲାଠି ଚାଳନା, ଗୁଳିକାଣ୍ଡରେ ସୀମାବଦ୍ଧ ନଥିଲା । ବିମାନ ଯୋଗେ ଗୁଳି ବର୍ଷଣ କରିବାକୁ ସରକାର ପଛାଇନଥିଲେ । ଏ ସମସ୍ତ ବିଶୃଙ୍ଖଳା ପାଇଁ ଗାନ୍ଧିଜୀଙ୍କୁ ଦାୟୀ କରାଗଲା । ଭୀତତ୍ରସ୍ତ ହୋଇ ସରକାର ଗାଁ-ଗଣ୍ଡାରେ ଅଗ୍ନି ସଂଯୋଗ କରୁଥିଲେ ଓ ସାମୂହିକ ଜୋରିମାନା ଆଦାୟ କରୁଥିଲେ । ମହିଳା ଏବଂ ଶିଶୁମାନେ ମଧ୍ୟ ବ୍ରିଟିଶ ଦମନଲୀଳାର ଶୀକାର ହୋଇଥିଲେ । ବାଲେଶ୍ୱର ଜିଲ୍ଲା ଇରମର ଗଣହତ୍ୟା ବ୍ରିଟିଶ ସରକାରଙ୍କର ଅଗଷ୍ଟ ବିପ୍ଳବର ଥିଲା ଏକ ସର୍ବବୃହତ ହତ୍ୟାକାଣ୍ଡ । ସେଠାରେ ପୋଲିସ୍ ଗୁଳିରେ ୨୯ ଜଣ ସହିଦ୍ ହୋଇଥିଲେ । ଚର୍ଚ୍ଚିଲ ସରକାରଙ୍କର ବର୍ବରୋଚିତ ବିଦ୍ରୋହ ଦମନ ବ୍ରିଟିଶ ସାମ୍ରାଜ୍ୟକୁ ବଞ୍ଚାଇବାର ଏକ ନିଷ୍ଫଳ ପ୍ରୟାସ ଥିଲା । କଂଗ୍ରେସର ସମାଜବାଦୀ ଦଳ ବିପ୍ଳବକୁ ବଞ୍ଚାଇ ରଖିବା ପାଇଁ ଆତ୍ମଗୋପନ କଲେ । ଜୟ ପ୍ରକାଶ ନାରାୟଣ, ରାମ ମନୋହର ଲୋହିଆ, ଅରୁଣା ଆସଫ ଅଲ୍ଲି ଓ ସୁରେନ୍ଦ୍ରନାଥ ଦ୍ୱିବେଦୀ ଆଦି ଏହି ଗୋଷ୍ଠୀର ନେତା ବ୍ରିଟିଶ ଦମନଲୀଳାକୁ ଖାତିର ନକରି ବିପ୍ଳବକୁ ଚାଲୁ ରଖିଥିଲେ ।

ଫେବୃଆରୀ ଦଶ ତାରିଖ ୧୯୪୩ ମସିହାରେ ଗାନ୍ଧିଜୀ ଅନଶନ ଆରମ୍ଭ କଲେ। ଏହା ଏକୋଇଶ ଦିନ ପାଇଁ ଥିଲା। ପ୍ରକାଶ୍ୟ ବିପ୍ଳବ ପ୍ରାୟ ବନ୍ଦ ହୋଇସାରିଥାଏ। ଏହି ଅନଶନର ପ୍ରଭାବ ସମଗ୍ର ଦେଶରେ ପଡ଼ିଥିଲା। ସରକାରଙ୍କ ଉଦାସୀନତା ପ୍ରତି ଏହି ଅନଶନ ଏକ ଆହ୍ୱାନ ଥିଲା। ବଡ଼ଲାଟ ଲିନ୍‌ଲିଥଗୋଙ୍କର ବର୍ଣ୍ଣ ବିଦ୍ୱେଷ ନୀତିର ନଗ୍ନ ରୂପ ପଦାରେ ପଡ଼ିଯାଇଥିଲା। ବଡ଼ଲାଟଙ୍କ ପରାମର୍ଶଦାତା କାଉନସିଲ୍‌ରୁ ତିନିଜଣ ଭାରତୀୟ ସଭ୍ୟ ଇସ୍ତଫା ଦେଲେ। ସରକାରଙ୍କ ନିଷ୍କ୍ରିୟତା ସେମାନଙ୍କର ଇସ୍ତଫାର କାରଣ ହେଲା। ସରକାର ମୋଟେ ବିଚଳିତ ନଥିଲେ। ସରକାରୀ ହିସାବ ଅନୁଯାୟୀ ପ୍ରାୟ ଷାଠିଏ ହଜାର ଲୋକଙ୍କୁ ଗିରଫ କରାଯାଇଥିଲା, ଏକ ହଜାର ଲୋକ ଗୁଳିକାଣ୍ଡରେ ପ୍ରାଣତ୍ୟାଗ କରିଥିଲେ। ୨୫୦ଟି ରେଳ ଷ୍ଟେସନ, ୫୦୦ ଡାକଘର ଓ ୧୫୦ଟି ଥାନା ନଷ୍ଟ ହୋଇଯାଇଥିଲା।

ତଥାପି ୧୯୪୨ ମସିହା ବିପ୍ଳବ ଦବିଯାଇନଥିଲା। ଚର୍ଚ୍ଚିଲ ଦବାଇ ଦିଆଗଲା ବୋଲି ଯେତେ ଦାବୀ କଲେବି ଭାରତରେ ବ୍ରିଟିଶ ସାମ୍ରାଜ୍ୟ ଅସ୍ତମିତ ହୋଇ ଆସୁଥିଲା। ଭାରତୀୟ ଜନସାଧାରଣ ବ୍ରିଟିଶ ଶାସନ ପ୍ରତି ଭୟ କରୁନଥିଲେ। ସେମାନଙ୍କର କୌଣସି ଅନୁରକ୍ତି ନଥିଲା। ବଳ ପ୍ରୟୋଗ କରି ଗୋଟିଏ ବିଜିତ ଦେଶକୁ ସବୁଦିନ ଶାସନ କରିହେବ ନାହିଁ। ଇଂରେଜ ଶାସନର ଅବସାନ ଆସନ୍ନ ବୋଲି ମନେହେଉଥିଲା। ଅନ୍ୟ ଦେଶମାନଙ୍କରେ ଭାରତୀୟ ମୁକ୍ତି ସଂଗ୍ରାମ ପ୍ରତି ସହାନୁଭୂତି ସୃଷ୍ଟି ହେଉଥିଲା। ବିଦେଶରେ ଗାନ୍ଧିଙ୍କର ନୀତି ଏବଂ ଆଦର୍ଶର ଚର୍ଚ୍ଚା ହେଉଥିଲା। ମହାଯୁଦ୍ଧର ଶେଷ ପରେ ବ୍ରିଟିଶ ସାମ୍ରାଜ୍ୟର ଅଧୋପତନ ଅନିବାର୍ଯ୍ୟ ବୋଲି ଜଣାପଡ଼ିଲା।

### 'ଭାରତ ଛାଡ଼' ଆନ୍ଦୋଳନରେ ଓଡ଼ିଶାର ଭୂମିକା :

୧୯୪୨ ମସିହା ଅଗଷ୍ଟ ୮ ତାରିଖରେ ସର୍ବ ଭାରତୀୟ କଂଗ୍ରେସ କମିଟି ବମ୍ବେଠାରେ 'ଭାରତ ଛାଡ଼' ଆନ୍ଦୋଳନର ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ଖୋଲା ଅଧିବେଶନରେ ଯୋଗ ଦେବାପାଇଁ ଓଡ଼ିଶାରୁ ହରେକୃଷ୍ଣ ମହତାବ, ମାଳତୀ ଚୌଧୁରୀ, ସୁରେନ୍ଦ୍ରନାଥ ଦ୍ୱିବେଦୀ, ପ୍ରହ୍ଲାଦ ରାଏ ଲାଠ ଏବଂ ଲକ୍ଷ୍ମୀ ନାରାୟଣ ମିଶ୍ର ଯୋଗ ଦେଇଥିଲେ। ଅପ୍ରତ୍ୟାଶିତ ଭାବରେ ଅଗଷ୍ଟ ୯ ତାରିଖରେ ସର୍ବ ଭାରତୀୟ କଂଗ୍ରେସ ନେତାମାନଙ୍କ ସହିତ ଓଡ଼ିଶାରୁ ହରେକୃଷ୍ଣ ମହତାବଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଥିଲେ ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ରମାଦେବୀ, ଭାଗୀରଥି ମହାପାତ୍ର ଏବଂ ବିଶ୍ୱନାଥ ଦାସ ଏବଂ କଂଗ୍ରେସର ସମଗ୍ର ସଂଗଠନ ଏପରିକି ଜିଲ୍ଲା, ସହର ଏବଂ ଆଶ୍ରମ ସ୍ତରରେ ଥିବା କଂଗ୍ରେସ ସଂଗଠନଗୁଡ଼ିକ ବେଆଇନ ଘୋଷଣା କରାଯାଇଥିଲା।

୧୯୪୨ ମସିହା ଅଗଷ୍ଟ ୧୦ ତାରିଖ ସୁଦ୍ଧା ପୋଲିସ ସବୁ କଂଗ୍ରେସ କାର୍ଯ୍ୟାଳୟଗୁଡ଼ିକ ଦଖଲ କରିନେଇଥିଲେ। ଗିରଫଦାରୀ ସତ୍ତ୍ୱେ ଆନ୍ଦୋଳନ ଦବିଯାଇନଥିଲା। ସୁରେନ୍ଦ୍ରନାଥ ଦ୍ୱିବେଦୀ ଅଗଷ୍ଟ ୧୧ ତାରିଖରେ କଟକରେ ପହଞ୍ଚିଲେ। ମାଳତୀ ଚୌଧୁରୀ ପରଦିନ ପହଞ୍ଚିଲେ। ସୁରେନ୍ଦ୍ରନାଥ ଦ୍ୱିବେଦୀ ପୂର୍ଣ୍ଣ ଭାବରେ କଂଗ୍ରେସର ଆନ୍ଦୋଳନ ଜାରି ରଖିଥିଲେ। ମୁଖ୍ୟତଃ ସେ ହିଁ ଭାରତ ଛାଡ଼ ଆନ୍ଦୋଳନର ସଂଗଠନ କରିଥିଲେ। ସଂଖ୍ୟାଧିକ ଗିରଫ ସତ୍ତ୍ୱେ ଦୂରଦୂରାନ୍ତ ଗ୍ରାମମାନଙ୍କରେ ଲୋକେ ସରକାରୀ ବିରୋଧୀ କାର୍ଯ୍ୟ କରିଥିଲେ। ଉତ୍ତ୍ୟକ୍ତ ଜନତା ପୋଷ୍ଟ ଅଫିସ, ରାଜସ୍ୱ ଅଫିସ, ପୂର୍ତ୍ତ ବିଭାଗ ବଙ୍ଗଳା ଏବଂ ଥାନା ଉପରେ ଚଢ଼ାଉ କରିଥିଲେ। ଟେଲିଫୋନ

ତାର କାଟିଥିଲେ। ଅଗ୍ନି ସଂଯୋଗ କରିଥିଲେ। କୋରାପୁଟ ଜିଲ୍ଲାର ନିରକ୍ଷର ଆଦିବାସୀ 'ଭାରତ ଛାଡ଼' ଆନ୍ଦୋଳନରେ ଯୋଗ ଦେଇଥିଲେ। ୧୯୪୨ ଅଗଷ୍ଟ ୧୩ ତାରିଖରେ ଜୟପୁରରେ ଦୁଇଜଣ ବାଳକ କଂଗ୍ରେସ ପତାକା ଧରି ଆନ୍ଦୋଳନର ଡାକରା ଦେଇଥିଲେ। ଗୁଣୁପୁର ଏବଂ ଲକ୍ଷ୍ମୀପୁର ଥାନାରେ ସାଧାରଣ ଲୋକ ଆନ୍ଦୋଳନରେ ଯୋଗ ଦେଇଥିଲେ। କଂଗ୍ରେସ କର୍ମୀମାନେ ଗୁଣୁପୁରରେ ମଦ ଦୋକାନ, କଚେରୀ ଏବଂ ସରକାରୀ ଅନୁଷ୍ଠାନରେ ପିକେଟିଂ କରିଥିଲେ। ଅଗଷ୍ଟ ମାସର ପ୍ରଥମ ଭାଗରେ ସରକାରୀ ସ୍ତରରେ ବିପ୍ଳବର ପ୍ରଭାବକୁ ସ୍ୱୀକାର କରାଯାଇନଥିଲା। କିନ୍ତୁ ସେହି ମାସର ଦ୍ୱିତୀୟ ଭାଗରେ ଏହାର ପ୍ରଭାବ ଦୃଢ଼ ଭାବରେ ସ୍ୱୀକାର କରାଯାଇଥିଲା। ସେତେବେଳେ ଲୋକମାନେ ଆଇନ ନିଜ ହାତକୁ ନେଇଯାଇଥିଲେ, କର ଦେଉନଥିଲେ, ସାମାଜିକ ବାଛନ୍ଦ କରିଥିଲେ ଏବଂ ରେଳଧାରଣା, ରେଳ ଷ୍ଟେସନ, ପୋଲିସ ଥାନା, ଯୋଗାଯୋଗ ବ୍ୟବସ୍ଥାକୁ ଛିନ୍ନ କରିଥିଲେ।

'ଭାରତ ଛାଡ଼' ଆନ୍ଦୋଳନରେ ଲକ୍ଷ୍ମଣ ନାୟକଙ୍କର ଭୂମିକା ଉଲ୍ଲେଖଯୋଗ୍ୟ। ସେ ଏହି ଆନ୍ଦୋଳନରେ ଅସାଧାରଣ ସାହସିକତା ପ୍ରଦର୍ଶନ କରିଥିଲେ। କୋରାପୁଟ ଜିଲ୍ଲାରେ କଂଗ୍ରେସ ଆନ୍ଦୋଳନ ପାଇଁ ଲୋକ ସଂଗଠନ କରିଥିଲେ। ୧୯୪୨ ମସିହା ଜୁଲାଇ ୩୧ ତାରିଖରେ ଜୟପୁରଠାରେ କଂଗ୍ରେସ ସମ୍ମିଳନୀରେ ଯୋଗଦେଇ 'ଭାରତ ଛାଡ଼' ଆନ୍ଦୋଳନର ପ୍ରସ୍ତୁତି କରିଥିଲେ। ଲକ୍ଷ୍ମଣ ନାୟକ ମାଥିଲି ଅଞ୍ଚଳର ଖଜଣା ବନ୍ଦ ଆନ୍ଦୋଳନ କରି ୧୯୩୬ ମସିହାରେ ଗିରଫ ହୋଇଥିଲେ। ଖଦଡ଼ ବସ୍ତ୍ର ପରିଧାନ କରି କୋରାପୁଟ ଜଙ୍ଗଲ ମଧ୍ୟରେ ୨୦୦ ଲାଠିଧାରୀ ଲୋକ ଧରି ପଦଯାତ୍ରା କରିଥିଲେ। ମଦ ଦୋକାନଗୁଡ଼ିକ ନଷ୍ଟ କରିଥିଲେ। ୧୯୪୨ ଅଗଷ୍ଟ ୨୧ ତାରିଖରେ ମାଥିଲି ଥାନା ନିକଟରେ ନିଷେଧାଜ୍ଞା ଅବମାନନା କରି ପୋଲିସ ଲାଠି ଖାଇଥିଲେ। ଲକ୍ଷ୍ମଣ ନାୟକ ଲାଠି ମାଡ଼ରେ ଆହତ ହୋଇ ଅଚେତ ହୋଇଥିଲେ। ତଥାପି ଆନ୍ଦୋଳନକାରୀ ଦବି ନଥିଲେ। 'ବନ୍ଦେ ମାତରମ୍' ଧ୍ୱନିରେ ସ୍ଥାନ ପ୍ରକମ୍ପିତ ହୋଇଥିଲା। ଧସ୍ତାଧସ୍ତିରେ ଜଙ୍ଗଲ ରକ୍ଷୀ ରାମାୟା ମୃତ୍ୟୁବରଣ କଲେ, ପୋଲିସ ଗୁଳି ବର୍ଷଣ କଲେ। ପାଞ୍ଚଜଣ ଲୋକ ମରିଥିଲେ ଏବଂ ସତରଜଣ ଆହତ ହୋଇଥିଲେ। ଲକ୍ଷ୍ମଣ ନାୟକ ମୃତ ବୋଲି ଭାବି ପୋଲିସ ବାହିନୀ ଛାଡ଼ିଦେଇ ଚାଲି ଯାଇଥିଲେ। ଚେତା ପାଇବା ପରେ ଲକ୍ଷ୍ମଣ ନାୟକ ଜୟପୁର କଂଗ୍ରେସ ଅଫିସ୍‌କୁ ଯାଇଥିଲେ। ତାଙ୍କୁ ସେପ୍ଟେମ୍ବର ୨ ତାରିଖ ୧୯୪୨ ରେ ଗିରଫ କରାଯାଇ ବ୍ରହ୍ମପୁର ଜେଲକୁ ପଠାଯାଇଥିଲା। ୧୯୪୩ ମାର୍ଚ୍ଚ ୨୯ ତାରିଖ ସକାଳ ୫.୩୦ ମିନିଟ୍‌ରେ ବ୍ରହ୍ମପୁର ଜେଲରେ ରାମାୟା ହତ୍ୟା ପାଇଁ ମିଥ୍ୟା ଅଭିଯୋଗରେ ତାଙ୍କୁ ଫାଶୀ ଦିଆଗଲା। ତାଙ୍କ ସହିତ ଜେଲରେ ଥିବା ସହକର୍ମୀମାନଙ୍କୁ ଫାଶୀ ପାଇବାର ଆଗଦିନ ରାତ୍ରିରେ କହିଥିଲେ- "ସ୍ୱରାଜ ନିଶ୍ଚିତ ଭାବରେ ଆସିବ ବୋଲି ମୁଁ ଜାଣେ। ମୁଁ ଦୁଃଖିତ ଯେ ମୁଁ ସେହି ସ୍ୱରାଜକୁ ଦେଖିପାରିବି ନାହିଁ।" ସେତେବେଳକୁ ତାଙ୍କୁ ହୋଇଥିଲା ମାତ୍ର ୪୩ ବର୍ଷ।

ମାଥିଲି ଗଣହତ୍ୟା ଏବଂ ଲକ୍ଷ୍ମଣ ନାୟକଙ୍କର ଗିରଫ କୋରାପୁଟ ଆଦିବାସୀମାନଙ୍କ ମଧ୍ୟରେ ପ୍ରବଳ ଜାଗରଣ ଆଣି ଦେଇଥିଲା।୧୯୪୨ ଅଗଷ୍ଟ ୨୪ ତାରିଖ ଦିନ ପ୍ରାୟ ଚାରି-ପାଞ୍ଚ ହଜାର ଜନତା ନବରଙ୍ଗପୁର ତାଲୁକର ପାପଡ଼ାହାଣ୍ଡି ପୋଲିସଥାନାକୁ ନଷ୍ଟ କରିବା ପାଇଁ ଅଗ୍ରସର ହୋଇଥିଲେ। ପୋଲିସ ବାହିନୀ ସେମାନଙ୍କର ଅବରୋଧ କରିଥିଲେ। ଉତ୍ତ୍ୟକ୍ତ ଜନତା ପୋଲିସ କର୍ମଚାରୀମାନଙ୍କୁ ଆକ୍ରମଣ କରିଥିଲେ, କିଛି ପୋଲିସ ଆହତ

ହୋଇଥିଲେ। ଜନତାଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଗୁଳି ଚାଳନା କରିଥିଲେ। ଏଥିରେ ୧୨ ଜଣ ଲୋକ ମରିଥିଲେ ଏବଂ ୧୪ ଜଣ ଆହତ ହୋଇଥିଲେ। ବହୁଲୋକ ପାପଡାହାଣ୍ଡି ନଦୀର ବନ୍ୟାରେ ଭାସି ଯାଇଥିଲେ। ବହୁ ଆଦିବାସୀ ଲୋକଙ୍କୁ ଗିରଫ କରାଯାଇଥିଲା। କଂଗ୍ରେସ ଅଫିସକୁ ପୋଲିସ ବାହିନୀ ଅକ୍ତିଆର କରିଥିଲେ। ବହୁ ପରିମାଣରେ ଦେଶୀବନ୍ଧୁକ, ଗୋଳାବାରୁଦ ଏବଂ ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିଲା। ଦକ୍ଷିଣ ଓଡ଼ିଶାର ଭାରତଛାଡ଼ ଆନ୍ଦୋଳନରେ ଉମାଚରଣ ପଟ୍ଟନାୟକ, ରାଧାକାନ୍ତ ବିଶ୍ୱାସରାୟ, ନିରଞ୍ଜନ ପଟ୍ଟନାୟକ ଓ ଲକ୍ଷ୍ମଣ ନାୟକଙ୍କର ଅବଦାନ ଉଲ୍ଲେଖଯୋଗ୍ୟ। ଅବିଭକ୍ତ କଟକ ଜିଲ୍ଲାର ସମସ୍ତ ଆଗଧାଡ଼ିର କଂଗ୍ରେସ ନେତାମାନଙ୍କୁ ଗିରଫ କରାଯାଇଥିଲା। ୧୯୪୨ ମସିହା ଅଗଷ୍ଟ ୧୫ ତାରିଖ ଦିନ ପ୍ରାୟ ୨୦୦ ଜଣ ଛାତ୍ର ରେଭେନ୍ସା କଲେଜ ଅଫିସରେ ଅଗ୍ନି ସଂଯୋଗ କରିଥିଲେ। ଏହି ଘଟଣା ପାଇଁ ବିଭୁଧେନ୍ଦ୍ର ମିଶ୍ର ଏବଂ ସୁରଜମଲ୍ଲ ସାହା ଦୁଇଜଣ ଛାତ୍ରନେତାଙ୍କୁ ଭାରତୀୟ ନିରାପତ୍ତା ଆଇନରେ ଗିରଫ କରାଯାଇ ବ୍ରହ୍ମପୁର କେନ୍ଦ୍ରୀୟ ଜେଲରେ ରଖାଯାଇଥିଲା। ଉତ୍ତ୍ୟକ୍ତ ଜନତା ପୋଡ଼ାଜଳା, ଲୁଟତରାଜ କରିବାକୁ ପଛାଇ ନଥିଲେ। ଯାଜପୁର ଜିଲ୍ଲାର ବିପ୍ଳବୀ ଜନତା ୨୬ ଟି ସ୍ଥାନରେ ପୋଲିସ ପୋଷାକରେ ନିଆଁ ଲଗାଇବା ସଙ୍ଗେ ସଙ୍ଗେ ୬ଟି ରାଜସ୍ୱ ଅଫିସ, ୪ଟି ଡ଼ାକଘର, ୬ଟି ଜମିଦାରୀ କଚେରୀ ଓ ୪ଟି ପୂର୍ତ୍ତ ବିଭାଗ ବଙ୍ଗଳାରେ ଅଗ୍ନି ସଂଯୋଗ କରିଥିଲେ। କେବଳ ଅଗଷ୍ଟମାସର ଶେଷ ସପ୍ତାହରେ ଯାଜପୁର ଜିଲ୍ଲାରେ ପ୍ରାୟ ୭୧ ଗୋଟି ଅଗଷ୍ଟ ବିପ୍ଳବଜନିତ ଘଟଣା ହୋଇଥିଲା। ୧୯୪୨ ମସିହା ଅଗଷ୍ଟ ୨୭ ତାରିଖ ଦିନ ପ୍ରାୟ ୧୦,୦୦୦ଲୋକ ଥାନା ଏବଂ ଏସ୍.ଡ଼ି.ଓ ଅଫିସକୁ ଘେରାଉ କରିବା ପାଇଁ ରୁଣ୍ଡ ହୋଇଥିଲେ। ସେମାନେ ସ୍ଥାନୀୟ ଅଫିସରମାନଙ୍କୁ ଚାକିରୀ ଛାଡ଼ିବା ପାଇଁ କହିଥିଲେ। ପୋଲିସର ଗୁଳି ହେବା ପୂର୍ବରୁ ଆକାଶମାର୍ଗରୁ ଉଡ଼ାଜାହାଜରେ ଡିନାମାଇଟ୍ ଫିଙ୍ଗାଯାଇ ଜନତାଙ୍କୁ ଛତ୍ରଭଙ୍ଗ କରାଯାଇଥିଲା। ଏହା ବ୍ୟତୀତ ତିର୍ତ୍ତୋଲ, ବିଞ୍ଝାରପୁର, ଏରସମା, ବଡ଼ଚଣା, ନିଆଳି ପ୍ରଭୃତି ଅଞ୍ଚଳରେ ଅବସ୍ଥା ନିୟନ୍ତ୍ରଣ ବାହାରକୁ ଚାଲିଯିବା ଉପରେ ଥିଲା। ଅବିଭକ୍ତ କଟକ ଜିଲ୍ଲାରେ ଆନ୍ଦୋଳନ ସଜାଗ କରେଇବାରେ ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କର ଅବଦାନ ଅତୁଳନୀୟ ଥିଲା। ୧୯୪୨ ମସିହା ସେପ୍ଟେମ୍ବର ୧୬ ତାରିଖରେ ପ୍ରାୟ ୫୦୦ ଲୋକଙ୍କ ଉପସ୍ଥିତିରେ ପୁରୀ ଜିଲ୍ଲାର ନିମାପଡ଼ାରେ ଏକ ସାଧାରଣ ସଭା ଡକାଯାଇଥିଲା। ସେମାନେ ନିମାପଡ଼ା ପୋଲିସଥାନାରେ କଂଗ୍ରେସ ପତାକା ଉଡ଼େଇବାର ଚେଷ୍ଟା କରିଥିଲେ। ପୋଲିସର ଗୁଳି ମାଡ଼ରେ ୨ଜଣ ଲୋକ ମରିଥିଲେ ଏବଂ ୧୭ ଜଣ ଆହତ ହୋଇଥିଲେ।

ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଭଣ୍ଡାରୀପୋଖରୀ ଗ୍ରାମର ପ୍ରାୟ ୫,୦୦୦ ଲୋକ ୧୯୪୨ ଅଗଷ୍ଟ ୧୭ ତାରିଖରେ ଥାନା ଉପରେ ଆକ୍ରମଣ କରିଥିଲେ। ପୋଲିସ କର୍ମଚାରୀଙ୍କୁ ଆହତ କରିବା ସଙ୍ଗେ ସଙ୍ଗେ, ଡାକଘରେ ଅଗ୍ନି ସଂଯୋଗ, ଟେଲିଗ୍ରାଫ ତାର କାଟିବା ଆଦି କାର୍ଯ୍ୟ କରିଥିଲେ। ଏହାର ନେତୃତ୍ୱ ନେଇଥିଲେ ଜଗନ୍ନାଥ ଦାସ ଏବଂ ଦ୍ୱାରକାନାଥ ଦାସ। ୧୯୪୨ ମସିହା ସେପ୍ଟେମ୍ବର ୫ ତାରିଖରେ ଧୂଷୁରୀଠାରେ ଏକତ୍ରିତ ଜନତା ବାଲେଶ୍ୱର ଜିଲ୍ଲା ପୋଲିସ ଅଧୀକ୍ଷକ, ମେଜର ଜି.ଆର.ଜି.ଫକଙ୍କୁ ବହୁ ସମୟ ଧରି ଘେରାଉ କରିଥିଲେ। ଚୌକିଦାର ଏବଂ ଦଫାଦାରମାନଙ୍କର ପୋଷାକ ପୋଡ଼ିଥିଲେ। ୨୨ ସେପ୍ଟେମ୍ବର ମାସରେ ଲୁଣିଆଠାରେ ଗୁଳିକାଣ୍ଡ ହୋଇଥିଲା। ଏଥିରେ ୯ ଜଣ ଲୋକ ମରିଥିଲେ ଏବଂ ୫ ଜଣ ଆହତ ହୋଇଥିଲେ। ଏହି ଉଭୟ ସ୍ଥାନ

ଧାମନଗର ପୋଲିସଥାନାରେ ଅବସ୍ଥିତ ଥିଲା । ଉଭୟ ତୁଡ଼ିଗଡ଼ିଆ ଏବଂ ଖଇରାଡିହି ଗ୍ରାମରେ ୨୪ ସେପ୍ଟେମ୍ବର ଏବଂ ୨୬ ସେପ୍ଟେମ୍ବରରେ ଗୁଳିକାଣ୍ଡ ହୋଇଥିଲା । ଘଟଣାସ୍ଥଳରେ ୪ ଜଣ ଲୋକ ମରିଥିଲେ । କେତେକ ଗଭୀର ଆହତ ହୋଇଥିଲେ ।

ଏହି ସମସ୍ତ ଘଟଣାଠାରୁ ଅତ୍ୟନ୍ତ ଦାରୁଣପୂର୍ଣ୍ଣ ଥିଲା ଇରମର ଗଣହତ୍ୟା । ବାସୁଦେବପୁର ଥାନାର ଇରମ ଗ୍ରାମରେ ପୋଲିସ ଅତ୍ୟାଚାର ସୀମା ଟପି ଯାଇଥିଲା । ଏହା ଥିଲା କଂଗ୍ରେସ କର୍ମୀମାନଙ୍କର ଏକ ମୁଖ୍ୟ କେନ୍ଦ୍ର । ଦେଶପ୍ରେମୀ କବି ବାଞ୍ଛାନିଧି ମହାନ୍ତିଙ୍କର ଜାତୀୟ ବାଦୀ କବିତା ଜନସାଧାରଣମାନଙ୍କ ମଧ୍ୟରେ ଆଦୃତ ହୋଇଥିଲା । ୬ଟି ପଞ୍ଚାୟତ ଏବଂ ୨୬ଟି ଗ୍ରାମକୁ ନେଇ ସ୍ୱାଧୀନ ବାଞ୍ଛାନିଧି ଚକଲା ଗଠିତ ହୋଇଥିଲା । ପ୍ରାୟ ୧୯ ବର୍ଗ ମାଇଲ ଏ ଚକଲା ଲମ୍ବି ଯାଇଥିଲା । ୧୯୪୨ ମସିହା ସେପ୍ଟେମ୍ବର ୨୮ ତାରିଖରେ ଏହି ସ୍ୱାଧୀନ ଚକଲାର କେତେକ ସ୍ଥାନୀୟ ନେତାଙ୍କୁ ଗିରଫ କରିବା ପାଇଁ ପୋଲିସ ଗ୍ରାମକୁ ଆସିଥିଲେ । ପୋଲିସ ଗ୍ରାମ ମଧ୍ୟରେ ପହଞ୍ଚିବା ମାତ୍ରେ ଗ୍ରାମବାସୀମାନେ ଶଙ୍ଖଧ୍ୱନି କରିଥିଲେ । ପ୍ରାୟ ୫,୦୦୦ ଲାଠାଧାରୀ ସ୍ୱାଧୀନତା ସଂଗ୍ରାମୀ ସେଠାରେ ଆସି ପହଞ୍ଚିଥିଲେ । ଚୌକିଦାରଠାରୁ ବନ୍ଧୁକ ଗୁଳି ଛଡ଼ାଇ ନେଇଥିଲେ । ଉଦ୍ଦେଶ୍ୟ ଥିଲା ପୋଲିସଥାନାର ଅନୁପସ୍ଥିତି ନେଇ ବାସୁଦେବପୁର ପୋଲିସଥାନାକୁ ଲୁଟ କରିବା । କିନ୍ତୁ ପୋଲିସ ବାହିନୀ ସ୍ଥାନୀୟ ଜମିଦାରଙ୍କଠାରୁ ପ୍ରାୟ ୪୮୦ ବନ୍ଧୁକ ଗୁଳି ଆଣି ଲୋକମାନଙ୍କ ଉପରେ ଗୁଳି ଚାଳନା କରିଥିଲେ । ପ୍ରାୟ ୨୯ ଜଣ ବ୍ୟକ୍ତି ପ୍ରାଣ ହରାଇଥିଲେ ଓ ୫୪ଜଣ ଆହତ ହୋଇଥିଲେ । ବେସରକାରୀ ସ୍ତରରେ ମୃତ୍ୟୁ ସଂଖ୍ୟା ୩୫ ଏବଂ ଆହତ ସଂଖ୍ୟା ୧୦୬ ଜଣ କୁହାଯାଏ ।

ଓଡ଼ିଶାରେ 'ଭାରତ ଛାଡ଼' ଆନ୍ଦୋଳନ ଥିଲା ଏକ ସ୍ୱତଃ ପ୍ରବୃତ୍ତ ଆନ୍ଦୋଳନ । ଏହା ଥିଲା ଏକ ଗଣ ବିଦ୍ରୋହ । କୋରାପୁଟର ଆଦିବାସୀ ନେତା ଲକ୍ଷ୍ମଣ ନାୟକଙ୍କଠାରୁ ଆରମ୍ଭ କରି ଇରମ ଗୁଳିକାଣ୍ଡ ସମସ୍ତ ଘଟଣା ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ଅବିସ୍ମରଣୀୟ ହୋଇ ରହିବ । ଏ ବିପ୍ଳବକୁ ନିୟନ୍ତ୍ରଣ କରିବା ପାଇଁ କେହି ବଡ଼ନେତା ନଥିଲେ । ଅଗଣିତ ଗିରଫଦାରୀ, ଲାଠିଚାର୍ଜ, ଗୁଳିବର୍ଷଣ ବିପ୍ଳବକୁ ଦବାଇ ଦେଇପାରି ନଥିଲା । କେତେକ ସ୍ଥାନରେ ବିପ୍ଳବ ହିଂସାତ୍ମକ ରୂପ ନେଇଥିଲା । ଯେଉଁଭଳି ଭାବରେ ସାଧାରଣ ଜନତା ଇଂରେଜ ଶାସନର ପ୍ରତିରୋଧ କରିବା ପାଇଁ ଆଗେଇ ଆସିଥିଲେ ତାହାର ତୁଳନା କରାଯାଇ ପାରିବ ନାହିଁ । ସ୍ୱାଧୀନତା ଏବଂ ସ୍ୱରାଜର ସ୍ୱପ୍ନରେ ଆନ୍ଦୋଳନକାରୀମାନେ ଯେକୌଣସି ପଦକ୍ଷେପ ନେବାକୁ ପ୍ରସ୍ତୁତ ଥିଲେ । ଇଂରେଜ ସରକାର ଆତ୍ମବିଶ୍ୱାସ ହରାଇ ବସିଥିଲେ ।

## ପଶ୍ଚିମ ଓଡ଼ିଶାରେ 'ଭାରତ ଛାଡ଼' ଆନ୍ଦୋଳନ :

'ଭାରତ ଛାଡ଼' ଆନ୍ଦୋଳନରେ ପଶ୍ଚିମ ଓଡ଼ିଶା ବିଶେଷ ଭାବରେ ଅବିଭାଜିତ ସମ୍ବଲପୁର ଜିଲ୍ଲା ଭୂମିକା ମଧ୍ୟ କମ୍ ନଥିଲା । ସମ୍ବଲପୁର ଅଞ୍ଚଳର ଦୁଇଜଣ ନେତା ବମ୍ବେଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସର ଅଧିବେଶନରେ ଓଡ଼ିଶାର ପ୍ରତିନିଧି ଭାବରେ ଯୋଗଦେବାକୁ ଯାଇ ଫେରିବା ବାଟରେ ଗିରଫ ହୋଇଥିଲେ । ସେମାନଙ୍କର ନାମ ହେଉଛି ପ୍ରହ୍ଲାଦରାୟ ଲାଠ ଏବଂ ଲକ୍ଷ୍ମୀ ନାରାୟଣ ମିଶ୍ର । ପରେ ପରେ ଅନ୍ୟାନ୍ୟ ନେତାମାନଙ୍କୁ

ଗିରଫ କରାଯାଇଥିଲା । ଭାଗିରଥୀ ପଟ୍ଟନାୟକ, ତାଙ୍କ ସ୍ତ୍ରୀ ଜମ୍ବୁବତୀ ଦେବୀ ଓ ପୁତ୍ର ପ୍ରଫୁଲ କୁମାର, ବିହାରରୁ ସମ୍ବଲପୁର ଆସି ଆନ୍ଦୋଳନ ଜାରି ରଖିଥିଲେ ।

୧୯୪୨ ଅଗଷ୍ଟ ୯ ତାରିଖରେ ସମ୍ବଲପୁର ଜିଲ୍ଲାର ୩ଟି ପ୍ରମୁଖ ରାଜନୈତିକ ଅନୁଷ୍ଠାନକୁ ବେଆଇନ ଘୋଷଣା କରାଯାଇଥିଲା । ସେଥିମଧ୍ୟରେ ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟି, ବରଗଡ଼ କଂଗ୍ରେସ କମିଟି ଓ ଝାରସୁଗୁଡ଼ା କଂଗ୍ରେସ କମିଟି ଥିଲା । କାର୍ଯ୍ୟାଳୟରେ ତାଲା ପକାଇ ଜବତ୍‌ମୁଦ ଦିଆଯାଇଥିଲା । କଂଗ୍ରେସ ନେତାଙ୍କୁ ଗିରଫ କରିବା ପ୍ରତିବାଦରେ ସମ୍ବଲପୁର, ବରଗଡ଼, ଝାରସୁଗୁଡା ସହରରେ ବିକ୍ଷୋଭ କରାଯାଇଥିଲା । ଜମ୍ବୁବତୀ ଦେବୀ ଏବଂ ତାଙ୍କର ସହକର୍ମୀ ପ୍ରେମ ଦେବୀଙ୍କୁ ବିହାରରେ ଗିରଫ କରାଯିବାର ପ୍ରତିବାଦ ସମ୍ବଲପୁର ଅଞ୍ଚଳର ମହିଳା ଏବଂ ଗରିବ ଲୋକମାନଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି କରିଥିଲା । ଅଗଷ୍ଟ ୧୮ ତାରିଖରେ ନେତାମାନଙ୍କର ଗିରଫ ହେବା ପ୍ରତିବାଦରେ ଝାରସୁଗୁଡ଼ାର ଛାତ୍ରମାନେ ମଧ୍ୟ ହରତାଳ କରିଥିଲେ । ଅଗଷ୍ଟ ୧୯ ତାରିଖ ଦିନ ନୃସିଂହ ପ୍ରସାଦ ଗୁରୁ, ତାଙ୍କ ଭାଇ ଦୁର୍ଗା ପ୍ରସାଦ ଗୁରୁ, ଦୟାନିଧି ଶତପଥୀ, ଲକ୍ଷ୍ମୀ ନାରାୟଣ ଅଗ୍ରୱାଲ ଓ ରାମରକ୍ଷା ଶୁକ୍ଳଙ୍କୁ ଭାରତ ପ୍ରତିରକ୍ଷା ଆଇନ ବଳରେ ଗିରଫ କରାଯାଇଥିଲା । ନିର୍ଦ୍ଦିଷ୍ଟ ପ୍ରମାଣ ଅଭାବରୁ ସେମାନଙ୍କୁ ଜେଲରେ ଅଟକବନ୍ଦୀ ଭାବରେ ରଖାଯାଇଥିଲା । ଜେଲରେ ଦୁର୍ଗା ପ୍ରସାଦ ଗୁରୁ ମୃତ୍ୟୁବରଣ କରିଥିଲେ । ଅଗଷ୍ଟ ୨୧ ତାରିଖରେ ଭୁଲିଆପଡ଼ା ଗ୍ରାମର ୫ ଜଣ ବିଶିଷ୍ଟ ନେତା ରେଭିନିଉ ଅଫିସରଙ୍କୁ ଇସ୍ତଫା ଦେବାପାଇଁ ବାଧ୍ୟ କରିଥିଲେ- ସେମାନଙ୍କୁ ପ୍ରତିରକ୍ଷା ଆଇନ ବଳରେ ଗିରଫ କରାଯାଇଥିଲା । ବିଜେପୁର ଥାନା ପୋଡ଼ିବା ପାଇଁ ଉଦ୍ୟମ କରାଯାଇଥିଲା । ତା'ର ନେତୃତ୍ୱ ନେଇଥିଲେ ରାମଚନ୍ଦ୍ର ପୁରୀ । ବରପାଲି, ରେମୁଣ୍ଡା, ପାଣିମୋରା, ବୋଡ଼ାସମ୍ବର, ପଦ୍ମପୁରରେ କଂଗ୍ରେସ କର୍ମୀମାନେ ହିଂସାତ୍ମକ କାର୍ଯ୍ୟରେ ଲିପ୍ତ ରହିବା ପାଇଁ ଉଦ୍ୟମ କରିଥିଲେ । କଟକରୁ ଭୈରବ ଚନ୍ଦ୍ର ମହାନ୍ତି ସମ୍ବଲପୁର ଆସି ଆନ୍ଦୋଳନକୁ ପରିଚାଳନା କରିଥିଲେ । ଶିବ ନାରାୟଣ ପାଢ଼ୀ ମଧ୍ୟ ଏଥିରେ ଯୋଗ ଦେଇଥିଲେ ।

ଆନ୍ଦୋଳନରେ ଆଉ ଜଣେ ମହାନ ନେତା ଥିଲେ ଭେଡ଼ାନ ପୋଲିସଥାନା ଅନ୍ତର୍ଗତ ମାନପୁର ଗ୍ରାମର ଘନଶ୍ୟାମ ପାଣିଗ୍ରାହୀ । ସେ ଜଣେ ପରୋପକାରୀ ବ୍ୟକ୍ତି ଥିଲେ । ବରଗଡ଼ର ଅନ୍ୟତମ ବିଶିଷ୍ଟ ନେତା ଦୟାନିଧି ଶତପଥୀ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିବାରୁ ତାଙ୍କୁ ୧୯୪୨ ଅଗଷ୍ଟ ୨୮ ତାରିଖରେ ଗିରଫ କରାଯାଇଥିଲା । ସମ୍ବଲପୁର ଅଞ୍ଚଳରେ କେତେଜଣ ନେତ୍ରୀ ମଧ୍ୟ ଯୋଗଦେଇ କ୍ରାନ୍ତିକାରୀ ଆନ୍ଦୋଳନକୁ ଆଗେଇ ନେଇଥିଲେ । ସେମାନେ ଥିଲେ ପ୍ରଭାବତୀ ଦେବୀ, ଜମ୍ବୁବତୀ ଦେବୀ ଏବଂ ପାର୍ବତୀ ଗିରି । ଜମ୍ବୁବତୀ ଦେବୀ ଭାଗିରଥି ପଟ୍ଟନାୟକଙ୍କୁ ବିବାହ କରିଥିଲେ । ସେ ବରପାଲି ଅଞ୍ଚଳର ବିଶିଷ୍ଟ ନେତା ଥିଲେ । ପୋଲିସ ଜମ୍ବୁବତୀ ଦେବୀ, ତାଙ୍କ ସ୍ୱାମୀ ଭାଗିରଥି ପଟ୍ଟନାୟକ ଏବଂ ପୁତ୍ର ପ୍ରଫୁଲ୍ଲ କୁମାରଙ୍କୁ ଗିରଫ କରିଥିଲେ । ପାଣିମୋରା ଗ୍ରାମରେ ଭାଗିରଥୀ ପଟ୍ଟନାୟକଙ୍କର ନେତୃତ୍ୱରେ ୩୨ଜଣ ସକ୍ରିୟ କଂଗ୍ରେସ କର୍ମୀ ତାଲିମ ନେଇ 'ଭାରତ ଛାଡ଼' ଆନ୍ଦୋଳନର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଡବକାଟିକରା ଗ୍ରାମର କୃତାର୍ଥ ଆଚାର୍ଯ୍ୟ ମଧ୍ୟ କଂଗ୍ରେସ କର୍ମୀମାନଙ୍କୁ ସହାୟତା କରିଥିଲେ । ସମ୍ବଲପୁର ଜିଲ୍ଲାରେ ସର୍ବମୋଟ ୧୫୫ ଜଣ ସ୍ୱାଧୀନତା ସଂଗ୍ରାମରେ କାରାବରଣ କରିଥିଲେ ।

## ସ୍ୱାଧୀନତା ଲାଭ ଓ ବିଭାଜନ :

ଜେଲରୁ ମୁକ୍ତ ହେଲା ପରେ ଗାନ୍ଧିଜୀ କଲିକତାରୁ ମାଡ୍ରାଜ ଯିବା ସମୟରେ କଟକ ରେଳଷ୍ଟେସନରେ ଓହ୍ଲାଇଥିଲେ। ପରବର୍ତ୍ତୀ କାଳରେ ଆନ୍ଦୋଳନରେ ବିଭିନ୍ନ ପର୍ଯ୍ୟାୟ ମଧ୍ୟରେ ଇଂରେଜ ସରକାର କ୍ୟାବିନେଟ ମିଶନ ୧୯୪୬ରେ ପଠାଇଥିଲେ। ଏହି କମିଶନର ସଦସ୍ୟ ଥିଲେ ଭାରତ ରାଜ୍ୟ ସଚିବ ଲର୍ଡ ପ୍ୟାଥିକ ଲରେନ୍ସ, ଏଡ୍‌ମିରାଲ ପ୍ରଥମ ଲର୍ଡ୍ ଏ.ଭି. ଆଲେକଜାଣ୍ଡାର ଓ ବାଣିଜ୍ୟ ସଂସ୍ଥାର ସଭାପତି ସାର ଷ୍ଟାଫୋର୍ଡ କ୍ରିପ୍ସ। ଏହାର ଅଧ୍ୟକ୍ଷ ଥିଲେ ଲଡ ପ୍ୟାଥିକ୍ ଲରେନ୍ସ। ସେମାନେ ଭାରତ ବିଭାଜନ ପ୍ରସ୍ତାବକୁ ଗ୍ରହଣ କରିନଥିଲେ ଓ ସମ୍ବିଧାନ ପ୍ରଣୟନକାରୀ ବ୍ୟବସ୍ଥାପକ ସଭା ଗଠନ ପାଇଁ ସୁପାରିଶ କରିଥିଲେ। ଜିନ୍ନା ଏହାକୁ ସ୍ୱୀକାର କରିନଥିଲେ। ସେ ଭାରତର ବିଭାଜନ ଚାହିଁଥିଲେ।

ପରେ ପରେ ଲର୍ଡ ମାଉଣ୍ଟବାଟେନ ଭାଇସ୍‌ରାୟ ହୋଇ ଆସିଲେ। ସେ ଭାରତ ବିଭାଜନ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ସାର୍ ସିରିଲ୍ ରେଡ୍‌କ୍ଲିଫଙ୍କୁ ନିଯୁକ୍ତ କରିଥିଲେ। ଫଳରେ ଭାରତ ଏବଂ ପାକିସ୍ତାନ ଦୁଇଟି ରାଷ୍ଟ୍ର ଗଠିତ ହୋଇଥିଲା। ୧୯୪୭ ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନ ହେଲା। ଅଗଷ୍ଟ ୧୪ ତାରିଖରେ ପାକିସ୍ତାନ ରାଷ୍ଟ୍ର ଗଠିତ ହେଲା। ପରାଧୀନ ଓଡ଼ିଶାର ଶେଷ ଗଭର୍ଣ୍ଣର ଚାନ୍ଦୁଲାଲ ମାଧବଲାଲ ତ୍ରିବେଦୀ ବିଦାୟ ନେଇଥିଲେ। ଅଗଷ୍ଟ ୧୫ ତାରିଖ ଦିନ କୈଳାସନାଥ କାଟ୍‌ଜୁ ସ୍ୱାଧୀନ ଭାରତର ଓଡ଼ିଶାରେ ପ୍ରଥମ ଗଭର୍ଣ୍ଣର ରୂପେ ଅବସ୍ଥାପିତ ହୋଇଥିଲେ।

ଓଡ଼ିଶାରେ ସର୍ବତ୍ର ପୁରପଲ୍ଲୀରେ ସ୍ୱାଧୀନତା ଦିବସ ଧୂମଧାମରେ ପାଳିତ ହୋଇଥିଲା। ଓଡ଼ିଶାର ତତ୍‌କାଳୀନ ରାଜଧାନୀ କଟକ ସହରରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା।

### ସାରାଂଶ

ଭାରତରେ ଏକ ସଙ୍ଗଠିତ ସ୍ୱାଧୀନତା ଆନ୍ଦୋଳନର ମୂଳଦୁଆ ଭାରତୀୟ ଜାତୀୟ କଂଗ୍ରେସର ଜନ୍ମ ୧୮୮୫ ମସିହାଠାରୁ ପଡ଼ିଥିଲା। ବମ୍ବେଠାରେ ଅନୁଷ୍ଠିତ ଏହାର ପ୍ରଥମ ଅଧିବେଶନର ଆବାହକ ଥିଲେ ଆଲାନ୍ ଅକ୍ଟୋଭିଆନ୍ ହ୍ୟୁମ୍, ଯିଏ ଜଣେ ଅବସରପ୍ରାପ୍ତ ବ୍ରିଟିଶ ଅଧିକାରୀ ଥିଲେ। ଏହି ସଙ୍ଗଠନର ଜନ୍ମଠାରୁ ୧୯୦୫ ମସିହା ପର୍ଯ୍ୟନ୍ତ ସମୟକୁ 'ନରମପନ୍ଥୀ ଯୁଗ' ଭାବରେ ନାମିତ କରାଯାଏ। ଏହି ସମୟରେ କଂଗ୍ରେସ ସ୍ୱାଧୀନତା ବଦଳରେ ଔପନିବେଶିକ ସ୍ୱାଧୀନତା ଦାବି କରିଥିଲା। ବ୍ରିଟିଶ ସାମ୍ରାଜ୍ୟବାଦର ଅଧୀନସ୍ଥ ଧଳା ଔପନିବେଶିକ ଦେଶମାନଙ୍କ (କାନାଡ଼ା, ଅଷ୍ଟ୍ରେଲିଆ ଓ ନିଉଜିଲାଣ୍ଡ) ଅଧିବାସୀମାନଙ୍କ ପରି ସମାନ ସୁବିଧା ସୁଯୋଗ ଦାବି କରୁଥିଲା। 'ଆବେଦନ, ପ୍ରାର୍ଥନା ଓ ଆପତ୍ତି' ଥିଲା ଉଦାରବାଦୀମାନଙ୍କର ସଂଗ୍ରାମର ମାଧ୍ୟମ। ସେମାନେ ସାମ୍ବିଧାନିକ ଉପାୟ ଓ ଧୀରସ୍ଥିର ଭାବରେ ଆସ୍ତେ ଆସ୍ତେ ସମାନଙ୍କର ଦାବି

ପୂରଣ କରିବାକୁ ଚାହୁଁଥିଲେ । କିନ୍ତୁ ଏହି ନରମପନ୍ଥୀମାନେ ହିଁ ପ୍ରଥମେ ବ୍ରିଟିଶ ସରକାରଙ୍କ ଅର୍ଥନୀତିକ ଶୋଷଣ, ବିତ୍ତ ନିଷ୍କାସନ ନୀତିକୁ ଲୋକଲୋଚନକୁ ଆଣିଥିଲେ ଓ ଏହାର ବିରୋଧ କରିଥିଲେ ।

୧୯୦୫ ମସିହାରେ ସରକାର ବଙ୍ଗଳାକୁ ଦୁଇ ଭାଗରେ ବିଭକ୍ତ କରି ହିନ୍ଦୁ-ମୁସଲମାନ ବିଦ୍ୱେଷର ବୀଜ ବୁଣିବାର ପ୍ରୟାସ କଲେ । ଏହା ବିରୋଧରେ ସ୍ୱଦେଶୀ ଆନ୍ଦୋଳନ ମୁଣ୍ଡ ଟେକିଥିଲା । ଏଥିରେ ବିଦେଶୀ ସାମଗ୍ରୀର ବର୍ଜନ ଓ ସ୍ୱଦେଶୀ ଦ୍ରବ୍ୟର ବ୍ୟବହାର ପାଇଁ ଡାକରା ଦିଆଯାଇଥିଲା । ସେତେବେଳେ ଗାନ୍ଧି ଭାରତ ବାହାରେ ଥିଲେ ।

୧୯୧୫ରେ ଗାନ୍ଧୀ ଭାରତ ଆସିଲେ । ଭାରତରେ ବିଭିନ୍ନ ସ୍ଥାନୀୟ ଆନ୍ଦୋଳନର ନେତୃତ୍ୱ ନେଇ ଶେଷରେ ଜାତୀୟ କଂଗ୍ରେସର ୧୯୨୦ ମସିହା ନାଗପୁର ଅଧିବେଶନରେ ତାଙ୍କର ଅସହଯୋଗ କାର୍ଯ୍ୟକ୍ରମକୁ ଗୃହୀତ କରାଇଥିଲେ । ଅହିଂସା ଓ ସତ୍ୟାଗ୍ରହକୁ ଆଧାର କରି ସେ ତାଙ୍କର ସଂଗ୍ରାମ ଚଳାଇଥିଲେ, କିନ୍ତୁ ଚୌରୀଚୌରାର ହିଂସାତ୍ମକ ଘଟଣା ପରେ ସେ ତାଙ୍କ ଆନ୍ଦୋଳନକୁ ସ୍ଥଗିତ ରଖିଥିଲେ । ତାପରେ ସେ ଖଦୀ ପ୍ରସାର ଆନ୍ଦୋଳନ ଚଳାଇଥିଲେ ।

ସେହିପରି ଗାନ୍ଧିଜୀ ୧୯୩୦ ମସିହାରେ ଆଇନ୍ ଅମାନ୍ୟ ଆନ୍ଦୋଳନ ଆରମ୍ଭ କରି ସମୁଦ୍ରରୁ ଲୁଣ ମାରିଥିଲେ । ଏହା ଲବଣ ସତ୍ୟାଗ୍ରହ ନାମରେ ପ୍ରଖ୍ୟାତ । ଲୁଣ ଏକ ସାଧାରଣ ପଦାର୍ଥ ଯାହା ଧନୀଠାରୁ ଗରୀବ ପର୍ଯ୍ୟନ୍ତ ସମସ୍ତେ ଆବଶ୍ୟକ କରିଥାଆନ୍ତି । ଏହି ଆନ୍ଦୋଳନ ୧୯୩୪ ମସିହାରେ ପ୍ରତ୍ୟାହୃତ ହୋଇଥିଲା ।

ଗାନ୍ଧୀ ଆଇନ୍ ଅମାନ୍ୟ ଆନ୍ଦୋଳନ ପରେ 'ହରିଜନ ଆନ୍ଦୋଳନ' ଚଳାଇ ସମାଜରେ ଦଳିତ, ଅସ୍ପୃଶ୍ୟମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ମିଶାଇବାକୁ ପ୍ରୟାସ କରିଥିଲେ । ସେ ହିଁ ସମାଜର ଦଳିତବର୍ଗଙ୍କୁ 'ହରିଜନ' ନାମରେ ନାମିତ କରିଥିଲେ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସରକାର ଭାରତୀୟ ଜନଗଣଙ୍କର ବିନା ସମର୍ଥନରେ ଯୁଦ୍ଧରେ ଭାରତର ବ୍ରିଟିଶ ସହ ଯୋଗଦେବାର ଘୋଷଣା କଲେ । ଏହାର ପ୍ରତିବାଦରେ ସାରା ଭାରତରେ ବିଭିନ୍ନ ପ୍ରଦେଶରେ ଥିବା କଂଗ୍ରେସ ମନ୍ତ୍ରୀମଣ୍ଡଳମାନ ଇସ୍ତଫା ଦେଲେ । ୧୯୪୨ରେ ଗାନ୍ଧୀ 'ଭାରତଛାଡ଼' ଆନ୍ଦୋଳନର ଘୋଷଣା କଲେ । "କର ଅବା ମର" ଡାକରା ଦେଲେ । ନେତୃବୃନ୍ଦ ଜେଲରେ ଥିବାରୁ ଲୋକମାନେ ନିଜେ ନିଜର ନେତା ହେଲେ । ଅହିଂସାର ଆନ୍ଦୋଳନରେ ହିଂସାର ପ୍ରାଦୁର୍ଭାବ ବଢ଼ିଲା । ରେଳ ଲାଇନ୍, ଟେଲିଗ୍ରାଫ୍ ଲଇନ୍, ଥାନା, କଚେରୀ ଆଦି ପୋଡ଼ି ଦିଆଗଲା । ପାରମ୍ପରିକ ଗାନ୍ଧୀ ଆନ୍ଦୋଳନଠାରୁ ଏହା ଅଲଗା ଥିଲା ।

ଗାନ୍ଧିଙ୍କର ଏହି ତିନୋଟି ମୁଖ୍ୟ ଆନ୍ଦୋଳନର ପ୍ରଭାବ ଓଡ଼ିଶାରେ ପଡ଼ିଥିଲା । ଅସହଯୋଗ ଆନ୍ଦୋଳନର ନେତୃତ୍ୱ ଏଠାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ନେଇଥିଲେ । ୧୯୨୮ ମସିହାରେ

ତାଙ୍କର ଦେହାନ୍ତ ହୋଇଥିଲା । ଆଇନ୍ ଅମାନ୍ୟ ଆନ୍ଦୋଳନର ନେତୃତ୍ୱ ହରେକୃଷ୍ଣ ମହତାବ, ଆଚାର୍ଯ୍ୟ ହରିହର ଦାସ, ଗୋପବନ୍ଧୁ ଚୌଧୁରୀ, ରମାଦେବୀ, ସରଳା ଦେବୀ ଆଦି କଂଗ୍ରେସ ନେତୃବର୍ଗ ନେଇଥିଲେ । ଭାରତଛାଡ଼ ଆନ୍ଦୋଳନ ବେଳକୁ କଂଗ୍ରେସର ନେତୃବୃନ୍ଦ ଜେଲରେ ଥିଲେ । ସର୍ବଭାରତୀୟ କ୍ଷେତ୍ରରେ ଅରୁଣା ଆସଫ ଅଲ୍ଲି, ରାମମୋହନର ଲୋହିଆ ଓ ଜୟପ୍ରକାଶ ନାରାୟଣ ନେବାବେଳେ ଓଡ଼ିଶା କ୍ଷେତ୍ରରେ ସୁରେନ୍ଦ୍ର ଦ୍ୱିବେଦୀ ଓ କଂଗ୍ରେସ ସମାଜବାଦୀ ଦଳ ଏହାର ନେତୃତ୍ୱ ନେଇଥିଲା । ପୋଲିସର ଗୁଳିମାଡ଼ରେ ଅନେକ ସହିଦ ହୋଇଥିଲେ । ଭଦ୍ରକ ସବ୍‌ଡିଭିଜନର ଇରମଠାରେ ହୋଇଥିବା ଗୁଳିମାଡ଼ରେ ୨୯ ଜଣ ସହିଦ ହୋଇଥିଲେ ଓ ପ୍ରଥମ ମହିଳା ସହିଦ ରୂପେ ଜଣେ ଦଳିତ ମହିଳା ପରିବେଦ୍ମାଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଇତିହାସରେ ଲିପିବଦ୍ଧ ହୋଇ ରହିଛି । ଇରମ ଗୁଳିକାଣ୍ଡର ଭୟାଭୟତା ଓ ସହିଦ୍ ସଂଖ୍ୟା ଦୃଷ୍ଟିରୁ ଅନେକ ଐତିହାସିକ ଏହାକୁ ଦ୍ୱିତୀୟ ଜାଲିଆନ୍‌ୱାଲାବାଗ୍ ନରସଂହାର ମଧ୍ୟ କହିଥାଆନ୍ତି । ଆଦିବାସୀ ନେତା ଲକ୍ଷ୍ମଣ ନାୟକଙ୍କ ନେତୃତ୍ୱରେ କୋରାପୁଟର ଆଦିବାସୀମାନେ ବହୁ ସଂଖ୍ୟାରେ ଏଥିରେ ଯୋଗ ଦେଇଥିଲେ ।

ଏହିସବୁ ଦୃଷ୍ଟିରୁ ଦେଖିଲେ, ଭାରତର ଗାନ୍ଧୀଯୁଗୀୟ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶା ତା'ର ଭୂମିକା ଗର୍ବର ନିର୍ବାହ କରିଛି । ଅନେକ ସହିଦ୍‌ଙ୍କ ତ୍ୟାଗ ଓ ଅଗଣିତ ଜନସାଧାରଣଙ୍କ ପୋଲିସ ଓ ସରକାରଙ୍କ ଦ୍ୱାରା ଅତ୍ୟାଚାରର ଶିକାର ହୋଇ ମଧ୍ୟ ସଂଗ୍ରାମର ରାସ୍ତାରେ ଚାଲିବାର ମହାନ୍ ନିଷ୍ପତ୍ତି ହିଁ ଶେଷରେ ଇଂରେଜ ସରକାରଙ୍କୁ ବାଧ୍ୟ କରିଥିଲା ଭାରତକୁ ସ୍ୱାଧୀନତା ପ୍ରଦାନ କରିବା ପାଇଁ । ତେଣୁ ସ୍ୱାଧୀନତା ସଂଗ୍ରାମର ବିଜୟ ଭାରତର ଜନଗଣଙ୍କର ବିଜୟ ।

# ଆଦର୍ଶ ପ୍ରଶ୍ନାବଳୀ

## 'କ' ବିଭାଗ

### (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର)

**୧. ପ୍ରତ୍ୟେକ ପ୍ରଶ୍ନ ସହ ଚାରିଟି ପ୍ରସ୍ତାବିତ ଉତ୍ତର ଦିଆଯାଇଛି । ସଠିକ୍ ଉତ୍ତରଟିକୁ ବାଛ ଓ ଲେଖ ।**

(କ) ଜାଲିଆନ୍‌ୱାଲାବାଗ୍ ହତ୍ୟାକାଣ୍ଡ କେବେ ହୋଇଥିଲା ?

(i) ୧୯୧୯ (ii) ୧୯୨୦

(iii) ୧୯୨୧ (iv) ୧୯୨୨

(ଖ) ସତ୍ୟାଗ୍ରହର ପ୍ରଥମ ପ୍ରୟୋଗ କେଉଁ ଜାଗାରେ ହୋଇଥିଲା ?

(i) ଅହମ୍ମଦାବାଦ (ii) ପୁନେ

(iii) ଚମ୍ପାରନ୍ (iv) ବମ୍ବେ

(ଗ) ଆଇନ ଅମାନ୍ୟ ଆନ୍ଦୋଳନ କେଉଁ ଆଶ୍ରମରୁ ଆରମ୍ଭ ହୋଇଥିଲା ।

(i) ଅଳକା ଆଶ୍ରମ (ii) ସ୍ୱରାଜ ଆଶ୍ରମ

(iii) ସାବରମତୀ ଆଶ୍ରମ (iv) ବରୀ ଆଶ୍ରମ

(ଘ) ଭାରତଛାଡ଼ ଆନ୍ଦୋଳନରେ ଓଡ଼ିଶାର କେଉଁ ବ୍ୟକ୍ତିକୁ ଫାଶୀ ଦିଆଯାଇଥିଲା ?

(i) ରାଧାକାନ୍ତ ବିଶ୍ୱାସରାୟ (ii) ଲକ୍ଷ୍ମୀ ନାରାୟଣ ମିଶ୍ର

(iii) ଲକ୍ଷ୍ମଣ ନାୟକ (iv) ଗୋପବନ୍ଧୁ ଚୌଧୁରୀ

**୨. ଗୋଟିଏ ଶବ୍ଦରେ ଉତ୍ତର ଲେଖ ।**

(କ) କେଉଁ ଘଟଣା ପରେ 'ଅସହଯୋଗ ଆନ୍ଦୋଳନ' ସ୍ଥଗିତ କରାଯାଇଥିଲା ?

(ଖ) ବାଲେଶ୍ୱର ଜିଲ୍ଲାର କେଉଁ ଅଞ୍ଚଳରୁ ଲବଣ ସତ୍ୟାଗ୍ରହ ଆରମ୍ଭ ହୋଇଥିଲା ?

(ଗ) 'ଭାରତଛାଡ଼' ଆନ୍ଦୋଳନ ସମୟରେ ଭାରତରେ ବଡ଼ଲାଟ କିଏ ଥିଲେ ?

(ଘ) 'ଭାରତଛାଡ଼' ଆନ୍ଦୋଳନ ସମୟରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଗାନ୍ଧିଜୀ କେଉଁ କ୍ଷୁଦ୍ରବାକ୍ୟ ଉପଦେଶ ଛଳରେ କହିଥିଲେ ?

## 'ଖ' ବିଭାଗ

## (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର)

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇଟି ବାକ୍ୟରେ ଲେଖ।**

(କ) ସତ୍ୟାଗ୍ରହ କହିଲେ ତୁମେ କ'ଣ ବୁଝ ?

(ଖ) ଅସହଯୋଗ ଆନ୍ଦୋଳନର ପ୍ରସ୍ତାବଗୁଡ଼ିକ ଉଲ୍ଲେଖ କର।

(ଗ) ପୁରୀ ଜିଲ୍ଲାର କେଉଁ ଅଞ୍ଚଳରେ ଏବଂ କାହା ନେତୃତ୍ୱରେ ଆଇନ ଅମାନ୍ୟ ଆନ୍ଦୋଳନ ଚାଲିଥିଲା ?

(ଘ) ଗାନ୍ଧିଜୀ ଭାରତ-ପାକିସ୍ତାନ ବିଭାଜନକୁ କାହିଁକି ବିରୋଧ କରୁଥିଲେ ?

**୪. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପାଞ୍ଚ ବା ଛଅଟି ବାକ୍ୟରେ ଲେଖ। (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର)**

(କ) ଭାରତୀୟ ଜାତୀୟ କଂଗ୍ରେସର ଜନ୍ମ

(ଖ) ବଙ୍ଗ-ଭଙ୍ଗ ଆନ୍ଦୋଳନ

(ଗ) ଖିଲାଫତ୍ ଆନ୍ଦୋଳନ

(ଘ) କ୍ରିପସ୍ ପ୍ରସ୍ତାବ।

## 'ଗ' ବିଭାଗ

## (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର)

୫. ଭାରତୀୟ ରାଜନୀତିରେ ମହାତ୍ମା ଗାନ୍ଧୀଙ୍କ ପ୍ରବେଶଠାରୁ ଅସହଯୋଗ ଆନ୍ଦୋଳନ ପର୍ଯ୍ୟନ୍ତ ତାଙ୍କର ଭୂମିକା ସଂପର୍କରେ ଆଲୋଚନା କର।

୬. ଆଇନ ଅମାନ୍ୟ ଆନ୍ଦୋଳନରେ ଓଡ଼ିଶାର ଭୂମିକା ବର୍ଣ୍ଣନା କର।

୭. 'ଭାରତଛାଡ଼' ଆନ୍ଦୋଳନର କାରଣ ଓ ଏହାର ପ୍ରଭାବ ଗୁଡ଼ିକୁ ସମୀକ୍ଷା କର।

❑●❑

## ଚତୁର୍ଦ୍ଦଶ ଅଧ୍ୟାୟ :

# ଔପନିବେଶିକ ନଗର, ନଗରୀକରଣ, ଯୋଜନା ଓ ସ୍ଥାପତ୍ୟ
# Colonial Cities, Urbanization, Planning and Architecture

---

ନଗରୀକରଣର ଅର୍ଥ ହେଲା ଜନସମାଜର ନଗର ବା ସହର ଭିତ୍ତିକ ହେବା । ସମାଜରେ ବାଣିଜ୍ୟ, ବ୍ୟବସାୟ, ସଂସ୍କୃତି ଓ ପ୍ରଶାସନ ଆଦି ବିଭିନ୍ନ ଗତିବିଧି ବୃଦ୍ଧି ପାଇଲେ, ଗୋଟାଏ ସ୍ଥାନରେ ଜନସଂଖ୍ୟା ଘନିଭୂତ ହୁଏ । ତାକୁ କେନ୍ଦ୍ରକରି ଉକ୍ତ ସ୍ଥାନରେ ଅନ୍ୟାନ୍ୟ ସାମାଜିକ ଗତିବିଧି ବୃଦ୍ଧି ପାଏ । ଏହି ସ୍ଥାନକୁ ନଗର ବା ସହର କୁହାଯାଏ । ନଗର ଓ ସହର ହେଲା ମୋଟାମୋଟି ଭାବେ ପରସ୍ପରର ସମାର୍ଥବୋଧକ ଶବ୍ଦ । ବଡ଼ ସହରକୁ ନଗର ଓ ସାନ ନଗରକୁ ସାଧାରଣତଃ ସହର କୁହାଯାଏ । ଅବଶ୍ୟ ଏହା କେବଳ ଏକ ଶବ୍ଦଗତ ପ୍ରଭେଦକୁ ଇଙ୍ଗିତ କରେ ନାହିଁ । ଏକ ନିର୍ଦ୍ଦିଷ୍ଟ ସ୍ଥାନର ଜନବସତି ଓ ଆୟତନରେ ଅସାମାନ୍ୟ ବୃଦ୍ଧି ଘଟିଲେ, ତାହା ସେଠାକାର ମୋଟ ସଂସ୍କୃତିକୁ ମଧ୍ୟ ପ୍ରଭାବିତ କରିଥାଏ । ମୋଟାମୋଟି ଭାବେ ନଗରୀକରଣ ମାନେ ବାଣିଜ୍ୟ, ବ୍ୟବସାୟରେ ଅଭିବୃଦ୍ଧି, ସହରର ସଂଖ୍ୟା ଓ ଆୟତନରେ ଅଭିବୃଦ୍ଧି ତଥା ଗ୍ରାମ ତୁଳନାରେ ସହରର କର୍ତ୍ତୃତ୍ୱ ବୃଦ୍ଧିକୁ ଚିହ୍ନିତ କରେ । ଆମେ ଏଠାରେ ଉପନିବେଶକାଳୀନ ଭାରତରେ କିଭଳି ଭାବେ ନଗରୀକରଣ ହେଲା, ନଗରୀକରଣ ଯୋଗୁଁ କ'ଣ ସବୁ ନୂଆ ପରିବର୍ତ୍ତନ ଘଟିଲା ଏବଂ ଏହା ସମାଜକୁ କେଉଁଭଳି ଭାବେ ପ୍ରଭାବିତ କଲା, ସେ ନେଇ ଆଲୋଚନା କରିବା ।

### ପ୍ରାକ୍ ଔପନିବେଶିକ ସହର ଓ ନଗର :

ଭାରତରେ ନଗରୀକରଣର ଇତିହାସ ଖୁବ୍ ପ୍ରାଚୀନ । ପ୍ରାୟ ପାଞ୍ଚ ହଜାର ବର୍ଷ ତଳେ ଭାରତ ଉପମହାଦେଶର ଉତ୍ତର-ପଶ୍ଚିମାଞ୍ଚଳରେ ଏହାର ବିକାଶ ଘଟିଥିଲା । ଏହାକୁ ହରପ୍ପା ସଂସ୍କୃତି କୁହାଯାଏ । ହରପ୍ପା, ମହେଂଜୋଦାରୋ ଓ ରାଖିଗଡ଼ି ଆଦି ହେଲେ ଉକ୍ତ ସଂସ୍କୃତି ଓ ସଭ୍ୟତାର କେତୋଟି ପ୍ରମୁଖ ସହର । ହରପ୍ପା ସଂସ୍କୃତି ଥିଲା ବ୍ରୋଞ୍ଜକାଳୀନ । ତହିଁରେ ଲୁହାର ବ୍ୟବହାର ନ ଥିଲା । ଏହା ସତ୍ତ୍ୱେ ଏହି ସଂସ୍କୃତିର ନଗରଗୁଡ଼ିକ ଖୁବ୍ ଯୋଜନାବଦ୍ଧ ଏବଂ ସ୍ଥାପତ୍ୟପୂର୍ଣ୍ଣ ଥିଲା । ବୃହତ୍ ସ୍ନାନାଗାର, ଶସ୍ୟାଗାର ତଥା ପୋଡ଼ାଇଟା ଓ ପଥରରେ ନିର୍ମିତ ବାସଗୃହର ଅବଶେଷରୁ ତତ୍‌କାଳୀନ ସ୍ଥାପତ୍ୟର ପରିଚୟ ମିଳେ । ଏହା ପରେ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀ ଓ ଖ୍ରୀଷ୍ଟାବ୍ଦ ଦ୍ୱିତୀୟ ଶତାବ୍ଦୀର ମଧ୍ୟକାଳରେ ଭାରତରେ ଦ୍ୱିତୀୟ ପର୍ଯ୍ୟାୟର ନଗରୀକରଣ ଦେଖିବାକୁ ମିଳିଥିଲା ।

ସେତେବେଳର କେତୋଟି ପ୍ରମୁଖ ସହର ହେଲେ ବୈଶାଳି, ପାଟଳିପୁତ୍ର ଓ ରାଜଗୃହ ଆଦି। ମଧ୍ୟକାଳୀନ ଯୁଗରେ ମଧ୍ୟ ଭାରତୀୟ ସଂସ୍କୃତି ସହର ବର୍ଜିତ ନ ଥିଲା, ଯଦିଓ ଏହି ସମୟରେ ଗ୍ରାମର ପ୍ରାଧାନ୍ୟ ଊଣା ହୋଇ ନ ଥିଲା। ବାରାଣାସୀ, କାଂଚିପୁରମ୍, ମଦୁରାଇ ଓ ମଥୁରା ଆଦି ହେଲେ କେତୋଟି ମଧ୍ୟକାଳୀନ ନଗରୀ। ମୁଖ୍ୟତଃ ତୀର୍ଥସ୍ଥଳୀ ଓ ପର୍ଯ୍ୟଟନ କେନ୍ଦ୍ରଭାବେ ଏହି ନଗରୀଗୁଡ଼ିକର ବିକାଶ ଘଟିଥିଲା। ସେହିଭଳି ପ୍ରଶାସନିକ କେନ୍ଦ୍ର ରୂପରେ ମୋଗଲ କାଳରେ ଦିଲ୍ଲୀ, ଆଗ୍ରା ଓ ଲାହୋର ଆଦି ନଗରର ଜନ୍ମ ହୋଇଥିଲା। ବାଦଶାହ, ନବାବ, ମାନସବାଦର ତଥା ରାଜା-ମହାରାଜା ହେଲେ ମଧ୍ୟକାଳର ଶାସକ ଓ ଅଭିଜାତ ବର୍ଗ। ସେମାନେ ଯେଉଁଠି ରହିଲେ, ସେମାନଙ୍କ ସହାୟତା ଲାଗି ସେଠାରେ ଅନ୍ୟାନ୍ୟ ରାଜ କର୍ମଚାରୀ ମଧ୍ୟ ନିଯୁକ୍ତ ହେଲେ। ଏହି ସମସ୍ତଙ୍କ ଆବଶ୍ୟକତାକୁ ମେଣ୍ଟାଇବା ଲାଗି ଆଖପାଖରେ ଶିଳ୍ପୀ, କାରିଗର ଓ ବ୍ୟବସାୟୀ ବର୍ଗ ମଧ୍ୟ ବସତି ସ୍ଥାପନ କଲେ। ଫଳରେ, ସହରର କଳେବର ବୃଦ୍ଧି ପାଇଲା। ରାଜ୍ୟ ଓ ସାମ୍ରାଜ୍ୟର ପରିସୀମା ବଢ଼ିଲେ, ଏଭଳି ନୂଆ ନୂଆ ସହରର ସ୍ଥାପନା ହେଲା।

ଓଡ଼ିଶା ପରିପ୍ରେକ୍ଷୀରେ ଦେଖିଲେ, କଟକ, ପୁରୀ ଓ ସମ୍ବଲପୁର- ହେଲେ ତିନୋଟି ମଧ୍ୟକାଳୀନ ସହର। ମର୍କତ କେଶରୀଙ୍କ ରାଜତ୍ୱ କାଳରେ ୯୮୯ ମସିହାରେ ରାଜ୍ୟର ରାଜଧାନୀ ରୂପରେ କଟକର ପ୍ରତିଷ୍ଠା ହେଲା। ଦ୍ୱାଦଶ ଶତାବ୍ଦୀରେ ଚୋଡ଼ଗଙ୍ଗ ଦେବ ପୁରୀଠାରେ ଭବ୍ୟ ଜଗନ୍ନାଥ ମନ୍ଦିରର ସ୍ଥାପନା କଲେ। ସମ୍ଭବତଃ ତା' ପୂର୍ବରୁ ପୁରୀ ଏକ ତୀର୍ଥକେନ୍ଦ୍ର ଭାବେ ପର୍ଯ୍ୟଟନର କେନ୍ଦ୍ର ହୋଇ ସାରିଥିଲା। ୧୫୪୦ ମସିହାରେ ପାଟଣା ରାଜ୍ୟର ବିଭାଜନ ଉତ୍ତାରୁ ଚୌହାନ ରାଜ୍ୟର ରାଜଧାନୀ ରୂପରେ ସମ୍ବଲପୁରର ସ୍ଥାପନା ହୋଇଥିଲା। ରାଜ୍ୟର ରାଜସ୍ୱ ବୃଦ୍ଧି ହୁଅନ୍ତେ ଏହି ସମସ୍ତ ସହରରେ ଏକାଧିକ ସ୍ଥାପତ୍ୟପୂର୍ଣ୍ଣ ମନ୍ଦିର ନିର୍ମାଣ ହେଲା। ଗ୍ରାମାଞ୍ଚଳ ପାଇଁ ସହରର ଆକର୍ଷଣ ବୃଦ୍ଧି ପାଇଲା। ଏସବୁ ସାଙ୍ଗରେ ତାଳଦେଇ ଆର୍ଥିକ ଓ ବାଣିଜ୍ୟିକ ଗତିବିଧି ବୃଦ୍ଧି ପାଇଲା। ସହର ତା' ପାଇଁ ପ୍ରମୁଖ କେନ୍ଦ୍ର ହେଲା। ପ୍ରାଚୀନ ଓ ମଧ୍ୟକାଳରେ ସହରର ବିକାଶ ନିମନ୍ତେ ନଦୀପଥର ଖୁବ୍ ସହାୟକ ଭୂମିକା ରହିଥିଲା। ମହାନଦୀ କୂଳରେ କଟକ ଏବଂ ସମ୍ବଲପୁରର ଏବଂ ସମୁଦ୍ର କୂଳରେ ପୁରୀର ସ୍ଥାପନା ଓ ବିକାଶକୁ ଏହି ମର୍ମରେ ଅନୁଶୀଳନ କରିହେବ।

ସବୁ ସମୟରେ ସହରକୁ ଗ୍ରାମାଞ୍ଚଳରୁ ଭିନ୍ନ କରି ଦେଖାଯାଇଥାଏ। ଗ୍ରାମାଞ୍ଚଳରେ ଲୋକ ମୁଖ୍ୟତଃ କୃଷି ଓ ପଶୁପାଳନ କରି ଜୀବିକା ନିର୍ବାହ କରନ୍ତି। ଗ୍ରାମୀଣ ଭୂମିହୀନ ବର୍ଗ ମଧ୍ୟ କୃଷି ଆଶ୍ରିତ। ଦ୍ୱିତୀୟତଃ, ଜଣେ ଲୋକ ଏକ ନିର୍ଦ୍ଦିଷ୍ଟ ପେଷାରେ ସୀମିତ ନ ରହି ଏକାଧିକ ପେଷାରେ ସଂଶ୍ଳିଷ୍ଟ ଥାଏ। ଉଦାହରଣ ସ୍ୱରୂପ, ଜଣେ ଲୋକ କୃଷି ସହିତ ପଶୁପାଳନ ଓ କାରିଗରୀ ମଧ୍ୟ କରୁଥାଇପାରେ। ମାତ୍ର ସହରବାସୀ କୃଷିକୁ ବାଦ ଦେଇ ସାଧାରଣତଃ କାରିଗରୀ, ବ୍ୟବସାୟ, ରାଜକାର୍ଯ୍ୟ କିମ୍ବା ପ୍ରଶାସନକୁ ବୃତ୍ତି କରି ଜୀବିକା ନିର୍ବାହ କରେ। ଗ୍ରାମରୁ ସହରକୁ ଖାଦ୍ୟାନ୍ନ ଖଜଣା ରୂପରେ ହେଉ ବା ବ୍ୟବସାୟ ଭିତ୍ତିରେ ବୋହିହୋଇ ଆସେ। ସୁରକ୍ଷା ନିମିତ୍ତ ସାଧାରଣତଃ ଅନେକ ସହର ଚାରିକଡ଼େ ପାଚେରୀ ନିର୍ମାଣ ହେଉଥିଲା, ଯାହାକୁ ଗ୍ରାମ ଓ ସହର ମଧ୍ୟରେ ପ୍ରଭେଦ ରେଖାରୂପେ ଚିହ୍ନିତ କରାଯାଉଥିଲା।

ଗ୍ରାମବାସୀଙ୍କ ପାଇଁ ସହରରେ ପ୍ରବେଶ କଦାପି ନିଷେଧ ନ ଥିଲା । ଦୂରଦୂରାନ୍ତରକୁ ଗମନାଗମନ କଲାବେଳେ ଗାଁ ଲୋକ ସହରରେ ସାମୟିକ ଅବସ୍ଥାନ କରୁଥିଲେ । ପର୍ଯ୍ୟଟନ ଓ ବିକ୍ରିବଟା ଲାଗି ସେମାନଙ୍କୁ ସହରକୁ ଆସିବାକୁ ପଡୁଥିଲା । ଦୁର୍ଭିକ୍ଷକାଳୀନ ଖାଦ୍ୟାଭାବ ବେଳେ ସହର ସମସ୍ତଙ୍କ ଆଶ୍ରୟସ୍ଥଳୀ ଥିଲା । ସେହିଭଳି ନଗରବାସୀ ମଧ୍ୟ ବହିଃଆକ୍ରମଣ ବେଳେ ସୁରକ୍ଷା ଲାଗି ଗ୍ରାମାଞ୍ଚଳକୁ ପଳାୟନ କରୁଥିଲେ । ସହରରୁ ବ୍ୟବସାୟୀ ମନୋହରୀ ଦ୍ରବ୍ୟ ବିକ୍ରି ଲାଗି ମଝିରେ ମଝିରେ ଗାଁକୁ ଯାଉଥିଲେ । ଗାଁରୁ ସେମାନେ ସହରରେ ସ୍ଥାପିତ 'କୁଟୀର ଶିଳ୍ପ' ପାଇଁ କଞ୍ଚାମାଲ ମଧ୍ୟ ସଂଗ୍ରହ କରୁଥିଲେ ।

ମଧ୍ୟକାଳୀନ ଭାରତରେ ସହର ଥିଲା ଗୋଟାଏ ବଡ଼ ଗାଁ ଭଳି । ଜାତି, ଧର୍ମ ଓ ବର୍ଗ ଆଧାରରେ ଲୋକ ପରସ୍ପର ସହ ପରିଚିତ ଥିଲେ । ସେମାନଙ୍କ ମଧ୍ୟରେ ସାମାଜିକ ସ୍ଥିତି (Social order) ପୂର୍ବ ନିରୂପିତ ଥିଲା । ତା'ର ଅତିକ୍ରମଣକୁ ଦଣ୍ଡନୀୟ ମନେ କରାଯାଉଥିଲା । ଉଦାହରଣ ସ୍ୱରୂପ, ଜାତି ନିୟମର ଉଲ୍ଲଙ୍ଘନ ଆଦୌ ସହଜ ନ ଥିଲା । ଜାତି ବାହାରେ ବିବାହକୁ ତଥାକଥିତ 'ତଳ' ଜାତିରେ ବି ବିରୋଧ କରାଯାଉଥିଲା । ଏଥିରୁ ଅନୁମିତ ହୁଏ ଯେ ବିଭିନ୍ନ ଜାତି ମଧ୍ୟରେ ସ୍ଥାପିତ ସାମାଜିକ ଅନୁକ୍ରମ (Social hierarchy) ସର୍ବମାନ୍ୟ ନ ଥିଲା ।

## ଅଷ୍ଟାଦଶ ଶତାବ୍ଦୀରେ ପରିବର୍ତ୍ତନ :

ମଧ୍ୟକାଳୀନ ସମୟ ତୁଳନାରେ ଅଷ୍ଟାଦଶ ଶତାବ୍ଦୀରେ ନଗରରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଥିଲା । ଅନେକ ପୁରାତନ ସହରର ଅଧୋପତନ ହେଲା ଏବଂ ନୂଆ ସହରର ଉତ୍‌ଥାନ ହେଲା । ଏହା ପଛରେ ଏକ ପ୍ରମୁଖ କାରଣ ଥିଲା ମୋଗଲ ଶାସନର କ୍ରମ ଅବସାନ । ପ୍ରଶାସନିକ ନଗରୀ ରୂପେ ପ୍ରତିଷ୍ଠା ପାଇଥିବା ଲାହୋର, ଆଗ୍ରା ଓ ଦିଲ୍ଲୀ ନିଜ ମହତ୍ତ୍ୱ ହରାଇଲେ । ଅଯୋଧ୍ୟା ବା ଅଓ୍ୱଧର ନବାବ, ବଙ୍ଗର ନବାବ, ହାଇଦ୍ରାବାଦର ନିଜାମ ଆଦିଙ୍କ ଭଳି ଆଞ୍ଚଳିକ ଶକ୍ତିର ଉତ୍‌ଥାନ ଯୋଗୁଁ ଅନେକ ଗୁଡ଼ିଏ ଆଞ୍ଚଳିକ ସହରର ମହତ୍ତ୍ୱ ବଢ଼ିଲା । ଲକ୍ଷ୍ନୌ, ହାଇଦ୍ରାବାଦ, ଶ୍ରୀରଙ୍ଗାପଟ୍ଟନମ୍ ଓ ପୁନା ଆଦି ସହରର ବିକାଶ ଘଟିଲା । ବ୍ୟବସାୟୀ, କାରିଗର ଏବଂ ପ୍ରଶାସନିକ ଅଧିକାରୀ ବର୍ଗ ନୂଆ ସହରରେ ଯାଇ ବାସ କଲେ, କାରଣ ଅନ୍ନ ସଂସ୍ଥାନ ପାଇଁ ନୂଆ ସହରରେ ଅଧିକ ସମ୍ଭାବନା ରହିଥିଲା । ଆର୍ଥିକ ଗତିବିଧି ବୃଦ୍ଧି ହେବା ଯୋଗୁଁ ଆଗରୁ ଯେଉଁଠି ସାପ୍ତାହିକ ହାଟବଜାର ବସୁଥିଲା, ସେଇଠି ନୂଆ ସହର ଗଢ଼ି ଉଠିଲା । ପୁଣି, ବାଣିଜ୍ୟିକ ସ୍ଥାନ ପରିବର୍ତ୍ତନ ହେବାରୁ ସପ୍ତଦଶ ଶତାବ୍ଦୀରେ ଗଢ଼ି ଉଠିଥିବା କେତେକ ସହର, ଯେମିତି ଢାକା, ସୁରତ ଓ ମାସୁଲିପଟ୍ଟନମ୍ ଆଦି, ଅଷ୍ଟାଦଶ ଶତାବ୍ଦୀରେ ଦ୍ରୁତ ପତନର ସମ୍ମୁଖୀନ ହେଲେ ।

୧୭୫୭ରେ ପଲାସୀ ଯୁଦ୍ଧରେ ବିଜୟ ଲାଭକଲା ଉତ୍ତାରୁ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀର ବାଣିଜ୍ୟରେ ଏକଚାଟିଆ କାରବାର ଆରମ୍ଭ ହେଲା । ପ୍ରଥମେ ବଙ୍ଗ ଏବଂ ପରେ ପରେ ଭାରତର ଅନ୍ୟାନ୍ୟ ଅଞ୍ଚଳର ଶାସନଭାର କମ୍ପାନୀ ହାତକୁ ଗଲା । କମ୍ପାନୀ ଶାସନର କେନ୍ଦ୍ରମାନଙ୍କରେ ନୂଆ କରି ନଗର ସ୍ଥାପିତ ହେଲା । କଲିକତା, ବମ୍ବେ ଏବଂ ମାଡ୍ରାସ ହେଲେ ଏଭଳି ତିନୋଟି କେନ୍ଦ୍ର ନଗରୀ, ଯାହା ଔପନିବେଶିକ କାଳରେ ପ୍ରାଧାନ୍ୟ ଲାଭ କଲେ ।

ପ୍ରାକ୍-ଔପନିବେଶିକ କାଳରେ ଏହି ତିନୋଟି ଜାଗା ମାଛଧରାଳି କେଉଟ ଏବଂ ବୁଣାକାରଙ୍କ ଗାଁ ହୋଇ ରହିଥିଲା । କମ୍ପାନୀର ଆଗମନ ଉତ୍ତାରୁ ସେଗୁଡ଼ିକ ଆର୍ଥିକ ଗତିବିଧିର କେନ୍ଦ୍ର ହେଲା । ୧୬୩୯ରେ ମାଡ୍ରାସରେ ଏବଂ ୧୬୯୦ରେ କଲିକତାରେ କମ୍ପାନୀର ବାଣିଜ୍ୟ କେନ୍ଦ୍ର ସ୍ଥାପିତ ହେଲା । ଆରମ୍ଭରେ ବମ୍ବେ ପର୍ତ୍ତୁଗୀଜଙ୍କ ଅଧୀନରେ ଥିଲା । ଇଂରେଜ ରାଜାଙ୍କୁ ଉପହାର ସୂତ୍ରରେ ଏହା ପର୍ତ୍ତୁଗୀଜମାନଙ୍କଠାରୁ ମିଳିଥିଲା । ୧୬୬୧ରେ କମ୍ପାନୀକୁ ରାଜା ଦାନ ସୂତ୍ରରେ ଏହା ପ୍ରଦାନ କଲେ ।

## ପରିବର୍ତ୍ତନର ଦିଗ :

ଊନବିଂଶ ଶତାବ୍ଦୀର ଆରମ୍ଭରେ ଦେଶରେ ଔପନିବେଶିକ ନିୟନ୍ତ୍ରଣ ଯେତେ ଯେତେ ସୁଦୃଢ଼ ହେଲା, ନଗରୀୟ ପରିବର୍ତ୍ତନ ସେତେ ଅଧିକ ପ୍ରତ୍ୟୟ ହେବାକୁ ଲାଗିଲା । ଉକ୍ତ ପରିବର୍ତ୍ତନକୁ ଅନୁଧ୍ୟାନ କରିବା ଲାଗି ନାନା ସ୍ରୋତ ସାମଗ୍ରୀ (Sources) ରହିଛି । ଉଦାହରଣ ସ୍ୱରୂପ, ତତ୍‌କାଳୀନ ମାନଚିତ୍ରରୁ ଉକ୍ତ ନଗରୀଗୁଡ଼ିକରେ ସ୍ଥିତ ବିଭିନ୍ନ ସ୍ଥାନ ସମ୍ପର୍କରେ ଜାଣିହୁଏ । ପରବର୍ତ୍ତୀ ସମୟରେ ନୂଆ ନିର୍ମାଣ ଯୋଗୁ ତହିଁରେ ଯେଉଁ ପରିବର୍ତ୍ତନ ଘଟିଛି, ତାକୁ ନୂଆ ମାନଚିତ୍ର ପ୍ରଦର୍ଶିତ କରିଥାଏ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଔପନିବେଶିକ କାଳରେ ମାନଚିତ୍ର ପ୍ରସ୍ତୁତିକୁ ପ୍ରାଧାନ୍ୟ ଦିଆଯାଇଥିବାରୁ, ତାହା ଏକ ମହତ୍ତ୍ୱପୂର୍ଣ୍ଣ ଦସ୍ତାବିଜ ରୂପେ ଆମ ପାଇଁ ଉପଲବ୍ଧ । ସେହିଭଳି ଊନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ସହରଗୁଡ଼ିକରେ ସ୍ଥାନୀୟ ସ୍ତରରେ ଜନଗଣନା ଆରମ୍ଭ ହେଲା । ୧୮୮୧ରୁ ଦଶବାର୍ଷିକ ଭିତ୍ତିରେ ନିୟମିତ ରୂପେ ଏହା ସାରା ଦେଶରେ କାର୍ଯ୍ୟକାରୀ ହେଲା । ଜନଗଣନାରୁ ଉପଲବ୍ଧ ତଥ୍ୟ ନଗରୀକରଣର ଇତିହାସ ଅଧ୍ୟୟନ ନିମିତ୍ତ ଖୁବ୍ ଉପଯୋଗୀ ସିଦ୍ଧ ହେଲା ।

ଜନଗଣନାର ପରିସଂଖ୍ୟାନରୁ ଜଣାପଡ଼େ ଯେ ଊନବିଂଶ ଶତାବ୍ଦୀରେ ଭାରତରେ ନଗରୀକରଣର ଧାରା ଖୁବ୍ ମନ୍ଥର ଥିଲା । ଜନସଂଖ୍ୟା ମୋଟାମୋଟି ଭାବେ ସ୍ଥିର ଥିଲା । ଅର୍ଥାତ୍ ନଗରୀକରଣରେ ଅଭିବୃଦ୍ଧି ପରିଲକ୍ଷିତ ହେଉ ନ ଥିଲା । ଏଭଳିକି ୧୯୦୦ରୁ ୧୯୪୦ ମଧ୍ୟରେ ସହରର ଜନସଂଖ୍ୟା ମୋଟ ଜନସଂଖ୍ୟାର ମାତ୍ର ୧୦ ରୁ ୧୩ ପ୍ରତିଶତରେ ସୀମିତ ରହିଥିଲା । ୧୮୯୧ରେ ମୋଟ ଜନସଂଖ୍ୟାର ମାତ୍ର ୯.୪ ପ୍ରତିଶତ ଲୋକ ସହରରେ ବାସ କରୁଥିଲେ । ୧୯୨୧ରେ ଦୀର୍ଘ ୩୦ ବର୍ଷ ଉତ୍ତାରୁ ଏହି ସଂଖ୍ୟା ବୃଦ୍ଧି ପାଇ ହେଲା ୧୦.୨ ପ୍ରତିଶତ । ତା'ର ୨୦ ବର୍ଷ ପରେ ଅର୍ଥାତ୍ ୧୯୪୧ରେ ଔପନିବେଶିକ ଶାସନର ପ୍ରାୟ ଦୁଇ ଶତାବ୍ଦୀ ପରେ ଏହି ସଂଖ୍ୟା ମାତ୍ର ୧୨.୮ ପ୍ରତିଶତରେ ପହଞ୍ଚିଥିଲା । ଏହା ଔପନିବେଶିକ କାଳୀନ ନଗରୀକରଣର ସ୍ଥାଣୁତାକୁ ଦର୍ଶାଏ ।

ବିଡ଼ମ୍ବନାର ବିଷୟ ଯେ, ସାନ ସହର ଗୁଡ଼ିକର ବୃଦ୍ଧି ପାଇଁ ଖୁବ୍ କମ୍ ସମ୍ଭାବନା ଥିବାବେଳେ ତିନୋଟି ଯାକ ବଡ଼ ନଗରୀ ଏହି ସମୟରେ ଖୁବ୍ ଅଭିବୃଦ୍ଧିଲାଭ କରିଥିଲେ । ଏହି ଆଧାରରେ କୁହାଯାଏ ଯେ ସାନ ସହରଗୁଡ଼ିକୁ ବଢ଼ିବାକୁ ନ ଦେଇ ବଡ଼ ନଗରୀଗୁଡ଼ିକ ନିଜେ ଅଭିବୃଦ୍ଧିର ଶିଖର ଚୁମ୍ବନ କଲେ ।

ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀରେ ଭାରତରୁ ବିଭିନ୍ନ ସାମଗ୍ରୀ ବିଦେଶକୁ ରପ୍ତାନୀ ହେବା ପୂର୍ବରୁ ବମ୍ବେ, କଲିକତା ଓ ମାଡ୍ରାସଠାରେ ପହଞ୍ଚୁଥିଲା । ୟୁରୋପରେ ଏବଂ ବିଶେଷ କରି ଇଂଲଣ୍ଡରେ ଶିଳ୍ପ ବିପ୍ଳବ ହେବା

ଉତ୍ତାରୁ ଭାରତକୁ କମ୍ପାନୀ ଜିନିଷ ରପ୍ତାନି କରି ଆଣିଲେ । ସେତେବେଳେ ଏହି ବନ୍ଦର ନଗରୀଗୁଡ଼ିକ ଆମଦାନି ହୋଇଥିବା ଶିଳ୍ପଜାତ ସାମଗ୍ରୀର ସଂଗ୍ରହଣ କେନ୍ଦ୍ର ହେଲା । ସାମଗ୍ରୀ ମଧ୍ୟରେ ପ୍ରମୁଖ ଥିଲା କଳ ଲୁଗା । ଅର୍ଥାତ୍ ଶିଳ୍ପ ବିପ୍ଳବ ଆଗରୁ ରପ୍ତାନୀ କେନ୍ଦ୍ର (export centre) ରୂପେ ବୃଦ୍ଧି ପାଇଥିବା ସହରଗୁଡ଼ିକ ଶିଳ୍ପ ବିପ୍ଳବ ଉତ୍ତାରୁ ଆମଦାନି କେନ୍ଦ୍ରର ମାନ୍ୟତା ଲାଭ କଲା ।

ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଭାରତରେ ରେଳଯୋଗାଯୋଗ ଆରମ୍ଭ ହେଲା । ୧୮୫୩ ମସିହାରେ ପ୍ରଥମେ ବମ୍ବେ ଓ ଥାଣେ ମଧ୍ୟରେ ରେଳ ଚଳାଚଳର ସୂତ୍ରପାତ ହେଲା । ୧୮୯୦ ସୁଦ୍ଧା ଦେଶରେ ମୋଟ ୨୫,୦୦୦ କିମି ରେଳପଥ ବିସ୍ତାରଲାଭ କରି ସାରିଥିଲା । ରେଳପଥର ବିସ୍ତାର ଯୋଗୁଁ ଆର୍ଥିକ ଗତିବିଧି ବୃଦ୍ଧି ପାଇଲା । ଯେଉଁ ସହର ଦେଇ ରେଳପଥର ସଂଯୋଗ ନ ଥିଲା, ସେହି ସହରଗୁଡ଼ିକ ମହତ୍ତ୍ୱ ହରାଇଲେ । ରେଳଷ୍ଟେସନର ଆଖପାଖରେ ନୂଆ ସହରର ସୃଷ୍ଟି ହେଲା । ଗଙ୍ଗାନଦୀ ମୁହାଣରେ ସ୍ଥାପିତ ମିର୍ଜାପୁର ରେଳସଂଯୋଗର ଅଭାବ ଯୋଗୁଁ ପତନର ସମ୍ମୁଖୀନ ହୋଇଥିବା ଏକ ସହର । ସେହିଭଳି ଜମାଲପୁର (ବିହାର), ୱାଲଟିଅର (ଆନ୍ଧ୍ର) ଏବଂ ବରେଲି (ୟୁପି) ହେଲା ରେଳସଂଯୋଗ ଯୋଗୁଁ ଗଢ଼ି ଉଠିଥିବା ନୂଆ ସହର ।

## ବନ୍ଦର, ଦୁର୍ଗ ଏବଂ ସେବା କେନ୍ଦ୍ର ରୂପରେ ନୂତନ ସହର :

ଅଷ୍ଟାଦଶ ଶତାବ୍ଦୀରେ ସଂଘଟିତ ଔପନିବେଶିକ ପରିବର୍ତ୍ତନ ଯୋଗୁଁ ମାଡ୍ରାସ, ବମ୍ବେ ଓ କଲିକତା କେବଳ ବଡ଼ ସହରରେ ରୂପାନ୍ତରିତ ହେଲେ ନାହିଁ, ସାଙ୍ଗରେ ଦେଶର ପ୍ରମୁଖ ବନ୍ଦର ରୂପରେ ମଧ୍ୟ ବିବେଚିତ ହେଲେ । ଆରମ୍ଭରୁ ବିଭିନ୍ନ ୟୁରୋପୀୟ ବାଣିଜ୍ୟ କମ୍ପାନୀ ବିଭିନ୍ନ ସ୍ଥାନରେ 'ଫ୍ୟାକଟରି' ସ୍ଥାପନ କରିଥିଲେ । ପରେ କେବଳ ଇଂରେଜ କମ୍ପାନୀର ରାଜୁତି ରହିଲା ବୋଲି ଇଂରେଜ ଫ୍ୟାକଟରିର କ୍ରମୋନ୍ନତି ହେଲା । ଫ୍ୟାକଟରିର ଅର୍ଥ 'ଫ୍ୟାକ୍ଟର' ବା କର୍ମଚାରୀମାନଙ୍କର କାର୍ଯ୍ୟସ୍ଥଳ । ଏହା ଉତ୍ପାଦନର କେନ୍ଦ୍ର ନ ଥିଲା । ଫ୍ୟାକଟରିକୁ କେନ୍ଦ୍ରକରି ଏହି ବନ୍ଦର ନଗରୀ ଗୁଡ଼ିକ ପ୍ରତିଷ୍ଠା ପାଇଲେ । ସୁରକ୍ଷା ନିମିତ୍ତ ଫ୍ୟାକଟରି ଚାରିକଡ଼େ ପାଚେରୀ ନିର୍ମାଣ ହୋଇଥିଲା । ମାଡ୍ରାସର ଫୋର୍ଟସେଣ୍ଟଜର୍ଜ, କଲିକତାର ଫୋର୍ଟ ୱିଲିଅମ ଏବଂ ବମ୍ବେର ଫୋର୍ଟରେ ଇଂରେଜ ଜନବସତି ବୃଦ୍ଧି ପାଇଲା । ନିକଟରେ ବନ୍ଦରର ଅବସ୍ଥିତି ଯୋଗୁଁ ସହରରେ ରପ୍ତାନୀ ଯୋଗ୍ୟ ବସ୍ତୁ ଏବଂ ଆମଦାନି ହୋଇ ଆସିଥିବା ସାମଗ୍ରୀ ଜମା ହେଲା । ଉକ୍ତ ସାମଗ୍ରୀର ବିପଣନ ଲାଗି ସହରରେ ବ୍ୟବସାୟୀ, କାରିଗର ଓ ଆହୁରି ଅନେକ ଭାରତୀୟ ଲୋକ ବସବାସ କଲେ । ଆରମ୍ଭରୁ ଭାରତୀୟ ମାନଙ୍କ ରହଣିସ୍ଥଳରୁ ସାମାନ୍ୟ ଦୂରରେ ୟୁରୋପୀୟମାନଙ୍କ ରହଣି ସ୍ଥଳ ରହିଥିଲା । ୟୁରୋପୀୟ ଅଞ୍ଚଳ 'ଶ୍ୱେତନଗରୀ' (White Town) ଏବଂ ଭାରତୀୟ ଅଞ୍ଚଳକୁ 'କୃଷ୍ଣ ନଗରୀ' (Black Town) କୁହାଯାଉଥିଲା । କମ୍ପାନୀ ହାତକୁ ଶାସନଭାର ଯିବା ଉତ୍ତାରୁ ଏହି ରଙ୍ଗଭେଦ ଆଧାରିତ ପ୍ରଭେଦ ସୁସ୍ପଷ୍ଟ ହେଲା ।

ରେଳପଥର ବିସ୍ତାର ଫଳରେ ଔପନିବେଶିକ ବନ୍ଦର ନଗରୀଗୁଡ଼ିକ ସହ ଅବଶିଷ୍ଟ ଭାରତର ଯୋଗାଯୋଗ ସୁଗମ ହେଲା । ଏହା ଅଭ୍ୟନ୍ତରରୁ ନଗରୀକୁ କଞ୍ଚାମାଲ ଓ କୃଷିଜାତ ସାମଗ୍ରୀର ଆମଦାନିରେ ସାହାଯ୍ୟ କଲା । ନଗରୀରେ ଶସ୍ତାରେ କାମ କରିବା ପାଇଁ ମଜୁରିଆ ମଧ୍ୟ ମିଳିଲେ, ଯାହା ଶିଳ୍ପ ପ୍ରତିଷ୍ଠାନ ପାଇଁ

ସହାୟକ ହେଲା । ୧୮୫୦ ପରଠାରୁ ବମ୍ବେରେ ଅନେକ କପଡ଼ା ମିଲ ଏବଂ କଲିକତା ଉପାନ୍ତରେ ଝୋଟ ମିଲ ସ୍ଥାପିତ ହେବା ପଛରେ ଏସବୁ ଥିଲା ପ୍ରମୁଖ କାରଣ । ଅନ୍ୟ ଶବ୍ଦରେ କହିଲେ, ଆଧୁନିକ ଶିଳ୍ପର ଶୁଭାରମ୍ଭ ହେଲା ଔପନିବେଶିକ ବନ୍ଦର ନଗରୀ ଗୁଡ଼ିକରେ ।

ବନ୍ଦର ନଗରୀ କଲିକତା, ବମ୍ବେ ଓ ମାଡ୍ରାସରୁ ଇଂଲଣ୍ଡକୁ କଂଚାମାଲ ରପ୍ତାନି ହେଉଥିଲା । ଆଧୁନିକ ପୁଞ୍ଜିବାଦୀ ଶକ୍ତିର ଉଦୟ ମଧ୍ୟ ସେଠାରେ ଦେଖିବାକୁ ମିଳିଲା । ଏସବୁ ସତ୍ତ୍ୱେ ସେଠାକାର ମଜଦୁର ବର୍ଗ ପାଇଁ କାରଖାନା କାମ ଗୌଣ ହୋଇ ରହିଥିଲା । କାରଣ ଦିନ ମଜୁରିର ପରିମାଣ ଆଦୌ ଚଳଣିଯୋଗ୍ୟ ନ ଥିଲା । ବିଂଶ ଶତାବ୍ଦୀର ଆରମ୍ଭ ଯାଏ କେବଳ କାନପୁର ଏବଂ ଜାମସେଦପୁରକୁ ଆଧୁନିକ ଶିଳ୍ପ ନଗରୀର ମାନ୍ୟତା ଦେଇହେବ । କାନପୁର ଚମଡ଼ା, ପଶମ ଏବଂ ବସ୍ତ୍ର ଉଦ୍ୟୋଗ ପାଇଁ ଏବଂ ଜାମସେଦପୁର ଆଧୁନିକ ଲୌହ ଉଦ୍ୟୋଗ ପାଇଁ ପ୍ରସିଦ୍ଧ ହେଲା । ଭାରତରେ ଆଧୁନିକ ଶିଳ୍ପ ଉଦ୍ୟୋଗ ଆଶାନୁରୂପ ବୃଦ୍ଧି ନ ପାଇବା ପଛରେ ପ୍ରମୁଖ କାରଣ ଥିଲେ ସ୍ୱୟଂ ଇଂରେଜ ସରକାର । ୟୁରୋପୀୟ ଓ ଭାରତୀୟ ଶିଳ୍ପକୁ ପ୍ରୋତ୍ସାହନ ଦେବା ବେଳେ ସର୍ବଦା ଔପନିବେଶିକ ସରକାର ପାତର ଅନ୍ତର ନୀତି ପାଳନ କରୁଥିଲେ । ଉଦାହରଣ ସ୍ୱରୂପ, ଇଂଲଣ୍ଡରୁ ଆମଦାନି ହେଉଥିବା ଶିଳ୍ପଜାତ ସାମଗ୍ରୀ ଉପରେ କରଭାର ଖୁବ୍ କମ୍ ରଖାଯାଉଥିଲା, ଯାହା ଦ୍ୱାରା ସାମଗ୍ରୀର ବିକ୍ରୟ ମୂଲ୍ୟ ଶସ୍ତା ହେଉଥିଲା । ଫଳରେ ଭାରତରେ ପ୍ରସ୍ତୁତ ସାମଗ୍ରୀ ବଜାରରେ ପ୍ରତିଯୋଗୀତା କରି ପାରୁ ନ ଥିଲେ । ଇଂଲଣ୍ଡର ଶିଳ୍ପ ଉଦ୍ୟୋଗ ଲାଗି କଞ୍ଚାମାଲ ଲୋଡ଼ା ପଡୁଥିବାରୁ ଭାରତରୁ ଇଂଲଣ୍ଡକୁ ରପ୍ତାନି ହେଉଥିବା ସାମଗ୍ରୀ ଉପରେ କରଭାର ଊଣା କରାଯାଉଥିଲା । ଏହି କାରଣରୁ ଔପନିବେଶିକ କାଳରେ କେତୋଟି ବନ୍ଦର ନଗରୀର ଅଭିବୃଦ୍ଧି ଘଟିଥିଲେ ସୁଦ୍ଧା, ଭାରତରେ ଆଶାନୁରୂପ ଆର୍ଥିକ ବିକାଶ ପରିଲକ୍ଷିତ ହୋଇ ନ ଥିଲା ।

## ନଗର ପରିବେଶ :

ଔପନିବେଶିକ ନଗରୀର ଏକ ବୈଶିଷ୍ଟ୍ୟ ହେଲା ବାଣିଜ୍ୟିକ ସଂସ୍କୃତି (mercantile culture)ର ବିକାଶ । ରାଜା-ରାଜୁଡ଼ାଙ୍କ ସ୍ଥାନରେ ସେଠାରେ ବଣିକମାନଙ୍କୁ ପ୍ରଶାସନ ମହତ୍ତ୍ୱ ପ୍ରଦାନ କଲା । ଭାରତୀୟଙ୍କ ମଧ୍ୟରେ ଯେଉଁ ଗୋଷ୍ଠୀ ବାଣିଜ୍ୟ, ବ୍ୟବସାୟ ସହ ସମ୍ପୃକ୍ତ ଥିଲେ କିମ୍ବା ଇଂରେଜ ବଣିକ ଓ ଭାରତୀୟ ଉତ୍ପାଦକ ଗୋଷ୍ଠୀ ମଧ୍ୟରେ ମଧ୍ୟସ୍ଥିର କାର୍ଯ୍ୟ କରୁଥିଲେ, ସେମାନଙ୍କୁ ନୂତନ ନଗରୀରେ ପ୍ରମୁଖତା ମିଳିଲା । ଜଳପଥର ପ୍ରାଧାନ୍ୟ ରହିଥିବାରୁ ନଦୀ ଘାଟ ଓ 'ଡକ୍' ବା ବନ୍ଦର ଗୁଡ଼ିକର ପ୍ରତିଷ୍ଠା ହେଲା । ବଣିକମାନଙ୍କର ଗୋଦାମ ଘର, ଡିପୋ ଓ ଅଫିସ୍ ଘର ସବୁ ଘାଟ କିମ୍ବା ଡକ୍ କଡ଼ରେ ରହିଥିଲା । ସହରରେ କମ୍ପାନୀର କର୍ମଚାରୀଙ୍କ କାର୍ଯ୍ୟାଳୟକୁ ନିର୍ମାଣ କରାଗଲା । କଲିକତାର 'ରାଇଟର୍ସ ବିଲଡିଂ' ଥିଲା ଏହି କିସମର ଏକ ପ୍ରତିଷ୍ଠାନ । ଫୋର୍ଟ ପାଖାପାଖି ସ୍ଥାନରେ ୟୁରୋପୀୟ ବଣିକ ଏବଂ ଏଜେଣ୍ଟମାନେ ୟୁରୋପୀୟ ଶୈଳୀରେ ପ୍ରାସାଦ ତୁଲ୍ୟ ବାସଭବନ ମାନ ନିର୍ମାଣ କଲେ, ଯାହାକୁ ଆଧୁନିକ ୟୁରୋପୀୟ ସ୍ଥାପତ୍ୟର ନିଦର୍ଶନ ରୂପେ ଚିହ୍ନିତ କରିହେବ । କ୍ଲବ, ରେସକୋର୍ସ ଏବଂ ପ୍ରେକ୍ଷାଳୟର ମଧ୍ୟ ନିର୍ମାଣ ହେଲା । ୟୁରୋପୀୟ କ୍ଲବରେ ଭାରତୀୟମାନଙ୍କର ପ୍ରବେଶାଧିକାର ନ ଥିଲା ।

ବାଣିଜ୍ୟ ଏଜେଣ୍ଟ ଏବଂ ମଧ୍ୟସ୍ଥି କାର୍ଯ୍ୟ କରି ଯେଉଁ ଭାରତୀୟ ଗୋଷ୍ଠୀ ଧନୀ ହେଲେ, ସେମାନେ 'କୃଷ୍ଣ ନଗରୀ'ରେ ବଡ଼ ବଡ଼ କୋଠା ତୋଳିଲେ। ସହରରେ ସେମାନେ ଡିହ କିଣି ଟଙ୍କା ବିନିଯୋଗ କଲେ। ସେମାନଙ୍କ ସମୃଦ୍ଧି ଯେହେତୁ ଇଂରେଜ ପ୍ରଶାସକ ଓ ବଣିକମାନଙ୍କ ସୁଦୃଷ୍ଟି ଉପରେ ନିର୍ଭର କରୁଥିଲା, ଭିନ୍ନ ଭିନ୍ନ ଅବସରରେ ସେମାନେ ବ୍ୟୟବହୁଳ ପାର୍ଟିର ଆୟୋଜନ କରୁଥିଲେ ଏବଂ ସେଠିକି ଇଂରେଜ ସାହେବ ମାନଙ୍କୁ ଆମନ୍ତ୍ରଣ କରୁଥିଲେ। ଭାରତୀୟ ବର୍ଗଙ୍କ ମଧ୍ୟରେ ସାମାଜିକ ସମ୍ମାନ ପ୍ରାପ୍ତି ଲାଗି ସେମାନେ ନଗରରେ ମନ୍ଦିର ସ୍ଥାପନା କଲେ। 'କୃଷ୍ଣ ନଗରୀ'ର ଉପାନ୍ତରେ ବସ୍ତି ଅଞ୍ଚଳରେ ଭାରତୀୟ ମଜୁରିଆ ବର୍ଗ ସାନ ସାନ ଘର କରି ରହୁଥିଲେ। ପ୍ରାୟତଃ ରୋଷେୟା, ପାଲିଙ୍କି ବାହକ, ବନ୍ଦର ଶ୍ରମିକ, କୁଲି, ମାଳି ଓ ନିର୍ମାଣ ଶ୍ରମିକ ଭାବରେ ସେମାନେ ମଜୁରି କରୁଥିଲେ।

୧୮୫୭ର ମହାସଂଗ୍ରାମ ବା ଗଣସଂଗ୍ରାମ ଉତ୍ତାରୁ ଔପନିବେଶିକ ସହରରେ ଆହୁରି ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଲା। ଗଣସଂଗ୍ରାମରେ ଭାରତୀୟମାନଙ୍କର ଉଗ୍ରରୂପ ଦେଖି ଇଂରେଜମାନେ ଶଙ୍କାଗ୍ରସ୍ତ ହେଲେ। ଭାରତୀୟଙ୍କ ପ୍ରତି ସେମାନଙ୍କ ଅବିଶ୍ୱାସ ମଧ୍ୟ ବୃଦ୍ଧି ପାଇଲା। ୟୁରୋପୀୟମାନେ ବସବାସ କରୁଥିବା କ୍ଷେତ୍ରକୁ ଅଧିକ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ପୁରୁଣା ସହର କଡ଼ରେ ସ୍ଥିତ ଚାରଣଭୂମି ଓ କୃଷିକ୍ଷେତ୍ରକୁ ଅନାବାଦି କରିଦେଲେ ଏବଂ ସେଠାରେ ନିଜ ବସବାସ ଲାଗି 'ସଭିଲ ଲାଇନ୍ସ' ସ୍ଥାପନ କଲେ। ଭାରତୀୟଙ୍କ ରହଣି କ୍ଷେତ୍ର ପୁରୁଣା ସହରକୁ ଲାଗି ରହିଥିଲେ ବି (ସିଭିଲ ଲାଇନ୍ସ) ତାହା ସ୍ୱତନ୍ତ୍ର ଥିଲା। ସେଠାକାର ରାସ୍ତା ଚଉଡ଼ା, ଘରଗୁଡ଼ିକ ଭବ୍ୟ ପ୍ରକାଣ୍ଡ ଆକାରର। ସିଭିଲ ଲାଇନ୍ସ ତୁଳନାରେ ମଧ୍ୟ ଅଧିକ ସୁରକ୍ଷିତ ମନେକରାଯାଉଥିଲା ସେନା ଛାଉଣୀକୁ। ସେଠାରେ ସେନା ଅଧିକାରୀ ଏବଂ ଭାରତୀୟ ସିପାହୀମାନେ ରହୁଥିଲେ। ସେନାଛାଉଣୀର ଶୃଙ୍ଖଳିତ ରହଣି ଓ ଚଳଣି ଏକ ରକମର ୟୁରୋପୀୟ ପରିବେଶର ଆଭାସ ଦେଉଥିଲା। ଏହା ଘନ ଜନବସତିପୂର୍ଣ୍ଣ 'କୃଷ୍ଣ ନଗରୀ'ର ବସ୍ତି ଅଞ୍ଚଳରୁ ଏକ ସମ୍ପୂର୍ଣ୍ଣ ବିପରୀତ ପରିବେଶ ବୋଲି ଧାରଣା ସୃଷ୍ଟି କରୁଥିଲା।

ଇଂରେଜମାନଙ୍କ ଦୃଷ୍ଟିରେ ଦେଶୀୟ ଲୋକ ବସବାସ କରୁଥିବା ସହରାଞ୍ଚଳ ଥିଲା ଅଳିଆ ଆବର୍ଜ୍ଜନା ଓ ରୋଗ ଆଦିର ଗନ୍ତାଘର। ତା'ର ପରିଷ୍କାର ପରିଚ୍ଛନ୍ନତା ପ୍ରତି ମଧ୍ୟ ପ୍ରଶାସନ ଧ୍ୟାନ ଦେଉ ନଥିଲେ। କେବଳ 'ଶ୍ୱେତନଗରୀ'ର ଜନସ୍ୱାସ୍ଥ୍ୟକୁ ସେମାନେ ମହତ୍ତ୍ୱ ଦେଉଥିଲେ। ମାତ୍ର ଯେତେବେଳେ ଦେଖାଗଲା ଯେ 'କୃଷ୍ଣ ନଗରୀର'ରେ ଆରମ୍ଭ ହେଉଥିବା ପ୍ଲେଗ, କଲେରା ଆଦି ଯୋଗୁଁ ମହାମାରୀରେ ହଜାର ହଜାର ଲୋକ ମଡ଼କରେ ପଡ଼ିଲେ, ସମସ୍ୟା ଶ୍ୱେତନଗରୀକୁ ମଧ୍ୟ ସଂକ୍ରମିତ ହେଲା। ଶ୍ୱେତନଗରୀର ସ୍ୱାସ୍ଥ୍ୟ ପରିବେଶ ନିରାପଦ ରହିଲା ନାହିଁ। ଏହି କାରଣରୁ ୧୮୬୦-୧୮୭୦ ଦଶକରୁ ସରକାର କୃଷ୍ଣନଗରୀର ଜନସ୍ୱାସ୍ଥ୍ୟ ପ୍ରତି ମଧ୍ୟ ଯତ୍ନବାନ ହେଲେ। ସେଠାରେ ଆବର୍ଜ୍ଜନା ନିଷ୍କାସନ ପାଇଁ ନାଳ ନିର୍ମାଣ କରାଗଲା ଏବଂ ପରିଷ୍କାର ପାଇପ ପାଣି ଯୋଗାଣ କରାଗଲା। ଜନସ୍ୱାସ୍ଥ୍ୟ ପ୍ରତି ବିହିତ ଦୃଷ୍ଟି ଦିଆଯିବାରୁ ମହାମାରୀ ମଧ୍ୟ ନିୟନ୍ତ୍ରଣରେ ରହିଲା।

## ପ୍ରଥମ ଶୈଳ ନିବାସ :

ଭାରତ ହେଲା ଏକ ଗ୍ରୀଷ୍ମ ପ୍ରଧାନ ଦେଶ। ଏଠାକାର ପାଣିପାଗ ଓ ପ୍ରାକୃତିକ ପରିବେଶକୁ ଇଂରେଜମାନେ ଅସହ୍ୟ ମନେକରୁଥିଲେ। ତେଣୁ ସାମୟିକ ରହଣି ପାଇଁ, ବିଶେଷକରି ଯୁଦ୍ଧଜନିତ କ୍ଳାନ୍ତି ପରେ ସେମାନେ

ଶୈଳନିବାସକୁ ଅତି ଆବଶ୍ୟକ ମନେକରୁଥିଲେ । ଏହି ପ୍ରକ୍ରିୟାରେ ଔପନିବେଶିକ ନଗରୀକରଣର ଶୈଳନିବାସ ଏକ ବୈଶିଷ୍ଟ୍ୟ ସାଜିଲା । ଭାରତରେ ସିମଲା, ଦାର୍ଜିଲିଂ ଏବଂ ଉଟି ବା ଉଟକାମଣ୍ଡ ଶୈଳନିବାସ ସହର ବା ଶୈଳନଗରୀ ଭାବରେ କମ୍ପାନୀ ଶାସନ କାଳରେ ପ୍ରତିଷ୍ଠାଲାଭ କରିଥିଲା । ୧୮୧୫-୧୬ର ଗୋର୍ଖା ଯୁଦ୍ଧ ବେଳେ ଇଂରେଜମାନେ ସିମଲାକୁ ଏକ ଗାଁ ରୂପରେ ଆବିଷ୍କାର କରିଥିଲେ । ୧୮୬୪ରେ ଏହାକୁ ଇଂରେଜ ସାମ୍ରାଜ୍ୟର ଗ୍ରୀଷ୍ମ ରାଜଧାନୀ ଘୋଷଣା କରାଗଲା । ୧୯୦୩ରେ କାଲକା-ସିମଲା ମଧ୍ୟରେ ରେଳପଥର ବିସ୍ତାର ହେବାରୁ ସିମଲା ଏକ ପ୍ରମୁଖ ଶୈଳନଗରୀ ହେଲା । ସେହିଭଳି ୧୮୨୯ରେ ନେପାଳ ଓ ସିକିମ୍ ମଧ୍ୟରେ ଏକ ସୀମା ବିବାଦକୁ ସମାଧାନ କରିବାକୁ ଯାଇ ଜେନେରାଲ ଲୟେଡ୍ ନାମକ ଜଣେ ସେନା ଅଧିକାରୀ ଦାର୍ଜିଲିଂ ଗାଁରେ ଅବସ୍ଥାନ କରିଥିଲେ । ଶୈଳନିବାସ ଭାବେ ସେଠାରେ ବିକାଶର ସମ୍ଭାବନାକୁ ଅନୁଭବ କରି ସେ କମ୍ପାନୀକୁ ସେହି ମର୍ମରେ ପ୍ରସ୍ତାବ ଦେଲେ । ସିକିମ୍‌ର ଚୋଗ୍ୟାଲ ରାଜାଙ୍କଠାରୁ ବର୍ଷକୁ ଲକ୍ଷେ ଟଙ୍କାର ଲିଜ ସୂତ୍ରରେ କମ୍ପାନୀ ତାକୁ ଅଧିକାର କଲେ ଏବଂ ସେଠାରେ ଏକ ଶୈଳନଗରୀ ପ୍ରତିଷ୍ଠା କଲେ । ନୀଳଗିରି ପାର୍ବତ୍ୟ ଅଞ୍ଚଳରେ ଉଟକାମଣ୍ଡ ବା ଉଟି ଅବସ୍ଥିତ । ପ୍ରଥମେ ୧୬୦୨ରେ ସେଠାକୁ ଜେସଏଟ୍ ଗୋଷ୍ଠୀର ପାଦ୍ରୀ ଜେକମ୍ ଫେରିରୀ (Jacame Ferreiri) ଯାଇଥିଲେ । ୧୮୧୯ରେ କୋଏମ୍ବାଟୁର ଜିଲ୍ଲାର କଲେକ୍ଟର ଉଟିକୁ ଯାଇ ସେଠାରେ ଏକ ଶୈଳନିବାସର ପରିକଳ୍ପନା କଲେ । ୧୮୧୮ର ଆଂଗ୍ଲୋ-ମରାଠା ଯୁଦ୍ଧ ଉତ୍ତାରୁ ରାଜସ୍ଥାନରେ ମାଉଣ୍ଟ ଆବୁକୁ ଶୈଳନିବାସ ସ୍ଥଳୀରେ ପରିଣତ କରାଗଲା ।

ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଯେତେବେଳେ କମ୍ପାନୀ ସେନା ସାମ୍ରାଜ୍ୟ ବିସ୍ତାର ନିମିତ୍ତ ଭାରତୀୟ ଶାସକମାନଙ୍କ ସହିତ ନିରନ୍ତର ଯୁଦ୍ଧ କରୁଥିଲେ, ସେତେବେଳେ ଯୁଦ୍ଧ କ୍ଳାନ୍ତି ମେଣ୍ଟାଇବା ପାଇଁ ଶୈଳନିବାସ ସ୍ଥଳୀଗୁଡ଼ିକୁ ପ୍ରତିଷ୍ଠା ଓ ବିକାଶ କରାଗଲା । ସେଠାକାର ଥଣ୍ଡା ପରିବେଶ ସ୍ୱାସ୍ଥ୍ୟ ପାଇଁ ଅନୁକୂଳ ସିଦ୍ଧ ହେଲା । ସିମଲା ଗ୍ରୀଷ୍ମ ରାଜଧାନୀ ଘୋଷଣା ହେବା ଉତ୍ତାରୁ ଖରାଦିନେ ତାହା ବଡ଼ଲାଟ ଏବଂ ସେନାମୁଖ୍ୟଙ୍କ ରହଣିସ୍ଥଳ ହେଲା । ସେହି ପ୍ରକ୍ରିୟାରେ ଅନ୍ୟାନ୍ୟ ଅଧିକାରୀ ମଧ୍ୟ ସିମଲାରେ ଯାଇ ଅବସ୍ଥାନ କଲେ । ଲୋକ ସମାଗମ ହେବାରୁ ଅବସର ବିନୋଦନ ପାଇଁ ମଧ୍ୟ ପ୍ରେକ୍ଷାଳୟ, କ୍ରିଡାଙ୍ଗନ ମାନ ନିର୍ମିତ ହେଲା । ଘର ଗୁଡ଼ିକ ୟୁରୋପୀୟ ଫେସନ୍‌ରେ ନିର୍ମାଣ ହୋଇଥିଲା । ସେଠାରେ ଆବାସିକ ସ୍କୁଲମାନ ମଧ୍ୟ ପ୍ରତିଷ୍ଠା ହେଲା । ଫଳରେ ଦେଶୀୟ ରାଜା-ମହାରାଜା ଓ ଅନ୍ୟାନ୍ୟ ଅଭିଜାତ ବର୍ଗ ପାଇଁ ମଧ୍ୟ ଶୈଳନିବାସ ବିଶେଷ ଆକର୍ଷଣ କେନ୍ଦ୍ର ହେଲା ।

ଶୈଳ ନିବାସ ନଗରୀଗୁଡ଼ିକରେ କେବଳ ଇଂରେଜ ଅଧିକାରୀ ଓ ସମ୍ଭ୍ରାନ୍ତ ଦେଶୀୟ ଲୋକ ବସବାସ କଲେ ନାହିଁ, ସାଙ୍ଗରେ ଚାକର, କୁଲି, ମାଳି ଭାବରେ କାମ କରିବା ଲାଗି ସାଧାରଣ ବର୍ଗର ଲୋକ ମଧ୍ୟ ପହଞ୍ଚିଲେ । ଚା, କଫି ଉଦ୍ୟୋଗର ବିକାଶ ଫଳରେ ଅସଂଖ୍ୟ ମଜଦୁର ମଧ୍ୟ ଯାଇ ନଗର ଉପାନ୍ତରେ ବାସ କଲେ । ଏହିସବୁ ପାରିପାର୍ଶ୍ୱିକ କାରଣରୁ ଔପନିବେଶିକ ନଗରୀ ଭଳି ଶୈଳ ନିବାସଗୁଡ଼ିକ ମଧ୍ୟ ନିରୋଳା ଭାବେ ଇଂରେଜ ବାସସ୍ଥଳୀ ରହି ପାରିଲା ନାହିଁ, ଯଦିଓ ସହର ମଧ୍ୟରେ ଇଂରେଜମାନେ ଭାରତୀୟ ସମୁଦାୟଠାରୁ ପୃଥକ୍ ହୋଇ ରହୁଥିଲେ । ଏହାର ମୋଟ ଅର୍ଥ ହେଲା, ଔପନିବେଶିକ ଅଧିକାର ସାଙ୍ଗରେ ଇଂରେଜମାନେ ନିଜ ସୁବିଧା ନିମିତ୍ତ ନଗରୀକରଣ କଲେ, ଶୈଳନିସବାସ ସ୍ଥଳୀ ପ୍ରତିଷ୍ଠା କଲେ । କିନ୍ତୁ ତହିଁରେ ଭାରତୀୟଙ୍କ ଅନୁପ୍ରବେଶକୁ ବାରଣ କରିପାରିଲେ ନାହିଁ । ଏହା ଉପନିବେଶବାଦର ଅର୍ନ୍ତଦ୍ୱନ୍ଦ୍ୱକୁ ବୃଦ୍ଧି ହେବାରେ ସାହାଯ୍ୟ କଲା ।

## ନୂତନ ନଗରୀ ଏବଂ ସେଠାକାର ସାମାଜିକ ଜୀବନ :

ଔପନିବେଶିକ କାଳୀନ ନୂତନ ନଗରୀ ଥିଲା ଦେଶୀୟ ଲୋକଙ୍କ ଦୃଷ୍ଟିରେ ଗୋଟାଏ ଗୋଟାଏ ଆଶ୍ଚର୍ଯ୍ୟ ଚକିତକାରୀ ଅନୁଭବ। ସେଠାରେ ପ୍ରାଚୁର୍ଯ୍ୟ ଓ ଦାରିଦ୍ର୍ୟ ମଧ୍ୟରେ ଘୋର ତାରତମ୍ୟ ଦେଖି ଲୋକ ଆଶ୍ଚର୍ଯ୍ୟରେ ପଡ଼ିଯାଉଥିଲେ।

ନୂତନ ନଗରୀରେ ଯାତାୟତର ନୂଆ ନୂଆ ସାଧନ ମାନ ଦେଖିବାକୁ ମିଳିଲା। ଘୋଡ଼ାଗାଡ଼ି ଏବଂ ପରେ ଟ୍ରାମ୍, ରେଳ ଏବଂ ମୋଟରଯାନର ପ୍ରଚଳନ ଯୋଗୁଁ ଲୋକ କମ ସମୟରେ ଏବଂ ସୁବିଧାରେ ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚି ପାରିଲେ। ଏହା ନଗରୀର ବିକାଶରେ ସହଯୋଗ କଲା। ଲୋକ କାର୍ଯ୍ୟସ୍ଥଳୀର ଦୂରରେ ବସାଘର କରିବାକୁ ଅସୁବିଧାଜନକ ମନେକଲେ ନାହିଁ। ସହରରେ ଅବସର ବିନୋଦନ ପାଇଁ ବିଭିନ୍ନ କେନ୍ଦ୍ରର ସ୍ଥାପନା ହେଲା, ଯେମିତି ପାର୍କ, ରଙ୍ଗାଳୟ ଏବଂ ବିଂଶ ଶତାବ୍ଦୀରେ ସିନେମା ଘର। ସାମାଜିକତା ଏବଂ ଅବସର ବିନୋଦନ ପାଇଁ ଏଗୁଡ଼ିକୁ ଖୁବ୍ ମହତ୍ତ୍ୱପୂର୍ଣ୍ଣ ମନେ କରାଗଲା। ସହରରେ ଲୋକଙ୍କର ପରିଚୟ ବଦଳିଲା। ପୁରୁଣା ଜାତି ଓ ବଂଶ ପରିଚୟ ନିଶ୍ଚିହ୍ନ ନ ହେଲେ ବି ତାହା ଦ୍ରୁତ ପରିବର୍ତ୍ତନର ସମ୍ମୁଖୀନ ହେଲା। ଗ୍ରାମାଞ୍ଚଳରୁ ବିଭିନ୍ନ ବର୍ଗର ଲୋକ ଜୀବିକା ନିର୍ବାହ ପାଇଁ ସହରକୁ ପଳାୟନ କରିବାକୁ ଲାଗିଲେ। ଅନେକ ଲୋକ ପରିବାରକୁ ଗାଁରେ ରଖି ନିଜେ ଅନ୍ନ ସଂସ୍ଥାନ ପାଇଁ ନଗରାଭିମୁଖୀ ହେଲେ। ଏହା ଯୋଗୁଁ ଗାଁର ସାମାଜିକ ସ୍ଥିତିରେ ପରିବର୍ତ୍ତନ ପରିଲକ୍ଷିତ ହେଲା। ସହର ଧୀରେ ଧୀରେ ସ୍ୱାସ୍ଥ୍ୟ, ଶିକ୍ଷା ଓ ବିଳାସର କେନ୍ଦ୍ର ରୂପେ ପରିଚିତି ପାଇଲା। ଏହାଫଳରେ ଦେଶ ଗ୍ରାମ ପ୍ରଧାନ ହେବା ସତ୍ତ୍ୱେ ସମାଜରେ ସହରର କର୍ତ୍ତୃତ୍ୱ ବୃଦ୍ଧି ପାଇଲା। ସେହି ଆଧାରରେ, ସହର ଅନେକ ସମୟରେ ଗାଁର ରୀତିନୀତି ଓ ଚାଲଚଳଣିକୁ ଉପେକ୍ଷା କରିବାକୁ ଲାଗିଲା।

ବାହାରୁ ନଗର ଜୀବନ ରମଣୀୟ ମନେହେଲେ ବି ନଗରବାସୀ ସର୍ବଦା ତାକୁ ସୁନ୍ଦର ଓ ସହଜ ମନେ କରୁନଥିଲେ। ସହରର ପୀଡ଼ା ଏବଂ ନିଜ ନିଜର ଅନୁଭବକୁ ଅଭିବ୍ୟକ୍ତ କରିବା ନିମିତ୍ତ ଶିକ୍ଷିତ ମଧ୍ୟବର୍ଗ ପତ୍ରପତ୍ରିକା, ପୁସ୍ତକ ଓ ଆତ୍ମଜୀବନୀ ମୂଳକ ସାହିତ୍ୟର ଆଶ୍ରୟ ନେଲେ। ମଧ୍ୟବର୍ଗୀୟ ମହିଳା ମଧ୍ୟ ଏଥିରେ ସକ୍ରିୟ ଭୂମିକା ନିର୍ବାହ କଲେ। ଧୀରେ ଧୀରେ ମଧ୍ୟବର୍ଗୀୟ ମହିଳା ସାମାଜିକ କାମରେ ମଧ୍ୟ ଆଗଭର ହେଲେ। ଏହି କାରଣରୁ ବିଂଶ ଶତାବ୍ଦୀରେ ଦେଶର ସ୍ୱାଧୀନତା ଆନ୍ଦୋଳନରେ ସହରି ମହିଳାମାନଙ୍କର ମଧ୍ୟ ଅଗ୍ରଣୀ ଭୂମିକା ରହିଲା।

ନଗର ସମାଜର ଅନ୍ୟ ଏକ ପ୍ରମୁଖ ବର୍ଗ ହେଲେ ଶ୍ରମିକ ଗୋଷ୍ଠୀ। ଗ୍ରାମାଞ୍ଚଳରୁ ଗରିବ ଲୋକ ଅନ୍ନସଂସ୍ଥାନ ଆଶାରେ ନଗରାଭିମୁଖୀ ହୋଇ ମଜଦୁର ବା ଶ୍ରମିକ ଗୋଷ୍ଠୀରେ ସାମିଲ ହୋଇଥିଲେ। ଅନେକଙ୍କ ପରିବାର ଗ୍ରାମରେ ରହିଥିବାରୁ କାର୍ଯ୍ୟକ୍ଷେତ୍ରରେ ଛୁଟି ପରେ ସେମାନେ ଯାନିଯାତ୍ରା ଏବଂ ପୂଜାପାର୍ବଣ ଆଦି ସାମୂହିକ କାର୍ଯ୍ୟରେ ଅଧିକ ସମୟ ଦେବାକୁ ଅବସର ପାଇଲେ। ସେହି ଅବସରରେ ସେମାନେ ନାଟକ, ଡ୍ରାମା ଆଦି ଅଭିମଞ୍ଚନ କରି ତହିଁରେ ସହରର ଦେଶୀୟ ଅଭିଜାତ ବର୍ଗ ଏବଂ ବିଦେଶୀ ଶାସକ ବର୍ଗ ଉପରେ ବ୍ୟଙ୍ଗ କରୁଥିଲେ। ଆର୍ଥିକ ଶୋଷଣ ଓ ସାମାଜିକ ବିସ୍ଥାପନର ପୀଡ଼ାକୁ ସହ୍ୟ କରିବା ଲାଗି ଏଭଳି ଅଭିନୟର ଯଥେଷ୍ଟ ମହତ୍ତ୍ୱ ରହିଥିଲା। ଏହା ଏକ ବିକଳ୍ପ ଜନସଂସ୍କୃତିର ବିକାଶରେ ମଧ୍ୟ ସାହାଯ୍ୟ କଲା।

## ଔପନିବେଶିକ ନଗରୀରେ ସ୍ଥାପତ୍ୟ :

ଔପନିବେଶିକ ନଗରୀ ବମ୍ବେ, ମାଡ୍ରାସ ଓ କଲିକତାର କେତେଗୋଟି ବୈଶିଷ୍ଟ୍ୟ ମଧ୍ୟରେ ନୂଆ ସ୍ଥାପତ୍ୟ ଓ ନଗର ଯୋଜନା ଥିଲା ଅନ୍ୟତମ । ଏହା ନଗରୀକୁ ଅଭିନବ ଓ ପ୍ରମୁଖ ହେବାରେ ସାହାଯ୍ୟ କଲା ।

**ମାଡ୍ରାସ :** ୧୬୩୯ରେ ଇଂରେଜମାନେ ପୂର୍ବ ଉପକୂଳରେ ମାଡ୍ରାସପଟମ ଗ୍ରାମରେ ନିଜର ଏକ ବାଣିଜ୍ୟ କେନ୍ଦ୍ର ସ୍ଥାପନ କଲେ । ସ୍ଥାନୀୟ ଲୋକେ ଏହି ସ୍ଥାନକୁ ଚେନାପଟ୍ଟନମ ନାମରେ ଜାଣିଥିଲେ । ପୂର୍ବରୁ କମ୍ପାନୀ ପଶ୍ଚିମ ତଟରେ ଆଧୁନିକ ଗୁଜରାଟର ସୁରତଠାରେ ଏକ ବାଣିଜ୍ୟ କେନ୍ଦ୍ର ପ୍ରତିଷ୍ଠା କରିସାରିଥିଲା । ହସ୍ତଶିଳ୍ପ ଉତ୍ପାଦିତ କପଡ଼ାର ବିଦେଶକୁ ରପ୍ତାନୀ କରିବା ଉଦ୍ଦେଶ୍ୟରେ ଇଂରେଜମାନେ ପୂର୍ବ ଉପକୂଳରେ ଏକ ବାଣିଜ୍ୟକେନ୍ଦ୍ର ପ୍ରତିଷ୍ଠା କରିବାକୁ ଚାହୁଁଥିଲେ । ସେତେବେଳେ ମାଡ୍ରାସ ଥିଲା କଳାହସ୍ତୀ ରାଜ୍ୟର ତେଲୁଗୁ ନାୟକମାନଙ୍କ ଅଧିକାରରେ । ଇଂରେଜମାନେ ତାକୁ କିଣିବାକୁ ଚାହିଁବାରୁ ବାଣିଜ୍ୟର ପ୍ରସାର ପାଇଁ ଏହା ଅନୁକୂଳ ହେବ ଆଶାକରି ନାୟକ ଭୂ-ସ୍ୱାମୀମାନେ ଆଗ୍ରହରେ ବିକ୍ରି କରିଦେଲେ । ଫରାସୀ ଇଷ୍ଟଇଣ୍ଡିଆ କମ୍ପାନୀ ସହ ଇଂରେଜ କମ୍ପାନୀର ତୀବ୍ର ବାଣିଜ୍ୟିକ ଏବଂ ସାମରିକ ପ୍ରତିଯୋଗୀତା ଲାଗି ରହିଥିବାରୁ ମାଡ୍ରାସ ବାଣିଜ୍ୟ କେନ୍ଦ୍ରକୁ ଦୁର୍ଗୀକୃତ କରାଗଲା ଏବଂ କର୍ମଚାରୀମାନଙ୍କୁ ବାଣିଜ୍ୟ ସାଙ୍ଗରେ ଅନେକ ସାମରିକ ଦାୟିତ୍ୱ ମଧ୍ୟ ଦିଆଗଲା । ୧୭୬୧ରେ ଫରାସୀମାନେ ପରାଜିତ ହେଲେ । ଏହା ଉତ୍ତାରୁ ଇଂରେଜ କର୍ତ୍ତୃତ୍ୱରେ ଏକ ପ୍ରମୁଖ ବ୍ୟବସାୟିକ ନଗରୀ ରୂପେ ଏହା ବିକଶିତ ହେଲା ।

ମାଡ୍ରାସର ଫୋର୍ଟ ସେଣ୍ଟ ଜର୍ଜ ଥିଲା ଶ୍ୱେତନଗରୀର ନାଭିକେନ୍ଦ୍ର । କମ୍ପାନୀ ଅଧିକାରୀମାନେ ଦୁର୍ଗ ମଧ୍ୟରେ ରହୁଥିଲେ । ସୁଦୀର୍ଘ ପାଚେରୀ ବେଷ୍ଟିତ ହୋଇଥିବାରୁ ଦୁର୍ଗ ଭିନ୍ନ ପ୍ରତୀୟମାନ ହେଉଥିଲା । ଅଣ-ୟୁରୋପୀୟ ମାନଙ୍କ ପାଇଁ ସେଠାରେ ସ୍ଥାନ ନ ଥିଲା । ରଙ୍ଗଭେଦକୁ ସୁସ୍ପଷ୍ଟ କରିବା ଲାଗି କମ୍ପାନୀ ଇଂରେଜ କର୍ମଚାରୀଙ୍କୁ ଦେଶୀୟ ଲୋକଙ୍କ ସହ ବିବାହ ପାଇଁ ଅନୁମତି ଦେଉ ନଥିଲା । ଇଂରେଜଙ୍କୁ ବାଦଦେଲେ ଡଚ୍ ଏବଂ ପର୍ତ୍ତୁଗୀଜମାନଙ୍କୁ ମଧ୍ୟ ସେଠାରେ ବସବାସ ପାଇଁ ଅନୁମତି ମିଳୁଥିଲା । କାରଣ ସେମାନେ ସମସ୍ତେ ଥିଲେ ୟୁରୋପୀୟ ଏବଂ ଖ୍ରୀଷ୍ଟଧର୍ମାବଲମ୍ବୀ । ଏମିତିରେ ଭାରତୀୟଙ୍କ ତୁଳନାରେ ଏହି ସମସ୍ତ ୟୁରୋପୀୟ ଥିଲେ ମାଡ୍ରାସରେ ସଂଖ୍ୟାଲଘୁ । ମାତ୍ର ଯେହେତୁ ସେମାନେ ଶାସକ ବର୍ଗର, ସେମାନଙ୍କ ଆବଶ୍ୟକତା ଏବଂ ରୁଚିକୁ ଯଥେଷ୍ଟ ପ୍ରାଧାନ୍ୟ ଦିଆଯାଉଥିଲା ।

ସେଣ୍ଟ ଜର୍ଜ ଦୁର୍ଗର ବାହାର ସୀମାରେ ଥିଲା 'କୃଷ୍ଣ ନଗରୀ' । ଦେଶୀୟ ଲୋକ ସେଠାରେ ଘର କରି ରହୁଥିଲେ । ଆରମ୍ଭରେ ଗଢ଼ି ଉଠିଥିବା ଘରଗୁଡ଼ିକୁ ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରେ ସୁରକ୍ଷା ଦୃଷ୍ଟିରୁ ଭାଙ୍ଗି ଦିଆଗଲା । ତେଣିକି 'କୃଷ୍ଣ ନଗରୀ' ତା'ଠାରୁ ଦୂରରେ ଗଢ଼ି ଉଠିଲା । ସେଠାରେ ବୁଣାକାର, କାରିଗର ଏବଂ କମ୍ପାନୀ କାରବାର ସହ ସମ୍ପୃକ୍ତ ମଧ୍ୟସ୍ଥି ମାନଙ୍କର ଘର ସବୁ ରହିଥିଲା । ପାରମ୍ପରିକ ସହର ଭଳି ସେଠାରେ ମନ୍ଦିର ଓ ବଜାର ମଧ୍ୟ ପ୍ରତିଷ୍ଠା ହେଲା । ଜାତି ଓ ବୃତ୍ତି ଆଧାରରେ କଲୋନିଗୁଡ଼ିକ ବିକଶିତ ହୋଇଥିଲା । ଯେମିତି ଚିନ୍ତାଦ୍ରିପେଟ ବା ବୁଣାକାର କଲୋନୀ, ୱାସରମେନ୍‌ପେଟ ବା କପଡ଼ା ରଙ୍ଗକାରୀ କଲୋନି ଏବଂ ରୋୟାପୁରମ ବା ଖ୍ରୀଷ୍ଟୀୟାନ ନାବିକ କଲୋନି । କୃଷ୍ଣ ନଗରୀରେ ଦ୍ୱିଭାଷିକମାନଙ୍କର ଯଥେଷ୍ଟ ପ୍ରଭାବ ରହିଥିଲା । ସେମାନେ

ଦେଶୀୟ ହେବା ସତ୍ତ୍ୱେ ବିଦେଶୀ ଭାଷାରେ ଦକ୍ଷ ଥିଲେ ଏବଂ ମଧ୍ୟସ୍ଥି ଭାବରେ କାମ କରୁଥିଲେ । ଇଂରାଜୀ ଜାଣିଥିବା ଯୋଗୁଁ ତାକୁ ଉପଯୋଗ କରି ସେମାନେ ଖୁବ୍ ଧନ ଉପାର୍ଜନ କରିପାରିଥିଲେ ଏବଂ ସାମାଜିକ ସମ୍ମାନ ପାଇବା ଲାଗି ମନ୍ଦିର ଓ ଦାତବ୍ୟ ଅନୁଷ୍ଠାନ ଗୁଡ଼ିକର ପୃଷ୍ଠପୋଷକତା କରୁଥିଲେ । ସମୟକ୍ରମେ ମାଡ୍ରାସ ସହରର ଲୋକସଂଖ୍ୟା ଓ ଆୟତନ ବୃଦ୍ଧି ପାଇଲା । ଅନେକ ଗୁଡ଼ିଏ ଉପାନ୍ତର ଗାଁ ମଧ୍ୟ ସହରରେ ମିଶିଗଲା ।

ଆରମ୍ଭରେ କମ୍ପାନୀର ଚାକିରୀରେ ସ୍ଥାନୀୟ ଭେଲ୍ଲାଲାର ଜାତିର ଲୋକଙ୍କ ଏକାଧିକାର ରହିଥିଲା । ଊନବିଂଶ ଶତାବ୍ଦୀ ବେଳକୁ ବ୍ରାହ୍ମଣ ସମୁଦାୟ ଇଂରାଜୀ ଶିକ୍ଷା ପାଇଁ ଆଗଭର ହେଲେ ଏବଂ କମ୍ପାନୀ ଚାକିରୀରେ କର୍ତ୍ତୃତ୍ୱ ବିସ୍ତାର କଲେ । ତେଲୁଗୁ କୁମୁଟି ଲୋକ ଖାଦ୍ୟାନ୍ନର ବ୍ୟବସାୟ କଲେ । ଅଷ୍ଟାଦଶ ଶତାବ୍ଦୀରୁ ମାଡ୍ରାସରେ ଗୁଜରାଟି ମହାଜନମାନେ ମଧ୍ୟ କାରବାର କଲେ । ମଜୁରିଆ କାମ କଲେ ପରେୟାର ଏବଂ ଭନ୍ନିୟାରମାନେ । ସହରର ଟ୍ରିପ୍ଲିକାନ ଥିଲା ଏକ ମୁସଲିମ୍ ବହୁଳ ଅଞ୍ଚଳ । ସେଠାରେ ଆର୍କଟର ନବାବଙ୍କ ପ୍ରାସାଦ ରହିଥିଲା । ମୈଲାପୁରରେ ଅନେକ ବ୍ରାହ୍ମଣ ଘର କରି ରହୁଥିଲେ । 'ସାନଥୋମ୍' ନାମରେ ପରିଚିତ ସେଣ୍ଟ ଥୋମାସ ଚର୍ଚ୍ଚ ଥିଲା ରୋମାନ କ୍ୟାଥୋଲିକମାନଙ୍କର ଏକ ପ୍ରମୁଖ କେନ୍ଦ୍ର । ଏହି ସମସ୍ତ ଅଞ୍ଚଳର ଏକ ସମାହାର ହେଲା ମାଡ୍ରାସ ନଗରୀ ।

କାଳକ୍ରମେ ଇଂରେଜମାନଙ୍କର କ୍ଷମତା ବୃଦ୍ଧି ପାଇଲା । ଅନେକ ଦେଶୀୟ ଲୋକ ମଧ୍ୟ ଖୁବ୍ ଧନଶାଳୀ ହେଲେ । ସେମାନେ ସମସ୍ତେ ମାଉଣ୍ଟରୋଡ୍ ଏବଂ ପୁନାମାଳି ଅଞ୍ଚଳରେ ପ୍ରାସାଦ ତୁଲ୍ୟ ବାସଗୃହ ନିର୍ମାଣ କଲେ । ଏହି ଅଞ୍ଚଳ ଥିଲା ସେଣ୍ଟ ଜର୍ଜ ଦୁର୍ଗ ଏବଂ କ୍ୟାଣ୍ଟ ମେଣ୍ଟର ମଧ୍ୟବର୍ତ୍ତୀ ସ୍ଥାନ । ଗରିବ ଓ ଖଟିଖିଆ ଲୋକେ ଆଖପାଖରେ ଗ୍ରାମାଞ୍ଚଳରେ ଘରକରି ରହିଲେ । ନଗରୀକରଣ ପ୍ରକ୍ରିୟାରେ ଗ୍ରାମ ଓ ସହର ମଧ୍ୟବର୍ତ୍ତୀ ଖାଲିଜାଗାଗୁଡ଼ିକ ସହରରେ ଯାଇ ମିଶିଲେ । ଫଳରେ ମାଡ୍ରାସର ନଗରୀକରଣରେ ଏକ ଗ୍ରାମୀଣ ଆବେଗ ମଧ୍ୟ ସୁଦୃଶ୍ୟ ହେଲା ।

**କଲିକତା :** ୧୭୫୭ର ପଲାସୀ ଯୁଦ୍ଧ ପୂର୍ବରୁ କଲିକତାରେ ଇଂରେଜ କମ୍ପାନୀ ଏକ ବାଣିଜ୍ୟ କେନ୍ଦ୍ର ସ୍ଥାପନ କରିଥିଲେ ଏବଂ ସୁରକ୍ଷା ପାଇଁ ତାର ଚାରିକଡ଼େ ଉଚ୍ଚ ପାଚେରୀ ନିର୍ମାଣ କରିଥିଲା । କମ୍ପାନୀର ବିଚାରରେ ଉଚ୍ଚ ପାଚେରୀ ବିଶିଷ୍ଟ ଦୁର୍ଗ ଅଞ୍ଚଳ ଉପରେ ବଙ୍ଗ ନବାବଙ୍କର କୌଣସି କର୍ତ୍ତୃତ୍ୱ ନାହିଁ । ଅନ୍ୟ ପକ୍ଷରେ ନବାବ ସିରାଜଉଦ୍ଦୌଲା ଚାହୁଁଥିଲେ ଦୁର୍ଗବାସୀ ଇଂରେଜମାନେ ମଧ୍ୟ ରାଜ୍ୟର କର୍ତ୍ତୃତ୍ୱ ସ୍ୱୀକାର କରି ଖଜଣା ଦିଅନ୍ତୁ । ଏହି କଥାକୁ ନେଇ ଉଭୟପକ୍ଷ ମଧ୍ୟରେ ବିବାଦ ତେଜିଲା । ସିରାଜ କମ୍ପାନୀର ଦୁର୍ଗ ଉପରେ ଆକ୍ରମଣ କଲେ ଏବଂ ଫଳସ୍ୱରୂପ ୧୭୫୭ରେ ପଲାସୀ ଯୁଦ୍ଧ ହେଲା; ଯୁଦ୍ଧରେ ନବାବଙ୍କ ପରାଜୟ ଯୋଗୁଁ କମ୍ପାନୀ ବଙ୍ଗର ସର୍ବେସର୍ବା ହେଲେ ।

ଏହି ଅନୁଭୂତି ପରେ କମ୍ପାନୀ କଲିକତାରେ ଏକ ବଡ଼ ଦୁର୍ଗର ନିର୍ମାଣ ପାଇଁ ଯୋଜନା କଲେ, ଯଦ୍ୱାରା ସହଜରେ ତାହା ବହିଆକ୍ରମଣର ଶିକାର ହୋଇପାରିବ ନାହିଁ । ମୂଳତଃ କଲିକତା ନଗରୀ ସୁତାନଟୀ, ଗୋବିନ୍ଦପୁର ଏବଂ କଲିକତା ନାମକ ତିନୋଟି ଗାଁକୁ ନେଇ ଗଠିତ ହୋଇଥିଲା । ନୂଆ ଦୁର୍ଗ ନିର୍ମାଣ ପାଇଁ ଗୋବିନ୍ଦପୁରରୁ ଦେଶୀୟ ବ୍ୟବସାୟୀ ଏବଂ ବୁଣାକାରମାନଙ୍କୁ ଅନ୍ୟତ୍ର ଚାଲିଯିବାକୁ କମ୍ପାନୀ ପକ୍ଷରୁ ନିର୍ଦ୍ଦେଶ ଦିଆଗଲା । ଫୋର୍ଟ ୱିଲିଅମ୍ ସମ୍ମୁଖ ଅଞ୍ଚଳକୁ ଖାଲି ରଖାଗଲା । ଉଦ୍ଦେଶ୍ୟ ଥିଲା ବହିଆକ୍ରମଣକାରୀ ଆକ୍ରମଣ କରିବା ପୂର୍ବରୁ ଅନ୍ତତଃ

ନଜରରେ ପଡ଼ିବା କଥା । ଏହି ପ୍ରକାଣ୍ଡ ଖାଲି ଯାଗାକୁ ମଇଦାନ କୁହାଗଲା । କାଳକ୍ରମେ ଇଂରେଜମାନେ କଲିକତାରେ ନିଜକୁ ସୁରକ୍ଷିତ ମନେକଲେ ଏବଂ ଫୋର୍ଟ ବାହାରେ ମଧ୍ୟ ନିଜ ପାଇଁ ବାସଗୃହ ନିର୍ମାଣ କଲେ । ଫୋର୍ଟ ୱିଲିଅମ୍ ଏବଂ ମଇଦାନର ନିର୍ମାଣକୁ କଲିକତାରେ ନଗର ନିର୍ମାଣ ଯୋଜନାର ଅଗ୍ରମାରମ୍ଭ ଭାବେ ଚିହ୍ନିତ କରାଯାଏ ।

ଏହାପରେ ୧୭୯୮ରେ ଲର୍ଡ଼୍ ୱେଲେସଲି ଗଭର୍ଣ୍ଣର ଜେନେରାଲ ଥିବା ସମୟରେ କଲିକତାରେ ଯୋଜନା ଅନୁଯାୟୀ ଏକ ବିଶାଳ ପ୍ରାସାଦର ନିର୍ମାଣ ହେଲା । ଏହା ହେଲା ବଡ଼ଲାଟଙ୍କ ନିବାସ ସ୍ଥଳୀ । ତାକୁ ଏକ ବିରାଟ ପ୍ରାସାଦ ତୁଲ୍ୟ କରିବା ପଛରେ ଉଦ୍ଦେଶ୍ୟ ଥିଲା ଇଂରେଜ କର୍ତ୍ତୃତ୍ୱର ପ୍ରଦର୍ଶନ । ଲର୍ଡ଼୍ ୱେଲେସଲି କଲିକତାର 'କୃଷ୍ଣ ନଗରୀ' ପ୍ରତି ମଧ୍ୟ ଦୃଷ୍ଟି ଦେଲେ । ସେଠାକାର ଘନ ଜନବସତି, ଲତା ଗୁଳ୍ମ, ଆବର୍ଜନାମୟ ପୋଖରି ଏବଂ ଦୁର୍ଗନ୍ଧପୂର୍ଣ୍ଣ ନାଳ ନର୍ଦ୍ଦମା ଯୋଗୁଁ ନଗର ବିଭିନ୍ନ ରୋଗର ଶିକାର ହୁଏ ବୋଲି ଧାରଣା ରହିଥିଲା । ଫଳସ୍ୱରୂପ, ଅନେକ ବଜାର, ଘାଟ, ଶ୍ମଶାନ ଭୂମି ଏବଂ କଂସେଇଖାନାକୁ ସହରର ଘନ ଜନବସତିପୂର୍ଣ୍ଣ ଅଞ୍ଚଳରୁ ବାହାର କରିଦିଆଗଲା । ଏଣିକି ଜନସ୍ୱାସ୍ଥ୍ୟକୁ ନଗର ଯୋଜନାରେ ସାମିଲ କରାଗଲା ।

ଲର୍ଡ଼୍ ୱେଲେସଲିଂକ ପରେ ୧୮୧୭ରେ ଗଠିତ 'ଲଟେରୀ କମିଟି' ନଗର ଯୋଜନା ସଂକ୍ରାନ୍ତୀୟ ଦାୟିତ୍ୱ ବହନ କଲେ । ଲଟେରୀ ମାଧ୍ୟମରେ ଉପାର୍ଜିତ ପାଣ୍ଠିକୁ ଲଟେରୀ କମିଟିକୁ ପ୍ରଦାନ କରାଯାଉଥିଲା, କାରଣ ସହରର ବିକାଶ ପାଇଁ ସରକାର ପରିବର୍ତ୍ତେ ନାଗରିକ ସମାଜକୁ ପାଣ୍ଠି ସଂଗ୍ରହ କରିବାକୁ ହେବ ବୋଲି ସରକାର ମନେ କରୁଥିଲେ । ଲଟେରୀ କମିଟି 'କୃଷ୍ଣ ନଗରୀ'ରେ ରାସ୍ତା ନିର୍ମାଣ ଏବଂ ଅନଧିକୃତ ନିର୍ମାଣର ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେଲା । ସହରକୁ ପରିଷ୍କାର ପରିଚ୍ଛନ୍ନ କରିବା ନିମିତ୍ତ ଅନେକ ବସ୍ତି ଅଞ୍ଚଳକୁ ଭାଙ୍ଗି ଦିଆଗଲା । ଫଳରେ ଦରିଦ୍ର ଖଟିଖିଆ ଲୋକ ନଗର ଉପକଣ୍ଠକୁ ପଳାୟନ କରିବାକୁ ବାଧ୍ୟ ହେଲେ ।

ଊନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ନଗର ଯୋଜନାରେ ନାଗରିକ ସମାଜକୁ ଆଉ ସଂଶ୍ଳିଷ୍ଟ କରାଗଲା ନାହିଁ । ସ୍ୱୟଂ ସରକାର ଯୋଜନା ପ୍ରସ୍ତୁତ କଲେ ଏବଂ ଯୋଜନାକୁ କାର୍ଯ୍ୟକାରୀ କରିବା ନିମିତ୍ତ ଆବଶ୍ୟକୀୟ ପାଣ୍ଠି ଯୋଗାଇଲେ । ପାଣ୍ଠି ଅନୁଦାନ ବେଳେ 'ଶ୍ୱେତନଗରୀ' ଓ 'କୃଷ୍ଣ ନଗରୀ' ମଧ୍ୟରେ ସରକାର ସର୍ବଦା ପକ୍ଷପାତ କରୁଥିଲେ । ନଗରନିଗମ ଓ ମ୍ୟୁନିସିପାଲଟିର ସଭାସମିତିରେ ଭାରତୀୟ ପକ୍ଷ ଏହାର ଘୋର ପ୍ରତିବାଦ କରୁଥିଲେ । ସରକାରଙ୍କ ପକ୍ଷପାତିତା ଯୋଗୁଁ ନଗର ଜୀବନରେ ଜାତୀୟତାର ଉନ୍ମେଷକୁ ବଳ ମିଳିଲା ।

**ବମ୍ବେ :** ଉପନିବେଶକାଳୀନ ବମ୍ବେର ବୈଶିଷ୍ଟ୍ୟ ଥିଲା ସ୍ଥାପତ୍ୟ କଳା । ବମ୍ବେର ସ୍ଥାପତ୍ୟ ମଧ୍ୟରେ ପ୍ରମୁଖ ଥିଲା ଦୁର୍ଗ, ସରକାରୀ ପ୍ରତିଷ୍ଠାନ, ଶିକ୍ଷା ଅନୁଷ୍ଠାନ, ଧାର୍ମିକ କେନ୍ଦ୍ର, ସ୍ମାରକ ସ୍ଥଳୀ, ବାଣିଜ୍ୟାଗାର, ବନ୍ଦର ଏବଂ ସେତୁବନ୍ଧ । ଏ ସମସ୍ତ ସ୍ଥାପତ୍ୟର ବିଶେଷ ସାମରିକ, ପ୍ରଶାସନିକ ଓ ବାଣିଜ୍ୟିକ ଉପଯୋଗ ରହିଥିଲା । ତା' ସହିତ ସ୍ଥାପତ୍ୟ ଗୁଡ଼ିକର ନିର୍ମାଣ ପଛରେ କୌଣସି ନା କୌଣସି ବିଚାରକୁ ମଧ୍ୟ ଦେଖିହେବ- ସାମ୍ରାଜ୍ୟବାଦୀ ବିଚାର, ଜାତୀୟତାବାଦୀ ବିଚାର କିମ୍ବା ଧାର୍ମିକ ବିଚାର ।

ଆରମ୍ଭରେ ବମ୍ବେ ଥିଲା ସାତଟି ଦ୍ୱୀପର ଏକ ପୁଞ୍ଜ । କାଳକ୍ରମେ ସହରର ଜନସଂଖ୍ୟା ବୃଦ୍ଧି ପାଇଲା ଏବଂ ବସତି କ୍ଷେତ୍ରକୁ ବୃଦ୍ଧି କରିବା ଲକ୍ଷ୍ୟରେ ଦ୍ୱୀପଗୁଡ଼ିକୁ ଯୋଡ଼ି ଦିଆଗଲା । ବମ୍ବେ ଏକ ବିଶାଳ ନଗରୀ ଏବଂ

ଦେଶର ବାଣିଜ୍ୟିକ ରାଜଧାନୀରେ ପରିଣତ ହେଲା । ପଶ୍ଚିମ ତଟରେ ସ୍ଥିତ ଏକ ପ୍ରମୁଖ ବନ୍ଦର ହୋଇଥିବାରୁ ବମ୍ବେ ବହିର୍ବାଣିଜ୍ୟ ପାଇଁ ମଧ୍ୟ ଅନୁକୂଳ ସିଦ୍ଧ ହେଲା । ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧ ବେଳକୁ ଦେଶର ପ୍ରାୟ ଅଧାଅଧି ରପ୍ତାନୀ ଏବଂ ଆମଦାନି ବମ୍ବେ ଦେଇ ଚାଲିଥିଲା । ରପ୍ତାନୀ ମଧ୍ୟରେ ଅନ୍ୟତମ ପ୍ରମୁଖ ସାମଗ୍ରୀ ଥିଲା ଅଫିମ, ଯାହାକୁ କମ୍ପାନୀ ମୁଖ୍ୟତଃ ଚୀନକୁ ରପ୍ତାନୀ କରୁଥିଲା । ଅଫିମ ବ୍ୟବସାୟରେ ଭାରତୀୟ ବଣିକମାନେ ମଧ୍ୟ ସମ୍ପୃକ୍ତ ଥିଲେ । ଅଫିମର ଚାଷଜମି ଥିଲା ମାଳବ, ରାଜସ୍ଥାନ ଓ ସିନ୍ଧୁ ପ୍ରଦେଶ । ଏଥିରେ ଲାଭାଂଶର ଅନୁପାତ ଅଧିକ ଥିବାରୁ ଅନେକ ଭାରତୀୟ ଅଫିମ ବ୍ୟବସାୟୀ ଖୁବ୍ ଶୀଘ୍ର ଧନୀ ପୁଞ୍ଜିପତି ମଧ୍ୟ ହେବାକୁ ଲାଗିଲେ ।

କପା ଓ ତୁଳା ଥିଲା ଅନ୍ୟ ଏକ ପ୍ରମୁଖ ରପ୍ତାନୀ ସାମଗ୍ରୀ । ୧୮୬୧ରେ ଆମେରିକାର ଗୃହଯୁଦ୍ଧ ଲାଗିଲା । ଫଳରେ ବିଶ୍ୱବଜାରକୁ ଆମେରିକାର କପା ଓ ତୁଳାର ଆମଦାନି ବ୍ୟାହତ ହେଲା । ଏହା ଭାରତର କପା ବଜାରକୁ ରପ୍ତାନୀ ପାଇଁ ଏକ ସ୍ୱର୍ଣ୍ଣ ସୁଯୋଗ ଆଣିଦେଲା । କପା ବ୍ୟବସାୟୀ ମଧ୍ୟ ଖୁବ୍ ଲାଭରେ ରହିଲେ । ଉପଲବ୍ଧ ଲାଭକୁ ସେମାନେ କପଡ଼ା ମିଲ ଆଦି ନୂଆ ଉଦ୍ୟୋଗ ପ୍ରତିଷ୍ଠାରେ ବିନିଯୋଗ କଲେ । ଭବ୍ୟ ସ୍ଥାପତ୍ୟ ନିର୍ମାଣର ପୃଷ୍ଠପୋଷକତା କରିବାରେ ମଧ୍ୟ ସେମାନେ ଅଗ୍ରଣୀ ଭୂମିକା ନେଲେ ।

ସମୟକ୍ରମେ ବମ୍ବେର ଆର୍ଥିକ ଗତିବିଧି ବଢ଼ିଲା । ଊନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧରୁ ରେଳପଥ ଏବଂ ଜାହାଜର ବିସ୍ତାର ହେଲା । ଅନେକ ପ୍ରଶାସନିକ କେନ୍ଦ୍ର ନିର୍ମାଣର ଆବଶ୍ୟକତା ପଡ଼ିଲା । ଫଳରେ ଯେଉଁସବୁ ସ୍ଥାପତ୍ୟର ବିନିର୍ମାଣ ହେଲା ତହିଁରେ ଶାସକୀୟ ସଂସ୍କୃତି ଓ ଆତ୍ମବିଶ୍ୱାସର ଝଲକ ପ୍ରତିଫଳିତ ହେଲା । ୟୁରୋପୀୟ ସ୍ଥାପତ୍ୟ କଳାର ମଧ୍ୟ ତହିଁରେ ଯଥେଷ୍ଟ ପ୍ରଭାବ ଦେଖିବାକୁ ମିଳିଲା । ଭାରତ ଭଳି ଏକ ସୁଦୂର ପ୍ରାଚ୍ୟ ଉପନିବେଶରେ ମଧ୍ୟ ତାହା ପାଶ୍ଚାତ୍ୟ ୟୁରୋପର ଭୂଦୃଶ୍ୟ ସୃଷ୍ଟି କଲା । ଦ୍ୱିତୀୟତଃ, ଇଂରେଜ କର୍ତ୍ତୃତ୍ୱ, ଶକ୍ତି ଏବଂ ମହାନତାର ପ୍ରଦର୍ଶନ ନିମିତ୍ତ ସ୍ଥାପତ୍ୟ ଏକ ନିର୍ଭରଯୋଗ୍ୟ ମାଧ୍ୟମ ସିଦ୍ଧ ହେଲା । ତୃତୀୟତଃ, ଉପନିବେଶବାଦୀ ଶାସକ ଏବଂ ଭାରତୀୟ ଶାସିତ ବର୍ଗ ମଧ୍ୟରେ ପାର୍ଥକ୍ୟକୁ ସୁଦୃଶ୍ୟ କରିବା ନିମିତ୍ତ ସ୍ଥାପତ୍ୟ ଉପଯୋଗୀ ସିଦ୍ଧ ହେବ ବୋଲି ଇଂରେଜମାନେ ମନେ କରୁଥିଲେ । ମାତ୍ର, ଦେଶୀୟ ଧନାଢ୍ୟ ବର୍ଗ ମଧ୍ୟ ୟୁରୋପୀୟ ଶୈଳୀରେ ଭବ୍ୟ ନିର୍ମାଣ ମାନ ଆରମ୍ଭ କଲେ । ପୁଣି ଇଂରେଜମାନେ ମଧ୍ୟ ପରିବେଶ ଅନୁକୂଳ ଅନେକ ଶୈଳୀକୁ ନିଜ ସ୍ଥାପତ୍ୟରେ ସ୍ଥାନ ଦେଲେ । ଫଳରେ ଉଭୟ ଭାରତୀୟ ଓ ୟୁରୋପୀୟ ସ୍ଥାପତ୍ୟ ମଧ୍ୟରେ ସମନ୍ୱୟ ଦେଖିବାକୁ ମିଳିଲା । ଏହାର ଏକ ଜ୍ୱଳନ୍ତ ଉଦାହରଣ ହେବ ନୂତନ ଭବନ ପାଇଁ ଇଂରାଜୀ ଶବ୍ଦ ବଂଗ୍ଲୋ (Bungalow)ର ବ୍ୟବହାର । ଏହା ବଙ୍ଗଳା ଶବ୍ଦ 'ବଙ୍ଗଳା' ବା ମାଟିଘରରୁ ଆନୀତ । ବଂଗ୍ଲୋର ଚାରିକଡ଼େ ପ୍ରଶସ୍ତ ବାରଣ୍ଡା ନିର୍ମାଣ କରାଯାଇଥିବାରୁ ତଥା ଛାତକୁ ସମତଳ ନ ରଖି ଅର୍ଦ୍ଧ ଗମ୍ବୁଜାକାରରେ ନିର୍ମାଣ କରିବା ଯୋଗୁଁ ତାହା ପରିବେଶ ଅନୁକୂଳ ହେଲା । ବଂଗ୍ଲୋର ପରିଧି ବା କମ୍ପାଉଣ୍ଡ ମଧ୍ୟରେ ଚାକରମାନଙ୍କ ପାଇଁ ମଧ୍ୟ ଘର ତିଆରି ହେଲା, ଯଦ୍ୱାରା ଆବଶ୍ୟକସ୍ଥଳେ ସେମାନଙ୍କର ପାଖରୁ ସେବା ଆଦାୟ କରିହେବ । ଅର୍ଥାତ୍ ବଙ୍ଗ୍ଲୋରେ ବାହାର ସମାଜ ସହିତ କମ ସମ୍ବନ୍ଧ ରଖି ସୁଦ୍ଧା ବଂଗ୍ଲୋବାସୀ ବିଳାସମୟ ଜୀବନ ଅତିବାହିତ କରିପାରୁଥିଲେ ।

ଏହି ସମୟରେ ବମ୍ବେରେ ସାର୍ବଜନୀନ ଉପଯୋଗ ପାଇଁ ଅନେକ ସାମ୍ପ୍ରଦାୟିକ କେନ୍ଦ୍ରର ମଧ୍ୟ ନିର୍ମାଣ ହେଲା । ୧୮୩୩ରେ ନିର୍ମିତ ଟାଉନ୍‌ହଲ, ୧୮୬୦ ଦଶକରେ ନିର୍ମିତ ଏଲଫିନ୍‌ଷ୍ଟୋନ୍ ସାର୍କିଲ, ସଚିବାଳୟ,

ବମ୍ବେ ବିଶ୍ୱବିଦ୍ୟାଳୟ ଏବଂ ହାଇକୋର୍ଟ ହେଲା ଏହି ଧରଣର କେତୋଟି ଭବ୍ୟ ସାମୁଦାୟିକ ଭବନ। ସେଗୁଡ଼ିକର ନିର୍ମାଣରେ ନବ୍ୟଶାସ୍ତ୍ରୀୟ ଏବଂ ନବ୍ୟଗୋଥିକ ଶୈଳୀର ପ୍ରଭାବ ରହିଥିଲା। ୟୁରୋପରେ ନବଜାଗରଣ ଉତ୍ତାରୁ ଶାସ୍ତ୍ରୀୟ କଳା, ସ୍ଥାପତ୍ୟ ଓ ସାହିତ୍ୟ ଆଦିର ପୁନରୁଦ୍ଧାର ପାଇଁ ପ୍ରୟାସ କରାଯାଇଥିଲା। ତା'ର ସାକ୍ଷ୍ୟ ବହନ କରୁଥିଲେ ନବ୍ୟ ଶାସ୍ତ୍ରୀୟ ଏବଂ ନବ୍ୟ ଗୋଥିକ ସ୍ଥାପତ୍ୟ। ତାକୁ ୟୁରୋପରେ ଆଧୁନିକତାର ପ୍ରତୀକ ମନେ କରାଯାଉଥିଲା। ତେଣୁ, ଉକ୍ତ ସ୍ଥାପତ୍ୟର ପ୍ରେରଣାରେ ପ୍ରତିଷ୍ଠିତ ଏହି ଭବ୍ୟ ସାମୁଦାୟିକ ଭବନ ଗୁଡ଼ିକୁ ଭାରତରେ ମଧ୍ୟ ଭବ୍ୟ ସ୍ୱାଗତ କରାଗଲା।

## ସାରାଂଶ

ଆମେ ଏଠାରେ ଔପନିବେଶିକ ନଗରୀର ଗଠନ, ନିର୍ମାଣ ପଛର ଉଦ୍ଦେଶ୍ୟ ଏବଂ ସ୍ଥାପତ୍ୟ କଳା ସମ୍ପର୍କରେ ସଂକ୍ଷେପରେ ଆଲୋଚନା କଲେ। ତତ୍କାଳୀନ ତିନୋଟି ପ୍ରମୁଖ ନଗରୀ ହେଲେ ବମ୍ବେ, କଲିକତା ଓ ମାଡ୍ରାସ। ସିମଲା, ଦାର୍ଜିଲିଂ ଏବଂ ଉଟି ଆଦି ଶୈଳନଗରୀର ମଧ୍ୟ ଏହି ସମୟରେ ପ୍ରତିଷ୍ଠା ହେଲା। ସେ ପ୍ରଶାସନିକ କେନ୍ଦ୍ର ହେଉ କିମ୍ବା ଶୈଳନିବାସ, ସେସବୁର ପଛରେ ଔପନିବେଶିକ ସ୍ୱାର୍ଥ ସୁସ୍ପଷ୍ଟ ଥିଲା। ଯଦିଓ ଉକ୍ତ ସ୍ଥାପତ୍ୟ ଗୁଡ଼ିକ ଭବ୍ୟ ଏବଂ ସୁରମ୍ୟ ଥିଲା ଏବଂ ନଗରୀକରଣକୁ ଚିହ୍ନିତ କରୁଥିଲା, ଔପନିବେଶିକ କାଳରେ ପ୍ରଭୂତ ମାତ୍ରାରେ ନଗରୀକରଣ ସଂଘଟିତ ହୋଇଥିଲା ବୋଲି ଯୁକ୍ତି କରିହେବ ନାହିଁ। ଇଂରେଜମାନଙ୍କ ମନରେ ଭାରତୀୟଙ୍କ ପ୍ରତି ଯେଉଁ ଅସୂୟା ଏବଂ ହେୟଭାବ ରହିଥିଲା, ତାହା ଔପନିବେଶିକ ନଗରୀକରଣ ପ୍ରକ୍ରିୟାରେ ମଧ୍ୟ ପ୍ରତିଫଳିତ ହୋଇଥିଲା।

# ଆଦର୍ଶ ପ୍ରଶ୍ନାବଳୀ

## 'କ' ବିଭାଗ

### (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର)

**୧. ପ୍ରତ୍ୟେକ ପ୍ରଶ୍ନ ପାଇଁ ଥିବା ଚାରୋଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତରଟିକୁ ବାଛି ଲେଖ।**

(କ) ନିମ୍ନୋକ୍ତ କେଉଁ ସହରଟି ହରପ୍ପା କାଳୀନ ?

(i) ବୈଶାଳୀ (ii) ରାଜଗୃହ
(iii) କୌଶାମ୍ବୀ (iv) ରାଖିଗଡ଼ି

(ଖ) ନିମ୍ନୋକ୍ତ କେଉଁ ଓଡ଼ିଶା ସହରର ପ୍ରତିଷ୍ଠା ଦଶମ ଶତାବ୍ଦୀରେ।

(i) ଭୁବନେଶ୍ୱର (ii) କଟକ
(iii) ପୁରୀ (iv) ସମ୍ବଲପୁର

(ଗ) ନିମ୍ନୋକ୍ତ କେଉଁ ନଗରୀଟି ଔପନିବେଶିକ ନଗରୀର ମାନ୍ୟତା ପାଏ ନାହିଁ ?

(i) କଲିକତା (ii) ବମ୍ବେ
(iii) ମାଡ୍ରାସ (iv) ବାରଣାସୀ

(ଘ) ନିମ୍ନୋକ୍ତ କେଉଁ ବିଦେଶୀ ଶକ୍ତି ପ୍ରଥମେ ବମ୍ବେ ଉପରେ ମାଲିକାନା ପ୍ରାପ୍ତ କରିଥିଲେ ?

(i) ପର୍ତ୍ତୁଗୀଜ୍ (ii) ଇଂରେଜ
(iii) ଫରାସୀ (iv) ଡଚ

(ଙ) ୧୮୫୩ ମସିହାରେ ପ୍ରଥମେ ବମ୍ବେ ସହିତ କେଉଁ ସହରର ରେଳ ଯୋଗାଯୋଗ ଆରମ୍ଭ ହୋଇଥିଲା ?

(i) ପୁନା (ii) ଥାଣେ
(iii) କଲିକତା (iv) ମାଡ୍ରାସ

## 'ଖ' ବିଭାଗ

**୨. ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖ। (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର)**

(କ) ନଗରୀକରଣ ମାନେ କ'ଣ ?

(ଖ) ହରପ୍ପା ସଂସ୍କୃତିର ନଗରଗୁଡ଼ିକର ବୈଶିଷ୍ଟ୍ୟଗୁଡ଼ିକୁ ଉଲ୍ଲେଖ କର।

(ଗ) କେଉଁ କେଉଁ କାରଣରୁ ମଧ୍ୟକାଳୀନ ଭାରତରେ ନୂତନ ନଗରଗୁଡ଼ିକର ସ୍ଥାପନା କରାଗଲା ?

(ଘ) ଓଡ଼ିଶାର ମଧ୍ୟକାଳୀନ ନଗରଗୁଡ଼ିକ ନଦୀ ବା ସମୁଦ୍ର କୂଳରେ କେଉଁ କାରଣରୁ ସ୍ଥାପିତ ହୋଇଥିଲା ?

(ଙ) ଗ୍ରାମ ଓ ନଗର ମଧ୍ୟରେ ଥିବା କେତୋଟି ପ୍ରମୁଖ ପାର୍ଥକ୍ୟକୁ ଦର୍ଶାଅ ।

(ଚ) ଇଂରେଜ ରାଜତ୍ୱକାଳରେ ନଗରୀକରଣର ଧାରା ମନ୍ଥର ଥିବାର ପ୍ରମାଣ ଦିଅ ।

(ଛ) ଔପନିବେଶିକ ସହରର ତାତ୍ପର୍ଯ୍ୟଗୁଡ଼ିକୁ ଚିହ୍ନିତ କର ।

(ଜ) 'ଶ୍ୱେତ ନଗରୀ' ଓ 'କୃଷ୍ଣ ନଗରୀ' ମଧ୍ୟରେ କ'ଣ ସବୁ ପ୍ରଭେଦ ଦେଖିବାକୁ ମିଳୁଥିଲା ?

(ଝ) ଭାରତରେ ଶୈଳନିବାସର ପ୍ରତିଷ୍ଠା ପଛରେ କ'ଣ ଉଦ୍ଦେଶ୍ୟ ରହିଥିଲା ?

(ଞ) କେଉଁ କାରଣରୁ ଲର୍ଡ୍ ଓ୍ୱେଲେସଲିଙ୍କ ସମୟରେ ଇଂରେଜମାନେ 'କୃଷ୍ଣ ନଗରୀ'ର ପରିଷ୍କାର ପରିଚ୍ଛନ୍ନତା ଉପରେ ଧ୍ୟାନ କେନ୍ଦ୍ରିତ କଲେ ?

**୩. ପ୍ରତି ପ୍ରଶ୍ନର ଉତ୍ତର ପାଞ୍ଚ ବା ଛଅଟି ବାକ୍ୟରେ ଦିଅ । (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର)**

(କ) ପ୍ରାକ୍-ଔପନିବେଶିକ ନଗର ସମ୍ପର୍କରେ ଆଲୋଚନା କର ।

(ଖ) ଅଷ୍ଟାଦଶ ଶତାବ୍ଦୀରେ ନଗରୀକରଣରେ କ'ଣ ସବୁ ପରିବର୍ତ୍ତନ ହୋଇଥିଲା ?

(ଗ) ଶୈଳନଗରୀ କ'ଣ ? ଇଂରେଜମାନେ କେଉଁ କାରଣରୁ ଶୈଳନଗରୀ ସ୍ଥାପନ କରିଥିଲେ ?

(ଘ) ନୂତନ ନଗରଗୁଡ଼ିକରେ ସାମାଜିକ ଜୀବନ କିପରି ଥିଲା ?

(ଙ) ଔପନିବେଶିକ ସ୍ଥାପତ୍ୟ ଉପରେ ସଂକ୍ଷେପରେ ଆଲୋଚନା କର ।

## 'ଗ' ବିଭାଗ

## (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର)

୪. ଔପନିବେଶିକ କାଳରେ ନଗରୀକରଣର ସ୍ଥିତିକୁ ନେଇ ଏକ ବ୍ୟାଖ୍ୟା ପ୍ରସ୍ତୁତ କର ।

୫. ଔପନିବେଶିକ ନଗରୀ ବମ୍ବେର ସ୍ଥାପତ୍ୟକୁ ନେଇ ଏକ ବିଶଦ ଚର୍ଚ୍ଚା କର ।

❑●❑

**ପଞ୍ଚଦଶ ଅଧ୍ୟାୟ :**

# ଓଡ଼ିଶା ପ୍ରଦେଶ ଗଠନ
## Formation of the Province of Odisha

---

### (କ) ଭାଷା ଅସ୍ମିତାର ଆନ୍ଦୋଳନ, (ଖ) ପ୍ରଦେଶ ଗଠନ ସମ୍ପର୍କିତ ଘଟଣାବଳୀ

୧୯୩୬ ମସିହା ଏପ୍ରିଲ ୧ ତାରିଖ ଦିନ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଗଠନ ହେଲା। ଭାରତର ପୂର୍ବାଞ୍ଚଳରେ ସ୍ଥିତ ପ୍ରାୟ ସମସ୍ତ ଓଡ଼ିଆ ଭାଷାଭାଷୀ କ୍ଷେତ୍ରକୁ ଓଡ଼ିଶା ପ୍ରଦେଶରେ ଅର୍ନ୍ତଭୁକ୍ତ କରାଗଲା। ଏହା ପୂର୍ବରୁ ଓଡ଼ିଆ ଭାଷାଭାଷୀ କ୍ଷେତ୍ରଗୁଡ଼ିକ ତିନୋଟି ପ୍ରଶାସନରେ ଭାଗ ଭାଗ ହୋଇ ରହିଥିଲେ। ଗଞ୍ଜାମ ଏଜେନ୍ସି ଓ ତଦ୍‌ସଂଲଗ୍ନ ଦକ୍ଷିଣାଞ୍ଚଳ ମାଡ୍ରାସ ପ୍ରେସିଡେନ୍ସିରେ ଯୋଡ଼ିହୋଇ ରହିଥିବାବେଳେ, କଟକ, ପୁରୀ ଓ ବାଲେଶ୍ୱର ତଥା ତଦ୍‌ସଂଲଗ୍ନ ଅଞ୍ଚଳ ବଙ୍ଗ ପ୍ରେସିଡେନ୍‌ସିରେ ରହିଥିଲା। ପୁଣି, ସମ୍ବଲପୁର ଏବଂ ତଦ୍‌ସଂଲଗ୍ନ କ୍ଷେତ୍ର କେନ୍ଦ୍ର ପ୍ରଦେଶର ଅଂଶବିଶେଷ ହୋଇ ରହିଥିଲା। ଏହି ପୃଥକୀକରଣ ନାନା ପ୍ରକାର ଅସୁବିଧା ସୃଷ୍ଟି କରୁଥିଲା। ଓଡ଼ିଆ ଭାଷା-ଭାଷୀ ଲୋକ ତିନୋଟି ଯାକ ପ୍ରଶାସନରେ ସଂଖ୍ୟାଲଘୁ ଥିଲେ। ଫଳରେ ପ୍ରଶାସନିକ କାମରେ ତଥା ଭାଷା ବ୍ୟବହାର ବେଳେ ଅସୁବିଧା ଅନୁଭବ ହେଉଥିଲା। ସ୍ଥାନୀୟ ସ୍ତରରେ ଓଡ଼ିଆ ପ୍ରଶାସନିକ ଭାଷା ହୋଇପାରିଲା ନାହିଁ। ଓଡ଼ିଶା ଲୋକ ସର୍ବତ୍ର ସଂଖ୍ୟାଲଘୁ ହେବା କାରଣରୁ ଭବିଷ୍ୟତରେ ମଧ୍ୟ ଓଡ଼ିଆ ଭାଷାର ସରକାରୀ ସ୍ତରରେ କିମ୍ବା ସ୍କୁଲରେ ବ୍ୟବହାରର ସମ୍ଭାବନା ରହିଲା ନାହିଁ। ଊନବିଂଶ ଶତାବ୍ଦୀରେ ଭାରତୀୟ ଭାଷା-ସାହିତ୍ୟ ପ୍ରତ୍ୟେକ ଅଞ୍ଚଳରେ ଆଧୁନିକତାର କଷଟିରେ ଉନ୍ମେଷ ଲାଭ କରୁଥିଲା। ମାତ୍ର ଓଡ଼ିଆ ପାଇଁ ସ୍ଥିତି ବିପରୀତ ହେବାକୁ ବସିଲା। ଫଳରେ ସ୍ଥାନୀୟ ଲୋକେ ସମସ୍ତ ଓଡ଼ିଆ ଭାଷାଭାଷୀ କ୍ଷେତ୍ରକୁ ପ୍ରଶାସନିକ ଦୃଷ୍ଟିରୁ ଏକତ୍ରୀକରଣ କରିବା ଲାଗି ଦାବି କଲେ, ଯାହା ଭାଷାଭିତ୍ତିକ ଏକତା ପାଇଁ ମୂଳଭିତ୍ତି ହେଲା। ଊନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ଲୋକଙ୍କର ଦାବି ଏକ ଆନ୍ଦୋଳନର ରୂପ ନେଲା। ଶିକ୍ଷିତ ବୁଦ୍ଧିଜୀବୀ ଗୋଷ୍ଠୀ ଏହାର ନେତୃତ୍ୱ ନେଲେ। ଏହି ସମୟରେ ଦେଶରେ ଜାତୀୟତା ଆନ୍ଦୋଳନର ମଧ୍ୟ ସୂତ୍ରପାତ ହୋଇସାରିଥିଲା। ଓଡ଼ିଶାରେ ତାହା ଭାଷା ଅସ୍ମିତାର ଆନ୍ଦୋଳନ ରୂପରେ ପ୍ରକଟିତ ହେଲା। ଅର୍ଥାତ୍ ଦେଶର ବିଭିନ୍ନ ଅଞ୍ଚଳରେ ଇଂରେଜ ଉପନିବେଶବାଦ ବିରୁଦ୍ଧରେ ଏକଜୁଟ ହେବା ପ୍ରକ୍ରିୟାରେ ଜାତୀୟତା ଆନ୍ଦୋଳନ ଗଢ଼ି ଉଠୁଥିବା ବେଳେ, ଓଡ଼ିଶାରେ ଏହା ଭାଷା ଭିତ୍ତିରେ ଉନ୍ମେଷ ଲାଭ କଲା। ଏହାର ଦାବି ଥିଲା ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକ ପ୍ରଶାସନର ଅନ୍ତର୍ଭୁକ୍ତ କରିବା। ମାଡ୍ରାସ ପ୍ରେସିଡେନ୍ସିରେ ଥିବା ଗଞ୍ଜାମ ଏଜେନ୍‌ସି ଅଞ୍ଚଳକୁ ଓ କେନ୍ଦ୍ର ପ୍ରଦେଶରେ ଥିବା ସମ୍ବଲପୁର ଅଞ୍ଚଳକୁ

ବେଙ୍ଗଲ ପ୍ରେସିଡେନ୍ସିରେ ଥିବା ଓଡ଼ିଶାର ଡିଭିଜନରେ ସମ୍ମିଶ୍ରିତ କରିବା ଲାଗି ନେତୃବୃନ୍ଦ ଦାବି କଲେ । ସମୟକ୍ରମେ ଯେତେବେଳେ ଆନ୍ଦୋଳନ ତେଜିଲା, ସ୍ୱତନ୍ତ୍ର ପ୍ରଦେଶ ଗଠନ ଲାଗି ଆନ୍ଦୋଳନ ବ୍ୟାପକ ହେଲା । ଏହି ଆନ୍ଦୋଳନକୁ ଓଡ଼ିଆ ଭାଷା ଅସ୍ମିତାର ଆନ୍ଦୋଳନ ବା ସଂକ୍ଷେପରେ 'ଓଡ଼ିଆ ଆନ୍ଦୋଳନ' ନାମରେ ନାମିତ କରାଯାଏ ।

ଓଡ଼ିଆ ଆନ୍ଦୋଳନ ଥିଲା ଉପନିବେଶବାଦ ବିରୋଧୀ ସ୍ୱାଧୀନତା ସଂଗ୍ରାମର ଏକ ଆଞ୍ଚଳିକ ପ୍ରାରୂପ । ଏହା ଅବଶିଷ୍ଟ ଭାରତରେ ଗଢ଼ି ଉଠୁଥିବା ଜାତୀୟତା ଆନ୍ଦୋଳନର ସମ୍ପୂର୍ଣ୍ଣ ଅନୁପୂରକ ଥିଲା । ୧୯୨୦ରେ ଅସହଯୋଗ ଆନ୍ଦୋଳନ ବେଳେ ଏହା ଜାତୀୟ କଂଗ୍ରେସରେ ସମ୍ମିଶ୍ରିତ ହୋଇଥିଲା । ଫଳରେ ଓଡ଼ିଆ ଆନ୍ଦୋଳନ ତୀବ୍ରରୂପ ପାଇଥିଲା ଏବଂ ତା'ର ଲକ୍ଷ୍ୟ ହାସଲ ଦିଗରେ ଅଗ୍ରଗତି କରିଥିଲା । ଜାତୀୟ କଂଗ୍ରେସରେ ସମ୍ମିଶ୍ରିତ ହେବା ପରେ ସୁଦ୍ଧା ଏହା କେବେ ଭାଷା ଅସ୍ମିତା ପ୍ରଶ୍ନକୁ ଗୌଣ କରି ନ ଥିଲା । କଂଗ୍ରେସ ଆନ୍ଦୋଳନ ଭଳି ଏହା ବିଭିନ୍ନ ପର୍ଯ୍ୟାୟ ଦେଇ ଗତି କରିଥିଲା ।

ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନର ଅଧ୍ୟୟନ ଖୁବ୍ ପ୍ରାସଙ୍ଗିକ ଏବଂ ଉପଯୋଗୀ । ଭାରତ ଏକ ସଂଘୀୟ ରାଷ୍ଟ୍ର (Federal State) । ଏହା ମୋଟ ୨୯ଟି ରାଜ୍ୟ ଏବଂ ୫ଟି କେନ୍ଦ୍ରଶାସିତ ଅଞ୍ଚଳକୁ ନେଇ ଗଠିତ । ବିବିଧତା ହେଲା ରାଜ୍ୟଗୁଡ଼ିକର ପ୍ରଧାନ ବୈଶିଷ୍ଟ୍ୟ । ତାକୁ ଆଧାର କରି ଆଧୁନିକ ଭାରତର ସଂଘୀୟତା ରୂପକଳ୍ପ ପାଇଛି, ରାଜ୍ୟ-ରାଷ୍ଟ୍ର ମଜବୁତ ହୋଇଛି । ସଂଘୀୟ ଦୃଷ୍ଟି ହେଉଛି ଜାତୀୟ ଚେତନାର ଏକ ପ୍ରମୁଖ ଦିଗ । ତା'ର ଇତିହାସରେ ଓଡ଼ିଶାର ଭାଷା ଅସ୍ମିତାର ଆନ୍ଦୋଳନକୁ ଖୋଜିହେବ । ତା'ର ମହତ୍ତ୍ୱକୁ ଉପଲବ୍ଧି କରି ୧୯୧୯ର ଅମୃତସର ଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସରେ ଭାଷା ଭିତ୍ତିରେ କଂଗ୍ରେସର ପ୍ରାଦେଶିକ କମିଟିମାନ ଗଠନ ପାଇଁ ନିଷ୍ପତ୍ତି ହୋଇଥିଲା । ମହାତ୍ମା ଗାନ୍ଧି ଭାଷାଭିତ୍ତିକ ପ୍ରଦେଶର ଦାବିକୁ ସମର୍ଥନ ଜଣାଇ ୧୯୨୦ ମେ ମାସରେ 'ନବଜୀବନ' ପତ୍ରିକାରେ ଏକ ସ୍ୱତନ୍ତ୍ର ପ୍ରବନ୍ଧ ଲେଖିଥିଲେ । ମହାତ୍ମା ଗାନ୍ଧି ଏବଂ ଜାତୀୟ କଂଗ୍ରେସର ସମାବେଶୀ (inclusive) ସଂଘୀୟ ଦୃଷ୍ଟି ଓଡ଼ିଶାର ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ ମଧ୍ୟ ଉତ୍ସାହିତ କଲା । ଏଭଳି ଦୃଷ୍ଟିର ଅଭାବରେ ଭାରତର ଜାତୀୟତା ଆନ୍ଦୋଳନ ଯେ ଓଡ଼ିଶା ଭଳି କ୍ଷେତ୍ରର ପୂର୍ଣ୍ଣ ସମ୍ପୃକ୍ତି ଲାଭ କରିପାରି ନଥାନ୍ତା, ଏହା କହିବା ବାହୁଲ୍ୟ । ସ୍ୱାଧୀନ ଭାରତରେ ଭାଷା ଭିତ୍ତିରେ ଆହୁରି ଅନେକ ପ୍ରଦେଶର ଗଠନ ହେଲା । ସେସବୁର ଅଧ୍ୟୟନ ପାଇଁ ମଧ୍ୟ ଓଡ଼ିଆ ଆନ୍ଦୋଳନର ବସ୍ତୁନିଷ୍ଠ ଆଲୋଚନା ଉପାଦେୟ ସିଦ୍ଧ ହେବ ।

ଓଡ଼ିଶା ପ୍ରଦେଶ ଗଠନର ଇତିହାସକୁ ଏଠାରେ ଦୁଇ ଭାଗରେ ଚର୍ଚ୍ଚା କରାଯାଇପାରେ । ପ୍ରଥମ ଭାଗ: ଭାଷାଅସ୍ମିତା ଆନ୍ଦୋଳନ ବା ଓଡ଼ିଆ ଆନ୍ଦୋଳନ । ଦ୍ୱିତୀୟ ଭାଗ: ପ୍ରଦେଶ ଗଠନ ସମ୍ପର୍କିତ ବିଭିନ୍ନ ଘଟଣାବଳୀ । ଉଭୟ ଭାଗ ପରସ୍ପରର ପରିପୂରକ ଏବଂ ଏକ ଅବିଚ୍ଛିନ୍ନ ଆନ୍ଦୋଳନର ସଂଭାଗ ।

## (କ) ଓଡ଼ିଆ ଭାଷା ଅସ୍ମିତାର ଆନ୍ଦୋଳନ :

ଇଂରେଜ ଇଷ୍ଟ ଇଣ୍ଡିଆ କମ୍ପାନୀ ତିନୋଟି ଭିନ୍ନ ଭିନ୍ନ ପର୍ଯ୍ୟାୟରେ ଓଡ଼ିଶାକୁ ଦଖଲ କରିଥିଲେ । ସେହି ଅନୁଯାୟୀ ଓଡ଼ିଶାକୁ ତିନୋଟି ଭାଗରେ ଦୁଇଟି ପ୍ରେସିଡେନ୍ସି ବଙ୍ଗ ଓ ମାଡ୍ରାସ ଏବଂ ଗୋଟାଏ ପ୍ରଦେଶ କେନ୍ଦ୍ର ପ୍ରଦେଶ ସହ ଯୋଡ଼ି ଦିଆଗଲା । ଏଥିପାଇଁ ଭାଷାକୁ ଆଧାର କରାଯାଇ ନ ଥିଲା ଯାହା ପରବର୍ତ୍ତୀ ସମୟରେ ବିଭିନ୍ନ

ସମସ୍ୟା ସୃଷ୍ଟି କଲା। ପଲାସୀ ଯୁଦ୍ଧର ମାତ୍ର ଆଠ ବର୍ଷ ଉତ୍ତାରୁ ୧୭୬୫ ଅଗଷ୍ଟ ମାସରେ କମ୍ପାନୀ ଦକ୍ଷିଣ ଓଡ଼ିଶାକୁ ହାଇଦ୍ରାବାଦର ନିଜାମଙ୍କପାଖରୁ ଉପହାର ସୂତ୍ରରେ ଲାଭ କଲେ। ସେତେବେଳେ ଦକ୍ଷିଣ ଓଡ଼ିଶା ନିଜାମଙ୍କ ଶାସନାଧୀନ ହୋଇ ରହିଥିଲା ଏବଂ ନିଜାମଙ୍କ ରାଜ୍ୟର ଉତ୍ତର ପାର୍ଶ୍ୱରେ ରହିଥିବାରୁ 'ଉତ୍ତର ସରକାର' ନାମରେ ପରିଚିତ ଥିଲା। ନିଜାମଙ୍କ ଗୃହଶତ୍ରୁ ବିରୁଦ୍ଧରେ କମ୍ପାନୀ ସାହାଯ୍ୟ କରିଥିବାରୁ କମ୍ପାନୀକୁ ଉପହାର ସୂତ୍ରରେ ଏହି କ୍ଷେତ୍ର ପ୍ରାପ୍ତ ହୋଇଥିଲା। ଔପଚାରିକ ଭାବେ ହାଇଦ୍ରାବାଦ ମୋଗଲ ଶାସନାଧୀନ ଥିଲା, ଯଦିଓ ନିଜାମ ତା'ର ପ୍ରକୃତ ଶାସକ ଥିଲେ। ତେଣୁ, ନାମମାତ୍ର ମୋଗଲ ସମ୍ରାଟ ଶାହ ଆଲମ ଫର୍ମାନ ବା ରାଜାଦେଶ ଜାରି କରି ଉପହାରକୁ ବୈଧତା ପ୍ରଦାନ କରିଥିଲେ। ଏହା ଫଳରେ ଗଞ୍ଜାମ, ପାରଳାଖେମୁଣ୍ଡି, ଇଚ୍ଛାପୁର, ଜୟପୁର ଓ କୋରାପୁଟ ଅଞ୍ଚଳ କମ୍ପାନୀର ଅଧୀନ ହେଲା। ଏହି କ୍ଷେତ୍ରକୁ ନବଗଠିତ 'ମାଡ୍ରାସ ପ୍ରେସିଡେନ୍ସିରେ' ସାମିଲ କରାଗଲା।

ଦକ୍ଷିଣ ଓଡ଼ିଶା ଦଖଲର ଦୀର୍ଘ ୩୮ ବର୍ଷ ଉତ୍ତାରୁ ୧୮୦୩ରେ କମ୍ପାନୀ କଟକ, ପୁରୀ ଓ ବାଲେଶ୍ୱର କ୍ଷେତ୍ରକୁ ମରାଠାମାନଙ୍କଠାରୁ ଯୁଦ୍ଧରେ ଜିଣିନେଲେ। ଏଥିପାଇଁ ୧୮୦୩ ଅଗଷ୍ଟ ୩ ତାରିଖରେ ଗଭର୍ଣ୍ଣର ଜେନେରାଲ ଲର୍ଡ଼ ୱେଲେସଲି ମରାଠାମାନଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲେ। ନାଗପୁରର ଭୋଁସଲେ ରାଜା ଥିଲେ ଓଡ଼ିଶାର ମରାଠା ଶାସକ। ଇଂରେଜମାନଙ୍କ ତୁଳନାରେ ତାଙ୍କ ପାଖରେ ଆଧୁନିକ ଅସ୍ତ୍ରଶସ୍ତ୍ରର ଅଭାବ ଥିଲା। ଦ୍ୱିତୀୟତଃ, ମରାଠାମାନେ ଅଧିକରୁ ଅଧିକ ଖଜଣା ଅସୁଲ କରିବା ପାଇଁ ବଳ ପ୍ରୟୋଗ କରୁଥିବାରୁ ସେମାନଙ୍କ ଶାସନ ପ୍ରତି ସ୍ଥାନୀୟ ସମର୍ଥନ ନ ଥିଲା। ଏସବୁକୁ ବାଦଦେଲେ କମ୍ପାନୀ ମରାଠାମାନଙ୍କ ବିରୁଦ୍ଧରେ ନିଜ ବିଜୟକୁ ସହଜ କରିବା ଲାଗି ଗଡ଼ଜାତ ରାଜା-ଜମିଦାର ବର୍ଗ ଏବଂ ପୁରୀର ପଣ୍ଡାମାନଙ୍କଠାରୁ ମଧ୍ୟ ସହଯୋଗ ଲୋଡ଼ିଥିଲେ। ଫଳସ୍ୱରୂପ, ଅତି ସହଜରେ କମ୍ପାନୀ ସେନା ସେପ୍ଟେମ୍ବର ୧୮ ତାରିଖରେ ପୁରୀ, ଅକ୍ଟୋବର ୧୩ ତାରିଖରେ କଟକ ଏବଂ ସେପ୍ଟେମ୍ବର ୨୧ ତାରିଖରେ ବାଲେଶ୍ୱର ଅଧିକାର କରିନେଲେ। ଏହାପରେ କମ୍ପାନୀ ଖୋର୍ଦ୍ଧା, ମୟୁରଭଞ୍ଜ, ଅନୁଗୋଳ, ହିନ୍ଦୋଳ, ଦଶପଲ୍ଲା, ଆଳି, କୁଜଙ୍ଗ, ହରିଶପୁର, ଦର୍ପଣି, ସୁକିନ୍ଦା, ମଧୁପୁର, ମରିଚପୁର, ବିଷ୍ଣୁପୁର ଏବଂ କନିକାକୁ ଇଂରେଜ ସରକାରଙ୍କ ପ୍ରଭୁତ୍ୱ ସ୍ୱୀକାର କରିବାକୁ ତଥା ବାର୍ଷିକ ପେଶକଶ ଦେବାକୁ ଆଦେଶ ଜାରି କଲେ। ୧୮୦୩ ଡିସେମ୍ବର ୧୭ ତାରିଖରେ କମ୍ପାନୀ ଓ ମରାଠାଙ୍କ ମଧ୍ୟରେ ଶାନ୍ତିଚୁକ୍ତି ସ୍ୱାକ୍ଷରିତ ହେଲା ଏବଂ ଭୋଁସଲେ ରାଜା କଟକ, ପୁରୀ ଓ ବାଲେଶ୍ୱର କ୍ଷେତ୍ରକୁ ଇଂରେଜ ହାତରେ ଦେବା ପାଇଁ ସ୍ୱୀକୃତି ଦେଲେ। ଏହା ଦେଓଗାଁ ସନ୍ଧି ନାମରେ ଇତିହାସରେ ପରିଚିତ। ୧୮୦୪ ଜାନୁଆରୀ ୯ ତାରିଖ ଦିନ ସପରିଷଦ ଗଭର୍ଣ୍ଣର ଜେନେରାଲ (Governor General in Council) ଦେଓଗାଁ ସନ୍ଧିକୁ ଅନୁମୋଦନ ପ୍ରଦାନ କଲେ। ଏହା ଉତ୍ତାରୁ ବିଜିତ ଉତ୍ତର ଓଡ଼ିଶା କ୍ଷେତ୍ରକୁ ବଂଗ ପ୍ରେସିଡେନ୍ସିର ଓଡ଼ିଶା ଡିଭିଜନ ଭାବେ ମାନ୍ୟତା ଦିଆଗଲା।

ଉତ୍ତର ଓଡ଼ିଶା ଦଖଲ କଲା ପରେ କମ୍ପାନୀ ସମ୍ବଲପୁର ଏବଂ ବାକି ପଶ୍ଚିମାଞ୍ଚଳକୁ କର୍ତ୍ତୃତ୍ୱାଧୀନ କରିବାକୁ ଚେଷ୍ଟା କଲେ। ୧୮୦୪ ଜାନୁୟାରୀରେ ମେଜର ବ୍ରାଉଟନ୍ ସମ୍ବଲପୁରର ମରାଠା ପ୍ରଶାସକ ତାନ୍ତିଆ ଫଡ଼ନାବିସଙ୍କୁ ଶାସନଚ୍ୟୁତ କରି ନିଜେ ପ୍ରଶାସନ କଥା ବୁଝିଲେ। ଏହାପରେ ରାୟଗଡ଼, ସାରଙ୍ଗଗଡ଼, ରେଢ଼ାଖୋଲ, ଗାଙ୍ଗପୁର, ବାମଣ୍ଡା, ବଣାଇ, ଶକ୍ତି ଓ ବରଗଡ଼ର ରାଜା ଓ ଜମିଦାରଙ୍କୁ କମ୍ପାନୀର ବଶ୍ୟତା ସ୍ୱୀକାର କରିବାକୁ

ବାଧ୍ୟ କଲେ । ଏହି ରାଜା ଓ ଜମିଦାରମାନେ ମଧ୍ୟ ଇଂରେଜ କର୍ତ୍ତୃତ୍ୱକୁ ସ୍ୱୀକାର କରିନେଲେ, କାରଣ ମରାଠା ଶାସନରେ ସେମାନେ ସନ୍ତୁଷ୍ଟ ନ ଥିଲେ । ମାତ୍ର ଏହାପରେ ୧୮୧୭ ମସିହା ପର୍ଯ୍ୟନ୍ତ ବ୍ରିଟିଶ ପାର୍ଲାମେଣ୍ଟର ଆଦେଶାନୁସାରେ ସମ୍ବଲପୁରକୁ ଔପଚାରିକ ଭାବରେ ଭୋଁସଲେ ରାଜାଙ୍କ ଶାସନାଧୀନ ରହିବାକୁ ଅବସର ମିଳିଲା, କାରଣ ୧୮୦୫ରୁ ୧୮୧୭ ପର୍ଯ୍ୟନ୍ତ କମ୍ପାନୀ ଭାରତରେ ରାଜ୍ୟ ବିସ୍ତାର ଓ ଯୁଦ୍ଧଖୋର ନୀତିକୁ ସାମୟିକ ଭାବେ ସ୍ଥଗିତ କରିଥିଲେ । ଅନ୍ତତଃ ୧୮୧୭ ନଭେମ୍ବର ୨୭ ତାରିଖରେ ସମ୍ବଲପୁର କମ୍ପାନୀର କର୍ତ୍ତୃତ୍ୱାଧୀନ ହେଲା । ପ୍ରଶାସନିକ ସୁବିଧା ଦୃଷ୍ଟିରୁ ଏହି ଅଞ୍ଚଳ କେନ୍ଦ୍ର ପ୍ରଦେଶ (Central Provinces) ସହ ସଂଲଗ୍ନିକୃତ ହୋଇ ରହିଲା ।

ଆରମ୍ଭରେ ପ୍ରଶାସନିକ ସୁବିଧାକୁ ଦୃଷ୍ଟିରେ ରଖି ବିଭିନ୍ନ ଓଡ଼ିଆ ଭାଷାଭାଷୀ କ୍ଷେତ୍ରକୁ ଭିନ୍ନ ଭିନ୍ନ ପ୍ରେସିଡେନ୍ସି ଓ ପ୍ରଦେଶରେ ସାମିଲ କରାଯାଇଥିଲା । ଏଥିପାଇଁ ଲୋକଙ୍କର ଭାଷାକୁ ଭିତ୍ତି କରାଯାଇ ନ ଥିଲା । ସ୍ଥାନୀୟ ଲୋକ ଆଧୁନିକ ଶିକ୍ଷାର ବାହାରେ ଥିବାରୁ ସେଥିପାଇଁ କୌଣସି ଦାବି ମଧ୍ୟ ଉପସ୍ଥାପିତ ହୋଇ ନ ଥିଲା । ମାତ୍ର ଏହି ବ୍ୟବସ୍ଥା ସମୟକ୍ରମେ ସମସ୍ୟାପୂର୍ଣ୍ଣ ପ୍ରତୀତ ହେଲା । ଓଡ଼ିଶାର ଲୋକ ଆଧୁନିକ ଶିକ୍ଷା କ୍ଷେତ୍ରରେ ପଡ଼ୋଶୀ ବଙ୍ଗାଳି ଏବଂ ତେଲୁଗୁ ତଥା ମରାଠି ଲୋକ ତୁଳନାରେ ପଛୁଆ ହୋଇ ରହିଲେ । ଚାକିରି କ୍ଷେତ୍ରରେ ମଧ୍ୟ ତା'ର ପ୍ରଭାବ ଅନୁଭୂତ ହେଲା । ୧୮୨୧ରେ କଟକର ଜିଲ୍ଲା ମାଜିଷ୍ଟ୍ରେଟ ଲେଖିଥିଲେ "ମାସକୁ ଦଶ ଟଙ୍କା ବେତନ ପାଉଥିବା ଜଣେ ବି ଓଡ଼ିଆ ମିଳିବା କାଠକର । ସାଧାରଣତଃ ବଙ୍ଗାଳୀ ଓ ମୁସଲମାନ ହିଁ ଉଚ୍ଚ ପଦପଦବୀରେ ରହିଛନ୍ତି ।... ସାଧାରଣ ମୋହରିର କାମ ପାଇଁ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତାଧାରୀ ଜଣେ ଓଡ଼ିଆ ମିଳିବା କଷ୍ଟ ।"

ଓଡ଼ିଶାରେ ଆଶାନୁପାତିକ ଭାବେ ଆଧୁନିକ ଶିକ୍ଷାର ଅଭାବ ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । ଇଂରେଜମାନେ କଟକ ଦଖଲ କରିବାର ପ୍ରାୟ ଦୁଇ ଦଶନ୍ଧି ପରେ ୧୮୨୨ରେ ସେଠାରେ ରାଜ୍ୟର (ଏଠାରେ ଓଡ଼ିଶା ପାଇଁ ରାଜ୍ୟ ଶବ୍ଦର ବ୍ୟବହାର ସୁବିଧା ନିମନ୍ତେ ମାତ୍ର କରାଯାଇଛି ।) ପ୍ରଥମ ଆଧୁନିକ ଓ ଔପଚାରିକ ସ୍କୁଲର ସ୍ଥାପନା ହୋଇଥିଲା । ଏହାକୁ ବାପଟିଷ୍ଟ ଖ୍ରୀଷ୍ଟିଆନ ମିସନ ସ୍ଥାପନ କରିଥିଲେ । ଏଥିପାଇଁ କୌଣସି ସରକାରୀ ସାହାଯ୍ୟ ମିଳି ନଥିଲା । ଏହାର ଷାଠିଏ ବର୍ଷ ପରେ ମଧ୍ୟ ବଙ୍ଗ ଅନ୍ତର୍ଗତ ସମଗ୍ର ଓଡ଼ିଶା ଡିଭିଜନରେ ମାତ୍ର ଛଅଟି ହାଇସ୍କୁଲ ରହିଥିଲା ଏବଂ ତନ୍ମଧ୍ୟରୁ କେବଳ କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲା ସ୍କୁଲ ଥିଲା ସରକାରୀ ପ୍ରତିଷ୍ଠାନ । ଏହି ସମୟରେ ମଧ୍ୟ-ଇଂରାଜୀ ସ୍କୁଲର ମୋଟ ସଂଖ୍ୟା ଥିଲା ୨୩ ଏବଂ ଛାତ୍ର ସଂଖ୍ୟା ୧୪୦୦ ପ୍ରାୟ । ଓଡ଼ିଶାର ଅଧା ପ୍ରାୟ କ୍ଷେତ୍ର ଥିଲା ଗଡ଼ଜାତ ଅଧୀନରେ ଏବଂ ସେଠାରେ ବହୁଦିନ ଯାଏଁ ଗୋଟାଏ ବି ହାଇସ୍କୁଲ ସ୍ଥାପିତ ହୋଇ ନ ଥିଲା । ୧୮୬୮ରେ ପ୍ରଥମ କରି କଟକ ହାଇସ୍କୁଲରେ ପ୍ରଥମ ବର୍ଷର କଲେଜ ପାଠ ପଢ଼ାର ବ୍ୟବସ୍ଥା ହେଲା । ୧୮୬୯ରେ ସେଠାରେ ଆଇନ୍ ଅଧ୍ୟୟନ ଆରମ୍ଭ ହେଲା । ୧୮୭୫ରେ କଟକଠାରେ ମେଡ଼ିକାଲ ସ୍କୁଲ ପାଇଁ ମଞ୍ଜୁରି ମିଳିଲା । ଏଥିରୁ ଓଡ଼ିଶାରେ ଊନବିଂଶ ଶତାବ୍ଦୀରେ ଆଧୁନିକ ଶିକ୍ଷାର ସ୍ଥିତି କଥା ସ୍ପଷ୍ଟ ହୁଏ । ହୁଏତ ପାରମ୍ପରିକ ଶିକ୍ଷା କ୍ଷେତ୍ରରେ ଓଡ଼ିଶା ଲୋକ ବଞ୍ଚିତ ନ ଥିଲେ । ମାତ୍ର ସରକାରୀ କାର୍ଯ୍ୟାଳୟରେ ଏବଂ ବିଶେଷକରି କୋର୍ଟ କଚେରିରେ କେବଳ ପାରମ୍ପରିକ ଶିକ୍ଷାରେ ଶିକ୍ଷିତ ଲୋକଙ୍କୁ ନିଯୁକ୍ତି ଦିଆଯାଉ ନ ଥିଲା । ତେଣୁ ସରକାରୀ

ନିଯୁକ୍ତି କ୍ଷେତ୍ରରେ ସେମାନେ ପଛରେ ରହିଲେ। ଅନ୍ୟ ପକ୍ଷରେ, ଅଧସ୍ତନ କର୍ମଚାରୀ ଭାବରେ କାର୍ଯ୍ୟରତ ଅଣଓଡ଼ିଆ ଲୋକଙ୍କର ସ୍ଥାନୀୟ ଲୋକଙ୍କ ସମସ୍ୟା ପ୍ରତି ଦରଦ ରହିଲା ନାହିଁ। ସ୍ଥାନୀୟ ଲୋକ ଅଯଥା ହଇରାଣର ସମ୍ମୁଖୀନ ହେଲେ। ସମସ୍ତ ଓଡ଼ିଆ ଭାଷାଭାଷୀ କ୍ଷେତ୍ରର ଏକତ୍ରୀକରଣ ହୋଇପାରିଲେ, ଅର୍ଥାତ୍ ଗୋଟାଏ ପ୍ରେସିଡେନ୍ସିର ଶାସନାଧୀନ ହେଲେ, ଏହି ଦୁରବସ୍ଥା ଦୂର ହୋଇପାରିବ ବୋଲି ଲୋକ ଅନୁଭବ କଲେ।

## ନଅଙ୍କ ଦୁର୍ଭିକ୍ଷ :

୧୮୬୫-୬୬ ମସିହାରେ ସଂଘଟିତ ହୋଇଥିବା ନଅଙ୍କ ଦୁର୍ଭିକ୍ଷ ଓଡ଼ିଶାରେ ଜାତୀୟତାର ଉନ୍ମେଷକୁ ପ୍ରଖର କଲା। ଗଞ୍ଜାମ, ପୁରୀ, କଟକ ଓ ବାଲେଶ୍ୱର ଜିଲ୍ଲା ଏବଂ ତତ୍‌ସଂଲଗ୍ନ ଗଡ଼ଜାତ ମହଲରେ ଦୁର୍ଭିକ୍ଷର ଅଧିକ ପ୍ରଭାବ ଦେଖିବାକୁ ମିଳିଥିଲା। ସେତେବେଳେ ଉଦିଷ୍ଟ କ୍ଷେତ୍ରର ମୋଟ ଜନସଂଖ୍ୟା ଥିଲା ପ୍ରାୟ ୩୬ ଲକ୍ଷ ଏବଂ ତନ୍ମଧ୍ୟରୁ ଦଶ ଲକ୍ଷରୁ ଅଧିକ ଲୋକଙ୍କର ଦୁର୍ଭିକ୍ଷରେ ପ୍ରାଣହାନି ଘଟିଥିଲା ବୋଲି ଅନୁମାନ କରାଯାଏ। କେବଳ କଟକ ଜିଲ୍ଲାରେ ମୋଟ ୧୫ ଲକ୍ଷ ଜନସଂଖ୍ୟାରୁ ପ୍ରାୟ ଚାରି ଲକ୍ଷ ଲୋକ ଅନାହାରରେ ମୃତ୍ୟୁବରଣ କରିଥିଲେ ଏବଂ ୫୩ ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟକ ଲୋକ ଉଦ୍‌ବାସ୍ତୁ ହୋଇଥିଲେ। ମଣିଷ ତୁଳନାରେ ଢେର ଅଧିକ ସଂଖ୍ୟାରେ ଗୋରୁଗାଈ ଆଦି ଇତର ପ୍ରାଣୀଙ୍କର ମଧ୍ୟ ଦୁର୍ଭିକ୍ଷରେ ପ୍ରାଣହାନି ଘଟିଥିଲା।

ଦୁର୍ଭିକ୍ଷ ହେଲା ଏକ ପ୍ରାକୃତିକ ବିପର୍ଯ୍ୟୟ ଏବଂ ଅନାବୃଷ୍ଟି ଏବଂ ଖାଦ୍ୟର ଅଭାବ ହେଉଛି ତା'ର ପ୍ରମୁଖ କାରଣ। ମାତ୍ର ୧୮୬୫-୬୬ରେ ନଅଙ୍କ ଦୁର୍ଭିକ୍ଷ ସାଂଘାତିକ ରୂପ ନେବା ପଛରେ ଅନ୍ୟ ଏକ କାରଣ ହେଲା, ବିଦେଶୀ ସରକାରଙ୍କ ଉଦାସୀନତା ଏବଂ ଅଧସ୍ତନ କର୍ମଚାରୀଙ୍କ ସ୍ଥାନୀୟ ସମସ୍ୟା ପ୍ରତି ସମ୍ବେଦନଶୂନ୍ୟତା। ଅଣଓଡ଼ିଆ ବଙ୍ଗାଳି ଏବଂ ତେଲଗୁ ଲୋକ ସରକାରୀ କାର୍ଯ୍ୟାଳୟରେ ଚାକିରି କରୁଥିଲେ। ନୂଆ ଖଜଣା ନୀତି ଏବଂ ଜମିଦାରୀ ବ୍ୟବସ୍ଥା ଯୋଗୁଁ ଓଡ଼ିଶାରେ ବହୁ ସଂଖ୍ୟକ ଅଣଓଡ଼ିଆ ଲୋକ ନୂଆ ଜମିଦାର ରୂପରେ ସମୃଦ୍ଧିଲାଭ କରିଥିଲେ। ସମ୍ବେଦନଶୂନ୍ୟ ହୋଇ ସେମାନେ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଆସନ୍ନ ବିପର୍ଯ୍ୟୟ କଥା ଠିକ୍ ଭାବେ ଜଣାଇଲେ ନାହିଁ। ଫଳରେ ସମସ୍ୟା ଗୁରୁତର ହେଲା ଏବଂ ଓଡ଼ିଶାର ଲୋକ ପୋକମାଛି ଭଳି ମୃତ୍ୟୁବରଣ କଲେ। ଏହା ଓଡ଼ିଶାର ଶିକ୍ଷିତ ବୁଦ୍ଧିଜୀବୀ ଗୋଷ୍ଠୀ ବୁଝିପାରିଲେ। ଏମିତିରେ ସେତେବେଳେ ବୁଦ୍ଧିଜୀବୀ ଗୋଷ୍ଠୀ ଖୁବ୍ ସଂଖ୍ୟାନ୍ୟୂନ ଥିଲେ। କିନ୍ତୁ ସେମାନଙ୍କ ସମାଜମନସ୍କତା ଯୋଗୁଁ ଜନସାଧାରଣ ଏବଂ ସରକାର ମଧ୍ୟରେ ସେମାନଙ୍କୁ ପ୍ରତିନିଧିସ୍ଥାନୀୟ ମନେ କରାଗଲା। ଓଡ଼ିଶାବାସୀଙ୍କ ମନରେ ଏକତାଭାବ ସୃଷ୍ଟି ହେଲେ, ସେମାନଙ୍କ ପ୍ରତି ଅନ୍ୟମାନେ ହତାଦର କରିବେ ନାହିଁ ଏବଂ ସେମାନଙ୍କ ନ୍ୟାଯ୍ୟ ଦାବିକୁ କର୍ତ୍ତୃପକ୍ଷ ମହତ୍ତ୍ୱ ଦେବେ ବୋଲି ମତ ପ୍ରକାଶ ପାଇଲା।

## ଜାତୀୟତାବାଦୀ ବୁଦ୍ଧିଜୀବୀ :

ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଶିକ୍ଷିତ ବୁଦ୍ଧିଜୀବୀ ଗୋଷ୍ଠୀର ସାମାଜିକ ଦାୟିତ୍ୱକୁ ସାଧାରଣତଃ କେହି ସନ୍ଦେହ କରନ୍ତି ନାହିଁ। ସମସ୍ତେ ନ ହେଲେ ବି ଅନେକ ଆଧୁନିକ ଶିକ୍ଷିତ ବ୍ୟକ୍ତି ଜାତୀୟବାଦୀ ଚେତନାରେ ଉଦ୍‌ବୁଦ୍ଧ ହୋଇଥିଲେ ଏବଂ ସମାଜ ଚିନ୍ତାରେ ମନଯୋଗ ଦେଉଥିଲେ। ସେମାନଙ୍କୁ ଜାତୀୟତାବାଦୀ ବୁଦ୍ଧିଜୀବୀ (Nationalist intelligentsia) କୁହାଯାଏ। ସେମାନେ ପ୍ରାଚ୍ୟ ବା ପାଶ୍ଚାତ୍ୟ ସଂସ୍କୃତିର ଅହେତୁକ ଅନୁକରଣ

କିମ୍ବା ଅହେତୁକ ସମାଲୋଚନାରୁ ଊର୍ଦ୍ଧ୍ୱରେ ରହି ହେତୁବାଦ ଆଧାରରେ ସ୍ୱ ସମାଜର ହିତ ଲାଗି ଚିନ୍ତା କରୁଥିଲେ। ଓଡ଼ିଆ ଆନ୍ଦୋଳନରେ ସେମାନଙ୍କ ଭୂମିକା ଖୁବ୍ ମହତ୍ତ୍ୱପୂର୍ଣ୍ଣ।

ଫକୀର ମୋହନ ସେନାପତି ଓ ଗୋପାଳ ଚନ୍ଦ୍ର ପ୍ରହରାଜ ଥିଲେ ଏହି ଧରଣର ଦୁଇ ଜଣ ଜାତୀୟତାବାଦୀ ବୁଦ୍ଧିଜୀବୀ। ଫକୀରମୋହନ 'ଛ ମାଣ ଆଠ ଗୁଣ୍ଠ' ତଥା ଆହୁରି ଅନେକ ଉପନ୍ୟାସ ଓ ଗଳ୍ପର ଲେଖକ ଭାବରେ ଖୁବ୍ ପରିଚିତ। ଗୋପାଳଚନ୍ଦ୍ର 'ଭାଗବତ ଟୁଙ୍ଗୀରେ ସନ୍ଧ୍ୟା' ଆଦି ଉପନ୍ୟାସ ଓ 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ'ର ପ୍ରଣେତା ଭାବରେ ପ୍ରସିଦ୍ଧ। ଉଭୟଙ୍କ ସାହିତ୍ୟରେ ସମାଜ ଚିନ୍ତା ବେଶ ସୁସ୍ପଷ୍ଟ। ବୁଦ୍ଧିଜୀବୀର ଦାୟିତ୍ୱ ସମ୍ପର୍କରେ ମଧ୍ୟ ଉଭୟ ରଚନାକାର ଅନେକ କଥା ଉଲ୍ଲେଖ କରିଛନ୍ତି। 'ନଅଙ୍କ ଦୁର୍ଭିକ୍ଷ'ର ଜଣେ ପ୍ରତ୍ୟକ୍ଷଦର୍ଶୀ ରୂପେ ଫକୀରମୋହନ ଅଣଓଡ଼ିଆ ଅମଲା, ସିରସ୍ତାଦାର ଆଦି ସରକାରଙ୍କୁ ଭୁଲ ତଥ୍ୟ ଦେଇଥିବାରୁ ଦୁର୍ଭିକ୍ଷର ପରିଣାମ ଭୟାବହ ହେଲା ବୋଲି ଦର୍ଶାଇଛନ୍ତି। ଏହାର ଅର୍ଥ ହେଲା, ଓଡ଼ିଶା ଲୋକ ଶିକ୍ଷିତ ହୋଇ ପ୍ରଶାସନିକ କାମରେ ନିଯୁକ୍ତ ହେଲେ ଭବିଷ୍ୟତରେ ଏଭଳି ସମସ୍ୟା ଉପୁଜିବ ନାହିଁ। ଗୋପାଳଚନ୍ଦ୍ର ପ୍ରହରାଜ ୧୮୯୦ ଦଶକରେ ଲିଖିତ ତାଙ୍କ ଉପନ୍ୟାସ 'ଭାଗବତ ଟୁଙ୍ଗୀରେ ସନ୍ଧ୍ୟା'ରେ ସାମାଜିକ ଓ ଜାତୀୟ ଉନ୍ନତି ଶିକ୍ଷିତ ବୁଦ୍ଧିଜୀବୀର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ବୋଲି ଉଲ୍ଲେଖ କରିଛନ୍ତି।

**ଶିକ୍ଷା :**

ଜାତୀୟ ଚେତନା ପାଇଁ ସେତେବେଳେ ବୁଦ୍ଧିଜୀବୀବର୍ଗ ଶିକ୍ଷା ଉପରେ ଖୁବ୍ ମହତ୍ତ୍ୱ ଦେଇଥିଲେ। ଫକୀର ମୋହନ, ମଧୁସୂଦନ ରାଓ, ରାଧାନାଥ ରାୟ ଓ ପ୍ୟାରୀମୋହନ ଆଚାର୍ଯ୍ୟ ଆଦି ଶିକ୍ଷାଦାନକୁ ବୃତ୍ତି ରୂପେ ଗ୍ରହଣ କରିଥିଲେ। ଏପରିକି ଓଡ଼ିଆ ଆନ୍ଦୋଳନର ପ୍ରମୁଖ ସୂତ୍ରଧର ମଧୁସୂଦନ ଦାସ ଉପାଧି ଶିକ୍ଷା ପାଇଁ କଲିକତା ଯିବା ପୂର୍ବରୁ ଦୁଇବର୍ଷ କାଳ (୧୮୬୪ ରୁ ୧୮୬୬) ବାଲେଶ୍ୱରରେ ଶିକ୍ଷକତା କରିଥିଲେ। କଲିକତା ରହଣି କାଳରେ ମଧ୍ୟ ସେ ଦରିଦ୍ର ପ୍ରବାସୀ ଓଡ଼ିଆମାନଙ୍କ ଶିକ୍ଷାପାଇଁ ନିଜ ଉଦ୍ୟମରେ ଖିଦିରପୁରଠାରେ ରାତ୍ରି ସ୍କୁଲ ଆରମ୍ଭ କରିଥିଲେ। ସମାଜ ଗଠନରେ ଶିକ୍ଷାର ମହତ୍ତ୍ୱକୁ ଦର୍ଶାଇବାକୁ ଯାଇ ସ୍ୱଭାବ କବି ଗଙ୍ଗାଧର ମେହେର ଶିକ୍ଷିତ ବ୍ୟକ୍ତି ହିଁ 'ମନୁଷ୍ୟ ପଦବାଚ୍ୟ' ବୋଲି ଯୁକ୍ତି ଦର୍ଶାଇଥିଲେ। ସେମାନେ ଶିକ୍ଷାର ପ୍ରସାର ନିମନ୍ତେ ଉଦ୍ୟମ କରିବାକୁ ଗଡ଼ଜାତ ରାଜା-ଜମିଦାରମାନଙ୍କୁ ପ୍ରୋତ୍ସାହିତ ମଧ୍ୟ କରୁଥିଲେ। ଏହାର ଫଳସ୍ୱରୂପ, ବାମଣ୍ଡା, ଢେଙ୍କାନାଳ ଓ ମୟୂରଭଞ୍ଜ ଆଦି ଗଡ଼ଜାତରେ ହାଇସ୍କୁଲମାନ ସ୍ଥାପିତ ହେଲା। କଟକଠାରେ କଲେଜ ଓ ମେଡ଼ିକାଲ ସ୍କୁଲ ସ୍ଥାପନ ବେଳେ ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

ଟୋଲ ଓ ଚାଟଶାଳିର ଅନୌପଚାରିକ ଶିକ୍ଷା ବଦଳରେ ବିଜ୍ଞାନ, ଗଣିତ, ସାମାଜିକ ଶିକ୍ଷା ଏବଂ ମାତୃଭାଷା ଶିକ୍ଷା ଉପରେ ବୁଦ୍ଧିଜୀବୀ ବର୍ଗ ଅଧିକ ମହତ୍ତ୍ୱ ଦେଉଥିଲେ। 'ଉତ୍କଳ ଭ୍ରମଣ' (୧୮୯୨) ପୁସ୍ତକରେ ଫକୀର ମୋହନ ଖେଦୋକ୍ତି ପ୍ରକାଶ କରି କହିଥିଲେ 'ବାବୁମାନେ' ଶିକ୍ଷାରେ 'ଲଜିକ' ଏବଂ 'ସାଇନ୍ସ'କୁ ଆବଶ୍ୟକୀୟ ମହତ୍ତ୍ୱ ଦେଉ ନାହାନ୍ତି। ଏହି ପରିପ୍ରେକ୍ଷୀରେ ଗଙ୍ଗାଧର ମେହେରଙ୍କ ଉକ୍ତି 'ମାତୃଭୂମି ମାତୃଭାଷାର ମମତା ଯା ହୃଦେ ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ ?' ପ୍ରଣିଧାନଯୋଗ୍ୟ।

ଫକୀର ମୋହନଙ୍କ ମତରେ ମାତୃଭାଷାର ଉନ୍ନତି ବିନା କୌଣସି ଜାତି କିମ୍ବା ବ୍ୟକ୍ତିର ଉନ୍ନତି ସମ୍ଭବ ନୁହେଁ। ଜାତୀୟତାବାଦୀ ବୁଦ୍ଧିଜୀବୀ ବର୍ଗ ଇଂରାଜୀ ଶିକ୍ଷାର ବିରୋଧ କରୁ ନ ଥିଲେ। ସେମାନେ କେବଳ ମାତୃଭାଷା ଶିକ୍ଷାକୁ ଉପେକ୍ଷା କରାଯିବା କଥା ନୁହେଁ ବୋଲି ଯୁକ୍ତି କରୁଥିଲେ।

ମାତୃଭାଷା ଶିକ୍ଷା ପରି ନାରୀଶିକ୍ଷାକୁ ମଧ୍ୟ ଓଡ଼ିଆ ଆନ୍ଦୋଳନ ମହତ୍ତ୍ୱ ଦେଇଥିଲା। ଫକୀରମୋହନଙ୍କ 'ରେବତୀ' ଗଳ୍ପରେ ନୂଆ ପିଢ଼ିର ଝିଅ ମନରେ ଶିକ୍ଷା ପାଇଁ ଥିବା ସ୍ୱାଭାବିକ ଆଗ୍ରହକୁ ଦର୍ଶା ଯାଇଥିଲା। ୧୯୦୮ରେ ମଧୁସୂଦନ ଦାସ ନିଜ ପ୍ରଚେଷ୍ଟାରେ କଟକଠାରେ ଏକ କନ୍ୟା ବିଦ୍ୟାଳୟ ସ୍ଥାପନ କରିଥିଲେ। ସ୍କୁଲ ପରିଚାଳନା ସମ୍ବନ୍ଧରେ ପ୍ରଶିକ୍ଷଣ ଲାଗି ସେ ତାଙ୍କ ପାଳିତା କନ୍ୟାଙ୍କୁ ଇଂଲଣ୍ଡ ମଧ୍ୟ ପଠାଇଥିଲେ। ନାରୀ ଶିକ୍ଷା ବିନା ନାରୀ ଜାଗରଣ ଅସମ୍ଭବ ଏବଂ ନାରୀ ଜାଗୃତି ବିନା ଜାତୀୟ ଆନ୍ଦୋଳନ ଅସମ୍ପୂର୍ଣ୍ଣ ବୋଲି ବୁଦ୍ଧିଜୀବୀ ବର୍ଗ ଭଲଭାବେ ଅନୁଭବ କରିଥିଲେ।

## ପତ୍ରପତ୍ରିକା :

ଜାତୀୟତାର ଉନ୍ମେଷ କାଳରେ ପତ୍ରପତ୍ରିକାର ପ୍ରକାଶନକୁ ଖୁବ୍ ମହତ୍ତ୍ୱ ଦିଆଯାଇଥିଲା। ପତ୍ର-ପତ୍ରିକାକୁ ସରକାର ଏବଂ ସ୍ଥାନୀୟ ଲୋକସମାଜ ମଧ୍ୟରେ ଯୋଗାଯୋଗର ଏକ ପ୍ରମୁଖ ମାଧ୍ୟମ ମନେ କରାଯାଉଥିଲା। ପତ୍ର ପତ୍ରିକା ମାଧ୍ୟମରେ ସରକାର ସାମାଜିକ ବାସ୍ତବିକତାକୁ ଜାଣିପାରନ୍ତି ଏବଂ ପ୍ରତିକାର ନିମନ୍ତେ ଯଥୋଚିତ ପଦକ୍ଷେପ ନିଅନ୍ତି। ଅସଲରେ ଜାତୀୟତାର ଏହି ଉନ୍ମେଷ କାଳରେ ବୁଦ୍ଧିଜୀବୀ ବର୍ଗ ଇଂରେଜ ସରକାରଙ୍କ ଉଦ୍ଦେଶ୍ୟ ମହନୀୟ ବୋଲି ମନେ କରୁଥିଲେ। ପୁଣି, ଦମନ ଭୟରେ ସେମାନେ ସରକାରର ସିଧାସିଧା ସମାଲୋଚନା କରିବାକୁ ମଧ୍ୟ ସାହସ କରୁ ନ ଥିଲେ। ବରଂ ସରକାରଙ୍କ ସହାୟତାରେ ଓଡ଼ିଆ ଆନ୍ଦୋଳନର ସଫଳତା ଦେଖୁଥିଲେ। ପତ୍ର-ପତ୍ରିକାମାନ ଓଡ଼ିଆରେ ପ୍ରକାଶିତ ହେଲେ ସରକାର ଏବଂ ଜନସାଧାରଣଙ୍କ ମଧ୍ୟରେ ଯୋଗାଯୋଗ ସ୍ଥାପିତ ହେବା ସାଙ୍ଗକୁ ବୁଦ୍ଧିଜୀବୀଙ୍କ ଅଭିବ୍ୟକ୍ତି ପାଇଁ ମଧ୍ୟ ମଞ୍ଚ ମିଳିବ ବୋଲି ମନେ କରାଯାଉଥିଲା।

ନଅଙ୍କ ଦୁର୍ଭିକ୍ଷ ସମୟରେ ୧୮୬୫ରେ ଗୌରୀ ଶଙ୍କର ରାୟ ଓ ବିଚିତ୍ରାନନ୍ଦ ଦାସଙ୍କ ଉଦ୍ୟମରେ କଟକରୁ 'ଉତ୍କଳ ଦୀପିକା' ନାମରେ ଏକ ସାପ୍ତାହିକ ପତ୍ରିକାର ପ୍ରଥମ ସଂଖ୍ୟା ପ୍ରକାଶିତ ହେଲା। ୧୮୬୬ରୁ ଏହା ଅନେକ ବର୍ଷ ଧରି ନିୟମିତ ରୂପେ ପ୍ରକାଶ ପାଇଲା ଏବଂ ଓଡ଼ିଶା ଆନ୍ଦୋଳନର ମୁଖପତ୍ର ଭଳି କାମ କଲା। ୧୮୬୮ରେ ଫକୀରମୋହନ ଏବଂ ଗୋବିନ୍ଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବାଲେଶ୍ୱରରୁ 'ସମ୍ବାଦ ବାହିକା' ପ୍ରକାଶିତ ହେଲା। ପ୍ୟାରୀମୋହନ 'ଉତ୍କଳ ପୁତ୍ର' (୧୮୭୩) ଓ ଚତୁର୍ଭୁଜ ପଟ୍ଟନାୟକ 'ସଂସ୍କାରକ' (୧୮୮୩) ପତ୍ରିକା ସମ୍ପାଦନା କଲେ। ୧୮୭୧ରେ ଓଡ଼ିଆ ପତ୍ରପତ୍ରିକାର ମୋଟ ସଂଖ୍ୟା ଥିଲା ଚାରି; ୧୮୭୯ରେ ହେଲା ୧୯ ଏବଂ ୧୯୦୦ ବେଳକୁ ଏହି ସଂଖ୍ୟା ଯାଇ ପହଞ୍ଚିଲା ୩୪ରେ। ଏହି ସମସ୍ତ ପତ୍ରପତ୍ରିକାର ପ୍ରକାଶନ ଓ ସମ୍ପାଦନା ମୂଳରେ ଥିଲେ ବୁଦ୍ଧିଜୀବୀ ବର୍ଗ। କୌଣସି ବ୍ୟବସାୟିକ ଲାଭ ଆଶାରେ ସେମାନେ ପତ୍ରପତ୍ରିକାର ପ୍ରକାଶନ କରୁ ନ ଥିଲେ। ସାମ୍ବାଦିକତା ସେମାନଙ୍କ ବୃତ୍ତି ନ ଥିଲା। ଜାତୀୟତାର ଉନ୍ମେଷରେ ପତ୍ର ପତ୍ରିକାର ଭୂମିକାକୁ ସେମାନେ ଉପଲବ୍ଧି କରିଥିଲେ ଏବଂ ସେଥିପାଇଁ ସମାଜ କାମ ରୂପେ ତାକୁ ନିର୍ବାହ କରୁଥିଲେ।

ଊନବିଂଶ ଶତାବ୍ଦୀର ଶେଷ ଭାଗରେ ପ୍ରାୟ ସମସ୍ତ ପ୍ରମୁଖ ଜାତୀୟତାବାଦୀ ନେତୃବୃନ୍ଦ ପତ୍ରିକା ପ୍ରକାଶନ ସହ ପ୍ରତ୍ୟକ୍ଷ ବା ପରୋକ୍ଷ ରୂପରେ ସଂଶ୍ଳିଷ୍ଟ ଥିଲେ । ଗୌରୀଶଙ୍କର ରାୟ, ଫକୀର ମୋହନ, ପ୍ୟାରୀମୋହନ ଆଚାର୍ଯ୍ୟ ଏବଂ ବିଶ୍ୱନାଥ କର ନିଜେ ପତ୍ରିକା ପ୍ରକାଶନ ଓ ସମ୍ପାଦନା କରୁଥିଲେ । ମଧୁସୂଦନ ଦାସ 'ଦି ଓରିଆ' ଏବଂ 'ଷ୍ଟାର ଅଫ୍ ଉତ୍କଳ'ର ପ୍ରକାଶନ ସହ ସମ୍ପୃକ୍ତ ଥିଲେ । ବିଂଶ ଶତାବ୍ଦୀର ଆରମ୍ଭରେ ମଧ୍ୟ ଏହି ଧାରା ଅବ୍ୟାହତ ରହିଲା । ଗୋପବନ୍ଧୁ ଦାସ 'ଆଶା', 'ମୁକୁର'ର ପ୍ରକାଶନ ସହ ପରୋକ୍ଷ ଭାବରେ ଏବଂ 'ସତ୍ୟବାଦୀ' ଓ 'ସମାଜ'ର ପ୍ରକାଶନ ଓ ସମ୍ପାଦନା ସହ ପ୍ରତ୍ୟକ୍ଷ ଭାବରେ ସଂଶ୍ଳିଷ୍ଟ ଥିଲେ ।

ଜାତୀୟତାର ଜନ୍ମ ଲଗ୍ନରେ ଓଡ଼ିଆ ଭାଷା ଓ ସାହିତ୍ୟ ମଧ୍ୟ ଆଧୁନିକ ହେଲା । ଦୁର୍ଭିକ୍ଷ ପରବର୍ତ୍ତୀ ସମୟରେ ଜାତି, ଧର୍ମ ନାମରେ ଦୁର୍ଭିକ୍ଷ ପ୍ରପୀଡ଼ିତଙ୍କୁ ଲାଞ୍ଛନା ଦିଆଯାଉଥିଲା, ଯାହାକୁ ଜାତୀୟତାବାଦୀ ବୁଦ୍ଧିଜୀବୀ ବର୍ଗ ଅସହ୍ୟ ମନେକଲେ । ସେମାନେ ହେତୁବାଦିତାର ଆଧାରରେ ସାମାଜିକ ସମସ୍ୟା ଗୁଡ଼ିକୁ ବିଶ୍ଳେଷଣ କଲେ ଏବଂ ତା' ପାଇଁ ଭାଷା-ସାହିତ୍ୟକୁ ମାଧ୍ୟମ କଲେ । ଏହି କାରଣରୁ ଊନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧ ହେଲା ରୁଢ଼ିବାଦିତା ଓ ସାମନ୍ତବାଦୀ ଶୃଙ୍ଖଳରୁ ମୁକ୍ତ ହୋଇ ଆଧୁନିକ ସାହିତ୍ୟର ବିକଶିତ ହେବାର କାଳ । ପ୍ରଥମ କରି ଏହି ସମୟରେ ଓଡ଼ିଆରେ ଗଳ୍ପ-ଉପନ୍ୟାସ ଲେଖା ହେଲା; କାବ୍ୟ କବିତାର ପରିଧି ବିସ୍ତାରିତ ହେଲା । ଯଦିବା ଆଗଭଳି ପୌରାଣିକ କାବ୍ୟ ମଧ୍ୟ ଲେଖାଗଲା, ତହିଁରେ ଆଧୁନିକ ମୂଲ୍ୟବୋଧ ଗୁଡ଼ିକୁ, ଯେମିତି ହେତୁବାଦିତା, ତର୍କବୋଧ, ମାନବତାବାଦ ଓ ବ୍ୟକ୍ତିବାଦ ଆଦିକୁ ପ୍ରାଧାନ୍ୟ ଦିଆଗଲା । ଉଦାହରଣ ସ୍ୱରୂପ, ଗଙ୍ଗାଧର ମେହେରଙ୍କ 'ତପସ୍ୱିନୀ' ଏକ ପୌରାଣିକ କାବ୍ୟ । ମହାକାବ୍ୟ 'ରାମାୟଣ'ର ସୀତା ତହିଁରେ ନାୟିକା । ମାତ୍ର ଆଧୁନିକ ଗଣତାନ୍ତ୍ରିକ ବିଚାରରେ ପ୍ରଭାବିତ କବି ତହିଁରେ ସୀତାଙ୍କ ମୁହଁରେ ଗାଇଛନ୍ତି:

"ମିଥ୍ୟାକଥା ଯେବେ ପ୍ରଜାଏ କହିବେ ମେଳି ହୋଇ ଶତ ଶତ
ମିଥ୍ୟା ଜାଣି ଜାଣି ତାଙ୍କୁ ମାନି ମାନି ବୋଲାଯାଏ ସତ ସତ ।"

ଅର୍ଥାତ୍ ରାଜା ସର୍ବଦା ସଂଖ୍ୟାଗରିଷ୍ଠ ଜନନିଷ୍ପତ୍ତିକୁ ଗ୍ରହଣ କରିନେବା ଉଚିତ । ପୌରାଣିକତା କବିଙ୍କର ଆଧୁନିକ ବିଚାରକୁ ଅଭିବ୍ୟକ୍ତ କରିବା ଲାଗି ଏକ ମାଧ୍ୟମ ମାତ୍ର । ରାଧାନାଥ ରାୟଙ୍କ 'ମହାଭାରତ' ଆଧାରିତ 'ମହାଯାତ୍ରା' କାବ୍ୟରେ ମଧ୍ୟ ଆନ୍ତରିକ ଦୁର୍ବଳତା ଓ ସାମାଜିକ କୁସଂସ୍କାରକୁ ସ୍ୱାଧୀନତାର ପରିପନ୍ଥୀ ବୋଲି ବର୍ଣ୍ଣନା କରାଯାଇଛି । ଏହା କବିଙ୍କ ଜାତୀୟବାଦୀ ବିଚାରକୁ ସୁସ୍ପଷ୍ଟ କରେ ।

ମୋଟ କଥା ହେଲା, ଜାତୀୟତାବାଦୀ ବୁଦ୍ଧିଜୀବୀ ବର୍ଗ ଥିଲେ ଓଡ଼ିଆ ଭାଷା ଅସ୍ମିତା ଆନ୍ଦୋଳନର ପ୍ରମୁଖ ପୁରୋଧା । ଏହି ବର୍ଗର କେତେଜଣ ପ୍ରଧାନ ସ୍ରଷ୍ଟାଙ୍କ ମଧ୍ୟରେ ଥିଲେ, ଫକୀର ମୋହନ, ରାଧାନାଥ ରାୟ, ମଧୁସୂଦନ ରାଓ, ମଧୁସୂଦନ ଦାସ ଏବଂ ଗଙ୍ଗାଧର ମେହେର । ସେମାନଙ୍କର ଆଧୁନିକ ଶିକ୍ଷା ଓ ବିଶ୍ୱସାହିତ୍ୟ ସହ ପରିଚୟ ଘଟିଲା । ତାହାରି ପ୍ରଭାବରେ ସେମାନଙ୍କ ଦୃଷ୍ଟିଭଙ୍ଗୀ ବିସ୍ତାରିତ ହେଲା; ସର୍ଜନାର ପ୍ରସଙ୍ଗ ବଦଳିଲା । ବିଶ୍ୱ ଭାଷା ଓ ସାହିତ୍ୟର ମାନଦଣ୍ଡରେ ସେମାନେ ଓଡ଼ିଆ ଭାଷା-ସାହିତ୍ୟକୁ ନୂଆ ରଙ୍ଗ ରୂପ ଦେଲେ । ଫଳରେ, ସୃଷ୍ଟିଶୀଳତା ହେଲା ଓଡ଼ିଆ ଆନ୍ଦୋଳନର ଏକ ପ୍ରମୁଖ ବୈଶିଷ୍ଟ୍ୟ ।

୧୮୭୨ରେ ପ୍ରକାଶିତ ଏକ ବଙ୍ଗଳା ପୁସ୍ତିକା, 'ଓଡ଼ିଆ ଏକଟି ସ୍ୱତନ୍ତ୍ର ଭାଷା ନୟ' ଥିଲା ଭାଷା ଆନ୍ଦୋଳନର ଏକ ମୁଖ୍ୟ କାରଣ । ବାଲେଶ୍ୱରରେ କାର୍ଯ୍ୟରତ ଥିବା ଜଣେ ବଙ୍ଗାଳି ଶିକ୍ଷକ କାନ୍ତିଚନ୍ଦ୍ର ବନ୍ଦୋପାଧ୍ୟାୟ ଥିଲେ ଏହି ପୁସ୍ତିକାର ଲେଖକ । ତାଙ୍କର ପୁସ୍ତିକାର ଯୁକ୍ତି ଯେ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ । ଏହା ବଙ୍ଗଳାର ଏକ ଉପଭାଷା । ଓଡ଼ିଶାରେ କାର୍ଯ୍ୟ କରୁଥିବା ଅନ୍ୟ ବଙ୍ଗୀୟ ସରକାରୀ କର୍ମଚାରୀ ଏବଂ ବୁଦ୍ଧିଜୀବୀମାନେ ଏହି ଯୁକ୍ତିର ସମର୍ଥନ କରୁଥିଲେ । ବଙ୍ଗଳା ଯେହେତୁ ଏକ ଉନ୍ନତ ଭାଷା, ଓଡ଼ିଆ ତା'ର ଉପଭାଷା ହୋଇ ବିକଶିତ ହୋଇପାରିବ ବୋଲି ସେମାନେ କହୁଥିଲେ । ଅର୍ଥାତ୍ ଏକ ଆଧୁନିକ ଭାଷା-ସାହିତ୍ୟ ରୂପରେ ଓଡ଼ିଆର ଯେତେବେଳେ ସମୃଦ୍ଧ ହେବାର ସମୟ, ସେତେବେଳେ ତାକୁ ଉପଭାଷା କରି ନଷ୍ଟ କରିଦେବା ଲାଗି ଚକ୍ରାନ୍ତ ହେଲା । ଓଡ଼ିଶାର ବୁଦ୍ଧିଜୀବୀ ବର୍ଗ ଏହା ବୁଝିପାରିବାରୁ ଆନ୍ଦୋଳନ ତ୍ୱରାନ୍ୱିତ ହେଲା । ଏହି ସଙ୍କଟ ତେଲୁଗୁ ଅଧ୍ୟୁଷିତ ଦକ୍ଷିଣ ଓଡ଼ିଶାରେ ଏବଂ ହିନ୍ଦୀ ଅଧ୍ୟୁଷିତ ପଶ୍ଚିମ ଓଡ଼ିଶାରେ ମଧ୍ୟ ଦେଖାଗଲା । ଫଳରେ ସମଗ୍ର ଓଡ଼ିଶାରେ ଅସ୍ମିତାର ଆନ୍ଦୋଳନ ତୀବ୍ରତର ହେଲା ।

ପଶ୍ଚିମ ଓଡ଼ିଶାର ଗଡ଼ଜାତ ଓ ଅନ୍ୟାନ୍ୟ ଅଞ୍ଚଳର କେନ୍ଦ୍ର ଥିଲା ସମ୍ବଲପୁର । ସେହି ଆଧାରରେ ପଶ୍ଚିମ ଓଡ଼ିଶାକୁ ସମ୍ବଲପୁର ଅଞ୍ଚଳ ବା ସମ୍ବଲପୁର ବୋଲି କୁହାଯାଉଥିଲା । ସମ୍ବଲପୁର କେନ୍ଦ୍ର ପ୍ରଦେଶ ଅର୍ନ୍ତଭୁକ୍ତ ଥିଲା । ୧୮୬୨ରୁ ସେଠାରେ ସରକାରୀ ସ୍ତରରେ ଓଡ଼ିଆ ଭାଷାର ପ୍ରଚଳନ କରାଗଲା । କିନ୍ତୁ କେନ୍ଦ୍ର ପ୍ରଦେଶର ଅବଶିଷ୍ଟ ଅଂଶରେ ହିନ୍ଦୀର ପ୍ରଚଳନ ଯୋଗୁଁ ସରକାର ପ୍ରଶାସନିକ ଅସୁବିଧାର ସମ୍ମୁଖୀନ ହେଲେ । ଓଡ଼ିଆ ଜାଣିଥିବା କର୍ମଚାରୀଙ୍କ ଯଥେଷ୍ଟ ଅଭାବ ଅନୁଭୂତ ହେଲା । ଫଳରେ ୧୮୯୫ରେ ପୁଣି ଥରେ ସେଠାରେ ଓଡ଼ିଆ ସ୍ଥାନରେ ହିନ୍ଦୀ ସରକାରୀ ଭାଷା ହେବ ବୋଲି ନିର୍ଦ୍ଦେଶନାମା ଜାରି ହେଲା । ସ୍କୁଲରେ ତୃତୀୟ ଶ୍ରେଣୀରୁ ହିନ୍ଦୀକୁ ବାଧ୍ୟତାମୂଳକ ବିଷୟ କରିବା ଲାଗି ପ୍ରସ୍ତାବ ରହିଲା । ୧୮୯୬ରୁ ପ୍ରସ୍ତାବକୁ କାର୍ଯ୍ୟକାରୀ କରାଗଲା ।

ସରକାରୀ ଆଦେଶନାମାର ପ୍ରତ୍ୟାହାର, ହିନ୍ଦୀ ସ୍ଥାନରେ ଓଡ଼ିଆର ପୁର୍ନପ୍ରଚଳନ ଏବଂ ସମ୍ବଲପୁରକୁ ବଙ୍ଗ ପ୍ରେସିଡେନ୍ସିର ଓଡ଼ିଶା ଡିଭିଜନ ସହ ମିଶ୍ରଣ ଦାବି କରି ସମ୍ବଲପୁରରେ ଆନ୍ଦୋଳନ ଆରମ୍ଭ ହେଲା । ଏହାର ପ୍ରମୁଖ ନେତା ଥିଲେ ଚନ୍ଦ୍ରଶେଖର ବେହେରା ଏବଂ ବୈକୁଣ୍ଠନାଥ ପୂଜାରୀ । ଦାବି ହାସଲ ପାଇଁ ସରକାରଙ୍କ ପାଖକୁ ସ୍ମାରକପତ୍ର ପ୍ରେରଣ କରାଗଲା । ସିମଲାରେ ବଡ଼ଲାଟକୁ ଭେଟିବା ଲାଗି 'ଡେଲିଗେସନ' ପଠାଗଲା ତଥା ଲୋକ ସମର୍ଥନ ପାଇଁ ପ୍ରଚାରପତ୍ର ବଣ୍ଟାଗଲା । ଏସବୁ ଥିଲା ଜାତୀୟତା ନରମପନ୍ଥୀ ଆନ୍ଦୋଳନର ପନ୍ଥା । ୧୯୦୧ରେ ସରକାର ଦାବି ସ୍ୱୀକାର କଲେ ଏବଂ ସମ୍ବଲପୁରରେ ଓଡ଼ିଆର ପୁନଃ ପ୍ରଚଳନ ହେବ ବୋଲି ନିର୍ଦ୍ଦେଶନାମା ଜାରି କଲେ । ୧୯୦୩ରୁ ଏହା କାର୍ଯ୍ୟକାରୀ ହେଲା । ୧୯୦୫ରେ ସମ୍ବଲପୁରକୁ ଓଡ଼ିଶା ଡିଭିଜନ ସହ ମିଶ୍ରଣ କରାଗଲା । ଏହାକୁ ଭାଷା ଆନ୍ଦୋଳନର ଏକ ବଡ଼ ସଫଳତା ବୋଲି ମନେ କରାଯାଏ ।

ଦକ୍ଷିଣ ଓଡ଼ିଶାକୁ ମଧ୍ୟ ଏହି ସମୟରେ ଭାଷା ଆନ୍ଦୋଳନ ସମ୍ପ୍ରସାରିତ ହେଲା । ଗଞ୍ଜାମରୁ ପ୍ରକାଶିତ 'ସ୍ୱଦେଶୀ' (୧୮୭୫) ଏବଂ ପାରଳାଖେମୁଣ୍ଡିରୁ ପ୍ରକାଶିତ 'ଗଞ୍ଜାମ ହିତବାଦିନୀ' (୧୮୯୯) ପତ୍ରିକା ଆନ୍ଦୋଳନକୁ ପ୍ରତିନିଧିତ୍ୱ ଦେଇଥିଲେ । ୧୮୮୧ରେ ଭାଷା ସୁରକ୍ଷା ଲାଗି 'ଉତ୍କଳ ହିତବାଦିନୀ ସଭା' ଗଠିତ ହୋଇଥିଲା । ୧୮୯୦ ଦଶକରେ ଗଞ୍ଜାମର ସ୍କୁଲମାନଙ୍କରେ ଓଡ଼ିଆ ଶିକ୍ଷାର ବ୍ୟବସ୍ଥା ହେଲା । ମାତ୍ର ଗଞ୍ଜାମ

ଜାତୀୟସମିତିର ପ୍ରବଳ ଦାବି ସତ୍ତ୍ୱେ ଦକ୍ଷିଣ ଓଡ଼ିଶାକୁ ଓଡ଼ିଶା ଡିଭିଜନରେ ମିଶ୍ରଣ କରାଗଲା ନାହିଁ । ୧୯୩୬ରେ ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବା ଯାଏଁ ଏହା ମାଡ୍ରାସ ପ୍ରେସିଡେନ୍ସିର ଅଂଶ ହୋଇ ରହିଥିଲା ।

୧୮୮୦ ଦଶକ ଆଡ଼କୁ ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ସାମାଜିକ ଏବଂ ରାଜନୈତିକ ଅନୁଷ୍ଠାନ ଗୁଡ଼ିକର ସ୍ଥାପନା ହେଲା । ବାଲେଶ୍ୱରର 'ନେଶନାଲ ସୋସାଇଟି' (୧୮୭୮), ପାରଳାଖେମୁଣ୍ଡିର 'ଉତ୍କଳ ହିତୈଷିଣୀ ସଭା' (୧୮୮୧) ଓ କଟକର 'ଉତ୍କଳ ସଭା' (ଆରମ୍ଭ ୧୮୭୮ ଏବଂ ନିୟମିତ ହେଲା ୧୮୮୨ରେ) ହେଲେ କେତୋଟି ପ୍ରମୁଖ ଜାତୀୟବାଦୀ ଅନୁଷ୍ଠାନ ଦେଶର ବିଭିନ୍ନ ପ୍ରସଙ୍ଗ ସହିତ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ନିମିତ୍ତ ଏହି ଅନୁଷ୍ଠାନ ଗୁଡ଼ିକରେ ଆଲୋଚନା କରାଗଲା । ୧୯୦୩ରେ କଟକ ଠାରେ 'ଉତ୍କଳ ସମ୍ମିଳନୀ'ର ସ୍ଥାପନା ପୂର୍ବରୁ ଏହି ସଙ୍ଗଠନ ଗୁଡ଼ିକ ଜାତୀୟ ସ୍ତରରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରୁଥିଲେ । ଏକଥା ସତ ଯେ, ଏହି ସଙ୍ଗଠନ ଗୁଡ଼ିକ ସହର କୈନ୍ଦ୍ରିକ ଥିଲେ ଏବଂ ଅଳ୍ପ କେତେକ ଶିକ୍ଷିତ ଲୋକଙ୍କ ମଧ୍ୟରେ ସୀମିତ ଥିଲେ । ତା' ସତ୍ତ୍ୱେ ସେଠାରେ ବିଭିନ୍ନ ସାମାଜିକ ଓ ରାଜନୈତିକ ପ୍ରସଙ୍ଗକୁ ନେଇ ଆଲୋଚନା ହେବାରୁ ଆନ୍ଦୋଳନ ସମୟକ୍ରମେ ଦୃଢ଼ତର ହେଲା । ୧୮୮୫ରେ ଜାତୀୟ କଂଗ୍ରେସ ଗଠନ ହେଲା । ଖୁବ୍ ଶୀଘ୍ର ତାହା ଏକ ଜାତୀୟ ବୁଦ୍ଧିଜୀବୀ ମଞ୍ଚ ହେଲା । ଓଡ଼ିଶାର ସଙ୍ଗଠନଗୁଡ଼ିକରୁ ମଧ୍ୟ ପ୍ରତିନିଧି ନିୟମିତ ରୂପେ ଜାତୀୟ କଂଗ୍ରେସର ବାର୍ଷିକ ଅଧିବେଶନରେ ଯୋଗ ଦେଲେ ।

ଓଡ଼ିଶାର ବୁଦ୍ଧିଜୀବୀ ବର୍ଗ ଜାତୀୟ କାର୍ଯ୍ୟକଳାପ ସହ ସମ୍ପୃକ୍ତ ଥିଲେ । ସାଙ୍ଗରେ ଏକ ଆଞ୍ଚଳିକ ସଙ୍ଗଠନର ଆବଶ୍ୟକତାକୁ ମଧ୍ୟ ଅନୁଭବ କରୁଥିଲେ । ୧୯୦୩ରେ ସରକାର ମାଡ୍ରାସ ତଥା କେନ୍ଦ୍ର ପ୍ରଦେଶରୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ବଙ୍ଗ ପ୍ରେସିଡେନ୍ସି ଅଧୀନରେ ଏକତ୍ରୀକରଣ କରିବାକୁ ପ୍ରସ୍ତାବ ଦେଲେ । ଏହା ସରକାରଙ୍କ ବଙ୍ଗଭଙ୍ଗ ପ୍ରସ୍ତାବ ସହ ମିଶି ରହିଥିବାରୁ ଜାତୀୟ କଂଗ୍ରେସ ତାକୁ ଅନୁମୋଦନ କଲା ନାହିଁ । ଅନ୍ୟପକ୍ଷରେ ଓଡ଼ିଶାର ଜାତୀୟବାଦୀ ତାକୁ ସ୍ୱାଗତ କଲେ । ଫଳରେ ଜାତୀୟ କଂଗ୍ରେସର ସମାନ୍ତରାଳ ଏକ ଆଞ୍ଚଳିକ ସଙ୍ଗଠନର ସ୍ଥାପନା ଜରୁରୀ ହୋଇପଡ଼ିଲା । ମଧୁସୂଦନ ଦାସଙ୍କ ନେତୃତ୍ୱରେ ୧୯୦୩ରେ ସ୍ଥାପିତ 'ଉତ୍କଳ ସମ୍ମିଳନୀ' ହେଲା ତାର ପରିଣାମ । ଜାତୀୟ କଂଗ୍ରେସ ପରି ପ୍ରତିବର୍ଷ ଅଧିବେଶନ ମାଧ୍ୟମରେ ସମ୍ମିଳନୀ ଓଡ଼ିଶାର ଆଞ୍ଚଳିକ ପ୍ରସଙ୍ଗଗୁଡ଼ିକୁ ଆଲୋଚନା କଲା ଏବଂ ପ୍ରତିକାର ପାଇଁ ସରକାରଙ୍କ ପାଖରେ ଦାବିପତ୍ର ଦେଲା । ଅନ୍ୟ ଶବ୍ଦରେ କହିଲେ ଓଡ଼ିଆ ଆନ୍ଦୋଳନର ଏକ ମୂର୍ତ୍ତରୂପ ହେଲା 'ଉତ୍କଳ ସମ୍ମିଳନୀ' ଯାହା ସ୍ଥାନୀୟ ଜାତୀୟତାବାଦୀଙ୍କ ପାଇଁ ସର୍ବୋଚ୍ଚ ବୈଚାରିକ ମଞ୍ଚ ପ୍ରମାଣିତ ହେଲା ।

ଏକଥା ସତ ଯେ 'ଉତ୍କଳ ସମ୍ମିଳନୀ' ଆଞ୍ଚଳିକ ସମସ୍ୟାଗୁଡ଼ିକୁ ମହତ୍ତ୍ୱ ଦେବା ଲକ୍ଷ୍ୟରେ ସ୍ଥାପିତ ହୋଇଥିଲା । ମାତ୍ର ଏହା ଜାତୀୟ କଂଗ୍ରେସ କିମ୍ବା ମହାଭାରତୀୟତାର ଆଦୌ ପରିପନ୍ଥୀ ନ ଥିଲା । ସାମାନ୍ୟ ମତପାର୍ଥକ୍ୟ ସତ୍ତ୍ୱେ ଉତ୍କଳ ସମ୍ମିଳନୀର ସହାୟକ ସଙ୍ଗଠନଗୁଡ଼ିକ ବର୍ଷକୁ ବର୍ଷ ଜାତୀୟ କଂଗ୍ରେସର ଅଧିବେଶନକୁ ପ୍ରତିନିଧି ପଠାଉଥିଲେ ଏବଂ କଂଗ୍ରେସର କାର୍ଯ୍ୟଗୁଡ଼ିକୁ ସ୍ୱାଗତ କରୁଥିଲେ । 'ଉତ୍କଳ ସମ୍ମିଳନୀ'ର ସ୍ୱାଗତ ସଙ୍ଗୀତର ନାଁ ଥିଲା 'ଭାରତ ଗୀତିକା' । ରାଧାନାଥ ରାୟଙ୍କ ଦ୍ୱାରା ଲିଖିତ ଏହି ସଙ୍ଗୀତରେ 'ଭାରତ ଆମ ସମସ୍ତଙ୍କର ମା' ବୋଲି କୁହାଯାଇଥିଲା । ୧୯୦୭ରେ ମଧୁସୂଦନ ଦାସ ୧୯୦୬ର କଲିକତା କଂଗ୍ରେସରେ ଯୋଗ ଦେଇଥିବା ଓଡ଼ିଶା ପ୍ରତିନିଧିଙ୍କ ସମ୍ମାନାର୍ଥେ ଏକ ସ୍ୱାଗତ ସଭାର ଆୟୋଜନ କରିଥିଲେ । ଫକୀର ମୋହନ ଭାରତ ଓ ତା'ର

କ୍ଷେତ୍ରଗୁଡ଼ିକ ମଧ୍ୟରେ ଥିବା ନିବିଡ଼ ସମ୍ବନ୍ଧକୁ ବ୍ୟାଖ୍ୟା କରି ଭାରତକୁ ଏକ ତାନପୁରା ଯନ୍ତ୍ର ଏବଂ ଅଞ୍ଚଳଗୁଡ଼ିକୁ ତାନପୁରାର ପିତ୍ତଳ ତାର ସହ ତୁଳନା କରିଥିଲେ। ଅର୍ଥ ହେଲା ପ୍ରତ୍ୟେକ ପିତ୍ତଳ ତାରର ସ୍ୱତନ୍ତ୍ର ଧ୍ୱନୀ ଏବଂ ସମସ୍ତେ ମିଶିଲେ ଯାଇ ତାନପୁରା। ତନ୍ମଧ୍ୟରୁ ଗୋଟାଏ ତାରର ସ୍ୱାତନ୍ତ୍ର୍ୟ ନଷ୍ଟ ହେଲେ ତାନପୁରା ତା'ର ବୈଶିଷ୍ଟ୍ୟ ହରାଏ। ଜାତୀୟତା ଓ ଆଞ୍ଚଳିକତା ମଧ୍ୟରେ ଥିବା ଅନୁପୂରକତାକୁ ଏଥିରୁ ଅଧିକ ସୃଜନାତ୍ମକ ଢଙ୍ଗରେ ଆଉ କେମିତି ବା ବ୍ୟାଖ୍ୟା କରାଯାଇପାରିବ ?

୧୯୨୦ ମସିହାରେ ଅସହଯୋଗ ଆନ୍ଦୋଳନର ଆରମ୍ଭ ହେଲା। ଏହାର ପାଞ୍ଚ ବର୍ଷ ପୂର୍ବରୁ ୧୯୧୫ରେ ମହାତ୍ମା ଗାନ୍ଧି ଭାରତକୁ ପ୍ରତ୍ୟାବର୍ତ୍ତନ କରି ଜାତୀୟ ଆନ୍ଦୋଳନର ମଙ୍ଗ ଧରିଥିଲେ। ଆନ୍ଦୋଳନ ଏହା ପରେ ବହୁମାତ୍ରାରେ ଗଣାଭିମୁଖୀ ହେଲା। ଜାତି, ଧର୍ମ, ଭାଷା ଏବଂ ଅଞ୍ଚଳ ନିର୍ବିଶେଷରେ ଲୋକ ଜାତୀୟ କଂଗ୍ରେସର ମହାସ୍ରୋତରେ ମିଶିବାକୁ ଚାହିଁଲେ। ଏହି ସମୟରେ ୧୯୨୦ ମସିହା ଡିସେମ୍ବର ମାସରେ ଚକ୍ରଧରପୁର ଠାରେ 'ଉତ୍କଳ ସମ୍ମିଳନୀ'ର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହେଲା। ଅଧିବେଶନର ସଭାପତି ଥିଲେ ଜଗବନ୍ଧୁ ସିଂହ। ବିଶଦ ଆଲୋଚନା ପରେ ସମ୍ମିଳନୀକୁ ଜାତୀୟ କଂଗ୍ରେସରେ ସମ୍ମିଶ୍ରିତ କରିବାକୁ ପ୍ରସ୍ତାବ ପାସ ହେଲା। ଏହା ପରେ ଉଭୟ ଭାଷା ଆନ୍ଦୋଳନ ଏବଂ ଉପନିବେଶବାଦ ବିରୋଧୀ ଜାତୀୟତା ସଂଗ୍ରାମ ଏକୀକୃତ ହେଲେ। ୧୯୨୦ର ନାଗପୁର କଂଗ୍ରେସରେ ଭାଷା ଭିତ୍ତିରେ ଜାତୀୟ କଂଗ୍ରେସର ଶାଖାମାନ ଗଠନ କରିବାକୁ ମହତ୍ତ୍ୱ ଦିଆଗଲା। ଏହାପରେ 'ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି' ଗଠିତ ହେଲା। ଅର୍ଥାତ୍ ଜାତୀୟ କଂଗ୍ରେସ ଉତ୍କଳକୁ ଏକ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପ୍ରଦାନ କଲା। ଜାତୀୟ କଂଗ୍ରେସ ଥିଲା ଭାରତର ଗଣସଂଗ୍ରାମ। ଦେଶର ସବୁ ଅଞ୍ଚଳର ଲୋକ ତହିଁରେ ସକ୍ରିୟ ଥିଲେ। ଏକ ପ୍ରଦେଶ ରୂପରେ ଓଡ଼ିଶାକୁ କଂଗ୍ରେସ ପକ୍ଷରୁ ମାନ୍ୟତା ମିଳିବା ପରେ ସ୍ୱତନ୍ତ୍ର ପ୍ରଦେଶର ସରକାରୀ ଔପଚାରିକ ଘୋଷଣା ଆଉ ଅସମ୍ଭବ ପ୍ରତୀତ ହେଲା ନାହିଁ। ଶେଷକୁ ୧୯୩୬ ଏପ୍ରିଲ ୧ ତାରିଖରେ 'ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ' ଗଠିତ ହେଲା।

## (ଖ) ପ୍ରଦେଶ ଗଠନ ସମ୍ପର୍କିତ ଘଟଣାବଳୀ :

୧୯୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଗଠନ ହେଲା ଏକ ଦୀର୍ଘ ଐତିହାସିକ ପ୍ରକ୍ରିୟା। ତହିଁରେ ଅନେକ ଘଟଣା ଘଟିତ ହୋଇଥିଲା। ସେସବୁ ଘଟଣାଗୁଡ଼ିକୁ ଆଲୋଚନା ନ କଲେ ପ୍ରଦେଶ ଗଠନର ବ୍ୟାଖ୍ୟା ହୋଇପାରିବ ନାହିଁ। ପୁଣି, ଘଟଣା ଗୁଡ଼ିକ ମଧ୍ୟରେ ଅନ୍ତର୍ସମ୍ବନ୍ଧ ରହିଛି। ସେଗୁଡ଼ିକୁ ପରସ୍ପରଠାରୁ ବିଚ୍ଛିନ୍ନ କଲେ ଆଲୋଚନା ସ୍ୱୟଂସମ୍ପୂର୍ଣ୍ଣ ହେବ ନାହିଁ। ତା'ଠାରୁ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ହେଲା ଯେ କାଳର କ୍ରମ ଅନୁଯାୟୀ ଘଟଣାଗୁଡ଼ିକୁ ଆଗପଛ କରିହେବ ନିଶ୍ଚୟ। ମାତ୍ର ମହତ୍ତ୍ୱ ଦୃଷ୍ଟିରୁ ସେଗୁଡ଼ିକୁ କୌଣସି ଅନୁକ୍ରମରେ (hierarcy) ରଖିହେବ ନାହିଁ। ସବୁଗୁଡ଼ିକ ମହତ୍ତ୍ୱପୂର୍ଣ୍ଣ। ଓଡ଼ିଶା ପ୍ରଦେଶ ଗଠନ ପଛରେ କାରଣ ଗୋଟାଏ ନୁହେଁ, ଏକାଧିକ। ପ୍ରତ୍ୟେକ ଗୋଟି କାରଣ ମହତ୍ତ୍ୱପୂର୍ଣ୍ଣ।

ଏହି ପରିପ୍ରେକ୍ଷୀରେ ବିଚାର କଲେ ୧୯୦୫ରେ ସମ୍ବଲପୁରର ବଙ୍ଗ ପ୍ରେସିଡେନ୍ସିର ଓଡ଼ିଶା ଡିଭିଜନରେ ମିଶ୍ରଣ ହେବ ଏକ ମହତ୍ତ୍ୱପୂର୍ଣ୍ଣ ଘଟଣା। ଯାହା ପୂର୍ବରୁ ଆଲୋଚିତ, ଓଡ଼ିଆ ଭାଷୀ ଅଞ୍ଚଳ ତିନି ଖଣ୍ଡରେ ବିଭାଜିତ ହୋଇ ଇଂରେଜ ଶାସନର ଆରମ୍ଭରୁ ରହି ଆସିଥିଲା ଏବଂ ଜାତୀୟବାଦୀ ବର୍ଗର ଉନ୍ମେଷ ଦିନରୁ ସେଗୁଡ଼ିକର

ଏକତ୍ରୀକରଣ ପାଇଁ ଦାବି କରାଯାଉଥିଲା । ୧୯୦୧ର ଜନଗଣନାରୁ ସିଦ୍ଧ ହେଲା ଯେ କେନ୍ଦ୍ର ପ୍ରଦେଶ ଅନ୍ତର୍ଗତ ସମ୍ବଲପୁର ଅଞ୍ଚଳର ମୋଟ ଜନସଂଖ୍ୟା ୭,୯୬,୪୯୨ ଏବଂ ତନ୍ମଧ୍ୟରୁ ୫,୯୫,୬୦୧ ହେଲେ ଓଡ଼ିଆ ଭାଷୀ । ଜନଗଣନା ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ବୈକୁଣ୍ଠ ନାଥ ପୂଜାରୀ ଲୋକଙ୍କୁ ମାତୃଭାଷା ଓଡ଼ିଆ ବୋଲି ମୁଖର ହୋଇ ଉଲ୍ଲେଖ କରିବାକୁ ପ୍ରସ୍ତାବ ଦେଉଥିଲେ । ତାଙ୍କ ଉଦ୍ୟମ ବିନା ଜନଗଣନାରୁ ଏକଥା ସୁସ୍ପଷ୍ଟ ହୋଇପାରି ନଥାନ୍ତା । ଜନଗଣନା ପରେ ସରକାର ସମ୍ବଲପୁରକୁ ଓଡ଼ିଆ ଡିଭିଜନକୁ ହସ୍ତାନ୍ତର କରିବାକୁ ମନସ୍ଥ କଲେ । ୧୯୦୩ରେ ଏ ନେଇ ସରକାରୀ ଘୋଷଣାନାମା ପ୍ରକାଶ ପାଇଲା ଏବଂ ଅକ୍ଟୋବର ୧୯୦୫ରୁ ସମ୍ବଲପୁରକୁ ଓଡ଼ିଶା ଡିଭିଜନରେ ସମ୍ମିଶ୍ରିତ କରାଗଲା । ଜଣେ ଇଂରେଜ ପଦାଧିକାରୀ ଆଣ୍ଡ୍ର୍ୟୁ ଫ୍ରେଜରଙ୍କ ଏଥିରେ ଖୁବ୍ ସହଯୋଗ ରହିଥିଲା । ଫ୍ରେଜରଙ୍କ ପ୍ରତି କୃତଜ୍ଞତା ଜଣାଇବା ସକାଶେ ସମ୍ବଲପୁରଠାରେ 'ଫ୍ରେଜର କ୍ଲବ'ର ସ୍ଥାପନା କରାଯାଇଥିଲା ।

୧୯୧୨ ଏପ୍ରିଲ ୧ ତାରିଖରେ ବଙ୍ଗ ପ୍ରେସିଡେନ୍ସିରୁ ବିହାର ଓ ଓଡ଼ିଶାକୁ ଅଲଗା କରି ଏକ ସ୍ୱତନ୍ତ୍ର ପ୍ରଦେଶର ଗଠନ କରାଗଲା । ଏହା ଥିଲା ଓଡ଼ିଶା ପ୍ରଦେଶ ଗଠନ ଦିଗରେ ଅନ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ଘଟଣା । ସମ୍ବଲପୁରର ଓଡ଼ିଶା ଡିଭିଜନରେ ମିଶ୍ରଣ ଉତ୍ତାରୁ କେବଳ ଗଞ୍ଜାମ ଏଜେନ୍ସି ଓ ଅବଶିଷ୍ଟ ଦକ୍ଷିଣାଞ୍ଚଳ ଓଡ଼ିଶା ବାହାରେ ରହିଥିଲା । ମାତ୍ର ବଙ୍ଗ ପ୍ରେସିଡେନ୍ସି ଯେହେତୁ ଆୟତନରେ ଖୁବ୍ ବିଶାଳ, ତହିଁରେ ଓଡ଼ିଶା ଡିଭିଜନ ବିଶେଷ ପ୍ରଶାସନିକ ଦୃଷ୍ଟି ଆକର୍ଷଣ କରିପାରୁ ନ ଥିଲା । ତେଣୁ, ବିହାର ଓ ଓଡ଼ିଶା ପ୍ରଦେଶର ଗଠନ ଓଡ଼ିଶା ଦୃଷ୍ଟିରୁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ପ୍ରତୀତ ହେଲା । ୧୯୧୧-୧୨ରେ ସରକାରଙ୍କ ଏହି ପଦକ୍ଷେପକୁ ଓଡ଼ିଶାର ଜାତୀୟତାବାଦୀମାନେ ସ୍ୱାଗତ କରିନଥିଲେ । ବିହାର ସହିତ ଓଡ଼ିଶାକୁ ଯୋଡ଼ି ଏକ ସ୍ୱତନ୍ତ୍ର ପ୍ରଦେଶର ଗଠନ ହେଲା ପରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ଗଠନ ପ୍ରଶ୍ନ ଅବଦମିତ ରହିଯିବ ବୋଲି ସେମାନେ ଆଶଙ୍କା କରୁଥିଲେ । ଦ୍ୱିତୀୟତଃ, ବଙ୍ଗ ଏକ ଉନ୍ନତ ପ୍ରଦେଶ ହୋଇଥିବାରୁ ଓଡ଼ିଶା ତା' ସହ ସଂଲଗ୍ନିକୃତ ହୋଇ ରହିଲେ ଓଡ଼ିଶାର ବିକାଶ ପାଇଁ ଶୁଭଙ୍କର ହେବ ବୋଲି ଆଶା କରାଯାଉଥିଲା । ବିହାର ସହିତ ସଂଲଗ୍ନିକୃତ ନ କରି ବରଂ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ କରାଯାଉ ବୋଲି 'ଉତ୍କଳ ଦୀପିକା' ପକ୍ଷରୁ ୧୯୧୨ ସେପ୍ଟେମ୍ବର ମାସରେ ପ୍ରସ୍ତାବ ମଧ୍ୟ ରଖାଯାଇଥିଲା ।

୧୯୧୯ରେ ମେଣ୍ଟଗୁ-ଚେମସ୍‌ଫୋର୍ଡ଼ ଶାସନ ସଂସ୍କାର ଅନୁଯାୟୀ ଭାରତ ସରକାର ଆଇନ୍ (Government of India Act- 1919) ଲାଗୁ ହେଲା । ଏଥିରେ ଓଡ଼ିଆ ଭାଷାଭାଷୀ କ୍ଷେତ୍ରଗୁଡ଼ିକର ଏକତ୍ରୀକରଣ ହେବ ବୋଲି ଓଡ଼ିଶାର ନେତୃବର୍ଗ ଆଶା କରିଥିଲେ । ୧୯୧୭ରେ ମଣ୍ଟେଗ୍ୟୁଙ୍କ ଆଗମନ ସମୟରେ 'ଦ ଓଡ଼ିଆ ମୁଭମେଣ୍ଟ' ନାମକ ପୁସ୍ତକରେ ଓଡ଼ିଶାର ଦାବିକୁ ସନ୍ନିଳିତ କରି ସ୍ମାରକପତ୍ର ରୂପେ ପେଶ କରାଯାଇଥିଲା । ପୁସ୍ତକର ସଙ୍କଳନ କରିଥିଲେ ଚକ୍ରପାଣି ପ୍ରଧାନ, ହରିହର ପଣ୍ଡା ଓ ନିରଞ୍ଜନ ପଟ୍ଟନାୟକ ଆଦି, ଯଦିଓ ସଂକଳକ ରୂପେ 'ଦୁଇଜଣ କଳା ସ୍ନାତକ' (Two Bachelor of Arts) ବୋଲି ଉଲ୍ଲେଖ ରହିଥିଲା । ମଣ୍ଟେଗ୍ୟୁଙ୍କ ବ୍ୟକ୍ତିଗତ ମତରେ ଓଡ଼ିଶାର ବିହାର ପ୍ରଦେଶ ସହିତ ମିଳିତ ହୋଇ ରହିଲେ ଓଡ଼ିଶାର ସ୍ଥିତି ବଦଳିବ ନାହିଁ । ମାତ୍ର ରିପୋର୍ଟରେ ସେନେଇ କୌଣସି ଠୋସ୍ ନିର୍ଦ୍ଦେଶ ନ ଥିଲା । ଏହା ଓଡ଼ିଶାର ନେତୃବୃନ୍ଦଙ୍କୁ ନିରାଶ କରିଥିଲା । ସ୍ୱତନ୍ତ୍ର ଓଡ଼ିଶା

ପ୍ରଦେଶ ଗଠନ ନିମନ୍ତେ ସରକାରଙ୍କ ଉପରେ ଭରସା ଏଣିକି ହ୍ରାସ ପାଇଲା ଏବଂ ଏଥିପାଇଁ ଜନଆନ୍ଦୋଳନକୁ ଅଧିକ ମହତ୍ତ୍ୱ ଦେବାକୁ ଜନମତ ପ୍ରକାଶ ପାଇଥିଲା । ଫଳରେ ଜାତୀୟ କଂଗ୍ରେସ ସହ ଉତ୍କଳ ସମ୍ମିଳନୀକୁ ସମ୍ମିଶ୍ରିତ କରିବାକୁ ନେତୃବର୍ଗ ଚିନ୍ତା କଲେ ।

୧୯୨୪ରେ ଗଞ୍ଜାମ ଓ ତତ୍‌ସଂଲଗ୍ନ କେତେକ ଓଡ଼ିଆ ଭାଷୀ ଅଞ୍ଚଳକୁ ଓଡ଼ିଶା ସହିତ ମିଶ୍ରଣ ପ୍ରଶ୍ନକୁ ବିଚାର କରିବା ନିମନ୍ତେ 'ଫିଲପ-ଡଫ୍' ଅନୁସନ୍ଧାନ କମିଟି ଗଠିତ ହେଲା । ସି.ଏଲ୍.ଫିଲିପ ଏବଂ ଏ.ସି.ଡଫ୍ ନାମକ ଦୁଇଜଣ ଅଭିଜ୍ଞ ସିଭିଲ ସର୍ଭିସ ଅଧିକାରୀ କମିଟିର ସଂଯୋଜନା କଲେ । ଉଭୟେ ପୂର୍ବରୁ ଓଡ଼ିଶାରେ କାମ କରିଥିଲେ ଓ ଓଡ଼ିଶା ସମସ୍ୟା ସହିତ ଭଲଭାବେ ପରିଚିତ ଥିଲେ । ୧୯୨୪ ଡିସେମ୍ବରରେ କମିଟି ରିପୋର୍ଟ ଦେଲେ । ତହିଁରେ ଗଞ୍ଜାମ ନିବାସୀ ଓଡ଼ିଆମାନେ ଓଡ଼ିଶାରେ ମିଶିବା ପାଇଁ ଆଗ୍ରହୀ ବୋଲି ଦର୍ଶାଯାଇଥିଲା । ମାତ୍ର ସରକାର ଚାହିଁଲେ ସେଠାକାର ତେଲୁଗୁଭାଷୀଙ୍କ ମତାମତ । ଯଦି ଓଡ଼ିଶା ସହିତ ଗଞ୍ଜାମକୁ ସମ୍ମିଶ୍ରିତ କରାଯାଏ, ସେମାନଙ୍କ ସମସ୍ୟା ବୃଦ୍ଧି ପାଇବ ବୋଲି ସରକାର ଚିନ୍ତା କଲେ । ଫଳରେ ଫିଲିପ-ଡଫ୍ କମିଟିର ରିପୋର୍ଟକୁ କାର୍ଯ୍ୟକାରୀ କରାଯାଇପାରିଲା ନାହିଁ ।

୧୯୨୮ ଫେବୃୟାରୀରେ ଶାସନ ସଂସ୍କାର ସମ୍ପର୍କୀୟ ନିଷ୍ପତ୍ତି ନେବା ଲାଗି ସାଇମନ କମିଶନ ଭାରତକୁ ଆସିଲେ । ସାତଜଣ ସଦସ୍ୟ ବିଶିଷ୍ଟ ଏହି କମିଶନର ମୁଖ୍ୟ ଥିଲେ ଜନ ସାଇମନ । ଜାତୀୟତାବାଦୀମାନଙ୍କ ପକ୍ଷରୁ କମିଶନକୁ ବର୍ଜନ କରିବା ଲାଗି ନିଷ୍ପତ୍ତି ହେଲା, କାରଣ ଏଥିରେ କେହି ଭାରତୀୟ ସଭ୍ୟ ନ ଥିଲେ । ମାତ୍ର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦିଗରେ କମିଶନର ସହଯୋଗ ମିଳିପାରେ ଆଶା କରି ଓଡ଼ିଶାର କେତେକ ନେତୃସ୍ଥାନୀୟ ବ୍ୟକ୍ତି କମିଶନଙ୍କୁ ପାଟନା ଯାଇ ସାକ୍ଷାତ କରିଥିଲେ । ଏଥିପାଇଁ ବରିଷ୍ଠ ନେତା ମଧୁସୂଦନ ଦାସଙ୍କ ସହମତି ରହିଥିଲା, ଯଦିଓ ଅଧିକାଂଶ ପ୍ରାଦେଶିକ ସ୍ତରୀୟ ନେତୃବୃନ୍ଦ କମିଶନର ବର୍ଜନକୁ ସ୍ୱାଗତ କରିଥିଲେ । ସାଇମନ କମିଶନ ପ୍ରଦେଶ ଗଠନ ପାଇଁ ନିଷ୍ପତ୍ତି ନେଲେ ନାହିଁ । ତା' ବଦଳରେ କ୍ଲିମେଣ୍ଟ ଆଟଲୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିବାକୁ ପରାମର୍ଶ ଦେଲେ, ଯାହା ଓଡ଼ିଶା ପ୍ରସଙ୍ଗକୁ ବିଚାର କରିବ । ୧୯୩୦ରେ ପ୍ରକାଶିତ ସାଇମନ କମିଶନ ରିପୋର୍ଟରେ ବିହାର ଓ ଓଡ଼ିଶା ପ୍ରଦେଶର ଗଠନକୁ କୃତ୍ରିମ ଓ ଜାତିଗତ ବୋଲି କୁହାଯାଇଥିଲା । ଭାଷାଗତ ଓ ସାଂସ୍କୃତିକ ଦୃଷ୍ଟିରୁ ପୃଥକ୍ ତିନୋଟି କ୍ଷେତ୍ରକୁ ଗୋଟାଏ ଶାସନ ଅଧୀନରେ ଯୋଡ଼ିଦିଆଯାଇଛି ବୋଲି କମିଶନ ଉଲ୍ଲେଖ କରିଥିଲେ । ଏଥିରୁ ସ୍ପଷ୍ଟ ହେଲା ଯେ ଓଡ଼ିଶା ଗଠନ ପାଇଁ ସରକାରଙ୍କ ମତ ଥିବା ସତ୍ତ୍ୱେ ସରକାର ଦାବି ସ୍ୱୀକାର କରିବେ ନାହିଁ । କେବଳ ଜାତୀୟତାବାଦୀ ଆନ୍ଦୋଳନକୁ ତୀବ୍ର କରାଗଲେ ସରକାର ଓଡ଼ିଶାର ଦାବିକୁ ମାନିନେବେ ବୋଲି ଧାରଣା ଦୃଢ଼ ହେଲା ।

୧୯୨୮ରେ କଲିକତାଠାରେ ଜାତୀୟ କଂଗ୍ରେସର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହେଲା । ମୋତିଲାଲ ନେହେରୁ ଥିଲେ ଅଧିବେଶନର ସଭାପତି । ତାଙ୍କ ବକ୍ତବ୍ୟରେ ଭାଷା ଭିତ୍ତିକ ପ୍ରଦେଶ ଗଠନକୁ ଆବଶ୍ୟକୀୟ ସମର୍ଥନ ନ ଥିଲା ବୋଲି ଅଭିଯୋଗ କରି ଓଡ଼ିଶାର ୩୦୦ କଂଗ୍ରେସ ପ୍ରତିନିଧି ଅଧିବେଶନ ବର୍ଜନ କଲେ ଏବଂ ସେଠାକାର ପ୍ରବାସୀ ଓଡ଼ିଆମାନଙ୍କୁ ନେଇ ସଭା ଓ ଶୋଭାଯାତ୍ରା କଲେ । ଓଡ଼ିଆ ଭାଷା ଆନ୍ଦୋଳନକୁ ଜାତୀୟ କଂଗ୍ରେସ ସହ ୧୯୨୦ ମସିହାରୁ ଯୋଡ଼ି ରଖିଥିବା ଗୋପବନ୍ଧୁ ଦାସଙ୍କ ସେହିବର୍ଷ (୧୯୨୮) ଦେହାନ୍ତ ହୋଇଯାଇଥାଏ । ଯୁବନେତା ଗୋପବନ୍ଧୁ ଚୌଧୁରୀଙ୍କୁ ପ୍ରାଦେଶିକ କଂଗ୍ରେସର ସଭାପତି ନିଯୁକ୍ତ କରାଯାଇ ଥାଏ ।

ଗୋପବନ୍ଧୁ ଚୌଧୁରୀ ମଧ୍ୟ ସ୍ପଷ୍ଟ କଲେ ଯେ ଓଡ଼ିଶା ପାଇଁ ଜାତୀୟତାର ପ୍ରଶ୍ନ ଓ ଭାଷା ଅସ୍ମିତାର ପ୍ରଶ୍ନ ଏକା ମାତ୍ରାରେ ମହତ୍ତ୍ୱପୂର୍ଣ୍ଣ । କାହାକୁ ତହିଁରେ ଗୌଣ କରାଯାଇ ନ ପାରେ । ଶେଷରେ ମୋତିଲାଲ ନେହେରୁ କ୍ଷମାପ୍ରାର୍ଥନା କଲାପରେ ପରିସ୍ଥିତି ଶାନ୍ତ ପଡ଼ିଲା । ଜାତୀୟ କଂଗ୍ରେସର ନେତୃବର୍ଗ ମଧ୍ୟ ଓଡ଼ିଶା ପ୍ରତିନିଧିଙ୍କ ପ୍ରତିକ୍ରିୟାରୁ ବୁଝିପାରିଲେ ଯେ ଭାରତର ଭବିଷ୍ୟତ ଏକ ସଂଘୀୟ ଢାଞ୍ଚାରେ ସୁରକ୍ଷିତ ରହିବ । ଅନ୍ୟଥା ସ୍ୱାଧୀନତା ପରେ ଦେଶରେ ଏକତା ରହିବ ନାହିଁ ।

ସମୟକ୍ରମେ ପ୍ରଦେଶ ଗଠନର ଚାପ ସରକାରଙ୍କ ଉପରେ ବଢ଼ି ବଢ଼ି ଚାଲିଲା । ସମାଧାନ ନିମନ୍ତେ ୧୯୩୧ରେ ଏକ ସୀମା କମିଶନର ଗଠନ ହେଲା । ଏହାର ଚେୟାରମ୍ୟାନ ଥିଲେ ସାର ସାମୁଏଲ ଓ' ଡୋନେଲ ଓ ଅନ୍ୟ ଦୁଇଜଣ ସଦସ୍ୟ ଥିଲେ ବମ୍ବେର ଏଚ୍.ଏମ୍.ମହେଟ୍ଟା, ଆସାମର ତରୁଣ ରାମ ଫୁକନ । ପାରଳାଖେମୁଣ୍ଡିର ରାଜା କୃଷ୍ଣଚନ୍ଦ୍ର ଗଜପତି, ବିହାରର ସଚ୍ଚିଦାନନ୍ଦ ସିହ୍ନା ଓ ଆନ୍ଧ୍ରର ନରସିଂହ ରାଜୁଙ୍କୁ ଯଥାକ୍ରମେ ଓଡ଼ିଆ, ହିନ୍ଦୀ ଓ ତେଲୁଗୁ ଭାଷୀ ଲୋକଙ୍କର ପ୍ରତିନିଧିତ୍ୱ କରିବା ପାଇଁ କମିଶନର ସହଯୋଗୀ ସଦସ୍ୟ ନିଯୁକ୍ତ କରାଗଲା । ଓଡ଼ିଶା ପ୍ରାଦେଶିକ କଂଗ୍ରେସ ପକ୍ଷରୁ ହରେକୃଷ୍ଣ ମହତାବ ସହଯୋଗ କଲେ ।

ସୀମା କମିଶନ ବିହାର, ଓଡ଼ିଶା ଓ ଆନ୍ଧ୍ରର ବିଭିନ୍ନ ସ୍ଥାନ ପରିଦର୍ଶନ କରି ସମସ୍ୟାର ଅନୁଧ୍ୟାନ କଲେ । କମିଶନର ସମ୍ମାନାର୍ଥେ ମଧୁସୂଦନ ଦାସ କଟକଠାରେ ଏକ ପାର୍ଟିର ଆୟୋଜନ କରିଥିଲେ । କମିଶନଙ୍କୁ ତଥ୍ୟ ଯୋଗାଣ ପାଇଁ ପାରଳା ରାଜା ବରହମପୁରଠାରେ ଏକ କାର୍ଯ୍ୟାଳୟ ସ୍ଥାପନ କରିଥିଲେ । ୧୯୩୨ରେ ଓ' ଡୋନେଲଙ୍କ ରିପୋର୍ଟ ଦାଖଲ ହେଲା । ତହିଁରେ ପାରଳାଖେମୁଣ୍ଡିର ଓଡ଼ିଶାରେ ମିଶ୍ରଣ ପ୍ରସଙ୍ଗକୁ ସ୍ୱୀକୃତି ନ ଥିଲା । ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ମଧ୍ୟ ସ୍ପଷ୍ଟ ନିର୍ଦ୍ଦେଶ ନ ଥିଲା । ଏହାର ପ୍ରତିବାଦରେ ଶତାଧିକ ସଂଖ୍ୟାରେ ସ୍ମାରକପତ୍ର ମାନ ସରକାରଙ୍କୁ ପଠାଗଲା । ସରକାରୀ ନିର୍ଦ୍ଦେଶନାମାକୁ ଅମାନ୍ୟ କରି ୧୯୩୨ ଅକ୍ଟୋବର ୧୬ ତାରିଖ ଦିନ 'ସ୍ୱତନ୍ତ୍ର ଉତ୍କଳ ଦିବସ' ପାଳନ କରିବାକୁ ମଧ୍ୟ ନିଷ୍ପତ୍ତି ନିଆଗଲା । ଏହା ଜାତୀୟ ଆନ୍ଦୋଳନର 'ଆଇନ୍ ଅମାନ୍ୟ' ନିଷ୍ପତ୍ତି ସହିତ ତୁଳନୀୟ ଥିଲା । ଏଥିରୁ ଉଭୟ ଓଡ଼ିଆ ଓ ଜାତୀୟତା ଆନ୍ଦୋଳନ ମଧ୍ୟରେ ଥିବା ପରିପୂରକତାକୁ ବୁଝିହୁଏ ।

ଶେଷରେ ୧୯୩୨ ଡିସେମ୍ବର ମାସରେ ଲଣ୍ଡନଠାରେ ଭାରତମନ୍ତ୍ରୀ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେବ ବୋଲି ଘୋଷଣା କଲେ । ଯେହେତୁ ପ୍ରଦେଶର ସୀମାକୁ ନେଇ ବିବାଦ ଉପୁଜିଥିଲା, ପରେ ଏକ ଶ୍ୱେତପତ୍ରରେ ତାହା (ସୀମା) ସୁସ୍ପଷ୍ଟ ହେବ ବୋଲି କୁହାଗଲା । ଓଡ଼ିଶାର ପ୍ରଦେଶରେ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଅନ୍ତର୍ଭୁକ୍ତ ହେବା କଥା । ଅନ୍ୟଥା ସ୍ୱତନ୍ତ୍ର ପ୍ରଦେଶର ଉଦ୍ଦେଶ୍ୟ ପୂରଣ ହେବ ନାହିଁ ବୋଲି କଟକଠାରେ ଅନୁଷ୍ଠିତ ବୌଦ୍ଧିକ ଗୋଷ୍ଠୀର 'ନେତୃସମ୍ମିଳନୀ'ରେ ମତ ପ୍ରକାଶ ପାଇଲା । ସମ୍ମିଳନୀରେ ଅନେକ ଗଡ଼ଜାତ ରାଜାଙ୍କ ସହ ଓଡ଼ିଶା ଆନ୍ଦୋଳନର ପ୍ରମୁଖ ନାୟକ ମଧୁସୂଦନ ଦାସ ମଧ୍ୟ ବକ୍ତବ୍ୟ ରଖିଥିଲେ । ୧୯୩୪ ଫେବୃୟାରୀ ମାସରେ ଦେହତ୍ୟାଗ କରିବା ପୂର୍ବରୁ ମଧୁସୂଦନଙ୍କ ଏହା ଥିଲା ସମ୍ଭବତଃ ଅନ୍ତିମ ଜନ ସମ୍ବୋଧନ । ଏହି ସମୟରେ ଜାତୀୟ କଂଗ୍ରେସକୁ ଆଇନ୍ ଅମାନ୍ୟ ଆନ୍ଦୋଳନ ଯୋଗୁଁ ବେଆଇନ୍ ଘୋଷଣା କରାଯାଇଥିଲା ଏବଂ ତା'ର ନେତୃବୃନ୍ଦଙ୍କୁ ଗିରଫ କରାଯାଇଥିଲା । ରାଜା-ଜମିଦାର ମାନେ ଓଡ଼ିଶା ଆନ୍ଦୋଳନକୁ ନେତୃତ୍ୱ ଦେଉଥିଲେ । ଅବଶୋଷର କଥା ଯେ ସେମାନଙ୍କ ମତକୁ ଭ୍ରୂକ୍ଷେପ ନ କରି ଶ୍ୱେତପତ୍ରରେ ପ୍ରସ୍ତାବିତ ପ୍ରଦେଶର ସୀମାକୁ ଆଶାତୀତ ଭାବେ ସାନ

କରିଦିଆଗଲା । ହରେକୃଷ୍ଣ ମହତାବ, ଯଦୁମଣି ମଙ୍ଗରାଜ ଓ ଗୋଦାବରୀଶ ମିଶ୍ର ଆଦି କଂଗ୍ରେସ ନେତୃବୃନ୍ଦ ଏହାର ତୀବ୍ର ପ୍ରତିବାଦ କଲେ । ଜୟପୁର ଏବଂ ପାରଳା ରାଜା ମଧ୍ୟ ସେମାନଙ୍କ ରାଜ୍ୟକୁ ନିଶ୍ଚିତ ରୂପେ ପ୍ରସ୍ତାବିତ ପ୍ରଦେଶରେ ସାମିଲ କରାଯାଉ ବୋଲି ଦାବିପତ୍ର ଦେଲେ । ପରିଶେଷରେ ୧୯୩୪ ନଭେମ୍ବର ମାସରେ ଯୁଗ୍ମ ସଂସଦୀୟ କମିଟି (Joint Parliamentary Committee) ବରହମପୁର, ଜୟପୁର, ପାରଳାଖେମୁଣ୍ଡି ଏବଂ ତତ୍‌ସଂଲଗ୍ନ କିଛି ଅଞ୍ଚଳକୁ ମଧ୍ୟ ପ୍ରସ୍ତାବିତ ପ୍ରଦେଶରେ ଅନ୍ତର୍ଭୁକ୍ତ କରିବାକୁ ପ୍ରସ୍ତାବ ରଖିଲେ । 'ହାଉସ୍ ଅଫ୍ କମନ୍ସ'ରେ ତାହା ଗୃହୀତ ହେବାପରେ ୧୯୩୬ ମାର୍ଚ୍ଚ ୩ ତାରିଖରେ ବ୍ରିଟିଶ ପାର୍ଲାମେଣ୍ଟରେ କନଷ୍ଟିଚ୍ୟୁସନ୍ ଅଫ୍ ଓଡ଼ିଶା ଅର୍ଡ଼ର ବିଲ୍-୧୯୩୬ (Constitution of Orissa Order Bill, 1936) ପାସ ହେଲା ଏବଂ ତା' ଅନୁଯାୟୀ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେଲା ।

## ସାରାଂଶ

ଊନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ଓଡ଼ିଶାରେ ଜାତୀୟ ଚେତନାର ଉନ୍ମେଷ ଘଟିଲା । ଏହାର ଏକ ବୈଶିଷ୍ଟ୍ୟ ଥିଲା ଭାଷା-ଅସ୍ମିତାର ଆନ୍ଦୋଳନ । ଶିକ୍ଷିତ ବୁଦ୍ଧିଜୀବୀ ବର୍ଗ ଏହାର ନେତୃତ୍ୱ ନେଇଥିଲେ । ଆନ୍ଦୋଳନ ପ୍ରଥମେ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରୀକରଣ କରିବା ପାଇଁ ପ୍ରୟାସ କଲା, କାରଣ ଭୌଗୋଳିକ ଓ ପ୍ରାକୃତିକ ଦୃଷ୍ଟିରୁ ଏକତ୍ର ହେବା ସତ୍ତ୍ୱେ ତାହା ରାଜନୈତିକ ଦୃଷ୍ଟିରୁ ବହୁ ବିଭକ୍ତ ହୋଇ ରହିଥିଲା । ଭାଷା ଅସ୍ମିତାର ଆନ୍ଦୋଳନ ସମୟକ୍ରମେ ୧୯୦୩ରେ 'ଉତ୍କଳ ସମ୍ମିଳନୀ' ରୂପରେ ସୁଦୃଢ଼ ହେଲା । ଏହା ଜାତୀୟ କଂଗ୍ରେସଠାରୁ ପୃଥକ୍ ହେବା ସତ୍ତ୍ୱେ, ତା'ର ସ୍ୱାର୍ଥର ପରିପନ୍ଥୀ ନ ଥିଲା । ବରଂ ଓଡ଼ିଶାର ପୃଷ୍ଠଭୂମିରେ ଉଭୟ ଭାଷା ଭିତ୍ତିକ ଓଡ଼ିଶା ଆନ୍ଦୋଳନ ଏବଂ ଉପନିବେଶବାଦ ବିରୋଧୀ ସ୍ୱାଧୀନତା ଆନ୍ଦୋଳନ ପରସ୍ପରର ପରିପୂରକ ସିଦ୍ଧ ହୋଇଥିଲେ । ଏହି କାରଣରୁ ୧୯୨୦ରେ 'ଉତ୍କଳ ସମ୍ମିଳନୀ' ଚକ୍ରଧରପୁର ସମ୍ମିଳନୀରେ ଜାତୀୟ କଂଗ୍ରେସରେ ସମ୍ମିଶ୍ରିତ ହେଲା ଏବଂ ଭାଷା ଭିତ୍ତିରେ ପ୍ରାଦେଶିକ ଶାଖା ଗଠନକୁ ଜାତୀୟ କଂଗ୍ରେସ ସ୍ୱୀକୃତି ଦେଲା । ୧୯୨୦ରୁ ୧୯୩୬ ମଧ୍ୟରେ ଓଡ଼ିଶା ଆନ୍ଦୋଳନ କଂଗ୍ରେସର ନେତୃବୃନ୍ଦଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା । ସ୍ୱତନ୍ତ୍ର ପ୍ରଦେଶ ଗଠନ (୧୯୩୬) ମଧ୍ୟ ଏହି ସମୟାବଧିରେ ସଂଘଟିତ ହୋଇଥିଲା । ୧୯୩୨ରେ ଯେତେବେଳେ କଂଗ୍ରେସକୁ ସରକାର ବେଆଇନ୍ ଘୋଷଣା କଲେ ଓ ଦଳର ନେତୃବୃନ୍ଦଙ୍କୁ ଗିରଫ କରି ରଖିଲେ, ସେତେବେଳେ ଭାଷା ଆନ୍ଦୋଳନର ନେତୃତ୍ୱ ରାଜା-ଜମିଦାର ଏବଂ ଉଦାରବାଦୀମାନଙ୍କ ହାତରେ ରହିଲା । ଏହା ଆନ୍ଦୋଳନର ଉଗ୍ରତାକୁ ହ୍ରାସ କଲା ଏବଂ କେତେକ ଓଡ଼ିଆ ଭାଷୀ କ୍ଷେତ୍ରକୁ ବାଦଦେଇ ଓଡ଼ିଶା ପ୍ରଦେଶ ଗଠିତ ହେଲା । ଭାଷା ଭିତ୍ତିରେ ୧୯୩୬ରେ ଓଡ଼ିଶାର ଗଠନ ଦେଶକୁ ସ୍ୱାଧୀନତା ପରେ ଏକ ସଂଘୀୟ ରାଷ୍ଟ୍ର (Federal State)ରୂପେ ବିକଶିତ ହେବା ପାଇଁ ବାଟ ଦେଖାଇଲା । ସଂଘୀୟ ଦୃଷ୍ଟି ହେଲା ଆଧୁନିକ ଭାରତର ଏକ ପ୍ରମୁଖ ବୈଶିଷ୍ଟ୍ୟ ଏବଂ ପ୍ରଧାନ ଶକ୍ତି । ଏହା ଆଞ୍ଚଳିକତା ଓ ମହାଜାତୀୟତା ମଧ୍ୟରେ ପରିପୂରକତା ଦେଖେ । ଭାରତରେ 'ବିବିଧତାରେ ଏକତା' ବିଚାରକୁ ଦୃଢ଼ବଳ କରିଥାଏ ।ସେହି କାରଣରୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଇତିହାସ ସମକାଳୀନ ସମୟରେ ଖୁବ୍ ପ୍ରାସଙ୍ଗିକ ସିଦ୍ଧ ହୋଇଥାଏ ।

## ଆଦର୍ଶ ପ୍ରଶ୍ନାବଳୀ

### 'କ' ବିଭାଗ

### (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର)

୧। ପ୍ରତ୍ୟେକ ପ୍ରଶ୍ନ ପାଇଁ ଥିବା ଚାରୋଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତରଟିକୁ ବାଛି ଲେଖ।

(କ) ଓଡ଼ିଶାର ସମ୍ବଲପୁର ଊନବିଂଶ ଶତାବ୍ଦୀରେ ନିମ୍ନୋକ୍ତ କେଉଁ ପ୍ରେସିଡେନ୍ସି ବା ପ୍ରଦେଶରେ ରହିଥିଲା।

(i) ବେଙ୍ଗଲ (ii) ମାଡ୍ରାସ

(iii) କେନ୍ଦ୍ରପ୍ରଦେଶ (iv) ଛତିଶଗଡ଼

(ଖ) ଓଡ଼ିଶାର ନିମ୍ନୋକ୍ତ କେଉଁ ଅଞ୍ଚଳ ମାଡ୍ରାସ ପ୍ରେସିଡେନ୍ସିରେ ୧୯୩୬ ପୂର୍ବରୁ ମିଶି ରହିଥିଲା ?

(i) ସମ୍ବଲପୁର (ii) ଗଞ୍ଜାମ

(iii) କଟକ (iv) ସିଂହଭୂମ

(ଗ) ଇଂରେଜ ଇଷ୍ଟ ଇଣ୍ଡିଆ କମ୍ପାନୀ ଓଡ଼ିଶା ଅଧିକାର କଲାବେଳକୁ ନିମ୍ନୋକ୍ତ କେଉଁ ଶାସକମାନେ ଓଡ଼ିଶାରେ ଶାସନ କରୁଥିଲେ ?

(i) ମୋଗଲ (ii) ସୂର୍ଯ୍ୟବଂଶୀ ଗଜପତି

(iii) ମରାଠା (iv) ଆଫଗାନ୍

(ଘ) ୧୮୧୭ରେ ଓଡ଼ିଶାର କେଉଁ ଅଞ୍ଚଳ ଇଂରେଜ କର୍ତ୍ତୃତ୍ୱାଧୀନ ହେଲା ?

(i) ସମ୍ବଲପୁର (ii) ଗଞ୍ଜାମ

(iii) କଟକ (iv) ଉତ୍ତର ସରକାର

(ଙ) ଓଡ଼ିଶାରେ କେଉଁ ମସିହାରେ ପ୍ରଥମେ କଲେଜ ସ୍ଥାପିତ ହେଲା ?

(i) ୧୮୬୫ (ii) ୧୮୬୮

(iii) ୧୯୨୦ (iv) ୧୯୪୪

### 'ଖ' ବିଭାଗ

**୨. ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖ। (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର)**

(କ) ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷ ଓ ଜାତୀୟତାର ଉନ୍ମେଷ ମଧ୍ୟରେ ଥିବା ସମ୍ପର୍କକୁ ଉଲ୍ଲେଖ କର।

(ଖ) ଊନବିଂଶ ଶତାବ୍ଦୀରେ ଓଡ଼ିଶାରେ ଆଧୁନିକ ଶିକ୍ଷାର ସ୍ଥିତି ସମ୍ବନ୍ଧରେ ଲେଖ।

(ଗ) ଓଡ଼ିଆ ଆନ୍ଦୋଳନ ବୋଇଲେ କ'ଣ ବୁଝ ?

(ଘ) ଜାତୀୟତାର ଉନ୍ମେଷ ସହିତ ପତ୍ରପତ୍ରିକାର କ'ଣ ସମ୍ବନ୍ଧ ରହିଥିଲା ?

(ଙ) କେଉଁ ଆଧାରରେ ଗଙ୍ଗାଧର ମେହେର ରଚିତ 'ତପସ୍ୱିନୀ' କାବ୍ୟରେ ଆଧୁନିକ ବିଚାର ରହିଥିଲା ବୋଲି କୁହାଯାଏ ?

(ଚ) 'ଉତ୍କଳ ସମ୍ମିଳନୀ'ର ସ୍ଥାପନା ପଛରେ କ'ଣ ଉଦ୍ଦେଶ୍ୟ ରହିଥିଲା ?

(ଛ) ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ଗଠନ ସହିତ ଓଡ଼ିଆ ଆନ୍ଦୋଳନ କେଉଁଭଳି ଭାବେ ସଂଯୋଜିତ ?

(ଜ) ବିହାର ଓ ଓଡ଼ିଶା ପ୍ରଦେଶ ଗଠନ ଓ ତହିଁରେ ଓଡ଼ିଶାର ମିଶ୍ରଣକୁ କେଉଁ ଆଧାରରେ ଓଡ଼ିଶାର ବୌଦ୍ଧିକ ବର୍ଗ ପସନ୍ଦ କରୁ ନ ଥିଲେ ?

(ଝ) 'ଫିଲିପ୍-ଡଫ୍' ଅନୁସନ୍ଧାନ କମିଟି ଗଠନ କେବେ ଓ କାହିଁକି ହୋଇଥିଲା ?

(ଞ) ୧୯୨୮ର କଲିକତା କଂଗ୍ରେସରେ ଓଡ଼ିଶାର ପ୍ରତିନିଧିମାନେ କାହିଁକି ଅସନ୍ତୁଷ୍ଟ ହୋଇଥିଲେ ?

**୩. ପ୍ରତି ପ୍ରଶ୍ନର ଉତ୍ତର ପାଞ୍ଚ ବା ଛଅଟି ବାକ୍ୟରେ ଦିଅ । (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର)**

(କ) ଓଡ଼ିଶାରେ ବଙ୍ଗଳା ଭାଷାର ପ୍ରାଧାନ୍ୟ କାହିଁକି ବଢ଼ିଲା ?

(ଖ) ସମ୍ବଲପୁରରେ ହୋଇଥିବା ଭାଷା ଆନ୍ଦୋଳନ ଉପରେ ଆଲୋକପାତ କର ।

(ଗ) ଗଞ୍ଜାମରେ ହୋଇଥିବା ଭାଷା ଆନ୍ଦୋଳନ ସମ୍ପର୍କରେ ଉଲ୍ଲେଖ କର ।

(ଘ) ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ କୃଷ୍ଣଚନ୍ଦ୍ର ଗଜପତିଙ୍କର ଭୂମିକା କ'ଣ ଥିଲା ?

(ଙ) ବିହାର-ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କରେ ଆଲୋଚନା କର ।

## 'ଗ' ବିଭାଗ

**(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର)**

୪. ଓଡ଼ିଶାରେ ଜାତୀୟ ଚେତନାର ଉନ୍ମେଷର ପୃଷ୍ଠଭୂମିକୁ ବିଶ୍ଳେଷଣ କର ।

୫. ଓଡ଼ିଆ ଆନ୍ଦୋଳନ ଓ ଜାତୀୟ କଂଗ୍ରେସ ଆନ୍ଦୋଳନ ମଧ୍ୟରେ ଥିବା ସମ୍ବନ୍ଧକୁ ବିଶ୍ଳେଷଣ କର ।

❑●❑

ଷୋଡ଼ଶ ଅଧ୍ୟାୟ :

# ଆଧୁନିକ ଓଡ଼ିଶା: ବ୍ୟକ୍ତି ଓ ବିଚାର
## Modern Odisha: Individuals and Ideas

(କ) ମଧୁସୂଦନ ଦାସ (ଖ) ଗୋପବନ୍ଧୁ ଦାସ (ଗ) କୃଷ୍ଣଚନ୍ଦ୍ର ଗଜପତି
(ଘ) ସରଳା ଦେବୀ (ଙ) ରମାଦେବୀ (ଚ) ମାଳତୀ ଦେବୀ

ଊନବିଂଶ ଓ ବିଂଶ ଶତାବ୍ଦୀର ଓଡ଼ିଶାକୁ 'ଆଧୁନିକ ଓଡ଼ିଶା' ବୋଲି ଗ୍ରହଣ କରାଯାଏ । ଏହି ଅବଧିରେ ସମାଜରେ ଆଧୁନିକ ଶିକ୍ଷିତ ବର୍ଗର ଉଦୟ ହେଲା । ସଂଖ୍ୟା ଦୃଷ୍ଟିରୁ ଏହି ବର୍ଗ ଖୁବ୍ କ୍ଷୁଦ୍ର ଥିଲା । କିନ୍ତୁ ବିଶ୍ୱସ୍ତରରେ ଉନ୍ମେଷଲାଭ କରୁଥିବା ମଧ୍ୟବର୍ଗ ସହ ବୌଦ୍ଧିକ ସ୍ତରରେ ସମ୍ପର୍କିତ ଥିବାରୁ ଏହା ଯଥେଷ୍ଟ ପ୍ରଭାବଶାଳୀ ଥିଲା । ସମୟକ୍ରମେ ସମାଜର ରାଜନୀତିକ ନେତୃତ୍ୱ ଏହି ଶିକ୍ଷିତ ବର୍ଗ ପାଖକୁ ହସ୍ତାନ୍ତରିତ ହେଲା । ସାହିତ୍ୟ, ସଂସ୍କୃତି, ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରରେ ମଧ୍ୟ ମଧ୍ୟବର୍ଗର ଲୋକେ କର୍ତ୍ତୃତ୍ୱ ହାସଲ କଲେ । ସେମାନଙ୍କୁ ମଧ୍ୟବର୍ଗ ବୋଲି କହିବା ପଛରେ କାରଣ ହେଲା ଯେ ସେମାନେ ପାରମ୍ପରିକ ଅଭିଜାତ ବର୍ଗ ଏବଂ ଅତି ସାଧାରଣ ଲୋକଙ୍କଠାରୁ ଭିନ୍ନ ଥିଲେ । ରାଜା-ରାଜୁଡ଼ାଙ୍କ ପରି କୁଳବୈଭବ ରୂପେ ରାଜନୀତି ଓ କ୍ଷମତାର ଅଧିକାରୀ ନ ଥିଲେ । ପୁଣି, ସାଧାରଣ ପ୍ରଜାଙ୍କ ଭଳି ଅସମ୍ପନ୍ନ ନ ଥିଲେ । ୟୁରୋପରେ ପଞ୍ଚଦଶ ଶତାବ୍ଦୀର ମଧ୍ୟଭାଗରୁ ନବଜାଗରଣର ଆରମ୍ଭ ହେଲା, ତତ୍‌ପରେ ପରେ ବୌଦ୍ଧିକ ଓ ସାମାଜିକ ବିପ୍ଳବ, ବିଜ୍ଞାନ କ୍ରାନ୍ତି, ବାଣିଜ୍ୟ କ୍ରାନ୍ତି ତଥା ଶିଳ୍ପବିପ୍ଳବ ଆଦି ସଂଘଟିତ ହେଲା ଏବଂ ତା'ର ଏକ ସାମାଜିକ ଉପଜ (Product) ରୂପେ ଆଧୁନିକ ଶିକ୍ଷିତ ବୁଦ୍ଧିଜୀବୀ ବର୍ଗ ବିକଶିତ ହେଲା । ଭାରତ ଓ ବିଶେଷକରି ଓଡ଼ିଶା ସ୍ତରରେ ମଧ୍ୟ ଶିଳ୍ପ ବିପ୍ଳବ ଆଦି ପ୍ରକୃତ ରୂପେ ଅନୁଭୂତ ନ ହେବା ସତ୍ତ୍ୱେ ଏହି ବର୍ଗର ବିକାଶ ଦେଖିବାକୁ ମିଳିଲା । ଆଧୁନିକ ଓଡ଼ିଶାର ଜନକ ଭାବେ ଶିକ୍ଷିତ ବୁଦ୍ଧିଜୀବୀ ବର୍ଗ ରାଜ୍ୟର ରାଜନୀତି ଓ ଜନଜୀବନକୁ ଦିଗ ନିର୍ଦ୍ଦେଶ ପ୍ରଦାନ କଲେ । ସେମାନଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଗଠନ ହେଲା, ଓଡ଼ିଶା ଜାତୀୟ ରାଜନୀତିରେ ସହବନ୍ଧିତ ହେଲା, ଓଡ଼ିଶାର ଭାଷା ଓ ସାହିତ୍ୟ ନୂଆ ଗତି ଓ ରୂପ ପାଇଲା ତଥା ସର୍ବୋପରି ନୂଆ ସାମାଜିକ ବିଚାରର ବିକାଶ ଘଟିଲା । ଶିକ୍ଷିତ ବୁଦ୍ଧିଜୀବୀ ବର୍ଗକୁ ବାଦଦେଇ ଆଧୁନିକ ଓଡ଼ିଶାର ରେଖାଚିତ୍ରକୁ ପରିଭାଷିତ କରିହେବ ନାହିଁ । ଏହି ଅଧ୍ୟାୟରେ ଆଧୁନିକ ଓଡ଼ିଶାର କେତେଜଣ ଶିକ୍ଷିତ ବୁଦ୍ଧିଜୀବୀ ତଥା ପ୍ରମୁଖ ବ୍ୟକ୍ତିତ୍ୱଙ୍କ ବ୍ୟକ୍ତିତ୍ୱ, ବିଚାର ଓ ସାମାଜିକ ଯୋଗଦାନ ସମ୍ପର୍କରେ ଚର୍ଚ୍ଚା କରାଯାଇଛି ।

ସେମାନେ ହେଲେ ମଧୁସୂଦନ ଦାସ (୧୮୪୮-୧୯୩୪), ଗୋପବନ୍ଧୁ ଦାସ (୧୮୭୭-୧୯୨୮), କୃଷ୍ଣଚନ୍ଦ୍ର ଗଜପତି (୧୮୯୨-୧୯୭୪), ସରଳାଦେବୀ (୧୯୦୪-୧୯୮୬), ରମାଦେବୀ (୧୮୯୯-୧୯୮୫) ଏବଂ ମାଳତୀ ଦେବୀ (୧୯୦୪-୧୯୯୮)।

ୟୁରୋପରୁ ନେଇ ଓଡ଼ିଶା ଯାଏଁ ସବୁଠାରେ ଆଧୁନିକତାକୁ ନବଜାଗରଣ ଓ ହେତୁବାଦ ସହ ଯୋଡ଼ି ଦେଖାଯାଇଛି। ସବୁଠାରେ ବ୍ୟକ୍ତିବାଦକୁ ଆଧୁନିକତାର ପୃଷ୍ଠଭୂମିରେ ଚିହ୍ନିତ କରାଯାଇଛି। ବ୍ୟକ୍ତିବାଦର ଅର୍ଥ ବ୍ୟକ୍ତିକୁ ସମାଜର କେନ୍ଦ୍ରରେ ରଖି ବିଚାର ଗଢ଼ିବା, ବ୍ୟକ୍ତିର ସାମର୍ଥ୍ୟରେ ଆସ୍ଥା ରଖିବା ତଥା ସଭ୍ୟତା ଓ ସଂସ୍କୃତିର ବିକାଶରେ ବ୍ୟକ୍ତିର ଯୋଗଦାନକୁ ଯଥୋଚିତ ମହତ୍ତ୍ୱ ଦେବା। ଏହା ବ୍ୟକ୍ତିକୈନ୍ଦ୍ରିକତା ନୁହେଁ। ବ୍ୟକ୍ତି କେନ୍ଦ୍ରିକତା ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିକୁ ବା ଅଳ୍ପ କେତେକ ବ୍ୟକ୍ତିଙ୍କୁ ଅବଶିଷ୍ଟ ବ୍ୟକ୍ତି ସମୂହ ତୁଳନାରେ ଅଧିକ ସାମର୍ଥ୍ୟବାନ ଓ ଅଧିକ ଶକ୍ତିସମ୍ପନ୍ନ ମନେକରେ। ଦ୍ୱିତୀୟତଃ, ବ୍ୟକ୍ତି ହେଲା ଏକ ସାମାଜିକ ପ୍ରକ୍ରିୟାର ଉପଜ (product); ସମାଜ ଓ ସମୟଠାରୁ ବିଚ୍ୟୁତ କରି ତାକୁ ବା ତା'ର ସାମାଜିକ ଯୋଗଦାନକୁ ଦେଖିବା ହେବ ଅଯୌକ୍ତିକତା। ଅର୍ଥାତ୍ କେତେଜଣ ବ୍ୟକ୍ତିଙ୍କର ସାମାଜିକ ଯୋଗଦାନକୁ ନେଇ ଚର୍ଚ୍ଚା କରିବା ଅର୍ଥ ନୁହେଁ ଅନ୍ୟମାନଙ୍କର ଯୋଗଦାନକୁ ଗୌଣ ମନେକରିବା। ବରଂ ଏହାର ଅର୍ଥ ହେବ କେତେକ ଉଦାହରଣ ମାଧ୍ୟମରେ ବ୍ୟକ୍ତିବାଦ ପ୍ରଶ୍ନକୁ ବ୍ୟାଖ୍ୟା କରିବା। ଚର୍ଚ୍ଚିତ ବ୍ୟକ୍ତିମାନଙ୍କୁ ପ୍ରତିନିଧିସ୍ତରୀୟ ମନେକରି ସାମାଜିକ ଇତିହାସର ଅନୁଶୀଳନ କରିବା।

## ମଧୁସୂଦନ ଦାସ (୧୮୪୮-୧୯୩୪) :

ମଧୁସୂଦନ ଦାସ ଥିଲେ ନବ ଉତ୍କଳର ଅନ୍ୟତମ ପ୍ରମୁଖ ଜନନାୟକ। ଯେତିକି ନିଜର ଅସଲି ନାଁରେ ନୁହେଁ ତା'ଠାରୁ ଢେର ଅଧିକ ସେ 'ମଧୁବାବୁ', 'ମି. ଦାସ', 'ଉତ୍କଳ ଗୌରବ', 'ଦେଶପ୍ରାଣ' ତଥା 'କୁଳବୃଦ୍ଧ' ନାମରେ ପରିଚିତ। ଏହା ତାଙ୍କର ପ୍ରଗାଢ଼ ଜନସ୍ୱୀକୃତିକୁ ଦର୍ଶାଏ। କେବଳ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ନୁହେଁ, ଆଧୁନିକ ଓଡ଼ିଶାର ସମାଜ ଓ ସଂସ୍କୃତିର ନିର୍ମାଣରେ ମଧୁବାବୁଙ୍କ ଭୂମିକା ଥିଲା ଖୁବ୍ ମହତ୍ତ୍ୱପୂର୍ଣ୍ଣ।

ମଧୁବାବୁଙ୍କ ଜନ୍ମ କଟକ ଜିଲ୍ଲା ସାଲେପୁର ନିକଟସ୍ଥ ସତ୍ୟଭାମାପୁରରେ; ୧୮୪୮ ମସିହା ଏପ୍ରିଲ ୨୮ ତାରିଖରେ। ପିତା ରଘୁନାଥ ଦାସ ଏବଂ ମାତା ପାର୍ବତୀ ଦେବୀ। ଜମିଦାର ପରିବାର। ଖୁବ୍ ଧନାଢ୍ୟ ନ ହେଲେ ବି ସମ୍ପନ୍ନ ସ୍ତରୀୟ। ଗାଁରେ ପ୍ରାରମ୍ଭିକ ପାଠ ସାରି ସେ ହାଇସ୍କୁଲ ଶିକ୍ଷା ପାଇଁ କଟକରେ ଅବସ୍ଥାନ କଲେ। କଟକରେ ନିଜ ଗ୍ରାମୀଣ ପୋଷାକ ପରିଚ୍ଛଦ ପାଇଁ ସେ ବଙ୍ଗାଳୀ ସହପାଠୀମାନଙ୍କ ଉପହାସର ପାତ୍ର ହେଉଥିଲେ, ଯାହା ତାଙ୍କୁ ପରବର୍ତ୍ତୀ ସମୟରେ ଅସ୍ମିତା ପାଇଁ ଆନ୍ଦୋଳନ କରିବାକୁ ପ୍ରବର୍ତ୍ତାଇଥିଲା। ୧୮୬୪ରେ ସେ କଟକରୁ ଏନଟ୍ରାନ୍ସ ପାସ କଲାପରେ ଦୁଇବର୍ଷ ବାଲେଶ୍ୱରର ଶିକ୍ଷକତା କରିଥିଲେ। ୧୮୬୬ରେ ସେ ଉଚ୍ଚଶିକ୍ଷା ପାଇଁ କଲିକତା ଗଲେ ଏବଂ ସେଠାରେ ବି.ଏ., ଏମ୍.ଏ ଓ ଆଇନ୍ ଡିଗ୍ରୀ ହାସଲ କରିଥିଲେ। ଓଡ଼ିଆ ବୋଲି କଲିକତାରେ ମଧ୍ୟ ତାଙ୍କୁ ଅନେକ ବ୍ୟଙ୍ଗ ବିଦ୍ରୁପର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସମସ୍ୟାଟିକୁ ସେ ବ୍ୟକ୍ତିଗତ ସ୍ତରରେ ସୀମିତ ନ ରଖି ଓଡ଼ିଆ ଜାତି ପ୍ରଶ୍ନ ସହ ସଂଯୋଜିତ କରିବାକୁ ଆନ୍ଦୋଳନ କଲେ। ସେ ବୁଝିଥିଲେ ଯେ, ସାମାଜିକ ଅସ୍ମିତା ବା ପରିଚୟ ବିନା କଦାପି ବ୍ୟକ୍ତିଗତ ସମ୍ମାନ ମିଳି ନ ପାରେ। ଏହା ତାଙ୍କୁ ଓଡ଼ିଶାର ଅସ୍ମିତା ଆନ୍ଦୋଳନ

ଆଡ଼କୁ ଟାଣିନେଲା। ୧୮୮୧ରେ ଦୀର୍ଘ ୧୫ ବର୍ଷର କଲିକତା ରହଣି ପରେ ଓଡ଼ିଶାକୁ ଫେରି ସେ ସାମାଜିକ ଓ ରାଜନୈତିକ ଜୀବନରେ ପ୍ରତ୍ୟକ୍ଷ ଭାବରେ ସକ୍ରିୟ ହେଲେ।

ମଧୁବାବୁ ବୁଝିଥିଲେ ଯେ ଓଡ଼ିଶା ହେଲା ଭାରତର ଏକ ଅଭିନ୍ନ ଅଙ୍ଗ। ମାତ୍ର ଅନ୍ୟ ପ୍ରଦେଶ, ବିଶେଷକରି ପଡ଼ୋଶୀ ବଙ୍ଗ ତୁଳନାରେ ଏହା ଅନଗ୍ରସର। ତେଣୁ ଓଡ଼ିଶାର ବିକାଶକୁ ପ୍ରାଥମିକତା ଦେବାକୁ ପଡ଼ିବ। ଅନ୍ୟଥା ଓଡ଼ିଶାର ଅନଗ୍ରସରତା ଦେଶର ସାମଗ୍ରିକ ପ୍ରଗତି ଆଗରେ ଏକ ବଡ଼ ପ୍ରତିବନ୍ଧକ ସାବ୍ୟସ୍ତ ହେବ। ସେ କଟକରେ 'ଉତ୍କଳ ସଭା' ପ୍ରତିଷ୍ଠା କରିଥିଲେ। ବିଭିନ୍ନ ସାମାଜିକ ତଥା ରାଜନୈତିକ ପ୍ରସଙ୍ଗର ଆଲୋଚନା ନିମନ୍ତେ ଏହା ଏକ ସମାବେଶୀ (inclusive) ମଞ୍ଚ ହୋଇପାରିଥିଲା। ୧୯୦୩ରେ 'ଉତ୍କଳ ସମ୍ମିଳନୀ'ର ସ୍ଥାପନା ତାଙ୍କର ଅନ୍ୟ ଏକ ବିଶିଷ୍ଟ କାର୍ଯ୍ୟ, ଯାହା ଓଡ଼ିଆ ଭାଷା ଅସ୍ମିତାର ଆନ୍ଦୋଳନକୁ ଠୋସ ସ୍ୱରୂପ ପ୍ରଦାନ କଲା। ପ୍ରତିବର୍ଷ 'ଉତ୍କଳ ସମ୍ମିଳନୀ'ର ବାର୍ଷିକ ଅଧିବେଶନ ଆୟୋଜିତ କରି ତହିଁରେ ଓଡ଼ିଶାର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ, ବିଜ୍ଞାନ ଓ କାରିଗରୀର ବିକାଶ ପାଇଁ ଉଦ୍ୟମ କରାଗଲା। ୧୯୩୪ରେ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ମଧୁବାବୁ ଭାଷାଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ଗଠନ ନିମନ୍ତେ ଆପ୍ରାଣ ଉଦ୍ୟମ କରିଥିଲେ। ବ୍ୟବସ୍ଥାପକ ସଭାର ସଭ୍ୟ ଭାବରେ ସେ ଓଡ଼ିଶା ପ୍ରସଙ୍ଗକୁ ଅନେକଥର ଉତ୍ଥାପନ କରିଥିଲେ।

ମଧୁବାବୁଙ୍କ ସାମାଜିକ କାର୍ଯ୍ୟ କେବଳ 'ଉତ୍କଳ ସମ୍ମିଳନୀ' ଯାଏ ସୀମିତ ନ ଥିଲା। ୧୮୯୭ ଏବଂ ୧୯୦୭ରେ ସେ ଦୁଇଥର ଇଂଲଣ୍ଡ ଭ୍ରମଣରେ ଯାଇଥିଲେ। ସେଠାରେ ଓଡ଼ିଶା ପ୍ରସଙ୍ଗରେ ଆଲୋଚନା କରିବା ନିମିତ୍ତ ଅନେକ ବୌଦ୍ଧିକ ଚର୍ଚ୍ଚାର ଆୟୋଜନ କରିଥିଲେ। ବିଦେଶରେ ଓଡ଼ିଶା ଜାତିକୁ ଗୌରବମଣ୍ଡିତ କରିଥିଲେ ବୋଲି ତାଙ୍କୁ 'ଉତ୍କଳ ଦୀପିକା' ପତ୍ରିକା ପକ୍ଷରୁ 'ଉତ୍କଳ ଗୌରବ' ଉପାଧି ପ୍ରଦାନ କରାଯାଇଥିଲା। କୁଟୀର ଶିଳ୍ପର ବିକାଶ ପାଇଁ ସେ ୧୮୮୭ରେ 'ଓଡ଼ିଶା ଆର୍ଟୱେର ଏଣ୍ଡ ଆର୍ଟ ସ୍କୁଲ' ସ୍ଥାପନ କରିଥିଲେ। ୧୯୦୪ରେ ସେ ସ୍ୱଦେଶୀ ଚମଡ଼ା ଉଦ୍ୟୋଗର ବିକାଶ ଲାଗି ତଥା ଚମଡ଼ା କାରିଗରକୁ ସମ୍ମାନ ଦେବା ଲାଗି 'ଉତ୍କଳ ଟ୍ୟାନେରୀ' ପ୍ରତିଷ୍ଠା କରିଥିଲେ। ୧୯୦୩-୦୪ରେ ତାଙ୍କରି ଉଦ୍ୟମରେ ଓ ଆଧୁନିକୀକରଣ ନିମନ୍ତେ ସେ କଟକଠାରେ ଏକ ଆଧୁନିକ ରଙ୍ଗମଞ୍ଚ ମଧ୍ୟ ଆରମ୍ଭ କରିଥିଲେ। ମଧୁସୂଦନ ନିଜେ ପତ୍ରିକା ପ୍ରକାଶନ କରି ନ ଥିଲେ, କିନ୍ତୁ 'ଦ ଓରିଆ', 'ଉତ୍କଳ ଦୀପିକା' ଏବଂ 'ଷ୍ଟାର ଅଫ୍ ଉତ୍କଳ'ରେ ବିଭିନ୍ନ ସାମ୍ପ୍ରତିକ ପ୍ରସଙ୍ଗରେ ନିୟମିତ ଲେଖାମାନ ଲେଖୁଥିଲେ। ଅଧିକାଂଶ ଲେଖା ତାଙ୍କର ଇଂରାଜୀରେ; ଉଦ୍ଦେଶ୍ୟ ଥିଲା ବାହାର ପାଠକଙ୍କୁ ଓଡ଼ିଶାର ପ୍ରସଙ୍ଗଗୁଡ଼ିକ ସହିତ ପରିଚିତ କରିବା। ମାତୃଭାଷା ଓଡ଼ିଆରେ ମଧ୍ୟ ସେ ସ୍ୱଚ୍ଛନ୍ଦରେ କବିତା ଓ ପ୍ରବନ୍ଧମାନ ଲେଖୁଥିଲେ। ଜଣେ ଜାତୀୟତାବାଦୀ କବି ଭାବରେ ସେ ଲେଖିଥିବା ଅନେକ ଓଡ଼ିଆ କବିତା ଲୋକୋକ୍ତିରେ ଆଜିସୁଦ୍ଧା ରହିଆସିଛି। ଏହା ମଧୁବାବୁଙ୍କ ଲୋକସ୍ୱୀକୃତିକୁ ଦର୍ଶାଏ।

ମଧୁସୂଦନ ଓଡ଼ିଶାର ପ୍ରାଦେଶିକ ବିକାଶକୁ ପ୍ରାଥମିକତା ଦେଉଥିଲେ। ସାଙ୍ଗରେ ମହାଭାରତୀୟତା ପ୍ରଶ୍ନକୁ ବି କେବେ ସେ ଉପେକ୍ଷା କରି ନ ଥିଲେ। ରାଷ୍ଟ୍ରର ସ୍ୱାର୍ଥରକ୍ଷା ଲାଗି ଇଂରେଜ ସରକାରର ସହଯୋଗ ନେବା ବି ତାଙ୍କ ଦୃଷ୍ଟିରେ ଦୋଷାବହ ନ ଥିଲା। ଏହି ଦୃଷ୍ଟିରୁ ଦେଖିଲେ ତାଙ୍କୁ ଜଣେ ଉଦାରବାଦୀ (Liberal) ବିଚାରର ନେତା କହିହେବ। ପୁଣି, ସେ ଥିଲେ ଜଣେ ବିଶ୍ୱଦ୍ରଷ୍ଟା। ବିଶ୍ୱ ମାନବର ହିତ ଥିଲା ତାଙ୍କର ଧ୍ୟେୟ।

ସଂସାରର ବିଶାଳତାକୁ ଦେଖିପାରିଲେ ହିଁ ବ୍ୟକ୍ତି ଜାତୀୟତା ଏବଂ ଆଞ୍ଚଳିକତା ମଧ୍ୟରେ ଥିବା ପରିପୂରକତାକୁ ବୁଝିପାରିବ ବୋଲି ସେ କହୁଥିଲେ । ନିଜ କଲିକତା ପ୍ରବାସ କାଳରେ ସେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ, କାରଣ ଯୀଶୁଖ୍ରୀଷ୍ଟଙ୍କର ତ୍ୟାଗ ଭାବନା ତାଙ୍କୁ ପ୍ରେରଣା ଦେଇଥିଲା । ଧର୍ମାନ୍ତରଣ ପରେ ସୁଦ୍ଧା ସେ ପୁରୀ ମନ୍ଦିର ଓ ଜଗନ୍ନାଥଙ୍କ ମହତ୍ତ୍ୱ ପ୍ରତିପାଦିତ କରିବାକୁ ତଥା ଇଂରେଜ ହାତରେ ପୁରୀ ମନ୍ଦିର ଅଧିକାର ନ ଦେବାକୁ କଚେରିର ଆଶ୍ରୟ ନେଇଥିଲେ । ଏହା ମଧୁବାବୁଙ୍କ ଓଡ଼ିଆ ଜାତି ଅସ୍ମିତା ପ୍ରତି ଅଙ୍ଗୀକାରବଦ୍ଧତାକୁ ଦର୍ଶାଏ ।

୧୯୨୦-୨୨ର ଅସହଯୋଗ ଆନ୍ଦୋଳନ ସମୟରେ ମଧୁସୂଦନ ବିହାର ଓ ଓଡ଼ିଶା ପ୍ରଦେଶର ମନ୍ତ୍ରୀପଦ ଗ୍ରହଣ କରିଥିବାରୁ ତାଙ୍କୁ ଓଡ଼ିଶାର ଯୁବଗୋଷ୍ଠୀ ସମାଲୋଚନା କରିଥିଲେ । ୧୯୨୩ରେ ସେ ମନ୍ତ୍ରୀପଦରୁ ଇସ୍ତଫା ଦେଇ ସୁସ୍ପଷ୍ଟ କରିଦେଲେ ଯେ ଉଚ୍ଚ ବେତନର ଲୋଭରୁ ସେ ଖୁବ୍ ଊର୍ଦ୍ଧ୍ୱରେ । 'ଉତ୍କଳ ଟ୍ୟାନେରୀ' ଥିଲା ତାଙ୍କ ମାନସ ସନ୍ତାନ । ତା'ର ପୁନରୁଦ୍ଧାର ପାଇଁ ମହାତ୍ମାଗାନ୍ଧୀଙ୍କର ସହଯୋଗ ଲୋଡ଼ିଥିଲେ । ୧୯୨୫ରେ ଗାନ୍ଧି ଏଥିପାଇଁ କଟକ ଆସି ମଧୁବାବୁଙ୍କ ସହ ସାକ୍ଷାତ ମଧ୍ୟ କରିଥିଲେ ।

ମଧୁସୂଦନ ଉଚ୍ଚଶିକ୍ଷା ପାଇଥିଲେ । 'ପରାର୍ଥେ ଜୀବନ'କୁ ବ୍ରତ କରି ସାମାଜିକ କାର୍ଯ୍ୟରେ ମନଯୋଗ ଦେଇଥିଲେ । ଓକିଲାତିରୁ ଯଥେଷ୍ଟ ରୋଜଗାର କରୁଥିଲେ, ମାତ୍ର ନିଜର ଅର୍ଜିତ ଧନକୁ ସେ ଓଡ଼ିଶାର ସମୂହ ସ୍ୱାର୍ଥ ପାଇଁ ବ୍ୟୟ ମଧ୍ୟ କରୁଥିଲେ । ୧୯୩୪ ଫେବୃୟାରୀ ୪ ତାରିଖରେ ଏଭଳି ଜଣେ ସମାଜନିଷ୍ଠ ବ୍ୟକ୍ତିଙ୍କର ୮୬ ବର୍ଷ ବୟସରେ କଟକଠାରେ ଦେହାନ୍ତ ଘଟିଥିଲା ।

## ଗୋପବନ୍ଧୁ ଦାସ (୧୮୭୭-୧୯୨୮) :

ଆଧୁନିକ ଓଡ଼ିଶାର ଅନ୍ୟ ଜଣେ ପ୍ରମୁଖ ଯୁଗପୁରୁଷ ହେଲେ ଗୋପବନ୍ଧୁ ଦାସ । ମଧୁବାବୁ ଆରମ୍ଭ କରିଥିବା ସାମାଜିକ କାମକୁ ଗୋପବନ୍ଧୁ ଆଗକୁ ନେଇଥିଲେ । ମଧୁବାବୁଙ୍କ ରାଜନୀତିକ କାମରେ ସକ୍ରିୟ ହେବାର ପ୍ରାୟ ତିନି ଦଶନ୍ଧି ପରେ ସେ ସମାଜ କାମରେ ନିବିଷ୍ଟ ହୋଇଥିଲେ । ପ୍ରାରମ୍ଭିକ ସମୟରେ ଜାତୀୟତାର ରାଜନୀତି ଥିଲା ଖୁବ୍ ଉଦାରବାଦୀ । ଶକ୍ତି ସୀମିତ ଥିବାରୁ ଏହା ଦାବି ହାସଲ ପାଇଁ ସରକାରଙ୍କ କଟୁ ସମାଲୋଚନା ମଧ୍ୟ କରିପାରୁ ନଥିଲା । ଯେଉଁମାନଙ୍କ ଭରସାରେ ମଧୁବାବୁ ଜାତୀୟ କାମରେ ସକ୍ରିୟ ହୋଇଥିଲେ, ସେମାନେ ସରକାରଙ୍କ ଚକ୍ଷୁଶୂଳ ହେବାକୁ ସାହସ କରୁ ନ ଥିଲେ । ମାତ୍ର ଗୋପବନ୍ଧୁଙ୍କ ସମୟରେ ସ୍ଥିତିରେ ପରିବର୍ତ୍ତନ ହେଲା । ଜାତୀୟତାବାଦୀଙ୍କ ବଳ ବଢ଼ିଲା । ମହାତ୍ମା ଗାନ୍ଧି ଜାତୀୟତା ଆନ୍ଦୋଳନକୁ ଗଣାଭିମୁଖୀ କଲେ । ଏସବୁ ସାମାଜିକ ପରିବର୍ତ୍ତନର ପ୍ରଭାବ ଗୋପବନ୍ଧୁଙ୍କ ରାଜନୀତି, ବ୍ୟକ୍ତିତ୍ୱ ଓ ବିଚାରରେ ଦେଖିବାକୁ ମିଳିଥିଲା । ଓଡ଼ିଶାର ଆନ୍ଦୋଳନକୁ ସେ ମହାଭାରତୀୟ ଆନ୍ଦୋଳନରେ ସମନ୍ୱିତ କଲେ । ଏହା ଦ୍ୱାରା ଆନ୍ଦୋଳନର ସଫଳତାର ସମ୍ଭାବନା ବୃଦ୍ଧି ପାଇବ ବୋଲି ଗୋପବନ୍ଧୁ ଦୃଢ଼ ନିଶ୍ଚିତ ଥିଲେ । ମଧୁସୂଦନଙ୍କ ସମୟରେ ଆରମ୍ଭ ହୋଇଥିବା ଭାଷା ଅସ୍ମିତାର ଆନ୍ଦୋଳନ ଗୋପବନ୍ଧୁଙ୍କ ନେତୃତ୍ୱରେ ପ୍ରଖର ହେଲା ତଥା କଂଗ୍ରେସ ଆନ୍ଦୋଳନର ଅଭିନ୍ନ ଅଙ୍ଗ ହେଲା । ଲକ୍ଷ୍ୟ ହାସଲର ମାର୍ଗକୁ ନେଇ ମଧୁସୂଦନ ଓ ଗୋପବନ୍ଧୁଙ୍କ ମଧ୍ୟରେ ବୈଚାରିକ ପାର୍ଥକ୍ୟ ଥିଲା । ମଧୁବାବୁ ସମାଜ ଗଠନ ପାଇଁ ସରକାରୀ ସାହାଯ୍ୟ ଉପରେ ବଳ ଦେଉଥିବା ବେଳେ ଗୋପବନ୍ଧୁ ଗଣସମ୍ପୃକ୍ତିକୁ ପ୍ରମୁଖତା ଦେଲେ । କିନ୍ତୁ ଲକ୍ଷ୍ୟ ଏକ ଥିଲା ବୋଲି ଦୁହେଁ ପରସ୍ପର ପାଇଁ ପରିପୂରକ ହୋଇପାରିଥିଲେ ।

ଗୋପବନ୍ଧୁ ଦାସ ୧୮୭୭ ମସିହା ଅକ୍ଟୋବର ୯ ତାରିଖ ଦିନ ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ନିକଟସ୍ଥ ସୁଆଣ୍ଡୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଦୈତାରୀ ଦାସ; ମା' ସ୍ୱର୍ଣ୍ଣମୟୀ। ଶୈଶବାବସ୍ଥାରେ ସେ ମାତୃହରା ହୋଇଥିଲେ। ପିଉସୀ କମଳା ଦେବୀ ତାଙ୍କର ଲାଳନପାଳନ କରିଥିଲେ। କମଳା ଦେବୀ ଥିଲେ ବାଲ୍ୟବିଧବା। ନିଃସ୍ୱାର୍ଥପର ଭାବରେ ସେ ଶିଶୁ ଗୋପବନ୍ଧୁଙ୍କୁ ବଡ଼ କରିଥିଲେ। ପିଉସୀଙ୍କର ନିସ୍ୱାର୍ଥପର ସେବା ଗୋପବନ୍ଧୁଙ୍କୁ 'ପରାର୍ଥେ ଜୀବନ' ଅତିବାହିତ କରିବାକୁ ପ୍ରେରଣା ଦେଇଥିଲା। ମାତୃହରା ଗୋପବନ୍ଧୁ ମା'ଙ୍କୁ ଖୋଜି ପାଇଥିଲେ ମାତୃଭୂମିଠାରେ। ଗୋପବନ୍ଧୁଙ୍କ ପାଇଁ ମାତୃଭୂମି ଗାଁ, ପ୍ରଦେଶ ବା ଦେଶର ଏକ ସଂକୀର୍ଣ୍ଣ ସୀମା ଯାଏଁ ସୀମିତ ନ ଥିଲା। ବରଂ ବିଶ୍ୱ ଜନନୀ ପ୍ରତି ସେ ପ୍ରତିବଦ୍ଧତା ରଖୁଥିଲେ। ମାନବିକତାକୁ ସେ ଦେଶଭକ୍ତି ଏବଂ ଓଡ଼ିଶା ପ୍ରୀତିର ସମାର୍ଥବୋଧକ ବିଚାର ରୂପେ ଗ୍ରହଣ କରିଥିଲେ। ଏହାକୁ ବ୍ୟାଖ୍ୟା କରି ସେ ୧୯୨୫ରେ କହିଥିଲେ:

"ଉତ୍କଳ ଭାରତର ଅଙ୍ଗ। ଭାରତର ଉତ୍‌ଥାନ ପତନରେ ଏହାର ଉନ୍ନତି ଓ ଅଧୋଗତି। ଅବଶ୍ୟ ପ୍ରତ୍ୟେକ ପ୍ରଦେଶର ସ୍ୱାତନ୍ତ୍ୟ ଅଛି, ସ୍ୱତନ୍ତ୍ର ଅଭିଯୋଗ ଅଛି। ସେ ସ୍ୱାତନ୍ତ୍ୟର ବିକାଶ ଓ ସେସବୁ ଅଭିଯୋଗର ସମାଧାନ ହେବା ଆବଶ୍ୟକ। ତାହା ଭାରତୀୟ ଉନ୍ନତିର ପ୍ରତିଦ୍ୱନ୍ଦ୍ୱୀ ନୁହେଁ, ଅନୁକୂଳ।.... ବ୍ୟକ୍ତିବିଶେଷର ଉନ୍ନତି ପରିବାର ଉନ୍ନତିର ବିରୋଧୀ ନୁହେଁ। ଗ୍ରାମର ଉନ୍ନତି ପ୍ରଦେଶ ଉନ୍ନତିର ପ୍ରତିଦ୍ୱନ୍ଦ୍ୱୀ ନୁହେଁ। ଏ ପ୍ରତ୍ୟେକର ପ୍ରତ୍ୟେକ ସଙ୍ଗେ ଅଙ୍ଗାଅଙ୍ଗୀ ସମ୍ବନ୍ଧ। ପ୍ରତ୍ୟେକ ପ୍ରତ୍ୟେକର ସହାୟ ଓ ପରିପୂରକ।" (ସମାଜ, ୨୫ ନଭେମ୍ବର, ୧୯୨୫)

ବିଶ୍ୱଦୃଷ୍ଟି ପାଇଥିବା ଗୋପବନ୍ଧୁ ପ୍ରାଦେଶିକ ଅସ୍ମିତା ପ୍ରଶ୍ନକୁ ମଧ୍ୟ କଦାପି ଉପେକ୍ଷା କରିନଥିଲେ। ସେ ଓଡ଼ିଆରେ ଅନେକ କାବ୍ୟ କବିତା ଲେଖିଥିଲେ। 'ଅବସର ବାସରେ', 'ଧର୍ମପଦ', 'କାରା କବିତା' ଓ 'ବନ୍ଦୀର ଆତ୍ମକଥା' ହେଲା ତାଙ୍କ ରଚନା। ଓଡ଼ିଆ ସାହିତ୍ୟ ପତ୍ରିକା 'ସତ୍ୟବାଦୀ' ଏବଂ ସମ୍ବାଦପତ୍ର 'ସମାଜ'ର ସେ ପ୍ରତିଷ୍ଠାତା ଥିଲେ। ୧୯୦୯ରେ ତାଙ୍କ ଦ୍ୱାରା ସ୍ଥାପିତ 'ସତ୍ୟବାଦୀ' ଶିକ୍ଷାନୁଷ୍ଠାନ ଓଡ଼ିଶାରେ ଜାତୀୟ ଶିକ୍ଷାର ଏକ ପ୍ରତୀକ ସାଜିଥିଲା। ତାଙ୍କ କର୍ମକ୍ଷେତ୍ର ଥିଲା ଓଡ଼ିଶାର ଭୌଗୋଳିକ କ୍ଷେତ୍ର। ଯେତେମାତ୍ରାରେ ସେ ପ୍ରୟାସ କରିଥିଲେ ଓଡ଼ିଆ ଭାଷାଭାଷୀ କ୍ଷେତ୍ରର ଏକତ୍ରୀକରଣ ପାଇଁ, ତତୋଧିକ ମାତ୍ରାରେ ସେ ବନ୍ୟା, ବାତ୍ୟା ବେଳେ ରିଲିଫ୍ ବଣ୍ଟନରେ ମଧ୍ୟ ସମୟ ଦେଉଥିଲେ। ୧୯୦୪ ମସିହାରୁ ସେ ଛାତ୍ର ଅବସ୍ଥାରୁ 'ଉତ୍କଳ ସମ୍ମିଳନୀ'ରେ ସକ୍ରିୟ ଥିଲେ ଏବଂ ୧୯୧୯ରେ ତା'ର ସଭାପତିତ୍ୱ ମଧ୍ୟ କରିଥିଲେ। ତାଙ୍କରି ନେତୃତ୍ୱରେ 'ଉତ୍କଳ ସମ୍ମିଳନୀ' ଜାତୀୟ କଂଗ୍ରେସରେ ମିଶିଥିଲା ଏବଂ ଓଡ଼ିଶାରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇଥିଲା। ୧୯୨୦ ସେ ଥିଲେ କଂଗ୍ରେସ କମିଟିର ପ୍ରତିଷ୍ଠାତା ଓ ସଭାପତି। ୧୯୨୮ରେ ମୃତ୍ୟୁ ପର୍ଯ୍ୟନ୍ତ ସେ ଓଡ଼ିଶାରେ ଜାତୀୟ କଂଗ୍ରେସର ସର୍ବୋଚ୍ଚ ନେତା ରହିଥିଲେ।

ଗୋପବନ୍ଧୁଙ୍କର ଉଦାର ଜାତୀୟ ଭାବ କୌଣସି ଜାତି ବିରୁଦ୍ଧରେ ଉଦ୍ଦିଷ୍ଟ ନ ଥିଲା; ସ୍ୱ-ଜାତିର ଉପେକ୍ଷା କରୁ ନଥିଲା। ସାଙ୍ଗରେ ସବଳର ଅତ୍ୟାଚାର ଓ ଅନାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ମଧ୍ୟ ଏହା ସାହସ ଦେଉଥିଲା। ସେ ଯେତେ ମାତ୍ରାରେ ବ୍ୟଥିତ ଥିଲେ ଅନ୍ନସଂସ୍ଥାନ ନିମିତ୍ତ କଲିକତା ପଳାୟନ

କରୁଥିବା ପ୍ରବାସୀ ଓଡ଼ିଆ ପାଇଁ, ତତୋଧିକ ମାତ୍ରାରେ ଚିନ୍ତା କରୁଥିଲେ ସତ୍ୟାଗ୍ରହ କରୁଥିବା ବର୍ଦ୍ଦୋଲିର (ଗୁଜୁରାଟ) କୃଷକ ପାଇଁ ତଥା ଆଫ୍ରିକାର 'ନିଗ୍ରୋମାନଙ୍କ' ପାଇଁ ଏବଂ ରୁଷରେ ଅତ୍ୟାଚାରୀ ଜାର ବିରୁଦ୍ଧରେ ବିପ୍ଳବ କରୁଥିବା ସାଧାରଣ ବର୍ଗ ପାଇଁ। ଦୁନିଆର ସବୁ ଅତ୍ୟାଚାରୀଙ୍କ ମୁକ୍ତି ସଂଗ୍ରାମରେ ଅନ୍ତତଃ ଗୁଣ୍ଡୁଚି ମୂଷା ଭଳି ଧୂଳି ଝାଡ଼ିବା ସକାଶେ ନିଜ ଦେହକୁ ମାଟିରେ ମିଶାଇ ଦେବାର ସେ ଅଭିଳାଷ ରଖିଥିଲେ। ତାଙ୍କ ଦୃଷ୍ଟିରେ ଏହି ଆତ୍ମବଳିଦାନ କୌଣସି ତ୍ୟାଗ ନୁହେଁ, କେବଳ ଏକ ସାମାଜିକ କର୍ତ୍ତବ୍ୟ ମାତ୍ର। ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସେ ଉକ୍ତ ସାମାଜିକ କର୍ତ୍ତବ୍ୟରୁ କଦାଚିତ ଓହରି ନଥିଲେ। ବରଂ ଏହାକୁ ବ୍ୟକ୍ତିଗତ ସ୍ତରରେ ସୀମିତ ନ ରଖି ଏକ ସାମାଜିକ ପରମ୍ପରାରେ ପରିଣତ କରିବାକୁ ଉଦ୍ୟମ କରିଥିଲେ।

୧୯୨୮ ମସିହାରେ ଗୋପବନ୍ଧୁଙ୍କର ମାତ୍ର ୫୦ ବର୍ଷ ବୟସରେ ସତ୍ୟବାଦୀ ଠାରେ ଦେହାନ୍ତ ହୋଇଥିଲା। ଦୀର୍ଘାୟୁ ନ ହେବା ସତ୍ତ୍ୱେ ସେ ଓଡ଼ିଶା ପାଇଁ ସାହିତ୍ୟ, ସମାଜସେବା, ରାଜନୀତି ଏବଂ ସାମ୍ବାଦିକତା ଆଦି କ୍ଷେତ୍ରରେ ଅନେକ କାମ କରିଯାଇଛନ୍ତି। ତାଙ୍କୁ ବାଦଦେଇ ଆଧୁନିକ ଓଡ଼ିଶା ସମ୍ପର୍କରେ ବୋଧହୁଏ କୌଣସି ବୌଦ୍ଧିକ ଚର୍ଚ୍ଚା ସମ୍ପୂର୍ଣ୍ଣ ହୋଇ ନ ପାରେ। ଏହା ତାଙ୍କ ବ୍ୟକ୍ତିତ୍ୱ ଓ ବିଚାରର ସାମାଜିକ ମହତ୍ତ୍ୱକୁ ଦର୍ଶାଏ।

## କୃଷ୍ଣଚନ୍ଦ୍ର ଗଜପତି (୧୮୯୨-୧୯୭୪) :

କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଥିଲେ ପାରଳାଖେମୁଣ୍ଡିର ମହାରାଜା। ଓଡ଼ିଆ ଭାଷା-ଭାଷୀ କ୍ଷେତ୍ରର ରାଜନୈତିକ ଏକତ୍ରୀକରଣ ଏବଂ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ତାଙ୍କ ଯୋଗଦାନ ବିସ୍ମୃତ ହେବାର ନାହିଁ। ଦକ୍ଷିଣ ଓଡ଼ିଶା ଇଂରେଜ ଶାସନର ଆରମ୍ଭରୁ ମାଡ୍ରାସ ପ୍ରେସିଡେନ୍ସିରେ ମିଶି ରହିଥିଲା ଏବଂ ଦକ୍ଷିଣ ଓଡ଼ିଶାର ଓଡ଼ିଆ ନେତୃବର୍ଗ ଏବଂ ବିଶେଷକରି 'ପାରଳା ରାଜା' ନାମରେ ଖ୍ୟାତ କୃଷ୍ଣଚନ୍ଦ୍ରଙ୍କ ସକ୍ରିୟ ସହଯୋଗ ରହି ନ ଥିଲେ, ହୁଏତ ସ୍ୱତନ୍ତ୍ର ପ୍ରଦେଶ ଗଠିତ ହୋଇଥାନ୍ତା, ମାତ୍ର ତହିଁରେ ପାରଳାଖେମୁଣ୍ଡି ସଂଯୋଜିତ ହୋଇପାରି ନ ଥାନ୍ତା। ୧୯୩୨ରେ ଓ'ଡୋନେଲଙ୍କ ଅଧ୍ୟକ୍ଷତାରେ ଗଠିତ 'ସୀମା କମିଶନ'ର ରିପୋର୍ଟରେ ଓଡ଼ିଶା ଗଠନ ପାଇଁ ପରୋକ୍ଷ ଭାବେ ସମ୍ମତି ଥିଲା। ମାତ୍ର ପାରଳାଖେମୁଣ୍ଡିର ତହିଁରେ ସମ୍ମିଶ୍ରଣ ପାଇଁ ସ୍ୱୀକୃତି ନ ଥିଲା। ଏହା ପଛରେ କାରଣ ହେଲା ଯେ ପାରଳାଖେମୁଣ୍ଡି ରାଜ୍ୟ ହେଲା ତେଲୁଗୁ ଅଧ୍ୟୁଷିତ। ସରକାରଙ୍କ ଯୁକ୍ତିକୁ ନାକଚ କରି ଗଜପତି ତର୍କ ଦେଲେ ଯେ ହୁଏତ ଗ୍ରାମାଞ୍ଚଳ କିଛି ମାତ୍ରାରେ ତେଲୁଗୁ ଅଧ୍ୟୁଷିତ, ମାତ୍ର ପାରଳାଖେମୁଣ୍ଡି ସହର ନୁହେଁ। ଶେଷକୁ ୧୯୩୬ରେ ପ୍ରଦେଶ ଗଠନ ବେଳେ ସରକାରଙ୍କୁ ଗଜପତିଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ପଡ଼ିଲା ଏବଂ ରାଜ୍ୟର ଓଡ଼ିଆ ଭାଷୀ କ୍ଷେତ୍ର ସବୁକୁ ଓଡ଼ିଶାରେ ସମ୍ମିଶ୍ରିତ କରାଗଲା। ଗଜପତିଙ୍କ ଯୁକ୍ତିକୁ ସରକାର ଗ୍ରହଣ କରିବା ପଛରେ ଏକ ବଡ଼ କାରଣ ହେଲା ଯେ ସରକାର ମଧ୍ୟ ତାଙ୍କୁ ଜଣେ ନେତୃସ୍ଥାନୀୟ ବ୍ୟକ୍ତି ମନେକରୁଥିଲେ। ୧୯୩୧ର ପ୍ରଥମ ଗୋଲଟେବୁଲ ବୈଠକରେ ଲଣ୍ଡନ ଯିବା ପାଇଁ ଯେଉଁ କେତେଜଣ ରାଜା-ମହାରାଜାଙ୍କୁ ନିମନ୍ତ୍ରଣ କରାଯାଇଥିଲା ତହିଁରେ ପାରଳାଗଜପତି ଅନ୍ୟତମ ଥିଲେ।

କୃଷ୍ଣଚନ୍ଦ୍ର ଗଜପତିଙ୍କ ଜନ୍ମ ୨୬ ଏପ୍ରିଲ ୧୮୯୨ ମସିହାରେ। ପିତା ଗୌରଚନ୍ଦ୍ର ଗଜପତି ଏବଂ ମାତା ରାଣୀ ରାଧାମଣୀ ଦେବୀ। କୃଷ୍ଣଚନ୍ଦ୍ର ଯେତେବେଳେ ମାଡ୍ରାସରେ ଶିକ୍ଷାରତ, ଗୌରଚନ୍ଦ୍ରଙ୍କ ଦେହାନ୍ତ ହେଲା ଏବଂ

୧୯୧୩ରୁ କୃଷ୍ଣଚନ୍ଦ୍ରଙ୍କୁ ପାରଳାର ରାଜ୍ୟଭାର ବହନ କରିବାକୁ ପଡ଼ିଲା । ଜଣେ ଆଧୁନିକ ଶିକ୍ଷିତ ଯୁବକ ଭାବରେ ସେ ରାଜ୍ୟରେ ଛାପାଖାନା ପ୍ରତିଷ୍ଠା କଲେ, ଏକ ବିଶାଳ ପୁସ୍ତକାଳୟ ସ୍ଥାପନ କରି ତହିଁରେ ବିଭିନ୍ନ ବିଷୟରେ ପୁସ୍ତକମାନ ରଖିଲେ ଏବଂ ପାରଳାଖେମୁଣ୍ଡି ସହରରୁ ଗୁଣୁପୁର ମଧ୍ୟରେ ଏକ 'ନେରୋ ଗଜ' ରେଳପଥ ବିସ୍ତାର କଲେ । ତାଙ୍କର ବିଶେଷତ୍ୱ ହେଲା ଯେ ସେ ରାଜପରିବାରରେ ଜନ୍ମ ଗ୍ରହଣ କରିଥିଲେ । ମାତ୍ର ତା' ସହିତ ଆଧୁନିକ ଶିକ୍ଷିତ ବର୍ଗର ବୌଦ୍ଧିକ ବିଚାରରେ ଓତଃପ୍ରୋତଃ ଥିଲେ ।

କୃଷ୍ଣଚନ୍ଦ୍ର ଥିଲେ ଖୁବ୍ ଅଧିକ ମାତ୍ରାରେ ଓଡ଼ିଆ ପ୍ରିୟ, କାରଣ ରାଜା ହେବା ସତ୍ତ୍ୱେ ରାଜ୍ୟରେ ଅଳ୍ପ ସଂଖ୍ୟକ ଭାଷାଭାଷୀ ହେବାର ଅନୁଭବକୁ ସେ ପ୍ରତ୍ୟକ୍ଷ କରିଥିଲେ । ସେ କେବେ କଂଗ୍ରେସ ଦଳରେ ମିଶି ନ ଥିଲେ । ହେଲେ ଭାଷା ଅସ୍ମିତା ଆନ୍ଦୋଳନର ଜଣେ ପ୍ରମୁଖ ନେତା ଭାବରେ ତାଙ୍କୁ ଯେତେବେଳେ ମାତ୍ର ୨୪ ବର୍ଷ ବୟସ, ସେତେବେଳେ (୧୯୧୪) ସେ ପାରଳାଖେମୁଣ୍ଡିରେ 'ଉତ୍କଳ ସମ୍ମିଳନୀ'ର ବାର୍ଷିକ ଅଧିବେଶନ ଆୟୋଜନ କରିଥିଲେ ।

କୃଷ୍ଣଚନ୍ଦ୍ର ଗଜପତି ଥିଲେ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ । ସ୍ୱାଧୀନତା ପୂର୍ବରୁ ରାଜ୍ୟର ରାଜନୀତିକ ମୁଖ୍ୟଙ୍କୁ 'ପ୍ରଧାନମନ୍ତ୍ରୀ' କୁହାଯାଉଥିଲା । ପରେ ଏହି ପଦବୀକୁ 'ମୁଖ୍ୟମନ୍ତ୍ରୀ' କୁହାଗଲା । ୧୯୩୭ ଏପ୍ରିଲରୁ ଜୁଲାଇ ମଧ୍ୟରେ ମାତ୍ର ଚାରିମାସ ପାଇଁ ସେ ପ୍ରଧାନମନ୍ତ୍ରୀ ହୋଇଥିଲେ, କାରଣ ବିଧାନସଭାରେ ସଂଖ୍ୟା ଗରିଷ୍ଠତା ସତ୍ତ୍ୱେ କଂଗ୍ରେସ ଦଳ ରାଜ୍ୟଗୁଡ଼ିକରେ ମନ୍ତ୍ରୀମଣ୍ଡଳ ଗଠନ ନ କରିବା ଲାଗି ନିଷ୍ପତ୍ତି ନେଇଥିଲା । ଦ୍ୱିତୀୟଥର ସେ ପ୍ରଧାନମନ୍ତ୍ରୀ ହେଲେ, ଯେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ କଂଗ୍ରେସ ଦଳ ମନ୍ତ୍ରୀମଣ୍ଡଳରୁ ଓହରି ଯିବାକୁ ନିଷ୍ପତ୍ତି ନେଲା । ଏହି ସମୟରେ ସେ ପ୍ରାୟ ସାଢ଼େ ଚାରିବର୍ଷ ଧରି (୨୪ ନଭେମ୍ବର ୧୯୪୧ରୁ ୩୦ଜୁନ୍ ୧୯୪୪) ରାଜ୍ୟର ପ୍ରଧାନମନ୍ତ୍ରୀ ଦାୟିତ୍ୱରେ ରହିଥିଲେ । ଅର୍ଥାତ୍ ପାରଳା ମହାରାଜା ରାଜ୍ୟରେ ଦୁଇଥର ଅଣ-କଂଗ୍ରେସ ମିଳିତ ମନ୍ତ୍ରୀମଣ୍ଡଳ ଗଢ଼ିଥିଲେ ଏବଂ ସେହି ଅବଧିରେ ଅନେକ ଗଠନମୂଳକ କାର୍ଯ୍ୟ ହାତକୁ ନେଇଥିଲେ ।

କୃଷ୍ଣଚନ୍ଦ୍ର ସ୍ୱାଧୀନତା ସଂଗ୍ରାମର ଜୁଆର ସମୟରେ, କଂଗ୍ରେସର ବିରୋଧ ସତ୍ତ୍ୱେ ମିଳିତ ମନ୍ତ୍ରୀମଣ୍ଡଳକୁ ନେତୃତ୍ୱ ଦେଇଥିଲେ । ମନ୍ତ୍ରୀମଣ୍ଡଳ ପ୍ରତି ବିଶେଷ ଜନସମର୍ଥନ ନ ଥିଲା । ବିଧାନସଭାରେ ମୋଟ ୬୦ ଜଣରୁ ତାଙ୍କର ସମର୍ଥକଙ୍କ ସଂଖ୍ୟା ଥିଲା ୨୭; ତା' ସତ୍ତ୍ୱେ ପାରଳା ରାଜାଙ୍କ ନେତୃତ୍ୱରେ ମିଳିତ ମନ୍ତ୍ରୀମଣ୍ଡଳ ରାଜ୍ୟ ପାଇଁ ସ୍ୱତନ୍ତ୍ର ହାଇକୋର୍ଟ, ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ଏବଂ ମେଡ଼ିକାଲ କଲେଜ ସ୍ଥାପନ କରିବାକୁ ନିଷ୍ପତ୍ତି ନେଲା । ୧୯୪୩ରେ ଉତ୍କଳ ବିଶ୍ୱବିଦ୍ୟାଳୟ ବିଲ ପାସ୍ ହେଲା, ଏବଂ ୧୯୪୪ରେ କଟକର ମେଡ଼ିକାଲ ସ୍କୁଲକୁ କଲେଜରେ ପରିଣତ କରାଗଲା । ଉଚ୍ଚ ନ୍ୟାୟାଳୟ ପ୍ରତିଷ୍ଠା ପାଇଁ ମଧ୍ୟ ପ୍ରାଥମିକ ପଦକ୍ଷେପମାନ ନିଆଗଲା । ୧୯୪୪ରେ ଉଚ୍ଚଶିକ୍ଷାର ପ୍ରସାର ଲାଗି ପୁରୀ, ବାଲେଶ୍ୱର ଏବଂ ସମ୍ବଲପୁରଠାରେ କଲେଜ ସ୍ଥାପନ ପାଇଁ ନିଷ୍ପତ୍ତି ହେଲା । ୧୮୬୮ରେ କଟକର ପ୍ରଥମ କଲେଜ ସ୍ଥାପିତ ହୋଇଥିଲା । ତା' ପରଠାରୁ ବ୍ରିଟିଶ ଶାସିତ (ମୋଗଲବନ୍ଦୀ) ଓଡ଼ିଶାରେ ୧୯୪୪ ପର୍ଯ୍ୟନ୍ତ ଗୋଟାଏ ମଧ୍ୟ କଲେଜ ଖୋଲି ନ ଥିଲା । ଶିକ୍ଷାମନ୍ତ୍ରୀ ଦାୟିତ୍ୱରେ ଥିବା ଗୋଦବରୀଶ ମିଶ୍ରଙ୍କ ଭୂମିକାକୁ ଅବଶ୍ୟ ଏଠାରେ ଉପେକ୍ଷା କରାଯାଇ ନ ପାରେ । ପ୍ରଧାନମନ୍ତ୍ରୀ ଭାବରେ ପାରଳା ମହାରାଜା ଉଚ୍ଚଶିକ୍ଷାର ବିକାଶ ପାଇଁ ଖୁବ୍ ପ୍ରତିବଦ୍ଧ ଥିଲେ ।

୨୫ ମେ ୧୯୭୪ରେ ୮୨ ବର୍ଷ ବୟସରେ ଏହି ଆଧୁନିକ ବିଚାରର ମହାରାଜାଙ୍କ ଦେହାନ୍ତ ହୋଇଥିଲା। ସ୍ୱାଧୀନତା ସଂଗ୍ରାମରେ ଯେତେବେଳେ ଛାତ୍ରଠାରୁ କୃଷକ ଯାଏଁ ସମସ୍ତେ ଓତଃପ୍ରୋତଃ, ସମସ୍ତେ ଜାତୀୟ କଂଗ୍ରେସ ଓ 'ଭାରତ ଛାଡ଼' ଆନ୍ଦୋଳନର ନେତୃତ୍ୱରେ, ସେତେବେଳେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି କଂଗ୍ରେସର ବିରୋଧ କରୁଥିଲେ। ଇଂରେଜ ସରକାରଙ୍କ ସହଯୋଗ ନେଇ ସେ ଆଧୁନିକ ଓଡ଼ିଶା ଗଢ଼ିବାର ସ୍ୱପ୍ନ ଦେଖୁଥିଲେ। ରାଜ ପରିବାରରେ ଜନ୍ମିତ ଏବଂ ପ୍ରତିପାଳିତ କୃଷ୍ଣଚନ୍ଦ୍ରଙ୍କ ପାଇଁ ଏହା ଥିଲା ଏକ ସ୍ୱାଭାବିକ ପ୍ରତିକ୍ରିୟା। ତେଣୁ ଆଧୁନିକ ଓଡ଼ିଶାରେ ତାଙ୍କ ବ୍ୟକ୍ତିତ୍ୱ ଓ ବିଚାରକୁ ନେଇ ଆଲୋଚନା ବେଳେ ତାଙ୍କ ସାମାଜିକ ପୃଷ୍ଠଭୂମି ଓ ସମୟକୁ କଦାପି ଉପେକ୍ଷା କରାଯିବା କଥା ନୁହେଁ। ଅନ୍ୟଥା ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କର ବସ୍ତୁନିଷ୍ଠ ଐତିହାସିକ ମୂଲ୍ୟାଙ୍କନ କରିହେବ ନାହିଁ।

## ରମାଦେବୀ (୧୮୯୯-୧୯୮୫) :

ଆଧୁନିକ ଓଡ଼ିଶାର ନିର୍ମାଣ ପଛରେ ରହିଥିବା ପୁରୁଷମାନଙ୍କ ପରି ଯଦି ମହିଳାଙ୍କର ଏକ ସୂଚୀ ପ୍ରସ୍ତୁତ କରାଯାଏ, ତା'ର ଆଦ୍ୟ ଭାଗରେ ରହିବେ ସରଳା ଦେବୀ, ରମାଦେବୀ ଏବଂ ମାଳତୀ ଦେବୀ। ଏହି ତିନିଜଣ ମହିଳା ପାରିବାରିକ ସୂତ୍ରରେ ସମ୍ବନ୍ଧିତ ଥିଲେ। ରମାଦେବୀଙ୍କ ସମ୍ପର୍କୀୟ ଭଉଣୀ ସରଳା ଦେବୀ ଏବଂ ଦିଅରଙ୍କ ପତ୍ନୀ ମାଳତୀ ଦେବୀ। ପାରିବାରିକ ସମ୍ବନ୍ଧ ଯୋଗୁଁ ଜଣେ ଅନ୍ୟର ଅନୁପୂରକ ସାଜି ତିନିହେଁ ସମାଜ କାମ କରିଥିଲେ। ସେମାନଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ଯୋଗୁଁ ଜାତୀୟତା ଆନ୍ଦୋଳନ ପୁରୁଷ ସର୍ବସ୍ୱ ହେବାରୁ ନିବୃତ୍ତି ପାଇଲା। ଦ୍ୱିତୀୟତଃ, ସେମାନଙ୍କ କର୍ମନିଷ୍ଠା ଯୋଗୁଁ ଜାତୀୟ ଆନ୍ଦୋଳନରେ ଅନେକ ସଂଖ୍ୟକ ସାଧାରଣ ବର୍ଗର ମହିଳା ସାମିଲ ହେଲେ। ସେହି ଦୃଷ୍ଟିରୁ ବିଚାର କଲେ ଓଡ଼ିଶାର ଜାତୀୟ ଚେତନାର ଅଭିବୃଦ୍ଧିରେ ଏହି ତିନିଜଣ ଯାକ ମହିଳାଙ୍କର ଭୂମିକା ଖୁବ୍ ମହତ୍ତ୍ୱପୂର୍ଣ୍ଣ।

ଉଲ୍ଲିଖିତ ତିନି ଜଣଙ୍କ ମଧ୍ୟରେ ରମାଦେବୀ ଥିଲେ ବୟୋଜ୍ୟେଷ୍ଠ। ଯଦିଓ ଔପଚାରିକ ଶିକ୍ଷା ଅତି ଅଳ୍ପ, ସେ ବଡ଼ଭଉଣୀ ଭାବରେ ଉଭୟଙ୍କ ପାଇଁ ପ୍ରେରଣା ହୋଇଥିଲେ। ପାରିବାରିକ ସମ୍ବନ୍ଧ ରହିଥିବା କାରଣରୁ ସରଳା ଦେବୀ ଏବଂ ମାଳତୀ ଦେବୀଙ୍କୁ ସାମାଜିକ କାମରେ ସେ ଆଗଭର ହେବା ପାଇଁ ସାହସ ଯୋଗାଉଥିଲେ ତଥା ସର୍ବଦା ସେହି ଲକ୍ଷ୍ୟରେ ସହଯୋଗ କରୁଥିଲେ। ସେ ଆଇନ୍ ଅମାନ୍ୟ ଆନ୍ଦୋଳନ ଏବଂ ଭାରତଛାଡ଼ ଆନ୍ଦୋଳନରେ ଭାଗ ନେଇ ୧୯୩୦, ୧୯୩୨ ଏବଂ ୧୯୪୨ରେ ତିନିଥର ଜେଲ ବରଣ କରିଥିଲେ। ୧୯୩୪ ମେ' ମାସରେ ମହାତ୍ମା ଗାନ୍ଧି ପ୍ରାୟ ଦୁଇ ସପ୍ତାହ ଧରି ଓଡ଼ିଶାରେ ହରିଜନ ପଦଯାତ୍ରା କଲେ। ଆଇନ୍ ଅମାନ୍ୟ ଆନ୍ଦୋଳନ ପରେ ସ୍ୱାଧୀନତା ଆନ୍ଦୋଳନ ଯେଉଁ ଧିମେଇ ଯାଇଥିଲା, ତାକୁ ରଚନାତ୍ମକ କାର୍ଯ୍ୟକ୍ରମ ଦ୍ୱାରା ଭରଣା କରିବାକୁ ଗାନ୍ଧିଜୀ ଦେଶର ଚାରିଆଡ଼େ ଗସ୍ତ କରୁଥିଲେ। ରମାଦେବୀ ଥିଲେ ପଦଯାତ୍ରାର ଜଣେ ପ୍ରମୁଖ ପରିଚାଳକ। ୧୯୪୭ର ସ୍ୱାଧୀନତା ପରେ ରମାଦେବୀ କ୍ଷମତା ରାଜନୀତିରୁ ଦୂରରେ ରହିଥିଲେ ଏବଂ ସାମାଜିକ ନ୍ୟାୟ ପାଇଁ ଭୂଦାନ, ସର୍ବୋଦୟ ଆଦି ଗତିବିଧିରେ ସକ୍ରିୟ ରହିଥିଲେ। ଏହା ତାଙ୍କ ସମାଜନିଷ୍ଠାର ପରିଚୟ ଦେଲା।

ରମାଦେବୀ ଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସାନଭାଇ ଗୋପାଳ ବଲ୍ଲଭ ଦାସଙ୍କ କନ୍ୟା। ଗୋପାଳ ବଲ୍ଲଭ ଥିଲେ ଏମ୍.ଏ. ପାସ, ଔପନ୍ୟାସିକ, ପୁଣି ଉଚ୍ଚ ସରକାରୀ ଚାକିରିଆ। ତା' ସତ୍ତ୍ୱେ, ରମାଦେବୀଙ୍କୁ ଔପଚାରିକ ଶିକ୍ଷା ମିଳି ନ ଥିଲା। କେବଳ ସେତିକି ନୁହେଁ, ମାତ୍ର ୧୫ ବର୍ଷ ବୟସରେ ତାଙ୍କୁ ବିବାହ କରି ଦିଆଯାଇଥିଲା। ଏହା ତତ୍‌କାଳୀନ ସମାଜର ରୁଢ଼ିବାଦିତାକୁ ଦର୍ଶାଏ। ସେହି ଏକା ପରିବାରରେ ପୁରୁଷ ଉଚ୍ଚ ଶିକ୍ଷିତ ହେବା ସତ୍ତ୍ୱେ, ମହିଳା ନିରକ୍ଷର ପ୍ରାୟ ସ୍ଥିତିରେ ରହିବାକୁ ବାଧ୍ୟ ହେଉଥିଲେ। ରମାଦେବୀଙ୍କ ଉଦାହରଣରୁ ଏକଥା ସୁସ୍ପଷ୍ଟ ହୁଏ।

୧୯୨୧ରେ ମହାତ୍ମାଗାନ୍ଧୀ ପ୍ରଥମ ଥର ଲାଗି ଓଡ଼ିଶା ଆସିଲେ। କଟକଠାରେ ତାଙ୍କର ଜନସଭା ହେଲା। ଅନ୍ୟ ସାଧାରଣ ଲୋକଙ୍କ ଭଳି, ରମାଦେବୀ ମଧ୍ୟ ଗାନ୍ଧିଙ୍କ ଦର୍ଶନ ପାଇଁ ସଭାକୁ ଯାଇଥିଲେ ଏବଂ ସଭାରୁ ଫେରି ଜାତୀୟ କାମ ଆଡ଼କୁ ନିରନ୍ତର ଆକୃଷ୍ଟ ହେବାକୁ ଲାଗିଲେ। ପରବର୍ତ୍ତୀ ସମୟରେ ଏହା ତାଙ୍କୁ ଜାତୀୟ କଂଗ୍ରେସର ଜଣେ ସମ୍ମାନନୀୟ କର୍ମୀ ରୂପେ ସ୍ଥାପିତ କଲା।

୧୯୨୧ରେ ରମାଦେବୀଙ୍କ ବୟସ ମାତ୍ର ୨୨ ବର୍ଷ; ରାଜନୀତିରେ ସକ୍ରିୟ ହେବା ଲାଗି ପ୍ରକୃଷ୍ଟ ସମୟ। ମାତ୍ର ଜଣେ ବିବାହିତା ମହିଳା ଭାବରେ ସେତେବେଳକୁ ସେ ତିନୋଟି ଛୁଆର ମା। ଶ୍ୱଶୁର ପ୍ରତିଷ୍ଠିତ ଓକିଲ ଓ ଓଡ଼ିଶା ଆନ୍ଦୋଳନର ନେତା ଗୋକୁଳାନନ୍ଦ ଚୌଧୁରୀଙ୍କ ମୃତ୍ୟୁ ଉତ୍ତାରୁ ନିରକ୍ଷର ଓ ରକ୍ଷଣଶୀଳ ଶାଶୁ ତାଙ୍କ ଆଶ୍ରୟରେ। ପୁଣି ପତି ଗୋପବନ୍ଧୁ ଚୌଧୁରୀ ଏବଂ ଦିଅର ନବକୃଷ୍ଣ ଚୌଧୁରୀ ଅସହଯୋଗ ଆନ୍ଦୋଳନରେ ପୂର୍ଣ୍ଣତଃ ସମ୍ପୃକ୍ତ। ଉଭୟଙ୍କ ରାଜନୈତିକ ସମ୍ପୃକ୍ତିରେ ମଧ୍ୟ ରମାଦେବୀଙ୍କ ପ୍ରଚ୍ଛନ୍ନ ସହଯୋଗ ଓ ସମର୍ଥନ ସୁସ୍ପଷ୍ଟ ଥିଲା। ପରିବାର କାମରେ ଜଡ଼ିତ ରହିଲେ ସାମାଜିକ କାମରୁ ଦୂରରେ ରହିବାକୁ ହେବ ଏବଂ ସମାଜ କାମରେ ସମ୍ପୃକ୍ତି ରହିଲେ ପରିବାରର ଦାୟିତ୍ୱ ନିର୍ବାହ କରିହେବ ନାହିଁ ବୋଲି ମନେକରାଯାଏ। ପୁରୁଷ ତୁଳନାରେ ମହିଳା ପାଇଁ ଯେ ଏହି ସମସ୍ୟା ଅଧିକ ଗୁରୁତର, ତାହା ରମାଦେବୀ ବୁଝିପାରିଥିଲେ ଏବଂ ଉଭୟ ପରିବାର ଓ ସମାଜ କାମକୁ ସମାନ ମର୍ଯ୍ୟାଦା ଦେବାକୁ ନିଷ୍ପତ୍ତି ନେଇଥିଲେ। ଏହାର ଫଳସ୍ୱରୂପ, ଏକ ଯୌଥ ପରିବାରର ସେ ଶେଷ ଜୀବନ ଯାଏଁ ମେରୁଦଣ୍ଡ ହୋଇ ରହିଲେ ଏବଂ ସାମାଜିକ ଓ ରାଜନୈତିକ କାମରେ ମଧ୍ୟ ତାଙ୍କର ନିଷ୍ଠା ଅବ୍ୟାହତ ରହିଲା। ରମାଦେବୀଙ୍କ ବ୍ୟକ୍ତିତ୍ୱ ଓ ବିଚାର ସାମ୍ପ୍ରତିକ ସମୟରେ ଖୁବ୍ ମହତ୍ତ୍ୱପୂର୍ଣ୍ଣ, କାରଣ ସେ ଘର ଓ ପରିବାର କାମକୁ ଆଦୌ ଗୌଣ ନ କରି ବାହାର ବା ସାମାଜିକ କାମରେ ନିଜକୁ ନିୟୋଜିତ କରିଥିଲେ। ଏହି ଦୃଷ୍ଟିରୁ ଦେଖିଲେ, ଘର କାମ ସର୍ବଦା ବାହାର କାମ ପାଇଁ ପ୍ରତିବନ୍ଧକ ବୋଲି ଥିବା ଧାରଣାକୁ ରମାଦେବୀ ଭ୍ରମାତ୍ମକ ପ୍ରମାଣ କରିଥିଲେ।

ଓଡ଼ିଶାର କଂଗ୍ରେସ କର୍ମୀଙ୍କ ଗହଣରେ ରମାଦେବୀ 'ମା' ନାମରେ ପରିଚିତ ଥିଲେ, କାରଣ ସାଧାରଣରୁ ସାଧାରଣ କର୍ମୀ ତାଙ୍କ ପାଖରେ ନିଡ଼ର ହୋଇ କଥାବାର୍ତ୍ତା କରିପାରୁଥିଲେ ଏବଂ ସମସ୍ତ କର୍ମୀଙ୍କୁ ରମାଦେବୀ ସ୍ନେହ ଓ ଆଦର ଦେଉଥିଲେ। ଏମିତିରେ ତାଙ୍କର ସମସ୍ତ ପରିବାରଜନ ସ୍ୱାଧୀନତା ଆନ୍ଦୋଳନରେ ଏବଂ ଘର ଜାତୀୟ କଂଗ୍ରେସର ଅଫିସ ଗୃହ। ତେଣୁ, କଂଗ୍ରେସ ତାଙ୍କ ପାଇଁ ଏକ ଯୌଥ ପରିବାର ଭଳି ଥିଲା। ତା' ସତ୍ତ୍ୱେ, ସେ କେବେ ସ୍ୱାଧୀନତା ସଂଗ୍ରାମ ବା ଜାତୀୟ କଂଗ୍ରେସକୁ ନିଜ ବ୍ୟକ୍ତିଗତ ମହତ୍ତ୍ୱାକାଂକ୍ଷା ପୂରଣ ପାଇଁ ବ୍ୟବହାର କରି ନ ଥିଲେ।

ରମାଦେବୀଙ୍କ ଏହି ଆଧୁନିକ ବିଚାରବୋଧ ପଛରେ ଏକ ପ୍ରମୁଖ କାରଣ ଥିଲା, ତାଙ୍କ ପାରିବାରିକ ପୃଷ୍ଠଭୂମି। ବାପା ଡେପୁଟି ମାଜିଷ୍ଟ୍ରେଟ ଚାକିରିରେ ଅବସ୍ଥାପିତ ଥିଲେ ବୋଲି ବାଳିକା ରମାଦେବୀ ଗୟା, ମୁଜାଫରପୁର ଓ ପୁରୀ ଆଦି ବିଭିନ୍ନ ସହରରେ ବାଲ୍ୟକାଳ କାଟିଥିଲେ। ଏହା ତାଙ୍କୁ ବିବିଧ ସମାଜ ଓ ସଂସ୍କୃତି ସହ ପରିଚିତ ହେବାକୁ ସୁଯୋଗ ସୃଷ୍ଟି କରିଥିଲା। ଔପଚାରିକ ଶିକ୍ଷା ନ ଥିବା ସତ୍ତ୍ୱେ ସେ ଓଡ଼ିଆ ସହିତ ହିନ୍ଦୀ ଓ ବଙ୍ଗଳା ଭାଷା ସ୍ୱଚ୍ଛନ୍ଦରେ କହିପାରୁଥିଲେ, ଯାହାଫଳରେ ଓଡ଼ିଶା ବାହାରର ଜାତୀୟ କର୍ମୀଙ୍କ ସହ ତାଙ୍କର ଅବାଧ ବନ୍ଧୁତା ରହିଥିଲା। ବାଲ୍ୟକାଳରେ ସେ ଅନେକ ଦିନଧରି ଖ୍ରୀଷ୍ଟଧର୍ମାବଲମ୍ବୀ ବଡ଼ବାପା ମଧୁବାବୁଙ୍କ କଟକ କୋଠିରେ ରହୁଥିଲେ, ଯେଉଁଠି ଅସ୍ପୃଶ୍ୟତା ଓ ପର୍ଦ୍ଦାପ୍ରଥାର ରକ୍ଷଣଶୀଳତା ନ ଥିଲା। ମା' ବସନ୍ତ କୁମାରୀ ଦେବୀ ବାପ ବୟସର ଦେଢ଼ଶୁର ମଧୁସୂଦନଙ୍କ ସହ ସ୍ୱଚ୍ଛନ୍ଦରେ କଥାବାର୍ତ୍ତା କରୁଥିଲେ। ଏହାର ଉଲ୍ଲେଖ ଅତ୍ୟାବଶ୍ୟକ, କାରଣ ଆଜି ମଧ୍ୟ ଦେଢ଼ଶୁର ଓ ଭାଇବୋହୂ ମଧ୍ୟରେ କଥାବାର୍ତ୍ତାକୁ ରୀତିସମ୍ମତ ମନେ କରାଯାଉ ନାହିଁ। ଏହି ଧରଣର ସାମାଜିକ ପୃଷ୍ଠଭୂମି ରମାଦେବୀଙ୍କୁ ରକ୍ଷଣଶୀଳତା ଓ ସଂକୀର୍ଣ୍ଣତାରୁ ଊର୍ଦ୍ଧ୍ୱକୁ ଉଠିବାରେ ସାହାଯ୍ୟ କରିଥିଲା।

ସ୍ୱାଧୀନତା ପରେ ରମାଦେବୀ କ୍ଷମତା ରାଜନୀତିରୁ ଦୂରରେ ରହିଥିଲେ। ଭୂଦାନ ଓ ସର୍ବୋଦୟ ଆନ୍ଦୋଳନରେ ସକ୍ରିୟଭାବେ କାମ କରିଥିଲେ। ତାଙ୍କର କୌଣସି ପୁରସ୍କାରର ଲୋଭ ନ ଥିଲା। ୧୯୮୫ରେ ଏହି ମହିୟସୀ ମହିଳାଙ୍କର ଦେହାନ୍ତ ହୋଇଥିଲା।

## ସରଳା ଦେବୀ (୧୯୦୪-୧୯୮୬) :

ଓଡ଼ିଶାରେ ଜାତୀୟ ଚେତନାର ଉନ୍ମେଷ ହେଲା ୧୮୬୦-୧୮୭୦ ଦଶକରୁ। ମାତ୍ର ଦୀର୍ଘ ୭୦ ବର୍ଷ ଯାଏଁ, ତହିଁରେ ଜଣେ ବି ମହିଳାଙ୍କର ପ୍ରତ୍ୟକ୍ଷ ସମ୍ପୃକ୍ତି ନ ଥିଲା। ପତ୍ରପତ୍ରିକାର ପ୍ରକାଶନ ତଥା ସମ୍ପାଦନା ହେଉ କିମ୍ବା ଜାତୀୟ ସଙ୍ଗଠନର ପ୍ରତିଷ୍ଠା ହେଉ, କୌଣସି ସାମ୍ପ୍ରଦାୟିକ ଓ ସାମାଜିକ କାର୍ଯ୍ୟରେ ମହିଳାଙ୍କର ସକ୍ରିୟ ଭୂମିକା ଦୃଷ୍ଟିଗୋଚର ହୋଇ ନଥିଲା। ବୌଦ୍ଧିକ ଆନ୍ଦୋଳନ ପୂର୍ଣ୍ଣତଃ ପୁରୁଷ ସର୍ବସ୍ୱ ଥିଲା। ଏଭଳି ଏକ ସ୍ଥିତିରେ ୧୯୨୦ ଦଶକର ଆରମ୍ଭରେ ଅସହଯୋଗ ଆନ୍ଦୋଳନ ସମୟରେ ସରଳା ଦେବୀ ଏବଂ ରମାଦେବୀଙ୍କର ଆବିର୍ଭାବ ହେଲା। ୧୯୨୭ରେ ବୋହୂ ହୋଇ ମାଳତୀଦେବୀ ଓଡ଼ିଶାକୁ ଆସି ମହିଳା ନେତୃତ୍ୱକୁ ବଳ ଦେଲେ। ଏ ସମସ୍ତଙ୍କ ମଧ୍ୟରେ ସରଳା ଦେବୀଙ୍କ ଭୂମିକା ସ୍ୱତନ୍ତ୍ର। କାରଣ ସେ ଓଡ଼ିଶାରେ 'ନାରୀ ବିମର୍ଶ' (gender issues) ପ୍ରଶ୍ନକୁ ଆରମ୍ଭ କରିଥିବା ପ୍ରଥମ ନାରୀବାଦୀ (feminist) ନେତ୍ରୀ। ସମାଜରେ ନାରୀ ପ୍ରତି ପକ୍ଷପାତିତା ବିରୁଦ୍ଧରେ ସେ ଦୃଢ଼ ଭାବେ ସ୍ୱର ଉତ୍ତୋଳନ କରିଥିଲେ। ସେ ବୁଝିଥିଲେ ଯେ କୌଣସି ଏକ ସାମାଜିକ ବର୍ଗ ଦୈନନ୍ଦିନ ଜୀବନରେ ପକ୍ଷପାତିତାର ଶିକାର ହେଲେ ତାହା ଆଧୁନିକତାର ଗତିରୋଧ କରିଥାଏ। ସେହି ଦୃଷ୍ଟିରୁ ଦେଖିଲେ ଆଧୁନିକ ଓଡ଼ିଶାରେ ସାମାଜିକ ଗଠନରେ ତାଙ୍କର ଯୋଗଦାନ ଖୁବ୍ ମହତ୍ତ୍ୱପୂର୍ଣ୍ଣ।

ସରଳା ଦେବୀଙ୍କର ଜନ୍ମ କଟକ ଜିଲ୍ଲାର ନରିଲୋ ଗ୍ରାମରେ; ୯ ଅଗଷ୍ଟ ୧୯୦୪ରେ। ତାଙ୍କର ପିତା ବାସୁଦେବ କାନୁନ୍‌ଗୋ ଏବଂ ମାତା ପଦ୍ମାବତୀ ଦେବୀ। ବାସୁଦେବଙ୍କ ସାନଭାଇ ବାଳମୁକୁନ୍ଦ କାନୁନଗୋଙ୍କର

ସେ ଥିଲେ ପାଳିତା କନ୍ୟା । ବାଳମୁକୁନ୍ଦ କାନୁନ୍‌ଗୋ ଡେପୁଟି ମାଜିଷ୍ଟ୍ରେଟ୍‌ଥିଲେ ଏବଂ ସେହି ସୂତ୍ରରେ ସରଳାଙ୍କର ବାଲ୍ୟକାଳ ବେଶ୍ ଆଭିଜାତ୍ୟରେ କଟିଥିଲା । ବିଭିନ୍ନ କାର୍ଯ୍ୟସ୍ଥଳୀରେ ପିତାଙ୍କ ସହ ପ୍ରବାସ କାଳରେ ସେ ସୁଖ ସ୍ୱଚ୍ଛନ୍ଦରେ ଦିନ କାଟିଥିଲେ । ତାଙ୍କର ଔପଚାରିକ ଶିକ୍ଷା ନ ଥିଲା, କାରଣ କନ୍ୟା ସନ୍ତାନ ପାଇଁ ଶିକ୍ଷାର ଆବଶ୍ୟତାକୁ ସମାଜ ସେତେବେଳେ ଅନୁମାନ କରିପାରୁ ନ ଥିଲା । ତା' ସତ୍ତ୍ୱେ ସରଳା ସ୍ୱାଭାବିକ ଭାବରେ ଓଡ଼ିଆ ବାହାରେ ହିନ୍ଦୀ, ବଙ୍ଗଳା, ତେଲଗୁ, ମରାଠି ଓ କନ୍ନଡ଼ ସଂସ୍କୃତି ଓ ଭାଷାରେ ବ୍ୟବହାରିକ ଜ୍ଞାନ ପାଇପାରିଥିଲେ । ଏହା ତାଙ୍କୁ ପରବର୍ତ୍ତୀ ସମୟରେ ଏକ ଉଦାର ଦୃଷ୍ଟି ଲାଭ କରିବାରେ ଖୁବ୍ ସହାୟକ ହୋଇଥିଲା । ଖୁବ୍ ପିଲା ଦିନରୁ ତାଙ୍କ ମନରେ ଅସ୍ପୃଶ୍ୟତା ଓ ଲିଙ୍ଗଗତ ବୈଷମ୍ୟ ବିରୁଦ୍ଧରେ ଏକ ବିଦ୍ରୋହୀ ଭାବ ଜାଗ୍ରତ ହୋଇଥିଲା, ଯାହା ଜାତୀୟତା ଆନ୍ଦୋଳନ ଏବଂ ଗାନ୍ଧି ବିଚାରର ସଂସର୍ଗରେ ଆସିଲା ପରେ ବିଶେଷ ଅଭିବ୍ୟକ୍ତି ଲାଭ କରିଥିଲା ।

ମାତ୍ର ୧୪ ବର୍ଷର କିଶୋର ବୟସରେ ସରଳା ଦେବୀଙ୍କର ବିବାହ ସମ୍ପନ୍ନ ହୋଇଥିଲା । ଔପଚାରିକ ଶିକ୍ଷାର ଅଭାବ ସାଙ୍ଗକୁ କମ ବୟସରେ ବିବାହ ହୁଏତ ଏହି ବିରଳ ନାରୀ ପ୍ରତିଭାଙ୍କ ବ୍ୟକ୍ତିତ୍ୱ ନିର୍ମାଣରେ ଘୋର ପ୍ରତିବନ୍ଧକ ସୃଷ୍ଟି କରିଥାନ୍ତା । ମାତ୍ର ତାଙ୍କର ପତି ଭାଗୀରଥି ମହାପାତ୍ର ମଧ୍ୟ ଥିଲେ ଜଣେ ପ୍ରଖର ଜାତୀୟତାବାଦୀ । ନିଜସ୍ୱ ବୃତ୍ତି ଓକିଲାତିକୁ ସେ ଗୌଣ କରି ଜାତୀୟ କଂଗ୍ରେସରେ ସକ୍ରିୟ ଭାବେ କାର୍ଯ୍ୟ କରୁଥିଲେ ଏବଂ ଏଥିପାଇଁ ତାଙ୍କୁ ବାରମ୍ବାର କାରାବରଣ କରିବାକୁ ପଡୁଥିଲା । ୧୯୨୦ ରେ ଗଠିତ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ଗୋପବନ୍ଧୁ ଦାସ ଥିଲେ ସଭାପତି ଏବଂ ଭାଗୀରଥି ମହାପାତ୍ର ଥିଲେ ସାଧାରଣ ସମ୍ପାଦକ । ସେ କେବେ ପତ୍ନୀ ସରଳା ଦେବୀଙ୍କ ସାମାଜିକ ଓ ରାଜନୀତିକ କାର୍ଯ୍ୟ ପାଇଁ ବାଧକ ହୋଇନଥିଲେ, ବରଂ ସହାୟକ ହୋଇଥିଲେ । ଏହା ସରଳା ଦେବୀଙ୍କ ବ୍ୟକ୍ତିତ୍ୱର ବିକାଶରେ ବିଶେଷ ସାହାଯ୍ୟ କରିଥିଲା ।

୧୯୨୦ ଡିସେମ୍ବରରେ ସରଳାଦେବୀ ନାଗପୁରଠାରେ ଜାତୀୟ କଂଗ୍ରେସର ଅଧିବେଶନରେ ଯୋଗ ଦେଇଥିଲେ । ଏହା ପୂର୍ବରୁ ସମ୍ଭବତଃ ଓଡ଼ିଶାରୁ ଜଣେ ବି ମହିଳା ପ୍ରତିନିଧି କଂଗ୍ରେସ କାର୍ଯ୍ୟରେ ସମ୍ପୃକ୍ତ ହୋଇ ନ ଥିଲେ । ସେହିଭଳି ୧୯୩୧ରେ କରାଚି କଂଗ୍ରେସରେ ବକ୍ତୃତା ଦେବାରେ ସରଳା ଦେବୀ ଥିଲେ ପ୍ରଥମ ଓଡ଼ିଆ ମହିଳା । ୧୯୨୧ରେ ମହତ୍ମାଗାନ୍ଧୀ ପ୍ରଥମଥର ପାଇଁ ଓଡ଼ିଶା ଆସିଲେ ଏବଂ ଅସହଯୋଗ ଆନ୍ଦୋଳନରେ ଯୋଗଦେବା ପାଇଁ ଲୋକଙ୍କୁ ଉତ୍‌ପ୍ରେରିତ କଲେ । ସେହି ସମୟରେ ଗାନ୍ଧିଙ୍କର କଟକଠାରେ ସ୍ୱତନ୍ତ୍ରଭାବେ ମହିଳାମାନଙ୍କର ଏକ ସଭାର ଆୟୋଜନ ହୋଇଥିଲା ଏବଂ ସଭାର ଆୟୋଜନ କରିଥିଲେ ସରଳା ଦେବୀ । ସେହିଭଳି ୧୯୨୪ରେ ଏକ ନାରୀ ସମ୍ମିଳନୀର ସରଳା ଆୟୋଜନ କରିଥିଲେ ଏବଂ ତହିଁରେ ଗୋପବନ୍ଧୁ ଦାସଙ୍କୁ ଉଦ୍‌ବୋଧନ ଦେବାପାଇଁ ନିମନ୍ତ୍ରଣ କରିଥିଲେ । ୧୯୨୦ ଦଶକରେ ଓଡ଼ିଶାର ରକ୍ଷଣଶୀଳ ସାମାଜିକ ପରିବେଶରେ ଘରକୋଣରେ ଆବଦ୍ଧ ମହିଳାମାନଙ୍କୁ ସଭାସମିତି ପ୍ରତି ଆକୃଷ୍ଟ କରିବା ଥିଲା ଏକ ଖୁବ୍ କାଠିକର କାମ । ତା'ସତ୍ତ୍ୱେ ଅନେକ ସଂଖ୍ୟାରେ ମହିଳା ଉକ୍ତ ସମ୍ମିଳନୀରେ ଭାଗ ନେଇଥିଲେ । ଏହା ପଛରେ ଥିବା ସରଳା ଦେବୀଙ୍କ ଉଭୟ ଧୈର୍ଯ୍ୟ ଓ ସାହସକୁ ସହଜରେ ଅନୁମାନ କରିହୁଏ । ଏହା ପୂର୍ବରୁ ସମ୍ଭବତଃ ମହିଳାମାନଙ୍କୁ ନେଇ ରାଜନୀତିକ ଏବଂ ସାମାଜିକ ସଭା ଓଡ଼ିଶାରେ ଆୟୋଜିତ ହୋଇ ନ ଥିଲା ।

ସରଳା ଦେବୀ ନିଜର ଧୈର୍ଯ୍ୟ ଓ ସାହସକୁ କଦାପି ବ୍ୟକ୍ତିଗତ ସ୍ତରରେ ସୀମିତ ରଖୁ ନ ଥିଲେ । ବରଂ ତାକୁ ଏକ ସାମୂହିକ ପ୍ରକ୍ରିୟାରେ ପରିଣତ କରିବାକୁ ପ୍ରୟାସ କରୁଥିଲେ । ୧୯୩୦ରେ ବାଲେଶ୍ୱରରେ ଇଂଚୁଡ଼ିଠାରେ ସେ ଓ ତାଙ୍କ ସମ୍ପର୍କୀୟ ଭଉଣୀ ରମାଦେବୀ ଶତାଧିକ ସଂଖ୍ୟାରେ ମହିଳାମାନଙ୍କ ସାଙ୍ଗରେ 'ଲବଣ ସତ୍ୟାଗ୍ରହ'ରେ ଭାଗ ନେଇଥିଲେ । ଫଳସ୍ୱରୂପ, ଆଗରୁ ଜଣେ ବି ମହିଳା ନ ଥିବା ଜାତୀୟତା ଆନ୍ଦୋଳନ ୧୯୩୦ ଦଶକରେ ମହିଳା ବହୁଳ ହେବାକୁ ବସିଲା । ୧୯୩୭ରେ ଗଠିତ ଓଡ଼ିଶାର ପ୍ରଥମ ବିଧାନସଭାରେ ସରଳା ଦେବୀ ଥିଲେ ଏକମାତ୍ର ମହିଳା । ବିଧାନସଭାରେ ସେ ନିଡ଼ର ହୋଇ ନାରୀ ଶିକ୍ଷା ଓ ବିଧବାମାନଙ୍କର ସମ୍ପତ୍ତି ଅଧିକାର ପାଇଁ ତଥା ଶିଶୁ ମୃତ୍ୟୁ, ବାଲ୍ୟ ବିବାହ ଏବଂ ଯୌତୁକ ପ୍ରଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ତାଙ୍କର ଯୁକ୍ତି ଯେ, ମହିଳା କଦାପି ପୁରୁଷ ହାତର ସମ୍ପତ୍ତି ନୁହେଁ । ଏଭଳି କି ପତ୍ନୀର ଶରୀର ଉପରେ ପତିର କୌଣସି ବ୍ୟକ୍ତିଗତ ଅଧିକାର ରହିଛି ବୋଲି ମନେ କରିବା ଅଯୌକ୍ତିକ । ଯେମିତି ପୁରୁଷର ଅଧିକାର ରହିଛି ନିଜ ଶରୀର ଉପରେ, ସେମିତି ନାରୀ ମଧ୍ୟ ସମ ପରିମାଣରେ ନିଜ ଶରୀର ଉପରେ ଅଧିକାର ଜାହିର କରିବା କଥା । ଯେତେଦିନଯାଏଁ ନାରୀ ଏହି ସ୍ୱାତନ୍ତ୍ର୍ୟରୁ ବଂଚିତ, ନାରୀ ପାଇଁ ଈଶ୍ୱର ନାହାନ୍ତି ବୋଲି କୁହାଯିବ । ସରଳା ଦେବୀ ଥିଲେ ଜଣେ ଅସାଧାରଣ ଲେଖିକା । ସେ ମୁଖ୍ୟତଃ ନାରୀ ସମସ୍ୟା ଉପରେ ବିଭିନ୍ନ ପତ୍ରପତ୍ରିକା ଏବଂ ପୁସ୍ତକରେ ଅନେକ ନିବନ୍ଧ ଲେଖିଛନ୍ତି । ତାଙ୍କ ରଚିତ ପୁସ୍ତକ ଗୁଡ଼ିକ ମଧ୍ୟରେ 'ଉତ୍କଳର ନାରୀ ସମସ୍ୟା' (୧୯୩୪), 'ନାରୀର ଦାବି' (୧୯୩୪), 'ଭାରତୀୟ ମହିଳା ପ୍ରସଙ୍ଗ' ୧୯୩୫), 'ବୀର ରମଣୀ' (୧୯୪୯) ଏବଂ 'ବିଶ୍ୱ ବିପ୍ଳବିନୀ' (୧୯୩୦) ଅନ୍ୟତମ । 'ବିଶ୍ୱ ବିପ୍ଳବିନୀ' ପୁସ୍ତକରେ ସେ ବଙ୍ଗର କ୍ରାନ୍ତିକାରୀ ମହିଳା କଳ୍ପନା ଦତ୍ତ, ରୁଷର ଜାର ଅତ୍ୟାଚାରର ବିରୁଦ୍ଧରେ ସଂଗ୍ରାମ କରିଥିବା ସୋଫିଆ ବରଡ଼ିନା, ବାଙ୍କିର ରାଣୀ ଶୁକଦେବୀ, ଝାନ୍ସିର ଲକ୍ଷ୍ମୀବାଈ ଏବଂ ଇନ୍ଦୋରର ରାଣୀ ଅହଲ୍ୟା ବାଈଙ୍କ ବୈପ୍ଳବିକ କ୍ରିୟାକଳାପ କଥା ବିସ୍ତାରରେ ଚର୍ଚ୍ଚା କରିଛନ୍ତି ଏବଂ ସେହି ପ୍ରକ୍ରିୟାରେ ମହିଳାମାନଙ୍କୁ ଅନ୍ୟାୟ ଓ ଶୋଷଣ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ପ୍ରେରଣା ଦେଇଛନ୍ତି । ଆଧୁନିକ ଓଡ଼ିଶା ଗଠନରେ 'ନାରୀ ଜାଗୃତି'ର ବିଶେଷ ଆବଶ୍ୟକତା ରହିଥିଲା ଏବଂ ସରଳା ଦେବୀ ହେଲେ ସେ ଦିଗରେ ଜଣେ ବିଶିଷ୍ଟ ବିଂଧାଣୀ । ସେ ସାହିତ୍ୟିକା ଥିଲେ, ବିପ୍ଳବିନୀ ଥିଲେ ଏବଂ ସାମାଜିକ ନ୍ୟାୟ ପାଇଁ ସର୍ବଦା ସ୍ୱର ଉତ୍ତୋଳନ କରୁଥିଲେ । ନାରୀ ସଶକ୍ତିକରଣ ପାଇଁ ସେ ଆଜୀବନ ବୌଦ୍ଧିକ ସଂଘର୍ଷ କରିଥିଲେ । ୧୯୮୬ ଅକ୍ଟୋବର ୪ ତାରିଖରେ ଏହି ମହାନ୍ ମହିଳାଙ୍କର ୮୨ ବର୍ଷ ବୟସରେ ଦେହାନ୍ତ ହୋଇଥିଲା ।

## ମାଳତୀ ଦେବୀ (୧୯୦୪-୧୯୯୮) :

୧୯୨୦ ଦଶକରେ ଓଡ଼ିଶାର ସାମାଜିକ ଜୀବନରେ ରାମଦେବୀ ଏବଂ ସରଳା ଦେବୀଙ୍କ ସହିତ ଯେଉଁ ତୃତୀୟ ମହିଳା ଜଣଙ୍କର ବିଶେଷ ଯୋଗଦାନ ରହିଥିଲା, ସେ ଜନ୍ମଜାତ ଓଡ଼ିଆ ନ ଥିଲେ । ମାଳତୀ ସେନ ଥିଲା ତାଙ୍କର ମୂଳ ନାମ । ଓଡ଼ିଶାର ନବକୃଷ୍ଣ ଚୌଧୁରୀଙ୍କ ସହ ୧୯୨୭ରେ ବିବାହ କଲାପରେ ମାଳତୀ ଚୌଧୁରୀ ବା ମାଳତୀ ଦେବୀ ହେଲେ; ଓଡ଼ିଶାକୁ କର୍ମକ୍ଷେତ୍ର କଲେ । ଏହାପରେ ସ୍ୱାଧୀନତା ସଂଗ୍ରାମ, ନାରୀ

ଆନ୍ଦୋଳନ, ପ୍ରଜାମଣ୍ଡଳ ଆନ୍ଦୋଳନ, କୃଷକ ଆନ୍ଦୋଳନ, ସମାଜବାଦୀ ଆନ୍ଦୋଳନ ଏବଂ ଏସବୁ ସହିତ ଦେଶର ସ୍ୱାଧୀନତା ପରେ ଗଢ଼ି ଉଠିଥିବା ଭୂଦାନ ଓ ସର୍ବୋଦୟ ଆନ୍ଦୋଳନରେ ମାଳତୀ ଦେବୀଙ୍କର ଯେତେ ଅଧିକ ମାତ୍ରାରେ ପ୍ରତ୍ୟକ୍ଷ ସମ୍ପୃକ୍ତି ରହିଛି, ସେତିକି ସମ୍ପୃକ୍ତି ବୋଧହୁଏ ଆଉ କାହାରିଠାରେ ଦେଖିବାକୁ ମିଳି ନାହିଁ। ଯେ କୌଣସି ସାମାଜିକ ଆନ୍ଦୋଳନରେ ପୁରୁଷ ତୁଳନାରେ ମହିଳା ନେତୃତ୍ୱର ଭୂମିକା କମ ହୋଇ ନପାରେ। ମାଳତୀ ଦେବୀ ଏହାକୁ ନିଜ କାର୍ଯ୍ୟ ମାଧ୍ୟମରେ ପ୍ରମାଣ କରିଛନ୍ତି।

ମାଳତୀ ଦେବୀଙ୍କର ଜନ୍ମ ୨୬ ଜୁଲାଇ ୧୯୦୪ ମସିହାରେ; ପୂର୍ବ ବଙ୍ଗ (ବର୍ତ୍ତମାନର ବାଂଲାଦେଶ)ର ଏକ ପ୍ରତିଷ୍ଠିତ ବ୍ରାହ୍ମ ପରିବାରରେ। ତାଙ୍କର ପିତା ଥିଲେ ବାରିଷ୍ଟର କୁମୁଦ ନାଥ ସେନ ଏବଂ ମାତା ସ୍ନେହଲତା ସେନ। ମାଳତୀ ଯେତେବେଳେ ମାତ୍ର ଦୁଇ ବର୍ଷ ଛ' ମାସର ଏକ ଶିଶୁ, ତାଙ୍କ ବାପାଙ୍କ ଦେହାନ୍ତ ହେଲା। ସ୍ନେହଲତା ଥିଲେ ଜଣେ ବଙ୍ଗାଳି ଭାଷାର ଲେଖିକା। କନ୍ୟା ମାଳତୀଙ୍କୁ ସେ କଳା, ସଂସ୍କୃତି, ସାହିତ୍ୟ ଆଦି ଜୀବନର ବିଭିନ୍ନ ଦିଗ ସହ ପିଲାଟି ଦିନରୁ ପରିଚୟ କରାଇଥିଲେ ଏବଂ ସେହି ମାଧ୍ୟମରେ ଏକ ସଂସ୍କାରପୂର୍ଣ୍ଣ ଜୀବନ ନିର୍ବାହ କରିବାର ମାର୍ଗ ଦେଖାଇଥିଲେ। ସ୍ନେହଲତାଙ୍କ ପିତା ବିହାରୀଲାଲ ଗୁପ୍ତା ଥିଲେ ଜଣେ ଆଇସିଏସ୍; ଅନେକ ବର୍ଷ ଧରି ସେ ବରୋଦା ରାଜ୍ୟର ଦେୱାନ ପଦରେ ମଧ୍ୟ ରହିଥିଲେ। ଉଭୟ ମାତାଙ୍କ ଆଡୁ ତଥା ପିତାଙ୍କ ଆଡୁ ମାଳତୀ ଉତ୍ତରାଧିକାର ସୂତ୍ରରେ ଶିକ୍ଷା, ସଂସ୍କୃତି ଓ ଆଭିଜାତ୍ୟ ଆଦି ଲାଭ କରିଥିଲେ। ଦୀର୍ଘ ଛଅ ବର୍ଷ ଧରି (୧୯୨୧ରୁ ୧୯୨୭) ସେ ଶାନ୍ତିନିକେତନରେ ଅଧ୍ୟୟନ କରିବା ପ୍ରକ୍ରିୟାରେ 'ଗୁରୁଦେବ' ରବୀନ୍ଦ୍ର ନାଥ ଟାଗୋରଙ୍କ ଆଶୀର୍ବାଦ ଲାଭ କରିଥିଲେ। ମହାତ୍ମା ଗାନ୍ଧିଙ୍କ ଶାନ୍ତି ନିକେତନ ଭ୍ରମଣ ବେଳେ ତାଙ୍କୁ ଗାନ୍ଧିଙ୍କର ମଧ୍ୟ ଆଶୀର୍ବାଦ ପ୍ରାପ୍ତ ହେଉଥିଲା। ଏସବୁ ମାଳତୀ ଦେବୀଙ୍କ ବ୍ୟକ୍ତିତ୍ୱ ଗଠନ ଏବଂ ସମାଜ କାମ ଲାଗି ଦୃଢ଼ ଆଧାର ଯୋଗାଇଥିଲା। ଅସହଯୋଗ ଆନ୍ଦୋଳନରେ ସକ୍ରିୟ ସମ୍ପୃକ୍ତି ପରେ ଯୁବକ ନବକୃଷ୍ଣ ଚୌଧୁରୀ ଅଧ୍ୟୟନ ପାଇଁ ସାବରମତି ଆଶ୍ରମ ଗଲେ। ସେଠାରୁ ଜାତୀୟତାବାଦୀ ଶିକ୍ଷାର ନାଭିକେନ୍ଦ୍ର ମନେ କରାଯାଉଥିବା ବିଶ୍ୱଭାରତୀରେ ଅଧ୍ୟୟନ ପାଇଁ ପହଞ୍ଚିଲେ। ବିଶ୍ୱଭାରତୀରେ ମାଳତୀ ଏବଂ ନବକୃଷ୍ଣଙ୍କ ମଧ୍ୟରେ ବନ୍ଧୁତା ସୃଷ୍ଟି ହେଲା, ଯାହା ଶେଷକୁ ବିବାହର ରୂପ ନେଲା। ସେବେଠାରୁ ମାଳତୀ ଓଡ଼ିଶାର କେବଳ ବୋହୂ ହୋଇ ନଥିଲେ, ଓଡ଼ିଶାର ବିଭିନ୍ନ ସାମାଜିକ କାର୍ଯ୍ୟରେ ମଧ୍ୟ ସକ୍ରିୟ ହେଲେ ଏବଂ ଜାତୀୟତା ଆନ୍ଦୋଳନକୁ ନୂଆ ଗତି ଓ ରୂପ ପ୍ରଦାନ କଲେ।

୧୯୨୭ରେ ବିବାହ ପରେ ମାଳତୀ ଦେବୀ ପତି ନବକୃଷ୍ଣଙ୍କ ସହିତ ଜଗତସିଂହପୁର ଜିଲ୍ଲାର ଅଣଖିଆ ଗ୍ରାମରେ ସମ୍ପୂର୍ଣ୍ଣ ଗ୍ରାମୀଣ ଜୀବନ ବ୍ୟତୀତ କଲେ। ଶାରୀରିକ ପରିଶ୍ରମ କରି କୃଷି କାର୍ଯ୍ୟରେ ନିଯୁକ୍ତ ହେବା ସାଙ୍ଗକୁ ଗ୍ରାମ ସଙ୍ଗଠନ ଓ ଗାନ୍ଧିଙ୍କର ରଚନାତ୍ମକ କାର୍ଯ୍ୟକୁ ସେଠାରେ ମହତ୍ତ୍ୱ ଦେଲେ। ୧୯୩୦ରେ ଲବଣ ସତ୍ୟାଗ୍ରହରେ ମାଳତୀ ଏବଂ ଅନ୍ୟ ଅନେକ ମହିଳା ଯୋଗଦାନ କଲେ। ଏହା ଫଳରେ କଂଗ୍ରେସ କାର୍ଯ୍ୟ ଗାଁ ଗଣ୍ଡାକୁ ବ୍ୟାପିଲା। କିନ୍ତୁ ତା' ପାଇଁ ନିଅଁ ସାବ୍ୟସ୍ତ ହେଲା ୧୯୨୦ ଦଶକରେ ଆରମ୍ଭ ହୋଇଥିବା ରଚନାତ୍ମକ କାର୍ଯ୍ୟ, ବିଶେଷକରି ମାଳତୀ ଦେବୀ ଓ ରମାଦେବୀ ଆଦିଙ୍କ ଗ୍ରାମ୍ୟ ସମ୍ପୃକ୍ତି। ୧୯୩୩ ମସିହା ଫେବୃୟାରୀ

ମାସରେ ନବକୃଷ୍ଣ ଚୌଧୁରୀ ଓ ମାଳତୀ ଚୌଧୁରୀ ସମେତ ଆଉ ଅନେକ ଯୁବ କଂଗ୍ରେସ କର୍ମୀ 'ଉତ୍କଳ କଂଗ୍ରେସ ସାମ୍ୟବାଦୀ କର୍ମୀସଂଘ'ର ଗଠନ କଲେ। ଏହାର ଉଦ୍ଦେଶ୍ୟ ଥିଲା ଜାତୀୟବାଦୀ ଆନ୍ଦୋଳନକୁ ଏକ ପ୍ରଗତିଶୀଳ ଓ ସାମ୍ୟବାଦୀ ଦିଗ ଦେବା। ୧୯୩୪ରେ ପାଟନାଠାରେ ଆଚାର୍ଯ୍ୟ ନରେନ୍ଦ୍ର ଦେବ ଏବଂ ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ଯେତେବେଳେ 'କଂଗ୍ରେସ ସୋସିଆଲିଷ୍ଟ ପାର୍ଟି'ର ସଂଗଠନ ହେଲା, ତହିଁରେ ଉତ୍କଳ ସାମ୍ୟବାଦୀ ସଂଘର ବିଲୟ ଘଟିଲା। ୧୯୩୦ ଏବଂ ୧୯୪୦ ଦଶକରେ ଭାରତଛାଡ଼ ଆନ୍ଦୋଳନଠାରୁ ଆରମ୍ଭ କରି ପ୍ରଜା ଆନ୍ଦୋଳନ ଏବଂ ଗଡ଼ଜାତ ଆନ୍ଦୋଳନ ଆଦି ଓଡ଼ିଶାରେ ଯାହାସବୁ କଂଗ୍ରେସ କାର୍ଯ୍ୟକ୍ରମ ହୋଇଛି, ତା'ର ମୂଳରେ ରହିଛି ସେହି ସମାଜବାଦୀ ଯୁବବର୍ଗର, ବିଶେଷକରି ନବକୃଷ୍ଣ ଏବଂ ମାଳତୀ ଦେବୀଙ୍କର ସକ୍ରିୟ ସମ୍ପୃକ୍ତି। ବିବାହ ପରଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଉଭୟ ପତି-ପତ୍ନୀ ପରସ୍ପର ପାଇଁ ରାଜନୈତିକ କାର୍ଯ୍ୟରେ ଶତପ୍ରତିଶତ ପରିପୂରକ ହୋଇ କାମ କରିଥିଲେ। ୧୯୪୬ରେ ଅନୁଗୁଳଠାରେ 'ବାଜି ରାଉତ ଛାତ୍ରାବାସ' ଓ ୧୯୪୮ରେ 'ଉତ୍କଳ ନବଜୀବନ ମଣ୍ଡଳ' ଗଢ଼ି ସେମାନେ ପଛୁଆ ବର୍ଗର ପିଲାଙ୍କ ଶିକ୍ଷା ଏବଂ ସାମାଜିକ କାମକୁ ପ୍ରକ୍ରିୟାଭିତ୍ତିକ କଲେ, ଯାହା ଆଧୁନିକ ଓଡ଼ିଶା ପାଇଁ ଥିଲା ଏକ ବଡ଼ ଉପଲବ୍ଧି।

୧୯୪୬ରୁ ୧୯୪୯ ମଧ୍ୟରେ ମାଳତୀ ଦେବୀ ସାମ୍ବିଧାନିକ ସଭା (Constituent Assembly)ର ସଭ୍ୟ ଥିଲେ। ଉତ୍କଳ ପ୍ରଦେଶ କଂଗ୍ରେସର ସଭାପତି ଦାୟିତ୍ୱରେ ମଧ୍ୟ ସେ ରହିଥିଲେ। ସ୍ୱାଧୀନତା ପରେ ନବକୃଷ୍ଣ ଚୌଧୁରୀ କିଛି ସମୟ ପାଇଁ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ପଦ ଗ୍ରହଣ କରିଥିଲେ। କ୍ଷମତା ରାଜନୀତିରେ ରହି ସୁଦ୍ଧା ସରଳ ଓ ସହଜ ଜୀବନ ବ୍ୟତୀତ କରିବାର ଉଦାହରଣ ସେ ସୃଷ୍ଟି କରିଯାଇଥିଲେ। ମାତ୍ର ମାଳତୀ ଦେବୀ ସମ୍ପୂର୍ଣ୍ଣ ରୂପେ କ୍ଷମତା ରାଜନୀତିରୁ ଦୂରରେ ରହିଥିଲେ ଏବଂ ମୁଖ୍ୟମନ୍ତ୍ରୀ ନବକୃଷ୍ଣଙ୍କୁ ସଭାସମିତିରେ ଖୋଲାଖୋଲି ଯୁକ୍ତିପୂର୍ଣ୍ଣ ସମାଲୋଚନା ମଧ୍ୟ କରୁଥିଲେ। ପୂରା ପରିବାର ସ୍ୱାଧୀନତା ସଂଗ୍ରାମରେ ଓତଃପ୍ରୋତଃ ରହି ସୁଦ୍ଧା କ୍ଷମତା ରାଜନୀତିକୁ ତାଙ୍କ ପରିବାର ସ୍ୱୀକାର କରି ନ ଥିଲା। ସମଗ୍ର ଭାରତବର୍ଷରେ ଏଭଳି ପାରିବାରିକ ତ୍ୟାଗ ଓ ବଳିଦାନର ଉଦାହରଣ ଅନ୍ୟତ୍ର ଦେଖିବାକୁ ମିଳେ ନାହିଁ। ଏଥିପାଇଁ ମାଳତୀ ଦେବୀ ଅଧିକ ଶ୍ରେୟର ହକ୍‌ଦାର ହେବେ- କାରଣ ଏକ ଆଭିଜାତ୍ୟ ପୂର୍ଣ୍ଣ ପରିବାରରେ ଜନ୍ମ ଗ୍ରହଣ କରି ସୁଦ୍ଧା ପରିବାରକୁ କ୍ଷମତା ଦୌଡ଼ରେ ସାମିଲ ହେବାକୁ ସେ ସୁଯୋଗ ଦେଇ ନ ଥିଲେ।

ମାଳତୀ ଦେବୀ ସମାଜ କାମ ପାଇଁ ଅନେକ ସମ୍ମାନ ଲାଭ କରିଥିଲେ। 'ଯମୁନାଲାଲ ବଜାଜ ସମ୍ମାନ', 'ଉତ୍କଳ ସେବା ସମ୍ମାନ', 'ଟେଗୋର ସାହିତ୍ୟ ସମ୍ମାନ' ଓ ବିଶ୍ୱଭାରତୀରୁ 'ଦେଶିକୋତ୍ତମ ସମ୍ମାନ' ତନ୍ମଧ୍ୟରେ ଅନ୍ୟତମ। ମାତ୍ର ସମ୍ମାନ ଓ ପୁରସ୍କାରର ଲୋଭ କେବେ ତାଙ୍କର ନ ଥିଲା। ସେଥିପାଇଁ ବଡ଼ ବଡ଼ ସମ୍ମାନକୁ ମଧ୍ୟ ସେ ଫେରାଇ ଦେବାର ସାହସ ରଖୁଥିଲେ। ୧୯୯୮ ମାର୍ଚ୍ଚ ୧୫ ତାରିଖରେ ୯୪ ବର୍ଷ ବୟସରେ ମାଳତୀ ଦେବୀଙ୍କର ଦେହାନ୍ତ ହୋଇଥିଲା।

## ସାରାଂଶ

ସମାଜ ଗଠନ ଏକ ଦୀର୍ଘ ପ୍ରକ୍ରିୟା । ବ୍ୟକ୍ତିର ବିଚାର ଏବଂ କାର୍ଯ୍ୟ ବିନା କୌଣସି ସମାଜର ଗଠନ ସମ୍ଭବ ନୁହେଁ । ଦ୍ୱିତୀୟତଃ ସର୍ବଦା ସ୍ୱତନ୍ତ୍ରତା ପାଇଁ ଉଦ୍ୟମ କରୁଥିବା ବ୍ୟକ୍ତି ପୂର୍ଣ୍ଣତଃ ସ୍ୱତନ୍ତ୍ର ନୁହେଁ । ତା' ନିଜ ସମୟ ଓ ପୃଷ୍ଠଭୂମିର ପ୍ରଭାବରୁ ମଧ୍ୟ ସେ ମୁକ୍ତି ପାଇପାରେ ନା । ସେହି ଆଧାରରେ ସମାଜ ଗଠନରେ ବ୍ୟକ୍ତିର ଭୂମିକାକୁ ମହତ୍ତ୍ୱ ମିଳିବା କଥା । ସାଙ୍ଗରେ, ତାକୁ ସାମାଜିକ ପରିବର୍ତ୍ତନର ଏକମାତ୍ର କାରକ ମନେ କରାଯିବା କଥା ନୁହେଁ । ଆଧୁନିକ ଓଡ଼ିଶା ପରିପ୍ରେକ୍ଷୀରେ ଦେଖିଲେ, ଊନବିଂଶ ଓ ବିଂଶ ଶତାବ୍ଦୀର ଓଡ଼ିଶାକୁ ଆଧୁନିକ ଓଡ଼ିଶା ବୋଲି ନାମିତ କରାଯିବ । ଏହି ସମୟରେ ବିଶେଷକରି ଊନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧ ଏବଂ ବିଂଶ ଶତାବ୍ଦୀର ଆରମ୍ଭରେ ଓଡ଼ିଶାର ଆଧୁନିକ ଶିକ୍ଷିତ ବର୍ଗ ଓଡ଼ିଶା ଗଢ଼ିବାର ଦାୟିତ୍ୱ ନେଲେ । ସେମାନଙ୍କ ମଧ୍ୟରୁ ପ୍ରମୁଖ କେତେଜଣ, ଯେମିତି ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, କୃଷ୍ଣଚନ୍ଦ୍ର ଗଜପତି, ରମାଦେବୀ, ସରଳା ଦେବୀ ଏବଂ ମାଳତୀ ଦେବୀ, ଏଠାରେ ଚର୍ଚ୍ଚାର ପ୍ରସଙ୍ଗ । ସେମାନଙ୍କ ସମାଜ ଗଠନରେ ଭୂମିକା ଓ ବିଚାର ଯେ ଖୁବ୍ ମହତ୍ତ୍ୱପୂର୍ଣ୍ଣ- ଏକଥା ଅନସ୍ୱୀକାର୍ଯ୍ୟ । ସେମାନଙ୍କ ବିଚାର ଏବଂ କାର୍ଯ୍ୟଶୈଳୀ ଏକ ନ ଥିଲା, ଯଦିଓ ଲକ୍ଷ୍ୟକୁ ନେଇ ସେମାନଙ୍କ ମଧ୍ୟରେ ଭିନ୍ନତା ନ ଥିଲା । ପ୍ରତ୍ୟେକଙ୍କର ସାମାଜିକ ଓ ପାରିବାରିକ ପୃଷ୍ଠଭୂମିରେ ମଧ୍ୟ ପ୍ରଭେଦ ଥିଲା । ଏହାର ପ୍ରଭାବ ସେମାନଙ୍କ ବିଚାର ଓ ବ୍ୟକ୍ତିତ୍ୱରେ ଦେଖିବାକୁ ମିଳିଥିଲା । ମଧୁସୂଦନ ଜାତି ଗଠନ ପାଇଁ ରାଜ୍ୟ-ରାଷ୍ଟ୍ରର ସହଯୋଗର ଆବଶ୍ୟକତା ରହିଛି ବୋଲି ବୁଝିଥିଲେ । କୃଷ୍ଣଚନ୍ଦ୍ର ଗଜପତି ଥିଲେ ପାରଳାଖେମୁଣ୍ଡିର ମହାରାଜା । ରାଜ୍ୟର ରାଜା ହେବା ସତ୍ତ୍ୱ ଭାଷାଭିତ୍ତିକ ଆନ୍ଦୋଳନ ଯୋଗୁଁ ସେ ତେଲଗୁ ଅଧ୍ୟୁଷିତ ପ୍ରାଦେଶିକ ଶାସନରୁ ଆସି ଓଡ଼ିଶା ସହ ରାଜ୍ୟକୁ ସଂଲଗ୍ନିକୃତ କରିବାକୁ ପ୍ରୟାସ କଲେ ଏବଂ ସେହି ପ୍ରକ୍ରିୟାରେ ଭାଷା ଅସ୍ମିତା ଆନ୍ଦୋଳନର ଜଣେ ପ୍ରମୁଖ କର୍ଣ୍ଣଧାର ହେଲେ । ଗୋପବନ୍ଧୁ ଦାସଙ୍କ ପ୍ରମୁଖ ଲକ୍ଷ୍ୟ ଥିଲା ଆଞ୍ଚଳିକତା ଓ ରାଷ୍ଟ୍ରୀୟତା ମଧ୍ୟର ପରିପୂରକତାକୁ ଅନାବରଣ କରିବା । ସେଥିପାଇଁ ସେ ସମାନ ଆଗ୍ରହରେ ଓଡ଼ିଶାରେ ଅସହଯୋଗ ଆନ୍ଦୋଳନର ନେତୃତ୍ୱ ନେଲେ ଏବଂ ଓଡ଼ିଶା ଆନ୍ଦୋଳନର ସ୍ୱରକୁ ପ୍ରବଳ ଓ ପ୍ରଖର କଲେ । ତାଙ୍କ ଉଦ୍ୟମରେ 'ଉତ୍କଳ ସମ୍ମିଳନୀ' ୧୯୨୦ରେ ଜାତୀୟ କଂଗ୍ରେସରେ ସମ୍ମିଶ୍ରିତ ହେଲା । ଓଡ଼ିଶାର ବୌଦ୍ଧିକ ଆନ୍ଦୋଳନର ତିନିଜଣ ପ୍ରମୁଖ ନେତ୍ରୀ ରମାଦେବୀ, ସରଳା ଦେବୀ ଓ ମାଳତୀ ଦେବୀ ଥିଲେ ପାରିବାରିକ ସୂତ୍ରରେ ସମ୍ବନ୍ଧୀୟ ଓ ରାଜନୀତିକ କାର୍ଯ୍ୟରେ ପରସ୍ପରର ପରିପୂରକ । ସାଙ୍ଗରେ ଏକଥା ବି ସତ ଯେ, ତିନି ଜଣଙ୍କ ମଧ୍ୟରେ ରମାଦେବୀ କେବଳ ବୟସରେ ଜ୍ୟେଷ୍ଠ ନ ଥିଲେ, ବିଚାରରେ ମଧ୍ୟ ସମାବେଶୀ ସ୍ୱଭାବର ଥିଲେ । ଅର୍ଥାତ୍ ସମସ୍ତଙ୍କୁ ସାଙ୍ଗରେ ନେଇ ଚଳିବାର ମାନସିକ ପରିପକ୍ୱତା ସେ ଲାଭ କରିଥିଲେ । ଏହି କାରଣରୁ ସରଳା ଦେବୀଙ୍କ ପରି ସେ 'ନାରୀବାଦୀ' ନ ଥିଲେ କିମ୍ବା ମାଳତୀ ଦେବୀଙ୍କ ପରି ଉଗ୍ରଜାତୀୟତାବାଦୀ ନ ଥିଲେ । ତା' ସତ୍ତ୍ୱେ ସେ ଉଭୟ ସରଳା ଦେବୀ ଓ ମାଳତୀ ଦେବୀ ଏବଂ ଅନ୍ୟ ସମାଜକର୍ମୀଙ୍କ ପାଇଁ ମା' ଭଳି ସ୍ନେହ-ଆଦରର ପ୍ରତିମୂର୍ତ୍ତି ହୋଇ ରହିଥିଲେ । ସେମାନଙ୍କୁ ସମସ୍ତଙ୍କୁ ନେଇ ଆଧୁନିକ ଓଡ଼ିଶା ଓ ତା'ର ସାମାଜିକ ବିଚାର । ସେମାନଙ୍କ ମଧ୍ୟରୁ କାହାରି ମହତ୍ତ୍ୱ ସମାଜ ଗଠନ ପାଇଁ କମ ବୋଲି କୁହାଯାଇ ନ ପାରେ ।

## ଆଦର୍ଶ ପ୍ରଶ୍ନାବଳୀ

### 'କ' ବିଭାଗ

### (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର)

**୧. ପ୍ରତ୍ୟେକ ପ୍ରଶ୍ନ ପାଇଁ ଥିବା ଚାରୋଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତରଟିକୁ ବାଛି ଲେଖ।**

(କ) ଆଧୁନିକ ଓଡ଼ିଶାର ନେତୃତ୍ୱ କାହା ହାତରେ ରହିଲା ?

(i) ବଣିକ ବର୍ଗ (ii) ରାଜନ୍ୟ ବର୍ଗ

(iii) ବୁଦ୍ଧିଜୀବୀ ବର୍ଗ (iv) କୃଷକ ବର୍ଗ

(ଖ) ନିମ୍ନୋକ୍ତ ଇତିହାସ ପୁରୁଷଙ୍କ ମଧ୍ୟରେ ବୟୋଜ୍ୟେଷ୍ଠ କିଏ ?

(i) ମଧୁସୂଦନ ଦାସ (ii) ଗୋପବନ୍ଧୁ ଦାସ

(iii) କୃଷ୍ଣଚନ୍ଦ୍ର ଗଜପତି (iv) ରମାଦେବୀ

(ଗ) କେଉଁ ମସିହାରେ ଉଚ୍ଚଶିକ୍ଷା ପାଇଁ ମଧୁସୂଦନ ଦାସ ଓଡ଼ିଶା ଛାଡ଼ି କଲିକତା ଗଲେ ?

(i) ୧୮୪୮ (ii) ୧୮୬୫

(iii) ୧୮୬୬ (iv) ୧୯୦୩

(ଘ) ନିମ୍ନୋକ୍ତ କେଉଁଟି ଥିଲା 'ଉତ୍କଳ ଟ୍ୟାନେରୀ'ର କଞ୍ଚାମାଲ ?

(i) ଚମଡ଼ା (ii) ତୁଳା

(iii) ଧାନ (iv) ଆଖୁ

(ଙ) 'ଧର୍ମପଦ' କାବ୍ୟର ଲେଖକ କିଏ ?

(i) ଫକୀର ମୋହନ ସେନାପତି (ii) ଗୋପାଳ ଚନ୍ଦ୍ର ପ୍ରହରାଜ

(iii) ଗୋପବନ୍ଧୁ ଦାସ (iv) ସରଳା ଦେବୀ

### 'ଖ' ବିଭାଗ

**୨. ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖ। (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର)**

(କ) କେଉଁ ବ୍ୟକ୍ତିଗତ କାରଣରୁ ମଧୁସୂଦନ ଦାସ 'ଅସ୍ମିତାର ଆନ୍ଦୋଳନ' ଉପରେ ଗୁରୁତ୍ୱ ଦେଲେ ?

(ଖ) ମଧୁସୂଦନ ଦାସ ଓଡ଼ିଶା ଆନ୍ଦୋଳନର ସୂତ୍ରପାତ କରି କୌଣସି ସଂକୀର୍ଣ୍ଣ ଆଞ୍ଚଳିକତାକୁ ପ୍ରୋତ୍ସାହିତ କରୁନଥିଲେ। ଏହି ଉକ୍ତିଟିର ବ୍ୟାଖ୍ୟା କର।

(ଗ) ମଧୁସୂଦନଙ୍କ ପତ୍ରପତ୍ରିକା ସହିତ ଥିବା ସମ୍ବନ୍ଧକୁ ବ୍ୟାଖ୍ୟା କର।

(ଘ) ଗୋପବନ୍ଧୁ ଦାସ ଜୀବନର କେଉଁ ବ୍ୟକ୍ତିଗତ ଅନୁଭୂତି ଯୋଗୁଁ 'ପରାର୍ଥେ ଜୀବନ'କୁ ବ୍ରତ କରିଥିଲେ ?

(ଙ) 'ପାରଳା ରାଜା'ଙ୍କ ଓଡ଼ିଶାର ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ କ'ଣ ଯୋଗଦାନ ରହିଥିଲା ?

(ଚ) ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀଙ୍କ ଶାସନ କାଳରେ ଘଟିଥିବା କେତୋଟି ମହତ୍ତ୍ୱପୂର୍ଣ୍ଣ ଘଟଣାର ଉଲ୍ଲେଖ କର ।

(ଛ) ରମାଦେବୀଙ୍କ ପାରିବାରିକ ପୃଷ୍ଠଭୂମି ସମ୍ବନ୍ଧରେ ଲେଖ ।

(ଜ) ଜାତୀୟତା ଆନ୍ଦୋଳନରେ ଓଡ଼ିଶାରେ ମହିଳାମାନଙ୍କ ଭୂମିକା ସମ୍ବନ୍ଧରେ ଆଲୋଚନା କର ।

(ଝ) ମାଳତୀ ଦେବୀଙ୍କ ସ୍ୱାଧୀନତା ସଂଗ୍ରାମରେ ଭୂମିକା ସମ୍ବନ୍ଧରେ ଆଲୋଚନା କର ।

(ଞ) ସରଳା ଦେବୀଙ୍କ ସାହିତ୍ୟିକ ପ୍ରତିଭା ସମ୍ବନ୍ଧରେ ଆଲୋଚନା କର ।

**୩. ପ୍ରତି ପ୍ରଶ୍ନର ଉତ୍ତର ପାଞ୍ଚ ବା ଛଅଟି ବାକ୍ୟରେ ଲେଖ । (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର)**

(କ) ଓଡ଼ିଶାରେ କୁଟୀର ଶିଳ୍ପର ବିକାଶ ପାଇଁ ମଧୁବାବୁଙ୍କର ଅବଦାନ ଉଲ୍ଲେଖ କର ।

(ଖ) ଗୋପବନ୍ଧୁ ଦାସଙ୍କର ସାହିତ୍ୟିକ କୃତି ଉପରେ ଆଲୋକପାତ କର ।

(ଗ) କୃଷ୍ଣଚନ୍ଦ୍ର ଗଜପତି ଓଡ଼ିଶାରେ ଶିକ୍ଷାର ବିକାଶ ପାଇଁ କ'ଣ ପଦକ୍ଷେପ ନେଇଥିଲେ ?

(ଘ) ଓଡ଼ିଶାରେ ନାରୀଜାତିର ଜାଗୃତି ପାଇଁ ସରଳାଦେବୀଙ୍କ ଅବଦାନ ବର୍ଣ୍ଣନା କର ।

(ଙ) ମାଳତୀ ଦେବୀ ଓଡ଼ିଶାରେ କେଉଁ କେଉଁ ଆନ୍ଦୋଳନ ସହିତ ସମ୍ପୃକ୍ତ ଥିଲେ ସଂକ୍ଷେପରେ ଆଲୋଚନା କର ।

## 'ଗ' ବିଭାଗ

### (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର)

୪. ଗୋପବନ୍ଧୁ ଦାସଙ୍କ ବ୍ୟକ୍ତିତ୍ୱ ଓ ରାଜନୀତିକୁ ନେଇ ଏକ ବିଶଦ ଆଲୋଚନା କର ।

୫. ସରଳା ଦେବୀ ଜଣେ ବିପ୍ଳବିନୀ ଥିଲେ । ଏହି ଉକ୍ତି ସମ୍ବନ୍ଧରେ ତଥ୍ୟ ଆଧାରିତ ଏକ ଆଲୋଚନା କର ।

❑●❑

**ସପ୍ତଦଶ ଅଧ୍ୟାୟ :**

# ଭାରତୀୟ ସମ୍ବିଧାନର ପ୍ରଣୟନ
## Framing of the Indian Constitution

---

(କ) ସମ୍ବିଧାନ ସଭାର ଗଠନ **(Making of the Constituent Assembly)**

(ଖ) ସମ୍ବିଧାନର ଦୃଷ୍ଟି **(Vision of the Constitution)**

(ଗ) ସମ୍ବିଧାନର ବୈଶିଷ୍ଟ୍ୟ **(Salient features)**

ସ୍ୱାଧୀନତା ସଂଗ୍ରାମ ଯୋଗୁଁ ଯେତେବେଳେ ଇଂରେଜ ସରକାର ଭାରତ ଛାଡ଼ିବେ ବୋଲି ନିଷ୍ପତ୍ତି ନେଲେ, ଦେଶରେ ଏକ ନୂଆ ସମ୍ବିଧାନର ପ୍ରଣୟନ ପାଇଁ ପ୍ରସ୍ତୁତି ଆରମ୍ଭ ହେଲା। ଏଥିପାଇଁ ଏକ ସମ୍ବିଧାନସଭା ବା ସାମ୍ବିଧାନିକ ସଭା (Constituent Assembly)ର ଗଠନ ହେଲା। ୧୯୪୬ରେ ସମ୍ବିଧାନ ସଭାକୁ ସଭ୍ୟମାନେ ନିର୍ବାଚିତ ହୋଇଆସିଲେ। ୧୯୪୬ ମସିହା ଡିସେମ୍ବରରେ ସଭାର ପ୍ରଥମ ବୈଠକ ବସିଲା ଏବଂ ସେହି ଦିନଠାରୁ ୧୯୪୯ ଡିସେମ୍ବର ମାସ ମଧ୍ୟରେ ସମ୍ବିଧାନ ପ୍ରସ୍ତୁତ ହେଲା। ୨୬ ଜାନୁୟାରୀ ୧୯୫୦ ତାରିଖ ଦିନ ନୂତନ ସମ୍ବିଧାନକୁ ଦେଶରେ ଲାଗୁ କରାଗଲା। ନୂଆ ସମ୍ବିଧାନ ଅନୁସାରେ ଭାରତ ଏକ ସାଧାରଣତନ୍ତ୍ର ଘୋଷିତ ହେଲା।

ଭାରତର ସମ୍ବିଧାନ ହେଲା ବିଶ୍ୱର ସବୁଠାରୁ ଦୀର୍ଘତମ ସମ୍ବିଧାନ। ଏଥିରେ ୩୯୫ ଟି ଆର୍ଟିକିଲ ଓ ୧୨ଟି ସିଡ୍ୟୁଲ (Schedule) ରହିଛି। ଯଦିଓ ଭାରତ ପ୍ରାୟ ୨୦୦ ବର୍ଷ ଧରି ବିଦେଶୀ ଶାସନାଧୀନ ଥିଲା, ସ୍ୱାଧୀନ ଭାରତର ସମ୍ବିଧାନ ସମ୍ପୂର୍ଣ୍ଣ ରୂପେ ଭାରତୀୟମାନଙ୍କ ଦ୍ୱାରା ପ୍ରସ୍ତୁତ ଏବଂ ଏହାର ପ୍ରଣୟନରେ ଦେଶୀୟ ବୁଦ୍ଧି ବିବେକର ପରାକାଷ୍ଠା ରହିଛି। ସ୍ୱାଧୀନ ଭାରତ କେଉଁ ଧାରାରେ ପରିଚାଳିତ ହେବ, କ'ଣ ତା'ର ଶାସନ ବ୍ୟବସ୍ଥା ରହିବ, କେଉଁଭଳି ଭାବେ ରୀତିନୀତିରେ ଆବଶ୍ୟକୀୟ ପରିବର୍ତ୍ତନ ଅଣାଯିବ ଏବଂ ସର୍ବୋପରି କେଉଁ ଉପାୟରେ ଆବଶ୍ୟକ ସ୍ଥଳେ ସମ୍ବିଧାନରେ ପରିବର୍ତ୍ତନ ଅଣାଯାଇ ପାରିବ– ସବୁ ପ୍ରସଙ୍ଗର ବିସ୍ତାରରେ ସମ୍ବିଧାନରେ ଉଲ୍ଲେଖ ରହିଛି। ଏହାର ପ୍ରଣେତା ଜନଗଣଙ୍କ ପ୍ରତିନିଧିମାନେ ଏବଂ ଏହାର ପ୍ରଣୟନରେ ଏକ ସ୍ୱାଧୀନତାକାମୀ ଜନଗଣଙ୍କ ଦୃଷ୍ଟି ସମ୍ମିଳିତ ହୋଇ ରହିଛି। ଏମିତିରେ ଦେଖିଲେ, ପ୍ରତ୍ୟେକ ଆଧୁନିକ ରାଷ୍ଟ୍ରର ଗୋଟାଏ ଗୋଟାଏ ସମ୍ବିଧାନ ରହିଛି ଏବଂ ଭାରତର ସମ୍ବିଧାନ ମଧ୍ୟ ସେହି ଧରଣର ଏକ ସମ୍ବିଧାନ। ମାତ୍ର ଭାରତୀୟ ସମ୍ବିଧାନର ଅନେକ ବୈଶିଷ୍ଟ୍ୟ ରହିଛି, ଯାହା ତାକୁ ଅନ୍ୟ ସମ୍ବିଧାନଠାରୁ ପୃଥକ୍ କରେ। ଜାତି, ଧର୍ମ, ଭାଷା, ରୀତିନୀତି ଏବଂ

ଅଞ୍ଚଳ ଆଦି ଆଧାରରେ ଭାରତରେ ବିବିଧତା ରହିଛି । କାହାରି ପ୍ରତି ପକ୍ଷପାତ ନ କରିବାକୁ ସମ୍ବିଧାନରେ ପ୍ରୟାସ କରାଯାଇଛି । ସମ୍ବିଧାନର ପ୍ରଣୟନ ପାଇଁ ସାମ୍ବିଧାନିକ ସଭାର ୧୧ଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା ଏବଂ ମୋଟ ୧୬୫ ଦିନ ଧରି ତର୍କ ବିତର୍କ ଚାଲିଥିଲା । ବିଭିନ୍ନ ପ୍ରସଙ୍ଗରେ ପ୍ରସ୍ତାବ ଦେବାପାଇଁ ୧୩ଟି କମିଟି ଗଠିତ ହୋଇଥିଲା । ସବୁ ପ୍ରସ୍ତାବକୁ ଏକତ୍ରିତ କରିବା ଲାଗି ଏକ ଡ୍ରାଫ୍ଟିଂ କମିଟିର ବ୍ୟବସ୍ଥା ଥିଲା । ଡକ୍ଟର ଭୀମରାଓ ଆମ୍ବେଦକର ଥିଲେ ଡ୍ରାଫ୍ଟିଂ କମିଟିର ସଭାପତି । ୧୯୪୮ରେ ସମ୍ବିଧାନର ଚିଠାକୁ ପ୍ରକାଶ କରି ତା' ଉପରେ ମତ ଦେବାକୁ ଜନସାଧାରଣଙ୍କୁ ଆହ୍ୱାନ କରାଗଲା । ଶେଷରେ ୨୬ ନଭେମ୍ବର ୧୯୪୯ରେ ତାକୁ ଗୃହୀତ କରାଗଲା ଏବଂ ୨୬ ଜାନୁଆରୀ ୧୯୫୦ରୁ ଲାଗୁ କରାଯିବା ଲାଗି ଦିନ ଧାର୍ଯ୍ୟ କରାଗଲା ।

ସମ୍ବିଧାନର ଏହି ଦୀର୍ଘ ଗଠନ ପ୍ରକ୍ରିୟା ଆଜି ଇତିହାସ । ତା'ର ଅଧ୍ୟୟନ ପ୍ରତ୍ୟେକ ଭାରତୀୟ ପାଇଁ ଉପାଦେୟ, କାରଣ ତହିଁରେ ଆଧୁନିକ ଭାରତକୁ ଜାଣିବା ଲାଗି ତଥ୍ୟ ଓ ବିଚାର ରହିଛି । ଏହି ଅଧ୍ୟାୟରେ ସମ୍ବିଧାନର ପ୍ରଣୟନ ପ୍ରକ୍ରିୟା ସମ୍ବନ୍ଧରେ ଚର୍ଚ୍ଚା କରାଯାଇଛି ।

## (କ) ସମ୍ବିଧାନ ସଭାର ଗଠନ :

୧୫ ଅଗଷ୍ଟ ୧୯୪୭ରେ ଦେଶ ସ୍ୱାଧୀନ ହେଲା । ଏଥିପାଇଁ ଦୀର୍ଘ ସମୟ ଧରି ସଂଗ୍ରାମ ଚାଲିଥିଲା । ସେହି ଆଧାରରେ ଦେଶର ସ୍ୱାଧୀନତା ଯେତେବେଳେ ଆସନ୍ନ ଏବଂ ସ୍ୱାଧୀନତା ପ୍ରାପ୍ତି ନୂଆ, ତାହା ସର୍ବତ୍ର ଖୁସିର ପରିବେଶ ସୃଷ୍ଟି କରିବା କଥା । ମାତ୍ର ସେହି ପରିବେଶରେ ଦେଶର ବିଭାଜନ ଏବଂ ସାମ୍ପ୍ରଦାୟିକ ଦଙ୍ଗା ଭାରତର ଭିତ୍ତିକୁ ଦୋହଲାଇ ଦେଇଥିଲା । ଅସ୍ଥିରତା ଏବଂ ଅନିଶ୍ଚିତତାର ବାତାବରଣ ମଧ୍ୟରେ ସମ୍ବିଧାନ ପ୍ରଣୟନର କାର୍ଯ୍ୟ ମଧ୍ୟ ଚାଲିଥିଲା । ଅର୍ଥାତ୍ ସେହି ସମୟରେ ନୂଆ ରାଷ୍ଟ୍ରର ନିର୍ମାଣ ଓ ରୂପରେଖର କାର୍ଯ୍ୟ ମଧ୍ୟ ସମ୍ପନ୍ନ ହୋଇଥିଲା ।

୧୯୪୬ରେ ପ୍ରାଦେଶିକ ବିଧାନସଭା ଗୁଡ଼ିକ ପାଇଁ ନିର୍ବାଚନ ହେଲା ଏବଂ ସମ୍ବିଧାନ ସଭାର ସଭ୍ୟମାନେ ମଧ୍ୟ ନିର୍ବାଚିତ ହୋଇ ଆସିଲେ । ଦେଶୀୟ ରାଜ୍ୟଗୁଡ଼ିକ ଭାରତରେ ସମ୍ମିଶ୍ରିତ ହେଲା ପରେ, କିଛି ସଭ୍ୟ ଦେଶୀୟ ରାଜ୍ୟରୁ ଆସିଲେ । ଆରମ୍ଭରେ ମୁସଲିମ୍ ଲିଗ ସମ୍ବିଧାନ ସଭାରେ ଯୋଗଦେବା ପାଇଁ ସ୍ୱୀକୃତି ଦେଇଥିଲା । ପରେ ପାକିସ୍ତାନ ଗଠନକୁ ନେଇ ନିଷ୍ପତ୍ତି ହେବାରୁ ଲିଗ ସମ୍ବିଧାନ ସଭାରେ ଯୋଗ ଦେଲା ନାହିଁ । ଫଳରେ, ଆରମ୍ଭରେ ସମ୍ବିଧାନସଭାର ମୋଟ ସଭ୍ୟ ସଂଖ୍ୟା ୩୮୯ ହେବ ବୋଲି ନିଷ୍ପତ୍ତି ହୋଇଥିଲା । ମାତ୍ର, ମୁସଲିମ୍ ଲିଗ୍ ଓହରିଯିବା ଦ୍ୱାରା ମୋଟ ସଭ୍ୟ ସଂଖ୍ୟା ୨୯୯କୁ ହ୍ରାସ ପାଇଲା । ତନ୍ମଧ୍ୟରେ ୨୨୯ ଜଣ ଥିଲେ ପ୍ରାଦେଶିକ ସଭ୍ୟ ଏବଂ ୭୦ ଜଣ ଥିଲେ ଦେଶୀୟ ରାଜ୍ୟର ସଭ୍ୟ ।

ଜାତୀୟ କଂଗ୍ରେସ ଥିଲା ସ୍ୱାଧୀନତା ସଂଗ୍ରାମର ପ୍ରମୁଖ ଦଳ । ସମ୍ବିଧାନ ସଭାରେ ମଧ୍ୟ କଂଗ୍ରେସର ସଭ୍ୟ ଥିଲେ ବହୁ ସଂଖ୍ୟକ । ମାତ୍ର କଂଗ୍ରେସ ଏକ ରାଜନୈତିକ ଦଳ ହେବା ସତ୍ତ୍ୱେ ତହିଁରେ ବିବିଧ ବିଚାରଧାରାର ଲୋକ ରହିଥିଲେ । ଧର୍ମ ନିରପେକ୍ଷ, ସାମ୍ପ୍ରଦାୟିକ, ସମାଜସେବୀ, ରକ୍ଷଣଶୀଳ ଏବଂ ଆହୁରି ଅନେକ । ତେଣୁ, ଏକଦଳୀୟ ବହୁଳତା ସତ୍ତ୍ୱେ ସମ୍ବିଧାନ ସଭା ଥିଲା ଭାରତ ଭଳି ବିବିଧତା ଭରା, ଅନେକ ବିଚାରଧାରାର ସଭା । ଏହା ସମ୍ବିଧାନ ସଭାର ବିଚାର ଆଲୋଚନାଗୁଡ଼ିକୁ ତର୍କପୂର୍ଣ୍ଣ ଓ ଉପାଦେୟ କଲା । ଆଲୋଚନା, ପ୍ରତ୍ୟାଲୋଚନା,

ପକ୍ଷ, ବିପକ୍ଷରେ ପ୍ରତ୍ୟେକ ଅଧିବେଶନ ଶୋଭାୟିତ ହେଉଥିଲା। ଏହା ଗଣତାନ୍ତ୍ରିକ ଭାରତର ବୈଶିଷ୍ଟ୍ୟ ହେଲା; ଭିନ୍ନ ମତକୁ ସମସ୍ୟା ରୂପେ ଏଡାଇ ଦିଆଗଲା ନାହିଁ। ବରଂ ତହିଁରେ ରହିଥିବା ଯୁକ୍ତିକୁ ମହତ୍ତ୍ୱ ଦିଆଗଲା। ସମ୍ଭବତଃ ଏହା ହେଲା ଆଧୁନିକ ଭାରତର ଏକ ବଡ଼ ଶକ୍ତି, ଯାହା ଗଣତାନ୍ତ୍ରିକତାର ଭିତ୍ତିକୁ ସୁଦୃଢ଼ କଲା।

ସମ୍ବିଧାନ ସଭାରେ ପ୍ରାୟ ୩୦୦ ସଭ୍ୟ ଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ କଂଗ୍ରେସ ଦଳର ହେବା ସତ୍ତ୍ୱେ ସେମାନେ ବିଭିନ୍ନ ବିଚାରଧାରାକୁ ପ୍ରତିନିଧିତ୍ୱ କରୁଥିଲେ। ମାତ୍ର ସଭାର ବିଚାର ଆଲୋଚନାରେ କେତେଜଣ ନିର୍ଦ୍ଦିଷ୍ଟ ସଭ୍ୟଙ୍କର ଅଧିକ ସକ୍ରିୟତା ରହିଥିଲା। ଏଭଳି ଜଣେ ବହୁ ସକ୍ରିୟ ବ୍ୟକ୍ତି ଥିଲେ ଜବାହରଲାଲ ନେହେରୁ। ସେ ଅନ୍ତରୀଣ ମନ୍ତ୍ରୀମଣ୍ଡଳରେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ତୁଲାଉଥିଲେ ଏବଂ ମହାତ୍ମା ଗାନ୍ଧିଙ୍କ ଉତ୍ତାରୁ ତାଙ୍କୁ କଂଗ୍ରେସ ଦଳର ସର୍ବୋଚ୍ଚ ନେତା ମନେକରାଯାଉଥିଲା। ସମ୍ବିଧାନର ମହତ୍ତ୍ୱପୂର୍ଣ୍ଣ 'ଉଦ୍ଦେଶ୍ୟ ପ୍ରସ୍ତାବ'କୁ (Objectives Resolution) ସେ ଆଗତ କରିଥିଲେ। ରାଷ୍ଟ୍ରର ଜାତୀୟପତାକାର ରଙ୍ଗ, ଜାତୀୟ ସଙ୍ଗୀତ ଆଦି ବିଭିନ୍ନ ପ୍ରସଙ୍ଗରେ ନେହେରୁଙ୍କ ନିଷ୍ପତ୍ତିକୁ ନିର୍ଣ୍ଣାୟକ ମନେ କରାଯାଇଥିଲା। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ମଧ୍ୟ ସମ୍ବିଧାନ ପ୍ରଣୟନରେ ଖୁବ୍ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେ ଅତ୍ୟନ୍ତ ବ୍ୟବହାରିକ ସ୍ୱଭାବର ବ୍ୟକ୍ତି ଥିଲେ। ଯୁକ୍ତିତର୍କ ବେଳେ ସେ ସମାଧାନର ବାଟ କାଢ଼ି ପାରୁଥିଲେ। ରାଜେନ୍ଦ୍ର ପ୍ରସାଦ ଥିଲେ ସମ୍ବିଧାନ ସଭାର ସଭାପତି। ସଭାର ଗତିବିଧିକୁ ସୁଚାରୁରୂପେ ପରିଚାଳନା କରିବା ଥିଲା ତାଙ୍କ ପ୍ରମୁଖ ଦାୟିତ୍ୱ। ସଭ୍ୟମାନେ ନିଜର ମତ ରଖିବା ପାଇଁ ସୁଯୋଗ ପାଇବା କଥା। ପୁଣି, ମତବିମତ ବେଳେ ସଭାପତି ସର୍ବଦା ବସ୍ତୁନିଷ୍ଠ ମତ ରଖିବା କଥା। ଅନ୍ୟଥା, ଅଧିବେଶନର କାର୍ଯ୍ୟକଳାପରେ ଅଯଥା ଗତିରୋଧ ସୃଷ୍ଟି ହୁଏ। ରାଜେନ୍ଦ୍ର ପ୍ରସାଦ ଏସବୁ ଦାୟିତ୍ୱକୁ ଖୁବ୍ ପରିପକ୍ୱତାର ସହିତ ସମ୍ପାଦନ କରିଥିଲେ। ଡକ୍ଟର ଭୀମ ରାଓ ଆମ୍ବେଦକର ଥିଲେ ଆଉ ଜଣେ ପ୍ରମୁଖ ସଦସ୍ୟ। ଯଦିଓ ସ୍ୱାଧୀନତା ସଂଗ୍ରାମ ସମୟରେ ସେ କଂଗ୍ରେସର ବିରୋଧ କରୁଥିଲେ, ତାଙ୍କର ରାଜନୀତି ଓ ଅର୍ଥନୀତିରେ ଗଭୀର ଜ୍ଞାନ ଥିଲା ବୋଲି ମହାତ୍ମାଗାନ୍ଧିଙ୍କ ପରାମର୍ଶରେ ଆମ୍ବେଦକରଙ୍କୁ ନେହେରୁଙ୍କ ଅନ୍ତରୀଣ ମନ୍ତ୍ରୀମଣ୍ଡଳରେ ଆଇନ୍ ମନ୍ତ୍ରୀର ଦାୟିତ୍ୱ ଦିଆଯାଇଥିଲା। ଗୁଜରାଟର ଓକିଲ କେ.ଏମ୍.ମୁନ୍‌ସି ଏବଂ ମାଡ୍ରାସର ବିଷ୍ଣୁସ୍ୱାମୀ ଆୟାର ମଧ୍ୟ ସମ୍ବିଧାନର ଚିଠା ପ୍ରସ୍ତୁତିରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ଚିଠା ପ୍ରସ୍ତୁତି ବେଳେ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଥିଲେ ପ୍ରଶାସନିକ ଅଧିକାରୀ ବି.ଏନ୍.ରାଓ। ଏସ୍.ଏନ୍. ମୁଖାର୍ଜୀ ଥିଲେ ଅନ୍ୟ ଜଣେ ପ୍ରମୁଖ ପ୍ରଶାସନିକ ଅଧିକାରୀ, ଯିଏ ସହଜ, ସରଳ ଭାଷାରେ ଚିଠାମାନ ପ୍ରସ୍ତୁତ କରିବାରେ ସାହାଯ୍ୟ କରିଥିଲେ।

୧୩ ଡିସେମ୍ବର ୧୯୪୬ ଦିନ ସମ୍ବିଧାନ ସଭାରେ ନେହେରୁ ବହୁପ୍ରତୀକ୍ଷିତ 'ଉଦ୍ଦେଶ୍ୟ ପ୍ରସ୍ତାବ'କୁ ଆଗତ କରିଥିଲେ। ନିଜ ବକ୍ତବ୍ୟରେ ସେ ଭାରତ ଏକ 'ସ୍ୱାଧୀନ ସାର୍ବଭୌମ ସାଧାରଣତନ୍ତ୍ର' ହେବ ବୋଲି ସ୍ପଷ୍ଟ କରିଥିଲେ। ପ୍ରତ୍ୟେକ ନାଗରିକ, ସାମାଜିକ, ଆର୍ଥିକ ଏବଂ ରାଜନୀତିକ ନ୍ୟାୟ ଲାଭ କରିବ; ସମାନ ସମ୍ମାନ ଓ ସୁଯୋଗ ଲାଭ କରିବ; ଆଇନ୍ ସମ୍ମୁଖରେ ସମାନତା ପାଇବ; ତଥା ଅଭିବ୍ୟକ୍ତି, ବିଶ୍ୱାସ, ଆସ୍ଥା, ପୂଜାର୍ଚ୍ଚନା, ବୃତ୍ତି, ସଂଘ ଗଠନ ଏବଂ କ୍ରିୟାକଳାପରେ ତାକୁ ସ୍ୱାତନ୍ତ୍ର୍ୟ ପ୍ରାପ୍ତ ହେବ। ସମସ୍ତଙ୍କୁ ସମାନ ଅଧିକାର ଦେବା ସମ୍ବିଧାନର ଉଦ୍ଦେଶ୍ୟ ବୋଲି ନେହେରୁ ସୁସ୍ପଷ୍ଟ କରିଥିଲେ। ଏହା ଫଳରେ ସ୍ୱାଧୀନ ଭାରତର ଏକ ଗଣତାନ୍ତ୍ରିକ ଏବଂ ଧର୍ମନିରପେକ୍ଷ ରାଷ୍ଟ୍ରରେ ପରିଣତ ହେବାର ବାଟ ସୁଗମ ହେଲା। ଦେଶ ବିଭାଜନ ଓ ସାମ୍ପ୍ରଦାୟିକ ଦଙ୍ଗା ସତ୍ତ୍ୱେ

ରାଷ୍ଟ୍ରର ଧର୍ମନିରପେକ୍ଷ ହେବା ଥିଲା ଏକ ପ୍ରମୁଖ ଉପଲବ୍ଧି । ଅନ୍ୟଥା, ଦେଶ ବିଭାଜନ ପରେ କ୍ଷୟକ୍ଷତିର ପରିମାଣ ଯେ ବହୁଗୁଣିତ ହୋଇଥାନ୍ତା– ତାହା କହିବା ବାହୁଲ୍ୟ ।

ଆମ୍ବେଦକର ଥିଲେ ନେହେରୁ ମନ୍ତ୍ରୀମଣ୍ଡଳରେ ଆଇନ୍ ମନ୍ତ୍ରୀ ଏବଂ 'ଡ୍ରାଫ୍ଟିଂ କମିଟି'ର ସଭାପତି । ସେ ନିଜେ ଅନେକ ଚିଠା ପ୍ରସ୍ତୁତ କରୁଥିଲେ । ପୁଣି ଚିଠା ପ୍ରସ୍ତୁତି ପାଇଁ ପରାମର୍ଶ ଦେବାରେ ସେ ଥିଲେ ଖୁବ୍ ପୋଖତ । ସଭ୍ୟମାନେ ନିଜ ମତକୁ ବିସ୍ତାରରେ ରଖନ୍ତି । ସେ ସବୁକୁ ସମ୍ପାଦନା କରିବାକୁ ପଡ଼େ । ସମ୍ବିଧାନରେ ମୋଟ ଚିଠା ଏଗାରଟି ଖଣ୍ଡରେ ମୁଦ୍ରିତ ହେଲା । ଗୋଟାଏ ଦୃଷ୍ଟିରୁ ଦେଖିଲେ ସମ୍ବିଧାନର ପ୍ରଣୟନ ପାଇଁ ଦୀର୍ଘ ତିନିବର୍ଷ ପ୍ରାୟ ସମୟ ଲାଗିଗଲା । ପୁଣି, ଏତେସବୁ ପ୍ରସ୍ତାବ, ମତ, ବିମତକୁ ସମ୍ବିଧାନର ଚିଠାରେ ଅନ୍ତର୍ଭୁକ୍ତ କରିବା ସହଜ କାମ ନ ଥିଲା । ସେଥିପାଇଁ ପ୍ରଣୟନ ପାଇଁ ଲାଗିଥିବା ତିନିବର୍ଷ ସମୟ ବେଶି ନ ଥିଲା ବୋଲି ମନେହୁଏ । ସେ ଯାହାହେଉ, ଭାରତର ସମ୍ବିଧାନ ଭଳି ଏକ ଦସ୍ତାବିଜ୍‌ର ଦୀର୍ଘ ଚିଠା ମଧ୍ୟ ଖୁବ୍ ପଠନଯୋଗ୍ୟ । ଏହା ଭାରତୀୟ ସମାଜରେ ବିଭିନ୍ନ ପ୍ରସଙ୍ଗକୁ ନେଇ ରହିଥିବା ବିଭିନ୍ନ ମତ ବିମତକୁ ଜାଣିବା ପାଇଁ ଅବସର ପ୍ରଦାନ କରେ ।

## (ଖ) ସମ୍ବିଧାନର ଦୃଷ୍ଟି :

ବିଂଶ ଶତାବ୍ଦୀର ମଧ୍ୟଭାଗରେ ଭାରତ ଯେତେବେଳେ ଏକ ସ୍ୱାଧୀନ ରାଷ୍ଟ୍ରରେ ପରିଣତ ହେଲା, ସେତେବେଳକୁ 'ବିଶ୍ୱଗ୍ରାମ' (Global Village)ର ବିଚାର ପ୍ରସିଦ୍ଧି ପାଇ ସାରିଥିଲା । ବିଶ୍ୱଗ୍ରାମ ଅର୍ଥାତ୍ ସମଗ୍ର ବିଶ୍ୱ ଏକ କ୍ଷୁଦ୍ର ଗ୍ରାମ ଭଳି, କେହି କାହାକୁ ଉପେକ୍ଷା କରି ରହିପାରିବେନି । ଯୋଗାଯୋଗର ବିକାଶ ଏବଂ ଅର୍ଥନୀତିର ପ୍ରସାର ଯୋଗୁଁ ପ୍ରତ୍ୟେକ ପ୍ରତ୍ୟେକ ସଙ୍ଗେ, ପ୍ରାକୃତିକ ଦୂରତା ସତ୍ତ୍ୱେ, ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ସେ ରାଷ୍ଟ୍ର ହେଉ ବା ବ୍ୟକ୍ତି, ବିଶ୍ୱଦୃଷ୍ଟି ବିନା ତା'ର ସମୂହ ସ୍ୱାର୍ଥ ନିରନ୍ତର ବାଧାପ୍ରାପ୍ତ ହେବ । ତେଣୁ, ଦେଶ ମଧ୍ୟରେ ରହିଥିବା ବିଭିନ୍ନ ଆଞ୍ଚଳିକ ସମାଜ ଓ ବ୍ୟକ୍ତି ମଧ୍ୟରେ ଯେମିତି ସମନ୍ୱୟର ଆବଶ୍ୟକତା ରହିଛି, ସେମିତି ରାଷ୍ଟ୍ରଗୁଡ଼ିକ ମଧ୍ୟରେ ତଦ୍ରୂପ ସମନ୍ୱୟର ଆବଶ୍ୟକତା ଅଛି । ଏହି ଦୃଷ୍ଟି ସମ୍ବିଧାନ ପ୍ରଣେତାମାନଙ୍କ ବିଚାର ଏବଂ ଅଭିବ୍ୟକ୍ତିରେ ମଧ୍ୟ ପ୍ରତିଫଳିତ ହୋଇଥିଲା ।

ଭାରତର ସ୍ୱାଧୀନତା ସଂଗ୍ରାମ ଗଣତନ୍ତ୍ର ଏବଂ ସ୍ୱାଧୀନତା ଉପରେ ଗୁରୁତ୍ୱ ଦେଇଥିଲା, କାରଣ ଇଂରେଜ ଶାସନରେ ଲୋକଙ୍କୁ ତହିଁରୁ ବଂଚିତ କରାଯାଇଥିଲା । ମହାତ୍ମାଗାନ୍ଧି ଏବଂ ତାଙ୍କ ବିଚାରର ସମର୍ଥକମାନେ ସାମାଜିକ ନ୍ୟାୟ ଏବଂ ଲିଙ୍ଗଗତ ସମାନତା ପାଇଁ ମଧ୍ୟ ଆନ୍ଦୋଳନ କରିଥିଲେ । ଇଂରେଜ ଶାସନର ପୂର୍ବରୁ ମଧ୍ୟ ପ୍ରାଚୀନ ଓ ମଧ୍ୟକାଳୀନ ଭାରତୀୟ ସମାଜରେ ଲୋକଙ୍କୁ ସାମାଜିକ ନ୍ୟାୟ ଦିଆଯାଉ ନ ଥିଲା । ତଥାକଥିତ 'ନିମ୍ନ ଜାତି' ଏବଂ ମହିଳାମାନେ ପ୍ରତ୍ୟେକ କ୍ଷେତ୍ରରେ ପକ୍ଷପାତିତାର ଶିକାର ହେଉଥିଲେ । ଗାନ୍ଧିଙ୍କ ବିଚାର ଭାରତକୁ ପକ୍ଷପାତିତାରୁ ବିମୁକ୍ତ କରିବାକୁ ଯୋର ଦେଉଥିଲା । ସମ୍ବିଧାନର ପ୍ରଣୟନ ବେଳେ ଏହି ବିଶ୍ୱ ଦୃଷ୍ଟିକୁ ସାକାର କରିବାକୁ ପ୍ରୟାସ କରାଗଲା । ଯଦିଓ ଆମ୍ବେଦକର ଓ ଗାନ୍ଧିଙ୍କ ମଧ୍ୟରେ ବୈଚାରିକ ପାର୍ଥକ୍ୟ ରହିଥିଲା, ସାମାଜିକ ନ୍ୟାୟ ପରିପ୍ରେକ୍ଷୀରେ ଆମ୍ବେଦକର ସର୍ବଦା ଗାନ୍ଧିଙ୍କ ଉତ୍ତରାଧିକାରୀ ପ୍ରତିପାଦିତ ହେଲେ ଏବଂ ସମ୍ବିଧାନ ସଭାରେ ଅନେକ ବିରୋଧର ସମ୍ମୁଖୀନ ହେଲେ । ସେ ଯେତେବେଳେ ପାରମ୍ପରିକ ଗ୍ରାମ୍ୟ ସମାଜକୁ ସାମାଜିକ ନ୍ୟାୟ ଆଗରେ ବାଧକ ବୋଲି

ମନ୍ତବ୍ୟ ଦେଲେ, ସମାଜବାଦୀ ଏଚ୍.ବି. କାମାଥ ଏବଂ ଆନ୍ଧ୍ରର କୃଷକ ନେତା ଏନ୍.ଜି.ରଙ୍ଗା ମଧ୍ୟ ତାଙ୍କର କଟୁ ସମାଲୋଚନା କଲେ ।

ନେହେରୁ ତାଙ୍କ ବକ୍ତବ୍ୟରେ ଆମେରିକୀୟ କ୍ରାନ୍ତି (୧୭୭୬) ଏବଂ ଫରାସୀ ବିପ୍ଳବ (୧୭୮୯)ର ଉଦ୍ଧାରଣ ଦେଇ କହିଥିଲେ ଯେ ସାଧାରଣ ଲୋକଙ୍କୁ କେବେ ଉପେକ୍ଷା କରାଯାଇ ନ ପାରେ । ତା'ର ଆବଶ୍ୟକତାକୁ ଆଧାର କରି ଆଧୁନିକ ରାଷ୍ଟ୍ର ନିର୍ମାଣ ହେବ। ନେହେରୁ ଏବଂ ଆମ୍ବେଦକର ଆଦି ନେତୃବର୍ଗଙ୍କର ଏହି ଦୃଷ୍ଟି ଯୋଗୁଁ ସାର୍ବଭୌମ ଭାରତର ସାଧାରଣତନ୍ତ୍ର ହେବା ସହଜ ହେଲା ।

ଭାରତର ସମ୍ବିଧାନ ବିଶ୍ୱର ଅନ୍ୟାନ୍ୟ ସମ୍ବିଧାନରୁ ଭାରତ ଉପଯୋଗୀ ବିଚାରଗୁଡ଼ିକୁ ଗ୍ରହଣ କରିଥିଲା । ଇଂଲଣ୍ଡର ଉପନିବେଶବାଦ ବିରୁଦ୍ଧରେ ଭାରତ ଅନେକ ବର୍ଷ ଧରି ସଂଗ୍ରାମରତ ଥିଲା । ମାତ୍ର ସମ୍ବିଧାନ ପ୍ରଣୟନ ବେଳେ ସଂସଦୀୟ ଗଣତନ୍ତ୍ର, ଆଇନ୍‌ର ଶାସନ (Rule of Law) ଏବଂ ଐକିକ ନାଗରିକତ୍ୱ (Single Citizenship) ଆଦି ବିଚାର ଇଂଲଣ୍ଡର ସମ୍ବିଧାନରୁ ଆନୀତ ହୋଇଥିଲା । ସଂଘୀୟ ବ୍ୟବସ୍ଥା (Federal System)ର ବିଚାର ଅଣାହେଲା କାନାଡ଼ାର ସମ୍ବିଧାନରୁ। ଭାରତୀୟ ସମ୍ବିଧାନରେ ଏକ ଯୁଗ୍ମ ତାଲିକାର ବ୍ୟବସ୍ଥା ରହିଛି । ଏଥିରେ କେନ୍ଦ୍ରତାଲିକା ଏବଂ ରାଜ୍ୟ ତାଲିକା ବର୍ହିଭୂତ କେତେକ ବିଷୟକୁ ଉଭୟ କେନ୍ଦ୍ର ଓ ରାଜ୍ୟର ମିଳିତ ତତ୍ତ୍ୱାବଧାନରେ ରଖାଯାଇଛି । ଏହା ଏକ ଅନନ୍ୟ ବ୍ୟବସ୍ଥା ଓ ଉଭୟ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ତାଳମେଳ ରଖିବା ପାଇଁ ଉଦ୍ଦିଷ୍ଟ । ଅଷ୍ଟ୍ରେଲିଆର ସମ୍ବିଧାନରୁ ଏହି ବିଚାର ଆନୀତ ହୋଇଛି । ୧୯୩୫ରେ ସରକାର 'ଭାରତ ଆଇନ୍'ର ପ୍ରଣୟନ କରିଥିଲେ । ତହିଁରେ ରାଜ୍ୟ ବିଧାନସଭା ଆଦି ଅନେକ କଥା ରହିଥିଲା । ସ୍ୱାଧୀନ ଭାରତର ସମ୍ବିଧାନ ପ୍ରଣୟନ ବେଳେ ତାହା ଆଧାରର କାମ କଲା । ମୋଟ କଥା ହେଲା ଯେ ଭାରତୀୟ ସମ୍ବିଧାନ ପୂର୍ଣ୍ଣତଃ ବିଶ୍ୱଦୃଷ୍ଟିଯୁକ୍ତ । ଏହା ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟର ଆଧୁନିକ ଦେଶଗୁଡ଼ିକ ଶାସନ ବ୍ୟବସ୍ଥାରୁ ଆବଶ୍ୟକମତେ ବିଭିନ୍ନ ବିଚାରକୁ ଗ୍ରହଣ କରିଥିଲା । ମାତ୍ର ସାଙ୍ଗରେ ଏକଥା ମଧ୍ୟ ସତ ଯେ ଏହା ଅନ୍ୟ କୌଣସି ସମ୍ବିଧାନର ଅନ୍ଧ ଅନୁକରଣ କରିନଥିଲା ।

ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ, ପ୍ରଧାନମନ୍ତ୍ରୀ କେନ୍ଦ୍ର ମନ୍ତ୍ରୀମଣ୍ଡଳର ପ୍ରମୁଖ ହେବେ, କିନ୍ତୁ ରାଷ୍ଟ୍ରର ମୁଖ୍ୟ ହେବେ ରାଷ୍ଟ୍ରପତି । ଲୋକସଭା, ରାଜ୍ୟସଭା ଏବଂ ବିଧାନସଭାର ସଭ୍ୟମାନଙ୍କୁ ନେଇ ଗଠିତ ହୋଇଥିବା ଏକ ବିଧାନସଭାର ସଭ୍ୟମାନଙ୍କୁ ନେଇ ଗଠିତ ହୋଇଥିବା ଏକ ନିର୍ବାଚନ କ୍ଷେତ୍ର (Electoral College) ରାଷ୍ଟ୍ରପତିଙ୍କୁ ନିର୍ବାଚିତ କରିବ । ରାଷ୍ଟ୍ରପତିଙ୍କୁ ସାଧାରଣ ନାଗରିକ ପ୍ରତ୍ୟକ୍ଷ ଭାବରେ ଭୋଟ ଦେଇ ନିର୍ବାଚିତ କରନ୍ତି ନାହିଁ । ନାଗରିକର ପ୍ରତିନିଧି ନିର୍ବାଚିତ କରନ୍ତି । ଅନ୍ୟପକ୍ଷରେ, ରାଷ୍ଟ୍ରପତି ପାର୍ଲ୍ୟାମେଣ୍ଟର ମୁଖ୍ୟ, ସାମରିକ ବାହିନୀର ମୁଖ୍ୟ ସେନାପତି ଏବଂ ସମସ୍ତ ଜରୁରୀ କ୍ଷମତାର ସର୍ବୋଚ୍ଚ ଅଧିକାରୀ । ଏହା ଅପ୍ରତ୍ୟକ୍ଷ ନିର୍ବାଚନ ମାଧ୍ୟମରେ ପଦ ଲାଭ କରିଥିବା ସତ୍ତ୍ୱେ ରାଷ୍ଟ୍ରପତିଙ୍କର ଅଧିକାର ଓ ମର୍ଯ୍ୟାଦାକୁ ବୃଦ୍ଧି କରେ ।

ଭାରତର ସମ୍ବିଧାନକୁ ପ୍ରଣୟନ ସମୟରେ ହିଁ କେତେକ ସଭ୍ୟ ପାଶ୍ଚାତ୍ୟର ଅନୁକରଣ ବୋଲି ଅଭିଯୋଗ କରିଥିଲେ । ସେମାନଙ୍କ ମତରେ, ଭାରତରେ ପ୍ରାଚୀନ କାଳରୁ ଗଣତାନ୍ତ୍ରିକ ପରମ୍ପରା ରହିଛି ଏବଂ ଭାରତୀୟ

ମୂଲ୍ୟବୋଧକୁ ଗ୍ରହଣ କରାଗଲେ ଭାରତୀୟ ସମ୍ବିଧାନ ଅଧିକ ଉପଯୋଗୀ ସିଦ୍ଧ ହେବ। ମାତ୍ର ସମ୍ବିଧାନର ପ୍ରଣେତାମାନେ ଭଲଭାବେ ଜାଣିଥିଲେ ଯେ ବିଂଶ ଶତାବ୍ଦୀର ମଧ୍ୟଭାଗରେ ପ୍ରଣୀତ ଭାରତର ସମ୍ବିଧାନ ଆଧୁନିକତାକୁ ବର୍ଜନ କରି ନ ପାରେ, ଭାରତୀୟତା ବା ସାମାଜିକ ପରିବେଶକୁ ବି ପରିହାର କରି ନ ପାରେ। ତେଣୁ, ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ତଥା ପ୍ରାଚୀନ ଓ ଆଧୁନିକ କାଳର ଉପଯୋଗୀ ତତ୍ତ୍ୱଗୁଡ଼ିକୁ ଏଥିରେ ସନ୍ନିବେଶିତ କରିବାକୁ ପ୍ରୟାସ ହୋଇଛି। ନେହେରୁ କହିଥିଲେ ଯେ ସମ୍ବିଧାନର ମୂଳଶକ୍ତି ହେଲେ ସାଧାରଣ ଲୋକ। ଲୋକଙ୍କର ସ୍ୱାର୍ଥ ରକ୍ଷା ଏହାର ପ୍ରମୁଖ ଉଦ୍ଦେଶ୍ୟ। ସେମାନେ କୌଣସି ପକ୍ଷପାତର ଶିକାର ହେବେ ନାହିଁ। ଏହି ଉଦ୍ଦେଶ୍ୟ ଯେହେତୁ ସମ୍ବିଧାନର ମୂଳ, ବାକୀ ସମସ୍ତ ଉଦ୍ଦେଶ୍ୟ ତା'ର ପୂର୍ତ୍ତି ପାଇଁ ବୋଲି ବୁଝିବା ଉଚିତ ହେବ।

## (ଗ) ସମ୍ବିଧାନର କେତୋଟି ପ୍ରମୁଖ ଚରିତ୍ର :

ଭାରତର ସମ୍ବିଧାନକୁ ଭାରତର ଲୋକେ ହିଁ ପ୍ରଣୟନ କରିଥିଲେ। ପ୍ରତ୍ୟକ୍ଷଭାବେ ସମସ୍ତ ନାଗରିକ ସମ୍ବିଧାନର ପ୍ରଣୟନରେ ଅବଶ୍ୟ ସାମିଲ ନ ଥିଲେ। ସେମାନେ ନିର୍ବାଚିତ କରିଥିବା ପ୍ରତିନିଧି ସଭ୍ୟମାନେ ଏହାର ପ୍ରଣୟନ କରିଥିଲେ। ଦ୍ୱିତୀୟତଃ, ଚିଠା ପ୍ରସ୍ତୁତି ପରେ ତାକୁ ପ୍ରକାଶିତ କରି ଲୋକଙ୍କ ସମକ୍ଷରେ ରଖାଯାଇଥିଲା ଏବଂ ଲୋକଙ୍କୁ ସେ ନେଇ ପରାମର୍ଶ ଦେବାକୁ ଅନୁରୋଧ କରାଯାଇଥିଲା। ଏସବୁ କହିବା ପଛରେ ଉଦ୍ଦେଶ୍ୟ ହେଲା ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ପରାଜିତ ଜାପାନର ସମ୍ବିଧାନ ଏହି ସମୟରେ ପ୍ରଣୀତ ହୋଇଥିଲା ଏବଂ ତାକୁ ଜାପାନ ପରିବର୍ତ୍ତେ ଆମେରିକାର ଶାସକ ବର୍ଗ ପ୍ରଣୟନ କରିଥିଲେ ଏବଂ ଶେଷଯାଏଁ ତାକୁ ଜାପାନୀ ଜନସାଧାରଣଙ୍କଠାରୁ ଗୋପନୀୟ କରି ରଖିଥିଲେ। ଭାରତୀୟଙ୍କ ସମ୍ପୃକ୍ତି ଯୋଗୁଁ ସମ୍ବିଧାନ ଦେଶର ସାମାଜିକ ପରିସ୍ଥିତି, ରୀତିନୀତି ଏବଂ ପରମ୍ପରାକୁ ଉପେକ୍ଷା କରି ନ ଥିଲା। ସାଙ୍ଗରେ ଏକ ଆଧୁନିକ ରାଷ୍ଟ୍ର ଗଠନ ମଧ୍ୟ ଏହାର ମୂଳ ଉଦ୍ଦେଶ୍ୟ ହୋଇ ରହିଥିଲା। ଏହା ହେଲା ଭାରତୀୟ ସମ୍ବିଧାନର ଏକ ପ୍ରମୁଖ ଚରିତ୍ର।

ସମ୍ବିଧାନର ପ୍ରଣୟନ ସମୟରେ ଅନେକ ନୂଆ ପ୍ରଶ୍ନ ଆଲୋଚନାର ପରିସରକୁ ଆସିଥିଲା। ନାଗରିକର ଅଧିକାରକୁ କେମିତି ପରିଭାଷିତ କରାଯିବ ? କେଉଁ ନିର୍ଦ୍ଦିଷ୍ଟ ନିଷ୍ପେସିତ ବର୍ଗକୁ ସ୍ୱତନ୍ତ୍ର ଅଧିକାର ପ୍ରଦାନ କରାଯିବ ? ସଂଖ୍ୟାଲଘୁ ବର୍ଗକୁ କେଉଁ ସ୍ୱତନ୍ତ୍ର ଅଧିକାର ଦିଆଯିବ ? କାହାକୁ ସଂଖ୍ୟାଲଘୁ କୁହାଯିବ ? ଏସବୁ ପ୍ରଶ୍ନକୁ ନେଇ ବିଶଦ ଚର୍ଚ୍ଚାରୁ ଯେଉଁ ଉତ୍ତର ମିଳିଲା, ତହିଁରେ ସମସ୍ତ ସଦସ୍ୟଙ୍କର ପ୍ରଥମେ ସର୍ବସମ୍ମତି ନ ଥିଲା। ବିଚାର ଓ ତର୍କ ମାଧ୍ୟମରେ ସହମତି ହାସଲ ହେଲା। ନିଷ୍ପତ୍ତି ନେଲାବେଳେ ଜନଗଣଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦିଆଯାଇଥିଲା। ବର୍ତ୍ତମାନ ଯୁଗରେ ବିଚାର ବିମର୍ଶକୁ ସର୍ବଦା ଅଗ୍ରାଧିକାର ଦିଆଯାଇଥାଏ। ଫଳରେ ସମସ୍ୟାର ସମାଧାନ ମିଳେ ତଥା ଅଯଥା କଳହରୁ ଲୋକଙ୍କୁ ନିବୃତ୍ତି ମିଳେ। ଭାରତୀୟ ସମ୍ବିଧାନର ପ୍ରଣୟନ ପ୍ରକ୍ରିୟା ଏହି ସତ୍ୟକୁ ପ୍ରମାଣସିଦ୍ଧ କରେ।

ଇଂରେଜ ଶାସନ ସମୟରେ ବିଭିନ୍ନ ବର୍ଗ ପାଇଁ ପୃଥକ୍ ନିର୍ବାଚନର ବ୍ୟବସ୍ଥା ହୋଇଥିଲା। ତାକୁ ପୃଥକ୍ ନିର୍ବାଚନ ବା Separate Electrote ବୋଲି କୁହାଯାଏ। ମହାତ୍ମା ଗାନ୍ଧି ଏବଂ କଂଗ୍ରେସ ଏହାର ଦୃଢ଼ ବିରୋଧ କରିଥିଲେ। ବ୍ୟବସ୍ଥା ଅନୁଯାୟୀ, ମୁସଲିମ୍ ସମାଜ ଯଦି ମୁସଲିମ୍ ପ୍ରାର୍ଥୀକୁ ଚୟନ କରିବ କିମ୍ବା ମହିଳା ସମାଜ

କେବଳ ମହିଳା ପ୍ରାର୍ଥୀଙ୍କୁ ନିର୍ବାଚିତ କରିବେ, ଲୋକ ଦେଶର ସାଧାରଣ ନାଗରିକ ହେବାରୁ ବଞ୍ଚିତ ହେବେ ଏବଂ ବିଭିନ୍ନ ସମ୍ପ୍ରଦାୟରେ ସର୍ବଦା ବାଣ୍ଟି ହୋଇ ରହିବେ । ମାତ୍ର 'ସମ୍ବିଧାନ ସଭା'ରେ ମଧ୍ୟ ମାଡ୍ରାସର ସଭ୍ୟ ବି.ପୋକର ବାହାଦୁର ଏହି ବ୍ୟବସ୍ଥାକୁ ଅବ୍ୟାହତ ରଖାଯାଉ ବୋଲି ଯୁକ୍ତି କଲେ । ଅନ୍ୟଥା ସଂଖ୍ୟାଲଘୁମାନେ ନିର୍ବାଚନ ଜିଣି ପ୍ରତିନିଧିତ୍ୱ କରିବାର ଅବସର ପାଇବେ ନାହିଁ ବୋଲି ସେ ମତ ଦେଲେ । ମାତ୍ର 'ପୃଥକ ନିର୍ବାଚନ'ର ଦାବିକୁ ଅଧିକାଂଶ ଜାତୀୟତାବାଦୀ ଅଗ୍ରାହ୍ୟ କଲେ । ଭାରତବାସୀଙ୍କୁ ଭାଗକରି ଶାସନକୁ ଭୋଗ କରିବା ଉଦ୍ଦେଶ୍ୟରେ (Divide and Rule: ଭାଗ କରି ଭୋଗକର) ଇଂରେଜମାନେ ଏହି ବ୍ୟବସ୍ଥା ଲାଗୁ କରିଥିଲେ । ଏବେ ତାକୁ ପରିହାର ନ କରିବା ପର୍ଯ୍ୟନ୍ତ ସଂଖ୍ୟାଲଘୁ ସମାଜ ଦିଗଭ୍ରଷ୍ଟ ହେଉଥିବ ବୋଲି କଂଗ୍ରେସ ସଭ୍ୟ ଆର୍.ଭି. ଧୂଲେକର ଯୁକ୍ତି କଲେ । ଦେଶର ବିଭାଜନ ଯୋଗୁଁ ଜାତୀୟତାବାଦୀ ଗୋଷ୍ଠୀ 'ପୃଥକ୍ ନିର୍ବାଚନ' ପ୍ରତି ପୂର୍ଣ୍ଣତଃ ନିରାଗ୍ରହୀ ହୋଇ ପଡ଼ିଥିଲେ । ସ୍ୱାଧୀନ ଭାରତରେ ପୃଥକ୍ ନିର୍ବାଚନର ପୁନରାବୃତ୍ତି ହେଲେ ଦେଶ ପୁଣି ଦଙ୍ଗା, ଗୃହଯୁଦ୍ଧ ଓ ହିଂସାର ଶିକାର ହେବ ବୋଲି ସେମାନେ ଆଶଙ୍କା କରୁଥିଲେ । ସର୍ଦ୍ଦାର ପଟେଲ ହିଂସା, ଘୃଣା ଓ ଦଙ୍ଗାକୁ ବିଷ ସହ ଏବଂ ପୃଥକ୍ ନିର୍ବାଚନ ବ୍ୟବସ୍ଥାକୁ ବିଷମଞ୍ଜି ସହ ତୁଳନା କରିଥିଲେ । ଏହାପରେ ପୃଥକ୍ ନିର୍ବାଚନ ପ୍ରସ୍ତାବ ସମ୍ବିଧାନ ସଭାରେ କାଟ ଖାଇଥିଲା ।

'ପୃଥକ୍ ନିର୍ବାଚନ' ପାଇଁ ଦାବି କରିବା ପଛରେ ସଂଖ୍ୟାଲଘୁ ବର୍ଗର ଅସୁରକ୍ଷା ଭାବ ପ୍ରଦର୍ଶିତ ହେଉଥିଲା । ତାକୁ ଦୂର କରିବା ଲାଗି ପ୍ରତ୍ୟେକ ନାଗରିକଙ୍କୁ ଆତ୍ମସମ୍ମାନ ମିଳିବା କଥା ତଥା ନାଗରିକର ଭୌତିକ ଏବଂ ସାମାଜିକ ସୁରକ୍ଷା ପ୍ରତି କୌଣସି ପ୍ରତିବନ୍ଧକ ନ ରହିବା କଥା । ସମ୍ବିଧାନ ସେଥିପ୍ରତି ଦୃଷ୍ଟି ଦେଲେ 'ପୃଥକ୍ ନିର୍ବାଚନ' ବ୍ୟବସ୍ଥାର ଦାବି ରହିବ ନାହିଁ ବୋଲି ସଭ୍ୟମାନେ ମତଦେଲେ ।

ଏକ ଏକତାବଦ୍ଧ ରାଷ୍ଟ୍ର ହେବା ହେଉଛି ଭାରତର ଲକ୍ଷ୍ୟ । କୌଣସି ସମ୍ପ୍ରଦାୟ ଯଦି ଦେଶରେ ଅସୁରକ୍ଷା ଭାବର ବଶବର୍ତ୍ତୀ ହୁଅନ୍ତି, ଭାରତର ପ୍ରଗତି ଆଗରେ ତାହା ବଡ଼ ପ୍ରତିବନ୍ଧକ ସାବ୍ୟସ୍ତ ହେବ । ପ୍ରତ୍ୟେକ ବୟସ୍କ ବ୍ୟକ୍ତି ଦାୟିତ୍ୱବାନ୍ ନାଗରିକରେ ପରିଣତ ନ ହେଲେ ଏବଂ ପ୍ରତ୍ୟେକ ନାଗରିକ ରାଷ୍ଟ୍ରୀୟତାରେ ଓତଃପ୍ରୋତଃ ନ ହେଲେ ରାଷ୍ଟ୍ରଗଠନ ହୋଇପାରିବ ନାହିଁ । ଏଠାରେ ରାଷ୍ଟ୍ରୀୟତାର ବିଶେଷ ଅର୍ଥ ହେଲା ଦେଶର ପ୍ରତ୍ୟେକ ସାମାଜିକ ବର୍ଗ ପ୍ରତି ସ୍ନେହ ଓ ଆଦର ଭାବ ଏବଂ ପ୍ରାକୃତିକ ପରିବେଶ ପ୍ରତି ସୁରକ୍ଷା ଓ ସଂରକ୍ଷଣ ଭାବ । ସେଥିପାଇଁ ସମ୍ବିଧାନ ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର ଦେବ ଏବଂ ନାଗରିକଠାରୁ ଦେଶଭକ୍ତି ଆଶା କରିବ ବୋଲି ମତପ୍ରକାଶ ପାଇଲା । ବିଭିନ୍ନ ସମୁଦାୟକୁ ସାଂସ୍କୃତିକ ଅଧିକାର ପ୍ରାପ୍ତ ହେବ ଏବଂ ରାଜନୀତିକ ଦୃଷ୍ଟିରୁ ସେମାନେ ସମାନ ଅଧିକାର ଲାଭ କରିବେ । ଲୋକ ସାଧାରଣଙ୍କୁ ସମ୍ପ୍ରଦାୟ ଭିତ୍ତିରେ ନ ରଖି ଐକିକ ବ୍ୟକ୍ତି ସ୍ତରରେ ସମ୍ମାନ ଦିଆଗଲେ, ରାଷ୍ଟ୍ର ମଜବୁତ ହୋଇପାରିବ ବୋଲି ଅନେକ ସଭ୍ୟ ମନେକଲେ ।

'ପୃଥକ୍ ନିର୍ବାଚନ' ବ୍ୟବସ୍ଥାର ଦୃଢ଼ ବିରୋଧ କରି ବେଗମ ଏଇଜାଜ ରସୁଲ ନାମରେ ଜଣେ ମୁସଲିମ୍ ମହିଳା ସଦସ୍ୟ ଯୁକ୍ତି ଦର୍ଶାଇ କହିଥିଲେ ଯେ ଏହା ସଂଖ୍ୟାଲଘୁ ସମ୍ପ୍ରଦାୟକୁ ଏକଘରିଆ କରିଦେବ ଏବଂ ସେମାନଙ୍କ ଧ୍ୱଂସର କାରଣ ସାବ୍ୟସ୍ତ ହେବ । ତର୍କ ଚାଲିଲା । ଶେଷରେ ୧୯୪୯ରେ ଯାଇ ଅଧିକାଂଶ ମୁସଲିମ୍ ସଦସ୍ୟ ମଧ୍ୟ ପୃଥକ୍ ନିର୍ବାଚନର ଅନାବଶ୍ୟକତାକୁ ବୁଝିପାରିଲେ ଏବଂ ପ୍ରସ୍ତାବକୁ ତ୍ୟାଗ କଲେ ।

ସଂଖ୍ୟାଲଘୁ ତତ୍ତ୍ୱକୁ ପରିଭାଷିତ କରିବାକୁ ଯାଇ ଆନ୍ଧ୍ରର ଜଣେ ପ୍ରମୁଖ ସମାଜବାଦୀ ଏବଂ କୃଷକ ନେତା ଏନ୍.ଜି.ରଙ୍ଗା ଦାବି କଲେ ଯେ ତାକୁ ଆର୍ଥିକ ଆଧାରରେ ଦେଖାଯିବା କଥା। ଦରିଦ୍ର ଏବଂ ନିଷ୍ପେସିତମାନେ ହିଁ ସମାଜର ପ୍ରକୃତ ସଂଖ୍ୟାଲଘୁ। ତେଣୁ ପ୍ରତ୍ୟେକ ନାଗରିକକୁ ବିଧି ଅଧିକାର (Legal Rights) ଦେବାର ପ୍ରସ୍ତାବକୁ ସେ ସ୍ୱାଗତ କଲେ। ତାଙ୍କ ମତରେ ଏସବୁ ଅଧିକାର ଦିଆଗଲା ବୋଲି କହିଦେଲେ କେବଳ ସାଧାରଣ ଦରିଦ୍ର ଜନ ତା'ର ଲାଭ ନେଇପାରିବେ ନାହିଁ। ତାକୁ ହାସଲ କରିବା ଲାଗି ଦରିଦ୍ରଜନ ପାଖରେ ଆର୍ଥିକ ସାମର୍ଥ୍ୟ ରହିବା ଦରକାର। ସମ୍ବିଧାନ ସେନେଇ ନିଜ କର୍ତ୍ତବ୍ୟ ନିରୂପଣ କରିବା କଥା। ରଙ୍ଗା ଏକଥା ମଧ୍ୟ ସୁସ୍ପଷ୍ଟ କଲେ ଯେ ଦରିଦ୍ର ଜନ ଏବଂ ସେମାନଙ୍କୁ ସମ୍ବିଧାନ ସଭାରେ ପ୍ରତିନିଧିତ୍ୱ କରୁଥିବା ସଭ୍ୟ ମଧ୍ୟରେ ଅନେକ ପାର୍ଥକ୍ୟ। ଦରିଦ୍ରଜନର ଆର୍ଥିକ ସ୍ଥିତି ନ ସୁଧରିବା ଯାଏଁ ପାର୍ଥକ୍ୟ ଭଣା ହୋଇନପାରେ।

ଯେଉଁ ବର୍ଗଗୁଡ଼ିକୁ ଆର୍ଥିକ ଆଧାରରେ ସଂଖ୍ୟାଲଘୁ ପରିଭାଷିତ କରାଯିବା କଥା ବୋଲି ଏନ୍.ଜି. ରଙ୍ଗା ଦାବି କରୁଥିଲେ, ତନ୍ମଧ୍ୟରେ ଅନ୍ୟତମ ଥିଲେ ଆଦିବାସୀ ସମାଜ। ଜୟପାଲ ସିଂହ ଥିଲେ ଆଦିବାସୀ ସମାଜର ଜଣେ ପ୍ରମୁଖ ପ୍ରତିନିଧି। ତାଙ୍କ ବକ୍ତବ୍ୟରେ ସେ ଆଦିବାସୀ ସମାଜ ଦୀର୍ଘ ୬୦୦୦ ବର୍ଷ ଧରି ଶୋଷଣ ଏବଂ ଅତ୍ୟାଚାର ଭୋଗୁଛି ବୋଲି ଅଭିଯୋଗ କରିଥିଲେ। ଅଣ-ଆଦିବାସୀମାନେ ଆଦିବାସୀଙ୍କୁ ଜମିହୀନରେ ପରିଣତ କରି ଚାଲିଛନ୍ତି। ଅତିଷ୍ଠ ହୋଇ ଆଦିବାସୀମାନେ ବେଳେ ବେଳେ ବିଦ୍ରୋହ କରନ୍ତି, କିନ୍ତୁ ଶୋଷଣରୁ ନିସ୍ତାର ମିଳେ ନାହିଁ। ନୂଆ ସମ୍ବିଧାନ ଯଦି ଏହି ସଦା ପ୍ରପୀଡ଼ିତ ଆଦିବାସୀ ସମାଜ ପାଇଁ ସୌଭାଗ୍ୟ ଆଣିଦିଏ, ସ୍ୱାଧୀନ ଭାରତରେ ସ୍ୱର୍ଣ୍ଣଯୁଗର ଅଭ୍ୟୁଦୟ ହେବ। ସମସ୍ତେ ପକ୍ଷପାତିତାରୁ ବି ମୁକ୍ତି ପାଇବେ ତଥା ସମାନ ଅଧିକାର ଲାଭ କରିପାରିବେ। ସମ୍ବିଧାନ ସଭାରେ ଜୟପାଲ ସିଂହଙ୍କ ଯୁକ୍ତି ଅକାଟ୍ୟ ପ୍ରତୀତ ହେଉଥିଲା।

ଜୟପାଲ ସିଂହ ଆଦିବାସୀ ସମାଜ ପାଇଁ ସଂରକ୍ଷଣ ଦାବି କଲେ। ଅନ୍ୟଥା ସେମାନେ ସାଧାରଣ ବର୍ଗର ସମକକ୍ଷ ହୋଇପାରିବେ ନାହିଁ ବୋଲି ଯୁକ୍ତି କଲେ। ସେ କହିଥିଲେ, ଆଦିବାସୀ ସଂଖ୍ୟା ଦୃଷ୍ଟିରୁ ସଂଖ୍ୟାଲଘୁ ନ ହେଲେ ବି ଜମିହୀନ; ଜଙ୍ଗଲରୁ ମଧ୍ୟ ତିରୋହିତ; ସର୍ବଦା ନୂଆ ବାସସ୍ଥାନର ଅନ୍ୱେଷଣରେ ପଳାୟନରତ। ସେମାନଙ୍କୁ ଆଦିମ ଏବଂ ପଛୁଆ ମନେକରି ଅବଶିଷ୍ଟ ସମାଜ ଅଲୋଡ଼ା କରିଦିଏ। ଆଦିବାସୀ ସମାଜ ଆଜି ସହଯୋଗର ହାତ ବଢ଼ାଏ, ତାକୁ ମଧ୍ୟ ଅନ୍ୟମାନେ ସହଯୋଗ କରନ୍ତୁ। ଜୟପାଲ ସିଂହ ଥିଲେ ଜଣେ ସୁବକ୍ତା। ମିସନାରୀ ମାନଙ୍କ ସହଯୋଗରେ ସେ ଛୋଟନାଗପୁରର ସାଧାରଣ ଏକ ମୁଣ୍ଡା ଆଦିବାସୀ ଘରେ ଜନ୍ମ ହୋଇ ସୁଦ୍ଧା ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟରେ ପାଠ ପଢ଼ିଥିଲେ। ଜଣେ ବିଚକ୍ଷଣ ହକି ଖେଳାଳୀ ଭାବେ ସେ ଭାରତୀୟ ହକି ଦଳର ଅଧିନାୟକ ରହିଥିଲେ ଏବଂ ୧୯୨୮ ଅଲମ୍ପିକ୍ସରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଜଣେ ରାଜନେତା ଭାବରେ ସେ ଝାଡ଼ଖଣ୍ଡ ପାର୍ଟିର ପ୍ରତିଷ୍ଠାତା ଥିଲେ। ତାଙ୍କର ତର୍କପୂର୍ଣ୍ଣ ବକ୍ତବ୍ୟ ଯୋଗୁଁ ସମ୍ବିଧାନ ସଭା ଆଦିବାସୀ ଦାବିକୁ ମର୍ଯ୍ୟାଦା ଦେବାକୁ ବାଧ୍ୟ ହେଲା। ଆଦିବାସୀମାନଙ୍କୁ ସମ୍ବିଧାନରେ ମିଳିଥିବା ସଂରକ୍ଷଣକୁ ଜୟପାଲଙ୍କ ଯୋଗଦାନ କହିଲେ ଅତ୍ୟୁକ୍ତି ହେବ ନାହିଁ। ସବୁଠାରୁ ବଡ଼ କଥା, ସମ୍ବିଧାନ ସଭାରେ ଆଦିବାସୀ ସମାଜର କଥା ଅକୁହା ରହିଥିଲେ ରାଷ୍ଟ୍ରୀୟ ସଂହତି ଯେ ବାଧାପ୍ରାପ୍ତ ହୋଇଥାନ୍ତା- ଏକଥା ଅନୁମାନ କରିହୁଏ।

ଭାରତୀୟ ସମାଜର ଅନ୍ୟ ଏକ ନିପୀଡ଼ିତ ବର୍ଗ ହେଲେ ଦଳିତ ବର୍ଗ । ସବର୍ଣ୍ଣ ସମାଜ ହଜାର ହଜାର ବର୍ଷ ଧରି ଏହି ବର୍ଗର ସେବା ନିଏ; ଶ୍ରମ ନିଏ, ମାତ୍ର ତାକୁ ନିଜର ପାଖ ପୂରାଇ ଦିଏ ନାହିଁ; ଅସ୍ପୃଶ୍ୟ ଘୋଷଣା କରେ । ଭୋଜନ ଏବଂ ପୂଜାପାର୍ବଣ ପାଇଁ ଏହି ବର୍ଗକୁ ସାଧାରଣ ଭୋଜନାଳୟ କିମ୍ବା ମନ୍ଦିରକୁ ପ୍ରବେଶରୁ ବାରଣ କରାଯାଏ । ଏହା ଏକ ସାମାଜିକ କୁରୀତି, ଯାହା ଇଂରେଜ ଶାସନର ବହୁ ପୂର୍ବରୁ ରହିଆସିଛି । ଏହି ସାମାଜିକ କୁରୀତି ବିରୁଦ୍ଧରେ ସନ୍ଥ ଓ ଭକ୍ତ କବିମାନେ ନିଜ ବକ୍ତବ୍ୟ ଓ ରଚନା ମାଧ୍ୟମରେ ସ୍ୱର ଉତ୍ତୋଳନ କରିଥିଲେ । ସ୍ୱାଧୀନତା ସଂଗ୍ରାମ ବେଳେ ମହାତ୍ମା ଗାନ୍ଧି ମଧ୍ୟ ଆନ୍ଦୋଳନ କରିଥିଲେ । ତଥାପି ଆଜିଯାଏଁ ଏହି କୁରୀତି ଦୂରୀକରଣ ହୋଇପାରି ନାହିଁ ।

ସମ୍ବିଧାନ ପ୍ରଣୟନ ସମୟରେ ଦଳିତ ବର୍ଗ ଉପରେ ହେଉଥିବା ସାମାଜିକ ଅନ୍ୟାୟକୁ ଲୋପ କରିବା ପାଇଁ ଯୋଜନା ହେଲା । ଡ୍ରାଫ୍ଟିଂ କମିଟିର ସଭାପତି ଭୀମରାଓ ଆମ୍ବେଦକର ଓ ଅନ୍ୟମାନେ ଏଥିପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଆମ୍ବେଦକର ଉଚ୍ଚ ଶିକ୍ଷିତ ଥିଲେ । ସେ ଯୁକ୍ତରାଷ୍ଟ୍ର ଆମେରିକା ସ୍ଥିତ କଲମ୍ବିଆ ବିଶ୍ୱବିଦ୍ୟାଳୟ ଏବଂ ଲଣ୍ଡନ ସ୍କୁଲ ଅଫ୍ ଇକନୋମିକ୍ସରେ ଅଧ୍ୟୟନ କରିଥିଲେ । ଏକାଧାରରେ ସେ ଜଣେ ଆଇନ୍ ବିଶେଷଜ୍ଞ, ଅର୍ଥନୀତିଜ୍ଞ, ରାଜନେତା ଏବଂ ସଂସ୍କାରକ ରୂପେ ଖ୍ୟାତି ଅର୍ଜନ କରିଥିଲେ । ଦଳିତ ପରିବାରରେ ଜନ୍ମଗ୍ରହଣ କରିଥିବାରୁ ସେ ସାମାଜିକ ଅନ୍ୟାୟକୁ ବ୍ୟକ୍ତିଗତ ଭାବେ ଅନୁଭବ କରିଥିଲେ । ଦେଶ ବିଭାଜନ ପୂର୍ବରୁ ଆମ୍ବେଦକର 'ପୃଥକ୍ ନିର୍ବାଚନ' (Seperate Elctrorate) ବ୍ୟବସ୍ଥାର ପକ୍ଷଧର ଥିଲେ । ମାତ୍ର ସାମ୍ପ୍ରଦାୟିକ ଆଧାରରେ ଦେଶର ବିଭାଜନ ହେଲାପରେ ସେ ମଧ୍ୟ ଏହାର ବିରୋଧ କଲେ । ଆମ୍ବେଦକର ଏବଂ ଅନ୍ୟ ନେତୃବୃନ୍ଦଙ୍କ ଦୃଢ଼ ଯୁକ୍ତିଯୋଗୁଁ ସମ୍ବିଧାନ ସଭା ଆଇନ୍ ମାଧ୍ୟମରେ ଅସ୍ପୃଶ୍ୟତା ନିବାରଣ କରିବାକୁ, ମନ୍ଦିରରେ ଜାତି ନିର୍ବିଶେଷରେ ପ୍ରବେଶ ଅଧିକାର ଦେବାକୁ ତଥା ତଥାକଥିତ 'ନିମ୍ନ' ଜାତି ପାଇଁ ପାର୍ଲ୍ୟାମେଣ୍ଟ ଓ ବିଧାନସଭାରେ ଏବଂ ଚାକିରି କ୍ଷେତ୍ରରେ ସ୍ଥାନ ସଂରକ୍ଷଣ କରିବାକୁ ନିଷ୍ପତ୍ତି ହେଲା । ଅବଶ୍ୟ ଏକଥା ସତ ଯେ କେବଳ ସାମ୍ବିଧାନିକ ପ୍ରାବଧାନ ବଳରେ ସାମାଜିକ ପକ୍ଷପାତିତାକୁ ଦୂର କରାଯାଇପାରିବ ନାହିଁ । ଏକଥା ସମ୍ବିଧାନ ସଭାର ଅନେକ ସଭ୍ୟ ମଧ୍ୟ କହିଥିଲେ । ମାତ୍ର ଉପସ୍ଥିତ ସ୍ଥିତିରେ ଏହା ଥିଲା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ସାମାଜିକ ପାର୍ଥକ୍ୟକୁ ହ୍ରାସ କରିବା ଦିଗରେ ଏକ ସକରାତ୍ମକ ଦୃଷ୍ଟି ।

କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ହାତରେ କ'ଣ ସବୁ କ୍ଷମତା ରହିବ ? ଏହାକୁ ନେଇ ସମ୍ବିଧାନ ସଭାରେ ଖୁବ୍ ଚର୍ଚ୍ଚା ହେଲା । ନେହେରୁଙ୍କ ବିଚାରରେ କେନ୍ଦ୍ର ସରକାର ହାତରେ ଯଦି ପର୍ଯ୍ୟାପ୍ତ ମାତ୍ରାରେ କ୍ଷମତା ନ ରହେ, ଆଗକୁ ପୁଣି ଦେଶ ବିଭାଜିତ ହେବାର ଆଶଙ୍କା ବୃଦ୍ଧି ପାଇବ । ଅନ୍ୟ ପକ୍ଷରେ କେବଳ ସଂଘୀୟ ବ୍ୟବସ୍ଥା (Federal structure) ହିଁ ଦେଶର ବିବିଧତାକୁ ସୁରକ୍ଷା ଦେଇପାରିବ । ତେଣୁ ରାଜ୍ୟଗୁଡ଼ିକୁ କଦାପି କ୍ଷମତା ଶୂନ୍ୟ କରାଯିବା କଥା ନୁହେଁ । ଉଭୟ ଦିଗକୁ ଦୃଷ୍ଟିରେ ରଖି ସମ୍ବିଧାନରେ କ୍ଷମତା ଓ ବିଭାଗଗୁଡ଼ିକୁ ତିନୋଟି ତାଲିକାରେ ରଖାଗଲା; କେନ୍ଦ୍ର ତାଲିକା, ରାଜ୍ୟ ତାଲିକା ଏବଂ ଯୁଗ୍ମ ତାଲିକା । କେନ୍ଦ୍ର ତାଲିକାଭୁକ୍ତ ବିଷୟ ଉପରେ କେନ୍ଦ୍ର ସରକାରର ଏବଂ ରାଜ୍ୟ ତାଲିକାଭୁକ୍ତ ବିଷୟ ଉପରେ ରାଜ୍ୟ ସରକାରର କର୍ତ୍ତୃତ୍ୱ ରହିଲା । ଅନ୍ୟପକ୍ଷରେ, ଯାହା ପୂର୍ବରୁ ଉଲ୍ଲିଖିତ, ଯୁଗ୍ମ ତାଲିକାଭୁକ୍ତ ବିଷୟଗୁଡ଼ିକ ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟର

ଭାଗିଦାରୀ ରହିବ ବୋଲି ପ୍ରସ୍ତାବ ରହିଲା। ପ୍ରତିରକ୍ଷା, ମୁଦ୍ରା, ବୈଦେଶିକ ବ୍ୟାପାର, ଜାତୀୟ ସୁରକ୍ଷା, ଯୁଦ୍ଧ ଓ ଶାନ୍ତିଚୁକ୍ତି ଆଦିକୁ କେନ୍ଦ୍ର ତାଲିକା ଅନ୍ତର୍ଭୁକ୍ତ କରାଗଲା। ରାଜ୍ୟ ତାଲିକାଭୁକ୍ତ ହେଲା ପୋଲିସ, ଆଇନଶୃଙ୍ଖଳା, ଅବକାରୀ, ଜେଲ, ଜନସ୍ୱାସ୍ଥ୍ୟ, ଜମିଜମା, ରାସ୍ତାଘାଟ ଏବଂ କେନାଲ ଆଦି ବିଷୟ। ଯୁଗ୍ମ ତାଲିକାରେ ଟ୍ରେଡ୍ ୟୁନିୟନ, ଜନସଂଖ୍ୟା ଓ ପରିବାର କଲ୍ୟାଣ, ଶିକ୍ଷା, ଆର୍ଥିକ ଓ ସାମାଜିକ ଯୋଜନା ଏବଂ ପୁରାତତ୍ତ୍ୱସ୍ଥଳୀ ସଂରକ୍ଷଣ ଆଦିର ବିଷୟକୁ ରଖାଗଲା।

ଏସବୁ ସତ୍ତ୍ୱେ କେତେକ ସଭ୍ୟ ଯୁକ୍ତି କଲେ ଯେ ସମ୍ବିଧାନ ସଭା କେନ୍ଦ୍ର ସରକାର ପାଖରେ ଅଧିକ କ୍ଷମତା ନ୍ୟସ୍ତ କରୁଛି, ଯାହା ରାଜ୍ୟଗୁଡ଼ିକୁ ଦୁର୍ବଳ କରିଦେବ। ମହିଶୁରର ସଭ୍ୟ ଏ.ରାମସ୍ୱାମୀ ମୁଦାଲିଅର ଯୁକ୍ତି କଲେ, କେନ୍ଦ୍ରଠାରେ ଅଧିକ କ୍ଷମତା ଠୁଳ କରିବା ଅର୍ଥ ସଚ୍ଚା ଦେଶଭକ୍ତି ନୁହେଁ। ଦେଶର ଭୌତିକ ସଂସାଧନ ସୁଚାରୁରୂପେ ବିତରିତ ହେଉ। ଗୋଟାଏ ସ୍ଥାନରେ ଠୁଳ ନ ହେଉ। ତାହା ହିଁ ହେବ ପ୍ରକୃତ ଜାତୀୟତା ଭାବ। ଓଡ଼ିଶାର ସଭ୍ୟ ଲୋକନାଥ ମିଶ୍ରଙ୍କ ମତରେ କେନ୍ଦ୍ରଠାରେ ଅଧିକ କ୍ଷମତା ନ୍ୟସ୍ତ ହେଲେ, ତାହା କେନ୍ଦ୍ରୀୟ ସରକାରକୁ ବି ଭାଙ୍ଗି ପକେଇବ। ଅନ୍ୟପକ୍ଷରେ କେନ୍ଦ୍ର ସରକାରଠାରେ ଅଧିକ କ୍ଷମତା ଦେବା ପାଇଁ ସମ୍ବିଧାନ ସଭାର ବହୁସଂଖ୍ୟକ ମତ ରହିଥିଲା। ଏହାର ପୃଷ୍ଠଭୂମିରେ ଥିଲା ଦେଶର ବିଭାଜନ, ଯାହା ଲକ୍ଷ ଲକ୍ଷ ଲୋକଙ୍କ ଧନଜୀବନ ନେଲା ଏବଂ ବହୁ ଅଧିକ ଲୋକଙ୍କୁ ବାସଚ୍ୟୁତ ହେବାକୁ ବାଧ୍ୟ କଲା। କେନ୍ଦ୍ର ସରକାର ଦୁର୍ବଳ ହେଲେ ଏଭଳି କୃତ୍ରିମ ଦୁର୍ଦ୍ଦିନର ପୁନରାବୃତ୍ତି ହୋଇପାରେ ବୋଲି ଅନେକ ଆଶଙ୍କା ପ୍ରକାଶ କରୁଥିଲେ। ଆମ୍ବେଦକର ନିଜ ବକ୍ତବ୍ୟରେ ସୁସ୍ପଷ୍ଟ କରିଥିଲେ ଯେ ୧୯୩୫ର ଭାରତ ଆଇନ (Government of India Act) କାଳୀନ ସରକାର ତୁଳନାରେ ଏବର କେନ୍ଦ୍ର ସରକାର ପାଖରେ ଯଥେଷ୍ଟ ଅଧିକ କ୍ଷମତା ରହିବା କଥା। କେନ୍ଦ୍ର ପାଖରେ କ୍ଷମତା ନ ରହିଲେ ସାମ୍ପ୍ରଦାୟିକ ଦଙ୍ଗାକୁ ପ୍ରତିହତ କରାଯାଇ ପାରିବ ନାହିଁ। ଯୁକ୍ତ ପ୍ରଦେଶର ବାଳକୃଷ୍ଣ ଶର୍ମା ଯୁକ୍ତି ଦେଲେ ଯେ କେବଳ ମଜବୁତ କେନ୍ଦ୍ର ହିଁ ରାଷ୍ଟ୍ରର ସାମୂହିକ ହିତ ପାଇଁ କାର୍ଯ୍ୟ କରିପାରିବ, ଆର୍ଥିକ ସଂସାଧନର ଉପଯୁକ୍ତ ଉପଯୋଗ କରି ପାରିବ ତଥା ବୈଦେଶିକ ଆକ୍ରମଣରୁ ରାଷ୍ଟ୍ରକୁ ପ୍ରତିରକ୍ଷା ଦେଇପାରିବ।

ପ୍ରକୃତରେ ଦେଖିଲେ, ଉପନିବେଶବାଦୀମାନେ ଦେଶକୁ ବସ୍ତୁତଃ ଏକ କେନ୍ଦ୍ରୀୟ ସରକାର କରି ଗଢ଼ିଥିଲେ। ବିଭାଜନକାଳୀନ ସମସ୍ୟା ଯୋଗୁଁ ସମ୍ବିଧାନ ସଭା କେନ୍ଦ୍ର ସରକାରକୁ ଆହୁରି ମଜବୁତ କରିବାକୁ ନିଷ୍ପତ୍ତି ନେଲା। ଏସବୁ ସତ୍ତ୍ୱେ ସମ୍ବିଧାନରେ ରାଜ୍ୟ ତାଲିକା ଏବଂ ଯୁଗ୍ମ ତାଲିକାକୁ ସ୍ଥାନିତ କରି କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ତାଳମେଳ ରକ୍ଷା ପାଇଁ ସମ୍ବିଧାନ ସଭା ପ୍ରୟାସ କରିଥିଲା।

ସ୍ୱାଧୀନ ରାଷ୍ଟ୍ରର ଭାଷା କ'ଣ ହେବ? ଲୋକ ଯଦି ବିଭିନ୍ନ ଭାଷାର ପ୍ରୟୋଗ କରିବେ, ଜାତୀୟ ସଂହତି କେମିତି ସୁରକ୍ଷିତ ରହିବ? ସେ କ୍ଷେତ୍ରରେ, ଲୋକ ପରସ୍ପରକୁ ବୁଝିପାରିବେ କେମିତି? ଏସବୁ ପ୍ରଶ୍ନକୁ ନେଇ ସମ୍ବିଧାନ ସଭାରେ ମାସ ମାସ ଧରି ବିଚାର ଆଲୋଚନା ଚାଲିଲା, ତର୍କ ବିତର୍କ ହେଲା।

୧୯୧୯ର ଅମୃତସର ଅଧିବେଶନରେ ଜାତୀୟ କଂଗ୍ରେସ ଆଞ୍ଚଳିକ ଭାଷା ଆଧାରରେ ଦଳର ପ୍ରାଦେଶିକ ଶାଖା ଗଠନ ପାଇଁ ନିଷ୍ପତ୍ତି ନେଇଥିଲା। ଏହା ଦଳର ଜନାଧାରକୁ ବ୍ୟାପକ କରିଥିଲା। ଆଞ୍ଚଳିକ

ଭାଷାର ମହତ୍ତ୍ୱକୁ ମଧ୍ୟ ସ୍ୱୀକୃତି ମିଳିଲା । ଏହି ସମୟରେ ହିନ୍ଦୁସ୍ତାନୀକୁ ମାଧ୍ୟମ ଭାଷା ରୂପେ ପ୍ରୋତ୍ସାହିତ କରିବାକୁ ମହାତ୍ମା ଗାନ୍ଧି ଆହ୍ୱାନ ଦେଲେ । ହିନ୍ଦୁସ୍ତାନୀର ଅର୍ଥ ହିନ୍ଦୀ ଏବଂ ଉର୍ଦ୍ଦୁର ମିଶ୍ରିତ ରୂପ । ତହିଁରେ ଅନ୍ୟ ଆଞ୍ଚଳିକ ଭାଷା ଓ ସଂସ୍କୃତିର ଶବ୍ଦ, ଉପମା, ଅଳଙ୍କାର ଓ ପ୍ରତିମାନ ଆଦି ଅବାଧରେ ଯୋଡ଼ିହେଲେ, ଯାହା ହିନ୍ଦୁସ୍ତାନୀକୁ ଏକ ସହଜ, ସୁଗମ ଓ ବ୍ୟବହାରିକ ଭାଷାରେ ପରିଣତ କଲା । ହିନ୍ଦୁସ୍ତାନୀରେ ଉଭୟ ଉଚ୍ଚାରଣଗତ ଓ ବ୍ୟାକରଣଗତ ଶୁଦ୍ଧତା ତୁଳନାରେ ଭାଷାର ବୋଧଗମ୍ୟତା ଉପରେ ଅଧିକ ମହତ୍ତ୍ୱ ଦିଆଗଲା । ଏମିତିରେ ଜାତୀୟ ଆନ୍ଦୋଳନ ବେଳେ ଲୋକ ପରସ୍ପର ମଧ୍ୟରେ ଭେଦଭାବ ଭଣା କରିବାକୁ ପ୍ରୟାସ କରୁଥିଲେ । ହିନ୍ଦୁସ୍ତାନୀର ପ୍ରୟୋଗ ଜାତୀୟ ସଂହତିର ମାର୍ଗକୁ ଉନ୍ମୁକ୍ତ କଲା । ହିନ୍ଦୁସ୍ତାନୀ ଦେଶରେ ହିନ୍ଦୀ ଓ ଉର୍ଦ୍ଦୁ ମଧ୍ୟର ବ୍ୟବଧାନକୁ ତଥା ଉତ୍ତର ଭାରତ ଏବଂ ଦକ୍ଷିଣ ଭାରତ ମଧ୍ୟରେ ସୃଷ୍ଟି ହୋଇଥିବା ଭାଷାଗତ ପ୍ରତିବନ୍ଧକକୁ ଭଣା କରିବ ବୋଲି ମହାତ୍ମା ଗାନ୍ଧି କହୁଥିଲେ ।

ମାତ୍ର ଅବଶୋଷର କଥା ଯେ ଦେଶରେ ସାମ୍ପ୍ରଦାୟିକ ବିଦ୍ୱେଷ ବୃଦ୍ଧି ପାଇବାରୁ ଭାଷାକୁ ବି ତହିଁରେ ସାମିଲ କରିବାକୁ ଉଦ୍ୟମ ହେଲା । ହିନ୍ଦୀକୁ ହିନ୍ଦୁର ଭାଷା ଏବଂ ଉର୍ଦ୍ଦୁକୁ ମୁସଲମାନର ଭାଷା ରୂପେ ସାମ୍ପ୍ରଦାୟିକ ଶକ୍ତିମାନେ ଚିହ୍ନିତ କଲେ । ହିନ୍ଦୀରେ ସଂସ୍କୃତର ବହୁଳତା ଏବଂ ଉର୍ଦ୍ଦୁରେ ପାର୍ସୀ ଓ ଆରବିକ ଭାଷାର ବହୁଳତା ଉପରେ ସେମାନେ ପ୍ରାଧାନ୍ୟ ଦେଲେ । ଏହି ସ୍ଥିତିର ବିକଳ୍ପ ଥିଲା ହିନ୍ଦୁସ୍ତାନୀ, ଯାହା ଏକ ସମନ୍ୱିତ ସଂସ୍କୃତିର ପରିଚାୟକ ହେବାକୁ ପ୍ରୟାସ କରିଥିଲା ।

ସମ୍ବିଧାନ ସଭାରେ ମଧ୍ୟ ଭାଷା ବିଷୟକ ବିଭିନ୍ନ ଯୁକ୍ତି-ପ୍ରତିଯୁକ୍ତିର ଗୁଞ୍ଜରଣ ଶୁଣାଗଲା । କଂଗ୍ରେସ ଦଳର କେତେକ ସଭ୍ୟ ସମ୍ବିଧାନର ଭାଷା ହିନ୍ଦୀ ଏବଂ ହିନ୍ଦୁସ୍ତାନୀ ହେବା କଥା ବୋଲି ଯୁକ୍ତି କଲେ । ଯୁକ୍ତ ପ୍ରଦେଶର ଆର୍.ଭି. ଧୂଲେକର ନିଜ ବକ୍ତବ୍ୟରେ କହିଲେ, ଯେଉଁମାନେ ହିନ୍ଦୁସ୍ତାନୀ ଜାଣି ନାହାନ୍ତି, ସେମାନେ ସମ୍ବିଧାନ ସଭାରେ ଭାଗନେବା ପାଇଁ ଅଯୋଗ୍ୟ । ଏହା ଅନେକ ଅଣ-ହିନ୍ଦୀ ଭାଷୀ ସଭ୍ୟଙ୍କୁ ଖୁବ୍ ବାଧିଲା । ଭାଷା ସମସ୍ୟାକୁ ଦୂର କରିବା ନିମିତ୍ତ ସମ୍ବିଧାନ ସଭା ଏକ 'ଭାଷା କମିଟି' ଗଠନ କଲା । କମିଟିର ପ୍ରସ୍ତାବ ଅନୁଯାୟୀ, ଦେବନାଗରୀ ଲିପିରେ ହିନ୍ଦୀକୁ ଦେଶର ସରକାରୀ ଭାଷା ରୂପେ ଗ୍ରହଣ କରାଯିବ । ମାତ୍ର ଏଥିପାଇଁ ସମୟାନ୍ତର ରହିବ । ପନ୍ଦର ବର୍ଷ ପର୍ଯ୍ୟନ୍ତ ଇଂରାଜୀକୁ ସରକାରୀ ଭାଷାର ମାନ୍ୟତା ଦିଆଯିବ ଏବଂ ସେହି ସମୟ ମଧ୍ୟରେ ପ୍ରତ୍ୟେକ ରାଜ୍ୟ ଏକ ଆଞ୍ଚଳିକ ଭାଷାକୁ ସରକାରୀ ମାନ୍ୟତା ଦେବା ନିମନ୍ତେ ଆବଶ୍ୟକ ସୁବିଧା ସୁଯୋଗ ସୃଷ୍ଟି କରିବେ । ୧୯୬୫ ପର୍ଯ୍ୟନ୍ତ କଚେରି ଏବଂ ସରକାରୀ କାର୍ଯ୍ୟାଳୟର ନଥିପତ୍ରକୁ ଇଂରାଜୀରେ ପ୍ରସ୍ତୁତ କରାଯିବ ।

ହିନ୍ଦୀକୁ ଯଦି ସମସ୍ତଙ୍କ ଉପରେ ଚାପି ଦିଆଯାଏ, ଦକ୍ଷିଣ ଭାରତରେ ତାହା ସ୍ୱୀକାର୍ଯ୍ୟ ହେବ ନାହିଁ ବୋଲି ମାନ୍ଦ୍ରାସର ଜି. ଦୁର୍ଗାବତୀ ଯୁକ୍ତି ଦର୍ଶାଇଲେ । ଗାନ୍ଧିଜୀଙ୍କ ପ୍ରେରଣାରେ ସ୍ୱାଭାବିକ ଭାବରେ ଦକ୍ଷିଣ ଭାରତର କଂଗ୍ରେସ କର୍ମୀମାନେ ହିନ୍ଦୁସ୍ତାନୀର ପ୍ରସାର ଲାଗି ସ୍କୁଲ ମାନ ସ୍ଥାପନ କରିଥିଲେ । ମାତ୍ର ଗାନ୍ଧିଜୀଙ୍କ କଳ୍ପିତ ହିନ୍ଦୁସ୍ତାନୀରୁ ଉର୍ଦ୍ଦୁ ଓ ଅନ୍ୟାନ୍ୟ ଶବ୍ଦକୁ ଯଦି ବାଦ ଦିଆଯାଏ ଏବଂ ଶୁଦ୍ଧ ହିନ୍ଦୀ ରୂପରେ ତାକୁ ସମସ୍ତଙ୍କ ଉପରେ ଲଦି ଦିଆଯାଏ, ଲୋକଙ୍କ ମଧ୍ୟରେ ହିନ୍ଦୀ ପ୍ରତି ଭୟ ସୃଷ୍ଟି ହେବ । ଆଞ୍ଚଳିକ ଭାଷାଗୁଡ଼ିକ ଭୟରେ ପ୍ରମାଦ ଗଣିବେ । ଜାତୀୟ ସଂହତିରେ ହିନ୍ଦୀ ବାଧକ ମନେହେବ ବୋଲି ଅନେକ ସଭ୍ୟ ମତ ଦେଲେ ।

ଭାଷା ପ୍ରସଙ୍ଗକୁ ନେଇ ସଭ୍ୟମାନଙ୍କ ମଧ୍ୟରେ ଯେତେବେଳେ ବିବାଦ ତେଜିଲା, ବମ୍ବେର ଶଙ୍କର ରାଓ ଦେଓ କହିଲେ, ମହାତ୍ମା ଗାନ୍ଧିଙ୍କର ଜଣେ ସମର୍ଥକ ଏବଂ କଂଗ୍ରେସ କର୍ମୀ ଭାବରେ ମୁଁ ଆଜୀବନ ହିନ୍ଦୁସ୍ତାନୀକୁ ରାଷ୍ଟ୍ରଭାଷା ଭାବରେ ମର୍ଯ୍ୟାଦା ଦେଇ ଆସିଛି। ଭାଷା ପ୍ରସଙ୍ଗରେ ଯଦି ମୋର ପୂର୍ଣ୍ଣ ସମର୍ଥନ ଲୋଡ଼ା ଏଭଳି କିଛି କରନ୍ତୁ ନାହିଁ, ଯଦ୍ୱାରା ମୋ ମନରେ ହିନ୍ଦୀ ପ୍ରତି ଭୟ ବଢ଼ିଯିବ। ମାଡ୍ରାସର ଟି.ଏ. ରାମଲିଙ୍ଗମ୍ ଚେଟ୍ଟିଆର ମଧ୍ୟ ଯୁକ୍ତି କଲେ ଯେ ହିନ୍ଦୀକୁ ବଳପୂର୍ବକ ସରକାରୀ ଭାଷା ରୂପେ ଲଦି ଦେଲେ, ତାହା ହିନ୍ଦୀର ହିତକାରୀ ସିଦ୍ଧ ହେବ ନାହିଁ। ଲୋକଙ୍କ ମନରେ ଭୟ ସୃଷ୍ଟି ହେଲେ, ହୁଏତ ଭୟ ଅମୂଳକ ହୋଇପାରେ, ତାକୁ ଦୂର କରିବା ପାଇଁ ପ୍ରୟାସ ହେବା କଥା। ଅନ୍ୟଥା ତିକ୍ତତା ବୃଦ୍ଧି ପାଇବ। ଲୋକ ଯେତେବେଳେ ମିଳିମିଶି ରହିବା ପାଇଁ ତଥା ଏକ ସଂଯୁକ୍ତ ରାଷ୍ଟ୍ର ଗଠନ ପାଇଁ ବ୍ରତ କରିଛନ୍ତି, ଲୋକଙ୍କ ଭିତରେ ଆପୋସ ତାଳମେଳ ଲୋଡ଼ା। ତହିଁରେ ବଳ ପ୍ରୟୋଗର ପ୍ରଶ୍ନ ଉଠିବା କଥା ନୁହେଁ।

## ସାରାଂଶ

ଭାରତର ସମ୍ବିଧାନ ଏକ ଦୀର୍ଘ ପ୍ରକ୍ରିୟାରେ ପ୍ରଣୀତ ହୋଇଛି। ତର୍କ-ବିତର୍କ, ବିଚାର-ଆଲୋଚନାର ଅନ୍ତିମ ଫଳାଫଳ ରୂପେ ତାକୁ ଦେଖାହେବ। ଏଥିରେ ସନ୍ନିବେଶିତ ପ୍ରତିଟି ବିଷୟ ପାଇଁ ଆପୋସ ତାଳମେଳ କରିବାକୁ ପଡ଼ିଛି। ଏହା ହେଲା ଭାରତୀୟ ସମ୍ବିଧାନର ଅନ୍ତଃଶକ୍ତି। ପ୍ରତ୍ୟେକ ପ୍ରାପ୍ତ ବୟସ୍କ ଭାରତୀୟଙ୍କୁ ନାଗରିକର ମାନ୍ୟତା ଦେଇଛି ସମ୍ବିଧାନ। ଏହା ସମ୍ବିଧାନର ଲୋକଙ୍କ ଉପରେ ଥିବା ଆସ୍ଥାକୁ ଦର୍ଶାଉଛି। ଇଂଲଣ୍ଡ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ଭଳି ପାଶ୍ଚାତ୍ୟ ରାଷ୍ଟ୍ରରେ ମଧ୍ୟ ଏକା ଥରକେ ସବୁ ବୟସ୍କଙ୍କୁ ନାଗରିକର ମାନ୍ୟତା ଓ ମତଦାନର ଅଧିକାର ପ୍ରାପ୍ତ ହୋଇ ନ ଥିଲା। ପ୍ରଥମେ ସମ୍ପତ୍ତିଧାରୀଙ୍କୁ ଏହି ଅଧିକାର ମିଳିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଶିକ୍ଷାକୁ ମଧ୍ୟ ଆଧାର କରାଗଲା। ଶେଷକୁ ତୃତୀୟ ପର୍ଯ୍ୟାୟରେ ଯାଇ ଶ୍ରମିକ, କୃଷକ ଏବଂ ମହିଳାମାନଙ୍କୁ ମତାଧିକାର ଦିଆଯାଇଥିଲା। ଇଂରେଜ ଶାସନରେ ମଧ୍ୟ ୧୯୧୯ରୁ ଭାରତରେ ସୀମିତ ମତଦାନ ବ୍ୟବସ୍ଥା ଲାଗୁ ହୋଇଥିଲା। ଏହାର ବିପରୀତ ଭାରତୀୟ ସମ୍ବିଧାନ ସବୁ ବୟସ୍କଙ୍କୁ ନାଗରିକତ୍ୱ ପ୍ରଦାନ କଲା, ଯାହାକୁ ଏକ ଐତିହାସିକ ନିଷ୍ପତ୍ତି କୁହାଯିବ।

ଧର୍ମନିରପେକ୍ଷତା ହେଲା ଭାରତୀୟ ସମ୍ବିଧାନର ଆଉ ଏକ ବିଶିଷ୍ଟ ଚରିତ୍ର। ସାମ୍ପ୍ରଦାୟିକ ଆଧାରରେ ଦେଶ ବିଭାଜନ ହେଲା। ତା' ସତ୍ତ୍ୱେ, ଧର୍ମନିରପେକ୍ଷତାକୁ ସମ୍ବିଧାନ ମହତ୍ତ୍ୱ ଦେଲା। ଧର୍ମନିରପେକ୍ଷତାର ଅର୍ଥ ହେଲା, ରାଷ୍ଟ୍ରର କୌଣସି ନିଜସ୍ୱ ଧର୍ମ ନାହିଁ ଏବଂ ଧାର୍ମିକ ପରିପ୍ରେକ୍ଷୀରେ ରାଷ୍ଟ୍ର କୌଣସି ଧର୍ମ ପ୍ରତି ପକ୍ଷପାତ କରିବ ନାହିଁ। ଧର୍ମ ନିର୍ବିଶେଷରେ ପ୍ରତ୍ୟେକଙ୍କୁ ସମାନ ଅଧିକାର ଏବଂ ସୁବିଧା ସୁଯୋଗ ପ୍ରାପ୍ତ ହେବ। ଧର୍ମନିରପେକ୍ଷତାର ପ୍ରଣିଧାନ ବିବିଧତାଭରା ଭାରତର ଏକ ବଡ଼ ଶକ୍ତି।

ଦେଶର ସ୍ୱାଧୀନତା ସଂଗ୍ରାମରେ କଂଗ୍ରେସର ମୁଖ୍ୟ ଭୂମିକା ରହିଥିଲା । ସମ୍ବିଧାନ ସଭାରେ ମଧ୍ୟ ଅଧିକାଂଶ ସଭ୍ୟ ଥିଲେ କଂଗ୍ରେସ ଦଳର । ତା’ ସତ୍ତ୍ୱେ, କଂଗ୍ରେସରୁ ଭିନ୍ନମତ ରଖୁଥିବା ବ୍ୟକ୍ତିଙ୍କୁ ମଧ୍ୟ ସମ୍ବିଧାନ ସଭାରେ ଯଥେଷ୍ଟ ମହତ୍ତ୍ୱ ଦିଆଯାଇଥିଲା । ଡକ୍ଟର ଭୀମରାଓ ଆମ୍ବେଦକର କଂଗ୍ରେସର ସଭ୍ୟ ନ ଥିବା ସତ୍ତ୍ୱେ, ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ‘ଡ୍ରାଫ୍ଟିଂକମିଟି’ର ସଭାପତି ପଦରେ ନିଯୁକ୍ତ କରାଯାଇଥିଲା । ଏହି କାରଣରୁ ସମ୍ବିଧାନର ପ୍ରଣୟନରେ ଭିନ୍ନ ମତକୁ ଅଲୋଡ଼ା ମନେ କରାଯାଉ ନ ଥିଲା, ଯାହା ସମ୍ବିଧାନକୁ ଦୃଢ଼ବଳ ଏବଂ ଦୃଢ଼ମୂଳ କଲା ।

ସମ୍ବିଧାନ ସଭାର ତର୍କ-ବିତର୍କକୁ ଅଧ୍ୟୟନ କଲେ ଭାରତର ବୌଦ୍ଧିକ ସଂସ୍କୃତି ସମ୍ବନ୍ଧରେ ଜ୍ଞାନ ବଢ଼େ ଏବଂ ସମ୍ବିଧାନକୁ ବୁଝିବା ସହଜ ହୁଏ । କୌଣସି ଏକ ସାର୍ବଜନୀନ ପ୍ରସଙ୍ଗରେ ନିଷ୍ପତ୍ତି ନେଲାବେଳେ ସମସ୍ତଙ୍କ ମତକୁ ମହତ୍ତ୍ୱ ଦିଆଯିବା କଥା; ଅଳ୍ପ ମତକୁ ମଧ୍ୟ ଉପେକ୍ଷା କରାଯିବା କଥା ନୁହେଁ । ସମ୍ବିଧାନ ପ୍ରଣୟନକୁ ନେଇ ଆଲୋଚନା କଲାବେଳେ ଆମେ ଏହି କଥାକୁ ହୃଦୟଙ୍ଗମ କରିପାରନ୍ତି ।

## ଆଦର୍ଶ ପ୍ରଶ୍ନାବଳୀ

### 'କ' ବିଭାଗ

### (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର)

**୧. ପ୍ରତ୍ୟେକ ପ୍ରଶ୍ନ ପାଇଁ ଥିବା ଚାରୋଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତରଟିକୁ ବାଛି ଲେଖ।**

(କ) ନିମ୍ନୋକ୍ତ କେଉଁ ମସିହାରେ ନୂତନ ସମ୍ବିଧାନକୁ ଦେଶରେ ଲାଗୁ କରାଗଲା ?

(i) ୧୯୪୭ (ii) ୧୯୪୬

(iii) ୧୯୪୯ (iv) ୧୯୫୦

(ଖ) କିଏ ସମ୍ବିଧାନ 'ଡ୍ରାଫ୍ଟିଂ କମିଟୀ'ର ସଭାପତି ଥିଲେ ?

(i) ଜବାହରଲାଲ ନେହେରୁ (ii) ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ

(iii) ଡ. ଭୀମରାଓ ଆମ୍ବେଦକର (iv) ବି.ଏନ୍. ରାଓ

(ଗ) କିଏ ସମ୍ବିଧାନ ସଭାରେ ଚିଠା ପ୍ରସ୍ତୁତିରେ ବିଶେଷ ସହଯୋଗ କରୁଥିଲେ ?

(i) ଏସ୍.ଏନ୍. ମୁଖାର୍ଜୀ (ii) ଜବାହରଲାଲ ନେହେରୁ

(iii) ରାଜେନ୍ଦ୍ର ପ୍ରସାଦ (iv) ସର୍ଦ୍ଦାର ପଟେଲ

(ଘ) ନିମ୍ନୋକ୍ତ କେଉଁ ନେତା ଥିଲେ ସମ୍ବିଧାନ ସଭାରେ ଆଦିବାସୀ ସମାଜର ଜଣେ ପ୍ରମୁଖ ପ୍ରତିନିଧି ?

(i) ଏନ୍.ଜି. ରଙ୍ଗା (ii) ଜୟପାଲ ସିଂହ

(iii) ଆର୍.ଭି. ଧୂଲେକର (iv) ବି. ପୋକର

(ଙ) ନିମ୍ନୋକ୍ତ କେଉଁ ସଭ୍ୟ ସମ୍ବିଧାନ ସଭାରେ ପୃଥକ୍ ନିର୍ବାଚନ (Separate Electorate)ର ସପକ୍ଷରେ ଯୁକ୍ତି କରୁଥିଲେ ?

(i) ବି. ପୋକର (ii) ଏନ୍.ଜି. ରଙ୍ଗା

(iii) ଏଇଜାଦ ରସୁଲ (iv) ଲୋକନାଥ ମିଶ୍ର

### 'ଖ' ବିଭାଗ

**୨. ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖ। (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର)**

(କ) ପୃଥକ୍ ନିର୍ବାଚନ (Separate Electorate)କୁ କାହିଁକି ସମ୍ବିଧାନ ସଭାରେ ଗ୍ରହଣ କରାଗଲା ନାହିଁ ?

(ଖ) ଇଂରେଜମାନଙ୍କର 'ଭାଗ କରି ଭୋଗକର' (Divide and Rule) ନୀତି ପଛର ଉଦ୍ଦେଶ୍ୟ ଲେଖ।

(ଗ) କେନ୍ଦ୍ର ତାଲିକାଭୁକ୍ତ ବିଷୟ ଅର୍ଥ କ'ଣ ?

(ଘ) ହିନ୍ଦୁସ୍ତାନୀର ପ୍ରଚଳନ ସପକ୍ଷରେ ଦୁଇଟି ଯୁକ୍ତି ଦିଅ ।

(ଙ) ସଂଘୀୟ ବ୍ୟବସ୍ଥା (Federal System) ମାନେ କ'ଣ ?

(ଚ) ରାଷ୍ଟ୍ରପତିଙ୍କ ନିର୍ବାଚନ ସମ୍ବନ୍ଧରେ ବୁଝାଅ ।

(ଛ) ସମ୍ବିଧାନର 'ଉଦ୍ଦେଶ୍ୟ ପ୍ରସ୍ତାବ' (Objectives Resolution)କୁ କିଏ ଓ କେବେ ଆଗତ କରିଥିଲେ ?

(ଜ) 'ସ୍ୱାଧୀନ ସାର୍ବଭୌମ ସାଧାରଣତନ୍ତ୍ର'ର ଅର୍ଥ କ'ଣ ?

(ଝ) ବିଶ୍ୱଗ୍ରାମ (Global Village) ମାନେ କ'ଣ ବୁଝ ?

(ଞ) ଇଂରେଜ ଶାସନ ପୂର୍ବରୁ ଭାରତର ସମାଜରେ ରହିଥିବା ପକ୍ଷପାତିତା ସମ୍ବନ୍ଧରେ ସଂକ୍ଷେପରେ ବ୍ୟାଖ୍ୟା କର ।

**୩. ପ୍ରତି ପ୍ରଶ୍ନର ଉତ୍ତର ପାଞ୍ଚ ବା ଛଅଟି ବାକ୍ୟରେ ମଧ୍ୟରେ ଦିଅ । (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର)**

(କ) ସମ୍ବିଧାନ ପ୍ରଣୟନ ସଭାର ଗଠନ କିପରି ହେଲା ?

(ଖ) ସମ୍ବିଧାନ ପ୍ରଣୟନରେ ବି.ଆର.ଆମ୍ବେଦକରଙ୍କର ଭୂମିକା ଉଲ୍ଲେଖ କର ।

(ଗ) ଧର୍ମନିରପେକ୍ଷତା କହିଲେ କ'ଣ ବୁଝ ? ଭାରତୀୟ ସମ୍ବିଧାନରେ ଏହାର ବିଶେଷତ୍ୱ କ'ଣ ?

(ଘ) ସମ୍ବିଧାନ ସଭାରେ ଭାଷା ବିଷୟକ ବିଭିନ୍ନ ଯୁକ୍ତି ଉପରେ ଆଲୋକପାତ କର ।

(ଙ) ଜୟପାଲ ସିଂହ କିଏ ? ସମ୍ବିଧାନ ପ୍ରଣୟନରେ ତାଙ୍କର କ'ଣ ଅବଦାନ ରହିଥିଲା ?

## 'ଗ' ବିଭାଗ

**(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର)**

୪. ଭାରତୀୟ ସମ୍ବିଧାନରେ ଧର୍ମନିରପେକ୍ଷତାକୁ କାହିଁକି ମହତ୍ତ୍ୱ ଦିଆଯାଇଛି ?

୫. ସମ୍ବିଧାନ ପ୍ରଣୟନରେ ଭିନ୍ନ ମତକୁ ମହତ୍ତ୍ୱ ଦିଆଯାଇଥିଲା । ଏହି ଉକ୍ତିର ବିଶ୍ଳେଷଣ କର ।

❑●❑